୧୦ମ ବର୍ଷ

୧ମ ସଂଖ୍ୟା

# ଡଗର

ପ୍ରତିଖଣ୍ଡ ଦୁଇ ଅଣା

Dagaro UTKAL'S MOST POPULAR FORTNIGHTLY OF LIGHT, LEAD & LAUGHTER

ଏଇ ନିଦାରୁଣ ଗ୍ରୀଷ୍ମରେ ଦେହ ଓ ମନ ଶୀତଳ ରଖିବା ପାଇଁ

'ଆଟଲାଣ୍ଟା ଫେନ୍'

ବ୍ୟବହାର କରି




SOLE DISTRIBUTORS—
W.C. NAYAK & Co.
4, Falgun Das Lane, Calcutta.

ଏ ସଂଖ୍ୟାର ଆକର୍ଷଣ

ମଜାକଥାରେ—ଭୂତ

କାହାଣୀରେ—ମଧୁକର

ମଜାକବିତାରେ—ନବଦୃଷ୍ଟି

ଢେଙ୍ଗଲା ପାଞ୍ଜି ଓ

ବିଲୁଆବିଗ୍ରର ପ୍ରଭୃତି

ବାର୍ଷିକ ତିନିଟଙ୍କା ଆଠଅଣା

odia.org

Digitized by srujanika@gmail.com

ଅଫ୍ରିକାଠାରୁ ପିକିଂ ପର୍ଯ୍ୟନ୍ତ

# କୁଷ୍ଠ ଓ ଧବଳ କୁଷ୍ଠ

ସକଳ ପ୍ରକାର କୁଷ୍ଠ ରୋଗର, ଯେ କୌଣସି ଦୋଷରୁ ମେହ, ପ୍ରମେହ ରୋଗର ଓ ଯାବତୀୟ କ୍ଷତଦାଗ ରୋଗର ଏବଂ ସମସ୍ତ ପ୍ରକାରର ଏକଜିମା ଓ ଯାବତୀୟ ଚର୍ମରୋଗରୁ ଆମ୍ଭ ଉଦ୍ଭାବିତ ଔଷଧ ବ୍ୟବହାର କରି ସୁସ୍ଥ ହୁଅନ୍ତୁ ।

## ଗ୍ୟାରେଣ୍ଟି ଦିଆ ଚିକିତ୍ସା

ଆମ୍ଭ ଆଶ୍ରମକୁ ଆସିବା ରୋଗୀମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା କରାଯାଇ ଅଛି । ଫଳପ୍ରଦ ହେବା ଯାଏ ଔଷଧ ବିନା ଖର୍ଚ୍ଚରେ ଦିଆଯାଏ । ଏହାଛଡ଼ା ଆରୋଗ୍ୟ କ୍ଷେତ୍ରରେ ବି ଫିସ୍ ନିଆଯାଏ । ନିତାନ୍ତ ଗରିବ ରୋଗୀ- ସରକାରୀ ଔଷଧ ବିନା ଖର୍ଚ୍ଚରେ ବିତରଣ କରୁଁ ।

## ମନ୍ତବ୍ୟ

୧୦ ଗୋଟି ଦଶଗୋଟି । ଷ୍ଟାମ୍ପରେ କ୍ୟାଟଲଗ୍ ଓ ପ୍ରଶଂସା ପତ୍ର ଅନୁରୋଧ କଲେ ବିନା ମୂଲ୍ୟରେ ପଠାଯାଏ । ଅଳ୍ପ ସମୟରୁ ( ଶୃଭଷ୍ୟ ଶୀଘ୍ରଂ ) ବହୁତ ଦିନରୁ ଦେଶ ବିଦେଶରୁ ପ୍ରତ୍ୟେକ ହଜାର ହଜାର ରୋଗୀ ଆରୋଗ୍ୟ ହେଉଥିବାରୁ ବହୁତ ପ୍ରଶଂସା ପତ୍ର ଓ ପ୍ରମାଣ ଏହି ବିଖ୍ୟାତନାମା କମ୍ପାନୀ ଦେଖାଇଦେଇ ପାରିବେ ।

## ରେଡ୍ଡି, ଏଣ୍ଡ୍, କୋ, (ରେଜିଷ୍ଟାର୍ଡ଼)

ହେଡ଼ ଅଫିସ—ଗୋପାଳପୁରମ୍ ; ଇଷ୍ଟ ଗୋଦାବରୀ ଜିଲ୍ଲା,

ଓଡ଼ିଶାର ବ୍ରାଞ୍ଚ—ବକ୍ସିବଜାର, କଟକ ।

ପ୍ରକାଶ ଥାଉକି—କେତେକ ଲୋକ ଆମ୍ଭ କମ୍ପାନୀର ଔଷଧ ବୋଲି ରୋଗୀମାନଙ୍କୁ ନକଲି ଔଷଧ ଦେଇ ଠକାଉଛନ୍ତି, ଏଣୁ ଆଉ ଅନ୍ଧକାରରେ ନପଡ଼ି ଆମ୍ଭ ବ୍ରାଞ୍ଚ କିମ୍ବା ହେଡ଼ ଅଫିସରୁ ଔଷଧ ବ୍ୟବହାର କରି ଅଚିରେ ନବଜୀବନ ଲାଭ କରନ୍ତୁ ।

---

# ଚତୁରଙ୍ଗ ! ଚତୁରଙ୍ଗ !! ଚତୁରଙ୍ଗ !!!

ଓଡ଼ିଶାର ଶିଷ୍ଟ ଲେଖକ ଓ ସମାଲୋଚକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ସଚିତ୍ର ଓଡ଼ିଆ ମାସିକ ପତ୍ରିକା "ଚତୁରଙ୍ଗ"ର ଗ୍ରାହକ ହୋଇ ଏହାକୁ ସାଫଲ୍ୟ ମଣ୍ଡିତ କରନ୍ତୁ ।

ଏହାର ପ୍ରଥମ ସଂଖ୍ୟାରେ ଶ୍ରୀ କାଳିନ୍ଦୀ ଚରଣ ଶ୍ରୀ ମାୟାଧର ମାନସିଂ ଓ ଶ୍ରୀ ଶଶିଭୂଷଣ ରାୟ ପ୍ରମୁଖ ଓଡ଼ିଶାର ଲବ୍ଧ ପ୍ରତିଷ୍ଠ କବି ଓ ସାହିତ୍ୟିକମାନଙ୍କ ଲେଖା ପ୍ରକାଶିତ ହୋଇ ଏହାର ଶ୍ରୀବୃଦ୍ଧି କରି ଅଛି ।

"ଚତୁରଙ୍ଗ"ରେ ପ୍ରକାଶ ନିମନ୍ତେ ବିଜ୍ଞାପନ ପଠାନ୍ତୁ ଏବଂ ବିଜ୍ଞାପନ ହାର ନିମନ୍ତେ ପରିଚାଳକଙ୍କୁ ଚିଠି ଲେଖନ୍ତୁ ।

ପରିଚାଳକ
'ଚତୁରଙ୍ଗ'
କମାଣ୍ଡ ଅଫ୍ ବଲାଙ୍ଗିର ପାଟଣା ଷ୍ଟେଟ

Digitized by srujanika@gmail.com




# ବିଲୁଆ ବିଚାର

୧୦ମ ବର୍ଷ – ୧ମ ସଂଖ୍ୟା ଆଷାଢ଼ ପ୍ରଥମାର୍ଦ୍ଧ

'ଡଗର'କୁ ନଅ ପୂରି ଦଶ ଚାଲିଲା । ଏହି ଶୁଭ ଜନ୍ମ ତିଥିରେ 'ଡଗର' ତା'ର ଗ୍ରାହକ ଗ୍ରାହିକା, ପାଠକ, ପାଠିକାମାନଙ୍କୁ ଶୁଭେଚ୍ଛା ଜଣାଉଛି । ଏହି ନଅବର୍ଷ ଧରି 'ଡଗର' ଯେଉଁ ସାହସ ସହିତ ତା'ର କର୍ତ୍ତବ୍ୟ କରି ଆସିଛି—ସେହି ସାହସ ଓ ନିର୍ଭିକତା ନେଇ ଆଗକୁ ଗୋଡ଼ ବଢ଼ାଉଛି । ଦେଶ ଓ ଦଶର ସାହାଯ୍ୟ ଓ ସହାନୁଭୂତି ପାଇଥିଲେ 'ଡଗର' ତା'ର କର୍ତ୍ତବ୍ୟରେ ତ୍ରୁଟି କରିବ ନାହିଁ ।

—ସମ୍ପାଦକ

ଦାତା ଦିଏ, ଗ୍ରହୀତା ହାତ ପତାଇ ନିଏ । ମାତ୍ର ଦାନ ଯଦି ଜୋର ହୁଏ !—ତେବେ ? ଏଣୁ ଦାତା ଗ୍ରହୀତା ଉଭୟେ ସମକକ୍ଷ ହୋଇଥିବା ଦରକାର । ମନ୍ତ୍ରୀମାନଙ୍କଠାରୁ ଆରମ୍ଭ କରି ମୁଖିଆ ଯାଏ ବ୍ରିଟିଶ ଦ୍ୱୀପର ଅତୋଳ ଲୋକ ଜନତା ପ୍ରତ୍ୟେକ ନାଗରିକ ଭାରତକୁ ସ୍ୱାଧୀନତା ଦାନ କରିବା ନିମନ୍ତେ ପାଣି ଛିଞ୍ଚି ଡାକୁଛନ୍ତି । 'ନିଅ, ନିଅ' ବୋଲି ହାତ ଟେକି ଯାଚି ଯାଚି ଗୋଡ଼ ପଡ଼ିଲାଣି ତାଙ୍କର । କିନ୍ତୁ ଆଜି ଆମେ ଏତେ ଦୁର୍ବଳ ଯେ ତାହା ନେଇ ନ ପାରି ଝାଳ ବୁହାଉଛୁ । ଅସଲ କଥା ଦାନ ଗ୍ରହଣ କରିବାର ଯୋଗ୍ୟତା ଆମର ଶକ୍ତି ନାହିଁ ଯେତେବେଳେ ପରକୁ ବୃଥା ଦୋଷ ଦେବାରେ କି ଫଳ ? କାଙ୍ଗାଳକୁ ଯେତିକି ମିଳେ ସେତିକି ନେଇ ଖୁସି ହୁଅ, ନୋହିଲେ ଉପାସ ଥା !

\+ + + +

ବେଶୀ ଭର ସାରିବା ପରେ ପଦାକୁ ଆସିବେ ରେଲମାନଙ୍କ ଭିତରେ ବଡ଼ଗୋଳ ଲାଗିଯାଏ ଯେପରି, ବର୍ତ୍ତମାନ ପୃଥିବୀର କୂଟନୀତିଜ୍ଞ ଓ ଶାନ୍ତି ରକ୍ଷାକାରୀ ଶକ୍ତିଗଣ ଆପଣା ଆପଣା ଭିତରେ ସେହିଭଳି ଲାଗିଛନ୍ତି । ସଭାସମିତି ଅଧିବେଶନରେ ଯେଉଁମାନେ ଏତେ ତ୍ୟାଗ କଲେ ସେମାନେ ସେ 'ଶାନ୍ତି' ଭାବନାକୁ ଛାଡ଼ିବେ କିପରି ? ଏଣୁ ସବୁରି ମୁଖରେ ସେହି ଶାନ୍ତି ଶାନ୍ତି ବୋଲି । ମୁଖ ବୋଲିଲେ ଯଦି ଏତେ ଶାନ୍ତିଟା ରକ୍ଷା ହୋଇ ପାରେ ତେବେ ଭାଗିରୁଁ ମାତା ଅଶରୀର ପରମ ଭାଗ୍ୟ ।

\+ × × +

ଆମେରିକା ଚୀନ ଓ ରୁଷିଆ ଏମାନେ ଉଭୟେ ଶାନ୍ତି ଓ ମୁକ୍ତିର ପ୍ରତୀକ । ଏମାନଙ୍କ ମଧ୍ୟରୁ କେହି ଜଣେ ଜଗି ବସିବା ବେଳକୁ ଶାନ୍ତିର ଦ୍ୱାହି ଦେଇ ଅନ୍ୟଜଣକ ତାହାପ୍ରତି ନାଲି ଆଖି ଦେଖାଉ ଥିବେ । କିନ୍ତୁ ଅସଲ ଶାନ୍ତିପ୍ରିୟ ଇଂରେଜ କେବଳ ମଝିରେ ଥାଇ ଏକ ଅଞ୍ଚଳକୁ ପେଟ ଓ ଅନ୍ୟ ଅଞ୍ଚଳ ପିଠି ଧରାଇ ଏଯାବତ ଶାନ୍ତି ରକ୍ଷା କରି ପାରିଛି । ଏଥିରେ ଇଂରେଜର ବାହାଦୁରି ଅଛି ସନ୍ଦେହ ନାହିଁ । କିନ୍ତୁ ଆପଣାର ଏହି ସ୍ଥିତି ବଜାୟ ରଖିବାକୁ ଯେତିକି ତ୍ୟାଗ କଲେଣି, ତାହା ପାଇଁ ଇଂରେଜ ପ୍ରସ୍ତୁତ ଅଛି ତ ? ବୋଧ-ହୁଏ ଅଛି । ତାହା ନୋହିଲେ ସେ ଉତ୍ତର ସାମ୍ରାଜ୍ୟ ସ୍ୱାର୍ଥ ପରି-ତ୍ୟାଗ କରି, ଗଣ୍ଡିଏ ଗୋଟାଏ ଭାରତ ଛାଡ଼ିବାକୁ ବସନ୍ତା କି ? ବସନ୍ତେ ବା ଦରକାର !

\+ × × +

ରେଲବାଇ ଧର୍ମଘଟ ହେବ ବୋଲି ଯେଉଁ ଭୟ ଉତ୍କଳ ଦେଶରେ ବ୍ୟାପିଥିଲା ତାହାରୁ ରକ୍ଷା ମିଳିଗଲା ଯାହାହେଉ ! ଯେଉଁମାନେ ଧର୍ମଘଟ କରିବେ ବୋଲି ବଡ଼ ପଦାର୍ଥ ଦାବିଗଣରେ ପଡ଼ି ଯାଇଥିଲେ, ନୂତନ ଅସ୍ଥାୟୀ ଭାରତ ସରକାର ବସି ହେଉ-ଥିବାର ଜାଣିପାରି ସେମାନେ ଆପଣା ଇଚ୍ଛାରୁ ସମାଜ ନେଇ ବସିଗଲେ । ସତକୁ ସତ ଯଦି ଧର୍ମଘଟ ହୋଇ ରେଲଗାଡ଼ି ବନ୍ଦ ହୋଇ ଯାଇଥାନ୍ତା ତେବେ କେତେ ଲୋକ ଯେ ବ୍ୟସ୍ତରେ ଛଟପଟ ହୋଇ ଥାଆନ୍ତେ ତାହା କିଏ କହିବ । କେତେ ନିଃସ୍ୱ ଭାଙ୍ଗି ଯାଇ ଥାଆନ୍ତା, କେତେ ମକଦ୍ଦମା ଖାରଜ ହୁଅନ୍ତା, କେତେ କୁଆଁରୀ ଶ୍ୱଶୁରଳୟ ବାସ ଓ ବଧୂ ଚିତ୍ତରୁ ଯାହାକୁ ବଞ୍ଚିତ ହୋଇଥାଆନ୍ତେ । ଏତେ ଲୋକଙ୍କ ନିଶ୍ୱାସକୁ ବାଜିଆ ସାଆନ୍ତେ ଉପେକ୍ଷା କରି ପାରନ୍ତେ କେତେବେଳେ ! ରଥରେ ବାମନ ମୂର୍ତ୍ତି ଦର୍ଶନ କରି ଯେଉଁମାନେ ପୁନର୍ଜନ୍ମକୁ ଫାଙ୍କି ଦେବେ ବୋଲି ଠାବ କରିଛନ୍ତି ସେହି ଭକ୍ତଗଣ ଏଥର ଅଟକି ପୂରୀର ରଥ ଦେଖିଲେ । ସଙ୍ଗେ ସଙ୍ଗେ କଦଳୀ ଭୋଗ କରି ପାରିବେ ଏତିକି ଭରସା ।

\+ + + +

ଆମ କଂଗ୍ରେସ ସରକାର ସତ୍ତା ପାଇଲା ଦିନରୁ କଂଟ୍ରୋଲ ସ୍କୁଲରିଆ ଓ ତାଙ୍କ ଧରମପୁଅ ବେପାରୀମାନଙ୍କ ଉପରେ ବେଶ ଚଳାଇବାର ଏକ ଉତ୍ତର ବିଚକ୍ଷଣ ଚାବି ବସିଲେଣି । ତାହାକୁ ଜାଣି କମିଟି ବସୁଛି । ଏହିମାନଙ୍କ ଉପରେ ମାଲ ବାଣ୍ଟ ହେବ ଓ ଏମାନେ ଅଫିସର ଓ ବେପାରୀଙ୍କ ଜାମିନ ରହିବେ । କଥାଟା ଭଲ ଏଥିରେ ସନ୍ଦେହ ନାହିଁ । କିନ୍ତୁ ଆମ ଦେଶଲୋକଙ୍କ ନୀତି ଯେପରି ପାଲଟିଛି ଓ ମେମ୍ବରଗଣ ଯେଉଁ ସବୁରେ ବସି ହେବାର ବ୍ୟବସ୍ଥା ହୋଇଛି, ସେଥିରେ ଆମର ଡର ହେବା ସ୍ୱାଭାବିକ ଯେ

Digitized by srujanika@gmail.com

ଲୋକେ ମଫସଲରୁ ଯାଇ କାଳାରରେ ନ ପଡ଼ନ୍ତୁ । ପୁଲିସ ଓ ହାକିମଙ୍କ ହାତରେ ଏହି କ୍ଷମତା ଯେ ନ ରହିବ, ସେପରି ହେଲେ ଭଲ । ଲୋକେ ଆପଣା ଦାବିରୁ ଅଳପ ମୂଲ୍ୟରେ ଚାଉଳ କିଣିବାର ସୁବିଧା ପାଇବେ ତ ! ତେବେ କାମ ଏବେ ଉପରବେଳ ଜବର ବୁଝି ମୁଝି କରିଥିଲେ ହାକିମ ସୀମାରେ ଥିବେ ଅଥବା ନହିବାର ସୁବିଧା ପାଇଥାନ୍ତି ଓ ତହିଁର ଅବହେଳାରେ ନିରପେକ୍ଷ ଓ ସାଧୁ ଭାବରେ ମେମ୍ବର ବସି ହୋଇ ପାଇଥାନ୍ତେ ।

\+ + + +

ଉଏ ଚଳ ଘଣ୍ଟା ଗଣ୍ଡା କଥା । ସହରମାନଙ୍କରେ ଯେଉଁ ଶାସନ କେସନ୍ କମିଟି, ତା ତଳେ କମିଟି, ଓ୍ୱାର୍ଡ କମିଟିମାନ ଗଢ଼ା ହୋଇଛି ତାହାର ଲେଖକର ମୁଖ ମୁହଁରୁ ଅନେକ କଡ଼ି ଯାଉଛି । ଅଜ ଦାନ୍ତ କଟି ଯାଇ ସପ୍ଲାଇ ଅଫିସରମାନଙ୍କ କଟା ଭାଷା କହିବାକୁ ହେବନି ତା ଟେରେଟୋରୁ ଧକ୍କା ଖାଇବାକୁ ହେବନି । କେବଳ ଓ୍ୱାର୍ଡ ଦରଖାସ୍ତ ଲେଖି ଏହି ତଳେ କମିଟି ପାଖରେ ଦାଖଲ କରିଦେଲେ ହେଲା । ଏ ତଳେ କମିଟିମାନ ସପ୍ତାହରେ ଦୁଇଥର ବସନ୍ତି । ସେମାନେ ତମ ଦରଖାସ୍ତକୁ ଉପକ୍କାର କରି ଉପର କମିଟିକୁ ଦେବେ । ଉପର କମିଟି ସପ୍ତାହରେ ଥରେ ବସେ । ସେ ସେଟ୍ ମଞ୍ଜୁର କରି ସପ୍ଲାଇ ଅଫିସକୁ ଦେବେ । ସପ୍ଲାଇ ଅଫିସରୁ ଅବଶ୍ୟ ୨୪ ଘଣ୍ଟା ଭିତରେ ଲୁଗା ବା ପରମିଟ ମିଳିଯିବ । ଏହି ହିସାବ ଯାହା ସମୟ ଲାଗେ—୧୦।୧୫ ଦିନର ମାମଲା । ଧର ଭଣଜ ଘରେ ଯଦି କେହି ଶକ୍ତ ବେମାର ପଡ଼ିଲା ସେ ଦିନ ବା ମିଶ୍ରି ଲାଗି ଦରଖାସ୍ତ କଲା—ସେ ଦିନ ମିଳିବ ତା'ର ଶ୍ରାଦ୍ଧ ଦିନର ବାନ୍ଧୁଣି ଔଷଧ ଦେବାକୁ । ଯଦି କାହାର ଝିଅ ଘରପାଇଁ ଲୁଗା ଦରକାର ପଡ଼ିଲା ତାହା ମିଳିବ ଅଷ୍ଟମଙ୍ଗଳା ହେବାକୁ । ଏହି କମିଟି ପ୍ରଥା ଯେଉଁମାନଙ୍କ ମୁଣ୍ଡରୁ ବାହାରିଛି ସେମାନଙ୍କୁ ସାବାସ୍ କହିବା । ତେବେ ଆଗରୁ ଦେଖିଲାବାଲା ସେମାନେ । ଆମେ ସବୁ ପଛ ବୁଦ୍ଧିଆ ନା । ଯଦି କାହାର ଘରେ କେହି ବେମାର ପଡ଼େ ୧୦।୧୫ ଦିନ ଆଗରୁ ତାକୁ, କଫନ ବା କପିନ ଲୁଗା ପାଇଁ ଦରଖାସ୍ତ କରିଦେଲେ ହେଲା । ଯଦି ମଲାର କାମରେ ଲାଗିଲା ନମଲାର ଘରେ ରହିଲେ । ଏହା ଏବେ ସେଥିର ବଜାର ବନ୍ଦ କରିବାର କେତେ ସୁନ୍ଦର ଉପାୟ ହିଁ ଏ । ଏ ବୁଦ୍ଧି କାହାର ମୁଣ୍ଡରେ ଏତେ ବନ୍ଦୋବସ୍ତ ପଶୁ ନଥିଲା କମିଟି ?

× × × ×

ମଧ୍ୟବର୍ତ୍ତୀ କାଳୀନ ସରକାର ଗଢ଼ା ହେଲେ ଯେଉଁ ମେମ୍ବରମାନେ ବଳିବା କଳ୍ପୁ ପାଇବେ ବୋଲି ଆଶାପୋଷିଥିଲେ ସେ ଆଶା ପାଣିପାଚିଲା । କଂଗ୍ରେସ ଏହି ଅନ୍ତର୍ବର୍ତ୍ତୀକାଳୀନ ସରକାରକୁ ଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ ମନାକରି ଦେଲେଣି । ମନ୍ତ୍ରୀ ମିଶନ ଲୁଗାପଟା ବାନ୍ଧି ଘରକୁ ବାହୁଡ଼ିଲେଣି । ବଡ଼ଲାଟ ବାହାଦୁର ନିଜେ ତାଙ୍କର ମନ ମୁତାବକ ସରକାର ଚଳାଇବା ଲାଗି ଅଫିସର ବାଛିବେ । ଜନାବଙ୍କର ଏହି 'ଷଣ୍ଢବୁଣୀ ସଣ୍ଢେଇ' ମନ୍ତ୍ର ଧରିଲେ ନଥିଲେ ସମସ୍ତଙ୍କ ଉପରେ ବଡ଼ ବଡ଼ ହେଲେ ଲଜ୍ଜା ପଡ଼ିଥାନ୍ତା ?

\+ + + +

କଂଗ୍ରେସ ଓ ଲିଗ୍ ଉଭୟ ଶାସନ ବ୍ୟାପକ ସଭାରେ ବିଚାର କରିବେବୋଲି ସ୍ଥିର କରିଛନ୍ତି । କଂଗ୍ରେସ ଦଳର କଦାଚିତ୍ ଗୁଣରେ କେଉଁ କଂଗ୍ରେସି ଓ ଅକଂଗ୍ରେସି ମେମ୍ବର ଅଛନ୍ତି । ଏଣୁ ଲିଗ ୯୯ ଲେକିଗ ମୁସଲମାନ ନେତାନାହିଁ ଏଡ଼ା ଭଣଶୁଣା କଥା ତା ହେଲେ କଳ ଦଳର ଗୁମର ଫିଟିବ । କେବଳ ମୁସଲମାନ ସବେ ସେମାନେ ତ ଆଉ ତାଙ୍କୁ 'ହ୍ଁ ଜୀ' 'ନା ଜୀ' ସବୁ କଥାରେ କରିବେ ନାହିଁ । ତାହା ଆଉ ଏତେ ବୋଲା କୁହନ୍ତି ଯେ ଭୋଟରେ ହରଡ଼ି ମାଉଟେନ ।

× × × ×

ଶାସନ ବ୍ୟାପକ ସଭାପାଇଁ ଓଡ଼ିଶାରୁ ନଅଜଣ ବସି ଦେବେ କାହା କପାଳରେ ଶିକା ଛିଡ଼ିବ କେଜାଣି ? ଓଡ଼ିଶା କଂଗ୍ରେସ ଓ କେକଂଗ୍ରେସି ମହଲରେ ଅନେକ କଳ୍ପନା ଜଳ୍ପନା ଚାଲିଛି । ଭୂତପୂର୍ବ ମନ୍ତ୍ରୀ ବିଶ୍ୱନାଥ ବଡ଼ ଉଦ୍‌ବେଗ ହୋଇ ପଡ଼ିଛନ୍ତି । ଯଦି କାଳେ ଭାଗ୍ୟରେ ପଛୁ ନଫଛୁ ତାଙ୍କ ଭାଗ୍ୟରେ ଯେ ଫଳକ ଏବେ ଝୁଲିପଡ଼ିବ । କାରଣ ସେ ମନ୍ତ୍ରୀ ନହୋଇ ମଧ୍ୟ ମନ୍ତ୍ରୀକଳା ତାଙ୍କଠି ବର୍ତ୍ତମାନ । ତେଣୁ ସେ ଉପଯୁକ୍ତ ଲୋକ । ଅନ୍ୟାନ୍ୟ ମେମ୍ବର ବାଛିବାରେ ଆମ କଲିଅ ସଭା ତେଡ଼ାଇ ଦେଉଛି ବ ଅସେମ୍ବ୍ଲି ସଭ୍ୟ ବାଛିବାରେ ମନ୍ତ୍ର ଯେପରି ଏଠାରେ ଗ୍ରହଣ କରାନଯାଏ । କଂଗ୍ରେସ ନିର୍ଦ୍ଦେଶ ଅନୁଯାୟୀ ମନ୍ତ୍ରୀମଣ୍ଡଳର ଯିବାର ହୋଇଛି । ଏଥିରେ ମେମ୍ବର ବସି ହେବା ଦରକାର ଯେଉଁମାନେ ସେଠି ଯାଇ ହାତ ଟେକା ହୋଇ ବସି ରହିବେ ନାହିଁ ବା 'ହଁ ଜୀ' ମତର ପ୍ରସ୍ତାବ କରିବେ ନାହିଁ ।

× × × ×

ସୁଭାଷ ମରି ମରୁ ନାହାନ୍ତି । ବରଂ ଦିନକୁ ଦିନ ଗଡ଼ଜାତରେ ତାଙ୍କ ଭୂତ ଅଧିକ ଅଧିକ ବେଗରେ ମଣାଣି ଚେଇଁ ଉଠୁଛି । ଲୋକେ ସୁଭାଷ-ପାଗଳ ହୋଇ ପଡ଼ୁଛନ୍ତି । କିଏ ତାଙ୍କୁ ସ୍ୱପ୍ନରେ, କିଏ ବା ପ୍ରତ୍ୟକ୍ଷରେ ଦର୍ଶନ କରି ସାରିଲେଣି । ସେ ଭୂତ ହୋଇ ସୂକ୍ଷ୍ମ ଶରୀର ଧରି ବାୟୁ ସହିତ ବିଚରଣ କରୁଛନ୍ତି । ରୁଷିଆ, ଚୀନ, ମାଞ୍ଚୁରିଆ, ଶ୍ୟାମ, ଭାରତ ସବୁଠାରେ ଏକକାଳରେ ସେ ବିହାର କରି ପାରୁଛନ୍ତି । ମନେ ହୁଏ ବ୍ରହ୍ମଜ୍ଞାନ ପ୍ରାପ୍ତ ହୋଇ ଚର୍ମଚକ୍ଷୁରେ ପଡ଼ୁ ନାହାନ୍ତି । ତାଙ୍କୁ ଦେଖିବାର ଅଭିଳାଷ ଯାହାଙ୍କର ସେ ଉପରକୁ ପାଦ ଓ ତଳକୁ ଶିର ଦେଇ ସୁଭାଷ ଜପ କରନ୍ତୁ ଅଥବା ବଜାରରୁ ହନୁମାନ ପ୍ରସ୍ତୁତ କବଚ ଖଣ୍ଡିଏ କିଣି ତହିଁରୁ ତାଙ୍କର ଅସ୍ଥାନା ପଯୁଗଣ କରନ୍ତୁ ।

Digitized by srujanika@gmail.com




# ମଧୁକର

ଲେଖକ:—
ଶ୍ରୀ ରାଜକିଶୋର ରାୟ୍

"**ମା**ଅ, ଘିଅ ଦୀପ, ଘିଅ ଦୀପ ଜଳାଅନ୍ତୁ । ଆଜି ଗୁରୁବାର, ଚମ୍ପା ଫୁଲ ମାଳେ ଠାକୁରାଣୀଙ୍କୁ ଲାଗି କରନ୍ତୁ ।"

ଲକ୍ଷ୍ମୀଙ୍କର ଜଗମୋହନ । ମାଳୀ ମାଳ ବିକୁଛି; ପ୍ରଦୀପ ଜଳୁଛି । ଜୀବନର ଏ' ପାରରୁ ସେ' ପାରକୁ ଯିବା ପାଇଁ ମାଳାର ଏ' ସୌରଭ ଓ ପ୍ରଦୀପର ସେ' ଆଲୋକ ଯେପରି ମଣିଷର ବଡ଼ ଦରକାର ହୋଇ ପଡ଼ୁଛି ।

ଶ୍ରୀକ୍ଷେତ୍ରର ଏହି ଲକ୍ଷ୍ମୀମନ୍ଦିର ଯେଉଁଠି ପ୍ରାଣର ସ୍ୱଚ୍ଛ ଅବକାଶ ଆହୁରି ସ୍ୱଚ୍ଛତର ହୋଇ ସ୍ନିଗ୍ଧତା ସଂଗ୍ରହ କରେ । ଆଜି ସେହି ଲକ୍ଷ୍ମୀ-ଜଗମୋହନରେ ମୁଁ ମୋର ଅଙ୍ଗ ଢାଳିଦେଇ ଠିକିଏ ଲୋକଲୋଚନ **ଅନ୍ତରାଳରେ ବସିରହିଛି ।**

ଠାକୁରାଣୀଙ୍କୁ ଦେଖି ଭକ୍ତି ଗଦ୍‌ଗଦ୍ ହେବା ମୋର ଲକ୍ଷ୍ୟ ନୁହେଁ । କେବଳ ମୁଁ ଚାହିଁ ରହିଛି ଯିବା ଆସିବା ନରନାରୀଙ୍କର ସ୍ୱଳ୍ପ ଆଲୋକିତ ମୂର୍ତ୍ତିଗୁଡ଼ିକୁ । ଏହି ମୂର୍ତ୍ତିଗୁଡ଼ିକ ବଡ଼ ସୁନ୍ଦର, ଶିଶୁର ସରଳତା ଭଳି ଅନବଦ୍ୟ ମୂର୍ତ୍ତି ସବୁଡ଼ିକ ।

ଚାହିଁଛି, ମୋର ପାଖ ଦେଇ ଦଳେ ସୀମନ୍ତିନୀ ଗମ୍ଭୀର ଭାବରେ ଚାଲିଛନ୍ତି । ସମସ୍ତେ ଗୁଣ୍ଠୁନବତୀ ଗୋଟିଏ ଗୋଟିଏ କୁସୁମ । ଲଲାଟରେ ନର ଅଧିକାର ପ୍ରାଚ୍ୟର ଦୀପ୍ତି ଯେଉଁ ସିନ୍ଦୂର ଫୋଟା ଗୁଡ଼ିକ ବସ୍ତ୍ର ପୂତବତୀର ମୁଦିତୀର ବର୍ଣ୍ଣ ସର୍ଣ୍ଣରେ ଜଳି ଉଠୁଥିଲା, ସେ ସବୁକୁ ମୁଁ କ୍ଷଣମାତ୍ର ଚାହିଁ ଦେଇଥିଲି ।

ହଁ, ଏମାନଙ୍କୁ ମୁଁ ଚହ୍ନି ପାରୁଛି । ନାଁ ଜାଣେନାହିଁ । ଏମାନେ ଯେ ଦୃଷ୍ଟିରୁ ମୋର ଅଚହ୍ନା, ସାଥିପରି । ଏମାନଙ୍କ ସହିତ ମୋର ଜୀବନର ଯୋଗ ବହୁ ଦୂରରେ; ଯେ ଦୂରର ଦୂରତା ବୋଧ ଓ ଯୋଜନାରେ ଚିହ୍ନିତ ହୋଇ ପାରିବ ନାହିଁ ।

ତେବେ କିପରି କହିଲି ଏମାନଙ୍କୁ ମୁଁ ଚହ୍ନିଛି ? ମୋର ମନେ ହୁଏ ଏମାନଙ୍କର ଶ୍ରଦ୍ଧା-ଜ୍ଞାନ ମନେ ଜଣା । ପ୍ରଥମତଃ ଯେ ସମସ୍ତଙ୍କୁ ବାଟ କଢ଼େଇ ନେଉଛି; ଯାହାର ଜୀବନରେଖା ବନବନ୍ଧୀରେ ବହୁଦୂର ଯୋଏ ଚାଲି ପ୍ରବହି ଯାଉଛି, ସେ ବୋଧହୁଏ ଜୀବନରେ ରହୁଥିବ ସ୍ୱାମୀର ଗୋଟିଏ ମାତ୍ର ଡାକକୁ—"କଲ୍ୟାଣି !" ତାର ଏ ଡାକଟି ବଡ଼ ପରିଚିତ । ଶତ ଯୋଜନ ଦୂରରୁ ବି ସ୍ୱର, ଅନ୍ତଃପୁରରୁ ଯତ୍ନପୂତର ବଂଶୀଧ୍ୱନିକୁ ଜୀବନରେ ରହିଥିବା ଶ୍ରମତୀଙ୍କ ଭଳି ।

କଲ୍ୟାଣୀ ! ହଁ । କପାଳରେ ସିନ୍ଦୂର, ହୃଦୟରେ ପ୍ରଣୟ, ମୁହଁରେ ସ୍ୱାମୀପ୍ରୀତି ଅଭିଗତ ବାଣୀ—ଏହାର ପ୍ରତିଦାନ, ସେହି ସ୍ନେହର ଡାକ—'କଲ୍ୟାଣି' ଯେ ନିତ୍ୟପ୍ରତି ଶୁଣି ଆସିଛି ସ୍ୱାମୀଠାରୁ ।

ଦ୍ୱିତୀୟଟି—କୋଳରେ ତାର ଧନମଣି । ତାର ଓ ସ୍ୱାମୀର ଅଧାଅଧି ରୂପରେ ଗଢ଼ି ଯେ ଆଜି ଶୁଣୁଛି ଆଜି ତାର କଣ୍ଠୀ ମଣ୍ଡନ କରୁଛି, ସେ କେବେ ପିଲା ଥିଲେ ଭଲ, ଆଜି ଠାକୁରାଣୀଙ୍କର କୃପାରୁ ସେ ଅଛି ନିକଟରେ; ଏକ ଭକ୍ତିସ୍ରୋତରେ ପ୍ରବାହିଏ ସେ ।

ସେଦିନ ସନ୍ଧ୍ୟାରେ ଅକାଶ ନୀଳ ହୋଇଥିଲା । ଧନା ଯୋଗ ଘଣ୍ଟ ବେଳୁଛି ଜଳା ଫୁଲ ପଥରେ ତାର ହୋଇ ଯାଉଥିଲେ । ସ୍ୱାମୀ ଆସନ୍ନ ବର୍ଣ୍ଣ ପରିପାଟିରେ ହିଁ ଏକ ଉନ୍ମତ୍ତ ହୋଇ ହୋଇ ଟିକିଏ ଉଠାଇ ତାହାର ଜମାବନ୍ଦ ପୁଞ୍ଜାଠାରୁ ଉଡ଼ିଥିଲେ । କିନ୍ତୁ ସେ ଝାମ୍ପ ହୋଇ କହିଲା—"ଥାଉ, ଥାଉ ଭଲ ଲାଗେନା, ପୁଅ ଉଠିଲାଣି, ମୁଁ ଯାଉଛି ।"

ତର୍ଜୀ ଏଥିପାଇଁ ଅଟକି ଯାଇ ନଥିଲେ । ହସିଲାପରି ଚାଲିଗଲେ । ପୁରୁଷ ପ୍ରାଣରେ ଅଭିଳାଷ ମେଳ । ତାର ବର୍ଣ୍ଣନା କେତେ କଥା ଯେପରି ଥରେ ପାଇଁ ପ୍ରସ୍ତୁତ ଗଲା ? କିଏ କହିବ ?

ଅଭିମାନ ଜେଳି । ଯେଉଁ ଭକ୍ତି ଅଟେ ତାଙ୍କର ସ୍ୱାମୀଠାରୁ ବସ୍ତ୍ର ଭିଡ଼ା ତୁଳେଇ ସହି ନେଇ ସଙ୍କୋଚ ହୁଏ ହୃଦୟକୁ ଚାପି ଦେଉଥିଲେ, ସେ କଅଣ ଦୁଇଘଣ୍ଟା ହୋଇଥିବ ?

ପୁରୁଷ ଅଭିମାନରେ କହିଲେ, "ତେବେ ତୁମକୁ ଏବେଠାରୁ 'ପୁଅ ମା—' ବୋଲି ଡାକିବି । ଯେଉଁ ପୁଅର ଡାକ ନେଇ ତୁମେ ମୋର ପ୍ରଣୟଭାବର ମୂର୍ତ୍ତିକୁ ଚାହିଁଲ ନାହିଁ, ତା' ସଙ୍ଗେ ସଙ୍ଗେ ଏଇଲି ସନ୍ଧ୍ୟାକୁ ବି ବ୍ୟର୍ଥ କଲ, ସେହି ପୁଅର ତୁମେ ସର୍ବସ୍ୱ ହୋଇ ରହିଥାଅ । ତେଣୁ ତୁମକୁ ଯଦି କେବେ ଏମିତି ଡାକେ, ଡାକିବି—ପୁଅମା; ବରଂ ଏହାଠାରୁ ଭଲ—। ହୁଏ ଶୁଣୁଛି ।"

ଚୁପି ହେଲା । ଏ ପୁରୁଷର କଥାରୁ ଅଛି, କିନ୍ତୁ ନାରୀ ତ ବାହିଁ, ଏଥିରେ ଚୁପି ହେଲାନାହିଁ ?

Digitized by srujanika@gmail.com

ନାରୀର ମଧୁର ଶବ୍ଦ, ନଗର କଲ୍ଲୋଳ ଶବ୍ଦ ଦୂରେ ପୁଷ୍ପର ସେହି ଅଙ୍ଗୁଠି ଟେକେଟେକେ ନେତ୍ରଗୋଟିକ କପୋଳରୁ ଗଡ଼ିଯାଏ ପୁଣି ସ୍ୱପ୍ନଠାରୁ ବହୁଦୂରଯାଏ ସଙ୍ଗୀତ ଅନୁଭୂତି ସେହି ଜଣାଥିବେ, ସେତେବେଳେ ନଗରବଧୂ ଶୁଣିଥିଲେ—

"ତୁମକୁ କଅଣ ଡାକିବି କହିଦଅ ।"

ଦୁଇ ତିନିଥର ସେ ଏହି ଏକ କଥା ଶୁଣିଥିଲା । କିନ୍ତୁ ଉତ୍ତର ଦେବାକୁ ସେତେବେଳେ କଅଣ ହୋଇନ ହେବ ଏ ଭାବ ପୁରୁଷର ଚିତ୍ତ ଉପରେ ସେ ଅଧା ଅନୁଭୂତି ଓ ଅଧା ସଙ୍କୋଚ ସ୍ୱରରେ ପଡ଼ି ରହିଥିଲା ।

"ମୁଁ ଡାକିବି 'ସ୍ୱାମୀ—' । ଏ ଡାକର ଏକମାତ୍ର ପ୍ରତିଧ୍ୱନି ତୁମଠାରୁ ମୁଁ ଆଶାକରେ କଅଣ ଜାଣ ?"

ନାରୀର କବୁଳିନ ଅସରନ୍ତି । ସେ ଏକ ପୁରୁଷ ଚିତ୍ତର ଉଷ୍ମତା ପାଇ ତୁମାଗ ଜୀବନକୁ ସର୍ବାଙ୍ଗ ସୁନ୍ଦର କରିପାରିଛି । ସେ ତ ନଗରର ଉପେକ୍ଷା ଦେଉଛି; ଅଉ କାହିଁକି ଅଟକିଯିବ ?

ନାରୀ ପୁରୁଷର କାନ ପାଖରେ କହିଥିଲା—

"ପ୍ରଭୁ—"

"ନା—" ପୁରୁଷ ପ୍ରତିବାଦ କଲା ।

"ସବନ୍ଧୁ—"

"ନା—"

"ହୃଦୟ ପର........"

"ନା—ଏତେ ବଡ଼ କଥା ସୁବିଧା ହେବନାହିଁ ।"

"ତେବେ, ଦେବତା—"

"ନା—ନା—"

"ଅଉ କଅଣ ସ ? ମତେ ଅସୁନାହିଁ ।" ଅବଗୁଣ୍ଠିତ ମୁହଁ ଉପରେ ଲଜ୍ଜାର ଲହରୀ ଭରି ଲହରୀ ସୃଷ୍ଟି କଲା ।

ନାରୀର ପରାଜୟରେ ପୁରୁଷ ହେଲା ଉତ୍ଫୁଲ୍ଲ ।

ମାଳୀ ଡାକିଦେଲା—ମାଆ ଘଣ୍ଟେ ଗଭୀରମାନ ଠାକୁରାଣୀଙ୍କୁ ଲାଗି କରନ୍ତୁ । ହେ ମାଆ କୃପାମୟୀ ମଙ୍ଗଳା, ଭକତର ମନୋବାଞ୍ଛା ପୂରଣ କର; ମାଆଙ୍କୁ ମୋର ଅନ୍ନଲକ୍ଷଣୀ କରି ରଖିଥା ।

ସଙ୍ଗେ ସଙ୍ଗେ ସନ୍ଧ୍ୟାଳତୀର ମର୍ଦ୍ଦଳ ବାଜି ଉଠିଲା । କେତେ ଦୂରେ, କେଉଁ ଅଜ୍ଞାତ ରାଜ୍ୟରେ ମନ ମୋର ବିଚରଣ କରୁଥିଲା । ଏ ସୁନ୍ଦର ସ୍ୱପ୍ନ ଟିଏ । କେତେଗୁଡ଼ାଏ ମୁହୂର୍ତ୍ତ ଏ ସୁନ୍ଦର ସ୍ୱପ୍ନ ଅବକାଶରେ କଟିଗଲା ।

ମୁଁ ଜଗମୋହନ ଭିତରକୁ ଗଲି । ପଥର ଉପରେ ନାରୀ ପ୍ରତିମୂର୍ତ୍ତି ଅଙ୍କନ କରି ବସନ, ଭୂଷଣ ଓ ନାନା ଉପସ୍କରରେ ମଣ୍ଡିତ ସଜେଇ ଦେଇଛି ଲକ୍ଷ୍ମୀମୂର୍ତ୍ତି । ଗଳାରେ ଲମ୍ବା ମାଳା ଖଣ୍ଡେ ଲମ୍ବି ଅଛି । ମନ୍ଦାର ଓ କେତେ ଫୁଲରେ ମାଳାଟି ଗୁନ୍ଥା ହୋଇଛି । ମଝିରେ ମଝିରେ ଝରି ଅଛି ଟଗର ଫେଣ୍ଟା । ଗଭାମାଳା ଠାକୁରାଣୀର ଚରଣ ଛୁଇଁଛି । ଶିଳା ମୂର୍ତ୍ତିର ହାତରେ ସୁନା ଶଙ୍ଖା । ଏହି ଶଙ୍ଖା ସିନ୍ଦୂରକୁ ଯୋଡ଼ କରିବାରେ ତୃପ୍ତ ନାରୀ, ସେବକଙ୍କଠାରୁ ଗ୍ରହଣ କରି ସାରିଛି ।

ଫେରି ପଡ଼ିଲି । ସେ ଦିନୋଟି ନାରୀ ଅଟେ ଅଟେ ଯାଉଛନ୍ତି । ଦେଉଳ ମଧ୍ୟ ଜଣାଗଲା ଟିଏ ଟେପର ଭିଡ଼ ହୋଇଛି । ମୁଖଶାଳା ଦ୍ୱାରରେ ମୁଁ ପହଞ୍ଚି, ଶୁଣିଲି—

"ରେଖା, ଏ କଅଣ କଲୁ ?"

ଝିଅଟି ସେତେବେଳକୁ ଅଣି ଉପରେ ଛେଦା ଲୁଗା ବାନ୍ଧ ମାଡ଼ିଦେଇ ଦୋହରା ଫାଟିଲା ପଟେ ଦେଇ ବାନ୍ଧୁଛି । ରେଖାକୁ ଦେଖି ବୁଝିଲି—ରକ୍ତ ପୂର୍ଣ୍ଣ ଅସୁ ଅସୁ ଦେଇ ମଧୁବନକୁ ଉଡ଼ାଇ ଦେଉଛି । ଯେଉଁ ନାରୀଟି ଲକ୍ଷ୍ମୀଙ୍କର ଶଙ୍ଖା ସିନ୍ଦୂର ନେଇଥିଲେ ରେଖା ମଥାରେ ନରେଇ ଦେବାକୁ ହାତ ବଢ଼େଇ ଦେଇଥିଲା, ସେ କଅଣ ଦେଖି ରେଖା ମୁହଁକୁ ଚାହିଁ ଅଟକି ରହିଗଲା ।

ସେହି ଦଳର ସୀମନ୍ତିନୀଟିଏ ପଚାରିଲା—

"—ଅହା, କେମିତି ?"

ରେଖାର ସାଥୀ ଅଧାବୟସୀ ସ୍ତ୍ରୀଟି କପାଳରେ ହାତ ମାରି ଉଠେଇଦେଲା—"ମାଉସ ହେଲାଣି, ମାଆ ତାର ବହୁତ ଯତ୍ନ ଯେଉଁ ଦିନଠୁଁ ଭୂତ-ପଥରେ ରେଖାର ସବୁ ଚୂନା ହୋଇଗଲା ।" ଏତିକ କହି ସେ ବୁଝେଇ ଦେଲା ତାର ସମସ୍ତ ବ୍ୟଥା ।

ଦେଖିଲି ରେଖା ଅଣି ଉପରୁ ଲୁଗା କାଢ଼ି ଅଣି ପାରୁନାହିଁ । କିନ୍ତୁ ସେ ମନ୍ଦିର ଭିତରକୁ ଚାହିଁ ଦେଖିଲା ସହାସ୍ୟବଦନା ଲକ୍ଷ୍ମୀମୂର୍ତ୍ତି ତଳେ ପଡ଼ିଥିବା ବନ୍ଧୁ ଘିଅ ବଟିରୁ ବ୍ରାହ୍ମଣ ସେବକ ଘେନି ଦେଉଛି ।

ଅନ୍ଧକାରରେ ଟିଏ ବସିଲି—ଜଗନ୍ନାଥ—ଜଗମୋହନ ଭିତରେ ପଶିବା ଯାଏ ଶୁଣୁଥିଲି ଲକ୍ଷ୍ମୀମନ୍ଦିର ମାଳୀର ଡାକ—"ମାଆ, ମାଳ ଘଣ୍ଟେ ଲାଗି କର । ସୁରୁଚିର ଅଛି; ଅଉ ସୁଲକ୍ଷଣୀ ହୁଅ ମା; ମନୋବାଞ୍ଛା ପୂର୍ଣ୍ଣ ହେଉ ।"

---


## ଆଫ୍ରିକାଠାରୁ ଫିଜି ପର୍ଯ୍ୟନ୍ତ

# କୁଷ୍ଠ ଛଉ

କୁଷ୍ଠ ରୋଗରେ ପୀଡ଼ିତ ଥିବା ଲୋକେ ଆଉ ହତାଶ ହୁଅନ୍ତୁ ନାହିଁ । କୁଷ୍ଠ, ଛଉ ଓ ଚର୍ମରୋଗ ଏବଂ ମେହ ଉପଦଂଶ ରୋଗର ବିଶେଷଜ୍ଞ ଓ ଚିକିତ୍ସକ ଭୁବନବିଖ୍ୟାତ ଯେଉଁ ମେସର୍ସ ରେଡ଼ି ଏଣ୍ଡ କୋ: ଅନେକ ଅସଂଖ୍ୟ ଲୋକଙ୍କର ଅତି ନିକଟରେ ରହିଅଛି, ଏପରି ସାର୍ଟିଫିକେଟ୍ ଦେଇ ଓ ରୋଗୀ ଆରୋଗ୍ୟ କରିଥିବାର ପ୍ରମାଣ ଦେଇ ଜଣାଣି ଭାରତରେ ଏହା ପ୍ରଧାନ ଓ ପ୍ରଥମ ସ୍ଥାନ । ପରୀକ୍ଷାଦ୍ୱାରା ଜାଣିପାରିବେ ।

ଯେ କୌଣସି ଭାଷାରେ କ୍ୟାଟଲେଗ ଓ ପ୍ରଶଂସାପତ୍ର ବିନାମୂଲ୍ୟରେ ଅନୁରୋଧ କଲେ ପଠାଯାଏ । ଶୀଘ୍ର ମଗାନ୍ତୁ ।

**ରେଡ଼ି ଏଣ୍ଡ କୋ: ରେଜିଷ୍ଟାର୍ଡ଼,**

ହେଡ଼ ଅଫିସ, ଗୋପାଳପୁରମ୍ ପୁଲି କୋ ଦାବଶି ଜିଲା,

ଶାଖା—ବକ୍ସିବଜାର, କଟକ ।


Digitized by srujanika@gmail.com



**ମଜାକଥା—**

# ଭୁଲ

ଲେଖକ:— **ନି: ମ:**

ଓ୍ୱିନିରି ସେଦିନ ନିହାତି ଜିଦ ଧରିଲା—ଜାଙ୍କ ଅଲ୍‌ଗା, ଶଟିତ୍ ମ୍ବନେଇ, ଗ୍ଲିଙ୍କ ମଟରରେ ବୁଲି ଅସିବା।

"କେଉଁଠିକି ଯିବ ? କୁଆଡ଼େ ଯିବ ?" ପଚାରିଲି।

"ଦୂରକୁ—ଖୁବ୍ ଦୂରକୁ—ଯେଉଁଠି କେହି ନଥିବେ—ତମେ ଆଉ ମୁଁ।"

"ବି: ଟ:—ବା: ଟା:—ସାବାସ୍—" କହି ମୋଟରଟାକୁ ଗ୍ୟାରେଜରୁ କାଢ଼ି ଅଣିଲି। ଇନିରି ଭଳି ମଡାର୍ଣ୍ଣ ୟୁ.ଏସ୍. ଟାଇପ ମେ' ଜୀବନ କେତେ ଧନ୍ୟ ନ ହୋଇଛି। ମୋ ଗୃହଶ୍ରୀ, ମୋ ଜୀବନ; ମୋ ଧନ, ମୋ ମାନ, ଘରବାଡ଼ି ମୋଟର ଗାଡ଼ି ସବୁ ଯେମିତି ତା'ର ପଦରେ ଉତ୍ସର୍ଗ—ମାନେ—ଡେଡ଼ିକେଟେଡ୍—ମାନେ ସେଇ ମାନେ ବୁଝିଲେ ତ ?

ମୁଁ ଏକାବେଳେକେ ଅଧୀର ହୋଇ ଇନିରିର ବାହା ଧରି ନାଚି ନାଚି ଓଠରେ ହୁଇସିଲ୍ କରି ମୋଟରରେ ବସିଲି। ସେଲ୍‌ଫ୍ ଷ୍ଟାର୍ଟ କରି ଏକାଥରେ ସିଧା ଛାଡ଼ିଦେଲି।

କେଉଁଦିଗେ—ଜାଣେ ନାହିଁ।

କେତେଦୂର—ଜାଣେ ନାହିଁ।

କେଉଁ ଅଡ଼େ—ଜାଣେ ନାହିଁ।

କେତେବେଳେ—ଜାଣେ ନାହିଁ।

ଉପରେ ଆକାଶ, ତଳେ ପୃଥିବୀ। ମଝିରେ ସେ ଓ ମୁଁ। ମନେ ହେଉଥାଏ ଯେମିତି ରୂପ କଥାର ରାଜକୁମାର ଓ ରାଜକନ୍ୟା ମନପବନ ଘୋଡ଼ାରେ ଚଢ଼ି ଉଡ଼ି ଚାଲିଛନ୍ତି।

"ଟେଁ ଓଁ ଓଁ ପସ୍' କରି ହଠାତ୍ ମଟରଟା ଅଟକିଗଲା।

ଅରେ ଯାଃ, ପେଟ୍ରୋଲ ତ ଆଣିବାକୁ ଭୁଲି ଯାଇଛି। ୨୦ ମାଇଲ ରାସ୍ତା ଚାଲି ଆସିଲୁଣି ସେତେବେଳକୁ। ଇନିରିକୁ ଜାଣି ଦେଲି—ତମର ଲାଗି ଏତେ ଅବସ୍ଥା। ଏଥର ଉପାୟ ?

"ବାଃ, ତମେ ଭୁଲିବ, ମୋର କଣ ଦୋଷ ?" ଇନିରି ପ୍ରତିବାଦ କଲା।

"ଅରେ, ଭୁଲିଲି କାହିଁକି ? ତାହା ପାଇଁ"

"ଶେଷରେ ମୋର ପାଇଁ ମୋତେ ବି ଭୁଲିଯାଅ ?"

ଇନିରିର ଏଇ ଅଦ୍ଭୁତ କଥାରେ ଅଡ଼କି ପଡ଼ି ଏ ବିପଦର ସବୁ ଦୁଃଖ ଭୁଲିଯାଇ ତାକୁ କୋଳେଇ ପକାଇଲି।

ତାପରେ ଯେତେବେଳେ ପ୍ରେମରାଜ୍ୟରୁ ବାହାରି ଜଗତକୁ ଫେରି ଆସେ ସେତେବେଳେ ଦୃଷ୍ଟିମାନ ଶୂନ୍ୟ ହେବା ସଙ୍ଗେ ଓ ଘୋର ଅନ୍ଧକାର। ନିକଟରେ ଘରଦ୍ୱାର ବି ଦେଖାଯାଉ ନାହିଁ। ଦୁଇ ପାଖରେ ବଣ। ଗାଁ ଦୁଇ ପାଖରେ କମ୍ ସେ କମ୍ ଦଶ ମାଇଲରୁ କମ୍ ବାଟ ହେବ ନାହିଁ। କହ ଉପାୟ କ'ଣ ? କୌଣସି ଲୋକ ବା ମୋଟର ଆସି ସାହାଯ୍ୟ ନ କଲେ ତ ପେଟ୍ରୋଲ ଆସିବ ନାହିଁ। ବାଧ୍ୟ ହୋଇ ଗାଁକୁ ଯିବାକୁ ହେବ। ଏକୁଟିଆ ଇନିରି ତ ମଟରରେ ବସି ରହିବା ଅସମ୍ଭବ। ଅତଏବ ମୋଟରକୁ ଏକୁଟିଆ ଛାଡ଼ି ରହିବାକୁ ହେଲା। ଆମେ ଦୁହେଁ ଗାଁ ଅଭିମୁଖରେ ଯାତ୍ରା କଲୁ। ଆମେ ଯେ ଗାଇ ଆସିଲୁ ଏକଥା ଗାଁକୁ ଯିବା ବାଟରେ ମନେ ପଡ଼ିଲା। ମନେ ପଡ଼ିଲା ଏତେବେଳେ ଅସମ୍ଭାଳ ଅବସ୍ଥା। ମୁହଁ ଚଣ୍ଡାଳ ଆଗ ମନେ ପକାଇ ଦେଲି। ସାଙ୍ଗେ ସାଙ୍ଗେ ବିଷାଦ କରିବା ଲୋକଙ୍କୁ ଦେଖିଲେ ବିଷାଦ ମାଡ଼ିଲା ପରି ତାକୁ ବି ମାଡ଼ିଲା ବୋଧେ। ଶେଷରେ କ୍ରୋଧରେ ସେ ଆଉ ଚାଲି ନ ପାରେ। ମୋ କାନ୍ଧରେ ହାତ ଦେଇ ଚାଲିଲା। ସେଥିପାଇଁ ମୋତେ କଷ୍ଟ ହେଲା। ମନେ ହେଲା, ସେ ଯେମିତି ମୋତେ ପଛ ଆଡ଼କୁ ଟାଣୁଛି, ଆଉ ମୁଁ ତାକୁ ଆଗକୁ ଆଗକୁ ଟାଣି ଟାଣି ନେଉଛି। ତା ଅପେକ୍ଷା ଏମିତି କୌଣସି ଉପାୟ କରିବା ଉଚିତ ଯାହା ଫଳରେ ତାକୁ କୁନ୍ଥରେ କୋଳ ଦବାକୁ ନ ପଡ଼େ। ଶେଷରେ ବାଧ୍ୟ ହୋଇ କାନ୍ଧେଇଲି। ଏ କଥାଟାକୁ ଆପଣମାନେ ଅସଭ୍ୟତା ମନେ କରିବେ ନାହିଁ। ଆମେ ଆଧୁନିକ ସଭ୍ୟତାନୁମୋଦିତ ଥାଉ ଜଣୁଛୋହିଁ। ବାଧ୍ୟପଡ଼ି ଅବଶ୍ୟକତା ଶେଷରେ ପର୍ଯ୍ୟନ୍ତ ଦାବି ଥାଇ ନ ପାରେ।

ଗାଁରେ ପହଞ୍ଚିବା ବେଳକୁ ଗାଁ ଯାକ ସମସ୍ତେ ଶୋଇ ସାରିଲେଣି। ଯୁଦ୍ଧରେ କେରଜ କଂଟ୍ରୋଲ ଯୋଗୁଁ ସମସ୍ତେ ସକାଳ ସକାଳ ଖାଇ ପିଇ ଶୋଇପଡ଼ନ୍ତି ବୋଲି ମନେ ହେଲା। କେବଳ କୋଉଁଠି ଏକୁଟିଆ ଘର ଭିତରେ ବନ୍ଦ କବାଟ ପାଖରୁ କେବେ ଧୀମା ଧୀମା ଆଲୁଅ ଆସୁଥିବାର ଦେଖାଗଲା। ଆମେ ଦୁହେଁ ଯାଇ ସେ ଘରର ପାଖରେ ଠିଆ ହେଲୁ। ଭିତରୁ କେବଳ ଦୁଇ ଜଣଙ୍କର ଗଭୀର ନିଶ୍ୱାସ ଶୁଣାଯାଉଥାଏ। ମୁଁ କବାଟରେ ଆସ୍ତେ

Digitized by srujanika@gmail.com

ଟାଟେରୁ ଦୁଆର ଠକ୍ ଠକ୍ କଲି । ଭେତରୁ ଜଣେ ଲୋକ କହିଲେ—"ଆପଣ ନିର୍ମଳ ବାବୁ ? ଆସିଛେ ? ଯଦି ସତ ସତ ଆସିଥାନ୍ତି ତେବେ ଆଉ ଥରେ ଯୋରରେ ଠକ୍ କରନ୍ତୁ ।"

ମୁଁ ଏଥର ବୁଝି ପାରିଲି ନାହିଁ । ମୁଁ କେ ଉତ୍ତର ଦେବା ପୂର୍ବରୁ ଆଉ ଜଣେ ଡାକିଲେ—"ବାଗା ଆସିଛନ୍ତି ? ମୋର ଜମିଦାର ନେଇନ୍ତୁ । ଯଦି ଆସିଥାନ୍ତି ଦୁଇଥର ଠକ୍ ଠକ୍ କରନ୍ତୁ ।"

ଇନ୍ଦ୍ରକୁ ହସ ମାଡ଼ିଲା । ମୁଁ ତା ମୁହଁରେ ହାତ ଦେଇଦେଲି । ଏତିକିବେଳେ ଆଉଜଣେ ପଚାରିଲେ—"ତେବେ କଣ ଉତ୍ତମ ମୁତାବିକ ମଜ୍ଜାନ୍ତି ? ନିର୍ମଳବାବୁଙ୍କ ସ୍ତ୍ରୀ ? ଯଦି ହୋଇଥାନ୍ତି ତେବେ ଥରେ ଠକ୍ କରନ୍ତୁ ।"

ଇନ୍ଦ୍ର ଏଥର ମୁହଁରେ ଜଣକ ଚେଷ୍ଟି ହସ ବନ୍ଦ କଲା । ମୁଁ କୌତୂହଳ ବଶତଃ କବାଟରେ ଠକ୍ ଠକ୍ କଲି ।

ଭିତରୁ ପୁଣି ପ୍ରଶ୍ନ ହେଲା—"ଓ ଆପଣ ନିର୍ମଳବାବୁ ?"

ମୁଁ ଠକ ଠକ୍ କଲି ।

ପୁଣି ପ୍ରଶ୍ନ ହେଲା—"ଆପଣଙ୍କ ପୁଅ ଏଠି ଅଛି, ଆପଣ ଚିହ୍ନି ପାରୁଛନ୍ତି ? ଯଦି 'ହଁ' କହିବେ ତେବେ ଗୋଟିଏ ଠକ୍ ଓ 'ନା' କହିଲେ ଦୁ'ଟା ଠକ୍ କରନ୍ତୁ ।"

ମୁଁ ଗୋଟିଏ ଠକ୍ ବାଢ଼େଇ ଦେଲି ।

ପ୍ରଶ୍ନ—ଆପଣ ଏକୁଟିଆ ?

ମୁଁ ଇନ୍ଦ୍ରର ମୁହଁ ତାର ଷଷ୍ଟଫଟମେ—ଦୁ'ଟା ଠକ୍ କଲି ।

ପ୍ରଶ୍ନ—ଆପଣଙ୍କ ସାଙ୍ଗରେ ଆପଣଙ୍କ ସ୍ତ୍ରୀ ଆସିଛନ୍ତି ?

ଉତ୍ତର—ଗୋଟିଏ ଠକ୍ ।

ପ୍ରଶ୍ନ—ଆପଣଙ୍କ ପୁଅ ଆପଣଙ୍କୁ ନମସ୍କାର କରୁଛନ୍ତି, ଦେଖି ପାରୁଛନ୍ତି ?

ଉତ୍ତର—ଗୋଟିଏ ଠକ୍ ?

ଆପଣ ଭଲରେ ଅଛନ୍ତି ? —ଦୁଇଟା ଠକ୍ ।

ଆପଣଙ୍କର କ'ଣ ଅସୁବିଧା ? —ବହୁତ ଠକ ଠକ୍ ।

ଆମେ କଣ ଆପଣଙ୍କର କରିପାରୁଁ ? —ଗୋଟିଏ ଠକ୍ ।

ଆପଣ ମର୍ତ୍ତ୍ୟଲୋକକୁ କଣ ଫେରିବାକୁ ଇଚ୍ଛା କରୁଥିଲେ—ଆଉ ଖାଇ ପାରୁ ନାହାନ୍ତି ? —ଗୋଟିଏ ଠକ୍ ।

ଆପଣ ରସଗୋଲା ଖାଉଥିଲେ ? —ଗୋଟିଏ ଠକ୍ ।

ଆଉ କଣ ? —ଗୋଟିଏ ଠକ୍ ?

ପୁରି ତରକାରି ? —ଗୋଟିଏ ଠକ୍ ?

ମାଂସ ? ମାଛ ? ଅଣ୍ଡା ? —ଗୋଟିଏ ଠକ୍ ।

ବର୍ତ୍ତମାନ ଆପଣଙ୍କୁ ନଈ କୂଳରେ ଦେଇ ଆସିଲେ ଆପଣ ପାଇବେ । —ଦୁ'ଟା ଠକ୍ ।

ଏଇଟି ବର୍ତ୍ତମାନ ଦେଲେ ? —ଗୋଟିଏ ଠକ୍ ।

କେମିତି ଦେବୁ ? ଖଣ୍ଡକରେ ସଜେଇ ଦେବୁ ?—ଗୋଟିଏ ଠକ୍

ଆପଣ ଟେବୁଲ୍‌ରେ ଠକ୍ ନକରି କବାଟରେ ଠକ୍ କରିବାର ଅର୍ଥ ଆମେ ବୁଝି ପାରୁନାହୁଁ । ଏ ସବୁ କଣ ଅପବାଦ ?

—ଗୋଟିଏ ଠକ୍ ।

ଯାବୁ ଚକଷ କରିବାର ଉପାୟ ? ଯଜ୍ଞ ? —ଦୁଇଟା ଠକ୍ ।

ଦାନ ? —ଦୁଇଟା ଠକ୍ ।

ଆପଣ ଆମକୁ କୌଣସି ଇଙ୍ଗିତ ଦେଇ ପାରିବେ ?

—ଗୋଟିଏ ଠକ୍ !

ଅଚ୍ଛା, ଆମେ ଟେବୁଲ୍ କାଗଜ ପେନସିଲଟାଏ ପକାଇ ଦେଉଛୁଁ, ଆପଣ ସେଥିରେ ଲେଖିଦେବେ ? —ଗୋଟିଏ ଠକ୍ ।

ମୁଁ କାଗଜ ଟେବୁଲ ଉପରେ ଆଣି ଲେଖିଲି—"ଶୀଘ୍ର କିଛି ଖାଇବାର ପଦାର୍ଥ ପକେଇ ଦିଅ ।" ଲେଖି ଭିତରକୁ ଫିଙ୍ଗି ଦେଲି । ଭିତରୁ ଆଉ ଖଣ୍ଡେ କାଗଜରେ ଲେଖିଲେ—"ତାପରେ ଆଉ କଣ ଭଲ ଭଲ ଖାଇବାର ଦେଇ ଗୋଟିଏ ଲୋକ ଦିଆ ରାସ୍ତା ଉପରକୁ ପଠେଇ ଦିଅ । ଏଣିକୁ ଦୂର ଲୋକ ଯିବେ ନାହିଁ । ତାର ଉତ୍ତର ଦେବା କଣ ନାହିଁ । ତା' ବାଟରେ ଏ ଗାଁର ଯତ ବାହାର ମଟର ଥାଏ ତେବେ ପେଟ୍ରୋଲ ନଦେଇ କିଛି ସଫା କରସଜା ହୁଏ ପଠେଇ ଦିଅ । ସେ ଲୋକ ସଡ଼କ ଉପରେ ଗୋଟିଏ ମଟର ଦେଖିବ । ସେ ମଟରରେ ପେଟ୍ରୋଲ ବା କିରାସିନ ତୋଳିଲ ରଖି ଦେଇ ସେ ଲୋକ ଫେରି ଆସିବ—ପଛକୁ ମୁହଁ କରିବ ନାହିଁ । ପଛକୁ ଚାହିଁଲେ ଖବର କହିବ ନାହିଁ । ଏକଥା ଅନ୍ୟଥା କଲେ ଏ ଗାଁରଂଗ୍ରାର ଅମଙ୍ଗଳ ହେବ ।"

ଶେଷ ଲେଖାଟା ଦେବା ହିଁ ଅନେକ ଖାଦ୍ୟ ସାମଗ୍ରୀ ପକେଇବାକୁ ଆସିଲା । ଆମେ କଦର୍ଥ ଟାକୁ ଧରି ଗେଲ ପଳେଇଲୁଁ । ଅନେକ ଦୂର ଯିବାରୁ ପଛକୁ ଫେରି ଚାହିଁଲୁ ଦଳେ ଲୋକ ଆସିବା ପରି ଜଣୁଛି । ମୁଁ ଇନ୍ଦ୍ରକୁ କହିଲି—"ଇନ୍ଦ୍ର—ଧରା ପଡ଼ିଗଲେ । ଉପାୟ ? ଶୀଘ୍ର ଚାଲ, ଯାଇ ମଟରରେ ବସି ପଡ଼ିବା । ଏମାନେ ଯାଇ ପଚାରିଲେ ଆମେ କିଛି ନ ଜାଣିଲା ପରି ଉତ୍ତର ଦେବା ।"

ଇନ୍ଦ୍ର କହିଲା—"ବୋକାମି କରି ପେଟ୍ରୋଲ କଥା ଲେଖିଲ କାହିଁ ?"

"ଯାହା ତ ହେବାର ହେଲାଣି । ବର୍ତ୍ତମାନ ସେ ଉଠିକି ଏତେବେଳେ ଫାଙ୍କି ନ ଦେଲେ ଆଉ ଉପାୟ କ'ଣ ? ସେମାନେ ଆମକୁ ପଚାରିଲେ ଆମେ କହିବା, "ହଁ, ଆମେ ଦେଖିଛୁ", ଗୋଟିଏ ପୁରୁଷ ଆଉ ଗୋଟିଏ ସ୍ତ୍ରୀ ଏଇବାଟେ ଚାଲିଗଲେ । ତାଙ୍କ ହାତରେ ଆମେ ବହି ପଠେଇଥିଲୁ, ଆମର ପେଟ୍ରୋଲ ସବୁ ଯାଇଛି ଗାଁରେ କାହାର ପାଖରେ ଥିଲେ ପେଟ୍ରୋଲ ଦୟାକରି ପଠେଇ ଦେବ । ସେ ଦୁଇଜଣ ଆମ ସାଙ୍ଗରେ କଥା କହୁ ନଥାନ୍ତି—ଖାଲି 'ହୁଁ' 'ହାଁ' କହୁଥାନ୍ତି । ଏମିତି କ ନାମ ପଚାରିଲେ କ ସେଇ 'ହୁଁ'—ଘର କେଉଁଠି ନା ସେଇ 'ହୁଁ' । ବୁଝିଲ ଇନ୍ଦ୍ର ? ତାହେଲେ ସେ ଭାବିବେ ଯେ ସତ ସତ ନିର୍ମଳ ବାବୁ ଓ ତା ମାଇପ ଭୂତ ହୋଇ ଏଇବାଟେ ଯାଉଛନ୍ତି । ଆଉ ଆମ ଦୁହିଁଙ୍କୁ କ ସେ ସେମାନ୍ୟା ଠକେଇ ଥିବେ । ଶୀଘ୍ର ଚାଲ, ମଟରରେ ଯାଇ ପୋଷାକ ବଦଳେଇ ପକେଇବା । ଦୁଇଜଣ ଯାକ ପୁରୁଷ ବନିଯିବା । ହାଁ କ'ଣ ?"

• ( ୮ମ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com





# ନବଦୃଷ୍ଟି

ଲେଖକ:—ଶ୍ରୀ ଗୌରଚନ୍ଦ୍ର ମହାପାତ୍ର

( ୧ )

ଅୟି ଅସୁନ୍ଦର ପଦ,
ତୁମର ଲାଗି ମୁଁ ବିପ୍ଳବ ଖଣ୍ଡା
କରୁଛି ଗୋ ଉତ୍ତୋଳନ ।
କବିଯାକ ଖାଲି ସୁନ୍ଦରୀଙ୍କର
ଗୁଣବାଣୀ ଗାଇ ଗାଇ,
ଉପମା-ଭଣ୍ଡାରେ ଯେତିକି ଥିଲା ତେଲ
ସବୁ ତ ଦେଲେ ଶୁଖାଇ ।
ଶୁଣ ହେ ଗାୟକ, ଶୁଣ କବିବୃନ୍ଦ,
ଶୁଣ ହେ ଗଳ୍ପକାର,
ବିଳାସ-କୁଞ୍ଜେ ସୁନ୍ଦରୀ ସାଥେ
ଅଭିସାର ରଚିବାର ।
ବହୁଦିନୁ ଦିନ ଗଲାଣି ତ ଚାଲି,
ହୁଅ ଏବେ ସାବଧାନ,
'କୁରୂପା' ଯୁଗ ଆଗତ ଗର୍ଭରେ
ଲଭିଲାଣି ଅବସାନ ।
ନୂଆବାଟ ଆଜ ଦେଖାଇବୁ ଆସ
ଦୁନିଆର ଆଖି ଖୋଲି,
ହେଲଡା, ଟେଢା କେହି ନ ରହିବେ
ଖାଲି କୁରୂପିଣୀ ବୋଲି ।
ହେଲେ ତାର ଜୟଗାନେ,
ସାରା ଦୁନିଆଟା ଜମି ଉଠିବ
ହାତୁଡ଼ିର ଟାଣେ ଟାଣେ ।

( ୨ )

ଅୟି ଗୋ ଦନ୍ତୁରୀ ବଳଦ ବରଣୀ
ଅୟି ଗୋ ଧନ୍ୟା ଦମ,
ତୁମ ଗୁଣ ଗାନେ ଫାଉଣ୍ଟେନ୍ରୁ ଝରେ
କବିତାର ପ୍ରସ୍ରବଣ ।
ଅୟି ଗୋ ଭୁଷୁଣ୍ଡୀ ଅୟି ଚଳାମୁହିଁ
ଅୟି ଅବୁଝାର ଯାତ୍ରୀ,
ବଙ୍କ ଦାନ୍ତର ତୀକ୍ଷ୍ଣ ମୁନରେ
ହଟିଛୁ ଗୋ ଅମାବାସ୍ୟା ।
ଶତ 'ଅଣବଣ' ପଣ୍ଡ ଜଳିବ
ତୁମର ରୂପର ଛଟା,
ଦର୍ପଣେ ତବ ଶତ୍ରୁ ସଜନ
ଦାଗରେ ପଡ଼ିବ ଭଣ୍ଟା ।
ଜଗ ମୂରତି ଧରି ତୁମେ ଯେବେ
ଜଣେ ହୋଇଯିବ ଠିଆ,
ଦୃଷ୍ଟି ଭୟ ନ ହୋଇବ—ଏତେ
ପାଷାଣ କାହାର ହିଆ ।
ଅୟି ଗଉଡୁଣୀ ବାଳା,
ତୁମର ବନ୍ଦନା ଲାଗି ଜନତାର
ହାତୁ ଉଠେ ବରମାଳା ।

( ୩ )

କବି ଋଷି ମିଛେ ଖୋଜି ବୁଲୁଥାନ୍ତି
ଘନବନ ଶୋଭା ସ୍ଥଳ,
ତୁମେ ତ ଅଳସ ମୁଣ୍ଡରେ ସଞ୍ଜି
କୋଟି ପୁଷ୍ପମାଳାର ।
ସୁନ୍ଦରୀ ସତେକି ଜଙ୍ଗଲର ଗୁଛ
ସର୍ପିଳ ପଥରେଖା,
ଡାକୁଣୀ ପଲ ଡରଣୀ ଯୁଥର
ତୁଳନାକୁ ହେବେ ଲେଖା ।
ଗଣ୍ଡାଲଦାର ଲାଙ୍ଗୁଳ ଧରି
ଟାଗଲ ବିଳାସୀ ନର,
ବାସର ଯାମିନୀ ଯାପିବାର ଲାଗି
ଖୋଜନ୍ତୁ ପାହାଡ଼ ଝର ।
ତୁମର ନାସିକା ଉଇ ହୁଙ୍କରୁ
ଝରୁଥାଏ ଅବିରଳ,
ସୁଡ଼ୁ ସୁଡ଼ୁ ନାଦେ ଶୁଭ୍ର ସଲିଳ
ଝରଣା ଗୋ ସୁବିମଳ ।

Digitized by srujanika@gmail.com

ନ ଦେଖନ୍ତି ଏଡ଼େ ଶୋଭା,
ସିଙ୍ଘାଣି ତବ ଉଜ୍ଜ୍ୱଳ ଦିଶେ,
ତ୍ରିଭୁବନ ମନଲୋଭା ।

( ୪ )

ଗଜଗ୍ରୀବଙ୍କର ରଜତ ଧବଳ
ତୁଣ୍ଡ ଦେଖିବା ପାଇଁ,
ମୁହଁ କ ଗୋ ପ୍ରଣି ଦୁଇ ହିମାଳୟ
ସନ୍ନିଧି ଯିବ ଧାଇଁ ।
ତୁମର ରମ୍ୟ ଅଧର ଫୁଟାଇ
ଦାନ୍ତ ହୋଇଛି ଠିଆ,
ତୀକ୍ଷ୍ଣତା ତାର ବଦାର ନ ଦେବ
କହ କେଉଁ କବି ପ୍ରିୟା !
ଗଳିତ ଗାଲର ସୁଷମା ଅଣେ ଗୋ
ପବନ ଗୁମ୍ଫା ଠାଣି,
ମେଣ୍ଡିଅ ଯୁଗ ମିଞ୍ଜି ମିଞ୍ଜି ଅଖି
ମରମକୁ ଦିଏ ହାଣି ।
ତଥା ଉହୁଁ ଉହୁଁ ଛୁଞ୍ଚକ ପଡ଼େ ଗୋ
ତୁମ ପାଟି ପାନ ସେଠା,
ଜାଣି ପାଉ ମୁହଁ ବସିଥାଏଁ ଖାଲି
ଗୁହିଁବାକୁ ଥରେ ଦିଠା ।
ସୁନ୍ଦର ତବ ବଦନ,
ପଞ୍ଜୁଳ ଧଣେ ଦୁଇ ଅଖି ତଳେ
ଦୁଇ ପର୍ବତ ସାନୁ ।

( ୫ )

ଶୋଇବଲେ ତୁମେ ନାକିବାରୁ ବେ
ଗୁଞ୍ଜେ ରେ ବଂଶୀ ସ୍ୱନ,
ଅଧମେଲା ଅଖି ଦୃଶ୍ୟ ଉଦ୍ଧ—
ସ୍ୱାସ୍ଥ୍ୟ ଧଣେ ଶୋଭାବନ ।
ମହାସାଗରର ଶୋଭାକୁ ଧରଇ
ତୁମର ମେଲାଇ ପାଟି,
ଘୁଙ୍ଘୁଡ଼ି ତବ ଶୁଣିଲେ ଥରେ ଗୋ
ହୃଦୟ ଯିବ ତ ଫାଟି ।
ଉଦ୍‌ବେଳ ହୋଇ ବେଳେ ବେଳେ ଯେବେ
ଗଳେଲ ଅସର ବନ୍ଧ,
ଉତ୍ତାଳ ତେଜ ଉପମାକୁ ଦେବା—
ପାଇଁ ଭବ ମନ ଧନ୍ଦ ।
ଭେଟନେ ଶୟନେ ସବୁବେଳେ ତୁମେ
ଅସୀମ ଶୋଭାର ଖଣି,
ଅଖି ଥାଉଁ ଯିଏ ଶୋଭା ନ ଦେଖଇ
ଅନ୍ଧ ତଳେ ତାକୁ ଗଣି ।
ବିଧାତା ଦେବନ୍ତି ଜାଣି,
ନବଯୁଗ କବି ହୁଏ ତୁଏ ଜାତ
ତବ ରୂପ ଭଣି ଭଣି ।

---

( ମଜାକଥା ୭ମ ପୃଷ୍ଠା ଉତ୍ତାରୁ )

ଇନ୍ଦିରା ପ୍ରାଣପଣ କରି ଦଉଡ଼ିଲା । ଯେଉଁଠାରେ ଟ୍ରେନ ପହଞ୍ଚିଲା ବେଳକୁ ଦେଖିଲୁଁ, ଜଣେ ଲୋକ ହ୍ୱେଲ ଧରି ଷ୍ଟାର୍ଟ ଦେଉଛି । ହଠାତ୍ ଫଟ୍‌ଫଟ୍ ଆରମ୍ଭ ହେଲା । ସେ ଲୋକଟା ଆସି ସିଟ୍‌ରେ ବସିବା ପରକୁ ଆମେ ଦୁହେଁ ଯାଇଁ ବସି ପଡ଼ିଲୁଁ । ମୋଟର ସିଧାର ଦେଇ ଦେଲା । ସେ ଲୋକଟା ଭିତରେ ସବୁ ଗତ ଦେଲା । ଆମେ ସିଧା ଘରପଟ ଗାଡ଼ି ଛାଡ଼ି ଦେଲୁ ।

୨ । ୩ ମାଇଲ ଯାଇଁ ଦେଖିଲୁ ଯେ ମୋଟରରେ ତେଲ ସରିଛି ହେଉଛି ।

ଇନ୍ଦିରା ପଚାରିଲା—"ଏ କ'ଣ ଭୂତ ?"

ମୁଁ ହସିଲି । କହିଲି, "ହଁ ଭୂତ ନୁହେଁ ଆଉ କ'ଣ ? ତେଲ ଆଜ ସନ୍ଧ୍ୟାବେଳେ ଟାଙ୍କିଏ ଭରତି ହେଉଛି, ଡ୍ରାଇଭର ଭରତି କରିଛି—ମୋତେ କହିଥିଲା—ମୋର ମନେ ନାହିଁ । ବୋଧହୁଏ ସେତେବେଳେ ପାଇପ୍‌ରେ ମଇଳା ଅଟକିଯାଇ ଗାଡ଼ି ବନ୍ଦ ହୋଇ-
ଗଲା । ମୋ ମନେ ମନେ ତେଲ ଦେଇନାହିଁ । ଭୂତ ନହେଇଥିଲେ ଏମିତି ବୋକାମି କରି ପାରନ୍ତି ?

"ଆଉ ସେ ଲୋକଟା ?" ଇନ୍ଦିରା ପଚାରିଲା ।

"ସେଟା ସମ୍ଭବତଃ ଚୋର—ମୋଟର ନେଇ ପଳେଇଥାନ୍ତା ।"

"ତମେ ସବୁବାଠି ଛାଡ଼ି ଯାଇଥିଲ କମିତି ?"

"କାରଣ ମୁଁ ଭୂତ ।"

ଇନ୍ଦିରା ହସିଲା । ମୁଁ କହିଲି—"ତମେ ବି ଭୂତୁଣୀ । କିନ୍ତୁ ତମ ପୁଅ କାହିଁ !"

ଇନ୍ଦିରା ମୋତେ ସେଇଦିନ ପୁଅବାପ ବୋଲି ଡାକେ ଓ ମୁଁ ତାକୁ ପୁଅ ମା' ବୋଲି ଡାକେ ।

ମୋଟର ପେଟ୍ରୋଲ ଆସି ଘରେ ପହଞ୍ଚିଲୁଁ । ଭାବିଲି, ମଡାର୍ଣ୍ଣ ଗାର୍ଲ ନ ହୋଇ ହୋଇଥିଲେ ଗାଉଁଲି ମଫସଲ ଝିଅ ମୋ ସାଙ୍ଗେ ଏମିତି ଭୂତ ହୋଇ ପାରିଥାନ୍ତା !

——*——

Digitized by srujanika@gmail.com

ନ ଦେଖନ୍ତି ଏଡ଼େ ଶୋଭା,
ସିଙ୍ଘାଣୀ ତବ ଝଳୁଛି ଯେଉଁ,
ତ୍ରିଭୁବନ ମନଲୋଭା ।

( ୪ )

ଗଜଗ୍ରାସଙ୍କର ବିକଟ ଧବଳ
ଦୃଶ୍ୟ ଦେଖିବା ପାଇଁ,
ମୁହଁ ଖୋଲ ଗୋ ପୁଣି ଦିବ୍ୟ ହିମାଳୟ
ସନ୍ନିଧି ଯିବ ଧାଇଁ ।
ତୁମର ରମ୍ୟ ଅଧର ଫୁଟାଇ
ଦାନ୍ତ ହୋଇଛି ଠିଆ,
ତୀକ୍ଷ୍ଣତା ତାର ବଦାର ନ ଦେବ
କହ କେଉଁ କବି ପ୍ରିୟା !
ଗଳିତ ଗାଲର ସୁଷମା ଅଟେ ଗୋ
ପଚିତ ଗୁମ୍ଫା ଠାଣି,
ମେଣ୍ଡିଆ ଯୁଗ ମିଞ୍ଜି ମିଞ୍ଜି ଅଖି
ମରମକୁ ଦିଏ ହାଣି ।
କଥା କହୁଁ କହୁଁ ଛୁଟଇ ପଡ଼େ ଗୋ
ତୁମ ପାଟି ପାନ ସିଠା,
ଜଡ଼ ପାତ ମୁହଁ ରହିଥାଏଁ ଖୋଲି
ଗୃହିଣୀଙ୍କୁ ଥରେ ଦିଠା ।
ସୁନ୍ଦର ତବ ଦନ୍ତ,
ମଞ୍ଜୁଳ ଧରେ ଦୁଇ ଅଣି ତଳେ
ଦୁଇ ପରବତ ସାନ୍ତ ।

( ୫ )

ଶୋଇଥିଲେ ତୁମେ ନାସିକାରୁ ତବ
ଗୁଞ୍ଜରେ ବଂଶୀ ସ୍ୱନ,
ଅଧମେଲା ଅଖି ଦୃଷ୍ଟିରୁ ଚନ୍ଦ—
ଦୃଶ୍ୟ ଧରେ ଶୋଭାଘନ ।
ମହାସାଗରର ଶୋଭାକୁ ଧରଇ
ତୁମର ମେଲିତ ପାଟି,
ଘୁଙ୍ଗୁଡ଼ି ତବ ଶୁଣିଲେ ଅତର ଗୋ
ହୃଦୟ ଯିବ ତ ଫାଟି ।
ଉଦ୍‌ବେଳ ହୋଇ ବେଳେ ବେଳେ ଯେତେବ
ଗଳେଲ ଅସଇ ବନ୍ଧ,
ଜଞ୍ଜାଳ ଚେଜ ଉପମାକୁ ଦେବା—
ପାଇଁ ଭବ ମନ ଧନ୍ଦ ।
ରେଳରେ ଶୟନେ ସବୁବେଳେ ତୁମେ
ଅସୀମ ଶୋଭାର ଖଣି,
ଅଖି ଥାଉଁ ଯିଏ ଶୋଭା ନ ଦେଖଇ
ଅନ୍ଧ ତଳେ ତାକୁ ଗଣି ।
ବିଧାୟ ଦେବନ୍ତି ବାଣୀ,
ନବଯୁଗ କବି ଝୁର ଝୁଏ ନିତି
ତବ ରୂପ ଭାଳି ଭାଳି ।

---

( ମଜାକଥା ୭ମ ପୃଷ୍ଠା ଉତ୍ତାରୁ )

ଇନ୍ଦର ପ୍ରାଣପଣ କରି ଦଉଡ଼ିଲା । ଯଉଁସଇଁ ହୋଇ ପହଞ୍ଚିଲା ବେଳକୁ ଦେଖିଲି, ଜଣେ ଲୋକ ହେଣ୍ଡଲ ଧରି ଷ୍ଟାର୍ଟ କରୁଛି । ହଠାତ୍ ଫଟ୍‌ଫଟ୍ ଆରମ୍ଭ ହେଲା । ସେ ଲୋକଟା ଆସି ସିଟ୍‌ରେ ବସିବା ପରେ ଆମେ ଦଉଡ଼ି ଯାଇଁ ବସି ପଡ଼ିଲୁଁ । ମୋଟର ସ୍ଥିର ହୋଇ ହେଲା । ସେ ଲୋକଟା ଉପରେ ସ୍ପଷ୍ଟ ଦେଲା । ଆମେ ସିଧା ସରପଟ ଗାଡ଼ି ଛାଡ଼ି ଦେଲୁ ।

୨।୩ ମାଇଲ ଯାଇଁ ଦେଖିଲି ଯେ ମୋଟରରେ ତେଲ ସରିଛି ହୋଇଛି ।

ଇନ୍ଦର ପଚାରିଲା—"ଏ କ'ଣ ଭୂତ ?"

ମୁଁ ହସିଲି । କହିଲି, "ହଁ ଭୂତ ନୁହେଁ ଆଉ କ'ଣ ? ତେଲ ଅଛି ସଞ୍ଜବେଳେ ଟାଙ୍କିଏ ଭରତି ହୋଇଛି, ଡ୍ରାଇଭର ଭରଣି କରିଛି—ମୋତେ କହିଥିଲା—ମୋର ମନେ ନାହିଁ । ବୋଧହୁଏ ସେତେବେଳେ ପାଇପ୍‌ରେ ମଇଳା ଅଟକିଯାଇ ଗାଡ଼ି ବନ୍ଦ ହୋଇ-ଗଲା । ମୋ ମନେ ମନେ ତେଲ ଦେଇନାହିଁ । ଭୂତ ନହୋଇଥିଲେ ଏମିତି ବୋକାମି କରି ପାରନ୍ତେ ?

"ଆଉ ସେ ଲୋକଟା ?" ଇନ୍ଦର ପଚାରିଲା ।

"ସେଟା ସମ୍ଭବତଃ ଚୋର—ମୋଟର ନେଇ ପଳେଇଥାନ୍ତା ।"

"ତମେ ସୁବିଧାଠି ଛାଡ଼ି ଯାଇଥିଲ କିମିତି ?"

"କାରଣ ମୁଁ ଭୂତ ।"

ଇନ୍ଦର ହସିଲା । ମୁଁ କହିଲି—"ତମେ ବି ଭୂତୁଣୀ । କିନ୍ତୁ ତମ ପୁଅ ନାହିଁ !"

ଇନ୍ଦର ମୋତେ ସେଇଦିନ ପୁଅବାପ ବୋଲି ଡାକେ ଓ ମୁଁ ତାକୁ ପୁଅ ମା' ବୋଲି ଡାକେ ।

ମୋଟର ଫେରେଇ ଆସି ଘରେ ପହଞ୍ଚିଲୁଁ । ଭାବିଲି, ମଡାର୍ଣ୍ଣ ଗାର୍ଲ ନ ବାହା ହୋଇଥିଲେ ଗାଉଁଲି ମଫସଲ ଝିଅ ମୋ ସାଙ୍ଗେ ଏମିତି ଭୂତ ବନି ପାରିଥାନ୍ତା !

———

Digitized by srujanika@gmail.com

ହଂସପୁର—

# ସୂର୍ପଣଖାର ଅବମାନନା

—ମୈତ୍ରୀ ଶୁକ୍ଳ

ରାମାୟଣରେ ଅନାର୍ଯ୍ୟମାନଙ୍କୁ ରାକ୍ଷସ, ବାନର ପ୍ରଭୃତି ନାମରେ ଅଭିହିତ କରା ହୋଇଅଛି । ସେମାନଙ୍କୁ ଯାହା କୁହାଯାଉ ପଛକେ ସେମାନେ ଶୌର୍ଯ୍ୟ ବୀର୍ଯ୍ୟରେ ଆର୍ଯ୍ୟମାନଙ୍କର ସମକକ୍ଷ ଥିଲେ । ପ୍ରବଳ ପ୍ରତାପାନ୍ୱିତ ରାବଣର ରାଜ୍ୟ ଅଯୋଧ୍ୟାର ତୁଳନାରେ କୌଣସି ଅଂଶରେ ନ୍ୟୂନ ନଥିଲା । ଅପୂର୍ବ ମଣିମାଣିକ୍ୟ ଖଚିତ ବିଶ୍ୱକର୍ମା ନିର୍ମିତ ରାବଣ ରାଜପ୍ରାସାଦର ବର୍ଣ୍ଣନା ରାମାୟଣରେ ମିଳେ ।

ଦଶାନନ ରାବଣ ନିଜର ସାମ୍ରାଜ୍ୟ ଅତି ଶୃଙ୍ଖଳା ସହିତ ପରିଚାଳନା କରୁଥିଲେ ।

ଅଯୋଧ୍ୟା ରାଜ ଦଶରଥ ସ୍ୱୀୟ ମହିଷୀ ମହାରାଣୀ କୈକେୟୀଙ୍କ ନିକଟରେ ପ୍ରତିଜ୍ଞାବଦ୍ଧ ଥିଲେ । ଦଶରଥଙ୍କ ଜ୍ୟେଷ୍ଠପୁତ୍ର ରାମ ପିତୃସତ୍ୟ ପାଳନ କରିବା ପାଇଁ ଅଯୋଧ୍ୟା ପୁର ତ୍ୟାଗ କରି ଚୌଦ ବର୍ଷ ନିମିତ୍ତ ବନବାସୀ ହେବା ପାଇଁ ସ୍ୱୀକୃତ ହୁଅନ୍ତି । ରାମଙ୍କର କନିଷ୍ଠ ଭ୍ରାତା ଲକ୍ଷ୍ମଣ ଓ ଭାର୍ଯ୍ୟା ସୀତା ଦେବୀ ତାଙ୍କର ଅନୁଗମନ କଲେ ।

ଏକଦା ରାମ ଲକ୍ଷ୍ମଣ ପଞ୍ଚବଟୀ ବନରେ ବିଚରଣ କରୁଥିଲେ । ସେହି ମାହେନ୍ଦ୍ର କ୍ଷଣରେ ପୁଷ୍ପିତ ବନ ଭୂମିରେ ବସନ୍ତର ଅପୂର୍ବ ସମାବେଶ ମଧ୍ୟରେ ଏକ ଅନାର୍ଯ୍ୟା ନାରୀ ଦେଖା ଦେଲା । ନାରୀ ଜଳ ଭରାନତ ମେଘପୁଞ୍ଜ ପରି କୃଷ୍ଣା । ଅଙ୍ଗବାସ ଅତି ସାମାନ୍ୟ—ଦେହ ନୀଳାକାଶ ସଦୃଶ ଉନ୍ମୁକ୍ତ । ନିଃସଙ୍କୋଚ ସାବଲୀଳ ଗତିର ଦେହଭଙ୍ଗୀର ସହିତ ଶ୍ୟାମଳ ବନ ଭୂମିର ଅପୂର୍ବ ସମାବେଶ ପ୍ରକୃତି ଭିନ୍ନ ଅନ୍ୟ କେହି ଲକ୍ଷ୍ୟ କଲେ ନାହିଁ । ସଙ୍କୋଚର ରକ୍ତିମ ଅବଗୁଣ୍ଠନ ବନବାସିନୀର ମନୋରାଜ୍ୟ ଆଚ୍ଛନ୍ନ କରିନାହିଁ । ନାରୀ ସୂର୍ପଣଖା ଲଙ୍କାଧିପତି ଦଶାନନ ରାବଣର ଭଗିନୀ । ସୂର୍ପଣଖା ଯୌବନର ଶେଷ ପ୍ରାନ୍ତରେ ଉପନୀତା । ଏବେ ସେ ନିଃସଙ୍ଗ ବିହାରିଣୀ ଅରଣ୍ୟ ଚାରିଣୀ ସୂର୍ପଣଖା ବୋଧହୁଏ ଏତେଦିନ ନିଜର ଆରାଧ୍ୟ ଦେବତାର ଦର୍ଶନ ପାଇନାହିଁ । ଆଜ ଯୌବନ ସୂର୍ଯ୍ୟାସ୍ତର ଗୋଧୂଳି ଲଗ୍ନରେ ତାର ମନ ଚପଳ ହୋଇ ଉଠିଲା କାହିଁକି ? ବିହଙ୍ଗକୁଳର କାକଳି ତାହା ମନରେ ସୂକ୍ଷ୍ମ ବେଦନା ସୃଷ୍ଟି କଲା । ଆକାଶ ବତାସରେ ଯେଉଁ ସଙ୍ଗୀତ ଗୁଞ୍ଜନ କରେ ଆଜ ତାର ପ୍ରତିଧ୍ୱନି ସୂର୍ପଣଖାର ହୃଦୟରେ ଝଙ୍କାର ଆଣିଦେଲା । ସହସା ବନଭୂମି ବସନ୍ତରେ ମଧୁରା ହେଲା ।

ବନପଥର ଶୁଷ୍କପତ୍ର ତାହାର ପଦସ୍ପର୍ଶରେ ମର୍ମରିତ ହୋଇ ଉଠିଲା । ରାମ ଲକ୍ଷ୍ମଣ ସେଠି ପଦଚାରଣା କରୁଥିଲେ । ସୂର୍ପଣଖା ରାମଙ୍କର ଅପୂର୍ବ ସୌନ୍ଦର୍ଯ୍ୟ ବିସ୍ମୟ ବିସ୍ଫାରିତ ନୟନରେ ଅବଲୋକନ କଲା । ରାମାୟଣରେ ରାମଙ୍କର ରୂପ ବର୍ଣ୍ଣନା ଅଛି ।

'ମୁଖମଣ୍ଡଳ ପ୍ରସନ୍ନ, ବାହୁ ଆଜାନୁଲମ୍ବିତ, ଲୋଚନ ଯୁଗଳ ପଦ୍ମପଲାଶ ସଦୃଶ ବିସ୍ତୃତ, ଗତି ଗଜତୁଲ୍ୟ, ମସ୍ତକ ଜଟାମଣ୍ଡଳେ ମଣ୍ଡିତ, ଶରୀର ରାଜଲକ୍ଷଣ ସମ୍ପନ୍ନ ।'

ପ୍ରଭାତର ଅରୁଣାଲୋକରେ, ଦ୍ୱିପ୍ରହରର ଖରରୌଦ୍ରରେ, ସନ୍ଧ୍ୟାର ସ୍ତିମିତ ଅନ୍ଧାରରେ ପ୍ରତିଦିନ ରାମ ଲକ୍ଷ୍ମଣଙ୍କୁ ଦର୍ଶନ କରି ସୂର୍ପଣଖା ଆପଣାକୁ ଧନ୍ୟ ମନେ କରୁଥିଲା । ଧୀରେ ଧୀରେ ମୁକ୍ତ ବିହଙ୍ଗମ ପରି ବନବାସିନୀର ଅନ୍ତରରେ ଅନୁରାଗର ସଞ୍ଚାର ହେଲା ।

କୌଣସି ଗୋଟିଏ ଅଶୁଭ ମୁହୂର୍ତ୍ତରେ ସୂର୍ପଣଖାର ମନ ଚଞ୍ଚଳ ହେଲା । ଅନାବିଳ ଆନନ୍ଦ ତାହାର ମନର ନିଭୃତତମ କକ୍ଷକୁ ପଥ ପ୍ରଶସ୍ତ କରି ପ୍ରିୟତମ ସହିତ ମିଳିତ ହେବା ପାଇଁ ଇଚ୍ଛା କଲା । ସୂର୍ପଣଖା ସରୋବରରେ ସ୍ନାନ ସମାପନ କରି ନିଜର ଅଙ୍ଗ ପୁଷ୍ପ ଦ୍ୱାରା ଶୋଭିତ କଲା । ଉଦ୍ଦାମ ବିନ୍ୟସ୍ତ ତାମ୍ରବର୍ଣ୍ଣ କେଶ ପାଶ କବରୀ ବଦ୍ଧ କରି ଅଶୋକ ପୁଷ୍ପ ଦ୍ୱାରା ସଜ୍ଜିତ କଲା ଓ ଯଥାସମୟରେ ରାମ ସମୀପରେ ଉପନୀତ ହେଲା ।

ରାମ ସେତେବେଳେ ଆପଣା ପର୍ଣ୍ଣ କୁଟୀରରେ ଏକାକୀ ଥିଲେ । ସୂର୍ପଣଖା ସେଠାକୁ ଯାଇ ଆପଣା ଦେହକୁ ଭୂଇଁରେ ଦଣ୍ଡବତ୍ ନ୍ୟସ୍ତ କରି ଅଭିବାଦନରେ ରାମଙ୍କର ପରିଚୟ ଜିଜ୍ଞାସା କଲା । ରାମଙ୍କର ପରିଚୟ ପାଇ ସୂର୍ପଣଖା ନିଜର ଅନୁରାଗ ଜଣାଇ ରାମଙ୍କୁ ବରଣ କରିବାକୁ ଇଚ୍ଛା ପ୍ରକାଶ କଲା । ତାହାର ନିଃସଙ୍କୋଚ ଅନୁରାଗ ପ୍ରକାଶ ରାମଙ୍କ ମନରେ କୌତୁକ ସଞ୍ଚାର କଲା । ସେ ବନବାସୀ ଅଯୋଧ୍ୟାରୁ ନିର୍ବାସିତ, ବନ୍ଧୁଜନ ସଙ୍ଗରୁ ବଞ୍ଚିତ । ସେ ଅଟ୍ଟହାସ୍ୟ କରି ଉଠିଲେ । ପରେ କହିଲେ—ତାଙ୍କର ପତ୍ନୀ ବର୍ତ୍ତମାନ ଏବଂ ସୂର୍ପଣଖା ଅବିବାହିତ ଲକ୍ଷ୍ମଣଙ୍କ ସମୀପକୁ ଯିବାପାଇଁ ଅନୁରୋଧ କଲେ । ଲକ୍ଷ୍ମଣ ମଧ୍ୟ ରୂପବାନ ପୁରୁଷ—ସୂର୍ପଣଖା ଲକ୍ଷ୍ମଣଙ୍କ ନିକଟକୁ ଗଲା । କୌତୁକପ୍ରିୟ ହୃଦୟର ଉପହାସ କରିବେ ବୋଲି ରାମ ଲକ୍ଷ୍ମଣଙ୍କୁ ଅବିବାହିତ ବୋଲି ସୂର୍ପଣଖାକୁ ବଞ୍ଚନା କଲେ ।

ସୂର୍ପଣଖା ଲକ୍ଷ୍ମଣ ସମୀପକୁ ଯିବାରୁ ଲକ୍ଷ୍ମଣ ତାହାକୁ ରାମଙ୍କର କନିଷ୍ଠ ସହଧର୍ମିଣୀ ହେବା ପାଇଁ ଉପଦେଶ ଦେଲେ ।

ରାମ ଲକ୍ଷ୍ମଣଙ୍କ ନିକଟରେ ନାରୀ ପୀଡ଼ନକ ହୋଇ ଉଠିଲେ । ସୂର୍ପଣଖା ଏମାନଙ୍କର ପରିହାସ ବୁଝିପାରି କ୍ରୋଧାନ୍ୱିତା ହେବାରୁ ଲକ୍ଷ୍ମଣ ଦେଖିଲେ କୌତୁକ ଉପଭୋଗ ଆଉ ବେଶିକ୍ଷଣ ସ୍ଥାୟୀ ହେବ ନାହିଁ । ସେ ଚରମ ଆନନ୍ଦ ଉପଭୋଗ କରିବା ପାଇଁ ସୂର୍ପଣଖାର ନାସା ଓ କର୍ଣ୍ଣ ଛେଦନ କଲେ ।

ସୂର୍ପଣଖା ଯେତେବେଳେ ରାମ ସକାଶେ ଆସିଥିଲା ସେତେବେଳେ ତାହାର ଲାବଣ୍ୟମୟୀ ରୂପା ହୋଇଥିଲା—କିନ୍ତୁ ରାମାୟଣ ଅନାର୍ଯ୍ୟା ନାରୀର ଲାବଣ୍ୟକୁ ରାକ୍ଷସୀର ଛଦ୍ମବେଶ କହିଅଛି ।

Digitized by srujanika@gmail.com

ଦଣ୍ଡକର ଦୁର୍ଗମ ଅରଣ୍ୟାନୀ । ପ୍ରେମ ସୁନ୍ଦର ଅସୁନ୍ଦର ଜାତି ଧର୍ମ ନିର୍ବିଶେଷରେ ସକଳ ହୃଦୟକୁ ଅଧିକାର କରେ । ଏହା ଯୌବନର ମଧୁରତମ ଅଭିବ୍ୟକ୍ତି । ଏଥିରେ କୌଣସି ଅପରାଧ ନାହିଁ । ଅନାର୍ଯ୍ୟା ନାରୀର ଅନୁରାଗ କାମ ଓ ସୁନ୍ଦର ଜୀବନ-ଯାତ୍ରାର ବଂଶପ୍ରାନ୍ତ ଅସହ୍ୟ ପ୍ରେମ ଲୁହାଯାଇଛି କାହିଁକି ? ସମସ୍ତଙ୍କର ଅନୁରାଗ ପ୍ରକାଶ କରିବାର ଅଧିକାର ଅଛି । ଏହା ଶୂର୍ପଣଖା ପକ୍ଷରେ ଯେପରି ସ୍ୱାଭାବିକ—ତାହାର ପ୍ରେମର ପ୍ରତିଦାନ ଦେବାପାଇଁ ରାମଙ୍କର ଅକ୍ଷମତା ମଧ୍ୟ ସେପରି ସ୍ୱାଭାବିକ ।

ରାମଙ୍କର ଶୂର୍ପଣଖାର ପ୍ରେମ ପ୍ରତ୍ୟାଖ୍ୟାନରେ କୌଣସି ଅପରାଧ ହୋଇନାହିଁ କିନ୍ତୁ ନାରୀର ଅନ୍ତରର ସୂକ୍ଷ୍ମତମ ସତ୍ତା ନେଇ ରଙ୍ଗ ରସ କଲେ କାହିଁକି ? ଏହା ହୃଦୟର ହୀନତାର ପରିଚୟ ଦେଇ ଅଛି । ତାପରେ ନାରୀର ଅଙ୍ଗଚ୍ଛେଦ କରିବା ପୌରୁଷର କେଉଁ ପର୍ଯ୍ୟାୟରେ ପଡ଼େ । ତାହା ସତ୍ତ୍ୱେ ଏତେ ବଡ଼ ହୀନତା ଓ ନିଷ୍ଠୁରତାର ପରିଚୟ ଦେଇ ସୁଦ୍ଧା ଲକ୍ଷ୍ମଣ ରାମାୟଣରେ ମନୁଷ୍ୟତ୍ୱ ସ୍ତରରୁ ଓହ୍ଲାଇ ଯାଇ ନାହାନ୍ତି ବରଂ ସେ ଦେବତା ହୋଇ ପଡ଼ିଛନ୍ତି । ନାରୀର ଲାଞ୍ଛନା ରାମାୟଣରେ ହାସ୍ୟରସର ସୃଷ୍ଟି କରିଛି ।

ବାଲ୍ମୀକି ଶୂର୍ପଣଖାକୁ ରାକ୍ଷସୀ ବୋଲି ଗାଳି ଦେଲେ—ଲକ୍ଷ୍ମଣର ପାପ କ୍ଷୟ ହୋଇଗଲା । ଏତେବଡ଼ ନିଷ୍ଠୁର ଆଚରଣ ବାଲ୍ମୀକିଙ୍କ ମନରେ ଦୟାର ସଞ୍ଚାର କଲାନାହିଁ ।

ନାରୀ ଯେଉଁ ଦେଶରେ ଲାଞ୍ଛିତା, ଅତ୍ୟାଚାରିତା ହୋଇ ଆସିଅଛି ସେଇ ଦେଶରେ ନାରୀକୁ ଦେବୀ କୁହାଯାଏ । ମଣିଷର ଅଧିକାର ଯାହାର ନାହିଁ ସେ ଦେବୀ । ଯେଉଁଠି ଅପରାଧ ଯେତେ ଗଭୀର ପ୍ରତାରଣା ମଧ୍ୟ ସେଇଠି ସେତେ ବେଶି । ସୀତାଙ୍କର ଅଗ୍ନି ପରୀକ୍ଷା ଇତ୍ୟାଦି ନାରୀତ୍ୱର ଗୌରବ ନୁହେଁ— ଅପମାନ ।

ଭଗିନୀର ଏହିପରି ଅପମାନନାରେ ରାବଣ ପ୍ରତିଶୋଧ ନେବା ପାଇଁ ଚେଷ୍ଟା କରିବେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଅବଶ୍ୟ ସୀତାଙ୍କ ହରଣ ହେଲା । ରାବଣକୁ ରାକ୍ଷସ ପର୍ଯ୍ୟାୟରେ ପକା ହୋଇଛି । କିନ୍ତୁ ସେ ସୀତା ପ୍ରତି ଆଚରଣ କରିଥିଲେ—ଜନକନନ୍ଦିନୀର ମର୍ଯ୍ୟାଦା ସେ ନଷ୍ଟ କରି ନାହାନ୍ତି । ସୀତାଙ୍କର ଅଗ୍ନି ପରୀକ୍ଷାରେ ତାର ପ୍ରମାଣ ଅଛି । ମନୁଷ୍ୟ ସର୍ବଦୋଷ ଶୂନ୍ୟ ହୋଇ ପାରେନାହିଁ—କିନ୍ତୁ ଯାହା ଅତୀତର ସେଥିରେ ପୌରୁଷର ଅପଲାପ କରି ହାସ୍ୟରସ ସୃଷ୍ଟି କରିବା ଦ୍ୱାରା ମାନବ ମନର ସୂକ୍ଷ୍ମତାର ପରିଚୟ ଦିଆ ହୋଇଛି ।

——*——

## କୁଟ୍ କୁଟ୍

ବିବାହର ଉପହାରମାନ ଗୋଟିଏ ଘରେ ସଜା ହୋଇ ରହିଥିଲା । ଗୋଟିଏ ଜାଗାରେ ଖଣ୍ଡେ ଦଶ ହଜାର ଟଙ୍କାର ଚେକ ରଖା ଯାଇଥିଲା । ଆମନ୍ତ୍ରିତ ଭଦ୍ରବ୍ୟକ୍ତିମାନେ ଉପହାର ଦେଖୁଁ ଦେଖୁଁ ଜଣେ ଭଦ୍ରଲୋକ ଚେକ ଖଣ୍ଡକ ଉଠାଇ ଟିକିଏ ହସି ପୁଣି ଯଥା ସ୍ଥାନରେ ରଖିଦେଲେ ।

ସମସ୍ତେ ଚାଲିଗଲା ପରେ ବର ତାଙ୍କ ଶଳାକୁ ପଚାରିଲେ ସେ ଭଦ୍ରଲୋକଟି କିଏ ଯେ ଚେକ ଖଣ୍ଡିକ ଉଠାଇ ଟିକିଏ ହସି ପୁଣି ରଖିଦେଲେ ।

ଶଳା ଉତ୍ତର ଦେଲା—"ସେ ପରା ବ୍ୟାଙ୍କ ମ୍ୟାନେଜର ।"

\+ \+ \+

କେତେକ ଭଦ୍ରଲୋକ ଓ ଭଦ୍ରମହିଳା ଖାଇବା ଟେବୁଲ ପାଖରେ ବସି ଗପ କରୁ କରୁ କଥା ପଡ଼ିଲା ଯେ ସ୍ତ୍ରୀ ଲୋକଙ୍କ ପାଖରେ କୌଣସି କଥା ବିଶ୍ୱାସ କରି କହିବା ନାହିଁ—ସେମାନେ କୌଣସି କଥା ଗୁପ୍ତ ରଖି ପାରନ୍ତି ନାହିଁ ।

ଜଣେ ଭଦ୍ରମହିଳା ଚଟ୍ କ ଉତ୍ତର ଦେଲେ— "ମୋତେ ୨୭ ବର୍ଷ ବୟସରୁ ମୁଁ ମୋ ବୟସ କଥା ଗୁପ୍ତ ରଖି ଆସିଛି ।"

ଭଦ୍ରଲୋକ କହିଲେ—"ତେବେ ଆପଣ ନିଶ୍ଚୟ କହି ପକେଇବେ ।"

"ମଲ ମୁଁ ପଚର କେତେ ହେଲା ସେମିତି ଲୁଚେଇ ଆସିଛି—ମୁଁ ଭାବୁଛି ସବୁଦିନେ ପାରିବି ।"


## ବିଜ୍ଞାପନ

ମୟୂରଭଞ୍ଜର ମହାରାଜାଙ୍କର ଶୁଭଜନ୍ମ ବାସର ଉପଲକ୍ଷରେ ଜନ୍ମୋତ୍ସବ ସମିତି ଓଡ଼ିଆରେ ଶ୍ରେଷ୍ଠ ନାଟକ ଲେଖକଙ୍କୁ [illegible] ଟଙ୍କା ପୁରସ୍କାର ଦେବାର ଘୋଷଣା କରିଛନ୍ତି । ଏହି ପୁରସ୍କାର ପାଇଁ ପ୍ରେରିତ ନାଟକ ସମ୍ପୂର୍ଣ୍ଣ ମୌଳିକ ଏବଂ ଅଭିନୟୋପଯୋଗୀ ହେବା ଅବଶ୍ୟକ ପୂର୍ବରୁ ପ୍ରକାଶିତ ବା ଅଭିନୀତ ନାଟକ ଗ୍ରହଣୀୟ ହେବନାହିଁ ।

ଚଳିତ ବର୍ଷ ପୁରସ୍କାର ପ୍ରତିଯୋଗିତା ପାଇଁ ପ୍ରେରିତ ନାଟକ ଅଗଷ୍ଟ ୧୫ ତାରିଖ ସୁଦ୍ଧା ଜନ୍ମୋତ୍ସବ ସମିତିର ସମ୍ପାଦକ ଗ୍ରହଣ କରିବେ ।

ସମ୍ପାଦକ
ଶ୍ରୀ ସୁରେଶଚନ୍ଦ୍ର ଦାସ
ଜନ୍ମୋତ୍ସବ ସମିତି—ବାରିପଦା


Digitized by srujanika@gmail.com

# ମିଠା କଡ଼ା

ଏଇ ଯୁଗ ବଜାରରେ ଯୁବ ସନ୍ତାନ ବି ବଜାର ଗରମଟା ଛଡ଼ୁନାହିଁ—ହେଲା ଯେତେବେଳେ ଉତ୍କଟ—ଖାଲି ଚାହୁଁଛି ଯିଏ ତାଳ ଖଣ୍ଡ ଖଣ୍ଡ କରି ଅପରେ ନଷ୍ଟ ହେବ କିମ୍ବା ଯାହାରେ ହଟ୍‌ହେଲେ, ଯାହାକୁ ଯେତେ। ସେତେବେଳେ କଲିକତା ମହଲରେ ଅଛି ବେଶ୍ୟା ଉପନ୍ତେ ବାହାର ନା କହିବ ଫେଶନ ବଜାରରେ ଅଧୁନିକ ଭଦ୍ର ଲୋକଙ୍କ ଘର ଗଢ଼ି ନ ହେଲା କାହିଁକି ?

କଥାଟା ଉଠିଲା, କଳ୍ପ ଶିଳ୍ପୀଙ୍କ ହୁଣ୍ଡୁକୁ। କଲିକତା ଅଭିନ ବର ବେଶ୍ୟା ଉଠାଇ ଦେଲା—ଅଛି କହିବ ବନା ଅଭିନରେ ଭିତର ଭଜମତ ଦ୍ୱାରା ବେଶ୍ୟା ଚୋଉ ଦେଲା। ଉଦ୍ଭବ ବ ବାଦ ଗଢ଼ନାହିଁ ସୁନାମ ଅର୍ଜନରେ। ପଇସା ଅଭାବରୁ ପେଟ ବଳରେ ସିନା ମାଇପେ ବେଶ୍ୟାପଣ କରୁଥିଲେ—ଏବେ ତ ପଇସା ମିଳିଲା—ଆଉ ଦୁଃଖ କ'ଣ ?

କେହି କେହି ଅଧୁନିକ କହନ୍ତି ବେଶ୍ୟାଗୃ ଗୋଟାଏ ପ୍ରତିଷ୍ଠା। ସମାଜର ସତୀତ୍ୱ ରଖିବାର ତତ୍ପରତା ଫଳରେ ଏହାର ଉତ୍ପତ୍ତି। ଏ କଥାଟାକୁ ମାନି ନେଲେ ଧରିବାକୁ ହେବ ମଣିଷର ବା ନାରୀର ଏକାଧିକ ପୁରୁଷ ଦ୍ୱାରା ରମିତ ହେବାର ଗୋଟାଏ ମାନସିକ ଅଦମ୍ୟ ସ୍ୱାଭାବିକ ଇଚ୍ଛା ଅଛି—ଯାହାକୁ ତତ୍ପରତା ଦମନ କଲେ ଫ୍ରଏଡ଼ଙ୍କ ମତାନୁସାରେ ଗୋଟାଏ ବେଶ୍ୟାଗ୍ରନ୍ଥି ବା Complex ସୃଷ୍ଟି ହୋଇ ଯାଉଛି। ସେଇ ଦମନଟା କରିବ ନୁହେଁ ଅପେ ଅପେ ନାନା ଧୂର୍ତ୍ତର ଭୋଗ ପରେ ନାରୀ ପୁଣି ଏକ ପୁରୁଷବ୍ରତା ହୋଇଯିବ।

ତ୍ୟାଗପନ୍ଥା, ଭୋଗପନ୍ଥା। ଭୋଗପନ୍ଥାରେ ମନୁଷ୍ୟ ଅତି ପଥ ଆଦରର ବା ସେହି ତ୍ୟାଗହିଁ ଶେଷରେ କରିବ। ଭୋଗର ବାସନାର ତାର ରହିବ ନାହିଁ। ଅଛି ତ୍ୟାଗରେ ମଣିଷ ଭୋଗ କରିବାର କାମନାରେ ଦଗ୍ଧ ହୋଇ ଉପରେ ତ୍ୟାଗୀରୂ ଦେଖାଇ ଭିତରେ ଚାଲି କାମନା ସ୍ତୂପ ଜଟି ମିଥ୍ୟାଚାର କରିବାର ଅର୍ଥ ତ୍ୟାଗ ନୁହେଁ ବରଂ ଅଧିକ। ଭୋଗ ପ୍ରୟାସ। ପୁଣି "ନ ଜାତୁ କାମଃ କାମାନାଂ ଉପଭୋଗେନ ଶାମ୍ୟତି।" ଏଥିରୁ ସପକ୍ଷ ବିପକ୍ଷ ଯୁକ୍ତି।

କେହି କେହି କହନ୍ତି ବେଶ୍ୟାବୃ ସମାଜକୁ ରକ୍ଷା କରିଛି। ନାରୀର ସତୀତ୍ୱକୁ ରକ୍ଷା କରିଛି। ପୁରୁଷ ନାରୀଠାରୁ ଅଧିକ କାମ ବିଳାସୀ। ତେଣୁ ପୁରୁଷର କାମ ବିଳାସର ଖାଦ୍ୟ ଯଦି ବେଶ୍ୟା-ମାନେ ଯୋଗାଇ ନ ଥାନ୍ତେ ତେବେ ପୁରୁଷମାନେ ଅଛି ଦଳ ଗୃହସ୍ଥ ଘରକୁ ଲୋଡ଼ିବେ କହନ୍ତି—ଯଦିଓ ସେମାନେ ଝିଅ ନୁହନ୍ତି ତଥାପି ତାଙ୍କ ମତରେ—ଏଇ ପୁଞ୍ଜିବାଦ ଯୁଗରେ, ମାଲିକାନା ଯୁଗରେ, ଭୂସମ୍ପତ୍ତିଧିକାର ଯୁଗରେ, ସେ ଯୁଗର ସ୍ୱାଭାବିକ ଧର୍ମ ହେଉଛି ବେଶ୍ୟାବୃ। ପୁରୁଷର ମୋର ବୋଲି—ମୋର ଏକଲା କହିବାର ମୋହରୁ ବେଶ୍ୟାବୃର ସୃଷ୍ଟି। ଅର୍ଥାତ୍ ଏକାକୀ ନାରୀକୁ କହିବାର ମୋହରୁ ଯାହାକୁ ମୋର ବୋଲି କହିବା ଫଳରେ ସେ ଗୋଟାଏ ସତୀତ୍ୱର ମାନ୍ୟ-ତାର ବୁଝିଲା। ତା ଭିତରେ ଯିଏ ପଡ଼ିଲେ ପଡ଼ିଲେ, ଯିଏ ନ ପଡ଼ିଲେ ତା ହୋଇ ଦେଇ ସ୍ୱଳିତ—ପୁରୁଷ ପକ୍ଷପାତୀ ସମାଜ ତାକୁ ଅସତୀ ବେଶ୍ୟା ଆଖ୍ୟା ଦେଇଥିଲା।

ଏଥିରୁ ଯୁକ୍ତିରୁ ଜଣାପଡ଼ୁଛି ବେଶ୍ୟାବୃଟା କଲିକତା କଥାରେ ମାର୍କା ମରା ହୋଇ ରହିଥିଲା ସେଇଟା ଅଛି ନାହିଁ। ଯେଉଁଟାକୁ ଅନେକ ଖରାପ ବୋଲି କହୁଥିଲେ ସେଇଟାକୁ ଏବେ ଭଲ ବୋଲି କହି ତ୍ୟାଗ କରିବା ବଦଳରେ ଗ୍ରହଣ କରିବା, ବେଶ୍ୟାଙ୍କୁ ସମ୍ମାନରେ ବରଣ କରିବା ଫଳରେ ଅନ କଲିକତା ଭଦ୍ରଲୋକଙ୍କ ଘରକୁ କଣ୍ଠ ସୈନ୍ୟ ଅସନ୍ତୁଷ୍ଟ ହୋଇ ଅଶାନ୍ତ ଓ କହିବାର କୋଠା ଉପର ମାନଙ୍କରେ ଶ୍ରେଣୀଗତ ସମ୍ମାନ ଦେଇ ହୋଇ ଯାଉଛନ୍ତି। ଅବଶ୍ୟ ସେଇଟା ଅମୃତ ବଜାରର Matrimonial columnର ଏକ ଅଭିନବ ଓ ବାସ୍ତବ ସଂସ୍କରଣ ହୋଇପାରେ। ତଥାପି ବିବାହ ହେବା ପାଇଁ ଯୁବକର ବିଜ୍ଞାପନ ଦେଲାଟାକୁ ବି ଯେବେ ସମାଜ ବିଜ୍ଞାପନ କରୁଥିଲା। ଅନ ଅନେ ତାକୁ ଭଦ୍ରତା ବୋଲି ମାନି ନେଉଥାଇ।

ଶିକ୍ଷକାବନ୍ଧୁ କହନ୍ତି—ବୁଦ୍ଧିସମ୍ପନ୍ନ ରମଣୀ ତାହାଙ୍କୁ ତାହା-ରେ ଯା ବ ଭେସ, ପୁରୁଣା, ଅପରିଷ୍କାର ଲୁଗା ପିନ୍ଧି ଯାଆନ୍ତି। କାହିଁ ମରହଟ୍ଟା ଅମଳ ଲେଖ। ଅଛି ରସ୍ତାରେ ଲୋକଙ୍କ ଆଗ ଗାଧୋଇ ପାଧୋଇ ମଥାରେ ସିନ୍ଦୂର ବଉଳ ଅଳତାରେ ବେଶ ପରିପାଟୀ କରି ଦୁଇ ଦୁଇ ବୋଲି ବୋଲି ମନେ ଝୁଲି ଝୁଲି ତାଙ୍କ ଚାଲିକୁ ଅନୁସାରିକା ହୋଇ ଅଛିବେ—ସେ ପୁଣି ମାସେ ପଚିଶ ଥରେ—ଯେଉଁ ଦିନ ତାଙ୍କର ଇଚ୍ଛା ହବ। ଶିକ୍ଷକାବନ୍ଧୁ ଯଦି ମନ କରି କହନ୍ତି କହିବେ ତ କଥା—ଏ ଦେଶର ଗୃହସ୍ଥଙ୍କ ଗେହ ଭୁଲ ପଡ଼ୁଥିବା।

ବୁଦ୍ଧିସମ୍ପନ୍ନ ରମଣୀଟା ନାରେ ଏଇନି କହିବାକୁ ଶାନ୍ତି-ନତାର ଅଭାବ କହି ପାରନ୍ତି। ଶିକ୍ଷକାଙ୍କର ଅଛି ଗୋଟିଏ ସାନ ନଣନ୍ଦ ରମଣୀ ଅଛି, ସେ ନାରୀଙ୍କ ଘାଁ ନଥା। ସୁତରାଂ ଶାନ୍ତିନତାର ରମଣୀ ଅଛି, ସେ ନାରୀଙ୍କ ଘାଁ ନଥା। ସୁତରାଂ ଶାନ୍ତିନତାର ଅଭାବ ନାହିଁ ଏବଂ ଶାନ୍ତିନତାର କହୁଥିବା ଯାହାଙ୍କୁ ବୁଦ୍ଧିସମ୍ପନ୍ନ ତାହା ହେଉଛନ୍ତି—ଘର ତାଙ୍କ ନା ହେଉ ଗୋଟାଏ ହୋଇଥିବ ଯଥା—ଶୀଳା, ଇନ୍ଦିରା ଇତ୍ୟାଦି ଇତ୍ୟାଦି। କାରଣ ନା ଥିବା ମନା—ତାଙ୍କୁ ଛାଡ଼ିଦେଲେ ଦୁନିଆର ତାଙ୍କ ସମସ୍ତେ ତ ମୋର ଭଉଣୀ। କାରଣ ପର ନାରୀ ମାତ୍ରେ ମାତୃବତ୍ ହୋଇଥିଲେ ନାରୀ-ଭଉଣୀ। କାରଣ ପର ନାରୀ ମାନେ ମାତୃବତ୍ ହେଲେ ଦାର-ମାନଙ୍କର କନ୍ୟା ସହଜ ଗଣିତ ସୁତରାଂ ଅବିବାହିତ, ବିଧବା, ବେଶ୍ୟା, ଗଣିକା, ସଧବା ନବୋଢ଼ା ଯିଏ ଯିଏ ନାରୀ ନୁହନ୍ତି ସେମାନେ ମୋର ଭଗ୍ନୀ। ସମସ୍ତଙ୍କୁ ଯଦି ଭଗ୍ନୀ ସମ୍ମାନ ଦେବ ତେବେ ଅଛି କଥା କି କହି ହେବନାହିଁ।

ଶିକ୍ଷକା କହନ୍ତି ପ୍ରଶଂସା କରନ୍ତି ତାଙ୍କ ଭଉଣୀ ଇନ୍ଦିରାଙ୍କର ଉପରକୁ। ସେ ଘରେ ଯେମିତି ପାଟେ ସେମିତି ଥାଆନ୍ତି—ଜଣେ ଚଞ୍ଚଳ। ଘର ମଝିଅ ବୋଲେ ଝିଅ, ନାକ ବୁଡ଼ା ହେବାରେ ଚିନ୍ତା ନାହିଁ। ଘର ମଝିଅ ବୋଲେ ପିନ୍ଧି, ନାକ ବୁହା ହେବାରେ ଅଧୂଆ ପାଇଖାନା ଗଲ ଲୁଗାରୁ ଛଡ଼ାଇ ବୁଦ୍ଧିମନ୍ତଙ୍କ ପାଖକୁ ପ୍ରେମ

( ଅବଶିଷ୍ଟାଂଶ ୧୩ ପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com



**ଚତୁରଙ୍ଗ** — ମାସିକ ପତ୍ର । ପ୍ରଥମ ବର୍ଷ, ପ୍ରଥମ ସଂଖ୍ୟା । ପ୍ରତିସଂଖ୍ୟା ୫୦ପ, ବାର୍ଷିକ ୫୮ । ଫାଇନ ଗ୍ଲେଜପେପର—ପୃ୭୨ସ୍ତୁ । ବଲାଙ୍ଗିର, କୋଶଳ କଳା ମଣ୍ଡଳ ଦ୍ୱାରା ପ୍ରକାଶିତ ।

ସାହିତ୍ୟାନୁରାଗୀଙ୍କ ପୃଷ୍ଠପୋଷକତାରେ କୋଶଳକଳା ମଣ୍ଡଳ ଯେପରି ଗଢ଼ି ଉଠିଛି ସେଥିରେ ତାର ମୁଖପତ୍ର ଖଣ୍ଡିଏ ରହିବା ଏକାନ୍ତ ପ୍ରୟୋଜନ ଥିଲା । 'ଚତୁରଙ୍ଗ' ପ୍ରକାଶ କରି ମଣ୍ଡଳ ସେ ଅଭାବ ଦୂର କରିବା ସଙ୍ଗେ ସଙ୍ଗେ ଦେଶର ମଧ୍ୟ ଗୋଟିଏ ପ୍ରଧାନ ଅଭାବ ପୂରଣ କରିଛନ୍ତି । ଚତୁରଙ୍ଗ ପତ୍ରରେ ରଙ୍ଗିନ୍ ଚିତ୍ରମାନ ଥିବାରୁ ମନେହୁଏ ଓଡ଼ିଆର ପତ୍ର ପତ୍ରିକାମାନଙ୍କ ପରି ଏହାର ଅକାଳ ବିଲୟ ନଘଟି ବରଂ ଅଭିବୃଦ୍ଧି ଘଟିବ । ଆଶାକରୁଁ ଉତ୍ତରେ ଏହାର ମୁଦ୍ରଣରେ ଉନ୍ନତି ହେବ ଓ ପ୍ରଚ୍ଛଦପଟ ବର୍ଣ୍ଣବହୁଳ ଚିତ୍ର ପରିଶୋଭିତ ହେବ ।

ଏହି ସଂଖ୍ୟା ଓଡ଼ିଆର ବହୁ ଲବ୍ଧପ୍ରତିଷ୍ଠ ଲେଖକଙ୍କର ରଚନାମାନ ଧାରଣ କରି ଗୌରବ ମଣ୍ଡିତ ହୋଇଛି । ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଚତୁରଙ୍ଗର ଭବିଷ୍ୟତ ଏଥିରୁ ସ୍ପଷ୍ଟ ଜଣାପଡ଼େ ।

ଆମ୍ଭେମାନେ ଏହି ନୂତନ ସହଯୋଗୀଙ୍କୁ ସ୍ୱାଗତ କରି ସାଦର ସମ୍ଭାଷଣ ଜଣାଉଛୁଁ ।

ପ୍ରବନ୍ଧ, ଆଲୋଚନା, କବିତା, ଗଳ୍ପ, ଭ୍ରମଣବୃତ୍ତାନ୍ତ, ନାଟ୍ୟ ପ୍ରଭୃତି ବହୁଭାଷାସ୍ଥ ଉପାଦେୟ ବିଷୟ ଏ ସଂଖ୍ୟାରେ ସ୍ଥାନିତ କରିଥିବାର ଦେଖି ଆନନ୍ଦିତ ହେଲୁଁ । ତନ୍ମଧ୍ୟରେ ଶ୍ରୀ କାଳିନ୍ଦୀବାବୁଙ୍କ ଗଳ୍ପ—'ଜନ୍ମଦିନ', ରାଜକିଶୋର ବାବୁଙ୍କର ପ୍ରବନ୍ଧ—'କଳା ଓ ନାସ୍ତିବାଦ', ଗୋପାଳ ବାବୁଙ୍କର ଆଲୋଚନା—'କଳାରେ ରୂପ ଓ ନବ ସୌନ୍ଦର୍ଯ୍ୟ', ଲକ୍ଷ୍ମୀଧର ବାବୁଙ୍କର କବିତା—'ତେପାନ୍ତରର ଡାକ' ଓ କୁମାର ବ୍ରଜେନ୍ଦ୍ରନାରାୟଣଙ୍କ କବିତା—'ଅନାଗତ' ପ୍ରଧାନ ।

ସମ୍ପାଦକ 'ଚତୁରଙ୍ଗ' ଶବ୍ଦର ବ୍ୟାଖ୍ୟାଟିଏ ଦେଇ କହିଅଛନ୍ତି ଯେ "କୃଷ୍ଟିର ଚାରୋଟି ଅଙ୍ଗ । ଯଥା—ସାହିତ୍ୟ, ଚିତ୍ରକଳା, ସଙ୍ଗୀତ ଓ ନୃତ୍ୟ । ଏହି ଅନୁସାରେ ପ୍ରଚ୍ଛଦପଟରେ ମୁଦ୍ରିତ ଚିତ୍ରଟିଏ ମଧ୍ୟ ଦିଆ ହୋଇଛି ।

ଆମେ ଜାଣିଛୁଁ, 'ନୀତି' ଚତୁରଙ୍ଗ—ଯଥା, ସାମ, ଦାନ, ଦଣ୍ଡ, ଭେଦ; 'ବେଦ' ଚତୁରଙ୍ଗ—ଅଥର୍ବବେଦ, ଋଗ୍ବେଦାଦି; ଜଗନ୍ନାଥ ଚତୁରଙ୍ଗ ଯଥା—ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ; ସେନା ଚତୁରଙ୍ଗ—ଯଥା—ରଥ, ଗଜ, ଅଶ୍ୱ, ପଦାତି; ଗୀତ ଚତୁରଙ୍ଗ—ଯଥା—ଅସ୍ଥାୟୀ, ଅନ୍ତରା, ଆଭୋଗ, ସଞ୍ଚାରୀ ଇତ୍ୟାଦି । କିନ୍ତୁ କୃଷ୍ଟିକୁ ଚତୁରଙ୍ଗରେ ସମ୍ପୃକ୍ତ କରି ଦେବା କେଉଁଠି ଦେଖା ନଥିଲୁଁ । ତେବେ ଯାହା ହେଉ ସେପରି ଗୋଟାଏ କଥା ଉଦ୍ଭାବିତ ହେବାର କୃଷ୍ଟି ସବୁ ଦିଗକୁ ସଂହତ କରିବାରେ ତହିଁରେ ଆପତ୍ତିର କାରଣ ନାହିଁ ଅବଶ୍ୟ । ମାତ୍ର ସାହିତ୍ୟ, ଚିତ୍ର, ସଙ୍ଗୀତ ଓ ନୃତ୍ୟରେ କୃଷ୍ଟିର ସବୁ ଅଙ୍ଗ ପର୍ଯ୍ୟବସିତ ହେଲା ପରି ଆମର ମନେ ହେଉନାହିଁ ଏବଂ ଗୋଟିଏ ଅଙ୍ଗ ଅନ୍ୟ ଗୋଟିକ ସହିତ ପରସ୍ପର ସମ୍ପର୍କିତ ହୋଇ ଯାଇଥିଲା ପରି ଜଣାଯାଏ । ଯଥା—"ଗୀତ, ବାଦ୍ୟ ଓ ନୃତ୍ୟ ତିନି ସଂଗୀତ" ଏଥିରେ ମତଦ୍ୱୈଧ ନଥିବା ସ୍ଥଳେ 'ନୃତ୍ୟ'କୁ ସଂଗୀତରୁ ବାହାର କରି ନେଇ ଗୋଟିଏ ସ୍ୱତନ୍ତ୍ର ଅଙ୍ଗରେ ପରିଗଣିତ କରା ହୋଇଛି । ଏଣେ କୃଷ୍ଟିର ଅନ୍ତର୍ଗତ ଅନେକ ପ୍ରଧାନ ଅଙ୍ଗକୁ ବାଦ ଦିଆ ଯାଇଛି । ଯଥା—ଭାସ୍କର୍ଯ୍ୟ, ସ୍ଥାପତ୍ୟ, ଧାତୁ, କାଷ୍ଠ, ସୂଚୀ ଚନ୍ଦନାଦି ଶିଳ୍ପ । ଏହାଛଡ଼ା ଅଗୃହ, ବ୍ୟବହାର, ସତ୍ତିନାଚ, ପଞ୍ଚ-ଯୋଦ୍ଧା ଅସଂଖ୍ୟ ବିଷୟ ତ ରହିଛି । ଏଥିପ୍ରତି ପତ୍ରିକାକାରମାନଙ୍କ ଦୃଷ୍ଟି ଆକର୍ଷଣ କରୁଛୁଁ । 'ନୃତ୍ୟ'ରେ ସଂଗୀତ ପର୍ଯ୍ୟାୟଭୁକ୍ତ କରି ସେହି ସ୍ଥାନରେ 'ଶିଳ୍ପ'କୁ ଗୋଟିଏ ସ୍ୱତନ୍ତ୍ର ଅଙ୍ଗ ବୋଲି ଧରିଲେ କିପରି ହେବ ତାହା ବିଚାର କରିବା ପାଇଁ ଆମ୍ଭର ଅନୁରୋଧ ।

**ଧରମପିଅ** — ଶ୍ରୀ ଘନଶ୍ୟାମ ମହାନ୍ତି । (ମହାପ୍ରସାଦ ଦ୍ୱାର—କଟକ) ପୃ୧୩୭ସ୍ତୁ, ମୂଲ୍ୟ—ଏକଟଙ୍କା ଚାରିଅଣା ।

ଧରମପିଅ ଗୋଟିଏ ଉପନ୍ୟାସ । ମୁଖବନ୍ଧରେ ଶ୍ରୀ ରାମପ୍ରସାଦ ସିଂହ ଲେଖିଛନ୍ତି ଯେ ଘନବାବୁଙ୍କର ପ୍ରଥମ ଉପନ୍ୟାସ ଲେଖା । ଅନେକ ସ୍ଥଳର ବର୍ଣ୍ଣନା, ଭାଷାର ଅଭାବ, ଶୈଳୀର ସ୍ୱରୂପ, କଳ୍ପନାର ଦୃଷ୍ଟି, ପର୍ଯ୍ୟବେକ୍ଷଣର ନିପୁଣତା ପ୍ରଭୃତିରେ ଯାହା ଦେଖିଲୁ ସେଥିରେ ପଦେ ଉପନ୍ୟାସ ଲେଖାରେ ଲେଖକ ଜଣେ ନୂଆଲୋକ ବୋଲି ବିଶ୍ୱାସ କରି ନପାରୁଁ । ପ୍ରକାଶ କରି ନଥିଲେ ମଧ୍ୟ ତାଙ୍କ ଆଙ୍ଗୁଳିରେ ରଂଗ ବସିଥିବ ଓ କଲମ କଞ୍ଚା ହୋଇଥିବ ଏକଥା ନିଶ୍ଚୟ । ନୂଆ ଲେଖକ ହାତରୁ ଏଭଳି ଲେଖା ବାହାରିବା ଅସମ୍ଭବ । ଅବଶ୍ୟ ଯଦି ବାହାରେ, ତେବେ ସେ ଏ ଲାଇନରେ ଜଣେ କ୍ଷଣଜନ୍ମା ପୁରୁଷ ହୋଇଥିବେ । ଏହା ଗୋଟିଏ ଆଧୁନିକା ସ୍କୁଲ ଗାର୍ଲର ଆତ୍ମକାହାଣୀ । ଆତ୍ମକାହାଣୀ ହିସାବରେ ଦେଖିବାକୁ ଗଲେ ଲେଖାଟି ଏତେ ସ୍ୱାଭାବିକ ଓ ବାସ୍ତବ ହୋଇଛି ଯେ ମନେହୁଏ ଘନବାବୁ ନୁହନ୍ତି, ପ୍ରକୃତରେ ବାସନ୍ତୀ ନିଜେ ଏହା ଲେଖିଛି । ଏହିଠାରେ ଲେଖାର ବଡ଼ ବାହାଦୁରୀ । କିନ୍ତୁ ଏହା ଓଡ଼ିଆ ସମାଜରେ ଖାପ ଖାଇଲା ଭଳି ଜଣା ଯାଉନାହିଁ ।

ଆଧୁନିକ ସାଧାରଣ ଭଦ୍ର ସମାଜର ଯେଉଁ ସବୁ ଚିତ୍ର ସଙ୍ଗେ ଅଙ୍କିତ କରା ହୋଇଛି, ସେଥିରୁ ମେଞ୍ଚାଏ ଆଣି ଲେଖକ ଆଗ ଆଣି ଆଗରେ ଥୋଇଦେଇଛନ୍ତି । ଏଥିରୁ ଏହା ଗୋଟିଏ ଉଚ୍ଚ ଭାବାତ୍ମକ ଉପନ୍ୟାସ ଭିତରେ ସ୍ଥାନ ପାଇ ନପାରେ । ମାତ୍ର ଏହା ଯେ ଅନେକଙ୍କର ଶୁଖିଲା କଣ୍ଠ ତୃପ୍ତ କରି ଦେବ ଏଥିରେ ସନ୍ଦେହ ନାହିଁ । ପଥଭ୍ରାନ୍ତ ସମାଜକୁ ବାଟରେ ଆଣିବାକୁ ଏହା ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଉପୁଜୁଥିବା ଅନେକ ସାମାଜିକ ଓ ପାରିବାରିକ ସମସ୍ୟା ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବ । ସମସ୍ତଙ୍କ

Digitized by srujanika@gmail.com

ଅଲ୍ପବୟସ୍କା ପାଠୋଇ କିଶୋରଙ୍କର ମତିଭ୍ରମ କରାଇ ପାରିଲେ ମଧ୍ୟ ଆମରେ ମନେ ହୁଏ ହିଁ ଓ ଅଭିଭାବକମାନଙ୍କର ଉପକାର କରିବ ଅଧିକ ।

ଏ ପୁସ୍ତକରେ ବାସନ୍ତୀ ଯେପରି ହୃଦୟ ଢାଳି ଦେଇ ଆତ୍ମକଥା କହି ଯାଇଛି ଯେ ପଢ଼ିବ ତାହାର ଅନ୍ତର ସ୍ପର୍ଶ କରିବ । ଶ୍ରୀନାଥ ପ୍ରତି ଘୃଣା ସଙ୍ଗେ ସଙ୍ଗେ ବାସନ୍ତୀ ଓ ତାର ପିତାଙ୍କ ପ୍ରତି କରୁଣାର ଉଦ୍ରେକ ହେବ ।

ଯାହାହେଉ, ବୈଷୟ ହିସାବରେ ମହାପ୍ରସାଦ ବ୍ରାଦର୍ସର ଏହି ପଚପଚିଆ ଚଢ଼େଇନଦା ତତଲ ପିଠା (hot cakes) ଭଳି ଉଡ଼ିଯିବ ଗୁମ୍ ଗୁମ୍ ହୋଇ ବଜାରରେ ଓ ଏହି ପଢ଼ିବାର ଆଗ୍ରହ ବୃଦ୍ଧି କରିବ ।

ସଙ୍କେତ ପ୍ରସ୍ତାବ "?" ଚିହ୍ନିତ ରହସ୍ୟ ମୟ— ସମ୍ଭବତଃ ଅନୁବୃତ୍ତି ରୋହାନଙ୍କ । ଦ୍ୱିତୀୟ ସଂସ୍କରଣ ଦ୍ରଷ୍ଟବ୍ୟ । ସଙ୍କେତ ଟାଇଟେଲ ଥିବା— "ଗାଲରେ ଚାପ କାହା ବସିଗଲା" ପଙ୍କ୍ତିରେ "ଗାଲରେ ବସିଗଲା—ଧଡ଼ାମ୍ !" କଲେ ଭଲ ହୁଅନ୍ତା ନାହିଁକି ? ଭୟ ହେଉଛି ବାଚନୀର ଚପଳ ଆଉ କଣ୍ଠେ କରନ୍ତୁ ।

———

( ମିଠାବଡ଼ା ୧୧ ପୃଷ୍ଠା ଉତ୍ତରୁ )

ସମ୍ଭାଷଣ କରି ଅସନ୍ତି—'ହାଇଗୋ ହାଇଗୋ ପାଣେଶ୍ୱର ।'

କିନ୍ତୁ ବାହାରକୁ ବାହାରିଲା ବେଳକୁ କେତେ ବେଶ ନେବ କିଏ । ଖାଲି ପଛଆଡ଼େ ବେଣ୍ଟେଇ ଧରି ଓସ୍ତାଦ-ଗିରି କରି ଶିଖିଥିଲେ ପଇସାର ଆଉ ଅଭାବ ପଡ଼ନ୍ତା ନାହିଁ ।

ଏଇ ଯଉଁ ଫେସନ—ଏଇ ଯଉଁ ବେଶଚର୍ଯ୍ୟା— ଏଗୁଡ଼ା କ'ଣ ବେଶ୍ୟାବୃତ୍ତି ନୁହେଁ ? ବେଶଚର୍ଯ୍ୟା ବେଶ ଚଢ଼େଇ ବେଶ୍ୟା ଓ ଗଣ ସମ୍ଭ୍ରାନ୍ତବଂଶୀୟ ଭଦ୍ରବେଶୀ ଗଣିକା—ସାଧାରଣ ଲୋକଙ୍କୁ ସ୍ପର୍ଶ ନକଲେ ମଧ୍ୟ ତାଙ୍କର ଉତ୍କୃଷ୍ଟାଭିଳାଷୀ ଚକ୍ଷୁର ଆକର୍ଷଣ କରିବା କଣ ଗଣିକାବୃତ୍ତି ନୁହେଁ ?

ଆମ ଦେଶରେ ବାହାରକୁ ବାହାରିବା ବେଳେ ମାଇପେ ଯେଉଁ ଧଳବାଳ ହୁଅନ୍ତି ତା ମୂଳରେ କି ମନୋ-ବୃତ୍ତି ଅଛି ? ପୁରୁଷ ମାନଙ୍କ ଆକର୍ଷଣ କରିବାର ମନୋବୃତ୍ତି ନୁହେଁ । ପାର୍କରେ, ରାସ୍ତାରେ, ବଜାରରେ, ସିନେମାଘରେ ଛାତ ଉପରେ ଯଉଁ ଅଭିନୟ ସେ କଣ ଗଣିକାବୃତ୍ତି ନୁହେଁ । କହୁବ ନାହିଁ—କହିଲେ ଏ ଘରେ ରହିବ ନାହିଁ । ବାପ ମା ବି ଝିଅଙ୍କର ଏଇ ମନୋବୃତ୍ତିକି ଖୋରାକ ଯୋଗାନ୍ତି—ଆଉ ମାଇଚିଆ ମିଶିପେ ବାଏଡ଼ାକୁ ଗୌରବ ମନେ କରନ୍ତି—ଅବଶ୍ୟ ଅନ୍ୟର ମାଇପକୁ ନିଜ ବେଶ ଭୂଷାରେ ଆକୃଷ୍ଟ କରିବା ସଙ୍ଗେ ସଙ୍ଗେ ।

୮. ବେଶ୍ୟାବୃତ୍ତି ଘରେ ଘରେ । ମାର୍ଜ୍ଜିତ ବେଶ୍ୟାବୃତ୍ତି ଯାଇଛି । କିନ୍ତୁ ବେଶ୍ୟାବୃତ୍ତିର ପ୍ରସାର ପ୍ରଚୁର ଅଙ୍କ ପ୍ରତି ଗୃହ-ଲକ୍ଷ୍ମୀଙ୍କର କୋମଳୀ ବା କେବେଳି ବନ୍ଦୀ ଭିତରେ ରହିଛି । ଅଧୁନାକାଳ ନବ୍ୟ ନାରୀଙ୍କ ସମ୍ବନ୍ଧରେ ସମ୍ଭବତଃ Pollock ଲେଖିଥିଲେ—

She weaves the winding-sheets of souls and lays
Them in the urn ever lasting death.


କଟକରେ 'ଡଗର' ସୋଲ ଏଜେଣ୍ଟ
ମହାପ୍ରସାଦ ବ୍ରଦର୍ସ
ବୁକ୍ ସେଲର୍ସ ଏଣ୍ଡ ପବ୍ଲିଶର୍ସ
ଲାଲ ବାଗ, ପୋ: ବୁଧଇନଗର୍ଦ୍ଦ—କଟକ





Digitized by srujanika@gmail.com

# କାଇପଡ଼ା *

ଲେଖକ—ଶ୍ରୀ କେଶବ ଚନ୍ଦ୍ର ସାମଲ

କାଇପଡ଼ା ! କାଇପଡ଼ା !!
ବ୍ରାହ୍ମଣୀ ତୀରେ ସ୍ୱାମ୍ନା ପଣର ଏଇ ସେହି ଠିକ ଗଡ଼ା ।

ସଙ୍ଗୀନ ଧରି ଦମ୍ଭେ କହିଲ ଗୁଲମ ଫଉଜ ଦଳେ
"ଲହୁ ସଙ୍ଗୋଳି ମିଶାଇ ଦେବୁ ତୁମ ଗଳେ ଢଳଗଳେ
ଚଣ୍ଡି ତମର ଦୋହଲ ପଡ଼ଇ ଶକ୍ତି କାହିଁ ତମର ?
ନାଲ୍ ପିତା ତଳେ ମୁଣ୍ଡ ନୁଆଁଅ ଅଟରେ ଏ ମଶକଦଳ ।"

କାଇପଡ଼ା-ଭୂଇଁ ବିପ୍ଳବୀ ବୀର ଶିର ଝୁଙ୍କାଇ ବୋଲେ
"ଏ ହାତରେ ଅମ ଲଙ୍ଗଳ ଲହୁ କଂଗ୍ରେସି-ବାନା ଝୁଲେ ।
ତମ ଦଗାବାଜ ଯୋଗୁଁ ନ ମିଳଇ ଆମକୁ ପଟାଳ ପେଜ
ତଥାପି ରହିଚି ଅମର ମୁଣ୍ଡେ ଖଣ୍ଡାୟତର ତେଜ ।
ଘାଇବୁକେ ସିନା ଗୁଳି ଦେଇ ତମ ମଗଜ ଯାଇଚି ବଢ଼ି
ଜନ୍ମ ମାଟିର ସମ୍ମାନ ଲାଗି ଅଟେମରେ ପାରିବୁ ଲଢ଼ି ।

ତୁମ୍ଭ ହତିଆର-ବନ୍ଧୁକ, ଛୁରୀ ଏତେ ବଡ଼ ବଡ଼ କଳ
ଅମର ଦାହରେ ଚକ୍ର ଅସ୍ତ୍ରରେ ଚକ୍ର ଆମଦ ବଳ ।"
କାଇପଡ଼ା ବୀର ଗୁଳ୍ପ ଚମ୍ପାଟରେ ଡାକଇ ମୁଲିଇ ଝୁଡ଼ି
"ଉହ୍ଲାଳୀ-ଗୁଳୀ ମୂଳିଆ ଭାଇବୁ ଉଠରେ ଉଠରେ ମାତି ।"
ଦିଗଙ୍ଗ-ଝଣ୍ଡା ପର୍ତିର ଉଡ଼େ ବିପ୍ଳବ-ନିଆଁ ଲାଗିଗ
ମୂଳିଆ ମୁଣ୍ଡେ ଗୋଲମ ଫଉଜ ବନ୍ଧୁକେ ଗୁଳି ଦାଗେ ।

ଠେଲିଗଲା ସେଠି ବୀର-ମୂର୍ଦ୍ଧାର ଗଢ଼ିଗଲା ନରମଡ଼ା
ଏଇସେହି କାଇପଡ଼ା ।

* ୧୯୪୨ ଅଗଷ୍ଟ ମାସରେ କାଇ-ପଡ଼ା ହତ୍ୟାକାଣ୍ଡର ଅବାନ୍ତରରେ

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପଥରେ ଅଗ୍ରସର କରାଇବା ଏବଂ ମାନସିକ ବିକାଶ ଓ ସର୍ବାଙ୍ଗୀଣ ଉତ୍କର୍ଷ ସାଧନ କରିବା । ୨ । 'ଜଗର'ର ମାଧ୍ୟମରେ ଏହି ଦେଶର ସବୁ ଭାଗର ପିଲାମାନଙ୍କ ମଧ୍ୟରେ ପରସ୍ପର ଭିତରେ ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ପ୍ରେମ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ଓ ସାହସ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

ସ୍ନେହର ନାତି ନାତୁଣୀଏ,

ଅଭିନନ୍ଦନ । 'ଜଗର'ର ଦଶବର୍ଷ ପୂର୍ଣ୍ଣ—ଆଜ ତାର ଶୁଭ ଜନ୍ମଦିନ । ତମମାନଙ୍କର ଅଭିନନ୍ଦନ ପାଇଛି ଓ ସେଥିପାଇଁ ଧନ୍ୟବାଦ ଜଣାଉଛି । 'ଜଗର' ତମମାନଙ୍କର ସାହାଯ୍ୟ ଓ ସହାନୁଭୂତି ପାଇ ଏବଂ ନଅବର୍ଷକାଳ ସାହସ ସହିତ ଆଗେଇ ଚାଲିଛି—ଭବିଷ୍ୟତରେ ଅଧିକରୁ ଅଧିକତର ସାହାଯ୍ୟ ପାଇବ ବୋଲି ଆଶା ରଖିଛି । ଭଗବାନଙ୍କଠାରେ ଭରସା ରଖି କର୍ତ୍ତବ୍ୟ ପଥରେ ଅଗ୍ରସର ହେଉ । ଇତି ।

'ତମର—ଅଜା'

## ନାଗଙ୍କୁ ଉତ୍ତର

ଶଙ୍କର ପ୍ରସାଦ (୪୫୭)—ନାଗ କଲମରେ ବେଶୀ ଯାଗା ପାଇଁ ଲେଖିନ । ଗଳ୍ପ ପ୍ରବନ୍ଧ ଲେଖିବା ପାଇଁ—ଆମର ଇଚ୍ଛା ସବୁବେଳେ ସେଇଆ—କିନ୍ତୁ କାଗଜ ଦାମ ବଢ଼ା ରହିଛି । ଦୁଇ ପେଜରୁ ବେଶୀ ନାଗଙ୍କ ପାଇଁ ଦେଇ ହେବ ବୋଲି ମନେ ହେଉ ନାହିଁ ।

## ନାଗଙ୍କ ଚିଠି

ଆଜାଦ୍ ଦେଶର ନାଗ ଭାଇ ଓ ଭଉଣୀମାନେ,

ଜୟହିନ୍ଦ୍ । ନାଗଙ୍କ ସମ୍ମିଳନୀ ପାଇଁ ଅଜା ମହାଶୟ ପାଞ୍ଚମାସ ହେଲା କହୁଛନ୍ତି । ମୁଁ ଦେଖୁଛି ଆମ ଦେଶରେ ସଙ୍ଘ ନାହିଁ । ସଙ୍ଘ ଥିଲେ ସମ୍ମିଳନୀ ପାଇଁ ଅଣ୍ଟା ଭିଡ଼ନ୍ତୁ । ଆମ ମଧ୍ୟରୁ ଦୁଇ ଏକ ଜଣ ପଣ ନେଇ ଫଁ ଫଁ କରୁଛନ୍ତି । ନାଗ ସମ୍ମିଳନୀ ଆମ ହାତରେ । ଆମେ ଯାହା କହିବା ଅଜା ତାହା କରିବେ । ସମ୍ମିଳନୀ ପାଇଁ ନାଗଭାଇମାନେ ବାହାରିପଡ଼ । ମୋର ଅନୁରୋଧ ଏ ବିଷୟ ନେଇ ସମସ୍ତେ ଚେଷ୍ଟା କରିବେ ।

ତୁମର ଆଜାଦ୍ ଦେଶର ନାଗଭାଇ
ଶଙ୍କର ପ୍ରସାଦ (୪୫୭)

## ନାଗବନ୍ଧୁ ପୁରସ୍କାର

ଏଥର ନାଗବନ୍ଧୁ ପୁରସ୍କାର ପ୍ରତି ମାସରେ ଘୋଷଣା କରାଯିବ । ଏ ପୁରସ୍କାର ପାଇଁ କବିତା, ପ୍ରବନ୍ଧ, ଗଳ୍ପ ଆହ୍ୱାନ କରାଯାଉଛି । କେବଳ ଯାହାଙ୍କ ଲେଖା ଉତ୍କୃଷ୍ଟ ବିବେଚିତ ହେବ ସେହି ପୁରସ୍କାର ପାଇବେ ଓ ସେ ଲେଖାଟି 'ଜଗର'ରେ ପ୍ରକାଶ ପାଇବ ।

### ଜୁଲାଇ ମାସର ପୁରସ୍କାର

ଶ୍ରୀମତୀ ଅରୁଣା ଆସଫ ଅଲିଙ୍କ ଜୀବନୀ ଦେଶର ବିଭିନ୍ନ ପତ୍ର ପତ୍ରିକାରୁ ସଂଗ୍ରହ କରି ନିଜର ମାତୃଭାଷାରେ ସରଳ ସୁନ୍ଦର ଭାଷାରେ ଲେଖିବାକୁ ହେବ । ଅନୁବାଦ ଗ୍ରହଣ କରାଯିବ ନାହିଁ । 'ଜଗର' ଦୁଇ ପେଜରୁ ବେଶୀ ବଡ଼ ହେଲେ ତାହା ଅଗ୍ରାହ୍ୟ ହେବ । ପୁରସ୍କାର ୫ ଟଙ୍କା—ଏହା କୌଣସି ନାଗ ଲେଖା ପଠାଇ ପାରିବେ । ପ୍ରତ୍ୟେକ ଲେଖା ତଳେ ନାମ, ଠିକଣା, ନାଗ ନମ୍ବର, ଦେବାକୁ ହେବ । ଲେଖାଟି ଜୁଲାଇ ଶେଷ ସୁଦ୍ଧା ହସ୍ତଗତ ହେବା ଦରକାର

—※—

## ସେହିତ ଧରମ ସାର

ଅନନ୍ତ ଅଧୀର ହୋଇ
ଜନନୀ ଚରଣ ଧୋଇ
ଦଉ ଅଛି, ଦୁର୍ବାର ତରଙ୍ଗ-ଜଟଳ ।
ସୁନ୍ଦର ଏ ଉପ-ବନେ
ଦୋଳନ୍ତି ଲତା-ସୁମନ,
ଦେବା ଲାଗି ସଯତନେ ମାଳା ତା' ଗଳେ ।
ଅଛି ଏ ଶତକ-ପ୍ରାନ୍ତେ
ଜନନୀ-ଚରଣ-ପ୍ରାନ୍ତେ
ନବ ମାଟି, ଶସ୍ୟଭରା, ବହୁ ଉଦ୍ୟାନ,
ସେହି ତ ଧରମ ସାର,
ଯହିଁ ସଉରଭ ତାର,
ଦେଶ-ହିତ-ପତାକା ଦବା ପବନ ତାନ,
ଅନ୍ତର ସିନା ଜଗତ,
ସବୁଜ-ଟୀର ମହତ,
ତହିଁ ରହିଲେ, ଦେଶ ଜନ ହିତ କରନ୍ତ,
ସ୍ୱାଧୀନ ଉଚ୍ଚ ଗଗନ,
ତୀର ଜନ ଶୋଭାବନ,
ବାହି ତାରୁ ନଦୀବର ବାଳ କରନ୍ତ ।

ସ୍ନେହଲତା (୧୬ ନଂ ନାଗ)

—※—

## ଅବସର ବିନୋଦନ

ଛଅଗୋଟି ଅକ୍ଷର ନାମଟି ମୋହର
ଶୁଣେ ସବୁବେଳେ ଶୋଭା ପାଏ,
ଶେଷ ବର୍ଣ୍ଣ ଟିରେ ଅକାର ଯୋଡ଼ିଲେ
ଦେଶ ବୋଲି କହୁ ଥୁଏ ।
ପ୍ରଥମ ଅକ୍ଷର ବାଦ ଦେଲେ ଦିହଁବୁ
ଦୁଣା ଭୂତ ଉପୁଜଇ,

(ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com




ଓଡ଼ିଶା ମୂଲକକୁ ଦୁର୍ଭିକ୍ଷ ଗାଲକ ପଡ଼ିଲା । ପ୍ରଜାଗଣର ଦୁଃଖ ସମ୍ପଦ ଶତଧା ବୃଦ୍ଧି ହୋଇଲା । ଦୁର୍ଭିକ୍ଷ ଲଭି ଧାନ୍ୟ ଚଢ଼ା ମଣିଲା । ଏମନ୍ତ କାଳରେ ଜଙ୍ଗଲ-କେଶରୀ ମହାଭାଗ ମନ୍ତ୍ରୀମାନଙ୍କ ଗୋଚରରେ ଶନି ଶୁଦ୍ଧ ହୋଇବାରୁ ତାହାଙ୍କୁ ଅତି ଜଡ଼ ରାଜସ୍ଥାନ ମିଳିଲା ମାତ୍ର ରାହୁଙ୍କର ବକ୍ରଦୃଷ୍ଟି ପଡ଼ିବାରୁ ତହିଁକି ବାଟ ଓଗାଳିଲା । ଏଣେ ଶ୍ରୀ ନବକୃଷ୍ଣଙ୍କ ଶୁକ୍ରଦଶା ଶେଷ ହୋଇଲା ।

ଶନିଙ୍କର ତୀର୍ଯ୍ୟକ୍ ଦୃଷ୍ଟି ଝାଡ଼ଖଣ୍ଡ ମୂଲକରେ ପଡ଼ିବା ହେତୁ ଶ୍ରୀଗୁରୁମାନେ ଉଦ୍‌ବ୍ୟସ୍ତ ହୋଇଲେ । ସେଣୁ ବାଧ୍ୟ ସେମାନେ ଶାନ୍ତି କରିବାକୁ ବ୍ୟଗ୍ର ହୋଇଲେ, ଇନ୍ଦ୍ରପ୍ରସ୍ଥକୁ ଧାଇଁଲେ, ଜଗନ୍ନାଥଙ୍କୁ ମନାସି ଭଲ ଭଲ ଚଢ଼ାଇ ଅର୍ପଣ ଦେଲେ, ଝାଡ଼ଖଣ୍ଡି ଠାକୁରାଣୀ ସାହାଡ଼ାବୁଢ଼ୀଙ୍କ ଠାରେ କଳା ବୋଦା, କଳା ଘୋଡ଼ା, କେନାପଣା ଭୋଗ ଲଗାଇଲେ, ଶାନ୍ତିସ୍ୱସ୍ତ୍ୟୟନ, ଆପଦୁଦ୍ଧାରଣ ସ୍ତବ ପାଠ କରାଇଲେ । କେବଣ କେବଣ ବ୍ୟକ୍ତି କାଳଅବୋଦାରେ ବାଇସ୍ତା ବାବାଙ୍କ ଅଗ୍ରେ ଲୋଟିଲେ, କେମାଲ ଗୋସେଇଁଙ୍କ ମଠରେ ଧାରଣା ଦଅଇଲେ, ଧବଳେଶ୍ୱରଙ୍କ ଦେଉଳରେ ଗୁହାରିଆ ହୋଇ ପଡ଼ିଲେ, ଟାଇପଡର ପୀଠ ଅସ୍ଥାନରେ ହାରଣୀ ଲଗାଇଲେ, ବଗଳାମୁଖୀ କବଚ, କାଳୀ କବଚ ପାର୍ଶ୍ୱଳାଦ୍ୱୟରେ ଅଣାଇ ଧାରଣ କଲେ । ମାତ୍ର ଏକଳ କରୁଣା ବାଣକୁ ବଜ୍ରବାଣ ବିନା ଅନ୍ୟ କେହି କାଟି ନ ପାରେ । ଏଥିକୁ ନବଗ୍ରହ ପୂଜା ହୋମ ସହିତ କଳା ବାଛୁରୀ ଓ ଲୌହ କଟାହ ଦାନ କରି ଦୁଃଖବିଦ୍ଧଙ୍କୁ ଭୂରିଭୋଜନ ନ ଦଅଇଲେ ଏ ବିପଦର ଶାନ୍ତି ହୋଇବାର ନୁହଇ । ଅନ୍ୟକୁ ବୋଇଲେ ଅମ୍ଭେ ଏହାର ବହୁତ ପ୍ରତିକାର ବତାଇବାକୁ କବୁଲ କରୁଅଛୁଁ । କାରଣ, ମାରଣ, ସ୍ତମ୍ଭନ, ଉଚାଟନ ଆଦି ଚୌଷଠି ବିଦ୍ୟା ଅମ୍ଭ ପୋଥିରେ ବାଇଗଣ ହୋଇ ଲେଖିତ ଅଛଇ । ବୋଇଲେ ମାତ୍ରକେ ତୋର ଫିଟାଇବୁଁ । ବିନା ମୂଲ୍ୟରେ ଚନ୍ଦ୍ରଶାନ୍ତି ବିଧାନାଦି କରାଇ ଦେବୁଁ । ଯେଣୁ ପରୋପକାର ଦ୍ୱାରା ଅମ୍ଭେ ସ୍ୱର୍ଗପ୍ରାପ୍ତ ହୋଇବୁଁ ।

× × ×

ଗାନ୍ଧି ମହାତ୍ମା ଏ ବୃଦ୍ଧ ବୟସରେ ରାଜନୀତି ଓ ଅର୍ଥନୀତି ନାମକ ଦୁଇ ଦାନ୍ତଙ୍କୁ ଘେନି ଖେଦ ଗୋଳରେ ପଡ଼ିଲେ । ଏ ଦୁଇଙ୍କ ମମତା ରକ୍ଷା କରିବାକୁ ଅକ୍ଷମ ହୁଅନ୍ତେ ଗୋଟିକୁ ତ୍ୟାଗ କରି ଗୋଟିକୁ ଧରିଲେ । ଜଗନ୍ନାଥ ମହାପ୍ରଭୁଙ୍କ ଛାମୁରେ ଗୁହାରି ଓ ରାମ ନାମକୁ ସାର କରିଲେ । ଯେଉଁ ରାମ ନାମ ଧରି ହନୁମନ୍ତ ସପ୍ତ ସାଗର ପାରି ହୋଇଥିଲେ ସେହି ଭେଳାରେ ଭବସମୁଦ୍ର ପାରି ହେବ ବୋଲି କହି କଂଗ୍ରେସବାଦୀଙ୍କ କର୍ଣ୍ଣରେ ରାମ ତାରକ ମନ୍ତ୍ର ଫୁଙ୍କିବାରେ ଲାଗିଲେ । କାରଣ୍ଟୁ ମାଂ ଜଗପାଣ ରକ୍ଷ । ନାମ ବିନା ଅନ୍ୟ ଗତି ନ ଥିବାର ।

\+ + + +

ଓଡ଼ିଶାକୁ ଯେଉଁ ଜୁଜୁମା ଭୂତ ଲାଗିଥିଲା ତାହା ଏ ମନ୍ତ୍ରୀମଣ୍ଡଳୀଙ୍କ କରଣରେ ଜନ୍ମ ହୋଇଗଲା । ଅତଏବ ସ୍ୱରାଜକୁ ଦ୍ରୁତ ଅନୁରୂପ ଓ ଜୁଜୁମାର ଲାଭ ହେଉଥିବ କଣ ? ଅବଶ୍ୟ ଅମ୍ଭର ଶାସ୍ତ୍ର ସମୁଦ୍ର ମନ୍ଥନ କରି ଦେଖିଲୁ ଯେ କଂଗ୍ରେସି ମନ୍ତ୍ରୀମଣ୍ଡଳ ହାତରେ 'ଜୁଜୁମା' ଉଦ୍ଧାର ନ ହୋଇବାର । ତହିଁରୁ ଯେଉଁ ଏକ ତୃତୀୟାଂଶ ମିଳିଛି ତାହା କାର୍ଯ୍ୟକାରୀ ନ ହୋଇ ପର ହସ୍ତଗତ ହେବାର ସମ୍ଭାବନା ଦେଖୁଛି । ଭୂତପୂର୍ବ ମନ୍ତ୍ରୀ ବିଶ୍ୱନାଥ ଦାସ ଅମଳରେ ଏ ଯୋଜନାର ସୂତ୍ରରେ ଯଥାଯଥ ଭାବ ପ୍ରସ୍ତାବ ଗଢ଼ି ଥିବାର ସୂଚନା ମିଳଇ । ସେ ହରେକୃଷ୍ଣଙ୍କ ପ୍ରଧାନ ଲକ୍ଷ୍ୟ ଥିବାରୁ ତହିଁର ଉତ୍ତାର ଲୋଡ଼ିବା ଚେଷ୍ଟା କରାଇବ । ଭବିଷ୍ୟତରେ ଏ ଯୋଜନା କାର୍ଯ୍ୟକାରିତାର ଅସାର୍ଥକତା ଦେଖାଇ କେତେ କେତେ ଗୋଷ୍ଠୀମାନଙ୍କ ପ୍ରକାଶ ପାଇବ ।

\+ + + +

( ନାଗବନ୍ଧୁ ପଟପୃଷ୍ଠା ଉତ୍ତାରୁ )

ଦୁଇଟି ଅକ୍ଷର ବଦଳ ତହିଁରୁ
ଶେଷ ବର୍ଣ୍ଣମାଳା ହୋଇ ।

ଶ୍ରୀ ଜନାର୍ଦ୍ଦନ ଦାସ ( ୪୮୭ ନଂ ନାଗ

## ନୂଆ ନାଗବନ୍ଧୁଙ୍କ ନାମ

୭୧୮ । ମାଷ୍ଟର ଶ୍ରୀ ନଟବର ପଣ୍ଡା, Sri Prabhati Sangha, Vill Nathpur patua, P. O. Bari, Cuttack, ୭୧୯ । ଶ୍ରୀ ଗୁରୁଚରଣ ମହାନ୍ତି, ଗ୍ରା: ନାଥପୁର ପାଟଣା, ପୋ: ବରି କଟକ । ୭୨୦ । ଶ୍ରୀ ଘଟନେଶ୍ୱର ପଣ୍ଡା, ଗ୍ରା: ନାଥପୁର ପାଟଣା, ପୋ: ବରି କଟକ, ଜି: କଟକ । ୭୨୧ । ଶ୍ରୀ ଶମ୍ଭୁପ୍ରସାଦ ଗୁରୁ, (ଓଭରସିଅର) ହୋଳଘାଟ ପଡ଼ା, ପୋ: ଯୋଗେନପୁରବଜାର, ଯୋଗେନପୁର ଷ୍ଟେଟ, ଜି: ସମ୍ବଲପୁର । ୭୨୨ । ଶ୍ରୀ ଦୁର୍ଯ୍ୟୋଧନ ସିଂହଲୀଳ, ଗ୍ରା: ଦାବୁଗଡ଼ା, ପୋ: ଜୟପୁର, ଜି: ଜୟପୁର ।

Digitized by srujanika@gmail.com

# ଋତୁ ସ୍ରାବ

ଯେ କୌଣସି କାରଣରୁ ବା ଯେପରି ଭାବରେ ବନ୍ଦ ହୋଇଥାଉ ନା କାହିଁକି "ଋତୁକୀ-ରଚନୀ" ବ୍ୟବହାର କଲେ ୨୪ ଘଣ୍ଟା ମଧ୍ୟରେ ମାସିକ ... ନିୟମିତରୂପେ ପ୍ରକାଶିତ ହୁଏ । ସଂସ୍କୃତ ... ଗର୍ଭିଣୀ ବ୍ୟବହାର କରନ୍ତୁ ନାହିଁ । ଗଭର୍ଣ୍ଣମେଣ୍ଟ ରେଜିଷ୍ଟ୍ରେର୍ଡ ଓ ପାଟେଣ୍ଟେଡ ମଲ୍

ମୂଲ୍ୟ ଃ ୧॥୯

## 'ଦମ୍ପତି ସଖା' ବାର୍ଥକଣ୍ଟ୍ରୋଲ ବା ଜନ୍ମନିରୋଧ

ଏହା ବ୍ୟବହାର ଦ୍ୱାରା ଚିରକାଳ ... ସ୍ୱାମୀ ସ୍ତ୍ରୀ ... ଦାମ ୪॥୯ ଅଗ୍ରିମ ଃ ୧୨ ଭିଃ ପିଃ ରେ ୫॥୯ ... ।

## ଶାନ୍ତି

**ମଦନ ବିଲାସ ରସାୟନ** ... ସ୍ୱପ୍ନଦୋଷ, ସ୍ନାୟବିକ ଦୁର୍ବଳତା, ଅଗ୍ନିମାନ୍ଦ୍ୟ ସବୁ ପ୍ରକାର ଧାତୁଗତ ଦୌର୍ବଲ୍ୟରେ ଏହା ... ଦଶଦିନ ବ୍ୟବହାର ଯଥେଷ୍ଟ । ଏହାକୁ ବ୍ୟବହାର କରି ... ଜୀବନର ସୁଖ ପୂର୍ଣ୍ଣମାତ୍ରାରେ ଭୋଗ କରନ୍ତୁ ।—ମୂଲ୍ୟ—ଃ ୨୯

Kaviraj M. KABYATIRTHA
70, Corrwallis Street, Calcutta.

## 'ଜୟହିନ୍ଦ ଉଗର'

ଆଜାଦ ହିନ୍ଦ ଫୌଜ ସମ୍ବନ୍ଧରେ କିଛି ଜାଣିବାକୁ ଚାହାନ୍ତିତ 'ଉଗର' ଜୟହିନ୍ଦ ସଂଖ୍ୟା ପଢ଼ନ୍ତୁ । ଏପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଯାହାକିଛି ଆଜାଦ ହିନ୍ଦ ଫୌଜ ସମ୍ବନ୍ଧୀୟ ଲେଖା ବାହାରିଛି 'ଉଗର' ସମସ୍ତଙ୍କ ଟପି ଯାଇଛି । ଟଙ୍କାଟିଏ ପଠେଇଲେ ଆମେ ଆପଣଙ୍କୁ ରେଜେଷ୍ଟ୍ରି କରି ଜୟହିନ୍ଦ ସଂଖ୍ୟା ଖଣ୍ଡିଏ ପଠାଇ ଦେବୁ ।

'ଉଗର' ଅଫିସ,
ପୋଃ ଭଦ୍ରକ ।

## ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କର

## 'ଭୁଲ୍'

## ପୁରୀ, 'ଭାରତୀ ଭବନ'ଦ୍ୱାରା

ଏବେ ପ୍ରକାଶ ପାଉଛି ।

ମୂଲ୍ୟ:—ଃ ୧୯

ମ୍ୟାଲେରିୟା, ପ୍ଲୀହା ଓ ପାଲାଜ୍ୱରର ଧନ୍ୱନ୍ତରୀ

# ଆଛେମାଲା

୨୪ ଘଣ୍ଟା ଭିତରେ ମ୍ୟାଲେରିୟା ଓ ପାଲାଜ୍ୱର ଆରୋଗ୍ୟ କରେ

**୨ ଶିଶି ବ୍ୟବହାର କଲେ ଅତିକାୟ ପ୍ଲୀହା ଦୂର ହୁଏ**

ପ୍ରତି ବଡ଼ ଶିଶି ଃ ୨୷୬, ପ୍ରତି ଛୋଟ ଶିଶି ଃ ୨୯, ମାସୁଲ ସ୍ୱତନ୍ତ୍ର

ମେସର୍ସ ବଡ଼ବଜାର ଫାର୍ମାସୀ, ୧୧୫, ବଡ଼ବଜାର ଷ୍ଟ୍ରିଟ, କଲିକତା ।



ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର; ପରିଚାଳନା ସମ୍ପାଦକ—ଶ୍ରୀ ରାଧାମୋହନ ଦାସ



Digitized by srujanika@gmail.com

**ଭୂତପୂର୍ବ ପ୍ରଧାନ ମନ୍ତ୍ରୀଙ୍କର**

**ଉଚ୍ଚ ପ୍ରଶଂସା**

ଶ୍ରୀ ପଦ୍ମଚରଣ ପଢଜା (ପାର୍ଲା-ଯା ମ) ଙ୍କ ଦ୍ୱାରା ସ୍ଥାପିତ **କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡ଼କ୍ସ** ପରିଦର୍ଶନ କରି ଏବଂ ଏଠାରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ବିଶେଷ ପ୍ରୀତ ହେଲି । ଜଣେ ଓଡ଼ିଆ ଭଦ୍ରଲୋକଙ୍କର ଏ ପଥ-ପ୍ରଦର୍ଶିତ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବଂ ଉତ୍ସାହ ପାଇବାର ଯୋଗ୍ୟ ।

କୋଣାର୍କ କେମିକ୍ୟାଲ
ଏଣ୍ଡ ବିଉଟି ପ୍ରଡକ୍ଟସ୍
( ଇଣ୍ଡିଆ )




ବ୍ୟବସାୟ ଓ ସଞ୍ଚୟର ସୁଯୋଗ

**ପାୟୋନିଅର କମର୍ସିଏଲ ବ୍ୟାଙ୍କ ଲି:—**

**ହେଡ୍ ଅଫିସ— କଲିକତା**

**ଶାଖା ଅଫିସ୍‌ମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଙ୍ଗଲପୁର, ମୈତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲାଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାର, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ନବଦକ୍ଷି, ନାଗପୁର ।     ସ୍ୱା ପି. ଏନ୍: ରାୟ ଚୌଧୁରୀ ।

ପ୍ରଭିଡେଣ୍ଟ ଫଣ୍ଡ ଡିପୋଜିଟ୍—ମାସକୁ ୫୯ ଜମା ଦେଲେ ୪ବର୍ଷ ପରେ ଓ ୫ମ ବର୍ଷ ଶେଷରେ ୮ ୧୨୦ ଙ୍କା ପାଇବେ ।


Printed & published by G. C. Mahapatra at the Gopinath Press, Bhadrak. 1946

Digitized by srujanika@gmail.com

୧୦ମ ବର୍ଷ

୨ୟ ସଂଖ୍ୟା

# ଡଗର

ପ୍ରତି ସଂଖ୍ୟା ଦୁଇ ଅଣା

Dagara — UTKAL'S MOST POPULAR FORTNIGHTLY

LIGHT - LEAD - LAUGHTER


ଏଇ ନିଦାରୁଣ ଗ୍ରୀଷ୍ମରେ ଦେହ ଓ ମନ ଶୀତଳ ରଖିବା ପାଇଁ

## 'ଆଟଲାଣ୍ଟା ଫେନ୍'

ବ୍ୟବହାର କରି




Sole Distributors—
W. C. NAYAK & Co.
4, Falgun Das Lane, Calcutta.


ଏ ସଂଖ୍ୟାର ଆକର୍ଷଣ

ମଜାକଥାରେ—ଭୋଲାମିଆଁ

କାହାଣୀରେ—ଡାକ୍‌ବାକ୍ସ

ମଜାକବିତାରେ—
ଝିଅ ମା—ସମସ୍ୟା ପୁଣି କଣ ଅପା ?

ଝିଅ ମା—ଝିଅ ନି । ଆଜିକାଲି ପେଟ ମୁହଁରେ ଦାନ୍ତ ନ ଥିଲା । ଏ ଦଣ ଦାନ୍ତ କେଉଁଠି କାହୁଁ ଆସିଲା ଯେ, ଆଉ ମଣିଷ ତ ଚଳିବାକୁ ନାହିଁ । ଏଥିରେ ସେ ନିଅଁ ଝିଅ ଲାଗେ ଛୋଟ ପାଲୁଆ ଖାଇବ ବୋଲି ।

× × × ×

ଏକଦା ଫୁଟ୍‌ବଲ୍ ମାଚ୍ ଚାଲି ଯାଉଥିଲେ । ଅନେକ ଲୋକ ତାହା ଦେଖୁଥିଲେ, ଜଣେ ଲୋକ ଆଉ ଜଣଙ୍କୁ ପଚାରିଲା—ଆଚ୍ଛା ମଣିଷ ଗୋଡ଼ ଅଧିକ ବଡ଼ ନା ମୁଣ୍ଡ ଅଧିକ ବଡ଼ ?

ଦ୍ୱିତୀୟ ଲୋକ କହିଲା, "ଗୋଡ଼ ଅଧିକ ନିଶ୍ଚୟ ।

ପ୍ରଥମ—କିପରି ଜାଣିଲ ?

ଦ୍ୱିତୀୟ—ମୋର ଗୋଟାଏ ଓଭର କୋଟ ଥିଲା । ପିଲାଦିନେ ମୁଁ ଯେତେବେଳେ ବଢ଼ିଲି, ସେ ଓଭର କୋଟଟା ମୋ ଗୋଡ଼ ଅଧିକ ଛୋଟ ହୋଇଗଲା ।

ପ୍ରଥମ—ମୁଁ କହୁଛି ମଣିଷ ମୁଣ୍ଡ ଅଧିକ ବଡ଼ । କାରଣ ଏଠି ଯେ ଫୁଟ୍‌ବଲ ଯାଉଛନ୍ତି, ସେମାନଙ୍କର ସମସ୍ତଙ୍କର ଗୋଡ଼ ସମାନ, ମାତ୍ର ମୁଣ୍ଡ ଅଧିକ ତ ସମାନ ନୁହେ ।

## ଯଦି ପ୍ରଧାନ-ମନ୍ତ୍ରୀ ହୁଅନ୍ତେ—

ସ୍ୱାମୀଜୀ—ଓଡ଼ିଶାରେ ଅନାଥ ଅନାଥା ହୋଇ କେହି ରହନ୍ତେ ନାହିଁ ।

ନୀଲକଣ୍ଠ—ଓଡ଼ିଶାରେ ଝଣ୍ଡାଙ୍କ ଦାନା ବୁଢ଼ନ୍ତା ।

ଗୋଦାବରୀଶ—ଭାରତରୁ ଦୁର୍ଭିକ୍ଷ ଭୟ ଉଭେଇ ଯାଆନ୍ତା ।

ସାରଙ୍ଗଧର—ରଜାଙ୍କ ଚୂଟି କାଟନ୍ତେ ।

ଗୋପବନ୍ଧୁ—ଦେଶର ମଦ୍ଦ ବନ୍ଦ କରାନ୍ତେ ।

ଅନ୍ନପୂର୍ଣ୍ଣା ହରିହର—ଚୂ ଉପରୁ ଟିକସ ଉଠିଯାଆନ୍ତା ।

ମାଳତୀ ଦେବୀ—ଜମିଦାର ଦନୁଜ ଦଳନ କରନ୍ତେ ।

ସରଳା ଦେବୀ—ମିଣିପେ ହାଣ୍ଡିଶାଳରେ ପଶି ଭାତ ରାନ୍ଧନ୍ତେ

ଲିଙ୍ଗରାଜ—ବେଟା ପଣ୍ଡିଆ ଲୋକଙ୍କ ଉପରେ ଟିକସ ବସନ୍ତା

ନବକୃଷ୍ଣ—ଜମିଦାର ଜାତିକୁ ଅକାଳ ମରଣରୁ ରକ୍ଷା କରନ୍ତେ ।

ନିତ୍ୟାନନ୍ଦ—ଓଡ଼ିଆ ଲାଟ ପାରନ୍ତେ ।

ଲିଙ୍ଗରାଜ ମୋହନ—ଏ ଗାଲରେ ଚାପୁଡ଼ା ଖାଇ ଆର ଗାଲ ଦେଖାନ୍ତେ ।

ମୁକୁନ୍ଦ ଦାସ—ଚୋ ମୋର ଫୁଲ ।

ନନ୍ଦକିଶୋର—ଗାଆଁ ଗାଆଁ କେ ହାଇସ୍କୁଲ ଖୋଲନ୍ତା ।

ଲକ୍ଷ୍ମୀନାରାୟଣ ସାହୁ—ଜୟପୁର ନ ହୁଅନ୍ତା ।

Digitized by srujanika@gmail.com




## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନ ପରିସର ବଢ଼ାଇବା ଚିନ୍ତାଶକ୍ତି ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ନାଗବଳି' ମାଧ୍ୟମରେ ଏହି ଦେଶର ଛୋଟ ପିଲାମାନଙ୍କ ମଧ୍ୟରେ ପରସ୍ପର ସୁହୃଦ ଭାବ ଜାଗ୍ରତ କରିବା ୩ । ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା ।୪। ମାତୃଭୂମି ଓ ମାତୃଭାଷା ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୫ । ସତ୍ୟ, ସେବା ଓ ଅହିଂସା ଆଦର୍ଶରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

## ସ୍ୱାଧୀନ ପତାକା ତଳେ

ସ୍ୱାଧୀନ ପତାକା ତଳେ,
ଭାରତର ଆଜି ମୁକ୍ତ ଜନତା ଦମ୍ ଦମ୍ ହୋଇ ଚଳେ ।
କୋଟି ଜନ ନାଗ ଜାଗିଛନ୍ତି ଆଜି ଭାରତର ହିତ ପାଇଁ,
ଦେଖ ଲକ୍ଷ ଲକ୍ଷ ମନ, ନାଦରେ ପ୍ରେମ ସଂଗୀତ ଗାଇ ।
ସ୍ୱାଧୀନ ଏବେ ଭାରତ ମାତା ସଂଗ୍ରାମ ଥରେ,
ଭାରତ ମୁକ୍ତ, ଭାରତ ମୁକ୍ତ, ଭାରତ ମୁକ୍ତ କର ।
ନାକଲ୍ପି ଅଳ ସାଗର ସେପାରୁ ଦୂରକୁ ନଡ ଢାଳେ,
ଜାଗ୍ରତ ଭାରତ, ଜାଗ୍ରତେ ଭାରତ ପୁତ୍ର ଭାରତେନ୍ଦୁ ପ୍ରାଣେ ।
ଉର୍ଦ୍ଧ୍ୱେ ଉଡ଼େ ସ୍ୱାଧୀନ ଭାରତ ତରୁଣ ଅରୁଣ ଆଜି,
ବହ୍ନି ଲଗ ପତ୍ର ବାଜେ ବାଜନ ଶୋଭି, ଅନ୍ଧାର ମୋହ ଭାଜି ।
ଶୁଣ ଶୁଣ ନାଦ ଜ୍ୱଳ ପଡ଼ ଅଛ ଗଗନ ପବନ ଘେରି,
ମୁକ୍ତ ଭାରତ ଜନନୀ ଛନ୍ଦ, ନାହିଁ, ନାହିଁ ଅନ୍ଧ ଡେରି ।
ଯେଉଁ ଦେଶ ପାଇଁ ଗଡ଼ିଛି ପାଦ ଅନେକ ଅମର 'ନେତା',
ତାଙ୍କଯୁ ଚୋଡ଼ିନା ତାଙ୍କଯୁ ନମାନେ, ଭାରତ ମାତାର ବେଟା ।
ଦ୍ୱିଅ ଏକ ଯୁଗ ଧନିକ, ଦରିଦ୍ର, ସାମ୍ରାଜ୍ୟବାଦ ସମ ଆଜି,
ଭାରତ ଅନ୍ଧାର ଧୂଆଁଯିବ ଉଡ଼ୁ ସ୍ୱାର୍ଥ ପତାକେ ଭାଜି,
ମାଆ ମାଆ ଡାକ ଭାରତ ଜନନୀ ଗଳାରେ ପିନ୍ଧାଇବେ ମାଳା,
ଭାରତର କୋଟି ସନ୍ତାନ ଯେବେ, ଭାରତର କୋଟି ବାଳା ।

ଶ୍ରୀ ଗୋପୀନାଥ ବେହେରା

.—— ※——

## ଏଇ ମୋର ଶେଷ ପରିଣତି

ଏ ଜଗତେ କେଉଁ ଦେଲ କେଉଁ କଣ ଦେଇଥିବା,
ଯଦି ଥିବା ଦେଲ କେଉଁ ଭଲଲ ସଂଗୀତ,—
ଅନନ୍ତ ଅବାଂଶାରଣି ! ଏ ମୃତ୍ୟୁ ଜଗତେ
ବରଂ ସେ ଅଣାର ବ ଅଶ୍ୱାଘନା ନାହିଁ ?
ଘୃଣ୍ୟ ମୃତ୍ୟୁ ! ଜୀବନର ଶେଷ ସମାପନ !
ଜଗତର ରଂଗ ମଂଚେ କବେ ଆସିବ ।
ପୁଣି କରିଇବା ପାଇଁ ?...............

ଏହିକ ଜୀବନ ?

ଯେବେ କଥା, ଭୁଲିଅଛ କହିଯିବ ବୋଲି—
ଶ୍ରୋତା କାହିଁ ? ଏ ମୋ ଜୀବନର ସୀମାହୀନ ଗୀତ—
ଶୁଣିବାର ପାଇଁ, ପୁଣି ଶୁଣ ମତେ କି—
କାହିଁ ମୋ ସମୟ, ଏବେ ଶୀଘ୍ର ଯାଏ ବିତି ।
ମନ କଥା ମନେ ରହି ଭୁଲ ପ୍ରାଣଗୀତ

ଫେରିବ କି ? ଧୂଳି ଜୀବନର......

ଏହି କଥା ମୋର ଯିବା ଶେଷ ପରିଣତି ।

କୈଳାସ ଶିବପ୍ରିୟା

——※——

## ଅବସର ବିନୋଦନ

ହରିବର୍ଣ୍ଣେ ଏକ ଶବ୍ଦ ଗଣା,
ତା ବର୍ଣ୍ଣରେ ସର୍ବେ ସ୍ୱଅନ୍ତ ରଣା ।
ଦ୍ୱିତୀୟ ତୃତୀୟ ମିଳାଇଲେ ହୁଏ,
କୌଣସି ପ୍ରକାର ଅସ୍ତ୍ର ବୁଝାଏ ।
ପ୍ରଥମ ଦ୍ୱିତୀୟ ମିଳାଇଲେ ଏହୁ,
ନାସ୍ତିଠାରୁ ଗୁରୁ ବୁଝାଏ ସେହୁ ।
ଆମ ନାଗ ପାଇଁ କେଉଁଠାରେ ଏହି,
ଦେଖିବ ଚିହ୍ନା ଅନେକ ଭଣିତା ମହି ।

ଶ୍ରୀମାନ ନରେନ ପଣ୍ଡା (୭୧୮ ନଂ ନାଗ)

## ନୂଆ ନାଗବଳିଙ୍କ ନାମ

୭୩୯ । ଶ୍ରୀ ବଦ୍ରୀନାଥ ଶତପଥୀ, G. H. E. School, P. O. Bargarh, Dt. Sambalpur, । ୭୪୦ । ଶ୍ରୀମାନ ଅଭେଦ ଚନ୍ଦ୍ର ଦାଶ, ସେକେଣ୍ଡେରି ସଂସ୍କୃତ ପରିଷଦ, ଅଠଗଡ଼ ଉଚ୍ଚ ଇଂରାଜୀ ବିଦ୍ୟାଳୟ, ପୋଃ ଅଠଗଡ଼, ଅଠଗଡ଼ ଷ୍ଟେଟ୍ । (କ୍ରମଶଃ)

## ନାଗବଳି କୁପନ୍

ମୁଁ ଯୋଗଣ ନାଗ/ନାଗୁଣୀ ହେବାକୁ ଚାହେଁ । ମୋର ଜନ୍ମ—ତା ।  ।  । ମସିହା । ମୁଁ ସତ୍ୟ ସାହାସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟା କରି ନାଗବଳି ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ $\frac{\text{ବାର୍ଷିକ ଚାନ୍ଦା ୧ ୦ ୬/}}{\text{ଅଜୀବନ ଚାନ୍ଦା ୫ ୦ ୧}}$ ର ଡାକଟିକଟ ପଠାଇଲି

ତୁମ ସ୍ନେହର ନାଗ/ନାଗୁଣୀ

ଠିକଣା ______________________

ତାରିଖ ______________________

※ ଏହି କୁପନର ନକଲ ସାଦା କାଗଜରେ କରି ପଠାଇଲେ ଚଳିବ

Digitized by srujanika@gmail.com



( ଏହି ଖବରର ମୂଲ୍ୟ ଉଡ଼ନ୍ତା !)

କଲିକତାର ହାଣକାଟ ଘଟଣା ପରଠାରୁ ଗାନ୍ଧିଜୀ ରାମନାମ ସହିତ ରହିମ ନାମ ଯୋଗକରି ଜପ କୀର୍ତ୍ତନ କରୁଛନ୍ତି

× × ×

ଶୁଣାଯାଏ direct action କରି ଗାନ୍ଧିଜୀଙ୍କ ଛେଳୀକୁ Kidnap କରାଯିବ । ପ୍ୟାରେଲାଲଜୀ ହୁସିଆର !

× × ×

ସବୁ ହରିଜନ ମୁସଲମାନ ହୋଇ ଗଲେ ଭାରତରେ ମୁସଲମାନ୍ ମେଜରିଟି ହୋଇ ଯିବ ଓ ହିନ୍ଦୁ ମାଇନରିଟି ହୋଇ ପଡ଼ିବେ । ଏହିପରି ଏକ ନୂତନ ଯୋଜନା ହେଉଛି । ଅମ୍ବେଦକାରଙ୍କ ନୂଆ ନାଁଆଟା କଣ ହେବ ସେ ବିଷୟରେ ଗବେଷଣା ଚାଲିଛି ।

\+ + + +

ଖବର ମିଳିଛି, ମହତାବଜୀ ମନ୍ତ୍ରୀତ୍ୱ ଛାଡ଼ି ହାଉଆଇ ବା ହନଲୁଲୁର ଭାରତୀୟ ରାଜଦୂତ (ambassador) ହୋଇ ଯିବେ ।

\+ + + +

ଶ୍ରୀମତୀ ମାଳତୀ ଚୌଧୁରୀଙ୍କ ପୌରୁଷର ପୁରସ୍କାର ସ୍ୱରୂପ ପ୍ରଧାନ ମନ୍ତ୍ରୀପଦ ତାଙ୍କୁ ଦିଆଯିବାର ଖବର ହେଉଛି ।

\+ + + +

ଉତ୍କଳ ଗୁଣ୍ଡାକାଣ୍ଡର ସାହସିକ ତଦନ୍ତ କରିଥିବା କାରଣ ଶ୍ରୀସୁରେନ୍ଦ୍ର ଦ୍ୱିବେଦୀ ପାର୍ଲାମେଣ୍ଟର ସେକ୍ରେଟରୀ ହେବାର ଗୁଜବ ।

\+ + + +

ଗଡ଼ଜାତ ଛାମୁମାନେ ଏକମେଳ ହୋଇ ଆସନ୍ତା ଅପ୍ରେଲ୍ ପହିଲା ଦିନ ସ୍ୱାଧୀନତା ଘୋଷଣା କରିବେବୋଲି ସ୍ଥିର କରିଛନ୍ତି ।

ମହାତ୍ମାଜୀଙ୍କ ଛେଳି ଓ କାଏଦେଆଜାମଙ୍କ ପାଳିତ ଛେଳିଙ୍କ ମଧ୍ୟରେ ପ୍ରଣୟ ପଡ଼ିଛି । ଭଲଲୋକେ କହୁଛନ୍ତି ଲର୍ଡ଼ ୱାଭେଲ କୋର୍ଟ ଦେଲେ ହେଲେ ହିନ୍ଦୁମୁସଲମାନ ମେଳ ହୋଇଯିବ ।

\+ + +

କଟକୀ ପଚା ନର୍ଦ୍ଦମାରୁ ଜନ୍ମିଥିବା ମଶା କାମୁଡ଼ିବା ହେତୁ ମହତାବଜୀଙ୍କୁ ମେଲେରିଆ ଜ୍ୱର ହେଉଥିବାର ପ୍ରକାଶ ।

—※—

କଂଗ୍ରେସ ଅନ୍ତର୍ବର୍ତ୍ତୀ ଶାସନ ଭାର ହାତକୁ ନେବା ପୂର୍ବରୁ କୋହିନୁର୍ ପ୍ରେସରୁ ଖଣ୍ଡେ କନ୍ଦନା ବହି ଜନାବ ଜିନ୍ନାଙ୍କ ହସ୍ତଗତ ହେବା ବାସ୍ଥିଗାପୁ ଦାଙ୍ଗା ଲିଆକତ୍ ଅଲ୍ଲି ସୋଭାନ ଖାଁଙ୍କ ପାଖକୁ ତାର କରି ପଠାଇଛନ୍ତି ।

\+ + + +

National planning Committee ପରାମର୍ଶ ଦେଇଛନ୍ତି ଯେ କଂଗ୍ରେସ ଅଭ୍ୟନ୍ତରୀଣ ଶାନ୍ତି ରକ୍ଷାପାଇଁ ଶାସନଭାର ନେବାର ଛମାସ ଭିତରେ ଭାରତୀୟ ବୈଜ୍ଞାନିକମାନେ ଯଦି ଅହିଂସ ଆଣବିକ ବୋମା ଆବିଷ୍କାର ନ କରନ୍ତି ତାହେଲେ ସେମାନଙ୍କୁ ଅହିଂସ ଗୁଳି କରି ମାରିଦିଆଯିବ ।

\+ + + ×

ଓ୍ୟାଭେଲ୍ ସାହାବ କଲିକତା ଗଣ୍ଡଗୋଳ ଦେଖିବାକୁ ଆସିବା ଦିନ ସାର ଫ୍ରେଡେରିକ୍ ବୁରୋଜ ୨୦ଥର ପାଇଖାନା ବଦଳେଇଥିଲେ ଓ ମେଡିକେଲ୍ କଲେଜର Stool Culture (ଝାଡ଼ା ପରୀକ୍ଷା) ବିଭାଗ ସଙ୍ଗେ ଲାଟ ଭବନର ଘନ ଘନ ଟେଲିଫୋନ ସଂଯୋଗ ଚାଲିଥିଲା ।

\+ + + +

ଗାନ୍ଧିଜୀଙ୍କ ବାଁ କଲରେ ଯେଉଁ ଏ ନୂଆ ଦାନ୍ତ ଉଠିଛି ଏବଂ ବୈଜ୍ଞାନିକମାନେ ପରୀକ୍ଷା ଓ ପର୍ଯ୍ୟବେକ୍ଷଣ ପରେ ମତ ଦେଇଛନ୍ତି ଯେ ଏହି ଦାନ୍ତ ଯେତେବେଳେ ସମ୍ପୂର୍ଣ୍ଣ ଉଠିଯିବ ସେତେବେଳେ ଗାନ୍ଧିଜୀଙ୍କ ମୁହଁରୁ ଆଉ 'ଅହିଂସା' ଶବ୍ଦ ବାହାରିବ ନାହିଁ !

\+ + +

ଟ୍ରାନ୍ସପିଅସେନ ନ୍ୟୁଜ ଖବର ଦେଇଛନ୍ତି ଯେ ଲୀଗ ସରକାର ଆମେରିକାର କୌଣସି ଏକ ବଡ଼ ଫ୍ୟାକ୍ଟ୍ରିକୁ ଏକ ପ୍ରକାର Secret Pocket Latrine ପ୍ରସ୍ତୁତ କରିବା ପାଇଁ ଅର୍ଡ଼ର ଦେଇଛନ୍ତି । ସେଗୁଡ଼ିକ ସୁଭାଷ ବୋଷ ଭାରତକୁ ଆସିବା ପୂର୍ବରୁ ଭାରତର ଗୋରାସୈନ୍ୟମାନଙ୍କୁ ଯୋଗାଇ ଦିଆଯିବ ।

Digitized by srujanika@gmail.com

## ଋତୁ ସ୍ରାବ

ଯେ କୌଣସି କାରଣରୁ ବା ଯେତେ କାଳରୁ ବନ୍ଦ ଥାଉନା ଡାକ୍ତରଙ୍କ "ଋତୁମୁକ୍ତିକରନୀ" ବ୍ୟବହାର କଲେ ୨୪ ଘଣ୍ଟା ମଧ୍ୟରେ ସ୍ୱାଭାବିକ ଓ ନିରାପଦରେ ସ୍ରାବ ହୁଏ । ମଧ୍ୟସ୍ଥ ଯେଉଁ ପ୍ରକାର ରହିଥା ବରାଦ ଏ । ଟକ୍ସଣ୍ଟ-ପେଣ୍ଟ ନେ-କନ୍ସେକ୍ରେଟ ଓ ଗ୍ୟାରେଣ୍ଟି ଯୁକ୍ତ

ମୂଲ୍ୟ ୨ ୧୲୰

**'ଦମ୍ପତି ସଖା' ବାର୍ଥ କଣ୍ଟ୍ରୋଲ ବା ଜନ୍ମନିରୋଧ**

ଏହା ବ୍ୟବହାର କଲେ ଜନ୍ମ ନିରୋଧ ନିରାପଦ ନିଶ୍ଚିତ ସ୍ଥାୟୀ ଜନ୍ମ ନିରୋଧ ପାଇଁ ଦାମ ୫୪୰ ଅସ୍ଥାୟୀ ୫ ୧୲ ଭିଃ ପିଃ ରେ ୫୦୷ ଅଧିକା ଦେବାକୁ ପଡ଼େ ।

## ଶକ୍ତି

**ମଦନ ବିଳାସ ରସାୟନ** ପ୍ରବୃତ୍ତି ହୀନତା ସ୍ୱପ୍ନଦୋଷ, ସ୍ନାୟବିକ ଦୁର୍ବଳତା, ଅଗ୍ନିମାନ୍ଦ୍ୟ ସବୁ ପ୍ରକାର ଧାତୁଗତ ଦୌର୍ବଲ୍ୟତାରେ ଏହା ମାଜିକ ଭଳି କାମ କରେ । ମାତ୍ର ୭ ଦିନ ବ୍ୟବହାର ଯଥେଷ୍ଟ । ଏହାକୁ ବ୍ୟବହାର କରି ବିବାହିତ ଜୀବନର ସୁଖ ପୂର୍ଣ୍ଣମାତ୍ରାରେ ଭୋଗ କରନ୍ତୁ ।—ମୂଲ୍ୟ—୫ ୨୲୰

Kaviraj M. KABYATIRTHA
70, Corrwallis Street, Calcutta.

## 'ଜୟ ହିନ୍ଦ ଡଗର'

ଅଜାଦ ହିନ୍ଦ ଫୌଜ ସମ୍ବନ୍ଧରେ କିଛି ଜାଣିବାକୁ ଚାହାନ୍ତି ତ 'ଡଗର' ଜୟହିନ୍ଦ ସଂଖ୍ୟା ପଢ଼ନ୍ତୁ । ଏପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଯାହାକିଛି ଅଜାଦ ହିନ୍ଦ ଫୌଜ ସମ୍ବନ୍ଧୀୟ ଲେଖା ବାହାରିଛି 'ଡଗର' ସମସ୍ତକୁ ଛାପି ଯାଉଛି । ୫କାଟିଏ ପଠେଇଲେ ଆମେ ଆପଣଙ୍କୁ ରେଜେଷ୍ଟ୍ରି କରି ଜୟହିନ୍ଦ ସଂଖ୍ୟା ଖଣ୍ଡିଏ ପଠାଇ ଦେବୁଁ ।

'ଡଗର' ଅଫିସ,
ପୋଃ ଭଦ୍ରକ ।

**ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କର**

## 'ଭୁଲ୍'

ପୁରୀ, 'ଭାରତୀ ଭବନ' ଦ୍ୱାରା

ଏବେ ପ୍ରକାଶ ପାଇଛି ।

ମୂଲ୍ୟ:—୫ ୧୰

ମ୍ୟାଲେରିୟା, ପ୍ଳୀହା ଓ ପାଳିଜ୍ୱରର ଧନ୍ୱନ୍ତରୀ

# ଧାଲେଗାଲା

୨୪ ଘଣ୍ଟା ଭିତରେ ମ୍ୟାଲେରିୟା ଓ ପାଳିଜ୍ୱର ଆରୋଗ୍ୟ କରେ

**୨ ଶିଶି ବ୍ୟବହାର କଲେ ଅତିକାୟ ପ୍ଳୀହା ଦୂର ହୁଏ**

ପ୍ରତି ବଡ଼ ଶିଶି ୫ ୨୲୰, ପ୍ରତି ଛୋଟ ଶିଶି ୫ ୨୰, ମାସୁଲ ସ୍ୱତନ୍ତ୍ର

ମେସର୍ସ ବହୁବଜାର ଫାର୍ମାସୀ, ୧୧୫, ବହୁବଜାର ଷ୍ଟ୍ରିଟ, କଲିକତା ।


**ସମ୍ପାଦକ—ଶ୍ରୀନିତ୍ୟାନନ୍ଦ ମହାପାତ୍ର; ପରିଚାଳନା ସମ୍ପାଦକ—ଶ୍ରୀ ବ୍ରଜମୋହନ ଦାସ**

Digitized by srujanika@gmail.com

**ଭୂତପୂର୍ବ ପ୍ରଧାନ ମନ୍ତ୍ରୀଙ୍କର**

**ଉଚ୍ଚ ପ୍ରଶଂସା**

ଶ୍ରୀ ଗଦ୍‌ଚରଣ ପଟ୍ଟଜା (ପାର୍ଲା-ଗ୍ରାମ) ଙ୍କ ଦ୍ୱାରା ସ୍ଥାପିତ **କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡ଼କ୍ଟ୍ସ** ପରିଦର୍ଶନ କରି ଏବଂ ଏଠାରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ବିଶେଷ ପ୍ରୀତ ହେଲି । ଜଣେ ଓଡ଼ିଆ ଭଦ୍ରଲୋକଙ୍କର ଏ ପଥ-ପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବଂ ଉତ୍ସାହ ପାଇବାର ଯୋଗ୍ୟ ।

କୋଣାର୍କ କେମିକ୍ୟାଲ୍
ଏଣ୍ଡ ବିଉଟି ପ୍ରଡକ୍ଟ୍ସ୍
( ରଣ୍ଡିପୁ )




ବ୍ୟବସାୟ ଓ ସଞ୍ଚୟର ସୁଯୋଗ

**ପାଇଓନିଅର୍ କମର୍ସିଆଲ୍ ବ୍ୟାଙ୍କ୍ ଲି:—**

**ହେଡ଼ ଅଫିସ — କଲିକତା**

**ଶାଖା ଅଫିସମାନ**—ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଈଶ୍ୱରଡି, ଜୟନଗର, ମଜଲପୁର, ମିତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ନୂଆଦିଲ୍ଲୀ, ନାଗପୁର ।

ସ୍ୱାଃ ପି. ଏନ୍: ରାୟ ଚଉଧୁରୀ ।

ଟ ୫୯ ଜମା ଦେଲେ ବର୍ଷକ ପରେ ଓ ୫ମ ବର୍ଷ ଶେଷରେ ଟ ୨୭୦ ଙ୍କା ପାଇବେ ।


Printed & published by G. C. Mahapatra at the Gopinath Press, Bhadrak, 1946.

Digitized by srujanika@gmail.com

୫ମ ସଂଖ୍ୟା

# ଡଗର

ପ୍ରତିଖଣ୍ଡ ଦୁଇ ଅଣା

Dagara UTKAL'S MOST POPULAR FORTNIGHTLY
LIGHT, LEAD & LAUGHTER

ଏଇ ନିଦାରୁଣ ଗ୍ରୀଷ୍ମରେ ଦେହ ଓ ମନ ଶୀତଳ ରଖିବା ପାଇଁ

'ଆଟଲାଣ୍ଟା ପେନ୍'

ବ୍ୟବହାର କରି




ଏ ସଂଖ୍ୟାର ଆକର୍ଷଣ

ମଜାକଥାରେ—'ମୋ ଗପ'

କାହାଣୀରେ—ବେଶ୍ୟା ଓ ଶିକ୍ଷିତ

ମଜାକବିତାରେ—
ସ୍ୱାଧୀନତା ସ୍ୱପ୍ନ

ହେଗଲାପାଞ୍ଜି ଓ

ହିନ୍ଦୁ ଅଭିଗ୍ରହ ପ୍ରଭୃତି

ବାର୍ଷିକ ତିନିଟଙ୍କା ଆଠଅଣା

ଆଫ୍ରିକାଠାରୁ ଫିଜି ପର୍ଯ୍ୟନ୍ତ

# କୁଷ୍ଠ ଓ ଧବଳ କୁଷ୍ଠ

ସକଳ ପ୍ରକାର କୁଷ୍ଠ ରୋଗର, ଯେ କୌଣସି ଦୋଷରୁ ହେଉ, ପ୍ରମେହ ହେତୁରେ ଓ ଯାବତୀୟ ଉପଦଂଶ ରୋଗର ଏବଂ ସମସ୍ତ ପ୍ରକାରର ଏକଜିମା ଓ ଯାବତୀୟ ଚର୍ମରୋଗକୁ ଆମ୍ଭ ଉଦ୍ଭିଦ୍ପ୍ରଦତ୍ତ ଔଷଧ ବ୍ୟବହାର କରି ନିଶ୍ଚିନ୍ତ ହୁଅନ୍ତୁ ।

## ଗ୍ୟାରେଣ୍ଟି ଦିଆ ଚିକିତ୍ସା

ଆମ୍ଭ ଆଶ୍ରମକୁ ଆସିବା ରୋଗୀମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା କରାଯାଇ ଅଛି । ଫଳପ୍ରଦ ହେବାଯାଏ ଔଷଧ ବିନା ଖର୍ଚ୍ଚରେ ଦିଆଯାଏ । ଏହାଛଡ଼ା ଆରୋଗ୍ୟ ଶେଷରେ ବି ଚେକ୍ କରାଯାଏ । ଅତ୍ୟନ୍ତ ଗରିବ ରୋଗୀଙ୍କୁ ସଦାବେଳେ ଔଷଧ ବିନା ଖର୍ଚ୍ଚରେ ବିତରଣ କରୁଁ ।

## ମନ୍ତବ୍ୟ

୧୦ ଟିକଟ ( ଦଶଟଗୋଟି ) ଭିତରେ କ୍ୟାଟଲଗ୍ ଓ ପ୍ରଶଂସା ପତ୍ର ଅନୁରୋଧ କଲେ ବିନା ମୂଲ୍ୟରେ ପଠାଯାଏ । ଅଳ୍ପ ସମୟରୁ ( ଶୁଦ୍ଧସ୍ୟ ଶୀଘ୍ରଂ ) ବହୁତ ଦେଶ ବିଦେଶରୁ ପ୍ରତ୍ୟେକ ହଜାର ହଜାର ରୋଗୀ ଆରୋଗ୍ୟ ହୋଇଥିବାରୁ ବହୁତ ପ୍ରଶଂସା ପତ୍ର ଓ ପ୍ରମାଣ ଏବଂ ବିଜ୍ଞାପନନାମା ଆମ୍ଭମାନେ ଦେଖାଇଦେଇ ପାରିବେ ।

## ରେଡ୍ଡି, ଏଣ୍ଡ୍, କୋ, (ରେଜିଷ୍ଟାର୍ଡ୍)

ହେଡ୍ ଅଫିସ—ଗୋପାଳପୁରମ୍ ; ଇଷ୍ଟ ଗୋଦାବରୀ ଜିଲ୍ଲା,

ଭାୟ୍ୟାଣ୍ଡକ ବ୍ରାଞ୍ଚ—ବକ୍ସିବଜାର, କଟକ ।

ପ୍ରକାଶ ଥାଉକି—କେତେକ ଲୋକ ଆମ୍ଭ ହୋଂପାଆଳ ଔଷଧ ବୋଲି ରୋଗୀମାନଙ୍କୁ ନ କହି ନକଲ ଔଷଧ ଦେଇ ଠକାଉଛନ୍ତି, ଏଣୁ ଆଉ ଅନ୍ଧକାରରେ ନପଡ଼ି ଆମ୍ଭ ବ୍ରାଞ୍ଚ କିମ୍ବା ହେଡ୍ ଅଫିସରୁ ଔଷଧ ବ୍ୟବହାର କରି ଅଚିରେ ନବଜୀବନ ଲାଭ କରନ୍ତୁ ।

---

# CONSULT:—

## Mr. N. C. Mohanty.

**Pleader.—Bhadrak.**

The Only HAND-WRITNG EXPERT And Finger Print Examiner in Orissa.

Subjects—Disputed Handwritings, Typewritings & Finger Prints

Fees—Reasonable—Cross Examination & Argument accepted.

Digitized by srujanika@gmail.com




# ବିଲୁଆ ବିଚାର

୧୦ମ ବର୍ଷ—୬ମ ସଂଖ୍ୟା

ଭାଦ୍ରବ ପ୍ରଥମାର୍ଦ୍ଧ

ଓଡ଼ିଶା ମନ୍ତ୍ରୀମଣ୍ଡଳ ସାଙ୍ଗରେ ଓଡ଼ିଶା କଂଗ୍ରେସ କମିଟିର ଅଧିକାର ନେଇ ଟଣା ଓଟରା ଲାଗିଛି ବୋଲି ଖବରକାଗଜରେ ନଥିଲେ ମଧ, ଖବରଟା ଚାରିଆଡ଼େ ବୁଲୁଥିଲା । କେନ୍ଦ୍ରୀୟ କଂଗ୍ରେସ ପଞ୍ଚାଏତ ଫଇସଲା କରିଛନ୍ତି ଯେ କଂଗ୍ରେସ କମିଟି ମନ୍ତ୍ରୀ ମଣ୍ଡଳକୁ ହୁକୁମ ଦେଇ ପାରିବେ ନାହିଁ—କେବଳ ପରାମର୍ଶ ଦେବେ ।

ଘରେ ଘରେ କଣ ଅଧିକତଃ ସେଇଆ ନୁହଁକି ? ମାତ୍ର ସେ ପରାମର୍ଶର ଯେ ହୁକୁମ ଠାରୁ ବଳ ବାଟଣ !

× × × ×

କଂଗ୍ରେସ ସରକାର ଯେଉଁ ସବୁ ଟାଉନ ରେସନ କମିଟି ଗଢ଼ିଛନ୍ତି ତହିଁରେ ଜାଣିଶୁଣି ବେପାରବାଲା ବ୍ୟକ୍ତିଙ୍କୁ ରଖିଛନ୍ତି । କାରଣ ଏମାନେ କ୍ଷମତାଶାଳୀ ସରକାରୀ ଗୁଦାମମାନଙ୍କ ମନ ରଖି ଚଳିପାରିଲେ ତାଙ୍କ ବଡ଼ ଦୃଷ୍ଟିର ଫଳ ଭୋଗ କରିବାକୁ ପଡ଼ୁଛି ବୋଲି ଅନେକ ଖବର ପାଉଛୁ । ସରକାର ଯଦି ଏହିପରି ବେପାରୀ ସଙ୍ଘର ତାଙ୍କ ପାଇଁ ଗୋଟାଏ Protection Bill ପାସ ନ କରନ୍ତି, ତେବେ ନାଗରିକ ସମିତି, ବା ଅନାଥ ଉଦ୍ଧାର ସମିତି ତରଫରୁ ଏହି ନିରସ, ନିରୁଣାମାନଙ୍କ ସକାଶେ ଗୋଟାଏ ଚାନ୍ଦା କରନ୍ତୁ ।

\+ + + +

କଲିକତାରେ ଯେଉଁ ହାଣକାଟ ହୋଇଗଲା ଓ ଅନ୍ୟାନ୍ୟ ସ୍ଥାନରେ ଯାହାର ଢୁଅ ଚାଲିଛି—ସେ ସମ୍ବନ୍ଧରେ ମହାତ୍ମା ଗାନ୍ଧି ବେଳେ ବେଳେ ଗୁଡ଼ାଏ କଥା କହିଛନ୍ତି । ବଡ଼ ଲୋକଙ୍କ କଥା ହିସାବରେ ଆମର ତାକୁ ବିଗ୍ଭର କରିବା ଏକାନ୍ତ ଉଚିତ ।

ମହାତ୍ମାଜୀ କହିଛନ୍ତି—"ଅହିଂସା ଭାବରେ ଯଦି ହିନ୍ଦୁ ଗୋଟିକ ଗୋଟି ସବୁ ମରିଯାଆନ୍ତି ତେବେ ମୁଁ ଦୁଃଖିତ ହେବି ନାହିଁ । କାରଣ ତାହାହିଁ ମୁକ୍ତିର ପଥ ମୁକୁଳା କରିଦେବ ।

ଅନେକ ଭାବୁଛୁ ମାଉଣ୍ଟବାଟେନ ଦିଲ୍ଲୀରେ କମଣ୍ଡାରଲା ଯାଇଁ ଓଡ଼ିଆ ଯାକ ମଲେ, ସେମାନେ ମୁକ୍ତି ପଥଟା କେତେ ମୁକୁଳାଇ ଦେଇଥିବେ !

ମହାତ୍ମାଜୀ ପୁଣି କହିଛନ୍ତି ଯେ, "ପୁଲିସ ବା ମିଲିଟାରି ଉପରେ ଭରସା ନ ରଖି ଆପେ ଆପେ ଆତ୍ମରକ୍ଷା କର ।" ତେବେ କଣ ସରକାର ଫେଲ କଲେ ବୋଲି ସେ କହୁଛନ୍ତି ? ଏଣେ ପୁଣି ଶେଷରେ ସେ କହୁଛନ୍ତି ଯେ, "ଆମ ପ୍ରାଣଟା ଆମର ନୁହେଁ, ଏହା ଈଶ୍ୱରଙ୍କ ହାତରେ ।"

ଆମ ପ୍ରାଣ ଯେ ଆମର ନୁହେଁ ସେ କଥା କଲିକତା ତ ଜଣାଇ ଦେଉଛି—କେବଳ ସେଟା କାହା ହାତରେ ସେ ବିଷୟ ଆମେ ହାତେ ହାତେ ଦେଖୁଛୁ । ମାତ୍ର ମହାତ୍ମାମାନଙ୍କ ମତରେ 'ଈଶ୍ୱର' ଶବ୍ଦର ଅର୍ଥ ଯଦି 'ଗୁଣ୍ଡା' ହୋଇଥାଏ ତାହା ଆମକୁ ତ ଜଣା ନାହିଁ ?

\+ × + +

ଜିନ୍ନା ସାହେବ ବୃଟିସ ଉପରେ 'ପ୍ରତ୍ୟକ୍ଷ ବିରୋଧ' ଆରମ୍ଭ କରୁଛନ୍ତି ବୋଲି କହି ଯାହା ଉପରେ ଗୋଟ ପକାଇଲେ, ତାହା ଦେଖି ଆମର ଔଷଧ ଶାସ୍ତ୍ରରେ ତାଟଅ କାନ୍ଦୁଡ଼ିବା ଭଳି ମନେ ପଡ଼ୁଛି । ଆଉ କଥା କହୁଥିଲେ ଏତେ ଲୋକଙ୍କ ହାଡ଼ ଲଗି ଯାଆନ୍ତାଣି ପରା !

ମାତ୍ର ସାହେବ ମତଲବର ବଡ଼ା ହୁସିଆର ଅଛନ୍ତି । ସେ ଆଉ 'ଛୋଟା ଚାମ୍ବେରଲେନ' ବଡ଼ଲାଟଙ୍କ ସହିତ ମୂଲଚାଲ ନ କରି ଖାଲିତ ବଡ଼ ବଡ଼ ଅଙ୍କ ସାଙ୍ଗରେ ବାହାଦୁରି କରିବେ ବୋଲି କହୁଥିଲେ । ମାତ୍ର ବଡ଼ଲାଟ ଚୁ—ଚୁ—କଲା ମାତ୍ରେ ଯାଇ ଦରଜାରେ ହାଜର । ତେବେ ଯିବା ପୂର୍ବରୁ ଗୋଟାଏ ବଡ଼ ଭୂରୁଡ଼ ଦେଖାଇ ଆପଣାର ଇଜ୍ଜତ କାଏମ କରି ଯାଇଛନ୍ତି । ସେ କହିଛନ୍ତି ଯେ "ଆମ କଥା ନ ରହିଲେ "ଘରୋଇ ଲଢ଼େଇ" Civil war ଲାଗିଯିବ, ଯାହାର ନମୁନା କଲିକତା, ବମ୍ବେରେ ଦେଖାଗଲାଣି ।"

କଲିକତା ବମ୍ବେରେ ଯାହା ଦେଖାଗଲାଣି ତାହାହିଁ ଯଦି WAR ( ସମର ) ହୁଏ, ତେବେ ଅଭିଧାନ ବଦଳାଇବାକୁ ହେବ ଯେ !

ଯାହା ହେଉ ଏତେ ବଡ଼ ଧମକଟା ଦେଇ ଯେତେବେଳେ ବାହାରିଛନ୍ତି, ମନ୍ତ୍ରୀ ହେବା ଓ୍ୟାବେଲ ତରଫ ନ ଟଳିଲେ ରକ୍ଷା ।

× + + +

ଗୁଣ୍ଡାମି ଦ୍ୱାରା ଅନେକ ସୃଷ୍ଟି କରିହେଉ ନାହିଁ କେବେ କାହାକୁ ଜଣା ନାହିଁ—ବିଶେଷତଃ ଗୋଟାଏ ଜାତିକୁ । ବଜାର ଭିତରେ ମେସିନଗନ୍ ଚଳାଇ, ସାଧବ ଅହମଦଙ୍କୁ ଛୁରି ମାରି, ରାଜଗୋପାଳ-ଚାରୀଙ୍କ ଗୃହ ବାଡ଼ି ଯଦି ସେ କଂଗ୍ରେସକୁ ଦବାଇ ପାରନ୍ତି ତେବେ ଇତିହାସରେ ତାଙ୍କର ନାମ ରହିବ । କାରଣ ଯେ ଦୁର୍ବଳ ସେ ଭଉଁଳ ହେବା ପୂର୍ବରୁ ଏପରି କାମ କରିଥାଏ । ଏ ସବୁର କଷଟା ମୁସଲମାନମାନେ ଯେ ଜାଣୁଛନ୍ତି ଜିନ୍ନାଙ୍କ ପଛରେ ଗୋଡ଼ାଉଛନ୍ତି, ଏହିତ ଆପଶୋଷ । ହୁଏତ ଦିନେ ଶୁଣାଯିବ ଜବାହରଲାଲ ବା ପାଟେଲଙ୍କ ଉପରେ ଗୁଣ୍ଡାମି ଚାଲିଲା । ଏଥିରେ ଜାତିଟା କେବେ ଦବିବ ନାହିଁ, ବରଂ ଫଳ ଫଳିବ ଓଲଟା,—ଯାହାର ପରିଣାମ ଅତି ଭୟଙ୍କର !

\+ + + +

ନୂଆ କଂଗ୍ରେସୀ ଅନ୍ତଃରୀଣ ସରକାରକୁ ସାମ୍ନାରେ ଦେଖିଲେ ଭଲ ଲାଗେ ବାମର ଦର୍ଶନ ଦେଉଛନ୍ତି— ତାହା ଭିତରେ ଜଣ ଟିକସ

Digitized by srujanika@gmail.com

ଉଠାଇବା ସବା ଆଗ । ଲୁଣ ଟିକସ ଉପରେ ଗାନ୍ଧିଜୀଙ୍କର ଅନେକ ଦିନର ଅଭିଯୋଗ । ଏଥିପାଇଁ ସେ ସମଗ୍ର ଦେଶର କୃତଜ୍ଞତା ଅର୍ଜନ କଲେ ।

ସେହିପରି ଭାଙ୍ଗର ସହୋଦର ଗଞ୍ଜେଇ ଅଫିମ ଉପରୁ ଟିକସ ବା ଏକ୍ସାଇଜ୍ କର ଉଠାଇ ଦେଲେ ସେ କେବଳ ଲୋକଙ୍କର ନୁହେଁ, ସାଧୁ ସନ୍ଥ ଏପରିକି ସ୍ୱୟଂ ଦେବାଧିଦେବ ମହାଦେବ ଓ ମା କାଳୀଙ୍କର କଲ୍ୟାଣ ଭାଜନ ହୁଅନ୍ତେ । ୧୨୫ ବର୍ଷ ବଞ୍ଚିବାକୁ ମନ ଥିଲେ ଗାନ୍ଧିଜୀ ଏଇ କଥାଟା ଅନୁଭବ କରନ୍ତୁ ।

× + × +

ଏବେ ଯେ ଆମ ପ୍ରଧାନମନ୍ତ୍ରୀ ମହତାବଙ୍କ ଜବାବ ଦେଇଛନ୍ତି ଯେ ବର୍ଷକ ଭିତରେ ସାରା ଓଡ଼ିଶା ଦେଶରୁ ମାଦକ ନିବାରଣ କଠୋର ଭାବରେ କରିବେ । ସତକଥା କହିବାକୁ ଗଲେ କୌଣସି ସରକାର ପକ୍ଷରେ ମଦ, ଗଞ୍ଜା, ଅଫିମ ଚଳାଇବା ନିତାନ୍ତ ଲଜ୍ଜାକର କଥା । ସେଥିପାଇଁ ଆମେ କହୁଁ ଯେ ସରକାର ସେ ରୋଜଗାର ବନ୍ଦ କରନ୍ତୁ—ମାତ୍ର କୃଷି ଓ ଶିଳ୍ପ ବିସ୍ତାରରେ ଦେଶ ମଧ୍ୟରେ ତାର ଅପୂରଣର ପୂର୍ତ୍ତି ପୋଷକତା କରନ୍ତୁ । ପୂର୍ବେ ସ୍ୱାଧୀନ ଓଡ଼ିଶାରେ ତ ଅବକାରୀ କଟକଣା ନ ଥିଲା । ଲୋକେ କଣ ଅଫିମା, ମଦଖିଆ, ଗଞ୍ଜେଇଖିଆ ହୋଇ ଯାଉଥିଲେ ?

× × × +

ସମ୍ବଲପୁରର କେତେଜଣ ପଣ୍ଡିତ ଐତିହାସିକ ପ୍ରତ୍ନତତ୍ତ୍ୱ ଗବେଷଣା କରୁଁ କରୁଁ ଗୋଟାଏ ନୂଆ ତଥ୍ୟ ଆବିଷ୍କାର କରିଛନ୍ତି । ତାହା ଏଇକି, ସମ୍ବଲପୁର ଗୋଟିଏ ସ୍ୱତନ୍ତ୍ର ଦେଶ; କୃଷ୍ଟି, ସଂସ୍କାର ଭାଷା ବା ଜାତୀୟତାରେ ଓଡ଼ିଶା ସହିତ ତାର କୌଣସି ସମ୍ବନ୍ଧ ନାହିଁ । ଅତଏବ ଏକ ସ୍ୱତନ୍ତ୍ର ଜାତି ରୂପେ ସମ୍ବଲପୁର ଗୋଟାଏ ସ୍ୱତନ୍ତ୍ର ପ୍ରଦେଶ ହେବା ଉଚିତ ।

ଆମେ ଏହି ଆବିଷ୍କାରର ମୌଳିକତା ଓ ଯୌକ୍ତିକତାକୁ ବାସ୍ତବ ମନୋଭାବରେ ଅନୁମୋଦନ କରୁଅଛୁଁ । ଏହା ହୋଇ ଗଲେ କଳାହାଣ୍ଡି ବଉଦ ତା ସମ୍ବଲପୁରର ଲୁପ୍ତ ଗୌରବ ଫେରି ଆସିବ । ସ୍ୱରାଜ ଘରେ ରହିବ; ଅର୍ଥର ଅଭାବ ନାହିଁ । ଏଇକି ଗୋଟାଏ ଜାତି ଜାତିର ପଛରେ ବା ପାଖରେ ଥିବାଦ୍ୱାରା ଆତ୍ମା ବାକି ଓଡ଼ିଶା ଯେ ଚଞ୍ଚଳ ହୋଇଯିବ ଏଥିରେ ସନ୍ଦେହ ନାହିଁ । ଖାଲି ମେହେରଙ୍କ କଣ୍ଟକ କଥାଟା ଟିକେ ଯାହା ଅଡୁଆ !

× + + +

କଂଗ୍ରେସ ମନ୍ତ୍ରୀମଣ୍ଡଳ 'କମ୍ୟୁନାଲିଷ୍ଟ'-ତାଡ଼ଣ କରୁ କରୁ ହଠାତ୍ 'କମ୍ୟୁନିଷ୍ଟ' ତାଡ଼ଣରେ ଲାଗି ପଡ଼ିଲେଣି । ସ୍ୱୟଂ ମହତାବଙ୍କ ସେହି କେତେକ ଯୁବକଙ୍କ ଉପରେ ଯେପରି ବଜ୍ରବାଣ ଛାଡ଼ିଲେ ତାହା ଆସେମ୍ବ୍ଲି ସଭାରେ, ସେଥିରେ ଯେ କୌଣସି ଭଦ୍ରଲୋକ ଆପଣା ଇଜ୍ଜତ୍ ସମ୍ଭାଳି ଚୁପ ହୋଇ ରହିବାର କଥା । ମାତ୍ର କମ୍ୟୁନିଷ୍ଟ ବାଳମାନେ ଯେ 'ମୁକ୍ତିଯୋଦ୍ଧା !' ଦେବାର ପାତ୍ର ନୁହନ୍ତି ! ସାଙ୍ଗେ ସାଙ୍ଗେ ରଣ ଘୋଷଣା କଲେ । ଲେଖନୀ ରୂପୀ ମହତାବ୍ ଙ୍କ ଦସ୍ତାନା ( Gauntlet ) ଉଠାଇ ଶକ୍ତିର ବାହାର । ଆସେମ୍ବ୍ଲି ଘରଭିତରେ ଯାହା କହିବାର ହୋଇଥିଲା । ଏଣିକି ବାହାର ଉପରେ ପୁଣି ହେଲା ସେପର୍ଯ୍ୟନ୍ତ ବର୍ଷାଣ ।

କଥାରେ ଅଛି—"ସ୍ୱେର କରିବ, ମନ୍ଦ ଲୋକର ପାଳରେ ପଡ଼ିବ ।" କିନ୍ତୁ ମହତାବଙ୍କ ଯାହା କଲେ ତହିଁରେ ତାଙ୍କ ମହତ ପରୀକ୍ଷା ରହିଲା କି ?

+ + +

କମ୍ୟୁନିଷ୍ଟ ଦଳ ଯୁକ୍ତି ବାଢ଼ୁଛନ୍ତି କି—ଆମେ ତାହା କରୁଛୁ, ଆଉ କିଏ ନ କରେ କି ! ଏଥିର ଉତ୍ତର ଦେଇ ଆମେ କହୁଁ କି—"ନେଇଆସି ଥୋଇ ଜାଣିଲେ କାହିଁ ବଦ୍ୟା ଭଲ ପରା !" ଆଉ ଗୋଟାଏ କଥା ଏହି ଯେ—ପଣ୍ଡିତ ପୁଅ ନ ହୋଇ ମାଙ୍କଡ ମାର-ବାକୁ ଯିବା ମୂଳରୁ ଦେଖିବ । ଯାହାହେଉ, ଏ ବିପଦ ବେଳରେ ସାଥିମାନଙ୍କ ପ୍ରତି ଆମର ସହାନୁଭୂତି ଉଦ୍ରେକ ହେବା ସ୍ୱାଭାବିକ । ଆମର ମୂଳମର୍ମ ଯେ, ସେମାନେ ମାନେ ପାଟି ବନ୍ଦ କରି କବିତାର ଗୋପନ ଭୂମି ( underground ) ରୋଇ ଯାଆନ୍ତୁ । ବେଳ ପଡ଼ିଲେ—ଅର୍ଥାତ ସମସ୍ତ ସୁବିଧା ଆସିଲେ ନିଜରୂପ ଧରି ବାହାର ପଡ଼ିବେ ପୁଣି—ଯେତେ ରହି ଥାଆନ୍ତୁ ।

+ + ×

"ଉତ୍କଳ ମା ଅମର" ବୋଲି ସମଗ୍ର ଓଡ଼ିଆଜାତି ରଡ଼ି କରୁଛନ୍ତି । ୧୩ ଧାରା ସରକାର ଅମଳରେ ଯାହା ହୋଇଗଲା ଓଡ଼ିଆଙ୍କ ପ୍ରାଣକୁ ତାହା ବଡ଼ ବାଧୁଛି । ସମସ୍ତେ ଆଶା କରିଥିଲେ ଲୋକ ପ୍ରତିନିଧି କଂଗ୍ରେସ ସରକାର ଆସିଲେ ଏ ଚୁକ୍ତି ଓଲଟାଇ ଦେବେ । କଂଗ୍ରେସ ସରକାର ଆସିଲେ । ଲୋକେ ବଡ ଆଶାରେ ଚାହିଁ ରହିଲେ । ମାତ୍ର ଦେଖିଲେ ଦେଶରୁ ଆମ ନିଜ ସରକାରର ମୁଖ୍ୟ ନେତା କହିଲେ, "ଚୁକ୍ତିଟା ଓଡ଼ିଆଙ୍କ ପକ୍ଷରେ ଲାଭଜନକ—ଅତଏବ ଚୁକ୍ତି ଭାବ ପ୍ରବଣତାରେ ମାତ ନାହିଁ; ଇତ୍ୟାଦି ।"

ଆମେ ଜାଣୁ, ଭାବପ୍ରବଣତାହିଁ ମଣିଷକୁ ବଡ କରଏ । ସବୁ ଯୁଗରେ ଯେତେଲୋକ ବଡ଼ ବଡ଼ କାମ କରିଛନ୍ତି ସେ ସବୁ ଭାବ-ପ୍ରବଣତା ପ୍ରେରଣାରେ । ମହତାବଙ୍କ ଯେ ଆଜି ଏତେ ବଡ଼ ହୋଇଛନ୍ତି ତା ମୂଳରେ ସ୍ୱଦେଶପ୍ରୀତି ଓ ଜାତୀୟ ମୁକ୍ତିର ଭାବପ୍ରବଣତା ନିଶ୍ଚୟ ଥିବ । ଭାବପ୍ରବଣତା ଉଚିତ କର୍ମର ପରିପନ୍ଥୀ । ଏହା ନ ଥିଲେ କୌଣସି ଜାତି ବା କଂଗ୍ରେସ କେବଳ ଯୁକ୍ତି ଦ୍ୱାରା ଟିକେ ଆଗେଇ ପାରିବ କି ? ମହତାବଙ୍କ ଭଳି ମନ୍ତ୍ରୀ ନେତାଙ୍କଠାରୁ ଭାବପ୍ରବଣତାକୁ ଛଡ଼ାଇ ଦେଲେଣି ଏହା ଦେଖି କିଏ ଆଶ୍ଚର୍ଯ୍ୟ ନହେବ ! କେବଳ ଭାବପ୍ରବଣତାକୁ ଅପେକ୍ଷା ଏକସ୍ୱରରେ ଉପେକ୍ଷା କରିବା ଉପଦେଶରେ ଓଡ଼ିଆ ଜାତିକୁ ଏହା କହିଥିଲେ ପରା !

ମହତାବଙ୍କ ଆଜି ଆଉ ସରକାର ବିରୋଧୀ ନେତା ନୁହନ୍ତି—ଜାତୀୟ ସରକାରର ଦାୟିତ୍ୱ ଯେ ତାଙ୍କର ମୁଣ୍ଡରେ ! ଉତ୍କଳ ମାର ଉଜ୍ଜ୍ୱଳ ଚରିତ୍ର ଯେପରି ଭାବରେ ହେଉ ଛଟକେ, ଓଡ଼ିଶାବାସୀ ତାଙ୍କ ଯେପରି ଭାବପ୍ରବଣତା ହରାଇ ବସି ନ ଯାଏ ।

× + +

Digitized by srujanika@gmail.com



# ମୋ ଗପ

ଶ୍ରୀ—ନି: ମ:

ଶୁଣିଛେ ? ମୁଁ ଜଣେ ଗପ ଲେଖକ । ଗପ ଲେଖିଛି ଢେରେ ଯେ ତାହାର ସଂଖ୍ୟା କେତେ ହେଉଛି ସୀମା ନାହିଁ । କିନ୍ତୁ ମୋ ଲେଖା ଗପ ଅଳ୍ପ ଏ ଦେଶରେ ପଢ଼ି ନାହାନ୍ତି । ତାହାର ମୁଁ ଯଶ ଲାଭ ଯଶ ପ୍ରାର୍ଥୀ ନୁହେଁ । ଆଜି ନା କାଲି ଓଡ଼ିଶା,—ଓଡ଼ିଶା କାହିଁକି ସମଗ୍ର ପୃଥିବୀ ମୋର ଅବଦାନକୁ ସ୍ୱୀକାର କରିବ । ମୋର ଲେଖାକୁ ମୁଁ ଜାଣେ ଆଧୁନିକ ନୁହେଁ—ସମୟର ବହୁତ ଆଗରେ—ଆଗାମୀ ଯୁଗର, ସେଥିପାଇଁ ସାଧାରଣ ଲୋକଙ୍କ ବୁଝିବା କଥା ଛାଡ଼, ଭଲ ଭଲ ସମ୍ପାଦକେ ବି ବୁଝି ନପାରି ଅମନୋନୀତ ବାକ୍ସରେ ପକାଇ ଦିଅନ୍ତି । ଏ ପର୍ଯ୍ୟନ୍ତ ଗୋଟାଏ ବି ବୁଦ୍ଧିମାନ ସଂପାଦକ ମୋ ଆଖିରେ ପଡ଼ିଲେ ନାହିଁ, ଯାହାଙ୍କ ଦୂରଦୃଷ୍ଟି ଅଛି, ଆଗାମୀ ଯୁଗକୁ ଦେଖି ପାରୁଛି, ଭବିଷ୍ୟତ କାଳର କଳ୍ପନା କରି ପାରୁଛି । ମୋର ସେ ପୁଞ୍ଜୀକୃତ ଗଳ୍ପ ସମ୍ଭାରକୁ ଅଗତ୍ୟା ଭବିଷ୍ୟତ ବଂଶଧରଙ୍କ ପାଇଁ ରଖି ମୁଁ ନିଜ ଜୀବନର ଗୋଟାଏ ଶ୍ରେଷ୍ଠ ଗପ କହିବି— ଯାହା ପଢ଼ିଲାଠାରୁ ମୋର ଗଳ୍ପ ଲେଖକ ହିସାବରେ ଓ ମୋ ସ୍ତ୍ରୀଙ୍କର ଗଳ୍ପ ଲେଖକଙ୍କ ପତ୍ନୀ ହିସାବରେ ଗର୍ବ, ଆସନରେ ଟିକିଏ —ଟିକିଏ କାହିଁକି ଭୟଙ୍କର—ଭୟଙ୍କର କାହିଁକି ଏକାବେଳକେ ଓଲଟପାଲଟ ପରିବର୍ତ୍ତନ ଘଟି ଯାଇଛି ।

ମୁଁ ଲେଖକ, ମୋ ସ୍ତ୍ରୀ ପାଠିକା । କିନ୍ତୁ ସମୟ ସମୟରେ ସେ ଗୋଟାଏ ଗୋଟାଏ ଅଦ୍ଭୁତ ଧରଣର ପ୍ରଶ୍ନ କରି ମୋତେ ବିବ୍ରତ କରନ୍ତି । କହନ୍ତି ତମେ ଚନ୍ଦ୍ରମଣି ଦାଶଙ୍କ ପରି ସୁନ୍ଦର ହୋଇ ପାରିବ ? ଲକ୍ଷ୍ମୀଧର ନାୟକଙ୍କ ପରି ରସିକ ହୋଇ ପାରିବ ? ତା ନହେଲେ ତମ ଲେଖା ମୋତେ ଭଲ ଲାଗିବ କେମିତି ? ତମେ ଏମିତି ମଜା ଛନ୍ଦ, ଚମତ୍କାରିତା, ମନମୁଗ୍ଧ କରି ଗପ ଲେଖିଲେ ପଢ଼ିବ କିଏ ।

ଏ ପ୍ରଶ୍ନର ଉତ୍ତର ମୁଁ ବା ଦେବି କ'ଣ ? ମନେ ମନେ ବିଧାତାଙ୍କୁ ଅଭିଶାପ ଦିଏ, ଯାହାଙ୍କର ଅଭିଶାପରୁ ମୋର ଉପରକୁ ସ୍ତ୍ରୀଙ୍କର ଦୋଷ ଲୁଚାଇ ଦେବାର ଅଛି । ଭାବେ ଗୃହିଣୀ ମୋତେ ବିଭା ନ ହୋଇ ଚନ୍ଦ୍ରମଣି ଦାସ ବା ଲକ୍ଷ୍ମୀଧର ନାୟକଙ୍କୁ ବିଭା କରିବା ଉଚିତ ଥିଲା । ସେମାନଙ୍କ ଘର ଆଗରେ ଭୀଡ଼ କେମିତି ଜାଣି ? ହୁଏତ ଅଧିକ କବିତା ଯାଚି ହୋଇ ପାରୁଥାନ୍ତା, ତେବେ ଆପତ୍ତି ନଥିଲା କହୁଛି ।

ଆଉ ସେ କଥା । ମୁଁ ଏଥର ଜଣାଇ ଦେବାକୁ ଚାହେଁ କି, ଲେଖକ-ଗୃହିଣୀ ଜଣେ ପାଠିକା ହେଲେ ଏବଂ ଖୁବ୍ ଗଳ୍ପ ଉପନ୍ୟାସ ପଢ଼ିବା; ଅଥଚ ଅନଧିକାର ଚର୍ଚ୍ଚାରେ ବଡ଼ ନିପୁଣା । ସମୟ ସମୟରେ କବି ରବୀନ୍ଦ୍ରଙ୍କ କଥା ଯେତେବେଳେ କହନ୍ତି, ତାଙ୍କ ଦାଉଘର ପାଖରେ ମାଳତୀ ଦେବୀ ବଜାଉଥିବେ କଂଗ୍ରେସ ସ୍ୱର କହୁଥିବେ ତାଙ୍କ ମୁହଁରୁ ରବୀନ୍ଦ୍ରନାଥଙ୍କ ଗୀତ ଶୁଣି—ସେତେବେଳେ ମୁଣ୍ଡ ଗରମ ହୁଏ । କହନ୍ତି—"ଆମାର ମାଥାୟ ନତ କରେ ଦଅ ତୋମାର ଚରଣ ଧୂଲାୟ ତଲେ—ସକଲ ଅହଙ୍କାର ହେ ତୋମାର ଡୁବାଓ ଚୋଖେର ଜଲେ ।"

କିନ୍ତୁ ମୋ ଲେଖକ ଗୃହିଣୀ ଯେତେବେଳେ ଘରର ଅଭାବ ଅସୁବିଧା ଜଣାନ୍ତି ମୁଁ ସେତେବେଳେ ସେହିପରି ଲେଖା ଧରାଇ ଦିଏ । କହେ, ଖୁବ ଶୁଣୁଥିବ ଦେଖ 'ତାମେ ଶତ ଶିଖା ରମ୍ଭା ଦକ୍ଷିଣେ ମୋ ବାଁ ହି ମୁଗା' 'ରମ୍ଭା ମଙ୍ଗଳ ଶଙ୍ଖ ଧ୍ୱନି ଯାହାନ୍ତି' ଏହି ଲେଖାଟାକୁ ସଂପାଦକ ଅମୁକ ଅମୁକ ବା ତମୁକଙ୍କ ପାଖକୁ ପଠାଇ ଦେଇଥିଲେ ବହୁ ପଇସା ମିଳିବ । ଅଜଣାଙ୍କ ସଂପାଦକ ଲେଖାର ମୂଲ୍ୟ ଖୁବ୍ ବୁଝିଲେଣି । ମାସେ ଦୁଇ ମାସ ଧରି ବାଟେଇ ଚୁଟକୀ ତାଙ୍କ ପତ୍ରିକାରେ ଲେଖା ଲେଖି ଦିଅ । ପାଉଣାଟାରୁ ସେ କେବେ କମ ଦେବେ ନାହିଁ । ଟଙ୍କା ଦିଟଙ୍କା ତ ଅତି ସହଜ କଥା । ବାସ୍ତବଟାଙ୍କ ଉଚ୍ଚ କବିଙ୍କ ୫୦/ ଭିକ୍ଷା ଦିଅ ଦୁଏ । ନହେଲି ଏତେ ଆମେ ଉପାୟ ମାରିବା । କିନ୍ତୁ ଲେଖାଟା ପଠାଇବାକୁ ହେବ । ତେଣୁ ଗୀତ ଗାଇ ପଇସା ନଥିଲେ—ଆମେ ଖାଇବା କ'ଣ ନାଇବଥା ?

ଗୃହିଣୀ କହନ୍ତି "କାହିଁ ? ପଇସା କାହିଁ ? ଦିନରାତି ତ କହି ସମ୍ଭୁଛ—ସମ୍ଭୁଛ ଯେ ମୋ ସାଙ୍ଗରେ ଟିକିଏ ହସ ଖୁସି ହେବାକୁ ବେଳ ନାହିଁ । ତେବେ ପଇସା ଆସୁଛି କାହିଁ ?"

ମୋର ଟିକିଏ ଅଭାବ ଘଟିଛି । ସେଥିପାଇଁ ସମ୍ପ୍ରତିଃ ସଂପାଦକମାନେ ମୋ ଲେଖା ପଢ଼ି ଫେରାଇ ଦେଇ ଦିଅନ୍ତି । କିନ୍ତୁ ବୁଝନ୍ତି ନାହିଁ ଯେ ଜୀବନ ବଳ ଫଳ ଅଛି କଠିନ ବାହାରେ—ଅନାହାରେ କିଏ ତାକୁ ଖାଇଁ ଅବାଗରେ । ମାଷ ଉଇରେ ମଧୁର ଅତି ଇତ୍ୟାଦି ଇତ୍ୟାଦି । ଲେଖାଟା ଅତି କଷ୍ଟକର ହୋଇଲେ ଏକ ସହ ହେବ ନାହିଁ । ଗୃହିଣୀଙ୍କର ଦସ୍ତାକର ମଧ୍ୟ ଅଦ୍ଭୁତ ସୁନ୍ଦର ! ସେ ଯେତେବେଳେ ମୋତେ ଚନ୍ଦ୍ରମଣି ଦାସ ଲକ୍ଷ୍ମୀଧରଙ୍କ ଭଳିଆ କହନ୍ତି ସେତେବେଳେ ମୁଁ କହେ—ହାୟ, ତମେ ଭଲ ଟିକିଏ କରୁଣା

ଦେଖା ଦେଲା ଶିରୋମଣି ଦେଖା ଦେଉଥାନ୍ତି । ସୁନ୍ଦର ସୁନ୍ଦର ଅକ୍ଷର ଲେଖି ପାରୁଥାଆନ୍ତି— ସ୍ୱାମୀଙ୍କର କେବଳ ନକ୍ଷାଟେଣ ସିନେମା ପ୍ରତି ନୁହେଁ ସକଳେ ସହଧର୍ମିଣୀ, ଉତ୍ତ ଧର୍ମିଣୀ ଏବଂ ସବୁ ହୋଇ ଥାଆନ୍ତି—ମୁଁ ଯାହା ଲେଖି ଯାଆନ୍ତି ତାହା ତାଙ୍କୁ ତମର ... ଭୂତେ ଫେଣ୍ଡାର ବା ସ୍ୱାତି ଦର ପଢାଇ ଥାଆନ୍ତି, ତା ହେଲେ କେତେ, ତମନ୍ତ ବଣ୍ଡ ସଂପାଦକ ଶ୍ରୀ ମୋ ଲେଖାକୁ ଅଗ୍ରାହ୍ୟ କରନ୍ତା କେମିତେଇ ।

ସେଦିନ ମୋର ଜଲବୋର୍ଡ଼ ମିଟିଂକୁ ଯିବାଦିନ । ତର ତରରେ ବାହାରି ଥାଏଁ । ଗୋଟାଏ ଲେଖା ଗୋଟାଏ ନୂଆ କାଗଜକୁ ଦୋଉଡାକୁ ଦତ । ଓଡ଼ିଶାରୁ ତ ପତ୍ର ପତ୍ରିକା ଲୋପ ହେଉଛି— ଏଥର ଓଡ଼ିଶା ସରକାର ଯେଉଁ ନୂଆ ପ୍ରବନ୍ଧ ବାହାରୁଛନ୍ତି ସେଇଠି-କାର ସଭାମାନେ ଗୋଟାଏ ଯୋଡ଼ାଏ ପତ୍ରିକା ବାହାର କରି ଅଠଣା ଟଙ୍କା ପାରିଶ୍ରମିକ ଦେବେ ତାହାରି ଅଶାରେ ପଠାଇବା କଥା । ସେ ଟଙ୍କାରେ ଅଢେଇ ନ ହଉ, ଅନ୍ତତଃ ଉଦ୍ଦେଶ୍ୟ ସନ୍ଧାନର ଦୁଗା ମୁଠା ପାଇଁ ଅଧେ ଲୁଗା ତେଣ୍ଡ, ନ ହେଲେ ବା ଖବର କାଗଜ କିଣି ଅନ୍ତଃ ସାଉଷ ଲକ୍ଷିଲେ ସେତେବେଳକୁ ଦରକାର କେତେ ବର୍ଷରେ ଅଛିତ ।

ଲେଖାଟାକୁ ପଠାଇବ ପଠାଇବ ବୋଲି ପଠାଇ ନପାରି ଜଲ୍ଲା ବୋର୍ଡ଼ ଅଫିସ ଭାବରେ ଛୁଟି ଗଲି । କାରଣ, ମାଟରେ ଥରେ ସଭା—ପାଞ୍ଚୋଟି ଟଙ୍କା ମୁନାଫା—ବଛର ଟଙ୍କା ୫ଃ ଏବୁ—ସେତେବେଳେ ନ ହେଲେ ଘରଣୀଙ୍କର ସିନ୍ଦୂର ଅଳତା ଓ ପାନମସଲା ଓ ବାଇନା ତେଲ ବାହୁଁ ହୋଇବ । ସ୍ଲେ ମାଉଡ଼ଉଟା ମଫସଲ ଉତ୍ତ ସହରରେ ଦରକାର ନଥିବାରୁ ଯଥା କଥା ଦ ସେଥିବାରେ ଚଳି ଯାଏ । ତା ଛଡ଼ା ମୋ ପାଇଁ ଉର କଣାଇଲି ଉନ ବା ଚଉଲି ଟଙ୍କି ପିଉବାଇଲା ଦଦ୍ୟା—(ଉଛ ଦଦ୍ୟା) ଦଦ ଗୃହିଣୀ ଦ୍ୱାସର କରୁ ନାହାନ୍ତି । ତେଣୁ ସେ ବାବଦର ଅଶଙ୍କା ନାହିଁ । ତଥାପି ସେ ସଂକ୍ରାମକ ରୋଗ ଯେ ନସବୁ ବାଳକାମାନଙ୍କୁ ଅକ୍ରମଣ ନ କରେ ତା' ନୁହେଁ । ଉପରନ୍ତୁ, ମେତ୍ଲ ଅଦ ଦେବଳ ମାସ ସହରର ସଂପତ୍ତି ହୋଇ ଯୋଗରୁ ଅଛି ନାହିଁ— ଫେସନଟ ଓ ଯେମିତି ଅଧୁନିକା ସ୍ତ୍ରୁ ଦରେ ତାଳବାଙ୍କ ଠାରୁ କ୍ରମେ ଦଇପାଠ୍ଠାରୁ ଅଗାଟୋଇଙ୍କ ପାଖକୁ ଅପାଚିତ ଗ୍ରାମରେ ଯେଉଁଭ ଛପର ଧାଡ଼ି ପ୍ରବେଶ କଲାସି ତା ଦେଖି କଏ ଉଡ଼ିବ ଯେ ଫେସନଟା ଅଧୁନିକାଙ୍କ ଏକସ୍ୱତ୍ୱ ?

ଯାହାହେଉ, ଗୃହିଣୀଙ୍କର ଭୋଗାର୍ଥେ ଜଲ ବୋର୍ଡ ମିଟିଂର ବାହାରି ଗଲି । ତାପରେ ଲେଖାଟା କଥା ମନେ ପଡ଼ିଲା । ମନଟା ଗୋଟେଇ ବାଣ୍ଟି ହେଲା, ମିଟିଂରେ ମନ ଲଗିଲା ନାହିଁ । ମିଟିଂରେ ମନ ଲଗେଇବା ଦରକାର ଓଧ ପଡ଼େନାହିଁ ।

ଘରେ ଅସି ସେ ଲେଖାଟାକୁ ଖୋଜିଲି । ପାଇଲି ନାହିଁ । ଗୃହିଣୀଙ୍କୁ ପଚାରିଲି । ସେ କହି ପାରିଲେ ନାହିଁ । ମୁଁ ସ୍ଥାନ ଦେଖାଇ କହିଲି—ଏଇଠି ଏଇ ଟେବୁଲରେ ମୁଁ ରଖି ଯାଇଥିଲି । ସେ କହୁଛ ଖବ ଚାନ୍ଦ କହିଲେ, କେତେ ସୁନ୍ଦର ଚଣାଇ ସବୁଦା ଅଥଚ ଥିବା ... ଜାଗଜ ମୁଁ କାଲି ଠଣା ଉପରୁ କେଇ ଚୂଲି ଲଗେଇଲି—କାହିଁ ତମ ଲେଖାତ ସେଥିରେ ନଥିଲା ।

ମୁଁ ସବୁରେ ବସି ହେଉଥିଲି । ବାଣ୍ଡିଲିକୁ ଯାଇ ବାଣ୍ଡି ଘୁଞ୍ଚା କରିବା ବାହେରେ ଦ୍ୱଗିଲି । ଗୃହିଣୀ ତଥାପି ନୀରବ । ଲେଖକର ଲେଖା ହଜିଲେ ମନରେ ମାଇପ ମରିବ ଠାରୁବ ବେଶୀ କଷ୍ଟ ହୁଏ ସେ କଥା ମାଇପ ତା ବୁଝିବ କେମିତି ।

ଦିନ କେତୋଟା ଗଲା । ହଠାତ ଗଣ୍ଡିଏ—ପତ୍ରିକା ଓ ତା ସଙ୍ଗେ ସଙ୍ଗେ ପରେ ଡାକରେ ଶ୍ରୀମତୀଙ୍କ ନାମରେ ମନିଅର୍ଡ଼ର ଟ ୨୫ (ପଚିଶ ଟଙ୍କା) ଉପସ୍ଥିତ ।

ମୁଁ ଭାବିଲି ମୋ ଅଗୋଚରରେ ଥିବା ପତ୍ନୀଙ୍କର ଏମିତି କଛ ଘଟଣା ଘଟିଥିବ ଯାହା ଫଳରେ ଅଜକାଲି ଫୋଷ୍ଟ୍ୟୁମିସ ଯୁଗରେ ଏବଂ ନୂଆ ଯୁଗ ପ୍ରଚଳିତ ସଭ୍ୟ ହିନ୍ଦୁ ସମାଜ ଅନୁମୋଦିତ ପ୍ରଥାନୁସାରେ ପୋଷ୍ଟ ଅଫିସ ଭିତରେ ଗୋଟାଏ ଦେଶର ଅପରିଚିତ— ସମ୍ଭବତଃ ତାଙ୍କ ଶ୍ରୀ ଟୋଇଥିବେ ।

କିନ୍ତୁ ଦେଖିବା ବେଳକୁ, ପ୍ରେରକ ହେଉଛନ୍ତି ଅମୁକ ପତ୍ରିକାର ସଂପାଦକ । ପତ୍ରିକାର ପତ୍ର ଓଲଟାଇ ଦେଖିଲି— 'ମୋ ଗପ' ଲେଖିକା ତରଙ୍ଗିଣୀ ଦେବୀ । ଅନେକ ହୋଇଛି ପ୍ରଥମ ପୃଷ୍ଠାରେ ରମେଶ କହୁଛି—ମୋର ଗପକୁ ପାଠକ ସତ ମନେ କରନ୍ତୁ ବା ନ କରନ୍ତୁ ଏହା ଅଛି ସତ୍ୟ—ଖାଣ୍ଟି ସତ୍ୟ—ଇତ୍ୟାଦି ଇତ୍ୟାଦି ।

ଏଃ! ତ ମୋର ଲେଖାପରି ଜଣା ପଡ଼ୁଛି ! ପଢ଼ିଗଲି । ଅବିକଳ ମୋର ଲେଖା । ସେଇ ନାଁରେ ଲେଖିଥିବା ଲେଖା । ଏ ପୁଣି କାହିଁ ଅସିଲା !

ଟଙ୍କାଟା ପାଇ କବିପତ୍ନୀଙ୍କର ଯଉ ଅନନ୍ଦ, ସ୍ୱାମୀ କରି କରି ମଧ୍ୟ ସେ ଅନନ୍ଦ ତାଙ୍କର ହେବାର ଦେଖା ନ ଥିଲା ।

କିନ୍ତୁ ସବୁଟା ଠାରୁ ମୋର ଗୋଟାଏ ଦୁଃଖ ହେଲା ଯେ ସଂପାଦକ ନିଜର ଏଡ଼ିଟୋରିଅଲରେ ମୋ ଲେଖା ଉପରେ କଲମ ଚଳେଇ ନେଇଛନ୍ତି ମୁଁ ଗଳ୍ପରେ ଯେଉଁଠି କଥିତ ଶେଷ କରିଛି ସେଇଠି ସେ ସ୍ତ୍ରୀ ପୁରୁଷଙ୍କର ମିଳନ କରି ଦେଇଛି । ପାଠକ, ଯେଉଁଠି ମୁଁ ମୃଦୁର, ଯାନ୍ତ୍ରିକ ଇତ୍ୟାଦି ଶେଷ କରିଛି ସେଇଠି ସେ ମୋର ଭଳି ଗୋଟାଏ କାରେ ମାର୍ଜିତ ପ୍ରେମିକ ରୂପରେ ଚିତ୍ରଣ କରି ଦେଇଛି ।

ମୁଁ ଦୁଃଖ କରୁଁ କରୁଁ ରାଗିଗଲି । ଅଉ ସେ ପତ୍ରିକାର ପୃଷ୍ଠା ଦେଖିଟା ଚିରି ପକାଇବାକୁ ବସିଛି ବାମାଙ୍ଗିନୀ ଅସି ତାଙ୍କ ହାତରୁ ମୋର ଧରି ପକାଇଲେ—ହାଁ—ହାଁ— ଏ କ'ଣ କରୁଛ ? — ଏ ଯେ ତମର ଲେଖା ।"

"ତା— କଦାପି ନୁହେଁ— ବଦମାସ ସଂପାଦକର ଏତେ ଗର୍ବ !"

ତରଙ୍ଗିଣୀ ମୋତେ ସ୍ତୁତି କରି ସଙ୍ଗେ ସଙ୍ଗେ ଦେଇ ଅଶ୍ରୁ ଝରାଇ ଯାହା କହିଲେ ତାହା ଶୁଣି ମୁଁ ତ ବାବା । ଉକ୍ତ ମଧ୍ୟରେ ସଂପାଦକେ ତାଙ୍କୁ ପତ୍ର ବି ଲେଖି ସାରିଛନ୍ତି । ଶ୍ରୀଘ୍ର ଅସନ୍ତାରୁ ପ୍ରେମିକ ଅସନ୍ତକୁ ହଠାତ୍ ଦୁମୋହନ ।

(ଅବଶିଷ୍ଟାଂଶ ୭୫ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com




# ବେଶ୍ୟା ଓ ଶିକ୍ଷିତ

ଲେଖକ:—
ଶ୍ରୀ ନିରଞ୍ଜନ ତ୍ରିପାଠୀ

ଠନ୍ ଠନ୍ ଠନ୍ ବାଜିଗଲା ଛ' ଥର ।

କର୍ମକ୍ଳାନ୍ତ ଅବସନ୍ନ ଦେହଟାକୁ ସଙ୍ଗରେ ନେଇ ଚାଲିଲି ଘର ଆଡ଼େ । ମନ ଭିତରେ ଗଣ ଗଣ ଭାବନା—ନିଜର ଭବିଷ୍ୟତ ଚିନ୍ତା ।

ଗୋଟାଏ ମୋଡ଼ ପାର ହେଲେ ଆଗରେ ଲାଲ ବାଡ଼ି । ହଠାତ୍ ଚେ ଚେହେଲା । ଅଧର କୋଣରେ ମନ ଭୁଲା ହସ ଧରି ସେ ଆଗରେ ଆସି ଛିଡ଼ା ହେଲା ଅନନ୍ତ ଯୌବନା ବାଳିକାଟିଏ ।

ଆଶ୍ଚର୍ଯ୍ୟ ହେଲି ଏ ବାଳିକାଟି କିଏ ? ଗୌରକାନ୍ତି, ମୁକ୍ତ କେଶ ବେଣୀ ପିଠି ଉପରେ ଲମ୍ବିଛି । ଦେହରେ ନୀଳ ସିଲ୍କ ଧଳା ଫୁଲ୍ର ଶାଢ଼ୀଟାଏ ।

ଅପ୍ରସ୍ତୁତ ହେଲି ।

ମୋ ହାତଟିକୁ ଧରି ସେ ପଚାରିଲା "ଭ୍ରମର ଫୁଲର ସନ୍ଧାନ ନିଏ—କିନ୍ତୁ ଫୁଲ ଯଦି ଓଲଟି ଭ୍ରମରକୁ ଧରିବସେ – ଛଡ଼ି ଦେବ କି ?"

ଅର୍ଥ ବୁଝିଲି ନାହିଁ—ବୁଝିବାକୁ ବି ସମୟ ପାଇଲି ନାହିଁ । କାରଣ ସେତେବେଳେ ମୁଁ ମୋର ନିଜକୁ ହରାଇ ବସିଥିଲି—ତାର ସେଇ ମାଦକତା-ଭରା ନୟନରେ ତନ୍ମୟ ହୋଇ ।

ପଚାରିଲି "ତୁମର ନାମଟା କଣ ଜାଣି ପାରେ କି ?"

"ଫୁଲ କୁମାରୀ"—ପୁଣି ସେଇ ହସ—ପୁରୁଷ ଜାତିକୁ ସର୍ବସ୍ୱାନ୍ତ କରିଥାଏ ଯିଏ ।

ନୀରବ ହେଲି—ମୋ' ଉପରେ ତାର ବ୍ୟବହାର ହିଁ ମୋତେ ନୀରବ କଲା ।

"ଏଠି ଛିଡ଼ା ହେବା ଅପେକ୍ଷା ମୋ ସାଙ୍ଗରେ ଗଲେ କଣ କ୍ଷତି ହୁଅନ୍ତା ?" ନିର୍ଭର କଣ୍ଠରେ ସେ କହିଲା ।

ତା କଥାର ଉତ୍ତର ପାଇଲି ନାହିଁ ତାକୁ ଏଡ଼ାଇ ଯିବାର ସାହସ ମୋର ହେଲା ନାହିଁ ।

ପୁଣି ହାତଟିକୁ ଧରି ଟାଣି ସେ କହିଲା "ଆସନ୍ତୁ ବାବୁ"—ସେ ଆଗେ ଆଗେ ଚାଲିଲା । ନୀରବରେ ମନ୍ତ୍ରମୁଗ୍ଧପରି ଚାଲିଲି ତାର ପଛେ ପଛେ ।

+ + + +

"All right let us have a ride" ଲତିକା ପ୍ରସ୍ତାବ କରିଲା । ସଙ୍ଗେ ସଙ୍ଗେ ଅଷ୍ଟିନ କାରଟି ଦୁହିଙ୍କୁ କୋଳରେ ଧରି ଧାଇଁ ଚାଲିଲା ଉଦ୍ଭିଦ୍ ପାର୍କ ଆଡ଼କୁ ।

ଗୋଟାଏ ବେଞ୍ଚରେ ପାଖ ପାଖି ବସି ଲତିକା କହିଲା—"Sures Babu, just see, how nice the flower is !"—ଲତିକାର ଗଣ୍ଡ ଦେଶରେ ମୃଦୁ ଆଘାତ କରି ସୁରେଶ ବାବୁ କହିଲେ—"ଅସମ୍ଭବ— ତୁମଠୁ ବେଶୀ ସୁନ୍ଦର ନା କଣ ?"

ଆତ୍ମ ପ୍ରଶଂସା ଶୁଣି ଲତିକା ଗର୍ବରେ ସୁରେଶ ବାବୁଙ୍କର କୋଳରେ ମୁହଁ ଲୁଚାଇଲା । ସୁଯୋଗ ପାଇ ସୁରେଶ ବାବୁ ତାର ଗଣ୍ଡ ଦେଶରେ ଛୋଟ ଛୋଟକରି ଲଦି ପକାଇଲେ ଗୋଟାକେତେ ଚୁମ୍ବନ ।

କିଏ କହେ ଦୁନିଆଟା ଦୁଃଖମୟ ?

"I love you Latika—ମୁଁ ତୁମକୁ ଭଲ ପାଏ" ଏ କଥା କହିବାକୁ ପଡ଼େ ନା—କାରଣ ଏଇ "ଭଲ ପାଇବା" ଆଜିକାଲି ଏତେ ବେଶୀ ହୋଇ ପଡ଼ିଛି ଯେ—ଏଇ love ବା ଭଲ ପାଇବା ଶବ୍ଦଟା ଶିକ୍ଷିତ—ଶିକ୍ଷିତା ଓ ବେକାରର ପ୍ରଥମ ହୋଇ ଉଠିଛି । କିନ୍ତୁ ଲତିକା ମୁଁ ତୁମକୁ ସ୍ନେହ କରେଁ ।

× + + +

ତହିଁ ପରଦିନ ଅଫିସକୁ ଗଲି । ନଥିପତ୍ର ଓଲଟାଇଲା ବେଳକୁ ମୋତେ କିଛି ଦେଖାଗଲା ନାହିଁ । ପ୍ରତ୍ୟେକ ପୃଷ୍ଠାରେ ମୋତେ କେବଳ ଦେଖାଗଲା ଫୁଲ କୁମାରୀର ମୁହଁ । ଘଡ଼ିକୁ ଚାହିଁଲି କେତେବେଳେ ୬ଟା ବାଜିବ । ଠନ୍ ଠନ୍ ଛ'ଟା ବାଜିବା ମାତ୍ରେ ପାଗଳ ପରି ଧାଇଁଲି ମାର୍କେଟ ସାଇଡ଼ର ଗୋଟାଏ ଗଳିକୁ—ଫୁଲ କୁମାରୀର ସନ୍ଧାନରେ । ସେ ଆଗ୍ରହରେ ମୋତେ ଅଭ୍ୟର୍ଥନା କରି ନେଲା ।

ମୁଁ କହିଲି—"ଫୁଲ, ମୁଁ ତୁମପାଇଁ ଗୋଟାଏ ଜିନିଷ ଆଣିଛି ।"

"ସତେ ନା—କାହିଁ ଦେଖିବା—ଦେଖିବା" ସେ ଆଗ୍ରହରେ ମୋ ପାଖକୁ ଘୁଞ୍ଚି ଆସିଲା ।

ପକେଟରୁ ସୁନା ହାରଟିଏ କାଢ଼ି ତାକୁ ଦେଖାଇ ଦେଲି—ଆନନ୍ଦରେ ସେ ମୋ ଉପରକୁ ଢଳି ପଡ଼ିଲା ।

Digitized by srujanika@gmail.com

“ସୋଲ୍ଲପ ଛୋଲିବାକୁ ଗଲେ ହାତରେ କଣ୍ଟା ବାଜେ” —ଅସମ୍ଭବ । ସେତେବେ ମୁଁ ଫୁଲ ଗୁମାସକୁ ପାଇଲି କେଉଁ । ତାହିଁ ମୋ ହାତରେ ତ କଣ୍ଟା ବାଜିଲା ନାହିଁ ।

\+ \+ \+ \+

ଅଗଷ୍ଟ ୪ । ୫ ଦିନ ହେଲା ଲତିକାର ଦେଖା ନାହିଁ । ଦୁଶ୍ଚିନ୍ତନ ସୁରେଶ ବାବୁ ଧାନ୍ଦ । ୪ ଥର ଲତିକାର ଘରୁ ଫେରନ୍ତି—ତନ୍ତୁ ଲତିକାର ଦେଖା ପାଆନ୍ତି ନାହିଁ । ସେ ଅତ୍ୟନ୍ତ Impatient ହୋଇ ପଡ଼ିଲେଣି । ସକାଳେ ଉଠିପଡ଼ି ମୋଟରଟି ଧରି ଲତିକା ପାଖକୁ ବାହାରି ଗଲେ । ଘରର ଯାଉ ଖୁଣିଲେ ଦେଖ ରମେଶ ବାବୁ ସଙ୍ଗେ ବସ୍ତ୍ରେ ବାହାରି ଯାଉଛନ୍ତି । ଲତିକାର ଅନୁପସ୍ଥିତିରେ ତାଙ୍କ ହୃଦୟଟା ଅନ୍ଧକାର ଦେଖାଗଲା । ସେ ମଟର ପରିବର୍ତ୍ତନ କରି ମଟରଟି ସିଧା ସିଧା ରବିନ୍ଦ୍ର ପାର୍କ ଦରଜାରେ ଛୁଟାଇ ଦେଲେ—। ମଟରଟି ଛଡ଼ା କରଇ ବଜର ମନରେ ପଦ ସ୍ମରଣ କରୁ କରୁ ସୁରେଶ ପୌଛି ଗଲେ— ଅଳ୍ପ ଦୂରରେ ଗୋଟାଏ ବେଞ୍ଚରେ ରମେଶ ଓ ଲତିକା— ରମେଶ ଲତିକାକୁ କୋଳରେ ଧରିଛି—ଆଉ ଲତିକା କହୁଛି—“I can not for. get you in life.”

“ହୃଦୟ ଘାତନା”— ଅଜାଣତରେ ସୁରେଶ ବାବୁଙ୍କର ପାଟିରୁ ବାହାରି ପଡ଼ିଲା ।

× \+ \+ \+

ଗ୍ରାମ୍ୟ ଗୋଟାଏ ମାତ୍ର ଝରଣାକୂଳ—ମୁଁ ପ୍ରତିଦିନ ଫୁଲ ତୋଳିବାକୁ ଯାଏଁ—ତାଙ୍କ ଘର ପାଖେଁ ମୋର ଦେଖା ହୁଏ । ସେ ତ ମୋତେ ଭଲ ପାଏ—ଜାଣେନା ତାହା ସତ୍ୟ କି ଛଳନା ।

ସେ ଦିନ ମଧ୍ୟ ଗଲି । ସେଦିନ ଫୁଲ ତୋଳିବାକୁ ଫୁଲର ଡାଳ ଧରିଛି ବଳ ହୋଇଥାଏ । ହଠାତ୍ ଦେଖିଲି—ସେହି ଉତ୍ତର ଅଟଳ ନାହିଁ । ବାଟ ଦେଖିଲି—ଏବେ ଜଣେ କହିଲା “ଏବେ ତୋଳୁଛ ଫୁଲ ?”—“ସେଇ ବଗିଚାଟା ହୋଇଥିଲା—ସେମାନେ ଜବର ଯାଉଛନ୍ତି କରି ଯେ ଟେଟ ଗୋଟିଏ; ତାର ପୁଣି ପ୍ରେମ କରିବାକୁ ବେଳ ଅଛି ଦେଖୁଛନ୍ତି ତ ?”—ଏହି କଥା କହିକରି ପଳାଇଲା ।

ଗୋଟାଏ ଧକ୍କା ପଡ଼ିଲା— ଜୀବନରେ ଏଇ ନୂଆ । ଆଉ ବଗିଚା ଫୁଲ ଶୁଙ୍ଘିବାକୁ ମୁଁ ସେଠାରେ ନ ଥିଲି ।

× × \+ ×

କେଣେ ଲତିକା ଭଲ ପାଏ—ଯାହାକୁ ଭଲପାଏ—ସେ ଯଦି ସ୍ୱପ୍ନରେ ସୁଦ୍ଧା ନ ଭାବେ ଯେ କାହିଁକି ତାକୁ ଭଲ ପାଏ ତେବେ ସେ ଭଲ ପାଇବାରେ ଲାଭ କଣ ?

ବେଞ୍ଚ ପାଖରେ ବସି ସୁରେଶ ବାବୁ କହି ଉଠିଲେ “ହଁ ହଁ ଲତିକା ଶିକ୍ଷିତା ହୋଇ ମଧ୍ୟ ଏପରି କଲା ।”

× \+ × ×

“ସେ ବେଶ୍ୟା— ତାର ସେଇଟା ବ୍ୟବସାୟ । ସେଥିରେ ଫୁଲର ଅଉ ଦୋଷ କଣ ?—ଗୁଡ଼ ଗୁଡ଼ ଶବ୍ଦରେ ମୁଁ ଏତିକି ଚିନ୍ତା କଲି ।”

—※—

( ମହାକଥା ଅବଶିଷ୍ଟାଂଶ )

ସେଗୋଟା ହେଉଛି । ମୋର ଅନୁପସ୍ଥିତି ଅବସ୍ଥାରେ ଗୃହିଣୀ ମୋ ଘରଟାକୁ ଚଢ଼ି ମନ ଦୁଃଖରେ ତାକୁ ସାଫ କରି ବସିଲେ । ଗଲା ଦିନମାନ ହେବ ଗୃହିଣୀ ଯେ ଅଳଡା ନରମି ହସ୍ତାକ୍ଷର ଖାତା କରୁଛନ୍ତି ଏହା କଥା ମୁଁ ବା ଜାଣିବ କେଉଁଠୁ । ଅଥଚ ନୂଆଙ୍କ, ଗୃହିଣୀଙ୍କର ବର୍ତ୍ତମାନ ଅକ୍ଷର ଦେଖିଲେ ଯେ କୌଣସି ବଡ଼ଲୋକ ଯୁବକ ଓ ଅଧିକ ଲେଖକ ପ୍ରଫ୍ୟାସୀ ତରୁଣ ପ୍ରେମରେ ପଡ଼ିଯିବେ । କିନ୍ତୁ ପ୍ରେମ ପଥ ପାଇବା ସୌଭାଗ୍ୟର ସୁଯୋଗ ମୋର ଦେହରେ ଘଟି ନଥିବାରୁ ମୁଁ ସେ ମୁକ୍ତାନନ୍ଦ ଅକ୍ଷରର ଅଭିଜ୍ଞ ପାଇ ପାରି ନ ଥିଲି ।

ଗୃହିଣୀ ସାଫ କରିବା ବେଳେ ଜ୍ୟୋତିଷୀଙ୍କୁ ଯୋଗାନ୍ତ କରି ଦେଇଛନ୍ତି । କାହିଁକି କଲ ବୋଲି ପଚାରିବାରୁ ସେ କହିଲେ— ଛି, ଛି, ତମେ ଗାଳି ଲେଖକଙ୍କୁ ମାରିଦେବ ପାଇଁ— ଜଣେଇ ପାର ନାହିଁ । ଅମରଣ ପ୍ରଥମ ପ୍ରେମରେଇ ଯୋଗାନ୍ତ ହେଇଛ— ଜ୍ୟୋତିଷର କଥା ମୁଁ ଜାଣେ ନାହିଁ । ତମେ ଏତେ ମିଛୁଆ । ପୁଣି ହିରେ ( ନାୟକ ) ର ଚରିତ୍ର ଏପରି କଲ କାହିଁକି ପଚାରିବାରୁ ସେ କହିଲେ—“ମୁଁ ତ ତମ ହାତ ଧରିଛି—ତମ ଛଡ଼ା ଆଉ କିଏ ହେବେ କିଏ ହୃଦୟରେ ଅଛନ୍ତି କେହି । ତମେ ଅଧିକ ସୁନ୍ଦର ଅଧିକ ଗୁଣର ଲୋକ ଦେଖିବେ, ମୋର ରୂପ ହୁଏ, ମନହୁଏ ତା ଦେବ ମୋଡ଼ି ପୋଛିଦେଇ ଖାଅନ୍ତୁ ଦେମିଛି ।”

ଅନୁଚ୍ଛେଦ ତବାତ ଦେବାରେ ଭୁଲ ନ କଲି ମୋର । ସଂପାଦକଙ୍କ ଏଣିକି ବୋଲଚାଲ ‘ଝଙ୍କ’ ପାଖକୁ ଚିଠି ଚଳାଇଲେ । ‘ଝଙ୍କ’ ଲେଖାରେ ମୁଗ୍ଧ ହୋଇ ମୋ ଝଙ୍କ ( ସ୍ତ୍ରୀ ) ନାମରେ ମୁଗ୍ଧ ହେଲ ତା ସେଇ ଜାଣନ୍ତି । କିନ୍ତୁ ଏହିମତେ ପ୍ରତିମାସ ଅନେକ ଘରକୁ ପଇସା ଆସିବାକୁ ଲାଗିଲା । ପଇସା ହେବା ସଙ୍ଗେ ସଙ୍ଗେ ଭଗବାନ ଖର୍ଚ୍ଚର ବ୍ୟବସ୍ଥା ମଧ୍ୟ ସ୍ତ୍ରୀଙ୍କର ଗର୍ଭରେ କରିଛନ୍ତି । ଏଣିକି ମୁଁ ହସ୍ତାକ୍ଷର ଲେଖି ଶିଖୁଛି । ତାଙ୍କ ଲେଖା ସବୁ ସାଫ କରିବା ପାଇଁ । ବର୍ତ୍ତମାନ ସେ ଲେଖିକା । ମୁଁ ଲେଖିକାଙ୍କ ସ୍ୱାମୀ—ସେ ଲେଖକଙ୍କ ସ୍ତ୍ରୀ ନୁହନ୍ତି ମୋଟା ମୋଟି ଏଇ ମୋର ମତ ।

—※—

Digitized by srujanika@gmail.com



## ଚତୁରଙ୍ଗ -ପ୍ରଥମ ବର୍ଷ—ଚତୁର୍ଥ ସଂଖ୍ୟା

ଏ ସଂଖ୍ୟାରେ କବିତା, ପ୍ରବନ୍ଧ ଆଲୋଚନା ନାଟକ ଓ ଗଳ୍ପ ଲେଖାଏ ପନ୍ଦର ଗୋଟି ବିଷୟ ରହିଛି । ଶିଳ୍ପୀ ଗୋପାଳ ବାବୁଙ୍କର ବିଚିତ୍ର ଛବି ଓ ମାର ଶିରୋନାମ ଅତି ସୁନ୍ଦର ହୋଇଛି । ସ୍ତବସ୍ତୋତ୍ରର ପ୍ରଥମ ଶ୍ଳୋକକୁ ଲକ୍ଷ କରି ଏହା ଅଙ୍କିତ ବୋଲି ଜଣାଯାଏ ।

ଶ୍ରୀ ବେଣୁଧର ରାଉତଙ୍କର କବିତା 'ଯୋଗୀ' ମନୋହାରିତାରେ ଉଲ୍ଲେଖ ଯୋଗ୍ୟ । ଶ୍ରୀ ରାଜ କିଶୋର ରାୟଙ୍କ ଗଳ୍ପ 'ମରୁଜଳ'ର କରୁଣ ମାଧୁର୍ଯ୍ୟ, ଅସାଧାରଣ ବୋଲି କହିଲେ ଚଳେ । ଏପରି ସୁନ୍ଦର ଗଳ୍ପ ଯେ କୌଣସି ସାହିତ୍ୟର ଗୌରବ ବୃଦ୍ଧି କରିବ । ଗଳ୍ପ ପଢ଼ି ପଢ଼ି ଆଖିରେ ଲୁହ ରହେ ନାହିଁ ।

ଚତୁରଙ୍ଗ ଛପା ଟିକିଏ ଉନ୍ନତ ଓ ସୁସ୍ପଷ୍ଟ କରିବା ପାଇଁ ପରିଚାଳକଙ୍କୁ ଅନୁରୋଧ ।

## ହୀରାଖଣ୍ଡ ସମାଚାର—

ଏହି ସମ୍ବାଦ ପତ୍ରଟି ନୂଆହୋଇ ହୀରାଖଣ୍ଡ ବା ସମ୍ବଲପୁରରୁ ପ୍ରକାଶ ପାଉଛି । ଏହି ନୂତନ ସହଯୋଗୀଙ୍କୁ ଆମ୍ଭେମାନେ ସ୍ୱାଗତ ଜଣାଉଛୁଁ । ଯେପରି ଜଣା ଯାଉଛି ପ୍ରସ୍ତାବିତ ହୀରାକୁଦ ଜଳଭଣ୍ଡାର ବିରୁଦ୍ଧରେ ଆନ୍ଦୋଳନ ଚଳାଇବା ଏ ପତ୍ରର ପ୍ରଧାନ ଉଦ୍ଦେଶ୍ୟ । ଆମ୍ଭେମାନେ ଦେଖି ଦୁଃଖିତ ହେଲୁ ଯେ ସମ୍ବଲପୁରର ଗ୍ରାମମାନେ ଔଷଧ ରଗରେ ତାହିଁ ବାନ୍ଧିଲ ଉଳ, ସେମାନେ ଏଭଳି ନୂତନ୍ତ କହି ଓଡ଼ିଶାରୁ ଅଲଗା ହୋଇ ଯିବାକୁ ବସି ଗଲେଣି । ଓଡ଼ିଆଭାଷୀ ସମସ୍ତ ଭୂଇଁକୁ ଏକତ୍ର କରିବା ପାଇଁ ଆନ୍ଦୋଳନ ଚାଲିଥିବାବେଳେ ଏପରି ଆତ୍ମଘାତୀ ଆନ୍ଦୋଳନ ରାଜନୈତିକ ଭୁଲ ହିସାବରେ ପ୍ରଶଂସନୀୟ ହୋଇପାରେ । ଲୋକମାନଙ୍କୁ ଟିକିଏ ଧୀରବୁଦ୍ଧିରେ ବିଚାର କରିବା ପାଇଁ ଆମର ଅନୁରୋଧ ରହୁଅଛି ।

ଦୁଃଖର କଥା ସରକାର ଅନୁମତି ନ ପାଇବାରୁ ପରିଚାଳକଗଣ ବାଧ୍ୟ ହୋଇ ପାଟନା ପ୍ରେସରୁ ପତ୍ର ପ୍ରକାଶ କରୁ ଅଛନ୍ତି । ଆଶାକରୁଁ ସହଯୋଗୀ ସ୍ୱରର କଠୋରତା ଛାଡ଼ି କେବଳ ଉଜ୍ଜ୍ୱଳତା ଗ୍ରହଣ କରି ସମସ୍ତ ଉତ୍କଳକୁ ଆଲୋକିତ କରିବେ ।

## କଳିଙ୍ଗ ଐତିହାସିକ ଗବେଷଣା ସମିତିର ମୁଖପତ୍ର

(Journal of the Kalinga Historical Research Society)

ଯୁଗ୍ମ ସମ୍ପାଦକ – ଶ୍ରୀ କେଦାରନାଥ ମହାପାତ୍ର ଓ ପି. ସି., ରଥ,

ଏହି ତ୍ରୈମାସିକ ପତ୍ର ଗଣ୍ଡି ଉପର୍ଯ୍ୟୁକ୍ତ ସମିତିଙ୍କ ଦ୍ୱାରା ପ୍ରକାଶିତ । ଉତ୍କଳର ପ୍ରାଚୀନ ଇତିହାସ, କଳା ସାହିତ୍ୟ କୃଷ୍ଟି ପ୍ରଭୃତି ଯେପରି ବିଶାଳ ସେହିପରି ମୂଲ୍ୟବାନ । ମାତ୍ର ଦୁଃଖର କଥା ଏଯାବତ ସେ ସମ୍ବନ୍ଧରେ ଯଥେଷ୍ଟ ଗବେଷଣା ହୋଇନାହିଁ । ଯାହା କିଛି ହୋଇଛି ତାହା ବିଦେଶୀୟ ଲେଖକଙ୍କ ଦ୍ୱାରା । ଦେଶବାସୀ ସଜାତୀୟ ପଣ୍ଡିତଙ୍କ ପକ୍ଷରେ ଏକାର୍ଯ୍ୟ ଯେପରି ସୁବିଧା ଜନକ ବିଦେଶୀୟଙ୍କ ପକ୍ଷରେ ତାହା ନୁହେଁ । କଳିଙ୍ଗ ଐତିହାସିକ ଗବେଷଣା ସମିତିଙ୍କ ଉଦ୍ୟମରେ ଏ ଦିଗରେ ପ୍ରଚୁର ପୁରାତତ୍ତ୍ୱ ଆବିଷ୍କୃତ ହେବ, ଯାହା ଏଯାବତ ଲୋକଚକ୍ଷୁର ଅନ୍ତରାଳରେ ରହିଅଛି । ଉତ୍କଳ ପକ୍ଷରେ ଏହା ଗୋଟିଏ ନୂତନ ଯୁଗର ଆବିର୍ଭାବ ବୋଲି କୁହାଯାଇ ପାରେ ।

ଏହି ପତ୍ରିକାରେ ସମିତି ସମ୍ବନ୍ଧରେ ନାନା ତଥ୍ୟ ପଛେ ପଛେ ସୁଧୀବର୍ଗ ଲିଖିତ କେତେଗୁଡ଼ିଏ ପାଣ୍ଡିତ୍ୟ ପୂର୍ଣ୍ଣ ଐତିହାସିକ ପ୍ରବନ୍ଧ ରହିଛି । ପତ୍ରିକାର ଛପା ଓ ବନ୍ଧା ଅତି ସୁନ୍ଦର । ପାଟଣା ଓ କଳାହାଣ୍ଡିର ଉଚ୍ଚଶିକ୍ଷିତ ନରପତି ଦ୍ୱୟ ଏହି ସମିତିର ପୃଷ୍ଠପୋଷକ । ଉତ୍କଳର କଂଗ୍ରେସ ସରକାରଙ୍କ ଠାରୁ ସମ୍ପୂର୍ଣ୍ଣ ସହାୟତା ଓ ସହଯୋଗିତା ଏହି ମଙ୍ଗଳକର ପ୍ରଚେଷ୍ଟାକୁ ଶକ୍ତି ଓ ବେଗ ପ୍ରଦାନ କରିବ । ଏହି ଇଂରାଜୀ ପତ୍ରର ଗୋଟିଏ ଓଡ଼ିଆ ସଂସ୍କରଣ ବାହାରି ପାରିଲେ ଅଧିକ ଭଲ ହୁଅନ୍ତା ବୋଲି ଆମର ବିଶ୍ୱାସ । ଏହାପାଇଁ ଉତ୍କଳ ସରକାର ଓ ଶିକ୍ଷିତ ବ୍ୟକ୍ତିଙ୍କର ଦୃଷ୍ଟି ଆକର୍ଷଣ କରୁଁ ।

**ଅଶ୍ଳୀଳତା**—ପ୍ରକାଶକ ଓ ମୁଦ୍ରାକର – ନବ ଭାରତ ପ୍ରେସ—ପୃ୨୦ଷ୍ଠା—ମୂଲ୍ୟ—ଅଠଅଣା । ଲେଖକ- ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ ଓ ଶ୍ରୀ ବିରଜା ମୋହନ ସେନାପତି ।

ଏହି କ୍ଷୁଦ୍ର ପୁସ୍ତକଟି ପଢ଼ି ଆମ୍ଭେମାନେ ଆନନ୍ଦିତ ହେଲୁଁ । ଅଶ୍ଳୀଳତା ସମ୍ବନ୍ଧରେ ଆଲୋଚନା କରି ଲେଖକ ଦ୍ୱୟ ଏଥିରେ କେତେ ମୌଳିକ ଚିନ୍ତା ପ୍ରକଟାଇଛନ୍ତି । ସ୍କୁଲ୍ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏ ପୁସ୍ତିକା ଖଣ୍ଡି ଗୋଟିଏ ଓ ରୁଚିକର ଅହାର୍ଯ୍ୟ । କେତେକଙ୍କ ଦୃଷ୍ଟିରେ ମୂଲ୍ୟ ଟିକିଏ ଅଧିକ ହେଲେ ହେଁ ଏଥି ଭିତରର ଉପାଦେୟତା ଆଗରେ ତାହା ବିଶେଷ କିଛି ନୁହେଁ ।

—*—

Digitized by srujanika@gmail.com

## ଯଦି

ମହାତ୍ମା ଗାନ୍ଧି ଯଦି ଭାରତ ସରକାରରେ ପ୍ରଧାନ ହୁଅନ୍ତେ—
—ଅଗଷ୍ଟର ଛେଳିବୃଷ କରନ୍ତେ ।

ନେତାଜୀ ସୁଭାଷ ଯଦି ... ... ହୁଅନ୍ତେ
—ଶବାଦ-ବିରୋଧ ଫରମାନ ଜାରି କରନ୍ତେ ।

ଜିନ୍ନା ସାହେବ ଯଦି ... ... ହୁଅନ୍ତେ
—ମୁସଲମାନ ମାନେ କଣ ଦାଢ଼ୀ କାଟନ୍ତେ ।

ମହତାବ୍‌ଙ୍କ ଯଦି ... ... ହୁଅନ୍ତେ
—ଗଡ଼ଜାତ ରାଜାମାନେ କମ୍ୟୁନିଷ୍ଟ ହୋଇ ଯାଆନ୍ତେ ।

ନନ୍ଦବାବୁ ଯଦି ... ... ହୁଅନ୍ତେ
—ବନ୍ଧୁ ଶବାଦ ବାଧ୍ୟତାମୂଳକ ହୁଅନ୍ତା ।

ଗୋପବନ୍ଧୁ ଚୌଧୁରି ... ... ହୁଅନ୍ତେ
—ଭାରତବାସୀଙ୍କୁ ମନ୍ତ୍ର ଦିଅନ୍ତେ ।

ମୁକୁନ୍ଦ ବାବୁ ଯଦି ... ... ହୁଅନ୍ତେ
—ଘୁଷୁରି ଗୃଷକୁ ସରକାର ସାହାଯ୍ୟ ମିଳନ୍ତା ।

ଭଗିରଥି ମହାପାତ୍ରେ ଯଦି ... ହୁଅନ୍ତେ
—ଫ୍ଲାଣ୍ଡ଼ି ନ ଲଗାଇ ଦଅନ୍ତେ ।

କଣ୍ଠ ଧଂସେ ଯଦି ... ... ହୁଅନ୍ତେ
—ପାନ, ଗୁଆ ଫ୍ରି ସେଲ ହୁଅନ୍ତା ।

ବିଶ୍ୱନାଥ ଦାସେ ଯଦି ... ହୁଅନ୍ତେ
—ଘର ଘର ମଠବାଡ଼ ହୋଇ ଯାଆନ୍ତା ।

ଲକ୍ଷ୍ମୀନାରାୟଣ ସାହୁ ଯଦି ହୁଅନ୍ତେ
ଶୋ ବା ନ କରନ୍ତେ ।

## କାହିଁକି

ଗାନ୍ଧିଜୀ ନିରାମିଷ ଶୀ କାହିଁକି ?
...ଦାନ୍ତ ନାହିଁ ବୋଲି ।

ଜିନ୍ନା ଭାରତ ସରକାରରେ ପଶୁ ନାହାନ୍ତି କାହିଁକି ?
...ସାନ ପୁଅ ସବୁଦିନେ ଅଝଟ— କଲେ ପୁଣି ଦେଖିବ !

ଲିଗ୍ ନେତାବୃନ୍ଦ ଉପାଧି ଛାଡ଼ନ୍ତେ କାହିଁକି ?
...ସମସ୍ତେ ଜଣେ ଜଣେ କାଏଦେ ଅଜାମ ହେବେ ବୋଲି ।

ମହତାବ୍ କଣ ଦାଢ଼ି ନ ରଖିଲେ କାହିଁକି ?
...ଲୋକେ ତାଙ୍କୁ ଜଙ୍ଗଲ ବେଣ୍ଟ କହିଲେ ବୋଲି ।

ଗୋପବନ୍ଧୁ ଚୌଧୁରି ସରକାରରେ ନ ପଶିଲେ କାହିଁକି ?
...ଭାଇବନ୍ଧୁ ଅଧୀନ ନ ହେବେ ବୋଲି ।

ଲିଙ୍ଗରାଜ ମିଶ୍ରେ 'ସମାଜ' ଛାଡ଼ିଲେ କାହିଁକି ?
...ମୁକ୍ତି ମଣ୍ଡପରୁ ବ୍ୟବସ୍ଥା ପାଇ ।

ନେତାଜୀ ସୁଭାଷ ମଲେ କାହିଁକି ?
...ସ୍ୱର୍ଗରୁ ଖବରଟା ବୁଝି ଆସିବା ପାଇଁ ।

ଗୋଦାବରୀଶ କଂଗ୍ରେସରେ ନ ରହିଲେ କାହିଁକି ?
...କଂଗ୍ରେସର ହାଲ ନରମ ପନ୍ଥା ଦେଖି ।

ନୀଳକଣ୍ଠଙ୍କ କଣ୍ଠ ନୀରବ କାହିଁକି ?
...ନେତାଜୀଙ୍କୁ ଅପେକ୍ଷା କରି ।


ବ୍ୟବସାୟ ଓ ସଞ୍ଚୟର ସୁଯୋଗ

**ପାୟୋନିଅର କମର୍ସିଏଲ୍ ବ୍ୟାଙ୍କ ଲି:—**

**ହେଡ୍ ଅଫିସ— କଲିକତା**

**ଶାଖା ଅଫିସମାନ**— ହାଟଖୋଲା, ବଡ଼ବଜାର, ଗୌହାଟୀ, ଗୋଆଲପଡ଼ା, ନାରାୟଣଗଞ୍ଜ, ସାତୁରିଆ, ଇଶ୍ୱରଡି, ଜୟନଗର, ମଙ୍ଗଲପୁର, ମୈତ୍ରଗଞ୍ଜ, ମେଦିନୀପୁର, ଗଡ଼ବେତା, ଆସାନସୋଲ, ଘଟାଲ, କୋଲଘାଟ, ବାଙ୍କୁଡ଼ା, ବିଷ୍ଣୁପୁର, ଝାଣ୍ଟିପାହାରି, ଗୋମୋ, ରଘୁନାଥପୁର, ଜାଜପୁର ରୋଡ଼, ପାଟନା, ବାଲେଶ୍ୱର, ଭଦ୍ରକ ।

ଜଗଦଲ୍ଲି, ନାଗପୁର ।　　ସ୍ୱା ପି. ଏନ୍: ରାୟ ଚୌଧୁରୀ ।

୫୫୯ ଜମା ଦେଲେ ୪ର୍ଥ ବର୍ଷ ପରେ ଓ ୫ମ ବର୍ଷ ଶେଷରେ ୫ ୨୭୦ ଟଙ୍କା ପାଇବେ ।


Digitized by srujanika@gmail.com



ପଲ୍ଲୀକବିତା

# ସ୍ୱାଧୀନତା ସ୍ୱପ୍ନ

ଶ୍ରୀ ପଦ୍ମଲୋଚନ ପରିଡ଼ା

ନିଦେ ଶୋଇ ଦିନେ　　ଦେଖିଲି ସ୍ୱପନେ
ସ୍ୱାଧୀନତା ଏକତ୍ରୁନ,
ଆନନ୍ଦର ସୀମା　　ନ ରହିଲା ମୋର
କହିଗଲି କେତେ ଗପ ।
ପାଇଅଛୁ ଏବେ　　କାମୁଡ଼ୋଲ ପରି
ଝୁଲୁଅଛୁ ଗଛ ଡାଳେ,
ପରିଶ୍ରମ କରି　　ତୋଳିବ କିଏସେ
ମୁଂଖେ ଆସି ପଡୁ ଭଲେ ।

ପଡ଼େ ଯଦି ଆସି　　ତୁଣ୍ଡରେ ମୋହର
ପାକୁଳି କରିବି ନାହିଁ,
ଆପେ ଆପେ ଆସି　　ଗଳିଯାଉ ପେଟେ
ମୋହର ଆପତ୍ତି ନାହିଁ ।
ଆମ ଦେଶରେତ　　ନେତାଏ ଅଛନ୍ତି
ଯେ ଯାହି ଧଅଲୁ ଦଳ,
କାହିଁ ସରିଗଲେ　　ଧରିନେବି ଭଜି
ଖୋଜିଣ ସୁବିଧା ବେଳ ।

ଏହିପରି ଭାବି　　କେତେଦିନ ଆଉ
ପଡ଼େଛି ପଡ଼େଛି ମୁଣ୍ଡ ଗୁଞ୍ଜି,
ନେହରୁ, ନେତାଜୀ　　ତୋଳିଦେବେ ତାମୁ
ଖାଇବାକୁ ହେବ ରାଜି ।
ଆମ ଦେଶରେତ　　ମନ୍ତ୍ରୀ ଆଉ ନେତା
ସବୁ ଅଢ଼େଇ ବଳିଅ,
ଜଣା ପଡ଼ିଲାଣି　　ଆମ ଭବିଷ୍ୟତ
ଅନ୍ଧାର ହେବ ଦୁନିଆଁ ।

ବୀର ପ୍ରସବିନୀ　　ଉତ୍କଳ ଜନନୀ
ନାମଟାକୁ ଲୁଚିଯିବ,
ଯେଣୁ ତା ସନ୍ତାନ　　ଜନ୍ମିଛି କେଳେ
ତା ଦୁଃଖେ ଦୁଃଖୀ ନୋହିବ ।

ପିଲା ଖେଳଟାରେ　　ଭରଇ ଯେ ଅଛି
ତାର ଭବିଷ୍ୟତ ଦେଶ,
ଛଅରି ଦେଉଛୁ　　ଗଳ୍ପ କଥା ଭଳି
ମୋପରି ଅଶା ନ ରୋମ ।

ନୂଆପଦ ଯୋଗ୍ୟ　　ଅଥବା ଅଯୋଗ୍ୟ
ହୃଦ ବଳ ରଖି ଥାଅ,
ଘଡ଼ିଯନ୍ତ୍ର ପରି　　ଠିକ ଠିକ ହୋଇ
କାଳକାମ କରିଯାଅ ।
ଅନ୍ୟକୁ ଭରସା　　ମଲ୍ଲଚିକା ଅଶା
ନାହିଁ ଯେ ମୂଲ୍ୟ ତାହାର,
ନିଜେ ନିଜେ ହୋଇ　　ନେତାଜୀ ନେହରୁ
ଭୂଷଣ ଦିଅ ଏଥର ।

ସ୍ୱାଧୀନ ସ୍ୱପ୍ନକୁ　　ଭଲ କରି ବୁଝ
ଅଛି ନିଜ ହୃଦ ରାଜ୍ୟ,
ବୁଝି ବୁଝାଇଲେ　　ସ୍ୱଶସ୍ୟ ନ ଥାଏ
ଲାଠୀ ଦଣ୍ଡାରେ କି କାର୍ଯ୍ୟ ।
ନିଜେ ଯଦି ଆମେ　　ସାବଧାନ ହେବା
ଅନ୍ୟଙ୍କ କାବୁ କରିବ,
ଆମେ ଯଦି ନିଜେ　　ସ୍ୱଦେଶୀ ପିନ୍ଧିବା
ବିଲାତି ଦାଉ ସହିବ ।

ନିଜେ ନିଜାଧୀନ　　ହୋଇ ଚଳିଗଲେ
ନ ଥିବ ବିଦେଶୀ ଭୟ,
ଭାରତ ଆମର　　ସ୍ୱାଧୀନ ହୋଇବ
ଗାଉଥିବା ଜୟ ଜୟ ।
ଦେଖିସାରି ମୁହିଁ　　ଚମକି ପଡ଼ିଲି
ନିଦ ମୋର ଭାଙ୍ଗି ଗଲା,
ସ୍ୱାଧୀନତା ସ୍ୱପ୍ନ　　ହେଲା ଅନ୍ତର୍ଧ୍ୟାନ
ରାତି ଶେଷ ହୋଇଥିଲା ।

( ଜୟହିନ୍ଦ୍ )

Digitized by srujanika@gmail.com



ଚଣାଶୁଣା

ଜଣେ ଲେଖକ ତାର ପାଣ୍ଡୁଲିପି ନେଇ ପ୍ରକାଶକ ଠାକୁ ଗଲେ । ପାଣ୍ଡୁଲିପି ଦେଖିସାରି ପ୍ରକାଶକ କହିଲେ "ଲେଖାଟି ଭଲ ହୋଇଛି, ମାତ୍ର ଆମେ କେବଳ ଚଣାଶୁଣା ଲୋକଙ୍କ ବହି ପ୍ରକାଶ କରୁଁ ।"

ଲେଖକ କହିଲେ, ବେଶ୍ ତ; ମୋ ନାମ ତ ସୁଭାଷ ।

× + +

ଥରେ ଜଣେ ଖଦଡ଼ିଆ ନେତା ଲୋକ ଜଣେ ମାଂସଭକ୍ଷୀ ବନ୍ଧୁଙ୍କ ଘରକୁ ବୁଲି ଯାଇଥିଲେ । ଫେରିବା ବେଳେ ବନ୍ଧୁ ବାଟରେ ଦବାକୁ ଆସିଲେ ନଈକୂଳ ଯାଏଁ । ସେଠାରେ ବିଦାୟ ନେବା ସମୟରେ ଖଦଡ଼ିଆ ବନ୍ଧୁଙ୍କ ବନ୍ଧା ଦାନ୍ତ ହଠାତ୍ ନଈ ଭିତରେ ଖସି ପଡ଼ିଲା । ତାଙ୍କ ଦୁଃଖ ଦେଖି ବନ୍ଧୁ କହିଲେ "କିଛି ଚିନ୍ତା କର ନାହିଁ, ମୁଁ ତାହା ଖୋଜି ପଠାଇ ଦେବି । କେବଳ ମୋତେ କହି ରଖନ୍ତୁ—ଆପଣ କଣ ଖାଇବାକୁ ବେଶି ଭଲ ପାଆନ୍ତି ।"

ଖଦଡ଼ିଆ କହିଲେ "ମାଂସ ରୋଷ୍ଟ ।" ଏହାର କିଛି ଦିନ ପରେ ମାଂସଭକ୍ଷୀ ବନ୍ଧୁ ସେ ଦାନ୍ତଟି ଧରି ଖଦଡ଼ଙ୍କ ଘରରେ ପହଞ୍ଚିଲେ । ତାହା ଦେଖି ବନ୍ଧୁ ପଚାରିଲେ, "ଏତେ ପାଣି ଭିତରୁ ଧାଙ୍କ କିପରି ପାଇଲ ?"

ବନ୍ଧୁ କହିଲେ, "ସହଜ କଥା ! ମୁଁ ଗୋଟିଏ ବନ୍ଶୀରେ ମାଂସ ରୋଷ୍ଟ ଗୁନ୍ଥି ପାଣିରେ ପକାଇଲି । ଦାନ୍ତଟା ଠିକ୍ ଲାଗିଗଲା ।"

+ × ×




ନକଲି ସୁନା

ପଥର ବସା ମୁଦି

ଚିହ୍ନା ଜାଣି ପାରିବେ ନାହିଁ । ଖାଣ୍ଟି, ଚନ୍ଦ୍ରକାନ୍ତ ମଣିପରି ଚକ୍ ଚକ୍ ସୁନ୍ଦର ପାଲିସକର ଏବଂ ଖାଣ୍ଟି ସୁନାକୁ ଟପି ଯାଇଛି । ଏକଡଜନର ଦାମ ଟ ୫୲—ପଥର ବସା ନ ହୋଇ ଫୁଲ ଉଠାଇବା ଥିବା ମୁଦି ଡଜନକର ଦାମ ଟ ୪୲

ଏକ ଡଜନ ଯେ କୌଣସି ପ୍ରକାର ମୁଦି କିଣିଲେ ଗୋଟିଏ ନେକ୍ ଚେନ୍ ଲକେଟ ସହ ବିନାମୂଲ୍ୟରେ ପାଇବେ ।

କୌଣସି ପୋଷ୍ଟେଜ୍ ବା ପ୍ୟାକିଂ ଖର୍ଚ୍ଚା ଦେବାକୁ ପଡ଼ିବନାହିଁ ।

HENA AGENCY
14. Dr. Jagabandhu Lane.
Boubazar, Calcutta.



ଭଦ୍ରକରେ

ସବୁ ପ୍ରକାର ପତ୍ର ପତ୍ରିକାର ଏକମାତ୍ର ଏଜେଣ୍ଟ ।

ଶ୍ରୀ କୈଳାସଚନ୍ଦ୍ର ମହାନ୍ତି

ଚୂଆଁ ସ—ଭଦ୍ରକ



ଜଗଦ୍‌ବନ୍ଧୁ 'ତୁଳସୀ ରାମାୟଣ'

ରାମାୟଣ ୧ମ, ୨ୟ, ୩ୟ ଭାଗ ବାହାର ପାଇଲା । ୪ର୍ଥ ଭାଗ ଅଳ୍ପ ଦିନେ ପ୍ରକାଶ ପାଇବ । ୫ମ, ୬ଷ୍ଠ ଯନ୍ତ୍ରସ୍ଥ ।

ପ୍ରକାଶକ ଶ୍ରୀ କୃଷ୍ଣଚରଣ ମାହାନ୍ତି ।

ପ୍ରାପ୍ତିସ୍ଥାନ—ଅନ୍ନପୂର୍ଣ୍ଣେଶ୍ୱରୀ ଭଣ୍ଡାର

ପୁରୁଣା ବଜାର, ଭଦ୍ରକ ।

ଓ ଅରୁଣୋଦୟ ପୁସ୍ତକାଳୟ

ଷ୍ଟ୍ରୁଥ-ଓଣ୍ଡ୍ ଷ୍ଟ୍ରୀଟ୍, କଟକ ।







Digitized by srujanika@gmail.com



ଏ ସମ୍ବତ୍ସରେ ପଞ୍ଚଗ୍ରହ ଯୋଗ ହୋଇବ । ଏହା ଫଳରେ ବସୁନ୍ଧରା ଜଳପ୍ଲାବନ ହୁଅଇ, ଝଡ଼, ବଢ଼ି, ମଡ଼କ ମାଡ଼ି ଆସିବ । ଏଥର ସୁରାପ ଆଗାମୀ ଦେଖା ପଡ଼ିଲଣି । ମା ଖଙ୍ଗାକାଳୀଙ୍କର ତୃଷା ହୋଇଲା । ବହୁ ନରବଳୀ ଭକ୍ଷି ରକ୍ତପାନ କଲେ । ତାହା ମେଣ୍ଟାଇ ନୋହି ଥିବାର ଅନୁମାନ ହୁଅଇ । ଏଣୁକରି କଳଙ୍କୀ ଖଣ୍ଡା ଓ କାଳୀ ଖପରରେ ବହୁତ ବହୁତ ପାପୀ ଧ୍ୱଂସ ହୋଇବେ । ପୁଣ୍ୟବନ୍ତ ଲୋକେ ରହିବେ । ସତ୍ୟ ଯୁଗକୁ ପ୍ରବେଶ କରିବେ ।

ଶନିଦୃଷ୍ଟି ଝାଡ଼ଖଣ୍ଡ ମୂଳକରେ ବକ୍ର ହୋଇ ପଡ଼ିଥିବାରୁ ତହିଁ ନାନା ଉପଦ୍ରବ ଉପୁଜିବାର ଲେଖା ଅଛି । କ୍ଷେଶୀ ରାଜନଗଣ ଧନ ଏବଂ କ୍ଷେଶୀର ମୁଣ୍ଡକାଟ କରିବାକୁ ଅଗ୍ରସର ହୋଇବେ । ମାତ୍ର କଣ୍ଟକିତ କରି ନ ପାରିବେ । ପରାସ୍ତ ହୋଇବେ । ପ୍ରଜାଗଣ ମେଳି ବାନ୍ଧିବେ । ରାଜାଙ୍କୁ ଶଙ୍କ ହୋଇବେ । ଶେଷକୁ ରାଜପନ୍ତ ଛତ୍ର ତଳରେ ସ୍ଥିର ନୁଅଁଇବେ । ପୂର୍ବରୁ ଚହୁଥିବା ସେବାମାନ ପ୍ରାପ୍ତ ହୋଇବେ ।

ସ୍ୱାରଖଣ୍ଡରେ ଗୋଳ ଲାଗିବ । ଚଣ୍ଡ ବନେଇଗଣ ଏକ ଯୋଗରେ ଋଣ୍ଡ ହୋଇବେ । ରାଜପନ୍ତଙ୍କ ସମ୍ମୁଖ ଅମାନ୍ୟ ହୋଇବେ ତଇର ସହରରେ ବସ୍ତ ଛାଡ଼ିବେ । କାଗୁଧ୍ୱଜାରବର ଟୌଟଇବ୍ରଙ୍କୁ ଅଗ୍ରସରଣ ଭଜିବେ, ମନ ଦୁର୍ଭାବନା ପ୍ରକଟିବେ । ଏମନ୍ତେ ବଡ଼ ବଡ଼ ଥବା ହୋଇ ଆପଣା ଭ୍ରମ ଅପେ ସମଜ ଅନୁତାପୀ ହୋଇବେ । ଉତ୍କଳ ଦେଶର କିସ ଲେଉଟିବ ।

ଜମିଦାରଗଣ ପ୍ରମାଦ ଗଣିବେ । ମାୟରେ ପଡ଼ି ଅପେ ଅପେ ବୈରାଗୀ ହୋଇବେ ମାତ୍ର ସେମାନେ ଘାଣ୍ଟି ହୋଇ ଏଥୁ ଉବୁରିବେ । କ୍ଲେଶ ନ ରହିବ କଷ୍ଟ ନ ହୋଇବ । ସାପ ନ ମରିବ, ବାଡ଼ି ନ ଭାଙ୍ଗିବ । ସୁଖ ମନରେ ଆପଣା ଅବସ୍ଥାକୁ ଫେରି ଅଗୁର ଖାପ ଛୁଇଁ ନେବେ ।

ମଠାଧୀଶ ଗୋସାଇଁ ମହାପ୍ରଭୁଗଣଙ୍କ ଅଶେଷ ଦଳରଣ ଯୋଗ ଲେଖିବ । ମହନ୍ତ ମର୍ଦ୍ଦନ କର୍ମରେ ରାଜା ହସ୍ତଯୋଗ କରିବେ । ବହୁତ ଧନ ବ୍ୟୟ କରିବେ । ଶେଷବେଳକୁ ଜୟ ହୁଅନ୍ତେ ଦେଖାଯିବ ଏ ମଠ ନ ଥିବ ଏ ମହନ୍ତ ନଥିବେ । ସ୍ୱୟଂ ପାଦୁକରେ ଅନ୍ତର୍ଦ୍ଧାନ ହୋଇଥିବେ ।

ଅତିବୃଷ୍ଟି ହୋଇବା ହେତୁ ଜଳମାଳ ଶସ୍ୟ ଯୌତ ହୋଇବ । ପଶ୍ଚିମାଳ ଅଞ୍ଚଳରେ ଷଣ୍ଢା ଘଡ଼ ଶସ୍ୟ ହାନ ସହିବ । ଫଳରେ ଦୁର୍ଭିକ୍ଷ ପାଦ ପକାଇବ । ଏମନ୍ତ ବେଳରେ ସରକାରଙ୍କୁ ବଳି ଦର୍ଦ୍ଦନ ନିମନ୍ତେ ବହୁ ଧନ ଧାନ୍ୟ ବ୍ୟୟ ହୋଇବ । ମାତ୍ର ତାହା ଲୋକେ ଗ୍ରାସ କରି ଶସ୍ୟ ଉତ୍ପନ୍ନ କରିବାକୁ ଭଜନ ନୋହିବେ । ରାଜା ଶେଷରେ ଦଣ୍ଡ ଅମୂଳ କରିବ ।

ରାହୁ ମଙ୍ଗଳ ଯୋଗ ହୋଇବାରୁ ଉତ୍କଳ ଅଗତ ମୂଳକରେ ଘୋର ସଂଗ୍ରାମ ଗୋଳ ହୋଇବାର ସୂଚନା ମିଳଇ । ଏହି ଭୂଗ୍ରାସ ମହାସମରରେ ପୃଥ୍ୱୀ ଶେଷ ହୋଇବ । ପ୍ରଳୟ ଅନଳରେ ଜନ ମାନବ ସୃଷ୍ଟି ଲୋପ ପାଇବ । ମିଠା ମଠା ତଳବନ୍ତ ଖେଦାଗଣ ଦ୍ରବ୍ୟ ଶସ୍ତ୍ରମାନ ପ୍ରହାର କରି ଯଦୁବଂଶ ପରି ଧ୍ୱଂସ ହୋଇବେ । ତଦନ୍ତେ ସର୍ବେ ଅମୁର ବାଉଚ୍ଛୁ ମୁକ୍ତ ହୋଇ ମୃତ୍ୟୁରେ ଶାନ୍ତିରେ ବାସ କରିବେ । ଧରଣୀ ଧନଧାନ୍ୟ ଗୋତ୍ର ଲକ୍ଷ୍ମୀରେ ପରିପୂର୍ଣ୍ଣା ହୋଇବେ । ଲୋକଗଣ ଶ୍ରଦ୍ଧା, ଭକ୍ତି, ଦୟା ପ୍ରୀତିଯୁକ୍ତ ହୋଇବେ । ପୃଥ୍ୱୀ ଭାର ମୁକ୍ତା ହୋଇବେ । ଧେନୁବତ୍ସ କର୍ଗପୂରେ କହାରଦର ଗୋରସ, ଘୃତ, ଦଧି ପ୍ରଦାନ କରିବେ ।

ଏମନ୍ତ ଉପଦ୍ରବ କେହି ରକ୍ଷା ନ ପାଇବେ । ଯେଉଁମାନେ ସତ୍ୟ ଅନୁସରିବେ ସେହିମାନେ କେବଳ ଭଜନରେ ବଢ଼ନ ହୋଇବେ । ଯେଉଁମାନେ ଶ୍ରୀ ଉତ୍କଳ ପ୍ରଭାକର ବନ୍ଧୁମାନଙ୍କୁ ଦାନ ଓ ଭୂରିଭୋଜନ କରାଇବେ ସେହିମାନେ ସଙ୍କଟରୁ ଉଦ୍ଧାରିବେ । ଏଥିକୁ ହେଳା ନ କରି ଜନମାନେ ଧର୍ମ ଆଚରଣ କର ।

ମହାପାପୀ ମନ୍ତ୍ରୀବର ମହାତାପରେ ନଣ୍ଡାନରାଣଙ୍କୁ ରଖି ଚଳାଇଲେ । ଏଥିରେ ଶମ୍ଭୁ ଭକ୍ତଗଣଙ୍କୁ ବାଟୁ ପଡ଼ିଲା । ସେମାନଙ୍କ ହଳାହଳ ଦେଖନ୍ତେ ଭୋଲାନାଥଙ୍କ ଆସନ ଟଳିବ । ଫେଣ୍ଟରେ ତୃତୀୟ ନେତ୍ରରୁ ଅଗ୍ନି ନିର୍ଗତ ହୋଇବ । ଯେଉଁ ଅଗ୍ନିରେ କାମଦେବ ଭସ୍ମ ହୋଇଥିଲେ ତାମଦେବ ସେହି ଅଗ୍ନିରେ ପୁଣି ଦହିବାକୁ ବାହାରିବେ । ମାର୍ଗ ମନ୍ତ୍ରୀବର ଉଦ୍ଧାମେଣି ଅସ୍ତ୍ର ଦ୍ୱାରା ତାହା ନିବାରଣ କରିବେ । ମହାଦେବ ନିରସ୍ତ ହେବେ ।

---


ସଙ୍ଗୀତ କଳାକର ଶ୍ରୀ ଜଗବନ୍ଧୁ ସାହୁଙ୍କ

ଦ୍ୱାରା ରଚିତ

କାନ୍ତକବି ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ୍ୱାରା

ମୁଖବନ୍ଧ ସମ୍ବଳିତ

## "ସଂଗୀତ ସହଚର"

ରାଗ, ରାଗିଣୀ, ତାଳ ଓ ଯନ୍ତ୍ରାଦି ସହକାରେ

ଶିକ୍ଷାର୍ଥୀ ନିମନ୍ତେ ସର୍ବୋତ୍କୃଷ୍ଟ

ଛନ୍ଦୁ ମୂଲ୍ୟ:—୫ ୧୲

ଶୀଘ୍ର ପ୍ରକାଶ ପାଇଲା ।

[ଆଗରୁ ଅର୍ଡର ଦିଅନ୍ତୁ ।

ପ୍ରାପ୍ତିସ୍ଥାନ:—

ଶ୍ରୀ ଜଗବନ୍ଧୁ ସାହୁ

ସଙ୍ଗୀତ ଶିକ୍ଷକ

ହାଇସ୍କୁଲ ଭଦ୍ରକ ।


Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା; ଜ୍ଞାନର ପରିସର ବଢ଼ାଇବା ମନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଡଗର'ର ମଧ୍ୟସ୍ଥତାରେ ଏବଂ ସେମାନଙ୍କ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ଓ ସାହସ ଅହିଂସା ଆଧାରରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

## ଅଜାଙ୍କ ଡାକ

ସ୍ନେହର ନାତି ନାତୁଣୀଏ,

ମୋତେ ଜଣାଅଛି ତମେମାନେ ସବୁ ଶୋଇଛ । ତମମାନଙ୍କ ଭିତରେ ଯେତେଣା କି ଉତ୍ସାହ କମିଗଲାଣି । ଯାହା ଫଳ ସଂଖ୍ୟା କମୁଛି । ଦୁଇଅଣା ପଇସା ଦେଇ ଦେଲେ ତ ନାମ ଫଟେ । କିନ୍ତୁ କାମ କରୁଛି କିଏ ? ନାଗ ସମ୍ମିଳନୀ ହେବ ହେବ ବୋଲି ଶ୍ରୀମାନ୍ ରାମଚନ୍ଦ୍ର (୫୧୨ ନଂ ନାଗ) ଉଣ୍ଡି ଛିଡ଼ିଲେଣି । ତାଙ୍କ ଡାକରା କେହି ସାଡ଼ା ଦେଉନ । ମୁଁ ଏବେ ଗଲା କେତେଦିନ ତଳେ 'ଡଗର'ରେ ପଞ୍ଚ ମାସରେ ଗୋଟିଏ ପ୍ରତିଯୋଗିତା ପାଇଁ ଘୋଷଣା କରିଥିଲି । ଗୋଟିଏ ହେଲେ ଲେଖା କାହାରିଠାରୁ ପାଇଲି ନାହିଁ । ଏପରି ହେଲେ 'ଡଗର'ରେ ନାଗ ବିଭାଗ ରଖି ଲାଭ କଣ ? ଆଶାକରେ ତମେମାନେ ଶୋଇ ନ ରହି ଫଣା ଟେକି ଉଠିବ । ଇତି ।

—ଅଜା

## ପ୍ରତିଯୋଗିତା

ଶ୍ରୀଯୁକ୍ତା ଅରୁଣା ଅସଫ ଅଲିଙ୍କ ଜୀବନୀ 'ଡଗର' ଦୁଇ ପୃଷ୍ଠା ହେବା ଉଚିତ । ଦେଶର ନାନା ପତ୍ର ପତ୍ରିକାରୁ ସଂଗୃହୀତ କରି ଲେଖିଲେ ଚଳିବ କିନ୍ତୁ ଅନୁବାଦ ଗ୍ରହଣ କରାଯିବ ନାହିଁ ।

ପୁରସ୍କାର—୨ ୩ ୮

ସମୟ—ଅକ୍‌ଟୋବର ୧୫ ତାରିଖ ସୁଦ୍ଧା

## ୨ୟ ପ୍ରତିଯୋଗିତା

"ଜୟପ୍ରକାଶ ନାରାୟଣ"ଙ୍କ ଜୀବନୀ ।

ପୁରସ୍କାର—୨ ୩ ୮

ସମୟ—ଅକ୍‌ଟୋବର ୩୦ ତାରିଖ

## ନାଗଙ୍କ ଚିଠି

ନାଗ ବନ୍ଧୁଗଣ,

ଉତ୍କଳ ସମ୍ମିଳନୀ ଡିସେମ୍ବର ଅଡ଼ଜ ଗଡ଼ିଗଲା । ଏଣୁ ନାଗ ସମ୍ମିଳନୀ ୨୯ । ୧ । ୪୭ ରେ ହୋଇ ପାରିବ ନାହିଁ । ଅନେକ ନାଗ ଫଣା ଟେକିଥିବେ ମଞ୍ଜୁଷାରେ ସମ୍ମିଳନୀ ନହେବା ପାଇଁ । ବର୍ତ୍ତମାନ ଆମର ସମ୍ମିଳନୀଟି କିପରି ଉଜ୍ଜ୍ୱଳ ଭାବରେ କରିବା ତା'ର ଯତ୍ନ କରିବା ଦରକାର । ସେଥିରେ ପ୍ରତିଯୋଗିତା ଆଦି ମଧ୍ୟ ରଖିବା ଦରକାର । ସମସ୍ତେ ନାଗପତିଙ୍କଠାକୁ ବର୍ତ୍ତମାନଠାରୁ ଯଥାଶକ୍ତି ଧନ ସଂଗ୍ରହ କରି ପଠାଅ । 'ଜୟହିନ୍ଦ୍'

ରାମଚନ୍ଦ୍ର (ନାଗକର୍ମୀ)
(୫୧୨ ନଂ ନାଗ)

## ନୂଆନାଗବର୍ଗଙ୍କ ନାମ

୭୪୧ । ଶ୍ରୀମାନ ଶରତକୁମାର ମିଶ୍ର. C/o ଶ୍ରୀଯୁକ୍ତ ଗଣେଶ୍ୱର ମିଶ୍ର, ବିଦ୍ୟାବାଗିଶ ଗ୍ରାଃ ବୈଦ୍ୟନାଥପୁର ଶାସନ ପୋଃ ଅଠଗଡ଼, ଅଠଗଡ଼ ଷ୍ଟେଟ୍ । ୭୪୨ । ଶ୍ରୀମତୀ ସରସ୍ୱତୀ ପାଢ଼ୀ, (ଅଜୀବନ) C/o ଶ୍ରୀ ରାମଚନ୍ଦ୍ର ପାଢ଼ୀ, ପାଢ଼ୀ ରୋଡ଼, ପୋଃ ଅଃ ନାରାୟଣ ପାଟଣା ଜିଃ କୋରାପୁଟ ।

### ନାଗବର୍ଗ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ ମୋର ବୟସ ୧୮ ବର୍ଷରୁ କମ୍ । ମୋର ଜନ୍ମ— ତା । । ମସିହା । ମୁଁ ସତ୍ୟ ସାହାସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟା କରି ନାଗବର୍ଗ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ ବାର୍ଷିକ ଚାନ୍ଦା ୦ ୦ ୬ / ଅଜୀବନ ଚାନ୍ଦା ୦ ୧ ୪ ର ଡାକଟିକଟ ପଠାଇଲି

ତୁମ ସ୍ନେହର ନାତି/ନାତୁଣୀ

ଠିକଣା ______

ତାରିଖ ______

✻ ଏହି କୁପନର ନକଲ ସାଦା କାଗଜରେ କରି ପଠାଇଲେ ଚଳିବ

Digitized by srujanika@gmail.com

## ଋତୁ ସ୍ରାବ

ଯେ କୌଣସି କାରଣରୁ ବା ଯେତେ କାଳରୁ ବନ୍ଦ ଥାଉନା

ଡାକ୍ତରଙ୍କ "ରୁମ୍ବକୀ ଟ୍ରେଚନୀ" ବ୍ୟବହାର କଲେ ୨୪ ଘଣ୍ଟା ମଧ୍ୟରେ ବିନା କଷ୍ଟରେ ଓ ନିରାପଦରେ ପୁନଃସ୍ରାବ ହୁଏ । ଏପରି ପ୍ରକାର ଗର୍ଭିଣୀ ଗ୍ରହଣ କରନ୍ତୁ ନାହିଁ । ରକ୍ତ-ପେଣ୍ଟ ରେଜେଷ୍ଟ୍ରିକୃତ ଓ ଗ୍ୟାରେଣ୍ଟି ଯୁକ୍ତ

ମୂଲ୍ୟ ଟ ୨୲

## 'ଦମ୍ପତି ସଖା' ବାର୍ଥ କଣ୍ଟ୍ରୋଲ ବା ଜନ୍ମନିରୋଧ

ଏହା ବ୍ୟବହାର କଲେ ଜନ୍ମ ନିରୋଧ ନିରାପଦ ନିଶ୍ଚିତ । ସ୍ଥାୟୀ ଜନ୍ମ ନିରୋଧ ପାଇଁ ଦାମ ଟ ୪୲ ଅସ୍ଥାୟୀ ଟ ୧୲ ଭିଃ ପିଃ ରେ ୲୦ ଅଧିକା ଦେବାକୁ ପଡ଼େ ।

## ଶକ୍ତି

**ମଦନ ବିଳାସ ରସାୟନ** ପ୍ରକୃତିକୁ ଶୀଘ୍ର ସ୍ୱପ୍ନଦୋଷ, ମୂତ୍ରଦ୍ୱାର ଦୁର୍ବଳତା, ଅଗ୍ନିମାନ୍ଦ୍ୟ ସବୁ ପ୍ରକାର ଧାତୁଗତ ଦୌର୍ବଲ୍ୟତାରେ ଏହା ଆଶ୍ଚର୍ଯ୍ୟ ଉପକାର କରେ । ମାତ୍ର ସାତ ଦିନ ବ୍ୟବହାର ଯଥେଷ୍ଟ । ଏହାକୁ ବ୍ୟବହାର କରି ବିବାହିତ ଜୀବନର ସୁଖ ପୂର୍ଣ୍ଣମାତ୍ରାରେ ଭୋଗ କରନ୍ତୁ ।—ମୂଲ୍ୟ—ଟ ୨୲

Kaviraj M. KARYATIRTHA
70, Corrwallis Street, Calcutta

## 'ଜୟହିନ୍ଦ ଉଗର'

ଅଜାଦ ହିନ୍ଦ ଫୌଜ ସମ୍ବନ୍ଧରେ କିଛି ଜାଣିବାକୁ ଚାହାନ୍ତି ତ 'ଉଗର' ଜୟହିନ୍ଦ ସଂଖ୍ୟା ପଢ଼ନ୍ତୁ । ଏପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଯାହାକିଛି ଅଜାଦ ହିନ୍ଦ ଫୌଜ ସମ୍ବନ୍ଧୀୟ ଲେଖା ବାହାରିଛି 'ଉଗର' ସେସବୁକୁ ଛାପି ଯାଇଛି । ଟଙ୍କାଟିଏ ପଠେଇଲେ ଆମେ ଆପଣଙ୍କୁ ରେଜେଷ୍ଟ୍ରି କରି ଜୟହିନ୍ଦ ସଂଖ୍ୟା ଖଣ୍ଡିଏ ପଠାଇ ଦେବୁ ।

'ଉଗର' ଅଫିସ,
ପୋଃ ଭଦ୍ରକ ।

ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କର

## 'ଭୁଲ୍'

ପୁରୀ, 'ଭାରତୀ ଭବନ' ଦ୍ୱାରା

ଏବେ ପ୍ରକାଶ ପାଇଛି ।

ମୂଲ୍ୟ:—ଟ ୨୲

# ଚତୁରଙ୍ଗ! ଚତୁରଙ୍ଗ!! ଚତୁରଙ୍ଗ!!!

ଓଡ଼ିଶାର ଶ୍ରେଷ୍ଠ ଲେଖକ ଓ ସମାଲୋଚକଗଣଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ସଚିତ୍ର ଓଡ଼ିଆ ମାସିକ ପତ୍ରିକା "ଚତୁରଙ୍ଗ"ର ଗ୍ରାହକ ହୋଇ ଏହାକୁ ସଫଳ୍ୟମଣ୍ଡିତ କରନ୍ତୁ ।

ଏହାର ପ୍ରଥମ ସଂଖ୍ୟାରେ ଶ୍ରୀ କାଳିନ୍ଦୀ ଚରଣ ଶ୍ରୀ ମାୟାଧର ମାନସିଂ ଓ ଶ୍ରୀ ଶଶିଭୂଷଣ ରାୟ ପ୍ରମୁଖ ଓଡ଼ିଶାର ଲବ୍ଧପ୍ରତିଷ୍ଠ କବି ଓ ସାହିତ୍ୟିକମାନଙ୍କ ଲେଖା ପ୍ରକାଶିତ ହୋଇ ଏହାର ଶ୍ରୀବୃଦ୍ଧି କରିଛି ।

"ଚତୁରଙ୍ଗ"ରେ ପ୍ରକାଶ ନିମନ୍ତେ ବିଜ୍ଞାପନ ପଠାନ୍ତୁ ଏବଂ ବିଜ୍ଞାପନ ହାର ନିମନ୍ତେ ପରିଚାଳକଙ୍କୁ ଚିଠି ଲେଖନ୍ତୁ ।

ପରିଚାଳନା
'ଚତୁରଙ୍ଗ'
ପୋଃ ଓ ଜିଃ ବଲାଙ୍ଗିର ପାଟଣା ଷ୍ଟେଟ



ସମ୍ପାଦକ—ଶ୍ରୀନିତ୍ୟାନନ୍ଦ ମହାପାତ୍ର; ପରିଚାଳନା ସମ୍ପାଦକ—ଶ୍ରୀ ବ୍ରଜମୋହନ ଦାସ



Digitized by srujanika@gmail.com

REG. No. P. 441

DAGARO—1-9-46.


## ଭୂତପୂର୍ବ ପ୍ରଧାନ ମନ୍ତ୍ରୀଙ୍କର

# ଉଚ୍ଚ ପ୍ରଶଂସା

ଶ୍ରୀ ସଦ୍‌ଚରଣ ପଢ଼ଜା (ପାଣ୍ଡା-ଗ୍ରାମ) ଙ୍କ ଦ୍ୱାରା ସ୍ଥାପିତ **କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡ଼କ୍ଟସ୍** ପରିଦର୍ଶନ କରି ଏବଂ ଏଠାରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ବିଶେଷ ପ୍ରୀତ ହେଲି । ଜଣେ ଓଡ଼ିଆ ଭଦ୍ରଲୋକଙ୍କର ଏ ପଥ-ପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବଂ ଉତ୍ସାହ ପାଇବାର ଯୋଗ୍ୟ ।

କୋଣାର୍କ କେମିକ୍ୟାଲ୍
ଏଣ୍ଡ ବିଉଟି ପ୍ରଡକ୍ଟସ୍
(ଇଣ୍ଡିଆ)




# ବମ୍ବେ ଲାଇଫ୍ ଏସିଓରେନ୍ସ କମ୍ପାନି ଲିଃ—

**ପ୍ରତିଷ୍ଠିତ——୧୯୦୮** ହେଡ଼ ଅଫିସ— ବୋମ୍ବାଇ

ସୁବିଖ୍ୟାତ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନୀରେ ସର୍ବନିମ୍ନ ପ୍ରିମିୟମ ଦେଇ
ବୀମା କରି ଲାଭବାନ ହୁଅନ୍ତୁ ।

ବୀମା ବା ଏଜେନ୍‌ସି କରିବା ପୂର୍ବରୁ ଅନୁସନ୍ଧାନ କଲେ ଲାଭ ଛଡ଼ା କ୍ଷତି ନାହିଁ ।
ଅକର୍ମଣ୍ୟ ହେଲେ ଆଉ ପ୍ରିମିୟମ ଦେବାକୁ ହେବନାହିଁ ଏବଂ ପୂର୍ଣ୍ଣ ବୀମା ଟଙ୍କା ମିଳିବ ।

**୧୯୪୫ର ସଂକ୍ଷିପ୍ତ ବିବରଣ—**
ବାର୍ଷିକ ଆୟ ୭୩ ଲକ୍ଷରୁ ଊର୍ଦ୍ଧ୍ୱ
ବୀମାପତ୍ର ୬ କୋଟି ୧୭ ଲକ୍ଷରୁ ଊର୍ଦ୍ଧ୍ୱ
ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ

ଓଡ଼ିଶା ଏବଂ ଗଡ଼ଜାତରେ ଇନ୍‌ସ୍‌ପେକ୍ଟର, ଅର୍ଗାନାଇଜର ସ୍ପେଶାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ
ଅନୁସନ୍ଧାନ କରନ୍ତୁ ।

ଜେ. ବାଲସୁବ୍ରମଣ୍ୟମ, ବି. ଏମ୍. ଏ. ଆଇ. ଏ.
ମେନେଜର ଏବଂ ଏକ୍‌ଚ୍ୟୁଅରୀ
ହେଡ଼ ଅଫିସ— ବମ୍ବେ ।

**ନରେନ୍ଦ୍ର ପ୍ରସାଦ ଦାସ**
ମେନେଜର
ଓଡ଼ିଶା ଶାଖା—କଟକ ।


Printed & published by G. C. Mahapatra at the Gopinath Press, Bhadrak, 1946.

ଗାନ୍ଧି ଜୟନ୍ତୀ ସଂଖ୍ୟା

୧୦ମ ବର୍ଷ

୬୭ ସଂଖ୍ୟା

# ଡଗର

ପ୍ରତିଖଣ୍ଡ ଦୁଇ ଅଣା

Dagara UTKAL'S MOST POPULAR FORTNIGHTLY OF ... LIGHT, LEAD & LAUGHTER



ପୂର୍ଣ୍ଣ ହେଲକି ସାଧନା ତବ ହେ ତାପସ ଧନ୍ୟ !
ଅମ୍ବର ଦେଶେ ଗମ୍ଭୀରେ ବାଜେ ମୁକତ ପାଞ୍ଚଜନ୍ୟ;
"ଛାଡ଼ ଭାରତ" ବୋଲି ତୂମ୍ବର ଗୋଟିଏ ଦମ୍ଭ ଉକ୍ତି,
ଝିଙ୍କି ଅଣିଛ ବିଶ୍ୱ ଦୁଆରେ ଚାଳିଶ କୋଟିର ମୁକ୍ତି !

Digitized by srujanika@gmail.com

ଆଫ୍ରିକାଠାରୁ ଫିଜି ପର୍ଯ୍ୟନ୍ତ

# କୁଷ୍ଠ ଓ ଧବଳ କୁଷ୍ଠ

ସକଳ ପ୍ରକାର କୁଷ୍ଠ ରୋଗର, ଯେ କୌଣସି ଦୋଷରୁ ମେହ, ପ୍ରମେହ ରୋଗର ଓ ଯାବତୀୟ ଉପଦଂଶ ରୋଗର ଏବଂ ସମସ୍ତ ଧରଣର ପକ୍ଷାଘାତ ଓ ଯାବତୀୟ ଚର୍ମରୋଗରୁ ଅମ୍ଭ ଋଷିପ୍ରଦତ୍ତ ଔଷଧ ବ୍ୟବହାର କରି ନିଶ୍ଚିନ୍ତ ହୁଅନ୍ତୁ ।

## ଗ୍ୟାରେଣ୍ଟି ଦେଇ ଚିକିତ୍ସା

ଅମ୍ଭ ଅଫିସକୁ ଆସିବା ରୋଗୀମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା କରାଯାଇ ଅଛି । ଫଳପ୍ରଦ ହେବାଯାଏ ଔଷଧ ବିନା ଖର୍ଚ୍ଚରେ ଦିଆଯାଏ । ଏହାଛଡ଼ା ଆରୋଗ୍ୟ ଶେଷରେ ବି ଫି ନିଆଯାଏ । ନିତାନ୍ତ ଗରିବ ରୋଗୀଙ୍କୁ ସଦାବେଳେ ଔଷଧ ବିନା ଖର୍ଚ୍ଚରେ ବିତରଣ କରୁଁ ।

## ମନ୍ତବ୍ୟ

୧୦ ଟିକଟି ( ଦଶଗୋଟି ) ଡାକରେ କ୍ୟାଟଲଗ୍ ଓ ପ୍ରଶଂସା ପତ୍ର ଅନୁରୋଧ କଲେ ବିନା ମୂଲ୍ୟରେ ପଠାଯାଏ । ଆଜି ମଗାନ୍ତୁ ( ଶ୍ରେୟସ୍ୟ ଶୀଘ୍ରଂ ) ବହୁତ ଦିନରୁ ଦେଶ ବିଦେଶରୁ ପ୍ରତ୍ୟେକ ହଜାର ହଜାର ରୋଗୀ ଆରୋଗ୍ୟ ହୋଇଥିବାରୁ ବହୁତ ପ୍ରଶଂସା ପତ୍ର ଓ ପ୍ରମାଣ ଏହି ବିଜ୍ଞାପନାମା ଆମ୍ଭେମାନେ ଦେଖାଇଦେଇ ପାରିବେ ।

## ରେଡ୍ଡି, ଏଣ୍ଡ୍, କୋ, (ରେଜିଷ୍ଟାର୍ଡ)

ହେଡ୍ ଅଫିସ - ଗୋପାଳପୁରମ୍ ; ଇଷ୍ଟ ଗୋଦାବରୀ ଜିଲ୍ଲା,

ଭାୟୁ ଡାଣ୍ଡିକ ବ୍ରାଞ୍ଚ-ବକ୍ସିବଜାର, କଟକ ।

ପ୍ରକାଶ ଥାଉକି—କେତେକ ଲୋକ ଅମ୍ଭ କୋମ୍ପାନୀର ଔଷଧ ବୋଲି ରୋଗୀମାନଙ୍କୁ ନ କହି ନକଲ ଔଷଧ ଦେଇ ଠକାଉଛନ୍ତି, ଏଣୁ ଆଉ ଅନ୍ଧକାରରେ ନପଡ଼ି ଅମ୍ଭ ବ୍ରାଞ୍ଚ କିମ୍ବା ହେଡ୍ ଅଫିସରୁ ଔଷଧ ବ୍ୟବହାର କରି ଅଚିରେ ନବଜୀବନ ଲାଭ କରନ୍ତୁ ।

---

# CONSULT:—

**Mr. N. C. Mohanty.**

**Pleader.—Bhadrak.**

The Only HAND-WRITNG EXPERT And Finger Print Examiner in Orissa.

Subjects—Disputed Handwritings, Typewritings & Finger Prints

Fees—Reasonable—Cross Examination & Argument accepted.


Digitized by srujanika@gmail.com

ଆଜି ଅଠସ୍ତରି



'ଜଗତ୍'ର ପ୍ରଣତି

Digitized by srujanika@gmail.com

# —ଗାନ୍ଧିଜୀ—

ହିଂସାରେ ନୁହେଁ ପ୍ରଣୋଦିତ ଯାର
ମୁକ୍ତିର ତରବାରି,
ପ୍ରେମର ପରଶେ ବିଜୟ ଆଣିଛି
ସତ୍ୟ ଧରମାଶ୍ରୟୀ;

ଯୁଗେ ଯୁଗେ ଯାର ଯଶ ଅକ୍ଷୟ
ନୁହଇ ଅସ୍ତମିତ,
ମୃତ୍ୟୁଶୀଳ ଏ ଜଗତ ଗୃହିଁଛି
ହୋଇ ଆଜି ସ୍ତମ୍ଭିତ;

ଜୟ ଡିଣ୍ଡିମ ଉଠୁଅଛି ବାଜି
ଧରଣୀର ଭାଗେ ଭାଗେ,
ଜଡ଼ ଜୀବନର କବର ଉପରେ
ଅମର ଆତ୍ମା ଜାଗେ;

ନବ ଭାରତର ନବୀନ ପ୍ରଭାତେ
ଚିର ସେ ଉଦୟମାନ ।
ଦିନ ଦିନ ଯାଏ ଗାନ୍ଧିଜୀ ତୁମେ
ଦିନ ଦିନ ମହୀୟାନ !

Digitized by srujanika@gmail.com

# ଗାନ୍ଧି ଜୟନ୍ତୀ

ଶ୍ରୀମତୀ ସରଳା ଦେବୀ

ମହାତ୍ମାଜୀ ପୃଥିବୀର ଶ୍ରେଷ୍ଠତମ ନେତା ଥିଲେ । ଭାରତ
ସେବାରେ ସେ ଥିଲେ ପୃଥିବୀର ପୂଜ୍ୟ । ଅନେକ ଦିନ ଦେଶର
ନିର୍ଯ୍ୟାତିତ ଲୋକମାନଙ୍କର ସେବା ତାଙ୍କର ପ୍ରଥମ ଲକ୍ଷ୍ୟ ଥିଲା ।
ଏଥିନିମନ୍ତେ ସେ ଅଦ୍ଭୁତ କଷ୍ଟ ସହ୍ୟ କରିଥିଲେ । ମହାତ୍ମା ଯେତେ
ଦେଶ ସାତ ସମୁଦ୍ର ତେର ନଈ ପାର ହୋଇ ଦକ୍ଷିଣ ଆଫ୍ରିକା
ଗଲେ ଓ ସେଠାରେ ନିର୍ଯ୍ୟାତିତ ଭାରତୀୟମାନଙ୍କର ରାଜନୈତିକ
ଦାବୀର ସମର୍ଥନ କରିବାକୁ ଯାଇ ସେଠାକାର ଶାସକ ଦଳ ସହିତ
ଯଥେଷ୍ଟ ସଂଗ୍ରାମ କରିଥିଲେ । ସେଥି ନିମନ୍ତେ ତାଙ୍କୁ ଅନେକଥର
ଜେଲ ବରଣ କରିବାକୁ ପଡିଥିଲା ଏବଂ ସମସ୍ତ ସମୟରେ ମୃତ୍ୟୁର
ସମ୍ମୁଖୀନ ହେବାକୁ ହୋଇଥିଲା । ମହାତ୍ମାଜୀ ନିଜର ଲକ୍ଷ୍ୟ ସାଧନ
କରିବାକୁ ଯାଇ ଲୋକଙ୍କର ନିନ୍ଦା ପ୍ରଶଂସାକୁ ଖାତିର କରୁନଥିଲେ ।
ଅବିଚଳିତ ଏକାଗ୍ରତା ଓ ସାହସ ତାଙ୍କର ଜୀବନର ପ୍ରତ୍ୟେକ ପଦକୁ
ଅଳଂକୃତ କରିଅଛି । ଓୟାର୍ଦ୍ଧା ମୌଳିକ ଶିକ୍ଷା ଅନୁସାରେ କେତେ
ଯୁବକ ଯୁବତୀ କିଶୋର କିଶୋରୀ ତାଙ୍କର ଏହି ଉଚ୍ଚ ଆଦର୍ଶରେ
ଶିକ୍ଷା ପାଉଅଛନ୍ତି । ଏହି ବାଳକ ବାଳିକା ଓ ଯୁବକ ଯୁବତୀ
ମାନେ ଭବିଷ୍ୟତରେ ଦେଶ ସେବା କରିବା ନିମିତ୍ତ ତାଲିମ ହେଉ
ଥିବାରୁ ସେବାବ୍ରତ ସେମାନଙ୍କର ସର୍ବପ୍ରଧାନ ଲକ୍ଷ୍ୟ ହୋଇଅଛି ।
ସେମାନେ ସତ୍ୟ, ଅହିଂସା, ବ୍ରହ୍ମଚର୍ଯ୍ୟ ଓ ଅସ୍ତେୟ ସ୍ୱାଦ ସଂଯମ
ବ୍ରତ ଗ୍ରହଣ କରିଅଛନ୍ତି । ଜୀବନ ରକ୍ଷା ନିମିତ୍ତ ଯେତିକି ଦରକାର
ତା ଠାରୁ ଟିକିଏ ଅଧିକ ଜିନିଷ ସେମାନେ ଗ୍ରହଣ କରନ୍ତି ନାହିଁ କି
ବ୍ୟବହାର କରନ୍ତି ନାହିଁ ।

ମହାତ୍ମାଗାନ୍ଧୀ ଗତ ପଚିଶ ବର୍ଷ ବ୍ୟାପୀ ସାଧନା ଓ ଦେଶ
ସେବାରେ କେତେ ନୂତନ ତଥ୍ୟ ଆବିଷ୍କାର କରି ଅଛନ୍ତି,
ସେଗୁଡ଼ିକୁ ସେ ସମସ୍ତ ଜଗତ ସମକ୍ଷରେ ଉପସ୍ଥାପିତ କରି ଅଛନ୍ତି ।
ହାତକାମର ମହିମା ପ୍ରଚାର ଏହା ମଧ୍ୟରୁ ଗୋଟିଏ ଅଟେ । ସୃଷ୍ଟିର
ପ୍ରାରମ୍ଭରେ ପ୍ରତ୍ୟେକ ନରନାରୀଙ୍କୁ ନିଜ ହାତରେ କାମ କରିବାକୁ
ପଡୁଥିଲା । ଯେତେବେଳେ ବିଶେଷ ଭେଦ ଥାଉନଥିଲା ଲୋକ
କେହି କ ଥିଲେ । ଏବେ ଏ ଦେଶରେ ନୁହେଁ ସାରା ଦୁନିଆରେ
ସହର ଲୋକମାନେ ମଫସଲକୁ ହୀନ ନଜରରେ ଦେଖନ୍ତି । ଏହା
ଅକୃତଜ୍ଞତା ବା କୃତଘ୍ନତା । ଆମର ପୂର୍ବପୁରୁଷମାନେ ହାତରେ କାମ
କରୁଥିଲେ ବୋଲି ଆମ୍ଭେମାନେ ଏବେ ସଭ୍ୟ ହୋଇ ପାରିଅଛୁଁ ।
ଚାଷୀ ଶ୍ରମଜୀବୀ ସବୁ ବଳରେ କାମ କରୁଅଛି ବୋଲି ସହରିଆମାନେ
ତାଙ୍କର ଦାନାପାଣି ପାଉ ଅଛନ୍ତି । ଗାନ୍ଧିଜୀ ତାଙ୍କର ଲୋକମାନଙ୍କୁ
ଏହିକଥା ଶିଖାଇ ବୁଝାଇବାରେ ଓ ସୂତା କାଟିବାରେ ଲଗାଇଲେ ।
ଏହି ହୁଇଟି ହେଲ ମନୁଷ୍ୟର ମୌଳିକ ବ୍ୟବସାୟ । ଏହାରି ଦ୍ୱାରା ହିଁ
ମନୁଷ୍ୟ ପ୍ରଥମେ ପଶୁମାନଙ୍କ ଠାରୁ ଅଲଗା ହେଲା । ମହାତ୍ମାଙ୍କ
ପ୍ରବର୍ତ୍ତିତ ମୌଳିକ ଶିକ୍ଷାକ୍ରମ ଏହି ହୁଇଟି ପ୍ରଧାନ ଶିଳ୍ପ ଉପରେ ମଧ୍ୟ
ପ୍ରତିଷ୍ଠିତ ।

ମହାତ୍ମାଜୀ ଅନ୍ତର ଗୋଟିଏ ସତ୍ୟକୁ ନିଜରୂପରେ ଅପ
ଅଗାର ଥୋଇ ଅଛନ୍ତି । ତ୍ୟାଗ ଓ କ୍ଲେଶ ବିନା ଜୀବନର
କୌଣସି ଉଦ୍ଦେଶ୍ୟ ସିଦ୍ଧ ହୋଇନପାରେ । ଆଧୁନିକ ଶିକ୍ଷା ସଭ୍ୟତା
ଯାହା ପ୍ରଚାର କରୁଅଛି ଏହା ତାହାର ଠିକ ଓଲଟା ଅଟେ । ଭାରତ
ବାସୀମାନଙ୍କର ଦୃଷ୍ଟି ରୁଚି ଜ୍ଞାନ ବାହାରେ ପ୍ରଚାର କରୁଅଛି
ଯେ ଜଣେ ପରିଶ୍ରମ ଓ ଅଭ୍ୟାସ ବ୍ୟତୀତ ବିନା କଥା ମିଳିଯାଇ
ପାରିବ । ତାଙ୍କର ଜୀବନରେ ଏପରି ସତ୍ୟ ବୋଲି ପର ଜଣା
ପଡ଼େ ନାହିଁ; ଗାନ୍ଧିଜୀ କହନ୍ତି ଯେତେ ତ୍ୟାଗ ଓ କ୍ଲେଶଦ୍ୱାରା ଆମ୍ଭ
ମାନଙ୍କର ଜୀବନର ଉଦ୍ଦେଶ୍ୟ ସାଧିତ ହୋଇପାରେ, ଏହା ଏପରି କିଛି
ଗୋଟିଏ ନୂଆ କଥା ନୁହେଁ । କିନ୍ତୁ ଏ ଯୁଗର ଲୋକ ତାକୁ ଭୁଲି
ଯାଇଥିଲେ । ତେଣୁ ଆଜିକାଲିର ଯୁଗଧର୍ମୀ ରୂପରେ ଗାନ୍ଧିଜୀ
ଏହାକୁ ପ୍ରଚାର କଲେ; କେବଳ ଏତିକି ନୁହେଁ, ସେ ଅନ୍ତରରେ କହୁ
ଅଛନ୍ତି ଏବଂ ଦେଖାଇ ଦେଇ ଅଛନ୍ତି ଯେ ଜୀବନରେ ଏପରି ଏକ
ସମୟ ଆସିବ ଯେତେବେଳେ ଆମକୁ ଅନ୍ୟ ପ୍ରକାରେ ମୃତ୍ୟୁ ବରଣ
କରି ନେବାକୁ ହେବ । ନିଜ ପ୍ରକାଶ କଷ୍ଟ ସହିବା ଯଥେଷ୍ଟ ନୁହେଁ ।

ସେ ଯେତେବେଳେ ମିଳି ହୋଇଥିଲେ ଅରେ ଭୁଲ କଥା
ଭଳି ଲୋକଙ୍କୁ ନିମନ୍ତ୍ରଣ କରିପାରି ନଥିଲେ । ଯେତେବେଳେ
ନିଜର ଭୁଲ ବୁଝି ପାରିଲେ ସେ ବର୍ଷ ତମାମ ନିଜେ ଅନ୍ନ ନଖାଇ
ନିଜକୁ ଶାସ୍ତି ଦେଉଥିଲେ । ଅନ୍ନ ତାଙ୍କର ଗୋଟିଏ ପ୍ରିୟ ଖାଦ୍ୟ
ଥିଲା । ସେ ଯେତେବେଳେ ଭକ୍ତ ହୋଇଗଲେ କେବଳ ନିଜର
ଭୁଲ ନିମିତ୍ତ ନୁହେଁ ଅନ୍ୟର ଅପରାଧରେ, ପାପଲାଗି ଜନ୍ମ ଦୁଷ୍ଟାମି
ନିମିତ୍ତ ନିଜକୁ ଶରୀରର ଶାସ୍ତି ଦେଉଥିଲେ ।

ଗାନ୍ଧିଜୀ ଯେତେ ପ୍ରଚାର କରି ଅଛନ୍ତି ତାହା ମଧ୍ୟରେ ସର୍ବଶ୍ରେଷ୍ଠ
ହେଉଛି ଅହିଂସା । କେବଳ ଏ ଯୁଗ ପାଇଁ ନୁହେଁ, ଯୁଗେ ଯୁଗେ
ଏହାର ସାର୍ଥକତା ପ୍ରମାଣିତ ହେବ, ପୃଥିବୀର ଯେ କୌଣସି
କୋଣକୁ ଆମ୍ଭ ଚାହାଁଇଲେ ଅହିଂସାର ଆବଶ୍ୟକତା ଦୃଷ୍ଟି ଗୋଚର
ହେବ । ପୃଥିବୀର ସବୁଆଡ଼େ ହିଂସା, ଦ୍ୱେଷ, ଯୁଦ୍ଧ, କଳହ ପ୍ରଭୃତିର
ଅତ୍ୟାଚାର ଓ ଦୁର୍ବଳର ଦୁର୍ଗତି ଭରି ହୋଇ ରହିଅଛି । ହିଂସା
ଅସ୍ତ୍ରର ଝଣ ଝଣ ମଧ୍ୟରେ ଗାନ୍ଧିଜୀଙ୍କର କ୍ଷୀଣ ସ୍ୱରର ଶବ୍ଦ କାନରେ
ଆସି ବାଜୁଛି । ପ୍ରତ୍ୟେକ ଦେଶ ପ୍ରତ୍ୟେକ ଧର୍ମରେ ଏହି ଅହିଂସା
ନୀତି ଅଳ୍ପ ବହୁତ ଭାବେ ଅନୁସୃତ ହୋଇଥାଏ । ଗାନ୍ଧିଜୀ ଏହାକୁ
ରାଜନୈତିକ ଓ ନାଗରିକ ଜୀବନରେ ପ୍ରଥମ ସ୍ଥାନ ଦେଇ ଅଛନ୍ତି ।
ଏହି ଅହିଂସା ପନ୍ଥା ଅନୁସରଣ କରିବା ବଡ଼ କଠିନ । ଆମର ସ୍ୱଭାବ-
ଜାତ ପ୍ରବୃତ୍ତି ଏହାର ବିରୁଦ୍ଧରେ; ତେଣୁ ଆମର ବୁଝିବା ଦରକାର
ଯେ ମନୁଷ୍ୟର ସଭ୍ୟତା କେତେକ ଅଂଶରେ ମନୁଷ୍ୟ କେତେକ ତାର
ସ୍ୱଭାବଜାତ ପ୍ରବୃତ୍ତିମାନଙ୍କୁ ଦମନ କରି ସଂଯତ କରିପାରି ଅଛି ।
କେବଳ କାଳ ଅନେକ ଠିକ ହେବାକୁ ନାହିଁ । ସଂଯମଦ୍ୱାରା ପରିମିତ

( ପରପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ଗାନ୍ଧୀ-ରୋଗ

ଶ୍ରୀ କୁବେର ଦଳାଇ

ଡାକ୍ତର କବିରାଜ ହକିମଙ୍କୁ ଧନ୍ୟବାଦ,
ରୋଗ ଆଉ ଔଷଧର ଦେଇଅଛନ୍ତି ବଖାଣି,
ନୂଆ ରୋଗ ନ ଜାଣନ୍ତି ଯାହା ମର ପୁରୁଣା,
ଲେଖୁଛନ୍ତି ବୈଜ୍ଞାନିକେ ବିଜ୍ଞାନର କରୁଣା।
କେତେ ଗବେଷଣାଗାର କେତେ କେତେ କମିଟି
ଗଢ଼ିଛନ୍ତି ଡାକ୍ତରେ ଲଭିବାକୁ ତା ଶାନ୍ତି।
ସବୁ କାଇଦାକୁ ଟପି ସବୁ ଦୃଷ୍ଟି ଏଡ଼ାଇ
ନୂଆ-ଜାତ ରୋଗଟିଏ ଏ ଦେଶରେ ବଢ଼ଇ।

ବଡ଼ ସଂକ୍ରାମକ ଏଇ ରୋଗ ବଡ଼ ଦାରୁଣି,
ହେଳା କଲେ ଅଧାମାଂସ ଉଡ଼ିଯାଏ ପରାଣି;
ଏ ନବବେଶ ଜୀବାଣୁ ସ୍ଥାର ଏଇ ଦେଶ ପ୍ରବାହ,
ଅନ୍ୟ ଦେଶେ ନାହିଁ ସ୍ଥାନ ଅନ୍ତର୍ଭୁକ୍ତ ବା ବିସ୍ତାର।
ଅଦ୍ଭୁତ ରୋଗ ଏଇ ବିଶେଷ ସ୍ବୀ’ କରନ୍ତି,
ଜାଣି ଜାଣି ଏ ରୋଗକୁ ମନ ଆଦରି ବରନ୍ତି;
ଏ ରୋଗର ଆଦ ଦେଖା ଗାନ୍ଧିଜୀଙ୍କ ଦେହରେ,
ଏବେ ମାତ୍ର ଗଲାଣି ଏ ପୁର ପଲ୍ଲୀ ସବୁଠିରେ।

ପଶିଲେ ଏ ରୋଗ ଯେବେ ମନ ନଦୀ ତଟେ,
ମନ ବଳ ଟାଳି, ପରେ ପ୍ରକଟଇ ଘଟେ;
ରୋଗ ନାମ ‘ଅନଶନ’ —ନ ହୁଅନ୍ତୁ ମେ ଚନ,
‘ଆତ୍ମା ଆଉ ଆତ୍ମ ଧନ’ ଏ ରୋଗକୁ ପାଳନ।

---

( ଗାନ୍ଧି ଜୟନ୍ତୀ ପୂର୍ବ ପୃଷ୍ଠା ଉତ୍ତାରୁ )

ଖାଦ୍ୟଗାର ଗୃହ ନିବାରଣ କରୁ। ଗାନ୍ଧିଜୀ କହୁଅଛନ୍ତି ଆମର ଚେଷ୍ଟା ସର୍ବଶ୍ରେଷ୍ଠ ଲକ୍ଷ୍ୟ ଲାଭ ନିମିତ୍ତ। ଅସ୍ମେମାନେ ଆମର ଚେଷ୍ଟା ଓ କାର୍ଯ୍ୟରୁ ପାର୍ଥିବ ଅସ୍ତ୍ରଦ୍ୱାରା ସୁସଜ୍ଜିତ ନ କରି ଆଧ୍ୟାତ୍ମିକ ଅସ୍ତ୍ରଦ୍ୱାରା ବଳବାନ ହେବ।

ରାଜନୀତି ଚିର ପରିବର୍ତ୍ତନଶୀଳ। ଅନ୍ତର୍ଜାତୀୟ ରାଜନୀତି ବର୍ତ୍ତମାନ ବଦଳି ଯାଉଅଛି। ଗାନ୍ଧିଜୀ ତାଙ୍କର କାର୍ଯ୍ୟଦ୍ୱାରା ତାଙ୍କ ଦେଶ ଲୋକଙ୍କୁ ରାଜନୀତି ଦିଗରେ କେତେଦୂର ଅଗ୍ରସର କରାଇ ଥାଇ ପାରନ୍ତି ତାହା ସେତେ ଭାବିବାର କଥା ନୁହେଁ। ସେ ଯେ ଶିକ୍ଷା ଦେଇ ଅଛନ୍ତି ତାହା ମନୁଷ୍ୟଜାତିର ଆତ୍ମା ସ୍ପର୍ଶ କରିଅଛି। ସେ ଦେଶବାସୀଙ୍କ ହୃଦୟରେ ସତ୍ୟ, ସାହସ ଓ ଅହିଂସାର ମଞ୍ଜି ବୁଣି ଦେଇ ଅଛନ୍ତି। ରାଜନୀତିର ଚିରପରିବର୍ତ୍ତନଶୀଳ ବାତାବରଣର ଚିହ୍ନ ଶୁଖି ଯେତେବେଳେ ନ ଥିବ ସେତେବେଳେ ମଧ୍ୟ ତାଙ୍କର ଏହି ଶିକ୍ଷାର ଫଳ ଫଳୁଥିବ। ଭାରତ ଆଜି ବହୁକ୍ଳେଶ ଧାରଣ କରି ଯେଉଁ ସ୍ୱାଧୀନତାର ସ୍ୱାଦ ପାଇବାକୁ ସକ୍ଷମ ହୋଇ ଅଛି, ସେହି ସ୍ୱାଧୀନତାର ସ୍ମୃତି ବେଶୀ ନିକଟରେ ଭାରତ ଜାତିକୁ ପହଞ୍ଚାଇ ପାରିଛି କେବଳମାତ୍ର ଗୋଟିଏ ମହାମାନବର ତପସ୍ୟା ଓ ଏକାନ୍ତ ସାଧନା। ସେହି ମହାମାନବ ମହାତ୍ମାଗାନ୍ଧୀ ଆଜି କେବଳ ଭାରତୀୟ କ୍ଲିଷ୍ଟ ଜନତାର ନେତା ନୁହନ୍ତି, ସମଗ୍ର ଏସିଆର ଓ ଆଫ୍ରିକାର ଶୋଷିତ ଶ୍ରେଣୀ ଦୁର୍ଗତ ମାନବର ମଧ୍ୟ ନେତା ଅଟନ୍ତି।—ମୁକ୍ତିର ମୂଳଦ ଭିତରେ ଯେ ଶୃଙ୍ଖଳା ଓ ବାଧ୍ୟବାଧକତା ରହିଛି, ତାହା ଆମମାନଙ୍କୁ ଦେଖାଇ ଦେବା ପାଇଁ ମହାତ୍ମାଙ୍କର ଆହ୍ୱାନ ପ୍ରତ୍ୟେକ ଭାରତୀୟ ନିକଟରେ ପହଞ୍ଚିଛି। ମହାତ୍ମାଙ୍କ ମତରେ ପ୍ରତ୍ୟେକ ବ୍ୟକ୍ତି ଯଦି ଅହିଂସ ସାଧୁ ଓ ସତ୍ ନ ହୁଏ ଏବଂ କର୍ତ୍ତବ୍ୟ ପରାୟଣ ଦେଶ ସେବକ ନ ହୁଏ ତେବେ ସମସ୍ତ ସମାଜ ଓ ଦେଶ ତାଙ୍କର ପରିକଳ୍ପିତ ସ୍ୱରାଜ ହାସଲ କରି ପାରିବ ନାହିଁ। କାରଣ ଯେଉଁ ଲକ୍ଷ୍ୟ ସାଧନ ମୂଳରେ ବ୍ୟକ୍ତିଗତ ସ୍ୱାର୍ଥ ନ ଥାଏ ଏବଂ ଯେଉଁ ଲକ୍ଷ୍ୟ ସାଧନ ପାଇଁ ଅସାଧୁ, ଅସତ, ସ୍ୱାର୍ଥପର ଓ ହିଂସାମୂଳକ ନୀତି ଓ କାର୍ଯ୍ୟ ଅବଲମ୍ବନ କରାଯାଏ, ତାହାର ପରିଣାମ ମଧ୍ୟ ଅଚିରସ୍ଥାୟୀ ଓ ଧ୍ୱଂସମୂଳକ ହୋଇଥାଏ।—ଏହିକଥା ପ୍ରତ୍ୟେକ କଂଗ୍ରେସକର୍ମୀ ଠାରୁ ଆରମ୍ଭ କରି ଅଣକଂଗ୍ରେସ ବ୍ୟକ୍ତି ମନେ ରଖି ଅନୁସରଣ କଲେ ମହାତ୍ମାଙ୍କ କଳ୍ପିତ ସ୍ୱରାଜ୍ୟ ଦୁନିଆରେ ପ୍ରତିଷ୍ଠିତ ହେବ।—

Digitized by srujanika@gmail.com

# ମହାତ୍ମା ଗାନ୍ଧୀ

ମହାତ୍ମା ଗାନ୍ଧୀଙ୍କର ଜନ୍ମୋତ୍ସବ ଉପଲକ୍ଷରେ ମୋର ମନରେ ଏହି ଚିନ୍ତା ଆସୁଛି ।

ଜଣେ ବିଦ୍ରୋହୀ, ଚିନ୍ତାଶୀଳ ଲୋକ—ମହାତ୍ମା ଗାନ୍ଧୀ ।

ବର୍ତ୍ତମାନ ସଭ୍ୟତାର ମୂଳଶତ୍ରୁ—ମହାତ୍ମା ଗାନ୍ଧୀ । ସେ ଜୀବନକୁ ସରଳତା ଓ ସୌନ୍ଦର୍ଯ୍ୟ ଉପରେ ପ୍ରତିଷ୍ଠିତ କରିବାକୁ ଚାହାନ୍ତି । ଅନନ୍ତ ବିଶ୍ୱ ମଧ୍ୟରେ ଜଣେ ବିଶ୍ୱପିତା ଅଛନ୍ତି ତାହାଙ୍କୁ ସ୍ମରଣ କରି ସାଧୁ ଜୀବନ ଯାପନ କରିବାକୁ ହେବ, ଜଗତର ମଙ୍ଗଳ କରିବାକୁ ହେବ, ଜଗତକୁ ଭ୍ରଷ୍ଟତାରୁ ରକ୍ଷା କରିବାକୁ ହେବ ଏହାହିଁ ମହାତ୍ମା ଗାନ୍ଧୀଙ୍କର ଲକ୍ଷ୍ୟ ।

ସେଥିପାଇଁ ସେ କଳ, କାରଖାନା, ରେଳ, ବିଦ୍ୟୁତ ଇତ୍ୟାଦିର ପକ୍ଷପାତୀ ନୁହନ୍ତି ।

ଯେଉଁ କାର୍ଯ୍ୟଦ୍ୱାରା ମନୁଷ୍ୟ ମନ ଚଞ୍ଚଳ ହେବ, ଅସ୍ଥିର ହେବ—କେବଳ ଧନ ଦଉଲତ, ବାହ୍ୟାଡ଼ମ୍ବରରେ ମନୁଷ୍ୟ ଭୁଲିଯିବ ସେ ସଭ୍ୟତା ତାଙ୍କ ଚକ୍ଷୁରେ ବର୍ବରତା ।

ସେ ଚାହାନ୍ତି ଶାନ୍ତି ପ୍ରୀତି, ଭକ୍ତି ।

ବର୍ତ୍ତମାନ ସଭ୍ୟତାର ମୂଳରେ ଅଛି ଫୂର୍ତ୍ତି, ବିଳାସିତା, ଅଭକ୍ତି, ବିଷୟବାସନା ବଦ୍ଧତା ।

ସେଇଥିପାଇଁ ମହାତ୍ମା ଗାନ୍ଧୀ ଏହି ବର୍ତ୍ତମାନ ସଭ୍ୟତାର ଭୟଙ୍କର ବିରୋଧୀ ।

ଏଇଥିପାଇଁ ତାଙ୍କର ସତ୍ୟାଗ୍ରହାଶ୍ରମ ସ୍ଥାପନ ପୁଣି ତାହାର ଭଙ୍ଗ, ଏଇଥିପାଇଁ ତାଙ୍କର ଅହିଂସା ପୁଣି ତାହାର ବ୍ୟତିକ୍ରମର ପ୍ରତି ନିୟତ ଘଟିଥିଲେ ମଧ୍ୟ ସେ ନିଜ ମଧ୍ୟରେ ବିଶ୍ୱାସ ହରାଇ ନାହାନ୍ତି ।

କିନ୍ତୁ ଗୋଟିଏ ବଡ଼ କଥା ଏହି ଯେ ମହାତ୍ମା ଗାନ୍ଧୀ ମନୁଷ୍ୟଙ୍କୁ ଭୀରୁ କାପୁରୁଷ କରାଇ ରହିବାକୁ ଚାହାନ୍ତି ନାହିଁ ।

ମୂଳକଥା—ମହାତ୍ମା ଗାନ୍ଧୀ, ଚୋରି, ଧପ୍ପାବାଜି, ଲୁଚୋଚୋରି, ଅଶ୍ଳୀଳତା, ବାହ୍ୟ ଚତୁରତା ଚାହାନ୍ତି ନାହିଁ ।

ଅଥଚ ଦେଖାଯାଉ ତାଙ୍କର ନାମରେ ଭାରତରେ ଆଜି ମାନବ କେଉଁ ଅଡ଼କୁ ଚାଲିତ ହେଉଛି ।

ରାଜନୀତି ନାମରେ ଚୋରି, ଧପ୍ପାବାଜି, ଚତୁରତା ଅସଚ୍ଚରିତ୍ରତା ସବୁ ବଢ଼ି ଚାଲିଛି ।

ରାଜନୀତିରେ କ୍ଷମତା ପ୍ରାପ୍ତ ହୋଇ ଆଜି ଅନେକ ଜନନେତା ଅହଂକାରରେ ଛନ୍ଦି ପଡ଼ୁଛନ୍ତି । ଏହିସବୁ ମହାତ୍ମା ଗାନ୍ଧୀ ଆଖି ଆଗରେ ଦେଖୁଛନ୍ତି । ତଥାପି ସେ ତାଙ୍କର କର୍ତ୍ତବ୍ୟରୁ ବିଚ୍ୟୁତ ନୁହନ୍ତି । ସେ ଚାହାନ୍ତି କୁଟିର ଶିଳ୍ପ, ସେ ଚାହାନ୍ତି ଶାନ୍ତିମୟ ଜୀବନ, ସେ ଚାହାନ୍ତି ଭାରତର ଗ୍ରାମ ସଭ୍ୟତା ଓ କର୍ମ ପ୍ରାଣତା ।

ସେ ଚାହାନ୍ତି ନାହିଁ ମିଲ, ମିଲ ମାଲିକ, ସେ ଚାହାନ୍ତି ନାହିଁ ଅତ୍ୟାଚାରୀ, ଅନାଚାରୀ, ଭିକ୍ଷାଚାରୀ, ମଦମତ୍ତ ପ୍ରଭୁ ।

ସେ ଚାହାନ୍ତି ସଚ୍ଚରିତ୍ର ପର ମିତ୍ର, ସାଧୁ, ସୁନ୍ଦର ପୁରୁଷ ।

ଆଜି ମହାତ୍ମା ଗାନ୍ଧୀଙ୍କର ଜନ୍ମ ଦିବସରେ ମୋର ମନରେ ଏତିକି ଆସୁଛି ଯେ ଭାରତ ଜାତିକୁ ମହାତ୍ମା ଗାନ୍ଧୀ ଗୋଟିଏ ଚେତନା ଦେଇଛନ୍ତି—ସେ ଚେତନା ହେଉଛି—ଫେର । ଯେଉଁ ପଥରେ ଧାଇଁଥିଲ ଭାଇ ସେ ପଥରୁ ଫେର ।

ସେ ଚାହାନ୍ତି ନାହିଁ ବର୍ତ୍ତମାନର ସ୍କୁଲ କଲେଜ, ରେଲଗାଡ଼ି, କଳଚିମିନିର ଧୂଆଁ । ସେ ଚାହାନ୍ତି ନାହିଁ ଲୋକେ ଗାଁ ଛାଡ଼ି ଧାଇଁବେ ସହରଅଭିମୁଖକୁ ଏବଂ ହେବେ ସେଥିରେ ହୀନତର ଜୀବ ।

ମନୁଷ୍ୟ ଆଧ୍ୟାତ୍ମିକ ଜୀବ ।

ମନୁଷ୍ୟ ଆଧ୍ୟାତ୍ମିକତା ଉପରେ ପ୍ରତିଷ୍ଠିତ ।

କିନ୍ତୁ ମହାତ୍ମା ଗାନ୍ଧୀଙ୍କର ଯେଉଁ ଶିଷ୍ୟମାନେ ଏହି ଦିଗକୁ ଲକ୍ଷ୍ୟ କରିଛନ୍ତି ସେମାନେ ଧୀର ସ୍ଥିର ଅବାକ୍ ହୋଇ କାର୍ଯ୍ୟ କରୁଛନ୍ତି ଆଉ ଯେଉଁମାନେ ଚଞ୍ଚଳ ଅଧୀର, ବାକ୍‌ବାଣରେ ଜଗତ ଭରୁଛନ୍ତି ସେମାନେ ହେଉଛନ୍ତି ମହାତ୍ମା ଗାନ୍ଧୀଙ୍କର ପ୍ରତିକ୍ରିୟାଶୀଳ ଅନ୍ୟ ଜୀବ ।

ଏହି ଦୁଇ ଶ୍ରେଣୀ ମଧ୍ୟରେ ମହାତ୍ମା ଗାନ୍ଧୀ ଭାରତ ଜାତିକୁ ଏକପ୍ରକାର ସ୍ଥିର କରି ରଖିଛନ୍ତି । ଯେଉଁଦିନ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ହେବ, ଯେତେବେଳେ ଦଉଡ଼ି ବା ବନ୍ଧନ ଛିଡ଼ିଯିବ ସେତେବେଳେ କି ଅବସ୍ଥା ହେବ ଭାରତର ତାହା ଭାବି ହେଉ ନାହିଁ । ହୁଏ ଭାରତରେ ଗୋଟିଏ ବିଦ୍ରୋହ ଦେଖା ଦେବ ମହାତ୍ମା ଗାନ୍ଧୀଙ୍କ ଭକ୍ତ ମଧ୍ୟରେ । ସେମାନେ ଦୁଇଦଳ ହୋଇ ଯିବେ ।

ଏକ ପାଶ୍ଚାତ୍ୟ ମୁଖୀ—ଅପର ପୂର୍ବାଗୋମୁଖୀ ।

ଏହି ବିରୋଧ ଭିତରେ ପୁଣି ପାଶ୍ଚାତ୍ୟର ଲୋକେ ଆସି ପଶିବେ । ଏଥିରେ ଜୟୀ ହେବେ କିଏ ?

Digitized by srujanika@gmail.com

# ଗାନ୍ଧୀ

ଶ୍ରୀ ——

ଗାନ୍ଧି—ଗାନ୍ଧି—ଗାନ୍ଧି
ଏଇ ନାଆଟି ଦେଉଛି ମୋର  ପରାଣ ମନ ବାନ୍ଧି ଲୋ
ପରାଣ ମନବାନ୍ଧି ।

ସେଇ ଠେଙ୍ଗା, ପାକୁଆ ବୁଢ଼ା
ଧୁଡ଼ୁ ଧୁଡ଼ୁଆ ଚମଡ଼ା ଗୁଡ଼ା
କି ମୋହନ ଲଗାଇ ଦେଲା !
ବାଉଳା ଗଲି ହୋଇ
କହନି ଭଲି ଦେଲା ସେ ମୋତେ
କେଉଁ ମନ୍ତରରେ ମୋହି ଲୋ
କେଉଁ ମନ୍ତରରେ ମୋହି ।

ରୂପଟି ତାର ଦେଖିନି ଥରେ;
ଏତିକିରେତ ବାଇଆ କରେ ।
ଦେଖି ଥିଲେବା ହୁଅନ୍ତା କସ
କିଏ ପାରବ କହି
ଭାବିଲା କ୍ଷଣି ଛାତି ଭିତର ହୋଇ
ଯାଉଛି ଦହି ଲୋ
ହୋଇ ଯାଉଛି ଦହି ।

ଆଗରେ ଥରେ ଦେଖିବା ପାଇଁ
ଉଛୁଳା ଚିତ୍ତ ଯ ଉଛି ଧାଇଁ;
ଲାଜ କଥାଟା କହିବି କସ !
ଅଟଗଲ ଯେତେ ଯାଏଁ,
ତେତିକି ପୁଣି ପଟଛଇ ଅଟେ ମନ ଆପଣା ଛାଏଁ ଲୋ
ମନ ଆପଣା ଛାଏଁ ।

ସଅଁପି ଚିତ୍ତ ତାହାର ଠେଇଁ
ଡାକେ ପଡ଼ିବି ଡେଇଁ
ତାହାର କର୍ମ ସାଧନ ପାଇଁ
ପତାଇ ଦେବି ଛାତି,
ତାହାର ମନ୍ତ୍ର ଇଷ୍ଟ କରି
ଜୀବନ ଦେବି  ପାତି ଲୋ
ଜୀବନ ଦେବି ପାତି ।

ଏଇତ ମୋର ପରମ ସ୍ୱର୍ଗ
ଏଇତ ମୋର ଚତୁର ବର୍ଗ,
ତାହାର ମାର୍ଗ ଅନୁସରି ମୁଁ
ଧନ୍ୟ ହେବି ଧନ୍ୟ,
ଏତିକି ଛଡ଼ା ଜୀବନେ  ମୋର
କାମନା  ନାହିଁ ଅନ୍ୟ  ଲୋ
କାମନା ନାହିଁ ଅନ୍ୟ ।

---

ମହାତ୍ମା ଗାନ୍ଧୀ—ପୂର୍ବପୃଷ୍ଠା ଉତ୍ତରୁ

ଭାରତ—ପ୍ରାଚୀନ, ଭାରତ ଅମର ସୁଖସ୍ୱପ୍ନର ଭାରତ ଦେଖାଦେବ ବୋଲି ବିଶ୍ୱାସ ହେଉନ ହିଁ ।

ମଦ, ବେଶ୍ୟା, ବିଳାସ, ବ୍ୟସନ, ବଂଶଗୃହରେ ସମଗ୍ର ଜଗତ୍ ଅଛି ଯେପରି ନଷ୍ଟ ଭ୍ରଷ୍ଟ ଏବଂ ଭାରତ ସେତେଦୂର ଚରିତ୍ରଭ୍ରଷ୍ଟ ହୋଇ ନାହିଁ—କାଳ କିନ୍ତୁ ମହାତ୍ମା ଗାନ୍ଧୀଙ୍କ ଅନ୍ତେ ମୋର ଆଶଙ୍କା ହୁଏ ଭାରତ ମଧ୍ୟ ବିଳାସିତାର, ବ୍ୟଭିଚାରର ନେତୃତ୍ୱ ନେବ ଏବଂ ବହୁଦନ ଜଗତକୁ ଚମକ ଲଗାଇବ । ତା ପରେ ପୁଣି ସ୍ଥିର ହେବ । ଯେପରି ରୋମ, ବାବିଲୋନ, ଅସୀରିୟ ସଭ୍ୟତା ସବୁ ହୋଇଛି ।

ତା ପରେ ?

ତା ପରେ ?

ଏହି କଥା ଭାବିଲେ ବର୍ତ୍ତମାନ ଭାରତକୁ ମହାତ୍ମା ଗାନ୍ଧୀ ଯେଉଁ ଆଡ଼କୁ ନେବାକୁ ଚାହୁଁଛନ୍ତି ସେ ବାଟକୁ ଝୁଙ୍କିବା ? ନା, ନା ? ଏହି ବିଚାରର ପାଠକଙ୍କ ନିଜ ହାତରେ ଅଛି ।

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ

Digitized by srujanika@gmail.com



# ବିଲୁଆ ବିଚାର

୧୦ମ ବର୍ଷ — ୬ଷ୍ଠ ଓ ୭ମ ସଂଖ୍ୟା

ଭାଦ୍ରବ ଦ୍ୱିତୀୟାର୍ଦ୍ଧ ଓ ଆଶ୍ୱିନ ପ୍ରଥମାର୍ଦ୍ଧ

ଓଡ଼ିଶା ସରକାର ଗୋଟାଏ ମିଲିଟାରି ପୋଲିସ ବାହିନୀ ଗଢ଼ିବାର ସ୍ଥିର କରିଛନ୍ତି । ଏହା ଦେଖି ଅନେକ ଅଣକଂଗ୍ରେସି ନେତାଙ୍କର ଧାରଣା ଜନ୍ମିଛି ଯେ, ତାଙ୍କୁହିଁ ଦଳନ ମଳନ କରିବା ପାଇଁ ଏ ବ୍ୟବସ୍ଥା । ଏକଥା ଶୁଣି "ଖେଳ ମନ ଖେଳ ସପନରେ" କଥାଟା ମନେ ପଡ଼ୁଛି । ଏପରି ଭ୍ରାନ୍ତ ମନୋବୃତ୍ତି ଯେଉଁ ଦଳ ପ୍ରତିପକ୍ଷ ସ୍ଥିର କରିବେ କିପରି ? ରାଜନୀତିକ ବିପକ୍ଷଙ୍କ ପାଇଁ କେହି ସରକାର ମିଲିଟାରି ଫଉଜର ବ୍ୟବହାର କରେ କି ? ଯେ କରେ, ସେ ଯେ "ଅ ବୁଦ୍ଧି କେବଳରେ ପ୍ରାଣ" କହିବ । ଏଇ ସିଧା କଥାଟା ବୁଝିବାକୁ ଯାହାଙ୍କର ମଗଜ ନାହିଁ, ସେ ପୁଣି କଂଗ୍ରେସ ଭଳି ଦେଶବ୍ୟାପୀ ଦଳ ସାଙ୍ଗରେ ପଂଝା ଲଢ଼ୁଛନ୍ତି କଣ ସ୍ପର୍ଦ୍ଧାରେ !

\+ + × +

କଂଗ୍ରେସ ସରକାର ଜମିଦାରି ପ୍ରଥା ଉଠାଇବା ପାଇଁ ବଦ୍ଧପରିକର । କିନ୍ତୁ ସରକାର ହାତରେ ପାଇ ଦେଶୀୟରାଜ୍ୟକୁ ବଟାଇ କହିବା ଓ କାମରେ କରିବା ଏକା କଥା ନୁହେଁ । ଏ ଅସୁବିଧା ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଅର୍ଥ ମନ୍ତ୍ରୀ ଆପଣେ ଅସଲ ପରିସ୍ଥିତି କଥା ପଦେ କହିଛନ୍ତି । ସେ ଯାହା କହିଲେ ତାର ଅର୍ଥ ଏହିକି — "ଆମେ ଜମିଦାରି ଲୋପ କରି ସାରିଲୁଣି, କେବଳ ଗୋଟାଏ ସୁବିଧାଜନକ ଯୋଜନା ଆମେ ପାଉନାହୁଁ । କଂଗ୍ରେସର ଲୋକଙ୍କୁ ଦେବାକୁ ମାତ୍ର ଯେମାନେ ବ୍ୟଗ୍ର ଅପେକ୍ଷା କରୁଛନ୍ତି ।"

କାରଣ ସେ ପାଠ ତାଙ୍କ ହେବା ସମ୍ଭବନାହିଁ । ସେ ଏବର୍ଷ ଲାଇସେନ୍ସ ନୂଆ ଜିଲାରେ ଜମିଦାର ବନ୍ଦୋବସ୍ତ ରଦ୍ଦ କରିଲେ ଏବେ କେଉଁ ଲାଇସେନ୍ସ ନୂଆ ଲୋକମାନେ ଭଲ ଯୋଜନା ବୁଝି ପାଇବେ ।

\+ × × ×

ଶୁଣି ଖୁସି ହେଲୁ ଯେ ନାଗପୁର ବିଶ୍ୱବିଦ୍ୟାଳୟ ମହାତ୍ମା ଗାନ୍ଧିଙ୍କୁ ସାହିତ୍ୟ-ଡାକ୍ତର (D. Litt) ଉପାଧି ଦେବାକୁ ସ୍ଥିର କରିଛନ୍ତି । ଯାହାହେଉ ଏଥିରେ ଲୋକେ ଗାନ୍ଧିଙ୍କୁ ଚିହ୍ନିବେ ।

ଏ ଉପାଧିଟା କିନ୍ତୁ ଆମ ମନକୁ ପାଉନାହିଁ । ଗାନ୍ଧିଜୀ ପ୍ରକୃତରେ ଜଣେ ଡାକ୍ତର — ମନ ଓ ଦେହ ଉଭୟର । ଆମ ମତରେ ତାଙ୍କୁ ଲୋକଙ୍କ — ଡାକ୍ତର (Doctor of Medecine) ଉପାଧି ଦେଲେ ଠିକ ହୁଅନ୍ତା । ଆମ ଉତ୍କଳ ବିଶ୍ୱବିଦ୍ୟାଳୟ ବାହାର ପଡ଼ନ୍ତୁ ।

× × × +

ଶ୍ରୀ ଉମାଚରଣ ପଟ୍ଟନାୟକ ଓଡ଼ିଶା ବ୍ୟବସ୍ଥା ସଭାରେ ଗଣ୍ଡିଏ ପ୍ରସ୍ତାବ ଗୋଟି ଦାଖଲ କରି ରାଜନୀତିକ ମହଲରେ ଗୋଟାଏ ସଂଚଳନ ସୃଷ୍ଟି କରିଛନ୍ତି । ଜୟପୁରର ଦେବାନ ଏ ଗୋଟି ଏକ୍ଜିକ୍ୟୁଟିଭ୍-ଇଞ୍ଜିନିୟରଙ୍କ ପାସପୋର୍ଟ ସାହେବଙ୍କୁ ଦେଇଥିଲେ ।

ଏ ଗୋଟି ଘଟଣାରେ କୌଣସି ଦୁରଭିସନ୍ଧି ଥିବା ଅନୁମାନ କରିବାକୁ ଆମେ ଅକ୍ଷମ । ମଧ୍ୟ ଏଥିରେ କାହାର ବ୍ୟକ୍ତିଗତ ଦୋଷ ଉପରେ ଆକ୍ଷେପ କରିବାର କଥା ଥିଲା ପରି ଆମକୁ ଜଣାନାହିଁ ।

ଏଥିରେ କିନ୍ତୁ ଗୋଟାଏ କଥା ମନରେ ହେଉଛି ଯେ ସରକାର ଅଧିକ ଦୃଢ଼ତା - କରିବା କିମ୍ବା ସରକାରଙ୍କୁ ଅଧିକାର ପରାମର୍ଶ ଦେବା କ୍ଷମତା ଯାହାଙ୍କ ହାତରେ — ସେ ସମ୍ପୂର୍ଣ୍ଣ ନିରପେକ୍ଷ ଅଥବା ଧୂଅ ମୂଳା ହୋଇ ରହିବା ବାଞ୍ଛନୀୟ । ଅନ୍ୟ ଲୋକଙ୍କର କଥା ଉପରେ ହୋଇ ସରକାର ଉଦ୍ଧୃତ ହେବାର ନାହିଁ ଉଚିତ ହେବା ଉଚିତ । ଏହା ହେଲେ ଆଉ ସନ୍ଦେହର ହେତୁ ନଥିବ ।

× + × +

ହାଇଦ୍ରାବାଦ ଉପରେ ଯେଉଁ ଭଳି ନୀତି କହିଲେ ଅପେକ୍ଷା ଜଣାଇଲଣି, ଅଖାଡ଼ୁଏ ଓଡ଼ିଶାବାସୀ ଦରବାରର ବହୁତ ହେଉ ନିଜର ଦେଖିବେ । ମହାତ୍ମା ଗାନ୍ଧିଙ୍କଠାରୁ ଆଶୀର୍ବାଦ କରି ଭାରତ ସରକାର ଯାହା କରିବା କରିବ ତେବେ ଧାର୍ଯ୍ୟ ଅଛନ୍ତି ତାର ସୂଚନା ଦେଉଛି । ଏହିକ୍ଷଣି ସତ୍ୟାଗ୍ରହ, ଅନଶନ ପ୍ରତ୍ୟକ୍ଷ କ୍ରିୟା (Direct action) ଉପୁଜିବା କଥା ଅସମ୍ଭବ ନୁହେଁ ।

କେନ୍ଦ୍ର-ମନ୍ତ୍ରୀ ତିନ ଜଣଙ୍କ ମଧ୍ୟରୁ ଦୁଇଜଣ ଦୁଇଜଣଙ୍କୁ 'ଗାଦେଣୀ' କରି ମହତାବଙ୍କ ଯେଉଁ ଗୋଟିଏ ଗୃହକୁ ନେଇ ବୋଲି ଖବର ଦେଇଥିଲେ ସେ ଆଜ ଟିକିଏ ହଠାତ ଉତ୍ତର ହୋଇ ପଡ଼ିଲେଣି । ମହତାବଙ୍କ ଭଳିଆ ବୁଦ୍ଧିଆ କାଳନୀ ମନ୍ତ୍ରୀ କିମ୍ବା ପ୍ରଧାନଙ୍କ ବୁଦ୍ଧିଏ ପରାମର୍ଶ ନେଉଛନ୍ତି — ନୋହିଲେ ଦଣ୍ଡାରେ ପଡ଼ିଯିବେ ।

\+ × + ×

ଗାନ୍ଧିଜୀଙ୍କ କଥାରେ କଂଗ୍ରେସୀ ଭାରତ ସରକାର 'କଣ୍ଟକର ମୁକୁଟ' ଧାରଣ କଲେ । ପ୍ରଧାନମନ୍ତ୍ରୀ ଶାସ୍ତ୍ରୀ ବାନ୍ଧିବା ବେଳରେ ମହତାବଙ୍କ ହୁଏତ 'କଣ୍ଟକର ମୁକୁଟ' ଧାରଣ କରୁଛନ୍ତି ବୋଲି ଭାବୁଥିବେ । କିନ୍ତୁ ହାଇଦ୍ରାବାଦ ଓ କାଶ୍ମୀର ପ୍ରଶ୍ନ ଭଳିକୁ ଯେଉଁ କଣ୍ଟା ଫୁଟିଛି ମୁକୁଟରୁ ଖସି ତାହା ପ୍ରଧାନମନ୍ତ୍ରୀଙ୍କୁ ଯେ ବ୍ୟସ୍ତ କରୁଥିବ ଏଥିରେ ସନ୍ଦେହ ନାହିଁ । ସମସ୍ତଙ୍କ ମତାମତ ଗ୍ରହଣ କରିବା ଏକାନ୍ତ ଉଚିତ । ଆଶାକରୁଁ ମହତାବଙ୍କ ସହଯୋଗ ଓ ପ୍ରଜ୍ଞା ଏ ବିଷମ ସମସ୍ୟା ସମାଧାନରେ ସହାୟ ହେବ ।

Digitized by srujanika@gmail.com

ମୋଟ ଉପରେ ଏବର୍ଷ ଭାରତରେ ଖାଦ୍ୟ ଦ୍ରବ୍ୟର ଅନାଟନ ବୋଲି ସ୍ୱୀକୃତ ହୋଇ ସାରିଛି । ଏ ଅଭାବ ମେଣ୍ଟାଇବା ପାଇଁ ବିଦେଶରୁ ଆମଦାନି ଉପରେ ନିର୍ଭର କରି ଯାଇଥିଲା । ବର୍ତ୍ତମାନ ଜଣା ପଡ଼ିଲାଣି ଯେ ଆଶାନୁଯାୟୀ ଶସ୍ୟ ଆସି ପାରିବ ନାହିଁ । ଫଳରେ ଭାରତରେ ଖାଦ୍ୟାଭାବ ଅବଶ୍ୟମ୍ଭାବୀ ।

କଥାଟା ଶୁଣିବା ବେଳକୁ ’୪୩ ମସିହାର ଦୁର୍ଭିକ୍ଷ, ମଡ଼କ କଥା ମନରେ ପଡ଼ି ସନ୍ତ୍ରସ୍ତ ଥରି ଉଠୁଛି । ତେବେ ଏତିକି ଆଶ୍ୱାସନାର କଥା ଯେ ଓଡ଼ିଶାର ଅବସ୍ଥା ସେତେ ଖରାପ ନୁହେଁ । ଓଡ଼ିଶା ନିଶ୍ଚୟ ଅପର ପ୍ରଦେଶକୁ ସାଧ୍ୟାନୁସାରେ ସାହାଯ୍ୟ କରିବ । ଗତ ଦୁର୍ଭିକ୍ଷରେ ଖିକ୍ ଏଡ଼ା କରି ବହୁତ ଲାଭ ଉଠାଇ ଥିଲେ ଓ ସେହି ଅର୍ଥରେ ନିଜର ଉନ୍ନତି କରିଥିଲେ । ଆମର ବିଶ୍ୱାସ ଓଡ଼ିଶା ସେ କାମ କରିବ ନାହିଁ । କାରଣ ତାହା Black marketing—କେବଳ ମନ୍ତ୍ରୀମାନଙ୍କୁ ଏତିକି ଚେତାଇ ଦେଉଁ ଯେ ମିଶ୍ର ମନ୍ତ୍ରୀମଣ୍ଡଳ ପନ୍ଥା ଅନୁସରଣ କରି ଓଡ଼ିଆଙ୍କୁ ହଲପଟା ନ କରନ୍ତୁ ।

+　　+　　+　　+

ସେଦିନ ଓଡ଼ିଶା ବ୍ୟବସ୍ଥା ସଭା ମଣ୍ଡପରେ ପ୍ରଧାନମନ୍ତ୍ରୀ ମହତାବ ଓ ଶ୍ରୀ ଲକ୍ଷ୍ମୀନାରାୟଣ ସାହୁଙ୍କ ମଧ୍ୟରେ ଯେଉଁ ଚୋହାକ-ଉତାର ଚଳିଥିବା ବେଳେ ତାହା ଶ୍ରେଷ୍ଠ ଭାଷାଗ୍ର ସଭା ବା ଉହିଁର ନେତା, ବାହାର କ୍ଷେତ୍ରରେ ଶୋଭନୀୟ ବୋଲି ମନେ ହେଉନାହିଁ । ଲକ୍ଷ୍ମୀନାରାୟଣ ବାବୁଙ୍କ ଭଳି ଜଣେ ତ୍ୟାଗୀ, ସାଧୁ ଓ ବନ୍ଧୁ ବ୍ୟକ୍ତିଙ୍କ ପ୍ରତି ମର୍ଯ୍ୟାଦା-ହାନିକର ଉକ୍ତି ପ୍ରୟୋଗ କରି ମହତାବଙ୍କ ତାଙ୍କର ସ୍ୱଭାବ ସୁଲଭ ପ୍ରିୟମ୍ବଦିତା ଓ ଉଦାରତା କ୍ଷୁଣ୍ଣ କଲାପରି ଲାଗୁଛି । ଆମେ ଆଶା କରୁଁ ସାହୁଙ୍କ ‘ମଧୁରଂ ଭାଳସ୍ତ୍ରୀତିଂ’ ବୋଲି କଥାଟା ଯାଇନାହିଁ ।

×　　+　　+　　+

ତୃତୀୟ ବିଶ୍ୱବ୍ୟାପୀ ମହାସମର ଲଗିବ ବୋଲି ସମସ୍ତେ କହି ଲେଣି । ଯଦି ଲାଗେ, ତେବେ ଏଥର ଜାପାନ ନୁହେଁ; ରୁଷୀୟ ଭାଲୁ ଭାରତ ଉପରେ ମାଡ଼ି ବସିବାର ସମ୍ଭାବନା । ଏହା ହେଲେ ଚୁପ ଚାପ ଅମ କମ୍ୟୁନିଷ୍ଟ ସାଥୀମାନେ କେଉଁ ପକ୍ଷ ଧରିବେ ତାହା ଜଣା କଥା । ଭାରତର ରକ୍ଷା ଭାର ଆଉ ଇଂରେଜ ହାତରେ ନାହିଁ, ଭାରତବାସୀ ମୁଣ୍ଡରେ । ଏଣେ ଏହି ବନ୍ଧୁପ୍ରାଣ ଧର୍ମୀଙ୍କ ହେତୁ ଭାରତର କି ଅବସ୍ଥା ହେବ ତାହା ସହଜରେ ଅନୁମେୟ ।

ଏଥିରେ ପୁଣି ଭାରତୀୟ କମ୍ୟୁନିଷ୍ଟ କେନ୍ଦ୍ରରୁ ହୁକୁମ ହୋଇଛି କି କମ୍ୟୁନିଷ୍ଟମାନେ ପ୍ରତ୍ୟକ୍ଷ ଭାବରେ ଲୀଗର ସହାୟତା କରିବେ । ଏହାର ଫଳ କଣ ହେଲ ଏବଂ କଲିକତା ତାର ସାକ୍ଷୀ । ଏବେ ବି ବଙ୍ଗ ବ୍ୟବସ୍ଥା ସଭାର କମ୍ୟୁନିଷ୍ଟ ସଭ୍ୟଗଣ ଲୀଗର ସପକ୍ଷତା କରୁଛନ୍ତି ।

ଦେଶ ଉପରେ ସ୍ୱାଧୀନ ରୂପ ଦେଇ ଓ ଅଶାନ୍ତି ସୃଷ୍ଟି କରି ସେମାନେ ଦେଶର ଅଗ୍ରଗତିରେ ଅନ୍ତରାୟ ଦେଉଛନ୍ତି, ଇତ୍ୟାଦି ଇତ୍ୟାଦି କଥା କମ୍ୟୁନିଷ୍ଟ ସାଥୀମାନଙ୍କ ନାଁରେ ଶୁଣା ହେଉଛି ।

ଉତ୍ତରରେ ଆମେ କହୁଁ ମୁସଲିମ ଲୀଗ୍ ସହିତ ଏମାନଙ୍କର ତଫାତ୍ ଅଛି କମ୍—ସେମାନେ କମ୍ୟୁନାଲିଷ୍ଟ—ଏମାନେ କମ୍ୟୁନିଷ୍ଟ ଖାଲି ‘ଅଲ’ ଓ ‘ଇଷ୍ଟ’ ପ୍ରଭେଦ । ଏଥିରେ ତାଙ୍କୁ ଦୋଷ ଦିଆ ଯାଇ ନପାରେ ।

ଭାରତ ତାଙ୍କର ମାତା ହେଲେ । ବ୍ରିଟିଶ ପିତା । ପଶ୍ଚିମର ଆଦର୍ଶରେ ପିତାର ଆଦେଶରେ ମାତାକୁ ହତ୍ୟା କରିବା ଗର୍ହିତ ନୁହେଁ ।

ସ୍ୱାଧୀନ ସମ୍ବନ୍ଧରେ ମଧ୍ୟ ସେମାନଙ୍କୁ ଦୋଷୀ କରିବା ଉଚିତ ନୁହେଁ । କାରଣ ଦେଶ ସେବକମାନଙ୍କ ପ୍ରଧାନ ପ୍ରେରଣା ହେଉଛି—ଖ୍ୟାତି ଅର୍ଜନ ବା ନାଁ ବାଢ଼ିବା । କଂଗ୍ରେସବାଲା ତ ସବୁଆଡ଼େ ନେଇଲେ ତୋଳ ନାଁ ମାରିଲେ—କମ୍ୟୁନିଷ୍ଟମାନେ ଉ ପୁଣି ଏହି ବଳେ ନାଁ ବାଢ଼ିବେ—ତେଣୁ ବାଟରେ—

ଏ ସବୁ ବିଚାର କରି ଆମେ ଜାଣୁଛୁଁ ଯେ କମ୍ୟୁନିଷ୍ଟଙ୍କ ଭଳେ ହେଲେ ଦୋଷ ନାହିଁ; ଅସହିଷ୍ଣୁ ଲୋକେ ଦେଖି ନ ପାରି ଦୁର୍ନାମ ଦେଉଛନ୍ତି । ବୁଝେଇ ବୁଝେଇ ଯେପରି ଗୋଟାଏ ଚଳଣା ଦେଇ ଲୁଚିର ପିଟା ହୁଏ ।

+　　×　　+　　+

ସ୍ୱାଧୀନ ଭାରତୀୟ ଭାରତମାନଙ୍କ ମତରେ ପ୍ରଧାନମନ୍ତ୍ରୀ ମହତାବ ସ୍ୱେଚ୍ଛାଚାରୀ (Dictator) ହୋଇ ଯାଉଛନ୍ତି । ଏ ଢଙ୍ଗମାନେ କହିଁ ଯୁଗର ଉଚ୍ଚିତର ନାଁ ଶୁଣିବା ବେଳକୁ ଦେହ ନିଘେଞ୍ଚ ଉଠିବାର କଥା । ମାତ୍ର ବୁଝିବାକୁ ଗଲେ ପରିବର୍ତ୍ତନ (transition) କାଳରେ ସ୍ୱେଚ୍ଛାଚାରହିଁ ଲୋଡ଼ା । ବ୍ରିଟିଶ, ଇଂଲଣ୍ଡ, ଆମେରିକା ପରି ଗଣତାନ୍ତ୍ରିକ ଦେଶ ବି ସ୍ୱେଚ୍ଛାଚାର ବରଣ କରି ନେଇଥିଲେ ବିପଦ ବେଳରେ । ଅଧିକାଂଶର ସମଧିକ ମଙ୍ଗଳ (Greatest good of the Greatest number) ନିମନ୍ତେ ମହତାବଜୀ ଯଦି ସ୍ୱେଚ୍ଛାଚାରୀ ହୁଅନ୍ତି, ତେବେ ଆଜି ନ ବୁଝୁ, ଦିନେ ଦେଶ ବୁଝିବ ସେ ପ୍ରକୃତରେ ଦେଶର ମଙ୍ଗଳ କରି ଯାଇ ଅଛନ୍ତି । ଜବରଙ୍କ ସରକାର ଆମର ଏ ମୁହୂର୍ତ୍ତର ସବୁଠାରୁ ଲୋଡ଼ା ।—ଯାହା ଦୋଷ ଥିବ ଶୁଦ୍ଧଙ୍କର ସ୍ୱେଚ୍ଛାଚାର (Benevolent Dictatorship) କରନ୍ତୁ ।

---

## ‘ଡଗର’ ଦିଆଲି ସଂଖ୍ୟା

ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ପ୍ରକାଶ ପାଇବ ।

**ଦାମ ପ୍ରତି ଖଣ୍ଡ ଟ ୦ ।୵**

ଏଥିରେ ଲେଖୁଛନ୍ତି—

ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳ, ଶ୍ରୀ ସଚ୍ଚି ରାଉତରାୟ, ଶ୍ରୀ ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ଶ୍ରୀ ରାଜକିଶୋର ରାୟ, ଶ୍ରୀ ଦେବ ମହାପାତ୍ର ଓ ଅନ୍ୟାନ୍ୟ ବିଶିଷ୍ଟ ଲେଖକ ଓ ଲେଖିକାମାନେ ।

ବିଃ ଦ୍ରଃ—ଆମର ରେଜେଷ୍ଟ୍ରିଭୁକ୍ତ ଗ୍ରାହକମାନଙ୍କୁ ଏ ସଂଖ୍ୟା ପାଇଁ ଦାମ ଦେବାକୁ ପଡ଼ିବ ନାହିଁ ।

ପରିଚାଳନା—‘ଡଗର’

Digitized by srujanika@gmail.com

## ମଜାକଥା




# ଛାତ୍ର କଂଗ୍ରେସ
## ବନାମ
# ଛାତ୍ରୀ ସଂଘ

ବାହାରେ ଯେତେ ଅଡ୍ଡା ଅଡ଼ମ୍ବର ଦେଖାଇଲେ ସୁଦ୍ଧା, ତମ୍ବୁ ତୋଫାନ କଲେ ମଧ୍ୟ, ରାଜନୀତିକ ସଭାରେ ସାମ୍ରାଜ୍ୟବାଦୀମାନଙ୍କୁ ସମୂଳେ ଧ୍ୱଂସ କରିବାପାଇଁ ଅଗ୍ନିମୟୀ ବକ୍ତୃତା ଝାଡ଼ିଲେ ବି କଂସର ପ୍ରତାପ ବାପାଙ୍କ ଆଗରେ ଛାତ୍ର ମଜଲିସର ମଣ୍ଡା ଗୋବର୍ଦ୍ଧନ ବାବୁ ସାମାନ୍ୟ ମୂଷାଛୁଆ ମାତ୍ର । ତେଣୁ ମନର ସମସ୍ତ ଅଶାନ୍ତ ଅସନ୍ତୋଷକୁ ଦବାଇ ଦେଇ, ଆଶା ଆକାଂକ୍ଷାକୁ ଜଳାଞ୍ଜଳି ଦେଇ ଅଜ୍ଞାତ କୁଳଶୀଳାଙ୍କୁ ନିଜର ଜୀବନ ସାଥୀ କରିବା ପାଇଁ ଯାଇ ପାଲିଙ୍କିରେ ବସିଲେ ।

ମାତ୍ର ତାଙ୍କ ମୁଣ୍ଡରେ ବଜ୍ର ଛିଣ୍ଡି ପଡ଼ିଲା, ଯେତେବେଳେ ବର ଓ ବରଯାତ୍ରୀ ଯାଇ କନ୍ୟାଘର ପାଖରେ ପହଞ୍ଚିଲେ । ଗୋବର୍ଦ୍ଧନ ବାବୁ ଦେଖିଲେ କଟକର ପ୍ରସିଦ୍ଧ ଓକିଲ—ବାବୁ ଖୋଦ୍ ତାଙ୍କ ଶ୍ୱଶୁର ସାହେବ ପୋଷାକ ଛାଡ଼ି ଚଣ୍ଡ୍ରଏ ମଠା ଚଦର ଦେହରେ ପକାଇ ଅରୁଆ ଚାଉଳ, ଦୁବ, ନଡ଼ିଆ, ଥାଳି ଧରି ବରଣ କରିବାକୁ ହାଜର ।

ଗୋବର୍ଦ୍ଧନ ବାବୁ କେତେବେଳେକେ ଅନ୍ୟମନସ୍କ ହୋଇ ପଡ଼ିଲେ । ତାଙ୍କ ମୁଣ୍ଡରେ ଖେଳିବାକୁ ଲାଗିଲା ସତେ କଣ ତାଙ୍କପରି ଅଯୋଗ୍ୟ ହାତରେ—ବାବୁଙ୍କ ଏକମାତ୍ର କନ୍ୟା ଆଇ, ଏ, ପାଶ ସୁକୁମାରୀ ଦେବୀ ପଡ଼ିଲେ ଅସମ୍ଭବ, ଅସମ୍ଭବ ।

କୁମାରୀ ସୁକୁମାରୀଙ୍କୁ ସେ ଆଗରୁ ଚିହ୍ନନ୍ତି, ଭଲରୂପେ ଜାଣନ୍ତି । ଅନେକଥର ସାମନା ସାମନି ନ ହେଲେ ମଧ୍ୟ ଖବର କାଗଜ ଜରିଆରେ ତାଙ୍କ ସହିତ କଲମ ଲଢେଇ ଲଗାଇଛନ୍ତି । ଖୋଦ୍ ଗୋବର୍ଦ୍ଧନ ବାବୁ ଛାତ୍ର କଂଗ୍ରେସର ସହକାରୀ ସମ୍ପାଦକ । ଛାତ୍ର କଂଗ୍ରେସର ବିପକ୍ଷ ଛାତ୍ର ସଂଘର ଅନୁବର୍ତ୍ତିନୀ ଛାତ୍ରୀ ସଂଘର ସମ୍ପାଦିକା କୁମାରୀ ସୁକୁମାରୀ ଦେବୀ । ଛାତ୍ର କଂଗ୍ରେସ କଂଗ୍ରେସର ଭିତ୍ତିଭୂମିରେ ଗଠିତ; କିନ୍ତୁ ଛାତ୍ର ସଂଘ କମ୍ୟୁନିଷ୍ଟଙ୍କ ପାଳିତ ପୁତ୍ର । ତେଣୁ ଦୁହିଁଙ୍କ ଭିତରେ ଶତ୍ରୁତା ଲାଗି ରହିଛି । କଂଗ୍ରେସ ଦଳ ସଂଘକୁ ଯେପରି ଦେଶ ଦ୍ରୋହୀ ବୋଲି କହି ଫୁତ୍କାରରେ ଉଡ଼ାଇ ଦିଅନ୍ତି, ସଂଘ କଂଗ୍ରେସକୁ ସେହିପରି ପୁଞ୍ଜିପତିଙ୍କ ଦାଲାଲ ଏଜେଣ୍ଟ ବୋଲି କହି ଗାଳିଗୁଲଜ କରନ୍ତି । ସେହି କାରଣରୁ ଛାତ୍ର କଂଗ୍ରେସର ସହକାରୀ ସେକ୍ରେଟେରୀ କୁମାର ଗୋବର୍ଦ୍ଧନ ବାବୁ ଓ ଛାତ୍ରୀ ସଂଘର ଖୋଦ୍ ସେକ୍ରେଟେରୀ କୁମାରୀ ସୁକୁମାରୀଙ୍କ ଭିତରେ ନୀତିଗତ ବୈଷମ୍ୟ ବରାବର ରହିଆସେ—ଯାହା ଦୁହିଁଙ୍କ ଭିତରେ ଜଣାଶୁଣା କେବଳ ଖବର କାଗଜ ଜରିଆରେ ।

କପାଳ କେମିତି ବିଗୁଡ଼ି ଗଲା, ଗୋବର୍ଦ୍ଧନ ବାବୁଙ୍କର ତା ଖିଆଲ ନାହିଁ । ସେ କନ୍ୟା ବଦଳ ହୋଇ ଆସିବେ । ସେଠି ଦିନ ମଧୁଶଯ୍ୟା ଘରେ ଯେତେବେଳେ ନିର୍ଜନରେ ଉଭୟେ ଉଭୟଙ୍କୁ ପ୍ରଥମଥର ପାଇଁ ଦେଖନ୍ତି ସେତେବେଳେ ଉଭୟଙ୍କ ମନ ଭରିଯାଏ ମୁହଁ ବିଷାଦ କାଳିମାରେ ଅନ୍ଧକାର ।

ଅନେକ ସମୟ ଚୁପ୍ ଚାପ କଟିଗଲା । ଶେଷରେ ଗୋବର୍ଦ୍ଧନ ବାବୁ କଣ୍ଠରେ ଥରେ ଛେପ ଢୋକି ନିଜକୁ ଟିକେ ସଜାଡ଼ି କରିନେଇ କହିଲେ—"ରାତିଟା କଣ ଏମିତି ବସି ବସି କଟିଯିବ ? ବିଛଣାଟାତ ଖୁବ୍ ବଡ଼ ଅଛି, ଦୁଇଜଣ ଶୋଇବାକୁ ବେଶ୍ ଜାଗା ହେବ । ଆସି ଏଠାରେ ଶୋଇ ପଡ଼ନ୍ତୁ ।

ଅହମ ତୋମା ଉପରେ ଫୁଟ୍, ସେ ଅଭିଜ୍ଞତା ଅବଶ୍ୟ ଆମର କାହାର ନାହିଁ । ମାତ୍ର ଏଇ ପଦେ କଥାରେ ସୁକୁମାରୀ ଦେବୀ କ୍ରୋଧରେ ଜଳିଉଠି କହି ପକାଇଲେ—"ଆପଣ ଛାତ୍ର କଂଗ୍ରେସରେ ଥିଲେ ମଧ୍ୟ ! ଛାତ୍ର କଂଗ୍ରେସବାଲା କଣ ଏତେ ନିର୍ଲଜ୍ଜ ?"

ଭର୍ତ୍ସନା ଦେଇ ବାଟେ ଉପରେ ମନାଇଲା, ଗୋବର୍ଦ୍ଧନ ବାବୁ ଟାହା ଟିକେ ବି ନ ଡରି ନିହାତି ଅପରାଧୀ ପରି କହିଲେ, "ମୋର ଦୋଷଟା ଏଠି କେଉଁଠି ?" "ଆପଣ ଏ ବିଛଣାରେ ଶୋଇବା କଥା କହିଲେ କିପରି ? କମ୍ୟୁନିଷ୍ଟମାନଙ୍କ ଭିତରେ ଥିବାର କହନ୍ତି, ଆପଣ କଣ ମୋର ଉପଯୁକ୍ତ ?" ସୁକୁମାରୀ କ୍ରୋଧ ଓ ଅଭିମାନରେ ଫୁଲି କାନ୍ଦି ଲାଗିଲେ ।

ଗୋବର୍ଦ୍ଧନ ବାବୁ କହିଲେ—"ଆପଣ ବୃଥା ମୋ ଉପରେ ରାଗୁଛନ୍ତି । ଆପଣ ଏ ବାହାଘରେ ଯେପରି ଅସହାୟ, ମୁଁ ବି ସେହିପରି ବନ୍ଦୀ । ଆମ ଦୁହିଁଙ୍କ ଦୁଇ ବୋପା ଏ ଷଡ଼ଯନ୍ତ୍ରର କର୍ତ୍ତା । ସେ ତ ଗୁରୁଜନ; ଦୋଷଟା ତାଙ୍କ ଉପରେ ଲଦିଦେଲେ ମଧ୍ୟ ମୁହଁରେ ତାହା କହିହେବ ନାହିଁ ।"

ସୁକୁମାରୀ ଦୀର୍ଘ ସ୍ୱରରେ କହିଲେ—ମୁଁ ଜାଣେ, ବାପାଙ୍କୁ ଚିଠି ଦେବି । ସେ ଆସି ମୋତେ ଏଠାରୁ ନେଇଯିବେ । ଆପଣଙ୍କ ପାଖରେ ମୁଁ କଦାପି ରହି ପାରିବି ନାହିଁ । 'ମୋର ମଧ୍ୟ ସେଇ ମତ; କିନ୍ତୁ

Digitized by srujanika@gmail.com

ଏ ସାଙ୍ଗଟା କିଏ କି ସତେ ମୋତେ କହିବେ କିଏ ?"

ପ୍ରେମର ପ୍ରଥମ ସମ୍ଭାଷଣ ଏହିପରି ହୋଇଗଲା । ଘରର ଗୋଟିଏ କଡ଼ରେ ବର ଓ ଅନ୍ୟ କଡ଼ରେ ଗୋଟିଏ କୋଣରେ କନ୍ୟା ବସି ରହିଛି ଅନ୍ଧକାରରେ ବସାଇଲେ । ରାତି ପୁଣି ନ ପାହୁଣୁ ଘର ଗଲା ।

ପର ଦିନ ରାତି ।

ସୁଷମା କହିଲେ—"ଦେଖନ୍ତୁ, ମୋର ଏଠାରୁ ଚାଲିଯିବାଟା ସୁନ୍ଦର ହେବ ନାହିଁ । ନଚେତ୍ ଲୋକେ ଶୁଣିବେ, ବାପା ମୋର ଅସନ୍ତୁଷ୍ଟ ହେବେ ।" ସମାନ ସ୍ୱରରେ ଉତ୍ତର ଆସିଲା, "ମୋର ମଧ୍ୟ ସେଇ ମତ । ବରଂ ମୁଁ ଚେଷ୍ଟା କରିବି ଏଠାରୁ ଚାଲି ଯାଉଛି ।"

ସେଦିନ ଗୋବର୍ଦ୍ଧନ ବାବୁ ଆଗରୁ ସଂଗ୍ରହ କରିଥିବା ଖଟଖଣ୍ଡ ତଳେ ପକାଇ ଶୋଇ ପଡ଼ିଲେ । ବହୁ ଅନୁନୟ ବିନୟ ପରେ ସୁଷମା ପଲଙ୍କ ଉପରେ ଶୋଇଲେ ମାତ୍ର ପୂର୍ବ ରାତି ପରି ରାତିଟି ଅନିଦ୍ରାରେହିଁ କଟିଲା ।

ପୁଣି ତୃତୀୟ ରାତିରେ ଦେଖା ସାକ୍ଷାତ ।

ସୁଷମା କହିଲେ, "ଆପଣ କେଉଁ ଦିନ ଚାଲିଯାଆନ୍ତୁ । ତାହେଲେ ମୁଁ ଅନ୍ତତଃ ମନରେ ଟିକିଏ ଶାନ୍ତି ପାଇବି । ଲୋକ ଦେଖାଣିଆ ବାହାଘରର ଯେତେ ଆଡ଼ମ୍ବରରେ ହୋଇଯାଇ ଥାଉ ନା କାହିଁକି, ମୁଁ ଆପଣଙ୍କ ପ୍ରତି କଦାପି ସନ୍ତୁଷ୍ଟ ନୁହେଁ ।"

ଗୋବର୍ଦ୍ଧନ ବାବୁ ଉତ୍ତର ଦେଲେ—"ମୋର ମଧ୍ୟ ସେଇ ମତ, "ଆଉ ଗୋଟିଏ କଥା, ଆମ ଭିତରେ ଏପରି ଅପରିଚିତ ହୋଇଛି, କୌଣସି ସଂପର୍କ ନାହିଁ—ଏ କଥା ଯଦି କେହି ଜାଣେ, ଯଦି ଯଦି ତାହା ହୋଇ ଜାଣନ୍ତି, ତେବେ ମୁଁ ତ ମୁହଁ ଦେଖାଇ ପାରିବି ନାହିଁ ।"

"ମୁହଁରେ ଓଢ଼ଣାଟା ଆଉ ଟିକିଏ ତଳ କଲେ ଦେଖିଲେ ଚେଷ୍ଟି ଟାଣି ଦେଇଦେଲେ ହେଲା ।"

ସୁଷମା ହସି ଉଠିଲେ—'ହଉ, ହଉ, ସେ ତାମସା ରହନ୍ତୁ ।"

ଧୀରେ ଗୋବର୍ଦ୍ଧନ ବାବୁ କହିଲେ—"ଗୋଟିଏ ଭଲ ଫିକର ମନେ ପଡ଼ୁଛି । ମୁଁ ପଇସା ବାହାନାରେ ରହିବି ବାହାରେ ତେଣୁ ଆମ ଭିତରେ ପୂର୍ବ ଦମ ଅଟକ ଯୋଗ ।"

"ଆଚ୍ଛା, ଚିଠି ପତ୍ର ଦିଆ ନିଆ ନ ହେଲେ କେହି କିଛି ଭାବିବେ ନାହିଁ ?" ଟିକିଏ ଚିନ୍ତାକରି ଗୋବର୍ଦ୍ଧନ ବାବୁ କହିଲେ—"ତାର କଣ ଉପାୟ ନାହିଁ ? ଆପଣ ଚେଷ୍ଟାକରି ମୋ ପାଖକୁ ଲଫାପାରେ ଚିଠି ଦେବେ, ମୁଁ ମଧ୍ୟ ଆପଣଙ୍କ ପାଖକୁ ଦେବି । କିନ୍ତୁ ଭିତରେ ଥିବ ଖାଲି କାଗଜ । ଉପର କାଗଜର ଠିକଣା । ଉପରେ ଉପରେ ବୁଝି ପାରିଲେ ମହାଦେବଙ୍କ ବାପା ବି ଜାଣି ପାରିବେ ନାହିଁ ।"

— ୨ —

ବୈଶାଖ ମାସ ସରିଲା । ଗୋବର୍ଦ୍ଧନ ବାବୁ କଲେଜ ହଷ୍ଟେଲକୁ ଫେରି ଆସିଲେ । ମନ କଥା ମନରେ ରଖି ସାଙ୍ଗ ସାଥୀଙ୍କୁ ଭୋଜି ଦେଲେ; ସିନେମା ଦେଖାଇଲେ । ପ୍ରଥମ ପ୍ରଣୟ ସମ୍ପର୍କରେ ବହୁ ଆଲୋଚନା ଉପହାସ କଲେ । ମାତ୍ର ମନ ଯୋଡ଼ିଗଲେ କେହି ଜାଣନ୍ତି ନାହିଁ ।

ପ୍ରତି ସପ୍ତାହରେ ୨ ଖଣ୍ଡ ଲେଫାପା ଚିଠି ଆସିଲା, ଉତ୍ତର ମଧ୍ୟ ସେହିପରି ଗଲା । ସାଙ୍ଗ ସାଥୀଏ ଚିଠି ପଢ଼ିବାକୁ ଜିଦ୍ ଧରନ୍ତି; ମାତ୍ର ଗୋବର୍ଦ୍ଧନ ବାବୁ ଜାଣନ୍ତି ଯେ ଲଫାପା ଭିତରେ କଣ ଅଛି । ତେଣୁ ସେ କାହାକୁ ଚିଠି ପଢ଼ାଇ ଦିଅନ୍ତି ନାହିଁ ।

ପ୍ରାୟ ଦେଢ଼ ମାସ ପରର କଥା । ଚିଠି ନେଇ ଆଇ ଗୋବର୍ଦ୍ଧନ ବାବୁ ଯଥାପୂର୍ବ ଲଫାପା ଚିରି ସେ ଭିତର କାଗଜ ଖଣ୍ଡିକ ଫୋପାଡ଼ ଦେଉଥିଲେ । ହଠାତ୍ ଦୃଷ୍ଟି ପଡ଼ିଗଲା, ଗୋଟିଏ କୋଣରେ ଲେଖାଅଛି—"ଶନିବାର ଦିନ ନିଶ୍ଚୟ ଆସିବେ ।"

ସେଦିନ ଶୁକ୍ରବାର । ପରଦିନ ଚିଠି ଅନୁସାରେ ସତ୍ତ୍ୱେ ସାଇକଲ ଖଣ୍ଡିକ ଧରି ସେ ଘରକୁ ବାହାରି ପଡ଼ିଲେ । ମନରେ ଆଶା ନାହିଁ କି ନୈରାଶ୍ୟ ନାହିଁ । ହେଲେବି ବଳି ଖୁଣ୍ଟକୁ ନେଲା ପରି ମନ ହେଉଥାଏ । ଆଜି କେଉଁ ଅପମାନ ପାଇବାକୁ ହେବ, ରାତିଟା ତଳେ ଶୋଇ କେବଳ ଅନିଦ୍ରାରେ କଟିବ—ଏଇ ଭାବନା ମନକୁ ଦହି ପକାଉଥାଏ । ଏଣେ ନ ଯାଇ ଉପାୟ ନାହିଁ—ମନ ଯେ ମାନୁ ନାହିଁ ।

— ୩ —

ରାତିରେ ଘରେ ତଳେ ଖଟ ପକାଇ ଶୋଇ ପଡ଼ିଲେ । ଘରର ସାଜସଜ୍ଜା ତାଙ୍କୁ ଆଜି ନୂଆ ପ୍ରକାର ଲାଗିଲା । ଖଟ ଉପରେ ଧୋବ ଫରଫର କୋମଳ ବିଛଣା । ଗୋଟିଏ ବଡ଼ ଆଇନାର ମଧ୍ୟ ମନକୁ ଚମକିତ କରି ଦେଉଥିଲା । ମାତ୍ର ନିର୍ବିକାର ଚିତ୍ତରେ ସେ ଚଳନ୍ତିଆ ଖଟ ଉପରେ ଶୋଇ ପଡ଼ିଲେ ।

ନରମ ହାତର କୋମଳ ସ୍ପର୍ଶରେ ତାଙ୍କ ନିଦ ଭାଙ୍ଗି ଯିବା ଭାଙ୍ଗିଗଲା । ଆଖି ମିଟାଇ ଦେଖିଲେ—ପାଖରେ ବସିଛନ୍ତି ସୁଷମା ଦେବୀ—ମହିଳା ସଂଘର ସଂପାଦିକା ।

ସେ ଧଡ଼ପଡ଼ ହୋଇ ଉଠି ବସିଲେ । ଟିକିଏ ସମୟ ମୌନ ରହି କଣ କହିବାକୁ ଯାଉଥିଲେ, ସୁଷମା କହି ଉଠିଲେ, "ଏ ତାମସା ଆଉ ଭଲ ଲାଗୁନାହିଁ । ତୁମେ ଆଉ ଗୋଟିଏ ନୂଆ ତାମସା ଦେଖାଅ ।"

ଗୋବର୍ଦ୍ଧନ ବାବୁ ନୂଆ ସମ୍ବୋଧନରେ ଚମକି ଉଠିଲେ, କେଉଁ ଅଜ୍ଞାତ ଦୋଷରେ ସତେ ଯେପରି ସେ ଦୋଷୀ । ସେହି ଭାବରେ କହିଲେ—"ତୁମ ବାପା କେହି କିଛି ଜାଣିପାରିଲେ କି ? ଆପଣ ତେବେ ଏଥର ମୋତେ ଆସିବା ପାଇଁ ଲେଖିଲେ କାହିଁକି ?'

"ନା, ଆଉ ଆପଣ ଆପଣ ନୁହେଁ । ଏଣିକି ତୁମେ କହିବାକୁ ହେବ ।"

ଗୋବର୍ଦ୍ଧନ ବାବୁ କିଛି ବୁଝି ପାରିଲେ ନାହିଁ । ସୁଷମା କିଛି ସମୟ ମୌନ ରହି କହିଲେ—"ହଁ, ମୁଁ କହୁଥିଲି କି, ଆମକୁ ଏଣିକି ଏ ତାମସା ଛାଡ଼ିବାକୁ ହେବ । ଆମେ ଦମ୍ପତି ସାଥୀ—ଜନ୍ମରେ ଜନ୍ମ ଜୀବନ ଗଢ଼ିବାକୁ ହେବ ।"

( ଅବଶିଷ୍ଟାଂଶ ପର ପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com



ଜଣେ ଯୁବକ ଓ ଜଣେ ଯୁବତୀ ପ୍ରେମ କରୁଥିଲେ ଓ ତାଙ୍କର ବିବାହ ହେବାର ସ୍ଥିର ହୋଇଥିଲା । ଏପରି ସମୟରେ ଯୁବକଟି ଦୂର ଦେଶକୁ ଚାଲିଗଲା । ସେଠାରେ ସେ ଦିନେ ତାର ପ୍ରେମିକା ଠାରୁ ଚିଠି ପାଇଲା କି—"ମୁଁ ଅନ୍ୟ ଜଣକୁ ବିବାହ କରୁଛି । ଅତଏବ ତୁମେ ତମ ପାଖରେ ଥିବା ମୋର ଫଟୋଟି ଫେରାଇ ଦେବ ।

ଏ ପତ୍ର ପାଇ ଯୁବକ ଭାରି ରାଗି ଯାଇ ଉଚିତ ପ୍ରତିଶୋଧ ନେବାକୁ ସ୍ଥିର କଲା । ସେ ବଜାରକୁ ଯାଇ ବହୁତ ସୁନ୍ଦରୀ ଯୁବତୀଙ୍କ ଫଟୋ କିଣି ଆଣି ଏକାଠି ପାର୍ଶଲ ବାନ୍ଧି ଯୁବତୀ-ଙ୍କୁ ପଠାଇ ଦେଲା । ଚିଠିରେ ଲେଖିଲା, "ତୁମ ଫଟୋଟା କିଏ ଚିହ୍ନି ପାରୁ ନାହିଁ । ଏଥି ମଧ୍ୟରୁ ତୁମ ନିଜ ଫଟୋଟି ବାଛି ନେବ । ବାକି ଗୁଡ଼ାକ ଓ୍ୟାପସ ଦେବ ।

\+ \+ \+

## ସୁଯୋଗ

ରାମର ଦ୍ୱିତୀୟ ପକ୍ଷ ସ୍ତ୍ରୀର ଶ୍ରାଦ୍ଧ କ୍ରିୟାକୁ ହରିର ନିମନ୍ତ୍ରଣ ହୋଇଥିଲା । ମାତ୍ର ହରି ଗଲା ନାହିଁ । ତହିଁ ଆର ଦିନ ରାମ କହିଲା 'ତୁ କାଲି ଗଲୁ ନାହିଁ ଯେ ? ଆଗ ସ୍ତ୍ରୀର ଶ୍ରାଦ୍ଧକୁ ତ ଯାଇଥିଲୁ ।" ହରି କହିଲା, ମୋର ତ ମୋଟେ ଗୋଟିଏ ସ୍ତ୍ରୀ ମୋ ସ୍ତ୍ରୀର ଶ୍ରାଦ୍ଧକ୍ରିୟାକୁ କେଉଁଦିନ ନିମନ୍ତ୍ରଣ କରି ପାରିବି ବୋଲି ସେଥର ଯାଇଥିଲି । ଏଥର ଯାଇଥିଲେ ତୋତେ ପୁଣି କିପରି ନିମନ୍ତ୍ରଣ କରନ୍ତି ! ସେ ସୁଯୋଗ ତ ମୋର ନାହିଁ ।

\+ \+ \+

ହାକିମ—ତୁମର ପେଷା କଣ ?

ଆସାମୀ—ଚୋର

ହାକିମ—ସ୍ୱାଧୀନ ?

ଆସାମୀ—ନାହିଁ ହଜୁର, ମୁଁ ବିବାହିତ ।

\+ × +

## ବୁଦ୍ଧି

ଜଣେ ଥିଏଟର ଆକ୍ଟର ହୋଟେଲରେ ଖାଇ ସାରି ଟଙ୍କାଟିଏ ପକାଇ ଦେଲା । ମେନେଜର କହିଲା—ଆଉ ଅଠଅଣା । ତହୁଁ ସେ ରାଗି ଯାଇ କହିଲା—ଆମେ କମ ଦିଉଁ ସବୁଠି । ଏହା କହି ସେ ତାର କାର୍ଡକୁ ଫୋପାଡ଼ି ଦେଇ ଚାଲିଗଲା । ଏହି ସମୟରେ ଆଉ ଜଣେ ଲୋକ ସେ କାର୍ଡଟି ଉଠାଇ ନେଇ ତହିଁରେ ଲେଖିଦେଲା—"ଜଣକୁ ଛାଡ଼ ଦିଅ ।"

ସେ ସେହି କାର୍ଡଟି ଧରି ଥିଏଟରକୁ ଗଲା ଓ କାର୍ଡ ଦେଖାଇ ବିନା ପଇସାରେ ଥିଏଟର ଦେଖିଲା ।

\+ × +

(ମଜାକଥା ପୂର୍ବପୃଷ୍ଠା ଉତ୍ତାରୁ)

କଥାଟା ଗୋବର୍ଦ୍ଧନ ବାବୁଙ୍କୁ ଏପରି ଅବୋଧ ହେଲା ଯେ, ସେତେବେଳେ ଫିଲୋସଫି ମଧ୍ୟ ସେତେ ଅବୋଧ ନୁହେଁ ।

ପୁଣି ସୁରମାସ କହିଲେ—"ଆସ ଉପରକୁ, ଖଟ ଉପରେ ଶୁଅ ।"

"ଆପଣ ନା ନା କମରେଡ଼ ! ତୁମର ଅସୁବିଧା ହେବ, ଏଠାରେ ମୁଁ ବେଶ୍ ଆରାମରେ ଶୋଇଛି ।" ତଳକୁ ମୁହଁ ପୋତି ଗୋବର୍ଦ୍ଧନ ବାବୁ କହିଲେ—"ନା, ଏତେ ବଡ଼ ବିଛଣା, ଦୁଇଜଣଙ୍କୁ ଶୋଇ-ବାକୁ ବେଶ୍ ଜାଗା ହେବ ।" ସୁରମାସଙ୍କ ଉତ୍ତର ।"

ଗୋବର୍ଦ୍ଧନ ବାବୁ ଖଟ ଉପରେ ଶୋଇ ପଡ଼ିଥିଲେ । ସୁରମାସ ଜୋର କରି ତାଙ୍କୁ ଧରି ଆଣି ଖଟ ଉପରେ ଶୁଆଇ ପକାଇଲେ । ସେ ଜଡ଼ସଡ଼ ହୋଇ କାନ୍ଥ ଆଡ଼କୁ ମୁହଁ କରି ଶୋଇବାରୁ, ସୁରମାସ ପାଖରେ ଶୋଇ ଜବରଦସ୍ତି ତାଙ୍କ ମୁହଁ ନିଜ ଆଡ଼କୁ ବୁଲାଇ ଦେଲେ ।

କହିଲେ—"ଆମ ପାର୍ଟି ସଂସାରେ ଆମେ କାହାର ପ୍ରତି ଭେଦ ଭାବ ରଖୁନାହିଁ । ସମସ୍ତେ ଆମର ସାଥୀ—ସେ ସ୍ୱାମୀ ହୁଅନ୍ତୁ ବା, ପର ପୁରୁଷ ହୁଅନ୍ତୁ—ମୁଁ ତମକୁ ସାଥୀ ବୋଲି ଭାବେ ତମେ ବି—କଂଗ୍ରେସ ବାଲା—ଯାହା ମନେ କର ତମେ ମୋତେ ଭାବିପାର ।

ଗୋବର୍ଦ୍ଧନ ବାବୁ ବଡ଼ ବର୍ଦ୍ଧା ଗଣୁ ଗଣୁ କହିଲେ—"ମୁଁ ମଧ୍ୟ ତମକୁ ସାଥୀ ବା ସଙ୍ଗିନୀ ବୋଲି ବେଶ ବୋଲି ଭାବେ । ମୁଁ ତମ କମରେଡ଼ ହୁଡ଼ (Comrade hood) ଭିତରେ ଚାଲି—ଚାଲୁ—"

"ଚାଲୁ ଆଉ କଣ ?"

"ନା—ମାନେ—ତମ ମୋ ଭିତରେ ଯେଉଁ ସ୍ୱାମୀ ସ୍ତ୍ରୀ ସମ୍ବନ୍ଧ—"

"ସେଟା ବଡ଼ ନୁହେଁ—That is secondary— we are comrades first—" ଏହା କହି ସୁରମାସ ତାଙ୍କ ଛାତିକୁ ଆହୁରି ଲଗି ଆସିଲେ ।

ପରଦିନ ଉଠିଲା ବେଳକୁ ଦିନ ୯ଟା ବାଜି ଯାଇଥିଲା ।

ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

——*——

Digitized by srujanika@gmail.com



(ଏହି ଖବରଗୁଡ଼ିକ ଦେଶର ଦୂଷିତ ବାୟୁରୁ ସଂଗୃହିତ ହୋଇ ଶୋଧନ କେନ୍ଦ୍ରେ ପରିବେଷିତ ହେଲା । ଏହାର ଜନ୍ମ ହାଓ୍ୱାରେ ହୋଇଥିବାରୁ ପାଠକଗଣ ଏହାକୁ ହାଲୁକା ଭାବେ ଗ୍ରହଣ କରିବେ ।)

ନେହେରୁ ସରକାର ଗଢ଼ାଯିବା ଶୁଣି ଜିନ୍ନା କହିଲେ—ମୋ ଛାତିରୁ ଛୁରୀ ମାରିଲା ପରି ହେଲା । ଏ ସମ୍ବାଦ ପାଇବାକ୍ଷଣି ସିମଲାର ଯେଉଁ ନର୍ସମାନେ ସାର ଶାଫତ୍ ଅହମଦଙ୍କ ଛୁରୀ ଆଘାତରେ ଶୁଶ୍ରୂଷା କରୁଥିଲେ ସମସ୍ତେ ଜିନ୍ନାଙ୍କ ପାଖକୁ ଯିବାପାଇଁ ଇସ୍ତଫା ଦେଇଛନ୍ତି ।

× × ×

ହିନ୍ଦୁ ବ୍ୟବସ୍ଥା ସଭାରେ କୌଣସି ସଭାପତି ନଥିବାରୁ ଏବଂ ସଭାପତି ହେବାକୁ କେହି ରାଜି ନ ହେବାରୁ ଓଡ଼ିଶାରୁ କୌଣସି ନିରପେକ୍ଷ 'ପଣ୍ଡିତ' ଉପାଧିଧାରୀଙ୍କୁ ନେବା ପାଇଁ ଫେଡ଼ରାଲ ଜଏଣ୍ଟ ସର୍ଭିସ କମିଶନ ସୁପାରିଶ କରିଛନ୍ତି ।

\+ + + ×

ଅସ୍ଥାୟୀ ଜାତୀୟ ସରକାର, ଦେଶପ୍ରେମ ଏବଂ ସଦିଚ୍ଛାର ମନ୍ଦିର ବୋଲି କେହି କେହି କାଗଜ ଲେଖିବାରୁ ଜିନ୍ନା 'ମନ୍ଦିର ପ୍ରବେଶ' ଆଇନ ବିରୁଦ୍ଧରେ ଲଢ଼ିବେ ବୋଲି ଇଚ୍ଛା ପ୍ରକାଶ କରୁଛନ୍ତି । ଓଡ଼ିଶା ବ୍ୟବସ୍ଥା ସଭାର କନଷ୍ଟିଚ୍ୟୁଏଣ୍ଟ ଅସେମ୍ବ୍ଲି ଭୋଟ ବେଳେ କଂଗ୍ରେସ ପାର୍ଟିର ନିର୍ଦ୍ଦେଶ ବିରୁଦ୍ଧରେ ଜନୈକ କଂଗ୍ରେସ ସଭ୍ୟ ଭୋଟ ଦେଇଥିବାର ସନ୍ଦେହ ହେବାରୁ ତାଙ୍କୁ 'ଜିନ୍ନାହୁ' ଉପାଧି ଦେଇ ଚଉଦ୍ୱାରରେ ହାଜତ କରିବା ପାଇଁ ସୁପାରିଶ କରାଯାଇଛି ଏବଂ ଓଡ଼ିଶାର ପଇସାବାଲାମାନଙ୍କୁ କୁହାଯାଇଛି ଯେ ସେମାନେ ବିଶ୍ୱାସ କରି ଏ ଭଦ୍ରଲୋକଙ୍କ ହାତରେ ଟଙ୍କା ପଇସା ଜମାନତ୍ କରି ପାରନ୍ତି ।

× × ×

ଓଡ଼ିଆମାନଙ୍କୁ ମିଛୁଆ ବୋଲି କଲିକତା ମୁସଲିମ୍ ଲିଗ୍ କାଗଜ 'ମର୍ଣ୍ଣିଂ ନିଉଜ' ଗାଳି ଦେବା ପରଠାରୁ ବଙ୍ଗ ମନ୍ତ୍ରୀ ସୁରାବର୍ଦ୍ଦୀ ତାଙ୍କ ପଢ଼ାଘରେ ଗୋଟାଏ ମୋଟା ଲେଖି ଝୁଲାଇଛନ୍ତି—"ସର୍ବଦା ସତ୍ୟ କହିବ ।"

\+ + ×

ଗାନ୍ଧି କ୍ଲାନ୍ତ ଦିଶୁଛନ୍ତି ବୋଲି ତାଙ୍କ ଡାକ୍ତର କହୁଛନ୍ତି । ସେଥିରେ ଜିନ୍ନାଙ୍କ ପାଟିରୁ ନାଳ ଗଡ଼ୁଛି ବୋଲି ତାଙ୍କ ଡାକ୍ତର କହୁଥିବାର ସମ୍ବାଦ ମିଳିବା ପରେ ଦେଖାଗଲା ଯେ ଜବାହରଲାଲ ଖଣ୍ଡେ ଅମୂଲ ଧରି ଗୃଠୁଥିଲେ ।

\+ × +

'ଫିମେଲ ଷ୍ଟ୍ରାଇକ' କବିତା ପ୍ରକାଶ ପାଇବା ଫଳରେ କଟକର ଜନୈକ 'ଅନ୍ଧ' ଅଜାଙ୍କୁ ରାସ୍ତା ଉପରେ ଯୋତା ଦେବେ ବୋଲି ଦ୍ରୌପଦୀ ପ୍ରତିଜ୍ଞା କରିଛନ୍ତି । ଅଜା ଗାଲରେ ଚଟ୍ ମାରି ପାଲିଶ କରୁଛନ୍ତି ।

× × ×

ଓଡ଼ିଶାର କଂଗ୍ରେସ ସୋସାଲିଷ୍ଟ ଓ କମ୍ୟୁନିଷ୍ଟମାନଙ୍କ ମଧ୍ୟରେ ଗୋଟାଏ ଗୁଣ୍ଡାମି ପ୍ରତିଯୋଗିତା ହେବା ପାଇଁ ଠିକଠାକ ବନ୍ଦୋବସ୍ତ ହେଉଛି—ଲଭ୍ୟାଂଶ କଲିକତା ଅଭାବ ଗୁଣ୍ଡାମାନଙ୍କ ସାହାଯ୍ୟ ପାଣ୍ଠିକୁ ଯିବ ।

---

ସଙ୍ଗୀତ କଳାଧର **ଶ୍ରୀ ଜଗବନ୍ଧୁ ସାହୁଙ୍କ**
ଦ୍ୱାରା ଗ୍ରଥିତ
କାନ୍ତକବି **ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ** ଦ୍ୱାରା
ମୁଖବନ୍ଧ ସମ୍ବଳିତ

## "ସଂଗୀତ ସହଚର"

ରାଗ, ରାଗିଣୀ, ତାଳ ଓ ଯନ୍ତ୍ରାଦି ସହଜରେ
ଶିକ୍ଷା ନିମନ୍ତେ ସର୍ବୋତ୍କୃଷ୍ଟ
ଗ୍ରନ୍ଥ ମୂଲ୍ୟ: ୧ ୧୨
ଶୀଘ୍ର ପ୍ରକାଶ ପାଇବ ।
ଅଗରୁ ଅର୍ଡର ଦିଅନ୍ତୁ ।

ପ୍ରାପ୍ତିସ୍ଥାନ:—

**ଶ୍ରୀ ଜଗବନ୍ଧୁ ସାହୁ**
ସଙ୍ଗୀତ ଶିକ୍ଷକ-
ହାଇସ୍କୁଲ ଭଦ୍ରକ ।

Digitized by srujanika@gmail.com




# ଅଜଣା-ଘରିଆ

ଲେଖକ:—
ଶ୍ରୀ ବସନ୍ତ କୁମାର ମହାନ୍ତି

ରାତି ନ ପାହୁଣୁ ଏକା-ଯାନ ମୁଁ ଅଛି ରାହା ଧରୁଛି—"ବି-ସ-କୁ-ଟ୍..."

ଜାଣି ଜାଣି କରି ଘରର ସମସ୍ତଙ୍କ ପାଖରେ ସେ ତା' ଦୁଃଖ ଜଣାଉଛି । ଦାବୀ ଉପସ୍ଥାପିତ କରୁଛି—

"ବା-ପା—ବିସ୍କୁଟ୍ ।"

"ବୋ-ଉ— ବିସ୍କୁଟ୍ ।"

"ବୁଢ଼ୀମା—ବିସ୍କୁଟ୍—ଏଁ—ଏଁ—ଏଁ........."

କାଲି ସଞ୍ଜଠୁଁ ବଡ଼ ଓ ମଝିଆ ପୁଅ ଦୁହେଁ, କଲେଜ ଓ ଇସ୍କୁଲରେ ଫୁର୍ତ୍ତି ପାଇଁ ମୋଟା ରକମର ଫର୍ଦ୍ଦମାନ ଝଡ଼ାଇ ନ ପାରି ମୁହଁ ଭାର କରି ରହିଛନ୍ତି ।

ସକାଳ ୯ଟାରେ ଡାକବାଲା ଚିଠି ଗୁଡ଼ାକ ଗଳେଇ ଦେଇଗଲା ଝରକା ଫାଙ୍କରେ—ଆଜି ମୁଁ ଏପଟୁ ଆଗ୍ରହରେ ସେଗୁଡ଼ା ଗୋଟାଇ ନେଇ ମନଟାକୁ ଘୂରେଇ ଫେରେଇ ନବାକୁ ଲାଗି । ଲଫାଫା ଉପରେ ହାତ ଲେଖା ଗୁଡ଼ାକ ଦେଖି ଦେଖି ମନଟା ମୋର ସତକୁ ସତ ଝଙ୍କାରମୟ-ବାତ୍ୟାର ମୋଡ଼ ନେଇ ଚାଲିଗଲା ସବୁଜ-ଧାନ-ବିଲ ନରମ ଭୂଇଁ ଆଡ଼େ !

ନବକୃଷ୍ଣ କୈଶୋର ଓ ତେପରୁଆ-ପହିଲି ଯୌବନର ଯୋଡ଼ିଏ ସାଥି ଦୀର୍ଘ ପଚିଶ ବର୍ଷ ବାଦେ ମୋତେ ମନକୁ ଆଣିଛନ୍ତି !

ମନଟା ମୋର ଅତୀତର ମଉଳା ଫୁଲ ଟୋକେଇରେ ହାତ ଭରି ଅଣ୍ଡାଳି ପକାଇଲା । ତା ପାଖରେ 'କେଶବ' ଓ 'କମଳ' ଏକ ଯୋଡ଼ିଏ ଶୁଖିଲା ଫୁଲ । ସେମାନେ ମଉଳି ଯାଇଥିଲେ ବାହା-ହେବାର ଠିକ୍ ଧୂପ ଧୂଆଁ ପରେ ପରେ !—ରମ୍ଭା ମେନକାର ବର୍ଣ୍ଣିଳ ତଳ ଉପରେ !

କେଶବ ଚିଠି ତ ଲେଖିନାହିଁ—କେଉଁ ଦେଶ ଯାଇଛି ପରଦେଶ । ଶୁଣି ୨୫ ବର୍ଷ ପରେ ଯୌବନର ବାନପ୍ରସ୍ଥରେ—ତାର ହୋଇଛି ପୁଅଟିଏ । ମୁହଁ ତା ପୁଅର ନାଁଟା ଏବେ ବି ନାଁ ଯୋଡ଼ି ନ ଦେଲେ ହେବନି ।

କମଳ ବସିଛି ଭାଙ୍ଗି-ରୁଜ ଗିରା ଉପରେ । ତାର ଗୋଟିଏ ବୋଲି ପୁଅ, ବାବୁଲି—୨୨ ବର୍ଷର ଟୋକା—ତାର ମା'ଙ୍କ କଥା ମାନୁନି । ତାଙ୍କର ମୁହଁରେ କାଳି ବୋଳୁଛି—କଥା ଶୁଣିଦେଲଣି ! କଲ୍ଲୁ ମୁଁ ଜାଣେ ପୁଅକୁ ବଡ଼େଇବାରେ 'କମଳ' ତାର ଯଥାସାଧ୍ୟ କରିଛି ।

ଏହି ତାହାଁ'ର ମନେ ହେଲା କମଳକୁ ମୁଁ କେଶବଠୁଁ ବେଶୀ ଭଲପାଏ..........

ଠାକୁର ଘରେ ବୋଉର ପୂଜା ଘଣ୍ଟି ଟଂ ଟଂ ବାଜି ଉଠିଲା । ବୋଉ ପୂଜାରେ ବସିଛି ।

ନଈଥ ବେଗରେ ଧସେଇ ପଶିଲା ମୋର ବୈଠକଖାନା ଭିତରକୁ । ଅଳିଆ ଗାଦରୁ ତାର ଲେଞ୍ଜର ସାଙ୍ଗେ ସାଙ୍ଗେ ଦେହ ଯାକ ଚହଟି ଥାଏ ଅସ୍ୱଚ୍ଛ ପାଣି । ଖୋଳ ପରି ଚର୍ମ ଲଥା ଚାଳଗୁଡ଼ା ତାର ଉଡ଼ୁଥାଏ—ଫୁରୁ—ଫୁରୁ । ନୋଡ଼ାଇ ଦେଇ ତାର ସବୁଦିନ ଅପେକ୍ଷା ହାଡ଼ ଦେହରୁ ବେଶୀ ଓଦା ପଡ଼ୁଥିଲା ପରି ଜଣାଗଲା ମୋତେ । ସେ ଯେମିତି ବାହାରୁ ଅଛିଣ୍ଡ ନଈ ଭିତରୁ ।

ଗୋଡ଼ ଧଇଲେ ଗଡ଼ ନେଇ ଭଉଁ ଭଉଁ ବାନ୍ଧ ଭଟିଲା । ମୋ ପାଖକୁ ନେଇ 'ନୀଳାମ୍ବ'—ପାଇବାକୁ ଧାଇଁ ଆସିଛି । ବୋଉଙ୍କୁ ଦେଖିଲେ ପଡ଼ ପୁଅ ତାକୁ ଘଞ୍ଚ ଚାଟୁଡ଼ିଲ ବାହାର କରି ଦେଉଛି । ଅଥଚ ଗ୍ରହିଆ ମରିଗଲା ପରେ ସେଇ ସେ ପୁଅକୁ ବାଟରୁ ବୋଟୋଇ ଆଣିଥିଲା । ଅଜ ବାଲ୍ୟରୁ ସେଦିନ ତାର ଶେଷ ସମ୍ବଳ ବାନର ନୋଳ ଯୌବନ ଥିଲା ପଟର ବନ୍ଧା ଦେଇ, ୧୯୩୯ ସାଲରେ ପୁଅ ବାହା କରି ସେ ବୋହୂକୁ ଘରକୁ ଆଣିଥିଲା ।

ଦୋଳର ଭାଗବତ ବୋଲା ଆରମ୍ଭ ହେଲାଣି—"ଓଁ ନାରାୟଣଂ ନମସ୍କୃତ୍ୟଂ......"

ମନଟା ହଠାତ୍ ପରିବର୍ତ୍ତନ ହୋଇଗଲା । କାନପାରି ଶୁଣିଲି—

ବୋଉ ପଢ଼ି ଯାଉଛି......

"ମାୟା ସଂସାର ଘୋର ବନେ,
ଏ ଜୀବ ଭ୍ରମେ ଅକାରଣେ......

ଯୌବନର ଷର୍ଦ ଷାଠିଏ ବର୍ଷ ତଳୁ ବାବଦ ବୋଉ ଏହି ଏ କଥା ପଢ଼ୁଛି—ବୁଝୁଛି କି ନାହିଁ ସେଇ ଏକା ଜାଣେ......। ସେଇଥିପାଇଁ ବୋଧେ ଶାସ୍ତ୍ର 'ବାନପ୍ରସ୍ଥ-ନିର୍ଦ୍ଦେଶ' ଦେଇ ମରିବା ଆଗରୁ ।

Digitized by srujanika@gmail.com

'ସୁ—ମା—ତ—' ନେଳ-କାଗଜ ତାଳୁ ଭାବ ଫଟେଇଲା । ମଝିଅଁ ପୁଅ ମୋତେ ଦେଖିଗଲା ,କାଗଜ ଅଣିବାକୁ । ଗ୍ରହଣ ଯା'ହଉ ଏଥର ମନ ଦୃଢ଼ଭାବରେ ପ୍ରକୃତ ଲକ୍ଷ୍ୟଟାଏ ଧାରଣ କଲା ।

ନଚ୍ଚାଣ ସେଦିନିକ ଧୂଳି ଥାଏ ।

ମଝିଅଁ ପୁଅ କାଗଜ ମେଲଇଁ ମେଲଇଁ ଚତ୍କାର କରି ଉଠିଲା—

"ବାବା ! ମହେନ୍ଦ୍ର ଗୋପଙ୍କୁ ଫାସି ହୋଇଗଲା ।"

"ହଁ—କ'ଣ—ନୂଆ ଫନ୍ଦଟାଏ କରିଥିବ କିଏ ।"

'ନାଇଁ ବାବା—ସେ ପରା......'

ସବା ସାନ ଧୁଅଟ୍ଟ ଘରୁ ବାହାରି ଠାଟ କରି ଉଠିଲା—"ବାବା ଫାସି କାହିଁକି ହଅନ୍ତି ?"

' ଖବ୍ ବେଶୀ ଦୋଷ କଲେ ।'

ମଝିଅଁ ପୁଅ ଖବର କାଗଜରେ ମୁହଁ ଲୁଚାଇଛି ।

ସବା ସାନ ପୁଅ ଠିଆ ହୋଇ କ'ଣ ଭାବୁଛି......

ନଚ୍ଚାଣର ଥରେଇବା ବନ୍ଦ ହୋଇ ଏଣ୍ଡରି ଫଳକୁ ପେଟଟା ତାର ଟେଲଟେଲ ଭଳି ଫୁଲି ଫୁଲି ଉଠୁଛି । ଯେମିତି ତାରଲ ନିଶ୍ୱାସ ଗୁଡ଼ା ତାର କୋଠରୀ ସବୁ ମେଲି ଫଟେଇ ବାହାରି ଯିବାକୁ ଚାହାନ୍ତି ।

ବୋଇ ସୁର ଧରି ପଢ଼ି ଯାଉଛି......

'ସୁତ ତନୟ ଦାର ବନ୍ଧୁ । ଏ ସବୁ କହୁନ ପରାଣ ।
'ଏହାଙ୍କ ସ୍ୱେହ ନେଇ କେଉଁ । ମୋହର ଦୂର ଗ୍ରହ ବଢ଼ ।
'ଏ ପୁଣ ଯାନ୍ତ୍ର କର୍ମ ପଥ । ଶୋକ ସନ୍ତାପ ଦେବ ଶତେ ।

ସବା ସାନ ପୁଅଟ୍ଟ ମୋର କଣ୍ଠ କ୍ଷତ ଗନ୍ଧ ବାଟେଇଲ କରି ଦେଲ —"ବାବା—ମୁଁ ଡମଜ ଫାସି ଦେବ ।"

କାହିଁକି ଦେହାଣି ଅଗ୍ନି ଯୋଗାଡ଼ ମୋତେ ଉଠିଲେ ଉଷ୍ଣରକ୍ତ ସ୍ରୋତର ବଢ଼ି ଚଢ଼ିଗଲା ଅଚିରେ । ଭଙ୍ଗରେ ଦେକେ ବୋଲିଲେ ବାହୁରେ ମଗ ହୋଇଥିବା ଛାତି ଉପରେ । ଟିକି ଭୂଲ ଦେଇ ଅବିଷ୍ଟ—ଅଜଣ —ଅନନ୍ତ ବନ୍ଧୁର ଗୋପ୍ୟ ନଦ ନଦ ଧନ-ଧାନ-ଲଘା ଅସଂଖ୍ୟ ବୀର !—ଅଜ୍ଞାତ—ଏକାନ୍ତ ଅସହାୟ ଭାବରେ ।

ହ' ଅକ୍ଷିରୁ ମୋର ଝରି ପଡ଼ିଲା ଦୁଇ ଟୋପା ଲୁହ ।

ତଳକୁ ଚାହିଁ ଦେଖେଁ ସାନପୁଅଟ୍ଟ ବେଢ଼େଇବାକୁ ମୋ କୋଳକୁ ଅଜ୍ଞାନ ପଡ଼ି ଓ ଲୁହ ଟୋପା ଦୁଇଟି ତା ମୁଣ୍ଡ ଉପରେ ପଡ଼ି ଚକ୍ ଚକ୍ ମାରୁଛି........ । ଉତ୍ତେଜନା ବ୍ୟାକୁଳ ଦେଲି ସେ ଲୁହକୁ ।

ମନକୁ ମୋର ପାଠ ଭୁଲିଲା......।

——※——


ନକଲି ସୁନା



ପଥର ବସା ମୁଦି

ଚମା ଚାଣି ପାରବେ ନାହିଁ । ହୀର, ପଦ୍ମରାଗ ମଣିପରି ଚକ୍ ଚକ୍ ସୁନ୍ଦର ପାଲିଶକରା ଏବଂ ଖାଣ୍ଟି ସୁନାକୁ ଟପି ଯାଇଛି । ଏକଡର୍ଜନର ଦାମ ଟ ୬ ।—ପଥର ବସା ନ ହୋଇ ଫୁଲ ଉଠାଇଥିବା ମୁଦ ଡର୍ଜନକର ଦାମ ଟ ୪ ।

ଏକ ଡଜନ ଯେ କୌଣସି ପ୍ରକାର ମୁଦ କିଣିଲେ ଗୋଟିଏ ନେକ୍ ଚେନ୍ ଲକେଟ ସହ ବିନାମୂଲ୍ୟରେ ପାଇବେ ।

କୌଣସି ପୋଷ୍ଟେଜ୍ ବା ପ୍ୟାକିଂ ଖର୍ଚ୍ଚ ଦେବାକୁ ହେବନାହିଁ ।

HENA AGENCY
14. Dr, Jagabandhu Lane.
Boubazar, Calcutta.



ଭଦ୍ରକରେ

ସବୁ ପ୍ରକାର ପତ୍ର ପତ୍ରିକାର ଏକମାତ୍ର ଏଜେଣ୍ଟ ।

ଶ୍ରୀ କୈଳାସଚନ୍ଦ୍ର ମହାନ୍ତି

ଚୁଅଁସ—ଭଦ୍ରକ



ଜଗଦ୍‌ବନ୍ଧୁ ତୁଳସୀ ରାମାୟଣ

ରାମାୟଣ ୧ମ, ୨ୟ, ୩ୟ ଭାଗ ପ୍ରକାଶ ପାଇଲା । ୪ର୍ଥ ଭାଗ ଅଳ୍ପ ଦିନେ ପ୍ରକାଶ ପାଇବ । ୫ମ, ୬ଷ୍ଠ ଯନ୍ତ୍ରସ୍ଥ ।

ପ୍ରକାଶକ ଶ୍ରୀ କୃଷ୍ଣଚରଣ ସାହୁ ।

ପ୍ରାପ୍ତି ସ୍ଥାନ—ଅନ୍ନପୂର୍ଣ୍ଣେଶ୍ୱରୀ ଭଣ୍ଡାର
ପୁରୁଣା ବଜାର, ଭଦ୍ରକ ।

ଓ ଅରୁଣୋଦୟ ପୁସ୍ତକାଳୟ
ଷ୍ଟାଣ୍ଡ ଷ୍ଟୋର କଟକ ।







Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ଚେତନାର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଜହ୍ନମାମୁଁ'ର ମଧ୍ୟସ୍ଥତାରେ ଏହି ପତ୍ରିକା ଦ୍ୱାରା ଶିଶୁମାନଙ୍କ ମଧ୍ୟରେ ପରସ୍ପର ଚିଠିର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ଓ ସାହସ ଅହିଂସା ଆଧାରରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

## ବାପୁଜୀ ଓ ମିଥ୍ୟା

ସ୍ନେହର ନାତି ଓ ନାତୁଣୀଏ,

ଗାନ୍ଧିଜୀଙ୍କୁ ୭୭ ବର୍ଷ ପୂରି ଗଲାଣି । ଭଗବାନ କରନ୍ତୁ ତାଙ୍କ ଜନ୍ମ ତିଥି ଏହିପରି ବରାବର ଆସୁଥାଉ ଓ ସେ ବଞ୍ଚି ରହି ଆମ୍ଭମାନଙ୍କୁ ଆଲୋକ ଦେଉ ଥାଆନ୍ତୁ । ସେ ଆମର ଜାତି ଭିତରର ବାପୁଜୀ । ଏହା ନିହାତି ଠିକ୍ କଥା କହିଲି । ତାଙ୍କର ଏହି ଶୁଭ ଜନ୍ମ ତିଥିରେ ମୁଁ ତୁମ- ମାନଙ୍କୁ ତାଙ୍କର ଆଶ୍ରମରେ ଘଟିଥିବା ଗୋଟିଏ ଘଟଣା କହିବି । ତୁମେ ଜାଣିଥିବ ବାପୁଜୀ ମିଥ୍ୟାକୁ ଭାରି ଘୃଣା କରନ୍ତି । ଏମିତିକି କେହି ଥଟ୍ଟା ତାମସା କରି ମିଛ କହିଲେ ଦୁଃଖ ।

୧୯୨୭ ସାଲର ଦିନକର ଗୋଟିଏ ଛୋଟ ଘଟଣା । ଜଣେ ବିଶ୍ୱବିଦ୍ୟାଳୟର ଉପାଧିଧାରୀ ଯୁବକ ଗାନ୍ଧିଜୀଙ୍କର ଆଶ୍ରମରେ ଭର୍ତ୍ତି ହେଲେ । ବାପୁଜୀଙ୍କର ଆଶ୍ରମରେ ଭର୍ତ୍ତି ହେଲେ ଆଗ ଛଅ ମାସ ପର୍ଯ୍ୟନ୍ତ ମଇଳା ସଫା କରିବାକୁ ହୁଅନ୍ତି । ଏହା ତାଙ୍କର ନିୟମ । କାହିଁକି କହିଲ ପିଲାଏ ? ନିଜ ମନରୁ ଘୃଣା ଭାବ ଉଭେଇଯିବ । ସେ ଯୁବକଙ୍କୁ ମଧ୍ୟ ସଫେଇ କରିବାକୁ ପଡ଼ିଥିଲା । ସେ ଯୁବକଙ୍କର ଗୋଟିଏ ଗୁଣ ଥିଲା ଯେ ସେ ଛୋଟ ଛୋଟ ପିଲାଙ୍କୁ ଭାରି ଭଲ ପାଉ- ଥିଲେ ଓ ପିଲାମାନେ ମଧ୍ୟ ତାଙ୍କୁ ଭାରି ଆଦରୁଥିଲେ । ଏମିତିକି ବେଳେ ବେଳେ ପିଲାଙ୍କ ସାଙ୍ଗରେ ଖେଳନ୍ତି, ନାଚନ୍ତି ଓ ଦୌଡ଼ନ୍ତି । ଥରେ ସେ ଆଶ୍ରମର ଆଠବର୍ଷର ବାଳକଟିଏ ତାଙ୍କ ସଙ୍ଗରେ ଖେଳୁଥିଲା ଓ ତାଙ୍କ ଚାରିପଟେ ନାଚୁଥିଲା । ଯୁବକଟି ମନେ କଲେ ତା' ସାଙ୍ଗେ ଟିକିଏ ଗେଲ ହେବେ । ସେ ଗୋଟିଏ ବଡ଼ ଲେମ୍ବୁ ତାକୁ ଦେଖାଇଲେ । ଲେମ୍ବୁଟି ପାଚି ହଳଦିଆ ଗର ଗର ଦିଶୁ- ଥାଏ । ବାଳକଟି ସେ ଲେମ୍ବୁକୁ ଦେଖି ଲୋଭେଇଗଲା ଓ ତାଙ୍କ ହାତରୁ ଛଡ଼େଇ ଆଣିବାକୁ ଚେଷ୍ଟା କଲା । କିନ୍ତୁ ସେ ତାକୁ ମୁଣ୍ଡ ଉପରେ ଦେଖେଇ ଦେଇ ପୁଣି ନେଇ ଯାଉଥାନ୍ତି । ବାଳକଟି ବାରମ୍ବାର ଚେଷ୍ଟା କରି ଥକି ପଡ଼ିଲା, ସେଠୁ କାନ୍ଦିବାକୁ ଆରମ୍ଭ କଲା । ଯୁବକ ମହା ବିପଦରେ ପଡ଼ିଲେ । କରନ୍ତି କଣ ? ସେ ଲେମ୍ବୁଟି ଆଶ୍ରମର ଜଣେ ରୋଗୀଙ୍କପାଇଁ ନେଉଥିଲେ । କିଛି ଉପାୟ ନ ପାଇ ଲେମ୍ବୁଟିକୁ ସାବରମତୀ ନଈକୁ ଫୋପାଡ଼ି ଦେଲେ ବୋଲି ଦେଖାଇ ଚୁପ୍‌କରି ନିଜ ପକେଟରେ ଗଳେଇ ପକେଇଲେ । ବାଳକଟି ଜାଣିଲା ଯେ ଲେମ୍ବୁଟି ନଈରେ ପଡ଼ିଛି । ସେ ଭାରି ଆଗ୍ରହ ଦେଖାଇ କହିଲା ଯେ— "ମୁଁ ଯାଉଛି ନଈ ଭିତରୁ ଲେମ୍ବୁକୁ ଖୋଜି ଆଣିବି । ନଈରେ ତ କମ ପାଣି ।" ଏହା କହି ସେ ନଈ ଆଡ଼କୁ ଦୌଡ଼ିବାକୁ ଲାଗିଲା । ଯୁବକ ତାକୁ ଅଟକେଇ କହିଲେ, "ନା ଲେମ୍ବୁଟି ନଈ ପାଣିରେ କେଉଁଠି ବୁଡ଼ି ରହିଛି ତାକୁ ଖୋଜି ବାହାର କରି ହେବନାହିଁ ।"

ବାଳକଟି ମନରେ କିଛି ଅଳ୍ପ ସନ୍ଦେହ ହେଲା ନାହିଁ । ସେ ଯୁବକଙ୍କର ପୁରୁଣା ବନ୍ଧୁ ହେଲା ଓ ତାଙ୍କ ହାତ ଧରି ରୋଗୀଙ୍କ ପାଖକୁ ଗଲା । ବାଟରେ ପକେଟରୁ ରୁମାଲ ବାହାର କରୁ କରୁ ହଠାତ୍ ଲେମ୍ବୁଟି ବାହାରି ତଳେ ପଡ଼ିଗଲା ।

ବାଳକଟି ସେ ଲେମ୍ବୁ ଦେଖି ତାକୁ ଧରିବାକୁ ଦୌଡ଼ି ନ ଯାଇ ଟିକିଏ ଆଶ୍ଚର୍ଯ୍ୟପୂର୍ଣ୍ଣ ଭାବରେ ଯୁବକଙ୍କୁ ଅନାଇ କହିଲା— 'ତୁମେ ମତେ ମିଛ କହିଲ । ତୁମେ ଲେମ୍ବୁକୁ ପକେଟରେ ଲୁଚେଇ ରଖି କହିଲ ଯେ ନଈକୁ ଫୋପାଡ଼ି ଦେଇଛ । ରହ, ମୁଁ ଯାଇ ବାପୁଙ୍କୁ କହିଦେବି ଯେ ତୁମେ ମିଛୁଆ ।" ଏତିକି କହି ସେ ସେଠାରୁ ସିଧା ଯାଇ ବାପୁଙ୍କ ପାଖରେ ହାଜର । ବାପୁଜୀ ସେତେବେଳେ କିଛି କାମ କରୁଥାନ୍ତି । ବାଳକଟି ବାପୁଜୀଙ୍କ ପାଖରେ ଘଟଣାଟି ଆମୂଳଚୂଳ ବର୍ଣ୍ଣନା କରିଗଲା । ବାପୁଜୀ ସବୁ ଶୁଣି କହିଲେ ଯେ— ସେ ସେକଥା ବୁଝିବେ ।

ସନ୍ଧ୍ୟାବେଳେ ଆଶ୍ରମର ପ୍ରାର୍ଥନା ବୈଠକରେ ଏ ବିଷୟରେ ସେ ଯୁବକଙ୍କୁ ପଚାରିଲେ । ଯୁବକ ଘଟଣାଟିର ସତ୍ୟାସତ୍ୟ ମାନି କହିଲେ ଯେ ସେ ବାଳକଟିକୁ ଭୁଲାଇବା ପାଇଁ କହିଥିଲେ ଓ ଏଥିରେ ତାଙ୍କର କୌଣସି ଅଭିସନ୍ଧି ନ ଥିଲା ।

Digitized by srujanika@gmail.com

ଗାନ୍ଧିଜୀ ମଧ୍ୟ ଘଟଣାଟି ବେଶ ଉପଭୋଗ କଲେ ଏବଂ ଯୁବକଙ୍କୁ ଓ ଅନ୍ୟମାନଙ୍କୁ ଉପଦେଶ ଦେଲେ ଯେ ଥଟ୍ଟାରେ ବା ଭୁଲେଇବା ପାଇଁ ପିଲମାନଙ୍କୁ ମିଛ କହିବ ନାହିଁ । କାରଣ ଭୁଲେଇବା ପାଇଁ ମିଛ କହୁଁ କହୁଁ ସେମାନଙ୍କର ମିଛ ଶିଖିବା ଓ କହିବା ଅଭ୍ୟାସ ବଢ଼ିଯିବ ।

କିନ୍ତୁ ଏହି ଘଟଣାଟିର ଶେଷ ଏଇଠି ହେଲ୍ନାହିଁ । ଅଚକାଳୀ ବିଶ୍ୱବିଦ୍ୟାଳୟ ଉପାଧ୍ୟାୟଙ୍କ ଭଳିଆ ଏଇ ଯୁବକଟି ମଧ୍ୟ ଭାରି ତର୍କପ୍ରିୟ । ସେମାନେ ନିଜର ଭୁଲ ସହଜରେ ସ୍ୱୀକାର କରନ୍ତି ନାହିଁ ଓ ଯୁକ୍ତି ତର୍କ ବଳରେ ତାହା ଠିକ୍ ବୋଲି ଚେଷ୍ଟା କରନ୍ତି । ଆଶ୍ରମରେ ଏ ବିଷୟରେ ଯୁବକଟି ଭିତରେ ଆଲୋଚନା ଚଳେଇଥାନ୍ତି । ତାଙ୍କର ଯୁକ୍ତି ଯେ—ଯଦି ଥଟ୍ଟା ବା ଭୁଲେଇବା ପାଇଁ ମିଛ କହିବାଟା ଅନ୍ୟାୟ ତା' ହେଲେ ପିଲମାନଙ୍କୁ ରାମାୟଣ, ମହାଭାରତରୁ କାହାଣୀ ଶୁଣାଇବା ମଧ୍ୟ ଅନ୍ୟାୟ । ଆଶ୍ରମର ଶିକ୍ଷକମାନଙ୍କ ମଧ୍ୟରେ ମଧ୍ୟ ଏହାର ଆଲୋଚନା ଚାଲିଲା । କାକା କେଲେଲକାରଙ୍କ କାନକୁ ଏକଥା ଗଲା । ସେ ଆଲୋଚନାର ସମାଧାନ କରି କହିଲେ, ଯେ ନିତିଦିନିଆ ଘଟଣା ସହିତ ପୁରାଣ କଥା ବା କାହାଣୀ ମିଶେଇଲେ ଚଳିବ ନାହିଁ । ଯଦି ବିଶ୍ୱବିଦ୍ୟାଳୟ ଉପାଧି-ପ୍ରାପ୍ତ ଯୁବକମାନେ ଏ ବିଷୟରେ ଆଲୋଚନା ନ କରି ବେଶି ଚିନ୍ତା କରନ୍ତେ ତାହାହେଲେ ଉପଲବ୍ଧି କରନ୍ତେ ଯେ ପିଲମାନଙ୍କୁ ମିଛ ନ କହି ବରଂ ସତ କହିବାକୁ ସବୁ ବିଷୟରେ ଅଭ୍ୟାସ କରାଇଲେ ଫଳ ଭଲ ହୁଅନ୍ତା । ଏ ଘଟଣାର ଶେଷ ଏଇଠି ହେଲା ।

ଏ ଗପରୁ ନାଗମାନେ କ'ଣ ଶିଖିଲ ? ତୁମର ଯେ ନିଜର ଛୋଟ ଭାଇ ଭଉଣୀ ଅଛନ୍ତି ତାଙ୍କୁ ଭଣ୍ଡେଇବା ଲାଗି ବା ନିଜ କଥା ଭିତରେ ଠକେଇବା ପାଇଁ ମଧ୍ୟ ମିଛ କହିବ ନାହିଁ ।

ତମର—ଅପା

---

## ନୂଆନାଗବନ୍ଧୁଙ୍କ ନାମ

୭୪୩ । ଶ୍ରୀ ନିରଞ୍ଜନ ପଣ୍ଡା, (ଅଜୀବନ) ସମ୍ବଲପୁର କଲେଜ ସ୍କୁଲ ବିଭାଗ, ଏକାଦଶ ଶ୍ରେଣୀ, ସମ୍ବଲପୁର । ୭୪୪ । ଶ୍ରୀ ମହେଶ୍ୱର ମହାନ୍ତି, ହବାକ ହାଇସ୍କୁଲ ହଷ୍ଟେଲ, G. Udayagiri, Ganjam. । ୭୪୫ । ଶ୍ରୀ ନକୁଳ ସାହୁ, ହବାକ ହାଇସ୍କୁଲ G. Udayagiri, Dt. Ganjam । ୭୪୬ । ଶ୍ରୀ ଚିତ୍ତରଞ୍ଜନ କହ୍ନୁନ୍‌ଗୋ, ହବାକ୍ ହାଇସ୍କୁଲ, G. Udayagiri Dt. Ganjam ୭୪୭ । ଶ୍ରୀ ନିତ୍ୟାନନ୍ଦ ମିଶ୍ର, (ଅଜୀବନ) C/o Dr. ଉଦୟକର ମିଶ୍ର, ୧୯ ଡ଼ିସପେନସରୀ ରୋଡ, ପୋଃ ଅଃ ଝାଝାନଗର, ଜାମସେଦପୁର । ୭୪୮ । ଶ୍ରୀ ଚକ୍ରଧର ମହାନ୍ତି (ଅଜୀବନ) ଏକାଦଶ ଶ୍ରେଣୀ, ଖ୍ରୀଷ୍ଟିଆନ ମିଶନ ହାଇସ୍କୁଲ, ବାଲେଶ୍ୱର । ୭୪୯ । ଶ୍ରୀ ମାନପତି ନିତ୍ୟାନନ୍ଦ ସତ୍ପଥୀ, A Student of Balasore College School Section Class XI (B) Dt. Balasore. ୭୫୦ । ଶ୍ରୀ ଜନାର୍ଦ୍ଦନ ଦାସ, ବାରିପଦା ହାଇସ୍କୁଲ, ପୋଃ ଅଃ ବାରିପଦା, ମୟୂରଭଞ୍ଜ ଷ୍ଟେଟ । ୭୫୧ । ଶ୍ରୀ ସନ୍ତୋଷ କୁମାର ସାହୁ, ବାରିପଦା ହାଇସ୍କୁଲ ନିଜହଷ୍ଟେଲ ପୋଃ ଅଃ ବାରିପଦା, ମୟୂରଭଞ୍ଜ ଷ୍ଟେଟ । ୭୫୨ । ଶ୍ରୀ ଯୋଗେନ୍ଦ୍ର ନାଥ ଦାସ, ବାରିପଦା ହାଇସ୍କୁଲ ନିଜ ହଷ୍ଟେଲ, ପୋଃ ଅଃ ବାରିପଦା, ମୟୂରଭଞ୍ଜ ଷ୍ଟେଟ । ୭୫୩ । ଶ୍ରୀ ଯଦୁନାଥ କରଣ (ଅଜୀବନ) C/o Mayurbhanj Rastra bhasa Pracharak. Rastra bhasa. Prachar Sava, P. O. Baripada. Mayur bhanj State.

---

### ନାଗବନ୍ଧୁ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ ମୋର ବୟସ ୧୮ ବର୍ଷରୁ କମ୍ । ମୋର ଜନ୍ମ—ତା । । ମସିହା । ମୁଁ ସତ୍ୟ ସାହାସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ (ବାର୍ଷିକ ଚାନ୍ଦା ୨୦୮ / ଅଜୀବନ ଚାନ୍ଦା ୫୦୪)ର ଡାକଟିକଟ ପଠାଇଲି

ତୁମ ସ୍ନେହର ନାତି/ନାତୁଣୀ

**ଠିକଣା** ____________________

ତାରିଖ ____________________

* ଏହି କୁପନର ନକଲ ସାଦା କାଗଜରେ କରି ପଠାଇଲେ ଚଳିବ

Digitized by srujanika@gmail.com

## ଋତୁସ୍ରାବ

ଯେ କୌଣସି କାରଣରୁ ତା ଯେତେ କାଳରୁ ବନ୍ଦ ଥାଉନା କାହିଁକି "ରୁମ୍ବକୀନରଜନୀ" ବ୍ୟବହାର କଲେ ୨୪ ଘଣ୍ଟା ମଧ୍ୟରେ ସହଜରେ ଓ ନିରାପଦରେ ପୁନଃସ୍ରାବ ହୁଏ। ସମସ୍ତ ଏହାର ଫଳ ଗ୍ରହଣ କରନ୍ତି। ଗଭର୍ଣ୍ଣମେଣ୍ଟ ରେଜିଷ୍ଟ୍ରିକୃତ ଓ ଗ୍ୟାରେଣ୍ଟିଯୁକ୍ତ

ମୂଲ୍ୟ ୫ ୨୷

**'ଦମ୍ପତି ସଖା' ବାର୍ଥ କଣ୍ଟ୍ରୋଲ ବା ଜନ୍ମନିରୋଧ**

ଏହା ବ୍ୟବହାର କଲେ ଜନ୍ମ ନିରୋଧ ନିରାପଦେ କରିହୁଏ। ସ୍ଥାୟୀ ଜନ୍ମ ନିରୋଧ ପାଇଁ ଦାମ ୫୷ ଅସ୍ଥାୟୀ ୫ ୧୷ ଭିଃ ପିଃ ରେ ୫୦/ ଅଧିକା ଦେବାକୁ ପଡ଼େ।

## ଶକ୍ତି

**ମଦନ ବିଳାସ ରସାୟନ** ପ୍ରବୃତ୍ତି ହୀନତା ସ୍ୱପ୍ନଦୋଷ, ସ୍ନାୟବିକ ଦୁର୍ବଳତା, ଅଗ୍ନିମାନ୍ଦ୍ୟ ସବୁ ପ୍ରକାର ଧାତୁଗତ ଦୌର୍ବଲ୍ୟତାରେ ଏହା ମାନ୍ତ୍ରିକ ଭଳିଆ କାମକରେ। ମାତ୍ର ୭ଦିନ ବ୍ୟବହାର ଯଥେଷ୍ଟ। ଏହାକୁ ବ୍ୟବହାର କରି ଦାମ୍ପତ୍ୟ ଜୀବନର ସୁଖ ପୂର୍ଣ୍ଣମାତ୍ରାରେ ଭୋଗ କରନ୍ତୁ।—ମୂଲ୍ୟ—୫ ୨୷

Kaviraj M. KABYATIRTHA
70, Corrwallis Street, Calcutta

## 'ଜୟହିନ୍ଦ ଡଗର'

ଅଜାଦ ହିନ୍ଦ ଫୌଜ ସମ୍ବନ୍ଧରେ କିଛି ଜାଣିବାକୁ ଚାହାନ୍ତି ତ 'ଡଗର' ଜୟହିନ୍ଦ ସଂଖ୍ୟା ପଢ଼ନ୍ତୁ। ଏପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଯାହାକିଛି ଅଜାଦ ହିନ୍ଦ ଫୌଜ ସମ୍ବନ୍ଧୀୟ ଲେଖା ବାହାରିଛି 'ଡଗର' ସମସ୍ତଙ୍କୁ ଟପି ଯାଇଛି। ଟଙ୍କାଟିଏ ପଠେଇଲେ ଆମେ ଆପଣଙ୍କୁ ରେଜେଷ୍ଟ୍ରି କରି ଜୟହିନ୍ଦ ସଂଖ୍ୟା ଖଣ୍ଡିଏ ପଠାଇ ଦେବୁ।

'ଡଗର' ଅଫିସ,
ପୋଃ ଭଦ୍ରକ।

**ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କର**

**'ଭୁଲ୍'**

**ପୁରୀ, 'ଭାରତୀ ଭବନ' ଦ୍ୱାରା**

ଏବେ ପ୍ରକାଶ ପାଇଛି।

ମୂଲ୍ୟ:—୫ ୧୷

# ଚତୁରଙ୍ଗ! ଚତୁରଙ୍ଗ!! ଚତୁରଙ୍ଗ!!!

ଓଡ଼ିଶାର ବିଶିଷ୍ଟ ଲେଖକ ଓ ସମାଲୋଚକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ସଚିତ୍ର ଓଡ଼ିଆ ମାସିକ ପତ୍ରିକା "ଚତୁରଙ୍ଗ"ର ଗ୍ରାହକ ହୋଇ ଏହାକୁ ସାଫଲ୍ୟମଣ୍ଡିତ କରନ୍ତୁ।

ଏହାର ପ୍ରଥମ ସଂଖ୍ୟାରେ ଶ୍ରୀ କାଳିନ୍ଦୀ ଚରଣ ଶ୍ରୀ ମାୟାଧର ମାନସିଂ ଓ ଶ୍ରୀ ଶଶିଭୂଷଣ ରାୟ ପ୍ରମୁଖ ଓଡ଼ିଶାର ଲବ୍ଧପ୍ରତିଷ୍ଠ କବି ଓ ସାହିତ୍ୟିକମାନଙ୍କ ଲେଖା ପ୍ରକାଶିତ ହୋଇ ଏହାର ଶ୍ରୀବୃଦ୍ଧି କରିଅଛି।

"ଚତୁରଙ୍ଗ"ରେ ପ୍ରକାଶ ନିମନ୍ତେ ବିଜ୍ଞାପନ ପଠାନ୍ତୁ ଏବଂ ବିଜ୍ଞାପନ ହାର ନିମନ୍ତେ ପରିଚାଳକଙ୍କୁ ଚିଠି ଲେଖନ୍ତୁ।

ପରିଚାଳକ
'ଚତୁରଙ୍ଗ'
ପୋଃ ଅଃ ବାଲିଙ୍ଗର ପାଟଣା ଷ୍ଟ୍ରିଟ

ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର; ସହ ପରିଚାଳନା, ସମ୍ପାଦକ—ଶ୍ରୀ ରାଇମୋହନ ଦାସ

Digitized by srujanika@gmail.com

୧୦ମ ବର୍ଷ— ଦୀପାଳି ସଂଖ୍ୟା ୮ମ ଓ ୯ମ—ସଂଖ୍ୟା



## ଏ ସଂଖ୍ୟାର ଲେଖକଗଣ

ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ
ଶ୍ରୀ ଦେବ ମହାପାତ୍ର
ଶ୍ରୀ ଶଚି ରାଉତରାୟ
ଶ୍ରୀ ବିନ୍ଦ ଚରଣ ପଟ୍ଟନାୟକ
ଶ୍ରୀ ଦିଜକିଶୋର ରାୟ
ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ
ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ
ଶ୍ରୀମତୀ ସରଳା ଦେବୀ ପ୍ରଭୃତି ।

## ବିଷୟ

ଫିଲ୍ମ ବିଚୁର
ଶ୍ରୀମାନ୍ ଗୋପାଳ ଚନ୍ଦ୍ର [ ଗଳ୍ପ ]
ମାଟିଅଗୁଣ୍ଡର କାହ୍ନ [ କବିତା ]
ବୀରର ପ୍ରେମ [ ଗଳ୍ପ ]
କେଦାର ପାଖକୁ କୁନ୍ଦମାଳା [ କବିତା ]
ପ୍ରେମାସ୍ପଦା [ ଗଳ୍ପ ]
ଦ୍ୱୀପଟୀ ଭାବନା [ କବିତା ]
ପରିବର୍ତ୍ତନ
ଭାଟ ଅଳତା [ କବିତା ]
ତାରକାର ଆତ୍ମହତ୍ୟା [ ଗଳ୍ପ ]
ନାଗବନ୍ଧୁ ଇତ୍ୟାଦି

ମୂଲ୍ୟ—ଆଠଅଣା

Digitized by srujanika@gmail.com

**ଭୂତପୂର୍ବ ପ୍ରଧାନ ମନ୍ତ୍ରୀଙ୍କର**

## ଉଚ୍ଚ ପ୍ରଶଂସା

ଶ୍ରୀ ପଦ୍ମଚରଣ ପରିଜା (ପାଣ୍ଡି-ରାମ ଙ୍କ ଦ୍ୱାରା ସ୍ଥାପିତ **କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡ଼କ୍ଟସ୍** ପରିଦର୍ଶନ କରି ଏବଂ ଏଠାରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ବିଶେଷ ପ୍ରୀତ ହେଲି । ଜଣେ ଓଡ଼ିଆ ଭଦ୍ରଲୋକଙ୍କର ଏ ପଥ-ପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବଂ ଉତ୍ସାହ ପାଇବାର ଯୋଗ୍ୟ ।

କୋଣାର୍କ କେମିକ୍ୟାଲ
ଏଣ୍ଡ ବିଉଟି ପ୍ରଡକ୍ଟସ୍
(ଇଣ୍ଡିଆ)




## ବମ୍ବେ ଲାଇଫ୍ ଏସ୍ୟୁରେନ୍ସ କମ୍ପାନି ଲି:—

**ପ୍ରତିଷ୍ଠିତ——୧୯୦୮**

**ହେଡ ଅଫିସ—ବୋମ୍ବାଇ**

ସୁବିଖ୍ୟାତ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନୀରେ ସର୍ବନିମ୍ନ ପ୍ରିମିୟମ ଦେଇ
ବୀମା କରି ଲାଭବାନ ହୁଅନ୍ତୁ

ବୀମା ବା ଏଜେନ୍‌ସି କରିବା ପୂର୍ବରୁ ଅନୁସନ୍ଧାନ କଲେ ଲାଭ ଛଡ଼ା କ୍ଷତି ନାହିଁ ।
ଅକର୍ମଣ୍ୟ ହେଲେ ଅଳ୍ପ ପ୍ରିମିୟମ ଦେବାକୁ ହେବନାହିଁ ଏବଂ ପୂର୍ଣ୍ଣ ବୀମା ଟଙ୍କା ମିଳିବ ।

**୧୯୪୮ର ସଂକ୍ଷିପ୍ତ ବିବରଣ—**

ବାର୍ଷିକ ଆୟ ୭୩ ଲକ୍ଷରୁ ଊର୍ଦ୍ଧ୍ୱ
ବୀମାପାଣ୍ଠି ୨ କୋଟି ୯୭ ଲକ୍ଷରୁ ଊର୍ଦ୍ଧ୍ୱ
ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ

ଓଡ଼ିଶା ଏବଂ ଛୋଟନାଗପୁରର ଇନ୍‌ସ୍‌ପେକ୍ଟର, ଅର୍ଗାନାଇଜର ସ୍ପେଶାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ
ଅନୁସନ୍ଧାନ କରନ୍ତୁ ।

କେ. ବାଲସୁବ୍ରମଣ୍ୟମ, ବି. କମ୍. ଏ. ଆଇ. ଏ.
ମେନେଜର ଅବ ଏଜେନ୍ସିଜ
ହେଡ଼ ଅଫିସ - ବମ୍ବେ

**ନରେନ୍ଦ୍ର ପ୍ରସାଦ ଦାସ**
ମେନେଜର
ଓଡ଼ିଶା ଶାଖା—କଟକ ।

ସମ୍ପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,**
ପରିଚାଳନା ସମ୍ପାଦକ— **ଶ୍ରୀ ମନମୋହନ ଦାସ**

Digitized by srujanika@gmail.com



**ପ୍ରତୀକ୍ଷମାଣା**

ଶିଳ୍ପୀ—ମୁରଲୀଧର ଟାଲି

ଏହି ଚିତ୍ର କଲିକତାର Academy of Fine Arts Exhibitionରେ ଏବର୍ଷ ଶ୍ରେଷ୍ଠ ପୁରସ୍କାର ପାଇଥିଲା ।

Digitized by srujanika@gmail.com

## ଦିଆଲିରେ ଦିଆଲି !

ଆଜି ପୁଣି ତୁହି କିଆଁ ଜାଳିଲୁ ଏ ଦୀପାଳୀ ?
ଶହ ଶହ ଜୁଆଁଘର ବୁକୁ ଚିରି ତୁହି ତ
ଆଲୁଅର ନିଶାଣରେ ପ୍ରାଣ କଲୁ ମୋହିତ
ଝଡ଼ଝଞ୍ଜା ଅବସାନେ ଶରତର ଆଗମେ
ଆରତିର ଗନ୍ଧ ଭରି ଧରଣୀର ମରମେ
ଆକାଶର ତୀରେ ତୀରେ ରଚି କେତେ ତୋରଣ
ଯୁଗ ଯୁଗ ବିତାଇଚୁ; କେ କରିବ କଳନ
ତେବେ କି ତ କାହିଁ ଆଜି ଘୁଞ୍ଚି ନାହିଁ ଅନ୍ଧାର
ଆଲୋକର ମହାଦୀକ୍ଷା ଘେନି ନାହିଁ ସଂସାର
ଭାଇ ବୁକେ ଭାଇ ଆଜି ଛୁରିକାର ଆଘାତେ
ଧରମର ନାମେ ରକ୍ତ ବୁହାଉଚି ଜଗତେ
ପେଷଣର କଳ ଆଜି ଧୂଆଁରୁ ଯାଇନ
ପିଶାଚ କବଳୁ ଧରା ମୁକତି ତ ପାଇନି
'ନରପତି ରକ୍ଷା' ପୁଣି 'ଶାନ୍ତି' ଥେପ ଦେଇକି
'ଛୋଟ'କୁ କେ ଛାଟି ନଏ ବଡ଼ ପେଟ ପାଇଁକି
ରାବଣର ଉଗ୍ର କ୍ଷୁଧା 'ପରମାଣୁ' ଦେଇଚି
ରାକ୍ଷସର 'ମହାଯୁଦ୍ଧ' ଆଜି ଶେଷ ନୋହିଚି
ସମରର ରୂପ ଖାଲି ହୋଇଚିରେ ବଦଳ
ସୀତା ସମ ସଂସାରକୁ ଘେରିଚିରେ ଅନ୍ଧାର
ଉଆଁସର ତୀରେ ଆଜି ଡାକ ଦିଏ ପ୍ରଳୟ
ମରିନାହିଁ ଅତ୍ୟାଗ୍ରର ଆଧି ନାହିଁ ବିଜୟ
ତୁଟିନାହିଁ ମୋହ ନିଶା ଫିଟି ନାହିଁ ସରଣୀ
ଆଜି ବି ତ ଜାଗି ନାହିଁ ପ୍ରଦୀପର ରାଗିଣୀ
ତେବେ କିଆଁ କହ ଆଜି ଏ ଆନନ୍ଦ ପରବ
କରାଳ ଏ ଘନ କାଳେ ଖଦ୍ୟୋତର ଗରବ
ମରତରେ ବାଜି ନାହିଁ ଚେତନାର କାହାଳୀ
ତୁଚ୍ଛାଟାରେ ତେବେ କିଆଁ ଜଳିବ ଏ ଦୀପାଳି
ଦିଆଲିରେ ଦିଆଲି !

"ଗୌରଚନ୍ଦ୍ର"

Digitized by srujanika@gmail.com

# କାବ୍ୟ

"କବତେ ଇତି କବିଃ" କଳ୍ପନାକାରିବାବ୍ୟକ୍ତି କବି—କାବ୍ୟକର୍ତ୍ତା । "କବେଃକର୍ମ କାବ୍ୟମ୍" । କବିର ରଚନାବାକ୍ୟ ତାହା ବିଶିଷ୍ଟପୁସ୍ତକ

କବିବିରଚିତ ସୂତ୍ର, ସ୍ମୃତି, ଶାସ୍ତ୍ର, ଇତିହାସ, ପୁରାଣ, ପଦ୍ୟବାକ୍ୟ, ଗଦ୍ୟବାକ୍ୟ, ଚମ୍ପୂ, ରୂପକ ପ୍ରଭୃତି ରଚନାନିଚୟ ଉକ୍ତବ୍ୟୁତ୍ପତ୍ତ୍ୟନୁଯାୟୀ କାବ୍ୟ ନାମଧେୟ । ଜଗତ ପରିବର୍ତ୍ତନଶୀଳ ଅତଏବ ତଦନ୍ତର୍ଗତ ସମସ୍ତ ପରିବର୍ତ୍ତନଶୀଳ ହେବା ହେତୁରୁ କବି କର୍ମରେ ମଧ୍ୟ ପରିବର୍ତ୍ତନ ଘଟିଅଛି । ତହିଁ ପ୍ରାଚୀନ ଏବଂ ନବୀନ ଭେଦଦ୍ୱୟ ପରିଲକ୍ଷିତ ।

ପଦ୍ୟକାବ୍ୟ ପଦ୍ୟମୟ; ଗଦ୍ୟକାବ୍ୟ ଗଦ୍ୟମୟ, ଚମ୍ପୂ ଗଦ୍ୟପଦ୍ୟମୟୀ, ରୂପକ ଦଶବିଧ ତହିଁ ନାଟକ ସମ୍ଭାଷଣପ୍ରଧାନ ହୋଇ ମଧ୍ୟେ ମଧ୍ୟେ ପଦ୍ୟ ମୟଭୂଷଣ୍ୟ କାବ୍ୟ ପଦ୍ୟାତ୍ମକ ଏବଂ ଗଦ୍ୟାତ୍ମକ ନାମରେ ମୁଖ୍ୟତଃ କାବ୍ୟଦ୍ୱିବିଧ, କାବ୍ୟ ଅଶ୍ଳୀଳାଦି ଦୋଷ ଦୂଷିତ ନୋହି ସରସ ହେବା ବିଧେୟ, ନୀରସକାବ୍ୟ କାବ୍ୟ ବୋଲଯାଇ ପାରେନାହିଁ । "ରମଣୀୟାର୍ଥପ୍ରତିପାଦକ ଶବ୍ଦଃ କାବ୍ୟମ୍" ଏବଂ "ବାକ୍ୟଂ ରସାତ୍ମକ କାବ୍ୟମ୍" ଏପରିଥିଲେହେଁ, ସାଧାରଣତଃ ପଦ୍ୟମୟରଚନାକୁ ମାତ୍ର କାବ୍ୟ ବୋଲନ୍ତି । ତାହା କେବଳ ଭ୍ରମାତ୍ମକ ମାତ୍ର, ପଦ୍ୟରୂପ ଧାରଣ କରିବା ମାତ୍ରେ କାବ୍ୟବୋଲି ଯାଇନପାରେ । ଯଥାଃ—

ମାଧବ ନାମେ ଏକଜନ ।
ଜୟପୁରରେ ତା ସଦନ ॥
ତାପତ୍ନୀ ନାମ ହୀରାମଣି ।
ପୁତ୍ରେନାମ ନୀଳମଣି ॥

ଏ ଦୁଇଟି ପଦ୍ୟହୋଇ କଥା କଥନର ପ୍ରାରମ୍ଭ ହୋଇଥିଲେ ହେଁ କାବ୍ୟପଦ ବାଚ୍ୟ ନୁହନ୍ତି ।

ଶୀର୍ଷମଣ୍ଡଳ ପୁରନ୍ଦର ପ୍ରେଷିତଗଣତାଙ୍କ ପୂର୍ବପର୍ବତାରୋହଣ କରନ୍ତେ, ବାନରଙ୍କ ବଦନନଳିନ ବିକଶିତ ଏବଂ ଦାନବଙ୍କ ହୃଦୟକୁମୁଦ ମୁଦ୍ରିତ ।

ଏବାକ୍ୟ କେବଳ ଗଦ୍ୟମାତ୍ର ହେଲେହେଁ, ଏହା କାବ୍ୟ ଅଟେ । ଭଲେ ଭାବିଲେ ପଦ୍ୟ ରଚନ ଠାରୁ ଉତ୍ତମ ଗଦ୍ୟ ରଚନ କଷ୍ଟତର ।

ଆଧୁନିକ ଲେଖକଙ୍କ ମତ ଗଦ୍ୟ ରଚନ ରେ ପ୍ରବଳ ଥିବା ମୁଦ୍ରାବନ୍ଧ । ଲେଖକେ ଗଦ୍ୟ କିମ୍ବା ପଦ୍ୟ ଲେଖିବା ସମୟରେ କାବ୍ୟତତ୍ତ୍ୱକୁ ନିଜମାନସେ ସ୍ଥାନ ଦେବା ସମୁଚିତ । ଇତି ।

ଜୟପୁର
୧୬-୧୦-୪୬
ଶ୍ରୀ ବିକ୍ରମଦେବ ବର୍ମା

Digitized by srujanika@gmail.com



# ବିଲୁଆ ବିଚାର

୧୦ମ ବର୍ଷ – ୮ମ ଓ ୯ମ ସଂଖ୍ୟା    ଆଶ୍ୱିନ ଦ୍ୱିତୀୟାର୍ଦ୍ଧ ଓ କାର୍ତ୍ତିକ ପ୍ରଥମାର୍ଦ୍ଧ

ସାଂପ୍ରଦାୟିକ ଗୋଳ ଓ ହାଣକାଟ ଏକା ବଙ୍ଗଳାରେ ନୁହେଁ, ବିହାରର ପରେ ସାରା ଭାରତରେ ଲାଗି ଯାଇଛି । ଏକା ଥଣ୍ଡା ରହି ଯାଇଛି ଆମ ଓଡ଼ିଶା । ଏଥିର କାରଣ ଓଡ଼ିଶାବାସୀ ହିନ୍ଦୁ ମୁସଲମାନଙ୍କ ଶାନ୍ତିପ୍ରିୟତା ନା ଓଡ଼ିଶା ସରକାରଙ୍କ ଯୋଗ୍ୟତା, କିଏ କହିବ ?

ଯାହା ହେଉ ଓଡ଼ିଶା ଯେ ଶାନ୍ତ ଅଛି ଓ ରହିବାର ଆଶା ରହିଛି ଏହା ଜଗନ୍ନାଥ ମହାପ୍ରଭୁଙ୍କ କୃପା ଓ ବାବା ସତ୍ୟପୀରଙ୍କ ମହିମା । ମାଡ଼ଖବୁରୁଜଥ ଓଡ଼ିଅଙ୍କ ଚାଷଜାଭୂତ ସ୍ୱଭାବ ଓଡ଼ିଶା ଭୂଇଁରେ ଯେମିତି ଛାପ ପକାଇ ନ ପାରନ୍ତି ସେଥିପାଇଁ ଅପ ମହାନ୍ତି ସୁନିଶ୍ଚିତ କରାଇ ସୁବର୍ଣ୍ଣରେଖା ଦକ୍ଷିଣ ଅଞ୍ଚଳରେ ଲଗାଇବା ମାତ୍ର ମନୁଷ୍ୟ ଯୋଗାଡ଼ ବନ୍ଦ ଦେବା ସରକାରଙ୍କର କର୍ତ୍ତବ୍ୟ ।

\+ + +

ମହାତ୍ମା ଗାନ୍ଧୀ ସ୍ୱୟଂ ବଙ୍ଗଦେଶ ସଫର କରୁଛନ୍ତି । ତାଙ୍କ ଉପସ୍ଥିତି ହାସ୍ୟ-ସେଠାକାର ଗୋଳମାଳ ଯେ ଥଣ୍ଡା ପଡ଼ିଯିବ ଏହା ଅନେକେ ବିଶ୍ୱାସ କରନ୍ତି । କାରଣ, ସେ ନିଜେ କହିଛନ୍ତି କି— ଅନ୍ୟକୁ ନ ମାରି ଆପେ କିମିତି ଶାନ୍ତିପୂର୍ଣ୍ଣ ଭାବରେ ମରିବାକୁ ହୁଏ, ମୁଁ ତାହା ଶିଖାଇ ଦେବି । ଠାକୁରେ କହନ୍ତୁ, ଗାନ୍ଧିଜ ଏକାଳରେ ଆଉ "ଅପକ ଅଟେ ଧର୍ମ ଗାତରେ ଶିଖାନ୍ତୁ" ନ କହନ୍ତୁ । ସେ ଯଦି ସେଠା ମୁସଲମାନଙ୍କୁ ଏ ଧର୍ମ ଶିଖାଇବାକୁ ମନ କରି ଥାଆନ୍ତି, ତେବେ ଭଲ । ମୁସଲମାନମାନେ ତାଙ୍କଠାରୁ ଅହିଂସା ଶିକ୍ଷା ନେବା ପାଇଁ ତ ଉପାସ କରି ରହିଛନ୍ତି । ଆଉ ଯଦି ନୂଆଖାଲିର ହିନ୍ଦୁଙ୍କୁ ସେ ଏ ନୀତି ଶିକ୍ଷା ଦେବାକୁ ମନ ବଳାଇ ଥାଆନ୍ତି, ତେବେ ଆମେ କହିବୁଁ ନା ବରଂ ନୂଆଖାଲିରୁ ଗାନ୍ଧିଜ ନିଜେ ଏହି ନୂଆ ଶିଖିଯିବେ । ସେଠା ହିନ୍ଦୁ ମାଡ଼ଖବୁରୁଜ ଓଡ଼ିଅଙ୍କୁ ବି ଟପି ଯାଉଛନ୍ତି କେବଳ ପଡ଼ାଇ ମରି ଜାଣିବାରେ । ଅଥବା ଶିକ୍ଷାର ଲୋଡ଼ାନାହିଁ ।

\+ + + +

ଆମେ ଇତିମଧ୍ୟରେ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରୁ କେତେଗୁଡ଼ିଏ ଅଭିଯୋଗ ପାଇଲୁଣି । ସମସ୍ତିଙ୍କ ଆପତ୍ତି ମୋଟରେ କହିବାକୁ ଗଲେ—ଆମ ଲୋକ ପ୍ରତିନିଧି କଂଗ୍ରେସ ସରକାର ଜୁଲୁମ ସମ୍ବନ୍ଧରେ ଓଡ଼ିଆ ଜାତିର ମୁହଁ ରଖିଲେ ନାହିଁ ଏବଂ ସମସ୍ତଙ୍କର ଆଶଙ୍କା ଯେ ବର୍ତ୍ତିମାନ ଅଞ୍ଚଳ ଏକୀକରଣ ବିଷୟରେ ସେମାନେ ଉତ୍ସାହ ହରାଇ ହବାରୁ ସେ ପ୍ରଶ୍ନ ମଧ୍ୟ ଉଠି ପାରିବ ।

ଏ ଦୁଇଟା ବିଷୟରେ ଓଡ଼ିଆ ଜନତ କୌଣସି ଧାରା ଜାଣିବାର ଅଧିକାର ନାହିଁ । ଆଉ ସବୁ ପ୍ରତିନିଧିମାନେ ଯେ ତାହା ଭୁଲି ଯାଇଛନ୍ତି ଏକଥା କହିବା ଅନ୍ୟାୟ । ମାତ୍ର କଥା ହେଉଛି ଏହି, ଆମେ ମୋଟରେ ବଳେ ତାଙ୍କ ହାତରେ ସବୁ ଛାଡ଼ି ଦେଇଛୁ, ଆମ ଭଲ ମନ୍ଦ ଯାହା ତାଙ୍କ ଉପରେ । ସେ ବିଷୟରେ ମୁଣ୍ଡ ଖେଳାଇବା ଆମର ଅନୁଚିତ । ସେମାନେ ଯାହା ବୁଝୁଛନ୍ତି, ଯାହା କରୁଛନ୍ତି, ଆମର ଭଲ ପାଇଁ କରୁଛନ୍ତି—ଏହି ବିଶ୍ୱାସ—ଏହି ଭକ୍ତିରେ ରହିବା ଆମର କର୍ତ୍ତବ୍ୟ । କାରଣ ସେ ରକ୍ଷକ, ଆମେ ମେଣ୍ଢାପଲ ।

× + × +

ପିଲାର ବୋପା ଯାହା କରେ ତାହା ପିଲାର ଭଲ ପାଇଁ କରେ । ପିଲା ବୁଝି ନପାରି ବାହେଲ କାମୁଡ଼ ହୁଏ । ଇଂରେଜ ଶାସକଗଣ କହୁଥିଲେ—ଭାରତୀୟମାନେ ବୁଝି ପାରନ୍ତି ନାହିଁ ସିନା; ମାତ୍ର ତାଙ୍କ ଚିନ୍ତା ଆମକୁ ଅଧିକ ଲାଗିଛି । ସେହିପରି ଆମର ଭଲ ମନ୍ଦ, ହାନି ଲାଭ, ସୁଖ ଦୁଃଖର ଭାର ଆମ ମନ୍ତ୍ରୀଙ୍କୁ ଲାଗିଛି । ଏଥିକ ଚାଣି ନିଶ୍ଚିନ୍ତ ଥା ।

ଆଉ ଯଦି ନଜାଣି ଅବୁଝା ଅଳି କରିବ ତ; ଗୋଟାଏ ମାଡ଼ ଚାଟ ଆମ ମନକୁ ପାଉଛି । ଆମେ ତ ସ୍ୱାଧୀନ ହେଲୁଣି; ସବୁଦିନ ସବୁ ଓଡ଼ିଆ ଖାଉ ପୁଣି ଅପରେ ଗଙ୍ଗା-ଗୋଦାବରୀ ଯାଉ ଦବା । କପିଳେନ୍ଦ୍ର, ପୁରୁଷୋତ୍ତମ ବା ମୁକୁନ୍ଦର ଅଭାବ ହେବ ନାହିଁ । କଥାରେ ଅଛି ପରା—History repeats itself !

× + × ×

ସେଦିନ ଜଣେ କଂଗ୍ରେସବାଲାଙ୍କ ସାଙ୍ଗରେ ଜଣେ ଉତ୍କଳୀୟ ଯୁକ୍ତି ପଡ଼ୁଥିଲା, ସହରର ରାସ୍ତାଘାଟ ଦୁଆଡ଼େ । ଲୋକଟି କହିଲା, "ଦେଖନ୍ତୁ ବାବୁ, ଆମେ ତ କହୁଥିଲୁ କଂଗ୍ରେସ ସରକାର ଆସିଲେ ଦିଅ ଉପରେ ମଧୁ ଗଡ଼ିବ । ଏବେ ମାସ ତ ଅଇଲା, କାହିଁ! ଯାହାଁ କଥାକୁ ତ ସେଇ କଥା; କଉଁଠି ବଦଳିଥ ହେଉଛି ? ଆମେ ଯାହାଁ ଥିଲେ ସେଇ ଥିଲେ ।

କଂଗ୍ରେସବାଲା ଉତ୍ତର ଦେଲେ—(ସେ ହିନ୍ଦୁସ୍ଥାନୀ ପ୍ରବାସ କରନ୍ତି) "ଅରେ ଭୈୟା, ସବୁର କରୋ, ସବୁର କା ପେଡ଼ମେ ମେଓ୍ୱା ଫଳତା ହୈ ।"

ଉତ୍କଳୀୟ ଜଣ କହିବାକୁ ଯାଉଥିଲେ, ସେତିକିବେଳେ ସହରର ସମିତିରୁ ସ... ବାହାର ଥିବା (ସେ ବି କଂଗ୍ରେସିଆ) ହକାରି କହିଲେ—"ମୁଁ ପଚାରେଁ, କଉକୋ, ତମେ ମୂଠା ବାହୁଛ ?"

ଉତ୍କଳୀୟ କହିଲେ—"ନାହିଁ ଆଜ୍ଞା ।"

ତେବେ ତୁମର ସେ ସବୁର ଫଳର ଦରକାର ନାହିଁ ।

ଲୋକଟା ଏକା ପଦକେ ଚୂପ୍ । ପ୍ରଥମ କଂଗ୍ରେସିଆ ବସ୍ତିର ରକ୍ଷା ପାଇଗଲେ ।

\+ × × ×

Digitized by srujanika@gmail.com

ପାଟନାଠାରେ ଭାରତୀୟ ତରୁଣଙ୍କ ଅବାଧ ଦେବତା ଉଦ୍ଧାର-ଣର ସେବକ ବେହାର ସହରମାନଙ୍କଠାରୁ ଯେଉଁ ଅପମାନ ପାଇଲେ ତାହା ଦେଶ ପ୍ରାଣରେ ବ୍ୟଥା ଦେଇଛି ଓ ଭାରତୀୟ ଚରିତ୍ରର ଏ ଅଧୋଗତିରେ ଦୁଃଖ କରୁଛି। କିନ୍ତୁ ଏହାମଧ୍ୟରେ ସୋଟାଏ ସତ୍ୟ ଉଠେଇ ଭାବରେ ଜଣା ପଡ଼ିଲା ଯେ ଉତ୍ପାତର ଉଦ୍ଧୃଙ୍ଖଳମାନଙ୍କୁ ଯେଉଁ ସ୍ୱାଧୀନତାର ବାଣୀ ଦିଆ ହୋଇ ଆସିଛନ୍ତି, ତାର ଫଳ ଏବେ ଫଳିବେ ଫଳିଛି। ଭାରତୀୟ ଯୁବକ ଦଳର ସ୍ୱାଧୀନ ମନୋଭାବର ତାହାର ମୁଖାପେକ୍ଷାରେ ଦମନ କରିବାର ଅଛି ସତ ନୁହେଁ—ସେ ଯୋଗ୍ୟ ବଡ଼ ବେଳ ହେଲା ଗଲାଣି।

\+ + + +

ଯେଉଁ ଅହିଂସା ଓ ପ୍ରାଣୀବଧ ନିବାରଣ ପାଇଁ ଗାନ୍ଧିଜୀ ପ୍ରାଣ-ପଣ କରୁଛନ୍ତି, କଂଗ୍ରେସ ଯାହାକୁ ମନ୍ତ୍ର ବୋଲି ମାନି ନେଇଛି— ସରକାର ପାଇଁ ଜିତା ମାତେ ସେହି କଂଗ୍ରେସ ନେତାଗଣ ଯେଉଁ ସମୁଦ୍ର ନରହତ୍ୟାରେ ହସ୍ତ ଦେଇ ବସିଲେ, ତାହା ଦେଖି ଲୋକେ ସ୍ତମ୍ଭିତ। ଲୋକେ କହୁଛନ୍ତି—ଏ ଅହିଂସା ନୂଆ ଧାରାରେ ନ ପ୍ରକଟ ହେବାରେ ପ୍ରକଟିତ ନ ହେବ? ଗାନ୍ଧିଜୀଙ୍କ ଉଚ୍ଚର ସଦିଚ୍ଛାର ଜୁଲୁମ! ଶାସନ ଭାର ନେବାକୁ ସ୍ଥଳ ବଦଳେଇବାର ବଦଳରେ କରିବାର ମନେ? ଗଣମତର ବଡ଼ ସହଜ ପଥ। ନ୍ୟାୟଦଣ୍ଡ ଅପଣା ମୁଣ୍ଡରେ ଧରି-ବାଇବା ଛାଡ଼ି ବାହାଦୁରି ନୁହେଁକି!

\+ + + +

ଗାନ୍ଧିଜୀ ଉପଦେଶ ଦେଉଛନ୍ତି ଶତ୍ରୁ ମାରିବାଠାରୁ ଅପେ ମରିଯିବା ଭଲ। ସମସ୍ତେ ତ ଗାନ୍ଧିଙ୍କ କଥା ଶୁଣିବେ ନାହିଁ। ଯେ ଶୁଣିବାର ସେ ଯଦି ଶୁଣି ଥାଆନ୍ତି, ତେବେ ପ୍ରତିକାର୍ଯ୍ୟ ଅତି ସହଜ ହୋଇ ଯାଆନ୍ତା। କାରଣ ତାହାଦ୍ୱାରା ହିନ୍ଦୁ ଜାତି ଲୋପ ପାଇ ଯାଆନ୍ତା ଓ ଭାରତର ନାମ ହିନ୍ଦୁସ୍ଥାନ ନ ହୋଇ ଶୁଦ୍ଧ ପାକିସ୍ଥାନ ହୋଇ ଯାଆନ୍ତା।

କଂଗ୍ରେସ ତ ସ୍ୱାଧୀନତା ପାଇଁ ସବୁ ତ୍ୟାଗ କରିବାରେ ରାଜି ହେଉଛି। ଅଣ୍ଡା ସ୍ୱାଧୀନତା ଆଗରେ କୌଣସି କଥା ମୂଲ୍ୟବାନ ନୁହେଁ। ହିନ୍ଦୁ ମୁସଲମାନ ଝଗଡ଼ା ଯେବେ ସ୍ୱାଧୀନତାର ଅନ୍ତରାୟ ହେଉଛି, ତାହା ଅଶାନ୍ତ ଝଗଡ଼ା ତ୍ୟାଗ ନ କରି ହିନ୍ଦୁମାନେ ବୁଡ଼ି ଯାଉଥିବା ଅକାଳିକା ଅର୍ଣ୍ଣବ ଛୋଟ କରି ଦିଅନ୍ତୁ। ଏହା ହେଲେ ତ ସେହି ଏକା କଥା—ପାକିସ୍ଥାନ। ଏହାରେ ଜାତି ମଧ୍ୟରେ ଝଗଡ଼ା ଉଠିବ ଓ ଲୋକସଂଖ୍ୟା ଜଣା ହେବ ନାହିଁ।

\+ × × +

କଳା ବଜାରର ଘିଅ ଟିପୁ ଟିପୁ ଗଜାବଢ଼ାଇବାରେ ଯେ ସ୍ୱଭାବ ପିଟି ଯାଇ ଦୁଧ ପାଣି—ଏକଥା ସେବେ ଶୁଣିଲେ ଜାଣୁ-ଛନ୍ତି। ତାଙ୍କ ତାହାକୁ ପର ଅଧି ରୁଚି ବଳେଇ ଦୁଧ ମିଶିଲା ଭଳି ଏକା ସପ୍ଲାଇ ମନ୍ତ୍ରୀ ମହୋଦୟ! ସପ୍ଲାଇ ସଭାରେ ଯେତେବେଳେ ଅନାହାର ଗ୍ରାମ-ସମିତିମାନ ସୃଷ୍ଟି କରିଯିବାର ଯୋଜନା ହେଲା, 'ଝଙ୍କାର' ସେତେବେଳେ ଟେବୁଲ ଦେବାରେ ହେଲା ବଡ଼ନାହିଁ। ଏବେ ସେ ଆଶଙ୍କା ସତ ହୋଇଛି। ଯେଉଁ ପଥରେ ପୁଣି କମିଟି-ମାନ ଗଢ଼ା ହେଲା, ସେଥିରେ ବିହାରର ପ୍ରଥମ ସଳନ। ସେହି ସଳନ ବଡ଼ି ବଡ଼ି ବର୍ତ୍ତମାନ ଭୀଷଣ ଅକାର ଧାରଣ କଲାଣି। କେଉଁଠି ସ୍ୱରାଜ୍ ଭଣ୍ଡାର, କଳାପୋଟଳ, ସେହି କୋଇଲ ଖବର ଅଛୁତ।

ଏବେ ତ ଅମେ ପୁଣି ଥରେ କହୁଁ—ସାଧୁ ସାବଧାନ!

× × × +

ସପ୍ଲାଇ ବିଭାଗର କର୍ମଚାରୀମାନେ କେତେ ଲାଞ୍ଚ ନେଉଥିଲେ ବୋଲି ତାହା ଜଣି ବାହାରା ପାଇଁ ଏ ନୂଆ ଯୋଜନା କରାଗଲା। କିନ୍ତୁ ସେତେବେଳେ ସେମାନେ ଶିଖିଲେ, ପୁରୁଣା ସଭାଙ୍କ ସ୍ଥାନ-ରେ। ତତଜାମି ତା ସ୍ୱଭାବ ଉଦ୍ବେଗ ସହ ସମ୍ମାନ ହାତ ପାଇ ବଢ଼ୁଥିଲେ। ବର୍ତ୍ତମାନ ସପ୍ତରେ ଯେଉଁ ଲୋକମାନଙ୍କ ହାତରେ ଶୁଳ୍କ ଜମା ହେଉଅଛି, ସେମାନେ ଯେ ସୁଖୀ ଦାନ୍ଦାର। ସେଥିରେ ଯାହା ଜବାବ କଥା ତାହା ହେଲାଣି। ମନ୍ତ୍ରୀଙ୍କର ସଚ୍ଚୋଟ ଓ ସାଧୁ ଉଦ୍ୟମକୁ ଅମେ ନିନ୍ଦା କରୁନାହୁଁ। ମାତ୍ର ଫଳାଫଳ ଦେଖି ମୁହାଁ ନିଜର କର୍ ଦୋଷ ଉପରେ ଦୂରଦର୍ଶିତା ହେବା କୌଣସି ଦାୟିତ୍ୱପୂର୍ଣ୍ଣ ରାଜନୀତିକ ନେତାଙ୍କ ପକ୍ଷରେ ଯେ ଶୋଭନୀୟ ନୁହେଁ—ଏକଥା କହିବାକୁ ଅପେକ୍ଷା କାହିଁ? ମନ୍ତ୍ରୀଙ୍କ ନଜର ସୁଧୁରନ୍ତୁ ହେବନି!

× × + +

'ସ୍ୱରାଜ୍ୟ ସମାଚାର'ର ଜଣେ ଲେଖକ ଝଙ୍କାର ସହିତ 'ମଧୁର ସମ୍ପର୍କ' ପାତି ଦେଇଛନ୍ତି। ଝଙ୍କାର ଏଥିପାଇଁ ଖାଲି ଅନନ୍ଦିତ ନୁହେଁ, ଗର୍ବିତ ମଧ୍ୟ। ସମ୍ବଲପୁରୀଅ ଧୂଳିଧୂସରିତ ଅମର ଯେପରି 'ଭାଇ' ଦାସଗଣ ସେହିପରି 'ଭଉଣୀ'। ଭଉଣୀଙ୍କ ଶିଶୁମାନେ ଯେ ଅମର ଭଣଜା, ଏଥିରେ ଆଉ ଅଣ କଣ ନାହିଁ। ତେବେ ସମ୍ବଲପୁରଅଙ୍କୁ 'ଭାଇ' ସମ୍ବୋଧନ କରିବାରେ ଝଙ୍କାର କେବେ ଭୁଲ କରିନାହିଁ। ଭଣେଇଙ୍କୁ ଭାଇ ଡାକିବାର ପ୍ରଥା ସବୁ ଦେଶରେ ଅଛି। (brother in-law)

ସ୍ୱତନ୍ତ୍ର କଳ୍ପ ହେବା ସପକ୍ଷରେ ଲେଖିଥିବାରୁ ଅମେ ଏ ମଧୁର ସମ୍ପର୍କର ପୁରସ୍କାର ପାଉଛୁଁ। ଓଡ଼ିଶାର ଲୋକେ ସବୁଦିନେ 'ଶଳେ ବଂଗୀ' ଉପାଧି ପାଇ ଆସିଛନ୍ତି। ଦୁଃଖ କଣ ନୁହେଁ। ତେବେ ବର୍ତ୍ତ-ମାନ ବାପୁଜୀ ମହାତ୍ମା ଗାନ୍ଧୀ ଓ ଠକ୍କର ବାପା ଯେ ସ୍ୱତନ୍ତ୍ର ଜଳ ସପକ୍ଷରେ ମତ ପ୍ରକାଶ କରିଛନ୍ତି, ଏଥିପାଇଁ ଅମ ସମ୍ବଲପୁରୀଅ ଭଣେଇମାନେ ସେ ଦୁହିଁଙ୍କୁ କ ସମ୍ପର୍କରେ ସମ୍ବୋଧନ କରିବେ; ସେହିବ ଜାଣିଲେ ଗାନ୍ଧିଜୀଙ୍କ ସହିତ 'ଝଙ୍କାର'ର ଘନିଷ୍ଠ ସମ୍ବନ୍ଧ ହୋଇଯିବ।

\+ + + +

ଖାଲି ଏତିକି ନୁହେଁ, ସ୍ୱରାଜ୍ୟ ସମାଚାରର ସମ୍ପାଦକେ ମଧ୍ୟ ରସିକତା କରି ଏଥର ଦୁଇପଦ ଲେଖିଛନ୍ତି। ଅମେ ତାଙ୍କ ଉକ୍ତିରୁ 'ଶଳା-ଶାପର' ହିସାବରେ ନେଇ ବଡ଼ ଆମୋଦ ବୋଧ କରୁଛୁଁ। କେବଳ ଦୁଃଖ ଏତିକି ଯେ 'ଝଙ୍କାର'ର ପୃଷ୍ଠାରେ ଶଳାଙ୍କ କରିବାକୁ ଅମ ଭଣେଇଙ୍କର ରୁଚି ଟିକେ ମୋଟା ଜଣା ଯାଉଛି। ଆଶା କରୁଛୁଁ, ଝଙ୍କାର ଏଥର ଭଉଣୀ ଘରକୁ ବନ୍ଧୁ ବାଛି ଯାଇ ରସିକତା ଶିଖାଇ ଦେଇ ଆସିବ। ଜମିତା ଦେବେ ଅଛି, ସେଥିର ଅପେକ୍ଷା ରହିଲା।

Digitized by srujanika@gmail.com

# ଶ୍ରୀମାନ୍ ଗୋପାଳଚନ୍ଦ୍ର

ଲେଖକ—

**ଦେବକ ମହାପାତ୍ର**

ମାଆ କେତେ କଷ୍ଟ ଭୋଗ କରି ମୁଁ ଜାଣେ, ମନେ ର କଥା ମାରନ୍ତି ମୁଁ ଜାଣେ, ମନେ ଅଛି ବାପାଙ୍କରେ କେତେ ଦଣ୍ଡ କରନ୍ତି ମୁଁ ଜାଣେ, ମୋର ଜୀବନର କଥା ମୁଁ ସବୁ ଜାଣେ, ଧନ୍ୟ ପିଲ ଟୁଅଙ୍କର ଦେଇଁ ଦେଇଁ ମୋ ଦେହ ସହ ହୁଏ। ଖାଲି ଯେ ତାଙ୍କର ବ୍ୟବହାର ଅଧିକ ତୋଫାନର ମୁଁ ଘୃଣା କରେ ତା ନୁହେଁ, ତାଙ୍କ ଛିଟ ପଡ଼ିଲେ ମୋ ନାକ ଖାଏ—ଅଳି ନୁହେଁ, ଖୁର୍କି ହେବା ଜନରୁ ଟିଲଟୁଅଙ୍କ ଛାଡ଼େ ମୋର ହାତେ ହାତେ ରଖ।

ଅତଏବ ମୋ କଥାକୁ ଏଥି ଭାବରେ ନ ନେଇ ଟିକିଏ ଗୁରୁ ଭାବରେ ବିଚାର କରନ୍ତୁ। ପାଞ୍ଚ ମିନିଟ ଦଶ ମିନିଟ ମୁଣ୍ଡ ଖେଳାଇ କରନ୍ତୁ। ଅଚ୍ଛା କହିଲେ, ଏଇ ଯେ ପିଲାଟୁଅଗୁଡ଼ାକ ସେଗୁଡ଼ା ଆମର ଏ ଦରବାରରେ ଅଛନ୍ତି? ଆମ ସମାଜର କୋଉ ଉପ-କାରରେ ଲାଗୁଛନ୍ତି ସେମାନେ? ସମାଜର କଲ୍ୟାଣ ପାଇଁ ତାଙ୍କର ସ୍ଥାନ କେଉଁଠି? ସେଥିରୁ ଗୁଡ଼ାଏ ବାହାରି ଜନ୍ମ ହେବେ? ସେମାନେ ବାପ ଭଳିଆ କିଛି ଶେଷକାଳ କେଉଁଠାରେ ସାହାଯ୍ୟ କରୁଛନ୍ତି ନା ମାଆ ଭଳିଆ କିଛି ବାଟରେ ସାହାଯ୍ୟ କରୁଛନ୍ତି? କେଉଁଠି କହନ୍ତୁ ବାଣିଜ୍ୟ କହନ୍ତୁ ସମାଜ, ଅର୍ଥନୀତି କହନ୍ତୁ, ସଂସ୍କୃତି, ରାଜ୍ୟ, ଧର୍ମ, ସାହିତ୍ୟ, କଳା, ନୀତି, ଅବଶେଷରେ ସବୁକ୍ଷେତ୍ର ଦେଖନ୍ତୁ ସେଗୁଡ଼ାକ କୋଉ କାମରେ ଲାଗୁଛନ୍ତି? ଏ ଭାବିବାର କଥା!!

ଅତଏବ ଯେଉଁ ପିଲାଟୁଅଙ୍କ ବାପ ମା ହୋଇ ଥାଆନ୍ତି ତା କଥା ଯୋଗ ମା ଅବସରରେ ଏହି କଥାଟା ଗମ୍ଭୀର ଭାବେ ଭାବନ୍ତୁ ତା ହେଲେ ନିଶ୍ଚୟ ମୋ ସହିତ ଏକମତ ହେବେ ଯେ ପିଲାଟୁଅ ଗୁଡ଼ାକ ସମାଜର ଗୁଡ଼ାଏ ଅଦରକାରୀ କୋଉ ଜିନିଷ—ଅଦରକାରୀ ଘର କହିଲେ ଠିକ୍ ହବ।—ଆବର୍ଜନା ଭଳିଆ ଅଦରକାରୀ (ସେଇଥିପାଇଁ ବୋଧହୁଏ ପିଲାମାନଙ୍କୁ ଆବର୍ଜନା ବୋଲି କୁହାଯାଏ।)

ବାପ ମାଙ୍କ କଥାଗୁଡ଼ିକ କୋଉଠିକି ଗଲା ଯେ ସେଥିରୁ ଯେ ଗୁଡ଼ାଏ ଜନ୍ମ ହୁଅନ୍ତି କୋଉ ବାପ ମା'ମାନେ ଖୁସି ହୁଅନ୍ତି କହନ୍ତୁ ଦେଖି? ପିଲାଟି ଜନ୍ମରୁ ବଡ଼ିହେଲା, ଘର ଝାଡୁ କରିଦେଲ କରି ଖାଇ ଯାଉଥିବେ—ବଡ଼ ହେଲେ ବନ୍ଧୁମାନଙ୍କର ଦୁଷ୍ଟାମି ଶାଳୁଥିବ ନୂଆ ନୂଆ—ତାଙ୍କ ପାଇଁ ଦୁଧ ଗଞ୍ଜା କର; ଖାଇ ଉଠ—ତାଙ୍କ ପାଇଁ ରଗ ଅଣ ଚାଙ୍କି ଅଣ—ଆଜି ଡାକ୍ତର ଡାକ, କାଲି ଗୁଣିଆ ଡକାଅ—ଆଜି ଅମୁକ ଖାଇବ କାଲି ତମୁକ ନେବ। ଲକ୍ଷ୍ମୀଛଡ଼ା ଗୁଡ଼ାକୁ ଜନ୍ମ ଦେଇ ତ ବାପ ମା'ମାନେ ସବୁ ଗୁଣରୁ ହାନି ଛଡ଼େଇ ଦେଇ ଥାଆନ୍ତି; ତାଙ୍କୁ ପାଳ ପୋଷି ବଡ଼ କରୁ କରୁ ଅମୁହଁରୁ ଅଧେ



ଶେଷ। ବଡ଼ ହେଲେ ତାଙ୍କ ପାଇଁ ମାଷ୍ଟରଟିଏ ରଖ ଅଡ଼ ଗୁରୁ ବାଲମା ଖାଇ ଅମୁକ ପଢ଼ା। ହେଲେ ବା ଏଣ ଖ.ଠ୍ଥ.ଠ ଦେଇ ନାଆଁ ଅର୍ଜିଲେ, ତାହା, ବାହୁଘାଟଗୁଡ଼ାକ ଧାଅଁଶୁଣଙ୍କ ଘର ବାଉ ଓଳ ସୁଣ୍ଣି ଡ଼ିଗ୍ରୀ ବଜାଉଥିବେ—ଅଜ ଫୁଟବଲ, କାଲି କୁଣ୍ଡ—ଦଳସଙ୍ଗ ବେଳରୁଳ ମାଡ଼ ମସମସ ଚେକଣ ସଣ୍ଢା ହେଁ ହେଁ ନେଁ ଦେଁ ଧାଇଁ ଧପଡ଼ ଦୌଡ଼ ବଢ଼ ଲଗିଥିବ—ଲଫଙ୍ଗା ଗୁଡ଼ାକ ସାଠ ଡେଙ୍ଗେନ—ଏଥିରୁ ଖାଲି ଯାତ୍ରା ଦେଖିବେ ଶିଖନ୍ତି। କେତେକ ଟୋକା ବାପ ଉପାର୍ଜନ ଧ୍ୱଂସ କରୁଥିବେ—ତାଙ୍କ ଚିନ୍ତା କଣ, ତାଙ୍କ ଶରୀର ତାଙ୍କ ବାଇସ୍କୋପ ଦେଖା—ଛିଃ ଭଡ଼'ସଙ୍କ ପାନ୍ଥ ଖାଲି ମାଟି ମାନ ଘରେ ଦେଇ ବେଶ ହେବ ଖାଲି ପଡ଼ିଶା ଲୋକଙ୍କ ଘରରେ ଅଣ ମିଶିବା ମାତ୍ର ଫେରେମ କର ବାପ ଅଭା ଦୌଡ଼ ପୁଅଙ୍କ ମୁହଁରେ ମେଞ୍ଚାଏ ମେଞ୍ଚାଏ କାଳ ବୋଲୁଥିବେ ଖେଇ ଖେଇ। ଏମିତିଆ ପୁଅଟିଏ ଜନ୍ମିଲେ ମନେ ହେଉଥିବ ଏ କୁଳାଙ୍ଗାର ଜନ୍ମ ନ ହୋଇଥିଲେ ଭଲ ହୋଇ ଥାଆନ୍ତା—ଏମିତିଆ ଲୋକଟିଏ ଅନ୍ଧଶାଳରୁ ଲଣ୍ଡ ଖୋଇ ଦେବ ମୋତ ମାଲ ପକେଇଲେ ଯାଇ ଯାଉଥାନ୍ତା।

ବୁଝିଲେକି, କଥାଟା ଉପହାସ କରି ଭାବରେ ନ ନେଇ ଟିକିଏ ଗମ୍ଭୀର ଭାବରେ ବିଚାର କରନ୍ତୁ। ଅନେକ ଯେ ମୁଣ୍ଡଝାଳ ତୁଣ୍ଡରେ ମାର ଖାଇ ଖଟି, ଦେଶର ଉପାସରେ ପେଟକୁ ନ ଖାଇ, ଅଣ୍ଟାକୁ ନ ପିନ୍ଧି ସେଗୁଡ଼ାକୁ ଏତିକିରୁ ଏତେ ଟିଏ କରୁ, ପରିଣାମରେ କଣ ହୁଏ? ମୁଁ ଏ କ୍ଷେତ୍ରରେ କହୁଛି ବାପଙ୍କ ଆଗରେ କଥାଭୁଲା ହୋଇଛି। ପୁଅ କଥା ପଡ଼ିଲେ ଏଏ କହେ, "ଭଉନା, ଅବଯାଏ ଦୁଧ କଦଳୀ ଦେଇ ସାପ ଟୁଅଟିଏ ପାଳୁଥିଲି।" ଏଏ କହେ, "ଭଉନା, ମୁଁ ବସ୍ତୁ ନଥିଲି ଟୁଅଟା ଦ ପରେ କେଉଁଠି ହୁଏ, ପିଲାଟା ବଟିଲା ଗଲା।" ଏଏ କହେ, "ଭଉନା, ପିଲାଟା ମାଇପ କଥାରେ ପଡ଼ି ଆମର ହୋଇ ରହିଲା ନାହିଁ ମା ହୋଇକରି ଅନେକ ହେଲି ସାତ ପରଠାରୁ ହୀନ।" ଇତ୍ୟାଦି ଇତ୍ୟାଦି।

ଏତେ ସବୁ ଜାଣିଲେ ଏମିତି ନୁହନ୍ତି। କୋଉଠାରେ କୋଉଟିଏ ଭଲଆ ତାଙ୍କ ଭିତରୁ ଅକାଳେ ସକାଳେ ଏମିତି ଗୋଟିଏ ଫୁଲ ଫୁଟେ। ତାହାରୁ ପଚିନ୍ତି ଯିଏଟି ବାପ ମାଙ୍କ ମୁହଁ ଉଜ୍ଜ୍ୱଳ କରନ୍ତି। ଦେଶର ମୁହଁ ଉଜ୍ଜ୍ୱଳ କରନ୍ତି। ମୁଁ ଏମିତି ଗୋଟିଏ ବାଳକଙ୍କ କଥା ଆଜି ଆପଣମାନଙ୍କୁ କହିବାକୁ ଯାଉଛି—ତାଙ୍କ ନାଆଁ ଶ୍ରୀମାନ୍ ଗୋପାଳଚନ୍ଦ୍ର ମହାପାତ୍ର। ଆମର ଓଡ଼ିଆ ପିଲାଟିଏ, ଏଇ ଓଡ଼ିଶା ମାଟିରେ ତାଙ୍କର ଜନ୍ମ। ଆପଣମାନେ ଯଦିଓ ଏପର୍ଯ୍ୟନ୍ତ ତାଙ୍କ ସହିତ ପରିଚିତ ହୋଇ ନାହାନ୍ତି, ମୋର ବିଶ୍ୱାସ ତାଙ୍କ କଥା ଶୁଣିଲେ ଆପଣ ତାଙ୍କୁ ଭଲ ନ ପାଇ ରହି ପାରିବେନି। ତାଙ୍କ କଥା ଲେଖି ବସିଲେ ସାତ ସାତ ପାହିଯିବ, ଲେଖା ସରିବନି। ମୁଁ ସେଇଥିପାଇଁ କେବଳ ସଂକ୍ଷେପରେ ତାଙ୍କର ଗୁଣାବଳୀର ପରି-ଚୟ ଦେଇ ଦେବାକୁ ଚାହେଁ।

ଆମ ଗ୍ରାମ ପର ଗାଁଟିଏ ସାଧାରଣ ଓଡ଼ିଆ ପରିବାରରେ ଗୋପାଳଙ୍କର ଜନ୍ମ। ପିଲାଦିନରୁ ବଡ଼ ହେବା ଯାଏ ଗୋପାଳ

Digitized by srujanika@gmail.com

ମୁହଁରେ କେହି କେବେ ହେଲେ ବାଧା ଦେଇନାହିଁ । ସବୁବେଳେ ହସ ଖୁସି—ଏପରିକି ଅନୁଷ୍ଠାନରେ ବି ସେ ବାହାର । ଗୋପାଳ ଚନ୍ଦନ ଭଳି ବଡ ହେଲା । ଏମିତି ଲକ୍ଷ୍ମୀମନ୍ତ ପିଲା । ମା'ର ସ୍ନେହରେ ଘରର ଧନରୁ ଧନ ଦୌଲତରେ ଘର ପୂର୍ଣ୍ଣ ରହିଲା । ପିଲାଦିନରେ ଗୋପାଳକୁ ଦେଖିବାକୁ ଭାରି ସୁନ୍ଦର ହୋଇଥାଏ । ଥାଇଲ୍ ଥାଇଲ୍ ହୋଇ ଗୋଲଗାଲର ଗୁଲୁଗୁଲିଆ ଦେହ ଭରିଥା । ମୁହଁରେ ହସ ଲାଗିଥା ତାର—ଯିଏ ଦେଖେ ଟିକେ ଚାହିଁରହେ ! ତାକୁ ବାହାରେ ଯେତେବେଳେ ସେପଟ ବୁଲାଇ ନେଉଥିଲେ ବୁଲେଇ ନିଏ, ଯିଏ ଦେଖେ ସେଇ ଅନାଏ—ଦେଖଣାହାରଙ୍କ ମୁହଁରୁ ଅଜାଣତରେ ବାହାରି ପଡ଼େ—"ଆହା କି ସୁନ୍ଦର କଅଁଳିଆ ଗୁଲୁଗୁଲିଆ ପିଲାଟି !" ସାଇପଡିଶା ସବୁ ବାହାରୁ ପିଲାଙ୍କ ମାଆମାନେ ଗୋପାଳର ବାପ ମାଆଙ୍କୁ ଈର୍ଷା କରନ୍ତି—ନିଜ ପିଲାଙ୍କୁ ଗୋପାଳକୁ ଦେଖେଇ କହନ୍ତି, "ଦେଖ ସେ ବି ତ ଗୋଟାଏ ପିଲା, ତାକୁ ଦେଖ, ଆଉ ତମେ ନଇଁଲା ମୁଣ୍ଡିଆ ହୋଇଛ ଖାଲି ପ୍ରାଣ ଖାଉଛ !"

ଗୋପାଳ ବଡ଼ ହୋଇ ପାଠ ପଢ଼ିଲା—ଏମିତି ପିଲା ସବୁଥିରେ ହେଲା ପାସ୍—କୌଣସି କଥାରେ ତାକୁ ହାରି ପିବାକୁ ଆଉ କେହି ନାହାନ୍ତି । ରୂପ ଭଲ, ଗୁଣ ଭଲ, ସ୍ପୋର୍ଟସ୍ ଭଲ, ପାଠ ଭଲ, ସବୁ କଥାରେ ସମସ୍ତେ ତା ତଳେ—ସେଥିର ମେଡାଲ ଦେଖିବେ କେତେ, ପ୍ରାଇଜ୍ ଦେଖିବେ କେତେ, କପ୍ ଦେଖିବେ କେତେ ! ଫର୍ଷ୍ଟ ବର୍ଷ ସ୍କଲାରସିପ୍ ତ ଥିଲା । ଆଉ ଏମିତି ସରଳ ପିଲାଙ୍କ ବଦମାସି କଣ ଜାଣେନା । (ଅବଶ୍ୟ 'ବଦମାସି'ର ଅର୍ଥ କଣ ଜାଣେ କାରଣ ଡିକ୍ସନାରୀ ତାର ମୁଖସ୍ଥ) ଗପ ବୋଲି ତାର କିଛି ନାହିଁ । ଲଢ଼ାପଢ଼ା, ଝିଅଟିଏ ସବୁଥିରେ ଯାହା ହେଲେ ଅଛି । ତାପ ମା ସବୁତକଙ୍କୁ ଏମିତି ଭକ୍ତ ! ସାଙ୍ଗ ପିଲାଙ୍କ ଭିତରେ ଏମିତି ମିଳାପି ! ଗରିବ ଦୁଃଖୀ ରଙ୍କଙ୍କ ପ୍ରତି ଏମିତି ଗୋଟାଏ ଦୟା ଦେଖି ପାରିବେନି କାହାର ପାଖରେ । ତା ଗୁଣ ମୁଁ କେତେ କହିବି !

ବି: ଏ:, ଏମ୍: ଏ: ସବୁ ପାସ କଲା—ଖାଲି କଲେଜ ପାଠ ନୁହେଁ—ଏମିତି ପାଠ ନାହିଁ ଯାହା ସିଏ ଜାଣିନି—ମେଡ଼ିସିନ୍ ବିଦ୍ୟା, ଇଞ୍ଜିନିୟରିଂ ବିଦ୍ୟା, ସାଇକୋଲୋଜି ବିଦ୍ୟା, ସଂସ୍କୃତ ବିଦ୍ୟା, ମାନେ ସବୁ ବିଦ୍ୟା ଯାହା କହିଲେ ଗୋଷ୍ଠାଏ ହୋଇଯିବେ, ସାଇବେଲ ହେଉଛି ଛୋଟ ପକେଟବୁକ୍ ପାଇଲେ ବହିଯିବେ । ଆପଣ ଏସବୁ ଶୁଣିଲେ ହୁଏତ ବିଶ୍ୱାସ କରିବେନି, କିନ୍ତୁ ପ୍ରକୃତରେ ବାସ୍ତବ ସମସ୍ତ ବିଷୟରେ ନମ୍ବରଠାରୁ ମଧ୍ୟ ଅଣ୍ଡର୍‌ଷ୍ଟାଣ୍ଡିଙ୍ଗ ହୋଇଥାଏ ।

ତାପରେ ଗୋପାଳ ବିଲାତ ଗଲେ—ଆମେରିକା, ରୁଷ, ଇଂଲଣ୍ଡ, ଫ୍ରାନ୍ସ, ଜାପାନ ସବୁ ଦେଶରେ ବୁଲି ଆସିଲେ । ଏତେ ଦେଶରେ ତାଙ୍କର ଯେଉଁ ଆଦର ଓ ଯେଉଁଭଳି ସ୍ୱାଗତ ହୋଇଥିଲା ଖବରକାଗଜରେ ତାହା ଛପିଲେ ବି ଶେଷ ହେବନି । ସବୁଠି ପ୍ରଶଂସା, ସବୁଠି ଆଦର, ସବୁଠି ଅଭ୍ୟର୍ଥନା । ଯେଉଁଠି ଗଲେ ଲୋକମାନେ ତାଙ୍କୁ ଘେରିଗଲେ—ନାଁ ନାଁରେ ଖବରକାଗଜ ପୁରି ଉଠିଲା ।

ଫେରିଲେ ଯେତେବେଳେ, ଦେଶରେ ସମ୍ମାନ ପାଇବା ସଙ୍ଗେ ସଙ୍ଗେ ବଡ଼ ବଡ଼ କାର୍ଯ୍ୟରେ ନିଯୁକ୍ତ ହେବା ଉଚିତ ଥିଲା କିନ୍ତୁ ଗୋପାଳ ତାଙ୍କର ସ୍ୱାଭାବିକ ସଦ୍‌ଗୁଣ ବଳରେ ଦେଶ ସେବାରେ ମନ ଦେଲେ । ବାପ ମା ପୁଅର ଭବିଷ୍ୟତ ଚିନ୍ତା କରି କହିଲେ ଗୋପାଳକୁ ବାହା ହେବାକୁ—ଅମ ଚାହିଁ ରହିଲେ । ବାସ୍ତବିକ ଏପର୍ଯ୍ୟନ୍ତ ଓଡ଼ିଶାରେ, କେବଳ ଓଡ଼ିଶାରେ ନୁହେଁ ଭାରତରେ ଗୋପାଳଚନ୍ଦ୍ରଙ୍କ ପରି ରୂପବାନ, ଗୁଣବାନ୍, ମେଧାବୀ, ଚରିତ୍ରବାନ, ପରିଶ୍ରମୀ, କଷ୍ଟସହିଷ୍ଣୁ, ଦାନୀ, ନିଃସ୍ୱାର୍ଥପର ପ୍ରଭୃତି ସମସ୍ତ ସଦ୍‌ଗୁଣ ସମ୍ପନ୍ନ ବାଳକଟିଏ ଜନ୍ମ ହୋଇ ନାହିଁ । କେଉଁଠୁ ଆଉ ଅତନୁ ଧନୀ ଝିଅଟି—ଓଡ଼ିଆ ଜାତି ଧନ୍ୟ ହୋଇଛି । ତାଙ୍କ ପରି ଆଉ କେହି ଓଡ଼ିଆର ଗର୍ବ ଅନୁଭବ କରିବାର କଥା ।

ସମସ୍ତଙ୍କ ଅପେକ୍ଷା ମୁଁ ଅଧିକ ଗର୍ବ ଅନୁଭବ କରୁଛି କାରଣ ତାଙ୍କୁ ଜାଣିଥିବା ସହିତ ପରିଚୟ କରିବାର ସୁଯୋଗ ମୋତେ ମିଳିଛି କୋଉ କେବଳ ନୁହେଁ, ଏଇ ସୁଯୋଗ୍ୟ ଶ୍ରୀମାନ୍ ଗୋପାଳଚନ୍ଦ୍ରଙ୍କର ପିତା ହେବାର ସୌଭାଗ୍ୟ ଲାଭ କରିଛି ମୁଁ । ବାପ ମୁହଁରେ ପୁଅର ପ୍ରଶଂସା ବା ପୁଅର କୃତିତ୍ୱର ଚିନ୍ତା କହିବା ଅଶୋଭନୀୟ ହେଲେ ମଧ୍ୟ ଏବଂ ଆପଣମାନେ ଶୁଣିବାରେ ଅରୁଚି ନଥିଲେ ମଧ୍ୟ, କଲ୍ୟାଣୀୟ ଗୋପାଳ ପାଇଁ ମୁଁ ମୋର ମନର ଆନନ୍ଦ ରଖି ରଖି ପାରୁନ । ଆପଣମାନେ ଯାହା ଭାବନ୍ତୁ ପଛକେ ବାପ ମାଆଙ୍କୁ ଯାହା କେହି ଖୁସି ଦେଇଥାଏ ବୋଲି କହିବି, ସେତେବେଳେ ସିଏ—ଆମ ଗୋପାଳ । ପିଲାଟି ଦିନରୁ ତାର ଗୋଟିଏ ଗୋଟିଏ ଗୁଣ ଆମ ବାପା ମାଆଙ୍କ ଜୀବନ ମଧୁମୟ କରି ଦେଇଛି । ପୂର୍ବରୁ କହିଛି ଏପର୍ଯ୍ୟନ୍ତ ଗୋପାଳ ଭଳି ବାଳକଟିଏ ଜନ୍ମ ହୋଇନାହିଁ; ସତ କହିବାକୁ ଗଲେ ଏପର୍ଯ୍ୟନ୍ତ ଗୋପାଳ ମଧ୍ୟ ଜନ୍ମ ହୋଇନାହିଁ—ସେତେବେଳେ ମୋର ଭାବୀପୁତ୍ର ଅଜନ୍ମା ଗୋପାଳ ସମସ୍ତ ସଦ୍‌ଗୁଣର ଅଧିକାରୀ ହେବ ବୋଲି ମୋର ଦୃଢ଼ ଆଶା—କାରଣ ତା ନହେଲେ ଦୁଧ କଦଳୀ ଦେଇ ସର୍ପଶାବକ ପାଳନ କରିବା ମୋ ପକ୍ଷରେ ସମ୍ଭବପର ହେବନାହିଁ । ଆପଣମାନଙ୍କ ମଧ୍ୟରୁ ଅନେକେ ହୁଏତ ମନେ ପକାଇ ପାରନ୍ତି ମୁଁ ମୋର ପୁଅର ନାମ ଏମିତି ପୁରୁଣା ସେକେଲିଆ ରଖିଲି କାହିଁକି ? ମୁଁ ନିଜକୁ ସେମିତି ବାଣ୍ଟି ରମେଶ, ଦିନେଶ, ସୁରେଶ, ମୃଣାଳ, ସୌରଭ, କମଳ ପ୍ରଭୃତି କେତେ ଆଧୁନିକ ସୁନ୍ଦର ନାଁ ରଖିଥିଲେ କଣ ହୋଇ ନଥାନ୍ତା ? ଅବଶ୍ୟ ହୋଇ ଥାନ୍ତା, ମୁଁ ମାନୁଛି, କମଳ କାହିଁକି କମଳ, ଦିଗ୍ବଳ, ଫୁଲମାଳ ଯାହାକିଛି ରଖିଲେ ହୁଅନ୍ତା, କିନ୍ତୁ ହେବନି ତା ହେବା ସମ୍ଭବ ନୁହେଁ । କାରଣ ମୁଁ ଏପର୍ଯ୍ୟନ୍ତ ବାପକୁ ବାପା ଡାକିନି, ମୋର ମୂଳରୁ ମାଇପ ନାହିଁ । ମୂଳରୁ ମାଇପ ନଥିଲେ ପୁଅ ନାଁ ଗୋପାଳଅ ନ ଦେଇ ଆଉ କଣ ଦେବା ଆପଣମାନେ କେବେ ଶୁଣିଛନ୍ତି କି ?

—※—

Digitized by srujanika@gmail.com

କବିତା—

# ମାଟିଆବୁରୁଜର ଜହ୍ନ

ସଚ୍ଚିଦାନନ୍ଦ ରାଉତରାୟ

ମାଟିଆବୁରୁଜର ମଇଳା ଆକାଶରେ
ଜହ୍ନ ଉଠିଛି ।
ଛୋଟ ଛୋଟ ଅଲୁଅର ଗାର
ଚାରିଆଡ଼େ ଖେଳେ ।

ଜହ୍ନ ଉଠିଛି, ଆହା ଉଠୁ, ଉଠୁ ।
ପଦ୍ମ ଫୁଟୁ
ଏଇ ଅନ୍ଧାରେ ।

ମୋ ମନରେ ବି କେତେ କେତେ
ଜହ୍ନ ଉଠେ,
ସୂର୍ଯ୍ୟ ଫୁଟେ ।
ମୁଁ ବି କବିତା ଲେଖେ
ସ୍ୱପ୍ନ ଦେଖେ,
ଛନ୍ଦ-ଶିଖୀ ପୁଚ୍ଛ ଟେକି,
ନାଚେ ।
ମୋ ମନର ପାହାଡେ ପାହାଡେ
ଉଦୟର ପାଦ-ଚିହ୍ନ ଫୁଟେ ।

କିନ୍ତୁ ତା'ପରେ ଯେତେବେଳେ ଅତିବେଗେ ଛୁଟେ
ଝଡ଼ର ଇଗଲ—
ତାନ୍ତ୍ରିକ ପାଗଳ
ଅନ୍ତ ଆକାଶର ମର୍ମସ୍ଥଳୁ ଉଠେ ହାହାକାର ।

ଶୁକ-ତାରା ଲିଭିଯାଏ,
ରାତି ପାଏ—କିନ୍ତୁ ସକାଳ ହୁଏ ନା ।
ସ୍ୱପ୍ନର ଯୋଜନା
ହୁଏନାହିଁ ବାସ୍ତବରେ ମୋଟେଇ ତର୍ଜମା ।
କଳ୍ପନାର ଫିନ୍ ଫିନ୍ ରଙ୍ଗୀନ୍ ଦଲିଲ
ହୋଇଯାଏ ବେଶୀ ଝିଲମିଲ୍ ।

ଦେହର ଜିହ୍ୱା
ସଂକୀର୍ଣ୍ଣ ଏବଂ ଅପରିଚ୍ଛନ୍ନ
ମେଘର ଉହାଡ଼େ ଢଳି ମରେ ।
ଆମ ମଣିଷକୁ ମୁଁ ଅଦମ ତୁଷାରବନର
ଜାନୋୟାର ସାଙ୍ଗରେ
ତୁଳନା କରେ ।

ଭାବେ, ଆମେ କଣ ସଭ୍ୟତର
ଶ୍ୱାପଦଙ୍କ ଠାରୁ ?
ଆମଠାରୁ ସେ ଅଧିକ ବର୍ବର,
ହୋଇପାରେ ବି ଅତ୍ୟନ୍ତ ନଖର,
ଅଙ୍ଗର କର୍କଶ, ରୁକ୍ଷ, ଅଥଚ ଲୋମଶ,
କିନ୍ତୁ ଢେର ଢେର ପରିଚ୍ଛନ୍ନ ସେମାନେ ଆମଠୁ,
ଯେହେତୁ ସେମାନଙ୍କ କଣ୍ଠୁ—
ଝରେ ନାହିଁ ଅମୁକ, ଅମୁକ 'ବାଦ' ।

ଜୀବନର ସ୍ୱାଧୀନ ଆନନ୍ଦର ସ୍ୱାଦ
ସେମାନଙ୍କର ରକ୍ତଗତ ।
ସେମାନେ ନୁହନ୍ତି ହିନ୍ଦୁ କିମ୍ବା ମୁସଲମାନ,
ଧର୍ମ ସେମାନଙ୍କର ଏକାଠି ରହିବା,
କିମ୍ବା ଲଢ଼େଇ କରିବା—
ପ୍ରେମ ପାଇଁ—ଖାଦ୍ୟ ପାଇଁ,
କିମ୍ବା ଏଇ କଳ୍ପିତ ଧର୍ମ ଛଡ଼ା ବାକୀ ସବୁ କିଛି ପାଇଁ ।
ଜୀବନର ଉନ୍ମୁକ୍ତ ଇସ୍ତାହାରରେ
ସେମାନଙ୍କର ଦସ୍ତଖତ
କେବଳ ଜୀବନ ପାଇଁ ।

ଏଇ ମାଟିଅବୁରୁଜ—
ଅସଂଖ୍ୟ କାରଖାନାର ଚିମନି ଧୂଆଁରେ
ମଣିଷ ଯେଉଁଠି ପାଏନା ରକ୍ଷା,

Digitized by srujanika@gmail.com

ଲକ୍ଷ ଚନ୍ଦ୍ରର ପ୍ଲାବର ମୁର୍ଚ୍ଛନା
ଝୁଲେ ଯେଉଁ ଗଳିରେ
ନଗରର ପ୍ରକାଶ ହେବାର ସୀମା,
ଏଇ ରାସ୍ତାର ଧାଡ଼ି ଧାଡ଼ି ଟିଣ
ଆଉ ଖପରଲି ଘରେ
ମିଞ୍ଜି ମିଞ୍ଜି ହାବଭେନ ଅଲ୍ଅରେ
ଅସମ୍ଭବ ଦୋକାନୀଙ୍କ ଭିଡ଼ ।

କଂସେଇଖାନାର ଡାହାଣରେ ଏଇ ଶାଢ଼ୋର
ଦୋକାନରେ
ଶହ ଶହ ଗରାହଙ୍କ ଗହଳ ।
କିଏ ପଚାଏ ଛୁରୀ, କିଏ ବଟୀ,
କିଏ ତରୱାଲ ।
ପଥର କେର ଅବିରାମ ଘର୍ଷଣ ଚିତ୍କାର
କାନେ ଆସି ଲାଗେ ।

ବିରକ୍ତ ଲାଗେ ।
ଅସମ୍ଭବ ଅସମ୍ଭବ ଭିଡ଼ ।

ହଠାତ୍ କିନ୍ତୁ ସବୁ ନିର୍ଜନ ହୋଇଗଲା ।
ହଠାତ୍ ହୋଇଗଲା ।
ଜନଶୂନ୍ୟ ଲାଗେ ଜନପଦ,
ଅସଂଖ୍ୟ ଜୀବନର ଭଙ୍ଗା ନୀଡ଼
ଏକାଠିରେ ଝଡ଼ରେ ଗଲା ପଡ଼ି ।
କେହି ପାରିଲେନି ରକ୍ଷା କରି—
କେହି ଜଣେ ହେଲେ ନୁହେଁ ।

ସେଇ ଝାଳ, ଲହୁ, ଲୁହ
କିଏ କାଟିଲା ନାରୀର ସ୍ତନ,
କିଏ ଚାର ପୋନି ଦ୍ୱାରେ ବନ୍ଧ କଲା ଛୁରୀ,
ରାସ୍ତାର ସିମେଣ୍ଟ ଚଲ ଲହୁ ଆଉ ଲହୁରେ ବାନ୍ଧୁର ।
ବିଧର୍ମୀ ନାରୀର ଶବ,
ଶିଶୁ, ବୃଦ୍ଧ, ଯୁବ ଆର୍ତ୍ତରବ
ଗଲା ନାହିଁ ଶୁଣା ।
ଏଇ ଅତ୍ୟନ୍ତ ପୁରୁଣା—
କଥା ପୁଣି ଗଲା ଶୁଣା
ଏ ଯୁଗରେ !

ଦୁଇ ପୃଥକ କାମନା ସ୍ୱାର୍ଥର
ଲଢ଼େଇ ଝଗଡ଼ା—
ଦୁଇ ଧର୍ମର ଛଳ, ଗୁମର ଛଳେ,
ତା'ର ତୋଫାନୀ ହାଓ୍ୱାରେ ସାରା ଦେଶଟା ଜଳେ ।
ଏ ଦେଶର ସାରା ମଣିଷର ଉଜ୍ଜ୍ୱଳ ଖସଡ଼ା
ସବୁ ଗଲା ହଜି, ଗଲା ଉଡ଼ି
ଦକ୍ଷିଣ ହାଓ୍ୱାରେ ମିଳାଇ ଗଲା ପରି
ଚାଳକର ହାଲ୍‌କା ଧୂମ୍ର ।
କହ, କହ, ହେଲାଣି ପାହାନ୍ତ ?
ନା ଅଛି ରାତ, ଅଗର ସେ
କାଳାଧୂମ ଅଜଗର ରାତ ?

ଜାଣେ, ଜାଣେ, ଉଦୟର
ହୁଏତ ଏହାହିଁ ଲକ୍ଷଣ ।
କାରଣ
ରାତିର ସକାଳର ପରିଚୟ
ମେଘର ବର୍ଷାର ସମ୍ବୋଧନ ।

Digitized by srujanika@gmail.com

## ମଜାକଥା




# ବୀରର ପ୍ରେମ

ଶ୍ରୀ ସତ୍ୟଗୋପାଳ ନାୟକ

ସକାଳୁ ଉଠି ନିତ୍ୟକର୍ମ ସାରିଲା ବେଳକୁ ଚା'ହାଣ୍ଡିଟା ଥଣ୍ଡା, ପବନଟା ଫୁଲ୍‌ଫୁଲିଆ, ପେଟଟା ପୁରା, ଦିନଟା ଛୁଟି ଆଜି ମନଟା ଖୁସି । ବେଶ ସ୍ତ୍ରୀ' ଉପରେ ମଣିଷ ଆଉ କଣ ଚାହେଁ ! ମିଠା ପାଗରେ କିଏ ଗଣ୍ଡେ ନଭେଲ ଧରି ବସେ କିଏ ବା ଘେଞ୍ଚାଏ ମାରି ଶୁଏ । ମିତ୍ର ଠିକ କରିଥିଲା ନଭେଲଟାଏ ଧରି ବସିବ । ତା ଆଗରୁ ସିଗାରେଟଟାଏ ଲଗାଇ ଝରକା ପାଖେ ଠିଆ ହୋଇ ବାହାରଟା ଉପଭୋଗ କରୁଥାଏ ହଠାତ୍ ତା ନଜର ପଡ଼ିଲା ବୀର ଉପରେ । ସଙ୍ଗେ ସଙ୍ଗେ ମନଟା ବଦଳି ଗଲା ତା'ର । ସେ ଠିକ କଲା ବୀର ଆସିବା ଆଗରୁ ସାଇକେଲଟା ଧରି ପଳେଇବ । କିନ୍ତୁ ସେ ଅସ୍ତ୍ର ଠିକ କରିବା ପୂର୍ବରୁ, ମାନେ ମାଉଁଟା ଗଳେଇ ଘରେ ତାଲା ଦେଇ ସାଇକେଲ ଧରି ବାହାରିବା ଆଗରୁ ବୀର ଦୁର୍ଗର ପ୍ରଧାନ ତୋରଣ ଲଙ୍ଘି ଦୁର୍ଗରକ୍ଷୀ ସେନାମାନଙ୍କୁ ଏକା-ଥରକେ ଲଣ୍ଡଭଣ୍ଡ କରିଦେଇ କହିଲା "ସେଦିନ କଥା ମନେ ଅଛି ନା ?"

କଣ କହୁଛି ନିଜେ ବୁଝିପାରିବା ଆଗରୁ ମିତ୍ର କାନରେ ପଡ଼ିଲା ସେ କହୁଛି "କେଉଁ ଦିନ କଥା ?" କହି ପକେଇ ମିତ୍ର ସଙ୍ଗେ ସଙ୍ଗେ ବୁଝି ପାରିଲା ତାର ଆଉ ଉପାୟ ନାହିଁ, ବୀର ସଙ୍ଗେ ଏମିତିଆ ସକାଳଟାରେ କଥା ହେବାର ଯାତନା ସହିବାକୁ ହେବ । 'ଚାଲ ବାଟରେ ଯାଉଁ ଯାଉଁ କଥା ହେବା' କହିଥିଲେକି ଅହୁଅ ଛୁଟି ଯାଇଥାନ୍ତା ! ଭୁଲଟା କରି ପକେଇଛି । ତାର ଫଳ ଭୋଗିବାକୁ ହେବ । ମିତ୍ର ବସି ପଡ଼ିଲା, ବୀର ସେତେବେଳକୁ ନିଜର ଖଟ ଉପରେ ଲମ୍ବା ହୋଇ ସାରିଲାଣି ।

ବୀର—ସେଦିନ ସିନେମାରେ ଉର୍ବଶୀ ସିଟ୍‌ରେ ତୋତେ ଦେଖେଇ ଦେଇ ନଥିଲି ?

ମିତ୍ର—ଓ !!! ସେ ଟୋକୀଟା ?

ବୀର—ଛି ମିତ୍ର ! ତୋର କଣ ଭଦ୍ରତା'ଜ୍ଞାନ ନାହିଁ ? ଜଣେ ଭଦ୍ରଲୋକର ଝିଅକୁ—

ମିତ୍ର—ଜଣେ ଭଦ୍ରଲୋକର ଝିଅ କଣ ଟୋକୀ ନୁହେଁ ?

ବୀର—ମୁଁ ସ୍ତ୍ରୀ'ଙ୍କ କଥା କହୁଛି ନା ? ଓଏ ଦେଖ—ସାକ୍ଷାତ ଦେବ କନ୍ୟା ।

ମିତ୍ର—ଅଚ୍ଛା । ମାନିଲି—ଭୁଲ ହୋଇଗଲା । ସେ ଦେବୀ—ଦାନବୀ କି ଯାହା କିଛି ହେଉ ସେଥିରେ ମୋର କଣ ଯାଏ ଆସେ ତୋର ବା କି ସମ୍ପର୍କ ଅଛି ତାଙ୍କ ସଙ୍ଗେ ?

ବୀର—ସେଇ କଥା କହିବା ପାଇଁ ତ ଏତେ ସକାଳୁ ତୋ ପାଖକୁ ଧାଇଁ ଆସିଛି ।

ମିତ୍ର—ଓ !!! ଏଇ କଥା । ମୁଁ ଭାବିଲି ଶୁଣିବି । ( ଉଠି ଠିଆ ହେଲା । ) ସତେ ଯେମିତି ସଙ୍ଗେ ସଙ୍ଗେ ବାହାରି ଯିବ । )

ବୀର—ଏ ମିତ୍ର—

ମିତ୍ର—ନା ଭାଇ ମୁଁ ଯାଉଛି । ଏମିତି ସକାଳଟାରେ କିଏ ଦେବୀ କିଏ ଦାନବୀ ଏ କଥା ଗବେଷଣା କରିବାର ଇଚ୍ଛା ମୋର ଆଦୌ ନାହିଁ । ଅନ୍ୟ କଥା ଥିଲେ କହ ଶୁଣିପାରେ ।

ବୀର—ଭାରିଟା ପର ! ଏତେ ବିପଦରେ ପଡ଼ି ମୁଁ ତୋ ପାଖକୁ ପରାମର୍ଶ ନେବା ପାଇଁ ଆସିଛି ଆଉ ତୁ ପଳାଉଛୁ ?

ମିତ୍ର—କଣ କରିବି ଭାଇ ମୋର ଜରୁରୀ କାମ ଅଛି । ଆଜି ନ କଲେ—

ବୀର—ହଠାତ ଏମିତି ଜରୁରୀ କାମ କଣ ମନେ ପଡ଼ିଲା ? କାହିଁ ମୁଁ ଆସିଲାବେଳେ—

ମିତ୍ର—ସେତେବେଳେ ନ ଥିଲେ ଅବା ମନେ ପଡ଼ିବାରେ କଣ ମନା ଅଛି ?

ବୀର—ବୁଝିଲି ଫାଙ୍କି ଦେବାକୁ ଚେଷ୍ଟା କରୁଛୁ ।

ମିତ୍ର—ତୋ ବାଜେ କଥା କିଏ ଶୁଣିବ କହିଲୁ ? ମୋର ସମୟ ନାହିଁ ।

ବୀର—ହଉରେ !! ତୁ ନା ମୋର ବନ୍ଧୁ ? କହୁଛି ବିପଦରେ ପଡ଼ି ତୋ ପାଖକୁ ଆସିଛି ସାହାଯ୍ୟ ପାଇଁ । ମୋ କଥାଟା ବଡ଼ ହେଲା ନାହିଁ ତୋ ଜରୁରୀ କାମଟା ବଡ଼ ହେଲା ? ଖାଲି ବାହାନା କରି ପଳେଇବାର ଚେଷ୍ଟା !

ମିତ୍ର—ହଉ ହଉ କଣ କହିବୁ ଜଲଦି କହ !

ବୀର—ଶୁଣ ମୁଁ ତାଙ୍କ ପ୍ରେମରେ ପଡ଼ିଛି ।

ମିତ୍ର—କି ସର୍ବନାଶ !!! ଫେର !! ଏତେ ଜଲଦି ? ହଉରେ ଲତା ମାମଲାଟା ଛିଡ଼ିବାର ଏଇ ଆଠ ଦିନ ହୋଇନି ପରା ? ଆଉ ଏଇ ଭିତରେ—?

ବୀର—ଆରେ ଯାଃ ! ସେଟା କି ଗୋଟାଏ ଥିଲା ? ସେ ଥିଲା

Digitized by srujanika@gmail.com

ଏଏ ? ତାହା ସଙ୍ଗେ ତାହାର ତୁଳନା କରୁଛୁ ? ସେ ମୂର୍ତ୍ତିମନ୍ତ ଘୃଣା ଓ ଏଏ ପ୍ରେମର ଲାବଣ୍ୟମୟୀ ପ୍ରତିମା । ଏଏ ମୋ ମନ ସାହାରାରେ ପ୍ରେମର ମନ୍ଦାକିନୀଧାର । ଆଉ ଲତା ? ତୁଷାର ଶୁଭ୍ର ! ସ୍ୱର୍ଗ ସ୍ନିଗ୍ଧ ପ୍ରେମର ଉଜ୍ଜଳ ଅନେକ ସମ୍ଭାର ମାନେ—ବେଣୁ ସମ୍ପଦ । ଏଏ ଦେବତାର ଆଶୀର୍ବାଦ ଓ ଲତା ଦୁଃସ୍ୱପ୍ନ—ଅଭିଶାପ ।

ନୀତ—ଥାଉ ଥାଉ ବୁଝିଲିଣି ।

ଗୀର—ରହ ! ଶେଷ କରିଦେ । ଲତା ମରୁଭୂମି ଓ ଏଏ ମରୁଦ୍ୱୀପ । ଲତା ଉଦ୍ଧ୍ୟା ସମୁଦ୍ରର ଧୋଇଆ ଅଞ୍ଚଳ ଓ ଏଏ ଅଶ୍ରୁ ବାଦା ଭେଲ ଦଳ । ଏଏ ଅଶା ଓ ଲତା ନ—           ।

ନୀତ—ତୁ କାହିଁକି ଏମନ୍ତ ହେଉଛୁ ଶୁଣେ ? ଥର ଥର ହୋଇ ଓଣି ଓଣି ପଦ୍ମପତ୍ରର ପ୍ରେମରେ ପଡିଲୁଣି । ବାଘ ହେବାର ଏତେ ମନ ଯେବେ ତାହୁ ସୀତା ସମ ବହୁ ଅଷ୍ଟରୁପ ବାଘମୁଣ୍ଡରେ କୂଳପଡ଼ ।

ଗୀର—ତାମ୍ଭ୍ରଃ କଣ ତୁଣ୍ଟ ? କଣ କହୁଛୁ ତୁ ?

ନୀତ—ମୋ ମତରେ ହିଁ ! ତୋର ସାହସ ନାହିଁ ତ ମୁଁ ତୋ ବାପାଙ୍କ ପାଖକୁ ଚିଠି ଲେଖୁଛି । ସେ ସବୁ ବନ୍ଦୋବସ୍ତ କରିଦେବେ ।

ଗୀର—ନା ଭାଇ ନା । ସେ ଉଲଟ୍ କୁଲଟ୍ ଦେଖିଁ ଦୁଇଟା ଯୁଦ୍ଧରେ ଦେବେ । ସେମନ୍ତ ବାଘ ହେବା ଅପେକ୍ଷା ଆତ୍ମହତ୍ୟା କରିବା ଢେର ଭଲ ।

ନୀତ—ପ୍ରେମ କଣ୍ଟକାକୀର୍ଣ୍ଣ ପଦ୍ମପତ୍ରର ପରଶ ପାଇଲୁଣି । ପ୍ରେମ କରି ବାଘ ହେବା ତୋ ଦେଇ ହେବ ନାହିଁ । ମୋ କଥା ମାନ୍, ଅପି ବୁଝ—।

ଗୀର—ଏଇଥର ଦେଖ ନେରୁ—ଏଥର ଅଉ—ନା ଏଥର ସବୁ ଠିକ ହୋଇଯିବ । ଏଥର ଯଦି ନ ହୁଏ ତେବେ ନିଶ୍ଚୟ ଜାଣିଥା ଚିରମ କରିବା ଲଢ଼ ଦେବ ।

ନୀତ—ଚଳି ଶନିବାର ଦିନ ଦେଖିଲୁନା ? ଶନିବାର, ରବିବାର ସୋମବାର—ଆଜି ହେଲା ମଙ୍ଗଳବାର ଏଇ ସ୍ୱଳ୍ପ ଦିନ ହୋଇଛି ସ୍ୱାର୍ଥ ଭିତରେ ଏତେଦୂର ?—

ଗୀର—ଏ ଜନମରେ ସିନା ସ୍ୱଳ୍ପଦିନରେ ଭଲ ? ତାର ସଙ୍ଗରେ ମୋର ଜନ୍ମ ଜନ୍ମାନ୍ତରର ପରିଚୟ । ସେ ଜନମରୁ ମୋର କଣ ମନେ ହେଉଛି ଜାଣୁ ? ମୋର ମନେହୁଏ ଯେମିତି ସେ ଥିଲା ଶକୁନ୍ତଳା ମୁଁ ଥିଲି ଦୁଷ୍ମନ୍ତ, ସେ ଥିଲା ଦମୟନ୍ତୀ ମୁଁ ଥିଲି ନଳ, ସେ ଥିଲା ଲବଣୀ ମୁଁ ଥିଲି ପ୍ରଭୁ, ସେ ଥିଲା ଯଶୋଦା ମୁଁ ଥିଲି ଯଶ, ସେ ଥିଲା ଗୌରୀ ମୁଁ ଥିଲି ଦେବାଦି ସେ ଥିଲା ଜୁଲିଏଟ୍ ମୁଁ ଥିଲି ରୋମିଓ ସେ ଥିଲା କ୍ଲିଓପାଟ୍ରା—।

ନୀତ—ତୁ ଥିଲୁ ଏଣ୍ଟନି । ବୁଝିଲିଣି ତାଙ୍କୁ କହି ଆଉ ଦେହେଣୀ ଯୋଡ ବଢ଼ା ନା ।

ଗୀର—ତୋ ଗୋଡ଼ଧରେ ଉଠ୍ ତୁ ଭଲ ମୋତେ ଏତେ ହଇରାଣ କରନା । ସବୁ ଗୋଳମାଳ ହୋଇଯିବ । ଧୀରେ ସୁସ୍ଥେ ମୋତେ କହିବେ ।

ନୀତ—ଝିଅଟିର ନାଁ କଣ ?

ଗୀର—ଜାଣିନି ।

ନୀତ—ବା ଝିଅ ସେ ?

ଗୀର—ତା ବି ଜାଣିନି ।

ନୀତ—ଏଁ !!! ଜାଣିଛି ଏତେ ?

ଗୀର—ହୁଁ । ସେଇଥି ପାଇଁ ତ ତୋ ପରାମର୍ଶ ନେବାକୁ ଆସିଛି ।

ନୀତ—ମୋ ପରାମର୍ଶ ନେବୁ ? ତୋର କଣ ଦରକାର ଜାଣୁ ?

ଗୀର—କହନ୍ତୁ ? ମୁଁ ତ ବାଜି ଲେଖି ଦେଇଛି ।

ନୀତ—ତୋର ଦରକାର ଗୋଟାଏ ଏପଟକେଷ୍ଟସ୍ ର ପୋଷାକ ।

ଗୀର—ଏପଟକେଷ୍ଟସ୍ ର ପୋଷାକ ?

ନୀତ—ନ ହେଲେ ଗୋଟାଏ ରେଫ୍ରିଜେରେଟର ।

ଗୀର—ରେଫ୍ରିଜେରେଟର କଣ ହେବ ?

ନୀତ—ନ ହେଲେ କମସେ କମ ତଳିଦେ ଘଣ୍ଟେ ବରଫ ବରଫ କରିପଡ଼ ଥିବୁ ।

ଗୀର—ତୁ ପରାମର୍ଶ ଦେଉଛୁ ନା ଥଟ୍ଟା କରୁଛୁ କହିଲୁ ? ଦୁଃଖରେ ଏ କଣ ଥଟ୍ଟା କରିବା ବେଳ ? ତୋ ମନରେ କଣ ଟିକିଏ ହେଲେ ଦୟା ମାୟା ନାହିଁ । ଏମନ୍ତ ଗାଉଁଲି କଥା ଗୁଡ଼ାକ କାହିଁକି କହୁଛୁ ଶୁଣେ ?

ନୀତ—ଥଟ୍ଟା କରୁନି କି ଗାଉଁଲି କଥା କହୁନି । ଶୁଣ ଗୀର ! ଗଣିବାର ଭୁଲ ହୋଇଥିଲେ କହି ପାରନ୍ତେ ତେବେ ଏଥର ଭିଜି ତୋର ପ୍ରେମରେ ପଡ଼ିବାର ବୋଧହୁଏ ଏକାଦଶ ଥର ହେଲା । ଶାଢ଼ୀ ପିନ୍ଧା ସବୁ ଦେଖିଲ ମାତ୍ରେ ତୋ ହୃଦୟ ତରଳିଲା । ଆଜିକାଲି ଯେଉଁ ଗରମରେ ତୋ ହୃଦୟଟା ତରଳୁଛି ଚୌଦ ନା ଦଶ ଦିନେ ସୁଅ ହୋଇ ଯିବ, ଆଉ ତୋ ଭିତରଟା ପାଉଁଶ ହୋଇ ଯିବ । ପ୍ରେମର ଗରମରୁ ତୋ ହୃଦୟଟାକୁ ବଞ୍ଚେଇବାକୁ ହେଲେ ଏ କେତୋଟା ଜିନିଷ ଛଡ଼ା ମୁଁ ତ ଆଉ କିଛି ଉପାୟ ଦେଖୁନି । ଗୌରୀଶଙ୍କର ଉପରକୁ ଗଲେ କେବାଣି କିଛି ଲାଭ ହୁଅନ୍ତା । ତେବେ ସେଠାକୁ ଯିବାକୁ ସସ୍ତା ଟିକେଟ ଦ କେଣ୍ଟିଙ୍ଗ ଗାଇଡ୍ ଆଉ ବ ନା ମୁଁ ଜାଣେ ନାହିଁ । ତା ଉପରେ ଯେଉଁ ମା ଗୌରୀଙ୍କର ବାସୀମାନେ ଥିବେ ସେ ବି ଗୋଟାଏ ବିପଦ । ନାଃ ଏ କେତୋଟା ଜିନିଷ ଛଡ଼ା ତୋର ତୋର ଅନ୍ୟ ଉପାୟ କିଛି ନାହିଁ ।

ଗୀର - ତୋର ସବୁବେଳେ ଥଟ୍ଟା ! ପରି କଥା ଭଲ ଏଥର ଅଉ ଥରେ ଭଲ କହୁଛି । ଏଇଟା ଶେଷ । ଏଇ ନ ହେଲେ ତୁ ନିଶ୍ଚୟ ଜାଣିଥା ମୁଁ ଆଉ ବଞ୍ଚିବି ନାହିଁ । ଖାଲି ତୋର ସାହାଯ୍ୟ ପାଇଲେ ହେଲା ।

ନୀତ—ମୁଁ କଣ କରିବ କହିଲୁ ? ଝିଅଟା କିଏ ? ବା ଝିଅ, ଘର କେଉଁଠି, କି ଜାତି, ବୟସ, ବଡ଼ାବଡ଼ି ନା କଥଳା, କଥଳା ଯଦି ତରଳ ନା ଗାଣ୍ଡି ଝଥଡା, ଶିବଠା ନ ଅଦ୍ଧିଶିଠା କିଛି ନ ଜାଣି ଏକାଦଶରେ ପ୍ରେମର ଏକାଦଶ ନମ୍ବର ଝଅରେ ପଡିଗଲୁ । କହୁଛୁ ସେ ନହେଲେ ଆତ୍ମହତ୍ୟା କରିବୁ । ମୁଁ ଏବେ କରିବି କଣ କହିଲୁ ।

ଗୀର—ଏଇ ସବୁ ଖବର ତୁ ଯୋଗାଡ଼ କରିଦେ ।

Digitized by srujanika@gmail.com

ମିତ୍ର—କିଏ ? ମୁଁ ? ଏ ସବୁ ଖବର ମୁଁ ଯୋଗାଡ଼ କରିବି କେମିତି ?

ବୀର—ଅମୃତ ସେଦିନ ଥର୍ଡ଼ ସିଟ୍‌ରେ ବସିଥିଲା । ସେ ବହୁତ ଲୋକଙ୍କୁ ଚିହ୍ନେ । ସେ ଜାଣିଥିବ । ତାକୁ ପଚାର । ସେ ଚେଷ୍ଟାକଲେ ସବୁ ଖବର ଦେଇ ପାରେ ।

ମିତ୍ର—ତୁ ପଚାରୁ ନ ?

ବୀର—ନା ଭାଇ ଥଟ୍ଟା କରି ସେ ମୋ ପ୍ରାଣ ଖାଇଦେବ । ତୁ ତାକୁ ଟିକେ ପଚାର ।

ମିତ୍ର—ମୁଁ ପାରିବି ନ ।

ବୀର—ତୁ ନା ମୋର ବନ୍ଧୁ ?

ମିତ୍ର—ସେଇଟା କଣ ମୋର ଅପରାଧ ?

ବୀର—ଆମେ ନା ପିଲାଦିନୁ ଏକାସଙ୍ଗେ ପଢ଼ି—

ମିତ୍ର—ତୋ ବାପା ଆଉ ମୋ ବାପା ଷଡ଼ଯନ୍ତ୍ର କରିଥିଲେ ଏକା ଦିନରେ ଏକା ସ୍କୁଲରେ ନାଁ ଲେଖେଇ ଦେଲେ ବୋଲି ମୁଁ ତ ଦାୟୀ ନୁହେଁ ।

ବୀର—କି ଆଶ୍ଚର୍ଯ୍ୟ କଥା ? ଷଡ଼ଯନ୍ତ୍ର କରନ୍ତେ କାହିଁକି ? ସେ ହେଉଁ ତାଙ୍କ ପିଲା ଦିନୁ ସାଙ୍ଗ ବୋଲି ସିନା—

ମିତ୍ର—ତାଁ ବୋଲି ସେମାନେ କଣ କହି ଦେଇଥିଲେ ଯେ ତୁ ଅନେକ ଥର ପ୍ରେମ କରି ବୁଲିବୁ ଆଉ ମୁଁ ତୋତେ ପରାମର୍ଶ ଦେଇଥିବି ସାହାଯ୍ୟ କରୁଥିବି ? ସେଥର ତୋରି ପାଇଁ ତ ମାଡ଼ ଖାଇଥିଲି ।

ବୀର—ତୁ ତ ବନ୍ଧୁର କାମ କରୁଛୁ ?

ମିତ୍ର—ଯାହା କରିଛି କରିଛି । ଆଉ ପାରିବି ନାହିଁ ।

ବୀର—ତୋଠୁ ମୁଁ ଏପରି ଆଶା କରି ନଥିଲି ଭାଇ ! ଗଲା ଷୋହଳ ବର୍ଷ ଧରି ଏକା ସଙ୍ଗେ ଏକା କ୍ଲାସରେ ପଢ଼ି ଆସି ଆଜି ମୋର ଏ ବିପଦ ସମୟରେ ତୋତେ—

ମିତ୍ର—ଷୋହଳ ବର୍ଷକାଳ ଏକା ସଙ୍ଗେ ପଢ଼ିଲି ବୋଲି କଣ ଖାଲି ମୋର ଦୋଷ ? ତୋତେ ଫେଲ ହେବାରୁ କିଏ ଅଟକାଇ ଥିଲା ଶୁଣେ ? ବୁଦ୍ଧି ଖଟେଇ ଯଦି ଥରେ ଫେଲ ହୋଇ ଯାଇଥାନ୍ତୁ ତେବେ କେଣ୍ଟ ମାମଲା ଛିଣ୍ଡି ଯାଇଥାନ୍ତା । ଆଜି ମୋତେ ଏତେ ଆଶା କରିବାର ଦରକାର ହୋଇ ନ ଥାନ୍ତା କି ହତାଶ ହେବାକୁ ପଡ଼ି ନ ଥାନ୍ତା ।

ବୀର—ମୁଁ ଯାଉଛି ତେବେ । କିନ୍ତୁ ଜାଣିଥା ମୁଁ ମଲେ ଜାଣିବୁ କେତେ ଭୁଲ କଲୁ ତୁ ଆଜି ।

ମିତ୍ର—ଯା, ଯାଃ !! ଅରେ ! ଅରେ !! ଇଏ ! ଇଏ ! କଣ ସେ ?

ବୀର—କିଛି ନୁହେଁ । ବିଷ ।

ମିତ୍ର—ପାଗଳାମି କରନା । ଦେ, ଦେ ଶିଶିଟା ମୋତେ ଦେ ମୁଁ ନଷ୍ଟ କରିଦେବି ।

ବୀର—ମୋତେ ସାହାଯ୍ୟ କରିବୁ ତ ?

ମିତ୍ର—କରିବି ।

ବୀର—ସତ କହୁଛୁ ?

ମିତ୍ର—ସତ କହୁଛି । ଶିଶିଟା ମତେ ଦେ, ନଷ୍ଟ କରିଦେବି ।

ବୀର—ନେ ତେବେ । ପ୍ରାଣ ରହିଲା ଭାଇ ।

—ଦୁଇ—

( ୨ )

ଦାର୍ଜିଲିଂ

ଭାଇ ମିତ୍ର,

ଅବଶ୍ୟ ମୋ ପାଇଁ ଯାହା କରିଛୁ ତା ଋଣ ମୁଁ ଏ ଜନ୍ମରେ ଶୁଝି ପାରିବି ନାହିଁ । କେମିତି ଜାଣେ ନା କଣ ଭାଇ ତୁ ଦିନକ ଭିତରେ ଖବର ଆଣିଦେଲୁ । ତୋର ପରାମର୍ଶରେ ଆଉ ସାହାଯ୍ୟରେ ମୁଁ ବର୍ତ୍ତମାନ ରାୟ ବାହାଦୁର ରଘୁନାଥ ମିଶ୍ରଙ୍କର ପୁଅର ମାଷ୍ଟର ।

ଏମାନେ ମୋର ପ୍ରକୃତ ପରିଚୟ ଜାଣନ୍ତି ନାହିଁ । ବାପାଙ୍କ ଧାରଣା ମୁଁ ଉତ୍ତର ଭାରତରେ ବୁଲୁଛି ।

ରଘୁନାଥ ବାବୁ ଏକାବେଳକେ ରଘୁନାଥ । ବୀର ରସଟା ତାଙ୍କଠି ଟିକିଏ ବେଶୀ, ଗୁଣ୍ଡା ଚେହେରାର ଲୋକ । ସ୍ୱଭାବ ଗୁଣ ଅନୁସାରେ ରୁଦ୍ରରସ ଟିକିଏ ରସ ବାହାରେ । ମାତ୍ର ୯୫ ର ଧମକଟା ନହାତି ଟିକିଏ କଥାରେ ଦେଇ ପାରିବା ଏହାଙ୍କର ଗୋଟାଏ ବିଶେଷତ୍ୱ । ଏହି ବିଶେଷତ୍ୱଟାକୁ ମୁଁ ଟିକିଏ ଭଲ ନାଁ ଦେଇଛି । ମୁଁ ତାଙ୍କ ପୁଅର ମାଷ୍ଟର କାରଣ ସେ ମୋତେ ସାଧାରଣ ଘରର ପରି ବ୍ୟବହାର କରନ୍ତି । ତାଙ୍କର ପୁରା ପରିଚୟ ମୁଁ ଜାଣେ ନା । ଶୁଣିଛି କୁଆଡ଼େ ଗଲା ଯୁଦ୍ଧରେ କଣ ଗୋଟାଏ ଯୋଗାଣକାର ଥିବା ବେଳେ ଟଙ୍କାର ଗୋଦାମ ହୋଇଛନ୍ତି ଆଉ ସଙ୍ଗେ ସଙ୍ଗେ ରାୟ ବାହାଦୁରଟା ହାସଲ କରିଛନ୍ତି । ପୁରା ପରିଚୟ ଜାଣିବା ପାଇଁ ଥରେ ତାଙ୍କୁ ପଚାରିଥିଲି । ଏବେ କୁହ ଆଉ ଟିକିଏ ରସ ବାହାର କରେ ଯେ ପ୍ରକୃତିସ୍ଥ ହେବାର ବିଶେଷ ଚେଷ୍ଟା ଆଉ କରେ ନା ।

ରାୟ ବାହାଦୁରାଣୀ ଆଉ ପ୍ରଚଣ୍ଡ ଉପରେ । କୌଣସି ସଭ୍ୟତା ଦୋକାନର ଭିତର ଅଳମାରି ଦେଖିଛୁ ତ ! ରାୟବାହାଦୁରାଣୀଙ୍କୁ ଦେଖିଲେ ସେହିପରି ଗୋଟାଏ ବଡ଼ ଅଲମାରି ରୂପେ କଳ୍ପନା କରିହେବ ।

ଝିଅଟା ଏକଦମ୍ ଅଲଗା । ଯେଉଁଦିନ ବରିଷ୍ଠରେ ନାଁ ଓ ବୟସ (ନାଁଟା ଚମତ୍କାର ! ନୁହେଁ ?) ବୁଲୁଥିଲେ । ମୁଁ ଗୋଟେ ବୁଢ଼ା ଅଙ୍କ ଅନରେ ଲୁଚି ତାଙ୍କୁ ଦେଖୁଥିଲି । ଝିଅଟା ଲଜ୍ଜାରେ ଥିଲା ବେଭାରେ ପାର୍କ କରି ଉଠିଲା, "ମା ମାଷ୍ଟର ବାବୁ ଲୁଚିକରି ଆପଣଙ୍କ ଦେଖୁଛନ୍ତି ।" ମୁଁ ଫାଙ୍କରେ ପାଇବା ଆଗରୁ ରାୟବାହାଦୁରାଣୀ ଗୋଟାଏ ଝାଡ଼ୁ ଧରି (ସତରେ ଭାଇ ମାଇକିନା ଝାଡ଼ୁଟା ଧରିବାର ପଦ୍ଧତି ମାତେ ଭଲ ମୁଠାଟା ଏତେ ଭଲ କେମିତି ଯୋଗାଡ଼ କରନ୍ତି ଏ ପର୍ଯ୍ୟନ୍ତ ବୁଝି ପାରିଲି ନାହିଁ ।) ମୋ ଆଡ଼କୁ ଧାଇଁ ଆସିଲେ । ତାଙ୍କୁ ଦେଖି ମୋର କଣ ମନେ ହେଲା ଜାଣୁ ? ମୋର ମନେ ହେଲା ମା କାଳୀ କି ରଣୀ ଦୁର୍ଗାବତୀ ଯୁଦ୍ଧ କଲାବେଳେ ଖଣ୍ଡା ନ ଧରି ଝାଡ଼ୁ ଧରିଥାନ୍ତେ ତେବେ ଠିକ୍ ରାୟବାହାଦୁରାଣୀଙ୍କ ପରି ଦିଶୁଥାନ୍ତେ । ଏମିତି ବାଘ ... ଆଉ କେମିତି ସୁଖ ହେବ କହିଲୁ ?

ଶୁଣିବୁ କାହିଁ ଏ ତାଙ୍କ ... ୯ଥ ନୁହେଁ । ସେ ରାୟବାହାଦୁରଙ୍କ

Digitized by srujanika@gmail.com

ସହର ଛୁଟି । ଉଦ୍‌ଲେବଙ୍କ ସ୍ତ୍ରୀ ମନ୍ଦିରରେ ଛିଥିବା ଚଉଗାର ପାଖରେ ଉଷ୍ଣ ଗ୍ରହଣ ସାର ଘୂରି ବୁଲୁଛନ୍ତି । ଶରତ ବହି ଯାଉଛନ୍ତି ନମି ପାଇଁ ବର ଖୋଜିବାକୁ । ବଗିଚରେ ଛୁଟି ଖୋଇଙ୍କୁ ସବୁ ସମ୍ପତ୍ତି ଦେଇ ବୟସରେ ସନ୍ନ୍ୟାସୀ ହୋଇ ଯିବେ । ଉଦ୍‌ଲେବ ସଙ୍ଗେ ମୋର ଏ ପର୍ଯ୍ୟନ୍ତ ଦେଖା ହୋଇନାହିଁ ।

ନମି ! କିଏ ଚମତ୍କାର । ନେଡ଼େଦେଖା ଅସ୍ତୁର । ମୁଁ ଯଦି ବର ହୋଇଥାନ୍ତି—ଅଛ ଭୂତ ଜାଣୁ ମୁଁ ବର ନୁହେଁ । ନେଡେଦେଖା ଯେ କୌଣସି ବାବ୍ୟନାଥ ଡାକୁ ହେଉ ଉଛ । ତାଙ୍କଠା ଅନୁମାନ କରିବେ ।

ଏ ପର୍ଯ୍ୟନ୍ତ ତାଙ୍କ ସଙ୍ଗେ ଆଲାପ ହୋଇ ନାହିଁ । ସେ ମୋତେ ଦେଖିଛନ୍ତି କି ନା କହି ପାରିବ ନାହିଁ । ମୁଁ କିନ୍ତୁ ତାଙ୍କୁ ଘର ପାଖ ଅଇ ଦେଖିଲିଣି । ସେଦିନ ଛୁଟି ପାଞ୍ଚରୁ ହାତ ଘଡ଼ିରେ ତାଙ୍କୁ ଥିଲେ । ବଗିଚ ଯାଇ କହିଲି "ମୋତେ ଡାକୁଛନ୍ତି ?" ସେ ଗମ୍ଭୀର ହୋଇ ହଁ କି ନା କହି ଚାଲିଗଲେ । ଯାଇ ଟୋକାଟା ଦେଖିଠି ଥିଲା ବେକାରେ ଭଲ, ଧାଇଁ ଆସି କହିଲା "ମାଷ୍ଟର ବାବୁ ! ଫେର ! ଯାଉଛ—" କଣ କରିବ ଭଲ ସେଦିନ ତାଙ୍କ କମ ଖୋସାମଦ କରିଛ ? ଟେକୋଟେଇ ଦୁଇଟ ସିନେମା ଦେଖେଇ ଯାଇ ଶାନ୍ତ କରିଛି । ସେ ଦିନଠୁ ମୋତେ ଡରେଇ, ଆଗ ଆସରେ ମୋର ଦୁଇଟଙ୍କା ପାଇବ ବୋଲି କହି ମୋଠୁ ପଇସା ନେଇ ମୋର ସାମନାରେ ସିଗାରେଟ୍ କିଣି ଟାଣୁଛି । ଖାଲି ନମି ଅଜାଣରେ ଏତେବ ସବୁ ସିନା ?

ଏମାନେ କିନ୍ତୁ ଭଲ ଅମର ସମାଜର । ମୋର ମନେ ହେଉଛି ବାପା ନାହିଁ କରିବେ ନାହିଁ । ଖାଲି ତାଙ୍କୁ ବୁଝେଇ ରାଜି କରେଇ ଉପେନାଥ ବାବୁଙ୍କ ପାଖକୁ ଚିଠି ଲେଖେଇଲେ ହେଲା । ତୁ ଭାଇ ବାପାଙ୍କୁ କହି ଉପେନାଥ ବାବୁଙ୍କ ପାଖକୁ ଚିଠି ଲେଖିବାକୁ ରାଜି କରେଇବାର ଭାର ମୁଁ ତୋ ଉପରେ ଦେଉଛି । ମୁଁ ଏଠି ମାଷ୍ଟର କରୁଛି ଶୁଣିଲେ ସେ ମୋ ପ୍ରାଣ ଖାଇ ଦେବେନି ? ସେ ଯେମିତି ଏ କଥା ନ ଜାଣନ୍ତି ।

ହଁ ଆଉ ଗୋଟିଏ କଥା । ଆଜିଯାଏ ମୋ ଗୁପ୍ତେ ଯୋଗାଡ଼ କରି ଦେଲାବେଳେ ମୋତେ ଏମିତି ଗୋଟାଏ ଅଭାବର ଅବତାର କରି ଥୋଇ ଦେଲ ଯେ ଏମାନେ ଖାଲି ଦେଖିଲେ ରାଜି ଦେବାକୁ ପ୍ରସ୍ତୁତ ନୁହନ୍ତି । ଏଇଟା ହିଁ ଅସଲ କଥା ।

ତୋ ଛୋଟ ମୋର ଆଉ ଏକ ଅଛି ଭାଇ ! ତୋ ଉପରେ ମୁଁ ଭରସା କରି ରହିଲି । ନ ହେଲେ ତୁ ନିଶ୍ଚୟ ଜାଣିଥା ମୁଁ ଏ ଜୀବନ ରଖିବ ନାହିଁ ।

ମୋ ନା ଏଠି ଗୀତେନ୍, କିମ୍ପାଣି । ଏଇ ନାଁରେ ଚିଠି ଦେବୁ । ଇତି

ତୋର ଭାଇ

ଦ ଜିଲିଂ

ଭାଇ ମନ୍ତୁ,

କାଲି ମୁଁ ଟୋକାଟାକୁ ପଢ଼ଉଥିଲା ବେଳେ ଉପେନାଥ ବାବୁ ମୋ ପାଖରେ ବସି ଗୋଟାଏ ଚିଠି ପଢୁଥିଲେ । ଚିଠିଟା ହସ୍ତାକ୍ଷର ଭଲ ଦେଖିଲି ଯେ କଣେଇ କରି ଚିଠି ଖୋଲିଲି । ମୁଁ ଧୂର୍ତ୍ତରେ ତାହା ସାଙ୍ଗେ ସାଙ୍ଗେ ଜାଣି ପାରିଲି । ଏମିତି ଧମକ୍ ଆଉ ଖାଇ ନେଲି ଯେ ସେଠୁ ସଙ୍ଗେ ସଙ୍ଗେ ପଳେଇ ଆସିଲି ।
ବଗିଚାରେ ବସି ଏଣୁ ତେଣୁ ଭାବୁଥାଏଁ ।

ସ୍ୱାମୀ ସ୍ତ୍ରୀ ଠାରୁ ତାର ଗୋପନୀୟ କଥା ବରଂ ଲୁଚେଇ ରଖିବା ସମ୍ଭବ । କିନ୍ତୁ ଗୋଟାଏ ଉତ୍ତମ ଚାକର ଅଛନ୍ତି ଜାଣେ ଯେ ସୁଭାଷ ବେଶି ଶକ୍ତି ବଳରେ ବେଭାରଣ ମାଲିକର ସବୁ ଗୋପନୀୟ କଥା ଅକ୍ଳେଶରେ ଜାଣି ପାରନ୍ତି । ରମା ସତ୍ୟବାଦୀ ବାବୁଙ୍କର ଏମିତି ଗୋଟାଏ ଚାକର । ମୁଁ ଏଠାକୁ ଆସିଲାଦିନୁ ସେ ମୋତେ ତାର ସହବାସ ଚୋଲି ରାଜ ନେଉଛି । ଯେ କୌଣସି କଥା ହେଲେ ମୋତେ କହିବ "ବାବୁ ଶିବଙ୍କ ଢଙ୍ଗରେ ଏ ଜନଘୋଷ ନେଇ ଅଛିତ ନମି ଅଗ କହୁଛନ୍ତି ।" "ବାବୁ ଶିବଙ୍କ ଲୁଚେଇକି ଭଲରେ ଅଛିତ ନମି ଅଗ କହୁଛନ୍ତି ।" ଇତ୍ୟାଦି । କଣକରିବ ଭଲ ନମିର ଖାତିରରେ ବାଧ୍ୟ ହୋଇ ରମାର ହୁକୁମ ତାମିଲ କରେ ।

ଏଣୁ ତେଣୁ ଭାବୁଛି । ରମା ଆସି ମୋ କାନ୍ଧରେ ହାତ ଦେଇ କହିଲା "ଖେଳ ପାଣଚ ଯେ ଖାଇବାର ଖାଏ ଭଲ କରେଇ ଖାଲି ଅଣ୍ଟୁ ଦରଜ ହୁଏ । ଆଉ ଭୋବଲେ କଣ ହେବ । ନମି ଅଗାଙ୍କ ହାତାପର ଠିକ ହୋଇ ଗଲାଣି ।"

ମୁଁ ଚମକ ଉଠିଲି । ଉତ୍ତ ଶୁଣିଗଲା ପର ଲାଗିଲା ମୋତେ । ଗଳାଟା ପରିଷ୍କାର କରିନେଇ ପଚାରିଲି "କେଉଁଠି ?"

ରମା କହିଲା— "କଲିକତାରୁ ଅଶୁତୋଷ ବାଣ ବୋଲି ଜଣେ ଏକ ପଇସାବାଲା ଜମିଦାର ଅଛନ୍ତି । ତାଙ୍କ ପୁଅ ବୀର କିଶୋର ସଙ୍ଗେ ନମି ଅପାଙ୍କ ବାହା ଠିକ୍ ହୋଇ ଗଲାଣି ଆଜ ଆମ ବାବୁ ଚିଠି ଲେଖିଦେଲେଣି । ଲେଖିଛନ୍ତି ଯେ ଅଶୁବାବୁ ଚିଠି ପାଇଲାକ୍ଷଣି ବାଟରେ ଅପେକ୍ଷା କରିଥିବେ । ଆଉ ଦିନେ କି ଦୁଇ ଦିନରେ ଆମ ବାବୁ ବାହାରି ଯିବେ । ସେଠି ଯଥାଚାର୍ଯ୍ୟ ପକ୍କା ହୋଇ ଯିବ ।

ଏ କଥା ଶୁଣି ଖାଲିରେ ମୁଁ ଆଉ ନିଜକୁ ସମ୍ଭାଳି ପାରିଲି ନାହିଁ । ସ୍ଥାନ କାଳ ଭୁଲିଗଲି । ରମାଟା ଉଠିଲେ ମୋତେ ତ ଲଗ ଥିଏ । ଖାଲି ନମି ନେଇରେ ଟାଉ ବାନ୍ଧ ସମ୍ଭାଳିବାର ଥିଲା । ଏତେ ଆଉ ଭଲ କଣ ? ପଚିଶାଏ ତା ମାଲିକଙ୍କ ଝିଅ ବୋଲି ଗଳାରେ ହାତ ଦେଇ ରଖିବାର ମତ ଟେଖ ଦେଖା ଦରକାର । ରେଣି ଉଠି କହିଲି "ବଦ୍‌ଟ । ଚାକର ତୁ ମୋ କାନରେ ହାତ ଦେଉଛୁ । ଭାରି ସାହସ ତୋର ?"

ରମା କହିଲା "ହେଓ ! ମୁଣ୍ଡକୁ ଉଠି ଗଲାଣି ନା କଣ ? ତମେ ଚାକର ନୁହଁ ? ମନେ ନାହିଁ ବାବୁଙ୍କ ଯୋଉ ନା କଣ ?

"ମୁଁ—ଭଲ ଯେତେବେଳେ ହେବ ସେତେବେଳେ ଦେଖିବୁ ।"

Digitized by srujanika@gmail.com

ରମା—କଣ ? କଣ କହିଲ ? ଗୁରୁ ସାହେବ ତ ତୁମର ? ଯୋଗେଶଚନ୍ଦ୍ର ମୂର୍ଖ ନୁହେଁ ସେଥିରେ ଚକ୍ରକଥା ? ଯାଇଛ ବାବୁଙ୍କୁ କହୁଛ । ପାଠ ପଢ଼ି ତମର ଏଇ ବୁଦ୍ଧି ?

ଦେଖିଲି ହଠାତ୍ ବ୍ୟାପାର ସବୁ ବଗ ଡ଼ିବାକୁ ବସିଛି । ରଘୁନାଥ ବାବୁ ଯେମିତି ବେଳେ ଶୁଣିଲେଣି ମତ ଦେବାକୁ ଇଚ୍ଛା ପ୍ରକାଶ କରିବେ । ମାଷ୍ଟରୁ ବର୍ଷିଆଖ ପ୍ରକୃତ ଚରିତ୍ର ଦେଖିଲେ ବିଶ୍ୱାସ କରିବେ ତ ? ବାପା ଶୁଣିନେଲ ପେର— । ଅଗତ୍ୟା ରମା ହାତଟା ଧରି ପଚେରି କହିଲି "ଏ ରମା ମୋ ମନଟା ଭଲ ନାହିଁ । କହୁଁ କହୁଁ କଣ କହି ପକେଇଛି । ତାହାକୁ କହିବୁ ନାହିଁ ଗୁରୁଟା ପରି ।"

ରମା—ମୋର ଦରକାର ଅଛି ଟଙ୍କା ଦଶଟା ଦେଇନ୍ତ ନାହିଁ ?

ବୁଝିଲି ଏଇ ସୁଯୋଗରେ ମୋଠୁ ଭଲେଇ କିଛି ଟଙ୍କା ଅଦାୟ କରି ନେବାର ମତଲବ । ଠିକ ବଳି କଛ ଜବାବ ଦେବ ନାହିଁ । ସେ କହିଲା—'ମୁଁ ଗୋଟାଏ କଥା ଶୁଣିଛି ବାବୁ ସାନ ବାବୁ ଏବେ ସିନେମା ଦେଖୁଛନ୍ତି, ସିଗାରେଟ୍ ଖାଉଛନ୍ତି । ଏତେ ପଇସା ପାଉଛନ୍ତି କେଉଁଠୁ କେଜାଣେ ? ଗୁରୁଙ୍କୁ ବାବୁ ଏ କଥା ଜାଣନ୍ତି ନାହିଁ । ଜାଣିଲେ କଣ କରିବେ କେଜାଣେ । ଯେମିତି ରାଗିଲେଣି ମଝି ଅଛିରେ ଦେଖୁଛି ପରି ? ଅରେ ବାବୁ ଜଣକୁ ଠେଙ୍ଗାରେ— ବେଶ୍ ମୋଟା ଠେଙ୍ଗାଟାରେ— " ଏତିକି କହି ସେ ମୋ ଅଡ଼କୁ କଟେଇ କରି ଟିକଏ ଦେଖିଲା ପେର କହିଲା "ସେଦିନ କଣ ହେଲା ଜାଣ ? ସାନବାବୁ ଏମିତି ସେପଟେ ଅନେଇ ତୁମ ଦୋକାନରୁ ବାହାରି ଆସିଲେ । ହାତରେ କଣ ଗୋଟାଏ ମୁଠା କରି ଧରି ଥାନ୍ତି । ଚୁପ୍ ଚୁପ୍ ପଛରେ ଯାଇ ହାତର ହେଲା ଦେଖିଲି ସେ ଗୋଟେ ବୁଢ଼ା ଅଣ୍ଟା ଜଳରେ ଟିକେ ଭଲିଆ କଣ ଗୋଟାଏ ପଢ଼ୁଛନ୍ତି । ମୁଁ ତ ଜାଣେ ନମିଅଟା ପାଇଁ ତୁମେ କେମିତି ହେଉଛ । ଗୁରୁଙ୍କ ଯଦି ଟିକି ଟିକି ଟାହାରିଥିବ ଅଛି ବା' ହାତରେ ପଡ଼ିଲେ ତମେ ଅଣ୍ଟା ଅରେ ପଡ଼ିବ । ସାନବାବୁଙ୍କ ଯମଦଣ୍ଡ ବାଡ଼ିଟା ଖଣ୍ଡିକ ନେଇ ଆସିଲି—"

ଏତିକିବେଳେ ବୁଝିଲି ସେଦିନ ଦମିକ ଦୋକାନରେ ଦେଖି ଦେବାଲ ଯେଉଁ ଟିକି ଖଣ୍ଡିକ ଲେଖିଥିଲି ସେ ଖଣ୍ଡିକ ନେଇ ନେଇ ଥିଲା । ଅଧୈର୍ଯ୍ୟ ହୋଇ କହିଲି "ଦେ ଦେ ରମା ଟିକି ଖଣ୍ଡିକ ମୋତେ ଫେରେଇ ଦେ ।"

ରମା—ଏତେ ସହଜରେ ସେଥିପାଇଁ କହିଥିଲେ ସାଙ୍ଗ ଗୁରୁଙ୍କ ମାଡ ଖୁଆଇବା ଭଲ ନୁହେଁ ବୋଲି ଗୁରୁ ହିନା ବାବୁଙ୍କୁ ଦେଇ ନ ଥିଲି । ଅଛି ଦେଇ ଦେବି ବୋଲି ଭାବୁଛି ।

ମୁଁ—ଏ, ରମା ତୋ ଦେଗଡ଼ଲେ ଦେଉଛି କେତେ ଟଙ୍କା ଦରକାର କହିଲୁ ?

ରମା—କୋଡ଼ିଏ ଟଙ୍କା ।

ମୁଁ—ଏଁ ଅବ ଦଶଟଙ୍କା ମାଗିଲୁ ନା ?

ରମା—ଦଶଟଙ୍କା ? ମୁଁ ଦଶଟଙ୍କା ମାଗିଲି ? ତମରଳ ଉମାର ଟେଙ୍କ ନଜର ନୁହେଁ । ମୁଁ ମାଗିବାକୁ ଯିବି କାହିଁକି । ତମର ଗରଜ ତମେ ଦେବ । ମୋର ମଜୁରି ମୁଁ ନେବି । ଏଥିରେ ମଗାମଗି କଣ ?

ମୁଁ—କିନ୍ତୁ—

ରମା—ବାବୁ ତମ ମନ ଭଲ ନାହିଁ । ଭଲ କଥା କହିଲେ ବୁଝି ପାରୁ ନ । ଗୁରୁ ଦେଖିଲେ ଟିକି ଖଣ୍ଡିକ ବାବୁଙ୍କ ହାତରେ ପଡ଼ିଯିବ— ଦରକାର ମୁଁ ଯିବି । ତେଣେ ମା ଖୋଜୁଥିବେ । କାମ ଅଛି ।

କଣ କରନ୍ତି ଗୁଡ଼ ଟଙ୍କାଟା ଦେଲି । ଗୁରୁଙ୍କ ଟଙ୍କାଟା ତ ଅଟେ ହୋଇ ଯାଇ ତା ପରର ମୂଳ ସୂଅ ସବୁ ଉସୁଲ କରିବ ।

ଏବେ ଦୁ ଦିନ ଭିତରେ ଅଗ୍ରିମ କଟକ ଫେରୁଛୁଁ । ଫେରିଗଲେ ମାସେ ମୋଡ଼ ଏଠୁ ଖସି ଯିବାକୁ ହେବ । ବାପଙ୍କ ହାତୁଡ଼ିରେ ଚଢ଼ିଗଲେ ସବୁ ମାମଲା ଚୁକିଯିବ । ବାଦ କଥା ବଢ଼େଇବେ । ଇତି

ତୋର 'ଗୀ'

—ତିନି—

ଚୀର—ସାର, ମୁଁ ଦିନେ ବ'ଦନ ପାଇଁ ଘରକୁ ଯିବ ବୋଲି ଗୁହାରି ।

ରଘୁନାଥ ବାବୁ—ଏଁ !! ଘରକୁ ଯିବ ? ଘର କେଉଁଠୁ ପଇଲ ଶୁଣେ ? କାଲି କାମରେ ପାଞ୍ଚି ଦେଇ ଅଡ଼୍ଡା ମାରିବାର ମତଲବ । ସେଇଥି ପାଇଁ କଟକରେ ଗୋଡ଼ ନ ଦେଉଣୁ ଛୁଟିପତ୍ର ହେଉଛ ନା ?

ଚୀର—ନାଁ ସାର ମୋର ଟିକିଏ କାମ—

ରଘୁନାଥ—ତମର ବି କାମ ? ବାପ ମା ନାହାନ୍ତି । ଘର ଦୁଆର ନାହିଁ ! ତମର ବି କାମ ? କଟକ ଅଧିକାଂଶ ବାବୁଙ୍କ ମନ ଛନ୍ ଛନ୍ ହେଲା । ଅବଶ୍ୟ ବାବୁ ଠିକ୍ କହୁଥିବେ, ମୋ ତମକୁ ମୁଁ ଛାଡ଼ିବ ନାହିଁ ।

ଚୀର—ମୁଁ ଦୁଇଦିନ ଭିତରେ ଫେରି ଆସିବ ସାର—

ରଘୁନାଥ—ନା । ଟେଷ୍ଟପରକୁ ମାତ୍ର ପନ୍ଦର ଦିନ ବାକି ଅଛି । ତା ପରେ ସ୍ୱତନ୍ତ୍ରତା ଦିବସର ଅଣୁଶୀଳନ ବାକି ଅଛି ସନ୍ଧ୍ୟାରେ ଅଭିନୟ ଅଛି । ତମେ ଗଲେ କାମ ଚଳିବ କେମିତି କହିଲ ?

ଚୀର—ମୁଁ ମୋଟେ ଦୁଇଦିନ ଛୁଟି ମାଗୁଛି ।

ରଘୁନାଥ—ନା ମୁଁ ତୁମକୁ ଛାଡ଼ିବ ନାହିଁ ।

ଚୀର—ତା ହେଲେ ସାର ମୋ ଦେଇ ଅଉ ସେବେ ହେବ ନାହିଁ ।

ରଘୁନାଥ—ଗୋଟେ ପଇସା ଦେବ ନି ଜାଣିଥା—

ଚୀର—ନ ଦେଲେ ନ ଦେବେ ପଛେ ।

ରଘୁନାଥ—ଦେଖ ମାଷ୍ଟରେ ତମେ ବୁଝୁନ । ମୋର ଦେଉ ଗୁଣି ନକ୍ଷତ୍ରରେ ଜନ୍ମ ଯିଏ ଜାଣେ ମୋର ଇଚ୍ଛା ବିରୁଦ୍ଧରେ ଯିଏ ଯିବାକୁ ଚେଷ୍ଟା କରିଛି ତା ଉପରେ ଗୋଟାଏ ନା ଗୋଟାଏ ଦୁର୍ଘଟଣା ଘଟିଛି । ରମା— ଗଉରହରି ମିଶ୍ରଙ୍କୁ ଡାକିଲି । କଣ କହୁଥିଲି ? ଦିନେ ଅବେ ସେମିତି ଜଣେ ମୋ କଥା ନ ମାନି ଚାଲିଗଲା । ତମେ ବିଶ୍ୱାସ କରିବ ନ ମାଷ୍ଟରେ, ମଟର ଧକ୍କା ଦେଇ ସେଇଦିନ ସନ୍ଧ୍ୟାରେ ସେ ମରିଗଲା । ଅଉଥରେ—

ଗଉରହରି ମିଶ୍ର—( ଅଭି । ନେଳକଣ୍ଠକୁ ଦିନବେଳେ ଦେଖିଲେ ଉପୁଜିଏ, ରାତିରେ ତ ଅଦ୍ଭୁତ ହେବାର କଥା) ଡାକୁଥିଲେ ହଜୁର ?

ରଘୁନାଥ—ମାଷ୍ଟର ବାବୁ ମୋ କଥା ହୁକୁମରେ ଘର ଯିବାକୁ



Digitized by srujanika@gmail.com

ସର୍ବନାଶ ! ମୋ ରଣଚଣ୍ଡ, କଥା କହିଲେ ଯେ ବିଶ୍ୱାସ କରୁ ନାହାନ୍ତି । ତୁ ତ ସବୁ କଥା ଜାଣୁ ତ ବୁଝା ବୁଝେଇ ଦେ । କେତେ କେତେଲ ଦେବଙ୍କ ଉପରେ ପଡ଼େ । ବାବୁଙ୍କ ଚାକିରି ଗଲା । ଏ ବାବୁ କେତେବେଳେ କପଟ ଆପଦରେ ପଡ଼ିଲେ ଚୋଟେଚ ପେଟ ରକ୍ଷା କରିବାକୁ ହେବ ? ତା ପରେ ବୁଝିବ ମାଷ୍ଟରେ ଆଉ ଥରେ ଜଣେ କେମିତି ଗଲା ଯେ ତିନିମାସ ହାସପାତାଳରେ ପଡ଼ିଲା ।

ଗୀର— ତି—ନି—ମା—ସ ?

ଗଇରଣ୍ଡ ସିଂ—ହୋଜୁର୍, ଦୁଇ ହାତ ଆଉ ପଞ୍ଜର ହାଡ଼ରୁ ଗଣ୍ଡେ ଦି ଗଣ୍ଡା ଭାଙ୍ଗିଲେ ଆରାମ ହେବାକୁ ତିନିମାସ ଲାଗନ୍ତା ନାହିଁ ଯେ କଣ ଦିନକରେ ଆରାମ ହୁଅନ୍ତା ? ଏତେ ପାଠ ପଢ଼ି ବି ମାଷ୍ଟର ବାବୁ ଏମିତି କଥାଟେ ହେଲେ ବୁଝି ନାହିଁ ।

ରଘୁନାଥ—ମୂର୍ଖଟା'ବ ନ' ଯାଉଛି ପାଇଥିଲା ।

ଗଇରଣ୍ଡ—ଆରେ ରାମ ରେ ! ମୋର ମନେ ନଥିଲା ହଜୁର ।

ରଘୁନାଥ—ମାଷ୍ଟର ବାବୁଙ୍କ ଚାକିରି ରହିଲା ତ ? ଚାକରର ନଜର ରଖିଥିବୁ । ଯେମିତି ଚୋରିଟା ନ ହେବ ! ଏଇ ଠିକ୍ ନାହିଁ । ଆଜିକାଲି ଗାଁ ଗୁଣ୍ଡାଙ୍କ ତ ମିଳିଟାରି ଟ୍ରକରେ ଉଠି । କେତେ-ବେଳେ ତାର ସାମନାରେ ପଡ଼ିଗଲେ ପ୍ରାଣ ବାହାରି ଯିବ । ଏଇ କପଟ ଆପଦ ହେଲେ ମୋର ବଦନାମ, ଯା ବାବୁଙ୍କ ସଙ୍ଗେ ଥିବୁ ଏଣୁଟିଏ ଛୁଆଟେ ଛଡ଼ିବୁ ନାହିଁ । ବୁଝିଲୁ ? କଣ କହୁଛ ମାଷ୍ଟରେ ! ଯିବ ?

ଗୀର—ଆଜ୍ଞା ନା ।

ରଘୁନାଥ ବାବୁ- ଆପଣ ଭାବନ୍ତୁ ନାହିଁ ଯେ ମୁଁ ଡରଉଛି । ଅବିଶ୍ୱାସ ହେଉଛି ତ ମୋ ଭାଉଜଙ୍କ କେଇ ଆପଣଙ୍କର ଯେଉଁ ଚେହେରା ଉପରେ ବେଶ ଅଛି ତାକୁ ଦେଖାନ୍ତୁ ସତ ମିଛ ଜଣେ ଜଣା ପଡ଼ିଯିବ ।

ଗୀର—ନା ସାର୍ ଆପଣଙ୍କ କଥା ଶୁଣିଲା ପରେ ଆଉ ଗଇରଣ୍ଡଙ୍କ ଦେଖିଲା ପରେ ମୋର ପୁରା ବିଶ୍ୱାସ ହୋଇ ଯାଉଛି ।

ରଘୁନାଥ ବାବୁ—ବିଶ୍ୱାସ ହୋଇଛି ତ ? ସାବାସ୍ । ଯାଃ ଗୋଟାଏ ଚିନ୍ତା ଗଲା । ଆଜ ସ୍ୱପ୍ନ ଦେଖିବ ବନ୍ଦୋବସ୍ତ କରିବାକୁ ହେବ । ରମାଟା ଏଇ ଜାଣେନ । ତମକୁ ଅଶୁବାବୁ ଆଉ ତାଙ୍କ ସଙ୍ଗେ ଯାଇ ଦେହ ଅସନ୍ତି ତାଙ୍କୁ ପଢ଼ଣି ଦେବାକୁ ହେବ । ବୁଝିଲ ? କଣ କହୁଛ ? ବୁଝିଲ ନା ନାହିଁ ?

ଗୀର—ମୁଁ ସବୁ କଥା ପରେ ପଢ଼ଣି ପାରିବ ନାହିଁ ।

ରଘୁନାଥ ବାବୁ—ଅଜବାଜବା ଟୋକା ପରି ! ଭାଉଜ ବିଶ୍ୱାସ ଯୋଗ୍ୟ ହେବ ଲୁଅକୁ ? କହୁଛ ପରି ମୋ ଭାଉଜଟା କେଇ—

ଗୀର—ନା ସାର୍ ମୁଁ ମଜା କରୁ ନଥିଲି ଯେ—

ରଘୁନାଥ ବାବୁ -ମଜା କରୁ ନ ଥିଲ ? ମୁଁ ଭାବିଲି ମଜା କରୁଛ ବୋଲି । ହଉ ଯାଅ ।

—ସ୍ୱର—

ରଘୁନାଥ ବାବୁ--ତା'ହେଲେ କଥା ପକ୍କା ?

ଅଶୁତୋଷ ବାବୁ—ପକ୍କା । ମୋ ମୁହଁରୁ ଥରେ କଥା ବାହା-ରିଲେ ସ୍ୱୟଂ ବ୍ରହ୍ମା ଆସିଲେ ବି ମୋ କଥା ବଦଳେଇ ପାରିବେ ନାହିଁ ।

ରଘୁନାଥ—ମୋର ବି ସେଇ ପ୍ରକୃତି । ରମା—ରମା—ହାଁ, ହାଁ ଉଠୁଛନ୍ତି ଯେ ? ଗପ ପରେ ହେବ—

ଅଶୁତୋଷ—ଅଚ୍ଛା ସେ ସବୁର ବେଳ କଣ ଗଲା ଯାଉଛି ?

ରଘୁନାଥ—ନା ନା ଏମିତି ଗଲାଣିବେ । ଛି, ତା କ ହୁଏ ! ରମା— !

ରମା —ମାଷ୍ଟର ବାବୁଙ୍କ ପତ୍ନୀ ମିଳୁନାହିଁ—ଗଇରଣ୍ଡ—

ରଘୁନାଥ—ଦେଖିଲେ, ଦେଖିଲେ ଗପୁବାହାଦୁର ? ଗୋଟାଏ ଲୁଚର ଟୋକା ରଖିଛି ଯେ ପାଞ୍ଚ ସାତ ପଢ଼ିଛି ବୋଲି ଆଜିକାଲି ଖିଅ ପିଅର ବନ୍ଦୋବସ୍ତ କରିବାର ଭାର ତା ଉପରେ ଦେଇଥିଲି । ପାଜିଟା ଲୁଅରେ ପକେଇଛି ।

ଅଶୁବାବୁ—ଆଜିକାଲି ଲୁଚର ପୁଅଙ୍କ ଭାରି ନିମକହାରାମ । ଆଜି ନ ହେଲା ତ କଣ ହେଲା ଆଉ ଦିନେ ହେବ ।

ରଘୁନାଥ—ବାଃ ଏମିତି ଶୁଭ ଦିନଟାରେ ମୋ ଘରୁ ଆପଣ ନ ଖାଇ ଗଲେ ଯିବେ ? ତା କ ହୁଏ ?

ଏତିକିବେଳେ ଗଇରଣ୍ଡ ଗୀରକୁ ଧକ୍କା ମାରି ମାରି ଆଣି ଅଶୁ ବାବୁ ଆଉ ରଘୁନାଥ ବାବୁଙ୍କ ଆଗରେ ଠିଆ କରେଇ ଦେଲା । ଗୀର ମୁହଁ ମାଡ଼ି ପଡ଼ିଗଲା । ତାର ଲୁଗା ପଟା ମୁହଁ ହାତ ଏମିତି ଭାବରେ କାଳିକାଳି ହୋଇ ଥିଏ ଯେ ତାକୁ ଚିହ୍ନି ହେବ ନ ଥାଏ । ଗୀର ଉଠିବାକୁ ଚେଷ୍ଟା କଲା ବେଳକୁ ଦେଖିଲା ସାମନାରେ ଅଶୁବାବୁ ବସିଛନ୍ତି । ଟେବୁଲ ତଳେ ମୁହଁମାଡ଼ି ପଡ଼ିରହିଲା । ଗଇରଣ୍ଡ କହିଲା "ହଜୁର ଜିନିଷଟା ଆଣିବାକୁ ବଜାରକୁ ଯାଉଥିଲା । ସେହି ବାଟରେ ପଳେଇ ଯାଇ ଲୁଚିଥିଲା । ଖୋଜି ଖୋଜି କୋଇଲା ଗୋଦାମରେ ପାଇଲି । ମୁହଁରେ ହାତରେ କାଳି ବୋଳି କୋଇଲା ଗୋଦାମରେ ଲୁଚିବାର ମଜା ବାହାର କରି ଦେଇଛି ।"

ରଘୁନାଥ ବାବୁ— ମାର ବ ଚେକଣ—

ଗଇରଣ୍ଡ ନିମକସଚ୍ଚା ଲୁଚର । ମାଲିକ ମୁହଁରୁ କଥା ଖସୁଣୁ ଗୀରକୁ ଉପରେ ଚେକଣ, ମୁଟି, ଗୋଇଠା ବର୍ଷେ ଦେଇଗଲା । ଗୀର ଓଠ ଫାଟି ରକ୍ତ ଝରିବାକୁ ଲାଗିଲା । ପାଖକଲେ ଜାଲେ.. ଅଶୁ ବାବୁ ଚିହ୍ନି ପାରନ୍ତେ ଏଇ ଭୟରେ କୋହ ଉଠୁଥିଲେ ବି ଗୀର ପ୍ରାଣପଣ ଶକ୍ତିରେ ଦାନ୍ତ ଦାବିଦେଇ ଥାଏ; ଆଉ ଭାବୁଥାଏ ଭାଗ୍ୟକୁ କୋଇଲା ଗୋଦାମରେ ଲୁଚିଥିଲା ବୋଲି ସିନା ।

ଅଶୁବାବୁ—ଏଏ ଲୁଚର ନା କଣ ?

ରଘୁନାଥ—ଲୁଚର ନୁହେଁ ଶଳା ପାଜି—ଶଳାଟାକୁ ଖିଅ ପିଅର ବନ୍ଦୋବସ୍ତ କରିବାକୁ କହିଥିଲି ଏଇ ନ କରି ଲୁଚିଛି—କେବେ ଭୁଲିଗଲୁ ପରି ?

ଗୀର—ଗ୍ ଗ୍ ଙଁ ଙଁ—ଙ୍ଗ ଙ୍ଗ

ଅଶୁବାବୁ—ଆଜିକାଲି ଏ ଲୁଚର ଏତେ ପାଜି ହେଲେଣି ! ଲୁଚର ଥର ମାଇଲେ ଲୁଚା ମନବୋଧ ହେବ ନାହିଁ ।

ରଘୁନାଥ ବାବୁ—ଭଦ୍ରଲୋକଟା କଥା ବି କହୁନ ।

Digitized by srujanika@gmail.com

ଅଶୁବାବୁ—ରାୟବାହାଦୁର ଏ ଲୋକଟାକୁ ଚିହ୍ନିଲା ପରି ମନେ ହେଉଛି। ମୁଁ ଉପରେ ମୋର ସନ୍ଦେହ ହେଉଛି। ଏ—ମୁହଁ ପୋଛ।

ରଘୁନାଥ—ମୁହଁ ପୋଛ ରେ।

ଅଶୁବାବୁ—ମୁଁ ଠିକ୍ ସନ୍ଦେହ କରୁଛି। ନିଶ୍ଚୟ ଖଳା ଲୋକ। ଦେଖୁ ନାହାନ୍ତି କେମିତି ହେଉଛି? ମୁହଁ ଢାଙ୍କୁଛି। ନିଶ୍ଚୟ ଚୋର ଲୋକ। ବାଲେ ମୁଁ ଚିହ୍ନି ପାରିବି ଏହି ଭୟରେ ମୁହଁ ଦେଖେଇ ବାକୁ ନାରାଜ। ଆପଣଙ୍କ ଲୋକଟାକୁ କହନ୍ତୁ ତ ଭଲ ଭାବରେ ମୁହଁଟା ପୋଛି ଦେଉ।

ରଘୁନାଥ—ଘଇରଣ୍ଟ—

ଘଇରଣ୍ଟ ଗୀଉର ମୁହଁଟା ଭଲ ଭାବରେ ପୋଛି ଦେଇ ଅଶୁବାବୁଙ୍କ ଆଗରେ ଗୀଉର ମୁହଁଟା ଧରିରଖିଲା। ଅଶୁବାବୁ ସଙ୍ଗେ ସଙ୍ଗେ ଚିତ୍କାର କରି ଉଠିଲେ "ଏଁ ଗୀଉ !!! ତୁ—!!!"

ରଘୁନାଥ—ଘଇରଣ୍ଟ—ଦେଖ୍ ଦେଖ୍ ହେମନ୍ତ ନ ପଳାଏ। ଲୋକଟା ନିଶ୍ଚୟ ଭାରି ଶୟତାନ। ତା ନ ହୋଇଥିଲେ ରାୟବାହାଦୁର ଏତେ ଜୋରରେ ପାଟି କରି ଉଠନ୍ତେ କାହିଁକି? ଲଗା, ଲଗା।

ଘଇରଣ୍ଟ ଲଗାଇବାକୁ ଆରମ୍ଭ କଲା। ଆଉ ଗୋପନ କରିବାର ଆଉ ଦରକାର ନ ଥିବାରୁ ଗୀଉ ପ୍ରାଣ ଖୋଲି ଚିତ୍କାର କରିବାକୁ ଲାଗିଲା। ଅଶୁବାବୁ ପ୍ରଥମ ଚଟକ୍ରର ପ୍ରଚଣ୍ଡଟା ଦେଖିବା ସଙ୍ଗେ ସଙ୍ଗେ ଦେଖିଲେ ଗୀଉ ଉପରେ ମାଡ଼ ପଡ଼ୁଛି। ଏମିତି ଲଜ୍ଜାଜନକ ଅବସ୍ଥାରେ ପୁଅକୁ ଦେଖି ପ୍ରଥମେ ଲଜ୍ଜାରେ ଗୀଉର ପରିଚୟଟା ଦେଇ ନାହିଁ। କିନ୍ତୁ ପୁଅକୁ ଶତ୍ରୁ ସମ୍ମୁଖରେ ବୁଢ଼ାର ରୂପେ ଦେଖି ମନରେ ରାଗ ଓ ଲଜ୍ଜା ହୋଇଥିଲେ ବି ପୁଅ ଉପରେ ନିର୍ଘାତ ମାଡ଼ ପଡ଼ିବାର ଦେଖିଲେ କେଉଁ ବାପ ସହିବ? ଅଶୁବାବୁ ସହି ପାରିଲେ ନାହିଁ। ଏକ ଭଲର ଧମକ୍ ଦେଇ କହିଲେ "ଖବରଦାର।" ଏ ଓଲଟା ଗତ ଶୁଣି ଘଇରଣ୍ଟ ଆଶ୍ଚର୍ଯ୍ୟ ହୋଇ ମାଡ଼ ବନ୍ଦ କଲା।

ରଘୁନାଥ ବାବୁ—ବନ୍ଦ କରିବ କାହିଁକି? ଅଳ୍ପ ଭଲ ପାଠନ ପଢ଼ିଲେ ଏ ଗୁଣ୍ଡାଙ୍କର ଶିକ୍ଷା ହେବ ନାହିଁ।

ଅଶୁବାବୁ—ନା। କଥା ଅଛି। ଆଉ ଘଇରଣ୍ଟକୁ କହନ୍ତୁ ଏଠୁ ଚାଲି ଯାଉ।

ରଘୁନାଥ ବାବୁ—କଥା କଣ? କହନ୍ତୁ ନା ଘଇରଣ୍ଟ ବିଶ୍ୱାସୀ ଲୋକ।

ଅଶୁବାବୁ—ଏ ମୋ ପୁଅ।

ରଘୁନାଥ—କଣ କହୁଛନ୍ତି ରାୟବାହାଦୁର !! ଏ ଆପଣଙ୍କ ପୁଅ? ଯାଃ ଆପଣ ଥଟ୍ଟା କରୁଛନ୍ତି। ଆପଣଙ୍କ ପୁଅ ମୋ ଘରେ ଚାକିରି କରୁଛି। ଅସମ୍ଭବ। ଏଏ ନଜେ କହୁଛି ମୋର ବାପ ମା ନାହାନ୍ତି ବୋଲି।

ଅଶୁବାବୁ—ଗୀଉ ଆପଣଙ୍କ ପୁଅର ମାଷ୍ଟର?

ରଘୁନାଥ—ହଁ

ଗୀଉ—ନା—ମୋ କଥା—

ରଘୁନାଥ—ଚୁପ୍ କର! କିଛି କହିବୁ?

ଅଶୁବାବୁ—ସେ ଯା ହୋଇଛି ଗୀଉ ମୋ ପୁଅ।

ରଘୁନାଥ—ଗୀଉ ଆପଣଙ୍କ ପୁଅ? ରାୟବାହାଦୁର ଅଶୁତୋଷ ବାବୁଙ୍କ ପୁଅ ମୋର ଚାକର? ଅସମ୍ଭବ। (ଏଥର ଅଶୁବାବୁଙ୍କ ମୁହଁକୁ ଦେଖି ତା ମନେ ଗୀଉ ଆଉ ଆଗର ପେଇ ଅଶୁବାବୁଙ୍କ ମୁହଁକୁ ଦେଖି ହସିଲେ) ଓହୋ !! ବୁଝିଲି, ବୁଝିଲି !! ତା ହେଲେ ଆପଣଙ୍କର ବି ସେ ମାର୍କେଟ ଗତି ଥିଲା? ବେଶ୍ ବେଶ୍। ଭଗବାନ ଏବେ ସ୍ୱଭାବର ଲୋକଙ୍କ ଏକାଠି ଯୁଟେଇ ଦଅନ୍ତି। ବେଶ୍ ବେଶ୍।

ଅଶୁବାବୁ—ସେ ମାର୍କେଟର ଗତି ଥିଲା?

ରଘୁନାଥ—ଏବେ ବି ଅଛି ନା କଣ? ରେଟବଟ ଆଉର ଭଲ। ବନ୍ଧୁଟା ସରିଯାଉ ଏବା ସଙ୍ଗେ ଦେଖା ମଜଲ କରିବା। ଲୋକଟାକୁ ଯାହା ହେଉ ଗର୍ଭ କରି ପାଠ ପଢ଼ାଉଛନ୍ତି। ବି, ଏ, ପାସ୍ କରିଛି ନା?

ଅଶୁବାବୁ—ଆପଣ ଭୁଲ ବୁଝୁଛନ୍ତି ରାୟବାହାଦୁର। ଏ ମୋର ପୁଅ।

ରଘୁନାଥ ବାବୁ—କଏ ମଜା କଲ? ମୁଁ କଣ ବୁଝୁନି ଏ କେମିତିଆ ପୁଅ !! ତା ନ ହୋଇ ଥିଲେ ନାମଯାଦା ଜମିଦାର ରାୟ ବାହାଦୁର ଅଶୁତୋଷ ବାବୁଙ୍କ ପୁଅ ମୋ ଘରେ ମାଷ୍ଟର ଚାକିରି କରିବାକୁ ଆସନ୍ତା?

ଅଶୁବାବୁ—ଦେଖନ୍ତୁ ରାୟବାହାଦୁର! ଆପଣ ଭୁଲ ବୁଝୁଛନ୍ତି। ଗୀଉର ମା ମୋର ବିବାହିତା ସ୍ତ୍ରୀ।

ରଘୁନାଥ—ଏ ଘରର କଥା ପଦାକୁ ଯିବ ନାହିଁ ରାୟବାହାଦୁର ଘଇରଣ୍ଟ ବିଶ୍ୱାସୀ ଲୋକ। ମୋର ବି କଣ ସେମିତି ବିବାହିତା ସ୍ତ୍ରୀ ଗୋଟେ ଦୁଇଟା ନ ଥିଲେ ନା ନାହାନ୍ତି? ହେଁ, ହେଁ ହେଁ। କଣ ଘଇରଣ୍ଟ?

ଘଇରଣ୍ଟ ହଜୁର।

ଅଶୁବାବୁ—ମୁହଁ ସମ୍ଭାଳି କଥା କହନ୍ତୁ ରାୟବାହାଦୁର।

ଗୀଉ - ମୁହଁ ସମ୍ଭାଳି କଥା କହନ୍ତୁ କହି ଦେଉଛି।

ରଘୁନାଥ—କଣ? ମୋ ଘରେ ବସି ମୋ ଉପରେ ଲମ୍ଫଝମ୍ଫ? ଘଇରଣ୍ଟ—

ଅଶୁବାବୁ—ସାବଧାନ। ମୋର ବି ଲୋକ ଅଛନ୍ତି ରାୟବାହାଦୁର ଲସର ପତ୍ରି କିଛି ନାହିଁ।

ରଘୁନାଥ—ହେଁ ହେଁ ଏବେ ମଜାକଲ। ସେ କଥା ମୋତେ ବି ମାଲୁମ ଅଛି। ଆଉ ଏଠୁ ବାହାରି ଯିବ ତ? କାହିଁ ଘଇରଣ୍ଟ—

ଘଇରଣ୍ଟ - ସେ କଣ ଭଲ କଥା ହଜୁର।

ଶୁଣିଲେ ତ ରାୟବାହାଦୁର। କଏ? ହଜୁର! ଆ! ଆ! ଲୋକଟାର ସାହସ ଦେଖୁଛ? ମୋ ଘରେ ବସି ମୋତେ ଧମକଉଛି?

ରଘୁବାବୁ—( ଗୀଉ ଆଡ଼କୁ ଅନେଇଲେ। ମୁହଁରେ କେଉଁଠି ଦେଖିଲା ଭଳି ଲାଗେ ) ଏ ଲୋକଟାକୁ ମୁଁ କେଉଁଠି ଦେଖିଛି? ହଁ ହଁ ହଁ ହଁ! ହଁ ହଁ ମନେ ପଡ଼ୁଛି। ଏ ପାଜି ଲୋକଟା !! ସେଦିନ ଭଳି ଉଡ଼ୁଥିଲେ ଏଏ ଗୋଟେ ଶାଳା ବୋଲି ଗାଳି

Digitized by srujanika@gmail.com

ବୁକରେ ଧକ୍କା ମାରି ଦେଲେ ; ମୁଁ ହେବ ସରିଗଲି । ସେ ଭଦ୍ରଲୋକ ବୋଲି ସିନା ସମ୍ଭାଳି ନେଲେ । ସେ ଯାହା ହେଉ ଏ ଲୋକଟା ବୋଧହୁଏ ଘଟଣାଟା ଦେଖିଛ । ତାହାରିପରି ଦରଜା ଫିଟାଇ ଆସି ସେଇ ବାହାନାରେ ଧକ୍କା ମାରିଲି । ଭାଗ୍ୟରୁ ଡକ୍ଟର ଅଲ୍ପ ଦୂରରେ ଥିଲ ବୋଲି ସିନା ! ଦେଲି ହାତଟା । ଖବର ନେଇଦେଲଲ ଏ ଟୋକାଟା ଜମିଦାର ସତ୍ୟବାହାଦୁର ଅଶ୍ରୁତୋଷ ବାବୁଙ୍କ ପୁଅ । ଏତେ ବଡ଼ ଲୋକର ପିଲା ହୋଇ ଟୋକାଟା ଏ କଥାରେ । ଭଦ୍ରଲୋକଙ୍କ ଦେଖିଲେ ପଦେ ନ୍ୟୁରେଇ ଦଅନ୍ତି ।

ରଘୁନାଥ—ଏ ଟୋକା ସତ୍ୟବାହାଦୁର ଅଶ୍ରୁତୋଷ ବାବୁଙ୍କ ପୁଅ ? କେମିତି ପୁଅ ?

ରଜୁବାବୁ—କେମିତି ପୁଅ କଣ ? ନଜପୁଅ । ଏଠି ଏମିତି ଅବସ୍ଥାରେ—?

ରଘୁନାଥ—ଅଶ୍ରୁବାବୁ ! କ୍ଷମା କରନ୍ତୁ । ଭୁଲ ହୋଇଗଲା । ରଜୁ । ଏଏ ହେଉଛନ୍ତି ସତ୍ୟବାହାଦୁର ଅଶ୍ରୁତୋଷ ବାବୁ—ଏଏ ମୋ ଭାଇ ରଜୁ—ଜମିର ବାବୁ । କ୍ଷମା କରିବେ ଅଶ୍ରୁ ବାବୁ ସମ୍ମୁଖ ହିସାବରେ ଯାହାହୋଇଗଲା ସେଟା ବୋଲି ଭାବିନେବେ ।

ରଜୁବାବୁ—ସମ୍ମୁଖ ? ଅଶ୍ରୁବାବୁ ? ଏ ଟୋକା ହେବ ମୋ ଯୋଇଁ ? ମ୍ୟାବ ମୁଁ ଝିଅ ଦେବି ? କଦାପି ନୁହେଁ !! କେମିତି ଲୋକ ଅପଣ—ପୁଅଟାକୁ ଟିକିଏ ଭଦ୍ରତା ବି ଶିଖେଇ ନାହାନ୍ତି । ଏମିତି ଲୋକଙ୍କ ଘରେ—

ଅଶ୍ରୁବାବୁ—କହ ଶଳା ଏ ସବୁ କିଅ କଲୁ ? ଘରକୁ ଚାଲ—

ବୀର—ବାପା, ତମେ ସବୁ ଭୁଲ—

ଅଶ୍ରୁବାବୁ—ଚୁପ୍ କର ! ତୋ ଅଲ୍ଲୁ ବ ପାରେ—?

—ପାଞ୍ଚ—

ନୀତା—ତା' ହେଲେ କଥାଟା ଏତେଦୂର ଗଡ଼ିଗଲା ?

ଶାନ୍ତି—ଖାଲି ଅରୁନ୍ଧ ପାଇଁ !

ଅରୁନ୍ଧ—ମୋର କଣ ଦୋଷ ଭାଇ ? ବୁଢ଼ା ବୀରଙ୍କ ଜାଣୁ । ଅଭ ବୋଉ ଟୋକ ଦେଖିଲେ ଜମିକୁ ଖଣ୍ଡ ତା ମଝିରେ ଗୋଟେଇବ ବୋଲି ଭାବ ତାଙ୍କ ଉପରେ ଜମି ଫାଶରେ ଉଠିବାର ଅବସରରେ ରଘୁନାଥ ବାବୁଙ୍କୁ କହିଦେଇଥିଲି ଯେ ବୀରର ସମ୍ବନ୍ଧଟା କରିବାର ମୋନଥ ଅଛ । ଆଉ ଏ ସେସବୁ କଟକ ଅସିଲେ ବେଢ଼େ । ବୀରକୁ ଯେମିତି ସେ କୌଣସି ପ୍ରକାରେ ଖଣ୍ଡ ନ ଦଅନ୍ତି । ସେଇଥି ପାଇଁ ନା ବୀର କୁହ ମାରିଲାକୁ ରଘୁନାଥ ବାବୁ ଛାଡ଼ିଲେ ନାହିଁ ?

ଶାନ୍ତି—ଛଡ ଦେଇଥିଲେ କାଳୁ ସବୁକଥା ଭଣ୍ଡୁର ହୋଇ ନ ଥାନ୍ତା ।

ଅରୁନ୍ଧ—ମୁ କଣ ଜାଣିଥିଲି କଥାଟା ଏତେଦୂର ଗଡ଼ିବ ବୋଲି ?

ନୀତା—ନାଃ ତୋର କଛ ଦୋଷ ନାହିଁ । ମୁଁ ଖାଲି ବାପାଙ୍କ ବୀରର କଥା ଶୁଣୁଚି, ହସ ମାଡ଼ୁଏ ନ ମରୁଛି ।

ଅରୁନ୍ଧ—ଶୁଣିଲି ଅଶ୍ରୁବାବୁ ଚୁଅଟଙ୍କ ତାକୁ ଘରୁ ଖେଦି ନାହାନ୍ତି ।

ଶାନ୍ତି—ବୀର କା ତାକୁ ଶାନ୍ତ୍ୱନା ଦେଇ ଅଛିତା ?

ନୀତା—ମୁଁ ଯିବ ନାହିଁ ବୋଉର କଥାଟା ମୁଁ ଭାବୁଥିଲି । ବୁଢ଼ା ମୋତେ ଦେଖିଲେ ବାଡ଼େଇ ପକାଇବ ।

ଶାନ୍ତି—ଅରୁନ୍ଧ ତୁ ଯିବୁ ।

ଅରୁନ୍ଧ—ଅରେ ବାପରେ ବୀରଟା ସବୁ କହି ଦେଇଛି । ବୁଢ଼ା ତ ଉଣ୍ଡି ଯାଇଛି ହେବଣିକି । କହୁଛି ବୀରକୁ ମୁଁ ସେଠି ନ ଯୋଗେଇ ଥିଲେ ସବୁ ଭଣ୍ଡୁର ହୋଇ ନ ଥାନ୍ତା । ମୋତେ ଦେଖିଲେ ଗୋଟାମା ଗରମ ଅଭ୍ୟର୍ଥନା କରିବ । ମୁଁ ଯିବି ନାହିଁ । ତୁ ଯା ।

ଶାନ୍ତି—କଥାଟା ବୀରର ଉପରେ ମୋର ଭାରି ଦୟା ହେଉଛି । ମୋର ଗାଁକୁ ଉଠ, ସେ ଯଦି କିଛି ଖାଇଦିଏ—

ଅରୁନ୍ଧ—ମୋର କ ।

ନୀତା—ମୋର ବ ।

—ଛଅ—

ଶାନ୍ତି—ଅଉ ଦୁଃଖ କରି ଲାଭ କଣ ଭାଇ ?

ବୀର—କଣ କରିବ ଭାଇ ବାପା ସବୁ ଖଣ୍ଡ ନାହାନ୍ତି । ତା ସଙ୍ଗେ ଆଉ ଦିନେ ଦେଖା ନ ହେଲେ ମୋ ପ୍ରାଣ ରହିବ ନାହିଁ ଭାଇ— (କାନ୍ଦିବା ଉପରେ)

ଶାନ୍ତି—ସେମିତି କାହିଁକି ହେଉଛୁ ବୀର । ଜମି ଛଡ଼ା କଣ ଦୁନିଆରେ ଆଉ ଝିଅ ନାହାନ୍ତି ? ତା ପାଇଁ ଆଉ ଭାବ—

ବୀର—ଯାଃ ଯାଃ ! ଜମି ପାଇଁ କଏ ଭାବୁଛି ?

ଶାନ୍ତି—ଯା ହେଉ ତୁ ସମ୍ଭାଳି ନେଉଛୁ । ଜମି ନହେଲା ତ—

ବୀର—ଅରେ ଛି ! ଜମି କଣ ମୋ' ଘ ବୋଉର ବାନ୍ଧି ଅଣ୍ଟି ଥୁଅ ଖାଣି ଦିଇବାର ଯୋଗ୍ୟ ?

ଶାନ୍ତି—କା କଥା କହୁଛୁ ତୁ ?

ବୀର—ଶୁଣ ଭାଇ ! ଦାର୍ଜିଲିଂରୁ ଫେରିଲାବେଳେ କାଲେଶର ଷ୍ଟେସନରେ ଜଣେ ଭଦ୍ରଲୋକ ଉଠିଲେ । ଭଦ୍ରଲୋକ କଟକରେ କଣ ଗୋଟାଏ ବ୍ୟବସାୟ କରନ୍ତି । ସାଙ୍ଗରେ ତାଙ୍କର ଝିଅ । ଏତେ ସୁନ୍ଦର ଆଉ କଣ କହିବ ? ତାକୁ ନ ପାଇଲେ ଭାଇ ବଞ୍ଚି କଣ ଲାଭ ?

ଶାନ୍ତି—ବୀର ତୁ ନା ଜମିକୁ…

ବୀର—ସେ ଗାଲ୍ ଷଣ୍ଢିକର ମୋହ । ଯେତେବେଳେ ଯାଏ ପାର୍ବତୀର ସନ୍ଧାନ ପାଇ ନ ଥିଲି ସେଇବାର ପଛରେ କଉଡ଼ୁଥିଲି ସିନା !

ଶାନ୍ତି—ତା ହେଲେ ବେଲି ଥାଉଁ ଥାଉଁ ରଘୁନାଥ ବାବୁ ଘରୁ ଗୁଲି ଅଣିଲୁ ନାହିଁ ?

ବୀର—ମୁଁ କଣ ଜାଣି ଉଛୁଥିଲି ସେଠି ଥିଲି । ପଚାରିଲେ ମାଡ଼ ଦେବ ବୋଲି କହିଲ ।

ଶାନ୍ତି—ଲୁଚି କରି ପଚାରିଲୁ ନାହିଁ ?

ବୀର—ତୁ ଖବରଟା କ ଦେଖନ୍ ବୋଲି ଏକଥା କହୁଛୁ ।

ଶାନ୍ତି—ଧନ୍ୟ ତୁ ! ଜମି ପାଇଁ ଚର୍ଚ୍ଚ ଫେର କେ ଖାଇଥିଲେ ?

ବୀର—ଯା ବୋବା ହସ ନୁହେଁ, ହୋମିଓପାଥି ଔଷଧ । ନୀତା ସେତକ ଜମିର ସନ୍ଧାନ ଯୋଗାଡ଼ କରିଦେବା ପାଇ ରାଜି ହେଉ ନ ଥିଲା । ତେଣୁ ପଛକ ଉପରେ ହାତ ପଡ଼ିଲା । ଗୋଟାଏ ବୁନ୍ଦ ଭାଙ୍ଗିଗଲା । ବସ ବୋଲି କହିଦେଲି ।

ଶାନ୍ତି—ଅଏଁ !!

ବୀର—ହଁ । ଭାଇ ମୋ ଅବସ୍ଥା ତ ଦେଖୁଛୁ । ମୋ ପାଇଁ କେନେର ଝିଅଟାର ଠିକଣାଟା ଯୋଗାଡ଼ କରିଦେ । ତୋ ଛଡ଼ା ମୋର ଆଉ କଏ ଅଛି କହିଲୁ ? ଏ—ଏ—ଯାଉଛୁ ନା କଣ ? ଅରେ—ରହ—ଶୁଣ୍—ଶୁଣ୍—ଭାଇଟା ସବୁ !

ଶାନ୍ତି ସାଇକେଲର ବେଗ ବଢାଇ କହିଲ ପାଟି କରି କହିଲା, "ପରେ ଦେଖା ହେବ ଡେରି ଯାଉଛି ।"

Digitized by srujanika@gmail.com

# କେଦାର ପ୍ରାଣୀଙ୍କ କୁନ୍ଦମାଳ

( କବିଙ୍କ ଅପ୍ରକାଶିତ 'ଶତପଦ' ବହିର କେତୋଟି ପଦ )

## ରାଗ—ମାଳବ ଗଉଡ଼ା

( ଭଞ୍ଜଙ୍କ "ଶୁଣି ଉତ୍ତମ ସୋହାଗ ଭାବ୍ୟ ଅଭିଧାନ" ବୃତ୍ତରେ )

ମଦନ—ନନ୍ଦନ ରୂପ ସୁମରି ମାନସେ ।
ଧାରଣଇ କୁନ୍ଦମାଳା ଉତ୍ତର ହରଷେ । ୧ ।

ନେତ୍ରେ ଭେଟିବାର ବାସ୍ତେ ଥିଲ ଯାହା ଯହିଁ ।
ଏକାଧାରେ ତୁମ୍ଭଠାରେ ସମ୍ଭାଇଲ ବିହି । ୨ ।

ଅନ୍ତର ହୋଇଲ ବନ୍ଦୀ ଲୁହି ଚଉପାଶ ।
ତୋଷହୀନ ନୟନ ମୋ ରହଇ ଉପାସ । ୩ ।

କହ ବନ୍ଧୁ ! କେବେ ଅସି 'କୁନ୍ଦମାଳ' ଡାକି ।
କୁନ୍ଦ ସୁକୁମାର କହି ପକାଇବ ଜାକି ? । ୪ ।

କୋଟିଏ ଦୁଷ୍ମନ୍ତଙ୍କର ପୀରତି ଅନୁରାଗ ।
ଗୋଟିଏ ଚୁମ୍ବନେ ତୁମ୍ଭ ହୁଏ ଅନୁଭବ । ୫ ।

ମୁଁ ବୋଲଇ କୋଟି କୋଟି ବସନ୍ତର ରମା ।
ପଦନଖ ଅଗ୍ରେ ତୁମ୍ଭ ହୋଇ ଅଛି ଜମା । ୬ ।

ପୀରତି—ବାଉଳୀ—ପଣ ତୁମ୍ଭର ଅପାର ।
କଥା କହିବାକୁ କାହିଁ ଦିଅ ଅବସର ? । ୭ ।

ଥାନ୍ତ ଯେବେ ପାଖେ ସଖା ! ମୁହଁକୁ ଅନାଇ ।
ଏ ସକଳ କଥା କେବେ ପାରନ୍ତିକି କହି ? । ୮ ।

ଜାଣଇ ମୁଁ ତୁମ୍ଭ ପ୍ରେମ-ସରିତେ ସନ୍ତରି ।
ଅବାକ ସତତ ଓଠ ଥାଆନ୍ତା ମୋହରି । ୯ ।

ସୁଗଭୀର ହୋଇଲେ ହେଁ ସିନ୍ଧୁସରି ଅଙ୍ଗ ।
ମୁଖର ନୁହଇ କେବେଁ ନାରୀଙ୍କ ପିରତି । ୧୦ ।

ଭାବନାର ଭିଡ଼ ଏଣେ ଛାତିଯାଏ ଫାଟି ।
ମନ ଖୋଲି କହିବାକୁ ନ ଫିଟଇ ପାଟି । ୧୧ ।

ନ ଦେଖିଲେ ଝୁରି ମରିବାର ହୁଏ ସାର ।
ଦେଖିଲେ ଲାଜ ପରତେ ହୁଏ ବୁଡିବାର । ୧୨ ।

ନାରୀଙ୍କର ସ୍ୱଭାବ ଏହୁ ପୀରତି ତାଙ୍କର ।
ଲାଜକୁଳୀ ଲତିକାରୁ ବଳି ସୁକୁମାର । ୧୩ ।

ପ୍ରସୂନେ ସୁରଭି ସବୁ ରହଇ ଗୋପନେ ।
ପ୍ରେମିକ ଅଧର ବାତେ ଲୋଟଇ ଅନୁକ୍ଷଣେ । ୧୪ ।

ଅଳି କରି ଅଳି ଯେବେ ମୁକୁଳିତ ଚମ୍ପାର ।
ଲଭନ୍ତି ପ୍ରଣୟ ପଦ୍ମ ଓଠ ବଲ୍ଲରୀର । ୧୫ ।

ମୁହଁ ଖୋଲି କହନାହିଁ ବୋଲି ମୁଁ ଭାଗ୍ୟ ।
ମଣୁଛ କି ମୋର ଅଶା ବଳିନାହିଁ ଏତେ ? । ୧୬ ।

ସେଦିନ ମନ୍ଦିରେ ଯାଉଁ ସଖୀଙ୍କ ଗହଣେ ।
ଦଇବେ ତୁମ୍ଭଙ୍କୁ ଯେବେ ଦେଖିଲି ନୟନେ । ୧୭ ।

ପାଦ ଛନ୍ଦି ହୋଇ ମୁହଁ ନ ପାରିଲି ଚଳି ।
ସଖୀଏ କହିଲ ଛଟା ଗାଳୁଛି ଛଇଳୀ । ୧୮ ।

ମୋ ମନ ମାନିଲ କମ୍ପ । ନ ଚଳିଲ ପଦ ।
କଣ୍ଠ ମୋ ଆସିଲ ହୋଇ କାହିଁ ଗଦଗଦ । ୧୯ ।

ଦିନେ ସଂଗୀତ ମୁଁ ଗାଉଁ ସଙ୍ଗିନୀଙ୍କ ମେଳେ ।
ତୁମ୍ଭେ ଉପଗତ, ଗୀତ ଥାକିଗଲେ ଗଳେ । ୨୦ ।

ନ ଫିଟିଲ ପାଟି ଆଉ ସଙ୍ଗୀନୀଏ ହସି ।
ପୂର୍ବ ରାଗ ଲକ୍ଷଣ ଏ କହିଲ ରହସି । ୨୧ ।

ଲଜ୍ଜେ ଜଡ଼ୀଭୂତ ହୋଇ କରତବେ କୋପି ।
ବୁଝିଲି ହୁଏ ଯା ଦେଲେ ଚିତ୍ତ ସମରପି । ୨୨ ।

କିପାଁ ତୁମ୍ଭେ ଗଲ ଦୂରେ ବିରଚି ବିରହ ।
ଭଲି ହୁଏ ଟାଳି ଲୁହ ତାହା ଅହରହ । ୨୩ ।

ବହି ପଢ଼ୁଁ ପଡ଼େ ମୋତେ ନ ଦିଶେ ଅକ୍ଷର ।
ତୁମ୍ଭର ମୂରତି ତହିଁ ଥାଏ ରଚି ଘର । ୨୪ ।

ଆଉ କିଛି ଲେଖିବାକୁ ଧରିଲେ ଲେଖନୀ ।
ଲେଖିହୋଇ ଯାଏ ତୁମ୍ଭ ନାମାକ୍ଷର ଧ୍ୱନି । ୨୫ ।

ବୀଣା ଧରି ଗାଉଁ ଗୀତ ଗାଏ ମୁଁ କେଦାର ।
ସଖୀ ମୁହେଁ ଆଙ୍କି ହୋଇଯାଏ ହସଗାର । ୨୬ ।

ଯେଉଁ ରୂପ ଦରଶନେ ନେତ୍ର ଉପବାସ ।
ପଲକ ମାତ୍ରକେ ଅହା କଲଇ ବିନାଶ । ୨୭ ।

Digitized by srujanika@gmail.com

ସେ ରୂପ ଦେଖାଇ ଦୂରେ ରହିଲୁ ଯା ପାଇଁ ।
ବଢ଼ାଇଲୁ କ୍ଷୁଧା ଖାଲି ସୁଧାକୁ ଦେଖାଇ । ୨୮ ।
ଶଶିମୁଖୁଁ ହରିଅଛ କଉମୁଦୀ ହାସ
ସୁମନୁଁ ସୁଷମା ସହ ହରିଛ ସୁବାସ । ୨୯ ।
ତପନୁଁ ନେଇଛ ହରି କିରଣ ତାହାର ।
ଏ ନେତ୍ରେ ଦିବସ ଆଉ ନ ଦିଶେ ବାହାର । ୩୦ ।
ଦିବେବଧୂ ମାନଙ୍କ ମୁଖୁଁ ନେଇଅଛ ହସ ।
ଜଗତାରୁ ଦୂର କରିଅଛ ସବୁ ରସ । ୩୧ ।
ବିରହ ଦହନେ ଦାହ ହୋଇବାରୁ ଦୁଃଖୀ ।
ଜୀବନ ଚଷକୁଁ ସୀଧୁ ଯାଇଅଛି ଶୁଖି । ୩୨

ଜୀବର ଜୀବନ ମୋର ପରାଣ ଦୋସର ।
ହୀନା କୁନ୍ଦମାଲା ଦିନ ନ କର ଅସର । ୩୩
ଅବଳା ତଟିନୀ ଲଙ୍ଘି ବାଧା ଶତଶତ ।
ବାରିନିଧି କୋଳେ ଯାଇ ହୁଏ ଉପଗତ । ୩୪
ତେସନ ଏ କୁନ୍ଦମାଲା ଏଡ଼େ ଦଳି ବାଧା ।
ତା କୁଞ୍ଜ କହ୍ଲାର ଲାଗି ସାଜିବ ହେ ରାଧା । ୩୫ ।
ନୟନେ ନୟନ ଓଠେ ଓଠ ଉରେ ଉର ।
ମିଳାଇ ବରିଲି ଯାକୁ ତା ପାଇଁ କାତର । ୩୬

ମୋ ଚିତ୍ତ ମନ୍ଦିରେ ଜାଳି ଅଛର ସତତ ।
ମୋ ପଥ ଦେଖୁଥିବ କିଏ ଏଡ଼େ ସମରଥ । ୩୭ ।
ସୁମନଯୁଁ ସୁକୁମାରୀ ହେଲେ ହେଁ ଅବଳା ।
ପୀରତି ପାଇଁକି ମଣି ସାଧନେ କୁଶଳା । ୩୮ ।
ତଟିନୀ ଉଦ୍ଦାମ ବେଗ ଦିଗମ୍ଭାଳର ଲିପ୍ସା ।
ପୀରତି ପାଇଁକି ହେଜେ ଶିଖି ପାରି ନଯାଏ । ୩୯ ।
ପ୍ରଭଞ୍ଜନ ଶକତିକି କମ୍ପିତରେ ବଶ ।
କରି ରଣିପାରେ ରଞ୍ଜିରେ ଉପହାସ । ୪୦ ।
ନର କଲପନାର ଯା ଅଟଇ ଅତୀତ ।
ପ୍ରୀତି ପାଇଁ ନାରୀ ତାହା ମଣାଇ କଳ୍ପିତ । ୪୧ ।
କୁନ୍ଦମାଲା ନାରୀ ଆଜି ବେଗିରେ ଅବଳା ।
ପୀରତି ବେଗରେ ତାର ଦେହ ଏକା ତୁଲା । ୪୨ ।
ଆସ ନାଥ ହେ କେଦାର ! ପରାଣ ଦୟିତ ।
ଜୀବନ ବଲ୍ଲକୀ ବାଇ ଶୁଣାଇବ ଗୀତ । ୪୩ ।
ବାହୁଲତିକାର କୁଞ୍ଜ ଅଶ୍ଳେଷ ତଳପ ।
ବିରଚି ମୁଁ ଅରପିବି ଆଜ ମୋର ରୂପ । ୪୪ ।
ହେ ରୂପନଗର ରାଜା ! ହୋଇ ମୁଁ କିଙ୍କରୀ ।
ପଦତଳେ କରୁଥିବି ପ୍ରୀତି ନଉଲରି । ୪୫ ।

ଶ୍ରୀ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ବି: ଏ: ବି: ଏଲ୍




**ନକଲି ସୁନା**

**ପଥର ବସା ମୁଦି**

ଜମା ଚିହ୍ନି ପାରିବେ ନାହିଁ । ହୀରା, ପଦ୍ମରାଗ ମଣିପରି ଚକ୍ ଚକ୍ ସୁନ୍ଦର ପାଲିଶକରା ଏବଂ ଖାଣ୍ଟି ସୁନାକୁ ଟପି ଯାଉଛି । ଏକଭରିକିଆର ଦାମ ୫ । ପଥର ବସା ନ ହୋଇ ଫୁଲ ଉଠାଇଥିବା ମୁଦି ଭରିକିଆର ଦାମ ୪ ।

ଏକ ଡଜନ ଯେ କୌଣସି ପ୍ରକାର ମୁଦି କିଣିଲେ ଗୋଟିଏ ନେକ୍ ଚେନ୍ ଲକେଟ ସହ ବିନାମୂଲ୍ୟରେ ପାଇବେ ।
କୌଣସି ପୋଷ୍ଟେଜ୍ ବା ପ୍ୟାକିଂ ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ ।

HENA AGENCY
14. Dr. Jagabandhu Lane.
Boubazar, Calcutta.

**ଜଗଦ୍‌ବନ୍ଧୁ 'ତୁଳସୀ ରାମାୟଣ'**

ରାମାୟଣ ୧ମ, ୨ୟ, ୩ୟ ଭାଗ ପ୍ରକାଶ ପାଇଲା । ୪ର୍ଥ ଭାଗ ଅଳ୍ପ ଦିନେ ପ୍ରକାଶ ପାଇବ । ୫ମ, ୬ଷ୍ଠ ଯନ୍ତ୍ରସ୍ଥ ।
ପ୍ରକାଶକ ଶ୍ରୀ କୃଷ୍ଣଚରଣ ସାହୁ ।

ପ୍ରାପ୍ତିସ୍ଥାନ—**ଅନ୍ନପୂର୍ଣ୍ଣେଶ୍ୱରୀ ଭଣ୍ଡାର**
ପୁରୁଣା ବଜାର, ଭଦ୍ରକ ।

ଓ ଅରୁଣୋଦୟ ପୁସ୍ତକାଳୟ
ଷ୍ଟୁଡେଣ୍ଟ ଷ୍ଟୋର କଟକ ।


Digitized by srujanika@gmail.com




# ପ୍ରେମାସ୍ପଦା

ଲେଖକ:—
ଶ୍ରୀ ବ୍ରଜକିଶୋର ରାୟ, ଏମ୍: ଏ

ତା' ବଙ୍ଗଳା ଭିତର ପ୍ରସ୍ଫୁଟିତ କୃଷ୍ଣଚୂଡ଼ା ମୂଳରେ ମୁଁ ଯାହାର ଅଦୃଷ୍ଟ ଗଢ଼ି ଦେଇଥିଲି; ତାର ଭବିଷ୍ୟତକୁ ରୂପ ଦେଲି ।

ଆଜିକୁ ତିନି ବରଷ ତଳର କଥା । ମୋର ଠିକ ମନେ ଅଛି ସେ ଓ ମୁଁ କୃଷ୍ଣଚୂଡ଼ା ଗଛଟି ମୂଳରେ ଛିଡ଼ା ହୋଇ ଶେଷ ନିଷ୍ପତ୍ତି କରି ସାରି ଦୁହେଁ ଦୁହିଁଙ୍କୁ କ୍ଷଣେମାତ୍ର ଅନାଇ ରହିଥିଲୁଁ ।

ମୁଁ ବେଶୀବେଳ ତାକୁ ରୁନ୍ଧି ପାରି ନଥିଲି । ବାରବରଷ ଧରି ଅଙ୍ଗରେ ଜଳିଥିବା ଜ୍ୱଳନ ସେତେଟାର କଥା ନୁହେଁ । ତାହା ମନେ ବାନ୍ଧିଥିଲା । ବୋଧହୁଏ ମୋର ନିଷ୍ପତ୍ତି ଓ ତାର ମନ ଭିତର ଦ୍ୱନ୍ଦ୍ୱର ମୀମାଂସାକୁ ସେ ଦକ୍ଷିଣା କରି ନେଇ ଥିଲା ଗୁରୁ କଲ୍ୟାଣ ଭଳି ।

ଯାହାର ଜୀବନ ଧାରା ଯେଉଁ ନିଷ୍ପତ୍ତି ମୁଁ କରିଦେଲି, ତା' ପଛରେ ନାରୀ ଜନ୍ମର ବିରାଟ ମୋହ-ସଂପଦ ରହିଅଛି । ସେଥିପାଇଁ ଯାହା ମୁଁ କିଛିଏ ଶଙ୍କିତ ହୋଇ ଯାଇଥିଲି ।

ତାର ମାଆ ହେମମଣି ଶେଷଥର ପାଇଁ ମୋ'ର ପାଦ ସ୍ପର୍ଶ କରି ବିଦାୟ ନେଲା । କଣ୍ଠରେ ମୋ ପ୍ରତି କୃତଜ୍ଞତାର ନମ୍ର ମୃଦୁବାଣୀ । କହିଲା—

"ଏ ଜୀବନର ଅପବାଦ କଥା ଆପଣ ତ ନ ଜାଣନ୍ତି କିଅଣ? ବାପର ପରିଚୟ; ଅଜ ଦୁଇଟା ବରଷରେ କେହି ଜଣେ ମିଳିଯିବ; ଶାଢ଼ୀ ଚାନ୍ଦି ବନ୍ଧା ପଡ଼ଣ ଖଞ୍ଜି କରି ତାକୁ ଟାଣି ନେବ । ତା ପରେ ସେ ଜଣକର ନୁହେଁ; ବହୁ ଲୋକର । ଏଇ କଥା କେତେ ଭଲକି, ଯେପରି ତା'ର ଏଥିରୁ ବଞ୍ଚିଗଲା! କିନ୍ତୁ ଠିକ କରି ପାରି ନାହିଁ । ଯୋଗଜ୍ଞ ଅପଣ ଶୁଭଗମନ କରନ୍ତୁ..."

ରଞ୍ଜିତା ହେମମଣିର କଥା ଶୁଣିଲି । ସେ ଯାହାର ଜନ୍ମ କରିଛି ସେଥିପାଇଁ ଏ ଧ୍ୱଂସମୁଖୀ ଭ୍ରଷ୍ଟ ଓ କଳୁଷିତ ସମାଜ ତାକୁ କଳଙ୍କୀ ବୋଲି ଅଭିବାଦନ କରେନି । ଦେବଦାସୀଗଣର ଗ୍ରାସରେ ସତୀର ରକ୍ତ-ସିନ୍ଦୂର ଜଳି ଉଠେ ନାହିଁ । କିନ୍ତୁ କିଏ ସତୀ? ଗୋଟାଏ ଧର୍ମବନ୍ଧା ଅନୁଷ୍ଠାନ ଭିତର ଦେଇ, ଗୋଟାଏ ଜଣା ଲୋକର ମଙ୍ଗଳକୁ ସାତଜନ୍ମର ଖାତିରୀ ଭଳି 'ମୋ' 'ହଜୁର' କରି ବସ୍ତ୍ର ଖେଳରେ ତାର ସ୍ତନପାନ ନାରୀର ସହିଷ୍ଣୁତା ଗୁଣରେ କ୍ଷମା କରି ଯେ ଅବିଚଳ ସତୀର ନାଁଅରେ ଏ ଦୁନିଆରେ ଅଭିନୀତ ହେଉଛି ତାହାହିଁ ଯଦି ସତୀତ୍ୱ ହୁଏ, ତେବେ ହେମମଣିର ସେହି ମର୍ଯ୍ୟାଦା— ସତୀତ୍ୱର ଅଗ୍ରଭାଗରେ ତାର ମଥା ତଳକୁ କରିଁ ଅଛି ନାହିଁ । ମଥା ତାର ନଇଁ ଅସିଛି, ତା ପ୍ରାଣରେ ସ୍ୱାଭିମାନ୍ୟତାର ସଂସ୍କାର ହୋଇଛି କେବଳ ଏଇ ସମାଜର କଲ୍ପିତ ବାଲିଆ 'ହୋ' 'ହୋ' 'ହ' ହସାରରେ ଏ ଧ୍ୱନି ବନ୍ଦ ହୋଇଯିବ; ହେବା ଉପରେ ।

ଗର୍ଭଧାରଣୀର ବେଦନା ଯେ ହେମମଣି ଭୋଗିଛି—ନିଜ ରକ୍ତରୁ ଯେ ସେ ଗର୍ଭସ୍ଥ ଭ୍ରୂଣକୁ ଖାଦ୍ୟ ଯୋଗାଇଛି—ଏଇ ତକ, ଏଇ ସତ୍ୟ, ମୋ ପକ୍ଷରେ ବଡ଼ ସତ୍ୟ ।

ତାର ଶଯ୍ୟା ଉପରେ ନିଷ୍କଳଙ୍କ, ଝିଙ୍କାନ୍ତିର ପ୍ରେମର ଅଭିନୟ ହୋଇନ୍ଥାଏ ହୋଇନାହିଁ । ନ ହେଉ; କିନ୍ତୁ ଉଚ୍ଛ୍ୱାସ ସକଳ ମୂର୍ତ୍ତିକୁ ଲଙ୍ଘନ କରି ଅନ୍ତରର ଅଶ୍ରୁ ନଦୀ ଓ ଯେଉଁ ହୃଦୟ ଅନୁଭୂତ ପାଇଁ ଯୋଗୀ ଯୋଗ ସାଧନା କରେ, ସନ୍ନ୍ୟାସୀ ଶଯ୍ୟାର ବାସ ବାସର ଗୃହ ତ୍ୟାଗ କରେ । ତୁଚ୍ଛ ଏକ କଥା । ଅନନ୍ତ ଅନ୍ତର୍ନିହିତ ବାଣୀ ।

ପୁଲିସ୍ ଯେପରି ଦାଗୀକୁ ଦୂରରୁ ଦେଖି "ଦାଗୀ" କହେ, ସେହିପରି ଏ ମୃତକଳ୍ପ ସମାଜର କଳଙ୍କ ବା ଦାଗ ଦେବାପାଇଁ ନିର୍ଦ୍ଦେଶ ଦିଅ ସହଜ ।

ହେମମଣି ପାଖରେ ଧର୍ମବିରୁଦ୍ଧ ନେବ ଥିଲି । ତା'ର ବର୍ଣ୍ଣ ଆଡ଼, ତନୁରେ ବିକାଶ ବାର୍ଦ୍ଧକ୍ୟ ସୁଷମା ରହିଛି । ଅଗ୍ନି ଦୃଷ୍ଟିର ନିର୍ମଳ ଭଙ୍ଗୀରେ ମୋହ ଅଛି, ଅଛି ଭାବ ରହିଛି । ଧର୍ମଗଣ ବେକାଟି ତାର ପାଖରେ ଏକ ଉଦ୍ଭଟ ଦେଖିଛି ବୋଲି ସୁଯୋଗକୁ ଚାହିଁ ରହି ସ୍ପଟିଏ ଅସିଛି । ମୋର ଅନୁରୋଧରେ ସେ ସବୁର ବାଳିକି ।

ତାକୁ ବୁଝେଇ ମୁଁ କହିଲି—

ସବୁସ ବା ଶତଶତକାର କଥା ନୁହେଁ । ତାର ନର୍ତ୍ତକୀ ସାଜ ରଙ୍ଗମଞ୍ଚ ଉପରେ ବସନ୍ତ ନୃତ୍ୟ କରୁ ବା ସହାନାରେ ହୋଇ ଉପରେ ଫୁଲ ଲକ୍ଷ ଦର୍ଶକର ହୃଦୟକୁ ସ୍ପନ୍ଦିତ କରୁ—ଏହା ମୋ ପକ୍ଷରେ ଅବାସ୍ତବ । ହୋଇ ପାରେ, ତା'ର ନାଚ ଶିଖିବ, ଗାଇ ଶିଖିବ, ସଙ୍ଗୀତ ଅଭ୍ୟାସ କରିବ; ସୁନ୍ଦରକଳା ପାଇଁ ତାର ଅନ୍ତର ହେବ ସୁନ୍ଦର କଥା ।

Digitized by srujanika@gmail.com

ମୋର କଳ୍ପନାର ତାରକା ମୁଁ ବସନ୍ତନୃତ୍ୟରେ ଅଧୀର ଭାବରେ ରଙ୍ଗମଞ୍ଚ ଉପରେ ନୃତ୍ୟ କରୁଥାଏ; କିନ୍ତୁ ଗୋଟାଏ ଛୋଟ କୋଠରୀ, ତା ଭିତରେ ଢେଳଣଚୌକି ଗୋଟାଏ ଉପାଧାନ, କାନ୍ଥରେ ଅଧା ଅର୍ଦ୍ଧ-ଦର୍ପଣ ଖଣ୍ଡ, ଠଣାରେ ବଡ଼ ବଣ୍ଡିଲ, ଭଙ୍ଗା ପାନିଆ, ଗୋଟାଏ ଷଣ୍ଢା ଚେପ୍ଟା ଡବା, ତା ପାଖରୁ ଟର୍କିଶ୍ ବାଥ ସାବୁନର ଫେଣ-ଲଗା ଗୋଟାଏ ଟୁୱାଲ—ତେଣେରେ କାନ୍ଥକଣ୍ଟାରୁ ଓହଳିଥିବା ଶାଳପଟ ଖଣ୍ଡ, ପଉଡର ଡବା, ଅଧା ପୋଡ଼ା ସିଗାରେଟ୍, ଦୁ' ଟଙ୍କା ମଇଳା ଅଣ୍ଡିଆ ରୁମାଲ—ଯା' ଉପରେ ତାହାର ନାକଭୁଲ ଲୁଚେଇବା ପାଇଁ ( ଏଣେ ବହୁପାରେ ନାସିକାର ମରଣ ପାଇଁ ) ମୁଁ ଉତ୍ତରଦଇ ପାରେନା।

ଏତକ କହି ସେ ଥିଏଟର ଲୋକଙ୍କୁ ବିଦାୟ ଦେଲେ। ତାରକା ନୃତ୍ୟ ଭବନରେ ଅଭିଷିକ୍ତ କରି ତାଙ୍କୁ କଲ୍ୟାଣ କଲି। ସେ ବେଳେ ଏତେ କହି ମୋର ପାଦସ୍ପର୍ଶ କଲା—

“ବୋଉ ରହିଲା, ମଦନମା କାମରେ ଯେବେ ଉଅଟେ ଅବୁଝିବେ, ଟଙ୍କା ଖବର ନେବେ।”

କୁମାର ପୂର୍ଣ୍ଣିମାର ଅବସାନ। ଚନ୍ଦ୍ର ଉଇଁଲା; ତାର ଜ୍ୟୋତ୍ସ୍ନା ଯେପରି ମଳିନ ପଡ଼ିଯାଉଛି। ସଜ ହୋଇ ହୋଇ ମୁଁ ବାହାରି ପଡ଼ିଲି।

ସାଗର-ବେଳା। ବିସ୍ତୃତ ବାଲୁକା ରାଶି। ଲୋକ ସମାଗମର ଦୂରରେ ମୁଁ ବସି ରହିଲି। ମୋର ଛୋଟ୍ଟି ପ୍ରାଣ ପୁଲକିତ ହେଲା।

“—ଅମି ହେରେ ଗେଛି।”

ମୋର ଚିନ୍ତା ସ୍ରୋତରେ ବାଧା ପଡ଼ିଲା। ମୋ ପଛକୁ ଗୋଟିଏ ବଙ୍ଗୀୟ ବାଳିକା ଠିଆ ହୋଇଛି; ସାଥିରେ ଜଣେ ପ୍ରୌଢ଼। ବାଳିକାଟିର ପେହରଣ ଶାଢ଼ୀ ନୁହେଁ ପାଇଜାମା। ତାର ବକ୍ଷ ଛନ୍ଦ ଶୁଭ୍ର ଉତ୍ତରୀୟ ଖଣ୍ଡ କାନ୍ଧରୁ କଟୀ ପ୍ରାନ୍ତ ପର୍ଯ୍ୟନ୍ତ ସ୍ପର୍ଶ କରୁଛି।

ତାର ଯେ ଅଙ୍ଗ ଚନ୍ଦ୍ରାଲୋକରେ ଦେଖି ଝଲସିତ, ତାହା ଢେର ରମଣୀୟ। ଅଳକ ଓ ଅନ୍ଧକାରର ବନ୍ଧହୁଡରେ ସେ। ଯାହାର ଜୀବନ-ସିନ୍ଧୁରେ ଶତ ଢେଉ ଆସି ବେଳାରେ ମୁଣ୍ଡ ପିଟି ବ୍ୟଥା ପାଉଛି; ସେ ଇଚ୍ଛା କରୁଛି ଜନ୍ମପର୍ଯ୍ୟନ୍ତ ଏଇ ସାଗର ଢେଉକୁ ଗଣିବାକୁ।

“—ଓ, ବାବା, ଅମି ଶୁନେଛି। ଏଖାନେ ଥିଏଟର୍ ହଚ୍ଛେ। ଚଲୁନ୍ ଏକ୍‌ଟୁ ଦେଖେ ଆସି।” କହି ସେ ବାଳିକାଟି ବାବାର ହାତ ଧରି ଚାଲିଗଲା।

ତିନିବରଷ ତଳର ସ୍ମୃତି। ହଠାତ ସେହି କୃଷ୍ଣଚୂଡ଼ା ମୂଳରେ ତିନିବର୍ଷ ପୂର୍ବେ ଗୋଟିଏ ବାଳିକାର ଭଙ୍ଗୀ ନର୍ତ୍ତନ! ସେ କଣ ଏଇ ଥିଏଟରରେ? କେଜାଣି?

ଶୁଣ—

ପ୍ରେକ୍ଷାଳୟ। ବେଶୀ ଆଗକୁ ନ ଯାଇ ଟିକିଏ ପଛରେ ବସିଲି। ତା'ର ସ୍ମୃତିରେ ମନ ପ୍ରାଣ ଉତ୍କଣ୍ଠାରେ ଜର୍ଜରିତ ହୋଇ ରହିଛି। ତାହାର ସଙ୍ଗୀତ, ତାର ନୃତ୍ୟ କେତେ ସୁନ୍ଦର ନ ହୋଇଥିବ?

ପ୍ରେକ୍ଷାଳୟ ପରିପୂର୍ଣ୍ଣ। ନାଟକ ପରିବେଷଣ “କବିସୂର୍ଯ୍ୟ।” ଓଡ଼ିଆ କବିର ଜୀବନ ଆଲେଖ୍ୟ ପ୍ରତିଫଳିତ ହୋଇଛି

ସେହି ଦୃଶ୍ୟ। ଜଳନ୍ତ ରଙ୍ଗୀରେ କବିସୂର୍ଯ୍ୟଙ୍କର ପ୍ରତିଭା ବିଚ୍ଛୁରିତ ହୋଇ ପଡ଼ୁଛି। ତାଙ୍କର ସଙ୍ଗୀତର ମୂର୍ଚ୍ଛନା ଗିରି କାନନ ମଥିତ କରି ସକଳ କଣ୍ଠରେ ଅନୁରଣିତ ହେଉଛି।

ଏ କଣ? ସର୍ପିଳ ନର୍ତ୍ତନ ଭଙ୍ଗୀ! କେଶର ଖାଟର ଖାଟରେ କବି ପ୍ରତି ରାଜଜେମାର ପ୍ରଣୟ ଧାରା ଉଚ୍ଛୁଳ ପଡ଼ୁଛି। ଚନ୍ଦ୍ରର ଶାନ୍ତ ସ୍ନିଗ୍ଧ ସୌନ୍ଦର୍ଯ୍ୟ। ବଣର ଫୁଲ ସୌନ୍ଦର୍ଯ୍ୟକୁ ଅବଲୁଣ୍ଠିତ କରି ଏହି ରାଜଜେମା ଚନ୍ଦ୍ରକଳାର କଥା କଥାରେ “କବି”, “କବି” ବୋଲି ପ୍ରଣୟ ନିବେଦନ—କେତେ ମର୍ମସ୍ପର୍ଶୀ!

ଧରାପଡ଼ିଯାଉଛି। କୃଷ୍ଣଚନ୍ଦ୍ରଙ୍କ ବନ୍ଦନା କରୁଁ କରୁଁ ନିଜେ କବିର ଗଳାରେ ଚନ୍ଦ୍ରକଳା ଲମ୍ବାଇ ଦେଉଛି ପୁଷ୍ପହାର। ତା ପରେ କ୍ରୀଡ଼ା ବାଧା ଦେଉଛି। ପାଦ ଚଳୁନାହିଁ। ଅଭିବାଦନରେ ନାରୀ ଜନ୍ମର ପାପ ପୁଣ୍ୟ, ଲଜ୍ଜା ଓ ଭୟ ସମସ୍ତ ଚନ୍ଦ୍ରକଳା କବି କଣ୍ଠରେ ସମର୍ପଣ କରି ଦେଉଛି।

କି ଚମତ୍କାର ଏହି ସଲଜ୍ଜ ଅଭିବାଦନ ଭଙ୍ଗୀ! କିଏ ଏହି ତରୁଣୀ ଯେ ଚନ୍ଦ୍ରକଳା ଭୂମିକାକୁ ଏପରି ଜୀବନ୍ତ ଓ ମନୋଜ୍ଞ କରି ରୂପ ଦେଇ ପାରୁଛି।

କୃଷ୍ଣଚୂଡ଼ାର ମୂଳରେ ଏଇ ଭଙ୍ଗୀ ଥରେ ଦେଖିଥିଲି। ସେହି ଅଭିବାଦନ ଭଙ୍ଗୀ! ହଁ, ହାଁ, ତାହାହେଲେ ଏହି ଚନ୍ଦ୍ରକଳା! ତିନି ବରଷ ତଳେ, ହାଁ, ଠିକ୍ ଏହିପରି ଭଙ୍ଗୀ ରହିଁ ରହି ଥିଲା। ଆଜ ସେ ଓଢ଼ଣୀରେ ଟିକିଏ ବେଶୀ ରଙ୍ଗ ଦେଇଛି; ଆଉ ତାର ପ୍ରତି ପାଦକ୍ଷେପରେ ଟିକିଏ ବେଶୀ ସ୍ପନ୍ଦନ ଦେଇପାରୁଛି, ଆଜ ତା ହସ ହସ ମୁହଁରେ ଟିକିଏ ବେଶୀ ଅଧର ଥରେଇଛି।

—ସିଗ୍ରେଟ୍?

ଯେ ମୋତେ ସିଗ୍ରେଟ୍ ଖଣ୍ଡେ ଯାଚି ଶୁଭେଚ୍ଛା ପ୍ରକାଶ କଲେ ଦେଖିଲି ସେ ଜଣେ ସୁଶ୍ରୀ ଯୁବକ। ପରିଧାନ ଅଦ୍ଦି ଟସର ମୋଟା ସୂତାର ଖଦଡ଼ ଧୋତି। ମୁଣ୍ଡରେ ଜାତୀୟ ଟୋପି। ପଞ୍ଜାବୀ ଉପରେ ଚଦର ଖଣ୍ଡେ। ସ୍ୱାସ୍ଥ୍ୟଶ୍ରୀର ତରଙ୍ଗ ଯେପରି ମୁହଁ ଉପରେ ଆଲୋକ ଜଳାଇ ଦେଉଛି।

ଧନ୍ୟବାଦ ଦେଇ ତାହା ଗ୍ରହଣ କଲି। ଯୁବକଟିକୁ ମତେ ଭଲ ଲାଗିଲା। ସବୁ ଯେପରି ତାଙ୍କର ସ୍ୱାଭାବିକ। କେଉଁଠି ଛଳନା ବା ଅତିରଞ୍ଜନ ନାହିଁ।

ଶେଷ ଯବନିକା—

ଧୀରେ ଧୀରେ ପ୍ରେକ୍ଷାଳୟ ଦର୍ଶକଶୂନ୍ୟ ହୋଇଗଲା। ତାହାର ସ୍ମୃତିରେ ମୁଁ ବୁଡ଼ି ରହିଛି। ଟିକିଏ ବସି ରହିବି ବୋଲି ଭାବି ବସିରହିଲି।

କିଛି ସମୟ ପରେ ଦେଖିଲି ଯୁବକଟି ବି ଠିକ୍ ମୋରି ଭଳି ବସି ରହିଛନ୍ତି। ଯିବାର ଉପକ୍ରମ କିଛି ନାହିଁ। ସିଗାରେଟ୍‌ର ଧୂଆଁ ଉପରକୁ ବିଶେଷ ଭାବରେ ଉଡ଼ିଯାଉଛି।

ମୋର ମନେ ହେଲା ବୋଧହୁଏ ଭିଡ଼ କମିଗଲେ ସେ ପରିବାର

Digitized by srujanika@gmail.com

ଉତ୍ସବ ତାହାର ଯିବାର । ବନ୍ଧୁ ପ୍ରେମାନନ୍ଦ ଏବମ୍ପ୍ରକାର ଖାଲି ଘଣ୍ଟା ଗଣୁଣି । ମହିଳାସନକୁ ଚାହିଁ ଦେଖିଲି ସେହି ନାହାନ୍ତି ।

ଯୁବକ ପଚାରିଲେ—

‘—ଆପଣ କାହାକୁ କଅଣ ଅପେକ୍ଷା କରୁଛନ୍ତି ?’

‘ନା’ ମୁଁ କହିଲି ।

‘ତେବେ ବସି ରହିଲେ ଯେ’

‘ଏମିତି’

ଯୁବକଙ୍କ ମୋ ଆଡ଼କୁ ଦୃଷ୍ଟି ଫେରାଇ ନେଲେ ।

ମୁଁ କୌତୂହଳୀ ହୋଇ ପଚାରିଲି—

‘—ଆପଣ ବସିରହିଲେ ଯେ’

—‘ମୁଁ ?’ ଯୁବକ ଉତ୍ତର ଦେଲେ । ‘ମୁଁ ମୋର ପିଲଙ୍କୁ ସାଙ୍ଗରେ ନେଇ ଯିବି । ତାଙ୍କୁ ହିଁ ଏ ଅପେକ୍ଷା କରିଛି ।’

କୁଣ୍ଠିତ ହେଲି । ପୁଣି ମହିଳାସନକୁ ଅନାଇଲି । ଦେଖିଲି ଥିଏଟରରୁ ଗୃହର ସେଠି ଚଉକା ସଜାଇ ରଖୁଛି । ସେହି ନାହାନ୍ତି । ତେବେ ଏ ରେଳବାଟର ପିଲ ମିଳି କଅଣ ପସ ରଜ ଟ୍ରେନ୍‌ରେ ଉଡ଼ୁଛନ୍ତି କି ?

କେତେବେଳକୁ ସେ ଉଠି ଛିଡ଼ାହେଲେ; ‘‘କହିଲେ ଆସନ୍ତୁ ଯିବା ।’’ ମୁଁ ପଛରେ ଚାଲିଲି ।

ଗେଟ୍ ପାଖେ ଦେଖିଲି ବାସ୍ତବରେ ତାଙ୍କ ସ୍ତ୍ରୀ ଅପେକ୍ଷାରେ ରହିଛନ୍ତି । ମୁଁ ତାଙ୍କୁ ‘ନମସ୍କାର’ କହି ଫେରି ପଡ଼ିବାକୁ ବସିଛି ତ କାହାକୁ ଯେପରି ଦେଖି ବଜ୍ରାହତ ପ୍ରାୟ ହୋଇଗଲି ।

ପାଖ ଇଲେକ୍ଟ୍ରିକ୍ ଆଲୋକରେ ଉଦ୍‌ଭାସିତ ହୋଇ ଉଠିଛି ସେହି ମୁହଁଟି । ତିନି ବରଷ ତଳର କଷ୍ଟଚୂଡ଼ା ମୂଳତଳେ ସେହି ମୁହଁଟି ଯାହା ସ୍ମୃତି ବଳୟିତ, ସେ ମୁହଁ କି ମୁଁ ଭୁଲିପାରେ ?

ଅସମ୍ଭାଳ ଭାବରେ ଡାକିଦେଲି—

—ଡାଗ—

ସେତେବେଳକୁ ସେ ମୋତେ ପାଦ ଛୁଇଁ ପ୍ରଣାମ କରି ସାରିଛି । ତାକୁ ଉଠାଇ ଯୁବକଙ୍କୁ ମୁଁ ଚାହିଁଲି । ତାଙ୍କର ଶାନ୍ତ କପାଳ ଉପରେ ଯେପରି କମ୍ପ ଓ ଉତ୍ତେଜନାର ରେଖା ସ୍ପଷ୍ଟ ହୋଇ ଯାଉଛି । ସେ ଡୋଳାନ୍ତୁ ଏ ଉଭୁଦିଲେ ହାରର ଚଞ୍ଚଳତା ଯେପରି ଶେଷ ହୋଇ ନାହିଁ । ଅଭ୍ୟସ୍ତ ସ୍ୱରରେ ।

ସେମାନେ ମତେ ନିମନ୍ତ୍ରଣ କଲେ । ମୁଁ ରାଜି ହେଲି । ପକ୍ଷୀ ପକ୍ଷିଣୀ ନୀଡ଼ ରଚନା କରିଛନ୍ତି । ଏ ନୀଡ଼ ଯେପରି ଶାଶ୍ୱତ ହେଉ —ଚିରନ୍ତନ ହେଉ, କଲ୍ୟାଣୀୟ ହେଉ,—ତାହାହିଁ କଲ୍ୟାଣ କଲି । ନର୍ମଦାରୁ ଫେରି ଆସି ହାରର ସୀମନ୍ତକୁ ଯେ ମୁଁ ସିନ୍ଦୂର ଦେଇ ପାରିଛି, ତାକୁ ନାରୀର ପରମ କାମନା ସ୍ୱାମୀ ସେବା ଦେଇ ପାରିଛି ଏଥିପାଇଁ ନିଜକୁ ପୁରସ୍କୃତ ହେଲି, ପରେ ନିଜର ଅନୁଶୋଚନା ପାଇଲି । ନା—ନା—ମୁଁ ଦୁଃଖ କରି ନାହିଁ । ହାରର ଜୀବନରେ ଯେ ସୌଭାଗ୍ୟ ଆସିଛି ତା ପାଇଁ ଏ ଯୁବକଙ୍କ ଶତବାର ଅଭିନନ୍ଦନ । ସାହସ ଓ ନିର୍ଭୀକତାର ପ୍ରତିମୂର୍ତ୍ତି ଏହି ଯୁବକ ଦେଶର ନବଜାଗରଣରେ ଅଗ୍ରଦୂତ ।

ଦୂରେ ମୋ ଦୃଷ୍ଟି ସେଠାରୁ ଯେବେ ଅପସରି ଗଲେ । ସ୍ୱାମୀ-ସ୍ତ୍ରୀ । ସେତେବେଳେ ଯାନବାହାର ଶେଷ ସଂଗୀତ ମୂର୍ଚ୍ଛିତ ହେଉଥିଲା—

ବନ୍ଦେ ମାତରମ୍—
ଶୁଭଦେ, ସୁଖଦେ, ଅଶ୍ରୁ ଭଜ ବଉବେ ।
ଭଜନ ଉତ୍କଳ ବନ୍ଦେ, ବନ୍ଦେ
ମା—ତ—ରଂ—ଅଂ—ଅଂ ।

—*—

ସଙ୍ଗୀତ କଳାଧର ଶ୍ରୀ ଜଗବନ୍ଧୁ ସାହୁଙ୍କ
ଦ୍ୱାରା ପ୍ରଣୀତ
ଛାତ୍ରକବି ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ୍ୱାରା
ମୁଖବନ୍ଧ ସମ୍ବଳିତ
‘‘ସଂଗୀତ ସହଚର’’
ରାଗ, ରାଗିଣୀ, ତାଳ ଓ ଯନ୍ତ୍ରାଦି ସହଜରେ
ଶିକ୍ଷା ନିମନ୍ତେ ସର୍ବୋତ୍କୃଷ୍ଟ
ଗ୍ରନ୍ଥ ମୂଲ୍ୟ:—ଟ ୧୵
ଶୀଘ୍ର ପ୍ରକାଶ ପାଇବ ।
ଆଗରୁ ଅର୍ଡର ଦିଅନ୍ତୁ ।
ପ୍ରାପ୍ତିସ୍ଥାନ:—— ଶ୍ରୀ ଜଗବନ୍ଧୁ ସାହୁ
ସଙ୍ଗୀତ ଶିକ୍ଷକ
ହାଇସ୍କୁଲ ଭଦ୍ରକ ।

ଭଦ୍ରକରେ
ସବୁପ୍ରକାର ପତ୍ର ପତ୍ରିକାର ଏକମାତ୍ର ଏଜେଣ୍ଟ ।
ଶ୍ରୀ କୈଳାସଚନ୍ଦ୍ର ମହାନ୍ତି ବୁକ୍‌ସେଲର—ଭଦ୍ରକ ।






Digitized by srujanika@gmail.com

# ଭୀଷଣ ଭାବନା

( ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ )

ଦୁନିଆ ଯାକରେ ନ ମିଳଇ ଯାହା ଖୋଜି,
ସେହି ଭାବନା ମୋର ଦିନରାତି ହୁଏ ଭୋଜି ।
ଦୁନିଆ ଯାକରେ କେବେ ନ ଘଟିବ ଯାହା,
ସେହି ଭାବନା ମୋ ବେକକୁ ହୋଇଛି ଦାଆ ।

ସମାଜ କୋଠାକ ଅଛି ତ ସେପରି ଚହି,
ସବୁରି ମନ ତ ମାନିଲେ ଯହିଁ ତହିଁ ।
ହାତୀ କେତେ କାହିଁ ଥକି ଗଲେଣି ତ ସବୁ,
ମାନି ନେଲେଣି ତ କିଏ ଦାସ କିଏ ପ୍ରଭୁ ।

କିଏ ସେ ଉପରେ କିଏ ଅବା ଅଛି ତଳେ,
କିଏ ଖାଏ ଭାତ କିଏ ପେଜ ପିଇ ଚଳେ ।
ଯୁଗ ଯୁଗ ଧରି ସରିନାହିଁ ଯେତେ କଥା,
ତା' ପାଇଁ କାହାର ବଥାଇ ନାହିଁ ତ ମଥା ।

ବଡ଼ ସାନ ବୋଲି ଅଛି ଏଥି ଯେତେ ଜାତି,
ତା ଲାଗି କାହାର ପୋଡ଼ୁ ଉଠୁନାହିଁ ଛାତି ।
ଲୋଡ଼େ ନାହିଁ କେହି, ଯେପରି ଜଗତ ଗୁଲୁ,
କିଏ ବା ମଣିଷ କିଏ ଏଥି ବାଘ ଭାଲୁ ।

ଖାଇ ପିଇ ହସି ଦୁଇଦିନ ନେବା କାଟି,
କେଜାଣି କାହାକୁ କାଲି ଡାକିନେବ ମାଟି !

× × × ×

ଏତେ ସହଜରେ ନ ପାରିଲି ଦେଇ ଧରି,
କୋଟିଏ ଭାବନା ନ ମାନି ବରଷା ଖରା ।
ଘୋଟି ଅଛେ ମନ ଉତ୍କଣ୍ଠା କରି ଘାଟ,
ଗୋଟା ଦୁନିଆକୁ ଓଲଟାଇ ଦେବା ପାଇଁ ।

ଦେଖାଇ ଦେବାକୁ କିଏ ଉଚ୍ଚ କିଏ ନୀଚ,
ନୀତି ବା ଅନୀତି କିଏ ପାପ କିଏ ମିଛ ।
ହୁଏ ନାହିଁ ବୁଦ୍ଧି କାହୁଁ ଆସେ ଏତେ ବଳ,
ହିମାଳୟ ଟାଳି କରିବାକୁ ସମତଳ ।

ସାଗର ଶୁଖାଇ ଗଢ଼ିବାକୁ ବାସଭୂଇଁ,
ଡାକିବାକୁ ଲୋଡ଼େଁ ଦୁନିଆ ଭିତରେ ମୁହିଁ ।
ଉପରେ ତୋଫାନ ଗରଜଇ ଘନ ଘନ,
ନ ମାନି କାହାକୁ ଧାଇଁଛି କାହିଁ ଏ ମନ ?

ନ ଥିଲା ନ ହେବ ହୋଇନାହିଁ କେଉଁ କାଳେ,
ସେହି ଭାବନାରେ ମୁଁ ଆଜି କେତେ ଗାଳେ ।
ସେହି ଭାବନାରେ ଦିନ ଯାଏ ମୋର ବିତି,
ଆସଇ ସାହସ ପାଇବାକୁ ରଣେ ଜିତି ।

ସେ ଭାବନା ମୋତେ ମାରି କରିଦେଉ ଚୂନା,
ପାଉଁଶ ନ ହୋଇ ତଥାପି ହେବି ମୁଁ ସୁନା ।

Digitized by srujanika@gmail.com

# ପରିବର୍ତ୍ତନ

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ, ଏମ୍. ଏ,

ଏ ତ ସେ ଦିନର କଥା । ଓଡ଼ିଶା ଏସେମ୍ବ୍ଲି ବସିଲା । ଘମାଘୋଟ ଚର୍ଚ୍ଚା ଚାଲିଲା । ଓଡ଼ିଶା ପ୍ରଦେଶରୁ ମଦ, ଅଫିମ, ଗଞ୍ଜେଇ ଆଉ ସବୁ ନିଶା ବନ୍ଦ । ଅକ୍ଟୋବର ଠାରୁ କାମ ଆରମ୍ଭ ହେବ । ହେଲା ପର···

ଏଣେ ରମ୍ଭା ଛକ ବଜାରରେ ଲଗାଲଗି ହୋଇ ମଦୁଆ ଗଜୁରୁଛି । ଆଉ କୋରାପୁଟ ଜିଲାର ବରୁଗଡ଼ ପାଖ କୋଠାଗୋଡ଼ା ଗାଁରେ ଏଟା ବିନା ଲାଇସେନ୍ସରେ ମଦ ଦୋକାନ ଖୋଲିଛି । ତାକୁ ଲିଜ୍ ଦେଇନ୍ତି । ଆଉ କୋଠାଗୋଡ଼ା ନିକଟ ଆଉ ପାଞ୍ଚ ଗାଁ—ମଲିଗାଁ—ରେ ଏଟା ଖୋଲା ଦୋକାନ । ଅଥଚ ସରକାରର ପି. ଆଇ. ଓ ଅଛନ୍ତି, ଏକ୍ସାଇଜ୍ ବିଭାଗ ଅଛି, ପୋଲିସ ଅଛି । କେହି କଣ କରି ପାରୁ ନାହାନ୍ତି । ଖାସ୍ ଏସ୍. ଏ. ଏଜେଣ୍ଟ ସେଇଠି ବସିଛନ୍ତି । ବସ୍ତର ନେଇ ।

ଏଣେ ନିଶା ବନ୍ଦ ହୋଇଯିବ ଶୁଣି ନିଶାଖୋରମାନେ ଏବଠୁ ଅଫିମ, ଗଞ୍ଜେଇ ଇତ୍ୟାଦି ଷ୍ଟୋର କରି ରଖିଲେଣି ।

ଅପଲସ୍ୱାମୀର ମଦ ନ ହେଲେ ନ ଚଳେ । ସେ ଭଲ୍ଲୁ ଷ୍ଟକରେ ମାଉଜମି କରୁଛି କାହିଁ ନୋହିବ ।

ବହୁମାତ୍ର ମଧ୍ୟ ନିଶାଖୋର ନୁହେଁ । କିନ୍ତୁ ସେମାନଙ୍କ ମଧ୍ୟରୁ ବୁଲିବା ଲୋକ କହିଲେଣି ଖାଲି ସରକାର ମଦ ଉଠାଇ ଦିଅ ତାହା ନୁହେଁ । ସଇପ ଗଞ୍ଜ ମଧ୍ୟ କଟାଇ ଦିଅ । ଏହି ଚିତ୍କାର ।

ଅପଲସ୍ୱାମୀର ପାଇଁ ଭଲ୍ଲୁକଷ୍ଟରେ ସେଟସାରି ହେଉଛି । ଏଥି ବାଣ୍ଡଲାନ ନାହିଁ । ଏହି ମଦ ପାଇଁ ଯେତେ ନିଶା, ବେଶ୍ୟା, ଚୋର, ଲୁଟେରା ରହିଛି । ଏ ଗାଁ ଜାଣେ । ଅପଲସ୍ୱାମୀ ନାନା ପ୍ରକାର ଚେଷ୍ଟାରେ ଚଳୁଛି—ପାଗଳାମି କରୁଛି ଗୃହସ୍ଥ ଓ ବାଟୋଇ—ଭଦ୍ର ମନରେ ଆତଙ୍କ ହେଉଛି ।

ନଦୀଡ଼ା ମା ଢାଙ୍ଗଡ଼ାଣୀ ଏଣେ ମଦ ଖାଇ ନୃତ୍ୟମାର— ଆଉ ଗଜୁରୁଛି ।

କିନ୍ତୁ ସାଙ୍ଗେ ସାଙ୍ଗେ ରମ୍ଭା ହାଇସ୍କୁଲରେ ସମସ୍ତେ ନିଶା ଛାଡ଼ିଲେଣି । ସେମାନେ ସ୍କୁଲରେ ବାଇବଲ ପାଠ ଓ ସଂକୀର୍ତ୍ତନ କରିଲେଣି । ହାଡ଼ି ବ୍ରାହ୍ମଣ ହେବାକୁ ବସିଲେଣି ଆଉ ବ୍ରାହ୍ମଣ ହାଡ଼ି ହେଉଛି ।

ଠିକ ଏହି ସମୟରେ ଭାରତର ସ୍ୱରାଜ ଚଳିବାର ଉଠିଛି । ହିନ୍ଦୁ ମୁସଲମାନ କଳହଗୋଳ ଲୁଟଲୁଟ ଲାଗିଛି । ଚଙ୍ଗୀଜ୍ ଖାଁ ପୁଣି ଭାରତ ଅଭିଯାନ—ଆକ୍ରମଣ କରିବେ ପରା । ତେବେ ଇଂରେଜ କହିଲେ ଭାରତରେ ବୃଟିଶ ସୈନ୍ୟ ବାହାରି ରହିବେ ? ଏଣେ ଭଦ୍ରଲୋକ କହିଲେଣି—ବ୍ରିଟିଶ ଦ୍ୱୀପର ଇଂରେଜ ସୈନ୍ୟ । ଏଣେ ପ୍ରଦେଶ ପ୍ରଦେଶରେ 'ମିଲ୍ ଓନର୍ସ' ଜୋର ଧରିଲେଣି, ତେଣେ ଗାନ୍ଧୀ କହୁଛନ୍ତି ମିଲ ବନ୍ଦ କର । ଏହାପରେ ସମୁଦ୍ର ମନ୍ଥନ ଚାଲିଛି । ଏଣେ ସ୍କୁଲ କଲେଜ ଛାତ୍ର ବଡ଼ ଟାଣିଲେଣି ଆଉ ସ୍ୱ ଘରଛାଡ଼ିଲେଣି । ତେଣେ ବର୍ମ୍ମା କେତେ ମୁଣ୍ଡରେ ହାତଦେଇ ବସିଛନ୍ତି ଏ କାଳ ଅଇଲା ।

ମଧୁସୂଦନ ଏହାକୁ ଭାରତର ସ୍ୱାଧୀନ ଦେଶ ସେବା ସନ୍ଧାନରେ । ତାର ମନ ଭଲ ନାହିଁ । ସେ ମିଲରେ କାମକରି ସୁଖ ପାଉନାହିଁ । ବ୍ୟବସାୟ ବାଣିଜ୍ୟରେ ତାର ତୃପ୍ତି ଆସୁନାହିଁ । ତାର ଚିନ୍ତା ଦେଶ ସେବାରେ ମେଣ୍ଟିବ ସେ ଭାବୁଛି ।

ଆଜ ଅପଲସ୍ୱାମୀ ଓ ମଧୁସୂଦନର ଭେଦଟା ଘଟିରେ ଦେଖ ରମ୍ଭା ସନ୍ଧ୍ୟାରେ । ଅପଲସ୍ୱାମୀର ପାଇଁ ଭାବୁଛି । ମଧୁସୂଦନ ବସି ଭାବୁଛି ଗୃହାନ୍ତରରେ ।

ଦେଖା ତାର ଫିଲକୁ ନେଇ ଶୋଇଛି । ମଧୁସୂଦନ ବସି ଭାବୁଛି— ଦେଶ ସେବା ବ୍ରତ ଗ୍ରହଣ କରିବ । ଆଉ ଅପଲସ୍ୱାମୀ ! ତାର କିଛି ଚେତନା ନାହିଁ ।

ମିଲ ମାଲିକ ଅପଲସ୍ୱାମୀକୁ ମଦ ଦେଇଛି । ସେ ଖାଏ । କାଲି ସକାଳୁ ପୁଣି ସେ ମିଲକୁ କାମ କରିବାକୁ ଯିବ । ପୁଣି ସନ୍ଧ୍ୟାରେ ମାଉଜମି କରିବ । ଏହି ତାର ଜୀବନ ।

ପୁଣି ଏସେମ୍ବ୍ଲି ବସିଲା । ଚହଳ ଉଠିଲା । ମଦ ଏଥର ଉଠିଲା— ଆଉ ନ ଦିନେ ଉଠିବ । ମଜା ଆଉଟ ! ସଂସାର ନୂଆ ହେଲା । ଅପଲସ୍ୱାମୀ ଆଜ ସନ୍ଧ୍ୟାରେ ମନ୍ଦିରକୁ ଯାଉଛି— ମନ୍ଦିରରେ ଘଣ୍ଟା ବଜାଉଛି ଗୀତ ଗାଉଛି । ମଧୁସୂଦନ ମନ୍ଦିରରେ ବସି ପ୍ରବଚନ ହୋଇ ମୁଗ୍ଧ ହୋଇ ତା ଶୁଣୁଛି ।

ମଦ ସାଙ୍ଗେ ସାଙ୍ଗେ ବେଶ୍ୟା ଗଲା । ଘର ଦୁଆର ସୁନ୍ଦର ହେଲା । ପିଲାଏ ପାଠ ପଢ଼ିଲେ । ନୂତନ ସଂସାର, ନୂତନ ଦେଶ, ଭାରତ ବର୍ଷ ଦେଖା ଦେଲା ।

ଯୋଗୀର ପୂଜାର ମହାତ୍ମା ଗାନ୍ଧି । ଅସ୍ପୃଶ୍ୟତା ଦୂର ହେଲା । ସମଗ୍ର ପୃଥିବୀ ଏକ ହେଲା । ମହାମାନବଙ୍କ ଜୟଧ୍ୱନି ସବୁ ଦେଶରେ ଶୁଣାଗଲା । ହିନ୍ଦୁ ମୁସଲମାନ ଇତ୍ୟାଦି ଅତିକ୍ରମ କରି ମନୁଷ୍ୟ ବାସ୍ତବ ମନୁଷ୍ୟ ରୂପରେ ଦେଖା ଦେଲା । ସମସ୍ତ ଭଲ ହେଲେ ।

Digitized by srujanika@gmail.com

# କାଚ--ଅଲତା

ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର, ବି. ଏ. ( ଅନର୍ସ )

ନଦୀ ଅର ପାରେ ଗ୍ରାମ ଗହଳର କିଶୋରୀ କଥା,
ଶୁଣିଛକି କେବେ ସହରବାର ଯହିଁ ଦୋଳାଏ ମଥା ।

ହଳଦିଆ ବଣ ପାଚିଲା ଟାଙ୍ଗରା ଧାନ କିଆରୀ,
ଦଗେ ଦଗେ ହସେ ମୁଗ୍ଧା କିଶୋରୀ ଶୋଭିତ ବାଡ଼ି ।

ନଦୀ କଣକର ଘନ ଗଛିକା ଯାଅଇ ଡାଳ
ଶିବ ପୂଜା ଲାଗି ଗନ୍ଧସ ତୋଳଇ ପଧାନ ବାଳୀ ।

ନଦୀ ଅର ପାରେ ତୋଟା ମାଳ ମାଳ ପଧାନ ଝିଅ,
ଅଛି ଦୁଲାଳୀ ସେ ଦ୍ୱାଦଶୀ ଗୋରୀ ଲବଣ୍ୟ ମୟୀ ।

କଟକ ସହରେ ମୋକଦ୍ଦମା କାଲି ପଧାନ ବୁଢ଼ା,
ଯିବା ପାଇଁ ପଗ୍ ସଜାଡ଼ିରେ ବନ ଗୁଡ଼ଳ ଚୂଡ଼ା ।

ଅଛି ମାନମୟୀ ପଧାନ ଦୁହିତା କହିଲା ବାପା ।
କଟକ ଅଲତା ସାର ବୋଲି କହେ କନକ ଅପା ।

ଅଣିବ ମୋ ପାଇଁ ବାପା ହେ ଏଥର କାଚ-ଅଲତା,
ଅନୁରୋଧ ସାର କାଲି ଦେଲା ବାଳୀ ପୂଜା ସଳତା ।

ଏ କଥା ପଦକ କହିଲା ଦୁହିତା କରି ଆଦର,
ଶୁଣିଥିବ ବୁଢ଼ା ପଧାନ କି ନାହିଁ ଦେଲ ଉତ୍ତର ।

ପଲ୍ଲୀ ରୂପସୀ କଟକ କାଚ-ଅଲତା ଅଣା,
ଲେଖିବା ପାଇଁ କି ଅଛଇ ଭଲର ଲେଖନୀ ଭାଷା ।

ମୋକଦ୍ଦମା ଶେଷେ ଆଦେଶ ଦେଲେ ଯେ ବିଗୁରପତି,
'ଶତ ମୁଦ୍ରା ଦେବ' ପଧାନ ବୁଢ଼ା ଯେ ନସିବ ଅଛି ।

ଶୂନ୍ୟ ଦିଶିଲା ଚଉଦିଗ ଯେବେ ଶୁଣି ଏ ଦଣ୍ଡ,
ଦୁଇ ନୟନେ ଅଶ୍ରୁ ସାଗର ପଲକେ ରୁଣ୍ଡ ।

ସବୁ ଯାଇଥିଲା ଚୁଡ଼ା ଓ ଗୁଡ଼ଳ ପଇସା ନାହିଁ,
ଭଲିହୁଏ ବୁଢ଼ା ଅର୍ଥ ନାହିଁ ଯେ ଅଲତା ପାଇଁ ।

ଦୁହିତା ଅଲତା-ଅନୁରୋଧ ଭାବି ଟିକିଲା ମନ,
କି କରିବ ବୁଢ଼ା ଦରିଦ୍ର କପାଳେ ନାହିଁ ଯେ ଧନ ।

ପୂର୍ବ କାଳର ରୂପା କଣ ଦାନା ଥିଲା ନିକଟେ,
ବନ୍ଧକ ଦେଇ ବୁଢ଼ା ଭାବଇ କିଣିବ ଅଲତା ପଟେ ।

× × ×

ଥର ଥର ଗାଆ ଖେଳେ ଝେଲାଇ ଯେ ପାଚିଲା ଧାନ,
କଳ କଳ କରେ ଛଳ ଛଳ ଝର କି ଉପମାନ ।

ହସି ଉଠୁଥାଏ ନଭେ ଚନ୍ଦ୍ରମା ବଚନ ବଳେ,
ଏକାଳେ ପଧାନ ଦୁହିତା ଝେଲଇ ସଜନୀ ଦଳେ ।

ବାପା ଅବମନେ କୋମଳ କଣ୍ଠେ ପୁଛେ ଦୁହିତା,
ଅଣିଛ କି ବାପା ଅଛି ଗାଢ଼ ରଙ୍ଗ କାଚ ଅଲତା ।

ଜନକ-ସୋହାଗ ଶ୍ରଦ୍ଧା ମମତା ହୃଦୟେ ଭରି,
ଦେଖାଏ ପଧାନ ବୁଢ଼ା ଅତି ବେଗେ ଅଲତା ଧରି ।

କି ମଧୁ ଆବେଗେ କି ପ୍ରାଣ ପୁଲକେ କି ଅନୁରାଗେ,
ଅଲତା କାଚ ଫିଟାଇ ଦେଖେ ସେ ସଜନୀ ଆଗେ ।

ଅଛି ଗାଢ଼ ରଙ୍ଗ କଟକ ଅଲତା ଗୋଲାପି ରଙ୍ଗ,
ସେଦିନ କୁଟୀରେ କୁଟୀରେ ଲଭିଲା ଆଦର ବ୍ୟଙ୍ଗ ।

ଅଲତା ରଞ୍ଜି ଚରଣେ ଦୁହିତା ସଜାଏ ମଥା,
କବି ଲେଖେ ଚୂତ ପଲ୍ଲୀ-ପ୍ରତିମା କିଶୋରୀ କଥା ।

Digitized by srujanika@gmail.com

# ତାରକାର ଆତ୍ମହତ୍ୟା

ଲେଖକ—
ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ

କୌଣସି ଖ୍ୟାତନାମା କବି ପୂର୍ବେ ଏହି ଶିରୋନାମା ସମ୍ବଳିତ ଏକ ରଚନା ଦ୍ୱାରା ପାଠକ ସମାଜଙ୍କୁ ଅପୂର୍ବ କାବ୍ୟ-ରସ ଆସ୍ୱାଦନର ସୁଯୋଗ ଦେଇଯାଇ ଅଛନ୍ତି । ଏଠାରେ ତାଦୃଶ ଉଚ୍ଚସ୍ତରର ରସପରିବେଷଣର ଆଲୋଚନା ବା ତାର ତତ୍ତ୍ୱାଲୋଚନାର ପ୍ରୟାସ ଆଦୌ ନାହିଁ, ଏକଥା ମୂଳରୁ କହି ରଖିବା ଭଲ ।

ବାବୁ ନନ୍ଦଲାଲ ମହାନ୍ତି ଆଧୁନିକ ତରୁଣ, ବାବୁ । ସଂପ୍ରତି ବେକାର । ପୂର୍ବେ ଲାଲମିଆଁ ସିମେଣ୍ଟ ଓ ପଥର କୋଇଲା କୋମ୍ପାନୀରେ କିଛୁଦିନ ଆସିଷ୍ଟାଣ୍ଟର କାମ କରିଥିଲେ । ସାଧାରଣ କିରାଣୀ କାମର 'ଆଧୁନିକ' ନାମ ଆସିଷ୍ଟାଣ୍ଟ କାମ । ସିମେଣ୍ଟ ଓ ପଥର କୋଇଲାର କଠିନ ଓ ନିର୍ମମ ସ୍ପର୍ଶରେ ପଦେ କୁଆଡ଼େ ହୃଦୟର କୋମଳ ବୃତ୍ତିଗୁଡ଼ାକ ଚୁପି ଚେପି ନିଷ୍ପେଷିତ ହୋଇଯାଏ, ଏହି ଭୟରେ ନନ୍ଦବାବୁ କାମ ଛାଡ଼ିଛନ୍ତି । ମୁହେଁ ମୁହେଁ ଇଂରେଜି ବଙ୍ଗଳା ରସଯୁକ୍ତ କବିତା ବୋଲିବା, ତାର ଫାଙ୍କେ ଫାଙ୍କେ କାର୍ଲଟନ୍ ସ୍ପେଶାଲ ସିଗାରେଟ୍‌ର ଧୂଆଁ ଛାଡ଼ିବା ଓ କୌଣସି ଦେଶୀ ଛାପାଖାନାରେ 'ଆସିଷ୍ଟାଣ୍ଟ'ର କାମ ପାଇଁ ଧାଇଁବେଲେ, ଓ ଗୋଟେ ଆଠ-ଜଣିଆ ମେସ୍‌ରେ ବସିରହି ଆଡ୍ଡା ମାରିବା ନନ୍ଦବାବୁଙ୍କର ଉପସ୍ଥିତ ଦୈନିକ କାର୍ଯ୍ୟକ୍ରମର ପଞ୍ଜୀ ।

ଇତିମଧ୍ୟରେ, ସାଇଡ୍‌ଲାଇନ୍ ହିସାବରେ, ତାଙ୍କର ଅନ୍ୟ ଏକ ମୁଖ୍ୟ କାର୍ଯ୍ୟ ସିନେମା-ତାରକାଙ୍କର ଛବି ଓ ଅଟୋଗ୍ରାଫ୍ ସଂଗ୍ରହ କରିବା, କେତେ ଗୁଡ଼ିଏ ଏଲବମ୍ ଗଲା ବର୍ଷକ ଭିତରେ ବିଦେଶୀ ଓ ଦେଶୀ ତାରକାଙ୍କର ଛବି ଓ ଅଟୋଗ୍ରାଫ୍ ଦ୍ୱାରା ସୁଶୋଭିତ ହେଲାଣି । ବର୍ତ୍ତମାନ ନନ୍ଦବାବୁ ବିଶେଷ ଭାବରେ ଦେଶୀ ତାରକାମାନଙ୍କ ଆଡ଼କୁ ଝୁଙ୍କିଛନ୍ତି, କାରଣ ଆମେରିକା ପ୍ରଭୃତି ବିଦେଶୀ ଜାଗାକୁ ଡାକ ଟିକଟ୍ ଖର୍ଚ୍ଚାସହ ଚିଠି ପଠାଇବା ସିମେଣ୍ଟ ପଥର କୋଇଲା ଯୁଗର ସଂଚିତ ପୁଞ୍ଜି ପକ୍ଷରେ କ୍ରମେ ଆୟାସସାଧ୍ୟ ହୋଇ ପଡ଼ୁଛି ।

ନନ୍ଦବାବୁ ସୌଖୀନ ଲୋକ, ଏକଥା ପାଠକ ଏତେ କଥାରୁ ଅନ୍ଦାଜ କରି ନେଲେଣି । ମୁଣ୍ଡରବାଳ ତେଲ-ମସୃଣ, ମୁଖମଣ୍ଡଳ ସ୍ନୋ-ପାଉଡର, ଦେହର ପଂଜାବୀଟି ଖାଲି ଶୁଭ୍ର ବା ସୁଦୃଶ୍ୟ ନୁହେଁ, ସଂପୂର୍ଣ୍ଣ ଆଧୁନିକ ଷ୍ଟାଇଲରେ କଟା । ତେବେ, ଗୋଟାଏ ଦୁଃଖ ବିଷୟରେ ନନ୍ଦବାବୁ ଟିକିଏ ପଛରେ ପଡ଼ି ଯାଇ ଅଛନ୍ତି ।

(୧) ତାଙ୍କର ବୟସ ଗୌରବ ଟିକିଏ ବେଶୀ ଭାବରେ ପ୍ରକଟ, ଆଉ (୨) ଏ ପର୍ଯ୍ୟନ୍ତ କୌଣସି 'ଗାର୍ଲ' ତାଙ୍କ ପ୍ରେମରେ ପଡ଼ିଯାଇ ନାହିଁ ।

ଶେଷ ପ୍ରସଙ୍ଗ ସମ୍ବନ୍ଧରେ ଆଠ-ଜଣିଆ ମେସ୍‌ର ବାକି ସାତ ଜଣଙ୍କର କୌତୁହଳର କିଛିମାତ୍ର ଅଭାବ ନାହିଁ । କିନ୍ତୁ ଅଭାବ ଘଟିଛି ରକ୍ତ ମାଂସର ଏକ ମୂର୍ତ୍ତିମତୀ ପ୍ରେମିକାର ! ତାଙ୍କ ଆବିର୍ଭାବ ବିନା କୋକିଳ ବିହୀନ ବସନ୍ତକାଳଭଳି, ପୁଷ୍ପର ଉତ୍ସବ ହୀନ ଶରତ୍‌କାଳ ଭଳି କିମ୍ବା ଏହି ଚିନି-ରେସନ୍-ଯୁଗରେ ମାସର ଶେଷ ହପ୍ତାର ମିଷ୍ଟତା ବର୍ଜିତ ଚା ଭଳି ନନ୍ଦବାବୁଙ୍କର ଯୌବନ ଏକାବେଳେକେ ବିଫଳ ହୋଇ ଯାଉଛି । ନନ୍ଦବାବୁ ମୁହଁରେ ଯାହା କହନ୍ତୁ ନା କାହିଁକି, ଆଧୁନିକା ଗାର୍ଲଗୁଡ଼ାକଙ୍କ ଯେତେ ଦୋଷ-ତ୍ରୁଟି ଦେଖେଇ ଦେଖେଇ ବାହାର କରନ୍ତୁ ନା କାହିଁକି ମେସ୍‌ର ସଦ୍ୟ ବିବାହିତ ସେକ୍ରେଟେରୀ ବ୍ରଜବାବୁଙ୍କ ଆଖିରେ ଧରା ପଡ଼ି ଯାଉଛି ଯେ ନନ୍ଦବାବୁ ସକାଳେ ସେଫ୍‌ଟିରେଜର ସାହାଯ୍ୟରେ ଷିଅର କାମ ସାରି କୂଅମୂଳକୁ ମୁହଁ ଧୋଇ ଯିବାବେଳେ ଥରେ ଆଇନାରେ ନିଜର କେଶ-ବିରଳ ବ୍ରହ୍ମତାଳୁ ଉପରେ ସ-ଜବାକୁସୁମ ଓ ସାକ୍ଷେପ ହସ୍ତସଞ୍ଚାଳନା କରୁଥିଲେ ।

ଏଠାରେ କହି ରଖିବା ଉଚିତ, ନନ୍ଦବାବୁଙ୍କର



Digitized by srujanika@gmail.com

ବୟସ ପାଠକ ପାଠିକାଙ୍କ ଅନୁମାନ ଅନୁଯାୟୀ ବାଇଶ ତେଇଶ ନୁହେଁ—ସେ ସିମେଣ୍ଟ ଓ ପଥରକୋଇଲା ବ୍ୟାପାରରେ କମ୍ପିନ୍‌ହାଉ ପଡ଼ି ଅଡ଼ର ଅଧିକା ଛଅ ସାତ୍‌ଟା ବର୍ଷ ଅତିକ୍ରମ କରି ଗଲେଣି; ଫଳରେ, ବ୍ରହ୍ମତାଳୁ କ୍ରମେ କେଶ ବିରଳ ହୋଇ ପଡ଼ୁଛି । ତେଣେ ଦୈବକ୍ରୁ, ତାଙ୍କର ମୁକ୍ତମୀୟ ପିତାମାତା ଉଭୟେ ତାଙ୍କର ବାଂଶବର୍ଷ ପ୍ରାପ୍ତି ପୂର୍ବରୁ ଗତ ହୋଇ ଥିବାରୁ ବିବାହ ଲାଗି ତାଙ୍କୁ ଘରୁ ଖୁବ୍ ବେଶୀ ଗୁପ ପଡ଼ିନାହିଁ । ଭାତୃ ଜାୟା ଲୀଳାଦେବୀ ତାଙ୍କ ମାଉସୀ ଝିଅ ଭଉଣୀ ଉମା ପାଇଁ ନନ୍ଦବାବୁଙ୍କୁ ଲଗେଇ ଥିଲେ କିଛିଦିନ, ମାତ୍ର ଉମା ଭାଗ୍ୟକୁ ପୋଲିସ୍ ଇନସ୍‌ପେକ୍ଟର୍ ସର୍ବେଶ୍ୱର ବାବୁ ରଙ୍ଗମଞ୍ଚରେ ଅବତୀର୍ଣ୍ଣ ହେଲାରୁ ନନ୍ଦବାବୁ ସେଇ ଅନୁଯୋଗ-ଅନୁରୋଧ ହାତରୁ ରକ୍ଷା ପାଇଯାଇଛନ୍ତି ।

ସେ ଆଜି ଛଅ ସାତବର୍ଷ ତଳର କଥା । ସିମେଣ୍ଟ ଓ ପଥର କୋଇଲା କାମର ଚୋଟିଏ ଗୁଣ ଏଇ ଯେ ଯେଉଁଠି ସେ କାମର ମୂଳଘାଟି, ସେଠି ଲୋକଙ୍କ ପ୍ରାଣରେ ରସର ସେମିତି ପ୍ରାଚୁର୍ଯ୍ୟ ନ ଥାଏ—ଲୋକ ଗୁଡ଼ାକ ସତେ ଯିମିତି 'ଛାଡ଼ିଅ' ମାରି ଯାଆନ୍ତି, ଦିନକୁ ଦିନ । ନୋହିଲେ ଶରତବାବୁଙ୍କ ଝିଅ ଶୁକ୍ଲା କମ୍ପା ଅଡ଼ଟର ବାବୁଙ୍କ ଭଗିଣୀ ସୀମା ବୟସରେ ନିହାତ୍ ସାନ ବା ଦେଖିବାକୁ କିଛି ଅସୁନ୍ଦରୀ ନ ଥିଲେ । କିନ୍ତୁ ମେସ୍‌ରେ ରହିବାର ଗୋଟାଏ ଅସୁବିଧା ଏଇ ଯେ, ମେସ୍ ଦଳର ଜଣେ ଅଧେ ବିଭା ନହୋଇ ଥିଲେ, ଅନ୍ୟମାନଙ୍କର ବିବାହ-ପ୍ରସ୍ତାବ ଚେଡ଼େ ସହଜରେ ଉଠି ପାରେ ନାହିଁ । ବରଂ ମେସ୍‌ର ନାରୀବିହୀନ ବାୟୁ ମଣ୍ଡଳରେ ପୁରୁଷ-ପିଲାର ଜନ୍ମାର୍ଜିତ ସ୍ୱାଧୀନତା-ପ୍ରବୃତ୍ତି ଦିନକୁ ଦିନ ପରିପୁଷ୍ଟ ହୁଏ ଓ ବିବାହ-ବନ୍ଧନ ଆଡ଼କୁ ଟିକେ ଅନୁକମ୍ପା-ପୂର୍ଣ୍ଣ ବିରାଗ ଆଣିଦିଏ ।

ବିବାହ କଥା ଛାଡ଼, ପ୍ରେମ ସୁଦ୍ଧା ଯେ ହୋଇ ପାରିଲା ନାହିଁ ଏଥିପାଇଁ ନନ୍ଦବାବୁଙ୍କ ଅନ୍ତରର ଅନ୍ତ-ସ୍ଥଳରେ ଯେ ଟିକେ ଆକ୍ଷେପ ରହିଯାଇ ନାହିଁ ଏ କଥା କହିହେବ ନାହିଁ । କିନ୍ତୁ ଏଇ ଅଗୋଚର ଦୁର୍ବଳତାଟିକୁ ନନ୍ଦବାବୁ ବହୁଦିନ ବହୁ ଯତ୍ନରେ ଲୋକଲୋଚନର ଅନ୍ତରାଳରେ ରଖି ଆସିଅଛନ୍ତି ।

କିନ୍ତୁ ସେ ଦିନ ଦୈବାତ୍ ଯାହା ଘଟିଗଲା ତା' ପରେ ନନ୍ଦବାବୁଙ୍କର ଏତେ ଦିନର ଏତେ ଚେଷ୍ଟା ସବୁ ବ୍ୟର୍ଥ ହୋଇଗଲା । ଖାଲି ବ୍ୟର୍ଥ ନୁହେଁ ତାଙ୍କର ଜୀବନରଗତି ଏକାବେଳକେ ଅନ୍ୟ ମୁଖୀ ହୋଇଗଲା । କିପରି ଘଟିଲା ସେ ଯୋଗାଯୋଗ ଶୁଣନ୍ତୁ—

ଫିଲ୍ମସ୍ଥାନ ଟକିଜ୍ ଅନୁକରଣରେ ଯେଉଁ 'ସଖୀ-ସ୍ଥାନ' ଟକିଜ୍ ଖୋଲିଛି, ସେଠାକାର ଶ୍ରେଷ୍ଠା 'ସଖୀ' ଚନ୍ଦ୍ରମା ଦେବୀ ଆମ ମୁକୁଳବାବୁଙ୍କର ବାନ୍ଧବୀ । ମୁକୁଳବାବୁ ହେଲେ ନନ୍ଦବାବୁଙ୍କର ବଡ଼ଭାଇ ଶ୍ୟାମ ବାବୁଙ୍କର କଲେଜ ବନ୍ଧୁ, ଦୁଇବରଷର ସିନିଅର୍ । ସେଇ କ୍ଷୀଣ ସୂତ୍ରକୁ ଅବଲମ୍ବନ କରି ଏସିଷ୍ଟାଣ୍ଟ୍ ମ୍ୟାନେଜର୍ ମୁକୁଳବାବୁଙ୍କ ସଙ୍ଗେ ନନ୍ଦବାବୁଙ୍କର କ୍ଷୀଣତର ପରିଚୟ । ଏବଂ ତାରି ଫଳରେ ମେସ୍‌ର ସାତଯୋଡ଼ା ଆଖିକୁ ଫାଙ୍କିଦେଇ କିଛିଦିନ ପୂର୍ବେ ତିନି ଚାରିଥର ଆମ ନନ୍ଦବାବୁଙ୍କର 'ସଖୀସ୍ଥାନ' ଟକିଜ୍ ଷ୍ଟୁଡ଼ିଓକୁ ଯାତାୟାତ ଓ ଘଟଣା କ୍ରମେ ଚନ୍ଦ୍ରମାଦେବୀଙ୍କ ସହିତ ଆଳାପ ।

ମୁକୁଳବାବୁ ଅସିଷ୍ଟାଣ୍ଟ୍ ମ୍ୟାନେଜର, ଭାରି କାର୍ଯ୍ୟ ବ୍ୟସ୍ତ ଲୋକ । ରିହାର୍ସେଲର ଫାଙ୍କେ ଫାଙ୍କେ ଚନ୍ଦ୍ରମା ଦେବୀଙ୍କୁ ମିଳେ ପ୍ରଚୁର ଅବସର, ଅଥଚ ଗଳ୍ପ କରିବାକୁ ନୂଆ ଲୋକର ଅଭାବ । ସିନେମାବାଲାଙ୍କର କଥା ବାର୍ତ୍ତାରେ ସେଇ ଗୋଟିଏ ବିଷୟବସ୍ତୁ—ମିଡ୍-ଶଟ୍ ଭଲ ହୋଇଥାନ୍ତା କି ? ହିରୋର 'ମୁଡ୍' ଠିକ୍ ଆସୁନାହିଁ, ଲାଇଟିଂ ଟିକେ ବଦଳା ଦେଇ ରି-ଟେକ୍ କର—ଏବସବୁ—ପେଷାଦାରୀ ଶହେଥର ହଜାରେଥର ଶୁଣା କଥା । ନନ୍ଦବାବୁଙ୍କର ବାହାର ଜଗତର ତାଜା ତରୁଣ ମନର ସଂସ୍ପର୍ଶ ଚିତ୍ର-ତାରକା ଚନ୍ଦ୍ରିମାଦେବୀଙ୍କ କର୍ମକ୍ଳାନ୍ତ ମନ ପକ୍ଷରେ ହେଲା ଏକ ଅଭାବନୀୟ ଟନିକ । ଆଳାପର ଗତି ହେଲା ମନ୍ଥରରୁ ସତ୍ୱର, ସତ୍ୱରରୁ ପ୍ରଖର ।

ହେଲେ, ନନ୍ଦବାବୁ ଏ ଲାଇନରେ ଏକ୍ସ୍‌ପିରି-ଏନ୍‌ସ୍‌ଡ଼ ନୁହନ୍ତି, ଟିକେ ଟିକେ ଥମି ଯାଆନ୍ତି, ସେଇ

Digitized by srujanika@gmail.com

ପ୍ରଖରତାର ପ୍ରାବଲ୍ୟ ଅନୁଭବ କରେ । ଉଡ଼ନ୍ତା ମୋଟରରେ ହଠାତ୍ ବ୍ରେକ୍ କରିଦେଲେ ଯେଉଁ ଅବସ୍ଥା ହୁଏ, ଏ ଦୁହିଁଙ୍କ ଆଳାପର ଅବସ୍ଥା ମଧ୍ୟ ବେଳେ ବେଳେ ସେମିତି ହୋଇ ଯିବାର ଜଣାପଡ଼େ । ଇମିତ ଏକ ଅସ୍ୱାଭାବିକ ପରିସ୍ଥିତିରେ ଦିନେ ହଠାତ୍ ଚନ୍ଦ୍ରମା ଦେବୀ ତାଙ୍କର ବୀଣା ଝଙ୍କା କଣ୍ଠରେ ପଚାରି ବସିଲେ —ଅଚ୍ଛା, ନନ୍ଦବାବୁ, ଆପଣଙ୍କ କବିତା, ଆର୍ଟ ଇତ୍ୟାଦି ସମ୍ବନ୍ଧରେ ଏତେ କଥା ଜାଣିନ୍ତି ଓ ବୁଝନ୍ତି । ରୁପେଲି ପର୍ଦ୍ଦାରେ ଆର୍ଟକୁ ଅତୀନ୍ଦ୍ରିୟ ସ୍ତରରୁ ବାସ୍ତବତାର ସ୍ତରକୁ ଆଣିବା ଦିଗରେ କିଛି ସହାୟତା କରୁ ନାହାନ୍ତି କାହିଁକି ?

ନନ୍ଦବାବୁଙ୍କର ମନେହେଲା—ସମ୍ମୁଖରେ ସ୍ୱର୍ଗ, ସୁନାର ତୋରଣ ଝରଣ ଗେନସୁର୍ଗୀ । ତୋରଣ ଦ୍ୱାରରେ ଚକ୍ଷୀ ଦେବଦୂତ, ତାର ମୁହଁର ଆକୃତି କେତେକାଂଶରେ ମୁକୁଳବାବୁ ପରି ହେବ ପରା ! ଭିତରେ ନନ୍ଦନ କାନନ,— ସନ୍ନିକଟରେ କଳ୍ପବୃକ୍ଷ । ଥରେ ଖାଲି ଭିତରକୁ ପଶି ପାରିଲେ, କଳ୍ପ ବୃକ୍ଷକୁ ଛୁଇଁ ପ୍ରାର୍ଥନା କରି ପାରିଲେ, ସ୍ୱର୍ଗର ସର୍ବଶ୍ରେଷ୍ଠା ରୂପସୀ, ନା, ନା, ରମ୍ଭା, ମେନକା ଉର୍ବଶୀ ନୁହେଁ, ସେମାନେତ ପୁରୁଣା ,ବହୁ-ଆସ୍ୱାଦିତା, ନୂତନତ୍ୱବର୍ଜିତା, ଚନ୍ଦ୍ରମା ଦେବୀ ଭଳି ଅନାଘ୍ରା ଅପାପବିଦ୍ଧା ଅମୃତରୂପିଣୀ ଦେବୀ ହୁଏତ ତାର ପ୍ରେମରେ ପଡ଼ିଯିବେ । କଳ୍ପବୃକ୍ଷତ ଆଉ ମିଛନୁହେଁ !

କି ଭାବରେ କି ଉତ୍ତର ଦେଇ ନନ୍ଦବାବୁ ସେଦିନ ସେଠୁ ବିଦାୟ ନେଲେ, କିପରି ଭାବରେ ଆସି ବସାରେ ପହଞ୍ଚିଲେ, ଓ ସେଦିନ ରାତିରେ ଭାତ ଖାଇଲେ କି ନ ଖାଇଲେ, ସେ ସବୁ କଥା ତାଙ୍କୁ ଜଣାନାହିଁ ।

ତିନିଦିନ ପରର କଥା ।...

...ସୁଟିଂ ଆରମ୍ଭ ହେବ ଲଞ୍ଚ ପରେ । ଉପରର ମେକ୍-ଅପ୍ ରୁମ୍ରୁ ଚନ୍ଦ୍ରମା ଦେବୀ ହିରୋଇନ୍-ଭୂମିକାରେ ଅପୂର୍ବ ସାଜସଜ୍ଜା, କରି ତଡ଼-ତଡ଼ ବେଗରେ ସିଡ଼ିଦେଇ ଓହ୍ଲାଇ ଷ୍ଟୋଜ୍‌ଦ୍ୱାର ଭିତରକୁ ପଶିଗଲେ । କି ମଧୁର ସେ ଅଙ୍ଗର ପ୍ରତି-ଭଙ୍ଗୀ, କି ଲଘୁ କି ଚଞ୍ଚଳ ସେ ଚାଲିଛନ୍ଦ, କି ଆନନ୍ଦମୟ ସେ ସତ୍ତାର ଅସ୍ତିତ୍ୱ ! ମାତ୍ର ଷ୍ଟୋଜ୍‌ଦ୍ୱାରର ଏକ ଅପେକ୍ଷାକୃତ ଅନ୍ଧକାର କୋଣରେ ରହି ଏକଥା ଭାବୁଥିଲେ ଆମର ନନ୍ଦବାବୁ ।...ତା ପରେ ସେ ପାଦ ଟିପି ଟିପି ବସାକୁ ଫେରିଗଲେ—ମୁହଁରେ ଏକ ସଦ୍ୟଶ୍ରୁତ ସିନେମା ଗୀତର ମୃଦୁଗୁଞ୍ଜନ, ମିଳନର ଗୀତ ।

ସୁଟିଂ ଅଧାଅଧି ସରିବାପରେ, ଲଞ୍ଚିଂ ବଦଳାଇବାର ଦରକାର ପଡ଼ିଲା । ଅଭିନେତା ଅଭିନେତ୍ରୀ ମାନଙ୍କର ଅନ୍ତତଃ ଅଧଘଣ୍ଟାଏ ଛୁଟି । ଚନ୍ଦ୍ରିମା ଦେବୀ ଏଣେ ତେଣେ ଚାହିଁ ଦେଖିଲେ ମୁକୁଳଙ୍କୁ ଛଡ଼ା ବାକୀ ସମସ୍ତେ କାର୍ଯ୍ୟବ୍ୟସ୍ତ । ଏହା ଉଠାଅ ସେଠା ଆଣ, ମିସ୍ତ୍ରୀକୁ ଡାକ, ସିଡ଼ି ନେଇଆସ—ଯେପରିକି ବିରାଟ ଏକ ମଧୁଚକ୍ରର ଶତସହସ୍ର ମକ୍ଷିକା ଗୁଞ୍ଜନ କରି ବୁଲୁଛନ୍ତି । କର୍ମ ଚକ୍ରର ଶତସହସ୍ର ଚକ ଅବିରାମ ଘୂରି ବୁଲୁଛି ! ଚନ୍ଦ୍ରିମା ଦେବୀ ପରିଚିତ କାହାର ଆଡ଼କୁ ଅନାଇ ଦେଖିଲେ—ନନ୍ଦବାବୁ ଅନୁପସ୍ଥିତ । ଅଗତ୍ୟା ମୁକୁଳବାବୁଙ୍କୁ ଡାକି କହିଲେ—ମୁକୁଳବାବୁ, ଚାଲ ଦୁଇତିନ ଦିନର 'ରଶ୍' ଦେଖା ହୋଇନି ମୋଟେ, କଣ କଣ ଛବି ଉଠିଲା ଗଲାନ୍ତୁ ସେସବୁର 'ରଶ୍' ଦେଖି ଆସିବା ।

ଦୁହେଁଜଣ ସନ୍ନିହିତ ପ୍ରେକ୍ଷାଗୃହକୁ ଆସିଲେ 'ରଶ୍' ଦେଖିବାକୁ, କେତେଗୁଡ଼ାଏ ରଶ୍‌ରେ ଚନ୍ଦ୍ରମା ଦେବୀଙ୍କର ଅଭିନୟ ଥିଲା । ସେ ତାହା ଦେଖି କେତେବେଳେ ଆନନ୍ଦରେ ହାତତାଳି ଦେଇ କେତେ ବେଳେ ଅବା କୃତ୍ରିମ ବିରାଗରେ ମୁହଁ ମୋଡ଼ି ନିଜର ମତାମତ ବ୍ୟକ୍ତ କରିବାକୁ ଲାଗିଲେ । ରଶ୍ ବଦଳି ଦିଆ ଯାଉଥିଲା, ଗୋଟାକ ପରେ ଗୋଟାଏ । ଇତି ମଧ୍ୟରେ ହଠାତ "ଭାଠ" ଆଉଆଉ ହେବା ସାଙ୍ଗେ ସାଙ୍ଗେ ରୁପାଲି ପର୍ଦ୍ଦା ଉପରେ ଭାସି ଉଠିଲା—ଏଁ ହେ' ଯେ ଆମ ନନ୍ଦବାବୁଙ୍କର ମୂର୍ତ୍ତି । ଚନ୍ଦ୍ରମା ଦେବୀ ଏକା ବେଳକେ ସ୍ତମ୍ଭୀଭୂତ, କିନ୍ତୁ ସେ ଖାଲି ମୁହୂର୍ତ୍ତକ ଲାଗି । ପର ମୁହୂର୍ତ୍ତରେ ସେ ମୁକୁଳବାବୁଙ୍କୁ

Digitized by srujanika@gmail.com

ପ୍ରଚଣ୍ଡଭାବରେ ଆକର୍ଷିତ କରି ହୃଦୟରେ ଉଚ୍ଛ୍ୱସିତ ଉଚ୍ଛୁଳିତ ହୋଇ ପଡୁଥିଲେ—ତାଙ୍କୁ ପୁଣି ଧରି ଆଣିଲ କୁଆଡ଼ୁ ?

"ଅରେ, ସେ କଥା ଆଉ କହନ୍ତୁନା, ଚନ୍ଦ୍ରମା ଦେବୀ। ଏତେଦିନ ଯାଏ ଅପେସ, କେବେ ସିନେମା ଷ୍ଟାର୍ ହେବାର ସ୍ୱପ୍ନ ଦେଖି ନ ଥିଲି। କିନ୍ତୁ ଦିନ ଦିନା ଘୁରି ବୁଲି ଦିନେ କଅଣ ହେଲା କେଜାଣି ସେ ଦିନ ସେ ମୋତେ ଏକାବେଳକେ ଧରି ବସିଲା—ମୋର ଫିଲ୍ମ୍‌ଟେଷ୍ଟ୍ ନିଅନ୍ତୁ। ମୁଁ ଷ୍ଟାର୍ ହେବାକୁ ଚାହେଁ।...ମୁଁ ଯେତେ କହିଲି ବୁଝାଇଲି, ସେ ଅଦୌ ନିରସ୍ତ ନହୁଏ, ବିଲ୍‌କୁଲ୍ ନାଛୋଡ଼ବନ୍ଧା।... ହଠାତ୍ ସେ କାହିଁକି ତା'ର ଏ ସ୍ୱପ୍ନ ଉଠିଲା କିଛି ବୁଝି ପାରିଲି ନାହିଁ।" ମୁକୁଳବାବୁ ଟିକେ ଚୁପ୍ ରହିଲେ।

ଏକଥା ଶୁଣି କିନ୍ତୁ ଚନ୍ଦ୍ରମାଦେବୀଙ୍କ ମୁହଁରେ ଯେଉଁ ଅପୂର୍ବ ହାସ୍ୟରେଖା ଈଷତ୍ ସ୍ଫୁରିତ ହେଲା, ତାହା ଲକ୍ଷ୍ୟ କରିବାକୁ ସେହି ଡ୍ରାମାଟିକାର ପ୍ରେକ୍ଷାଗୃହରେ କେହି ନଥିଲେ।...ରଙ୍ଗ୍ ରୁପାଲି ପର୍ଦ୍ଦାରେ ଛୁଟି ଚାଲିଥାଏ।

"ଓଃ, ନନ୍ଦବାବୁଙ୍କର ଫିଲ୍ମ-ଟେଷ୍ଟ୍! ଅଟେନ୍ତୁ, ଆଣନ୍ତୁ, ଖଣ୍ଡେ ଫିଲ୍ମ୍‌ଟେଷ୍ଟର ଫରମ୍—ଭର୍ତ୍ତି କରିଦିଏଁ।" କହି ଚନ୍ଦ୍ରମା ଦେବୀ ହାତ ସୁଟ୍‌କେସ୍ ଟିପି ଚେଷ୍ଟେ ବାଜୁନ୍ଦା ବଢ଼ାଇଦିଏ ଜାଲି ଖଣ୍ଡେ ଛପା ଫରମ ଫାଉଣ୍ଟେନ୍ କଲମରେ ତରତରରେ ଭର୍ତ୍ତି କରିବାକୁ ଲାଗିଲେ। 'ଭର୍ତ୍ତି' ଶେଷରେ ସେ କାଗଜଖଣ୍ଡ ମୁକୁଳବାବୁଙ୍କ ହାତକୁ ବଢ଼ାଇ ଦେଇ କହିଲେ—"ନନ୍ଦବାବୁ ଆସିଲେ ନିଶ୍ଚୟ ତାଙ୍କୁ ଦେବେ, ଭୁଲିବେନାହିଁ।" କହି ହସି ହସି ପୁଣି ଷ୍ଟେଜ ଉପରକୁ ଅଭିନୟ ପାଇଁ ଚାଲିଗଲେ।

ସ୍ଥାନ—ସଖୀସ୍ଥାନ ଷ୍ଟୁଡ଼ିଓ, କାଳ—ତହିଁଆରଦିନ। ନନ୍ଦବାବୁ ବ୍ରୀଡ଼ାମୟୀ ନବବଧୂ ଭଳି ଫିଲ୍ମ୍ ଟେଷ୍ଟର ଫଳାଫଳ ଜାଣିବାଲାଗି ଅଧୀର ଉତ୍କଣ୍ଠା ସହିତ ଅବସ୍ଥାନ କରୁଛନ୍ତି। ମୁକୁଳବାବୁ ଗମ୍ଭୀର ଭାବରେ ତାଙ୍କ ହାତକୁ ଫରମ୍ ଖଣ୍ଡି ବଢ଼ାଇ ଦେଇ କହିଲେ—"ସରି, ଓଲ୍ଡ୍ ଚ୍ୟାପ୍! ଏ ଲାଇନ୍‌ଟା ଟିକ୍ ଟ୍ରମ ପାଇଁ ସୁବିଧାଜନକ ହୁଏନାହିଁ। ସିଗାରେଟ୍?

ନିରାସକ୍ତ ଭାବରେ କେସ୍‌ରୁ ସିଗାରେଟ୍‌ଟାଏ ଡାହାଣ ହାତରେ ଉଠାଇ ନେଇ ନେଇ ନନ୍ଦବାବୁ ବାଁ ହାତରେ ଧୃତ ଫରମ୍ ଖଣ୍ଡିର ମର୍ମୋଦ୍ଧାର କରୁଥିଲେ।

| ଆବଶ୍ୟକୀୟ ଗୁଣାବଳୀ | ମନ୍ତବ୍ୟ |
|---|---|
| ୧। ମୁଖ-ଚକ୍ଷୁ ... | ଗୋଲଗାଲ |
| ୨। ହାବ-ଭାବ | କରୁଣ କିମ୍ବା ହାସ୍ୟରସର ସମ୍ପୂର୍ଣ୍ଣ ଉପଯୋଗୀ। |
| ୩। ଗଢ଼ଣ ... | ଚତୁଷ୍ପଦୀ। |
| ୪। କ୍ୟାମେରା-ଚେତନା | ପୂର୍ଣ୍ଣ ପ୍ରଦର୍ଶନ। |
| ୫। ଅଭିନୟ ଦକ୍ଷତା | ଅଦ୍ଭୁତ ବହୁ। |
| ୬। କଣ୍ଠସ୍ୱର | ବର୍ଷାବେଙ୍ଗ ବହୁ। |
| ୭। ମୋଟ ଉପରେ | କଣ୍ଢେଇରୁ ଅଧିକ। |

ମନ୍ତବ୍ୟତକ ପଢ଼ୁଁ ପଢ଼ୁଁ ନନ୍ଦବାବୁଙ୍କର କାନ ଲାଲ ହୋଇଗଲା ଓ ଆଖିରେ ଜଣେ ପଡ଼ିଗଲା ପରି ବୋଧ ହେଲା। ସ୍ଖଳିତ କଣ୍ଠରେ—"ବୃଥାରେ ବିରକ୍ତ କଲି, ମାଫ୍ କରିବେ। ନମସ୍କାର।" ବୋଲି କହି ସେ ଝଡ଼ ପରି ସେ ଘରଭିତରୁ ବାହାରି ଚାଲିଗଲେ। ପଛରୁ ମୁକୁଳବାବୁ ଯେତେ 'ଶୁଣ, ଶୁଣ' ବୋଲି ଡାକିଲେ ଅଦୌ ସେ କାନ ଦେଲେନାହିଁ। ସେଦିନଠୁ ଆଜ କେବେ ହେଲେ କେହି ନନ୍ଦବାବୁଙ୍କୁ 'ସଖୀସ୍ଥାନ' ବା ଅନ୍ୟ କୌଣସି ଷ୍ଟୁଡ଼ିଓ ପାଖରେ ଦେଖିନାହିଁ। ଶୁଣାଯାଏ, ଷ୍ଟୁଡ଼ିଓ-ସିନେମା ବିଷୟରେ କଥା ପଡ଼ିଲେ ସେ କୁଆଡ଼େ ଆଜିକାଲି ଭାରି ଚିଡ଼ନ୍ତି।

ଏହିରୂପେ ଆକସ୍ମିକ ଭାବରେ ନନ୍ଦବାବୁଙ୍କର ପ୍ରେମାନୁଶୀଳନର ତଥା ଫିଲ୍ମ୍ ଜୀବନର ଅକାଳ-ଅବସାନ ଘଟିଲା—ସିନେମା ଭାଷାରେ କହିବାକୁ ଗଲେ ଏହାହିଁ ଯଥାର୍ଥ "ତାରକାର ଆତ୍ମହତ୍ୟା" କାରଣ ଆମେ ଜାଣୁଁ ନନ୍ଦବାବୁ ହଠାତ୍ ବିଚଳିତ ନ ହୋଇ ପଢ଼ିଥିଲେ ଦେଖି ପାରିଥାନ୍ତେ ଯେ ଫିଲ୍ମ୍-ଟେଷ୍ଟ ଫର୍ମ ତଳେ ମ୍ୟାନେଜରଙ୍କ ସ୍ୱାକ୍ଷର ବଦଳରେ ରହସ୍ୟପ୍ରିୟା ଶ୍ରୀମତୀ ଚନ୍ଦ୍ରମାଦେବୀଙ୍କର ସ୍ୱାକ୍ଷର ଥିଲା।

—— * ——

Digitized by srujanika@gmail.com

# ଅଳ୍ପ ବିସ୍ତର

ଶ୍ରୀ ବିନୋଦଚନ୍ଦ୍ର ନାୟକ, ଏମ୍. ଏ.

—୧—

ମୂଜା ସ୍ପେସିଆଲ୍ ପୁରୀ ଏକ୍ସ୍‌ପ୍ରେସ୍ ଛୁଟିଚ୍ଛି ଗାଡ଼ି ଅବାଧାନ
ଥାର୍ଡ୍‌କ୍ଲାସ୍ ବଗି ମୁସ୍କିଲ ଭିଡ଼ ତିଳ ରଖିବାକୁ ନାହିଁ ସ୍ଥାନ ।
ବାହାରେ ଦଶରା ନିମ୍ନ ଆକାଶ ବିରଳ ଶିଶିର ସିକ୍ତ,
ପଶ୍ଚାଦ୍ ପଦେ ଧାଏଁ ଅରଣ୍ୟ ତରଳ ତିମିର ଲିପ୍ତ ।
ପାହାନ୍ତିଆର ଦଶମୀ ଚନ୍ଦ୍ର ନଦୀତଟରେ କାହିଁ ଅସ୍ତ,
ଶୀତ ଶୟନରେ କୋକଶିଆଳୀ ଯେ ବାଧ୍ୟ ଧାଉଥ କାହିଁ ବ୍ୟସ୍ତ ।
ଶିଉଳି ମଳିନ ଅଟଳ ଜଳ ଅଳ୍ପ ଓ ଦୁର୍ଗନ୍ଧ,
ଭେକ ପ୍ରଣୟୀର ଚାଲେ ମୈଥୁନ ଚିତ୍କାର ଆଉ ଦ୍ୱନ୍ଦ୍ୱ ।

—୨—

ଛୁଟି ଚାଲେ ଟ୍ରେନ୍ ମଝି ମଝି କାହିଁ କୁଚିତ୍ ଷ୍ଟେସନ ହୁଏ ଭେଟ,
ଡାକଯାଏ ବୟ କର୍କଶ ସ୍ୱରେ ଚାପୁ ପାନ୍ ବିଡ଼ି ସିଗାରେଟ୍ ।
ତନ୍ଦ୍ରା ନାମିଲା ଆଖି ନଇଁ ପଡ଼େ ଶାନ୍ତ ଶରୀର ସ୍ତବ୍ଧ,
ଉପର ବେଞ୍ଚେ ସୁପ୍ତ କାବୁଲି ଛୁଟାଏ ନାସିକା ଶବ୍ଦ ।
ଷ୍ଟୋର୍ ବଜାରର ମୁନାଫା ଭାରରେ ବର୍ତ୍ତୁଳ ଆଉ ଭାରି ପେଟ୍,
ବ୍ୟସ୍ତ ଭାବରେ ଅଙ୍ଗେ ଢୋଳାଏ ତାଳ କମ୍ବଳ ହାତେ ସେଟ୍ ।
ବଙ୍ଗୁଆ ଖୋଲରେ ଓଡ଼ିଆ କେ କହେ— ଦଟନେଇ ଭାବନା ପାନ୍‌ଦାଓ,
ବଙ୍ଗ ବିଜୟୀ ବାମୁନ୍ ଠାକୁର୍ ଓଡ଼ିଆ ଭାଷାକୁ ଆଉ ପାଅ ।

—୩—

ଶେଷ ନିଶିଥର ହିମାଳ ପବନ ଲଗାଏ ମଦର ସ୍ପର୍ଶ,
ଉଭୟ ପାର୍ଶ୍ୱେ ଈଷତ୍ ପକ୍ୱ ଭରା କିଆରିର ଶସ୍ୟ ।
ତଡ଼ିତ୍‌ର ସମ ଆସିଥିଲ ତମେ କମ୍ପାର୍ଟମେଣ୍ଟ ଅକସ୍ମାତ୍,
ଅମ୍ବରବର ଚମକ ଆଣିଲା ଜଳପ୍ରପାତ କି ଅଗ୍ନ୍ୟୁତ୍ପାତ ।
ନିଦ୍ରାଲୋଭିତ ପ୍ରଶଂସାଯୁକ୍ତ ଆଖି ଖୋଲି ଚାହିଁ ନେଲା ସେଠ,
ଟ୍ରୁଛଟ ଫିରିଙ୍ଗି ବାମା କମ୍ପାନୀ ଏଜେଣ୍ଟ କାଢ଼ିଲ ସିଗାରେଟ୍ ।
ସେ ନେତ୍ରନ ଯାମୀ ଦଶରା ରାଣି ନିଦ୍ରା ଓ ପ୍ରେମ ଦ୍ୱନ୍ଦ୍ୱ,
ରୁଦ୍ଧ ବାୟୁରେ ଲଭ୍ୟଟୋରା ଅଉ ତରୁଣୀ ଦେହର ଗନ୍ଧ

Digitized by srujanika@gmail.com

ଏଇ ପତ୍ରପଟରେ ପାଶେ ବସି ସଖି ଦେଇଥିଲି ମତେ ତୃପ୍ତି
ରୂପ ଓ ଶାଢ଼ୀର ରଙ୍ଗର ସ୍ପର୍ଶ ବେପଥୁ କରାଇ ସୃଷ୍ଟି
କାମ ଓ ଲଜ୍ଜା ନିମନ୍ତ୍ରଣର ଇଂଗିତ କେତେ ବାଙ୍ମୟ,
ଖଣ୍ଡିକର ଲିପି ଏ ଜୀବନ କଲା କୁଣ୍ଠିତ ଅଙ୍ଗ ମଧୁମୟ ।
ନାଚିଛି ଆଜି କେବଳ ବ୍ୟବହାର··· ଉଚ୍ଛଳ ଏଇ ତନୁ ମନ
ଲୋଭନୀୟ ହେଇ ଅସଭ୍ୟତାରେ ସ୍ୱପ୍ନ କରିଲି ବିରଚନ ।

— ୮ —

ଚତୁର୍ଦ୍ଦିଗରୁ ସହଯାତ୍ରୀର ହିଂସା କାତର ଦୃଷ୍ଟି,
ଭ୍ରମର ଅଙ୍କେ କଲି ରାଣୀ ମତେ ଅଭିଷେକ ବାରି ବୃଷ୍ଟି ।
କୌଣସି ଏକ ଷ୍ଟେସନରେ ପରେ ଗନ୍ତବ୍ୟ ତବ ହେଲା ଶେଷ,
ବ୍ୟଥିତ ଦୃଷ୍ଟି ମେଲି ଅଛୁ ସଖି ସେ ଶିଥିଳ ବେଣୀ ବାସ ବେଶ ।
ଚୁପି ଚୁପି କାଲି ପଦଟିଏ କଥା ଟିକିଏ ସ୍ପର୍ଶ ସଚପଳ,
ଟିକେ ଅବହେଳା ଟିକିଏ ଅଶ୍ରୁ ନୟନ ପକ୍ଷ୍ମ ଚଂଚଳ ।
ତାପରେ ମିଥ୍ୟା, ତାପରେ ସ୍ୱପ୍ନ··· ପ୍ଲାଟଫର୍ମ ଜମି ଅତିକ୍ରମି,
ଭାନୁମତୀ ଭେଳକିବାଜି ସମ ସଖି ମିଶିଗଲ କାହିଁ···କ୍ରନ୍ଦନ କମି
ଅସିଥିଲା ନିଶା ଶେଷର ତମିର, ବ୍ୟର୍ଥ କାଜଳ ଥିଲି ଜାଗି
ତାପର ଏ ଯୁଗ ଭାଙ୍ଗୁ ଅଶିଗତା ନିଦ୍ରା ଶ୍ଳେଷ୍ଟରେ ଥିଲି ଲାଗି ।

— ୯ —

ଏଇ ପଟେ କେତେ ଛୁଟି ଗଲେ ଟ୍ରେନ୍ କେତେ ଶ୍ରେଣୀ ସହଯାତ୍ରୀ,
ତଥାପି ମିଳେନି ମାଦକିନୀ ଆଜି ବେପଥୁମତୀର ରାତି ।
ପ୍ରାଣ ମାତେନି କାଲି ଟିକିଏ ସ୍ପର୍ଶ ଟିକିଏ ପ୍ରଣୟ ଛନ୍ଦ
ବାସି କବରୀର ଶାଢ଼ୀ ସେମିଜର ତରୁଣୀ ଦେହର ଗନ୍ଧ ।
ନାଚିଛି ଏଇ କଳ୍ପନା ନେଇ ଅଜବ ଏ ମୋର ତନୁ ମନ,
ଅପେକ୍ଷା କରି ରହିଁ ବସେ ସଖି ସହସା ଭ୍ରମର ଆଗମନ ।
ଦୂରେ ନିଭିଯାଏ ପାହାନ୍ତିଆର ତନ୍ଦ୍ରା ମଳିନ ଚନ୍ଦ୍ର
ପ୍ରାନ୍ତର ଭରି ତେଣା କିଆଁସର କ୍ଳାନ୍ତ ଥବିର ଗନ୍ଧ ।

Digitized by srujanika@gmail.com



# ନ୍ତଃପୁର

## ଅବନ୍ତିର ଚିଠି

ଶ୍ରୀମତୀ ସରଳା ଦେବୀ

ସମ୍ପାଦକ ମହାଶୟ,

ଅଜ୍ଞ ପଢ଼ିବା ପରେ ''ଅନ୍ତଃପୁର'' ପାଇଁ ଦଶଟି ସଂଖ୍ୟାକୁ ମୋତେ ଡାକିଛନ୍ତି ପର୍ଯ୍ୟବେକ୍ଷଣ କରିବାକୁ । ଆପଣଙ୍କ ନିମନ୍ତ୍ରଣ ବହୁତ ଧନ୍ୟ, ଜୀବନର ଛବି ନ କରୁ ନାରୀର ମୂକ ଅନ୍ତର ମୋତେ କଲମ ଧରାଇଛି । ଯେଉଁ ବିଷୟରେ କହିଥିବି, ଲେଖିଥିବି ତାହାର ବସ୍ତୁଗୁଣ—ଆମ ଦେଶର ମା ଭଉଣୀଙ୍କ କଥା । ଗତ ୨୫ ବର୍ଷ ଧରି ମୋର ଗୃହ ରାଜ୍ୟରେ ଓ କର୍ମ କ୍ଷେତ୍ରରେ ସବୁବେଳେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଯେଉଁ ବୋଝ ବହିଛୁ ଏଥିରୁ ପ୍ରେରଣା ବିଶେଷ କରି ମୋତେ ଅନୁପ୍ରାଣିତ କରିଛି, ତେଣୁ କହିବାକୁ ଗଲେ ଦେଶର ନାରୀ ସମସ୍ୟାର ବସ୍ତୁମୂର୍ତ୍ତି ଦେଖି ତାର ବେଦନା । ମହାତ୍ମା ଗାନ୍ଧୀଙ୍କର ''To the women'' ବହିରେ ସେ ଯେଉଁ କଥା ନାରୀମାନଙ୍କ ପାଇଁ ଲେଖିଛନ୍ତି, ଦେଖିଛି, ମୋର ମତ ସହିତ ତାହା ଖାପ୍ ଖାଇ ଯାଉଛି । ଏ ଯୁଗର, ସର୍ବଶ୍ରେଷ୍ଠ ତପସ୍ୱୀ ସେ, ଚିନ୍ତା ନାୟକ, କର୍ମୀ ସେ । କିନ୍ତୁ ତାଙ୍କର ଲେଖାର ବହୁ ପୂର୍ବରୁ ମୋ ମନରେ ଦେଶର ଦୃଷ୍ଟି ବେଦନାରେ ଯୋଉ ଭାବ ଅନୁମିତ ହେଲା ପଥର ଉଳି ଓ ଯୁଗ ଯୁଗ ଧରି ଶାସ୍ତ୍ର ଶୃଙ୍ଖଳା ଅହଲ୍ୟା ଉଳି ପାଷାଣ ହୋଇ ପଡ଼ିଛି, ସେହି ନାରୀ ଜାତିର ଦୁର୍ଦ୍ଦଶା ଓ ସେହି ଯୁଗରୁ ଏ ଦେଶର ସମସ୍ତ ଦୁର୍ଦ୍ଦଶାକ୍ଳିଷ୍ଟ ଜନତାଙ୍କ ଦୁଃଖ, ଅସହାୟ ଅବସ୍ଥା ମନକୁ ମୋର ବ୍ୟଥିତ କରିଛି । ଅସହଯୋଗ ଠାରୁ ସହଯୋଗ ଆନ୍ଦୋଳନ ଯାଏ ସବୁ କ୍ଷେତ୍ରରେ ଭାରତୀୟ ନାରୀ ଯେଉଁ ଭାଗ ନେଇଛି ତା ଉପରେ ମୋର ମନକୁ ଭାବନା କରିଛି ନାରୀର ଦୁରବସ୍ଥା । ''ନାରୀ ସ୍ୱାଧୀନତା'' କଥା ଏବେ ସବୁଠି ପୁରୁଷମାନେ ବି କହିବାକୁ ଆରମ୍ଭ କରିବା ଦେଖୁଛି । ମହିଳା ସଭା, ସମିତିମାନଙ୍କର ଆନ୍ଦୋଳନରେ ଅନେକ ଆଇନ୍ କାନୁନ୍ ଏ ଦେଶରେ ବଦଳି ଗଲାଣି, ଆହୁରି ଅନେକ ବଦଳି-ବାର ବାଟ ମଧ୍ୟ ଅଛି । କିନ୍ତୁ ଯେ ଅଧିକାର ନାରୀ ସମ୍ପ୍ରତି ପାଇଛି, ତାର ସଦ୍‌ବ୍ୟବହାର ସେ କେତେ କରିଛି ? ଆମ ଉତ୍କଳ ମହିଳା ସମ୍ମିଳନୀ କଟକ ଏଥର ବୈଠକରେ ଯେ ''ଗାନ୍ଧୀ ଜୟନ୍ତୀ'' ଆମେ ସବୁ ''ନାରୀ ଦିବସ'' ରୂପେ ମନେଇ ଥିଲୁ, ତହିଁରେ ବୈଠକ କାଳ କଂଗ୍ରେସ ସଭାପତି ଯାହା କହିଥିଲେ । ଯେଉଁ ମୁଖ୍ୟ କଥା ସେ କହିଥିଲେ ତହିଁରେ ମନେ ଥିବ ବିଦେଶୀ ପ୍ରାଚ୍ୟ ପ୍ରତୀଚ୍ୟ ଚିନ୍ତାର ଅନେକ କେନ୍ଦ୍ରବିନ୍ଦୁ ଜଡ଼ା ଯାଉଥିଲା—ହଠାତ୍ ଥିଲା । କିନ୍ତୁ ଗୋଟିଏ ଦୁଇ ବଡ଼ କଥା ସେ କହିଥିଲେ ''ତୁମମାନଙ୍କ ସ୍ଥାନରେ ରହି—ପୁରୁଷମାନେ ତୁମ ପାଇଁ ଆଇନ୍ ନିୟମ ଆଦି ଲେଖି ଯାଉଛନ୍ତି ତୁମମାନେ ତାକୁ ମାନ ନାହିଁ—ନାଚ ବାଃ ବାହୁ ।'' ''୧୯୩୭ର ନାରୀମାନଙ୍କ ସମ୍ପତ୍ତି ଅଧିକାର ଆଇନ୍ ପାସ୍ ହେଲା ପରେ ଦେଶରେ କେତେ କେତେ ନାରୀ ଅଜ୍ଞତାର ସୁଯୋଗ ନେଇ ତାଙ୍କର ସମ୍ପର୍କୀୟ ବନ୍ଧୁମାନେ ଅଥବା ସ୍ୱାମୀମାନଙ୍କୁ ଠିକଣା ନେଇ ସେମାନଙ୍କ ସମ୍ପତ୍ତି ଲୁଟି କରି ସେମାନଙ୍କୁ ଠକାଇ ସବୁ ସମ୍ପତ୍ତି ଛଡ଼ାଇ କରି କାଢ଼ି ଦେଇଛନ୍ତି । କେତେକ କେତେକ ମାଆପେ ନିଃସ୍ୱ ହୋଇ ପରର ଭିକାରୁଣୀ ହେଲେଣି, ଏହା ସବୁର ପାଠ ମାଆପେ ଏବେ ଦେଖୁଛ ଏବେ ବୁଝୁଛ ?'' ''ଯୋଉମାନେ କଂଗ୍ରେସ କାମ କରୁଛନ୍ତି ସେମାନଙ୍କ ଭିତରୁ ୨।୪ଟି ନାରୀକର୍ମୀଙ୍କୁ ଛାଡ଼ିଦେଲେ ବାକୀ ମାଆପେ ପଛରେ ମର୍ଦ୍ଦମାନଙ୍କ ଭିତରେ କାମ କରୁ ଅଛନ୍ତି ।'' ଏଇ କେତୋଟି କଥା ଅତି ବଡ଼ କଥା ଓ ଅବଶ୍ୟ ଶିକ୍ଷିତା ସ୍ତ୍ରୀଙ୍କ ପକ୍ଷରେ ଘୋର ଲଜ୍ଜାର କଥା । କାରଣ ଆମର ଅଧିକାର ଦେଇଁ ଧରେ ନାହିଁ ବୋଲି ଯେତେ ପାଟି କରୁଛୁ, କିନ୍ତୁ ଆର୍ଥିକ ଅଧିକାର ବା ସାମାଜିକ ଅଧିକାର ଆସିଲେ ତାକୁ ରକ୍ଷା କରି ରଖିପାରିବା ମାଆପେ ଭିତରେ ବଳ ନାହିଁ—ବୁଝିବାର ରୁଚି ନାହିଁ । ସେଥିପାଇଁ ଆପାତ କୋମଳ ବଚନରେ ପରିଶେଷରେ କାଗଜରେ ମାଆପେ ଘରବାଲାଙ୍କୁ ଦସ୍ତଖତ କରି ନିଶ୍ଚିନ୍ତ ହୋଇ କାଙ୍ଗାଳୁଣୀ ହୋଇ ଭିକ ମାଗିବାକୁ ଗାଁରୁ ବାହାରି ଯାଉଛନ୍ତି ଛୋଟ ଛୋଟ ପିଲାଙ୍କୁ ନେଇ । ଏଥିରେ ଏମାନେ ଏହି ଅବସ୍ଥାର ନାରୀ ଉପସ୍ଥିତ ହେଉଛି, ଯେଉଁଥିପାଇଁ ସମ୍ପ୍ରଦାୟର ସହାୟତା ଏବେ ତା' ପାଇଁ ଲୋଡ଼ା । ଆମ ଓଡ଼ିଶାର ମହିଳା ସମିତି କହିଲେ ଯାହା ବୁଝାଏ ତାହା ଅଟେ ନାହିଁ । ସଦା ଉଠାଉ ରିଲିଫ କମିଟି, ବସ୍ତ୍ରାଶ୍ରମ ଆଉ କେତେ, ଯୁବତୀମାନଙ୍କ ପାଇଁ ଓ ସେଥିନା ସେବିକା ପାଇଁ ବ୍ୟାଣ୍ଡେଜ୍ ମେଳା ତିଆରି କରିବା ତ ନାରୀ ସମିତିର ମୁଖ୍ୟ ଉଦ୍ଦେଶ୍ୟ ନୁହେଁ ? ନାରୀ ସମିତିର ମୂଳ ଲକ୍ଷ୍ୟ ନାରୀରକ୍ଷା, ଶିକ୍ଷା

Digitized by srujanika@gmail.com

ରକ୍ଷା, ଅନାଥାରକ୍ଷା, ବନ୍ୟା ଘର୍ଷରେ ସେବା ଅଛି, ଡକ୍ଟର ଅଛି, ଜେଳ ମୁକ୍ତାର, ଅନ୍ୟ ଅଦାଲତ ଅଛି, ସାକ୍ଷୀ ସାବୁତ୍ ଅଛି, ଏ ସବୁ ମାଇପେ ଏକାଠି ହୋଇ ଜଣେ ଦୁ' ଜଣ ମୁଣ୍ଡକୁ ନେଇ ବଡ ସହରରେ ବଡ଼ା ଉଠାଇ ଗ୍ରାମର ବା ସହରର ଅସହାୟ ନାରୀ ( ଯେଉଁମାନଙ୍କୁ ସବୁ ଛଡ଼ା ଏପଥେ ଗୁଣ୍ଡା ଦଳଙ୍କ କବଳରେ ବେଶ୍ୟା କରିବାକୁ ଲଗ ଦଅନ୍ତି, ବା ଜେଲରୁ ଫେର୍ଦ୍ଦ ଭଳକ ପରେ ବାହାରୁ ଘରେ ସ୍ଥାନ ନ ଥାଏ ।) ରକ୍ଷା କରି ସେମାନଙ୍କୁ ବଞ୍ଚିବାର ସୁଯୋଗ ଦେଉନାହାଁନ୍ତି ଯେଉଁ ଅଧିକ ପ୍ରୟାସ, ଚେଷ୍ଟା, ସହାନୁଭୂତି ଓ ସେବା ଦର୍କାର ତାହା ଶିକ୍ଷିତା ବା ଅର୍ଦ୍ଧ ଶିକ୍ଷିତା ସହର ନାରୀ ମାନଙ୍କ ଠାରେ ପରିଲକ୍ଷିତ ହୁଏ ନାହିଁ । ସେଥିପାଇଁ ନାରୀ ସ୍ୱାଧୀନତା କହିଲେ ଯେ ସମାଜ ବା ରାଷ୍ଟ୍ର ମାନିନେବ ସେ ସେମାନେ ତାହାର ବାସ୍ତବିକ ବହନ କରିବାକୁ ଅସମର୍ଥ । ଏଥିପାଇଁ ରାଷ୍ଟ୍ର ନାରୀ ପ୍ରଗତିର ମୂଳ ଭିତରେ ସହାୟକ ହୋଇ ଶତମାନଙ୍କ ଦ୍ୱାରା ପ୍ରତିଷ୍ଠିତ, ଧର୍ମାନ୍ଧତା ଅଥବା ନାରୀମାନଙ୍କର ସମ୍ପତ୍ତିଗତ ଅଧିକାର କରି ନ ଦେଲେ ଯେଉଁ ଦ୍ୱାରା ଦ୍ୱାରା ନାରୀ ଅଳ ଗୃହ ଓ ସମ୍ପତ୍ତି ଶୂନ୍ୟା ହୋଇ ପଥଭିକାରୁଣୀ ହେଉଛନ୍ତି, ସେମାନଙ୍କର ଯାପରଣା କେବଳ ସହାୟ ହେବା ହେଉ ଗତ ନାହିଁ । ନାରୀ ଅଳ ବ୍ୟଷ୍ଟି ଓ ସମଷ୍ଟି ବୋଝଗତରେ ନିଜ ସମ୍ବନ୍ଧେ ଚିନ୍ତା କରୁନାହିଁ । କେବଳ ସୁଖ ମୁହୂର୍ତ୍ତର ଫୁଲ ପରି ସେ ଭାସି ଭାସି ବୁଲୁଛି ଅନ୍ୟର ଇଙ୍ଗିତରେ, ଅନ୍ୟର କଳ୍ପନାର କାର୍ଯ୍ୟକରୀ କରିବା ଉପରେ ଅଛି ହେଉ । ଏଥିରେ ନାରୀର ବୈଶିଷ୍ଟ୍ୟ ଅବଦାନର ପ୍ରକାଶ କାହିଁ ? ଏହାତ ଅନ୍ଧ ଅନୁକରଣ ! ଦେଶର ସ୍ୱାଧୀନତା, ସମାଜର ଯୁଗ ସ୍ୱାତନ୍ତ୍ର୍ୟ, ତାର ନଗର ଉଦ୍ଭବ ଅପରେ ଘୋଷଣା କର୍ତ୍ତଣୀ ବହୁଛି ବୋଲି ତାହାର ଗାମ୍ଭୀର୍ଯ୍ୟ ନେବାକୁ ହେବ । ଦେଶ ମଧ୍ୟରେ ରକ୍ଷଣଶୀଳତା ହେଲେ, ଷଡ଼ଯନ୍ତ୍ର ଅପୂର୍ବ ଉଚ୍ଚତା ସଂସ୍କାରଶୀଳ ସଫା ମନ ନେଇ ସେ ସମାଜରେ ସନ୍ତାନମାନଙ୍କୁ ଦୃଢ଼ ଭୂଷଣରେ ପଦାର୍ପଣ କରିବା ପାଇଁ ସମ୍ଭବ ହେବନାହିଁ? ସେ ସାଂସ୍କୃତିକ କଥା ଦିନେ ମହାତ୍ମା ଗାନ୍ଧୀ, ମୁଗ୍ଧ, କହଇ, କସ୍ତୁରୀବାଇ, ଦୁର୍ଗାବତୀଙ୍କ ଦ୍ୱାରା ଭାରତରେ ସଫଳ ହେବ ? କେବଳ ଗାନ୍ଧୀବାଦର ଦୋହାଇ ଦେଇ ଲେଖଣୀ କଥା, ହିଂସାର ଓ ପରଶ୍ରୀକାତର ଲୋକଙ୍କର ମନୋବୃତ୍ତିର ଗଠନର ଦୋଷ ପଡ଼ୁଅଛି ବାହାରେ ଏ ଭକ୍ତିର ଶ୍ରଦ୍ଧାରେ ନ ମାଗନ୍ତି ସଫା ହେବାର ଅବକାଶ ଅଛି ? ବର୍ତ୍ତମାନ ନାରୀଶିକ୍ଷା ବଦଳ ଯିବା ଦରକାର । ନାରୀମାନେ ତାଙ୍କ ମାନଙ୍କରେ ରହିବା ଓ ସେଠି ନାରୀମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ନୀତି, ସନ୍ତାନ ପାଳନ ଇତ୍ୟାଦି ବିଷୟରେ ଶିକ୍ଷା ଦେବା ଦରକାର । ପ୍ରତ୍ୟେକ ଘରେ ଏପରି ମେଳା ସ୍ତ୍ରୀମାନେ ନ ରହିଲେ ଭାରତ ସ୍ୱରାଜର ମୁଖ ପାଇବା ସମ୍ଭବ ନୁହେଁ । 'ନାରୀ ସ୍ୱାଧୀନତା' ଶୋଭାଏ ଯାତ୍ରାରେ ନୁହେଁ । ଏହାର ମାନେ ଦେହ, ମନ ଅର୍ଥ, ରାଷ୍ଟ୍ରର ସ୍ୱାଧୀନତା ଇଂରାଜୀରେ ଯାହାକୁ Civil liberty ବୋଲି କହନ୍ତି । ଏହା ସହଜ ନୁହେଁ ଯେ B. A. M. A, ପାସ କଲେ କି ଚାକିରି ନ ହେଲେ ବା ସ୍ୱଦେଶ କଲେ ବା ପିକେଟ ମାତ୍ର ନ ହେଲେ ବି ହାସଲ କରି ହେବ ନାହିଁ । ନାରୀର ଅନ୍ତର୍ନିହିତ ଦୁର୍ବଳତା ଭୀରୁତା, ପକ୍ଷପାତୀ ମନ, କୁସଂସ୍କାର, ଆଳସ୍ୟ, ବିଳାସ ଏଥିପାଇଁ ଆଜି ସବୁ ଦିଗରୁ ପରିଶ୍ରମୀ ହୋଇ ଉଚିତ ଚିନ୍ତା କରିବା ଉଚିତ ଆଦର୍ଶ ଶିକ୍ଷାଳୟ କରିବା ପାଇଁ ଅଗ୍ରସର ହେବା ଦରକାର ।

---

## କୁତ୍‌କୁତ୍

"ମୁଁ କାଲି ରାତିରେ ମୋ ସ୍ୱାମୀଙ୍କ ସାଙ୍ଗରେ ତମକୁ ଦେଖିଲି ଯେ—ମୁଁ ଭାବିଥିଲି ସେ ତମକୁ ଛାଡ଼ପତ୍ର ଦେଇ ଚାଲି ଗଲେଣି ।"

"ହଁ ଠିକ୍ କଥା—କିନ୍ତୁ ଯେତେ ସମୟ ପର୍ଯ୍ୟନ୍ତ ମୋ ପାଉଣା ଗଣ୍ଡାକ ନ ପାଇଛି ସେତେ ମୁଁ ତାଙ୍କୁ ଛାଡ଼ ପାରୁନାହିଁ ।"

\+ \+ \+ \+

ଗୋଟେ ବାଳକଟି ତା'ର ନବଜାତ ଭାଇର ଖଟଣା ପାଖରେ ଠିଆ ହୋଇ ତା ସାଙ୍ଗରେ କଥାଭାଷା ହେବାକୁ ଚେଷ୍ଟା କଲା ଏବଂ କହୁଥାଏ—"କହ ବୋଉ—ବୋଉ" କିନ୍ତୁ ଶିଶୁଟି କି ଅସ୍ପଷ୍ଟ ଶବ୍ଦ କରୁଥାଏ ତାହା ବୁଝା ଯାଉ ନ ଥାଏ । ବାଳକଟି ଯାଇ ତା ବୋଉକୁ କହିଲା—"ବୁଝ ଭାଇଟି ମୋତେ ଓଡ଼ିଆ କହୁନାହିଁ—ଅଛା ସେ ଯଦି ତେଲଗୁ କହୁଥାଏ ଆମ ପ୍ରଦେଶର ସୀମା ତ କଟକ ପର୍ଯ୍ୟନ୍ତ ଚାଲିଯିବ !"

× \+ \+ \+

ଜଣେ ପ୍ରୌଢ଼ା ଡାକ୍ତରଙ୍କ ପାଖକୁ ଯାଇ ତାଙ୍କର ରୋଗ ବିଷୟ ବର୍ଣ୍ଣନା କରି କହିଲେ—ରାତିରେ ତାଙ୍କୁ ଭଲ ନିଦ ହେଉନାହିଁ—ସେ ସ୍ୱପ୍ନ ଦେଖୁଛନ୍ତି ଜଣେ ଯୁବକ ତାଙ୍କ ପ୍ରେମ ପାଇଁ ପାଗଳ । ଡାକ୍ତର ତାଙ୍କୁ ଯେପରି ଭଲ ନିଦ ହେବ ତାର ଔଷଧ ବଦଳେଇ ଦେଲେ ଓ ବ୍ୟବସ୍ଥା ବଦଳେଇ ଦେଲେ ।

କିଛିଦିନ ପରେ ପୁଣି ପ୍ରୌଢ଼ା ଡାକ୍ତରଙ୍କ ପାଖରେ ବଡ଼ ବିଷଣ୍ଣ ମନରେ ଆସି ପହଞ୍ଚିଲେ ।

ଡାକ୍ତର ପଚାରିଲେ—"ଆପଣଙ୍କୁ ଭଲ ନିଦ ହଉଥିବ ନିଶ୍ଚୟ—କିନ୍ତୁ ଏତେ ବିମର୍ଷ ଦେଖା ଯାଉଛନ୍ତି କାହିଁକି ?"

ପ୍ରୌଢ଼ା ଉତ୍ତର ଦେଲେ—"ଭଲ ନିଦ ହଉଛି ସତ କିନ୍ତୁ ମୁଁ ସ୍ୱପ୍ନରେ ସେ ଯୁବକଙ୍କୁ ଆଉ ଦେଖୁନାହିଁ ଯେ ।"

Digitized by srujanika@gmail.com




## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ଚରିତ୍ର ଗଠନ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଡଗର'ର ମାଧ୍ୟମରେ ଏହି ଶିଶୁମାନଙ୍କ ଦ୍ୱାରା ଉତ୍କଳମାନଙ୍କ ମଧ୍ୟରେ ପାରସ୍ପରିକ ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ବନ୍ଧୁ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ଓ ସାହସ ଆଦର୍ଶ ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

# ଶ୍ରୀଯୁକ୍ତା ଅରୁଣା ଆସଫ ଅଲି

ସ୍ନେହର ନନା ଭାଇ ଓ ଭଉଣୀମାନେ,

ଭାରତର ବିଖ୍ୟାତ କନ୍ୟା ଶ୍ରୀଯୁକ୍ତା ଅରୁଣା ଆସଫ ଅଲିଙ୍କର ଜୀବନ ଜାଣିବା ପାଇଁ ତୁମମାନଙ୍କ ଅନେକ ଅନୁରୋଧ କରିଛନ୍ତି । ମୁଁ ଯଥାସମ୍ଭବ ସଂକ୍ଷେପ କରି ତାହା ଲେଖୁଛି ।

ଶ୍ରୀଯୁକ୍ତା ଅରୁଣା କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟ ଓ ବର୍ତ୍ତମାନ ଅନ୍ତର୍ବର୍ତ୍ତୀ କାଳୀନ ସରକାରଙ୍କ ସଦସ୍ୟ ମିଷ୍ଟର ଆସଫ ଅଲିଙ୍କ ସହଧର୍ମିଣୀ ।



ଅରୁଣା ବଙ୍ଗଳାର ହିନ୍ଦୁ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ବାଲ୍ୟାବସ୍ଥାରେ ସେ ମିସ୍ ଅରୁଣା ଗାଙ୍ଗୁଲି ନାମରେ ପରିଚିତ ଥିଲେ । ପଠନାବସ୍ଥାରେ ତାଙ୍କ ପ୍ରତିଭାର ବିକାଶ ପାଇଥିଲା । ବାଳିକା ଅରୁଣା ଯେତେବେଳେ ଲାହୋରରେ କୌଣସି ଏକ କନ୍‌ଭେଣ୍ଟରେ ଅଧ୍ୟୟନ କରୁଥିଲେ ସେଠାକାର ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କର ପ୍ରତିଭାର ପରିଚୟ ପାଇ ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ କହିଥିଲେ "ଅରୁଣା ଦିନେ ଭାରତର ବୈପ୍ଳବିକ ମନୋବୃତ୍ତି ଜାଗରଣ କରିବ ।" ଅରୁଣା [illegible] ଲାହୋର ଓ [illegible] ନୈନିତାଲରେ ଅଧ୍ୟୟନ ଶେଷ କରି କଲିକତାର ଗୋଖଲେ ମେମୋରିଆଲ ବାଳିକା ବିଦ୍ୟାଳୟର ଶିକ୍ଷୟିତ୍ରୀ କାର୍ଯ୍ୟ ଗ୍ରହଣ କଲେ । ସେ ବଡ଼ ସ୍ୱାଧୀନଚେତା । ପିତା ମାତା ଅଧ୍ୟୟନ ଶେଷ ପରେ ତାଙ୍କୁ ବିବାହ ଦେବାକୁ ଚାହିଁଲେ ମାତ୍ର ସେ ମନା କଲେ ଓ ନିଜ ମାତାଙ୍କ ଜୀବନର ଦର୍ଶନ ନ କରି ସ୍ୱାଧୀନଚିତ୍ତ ଭାବରେ କାଳାତିପାତ କଲେ । ଏହି ସମୟରେ ତାଙ୍କ ଜୀବନରେ ଏକ ଅପ୍ରତ୍ୟାଶିତ ଘଟଣା ଘଟିଲା । ସେ ତାଙ୍କର ବୋହିତା ସାନ ଭଉଣୀ ପୂର୍ଣ୍ଣିମା ବେନାର୍ଜୀଙ୍କ ସହିତ ଏଲାହାବାଦ ଛୁଟି କଟାଇବା ଲାଗି ଯାଇଥାନ୍ତି । ସେହି ସମୟରେ ଗାନ୍ଧୀ ନେହେରୁ ସଙ୍ଗରେ ଦେଖା କରିବା ଲାଗି ତାଙ୍କର ଜଣେ ବନ୍ଧୁ ଏଲାହାବାଦରେ ଆସିଥାନ୍ତି । ସେ ବନ୍ଧୁ କଲିକତାରେ ମୁସଲିମ୍ ଲିଗ୍‌ର କଲିକତା ଅଧିବେଶନରୁ ଫେରୁଥାନ୍ତି । ଏହି ବନ୍ଧୁ ସହ ଅରୁଣାଙ୍କର ପରିଚୟର ସୁଯୋଗ ଘଟେ ଓ ଘନିଷ୍ଠତା ଓ ଆତ୍ମୀୟତା ବଢ଼େ । ଏହି ବନ୍ଧୁ ଆସଫ ଅଲି—ସେତେବେଳେ ମୁସଲିମ ରାଜନୈତିକ ନେତା ଓ ଜଣେ ଆଇନ ବ୍ୟବସାୟୀ । ଅସହଯୋଗ ଆନ୍ଦୋଳନରେ ଆସଫ ଅଲି ୧୮ ମାସ କାରାଦଣ୍ଡ ଭୋଗ କରି ସାରିଥିଲେ । ତାଙ୍କର ଆଇନ ବ୍ୟବସାୟ କ୍ରମଶଃ ବୃଦ୍ଧି ଲାଭ କରୁଥିଲା ଓ ତାଙ୍କର ଯଶ ବୃଦ୍ଧି ପାଉଥିଲା । ଏହି ଦେଖା ସାକ୍ଷାତରେ ଉଭୟେ ପରସ୍ପର ପ୍ରତି ଆକୃଷ୍ଟ ହେଲେ । କିନ୍ତୁ ଉଭୟଙ୍କ ମିଳନ ସହଜ ନୁହେଁ, କାରଣ ବିବାହ ବିଷୟରେ ପାରିବାରିକ ଓ ସାମାଜିକ ପ୍ରତିବନ୍ଧକ ଅନୁକୂଳ । ଉଭୟେ ଭିନ୍ନ ଧର୍ମାବଲମ୍ବୀ—ଅରୁଣା ହିନ୍ଦୁ—ଆସଫ ଅଲି ମୁସଲମାନ । ସେତେବେଳେ ଅରୁଣାଙ୍କ ବୟସ ୧୮ ଓ ଆସଫ ଅଲିଙ୍କ ବୟସ ୪୧ । ଅରୁଣା ଠିକ୍ କରିସାରିଥିଲେ ଆସଫ ଅଲିଙ୍କୁ ଜୀବନର ସାଥୀ ରୂପେ ଗ୍ରହଣ କରିବାକୁ । ତାଙ୍କର ପରିବାରର ସମସ୍ତେ ଏଥିରୁ ନିବର୍ତ୍ତାଇବାକୁ ଅନେକ ଚେଷ୍ଟା କଲେ—କିନ୍ତୁ ଅରୁଣା ଅଟଳ । ଯାହାହେଉ ସେ ଅନୁରକ୍ତ ତାଙ୍କୁ ବିବାହ କରିବା ଲାଗି ଓ ସେ ବିବାହକୁ ସାର୍ଥକ କରିବା ଲାଗି ତାଙ୍କର ମାନସିକ ଶକ୍ତି ଯଥେଷ୍ଟ ଥିଲା । କାରଣ ତାଙ୍କର ଜୀବନ ଯାହାରେ ସେ ସୁଖୀ ହୋଇ ପାରିଛନ୍ତି ଓ ଅନେକ ସମସ୍ୟାର କହିଛନ୍ତି କୌଣସି ସ୍ୱାମୀ ଆସଫ ଅଲିଙ୍କ ଭଳି ହୃଦୟବାନ ଓ ଉଦାର ଚରିତ୍ର ବ୍ୟକ୍ତି ହୋଇ ପାରନ୍ତି ନାହିଁ ।

ଅରୁଣା ତାଙ୍କର ସ୍ୱାମୀଙ୍କର ପ୍ରକୃତ ସହଧର୍ମିଣୀ । ଆସଫ ଅଲିଙ୍କ ରାଜନୈତିକ ଜୀବନ ସହ ତାଙ୍କ ଜୀବନ ମଧ୍ୟ ଗଢ଼ା । ୧୯୩୦ ସାଲ ଅସହଯୋଗ ଆନ୍ଦୋଳନରେ ଓ ୧୯୩୨ ସାଲରେ ସେ କାରାବରଣ କରିଥିଲେ । ୧୯୪୦ ସାଲରେ ଦିଲ୍ଲୀର ଚିଫ୍ କମିଶନର ତାଙ୍କର ଗୋଟିଏ ବକ୍ତୃତାରେ ଅତ୍ୟନ୍ତ କ୍ରୁଦ୍ଧ ହୋଇଥିଲେ—ଅରୁଣା ୧୯୪୨ ସାଲ ବିଦ୍ରୋହ ସମ୍ବନ୍ଧରେ ଏହି ବକ୍ତୃତା ଦେଇଥିଲେ । କର୍ତ୍ତୃପକ୍ଷ ତାଙ୍କୁ ରାଜଦ୍ରୋହ ଅଭିଯୋଗରେ ଅଭିଯୁକ୍ତା କରି ନ ପାରି ଅନ୍ୟ ଅଭିଯୋଗ ଆଣି ଭଲ ବ୍ୟବହାର ପାଇଁ ଅଭିଯୁକ୍ତ ଜାମିନ ଦେଇ ନ ପାରିବାରୁ ବର୍ଷେ ଜେଲ ଦଣ୍ଡ ଭୋଗ

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଶିଶୁଙ୍କର କୋମଳ ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ଶୃଙ୍ଖଳା-ବୋଧ ଓ ସଙ୍ଗଠନ ଶକ୍ତି ଜାଗ୍ରତ କରିବା । ୨ । 'ମେଳା'ର ମାଧ୍ୟମରେ ଏହି ଦେଶସ୍ଥ ଓ ବିଦେଶ ଶିଶୁମାନଙ୍କ ମଧ୍ୟରେ ପରସ୍ପର ଭାବ ପ୍ରଦାନ କରିବା ଓ ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱ ପ୍ରୀତି ଓ ସୌହାର୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କୋମଳ ଶିଶୁମାନଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ଓ ସାହସ ଅହିଂସା ଆଧାରରେ ସେମାନଙ୍କୁ ଗଢ଼ି ତୋଳିବା ।

(୧୮ବର୍ଷରୁ ନ୍ୟୁନ ବାଳକ ବାଳିକାମାନଙ୍କ ପାଇଁ)

# ଶ୍ରୀଯୁକ୍ତା ଅରୁଣା ଆସଫ ଅଲି

ସ୍ନେହର ମନ ଭାଇ ଓ ଭଉଣୀମାନେ,

ଭାରତର ବନ୍ଦିତା କନ୍ୟା ଶ୍ରୀଯୁକ୍ତା ଅରୁଣା ଆସଫ ଅଲୀଙ୍କର ଜୀବନ ଲେଖିବା ପାଇଁ ତୁମମାନଙ୍କ ଅନେକ ଅନୁରୋଧ କରିଛନ୍ତି । ମୁଁ ଯଥାସମ୍ଭବ ସଂକ୍ଷେପ କରି ତାହା ଲେଖୁଛି ।

ଶ୍ରୀଯୁକ୍ତା ଅରୁଣା କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟ ଓ ବର୍ତ୍ତମାନ ଅନ୍ତର୍ବର୍ତ୍ତୀ କାଳୀନ ସରକାରଙ୍କ ସଦସ୍ୟ ମିଷ୍ଟର ଆସଫ ଅଲିଙ୍କ ସହଧର୍ମିଣୀ ।



ଅରୁଣା ବଙ୍ଗ ହିନ୍ଦୁ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ପଠନାବସ୍ଥାରେ ସେ ମିସ୍ ଅରୁଣା ଗାଙ୍ଗୁଲି ନାମରେ ପରିଚିତ ଥିଲେ । ପଠନାବସ୍ଥାରେ ତାଙ୍କ ପ୍ରତିଭାର ବିକାଶ ପାଇଥିଲା । ବାଳିକା ଅରୁଣା ଯେତେବେଳେ ଲାହୋରରେ କୌଣସି ଏକ କନ୍‌ଭେଣ୍ଟରେ ଅଧ୍ୟୟନ କରୁଥିଲେ ସେଠାକାର ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କର ଚରିତ୍ରର ଦୃଢ଼ତା ପାଇଁ ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ କହୁଥିଲେ "ଅରୁଣା ଦିନେ ଭାରତର ବୈପ୍ଳବିକ ମନୋବୃତ୍ତି ଜାଗରଣ କରିବ ।" ଅରୁଣା ଏହାପରେ ଲାହୋର ଓ ନୈନିତାଲରେ ଅଧ୍ୟୟନ ଶେଷ କରି କଲିକତାର ଗୋଖଲେ ମେମୋରିଆଲ ବାଳିକା ବିଦ୍ୟାଳୟରେ ଶିକ୍ଷୟିତ୍ରୀ କାର୍ଯ୍ୟ ଗ୍ରହଣ କଲେ । ସେ ବେଶ ସ୍ୱାଧୀନଚେତା । [illegible] ଅଧ୍ୟୟନ ଶେଷ ପରେ ତାଙ୍କୁ ବିବାହ କରିବାକୁ ବୃଦ୍ଧିରେ [illegible] ସେ ମନା କରିବ ଓ ସେମାନଙ୍କ ଭିତରେ ବର୍ଣ୍ଣିତ ନ କରି ସ୍ୱାଧୀନ ଭାବରେ କାଳାତିପାତ କଲେ । ଏହି ସମୟରେ ତାଙ୍କ ଜୀବନରେ ଏକ ଅପ୍ରତ୍ୟାଶିତ ଘଟଣା ଘଟିଲା । ସେ ତାଙ୍କର ଭଉଣୀ ପାଖ [illegible] ପୂର୍ଣ୍ଣିମା ବେନାର୍ଜୀଙ୍କ ସହିତ ଏଲାହାବାଦ ଛୁଟି କଟାଇବା ଲାଗି ଯାଉଥାନ୍ତି । ସେହି ସମୟରେ [illegible] ସହିତ ଦେଖା କରିବା ଲାଗି ତାଙ୍କର ଜଣେ ବନ୍ଧୁ ଏଲାହାବାଦରୁ ଆସି ଥାନ୍ତି । ସେ ବନ୍ଧୁ କଲିକତାରେ ମୁସଲିମ୍ ଲୀଗ୍ କଲିକତା ଅଧିବେଶନକୁ ଯାଉଥାନ୍ତି । ଏହି ବନ୍ଧୁ ସହ ଅରୁଣାଙ୍କର ପରିଚୟର ସୁଯୋଗ ଘଟେ ଓ ଘନିଷ୍ଠତା ଓ ଆତ୍ମୀୟତା ବଢ଼େ । ଏହି ବନ୍ଧୁ ଆସଫ ଅଲି—ସେତେବେଳେ ସୁପରିଚିତ ରାଜନୈତିକ ନେତା ଓ ଲବ୍ଧ ପ୍ରତିଷ୍ଠ ଆଇନ ବ୍ୟବସାୟୀ । ଅସହଯୋଗ ଆନ୍ଦୋଳନରେ ଆସଫ ଅଲି ୧୮ ମାସ କାରାଦଣ୍ଡ ଭୋଗ କରି ଖଲାସ ହୋଇଥିଲେ । ତାଙ୍କର ଆଇନ ବ୍ୟବସାୟ କ୍ରମଶଃ ବୃଦ୍ଧି ଲାଭ କରୁଥିଲା ଓ ତାଙ୍କର ଯଶ ବୃଦ୍ଧି ପାଉଥିଲା । ଏହି ଦେଖା ସାକ୍ଷାତରେ ଉଭୟେ ପରସ୍ପର ପ୍ରତି ଆକୃଷ୍ଟ ହେଲେ । ଧର୍ମ ଉଭୟଙ୍କ ମିଳନ ପଥରେ ପ୍ରତିବନ୍ଧକ, କାରଣ ଅରୁଣା ହିନ୍ଦୁ ପରିବାରର ଓ ସାମାଜିକ ପରମ୍ପରାର ଅନୁଗାମିନୀ । ଉଭୟଙ୍କ ଭିତରେ ବୟସ ପାର୍ଥକ୍ୟ—ଅରୁଣା ହିନ୍ଦୁ—ଆସଫ ଅଲି ମୁସଲମାନ । ସେତେବେଳେ ଅରୁଣାଙ୍କ ବୟସ ୧୮ ଓ ଆସଫ ଅଲିଙ୍କ ବୟସ ୪୧ । ଅରୁଣା ଠିକ୍ କରିସାରିଥିଲେ ଆସଫ ଅଲିଙ୍କ ଜୀବନର ସାଥୀ ରୂପେ ଗ୍ରହଣ କରିବାକୁ । ତାଙ୍କର ପରିବାରର ସମସ୍ତେ ଏଥିରୁ ନିବର୍ତ୍ତାଇବାକୁ ଅନେକ ଚେଷ୍ଟା କଲେ—କିନ୍ତୁ ଅରୁଣା ଅଟଳ । ଯାହା ଠିକ୍ ସେ ଅନୁଭବ କଲେ ତାକୁ କାର୍ଯ୍ୟ କରିବା ଲାଗି ଓ ସେ କାର୍ଯ୍ୟକୁ ସାର୍ଥକ କରିବା ଲାଗି ତାଙ୍କର ମାନସିକ ଶକ୍ତି ଯଥେଷ୍ଟ ଥିଲା । କାରଣ ତାଙ୍କର ଜୀବନ ଯାତ୍ରାରେ ସେ ମୁକ୍ତ ହୋଇ ପାରିଛନ୍ତି ଓ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି କୌଣସି ସ୍ୱାମୀ ଆସଫ ଅଲିଙ୍କ ଭଳି ହୃଦୟବାନ ଓ ଉଦାର ଚରିତ ବ୍ୟକ୍ତି ହୋଇ ପାରିନାହିଁ ।

ଅରୁଣା ତାଙ୍କର ସ୍ୱାମୀଙ୍କର ପ୍ରକୃତ ସହଧର୍ମିଣୀ । ଆସଫ ଅଲିଙ୍କ ରାଜନୈତିକ ଜୀବନ ସହ ତାଙ୍କ ଜୀବନ ମଧ୍ୟ ଗଢ଼ା । ୧୯୩୦ ସାଲ ଅସହଯୋଗ ଆନ୍ଦୋଳନରେ ଓ ୧୯୪୦ ସାଲରେ ସେ କାରାବରଣ କରିଥିଲେ । ୧୯୪୦ ସାଲରେ [illegible] କମିଶନର ତାଙ୍କର ସୋସିଏ କ୍ଳବଠାରେ ଅତ୍ୟନ୍ତ [illegible] ଥିଲେ—ଅରୁଣା ୧୯୪୨ ସାଲ ବିଦ୍ରୋହ ସମ୍ବନ୍ଧରେ [illegible] ଦେଇଥିଲେ । ବର୍ତ୍ତମାନ ତାଙ୍କ ରାଜଦ୍ରୋହ ଅଭିଯୋଗରେ [illegible] କରି ନ ପାରି ଅନ୍ୟ ଅଭିଯୋଗ [illegible] ଯୁକ୍ତ ଜାମିନ ଦେଇ ନ ପାରିବାରୁ [illegible]

Digitized by srujanika@gmail.com

ଦେଲେ । ଗାନ୍ଧୀ ଆରଉଇନ ଚୁକ୍ତି ଫଳରେ ସମସ୍ତ ରାଜବନ୍ଦୀ ମୁକ୍ତ ହେଲେ । କିନ୍ତୁ ଅରୁଣା ମୁକ୍ତି ପାଇଲେ ନାହିଁ । ଲାହୋର ଜେଲର ଅନ୍ୟାନ୍ୟ ନାରୀ ବନ୍ଦୀଗଣ ଅରୁଣା ମୁକ୍ତ ନ ହେଲେ ସେମାନେ ଜେଲ ଛାଡ଼ିବାକୁ ରାଜି ହେବେ ନାହିଁ । ସେତେବେଳେ ସରକାରଙ୍କର ଚୈତନ୍ୟ ଉଦୟ ହେଲା—ଜାଣିଲେ ଯେ ଅରୁଣା ସାଧାରଣ ଝିଅ ନୁହନ୍ତି । ଅନେକ ପ୍ରଚେଷ୍ଟା ଓ ଗଣ ପ୍ରଦର୍ଶନ ପରେ ମଧ୍ୟ ମହିଳା ବନ୍ଦୀମାନେ ଜେଲ ଛାଡ଼ିବାକୁ ନାରାଜ । ଅବଶେଷରେ ଗାନ୍ଧୀ ଓ ଡାକ୍ତର ଆନସାରୀଙ୍କୁ ଏ ବ୍ୟାପାରରେ ହସ୍ତକ୍ଷେପ କରିବାକୁ ହୋଇଥିଲା । ଗାନ୍ଧୀଜୀଙ୍କ ପରାମର୍ଶରେ ମହିଳା ବନ୍ଦୀଗଣ ମୁକ୍ତି ଗ୍ରହଣ କଲେ ଓ ଶେଷରେ ପରେ ଜନସାଧାରଣଙ୍କ ମନରେ ଅସନ୍ତୋଷ ଫଳରେ ଅରୁଣା ମୁକ୍ତି ପାଇଲେ । ଜେଲ ଦ୍ୱାରରୁ ବାହାରି ଦେଖନ୍ତି—ଖାଁ ଅବଦୁଲ ଗଫୁର ଖାଁ ଅଗଣିତ ବନ୍ଧୁ ସଂଗୀଙ୍କ ସହ ବାହାରେ ତାଙ୍କର ଅଭିନନ୍ଦନ ପାଇଁ ଅପେକ୍ଷା କରିଛନ୍ତି । ଏଇ ହେଲା ତାଙ୍କ ଜୀବନରେ ପ୍ରଥମ ଥର ଅଭିଜ୍ଞତା ।

୧୯୩୨ ସାଲ କାରାଦଣ୍ଡ ସହ ତାଙ୍କ ଜୀବନର ଦ୍ୱିତୀୟ ଦୋଷ-ମାଳା ହୋଇଥିଲା । ପୁଲିସ ତାଙ୍କର ସ୍ୱାମୀଙ୍କର ବ୍ୟୋବର ଜବତ କରି ଓ ତାଙ୍କର ଅସହଯୋଗ ଆନ୍ଦୋଳନ କରି ଅରୁଣାଙ୍କର ବେଲେଗଣ୍ଡ ବହୁମୂଲ୍ୟ ଶାଢ଼ୀ ନୀଲାମ କଲେ । ତାଙ୍କୁ ଦିଲ୍ଲୀ ଜେଲରେ ରଖା ଯାଇଥିଲା । ସେଠାରେ ରାଜନୈତିକ ବନ୍ଦୀଙ୍କ ଉପରେ ଦୁର୍ବ୍ୟବହାର ପାଇଁ ଅନଶନ ବ୍ରତ ଗ୍ରହଣ କଲେ । ଅତ୍ୟନ୍ତ ଅସୁସ୍ଥ ହୋଇଥିଲେ ମଧ୍ୟ ସେ ଅନଶନ ଭଙ୍ଗ କଲେ ନାହିଁ । ଶେଷରେ କର୍ତ୍ତୃପକ୍ଷଙ୍କୁ ବାଧ୍ୟ ହୋଇ ରାଜବନ୍ଦୀମାନଙ୍କ ଦାବୀ ମାନ ନେବାକୁ ହୋଇଥିଲେ । ତା' ଫଳରେ ଅରୁଣା ଅମ୍ବାଲା ଜେଲରେ ନିର୍ଜ୍ଜନ କାରାବାସ ଦଣ୍ଡ ହୋଇଗଲା ।

୧୯୩୧ ଠାରୁ ୧୯୪୨ ସାଲ ପର୍ଯ୍ୟନ୍ତ କଂଗ୍ରେସର ଯୋଗସୂତ୍ରରୁ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଜୟପ୍ରକାଶ ନାରାୟଣ, ଅଚ୍ୟୁତ ପଟ୍ଟବର୍ଦ୍ଧନ, ରାମ ମନୋହର ଲୋହିଆଙ୍କ ସହ କାମ କରିବାର ସୁଯୋଗ ପାଇଥିଲେ । ୧୯୪୨ରେ ଯେତେବେଳେ "ଭାରତ ଛାଡ଼" ଡାକ ଆସିଲା, ଅରୁଣା ସାଡ଼ା ପାଇଲେ । ତାଙ୍କ ଭିତରେ ବିଦ୍ରୋହ ଅଗ୍ନି ଜଳି ଉଠିଲା ।

୧୯୪୨ ସାଲର ଅଗଷ୍ଟ ପ୍ରଥମ ସପ୍ତାହରେ ବମ୍ବେରେ ନିଖିଳ ଭାରତ କଂଗ୍ରେସ କମିଟିର ଐତିହାସିକ ଅଧିବେଶନ ସମୟରେ ତାଙ୍କ ସ୍ୱାମୀଙ୍କ ସହିତ ସେ ଯାଇଥିଲେ । ୯ ତାରିଖ ଅଗଷ୍ଟରେ ଯେତେବେଳେ ତାଙ୍କ ସ୍ୱାମୀ ଓ କାର୍ଯ୍ୟକାରୀ ସମିତିର ସଭ୍ୟମାନେ ବନ୍ଦୀ ହେଲେ, ତହିଁ ସକାଳ ଅରୁଣା ଗୋୱାଲିଆ ଟ୍ୟାଙ୍କ ମଇଦାନରେ ପତାକା ଉତ୍ତୋଳନ ଉତ୍ସବରେ ସଭା ନେତୃତ୍ୱ କରିଥିଲେ । ସେଇ ସଭାରେ ବସିଥିବା ଜନତା ଉପରେ ପୁଲିସ ଲାଠି ମାଡ଼, ଗୁଳି, କନ୍ଦାଣ ଗ୍ୟାସ୍ ପ୍ରଭୃତି ପ୍ରୟୋଗ କରି ଛତ୍ରଭଙ୍ଗ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଅରୁଣା ଏଥିରେ ବିଚଳିତ ନ ହୋଇ ନିର୍ଭୀକ ଜନତାକୁ ଉତ୍ସାହ ଓ ଉଦ୍ଦୀପନା ପ୍ରଦାନ କରିଥିଲେ । ନିରସ୍ତ୍ର ଜନତାର ରକ୍ତପାତରେ ତାଙ୍କ ମନରେ ବୈପ୍ଳବିକ ଭାବ ଜାଗି ଉଠିଲା—ସେ ସେଇଦିନଠାରୁ ଗୁପ୍ତରେ ରହି ବିଦ୍ରୋହର ବାଣୀ ସାରା ଭାରତରେ ପ୍ରଚାର କଲେ । ପୁଲିସର ସେପ୍ରାଇ ପରର୍ଯ୍ୟନ୍ତ ୧୯୪୨ ସାଲ ୯ ତାରିଖ ଅଗଷ୍ଟଠାରୁ ୧୯୪୬ ସାଲ ୨୬ ତାରିଖ ଜାନୁଆରୀ ପର୍ଯ୍ୟନ୍ତ ଚାଲିଥିଲା । କିନ୍ତୁ ଉପସ୍ଥିତବୁଦ୍ଧି ଅରୁଣା ପୁଲିସ ଆଖିରେ ଧୂଳି ଦେଇ ଚାଲିଗଲେ । ତାଙ୍କୁ ଧରିବା ଲାଗି ସରକାର ପାଞ୍ଚ ହଜାର ଟଙ୍କା ପୁରସ୍କାର ଘୋଷଣା କଲେ—ପୁଲିସର ଗୋଇନ୍ଦା ତାଙ୍କ ପଛରେ ଅହରହ ଲାଗିଥାନ୍ତି । କିନ୍ତୁ ଅରୁଣା ପୁଲିସଠାରୁ ଅଧିକ ଚତୁର ଥିଲେ । ଅରୁଣା ନିଜର ଦେଶପ୍ରେମର ଅଗ୍ନିଗର୍ଭ ବାଣୀ ଦେଶର ଚାରିଆଡ଼େ ବହି ନେଉଥିଲେ—ତାର କାରଣ ଯେଉଁମାନେ ତାଙ୍କୁ ସାହାଯ୍ୟ କରୁଥିଲେ ସେମାନେ ବାରମ୍ବାର ଗିରଫ ହେଲେ । ତେବେ ବେଶପରିବର୍ତ୍ତନ ବିଦ୍ୟା ବି ଜାଣି ଥିଲେ ସେ । ଯାହାଦ୍ୱାରା ବ୍ୟୋପକ ଭାବରେ ପ୍ରଚାର ହେଲା । ଅଥଚ ତାଙ୍କର ଆତ୍ମଗୋପନକାରୀ ସହକର୍ମୀମାନେ ତାଙ୍କୁ ଜାଣିଲେ ଯେ ସେ ଯେଉଁ ଜାଗାରେ ଅଛନ୍ତି ତାହା ନିରାପଦ ନୁହେଁ । ତାଙ୍କୁ ସେଠାରୁ ସ୍ଥାନ ପରିବର୍ତ୍ତନ କରିବାକୁ ହେଲା । ସେ ଧରଣ ଖବର କାଗଜ ପଢ଼ୁଥାନ୍ତି—ଦେଖିଲେ ଯେ ଜଣେ ବଙ୍ଗାଳୀ ମହିଳା ଜଣେ ଇଉରୋପୀୟ ଅଛି ଅର୍ଥ ପରିବର୍ତ୍ତରେ ଗ୍ରହଣ କରିବାକୁ ଯୋଗାଡ଼ କରୁଛନ୍ତି । ତତ୍କ୍ଷଣାତ୍ ତାଙ୍କ ମନରେ ଭାବ ଚିନ୍ତା ଆସିଲା ଓ ସେ ସେହି ଠିକଣାରେ ପହଞ୍ଚିଲେ । ବଙ୍ଗାଳୀ ମହିଳାଙ୍କ ତାଙ୍କ କଥାବାର୍ତ୍ତାରେ ଏତେ ପ୍ରୀତ ହୋଇଥିଲେ ଯେ ସେ ଭଦ୍ରମହିଳା ହୋଇଥିଲେ ମଧ୍ୟ ତାଙ୍କୁ ଗ୍ରହଣ କଲେ । କିଛିଦିନ ପରେ ପୁଲିସ ଖବର ପାଇ ଆସିଲା ବେଳକୁ ଅରୁଣା ସେଠୁ ଉଭେଇ ଯାଇଥିଲେ ।

ଆଜି ଶୋକର ବିଷୟ ଯେ, ଅରୁଣା ଆମାଶୟ ରୋଗରେ ଅତ୍ୟନ୍ତ ପୀଡ଼ିତ ହୋଇ ପଡ଼ିଲେ । ତାଙ୍କର ସହକର୍ମୀମାନେ ତାଙ୍କୁ ଉପଦେଶ ଦେଲେ ଯେ କୌଣସି ବନ୍ଧୁଙ୍କ ଘରେ ଚିକିତ୍ସାପାଇଁ ଅନ୍ତତଃ କେତେ ଦିନ ରହିବାକୁ । ଅରୁଣା ଅନିଚ୍ଛାସତ୍ତ୍ୱେ ବନ୍ଧୁଙ୍କ ଘରେ ରହିଲେ । ତାଙ୍କର ଆଶ୍ରୟଦାତାଙ୍କର ବନ୍ଧୁ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ । ସେ ଦିନେ ହଠାତ୍ ବିନା ଖବରରେ ତାଙ୍କ ଘରେ ଆସି ପହଞ୍ଚିଲେ । ଏ ପରିବାର ସହିତ ଘନିଷ୍ଠତା ଥିବା ଯୋଗୁଁ ସେ ଘର ଭିତରକୁ ପଶି ଯାଇଥିଲେ । ହଠାତ୍ ଅରୁଣାଙ୍କ ସହ ତାଙ୍କର ଦେଖାହେଲା । ଆଶ୍ରୟଦାତା ଭୟ ବିଚଳିତ ଓ ଅସ୍ୱସ୍ତି ବୋଧ କଲେ । କିନ୍ତୁ ଅରୁଣା ଅବଲୀଳାକ୍ରମେ ତାଙ୍କ ବନ୍ଧୁଙ୍କ ସହ ଏପରି କଥାବାର୍ତ୍ତା କଲେ ଯେ ସେ ଅତ୍ୟନ୍ତ ପ୍ରୀତ ହୋଇ ପୁଲିସକୁ ଖବର ଦେବା ଦୂରରେ ଥାଉ ଅଧିକନ୍ତୁ ତାଙ୍କ ଆଶ୍ରୟଦାତାଙ୍କୁ କହିଥିଲେ ଯେ, ସେ ଯେତେ ଦିନ ଇଚ୍ଛା ସେଠାରେ ରହିବାର ସୁଯୋଗ ଦିଆଯିବା ପାଇଁ ।

ତାଙ୍କର ଏହି ସାହସ, ନିର୍ଭୀକତା, ଆତ୍ମତ୍ୟାଗ ଭାରତର ଇତିହାସରେ ଚିର ସ୍ମରଣୀୟ ହୋଇ ରହିବ । ସେ ବିଂଶ ଶତାବ୍ଦୀର ଭାରତୀୟ ବୀରାଙ୍ଗନାମାନଙ୍କ ମଧ୍ୟରେ ଜଣେ ଅଗ୍ରଣୀ । ୧୯୪୭ ସାଲରେ ଝାନ୍ସୀର ରାଣୀ ଦୁର୍ଗାବତୀ ସୀପାହୀ ବାହିନୀର ଅଧିନାୟିକା ଥିଲେ ଓ ୧୯୫୮ ସାଲର ଦିଲ୍ଲୀର ଅଧିନାୟିକା ହେଲେ ଅରୁଣା ।

ଏହି ମହିଳାଙ୍କର ଦୀର୍ଘ ଜୀବନ କାମନା କରି ରହିଲି । ଇତି ।*

—ସୁରେନ୍ଦ୍ରମୋହନ

* ସଂଗୃହୀତ

Digitized by srujanika@gmail.com

## କି ଦୀପାଳି ଜାଳୁ ଘରେ ?

କି ଦୀପାଳି ତୁ ଜାଳୁଛୁ ରେ କହ ଘରେ ?
ଶତ ସହୋଦର ରକ୍ତେ ଯେ ଅଛ ସନ୍ଧ୍ୟା ପ୍ରଦୀପ ଜଳେ,
ଗୃହୀ ଅଶ୍ରୁ ଖୋଲି ଥରେ ମୃତ୍ୟୁର ପରପାରେ !

ଉରମ ଲଣିଅ କଳା ମାଟିଅରେ ଜାଗେ ମରଣ ଦାନବୀ,
କାନପୁରର ବନ୍ଦୀଶାଳା ଭେଦି ବହେ ରୁଧିର ଜାହ୍ନବୀ ।
ଚାରି ବରଷର ବାଳ ଗ୍ରଜତ ଉଦ୍ଧମ୍ଭ ଶଙ୍ଖ ଫୁଙ୍କେ,
ହାଣ୍ଡିବାନ୍ଧି ସଙ୍ଗ ମାତୃଧର ହସେ ସଙ୍ଗିନୀ ବର ବୁକେ ।
ସାଇଁତୀ, ପାନଜ, ଜସ୍ତର, ମଣି ନ ମାନିଲେ ମୃତ୍ୟୁ ବାଧା
ଫାଶୀ ଗଳେ ପିନ୍ଧି ଲକ୍ଷ୍ମଣ ନାୟକ ପିଇଲା ଅମର ସୁଧା ।
କଥି ମାହାଳନ କଲକାରୁ ଯହିଁ ଉଡ଼ିଲା ଲହୁ ଝରେ,
ଲଜ୍ଜା ନାହିଁ ଦୀପାବଳି ଜାଳୁ ଘରେ ?

ଅସ୍ଥି ଶମୂଳ ଅଙ୍ଗନ ତଳେ ଶୃଙ୍ଖଳୀ କରେ ରକ୍ତ ?
ଶୋଣିତ ତର୍ପଣ କଲେ ଯହିଁ ହସି ବନ୍ଧୁ ସ୍ୱଦେଶ ଭକ୍ତ ।
ସ୍ୱାଧୀନତାରେ ନାମର ସଙ୍ଗୀତ ବଳାତ୍କାରେ ହେଲା ଲୁଟ୍
ବର୍ବରଦଳ ଗର୍ଭିଣୀ ଗର୍ଭେ ଦଳିଲେ ପ୍ରହାର ବୁଟ୍ ।
ଯାଲିଅନାବାଗ ନିର୍ମମ ହତ୍ୟା, ଅଗ୍ନିରେ ଜଗତ ପ୍ରଳୟବାତ୍ୟା
ଗୁଳିର ଶ୍ରେଷ୍ଠ ମଦନର ଶିର ଲୁଣ୍ଠିତ ଧରାପରେ
ତଥାପି ଉତ୍ସବେ ମତ୍ତ ହୋଇ ଦୀପାଳି ଜାଳୁ ତୁ ଘରେ ?

ଶ୍ରୀ ବୈକୁଣ୍ଠନାଥ ମହାନ୍ତି

—*—

## ଦିଆଲି

ଏଇ ତାପ ଏଇ ଶଶୀ.
ସେଦିନ ବି ହସି ହସି,
ଲୁଚକାଳି ଖେଳ ଖେଳୁଥିଲେ ସୁଖେ
ପୁଲକେ ବଉଦ କୋଳେ,
କୁସୁମ କୁମାରୀ ମନ,
ହରିବାକୁ ସମୀରଣ,
ସଞ୍ଚରିବେ ତାର ଅମୃତର ହୋଇ
ଗାଉଥିଲା ଗାନ ଭୋଳେ ।
ଶତାବ୍ଦୀ ପାଇଲେ ଏତ,
ମାଟିର ବଅନ୍ତା କହ,
ଅମର ଉତ୍ସବେ, ଧରମା ତା’ ନାଆଁ.
ଫୁଲର ଅମ୍ଳାନ ଶଶୀ,
ଧନ୍ୟ ତାର ବାପ ମାଆ,
ଧନ୍ୟ ତାର ଜାତି ଗାଆଁ;
ପର ହିତ ପାଇଁ ପରାଣ ବଳିଲା
ମରଣକୁ ହସି ହସି ।
ଅମର ଏ ଉମଙ୍ଗରେ,
ଯାଅ ତା’ ରଚିତ ଖେଳେ;
ହେବ ଶବାଦର ଗୀତ ସଂକ୍ରାନ୍ତି
ଦୂରେ ଯାଉ ଅପସରି,
ଅହିଂସା ବରତେ ବ୍ରତୀ,
ସତ୍ୟେ ଲଭି ମୁକ୍ତି ମତି;
“ନାଗବନ୍ଧୁ” ଅଟେ ଭବ-ପାରବାରେ
ବାହୁଡ଼ା ଜୀବନ ତରୀ ।

—ଶୈଳବାଳା (୧୭ ନଂ ନାଗ)

—*—

## ନାଗଙ୍କ ଚିଠି

ଅଜା,

ସ୍ନେହ ମଣ୍ଡୁ ପୁଣି ଜଣେ ନାତୁଣୀଠାରୁ ଏପରି ଗୋଟାଏ ପ୍ରଶ୍ନ ପାଇବାକୁ ମୋତେ ବିଶ୍ୱାସହିଁ କରି ନଥିବେ, କିନ୍ତୁ ନ ଲେଖି ରହି ପାରୁନି । ଜନ୍ମଭୂମିର ବାହାରେ ରହି ଦଶ ବର୍ଷ କଟି ଗଲଣି, କିନ୍ତୁ ସେ ହିସାବ ବେଶୀ ବେଶୀ କାହିଁକି ବଢ଼ିଛି ଓ ବଢ଼ିବ । ତିନି ମାସର ତଳର କଥା; ମୋର ଜଣେ ନାଗଭାଇ ଆପଣଙ୍କ ଖେଦୁ ନେଇ କହିଲେ, ତେଣୁ ସାଥେ ସାଥେ ଟଙ୍କା ମନିଅର୍ଡର କରି ପଠାଇଲି, ନାଗବାଳୀ ରେ ନାଁ ଲେଖାଇବାକୁ । ତା ପୂର୍ବରୁ ନାଗବାଳୀ ହେବ ବୋଲି କେତେ ସପନ ଦେଖୁଥିଲି । ଫଳରେ ବନ୍ଧୁ ଜନର ଆକାଂକ୍ଷା ପରେ ନାଗମାନଙ୍କ ମୁଖପତ୍ର ‘ଡଗର’ ପାଇଲି, ପଢ଼ୁ ପଢ଼ୁ ଆଖି ପଡ଼ିଲା ଲକ୍ଷ୍ୟ ଓ ଆଦର୍ଶ ଓ ନିୟମ ଗୁଡ଼ିକ ଉପରେ । ମୋର ମନ ଭଣ ହୋଇଗଲା । ଯେତେବେଳେ ଦେଖିଲି ‘ନାଗମାନେ’ ଅହିଂସା ପଥରେ ଯିବାକୁ ବାଧ୍ୟ; ଆଉ ପଢ଼ି ପାରିଲି ନାହିଁ । ମନରେ ଅନୁତାପ ଆସିଲା । ସେତିକି ଭରୁଛି ବଣପୁଟି ଉପରେ, କିନ୍ତୁ କୁଳ ବଳାଇ ପାରୁନି, ତେଣୁ ବାଧ୍ୟ ହୋଇ ଲେଖୁଛି । ଅଜା, ମୋର ପ୍ରଶ୍ନର ସମାଧାନ ଆପଣଙ୍କଠାରୁ ବା ମୋର କୌଣସି ନାଗ ଭାଇ ଭଉଣୀଙ୍କଠାରୁ ପାଇଲେ ଖୁସିହେବି ।

Digitized by srujanika@gmail.com

ଗୋଟାଏ କଥା; "ସର୍ପକୁଳରେ ଜନ୍ମ ହେଲେ ନମାନେ, ସ୍ୱଭାବ ଛାଡ଼ିବ କେମନ୍ତେ।" ଏହା ଭଗବତ ବାଣୀ। ସର୍ପ ତ ସର୍ପ ପୁଣି ନାଗସାପର ବଂଶ ଏଥିରେ ଅଟନ୍ତି ତେବେ କିପରି ଲେଖିଛ ଅହିଂସା ପଥରେ ଗତି କରନ୍ତୁ। ନାଁ ତ ନାଗବଂଶ। ଏହା କଣ 'ନାଗ'ଙ୍କ ଈଶ୍ୱରଦତ୍ତ ଗୁଣର ପରିଚୟ ଦେଉଛି। ଯେ ଅସଲ ନାଗବଂଶ ତା ଲାଞ୍ଜ ଛୁଇଁ ଦେଲେ ସେ ଫଁ କରିଉଠେ। ଏବେ ଯଦି ସାମାନ୍ୟ ଆଘାତ ମାତ୍ର, ପ୍ରତିହିଂସାରେ ଓଲଟି ଫଣ ଆଘାତ କରିବାକୁ ଛାଡ଼େ ନାହିଁ। ଏହା ନାଗବଂଶଙ୍କର ପ୍ରକୃତ ଧର୍ମ ଥିବା ସ୍ଥଳେ, ଆପଣ ତାକୁ ଅହିଂସା ନୀତି ଶିଖାଇ, ବୈଷ୍ଣବରେ ପରିଣତ କରି ଦେବା କେତେଦୂର ସମୀଚୀନ ତାହା ଥରେ ବିଚାର କରି ଭାବି ଦେଖନ୍ତୁ, ଆମେ ନାଗବଂଶ; ନାଗବଂଶର କାମ କରିବାକୁ ଚାହୁଁ। ଆମେ ସେ ବୈଷ୍ଣବ ଧର୍ମର (ପୁଣି ଯାହା ଆଜି ଅଧମ ଏବେ ସବୁ) ଉପଦେଶ ପାଳନ କରି ବୈଷ୍ଣବ ହେବାକୁ ଚାହୁଁନା। ଆଉ ଯେଉଁ ମାତୃଭୂମିର ବରଦପର୍ଶରେ ସମଗ୍ର ଭାରତ ଏଥିରେ ଥରେ ଉଠୁଥିଲା, ଆଜି ସେହି କଳିଙ୍ଗ ବାହୁନୀ ନାଗବଂଶ ଏହିପରି ଉପଦେଶ ପାଇ ପାଇ ବୈଷ୍ଣବତାରେ ପରିଣତ ହୋଇ ଯାଇଛନ୍ତି। ତାର ସେ ପ୍ରଚଣ୍ଡ ଲୋପ ପାଇଛି। ତାକୁ ପୁଣି ଫେରି ପାଇବା ଦରକାର। କିନ୍ତୁ ଏ ନୂଆ ଯୁଗରେ ପୁଣି ନୂଆ ଜାଗରଣରେ ଏଇ ଉପଦେଶ ପାଇଁ ତାଙ୍କର ଜାଗରଣ କେତେଦୂର ଆସିବ ମୁଁ ଏଥିରେ ସନ୍ଦିହାନ।

ଏଣୁ ମୋର ଅନୁରୋଧ, ଓ ମତ ଯେ, ଅହିଂସା ଶବ୍ଦ ନାଗବଂଶ ଉପରୁ ଉଠାଇ ନେଇ ତା ପରିବର୍ତ୍ତିରେ ଲେଖିବା ଉଚିତ ଯେ, ମାତୃଭୂମି ଏବଂ ବଂଶାନୁଗତ ଧର୍ମର ସ୍ୱାଧୀନତା ଓ ମର୍ଯ୍ୟାଦା ଯଥାକ୍ରମେ ହାସଲ କରି ରକ୍ଷା କରିବାକୁ ଓ ବିଧର୍ମୀଙ୍କ ଅତ୍ୟାଚାରକୁ ଏଡ଼ାଇ ଦେଇ, ମାତୃଭୂମିର ସେବା ପାଇଁ ସଙ୍କଳ୍ପ କରିବା ପ୍ରତି ନାଗବଂଶର କର୍ତ୍ତବ୍ୟ। ମୋ ମତରେ ଆପଣଙ୍କ ନାତି ନାତୁଣୀ ବର୍ତ୍ତମାନ ଯୁଗରେ ଏଇ ଉପଦେଶ ଦରକାର କରେ।

ଶେଷରେ ଆଶା, ତଥାକଥିତ ମୋର ଏ ଫୋଙ୍ଗ ମୁଣ୍ଡର ଏ ଅହିଂସା ସମାଲୋଚନାକୁ 'ଡଗର'ରେ ସ୍ଥାନ ଦେଇ ଚରିତାର୍ଥ କରିବା ହେବେ। ଇତି।

ସ୍ନେହର ନାତୁଣୀ
କୁମାରୀ ଶିବପ୍ରିୟା (୭୩୧ ନଂ)

—*—

(କୁମାରୀ ଶିବପ୍ରିୟା ଏକ ପ୍ରଶ୍ନ କରିଛନ୍ତି—ମୁଁ ନାଗମାନଙ୍କର ଏ ପ୍ରଶ୍ନ ସମ୍ବନ୍ଧରେ ମତାମତ ଲୋଡ଼ୁଛି।)

"ଅଜା"

## ନାଗ ପୁରସ୍କାର ପ୍ରତିଯୋଗିତା

ବନ୍ଦେ ଉତ୍କଳ ଜନନୀ

ପ୍ରିୟ ନାଗ ଭାଇ ଭଉଣିମାନେ,

ମୁଁ ଏଥର ବାଧ୍ୟ ହେଉଛି ଯେ ପ୍ରଥମ ପୁରସ୍କାର ପ୍ରତିଯୋଗିତା ଘୋଷଣା କରିବ। ମାତ୍ର ତୁମେମାନେ (ସାତଶହ ନାଗ ନାତୁଣୀ) ସମସ୍ତେ ଲେଖା ପଠାଇବା ଦରକାର।

ପ୍ରଥମ ପ୍ରତିଯୋଗିତାର ବିଷୟ ହେଉଛି **ଉତ୍କଳଗୌରବ ମଧୁସୂଦନଙ୍କ** ବିଷୟରେ ଗୋଟିଏ ପ୍ରବନ୍ଧ—ଯାହାଙ୍କ ଲେଖା ସବୁଠାରୁ ଉତ୍କୃଷ୍ଟ ବିବେଚିତ ହେବ ତାଙ୍କୁ କାଳିନ୍ଦୀ ପାଣିଗ୍ରାହୀଙ୍କ ଲିଖିତ 'ଉତ୍କଳ-ରବି ମଧୁସୂଦନ' ଉପହାର ମିଳିବ।

ତୁରନ୍ତ ଲେଖାସବୁ ନାଗପତିଙ୍କ ହସ୍ତଗତ ଯେପରି ହୁଏ ଲେଖାଟି ଦୁଇ ପୃଷ୍ଠାରୁ (ଡଗର) ବେଶି ଯେପରି ନ ହେବ ସେଥିପ୍ରତି ବିଶେଷ ଦୃଷ୍ଟି ଦେବ। ଜୟ ଉତ୍କଳ!

ତୁମମାନଙ୍କର ସ୍ନେହର—
ହେମଚନ୍ଦ୍ର

'ଡଗର' ଆଜାଦ ହିନ୍ଦ୍ ଫୌଜ ପାଣ୍ଠି ବନ୍ଦ କରି ଦିଆ ଯାଇଛି। ନାଗମାନଙ୍କଠାରୁ ଆଦାୟ ୮୯୨୯ ଓ ନାଗ ଫଣ୍ଡରୁ ୮୮୯ ଏରୂପ ୫୧୦୦୯ (ଶହେ ଟଙ୍କା) ପ୍ରାଦେଶିକ ଆଜାଦ ହିନ୍ଦ୍ ଫୌଜ ପାଣ୍ଠିକୁ ଦିଆ ଯାଇଛି।

'ଅଜା'

## ନୂଆ ନାଗବଂଶଙ୍କ ନାମ

୭୫୪। ଶ୍ରୀ ରାଜକିଶୋର ମହାପାତ୍ର, (ଅବୈତନିକ) ପ୍ରଚାରକ, ମୟୂରଭଞ୍ଜ ରାଷ୍ଟ୍ରଭାଷା ପ୍ରଚାର ସଭା, ବାରିପଦା, ମୟୂରଭଞ୍ଜ ଷ୍ଟେଟ। ୭୫୫। ଶ୍ରୀ ପ୍ରଫୁଲ୍ଲ କୁମାର ଦାସ (ଅବୈତନିକ) ପ୍ରଚାରକ ମୟୂରଭଞ୍ଜ ରାଷ୍ଟ୍ରଭାଷା ପ୍ରଚାର ସଭା, ବାରିପଦା, ପୋଃ ବାରିପଦା, ମୟୂରଭଞ୍ଜ ଷ୍ଟେଟ। ୭୫୬। ହଂସ କେତନ ସାହୁ (ଅବୈତନିକ) ବାଙ୍ଗିରିପୋଷି, ପୋଃ ଧନ୍ଦଲପୁର। ୭୫୭। ଶ୍ରୀ ଧରଣୀଧର ପ୍ରଧାନ, C/o ରାଜକିଶୋର ଦାସ କଟକଚଣ୍ଡୀ ରୋଡ, ପୋଃ ବକ୍ସିବଜାର, କଟକ। ୭୫୮। ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଦ୍ୱିତୀୟ ବାର୍ଷିକ କଳା, ଉତ୍କଳ ଖ୍ରୀଷ୍ଟିଆନ କଲେଜ, କଟକ। ୭୫୯। ଚୌଧୁରୀ ଗୋପୀନାଥ ଶରଣ, ୧୧ଶ ଶ୍ରେଣୀ ପଟ୍ଟନାୟକ ପଡ଼ା ହାଇସ୍କୁଲ, ଡାଃ ସମ୍ବଲପୁର। (କ୍ରମଶଃ)

Digitized by srujanika@gmail.com

# ଗଳିତକୁଷ୍ଠ ଓ ଧବଳ କୁଷ୍ଠ

ସକଳ ପ୍ରକାର ମେହ, ଅପଦଂଶ ଓ ଚର୍ମରୋଗର ଗ୍ୟାରେଣ୍ଟି ଚିକିତ୍ସା

ସିମଲାଠାରୁ ଲଙ୍କାଦ୍ୱୀପ ଓ ଆଫ୍ରିକାଠାରୁ ଫିଜି ପର୍ଯ୍ୟନ୍ତ ଆମ୍ଭ ଔଷଧ, ଏକ...ଣି

ବହୁଳଭାବେ ବ୍ୟବହୃତ ଓ ପ୍ରଶଂସିତ ।

ଦେଶୀ ... ଚିକିତ୍ସା ପ୍ରଣାଳୀ ଓ ପରାମର୍ଶମାନ ବିନାମୂଲ୍ୟରେ ଦିଆଯାଏ, ତା'ଛଡ଼ା ... ପ୍ରଭୃତି ପ୍ରକାରର ଚିକିତ୍ସାପ୍ରଣାଳୀ ଦିଆଯାଏ, ଅସହାୟ ନିରନ୍ନମାନଙ୍କୁ ବିନା ମୂଲ୍ୟରେ ଔଷଧ ଦିଆଯାଏ । ପ୍ରତିବର୍ଷ ହଜାର ହଜାର ରୋଗୀ ରୋଗମୁକ୍ତ ହୋଇ ଅଛନ୍ତି । ଆପଣ କାହିଁକି ରୋଗମୁକ୍ତ ନ ହେବେ ? ଫଳେନ ପରିଚୀୟତେ, ଥରେ ମୋର ପରୀକ୍ଷା କରି ଦେଖନ୍ତୁ ନା ! ଓଡ଼ିଶାବାସୀଙ୍କର ସୁବିଧା ନିମନ୍ତେ ଜଣେ ଓଡ଼ିଆ ଭଦ୍ରଲୋକଙ୍କୁ କିରାଣୀ ରୂପେ ନିଯୁକ୍ତ କରିଅଛୁଁ । ଆପଣ ଉପରଲିଖିତ ରୋଗମାନଙ୍କରେ ହତୋତ୍ସାହ ନ ହୋଇ ଆଜି ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ ।

REDDY & Co. Regd ) GOPALAPURAM.
E. GODAVARI. TANUKU. M. S. M.

ଶାଖା:—ବକ୍ସିବଜାର,—କଟକ ।

---

## ପ୍ରଭାତ

### ମାସିକ ସାମାଜିକ ପତ୍ରିକା

ଜୀବନର ଜଟିଳ ସମସ୍ୟା ଓ ତାର ସମାଧାନ, ସମାଜ ସଂସ୍କାର ଓ ସଂଗଠନ, ଶିକ୍ଷିତା ନାରୀର ଉଦ୍ଧାର ଦେଶ ଓ ଜାତିର ସେବା, ଇତ୍ୟାଦି ବିଷୟକୁ ମୂଳ କରି "ପ୍ରଭାତ" ଅପ୍ରତିହତ ଗତିରେ ଚାଲିଛି । ଦଶମ ସଂଖ୍ୟା ଚାଲୁଅଛି ।

ବାର୍ଷିକ ମୂଲ୍ୟ ଟ ୨ ।/ ମାତ୍ର

ଅଗ୍ରିମ ଦେଇ ଶୀଘ୍ର ଗ୍ରାହକ ହୁଅନ୍ତୁ ।

ସଂପାଦିକା:—**ଶ୍ରୀମତୀ ତ୍ରିବେଣୀ ଦେବୀ**
ବି. ଏ. ଓ. ଇଡ଼୍.
ହାଜାରିଗଳି, କଟକ ।

## 'ଜୟହିନ୍ଦ ଡଗର'

ଆଜାଦ୍ ହିନ୍ଦ୍ ଫୌଜ ସମ୍ବନ୍ଧରେ କିଛି ଜାଣିବାକୁ ଚାହାନ୍ତି ତ 'ଡଗର' ଜୟହିନ୍ଦ୍ ସଂଖ୍ୟା ପଢ଼ନ୍ତୁ । ଏପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଯାହା କିଛି ଆଜାଦ ହିନ୍ଦ୍ ଫୌଜ ସମ୍ବନ୍ଧରେ ଲେଖା ହୋଇଅଛି 'ଡଗର' ସମସ୍ତଙ୍କୁ ଟପି ଯାଇଛି । ଟଙ୍କାଟିଏ ପଠେଇଲେ ଆମେ ଆପଣଙ୍କୁ ରେଜେଷ୍ଟ୍ରି କରି ଜୟହିନ୍ଦ୍ ସଂଖ୍ୟା ଖଣ୍ଡିଏ ପଠାଇ ଦେବୁଁ ।

'ଡଗର' ଅଫିସ,
ପୋଃ ଭଦ୍ରକ ।

Digitized by srujanika@gmail.com




ସମ୍ପୂର୍ଣ୍ଣ ଆଧୁନିକ ଓ ବୈଜ୍ଞାନିକ ପ୍ରଣାଳୀରେ ସବୁ ପ୍ରକାର ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତର ଏକମାତ୍ର ପ୍ରତିଷ୍ଠାନ । ସମସ୍ତ ପ୍ରକାର ବଟୀ, ଚୂର୍ଣ୍ଣ, ମୋଦକ, ଅବଲେହ, ଆସବ, ଅରିଷ୍ଟ, ତୈଳ, ଘୃତ, ଭସ୍ମ ଓ ମକରଧ୍ୱଜାଦି ବିଜ୍ଞାନ ସିଦ୍ଧ ରସାୟନ କ୍ରିୟା ସାହାଯ୍ୟରେ, ଉତ୍କୃଷ୍ଟ ମାଲମସଲା ଓ ରସାୟନବିତ କବିରାଜମାନଙ୍କ ଦ୍ୱାରା ପ୍ରସ୍ତୁତ ହୁଏ । ଔଷଧମାନଙ୍କୁ ପୂର୍ଣ୍ଣ ବୀର୍ଯ୍ୟବାନ କରିବାର ସ୍ୱତନ୍ତ୍ର ଚେଷ୍ଟା କରାଯାଏ ।

ସୁଲଭ ଦରରେ ଓ ପାଇକାରି ଦରରେ ମଫସଲ ପଠା ହୁଏ ।

ବିଜୟଶକ୍ତି ଔଷଧାଳୟ
ଆୟୁର୍ବେଦ ବିଭାଗ, ବାଲେଶ୍ୱର ।



## ଚର୍ମରୋଗର ଅବ୍ୟର୍ଥ ଔଷଧ

ଦାଦୁ, କୁଣ୍ଡିଆ, କାଦୁ, ମଣ୍ଡଳା, ପାଚିଲା ଘା, ଓ ସମସ୍ତ ପ୍ରକାର ଚର୍ମରୋଗ ଅଳ୍ପ ସମୟରେ ନାଶକରି ଚର୍ମରୁ ଦାଗ ନିଃଶେଷ କରେ ।

ବିଜୟଶକ୍ତି ଔଷଧାଳୟ
ରସାୟନ ବିଭାଗ, ବାଲେଶ୍ୱର ।

## ଏହି କୁଇନାଇନ ଦୁର୍ଭିକ୍ଷରେ

## ଭାରତକୁ

## ଜଙ୍ଗଲର ଶ୍ରେଷ୍ଠ "ଦାନ"!

କଲିକତା ପ୍ରେସିଡେନ୍ସି କଲେଜର ଶରୀର ବିଜ୍ଞାନର

ଭୂତପୂର୍ବ ଅଧ୍ୟାପକ



ଏହା ଭାରତର ଜଡ଼ି ମୂଳର ଏଲକୋଲଏଡ୍ ରୋହାର ଦ୍ୱାରା ପ୍ରସ୍ତୁତ । କୁଇନାଇନ ଠାରୁ ଏହା ଛଅ ଗୁଣ ଶକ୍ତିଶାଳୀ ଓ ଏଥିରେ ଖରାପ ଗୁଣ କିଛି ନାହିଁ । ଏତେ ବଡ଼ ଜ୍ୱରନାଶକ ଔଷଧ ଅଦ୍ୟାବଧି ଆବିଷ୍କୃତ ହୋଇନାହିଁ । [illegible] 'ସଂପୂର୍ଣ୍ଣ ଜ୍ୱର ଛାଡ଼ ଭଗ୍ନ ଶରୀର ଫେରିଆସେ । ଏପରିକି ସହଜେ ଜ୍ୱର ଆସେନାହିଁ । ପଥ୍ୟାପଥ୍ୟର ବିଚାର ନାହିଁ ।




Printed & published by G. C. Mahapatra at the Gopinath Press, Bhadrak. 1946

Digitized by srujanika@gmail.com

୧୦ମ ବର୍ଷ

୧୦।୧୧ ସଂଖ୍ୟା

# ଡଗର

ପ୍ରତି ଖଣ୍ଡ ଛଅ ଅଣା

UTKAL'S MOST POPULAR FORTNIGHTLY OF LIGHT, LEAD & LAUGHTER

'ଆଟଲାଣ୍ଟା ପେନ୍'

ବ୍ୟବହାର କରି




SOLE DISTRIBUTORS—
W.C. NAYAK & Co.
4, Falgun Das Lane, Calcutta.

ଏ ସଂଖ୍ୟାର ଆକର୍ଷଣ

ମଜାକଥାରେ—
ପ୍ରଥମ ପ୍ରେମ

କାହାଣୀରେ—ସମାଧାନ

ମଜାକବିତାରେ —
ନୂଆ ପୁରୁଷ

ହାଓ୍ୱାଇଗବର ଓ

ବଲୁଆବିଗ୍ରର ପ୍ରଭୃତି

*  *

ବାର୍ଷିକ ତିନିଟଙ୍କା ଆଠଅଣା

Digitized by srujanika@gmail.com

ଭାରତର ପ୍ରଧାନ ମନ୍ତ୍ରୀଙ୍କର

# ଉଚ୍ଚ ପ୍ରଶଂସା

"ଶ୍ରୀ ମଦନଚରଣ ପରିଡ଼ା (ପାଣ୍ଡି-ଗ୍ରାମ ଙ୍କ ଦ୍ୱାରା ସ୍ଥାପିତ **କୋଣାର୍କ କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡ଼କ୍ଟସ୍** ପରିଦର୍ଶନ କରି ଏବଂ ଏଠାରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ବିଶେଷ ପ୍ରୀତ ହେଲି । ଜଣେ **ଓଡ଼ିଆ** ଭଦ୍ରଲୋକଙ୍କର ଏ ପଥ-ପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବଂ ଉତ୍ସାହ ପାଇବାର ଯୋଗ୍ୟ ।

କୋଣାର୍କ କେମିକ୍ୟାଲ
ଏଣ୍ଡ ବିଉଟି ପ୍ରଡକ୍ଟ୍
(ଗଣ୍ଡପୁ)






## ବମ୍ବେ ଲାଇଫ ଏସ୍ୟୁରେନ୍ସ କମ୍ପାନି ଲିଃ—

ପ୍ରତିଷ୍ଠିତ——୧୯୦୮

ହେଡ ଅଫିସ—ବୋମ୍ବାଇ

ସୁବିଖ୍ୟାତ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନୀରେ ସର୍ବନିମ୍ନ ପ୍ରିମିୟମ ଦେଇ
ବୀମା କରି ଲାଭବାନ ହୁଅନ୍ତୁ

ବୀମା ବା ଏଜେନ୍‌ସି ଗ୍ରହଣ ପୂର୍ବରୁ ଅନୁସନ୍ଧାନ କଲେ ଲାଭ ଛଡ଼ା କ୍ଷତି ନାହିଁ ।
ଅକର୍ମଣ୍ୟ ହେଲେ ଅଜ ପ୍ରିମିୟମ ଦେବାକୁ ହେବନାହିଁ ଏବଂ ପୂର୍ଣ୍ଣବୀମା ଟଙ୍କା ମିଳିବ ।

**୧୯୪୯ର ସଂକ୍ଷିପ୍ତ ବିବରଣ—**

ଲଗ୍ନି ଅପ୍ ୭୩ ଲକ୍ଷରୁ ଊର୍ଦ୍ଧ୍ୱ
ବୀମାପତ୍ର ୨ କୋଟି ୧୭ ଲକ୍ଷରୁ ଊର୍ଦ୍ଧ୍ୱ
ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ

ଓଡ଼ିଶା ଏବଂ ଗଡ଼ଜାତ ରାଜ୍ୟ ସମୂହରେ, ଅର୍ଗାନାଇଜର ସ୍ପେଶାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ ଅନୁସନ୍ଧାନ କରନ୍ତୁ ।

କେ, ବାଲସୁବ୍ରମଣ୍ୟମ, ବି. ଏମ୍. ଏ. ଆଇ. ଏ.
ମେନେଜର ଓ ଏକ୍‌ଚ୍ୟୁଆରି
ହେଡ ଅଫିସ— ବମ୍ବେ

**ନରେନ୍ଦ୍ର ପ୍ରସାଦ ଦାସ**
ମେନେଜର
ଓଡ଼ିଶା ଶାଖା—କଟକ ।


ସଂପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,**

ପରିଚାଳନା ସଂପାଦକ—**ଶ୍ରୀ ସ୍ୱଇମୋହନ ଦାସ**

Digitized by srujanika@gmail.com




# ବିଲୁଆ ବିଚାର

୧୦ମ ବର୍ଷ – ୧୦ମ ଓ ୧୧ଶ ସଂଖ୍ୟା | କାର୍ତ୍ତିକ ଦ୍ଵିତୀୟାର୍ଦ୍ଧ ଓ ମାର୍ଗଶୀର ପ୍ରଥମାର୍ଦ୍ଧ

କଂଗ୍ରେସ ଯେଉଁ ବୈଠକରେ କଥାରେ 'ହଁ' ଭରିବାରେ ଓ ଉଦାର ଜିନ୍ନା ସାହେବ 'ନା ନା' ବୋଲି କହି ଉଡ଼ାଇ ଦେଉଥାନ୍ତି । ସେଇଟା ତାଙ୍କ ବାହାଦୁରୀ । କାରଣ ସେହି ତାଙ୍କୁ ଦେଲେ 'ହଁ ନା' ବୋଲି ସଂଖ୍ୟା ଦେଇ ୧-୨—ଏଇ ଭଳି ବ୍ୟାଖ୍ୟା ଅନାବଶ୍ୟକ । ଯୋଗେ କରନ୍ତି ତାଙ୍କ ଦଳର ସାର୍ଥକତା ରକ୍ଷା କରିବା ପାଇଁ ମଧ୍ୟ ସେ ସବୁବେଳେ 'ନା ନା' କହିଥାନ୍ତି—ଭଲ ହେଉ ବା ମନ୍ଦ ହେଉ ।

ଯହୁଁ ଦେଖିଲେ ଯେ କଂଗ୍ରେସ ମହାସଭାର ପାଇଁ ଯାଉ ମଧ୍ୟବର୍ତ୍ତୀ ସରକାରରୁ ସବୁ ମାଡ଼ ନେଇ ଯିବା ଉପରେ—ଜିନ୍ନାଙ୍କ ଅଣ୍ଟ ଖୋଲିଗଲା । କଥାଟା ଗଡ଼ିଯାଇ ପଡ଼ିଲେ ଯେଉଁ ପଣି ଲୋକମାନଙ୍କ ଉପର ପାଇଲେ । ସେଥିପାଇଁ ପରିଣାମ କଣ ? ଜିନ୍ନା ସାହେବ ଓ ପୀର ସତ୍ୟନାଶମୂର୍ତ୍ତି ହୋଇ ବସି ରହିଛନ୍ତି । ହିନ୍ଦୁ ମୁସଲମାନ ଭରସ୍ପର ।

× + + ×

ଏବେ ଭାରତବର୍ଷର ଅଲିଖିତ ମନ୍ତ୍ରଣା ପାଇଁ ଯହୁଁ ଅମଙ୍ଗ ହେଲେ ଜିନ୍ନା ସାହେବ ଅଣ ଗୋଡ଼ ବଢ଼ାଇ କହିଲେ—"ବାବା ଉହ୍ୟାର ହଁ" ଜନ୍ମ ପୁଣି ଯେତେବେଳେ ଶୁଣିଲେ ଯେ କ୍ରମଶଃ ପ୍ରଧାନ ମନ୍ତ୍ରୀ କଥା ଦେଇ ଡାକୁଛନ୍ତି ସେଇଠୁ ଜିନ୍ନା କହିଲେ—"ନେହି ଯାଏଁଗା" ଜିନ୍ନା ସାହେବ ଯୋଗକୁ ଥିଲେ ମାନ-ଭଞ୍ଜନ କରିବାକୁ । ସେ ଦିନରେ ବାହାରେ ହାତ ମଳେଇ ନବ ଜମାନରେ ନେଇ ଉପାୟ ଚାଲିଯାଉ ତାହା ଲଗିବା ପାଇଁ ଉପଯୁକ୍ତ ପାଣିପାଗ ଦେଇ ନେହେରୁଙ୍କ ମିଜାଜ୍ ଠିକ୍ ରଖିଥାନ୍ତି ।

+ × × ×

ସେଦିନ ଗାନ୍ଧିଜୀ କହିଲେ ନ—'ମୁଁ ବହାଦୁରୀ, ଉମର ଯଦି ପଞ୍ଚହଂସା ନଡ଼ାଉ ଥିଲ ତ ତମେ ନ୍ୟାୟର ଅସି ଧରିଲ ନାହିଁ ? ଏଠି ଅସି ଧରିଥିଲେ ଯାଉ ପ୍ରକୃତ ବୀରପଣିଆ ଜଣାଯାଇ ଥାଆନ୍ତା । ବିହାରରେ ସଂଖ୍ୟାଲଘୁ ମୁସଲମାନମାନଙ୍କୁ ମାରିବାରେ କଣ ବାହାଦୁରୀ ନାହିଁ ।

ଗାନ୍ଧୀଙ୍କ ମୁହଁରେ ଏହା ଏ କଥା ଶୁଭାଉଛି । ଜିନ୍ନା ଯେମିତି ମୁସଲମାନଙ୍କର ସୁରକ୍ଷା ପାଇଁ Exchange of population କଥା କହୁଛନ୍ତି ଗାନ୍ଧୀ ବି ସେମିତି ହିନ୍ଦୁଙ୍କର ଅସୁରକ୍ଷା ଓ ସୁରକ୍ଷା ପାଇଁ ବିହାରକୁ ପୂର୍ବ ବଙ୍ଗଳାରେ ଲଢ଼ିବା ପାଇଁ ଡାକ ଦେଉଛନ୍ତି ।

Two Extremes meet ମାତ୍ରରେ ଦୁଇ ନେତାଙ୍କ କଥା ମିଶି ଯାଉଛି ।

+ + + +

ଶ୍ରୀଯୁକ୍ତ ଅମ୍ବିକାଚରଣଙ୍କ ସ୍ୱତନ୍ତ୍ର ସଭାର ... ଉଦ୍ଦିଷ୍ଟ ସ୍ୱାଧ ଅର୍ଜନ କରି ମାର୍କିନ ଦେଶକୁ ପଠାଇ ଥିଲେ । ... ରିପୋର୍ଟ ଅଛି ଯେ ଏହା ଶୁଣି ଶ୍ରୀମତୀ ... ଭାଙ୍ଗିବା ଉଚିତ ପାଖରେ ସତେଇ କରିଛନ୍ତି । ସେ ଯିବା ଭୂତଳରେ (Under ground) ପଶି ଶ୍ରୀଯୁକ୍ତଙ୍କୁ ଝପି ଯାଉଥିଲେ । ଏବେ ... ଶ୍ରୀଯୁକ୍ତ ପାତାଳକୁ (ଆମେରିକା) ଯାଇ ନାମ ... ଶ୍ରୀମତୀ ଆଉ କରିବେ କିଏ ?

+ + + ×

ଅମର ହେଉ ହେବ କହୁଛନ୍ତି—ଦେଶରୁ ଚାଲି ଯେଉଁ ଯାଇଁ ଆରମ୍ଭ କଲେଣି ସେଥିରେ ଅମର ତାର ସ୍ୱପ୍ନ ଦେଖୁଛନ୍ତି ବା ... ସେଥିରେ ସ୍ୱାହା ହେଉଛି । ମନ୍ତ୍ରୀ ଚାକିରି କଥା ଦେଇ ଯାଉ, ଅମର ଯୋଜନା ଅଟ ସ୍ୱେଚ୍ଛାର ରହିବା ପାଇଁ ଅମ ମହାଦେଶ ପାଇଁ କରିବେ ନା ?

ଏମେ ଜନ୍ମ ବହୁଁ, ସେମିତି ଅଣା ଜନ୍ମ ଉଚିତ ନୁହେଁ । ମହାଗୁରୁଙ୍କୁ ସମ୍ଭାର ମହାନ୍ କାର୍ଯ୍ୟରେ ମାତି ରହନ୍ତୁ ବୋଲି ତାଙ୍କ ନାଁ ମହତାବ । ସେଃ ସେଃ କଥା—ଭୂଷାଗର ଦୁବେଣ, ଦେଶ ମିଶ୍ରଣ ଉଦ୍ୟାନ ଇତ୍ୟାଦ ପାଇଁ ସେଃ ନେତା ଅଛନ୍ତି । ତାଙ୍କୁ ଏଥିକୁ ଝାଣିବା ଉଚିତ ହେଉନାହିଁ ।

× × × +

ଜିନ୍ନା ଦଳଙ୍କ ବଡ଼ା ଉପସ୍ଥିତିରେ ସିନ୍ଧୁ ସରକାର ... ଶାସନ ବ୍ୟବସ୍ଥା ସଭା ସଦସ୍ୟ ୯ ତାରିଖରେ ବସିଲ ।

ଦେଖେ ଅଃରଙ୍କ ପାଖରେ 'ଅର୍ଦ୍ଧଜାଣ' ସୂଚନା—"ମହାପ୍ରଭୁ ଅନ୍ତର କରିଲେହେଁ ମୋହର ଭୂମି ଦେହରେ ଅନ ନାହିଁ ।"

+ + + +

ମହାପ୍ରଭୁ ବି ଡାକ ଶୁଣିଛନ୍ତି । ଏବେ ଆମେରିକା, ଅଷ୍ଟ୍ରେଲିଆ, ଚୀନ ଭାରତର ବ୍ୟାଧିର ସରକାର ଶୁଭେଚ୍ଛା ଜଣାଇ ଥିଲେ ଦେଖେ ୧୦ ନମ୍ବର ଡାଉନିଂ ଷ୍ଟ୍ରିଟରୁ ବି ଉଦ୍ବନ୍ଧିତରେ ଅଧିକ ବୋଲିଛି ବାବନ ।

× × + ×

ଉତ୍କଳ ଅଃରଙ୍କ ସାହେବ କହୁଛନ୍ତି ଯେ ସଂଖ୍ୟା ଲଘିଷ୍ଠ ଉପରେ ସଂଖ୍ୟା ଗରିଷ୍ଠଙ୍କ ନୀତି ଜମା ଚଳିବନ୍ତି ନାହିଁ । ଅଥଚ ଏଇ ଅଃରଙ୍କ କହିଥିଲେ ଯେ ଭାରତର ... ସଂଖ୍ୟାଲଘୁ ସଂପ୍ରଦାୟର ବାଧା ଦେବୁ ଅଟେମ ... ନାହିଁ । କଥାରେ ଅଛି—Consistency is the hobgoblin of lettle minds. ମାତ୍ର ଅଃରଙ୍କ ଯେ great mind !

+ × +

Digitized by srujanika@gmail.com

ମିଳିତ ଜାତି ସଂଘର ସାଧାରଣ ସଭାରେ ସ୍ମଟସ୍‌ଙ୍କ ପରାଜୟ ଓ ଆମର ବିଜୟରେ ଆମେ ବିଶେଷ ବିସ୍ମିତ ନୋହୁଁ । କାରଣ ସ୍ୱୟଂ 'ବିଜୟ ଲକ୍ଷ୍ମୀ' ଙ୍କ ଅଧିଷ୍ଠାତ୍ରୀ ଦେବୀ ରୂପେ କାର୍ଯ୍ୟ ପରିଚାଳନା କରୁଛନ୍ତି ।

× + ×

ଅଧ୍ୟାପକ ସତ୍ୟବ୍ରତ ସୁରେନ୍ଦ୍ରଙ୍କ ମୁଣ୍ଡରେ ମୁକୁଟ ବଜ୍ରସ ହେଲା ଗଲା । ସେହି ହେଲେ ସ୍ଥାୟୀ ସଭାପତି । ଏଥିରେ ପ୍ରସ୍ତାବକ ହେଲେ ଆମ ମନ୍ତ୍ରୀ ଓ ସମର୍ଥକ ଆମ ନନ୍ଦକିଶୋର ଦାସ । ତା'ର କାରଣ କଥା । କାରଣ ସ୍ୱାଧୀନ ପ୍ରଦେଶ ଗଠନ ହେଲେ ଅବଶ୍ୟ ସୁରେନ୍ଦ୍ରଙ୍କ ସହାନୁଭୂତି ସିଂହଭୂମି ପ୍ରତି ମିଳିବ ।

\+ + +

ଉତ୍କଳରେ ସ୍ୱଳ୍ପକାଳର ଉପନ୍ତ ତଳ ସରଗରମରେ ହେଉ ଗଲା । ଏ ଉପନ୍ତରେ କାହାର ଜ ଯାନ୍ଦିବା ହେବ ତାହା ଆମ ମନ୍ତ୍ରୀଙ୍କ ଯେତେ ଦୃଷ୍ଟିଗତ ପଣ୍ଡୁ ପାହିଁ ।

ଅନ୍ତର ମଧ ଏସବୁରେ ହିନ୍ଦୁମାନଙ୍କର ଏତେ ଭକ୍ତି ଭଳ ହବାର ଯେ ଏହି କାରଣ ଥିଲା—ଏହା ଆମେ ବୁଝିରୁ ନାହୁଁ । ମାମଲତ୍ରା ତ ସଭାକାର ଅଳ୍ପ ମୁସଲମାନମାନଙ୍କର ସ୍ୱଳ୍ପ ଥିଲା । ଏଥିରେ ହିନ୍ଦୁମାନେ ପୂର୍ବର ପଣ୍ଡା ଦବାର ଜ ଅବଶ୍ୟକତା ଥିଲ ତାହା ସେମାନଙ୍କ ଜଣା । + × +

ସେ ଦିନ ପାର୍ଲିଅମେଣ୍ଟରେ ମି: ଚର୍ଚ୍ଚିଲ ଓ ମି: ଆଟ୍‌ଲିଙ୍କର ଭିତର ତରସା ଖୁଲିଲ । ଆମେ ଜାଣୁ ଏ ସବୁ ଡାଲ ଚଳ୍ପାତା–ଶୋଟୁ ହେଲେ ସବୁଳ ଯା' ଉଡ଼ିବୁ ଡାଳାଉ ନାହିଁ ।

**ମହାମାନବ ମାଳବ୍ୟଜୀଙ୍କର ମହାପ୍ରୟାଣରେ 'ଡଗର' ତାର ଆନ୍ତରିକ ଶୋକ ଓ ଶ୍ରଦ୍ଧା ଅର୍ପଣ କରୁଛି ।**

ଭାରତ ଶାସନ ବ୍ୟବସ୍ଥାର ସଭା ବନ୍ଦୋବସ୍ତ ଭଳି ଭଳି ତର୍କ ବିତର୍କ ଗାଲ ଅଣ୍ଟ ମୂଳର କଥା ।

ଅଗ୍ନିକ ଭିତରେ ମଜ,
ଭିତରେ ଭିତରେ ସଲ ମୁଠର
ଉପରେ କାଗିଡ଼ ଦଳ ।

\+ + +

ଏଡ଼ଗ ବେଳକୁ ପଣ୍ଡୁଆର୍ଡ ବ୍ଲକ ନେତା ରୁଇକର କହଛନ୍ତି ଯେ ନୂଆ ମନ୍ତ୍ରୀମଣ୍ଡଳର ମୂଳନୀତି ରହିଲାଣି । କେତେବେଳେ ଯେ ଫୁଟିବ ତା' କହି ହବ ନାହିଁ । ରୁଇକର ପାଖେ ତ ଉଂସତ ଅନେକଦା ପାଟେ, ଏହି ସୁଦ୍ଧରେ ଆମେ ପାଇବା ଉଠେଇବା ଗୁହି ।

କିନ୍ତୁ ରୁଇକର ଅଣ ଗୋଟାଏ କଥା କହିବାକୁ ଭୁଲିଗଲେ । ସେ 'ଫାମ୍ବା'କୁ କିଏ ସ୍ୱଭାବରେ ବେଧି ପକାବ ?

\+ + + +

ନେହରୁଙ୍କ ସେ ଦିନ ଅଧ୍ୟାପକ ସଭାରେ କହିଲେ ଯେ ଅନ୍ୟାନ୍ୟ ଦେଶରେ ଅଧ୍ୟାପକ ସଭା ଇତ୍ୟାଦି ଏବଂ ଅଧ୍ୟାପକମାନଙ୍କୁ ବେଶାଉର କସ୍ତ କାମ ବନ୍ଦ ଯାଉଛି । ତାହା କାମ କରି ନାହିଁ, ସାମ୍ପ୍ରତିକ ସଫଳତା ହାସଲ କରିଛି । ସେହିପରି ଭାରତ ଅଧ୍ୟାପକ ସଭା ଗଠିତ ଏବଂ ନିଶ୍ଚୟ ସଫଳତା ହାସଲ କରିବ । ସେ ଏଟି ଦମ୍, ଗଠନରେ ଦମ୍ଭ ତା କାହାରେ କମ୍ ତାର କାର୍ଯ୍ୟ ସମାପ୍ତ ନ କରିବା ପର୍ଯ୍ୟନ୍ତ ହସ୍ତମୁଖାବଳ ଜଣିବ ଓ କାମ କରି ଯିବ ।

ଏ ଖ୍ୟାପଣ ଶୁଣି ଭଲଭେ ଥିବା ଓ୍ୟାଭେଲ ଓ ଭାରତରେ ଥିବା ଅଚିନ୍ତ୍ୟଳଙ୍କ ଭିତରେ ଗୁପ୍ତରେ ଟେଲିଗ୍ରାଫ ଖବରଦ୍ୱ ହୋଇଥିଲା । ସେ ସବୁର ହକିକତ ଗୁମର ଖୋଲିବା ଆମର ମତଲବ ନୁହେଁ । ତେବେ ଅଳ୍ପ କଥାରେ ଏତିକି କହି ପାରୁ ଯେ ଓ୍ୟାଭେଲ କହିଲେ—ଅଧ୍ୟାପକ ସଭା ବସିବ ହାଃ କହାରରେ ନୁହେଁ, ଅହମଦାବାଦ କୋର୍ଟରେ । ଅଚିନ୍ତ୍ୟଳ ଜବାବ ଦେଲେ—ନାଁ, ଏକଦମ୍ ଦୁର୍ଗ ପୁରରେ ।

× × + ×

ଏବେ କଂଗ୍ରେସ ବିଲାତରୁ ଥାଇ ଅଂଗ୍ରେଜଙ୍କ ଶୁଭ ବାଣୀ ଶୁଣେଇଛନ୍ତି । ସେ କହିଛନ୍ତି ଯେ ଭାରତରେ ସଦା ହିନ୍ଦୁ ମୁସଲମାନ ଦ୍ୱନ୍ଦ୍ୱ ଲାଗି । ତେଣୁ ସେମାନେ ଯାହା ଏତେବେଳେ କରୁଛନ୍ତି ତାହା ଧରନ୍ତୁ ତେବେ ଭାରତରେ ଅନ୍ତର୍ଯୁଦ୍ଧ ବା ଅଶାନ୍ତି ଲାଗିବ । ଭାରତର ଅନ୍ତର୍ଯୁଦ୍ଧର ହେତୁ ଦିଆ ସାରି ପ୍ରସଙ୍ଗ ଉଠେଇ ପଡ଼ିବ ।

ଏ କଥା ଶୁଣି ଟ୍ରୁମେନ୍ ମହାଶୟ ଭାରି ହେଉ ବସିଲେଣି । ସେ ଏବେ ଭାରତ ତା'କୁ ସପୋର୍ଟ କରୁଛନ୍ତି ନା କିଏ ଜାଣେ ?

ଯୋଗାଡ଼ର ପନ ନେଲେ ଅତରା ବାଳେ ବୁଝିଥ ପାଠକ ଖସି ଯିବ ଏଇ ଭଳି ।

\+ + +

ଟ୍ରୁମେନଙ୍କର ଏ ଭାରତଣୀ ଉତ୍ତର ପାଇ ଲର୍ଡ ୱାଭେଲଙ୍କ ଯାଏଁ ପତ୍ର ମଧ୍ୟ କୁଣ୍ଡରେ ଦେଉଳ ଥିଲା ବୋଲି କଲେ । ଟ୍ରୁମେନ୍‌ଙ୍କର ଦୁଃଖର ସମଦୁଃଖୀ ହୋଇ ସେ ବି ଲଣ୍ଡନ ଗଡ଼ିଆ ପଳାଇଲେ । ପରେ ଖସେ ଥାରା । ଦେଇ କହିଲେ ଆଉ କଥା କରନ୍ତୁ ନାହିଁ । ଆମେ କୋପ ନେଇ ଦେଲୁ, ଏପରି ଗଣ୍ଡଗୋଳ ଭିତରେ ଥୋଡ଼ା ତାଙ୍କ କରାଇ ଦେଖାଇ ଗୁଣ୍ଡ । ଯଥା—ମଧ୍ୟବର୍ତ୍ତୀ ସରକାର କଂଗ୍ରେସ ନେତା ନାଁ—ଏଥିରେ କୋଉଠା ନ ଗଲା । ପୁଣି କଂଗ୍ରେସ ମଧ୍ୟବର୍ତ୍ତୀ ସରକାର ଚଳିଲରୁ ଲିଗକୁ ଚା କିଆର ପୁରେଇ ଦେଲୁ । ଦେଖିଲୁ ସେଥିରେ ବି କଥା । ପେଟ ଭରିଲ ନାହିଁ । ପୁଣି ଅଧ୍ୟାପକ ସଭା ଯେବେଣେ ଡାକିବାକୁ କହି ଏବେ ଲିଗ୍ କଥାକୁ କାନ ଡେଉଛୁଁ । ଯା'ର ଭିତରେ ଯଦି ସୁବିଧା ହେଉ ଯାଏ ତ ଭଲ ହେଲା । କାହିଁକି ନା ସୁବ ଦଶାରେ ଆମେ "ଅଣି ନାହିଁ କାନ ନାହିଁ ଯା ଦେହରେ ଉଷ୍ଣ ବୋଷ ନାହିଁ ।" ବୋଲି ଯାଇଁ କର ମାତ୍ର ଚାହିଁବା ।

Digitized by srujanika@gmail.com




# ପ୍ରଥମ ପ୍ରେମ

ଶ୍ରୀ ବିନୋଦଚନ୍ଦ୍ର ନାୟକ ଏମ୍. ଏ.

ଗୋଟିଏ ଗଳ୍ପ ।

"ତାର ସଙ୍ଗେ ମୋର ପ୍ରଥମ ଦେଖା—ମଳିନ ଗୋଧୂଳି ଲଗ୍ନେ......"

କଟହାଳ ଗଛର ସୁଗଳ ଦୋଳା ଉଦ୍‌ବେଳିତ ହେଉଥିଲା ସେଇ ନିର୍ଜନ ପ୍ରାନ୍ତରେ...।

ସେ..........

ଫେରି ଯାଉଥିଲା ମନ୍ଥର ।

ଆଉ

ସେ ନୟନ ବାଣାହତ ବକ୍ଷ ମୋର ବ୍ୟଥିତା କପୋତୀ ପରି ପଡ଼ିଲା ଲୋଟି ତାହାର ଚରଣ ପ୍ରାନ୍ତେ ପ୍ରାନ୍ତେ ।

ଏକଦମ୍ !......"

ଲେଖର ନାମ "ସକୁଲାଙ୍ଗ ହୃଦୟ ମୋ ନହ ଅନୁରାଗିଣି !" ଲେଖକ ଶ୍ରୀ ଅମୁକ ପ୍ରସାଦ ଅମୁକ । ଆଉ ପଢ଼ିବାକୁ ଧୈର୍ଯ୍ୟ ରହିଲା ନାହିଁ, ସଂପାଦକ ମହାଶୟ ଝରଝରେ ଗୋଲ୍ଡ୍ ଚସମାଟିକୁ ନାକ ଅଗକୁ ଟାଣି ଦୁର୍ବାସା ଦୃଷ୍ଟିରେ ଡେରଛାର ଦେଖି 'ଅମନୋନୀତ ଫାଇଲ୍' ଆଡ଼କୁ ଫିଙ୍ଗି ଦେଲେ । ଫେରସ୍ତ ପାଇଁ ଟିକଟ ଥିଲା ।

ତାପର ଗୋଟିଏ କବିତା—ନାମ "ଦାଆ ଓ ପ୍ରେମ" । ଲେଖକ—ଅମୁକ ନାଥ ଅମୁକ ।

"ଦାଆ ପରି ବଙ୍କା ତୁମ ଭୃକୁଟୀର ତଳେ
ହାତୁଡ଼ିର ପରି ତୁମେ ଯେଉଁ ବାଣ ହାଣ
ଅସ୍ତ୍ରନିର୍ଘାତିକ । ସେଇଁ ଦମ୍ଭେ,
ଲଙ୍ଗଳ ଏ ମଜଦୁର ମୃତ୍ୟୁ ଚିହ୍ନ ଗନ୍ଧେ ।"

ସମ୍ପାଦକ ତାଙ୍କ କାଗଜର ଖୁବ୍ ଅଳ୍ପ ମୋଡ଼ା ମୋଡ଼ି କରି ଫିଙ୍ଗି ଦେଲେ ।

ବାକି—ରହି ।

ସମ୍ପାଦକ ମହାଶୟ ଅଧାଇ ପରେ ଅଧମ ଟେବୁଲରେ ବସି 'ମାଙ୍କଡ଼' ପଢ଼ିବା ପାଇଁ ପ୍ରବନ୍ଧାଦି ନିର୍ବାଚନ ପାଇଁ ବ୍ୟାକୁଳ ଥିଲେ ।

ହଠାତ୍ ଗୃହିଣୀ ଘରେ ପ୍ରବେଶ କଲେ ।

—କଅଣ ଶୁଣୁଚ ?

—ନା—ଏ ଯାଏଁ ଶୁଣିନାହିଁ ଏବଂ ନ କହିଲେ ଶୁଣିବାର ସମ୍ଭାବନା ମଧ୍ୟ ନାହିଁ ।

ଶ୍ରୀମତୀ କମଳିନୀ ଦେବୀ ବସିଲେ ହେଲେ । ହେବାର କଥା । —ଲୁହ ମ—ଛଡ଼ା ରଙ୍ଗ, ପାଞ୍ଚଟା ଝୁଅର ବାପ ହେବାକୁ ବସିଲେ । ସ୍ୱ. ପ୍ରେମ ଚିଠି ନାକ ଉପରୁ ଚାଳିଶି ଉପର ଫାଙ୍କରେ ଚାହାଁଳ ରହିଲେ

— ଅତଏବ

—ଦଶ ବର୍ଷ ଅନେକ ହେଉଛି—ଏହି କମଳିନୀ ଦେବୀ ପତ୍ନୀ ଭାବରେ ସମ୍ପାଦକ ମହାଶୟଙ୍କ ଗୃହରେ ଅଛନ୍ତି—ତାଙ୍କ ଘର କାମ କରିବାକୁ ମୁଣ୍ଡ ନ ଦେଇ ସଂପାଦକେ କାଗଜକୁ ପାଠକ ଉପରେ ଛାଡ଼ିଦେଲେ । ଶ୍ରୀମତୀଙ୍କ ଅଳ୍ପ ଅଧର ହସି ହସି କହିଲେ—"ଏ ତ ଅଳ୍ପ ଲେଖାଟା ଟୁକି ଦିଆ ନୁହେଁ ପ୍ରିୟତମେ, ଏ ସମସ୍ତ ଶିଖିବାକୁ ବହୁତ ଅଧ୍ୟାୟ ସାଧନା ପ୍ରୟୋଜନ । ଶ୍ରୀମତୀ କମଳିନୀ ସମ୍ପ୍ରତି ସମ୍ପାଦକଙ୍କ ନିକଟ ଲେଖା ପ୍ରେମ କବିତା ଦେଇ 'ମାଙ୍କଡ଼'ର ଅନୁଗ୍ରହ ଲାଭ କରିବାକୁ ଗର୍ଭ ଧରିଲେ ବି ଅନେକରେ ସମ୍ପାଦକ ପତିଦେବ ସେ ଅନୁଗ୍ରହର କୌଣସିଟି ସଫଳ ହେବାର ସୁଯୋଗ ଦେଇ ନଥିଲେ ।

ଯାହାହେଉ ଅଳ୍ପ ଲେଖାଟି ଅନ୍ତ ଗୋଟାଏ ନୂତନ, ଗୋଟିଏ ଅତି ଏବଂ ଅଭିନବ ପ୍ରେମ ପତ୍ର । ଶ୍ରୀମତୀ ସ୍ନେହ କଣ୍ଠରେ କହିଲେ—"ଏବେ ତ ଦେଖି ଦେବ ।" ତାପରେ କଣ୍ଠ ସ୍ୱରକୁ ପଞ୍ଚମ ପର୍ଦ୍ଦାକୁ ଉଠାଇ କହିଲେ—"ପ୍ରେମପତ୍ର ନୁହେଁ ସେ ପ୍ରେମ ପତ୍ର—ସେପାଖ ଘରର ରମା ଲେଖା ଦେଇଛି ତୁମର ରୂପସୀ କନ୍ୟା ନିକଟ ଲେଖି ପାଠକୁ ।"

ଶ୍ରୀମତୀ ହସିଥିଲେ ସଂପାଦକ ମହାଶୟ ହଠାତ୍ ଚମକି ଉଠି

Digitized by srujanika@gmail.com

ପ୍ରକମ୍ପ ନଭ ଦୁଃଖଜ ମୂର୍ତ୍ତି ଧରିଲେ । କିନ୍ତୁ ସେ ଧୀର ସ୍ଥିର ଭାବେ ବସି ରହିଛନ୍ତି ଦେଖି ଶ୍ରୀମତୀ ହେଉ ଗଲେ । ସମ୍ପାଦକ କହିଲେ "ଦେଖ ବନଲତା ! ଓ—ମାନେ—ତୁମରି ଦେଖ । ତୁମେ ଜାଣ ନାହିଁ ସେଇଥିପାଇଁ ଅବହେଳା । ହୋଟା ହୋଟାଙ୍କର ପ୍ରାଣରେ ଜଳଯ଼ ଦେଇ ରୋମାଞ୍ଚ କେତେ ନମ୍ରତା ଥାଏ । ପ୍ରେମରେ ପଡ଼ିଥାନ୍ତି ସ—ତ'ଣ ଟକା କରିବ ଏଇ ଜଗ ?"

ଶ୍ରୀମତୀ ସରୋଜ ଓ ଦୀର୍ଘନାମ୍ନୀ କଣ୍ଠରେ କହିଲେ—"ହଁ ହୋ—ଛୁଅଁଠାରୁ ତାହାରିରେ ତେଜରେ ବଡ଼ ଦେଇ ଫୁଲର ଲାଗିଲେ ସ ରଇ ସୁଅନ୍ତା । ଅହାହା ! କଣ ଯେ ବଡ ତୁମେ ! ସବୁ ସଇ ଯାଉ ସେ ସବୁ ଅନୁରାଗ ହେଉଥାଏ—ତେବେ ଜବଉ ଦେଇ ଦେଇ, ଆଗାମୀ ବୈଶାଖ ଶୁକ୍ଳ ପଞ୍ଚମୀ ଦିନ—

ସଂଜ ନ ହେଲ ହୋଉ । ମିନ ସେ ମୋର ପ୍ରେମରେ ଡେଇ ଦେ ! ସେଇ ଭଲର ପେଟଦାଡ଼ି ଯାଉ ।"

ସଂପାଦକ ସେମାନ ଟେବୁଲ ଉପରେ ଥୋଇ କହିଲେ—"ଯାଃ ଲଜ୍ଜା ହେଲ ପ୍ରେୟସୀ ।"

ଦେବୀ ସରସ୍ୱତୀ ସହି ଶ୍ରୀମତୀ ଅପେକ୍ଷା କରି ନମ୍ର ସ୍ୱରରେ କହିଲେ—"ପୃଚ୍ଛାଏ ଛୁଅଁନ୍ତି, ବୁଢ଼ା ହେବାକୁ ବସିଲ—ପୁଣି ରସିକତା ଦେଖ—"

ବୋଧ ହୁଏ ସମ୍ପାଦକ କହିଲେ—"ବୁଢ଼ା ! କାଣ ତୁମର ଭର ତାକୁଇ କଣ କହନ୍ତି । ଓହୋ କରି—ଦେଖ, ତୋମାର……"

—ଥାଉ ଥାଉ—ଏଥର ନବରସ ପୁଣି ବୁଢ଼ା ଡମ୍ଫରେ—କହୁଁ କହୁଁ ଶ୍ରୀମତୀ ମୁହଁଲାଜ ହେଲେ ।

—୨—

ଗଡ଼ବା ଓଡ଼ିଆ ସ୍ୱପ୍ନ ଚନ୍ଦ୍ର, ସାଗ ଘରର, ଟେବୁଲ ପଲଟାଣ ସେଦିନର ଦୂରତର ପଡ଼େ । ଏଣେ ଅଧ୍ୟକ୍ଷ ବୁକ୍ ହିସାବରେ କଷ୍ଟ ଜନରୁ ନଭେଲ ପଢ଼ା ଆରମ୍ଭ କରି ଦେଇଛି । ଯେଉଁମାନେ ପର ଜନା କରନ୍ତି ତାହା ପ୍ରେମରେ ପଡ଼ିବା ସୌନ୍ଦର୍ଯ୍ୟରୁ ଯେଉଁମାନେ ଚର୍ଚ୍ଚା, ସେମାନେ କହିବେ—ଏଇ ନଭେଲ ପଢ଼ାହିଁ ରାଘବଚନ୍ଦ୍ରଙ୍କ ପ୍ରେମର ପଥର ମୂଳ କାରଣ । କିନ୍ତୁ ନଭେଲ ତଥ୍ୟ ଅନୁସନ୍ଧାନ ପରେ ଏହା ଅନୁମିତ ହୋଇଅଛନ୍ତି ଯେ ଏଇ ରାଘବଚନ୍ଦ୍ର ଦିନେ ଦୂର ପ୍ରବାସ ଅନ୍ଧାରରେ ଘର ଛାଡ଼ ଉପରେ ଧୂଳି ଉଡ଼ାଉଁ ଉଡ଼ାଉଁ ଜନୈକ ଷୋଡ଼ଶୀ ଯୁବତୀ ଉପରେ ଅଲକାମ୍ବିତ ନୟନ । ସହାସ୍ୟ ହସି ଦୃଷ୍ଟି ନିକ୍ଷେପ କଲେ । ଜନତୋଳନରେ ଏଇ ଦୃଶ୍ୟ ପରେ ଯେମିତିକି ତାଙ୍କ ପାଇଁ ଅପେକ୍ଷା କରି ରହିଛି । ଅର୍ଥାତ୍ ମୋଟା-ମୋଟି କଥାରେ ରାଘବଚନ୍ଦ୍ର ପ୍ରେମରେ ପଡ଼ିଗଲେ—ଏଇ ହେଲା ତାଙ୍କର ପ୍ରଥମ ପ୍ରେମ ।

ସେଦିନ ରାତିରେ ନାନା ଭାବ ମାଡ଼ି ଆସି ଅନେକ ରାତି ଅଧିକ ଭାବରେ ଚିନ୍ତିତ ପ୍ରେମ ନିବେଦନ କରି ଭଲ ପତ୍ର ଗୋଟିଏ ରଚନା କରି ପକାଇଲେ । ସେଇ ଚିଠିରେ ବସନ୍ତର ସୂର୍ଯ୍ୟାସ୍ତ, ଜୋଛନାର ଅବଳ ଶିହରଣ, କୁହୁକର କୁହୁକୁହୁ ତାନ ସବୁ ବାଦ ପଡ଼ିଲା ନାହିଁ । ଗୋଟିଏ କଥାରେ ରାଘବ ଚିଠି ଖଣ୍ଡିକ ଏପରି ଏପରିକି ହେଲା ଯେ ତାହାର ହୃଦ ବୋଧ ପୃଥିବୀରେ ଏପରି ପାଷାଣୀ ତରୁଣୀ ନାହିଁ ଯେ ନ ଏହି ହାର୍ଟ୍ ପେନିଟ୍ରେଟିଂ (ମର୍ମଭେଦୀ) ଆବେଦନର ହୋପ୍‌ଫୁଲ୍ ରେସ୍‌ପନ୍ସ୍ (ଆଶାପ୍ରଦ ଉତ୍ତର) ନ ଦେଇ ରହି ପାରିବ । ଅତଃପର ଅନେକ ଚିନ୍ତାରେ ଅତି ଅଧିକ ସତ ସମ୍ବୋଧନ ଉପାୟରେ ସେ ପତ୍ରଟି ଶେଷ କରି ଦେଲେ—

ଇତି—ତୁମର—ସେ' ଜାଣନ୍ତି ସେ'

କିନ୍ତୁ ହଠାତ୍ ମନେ ପଡ଼ିଗଲା ସେମାନେ ଘରର ଯାହା ସଞ୍ଜରେ ସବୁ ସୁପରିଚିତ ଇଂରାଜୀ କାଏଦାରେ ଲେଖି ମାନେ । ଏଣେ ତାପରେ ଏଇ 'ସେ ଜାଣନ୍ତି ସେ'ର ମୁଣ୍ଡାରେ ମଝିରେ ଥାଇ ଯାହା ମିଳିବ ଏଣେ ସେଇ ମାର ଦେଇ ପାରେ—ନାଃ—ତାକୁ ଶେଷରେ ନାମ ସହି କରିବାକୁ ପଡ଼ିଲା ।

—୩—

ନିଜ ସେଦିନ ସନ୍ଧ୍ୟାବେଳେ ଶାଢ଼ୀ ଘୋଡ଼ାଇବାକୁ ଯାଇ ରାସ୍ତାରେ ସେଇ ଉପରୁ ତଳକୁ ଆସୁଛି—ହଠାତ୍ ଦେଖିଲା ତା ଆଗରେ ଖଣ୍ଡେ ଚିଠି ହୋଇଥିବା କାଗଜ ଉଡି ଉଡି ଆସି ପଡ଼ିଲା । କୌତୂହଳାକ୍ରାନ୍ତ ହୋଇ ପ୍ରଥମ ଲାଇନ (ହମ୍ମା ପ୍ରିୟା ମଧୁଲତା ମିନତି ମୋର) ପଢ଼ିଲା ମାତ୍ରେ କୌତୂହଳ ହାସ୍ୟରେ ତାହାର ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା । ପଛକୁ ଅନାଇ ଦେଖିଲା ଯେ ଘରର ଝରକା ଉପରେ ଠିଆ ହୋଇ ହତଭମ୍ବ ଅବସ୍ଥାରେ ଠିଆ ହୋଇଛି ।

ରାଘବର ଅବସ୍ଥା ସେତେବେଳେ କହିଲେ ନ ସରେ । ଦେହର ଝାଳ ଗମ୍ ଗମ୍ ହୋଇ ବହିଲାଣି । ମୁଣ୍ଡ ବୁଲିଲାଣି । ପଛପାଖ ଜାଣି ବାନ୍ଧି ଦେଲେ ପଡ଼ି ଯାଆନ୍ତାଣି ସେ ! ନୂଆ ଦୁଃଖ !

ମିନ ଚିଠି ଖଣ୍ଡିକ ଧରି ନଷ୍ଟ କରି ଦେବାକୁ ଚାହିଁଲା । ନଇ-ର୍ଥକ ଗୋଲମାଲ କରି ରାଘବକୁ ଦେଲେ କେବଳ ତାହାର ଇଚ୍ଛା ନ ଥିଲା । କିନ୍ତୁ ତାହାର ସଚ୍ଚୋଟପଣିଆ ଅନେକ ଥର କରି ତା ହାତରୁ ଚିଠି ତାର ମା ପାଖକୁ ନେଇଗଲା । ରାଘବକୁ ଅପମାନ ଦେବା ଉଦ୍ଦେଶ୍ୟ ତାର ମୋଟେ ନ ଥିଲା । ତାହାର ମା ବିସ୍ମୟାନ୍ୱିତ ହୋଇ କହିଲେ—"ଏ ମା ! କଣ ହେବ ।" ମ୍ୟାଟରେ ରାତିରେ ସେଇ କଥାଟି ସଂପାଦକଙ୍କର ଗୋଚରୀଭୂତ ହେଲା ।

କଥାଟି କେତେ ଦୂରକୁ ନ ଯିବା ଦେଖି ଉଚିତ ସଂପାଦକଙ୍କ ପାଖକୁ ଚିଠି ସଂଗ୍ରହ କଲେ । ହାଇସ୍କୁଲରୁ ଫେରି ସଂପାଦକ ଅନେକ ସନ୍ଧାନରେ ମଧ ପଞ୍ଚ ଜୋକ ପାଇଲେ ନାହିଁ । ମିନ କହିଲା—"ଚିଠି ନେଇ ଆଉ ଗୋଲମାଲ କରନ୍ତୁ ନାହିଁ ବାପା !"

କନ୍ୟାର ମୁଖରେ ହାତ ବୁଲାଇ ସମ୍ପାଦକ କହିଲେ—"ତୋର ଇଚ୍ଛା ପୂର୍ଣ୍ଣ ହେବ ମା !"

—୪—

ଏଥିରେ ରାଘବର ପ୍ରେମ ସାର୍କେଲରେ ସଙ୍ଗମତ ଗୋଟିଏ ଶୂନ୍ୟ ଦେଖାଗଲା । ଏବେ ସମ୍ପତ୍ତି ହିଂସା ମିଶ୍ରିତ କଣ୍ଠରେ ସବିଶେଷ ଶ୍ରବଣ କଲେ—ପଡ଼ାର ଶ୍ରେଷ୍ଠ ସୁନ୍ଦରୀ ନିଜନ୍ତ ରାଣୀ ଏବଂ ସୌଭାଗ୍ୟବାନ ରାଘବ ଓରଫ ରାଘବଚନ୍ଦ୍ରଙ୍କ ସହିତ

Digitized by srujanika@gmail.com

ପ୍ରେମରେ ପଡ଼ି ଯାଇଛନ୍ତି । ପ୍ରଥମ ସଂଖ୍ୟାର ମାଧବୀରୁ ଶେଷ ପର୍ଯ୍ୟନ୍ତ ସର୍ବଦା ସବୁ କହିଚାଲି ପଡ଼ିଲା—ଏ ତ ଅଚ୍ଛା କଥା !

ସ୍କୁଲରୁ ଫେରିବା ବେଳେ ମଦନା ଯଦୁଆକୁ କହିଲା—"ଜାଣୁ ! ସବୋ ମନେ ତାହାର ସମସ୍ତ ହାଇସ୍କୁଲ୍ କଥା କହେ । ମଣ୍ଟୁଗୁଡ଼ ଓ ଦେହ ସମସ୍ତ କଥା ବୁ ଶୁଣିବାକୁ ପାଉନୁ ନାହିଁ । ଜାଣୁ ସବୋ ମନେ କହିବ ସନ୍ଧ୍ୟା ସମୟରେ ନିଜ ଘର ଝରକା ସେଠା ଦେହାର କବାଟ ଫାଙ୍କ କରି ସବୋ ଅନେକ ବେଳେ ରଙ୍ଗିତ ଚିତ୍ରନ ଯାଉଥିଲା ।" ଯଦୁ କହିଲା—"ଛୋଃ ରେ, ଏତ ତ ଶୋଇବ କଥା । ଅରେ ଯା ରେ ! ମୁଁ ହେଉ ଜାଣେ··· ପଢ଼ିବା ସବୁବେଳେ ଟୁପିବର ଅସ ସବୁ ଉପରୁ ଅନାଇଛି—ମିନତି ସବୁ ଉତ୍ତାଂଶୁମ ଛଳଦା ଦୋଳି ବେଞ୍ଚିରୁ ସବୋର ହାତ ଉପରେ ନିଜ ମୁଣ୍ଡ ରଖି କହୁଛି— "ପ୍ରିୟତମ ମୋର·········।""

ଦଶ ବାର ଦିନ ଅତୀତ ହେବା ପରେ ଦିନ କହଟରୁ କୌଣସି ଗ୍ରହର 'ବେଜ୍ ଫୁଲ—ରେସ୍ପନ୍ସ' ନ ପାଇ ସବୋ ଉଦ୍‌ବିଗ୍ନ ହୋଇ ହେଲା । ତାହାର ଏ ଉଚାଟର ଲକ୍ଷଣ ଯଦୁ ତାହାକୁ କାରଣ ପଚାରିଲା । ଚଞ୍ଚଳ କଣ୍ଠରେ ଦୀର୍ଘ ନିଶ୍ୱାସ ପକାଇ ଅଶାନ୍ତ ଅନ୍ତଃକରଣରୁ ସବୋ କହିଲା— "ଗୁରୁ ! କାରଣ ନାହିଁ ହାହିଁ ତ ମିନତି ଅଭିମାନ କରିଛି ।"

କେତେ ଯଥା ସମୟରେ ଟେଷ୍ଟ ପରୀକ୍ଷାର ଫଳ ପଡ଼ିଲା । ସମସ୍ତ ଛିଣ୍ଡାଥାଇକରୁ ( ସଗଳ ଭଲ୍ କି ? ) ଯଦୁ ସବୋ ଷଷ୍ଠ ସ୍ଥାନରେ ଉତ୍ତୀର୍ଣ୍ଣ ହେଲେ । ଏବେ ତ ସୁ—ପରେ ଓଇଚ୍ ଯଦର ଚନ୍ଦ୍ରମା-ଭିନ୍ନର ଅଧ୍ୟାୟ ସ୍ଥିର କରିବେ । ପଢ଼ାପଢ଼ି ପାଇଁ ସମସ୍ତ ଷ୍ଟାଙ୍କର ଚେମରର ପଡ଼ିଲା । ଅର୍ଥାତ ମୂଲ୍ୟମୂଲ୍ୟ ପକାଇ, ବାଦ ମାଷ୍ଟ୍ର, ହିଣ୍ଡପାତ୍ର ଅନୁଷ୍ଠା ପଢ଼ିବାଦ ସମ୍ବନ୍ଧୀୟ ସମ୍ପନ୍ନ ହେଉ ପଦ ଅନ୍ତି ରେପ୍ରସାଦଙ୍କର ଛବି, ମୃଦଙ୍ଗ ଅଭିଜ୍ଞାନ ଅବେଳ—ଅନୁଭୂତ ଅବେଳ । ଏହ ଫଗେ ହୃଦୟ ବୋଝ ସବୋ ପାଇଁ ପିଲ୍ କରୁ । ଅନେକ ବାଦାନୁବାଦ ପରେ ପଢ଼ନ୍ତର ଗ୍ରନ୍ଥାକ ଗୃହୀତ ହେଲା । ସବୋ ମିନତିଙ୍କ ପାଦ ଧରି ଦେହ ଯଦ ଚଲିତ ମୁଦାଙ୍କ" କହ ସମାପ୍ତ କରି ଭୂଇଁରେ ପଡ଼ିଗଲା । ହୃଦୟରେ ବାଠ ବ ଶିବା ରୋଜ୍ କଚେ ପଢ଼ର ନାଟକୀୟ ଭାବେ ରେ ହାତ ହୋଇ ଦେଖି ଦେଇ ମଧ୍ୟ ପଥରେ ଟେବୁଲ ଚାମଚ ଉଦ୍ରେ କାଟରେ ତାରା ତୋଳ ଦେବାରୁ ଉଃ କରି ହାତଟା ଟାଣି ନେବା ସଙ୍ଗେ ସଙ୍ଗେ ବାଟେ ପଡ଼ ଝନ୍ ଝନ୍ ଶବ୍ଦ କରି ଭାଙ୍ଗିଗଲା ।
··· ··· ··· ··· ।

ସବୋ ହାତ ବାଉଁଶ ଗାଧୋଇବା ଭୁଲି ଯାଇଛି । ମଝି ମଝିରେ ସେ କହେ—ଉଦାର ଅବାଶରେ ଯେ ପଥହରା ସନ୍ୟାସୀ ହେବ । ମ୍ୟା ମିନ ତାଠରେ ଶାନ୍ତ ହୁଏନା ବେଳ କହବ— ବଢ଼ିଯାଉଛ ବଢ଼ିଯାଉଛ ଦାସାଣୀ !!······

—*—

"ଅଟା ତମର ସଙ୍ଗେ କଣ ସରକାର ଏଠ ଅସିଛ ଦେଖ !" ସବୋର ମା ଧରୋର ଝିଅ ଶଯ୍ୟା ଶଯ୍ୟା ଚନ୍ଦ୍ରଙ୍କ ସଙ୍ଗେ ପ୍ରବେଶ କଲେ । ଅଇ ପ୍ରବେଶ କଲେ ସବୋର ଛୋଟ ଭଉଣୀ ସରଯୂ ସାନ ଭଉଣୀ ଅଣିମା, ମିଶ୍ରୀ ଭଗବତୀ, ନୃତ୍ୟରତ୍ନ ସୂର୍ଯ୍ୟମଣି । ସ୍ୱୟଂଶରଣ ପଶୁପତି ବାବୁଙ୍କ ସେଇ ଠିଆ ହେଲେ ।

ପଶୁପତି ବାବୁ ଉପାଧ୍ୟାୟ ପାଠ ପଢ଼ିବାକୁ ଆରମ୍ଭ କଲେ—
ତ୍ୟୋଙ୍ଗ୍ରିନ୍ଦୁ ସନ୍ଧ୍ୟାନ୍ତା ମିନତି ଦେମାର······
ହୁଁ—ସେଠାର ସବୁ ଶାନ୍ତ ଗୃହ······ । ତାଙ୍କ ଦେବା କଥା - ହିଁ—ନାବୁଣୀର ଲେଖା ।
ପଶୁପତି ବାବୁ ବାହାରି ଗଲେ ।

ତାହା ପରେ ସବୋ, ନୂଆବୋହୂ ମିଶି ବସିକି ପଡ଼ିଲେ । ଅଣିମା ଏଡାଇବାର ବଦଳରେ ଜାଣି ଶୁଣି ଠିକ କଲେ ଯେ ସ୍ୱାଗତ ଏଠି ନିଶ୍ଚୟ । ମନ୍ତ୍ରାଳୟରେ ସେ ସବୋର ସମ୍ମାନରେ ବାହାର ଗଲା ।

ବାଂର୍ଥ ପ୍ରେମିକ ଉଦାହୀ ସବୋ ଚନ୍ଦ୍ର, ସେଥିପାଇଁ ସେ ସବୁ ଉପରେ ବସି ବାଂର୍ଥ ପ୍ରେମିକର ସନାତନ ସମ୍ପ୍ରଦାୟର ଦେଶ ଭ୍ରମଣରେ ବାହାର ହୋଇଛନ୍ତି···ଦେଖୁଁ ଦେଖୁଁ ମାସ ପରେ ମାସ ବର୍ଷ ପରେ ବର୍ଷ ଲୁଚି ଗଲା—ସବୋ ଚନ୍ଦ୍ରଙ୍କ ଦେଶ ଭ୍ରମଣର ଶେଷପର୍ବ ଅଉ ନାହିଁ । କେବେ ଗଛତଳେ । କେବେ ବାଦଦର ସମ୍ମା ବଧୂଜନ ଧର୍ମଶାଳାରେ—ମନ୍ଦିର ଷ୍ଟେସନ୍‌ସନଅନ ଭ୍ରମଣ ପର ଏବେବ ରେ···

ହଠାତ ଏକଦା ଘନ ଜଙ୍ଗଲର ତାବୁ ସନ୍ଧ୍ୟାରେ ବୃଷ୍ଟି ପଡ଼ୁଥାଏ ତାଉତ ହୋଇ ମୂହୂର ଦେଶର ଏକ କୋଣରେ ବଣ୍ଡାହୁମାନ ଦେଖି ହେଲେ ଦ୍ୱାରଦେଶ ଉଦ୍‌ଘାଟିତ ହେଲା । ଦ୍ୱାରପ ହସ୍ତରେ କ୍ଷୀଣ ରଶ୍ମି ପ୍ରଜ୍ୱଳିତ ମୃଦଲ ମୁଖ ଏ କାହାର ? ମିନତି କହୁଛି "ସ୍ୱାମୀ ମୋର ! ପ୍ରିୟତମ ମୋର ! ଚରମ······ ବନ୍ଧୁ" ବନ୍ଧୁ ମିନତିର ସର୍ବାଙ୍ଗ ଥର ଉଠିଲା, ସେ ସବୋର ପାଦତଳେ ମାଟି ବାଗାଇବା ଗ୍ରହ ଲିଗ୍ନ ଯୋଗ ଫୁଲ ଫୁଲ କାନ୍ଦ ଉଠିଲା ।

ଅତଃପରେ··· ସବୋ ତାହାର ପୁନଶ୍ଚ ପ୍ରେମ ନିବେଦନର ଉପେକ୍ଷା କରିବ ଏବଂ ଅରଣ୍ୟର ସୃଷ୍ଟିରହୀ ଅନ୍ଧକାର ମଧ୍ୟରେ କ୍ରମାଗତ ଏକ୍ଟିକ୍ ଚଲି ଗଲାର ଯିବ—ଠିକ ଏହିସମୟରେ ତାହାର ସାନ ଭଉଣୀ ଅଣିମା ଅତି ଖାଟଳର କହିଲା - ସବୋ ଭାଇନା, ତମର ଏଠି ଶଇଳ—ବେଶ ହସ୍ତାଭିଖ୍ୟା ମିନତି ଦେଇଛି । ସବୋର ଅସ୍ପଷ୍ଟ ପୁଲକ ଶିହରଣ ହେଲା—ଦେଖା ସଙ୍ଗେ ସଙ୍ଗେ ସବୋର ଚକ୍ଷୁ ଭର ରଣବୀରଙ୍କ ବାବୁ ସବୁ ଉପରେ ନଜରବନ୍ଦୀର ଖଣ୍ଡିଏ ପ୍ରବେଶ କରେଇ (ରଣବୀରବାବୁ ସ୍କୁଲର ଡ୍ରିଲ ମାଷ୍ଟର) ତାଙ୍କରେ ତାଙ୍କର ସବୋର ଦେଖ ଏଠି ।

ସବୋର ବର୍ଣ୍ଣ ଯୁଗଳରେ ବହୁମୂଲ୍ୟ ସଂଗ୍ରହ କରି ରହିବ —ସବୋ ଚନ୍ଦ୍ର ଉଦ୍‌ବୋଧକ ସହ ଏକ ଦୃଷ୍ଟି ସଂଗ୍ରହ ନ କରି ମାଷ୍ଟ୍ରେଙ୍କ ବୈକଳ୍ପିକ ବୃତ୍ତି ପ୍ରତି ଏଥର ଦୃଷ୍ଟି ନିକଟ ହେଲ ନାହିଁ ଏ ଉର୍ଣ୍ଣଯୁଗଳ ସହିତ ଚଳ କାନ୍ଦିବ ହେବ ।

ରଣବୀରବାବୁଙ୍କ ବର୍ଣ୍ଣ ମର୍ଦ୍ଦନ ପରେ ଅଉ ସ୍ୱପ୍ନରେ, କଦାପି କାହା ପ୍ରେମରେ ହେନାହାନ୍ତି ।

—*—

Digitized by srujanika@gmail.com




# ସମାଧାନ

ଲେଖକ:—
ଶ୍ରୀ ନୀଳମଣି ସାହୁ

ମୋ ଘରର ଛକରେ ଯେଉଁ ପଥର ଚନ୍ଦନୀ ଅଛି—ସେଇଠି ମୁଁ ବୁଢ଼ା ସବୁଦିନେ ଚିନାବାଦାମ ବିକେ। ବୟସ ବୋଧହୁଏ ଅଶୀ—ସତୁରୀ ୭୦ ରୁ ଉପର ହେବନି ବୟସ—ଗାଲ ଦୁଇଟି ଖପ୍ ଭିତରକୁ ପଶିଯାଇଛି ମୁହଁରୁ ଦାନ୍ତ ଦୁଇଟିଯାକ ଅଗରୁ ତାହାର ପଡ଼ିଛି—ଶିରପ୍ରଶିରା ଦେଖିଲେ ବୁଢ଼ାର ପାଟିରେ ଦାନ୍ତ ନାହିଁ ବୋଲି ଥୁଗାଡ଼ ଜଣାଯାଏ। ବୁଢ଼ାର ଦେହ ଝୋଲ୍ଝୋଲିଆ। ଓଢ଼ା ଖଣ୍ଡିଏ କାନ୍ଧରେ ପକାଇ ବେଶ୍ ସୁସ୍ଥ ହୋଇ ସେ ଆଗଙ୍କୁ ଚାହିଁ ବସେ। ବେଳେବେଳେ 'ଚିନାବାଦାମ' ବୋଲି ଡାକେ ଆଉ କାସୁ କାସୁ ଖଙ୍କାର କାଢ଼େ। ବହୁଥରୁ ଅପରିଚିତ ତାହାର ଡାକ ଶୁଣେ। ଏ ବୁଢ଼ାକୁ ମୁଁ ପ୍ରତିଦିନ ଦେଖେ—ସେଇଠି ସାଢ଼େ ନଅଟା ବେଳେ। ବୁଢ଼ାର ଆଖି କୋରଡ଼ିଆ ହୋଇଛି—ବେଶୀ କଥା କହେନା—ଖାଲି ସବୁ ଆଡ଼କୁ ନିରର୍ଥକ ଦୃଷ୍ଟିରେ ସେ ଚାହିଁ ରହେ—ତାର କୋଟରଗତ ଚକ୍ଷୁପତା ଜଣାଇଦିଏ ସତେ ଅବା ତା' ଜୀବନରେ ସେ କେତେ ଧକ୍କା ଖାଇ ଖାଇ ପଥର ହୋଇଲାଣି—ଅଜବ ଅନେକ ଧକ୍କାକୁ ସେ ପ୍ରତିଷେଧ କରି ରହିଛି—ସଂସାରର ମାୟାମୋହକୁ ସେ ଏଡ଼ାଇ ଦେଇ ପାରୁନି। ବାବୁ ଲୋକ ବାବୁ ପାଟିନ ସେଇବାଟେ ଯାଆନ୍ତି—କେତେ ମଟର, ରିକ୍ସା, ସାଇକେଲ ସେଇବାଟେ ଯାଏ—ବୁଢ଼ା କିନ୍ତୁ ସେଇମିତି ଅନେକ ଦିନ ଧରି ବସି ଆସିଛି, ନିଶ୍ଚଳ ହୋଇ।

ଏତେ ଦିନର ଅସ୍ଥି ପଞ୍ଜର ଭିତରେ ବି ସଂସାରର ମାୟା ସଂଗୁପ୍ତ। ଏଥର ସବୁ ବଡ଼ କୌତୂହଳ ହେଲା ମୁଁ ଅନେକଥର ବୁଢ଼ାଠାରୁ ଚିନାବାଦାମ କିଣିଛି—ଏଥି ଭିତରେ ବୁଢ଼ା ସହିତ ମୋର ପରିଚୟ ଘନିଷ୍ଠ ହୋଇ ସାରିଥିଲା—ବୁଢ଼ାକୁ ଦେଖି ମୁଁ ତାର ଅନେକ ପରିଚୟ କଳ୍ପନା କରେ। କେବଳ ଅଟକଳ କେତେ ଚିନ୍ତା ଭିତରେ ଦେଇ ବୁଢ଼ା ଏ ପର୍ଯ୍ୟନ୍ତ ଅଛି କି— ମୋତେ ଲାଗେ—ବୁଢ଼ା ଆଗରେ ମୋର କହିବାର ଭଲ ନାହିଁ 'ମୁଁ କିଏ?' ସେ ମୋ ସହିତ ଅନେକ ସମୟରେ କଥା ହୁଏ। ତା'ର କଥାରୁ ମୁଁ ଜାଣିଥିଲି ବୁଢ଼ାର କେବଳ ଗୋଟିଏ ପୁଅ—ତାକୁଣ ବଞ୍ଚିପାରି ନାହିଁ। ତାର ଗୋଟିଏ ଝିଅ ଥିଲା—ସେ ତାର 'ମୁହାଁ' ସହିତରେ ତାହା ଦେଇଥିଲା। ପଚାଶ ପଚାଶିରେ ବୁଢ଼ା ପାଗଳ ହେଇ ଯିବା ବାଟ ଥିଲା। ବୁଢ଼ାର ଏଣି ଅଶ୍ରୁ ଆଉ ନା—ସେ ମନା କରେ ଏ ସବୁ ପଚାରିବାକୁ। ଝିଅ କିନ୍ତୁ ମାଉନ ନା—ବୁଢ଼ା ବିରକ୍ତ ହୁଏ। ଅବଶ୍ୟ ସେ ଝିଅଟି ଭଲରେ ମରିଗଲା। ସେଇ ଦିନୁ ପୁଅଟିକୁ ବୁଢ଼ାର ଆଶା ହେଲା କେହି ନାହିଁ। ବୁଢ଼ା କହୁଥିଲା ସେ ଖୁବ୍ କଷ୍ଟରେ ଡାକ୍ତର ଏଇ ପୁଅଟି ଲାଗି—ଧୂଆର ସବୁବେଳେ ମୁଣ ଛାଡ଼ି ଦୋଷ ସେ କେତେ ମୋ ଆଗେ କହେ କେବଳ ଦୋଷ ଭିତରେ ସେ କହିଥିଲା ଯେ ପୁଅଟି ତାର ବଡ଼ ସାହାସୀ—ବୁଢ଼ା ଦୁଇବେଳା ସୁଖେ—ଅନେକ ମିଠାରେ ବୁଢ଼ାର ଚଳିଯାଉ—କିନ୍ତୁ ପୁଅ ତାର ଦୂର ସହର ଅଧିକା ସେଥିରେ ପଡ଼ି ରହିଲା—ବୁଢ଼ା ବିରକ୍ତ ହୁଏ। ପରେ ଏଇମିତି ଘର କରିବୁ ଦିନକୁ ଦଶ ଅଠଅଣା ପଇସା ରୋଜଗାର, ଏଥିରେ ଦୁଇପଇସାରେ ଚଳି ଚାଲି ଯାଉଛି କେମିତି?'' ବୁଢ଼ାର ଜୀବନର ପାଣି ତା' ପୁଅ ପ୍ରତିଦିନ କଷ୍ଟରେ ଏକୁଟିଆ ଦୂରରେ ରହେ। ସେଥିପାଇଁ ଟିକେ ଗୁଡ଼ ବେଶୀ ହୋଇଗଲେ ବୁଢ଼ା ଖୁସି ହୁଏ। ତାଙ୍କର ଦରକାର ନାହିଁ ବୋଲି ଜାଣି ରହିବାର। ବୁଢ଼ା କହେ—ପୁଅ ସବୁ ଜାଣେ ପାରିଲାବାଲା। କିନ୍ତୁ ଘର ହୋଇ ଯାଏ ବଳ କମି ଯାଇଛି—କହିଲେ ସେ ମାସକୁ ପାଞ୍ଚ ପଚିଶରୁ କମ କଷ୍ଟରେ ନାହିଁ ଯେ—ବୁଢ଼ାର ପୁଅକୁ ମୁଁ ଦେଖିଥିଲି। ଗୋଲଗାଲ ଚେହେରା ସବୁ ସୁନ୍ଦର ହାତ ଦୁଇଟି—ଶ୍ୟାମଳ ବର୍ଣ୍ଣ—କପାଳରେ ବେଶ୍ ଚେହେରା ସ୍ୱାସ୍ଥ୍ୟଭଲ ରୂପ ତାହାର ପଡ଼ୁଛି। ଆଖିର ଗୋଟିଏ କୋଣରେ ପୁଣି କିଛି ଅଳ୍ପ ଲେଖିଲ ଅଶ୍ରୁ ଦାଗ—ଚିଠିରେ ଯାହା ମୁଣ୍ଡର ଚୁଳିଗୁଡ଼ାକ ଥିଆ ଥିଆ ହୋଇ ରହିଛି—ଫୁଟିବେଳେ ଟିକି ପଡ଼ୁଛି। ଯୌବନର ଉପଚ୍ଛାୟା ଏଇ ପିଲାଟି ଭଲରେ ବୁଢ଼ାର କାନ୍ଦିବା ପୁଅ! ବୁଢ଼ା ତଥାପି ସାହସ ରଖିଛି—ସହରରେ ପଢ଼ା ଶେଷ ନାହିଁ—ଏଇ ପୁଅ ସ୍ୱପ୍ନ କରି ପୋଷିଛି। ଅଣ୍ଡି ବୈତରଣୀ ବୁଢ଼ାର ଆଶା ବୈତରଣୀର କୂଳ ଦେଖାଇ ନାହିଁ। ପୁଅଟିର ତାହାପର ହେଲ ନ ଥିଲା। କଥା ପଡ଼ୁ ପଡ଼ୁ ବୁଢ଼ା ଦିନେ କହିଥିଲା ''ସେଇପାଇଁ କରୁ—କେଲେ ଆପଣା ଗୋଡ଼ରେ ଛିଡ଼ା ହୋଇ ଶେଷରେ—ଆପେ ଆପେ ବାଟ ଦେଖି ଦେବ। ମୁଁ ଆଉ ପାରୁନି ଅନ୍ନ—ଏଇ ଟିକେ ଅନ୍ନ—ଏଇଟିକେ ନାହିଁ—ଦୁଇ ବାଟରେ ଘରି ହେବ—ସେତେବେଳକୁ କଣ ଥିବ ଯେ ଛିଟିରେ ପଡ଼ିବ ?''

Digitized by srujanika@gmail.com

ଅଶିକ୍ଷିତ ଚନ୍ଦ୍ରାଗାଦାମ ବଜାଳ ବୁଢ଼ାର ଏଠାଦୃଶ୍ୟ ଗୃହରେ ମୁଁ ସ୍ତବ୍ଧ ହୋଇଥିଲି……

ଏ ବର୍ଷ ପୁଣି ସେ ବୁଢ଼ାକୁ ମୁଁ ସେଇମିତି ଦେଖିଛି ଶୁଣିଲି ପୁଅ ତାର ଇଅ ଭିତରେ ବାହାରେଇ ଯାଇଛି—ଆଉ କଲିକତାରେ ଚୋର ଲୁଗା କଳରେ କାମ କରୁଛି—ମାସେ ହେଲା ଯାଇଛି—ଟ ୧୦ ( ବୁଢ଼ା ପାଖକୁ ପଠାଇଥିଲା—ବୁଢ଼ା ବଡ଼ ଖୁସି—ସେଇ ସୁନ୍ଦରୀ ଉପରେ ତାର ଅସ୍ଥିପଞ୍ଜର ଭେଦ କରି ଅତୃପ୍ତିର ନିଃଶ୍ୱାସ ଉଠୁଥିଲା। ତଥାପି ସଂସାରର ମାୟା—ପୁଣି କେଇଦିନ ବଞ୍ଚିବାର ଆଶାକୁ ସେ ଛାଡ଼ି ପାରୁ ନ ଥିଲା। ଅଙ୍ଗଧ ଜଗତରେ ଯେତେ ଝଡ଼ ବୋହିଯାଇଛି—ତାର ଅନୁଭୂତି ବୁଢ଼ାର ସ୍ମରଣ ନ ଥିଲା ଅବା! ବୁଢ଼ା ପୁଣି ଆଶା କରି ବସିଥିଲା ସେଇ ଅନୁଭୂତିକୁ ପୁଣି ଅନୁଭବ କରିବାକୁ! ବୁଢ଼ାର ବୋଝ ବର୍ତ୍ତମାନ ତା'ର ଘରେ ଅଛି। ବୁଢ଼ାର ଛାଡ଼ି କୋହ୍ନୁ ଟି ବେଶ୍ ନୁହେଁ ବୋଲି ବୁଢ଼ା କହେ।

ଏଇମିତି ମାସ ଛଳକର କଥା ହେବନି। ସେ ଦିନ କାହିଁକି ସନ୍ଧ୍ୟା ପୂର୍ବରୁ ଆକାଶଟା ଯାକ ରକ୍ତ ବର୍ଣ୍ଣର ହୋଇଥିଲା। ଏ: ତ: ପର୍ବ ବାଟାକୁ ଟେ ଉପରେ ଦୁଃଖ ଓ ବେଦନାରେ ପକାଇ ଦେଇ ବଟିକଟା ଗଳେଇ ଚଢ଼ାଉ ଅଟେ ଗଲିକି। ଦେଖିଲି ବୁଢ଼ା ସେଇମିତି ସେ ସୁନ୍ଦରୀ ଉପରେ ବସିଛି—ସହରର ଗାଳ ଦୁଇଟିରୁ ତାର ପ୍ରସନ୍ନତାର ଅଶ୍ରୁ ମିଳୁଥିଲା—ଶଇର ଦଅ ପାନ ଖାଇ ଖାଇ ତାର ଲାଲ ପାନଚିକ ନଗିଡ଼ ପଡ଼ୁଥିଲା ଓଠ ଦୁଇଟିରୁ ଯଥେଷ୍ଟ ବାଧା ସତ୍ତ୍ୱେ ବୁଢ଼ା ମୋତେ ଜାଣିଲା ଏ କଅଣ? ବୁଢ଼ାର ମୁହଁରେ ଏ କି ଅସ୍ୱାଭାବିକତା? ବୁଢ଼ାର ହାତରୁ ଖାଉଁକି ଅଣି ପଢ଼ିଲି—ଓଃ କପନି ବୁଢ଼ାକୁ ଶୁଣାଇଚି? କପଥ ଅନୁମ୍ନ କରୁଚି? ଛେଳ ଦୋଡ଼ାଇ କହିଲା—"ଟଙ୍କା ଲୁଗା ବାଇଗାଦାରୁ ଆସିଛି।" "ହଁ ମୁଁ ଭାଣିଚି—କଣ ଲେଖା ହୋଇଚି ପଢ଼ନ୍ତୁ?" କଅଣ ପଢ଼ିବି? ତା ୧୮।୧।୪୭ ମାଙ୍କଅସ୍ତ୍ରୀଜ ଲୁଗା କଳ—ଓଃ କଅଣ କହିବି ବୁଢ଼ାକୁ? କ ଯୋଗରେ ଘରୁ ବାହାରିଥିଲି?—"ଅକସ୍ମିକ ଦୁର୍ଘଟଣା—ଇପାହିହିନ ଅଗ୍ନାଙ୍କ ରକ୍ତ ଅଚେତ……… …"

ଜା—ଓଃ,

ପୁଣି ୧୫ ଦିନ ବିତି ଯାଇଚି—ସେଇଦିନୁ ଆଉ ବଜାରକୁ ଯାଇନି—ଅଜ ଯାଇଥି। ଏ କଅଣ? ଚଳିଗଲା ସେଇ ବୁଢ଼ା ଗଳିଟିକୁ ଅଣୁ ଉପାର ହୋଇଚି—ମାଧ ଆଜ ଚନ୍ଦ୍ରାଗାଦାମ ଛକର ମୋ ଅଡ଼ୁକୁ ସୁଝିଲିନ—ମଜା ପାନ ଦୋକାନ ଅଟେ ଗଲି—ବୁଝିଲି ବୁଢ଼ାର ବୋଝ—୩।୪ ଦିନ ତଳେ ହଠାତ୍ ପଳାଇଚି ବୁଢ଼ାକୁ ଛାଡ଼ି। ତାର ହଠାତ୍ ବୁଢ଼ାର ପ୍ରତି ଦୟା ମନ ନଥିଲା! ଦୀର୍ଘ ନିଃଶ୍ୱାସ ପକାଇ ପୁଣି ଫେରିଲି। ବୁଢ଼ାକୁ ସୁଝିଲି—କିନ୍ତୁ ତା ପାଖକୁ ଯିବାକୁ ପାଦ ଟେକିଲିନି—ସୁନ୍ଦରୀ ଉପରେ ବୁଢ଼ା ଗୋଟିଏ କରୁଣ ଐତିହାସିକ ( Sad Historian ) ପରି ବସି ହେଉଥିଲା। ମନରେ ସ୍ୱତଃ ପ୍ରଶ୍ନ ଉଠିଲି—ଏଇ ଯେ ବୁଢ଼ାର ପୁଅଟି କଲିକତାରେ କାମ କରୁଥିଲା ଏ କଅଣ ସ୍ୱପ୍ନ ଥିଲା—ଅଉ ଏ ବୁଢ଼ାଟି ବା କଣ ସ୍ୱପ୍ନ ଥିଲା

ହିନ୍ଦୁସ୍ଥାନ ନା ପାକିସ୍ଥାନ? ଏ ପ୍ରଶ୍ନର ସମାଧାନ କରିବ କିଏ?

—※—

ସଙ୍ଗୀତ କଳାକର ଶ୍ରୀ ଜଗବନ୍ଧୁ ସାହୁଙ୍କ
ଦ୍ୱାରା ପ୍ରଣୀତ
କାନ୍ତକବି ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ୍ୱାରା
ମୁଖବନ୍ଧ ସମ୍ବଳିତ
"ସଂଗୀତ ସହଚରୀ"
ରାଗ, ରାଗିଣୀ, ତାଳ ଓ ଯନ୍ତ୍ରାଦି ସହକାରେ
ଶିକ୍ଷିତ କ୍ରମରେ ସର୍ବୋତ୍କୃଷ୍ଟ
ଉଚ୍ଚ ମୂଲ୍ୟ:—ଟ ୧୨
ଶୀଘ୍ର ପ୍ରକାଶ ପାଇଲା।
ଅଗ୍ରରୁ ଅର୍ଡର ଦିଅନ୍ତୁ
ପ୍ରାପ୍ତିସ୍ଥାନ:—— ଶ୍ରୀ ଜଗବନ୍ଧୁ ସାହୁ
ସଙ୍ଗୀତ ଶିକ୍ଷକ
ହାଇସ୍କୁଲ ଭଦ୍ରକ

ଭଦ୍ରକ ଷ୍ଟୋର୍
ସବୁପ୍ରକାର ରଙ୍ଗ ପଦ୍ମାନ କେମାନ ଏଜେଣ୍ଟ।
ଶ୍ରୀ କୈଳାସଚନ୍ଦ୍ର ମହାନ୍ତି କୁଅଁପଡ଼ା—ଭଦ୍ରକ।




Digitized by srujanika@gmail.com

# ମିଠାକଡ଼ା

ସେଦିନ କଥା ପଡ଼ୁଥିଲା—ଝିଅ କାହିଁକି କମିନିଆ ମରଦଙ୍କୁ ଭଲ ପାଆନ୍ତି । ଲଳିତା କହିଲା—ମରଦଙ୍କ ଦରଦକୁ ଝିଅ ପସନ୍ଦ କରନ୍ତି । ବନିତା ତାର ପକ୍ଷ ନେଇ କହିଲା—ହଁ ଅଣ୍ଡିରଚଣ୍ଡା ମରଦଙ୍କୁ ଭଲ ଲାଗେ ମୋତେ । ତାଙ୍କର କୋଉଠାଏ ପୁଞ୍ଜିଡୋର— ପୁରୁଷ ପଣିଆ ଥାଏ ।

ଗାୟତ୍ରୀ କିନ୍ତୁ ନ ମାନେ । ସେ କହିଲା—ତମର ଏ ଭୁଲ ଧାରଣା । ତମେ ପ୍ରକୃତରେ ମାଇକିଆ ମିଶ୍ରଙ୍କୁ ହୃଦୟରୁ ଭଲ ପାଅ । କିନ୍ତୁ ତମର କୋଉଠାଏ ପୁରୁଷଙ୍କ ଦାସ ହେବାର ମନେ ବୃତ୍ତି ତମକୁ ଏଇ ପୁରୁଷ କମ୍ପ୍ଲେକ୍ସ୍ ( Cemplex ) । ଅର୍ଥାତ୍ ଦେଇଛ । ଏହା ତମର ଭିତର ନୀଚତ୍ୱ ବୋଧ ( inferiority complex ) ସେ ଯୁକ୍ତି ଦେଉଥିଲା । କହିଲା—ଦେଖ ତମେ ଲୁଚି ଉଦ୍ଧାରେ ତ ପୁଅ ଝିଅ ଅପଣାକୁ ସଜାଉଛନ୍ତି ? ଅଧ କହିଲ, ପଛ ଅଢ଼ଲ ଟେଢ଼ି ଭଙ୍ଗା ମରଦାନା କି ମାଇକିନିଆ ଢଙ୍ଗ ? ହ୍ୟୁନ୍ କେଉର୍ ( ସୁପାଟେଦିର ) ବା ମରଦାନା ଝୁଣ୍ଟିଆ କାଟିବାକୁ ବାଳ ଅଳ୍ପ ଗାଲରେ ଲେଖା ଜଙ୍ଗ ରହିବାଟା ଅଣ୍ଡିରା ପଣିଆ କି ମାଇପି ପଣିଆ କହିଲ ? ପୁଲ୍ ବୋଡ଼ା ଷଣ୍ଡ, ବ୍ୟୁଟି ସେଲୁନ ଯିବାଟା ପୁରୁଷ ପଣିଆ କି ମାଇଚିଆମି କହିବ ? ମାଇପଙ୍କ ପଣତ ଭଳିଆ ଲମ୍ବ ଲମ୍ବ ଜାମା —ତାଉନ ଢିଅଁ ଧୋତି, ଦୁଇ ଦୁଇ ଗୁଣ୍ଡା, ପାଦକୁ ଖସରେଇ ଖସଟେଇ ସେପଣ ଇତ୍ୟାଦି ଇତ୍ୟାଦି ଅଳଙ୍କାର ଦୃଷ୍ଟି ଟୋକାଙ୍କର ଯେତେ ଯେତେ ଠାଣି ସେସବୁଡ଼ାକ ତାଙ୍କ ନିଷିଦ୍ଧ ଦଳର ମନ ଭୁଲେଇବା ପାଇଁ ନା, ତମ ନବ୍ୟା ସଭ୍ୟା ଟୋକୀଙ୍କ ମନ ଘେନିବା ପାଇଁ ?"

ଏ କଥାରେ ସମସ୍ତେ ଚୁପ ରହିଗଲେ । ଲଳିତା କହିଲା—ଦେଖ, ଏ ସବୁ ପୋଷାକ ପରିଚ୍ଛଦ ବା ଫେସନକୁ ମୁଁ ଟେଢ଼େଇ ସାଙ୍ଗରେ ସମାନ କରି ଗ୍ରହଣ କରୁଛି । ଶକୁନ୍ତ ବଳକଳ ଲୁଗା ପିନ୍ଧିଥିଲେ ବୋଲି ସେ କଣ ଋଷି ହୋଇ ଯାଇଥିଲେ—ନା—ଭୀମ ଶାଢ଼ୀ ପିନ୍ଧିଥିଲେ ବୋଲି ସେ କଣ କୃଷ୍ଣା ହୋଇଯାଇ ଥିଲେ ? ଅଜକାଲିକା ପୁଅ ଝିଅଙ୍କ ପ୍ରେମରେ ପଡ଼ ଝିଅ ଟେଣ୍ଟାକୁ ଯିବା ପସନ୍ଦ କରୁଛନ୍ତି ତା ବୋଲି ତାଙ୍କ ଟେଟେଇର କଣ ଝିଅଣିଆ ହୋଇ ଯାଉଛି କି ? ତମେ ଟୋକିଏ ଟୋକାଙ୍କ ଭାବରେ ବଡ଼େଇର ବେଳ ଏସ୍ପିନ ସାଟକଟ୍ ବବ୍ସ୍ କଟେଇଲେଣି—ଟାଳ କାଟି ବବ୍ କଲେଣି, ମିଶିପ ଗୁଲି ନ ହେବାକୁ ହାତ ଧରି ଝିଅ ଯୋଡ଼ା ଭଳି ଠକର ଠକର ଚାଲିଲେଣି, ହାତରୁ ଚୁଡ଼ି ଛଡ଼େଇଲେଣି କେତେବେଳେ କମିଛ ଘଟେ ବା ଅଧଘଟେ । ମୁଣ୍ଡରେ ଲୁଗା ଦେବା କଥାଟା ଛାଡ଼ ଦିଅ । ଇସ୍ପାର ଅର୍ଥ ନୁହେଁ ଯେ ତମେ ସବୁ ନିଶିହିଆ ମାଇପେ ବା ଅଣ୍ଡିର ଚଣ୍ଡୀ ଏ ସବୁଡ଼ାକ ପ୍ରେମର raflectiou—ପ୍ରତି ଫଳନ ଭ୍ରମ ।

ଗାୟତ୍ରୀ କହିଲେ—ହେଲା । କିନ୍ତୁ ମାଇପେ ଯେ ତାଙ୍କ ପୁରୁଷଙ୍କୁ ସବୁ ଜିନ ମୁଠା ଭିତରେ ରଖିବାକୁ ଚାହାନ୍ତି—ନଚେତ୍ ଗୁଣର କରିବାକୁ ଚାହାନ୍ତି, ତାଙ୍କ କଥାରେ ମଣିଷେ ଯିମିତି ଉଠିବେ ବସିବେ, ସେଇଭଳି ଚାଲିବା ଘର ଭିତରେ କରନ୍ତି । ପୁରୁଷ ଯିମିତି ବେଶୀ ବେଳ ବାହାରେ ନ ରହି ମାଇପଙ୍କ ଭଳି ବେଶୀ ବେଳ ଘର କଣରେ ପଶିଥିବେ । ସେଥିପାଇଁ ବଳି କଳିଅ କରି ତା' ର ବାପରଙ୍କ କରନ୍ତି । ଯା ଦ୍ୱାରା କ'ଣ ପୁରୁଷର ପୁରୁଷତ୍ୱକୁ ପୂଜା କରିଯାଏ, ନା ପୁରୁଷତ୍ୱକୁ ସ୍ତ୍ରୀତ୍ୱରେ ପରିଣତ କରି ଆନନ୍ଦ ଉପଭୋଗ କରିଯାଏ ।

ଲଳିତା ସଙ୍ଗେ ସଙ୍ଗେ ତାର ଉତ୍ତର ଦେଲା । କହିଲା—ବାଘକୁ ଘର କରି ରଖିଲେ ବାଘ କଣ ଛେଳି ହୋଇ ଯାଏ କି ? ସେ ସେମିତି ଛେଳି ଖାଉଥାଏ । କିନ୍ତୁ ବାଘ ରଖାଳୀ ବାଘ ପୋଷେଇବାର ଗୌରବ ଓ ସନ୍ତୋଷ ପାଏ ।

ଏଥିଭିତରେ ମଧ୍ୟ ଗାୟତ୍ରୀ ନଟଖଟିଆ । ଉଇଥ ପଥ ଉଦ୍ଗ୍ନ ପଥର ମଧ୍ୟରେ ଦୃଢ଼ ରହି ସବୁ ମଉଜିଲା ।

ସେଦିନ ପରର ଘଟଣା । ଦର୍ଶକ ନାଟକ ହେଉଥାଏ । ଦୃଶ୍ୟ ଗଲା । ବସ୍ତୁତ ଟେନ ଜମା ହୋଇଛନ୍ତି । ମାଇପଙ୍କ ସଂଖ୍ୟା ବେଶୀ । ବୋଧହୁଏ ଜଣେ ପୁରୁଷ ମରଦ ସେଥିପାଇଁ । ଅଳ୍ପ କର୍ଣ୍ଣଙ୍କ ଦ୍ରୌପଦୀ କମିଛି ଅପମାନ ଦେବା, ଦୁର୍ଯ୍ୟୋଧନ ପ୍ରତି ସେଇ ଅପମାନଟା ଗୋଟାଏ ଦୃଶ୍ୟ ଥିବ ଦୃଶ୍ୟ—ସେଇଟାକୁ ଦେଖିବାର ଅଭିପ୍ରାୟ ଅଳ୍ପ, ମାଇକିନିଆ ନଥାଏ ।

କିନ୍ତୁ ଅଭିମନ୍ୟୁ ବଧ ଲୋକଙ୍କୁ ଦେଖାଗଲା ଯେ ଦ୍ରୌପଦୀର ଅଭିମନ୍ୟୁ, ସପ୍ତରଥୀ ଅଭିମନ୍ୟୁ କମ୍ପା ବାଧ୍ୟ ଅର୍ଜୁନ ଭିତରୁ ବାହାର ଅଭିମନ୍ୟୁରେ ତାର ନାହିଁ—ତାଳ ଦେଇ ଶକୁନ୍ତଙ୍କ ଅଭିମନ୍ୟୁବଧ ଦୂରର କଥା କେବଳ ଅନୁଭବ କଲେ । ଏଥା ହିନ୍ଦୁ ଘରର କଷ୍ଟ ଉକ୍ତ ହୋଇ ପାରେ । କିନ୍ତୁ ଆମ ଏଠି ମଞ୍ଚରେ ଯେତେ କୁଣ୍ଡଳିଙ୍କ ସେ ଗୁଡ଼ାକ ସବୁ ମାଇକିଆ ରୂପ ଘେନିଥାନ୍ତି ବୋଲି କ'ଣ ମାଇପେ ଅଘରଦ୍ୱାରରେ କଷ୍ଟ ପଡ଼ୁ ଥାଆନ୍ତି ବୋଲି ଗାୟତ୍ରୀ ଦେଖି ଆମର ସେଇ ଥିଏଟରରେ ମତ ଦେଲେ । ଏବଂ କହିଲେ ଏ ଶକୁନ୍ତ ମାଇକିଆ ମାଇକିଆ ଦିଶୁଛନ୍ତି ବୋଲି ମାଇପେ ତାଳି ବାଜେଇଛନ୍ତି । ଲଳିତା ଦେବୀ ତାର ପ୍ରତିବାଦ କଲେ—କହିଲେ କେବେ ଦୁହେଁ —ହେଉଛି ଷଷ୍ଠାଙ୍ଗ ଯୋଗ—ଏ ଅଭିନେତା ରୁଦ୍ରାକ୍ଷ ସମନ୍ତ ସିଂହାର—ଜଣେ ପୁରୁଷ । ସେତେବେଳେ ଅଭିମନ୍ୟୁର ଗୋଟାଏ ଲୋମହର୍ଷଣ ଦୃଶ୍ୟ ପଡ଼ିଲାରୁ ପ୍ରସଙ୍ଗ ବନ୍ଦ ହୋଇଗଲା ।

କିନ୍ତୁ ଥିଏଟର ଶେଷରେ ପ୍ରାଣ ବାହାରିଗଲା ଜଣଙ୍କ ହିମାଂଶୁ ସିଂହାରଙ୍କର । ଅଭିନୟ କୌଶଳ ଶୌର୍ଯ୍ୟ ଓ ଯୋଗ୍ୟତା ପୂର୍ଣ୍ଣ ପଦକ ରୁଦ୍ରାକ୍ଷଙ୍କ ନାମରେ ଘୋଷିତ ହେଲା । ଏବଂ ତାହାଙ୍କୁ ଦିଅନ୍ତି ମାଇପଙ୍କ ଦତ୍ତ । ଗୋଟିଏ କେବଳ ପୁଷ୍ପମାଳୀ ଦେଇ ପଣ୍ଡିତଙ୍କର । ପଣ୍ଡିତଙ୍କର ଫୁଲ ଉଦ୍ଧାର ଦେଶୀଯରେ ମିଳ ପାରିବ ବୋଲି ରୁଚି ରମ ସଂବାଦ ସଂଗ୍ରହ କରିଛନ୍ତି ।

ମ୍ୟାନେଜରଙ୍କ ପାଖକୁ ନାସି ମହଲ ବା ନ ସି ଦର୍ଶକଙ୍କ ସ୍ଥାନରୁ ଚିଟ୍ ବା ହ୍ଲିପ୍ ବା ପ୍ରଶଂସାମା ନ ଗଲା ଯେ ଶକୁନ୍ତ ଯେ କି ଏତେ ଗୁଡ଼ିଏ ପଦକର ଅଧିକାରୀ ସେ ଥରେ ରଙ୍ଗମଞ୍ଚ ଉପରେ ଦର୍ଶନ ଦିଅନ୍ତୁ । ମ୍ୟାନେଜର ହାତଯୋଡ଼ି ଆସି କ୍ଷମା ମାଗି କହିଲେ—ଶକୁନ୍ତ ଟିକେ କ୍ଲାନ୍ତ । କ୍ଷମା କରନ୍ତୁ, କାଲି ଅଭିନୟରେ ଆପଣମାନେ ଦେଖି ପାରିବେ । ନାରୀ ସେବୀ ସମିତି—ଭଳି ପକ୍ଷ ମ୍ୟାନେଜରଙ୍କ ଏକପକ୍ଷ କମ୍ପନୀ ନିନ୍ଦା କରିବା ସଙ୍ଗେ ସଙ୍ଗେ ଶକୁନ୍ତଙ୍କ ଅଭିନୟ ଓ ଠାଣିର ଭୂରି ଭୂରି ପ୍ରଶଂସା କରିବାକୁ ଲାଗିଲେ । ଲେଖ—ମଧ

Digitized by srujanika@gmail.com

ପୁଚ୍ଛିବ ହେବାର ନୁହନ୍ତି । ସେ ମଧ୍ୟ ଉଠି ଗଡ଼ ବନନ୍ତାଙ୍କୁ ନିକଷନ (ଅଭିବାଦନ) ଜଣେଇଲେ । କିନ୍ତୁ ହେଲାପର ପଂଢ଼ରେ ସହ ନ ପାରି ଟେସା ଘର ଭିତରେ ପଶିଯାଇ—ଶ୍ରୀକୃଷ୍ଣ ଶ୍ରୀକୃଷ୍ଣ ଡାହାନ୍ତି ବୋଲି ଶ୍ରୀକୃଷ୍ଣଙ୍କୁ ଯାଇ ଏବାବେଳକେ ଜଣେଇ ଦେଲେ । ସେଇ କ୍ଷଣିକ ଅନନ୍ଦ ପାଇ ତାଙ୍କୁ ଅନେକ ଅର୍ଚ୍ଚନ, ଆଲାପ-ବରଣ କରିବାକୁ ପଡ଼ିଲା ।

ତହିଁ ଆରଦିନ ସହରରେ ଅସମାନ ଅବସ୍ଥା । ଦଶ ପନ୍ଦରଟା ଛପାଖାନା କେବଳ ଶ୍ରୀକୃଷ୍ଣଙ୍କ ହାଫ୍‌ଟୋନ ବ୍ଲକ ଛପିବାରେ ବ୍ୟସ୍ତ ଓ ପ୍ରାୟ ପଚାଶ ଜଣ ଫଟୋ ବ୍ୟବସାୟୀ ଫଟୋ ଏନଲାର୍ଜରେ ବ୍ୟସ୍ତ । ଘରେ ଘରେ ଯାଉଥିଲେ ଝିଅଙ୍କ ଟେବୁଲ ଉପରେ, ବହି ଭିତରେ, ଖାତା ଭିତରେ ରୁଦ୍ରାକ୍ଷ ସାମନ୍ତ ସିଂହାରଙ୍କ ଫଟୋ । ପ୍ରେମିକାମାନେ ପ୍ରେମିକମାନଙ୍କୁ ଅଲ୍‌ଟିମେଟମ୍ ଦେଇଦେଲେ, ସେମାନେ ଯଦି ଶ୍ରୀକୃଷ୍ଣଙ୍କ ବେଶ ଭଳି ବେଶ ନ କରନ୍ତି ତେବେ ପାଇବାର ଆଶା କରନ୍ତୁ ନାହିଁ । ଅନେକ ଶ୍ରମିକମାନଙ୍କ ଫଟୋ ଛିଡ଼ାଇ ପକେଟରେ ସେ ସ୍ଥାନରେ ରୁଦ୍ରାକ୍ଷଙ୍କ ଫଟୋ ମାରିଲେ । ଅନେକେ ଚଢ଼ା ଦର ଦେଇ ଅଭିନୟ କରିବାକୁ ଦରଖାସ୍ତ ଦେଲେଣି । କୋଣସି କୌଣସି ଉପିତା ତାଙ୍କ ସ୍ୱାମୀଙ୍କ ଫଟୋ ଚାକିରେ ଠିଆ କରାଇ ତହିଁ ଅଭ୍ରତରେ ଗୃହିଣୀ ଓଡ଼ଣ୍ଡ ଲେଖାଏ ହାତରେ ଦେଇ ଗୁହାରି ଉଦ୍ଧରେ ।

ସେଦିନ ସକାଳୁ ନାସ୍ୱେନଶୀ ଶ୍ରୀମତୀ—ଓ ଲେଡି—ଉଭୟେ ଥିଏଟର ପ୍ରୋପ୍ରାଇଟରଙ୍କ ମାଗରେ ହାଜର । ନାସ୍ୱେନଶୀ କହିଲେ, ଶ୍ରୀକୃଷ୍ଣଙ୍କର ଅଭିନୟ ଦେଶରେ ଅଜଣା । ତାଙ୍କୁ ସମ୍ମାନ ଦେଖାଇବା ପାଇଁ ଓ ଅଭିନନ୍ଦନ ଦେବା ପାଇଁ ମୁଁ ଆଜି ପାଂଚଟା ବେଳେ ତାଙ୍କ ସମ୍ମୁଖ ଅନ୍ତଥ କରି ଗ୍ରୁ' ହେଉଛ ଦେବ । ଆପଣଙ୍କୁ ଛାଡ଼ ଦେବାକୁ ହେବ ଶ୍ରୀକୃଷ୍ଣଙ୍କୁ । ଆପଣଙ୍କର ଅଳ ଘଡ଼ିରେ ମାକ୍‌ସିମମ୍ ଆୟ ମୁଁ ଦେବାକୁ ପ୍ରସ୍ତୁତ ଅଛି ।

ଲେଡ଼ି କହିଲେ—ମୁଁ ଆପଣଙ୍କୁ ଆପଣଙ୍କର ମାକ୍‌ସିମମ୍ ଟିକେଟ ବିକ୍ରୀ ଟଙ୍କା ଦେବ । କିନ୍ତୁ ଆମ ସୋସାଇଟି ସ୍ତ୍ରୀ ପୁରୁଷମାନଙ୍କ ପକ୍ଷରୁ ମିଷ୍ଟର ଶ୍ରୀକୃଷ୍ଣ—ଆଉ ମିସ୍—ମିଷ୍ଟର ସାମନ୍ତ ସିଂହାର ଓ୍ୱାଟେଲ ହଲ୍‌ରେ ଇଣ୍ଡାକ୍ସନରେ ଯୋଗଦେବେ ।

ପ୍ରୋପ୍ରାଇଟର ମହାମୁସ୍କିଲ୍‌ରେ ପଡ଼ିଲେ । ଉଭୟଙ୍କର କଥା ରକ୍ଷିବାକୁ ବାଧ୍ୟ । ଏଣେ ଏକପକ୍ଷରେ ନାସ୍ୱେନଶୀ, ଜନସାଧାରଣଙ୍କ ପକ୍ଷରୁ, ଅନ୍ୟ ପକ୍ଷରେ ଲର୍ଡ ସାହେବ, ଆଇ ସି ଏସ୍, ହାକିମ ହୁକୁମାଙ୍କ ପକ୍ଷରୁ ଲେଡି—। ଉଭୟଙ୍କ କଥା ଶିରୋଧାର୍ଯ୍ୟ । ସାତ ହେଲା ସନ୍ଧ୍ୟା ୫ଟାରେ ଏବଂ ଓ ରାତି ୧ଟାରେ ଇଣ୍ଡାକ୍ସନ୍ । ସେଦିନ ଥିଏଟର ବନ୍ଦ ହେଲା । କିନ୍ତୁ ଥିଏଟର ପାଣ୍ଡୁଲି ଫାଟରେ ମାଇକର ଘୃଣକ ଭୁମ୍ବକ ମିକେନିଂ । ପ୍ରଥମ ଅକ୍ଷର—ଟିକଟ । ପ୍ରଥମ ଅକ୍ଷର—ଶ୍ରୀକୃଷ୍ଣ । ଅଷ୍ଟମ ଅକ୍ଷର—ସାମନ୍ତ ସିଂହାର । ପ୍ରଥମ ଅକ୍ଷର—ରୁଦ୍ରାକ୍ଷ !" ଇତ୍ୟାଦି ଚିତ୍କାର ହେଲା । ଶେଷରେ ପ୍ରୋପ୍ରାଇଟର ପୁଲିସ ସାହାଯ୍ୟରେ ଗୋଳ ମେଣ୍ଟାଇଲେ ।

ସ୍ତ୍ରୀ' ହେଉଛରେ ନାସ୍ୱେନଶୀ ଶ୍ରୀମତୀଙ୍କର ବିଶେଷ ଖରଚ ପଡ଼ିଲା ନାହିଁ । କାରଣ ଶ୍ରୀକୃଷ୍ଣଙ୍କ ଫାଟକ ପାଇବା ପାଇଁ କଲ୍ୟାଣ ନାସ୍ୱେନଶୀଙ୍କ ସେକ୍ରେଟାରୀଙ୍କୁ ଯେଉଁ ଉପହାର ଦେଲେ ତହିଁରୁ ସେକ୍ରେଟାରୀଙ୍କ କମିସନ ଯାଇ ବାକୀ ଯାହା ରହିଲା ତାହାରୁ ହେଉଛର ଖରଚ ତୁଟାଇ ଦୁ' ପଇସା ଲାଭ ଅଣ୍ଟିରେ ଯୋଗାଡ଼ କରିଦେଲା ।

ଆଉ ଲର୍ଡ଼ଙ୍କର ଲେଡ଼ିମାନସ୍ ପାର୍ଟି ଯେଉଁ ଖର୍ଚ୍ଚ ତାହା ତାଙ୍କୁ ନବାଶିବାର କଥା । କାରଣ ସ୍ୱକ ବୋଲରେ ବିଶେଷତଃ ଇଂରେଜ ଯୁଗରେ ତାଙ୍କ ଲେଡ଼ିଙ୍କର ପଣ୍ଡାବର ଅନ୍ଧ ସମୁଦାୟ ଭେଟିରୁ ବଳକା ପଡ଼ିଲା ।

ଲେଡିଙ୍କର ଇଣ୍ଡାକ୍ସନରେ ଆଉ ସେଦିନ ଭାଗ ନାହିଁ । ଶ୍ରୀକୃଷ୍ଣଙ୍କୁ ସବୁ ମାଇଟେ ଡାକିଲେ ନାଚିବା ପାଇଁ । କେହି କେହି ନଚେଇ ଗଢ଼ିବାକୁ ଲାଗିଲେ । ଏଣ୍ଟର୍‌ଟେନ୍‌ମେଣ୍ଟ ତାହାରେ ସଣ୍ଡ୍‌ହୋଲ ହେଲା । ଦେଖାଗଲା ଅନେକ ସ୍କୁଲ କଲେଜ ଛାତ୍ରୀ ଓ ଆଧୁନିକା ଗୃହିଣୀ ଏକ୍ସକ୍ଲୁଡ଼୍ ହୋଇ କରୁଛନ୍ତି—ଶ୍ରୀକୃଷ୍ଣଙ୍କୁ ଛାଡ଼ିକି । ତାଙ୍କର ସ୍ଥାନ ସର୍ବସାଧାରଣଙ୍କ ଥିଏଟରରେ—ଉଚ୍ଚ ଲୋକଙ୍କ ଇଣ୍ଡାକ୍ସନ୍‌ରେ ନୁହେଁ । ସେ ସର୍ବସାଧାରଣଙ୍କ ସମ୍ପତ୍ତି, ପୁଂଜିପତିମାନଙ୍କର ନୁହନ୍ତି ।

ଏ ରକମ ଦେଖି ରୁକ୍ମିଣୀ ଲେଡି ଶ୍ରୀକୃଷ୍ଣଙ୍କ ନିଜପକ୍ଷ ନମନେ ଧରି ପଛପଟେ ତାଙ୍କୁ ମଞ୍ଚରେ ଧରି ପଳାଇଗଲେ । ମାତ୍ର ଏ ଦୃଶ୍ୟଟା ଲେଡିଙ୍କ ଲେଡ଼ା ସହନ୍ତି କେମିତି ? ସେ ମଧ୍ୟ ଆଉ ଗୋଟାଏ ଗାଡ଼ି ଧରି ତାଙ୍କର ପଶ୍ଚାତ୍ଧାବନ କଲେ ।

ଲେଡ଼ି—ଙ୍କ ମଟର ନଈ କୂଳରେ ରହିଲା । ମୃଦୁ ମୃଦୁ ପବନ ବହୁଥାଏ । ନଈ କୁହୁଳୁ କୁହୁଳୁ ଡାକୁଥାଏ । ଜନ୍ମ ଦୂରରେ ଇଲେକ୍‌ଟ୍ରିକ୍ ବତ୍ତିର ଝାପସା କିରଣ ଶୁଭ ତାରକ ପାଣ୍ଡୁକୁ ଅଲଅ ସରୁ ଝିଟିକୁ । ଲେଡି—ଶ୍ରୀକୃଷ୍ଣଙ୍କୁ ଧରି ବାହାରି ପଡ଼ିଲେ ।

"ତୋମ୍ବିକ ଆପଣଙ୍କ ଅଭିନୟଠାରୁ ଆପଣଙ୍କୁ ମୁଁ ବେଶ ଭଲ ପାଏ ।"

"ଆପଣଙ୍କ ଦୟା ।"

"ଦୟା ? ଦୟା ଆପଣଙ୍କର । ମୁଁ ଆପଣଙ୍କୁ ପାଇ ଆଜି ସ୍ୱର୍ଗସୁଖ ପାଉଛି । ମନେ ହେଉଛି - ଆଜି ଏ ନଗରଟା ଦ୍ୱାରକାପୁରରେ ପରିଣତ ହୋଇ ଯାଇଛି କି । ଆଉ ମୁଁ କୃଷ୍ଣ ତପସ୍ୟା ପରେ ସତ ସତ ଶ୍ରୀକୃଷ୍ଣଙ୍କୁ ମୋର ନିକଟରେ ପାଇ ଆଜି ଧନ୍ୟ କରୁଛି—ଆସ ପ୍ରିୟ ଏ କୂଳ ତଥିରେ ଆମ୍ଭମାନଙ୍କର ମିଳନ ମଙ୍ଗଳମୟ ହେଉ । ଭଗବାନଙ୍କର ଇଚ୍ଛା ପୂର୍ଣ୍ଣ ହେଉ ।

ଲେଡି—ତାଙ୍କର ଦୁଇ ହାତ ପ୍ରସାର କରି ଶ୍ରୀକୃଷ୍ଣଙ୍କୁ ଆଲିଙ୍ଗନ କଲାବେଳେ ପଛଆଡ଼ୁ ଡାକ ଶୁଭିଲା—'ଡାର୍ଲିଙ୍ଗ୍ !"—(ପ୍ରିୟେ)

ରେକର୍ଡ଼ଙ୍କ କଣ୍ଠ ଡାରଦାରୁ ଲେଡି ଟମକ ହୋଇ ସଙ୍ଗେ ସଙ୍ଗେ ହାତଯୋଡ଼ି ଗଦଗଦ କଣ୍ଠରେ ଗାଇଲେ—

ନବଜଳଧର ସୁନ୍ଦର କାନ୍ତି ଧରମ୍
ଘନ ସାଗର ନାଗର ରୂପ ବରମ୍
ଶୁଭ ବଙ୍କିମ ଚାରୁ ଶିଖଣ୍ଡ-ଶିଖମ୍
ଭଜ କୃଷ୍ଣ ନିଧିଂ ବ୍ରଜରାଜ ସୁତମ୍ ।

ଲେଡ଼ା—ସେଥି କ'ଣ ହେଉଛି ଡାର୍ଲିଂ ?

ଲେଡି—ଅହା—ଏ ଗୀତ ସେ ମୋର ବାପା ଗାଉଥିବା ପ୍ରିୟ ।

(ଅବଶିଷ୍ଟାଂଶ ୧୭ ପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com



( ଏହି ଖବର ଗୁଡ଼ିକ ଦେଶର ଦୂଷିତ ବାୟୁରୁ ସଂଗୃହିତ ହୋଇ ଶୋଧନ ନିମନ୍ତେ ପରିବେଷିତ ହେଲା । ଏହାର ଜନ୍ମ ହାଓ୍ୱାରେ ହୋଇଥିବାରୁ ପାଠକଗଣ ଏହାକୁ ହାଲୁକା ଭାବରେ ଗିଳି ହାଉଆଇ ଭାବେ ନିଶ୍ୱାସନ କରିବେ । )

ଝାଡ଼ଖଣ୍ଡ ପ୍ରଦେଶ ଗଢ଼ିବାରେ ଯେଉଁମାନେ ଅଗ୍ରଣୀ ସେମାନଙ୍କ ପାଇଁ ପାଟଣାର ମହାରାଜା ନିମକହାରାମି ଜାଗିର ଲେଖିବାର ବନ୍ଦୋବସ୍ତ କରୁଛନ୍ତି ।

ଶଙ୍କର ପ୍ରସାଦ ମିଶ୍ରଙ୍କର ପୌରୋହିତ୍ୟ ଯୋଗୁଁ ତାଙ୍କୁ ପାଟଣା ଷ୍ଟେଟରେ ଅବାଧ ବାଣିଜ୍ୟ କରିବାର ଅନୁମତି ମିଳିଛି ।

× × ×

ପ୍ରଦେଶର ନାମ ଝାଡ଼ଖଣ୍ଡ ହେବ କି କୋଶଳ ହେବ ସେଥିପାଇଁ ପାଟଣା ମହାରାଜା ଓ ଝାଡ଼ଖଣ୍ଡ ନେତାମାନଙ୍କ ମଧ୍ୟରେ ମତଭେଦ ଉପୁଜୁଛି । ଶ୍ରୀ ଶଙ୍କର ମିଶ୍ରେ ଝାଡ଼ଖଣ୍ଡ ନେଇ 'କୋଶଳ'ରେ ତାତ୍ପର୍ଯ୍ୟର ସହିତ ଯୋଡ଼ି ଏପରି ଏକ ନୂତନ ଅଭିନବ ନାମ ସୃଷ୍ଟି କରିଛନ୍ତି ଯେ ତାହା ଉଭୟ ପକ୍ଷଙ୍କ ଦ୍ୱାରା ଗୃହୀତ ହେବ ବୋଲି ସେ ଆଶା କରୁଛନ୍ତି ।

× × ×

ପାଟଣାର ମହାରାଜା ନିର୍ଭୀକ ଓ ନିରପେକ୍ଷ ସାମ୍ବାଦିକତା ଶିକ୍ଷା ପାଇଁ ତାଙ୍କ ତତ୍ତ୍ୱାବଧାନରେ ଏକ କୋଚିଂ କ୍ଲାସ (Coaching Class) ଖୋଲିଛନ୍ତି ।

ଯେଉଁ ସାଂବାଦିକ ଓ ସଂବାଦ ପତ୍ର ସମ୍ପାଦକମାନେ ଏ କ୍ଲାସରେ ଯୋଗ ଦେବେ ସେମାନେ ଏକହଜାର ଠାରୁ ପାଞ୍ଚହଜାର ଟଙ୍କା ପର୍ଯ୍ୟନ୍ତ ବୃତ୍ତି ପାଇବେ । କେବଳ ମାତ୍ର ଏହି ସର୍ତ୍ତରେ ଯେ ଓଡ଼ିଶା ଗଡ଼ଜାତ ଓ ଓଡ଼ିଶା ଭର୍ତ୍ତି ନ କାଳେ ଏକ ନ ଥିଲେ, ସେମାନଙ୍କର ଏକଙ୍ଗୀ କରଣ ପ୍ରଦେଶ ଓ ଜାତି ପକ୍ଷରେ ଅର୍ଥନୈତିକ ଓ ମାରାତ୍ମକ, ପାଟଣା ଷ୍ଟେଟ ଦରବାର ଯାହା କରୁଛନ୍ତି ତାହା ପ୍ରଜା ହିତକର ସର୍ବଜନାନୁମୋଦିତ—ପ୍ରଜା ବା କୃଷକ ଆନ୍ଦୋଳନ କେବଳ ମୁଷ୍ଟିମେୟ କଂଗ୍ରେସୀଙ୍କ କାମ ।" ଏ ସମସ୍ତ ବିଷୟ ତାଙ୍କ ସଂବାଦପତ୍ରମାନଙ୍କରେ ନିର୍ଭୀକ ଓ ନିରପେକ୍ଷ ମତ ବୋଲି ପ୍ରକାଶ କରିବେ ।

× × + ×

"ଝାଡ଼ଖଣ୍ଡ ସମାଚାର" 'ଇଟର'କୁ ଯେଉଁ ନାଗବନ୍ଧୁ ଉପାଧିରେ ଭୂଷିତ କରିଛନ୍ତି ସେଥିପାଇଁ ସଂପାଦକ ଧନ୍ୟବାଦ ଜଣାଇ ତାଙ୍କୁ "ଝାଡ଼ାବନ୍ଧୁ" ଉପାଧି ପଠାଇଛନ୍ତି ।

+ × ×

ଡିଷ୍ଟ୍ରିକ୍ଟବୋର୍ଡ ଚେୟାରମ୍ୟାନମାନଙ୍କୁ ଡ୍ରାମ୍ୟ ପଞ୍ଚ କମିଟିମାନଙ୍କ ଉପରେ ଯେଉଁ ପ୍ରଭୁତ୍ୱ ଦିଆଯାଉଛି ଓ ସେଥିପାଇଁ ଯେଉଁ ଟ ୧୫୦୦ ମାସିକ ଭତ୍ତା ଦିଆଯାଉଛି ତାହା ସେମାନଙ୍କର ପଦମର୍ଯ୍ୟାଦା ହାନିକର ବୋଲି—ଡିଷ୍ଟ୍ରିକ୍ଟବୋର୍ଡ ଚେୟାରମ୍ୟାନମାନେ ଏକ ଆବେଦନ ପେଶ କରି ଅନାହାର କାମ କରିବେ ବୋଲି ନିଜର ସମ୍ମତି ଦେଇଛନ୍ତି ।

+ + +

ପ୍ରଜାମଣ୍ଡଳ ଓ ପ୍ରଜାମଙ୍ଗଳ ଭିତରେ କାଏ ସଚ୍ଚା କାଏ ଝୁଟା ବଳ କଷାକଷି ଚାଲିଛି । ଓଡ଼ିଶି ରାଜାମାନେ ଜନ୍ମାଙ୍କୁ ଓ ପ୍ରଜାମାନେ ଜହ୍ନଙ୍କୁ ଏ କଳି ତୁଟାଇବା ପାଇଁ ଡାକିଛନ୍ତି । + + +

କେତେକ ଓଡ଼ିଶି ରାଜା ମହତାବଙ୍କ "ବୃହତ୍ତର ଉତ୍କଳ" (Major Scheme) ରେ ଭୀତ ହୋଇ ମୁସଲମାନ ଧର୍ମ ଗ୍ରହଣ କରି ଜିନ୍ନାଙ୍କ ଆଶ୍ରୟ ନେବେ ବୋଲି ପ୍ରଜାଙ୍କୁ ଧମକ ଦେଇଛନ୍ତି ।

---

## କୁତ୍‌କୁତ୍‌

ରାମ— ମୋର ବାପାଙ୍କୁ ଆଜି ୯୦ ବର୍ଷ ହେଲା ।

ଶାମ—ଇଏ ଆଉ ଏମିତି ବେଶି କଣ ? ମୋ ବାପାଙ୍କୁ କାଲି ୧୧୦ ବର୍ଷ ହେବ—ହଁ, ସେ ଯଦି ବଞ୍ଚିଥାନ୍ତେ ।

+ + + +

ଜ୍ୟୋତିଷ—ମହାଶୟା, ଆପଣ ଭାବି ସ୍ୱାମୀ—ଆପଣଙ୍କ ସ୍ୱାମୀଙ୍କଠାରୁ ବେଶି ଧନୀ, ଜ୍ଞାନୀ ଓ ସୁନ୍ଦର ଯୁବକଙ୍କ ସହିତ ଆପଣଙ୍କର ଶୀଘ୍ର ମିଳନ ହେବ ।

ସ୍ତ୍ରୀ—ଓଃ, କେବେ ଦେଖା ହେବ—ତାରିଖଟା କହି ପାରିବ ?

× + × ×

Digitized by srujanika@gmail.com



ଇତି ମଧ୍ୟରେ କେତେଗୁଡ଼ିଏ ନାଟକ ଓଡ଼ିଆ ଚଳଚ୍ଚିତ୍ରମାନଙ୍କରେ ଅଭିନୀତ ହେଲାଣି । 'ଫେରିଆ' ପରି ଗୋଟିଏ ଗଳ୍ପରୁ ଗଢ଼ା ନାଟକଟିଏ ଦେଖିବାର ସୌଭାଗ୍ୟ ଆମ୍ଭ ମିଳିନାହିଁ । ତଥାପି ଓଡ଼ିଆ ନାଟକ ଯେଉଁ ପ୍ରାଚୀନ କଳା ଧାରାରୁ ଟେକ୍‌ନିକ୍ ଅନୁସରଣ କରି ତାଙ୍କ ଗଳ୍ପର ସରଳତା ଭିତରେ ନିହିତ ସୌନ୍ଦର୍ଯ୍ୟ ମଞ୍ଚ ଉପରେ ବର୍ଣ୍ଣିତ କରିଛି, ଠିକ ତାର ଅନ୍ୟଦିଗରୁ ଅନୁସରଣ କରାଯାଇଛି 'ଫେରିଆ'ରେ—ଅର୍ଥାତ୍—ଗୋଟିଏ ଓଡ଼ିଆ ଗଳ୍ପର ଅନ୍ତର୍ନିହିତ ପଦାର୍ଥର ରୂପାୟନ । 'ଫେରିଆ' ଗ୍ରାମ୍ୟ ସୌନ୍ଦର୍ଯ୍ୟ ବର୍ଣ୍ଣିତ କରି ସରଳ ଭାବରେ ଗ୍ରାମ୍ୟ ଜୀବନର ଚିତ୍ରାୟନ କରିଛି । କିନ୍ତୁ ସେହି ଗ୍ରାମ୍ୟ ଜୀବନର ପ୍ରତିଦ୍ୱନ୍ଦ୍ୱୀ ସହର, ତାର ଶିକ୍ଷା, ତାର ସଭ୍ୟତାର ଜଘନ୍ୟତାକୁ ହାସ୍ୟାସ୍ପଦ ଭାବରେ ଅନୁସରଣ କରି ସହରର ଘୃଣ୍ୟ ପ୍ରବୃତ୍ତି ପ୍ରତି ଲେଖକ ଫେରିଆ ଅଭିଯାନ ଆହ୍ୱାନ କରିଛି ।

'ଫେରିଆ'ରେ ଦୋଷ ଅଛି ଅନେକ । ସେ ସବୁ କେତେ ନୂଆ ଲେଖକ ପକ୍ଷରେ ଅକ୍ଷମଣୀୟ ନୁହେଁ । କିନ୍ତୁ ସାଧାରଣ ନୂଆ ଧନ୍ଦା ପୁରୁଣାର ବଦଳ କରି ପଇସା କମାଇ ନାହିଁ । ତଥାପି ନୂତନଙ୍କୁ ଉତ୍ସାହ ଦେଇଛନ୍ତି 'ଅନ୍ନପୂର୍ଣ୍ଣା' 'ବି' ଗ୍ରୁପ୍ । ଧନ୍ୟବାଦ ।

'ଫେରିଆ'ର କେତେ ଗୁଡ଼ିକର ଅସଙ୍ଗତି ଅନେକ ସ୍ଥଳରେ ରଙ୍ଗ ଭଳି ଭାବରେ ସ୍ପଷ୍ଟ ଘଟିଛି । ଅନାବଶ୍ୟକତା ଯଥେଷ୍ଟ ଅଛି । ରାଜନୈତିକ ବ୍ୟକ୍ତିଙ୍କର ନାମକୁ ସୂଚାଉଥିବା ଭଳି କେତେକ ନାମ କରଣ କରିବା ଦ୍ୱାରା ସାମାନ୍ୟ ଟିକେ ଉଦ୍ବେଗ ମିଳିଛି ଅନେକଙ୍କ ମନରେ, ଅପ୍ରାସଙ୍ଗିକତା କେତେ ସ୍ଥଳରେ ଦୃଶ୍ୟମାନ, ତଥାପି କଥାବସ୍ତୁର ମାର୍ଜିତ ଭାଷା ଓ ଦୃଶ୍ୟାବଳୀର ପାରିପାଟ୍ୟ ଚିତ୍ରାଙ୍କନ ବ୍ୟକ୍ତ ହୋଇବା ଯୋଗାଇଛି । କେବଳ ଶିକ୍ଷିତ ସମାଜର ଅସଭ୍ୟତାକୁ ଯେପରି ବିଦ୍ରୂପ କରିଛନ୍ତି ତାହା ଦେଖିଲେ କେବଳ 'ଶ'ଙ୍କର ବ୍ୟଙ୍ଗ ଓ ରସର ବାକ୍ୟ ସବୁ ମନେ ପଡ଼ିଯାଏ ।

ଫେରିଆର କଥା ବସ୍ତୁରେ ବାହାଦୁରି ନଥାଇ ପାରେ । ଏହି ଅନ୍ନପୂର୍ଣ୍ଣା ମଞ୍ଚରେ ଅଭିନୀତ ମୂଳଗଳ୍ପର ଉଦ୍ଦେଶ୍ୟ ସ୍ପଷ୍ଟ ଅନେକଟା ଫେରିଆରେ ମଧ୍ୟ ମିଳେ । କିନ୍ତୁ ଯେଉଁ ଚରିତ୍ର ସୃଷ୍ଟି ହୋଇଛି ତାହା ଯେ ବାସ୍ତବ ଓ ଅତି ସତ୍ୟ ସେଥିରେ ସନ୍ଦେହ ନାହିଁ । ଲେଖକଙ୍କର ନିର୍ଭୀକତା ପ୍ରଶଂସନୀୟ । ସମାଜର ସବୁ ଆବର୍ଜନାକୁ ସେ ଲୁଣ୍ଠିତ ହେଉ ବା ରାଜନୈତିକ ହେଉ ଧ୍ୱଂସ କରିବା ପାଇଁ କୌଣସି ଅପବାଦ ସର୍ବଥା ଶ୍ଳାଘ୍ୟ—ଉତ୍ସାହ ପାଇବାର ଯୋଗ୍ୟ ।

ନାଟ୍ୟକାରଙ୍କର ଭବିଷ୍ୟତ ଅତି ଉଜ୍ଜ୍ୱଳ ।

ଏହା ଭଳି 'ଅଭି' ଉପସର୍ଗ ଦେଇ ନାଟକ ରଙ୍ଗମଞ୍ଚରେ ଅଭିନୀତ ନାଟକ, ନାଟକ ବ୍ୟାପ୍ତ ରଙ୍ଗମଞ୍ଚ ପାଇଁ ଅଭି ଅଭିନୀତ ହୋଇଛି—ନାମ—ଅଭିଯାନ, ଅନ୍ତରଙ୍ଗ, ଅନୁରାଗ । ପ୍ରଥମ ହୋଉଛି ଐତିହାସିକ, ଦ୍ୱିତୀୟଟି ତାର ସନ୍ତାନ, ଅର୍ଥାତ୍ ପାରିବାରିକ ସନ୍ତାନ ବର୍ତ୍ତମାନ—ସାମାଜିକ ।

ଅଭିଯାନ ମଞ୍ଚସ୍ଥ ଏକ ଅନୁବାଦର ଅନୁକରଣ—ନିମ୍ନ ଅଭିଯାନ ଅଭିନେତାଙ୍କର ଅନୁକରଣ, ଦୃଶ୍ୟ ପଟଗୁଡ଼ିକ ଅନେକ । ବହୁ ବସ୍ତୁ ବ୍ୟୟବହୁଳ । ଅଭିନୟ ତଥା ଉତ୍ତମ । ଅଧିନାୟକ ଏ ଦେଖା ଲେଖ ତାଙ୍କର ମୂଳାନ ଉପରେ ଗୋଟିଏ ମାତ୍ର ନୂତନ ସ୍ଥାପନ କରି ନାହାନ୍ତି । ଅଭିଯାନରେ ନାଟ୍ୟ ପ୍ରେରଣା ଦେବା ପାଇଁ ବହୁ ଚେଷ୍ଟା କରିଛନ୍ତି । କିନ୍ତୁ ସବୁ ନାଟ୍ୟକାର ସେହି ଐତିହାସିକତା ବା ଅବସ୍ଥାକୁ ଭିତରେ ବୁଡ଼ି ଯାଇଛି । ବାସ୍ତବରେ ଓଡ଼ିଆ କରିଛନ୍ତି ବୋଲି ଜଣା ଯାଉନାହିଁ । ଏମାନେ ତେଣୁ କୌଣସି ଦାବୀ କରିଛନ୍ତି । ଅନେ ଜଗନ୍ନାଥ ବଳଭଦ୍ରଙ୍କ ଆଦର୍ଶ ରଥ ରୂପରେ ମାନବକୁ ପ୍ରସ୍ତୁତ ଅଛି । ସେହି ବସ୍ତୁ ନୈତିକ ଆଦର୍ଶ ଲକ୍ଷ ବାସ୍ତବତାକୁ ଦେଖାଇଲେ ଏବଂ ଏଥ ଓଡ଼ିଶା ଶାସକ ଦେଶର ସେବକ ହୋଇ ପାରନ୍ତି କିନ୍ତୁ ଜଗନ୍ନାଥ ନାଟକ ଅଭି କରିଦେବାର କଳ୍ପନାରୁ କ୍ଷମତା ଗଢ଼ି ତୋଳିବାରେ ଓଡ଼ିଆର ପୁନରୁତ୍ଥାନର ଧାରା ବସି ଯାଇଛି । ଏ ଯୁଗର ନେଇ ନାଟକକୁ ପୁନର୍ଗଠିତ କରିଥିଲେ ସୁନ୍ଦର ହୋଇଥାନ୍ତା ।

'ଅନ୍ତରଙ୍ଗ' ଅଭିନୀତ ହେଉଛି ଓଡ଼ିଶା ଥିଏଟର୍ସରେ—ପୌରାଣିକ । ଅମିତାକ୍ଷର ଛନ୍ଦରେ ଲେଖା । ଭାଷା ଅତି ସୁନ୍ଦର ହୋଇଛି । କିନ୍ତୁ ନାଟକରେ ଗତି ନାହିଁ । କଥାବସ୍ତୁର ସମ୍ବନ୍ଧରେ ଦ୍ୱନ୍ଦ୍ୱ ଅଛି । ପୌରାଣିକ ପ୍ରସଙ୍ଗ ମଧ୍ୟ ଚରିତ୍ରକୁ ଗ୍ରହଣ କରି ଯାଇନାହିଁ । ଚରିତ୍ର ମୂଳ କରି କଥା ଗଢ଼ିଥିଲେ ଅଧିକ ଉପଯୋଗୀ ହୋଇଥାନ୍ତା ।

ଅଭିନେତାମାନଙ୍କ ମଧ୍ୟରୁ ମଞ୍ଚଦାଶଙ୍କ ଛଡ଼ା ଅନ୍ୟ କେହି ପ୍ରଶଂସାର ଯୋଗ୍ୟ ହୋଇ ପାରିଲେ ନାହିଁ ।

ମହିଳାମାନଙ୍କ ସଂଖ୍ୟାଧିକ୍ୟ ଯାହାର ନେତା ଦେବୀ ଦୋଳଗୋବିନ୍ଦ ସେ ଓ ପୌରାଣିକ ସତ୍ୟତା ନୁହେଁ । ଥିଲା ବା ଅଭିନେତ୍ରୀମାନଙ୍କର ସଂଖ୍ୟାହିଁ ବେଶୀ ଥିଲା । ସେମାନେ ଅଭିନୟ ଅଭ୍ୟାସୀ । ତଥାପି ସଂଖ୍ୟାଧିକ୍ୟ ହେଲେ ଯଥାର୍ଥରେ ମଧ୍ୟ ସଂଖ୍ୟାଧିକ୍ୟ ଭିତର ଶେଷ ପରିଣାମ ମହିଳାଙ୍କର ମୁଖରେ ଦର୍ଶାଇବା ଆଦର୍ଶ ନୁହେଁ ।

ଅନୁରାଗ ଶେଷ ଅଙ୍କ ଚରମ Climax କୁ ଯାଇ ପାରିନାହିଁ । କେବଳ ଅଭିନେତାଙ୍କର ଦୋଷରୁ । ନେତୃତ୍ୱ—ମଞ୍ଚଦାଶଙ୍କ ଶେଷ ଦୃଶ୍ୟକୁ ପାଇଁ ଯାଇ ତାଙ୍କ ଚରିତ୍ରର ସହିତ ସେପରି ନିଜ ଜୀବନ ଉପରେ ଯୋଗ ଦେଇଛି—ଅନ୍ତରେ ଅବଦାନର କୌଶଳ ମଧ୍ୟ ଅଭିଯାନ ଓଡ଼ିଶା ରଙ୍ଗମଞ୍ଚର ଠିକ୍ ଦେଖିଲେ ପାଇବା ଗୌରବର କଥା ।

ଅଭିଜ୍ଞାତ ଓ ଉତ୍କଳୀୟ: ଶ: ର ଦୃଷ୍ଟିରୁ ମୁଦ୍ରଣ ପର ମନୋଜ୍ଞ ।

Digitized by srujanika@gmail.com

**କବିତା –**

# –ପରିଚୟ–

ଲେଖକ – **ଶ୍ରୀ ସତ୍ୟାନନ୍ଦ ଚମୂପତି ରାୟ**

ସେଦିନ ମଧୁରସ, ସେଦିନର ନାହିଁ ଆଶା—
ମାଟିରୁ ବହୁବାର ହୋଇଛୁ କେତେ ହସା ।

ଭୁଲିଛ ଯଦି ପ୍ରିୟ ଭୁଲ ହେ ଭଲକରି,
ନ ବହୁ ସ୍ମୃତି ମମ ହୃଦୟେ ଛାୟା ସରି ।

ମୋ ସ୍ମୃତି ଯଦି ଅଙ୍କେ ପଡ଼ିଲେଣି ଦୁଃଖ ରେଖା,
ବୁଝିବ ପ୍ରିୟ ମୋର ସେ ମୋର କର୍ମ ଲେଖା ।

ତୁମର ନାମ ଜପି ଯିବ ଏ ପ୍ରାଣ ଚାଲି,
ନାହିଁ ମୋ ମାଗୁଣି ତୋ ତୁମର ନାମ ଖାଲି ।

ଭୁଲିବି ପ୍ରିୟତମ ? ଅଭୁଲ ସ୍ମୃତି ଚୟ,
କାରଣ ଏ ହୃଦୟେ ମରଣେ ନାହିଁ ଭୟ ।

ଶେଷ ଚିତା ଅନଳ ଏ ଦେହ ଯିବ ନାଶି,
ମାତ୍ର ସେ ସ୍ମୃତି, ଅହୋ, ଅମର ଅବିନାଶୀ ।

ସମୀରେ ଭାସି ସେ ଗୋ ଶୁଣିବ କାନେ କାନେ,
'ଭଲ ସେ ପାଇଥିଲି, ଭୁଲିନା କେବେ ଦିନେ ।'

ତରୁଣ ନୀରବ କଣ୍ଠେ ଶ୍ରୀଅଂଗେ ସ୍ନେହବନ୍ଧ,
ପ୍ରିୟ ହେ, ସେତେବେଳେ ପାଇବ ପରିଚୟ ।

× × × ×

ମୋ ପରିଚୟ କରି ଖୋଜିବ ପ୍ରିୟ ତୁମେ,
ଚାଲି ଏ ମର୍ତ୍ତ୍ୟ ସାଙ୍ଗ ମୁଁ ଥିବ ଅନ୍ୟଭୂମେ ।

କାରଣ ମରଣରେ ଯେତେବେ ଲଗା ମଦ ଧୀରେ,
ଶୁଣିବ ପ୍ରିୟତମ ମମ ସମାଧି ତୀରେ,

ରାଜିବ କଣ୍ଠେ ତବ ସେହି ଅକ୍ଷର ଦ୍ୱୟ,
ହେ ପ୍ରିୟ ! ଅନୁଚ୍ଚ କରିବ ନାହିଁ ଭୟ ।

ସେ ନୁହେଁ ପ୍ରେତ କିମ୍ବା ପିଶାଚ ଭୟଙ୍କର,
ଅଟେ ସେ ଅତୀତର ତୁମର ଅନ୍ତର ।

ତୁମରି ମୋହ ଲଗି ଅନ୍ତିମ ପରିଚୟ,
ଅଳ୍ପ ଏ କ୍ଷଣଗାନେ ତାର ଏ ଅଭିନୟ ।

---

# ମୃତ୍ୟୁ

ଲେଖକ – **କାଳୀକୃଷ୍ଣ**

ମୃତ୍ୟୁ !
ମାଗେ ମୁହିଁ, ଥରେ ତୁମ ଶୀତଳ-ପରଶ,
ଯେ ପରଶେ ଭରି ଅଛି ମୋତେ ଗୋ ଅବଶ ।

ତୁମେ ଯେବେ ଜୀବନର ଚିର ସହଚରୀ,
ତେବେ କାହିଁ ଦୂରେ ଆଜ ରହୁଛ ସୁନ୍ଦରୀ ?

ଏ ସଂସାର ଗଢ଼ା ନୁହେଁ ସଂହାର ପାଇଁ
ବ୍ୟଥିତ-ମରଣ ଲଗି ଶାନ୍ତି ଏଥି ନାହିଁ ।

ଅଶ୍ରୁ ଖାଲି, ଆ କ୍ରନ୍ଦନ ଅଛି ଅପରାଧ
ନାହିଁ ତା କ୍ରନ୍ଦନ ମଣି ଯେତେକ ଭେଦାଭେଦ ।
ଯେବେ ଗୋ, ତୁମେ ଜୀବନର ଚିର ସହଚରୀ
ତେବେ ଆଜି ପାଶେ ମୋର ନ ଥାଅ କିପରି ?
ତୋଳିନିଅ ସହଚରୀ ! ତୁମ କୋଳେ ମୋତେ,
ଲିଭିଅ ଅନ୍ତରୁ ମୋର ଅତୀତ ବ୍ୟଥା ଯେତେ ।
ତୁମ ପୁରେ ନେଇଯାଅ ମୋତେ ପ୍ରିୟ ସହି,
ତୁମ ପାଶେ ଶାନ୍ତି ଅବା ପାଇବି ଗୋ ମୁହିଁ ।

---

Digitized by srujanika@gmail.com



# ନୂଆ ପୁରୁଣା

ଶ୍ରୀ ହରିବନ୍ଧୁ ଶତପଥୀ

ବେଙ୍ଗ କହୁଥାଏ ବେଙ୍ଗୁଲିକି ଡାକି
ଷଣେ ଷଣେ ମଣ୍ଡି ଅନ୍,
ଡାନସୁର ଯନ୍ତ୍ର ତାର ଗୋଷ୍ଠିକୁ
ବାନ୍ଧୁଛି ନୂଆ ତାନ୍ ।
'ଖାଉ' କହୁଥିଲେ ଯୁକ୍ତି ତର୍କ କରି
ନୂଆରେ ଆନନ୍ଦ ଥୁଆ,
ନୂଆ ନ ଥିଲେ ବା ଦଅନ୍ତା କେଏମ
ଜୀବନର ମୂଳଦୁଆ ।
ଦୁନିଆ ପାକରେ ନୂଆ ନୂଆ ଦାଗ
ଉଠିଥ ଯାଉଛି କତ,
ପୁରୁଣାକୁ ହଗି ନୂଆ କରି ଗଢ଼େ
ନିଯୁତିର ଏହି ନୀତ ।
ନୂଆ ଦରବାରେ ସଭିଙ୍କ ଆଦର
ନୂଆ ନୂଆ ଆକର୍ଷଣ,
ଅମକୁ ଦେଇ ଦରବାର ନାଅରେ
ଭୁଲିବାକୁ କେତେ କ୍ଷଣ ।
କିଏସେ ବୁଝୁଛୁ ଯେଉଁ କଥା ଭଳ
ନୂଆକୁ ଦେହଲି ଟାଣି,
ନୂଆ ମାଟିରେ ବସି ବୁଢ଼ା ଭାବେ
ଯବର ଅଳପ ବାଙ୍କି ।
ଘଣ୍ଟିମୁଣ୍ଡାବାଲ ଅଣ୍ଟା ଦାମ୍ ଦେଇ
କିଣନ୍ତି ଥାଳିଏ ଥାଳି,
ଗୁଣ ଦେଇ ତାକୁ ଟେକନ୍ତି ବଳାରେ
ଆସ୍ତେ କିଣି ନୂଆ ଭଳି ।
ଦେଖୁନ ଆରୁଣ ବଦନ ତରୁଣ
କଣଏ ଘରର ଲେଖା,
କଣ୍ଠେ ବଦଳେଇ ନୂଆ ଜବ ହୋଇ
ବାହାରେ ଦଅନ୍ତି ଦେଖା
ନୂଆ ଡାଅଣି ତ ଦୁଆ ଖାଏ ବୋଲି
ମାଇପେ ଦେଲେନ୍ତି ତଗ,
ସେ କଥା ନପାଳ ନୂଆ ଦେଖି ଅପେ
ପୁରୁଣାକୁ ରଗ ରଗ ।
ଢାଲ ତ ହେଲଣି ଓଲ୍ଡ୍ ପାଲ୍ଡ
ପୁରୁଣା କୋଏ ଅଛ.

'ଓଲ୍ଡ୍ ଫୁଲ୍' ବାଲେ ହେବେ ବୋଲି ବାପା
ଅମର କଥାରେ ଗ୍ରଢ ।
ପୁରୁଣାକୁ ଛାଡ଼ି ଦଅଁ ଚଢ଼ୁଁ ଗଢ଼ୁଁ
ମାଙ୍କଡ଼କି ହୁଏ ଗଢ଼ା,
ଇଂରେଜୀ ପଢ଼ୁଆ ନାକ ଟେକୁଛନ୍ତି
ଡେଡ୍ ଲାଙ୍ଗୁଏଜ୍ ପଢ଼ା ।
ଗୋଡ଼ ଖସିଗଲେ କବାଡ଼ି ଘଡଲେ
ଏ ତ ନୂଆ କାଏଦେ,
କଏ ଛନ୍ଦପାରେ ଚଢ଼ୁ ଟେକ୍ସ
ନୂଆ ରୂପ ପୋଢ଼ବଡ୍ ।
ରାଜଧାନୀ ଚଙ୍ଗମଧ୍ୟେ କେତେବେଳେ
ଶୁଣୁଛି ପୁରୁଣା ଛାତ,
ଛନ୍ଦଶ୍ରୀ ହେଇ ରେଡ଼ିଓ କବିତା
ଅମକୁ ସରଗ ଗୃଦ ।
ମାଷ୍ଟ୍ରେ ଶିଖାଇଲେ ନୂଆ ଚିଠିଲେଖା
ଲେଖି "ମାଇଁ ଡିଅର ଫାଦର"
ଯାଥିଲ ପୁରୁଣା ନ ଚାଲୁର ବାବୁ
ଦବୁ ଦ୍ୟାକ୍‌ନଉ୍ ମାଷ୍ଟର
କେତେ ବସିଛ ଟେଷ୍ଟନର ମାପ
କାଠିଟି ହାତରେ ଧରି,
ନୂଆ ପୁରୁଣାରେ ଢଲ ଢେଲ କିଏ
ବଛ ଝୀନ୍ତୁ କାର ସରି
ତରୁଣ କହୁଛି କରୁଣ ଭାବରେ
ଶ୍ଲେଟ ଧଥାଟିକ ମାନ,
ନୂଆ ପୁରୁଣାରେ ଯାହା କହି ଭଲ
ସବୁକୁ ଗୋଟାଇ ଆଣ ।
ଚକ ଚକ ଦେଖି ହଳ ହଳ ହୋଇ
ଦଉଡ଼ିଲେ ନୂଆ ବୋଲି,
ନେଡ଼ ଗୁଡ଼ ପିନା କହୁଣିକି ବୋହି
ଯିବ ଟାଳି ଭାଳ ଭଳି ।
ଅଗରେ ଅଛନ୍ତି ଢିଙ୍କିଦାଢା ଜଣେ
ସୁବୁଦ୍ଧି ଦଅନ୍ତୁ ଅଛ,
ନୂଆ ପୁରୁଣାର ଅମେଳ ନ ହେଉ
(କିନ୍ତୁ) ଛନ୍ଦପାଇ "ହାଁଜି ହାଁଜି ।"

—※—

Digitized by srujanika@gmail.com



**ବିଶାଳ ଉତ୍କଳ** - ପାକ୍ଷିକ ସମ୍ବାଦପତ୍ର । ଉତ୍କଳର ସର୍ବାଙ୍ଗୀଣ ମଙ୍ଗଳ, ବିଶେଷତଃ ଏକତ୍ରୀକରଣର ଉଦ୍ଦେଶ୍ୟ ଘେନି ଏ ପତ୍ରର ଜନ୍ମ । ଏହାର କାର୍ଯ୍ୟକ୍ରମ, ସ୍ୱାଧୀନ ଢଙ୍ଗରଙ୍ଗରେ ମନେହୁଏ ଏହା ଦିନେ ଉତ୍କଳର ମୁଖ ଉଜ୍ଜ୍ୱଳ କରିବ ।

କୋଶଳ କଳା ମଣ୍ଡଳ—ପାଟଣାର ମହାରାଜାଙ୍କ ଅନୁକୂଳ୍ୟରେ ଏହି ସାଂସ୍କୃତିକ ସମିତି ପ୍ରତିଷ୍ଠିତ । ମଣ୍ଡଳର ପରିଚୟ ପୁସ୍ତିକା ଖଣ୍ଡିଏ ଇଂରାଜୀରେ ଛପା ହୋଇ ଆମର ହସ୍ତଗତ ହୋଇଛି । କଳା ଓ କୃଷ୍ଟିର କୌଣସି ବିଭାଗ ବାଦ ଯାଇନାହିଁ । ଉଦ୍ଦେଶ୍ୟ ଯେପରି ମହାନ ଶୀଳ ସେହି-ସେହିପରି ମହତ୍ । ଏ ମଣ୍ଡଳର ସର୍ବାଙ୍ଗୀଣ ଉନ୍ନତି କାମନା କରୁଁ ।

**ମଲାଜହ୍ନ**—ଶ୍ରୀ ଉପେନ୍ଦ୍ରକିଶୋର ଦାସ । ପ୍ରକାଶକ—କୃଷ୍ଣଭଣ୍ଡାର କଟକ × ପୃ ୧୮୦ ପୃ:—ମୂଲ୍ୟ ଦେଢ଼ଟଙ୍କା ।

ମଲାଜହ୍ନ ଉତ୍କଳରେ ସୁପରିଚିତ ଉପନ୍ୟାସ । ତଥାପି ଅନେକ ବର୍ଷ ପରେ ତାର ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଲା । ଓଡ଼ିଶାର ଭାଗ୍ୟ ! ମଲାଜହ୍ନର ଭାଷାରେ ଯେପରି କଳା କୌଶଳ ଦେଖାଯାଏ, ବର୍ଣ୍ଣନା ଓ ବିଷୟବସ୍ତୁ ମଧ୍ୟ ସେହିପରି ହୃଦୟଗ୍ରାହୀ । ପ୍ରଚ୍ଛଦପଟ ଭାବବ୍ୟଞ୍ଜକ ।

ସେପଥର ଯାତ୍ରୀ, ଉପନ୍ୟାସ—ଶ୍ରୀ ଚିନ୍ତାମଣି ଦାସ ଏମ୍, ଏ ପ୍ରକାଶକ କୃଷ୍ଣଭଣ୍ଡାର କଟକ । ମୂଲ୍ୟ ଟ ୧୮/— ପୃ ୧୯୧ ପୃ ।

ଉପନ୍ୟାସ ପଢ଼ିବା ପାଇଁ ଲୋକଙ୍କର ଆଗ୍ରହ ଯେପରି ବଢ଼ୁଛି, ସେ ପଥର ଯାତ୍ରୀପାଇଁ ପାଠକର ଅଭାବ ହେବେ ନାହିଁ । ଲୋକଙ୍କ ପଢ଼ିବା ରୁଚି ବଢ଼ାଇବା ନିମନ୍ତେ ଏହିଭଳି ଉପନ୍ୟାସର ପ୍ରୟୋଜନ ଅଛି !

**ଉଦୟ**—ଓଡ଼ିଆ ଲେଖକ ସହଯୋଗ ସମିତିର ଶାରଦୀୟ ଅବଦାନ । ପୃ ୧୦୩ ପୃ:—ମୂଲ୍ୟ ଜଣା ପଡ଼ିଲା ନାହିଁ । ଲେଖକଙ୍କ ସହଯୋଗ ସମିତି ସହଯୋଗ ନୀତିରେ ନାନା ଗ୍ରନ୍ଥ ପ୍ରକାଶ କରିବାର କଳ୍ପନା କରି ଅଛନ୍ତି । ଏ ସମ୍ବନ୍ଧରେ ଖଣ୍ଡିଏ ବିଜ୍ଞପ୍ତି ସନ୍ନିବେଶିତ ହୋଇଥିବାରୁ ଭଲ ହୋଇ ଥାଆନ୍ତା ! ଏପରି ପୁସ୍ତିକାର ଉଦ୍ୟମ ପାଇଁ ବର୍ମ୍ମକର୍ତ୍ତାମାନଙ୍କୁ ସାଧୁବାଦ । ସମିତିର ଉତ୍ତରୋତ୍ତର ସମୃଦ୍ଧି କାମନା କରୁଁ ।

'ଉଦୟ' ଜଣା ଅଜଣା ଅଠର ଜଣ ଲେଖକ ଲେଖି-କାଙ୍କ ଲେଖା ପସୁତ ଅଠରଗୋଟି କ୍ଷୁଦ୍ର ଗଳ୍ପରେ କଳେବର ଧାରଣ କରିଛି । ଗଳ୍ପ ଗୁଡ଼ିକ ସବୁ ମେକଅପରେ ପ୍ରୀତିପ୍ରଦ । ତନ୍ମଧ୍ୟରେ କେତେଗୁଡ଼ିଏ ଉଚ୍ଚକଳା ବିଶିଷ୍ଟ ।

ଜଣେ ଲେଖକର ଗୁଡ଼ିଏ ଗଳ୍ପ ଗୋଟିଏ ବହିରେ ପଢ଼ିଲେ ଯେତେ ଆନନ୍ଦ ମିଳେ, ଖଣ୍ଡିଏ ବହିରେ ବହୁ ଲେଖକଙ୍କ ଗଳ୍ପ ନିଶ୍ଚୟ ଅଧିକ ତୃପ୍ତିକର ହେବ, ଏଥିରେ ସନ୍ଦେହ ନାହିଁ ।

**ଗାନ୍ଧୀ ଜଗତର ନାରୀ**—ଶ୍ରୀ ବଳରାମ ମହାନ୍ତି—ପ୍ରକାଶକ କୃଷ୍ଣଭଣ୍ଡାର, କଟକ—ପୃ ୫୬ ପୃ —ମୂଲ୍ୟ ଟ ୦।୯ ନାରୀଜୀବନ ସମ୍ବନ୍ଧରେ ମହାତ୍ମା ଗାନ୍ଧୀଙ୍କ ମତାମତ ସଂକ୍ଷିପ୍ତ ଭାବରେ ଏଥିରେ ସନ୍ନିବେଶିତ । ପୁସ୍ତକଟି ନାରୀ—ପୁରୁଷ ଉଭୟଙ୍କର ଅବଶ୍ୟ ପାଠ୍ୟ ।

ଅଗଷ୍ଟ ବିପ୍ଳବ—ଶ୍ରୀ ବଳରାମ ମହାନ୍ତି—ପ୍ରକାଶକ କୃଷ୍ଣଭଣ୍ଡାର । ପୃ ୧୫୦ ପୃ । ମୂଲ୍ୟ ଦୁଇଟଙ୍କା ।

୧୯୪୨ ଅଗଷ୍ଟରେ ଯେଉଁ ଭାରତବ୍ୟାପି ସ୍ୱାଧୀନତା ସଂଗ୍ରାମ ସାରା ଦେଶକୁ ହଲାଇ ଦେଇଥିଲା, ଯେଉଁ ଧର୍ମଯୁଦ୍ଧରେ ସଂଖ୍ୟାହୀନ ନରନାରୀ ଜୀବନାହୁତି ଦେଇଥିଲେ, ଏ ପୁସ୍ତକ ତାହାର ବିଶ୍ୱସ୍ତ କାହାଣୀ । ଏହି ଅମୂଲ୍ୟଯୁଗ—ସାହିତ୍ୟ ହାତ ପ୍ରତି ଯୁବକ ଯୁବତୀର କଣ୍ଠରେ ଶୋଭାପାଇବା ଉଚିତ । ଭାଷା ପ୍ରାଞ୍ଜଳ ଓ ସରସ ।

**ଭଜନ ଚମ୍ପୂ ଚଉତିଶା** କବି ଶ୍ରୀ ଧରଣୀଧର ବିଶ୍ୱାଳ ପ୍ରକାଶକ—ଚନ୍ଦ୍ରଶେଖର ପୁସ୍ତକାଳୟ, କଲିକତା—ପୃଷ୍ଠା ୧୬ ମୂଲ୍ୟ—ଦୁଇଅଣା ।

ଏହି କ୍ଷୁଦ୍ର ପୁସ୍ତିକାଟି କୋଣାର୍କ ଶ୍ରୀ ଅତୁଳ ମିଶ୍ର ମହୋଦୟ କଠାରୁ ଉପହାର ପାଇଛୁ । ଏଥିରେ ଚଉତିଶା ନିୟମରେ କେତେ ଗୁଡ଼ିଏ ଭଜନ ରହିଛି । ଭଜନ ଗୁଡ଼ିକରୁ ଗଭୀର ଭକ୍ତିରସରେ ଉଚ୍ଛୁଳି ପଡ଼ୁଛି । ସେ ବିନୟାନ୍ତ କବିଙ୍କର ଉନ୍ନତ ଚେତନା ସ୍ତରର ପରିଚୟ ଦିଏ । ଭକ୍ତିରସର ଲେଖା ଏ କାଳରେ ବିରଳ ହୋଇ ଯାଉଛି । କବିଙ୍କ ଲେଖନୀରୁ ଅଧିକ ଆଧ୍ୟାତ୍ମିକ ଲେଖା ଦେଖିବାକୁ ଆଶା ରହିଲା ।

Digitized by srujanika@gmail.com



## ଉଦ୍ଦେଶ୍ୟ

୧। ଓଡ଼ିଶାର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ସଙ୍ଗେ ସଙ୍ଗେ ଚରିତ୍ର ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା। ୨। 'ଜଗର'ର ମାଧ୍ୟମରେ ଏହି ଦେଶର ଛାତ୍ର ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରିବା ୩। ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ୪। ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। ୫। ସତ୍ୟ, ସେବା ଓ ସାହସ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

(୧୮ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

## ମହାପ୍ରୟାଣେ ମାଳବ୍ୟଜୀ

( ଜନ୍ମତିଥି— ଡିସେମ୍ବର ୨୫, ୧୮୬୧ । ତିରୋଭାବ— ନଭେମ୍ବର ୧୨, ୧୯୪୬ )

ପ୍ରିୟ ଭାଇଭଉଣୀମାନେ,

ନମସ୍କାର। ପଣ୍ଡିତ ମଦନ ମୋହନ ମାଳବ୍ୟ ଆଉ ଇହ-ଜଗତରେ ନାହାନ୍ତି। ଭାରତୀୟ ସାଧନା ଓ ସଂସ୍କୃତି, ତ୍ୟାଗ ଓ ସଦାଚାର ମୂର୍ତ୍ତିମନ୍ତ ମାଳବ୍ୟଜୀ,—ଭାରତ ଜନ୍ମଭୂମିର ଅକ୍ଳାନ୍ତ ସେବକ, ହିନ୍ଦୀ ଓ ହିନ୍ଦୁ ଧର୍ମସେବୀ ମାଳବ୍ୟଜୀ—ଅଦମ୍ୟ ତେଜ, ପୌରୁଷ ଓ କାର୍ଯ୍ୟକର୍ତ୍ତାର ପ୍ରଦୀପ୍ତ ଶିଖା ଜନନାୟକ ମାଳବ୍ୟଜୀ ୮୫ ବର୍ଷ ବୟସରେ ମଧ୍ୟ କାଶୀଧାମରେ ଇହଲୀଳା ସମ୍ବରଣ



କରିଛନ୍ତି। ଜାତି ଓ ଦେଶର ସେବାରେ ସେ ଜୀବନୋତ୍ସର୍ଗ କରିଥିଲେ। ମୃତ୍ୟୁଶଯ୍ୟାରେ ଅର୍ଦ୍ଧଚେତନାମଧ୍ୟରେ 'ରୁଧିରସ୍ନାତ ଦେଶ ଜନନୀର ଦୁର୍ଦ୍ଦଶାର କଥା କହୁଛନ୍ତି, ଗାନ୍ଧୀଜୀ ଓ ଜବାହାରଲାଲଙ୍କର ନାମୋଚ୍ଚାରଣ କରିଛନ୍ତି। ନୋଆଖାଲିର ଶୋକ ଯନ୍ତ୍ରଣା ହୁଏତ ତାଙ୍କର ଜୀବନୀଶକ୍ତି ମନ୍ଥିତ କରି ପାରି ନ ଥାନ୍ତା, କିନ୍ତୁ ବଙ୍ଗ ଓ ବିହାରର ସାମ୍ପ୍ରଦାୟିକ ଅଶାନ୍ତି ଜନିତ ପରିସ୍ଥିତିର ଅସହନୀୟ ଦୁଶ୍ଚିନ୍ତା ଓ ବେଦନାର ପ୍ରବଳ ପ୍ରହାରରେ ତାଙ୍କର ଜୀବନ ପ୍ରଦୀପ ନିର୍ବାପିତ ହେଲା। ମାଳବ୍ୟଜୀଙ୍କ ଅଚେତନ ଅମର ଆତ୍ମା ଗତ ନଭେମ୍ବର ୧୨ ତାରିଖ ଅପରାହ୍ଣ ୪ଟା ୧୦ ମିନିଟରେ ପରମ ଦେବତାଙ୍କୁ ସ୍ମରଣ କରୁ କରୁ ନଶ୍ୱର ଦେହ ତ୍ୟାଗ କରି ମହା ପ୍ରସ୍ଥାନପଥରେ ଯାତ୍ରା କରିଛି।

ହିନ୍ଦୁବଂଶ ଅଧ୍ୟାତ୍ମ ଶେଷ ଗୃହସ୍ଥାଂଶର ପ୍ରଥମ ଯୁଗରେ ଭାରତସମ୍ରାଟପଥରେ ଯେଉଁ ଉଜ୍ଜ୍ୱଳ ଜ୍ୟୋତିଷ୍ମଣ୍ଡଳ ଦେଦୀପ୍ୟମାନ ଥିଲେ, ମଦନମୋହନ ଥିଲେ ସେ ମଣ୍ଡଳୀର ଅନ୍ୟତମ ତାରକା। ତାଙ୍କର ପୂର୍ବପୁରୁଷ ଥିଲେ 'ମାଳବ'ର ପ୍ରସିଦ୍ଧ ଶ୍ରୀଗୌଡ଼ ବ୍ରାହ୍ମଣବଂଶ। ପ୍ରାୟ ୪୦୦ ବର୍ଷ ପୂର୍ବେ ମାଳବ୍ୟଙ୍କର ଜଣେ ପୂର୍ବ ପୁରୁଷ ମାଳବରୁ ଆସି ଏଲାହାବାଦରେ ବସବାସ ଆରମ୍ଭ କରିଥିଲେ। ମାଳବ୍ୟଙ୍କ ପିତା ବ୍ରଜନାଥ ତାଙ୍କ ସମସାମୟିକମାନଙ୍କ ମଧ୍ୟରେ ଜଣେ ଶ୍ରେଷ୍ଠ ସଂସ୍କୃତଜ୍ଞ ପଣ୍ଡିତ।

ପଣ୍ଡିତ ମାଳବ୍ୟ ଏଲାହାବାଦସ୍ଥିତ ପୈତୃକ ଗୃହରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରଥମ ବିଦ୍ୟାରମ୍ଭ ହୋଇଥିଲା ସଂସ୍କୃତ ପାଠଶାଳାରେ. ୧୮୭୯ ସାଲରେ ସେ ଏଲାହାବାଦ ଜିଲ୍ଲା ସ୍କୁଲରୁ କଲିକତା ବିଶ୍ୱବିଦ୍ୟାଳୟରେ "ଏଣ୍ଟ୍ରାନ୍ସ", ୧୮୮୧ରେ ମ୍ୟୁର ସେଣ୍ଟ୍ରାଲ କଲେଜରୁ F. A. ଏବଂ ୧୮୮୪ ରେ କଲିକତା ବିଶ୍ୱବିଦ୍ୟାଳୟରୁ B. A. ପାସ କରିଥିଲେ। ଅର୍ଥାଭାବ ପାଇଁ M. A. ପଢ଼ି ହେଉ ଦେଲେ ଛାଡ଼ି ଦେଲେ। ସାତବର୍ଷ ପରେ ସେ L L. B. ଡିଗ୍ରୀଲାଭ କଲେ ଏଲାହାବାଦ ବିଶ୍ୱବିଦ୍ୟାଳୟରୁ।

ବିଦ୍ୟାଳୟ ଜୀବନରୁ ମାଳବ୍ୟଜୀଙ୍କ ମଧ୍ୟରେ ଜନସାଧାରଣ ସମ୍ପର୍କୀୟ ନାନା ବିଷୟରେ ଯୋଗ୍ୟତା ଉତ୍ସାହ ଆଗ୍ରହ ଦେଖା ଯାଉଥିଲା। ଜୀବନର ଶେଷ ଦିନ ପର୍ଯ୍ୟନ୍ତ ସେ ସେବାର ଶିକ୍ଷା ବିସ୍ତାରରେ ଅନେକ ଉଦ୍ଯୋଗ କରି ଯାଇଛନ୍ତି। ତାଙ୍କର ଶିକ୍ଷାବ୍ରତର ଏହି ଅନ୍ୟତମ ସର୍ବାଂଶାଧିକ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟର ମୂର୍ତ୍ତି ପରିଚୟ କରାଉଛି ଏବଂ ଏହା ତାଙ୍କ ସ୍ମୃତି ଓ କୀର୍ତ୍ତିର ଜୀବନ୍ତ ନିଦର୍ଶନ ରୂପେ ପ୍ରତିଷ୍ଠିତ ରହିବ। ମାଳବ୍ୟ Allahabad Literary Institute ଏବଂ ହିନ୍ଦୁ ସମାଜର ପ୍ରତିଷ୍ଠାତା।

୧୮୮୪ ଶେଷ ଭାଗରେ ମଦନ ମୋହନ ଏଲାହାବାଦ Govt. High School ରେ Asst teacher. ରୂପେ ନିଯୁକ୍ତ ହେଲେ ଏବଂ ପ୍ରାୟ ୨୫ ବର୍ଷ ଯାଏ ଏହି କର୍ମ ଦୃଢ଼ ଭାବରେ କରି ଥିଲେ। ୧୮୮୬ ରେ ସେ ହିନ୍ଦୁସ୍ଥାନ ପତ୍ରିକାର କାର୍ଯ୍ୟଭାର ଗ୍ରହଣ କରି ପ୍ରାୟ ୨୨ ବର୍ଷ ପର୍ଯ୍ୟନ୍ତ ଦକ୍ଷତାର ସହିତ ଏହାର ସମ୍ପାଦନା କରିଥିଲେ। ଏପରିକି ସରକାରୀ ମହଲରେ ତାଙ୍କର ଏହି କାର୍ଯ୍ୟ ପ୍ରଶଂସା ପାଇଥିଲା। ଏହାପରେ ସେ "Indian Union" ପତ୍ରିକାର ସମ୍ପାଦକତା ଗ୍ରହଣ ଏବଂ ଏହି ସମୟରେ "ଅଭ୍ୟୁଦୟ" ନାମକ ଗୋଟିଏ ଲୋକପ୍ରିୟ ହିନ୍ଦୀ ସାପ୍ତାହିକ

Digitized by srujanika@gmail.com

ବାହାର କଲେ। କେବଳ ମାଳବ୍ୟଙ୍କର ଅକ୍ଳାନ୍ତ ଅଧ୍ୟବସାୟ ଓ ଅଦମ୍ୟ ଚେଷ୍ଟା ଦ୍ୱାରା ହିଁ "Leader" ପତ୍ରିକାର ଅସ୍ତିତ୍ୱ ସମ୍ଭବ ହୋଇଥିଲା। ମୃତ୍ୟୁର ଦୁଇ ବର୍ଷ ପର୍ଯ୍ୟନ୍ତ ସେ "ହିନ୍ଦୁସ୍ଥାନ ଟାଇମସ୍" ପତ୍ରିକାର ପରିଚାଳକ ମଣ୍ଡଳୀର ସଭାପତି ଥିଲେ। ସାମ୍ବାଦିକତା କ୍ଷେତ୍ରରେ ସେ ଜଣେ ଅଗ୍ରଣୀ ନେତା।

୧୮୯୩ ସାଲରେ ପଣ୍ଡିତ ମଦନମୋହନ ଏଲାହାବାଦ ହାଇକୋର୍ଟରେ ଓକିଲ ହିସାବରେ ପ୍ରବେଶ କଲେ। ସେ ଜଣେ ଦକ୍ଷ ଓ କୌଶଳୀ ଆଇନଜ୍ଞ। ତାଙ୍କ ଅଧିକାଂଶ ସମୟ ଜନସାଧାରଣଙ୍କ କାର୍ଯ୍ୟରେ ନିୟୋଜିତ ହେଉଥିବାରୁ ସେ ଆଇନ ବ୍ୟବସାୟର ସର୍ବୋଚ୍ଚସ୍ତରକୁ ଉଠି ପାରି ନ ଥିଲେ। ୧୮୮୬ରେ ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦାନ କଲେ। ମୃତ୍ୟୁକାଳ ପର୍ଯ୍ୟନ୍ତ ପ୍ରାୟ ଅର୍ଦ୍ଧ ଶତାବ୍ଦୀକାଳ କଂଗ୍ରେସର ସଦସ୍ୟ ଥିଲେ। କଂଗ୍ରେସ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଉଲ୍ଲେଖଯୋଗ୍ୟ କାର୍ଯ୍ୟାବଳୀର ସ୍ୱୀକାର ସ୍ୱରୂପ ଗୁଣଗ୍ରାହୀ ଜାତି ତାଙ୍କୁ ଚାରିଥର କଂଗ୍ରେସ ସଭାପତି ମନୋନୀତ କରିଥିଲେ (୧୯୦୯—୧୮—୩୨.୩୩)। ୧୮୩୧ରେ ମହାତ୍ମା ଗାନ୍ଧୀ ଓ ସରୋଜିନୀ ନାଇଡୁଙ୍କ ସହିତ ସେ ଦ୍ୱିତୀୟ ଗୋଲଟେବୁଲ ବୈଠକରେ କଂଗ୍ରେସ ପ୍ରତିନିଧିରୂପେ ଅଂଶ ଗ୍ରହଣ କରିଥିଲେ ଏବଂ ବିଶେଷ ଭାବରେ ସ୍ୱଦେଶର ସ୍ୱାର୍ଥ ପାଇଁ ଲଢ଼ିଥିଲେ। ୧୯୦୨ ଠାରୁ ୧୯୧୨ ସାଲ ପର୍ଯ୍ୟନ୍ତ ସେ ଯୁକ୍ତପ୍ରଦେଶର ବ୍ୟବସ୍ଥାପକ ସଭାର ସଦସ୍ୟ ଥିଲେ। ୧୯୩୦ରେ ଆଇନ ଅମାନ୍ୟ ଆନ୍ଦୋଳନରେ ସେ କାରାବରଣ କରିଥିଲେ।

ନୈଷ୍ଠିକ ପଣ୍ଡିତଜୀଙ୍କର ଧର୍ମବିଶ୍ୱାସ ଗଭୀର ଥିଲା। ହିନ୍ଦୁ ଧର୍ମରେ ତାଙ୍କର ଆସ୍ଥା ଥିଲା ଯେପରି ଗଭୀର, ହିନ୍ଦୁ ଶାସ୍ତ୍ରରେ ପାଣ୍ଡିତ୍ୟ ମଧ୍ୟ ଥିଲା ସେପରି ଅସାଧାରଣ। ଏଲାହାବାଦଠାରେ ସନାତନ ଧର୍ମ ମହାସଭାର ସେ ପ୍ରତିଷ୍ଠାତା ଥିଲେ। ହିନ୍ଦୁ ଜାତିର ପୁନଃ ପ୍ରତିଷ୍ଠା ପାଇଁ ମଧ୍ୟ ତାଙ୍କର ପ୍ରବଳ ଚେଷ୍ଟା ଥିଲା। ପଣ୍ଡିତଜୀଙ୍କର ହିନ୍ଦୁଧର୍ମପ୍ରୀତି ଏବଂ ପ୍ରବଳ ଅନୁରାଗ ଫଳରେ ନିଖିଳ ଭାରତୀୟ ହିନ୍ଦୁ ମହାସଭାର ଗଠନ ସମ୍ଭବ ହୋଇଥିଲା। ୧୯୨୩, ୨୪ ଓ ୩୭ ସାଲରେ ସେ ଏହି ମହାସଭାର ସଭାପତିତ୍ୱ କରିଥିଲେ। କିନ୍ତୁ ସେ ସାମ୍ପ୍ରଦାୟିକ ମନୋଭାବର ବଶୀଭୂତ ଥିଲେନାହିଁ। ସେ କହନ୍ତି—"It is idle to talk of Mnslim Raj Hindu Raj. The Raj in the fature of India will be a joint Raj of Hindus, Sikhs, Muslims, Christians, Parsis etc." ଗାନ୍ଧୀଜୀଙ୍କ ପରି ମାଳବ୍ୟଙ୍କର ମଧ୍ୟ ଅନୁନ୍ନତ ସମ୍ପ୍ରଦାୟ (Scheduled Caste) ପ୍ରତି ଗଭୀର ମମତା ଓ ସ୍ନେହ ଥିଲା।

ପଣ୍ଡିତଜୀଙ୍କ ଗଠନମୂଳକ ପ୍ରତିଭାର ଶ୍ରେଷ୍ଠ ନିଦର୍ଶନ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ। ଧର୍ମବିଶ୍ୱାସ ଓ ଶିକ୍ଷାବ୍ରତୀର ଅନୁପ୍ରେରଣାହିଁ ତାଙ୍କୁ ଏପରି ବିରାଟ ଶିକ୍ଷା ପ୍ରତିଷ୍ଠାନ ଗଠନ କରିବାରେ ସାହାଯ୍ୟ କରିଥିଲା। ଏହାର ଅର୍ଥନୈତିକ ଭିତ୍ତି ସୁଦୃଢ଼ ପାଇଁ ତାଙ୍କୁ ଭାରତ ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଭିକ୍ଷା ଝୁଲି ନେଇ ବୁଲିବାକୁ ପଡ଼ିଥିଲା ଏବଂ ଏହିରୂପେ ସେ ଏକକୋଟି ଟଙ୍କା ସଂଗ୍ରହ କରିବାକୁ ସମର୍ଥ ହୋଇଥିଲେ। ୧୯୧୯ ଠାରୁ ୩୯ ପର୍ଯ୍ୟନ୍ତ ଏବଂ ୧୯୩୯ ଠାରୁ ମୃତ୍ୟୁକାଳ ପର୍ଯ୍ୟନ୍ତ ସେ ଏହି ପ୍ରତିଷ୍ଠାନର ଯଥାକ୍ରମେ ଭାଇସ୍ ଚ୍ୟାନ୍ସେଲର ଓ ରେକ୍ଟର ଥିଲେ।

ଗାର୍ହସ୍ଥ୍ୟ ଜୀବନରେ ମାଳବ୍ୟ ଥିଲେ ଆଦର୍ଶ ପିତା ଓ ସ୍ୱାମୀ। ସ୍ୱାଭାବିକ ନମ୍ରତା ଓ ବିନୟଶୀଳତା ତାଙ୍କ ଚରିତ୍ରକୁ ଉଜ୍ଜ୍ୱଳ କରିଥିଲା। ଅଦ୍ୱିତୀୟତା, ସ୍ୱାଧୀନଚେତା ମାଳବ୍ୟ ଜନଗଣ ଉପରେ ବୁଦ୍ଧି ଓ ଜନବାଦ ଉପରେ ଅତ୍ୟନ୍ତ ଆସ୍ଥାବାନ ଥିଲେ। ଗାନ୍ଧୀଜୀଙ୍କର ଅହିଂସା ନୀତିକୁ ମଧ୍ୟ ସେ ସର୍ବତୋଭାବରେ ସମର୍ଥନ କରୁ ନଥିଲେ। ତାଙ୍କ ମଧ୍ୟରେ ଆତ୍ମନିଷ୍ଠ, ଜାତୀୟତା, ତ୍ୟାଗ ଓ ନିଷ୍ଠାର ଯେପରି ଅପୂର୍ବ ସମନ୍ୱୟ ସାଧିତ ହୋଇଥିଲା ତାହା ଦୁର୍ଲଭ। ସେ କଂଗ୍ରେସର ପ୍ରାଚୀନ ଯୁଗର ହିଉମ୍, ୱେଡ୍‌ବ, ଗୋଖଲେ, ଫିରୋଜସା ମେହ୍ତା, ସୁରେନ୍ଦ୍ରନାଥ ପ୍ରମୁଖ ନେତୃବୃନ୍ଦର ସହକର୍ମୀ ଥିଲେ। ମାଳବ୍ୟଙ୍କର ପରଲୋକପ୍ରାପ୍ତିରେ କଂଗ୍ରେସର ଅତୀତ ସହିତ ଆଧୁନିକ ଯୁଗର ଯୋଗସୂତ୍ର ଛିନ୍ନ ହେଲା। ହିନ୍ଦୁ ଜାଗରଣ ଆନ୍ଦୋଳନରେ ସେ ଥିଲେ ଅନ୍ୟତମ ନାୟକ। ତାଙ୍କର ତପଃକ୍ଲାନ୍ତ ସୌମ୍ୟ ସୌମ୍ୟମୂର୍ତ୍ତି ଆଉ ଆମେ ଦେଖିବାକୁ ପାଇବା ନାହିଁ। ତଥାପି ସ୍ୱଦେଶହିତୈଷଣା ଓ ଦୃଢ଼ ସେବାର ଯେଉଁ ଆଦର୍ଶ ସେ ଦେଇଯାଇଛନ୍ତି ତାହା ଦେଶବାସୀଙ୍କ ହୃଦୟରେ ତାଙ୍କର ଚରିତ୍ର ସ୍ମୃତି ଚିର ଜାଗ୍ରତ ରଖିବ ଓ ଜାତିକୁ ଅନୁପ୍ରାଣିତ କରିବ। ଏହି ସଂକଟ କାଳରେ ଆମ୍ଭେମାନେ ଯେପରି ଏହି ମହାପୁରୁଷଙ୍କର ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ଉଣୀପଥର ଦାନ ମନ୍ତ୍ର ପଢ଼ାଇ ଦେବେ। ଦିବ୍ୟଲୋକବାସୀ ସେହି ଅମର ଆତ୍ମା ଉଦ୍ଦେଶ୍ୟରେ ମୋର ଭକ୍ତି ଅର୍ଘ୍ୟ ନିବେଦନ କରୁଅଛି। ଇତି

ଶ୍ରୀ ମଦନ୍‌ମୋହନ ଦାସ (୪୭ ନଂ ଛାତ୍ର)

---

( ମଠାକଣ୍ଡା ୯ମ ପୃଷ୍ଠା ଉତ୍ତାରୁ )

ମୋ ପାଖରେ ବସି ଏହି ଖ୍ରୀଷ୍ଟଙ୍କର ମୂର୍ତ୍ତିକୁ ବନ୍ଦନା କର—ବାସ୍ତବ ମୁଁ ଆଜି ହିନ୍ଦୁର ଦେବତା ପୂଜାର ସାର୍ଥକତା ଅନ୍ତରେ ଅନ୍ତରେ ଅନୁଭବ କରୁଛି।

ବେଣ୍ଡା—ପଚିଶ୍ତା— ତୁ ମୋତେ ଏତେ ଦୋଷୀ କରି ଦେଲୁ? ଅଯୋଏଁ ତୋର ଖ୍ରୀଷ୍ଟପ୍ରୀତି ଲୁଚେଇଲୁ କାହିଁକି? ମୁଁ ଆଜି ତୋତେ ଖଣ୍ଡପଣ ଦେବି। ଦିଅ ଦିଅ ତୋର ହାତ ଉଠାଇ ଦେବି।

ଏତିକି କହି ବେଣ୍ଡା ଗୁରୁ ବାଡ଼ିକା ବେଳକୁ ଖ୍ରୀଷ୍ଟ ଭକ୍ତଙ୍କ ମଣିରେ ଚିତ ହୋଇଯାଇ କହିଲେ—"କ୍ଷାନ୍ତ ହୁଅନ୍ତୁ—କ୍ଷାନ୍ତ ହୁଅନ୍ତୁ ମୁଁ ଧୂରୁତ ନୁହେଁ—ସ୍ୱାମୀ।"

ଏତକ କହି ସେ ତାଙ୍କର ଦେଶ ଓ ଭାଷାର ପଦେବ ହବୀ ଦାସ ରୂପରେ ଠିଆ ହେଇଗଲେ।

ଗୁରୁ ସ୍ୱାମୀଙ୍କ ମତରେ ଭକ୍ତର ମାନ ମର୍ଯ୍ୟାଦା ରକ୍ଷା କରିବା-ପାଇଁ ଖ୍ରୀଷ୍ଟ ସ୍ୱୟଂ ନାଗ ବେଶ ଧରିଥିଲେ ଅଟା।

କିନ୍ତୁ ତହିଁ ଅରଦନ ଖବର କାଗଜରେ ବାହାରିଲା—ବର୍ତ୍ତି ବଧ ନାଟକର ଖ୍ରୀଷ୍ଟ ପାର୍ଟରେ ବାହାରିବାର ଥିଲା ରାମାନ୍ ଚୁଦ୍ରାକ୍ଷଙ୍କର। କିନ୍ତୁ ସେ ହଠାତ୍ ବେମାର ହେଇ ପଡ଼ିବାରୁ ତାଙ୍କ ସ୍ଥାନରେ ଶ୍ରୀମତୀ ସୁନାକ୍ଷି ଦେବୀ ଖ୍ରୀଷ୍ଟ ସାଜିଥିଲେ ଅସ୍ଥାୟୀ ଭାବରେ। ଆଜି ଆପଣମାନେ ସ୍ୱୟଂ ଚୁଦ୍ରାକ୍ଷଙ୍କର ଅଭିନୟ ଦେଖି ମୁଗ୍ଧ ହେବେ।

ବର୍ତ୍ତମାନ ବେଣ୍ଡୀ ହଜାର ଫେରେଇ ଦେବା ପାଇଁ ମେନେଜର-ଙ୍କ ଅଫିସ ସାମନାରେ ମାରପଟ ଗୋଳ ସମାଳିବାକୁ ଗୁରୁ ସ୍ୱାମୀଙ୍କ ବୁଦ୍ଧି ବଳୁନାହିଁ।

Digitized by srujanika@gmail.com

# ଗଳିତକୁଷ୍ଠ ଓ ଧବଳ କୁଷ୍ଠ

ସକଳ ପ୍ରକାର ପ୍ରମେହ, ଉପଦଂଶ ଓ ଚର୍ମରୋଗର ଗ୍ୟାରେଣ୍ଟି ଚିକିତ୍ସା

**ସିମଲାଠାରୁ ଲଙ୍କାଦ୍ୱୀପ ଓ ଆଫ୍ରିକାଠାରୁ ଫିଜି ପର୍ଯ୍ୟନ୍ତ ଆମ୍ଭ ତଲ୍ଲ, ଏଲ, ଗି**

**ବହୁଳଭାବରେ ବ୍ୟବହୃତ ଓ ପ୍ରଶଂସିତ ।**

ଓଡ଼ିଆରେ ମେଡ଼ିକଲ ଚିକିତ୍ସାପ୍ରଣାଳୀ, ଓ ପ୍ରଶଂସାପତ୍ରମାନ ବିନାମୂଲ୍ୟରେ ଦିଆଯାଏ, ଇଂରେଜୀ ହିନ୍ଦି, ଗୁଜୁରାଟି ପ୍ରଭୃତି ଦଶଗୋଟି ଭାଷାରେ ଚିକିତ୍ସା ପ୍ରଣାଳୀ ଦିଆଯାଏ, ଅସହାୟ ନିରନ୍ନବ୍ୟକ୍ତିଙ୍କୁ ବିନା ମୂଲ୍ୟରେ ଚିକିତ୍ସା କରାଯାଏ । ପ୍ରତିବର୍ଷ ହଜାର ହଜାର ରୋଗୀ ରୋଗମୁକ୍ତ ହୋଇ ଅଛନ୍ତି । ଆପଣ ତାହାଙ୍କ ପରି ରୋଗମୁକ୍ତ ନ ହେବେ ? ଫଳେନ ପରିଚୀୟତେ, ଥରେମାତ୍ର ପରୀକ୍ଷା କରି ଦେଖନ୍ତୁ ନା । ଓଡ଼ିଶାବାସୀଙ୍କର ସୁବିଧା ନିମନ୍ତେ ଜଣେ ଓଡ଼ିଆ ଭଦ୍ରବ୍ୟକ୍ତିଙ୍କୁ କିରାଣୀ ରୂପେ ନିଯୁକ୍ତ କରିଅଛୁଁ । ଆପଣ ଉପରଲିଖିତ ରୋଗନିମନ୍ତେ ହତୋତ୍ସାହ ନ ହୋଇ ଆଜି ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ ।

REDDY & Co. ( Regd ) GOPALAPURAM.
E. GODAVARI. TANUKU. M. S. M.

ଶାଖା:—ବକ୍ସିବଜାର,—କଟକ ।

CONSULT:—

Mr. N. C. Mohanty.

Pleader. Bhadrak.

The Only HAND-WRITNG EXPERT and Finger Print Examiner in Orissa.

Subjects—Disputed Handwritings, Typewritings & Finger Prints

Fees—Reasonable Cross Examination & Argument accepted.

## 'ଜୟହିନ୍ଦ ଡଗର'.

ଆଜାଦ ହିନ୍ଦ ଫୌଜ ସମ୍ବନ୍ଧରେ କିଛି ଜାଣିବାକୁ ଚାହାନ୍ତି ତ 'ଡଗର' ଜୟହିନ୍ଦ ସଂଖ୍ୟା ପଢ଼ନ୍ତୁ । ଏପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଯାହା କିଛି ଆଜାଦ ହିନ୍ଦ ଫୌଜ ସମ୍ବନ୍ଧୀୟ ଲେଖା ବାହାରିଛି 'ଡଗର' ସମସ୍ତଙ୍କୁ ଟପି ଯାଇଛି । ଟଙ୍କାଟିଏ ପଠେଇଲେ ଆମେ ଆପଣଙ୍କୁ ରେଜେଷ୍ଟ୍ରି କରି ଜୟହିନ୍ଦ ସଂଖ୍ୟା ଖଣ୍ଡିଏ ପଠେଇ ଦେବୁ ।

'ଡଗର' ଅଫିସ,
ପୋଃ ଭଦ୍ରକ ।


Digitized by srujanika@gmail.com

ସମ୍ପୂର୍ଣ୍ଣ ଅଧୁନାତନ ଓ ବୈଜ୍ଞାନିକ ପ୍ରଣାଳୀରେ ସବୁ ପ୍ରକାର ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତର ଏକମାତ୍ର ପ୍ରତିଷ୍ଠାନ । ସମସ୍ତ ପ୍ରକାର ବଟୀ, ଚୂର୍ଣ୍ଣ, ମୋଦକ, ଅବଲେହ, ଆସବ, ଅରିଷ୍ଟ, ତୈଳ, ଘୃତ, ଭସ୍ମ ଓ ମକରଧ୍ୱଜାଦି ବୈଜ୍ଞାନିକ ରସାୟନ କର୍ମଶାଳାରେ, ଉତ୍କୃଷ୍ଟ ପାକବିତ ଓ ରସାୟନବିତ ଚିକିତ୍ସକମାନଙ୍କ ଦ୍ୱାରା ପ୍ରସ୍ତୁତ ହୁଏ । ଔଷଧମାନଙ୍କୁ ପୂର୍ଣ୍ଣ ବୀର୍ଯ୍ୟବାନ କରିବାର ସ୍ୱତନ୍ତ୍ର ଚେଷ୍ଟା କରାହୁଏ ।

ସ୍ୱଳ୍ପ ଦରରେ ଓ ପାଇକାରି ଦରରେ ମଫସଲ ପଠାହୁଏ ।

ବିଜୟଶକ୍ତି ଔଷଧାଳୟ
ଆୟୁର୍ବେଦ ବିଭାଗ, ବାଲେଶ୍ୱର ।

# କିଷ୍ମାଲିନ

## ଚର୍ମରୋଗର ଅବ୍ୟର୍ଥ ଔଷଧ

ଦାଦୁ କୁଣ୍ଡିଆ, ଖଜୁ, ମଲା, ପାଗା ଘା ଓ ସମସ୍ତ ପ୍ରକାର ଚର୍ମରୋଗ ଅଳ୍ପ ସମୟରେ ନାଶକରି ଚର୍ମରୁ ଦାଗ ନିଃଶେଷ କରେ ।

ବିଜୟଶକ୍ତି ଔଷଧାଳୟ
ରସାୟନ ବିଭାଗ, ବାଲେଶ୍ୱର ।

ଏହି କୁଇନାଇନ ଦୁର୍ଭିକ୍ଷରେ

ଭାରତକୁ

ଉତ୍କଳର ଶ୍ରେଷ୍ଠ "ଦାନ" !

କଲିକତା ହୋମିଓପାଥି କଲେଜର ଶରୀର ବିଜ୍ଞାନର

ଭୂତପୂର୍ବ ଅଧ୍ୟାପକ

# ଆଚାର୍ଯ୍ୟ ଗିରିଙ୍କ

# ସିଓପ୍ୟାଣ୍ଟିନ ବା ଜ୍ୱରାନ୍ତକ ରସ

ଏହା ଭାରତର ଜଣେ ମୁନିର ଏଲକେଲଏଡ୍ ବାହାର କରି ପ୍ରସ୍ତୁତ । କୁଇନାଇନ ଠାରୁ ଏହା ଛଅ ଗୁଣ ଶକ୍ତିଶାଳୀ ଓ ଏଥିରେ ଖରାପ ଗୁଣ କିଛି ନାହିଁ । ଏତେବଡ଼ ଜ୍ୱରନାଶକ ଔଷଧ ଅଦ୍ୟପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । ସାତଟି ବଟିକାରେ ସମ୍ପୂର୍ଣ୍ଣ ଜ୍ୱର ଛାଡ଼ି ଭଗ୍ନ ଶରୀର ଫେରି ଆସେ । ଏକବର୍ଷ ଭିତରେ ଜ୍ୱର ଆସେନାହିଁ । ପଥ୍ୟାପଥ୍ୟର ବିଚାର ନାହିଁ ।

ବିଜୟଶକ୍ତି ଔଷଧାଳୟ
ଆୟୁର୍ବେଦ ବିଭାଗ
ବାଲେଶ୍ୱର

Printed & published by G. C. Mahapatra at the Gopinath press. Bhadrak, 1946.

Digitized by srujanika@gmail.com

୧୦ମ ବର୍ଷ

୧୨ଶ ସଂଖ୍ୟା

# ଡଗର

ପ୍ରତିଖଣ୍ଡ ଦୁଇ ଅଣା

Dagara UTKAL'S MOST POPULAR FORTNIGHTLY OF LIGHT-LEARN-LAUGHTER

'ଆଟଲାଣ୍ଟା ଫେନ୍'

ବ୍ୟବହାର କରି




SOLE DISTRIBUTORS—
D.C. NAYAK & Co.
4, Falgun Das Lane, Calcutta.

*

*

**ଏ ସଂଖ୍ୟାର ଆକର୍ଷଣ**

ମଜାକଥାରେ —
ନିଶ କାଟିବାକୁ ହେବ

କାହାଣୀରେ— ଫଲଗୁ

ମଜାକବିତାରେ —
କଲେଜ ସପନ

ବହିପତ୍ର ଓ

ବଲୁ ଆବିଷ୍କାର ପ୍ରଭୃତି

* *

ବାର୍ଷିକ ତିନିଟଙ୍କା ଆଠଅଣା
ଭାରତ ବାହାରେ ୫ ଟଙ୍କା

Digitized by srujanika@gmail.com

## ଭାରତର ପ୍ରଧାନ ମନ୍ତ୍ରୀଙ୍କର
## ଉଚ୍ଚ ପ୍ରଶଂସା

ଶ୍ରୀ ପଦ୍ମଚରଣ ପରିଡ଼ା (ପାଣ୍ଡି-
ତ୍ୟଂକ କ୍ରୀଡ଼ା ସ୍ଥଳୀରେ) **କୋଣାର୍କ
କେମିକ୍ୟାଲ ଏଣ୍ଡ ବିଉଟି
ପ୍ରଡ଼କ୍ଟସ୍** ପରିଦର୍ଶନ କରି ଏବଂ
ଏଠାରେ ପ୍ରସ୍ତୁତ ପ୍ରସାଧନ ସାମଗ୍ରୀ
ର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ
ବିଶେଷ ପ୍ରୀତ ହେଲି । ଜଣେ
ଓଡ଼ିଆ ଭଦ୍ରଲୋକଙ୍କର ଏ ପଥ-
ପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂ-
ସାର୍ହ ଏବଂ ଉତ୍ସାହ ପାଇବାର
ଯୋଗ୍ୟ ।

କୋଣାର୍କ କେମିକ୍ୟାଲ
ଏଣ୍ଡ ବିଉଟି ପ୍ରଡକ୍ଟ୍
(ଇଣ୍ଡିଆ)




୨/୧ ଏ, [illegible] ଷ୍ଟ୍ରୀଟ୍, କଲିକତା

---

## ବମ୍ବେ ଲାଇଫ ଏସୁରେନ୍ସ କମ୍ପାନି ଲିଃ—

**ପ୍ରତିଷ୍ଠିତ——୧୯୦୮** **ହେଡ ଅଫିସ—ବୋମ୍ବାଇ**

ସୁବିଖ୍ୟାତ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନୀରେ ସର୍ବନିମ୍ନ ପ୍ରିମିୟମ ଦେଇ
ବୀମା କରି ଲାଭବାନ ହୁଅନ୍ତୁ

ବୀମା ବା ଏଜେନ୍ସି କରିବା ପୂର୍ବରୁ ଅନୁସନ୍ଧାନ କଲେ ଲାଭ ଛଡ଼ା କ୍ଷତି ନାହିଁ ।
ଅକର୍ମଣ୍ୟ ହେଲେ **ଆଉ** ପ୍ରିମିୟମ ଦେବାକୁ ହେବନାହିଁ ଏବଂ ପୂର୍ଣ୍ଣ ବୀମା ଟଙ୍କା ମିଳିବ ।

**୧୯୫୪ର ସଂକ୍ଷିପ୍ତ ବିବରଣ—**

ରକ୍ଷିତ ଅର୍ଥ ୭୩ ଲକ୍ଷରୁ ଊର୍ଦ୍ଧ୍ୱ
ବୀମାଫାଣ୍ଡ ୨ କୋଟି ୯୭ ଲକ୍ଷରୁ ଊର୍ଦ୍ଧ୍ୱ
ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ

ଓଡ଼ିଶା ଏବଂ ଗଡ଼ଜାତରେ [illegible] ଟର, ଅର୍ଗାନାଇଜର ସ୍ପେଶାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ
ଅନୁସନ୍ଧାନ କରନ୍ତୁ ।

କେ, ବାଲସୁବ୍ରମନିୟମ, ବି. ଏମ୍. ଏ. ଆଇ. ଏ.
ମେନେଜର ଏବଂ ଏକଚ୍ୟୁଅରୀ
ହେଡ ଅଫିସ—ବମ୍ବେ

**ନରେନ୍ଦ୍ର ପ୍ରସାଦ ଦାସ**
ମେନେଜର
ଓଡ଼ିଶା ଶାଖା—କଟକ ।


ସଂପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,** ପରିଚାଳନା ସଂପାଦକ—**ଶ୍ରୀ ବ୍ରଜମୋହନ ଦାସ**



Digitized by srujanika@gmail.com




# ବିଲୁଆ ବିଚାର

୧୦ମ ବର୍ଷ — ୧୨ଶ ସଂଖ୍ୟା

ମାର୍ଗଶୀର ଦ୍ୱିତୀୟାଙ୍କ

ଭାରତର ସ୍ୱାଧୀନତା-ତର ଦେଢ଼ ମାସ ଭିତରେ ସରକାର ଏହିଭଳି ନାନା ଉପାୟରେ ଟେକ୍ସ-ବୋଝ ମାଡ଼ିବାର ଦେଖା ଯାଉଛି । ମାତ୍ର ସେକାଳ ପଣ୍ଡିତଙ୍କ ଯେ ବାଦ ଗାଉଥିଲେ ଏଥିରୁ ରକ୍ଷା ନାହିଁ । ମହାତ୍ମାଜୀ ଇଂରେଜଙ୍କୁ ଯେଉଁ ଦେଢ଼ ଯେପରି ପସନ୍ଦ କରୁଥିଲେ, ଇଂରେଜ ସରକାରଙ୍କର ସ୍ୱେଚ୍ଛାରୂପ ଲୁଚିକଣି ପଡ଼ିଛି । କେବଳ ଲବଣ ଓ ଖଦଡ଼ର ପାଇଁ ନୁହେଁ ! ଯଥାର୍ଥ ସତ୍ୟ ଯେତେବେଳେ ଚାଲିଛି, କୋଉଠି କେଉଁ ଦିନ ଚାଉଳ ଖଣ୍ଡ ନାହିଁ ଦେବେ ।

ଜନ୍ମ ଯେତେ ଭିକାରୀ ଥିଲେ, ଲୋକ ଯେତେ ଗରିବ ହେଲେ ବା ରାଜା ଯେତେ ଦାତା ହୁଅନ୍ତୁ, ଅଖଣ୍ଡ ଭାରତର ସ୍ୱାଧୀନତା ସମୃଦ୍ଧ ଜନତା ସବୁ ଅପ୍ରତିହତ ଗତିରେ ଚାଲିଛି ଚାଲିବ । କେଉଁଠାରେ ସାଧ୍ୟ କାହାର !

× × × +

ଅନେକଙ୍କର ଉଦ୍ଧିଷ୍ଟ U. N. O. ବୈଠକରେ ଭାରତ ଦେଶର ପ୍ରତିନିଧି ଯେଉଁଠାରେ ଭାଷଣ ଦେଲେ, ଯେଉଁ ବକ୍ତୃତା ଦାଖଲ କରି ଆସିଲେ, ତାହା ଯେ କୌଣସି ପ୍ରକାରର ଜାତୀୟତାର ଗୌରବ ବଢ଼ାଇ ନ ଥିଲା । ଲକ୍ଷ୍ମୀଙ୍କ 'ଶୋଭା' ସହିତ ସରସ୍ୱତୀଙ୍କର 'ବାଦ' ମିଶି ସବୁରୁ ଶଙ୍କା ଦୁର୍ଦ୍ଦମନୀୟ ହୋଇ ପଡ଼ିଲା । ତଥାପି ଯେଉଁ ପାଞ୍ଚଅଣା ଗୁରୁଜୀଙ୍କ ଫିଟିଥିଲେ, ସେମାନେ ଯେ କେତେ ଅଲସିକ, ସେଥିପାଇଁ ଦୁଃଖ ହେଉଛି । ବୁଢ଼ା ମୁହଁଙ୍କ କଥା ଛାଡ଼ । ଦେଶ ଭିତରର ଖୁସି ଗଲାଣି । 'ଟେକ୍ସ' ଟେନସନ କରି ଶୁଣିଲେ କାଠରୁ ଏଥି କାହାର ଜଣ ପାରିଲେ ନାହିଁ କି ?

\+ + + +

ମହାତ୍ମା ଗାନ୍ଧି ନୃଶଂସଙ୍କର ଧର୍ମକ୍ଷେତ୍ର—କୁରୁକ୍ଷେତ୍ର ମୈଦାନରେ ଏକ ମହାତୀର୍ଥ ମଣି ସେଠାରେ ଶରଣମା ଅଗମ୍ୟ କରୁଛନ୍ତି । ବୁଦ୍ଧ, ଶଙ୍କର, ରାମାନୁଜ, ଚୈତନ୍ୟ ପ୍ରଭୃତି ମହାପୁରୁଷଗଣ ଧର୍ମ ସଂସ୍ଥାପନ ନିମନ୍ତେ ଯେଉଁ ଉପାୟ ଅବଲମ୍ବନ କରିଥିଲେ, ଶାନ୍ତି ସଂସ୍ଥାପନ ପାଇଁ ଗାନ୍ଧିଜୀ ସେହି ପନ୍ଥା ଅନୁସରଣ କରୁଛନ୍ତି । ପ୍ରଭୁ ନିତ୍ୟାନନ୍ଦ ପ୍ରେମ ଦ୍ୱାରା ଜଗାଇ ମାଧାଇଙ୍କୁ ବଶ କରିଥିଲେ; ଗାନ୍ଧିଜୀ ବର୍ତ୍ତମାନ ଲକ୍ଷ ଲକ୍ଷ ଜଗାଇ ମାଧାଇଙ୍କୁ ବଶ କରି ଜଗତରେ ପ୍ରେମର ମହତ୍ତ୍ୱ ବିସ୍ତାର କରିବେ ଏହା ଏହା । ଅନେକ ଗୁରୁଙ୍କୁ ସାଙ୍ଗରେ ଭଣ କେତେ ସ୍କୁଲ କଲେଜର ଛାତ୍ର ଛାତ୍ରୀ ନେଇ ଯାଇଥିଲେ ପ୍ରେମ ପ୍ରସାରର ସୁବିଧା ହୁଅନ୍ତା ପରା !

\+ + × +

ମାଡ଼ କରିଲେ କୀଟ ମଧ୍ୟ ଫଣା ଟେକେ ବୋଲି (a worm would turn) ଇଂରାଜୀ ମାଷ୍ଟରଙ୍କ ପାଠ କଥା, ସେମାନଙ୍କ ଦେଶ ଓ ସ୍ୱଜାତି ଅବନତି କରିଛନ୍ତି । ଓଡ଼ିଶାର ଯେଉଁ ହାଇସ୍କୁଲ ମାଷ୍ଟର ଏହାପ୍ର ଭାଜପରେ ସଭା କରି ସ୍ଥିର କରିଛନ୍ତି ଯେ ସେମାନେ ଜାନୁଆରୀ ତା ୭ ରିଖରେ ଧର୍ମଘଟ କରିବେ ।

ଷ୍ଟ୍ରାଇକ କରିବା ମାଷ୍ଟରଙ୍କର ସହଜାତ ଧର୍ମ । ଅନେକମାନ କାଳରୁ ସେମାନେ ପିଲାଙ୍କ ଦେହରେ ଷ୍ଟ୍ରାଇକ୍ କରି ଆସିଛନ୍ତି । ଏବେ ଖଣ୍ଡି କାହାର ଉପର ଭାବରେ ଷ୍ଟ୍ରାଇକ୍ କରୁଛନ୍ତି ସେଇଟା ଦେଖିବାର କୌତୂହଳ ହେଉଛି । ଏ ଉଦ୍ୟମ ସାଫଲ୍ୟ ମଣ୍ଡିତ ହେଉ ଏହାହିଁ ଆମର ପ୍ରାର୍ଥନା ।

ହେଲେ କୋଉଠି କଥା । ପିଲାଏ ଯେତେବେଳେ Strike କରନ୍ତି, ମାଷ୍ଟରମାନେ ହେଲେ Strike କରି ତାଙ୍କୁ ଦମନ କରନ୍ତି । ଏଥର ପଣ୍ଡିତ ପିଲାଙ୍କ ପାଳି । ଦେଖାଯାଉ ।

\+ + + +

ଓଡ଼ିଶା ସରକାରଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ନୂତନ ବର୍ଷା ଦେଉଛନ୍ତି କିପାଠୀ—ଜଣେ ଶ୍ୟାମ—ଅନ୍ୟଟି ମାଧବ । ଏ ଦୁଇ ବିଭାଗର ସମତା (Parity) ରକ୍ଷା କରିବା ପାଇଁ ଦୁଇ କିପାଠୀଙ୍କୁ ଥାପି ଦିଆ ଯାଇଛି । କିପାଠୀ ବୋଲିଲେ ତିନି ପାଠର ଧୁରନ୍ଧର ଜିଏ । ତିନି ପାଠ ହେଲା—୧ ଚଟିପାଠ, ୨ ମଠପାଠ, ୩ ଗୋଟିପାଠ । ଶିକ୍ଷା କିପାଠୀଙ୍କର ଚଟିପାଠ କଥାରେ କହିବା ବାହୁଲ୍ୟ ମାତ୍ର । ମଠପାଠରେ ମଧ୍ୟ ଶ୍ରେଷ୍ଠ ଦକ୍ଷତା ଅର୍ଜନ କରିଛନ୍ତି—ମନ୍ତ୍ରୀମାନଙ୍କ ମନ ଏମିତି ନେଇ ପାରିଛନ୍ତି ଯେ ତାଙ୍କର ଦୋଷାଦୋଷ ମନ୍ତ୍ରୀମାନେ ଦେଖି ନ ଦେଖିଲା ପରି ଚଳିବା ହୋଇ ଯାଉଛନ୍ତି । କମିଟି ଖାସ୍ତା ତାଙ୍କ, କାହାରି ଚାଲିବ । ଏବେ ସ୍ୱାସ୍ଥ୍ୟ କିପାଠୀ ସାହେବ ଏହି ଅନ୍ୟ ପାଠରେ ବେଶ ଚଳୁଛନ୍ତି । ତାହାର ଫଳରେ ଅନେକ ହାଇସ୍କୁଲର ଅନୁଦାନ ହୋଇଛି କଲସ୍ତା କଲସ୍ତା ଦୁଗ୍ଧ ଦୁଧ । ଏହାର ଅବଶ୍ୟ ସ୍କୁଲର ଦୁଗ୍ଧ ପୋଷ୍ୟ ଶିଶୁମାନଙ୍କୁ ମାଷ୍ଟର ଓଠା ରୂପରେ ଯେପରି ବିତରଣ କରୁଥିଲେ, ଏବେ ମା ହୋଇ ସେହିପରି ଷୀର ଦାନ କରିବେ । କେବଳ ଏତିକି ଯେ ଏଥିପାଇଁ ଶିଶୁକୁ ସହସ୍ରାଧିକ ରଜତ ମୁଦ୍ରା ଦେବାକୁ ପଡ଼ିବ । ଏଣେ ସେ ଦୁଧ ଖାଇ ଅନେକ ପିଲା ବାନ୍ତି କରୁଛନ୍ତି ଓ ଅନେକଙ୍କର ପେଟ ମୋଡ଼ୁଛି । ତଥାପି ଜୋର କରି ଏହି ମହାର୍ଘ୍ୟ ପଦାର୍ଥ ତାଙ୍କୁ ପିଇବାକୁ ହେବ । କାରଣ ପିଲାମାନଙ୍କ ଠାରୁ ମୁରବିମାନଙ୍କୁ ଅଧିକ ମାଲୁମ—ପିଲାଙ୍କ ପେଟ ଚିନ୍ତା । ସଙ୍ଗେ ସଙ୍ଗେ କିପାଠୀ ସାହେବ ନିଜ ପେଟ ଚିନ୍ତା କଲେ

Digitized by srujanika@gmail.com

ରବ ହୁଅନ୍ତା । ତେବେ ଲୁଣ ମରିଚ ଛଡ଼ା ଚଳୁ ନାହାନ୍ତି ଭାଇ ଗାନ୍ଧୀ କି ?

ଶ୍ରୀଯୁକ୍ତ ତ୍ରିପାଠୀ ନକଲ ବର୍ତ୍ତା ନ ହେବାର ମଧ୍ୟ ବର୍ତ୍ତାଙ୍କ ଉପରେ ଯୋଗ୍ୟ ଅଣା ବର୍ତ୍ତିବା ଜୋର୍ ଲଗିଛନ୍ତି । ତେଣୁ ଚିଲ୍କାର ମେମ୍ବରଙ୍କ ଠାରୁ ନାକର ପାଣି ତାଙ୍କୁ ବର୍ତ୍ତା ହେବାକୁ ପଡ଼ନ୍ତା । ସେପରି ସାହେବ ଖାଲି ଦାମଡ଼ା ଚାହିଁ ଅଛନ୍ତି ।

ଏ ତ୍ରିପାଠୀଙ୍କ କଥା ଶେଷ ହୁଏ ନାହିଁ ପଣ୍ଡିତ । ସେହିପରି ସାହେବଙ୍କ ମନ ଏମନ୍ତ ତୁଳନ ପାଇଛନ୍ତି ଯେ ସେ ତାଙ୍କ, ଉପଦେଷ୍ଟା ଓ ପଥପ୍ରଦର୍ଶକ ( Friend, philosopher & gui le ) ଭଳିଆ ସ୍ୱାମୀ ବାବୁଙ୍କର ଅନୁଗ୍ରହ ପାଇବାକୁ ମନ୍ତ୍ରୀମାନେ ଯାହାକୁ ସେବିବା ହେଉଛି । × + +

ମହତାବଙ୍କ 'ସତ୍ୟବାଦୀ ଓଡ଼ିଶା ଜୀବନ' ପ୍ରଚାର ସତ୍ତ୍ୱେ ସଭାମାନଙ୍କ କୋଳାହଳ ଭଙ୍ଗ ହୋଇଛି । କେବଳ ସୂତା ତାହାର ତନ୍ତ ଘଡ଼ଘଡ଼ ସବୁ ମିଶି ଅନ୍ୟ ଏକ ପ୍ରଦେଶ ଗଢ଼ିବାର ଚେଷ୍ଟା କରୁଛନ୍ତି । ପାଟଣାର ମହାରାଜା ଅଗ୍ରଣୀ ହୋଇ ପାଗ ବାନ୍ଧି ଚାହାଁଛନ୍ତି । ଧାନ ଚାଉଳ ଚୋରି ବାନ୍ଧ ମିଳାଇ ଛଅର । ଅନ୍ୟାନ୍ୟ ଦେଶୀୟ ରାଜ୍ୟ ମୁକ୍ତ ରହିଃ ମଧ୍ୟ ସେଠି ବଣଟାଳ ସେବ ଚାକର ହେଉଛନ୍ତି । କୋଟିଏ ଜଡ଼ ଲୋକ ମିଳନ୍ତ ଯେ ସ୍ୱାଧୀନ ରାଜ୍ୟମାନଙ୍କୁ ଏକତ୍ର ଜୋଡ଼ିବାର କରିବା । ସମ୍ବଲପୁର ବାସୀଙ୍କୁ ଦେଖା ଯାଉଛି ଯେ ସମ୍ବଲପୁର ଏହି ନୂଆ ପ୍ରଦେଶ ସାଙ୍ଗରେ ମିଶିବ ।—ଏଣୁ ବା ସ୍ୱାର୍ଥରେ ମିଶିବ ଅଥାତ୍ ହିଂସାଭାବ ରଖିବା ଦା ମୋହନଙ୍କ ହୋଇ ତାହା ଦେଖା ଯାଉନାହିଁ । ଅଟମ ଏହି ଅନ୍ଦୋଳନର କଥାର ଜଣାଉଛି । ଚାରଣ ଓଡ଼ିଆ ଗ୍ରାମୀ ପ୍ରଦେଶ ଏବଂ ଅଧିକ ହେଲେ ଶ୍ରୀ ଜାତି ଓ ଦେଶର ମଙ୍ଗଳ । ଏଣୁ ଜାତିବାକୁ ଏତେ ଚୌହୁଦୀ ହେଲେ ସମ୍ବଲପୁର ଗଡ଼ଜାତ ସାଙ୍ଗରେ ମିଶିଲେ ଲାଭ ହେବ କଣ ? ପାଟଣା ମହାରାଜା ଦା ଖବର ମିଳେ ?

\+ + + +

ଗଡ଼ଜାତ ରାଜା ମାନଙ୍କର ସ୍ୱାଧୀନ ପ୍ରଦେଶ ଆନ୍ଦୋଳନ ସଙ୍ଗ ସଙ୍ଗ ଗଡ଼ଜାତର ପ୍ରଜା ଆନ୍ଦୋଳନ ବର୍ଷ ଜାକ ଉଠିଲାଣି । ସେ ବର୍ଷକୁ ଲକ୍ଷ୍ୟ କରି ରାଜାମାନେ ଯଥାସମ୍ଭବ ଚେଷ୍ଟା କରୁଛନ୍ତି । କେଉଁଠି ଦମନ ନୀତି ପ୍ରୟୋଗ ହେଉଛି କେଉଁଠି ଅବା ରାଜାଙ୍କ ବନ୍ଧୁମାନେ ଲୋକଙ୍କୁ ରାଜାଭକ୍ତ ଅର୍ଥ ଦେଖାଇ ଶତ୍ରୁ ଦଳ ଭିତରେ ଫାଟ କରି ଦେଉଛି । ଏଣୁ ଯେତେ ଯାହା କଲେ ବି ହେଉ—ନିଶ୍ଚୟ ଆନ୍ଦୋଳନର ଦମନ ହେବ ଚାହିଁ ପାରୁ ନାହିଁ ବା ଉଦ୍ଧାରରେ ନାହିଁ । ବିଳମ୍ବ ସରକାର ଇଂରେଜଙ୍କ ଦରବାରକୁ ଯାଇ ତାଙ୍କର ଅନୁଗ୍ରହ ଯାହା—ତାହା ରାଜ ମାନଙ୍କର ଆଶା ନାହିଁ ହେବାର କଥା । ଗାନ୍ଧୀଜୀ ବର୍ଷ ବର୍ଷ ଲାଗି ଦୂରରୁ, ପାଞ୍ଚଶହ ଟଙ୍କା ରାଜାମାନଙ୍କୁ ଦେଇ ମାଡ଼ ଖାଇ କରି ଆସୁଛନ୍ତି ବରଂ ଲୋକଙ୍କ ଯାଉଛି । ରାଜାଙ୍କ ଧ୍ୟାନ ମୁଖରେ । ବର୍ତ୍ତମାନ ସମସ୍ତ ଯାଙ୍କର ଭାଗ ହେବ ନ ବୁଝିବ

ଆଡ଼େଇ ପାରିଲେବାକୁ ପଡ଼ିବ । ଅଟମ ବଡ଼ ଲଣ୍ଡନ ସ୍ୱାର୍ଥ ହାରାଇଲା ।

× × ×

ଓଡ଼ିଶା ୩୧ ବିଦେଶୀ ସାହେବ ସମ୍ବଲପୁର ଗସ୍ତ ଯାଇଥିଲେ ବେଳେ ଏକ ଭାରତ ଯୁବକ ତାଙ୍କ ସହିତ ମୁଲାକାତ କରିବା କମରେ ତାଙ୍କ ବଙ୍ଗଳାରେ ପହଞ୍ଚିଲେ । ସେଠାରେ ଥିବା ଚଉକି ସଡ଼କ ବାଟ ଯୁବକଙ୍କ ଉପରେ ଅନୁସନ୍ଧାନ କରିବାରେ ତାଙ୍କଠାରୁ ଗୋଟାଏ ଛୁରି ବାହାରିଲା ।

ଏହି ସମ୍ବାଦଟି ଏଥର ଡେଲିରେ ପ୍ରକାଶ କରିବାର ହେତୁ କଣ ତାହା ଅଟମ ବୁଝିବାକୁ ଅକ୍ଷମ ହେଲେ ମଧ୍ୟ ଏତିକି ଜେଣ୍ଟ୍ ଜଣା ପଡ଼ୁଛି ଯେ 'କୋଟ-ପେଣ୍ଟ'ର ରକ୍ଷଣକାରୀ ଶାସ୍ତ୍ର ପ୍ରଶ୍ନରେ ନୂଆ-- ସଂଗ୍ରାମ-ସଂଗ୍ରାମ ( directaction ) ର ଅବତାରଣା କରିବାର ପ୍ରମାଣ ବାହାରିଛି । ଯୁକ୍ତ ଏକ ? ଏବେ ଇଂରାଜୀରେ ଦା କଥାଟା ? ଏହି କୋଶଳୀ ବାଲକ ସହାୟକ ଅସ୍ତ୍ରମାନେ ସେମାନଙ୍କ ତଥାରୁ ଦେଖନ୍ତୁ ଓ ଆଶା କରୁଛୁ କୌଶଳ ଇତିହାସ ଏହିପରି ବାସ୍ତବ ଦୃଷ୍ଟାନ୍ତରେ ଉଦାହରଣ ହୋଇ ରହିବ ।

\+ + + +

ନେତାଜୀ ସୁଭାଷ ମାସରେ ଛଅଥର ଲେଖାଏଁ ମରୁଛନ୍ତି ଓ ଜୀଉଛନ୍ତି । ଏବେ ପୁଣି ଏକ ଖବରରେ ପ୍ରକାଶ ଯେ ଚୀନ— ସାଇବେରିଆ ସୀମାନ୍ତରେ ଅଲ୍ପ ଦିନ ତଳେ ତାଙ୍କୁ 'ଦିଲ୍ଲୀପତି' ସୈନ୍ୟମାନେ ଗୁଳିକରି ମାରି ଦେଇଛନ୍ତି । ପରେ ପୁଣି ଜଣାଯାଇଛି, ଏ ସମ୍ବାଦ ଅସମର୍ଥିତ ।

ସୁଭାଷ ମରି ଥାଆନ୍ତୁ ବା ଜୀଇ ଥାଆନ୍ତୁ—ସେ ଯେ ଚିରଦିନର ଅନେକଙ୍କର ଜୀବନ ହୋଇ ରହିବେ, ଏଥିରେ ସନ୍ଦେହ ନାହିଁ । ଯଦି ସେ ସତରେ ମରି ଥାଆନ୍ତି ତେବେ ତାଙ୍କର ଦେହ ମୃତ୍ୟୁ, ଜୀବନଠାରୁ ଅଧିକ କାର୍ଯ୍ୟକାରୀ ହେଲା ପରି ଜଣା ଯାଉଛି । ଏହାକୁ କହନ୍ତି— ହାତୀ ଜୀଇଥିଲେ ଲକ୍ଷେ ଟଙ୍କା ମଲେ ବି ଲକ୍ଷେ ଟଙ୍କା ।

× + × +

ବାଲେଶ୍ୱର ଜିଲ୍ଲାରେ ଗୋଟିଏ ଡେରୀର ଫାର୍ମ ହେବ ବୋଲି ପ୍ରସ୍ତାବ ହୋଇଛି । ସେଥିପାଇଁ ମନ୍ତ୍ରୀ ବାଳେଶ୍ୱର ସ୍ଥାନ ନିର୍ବାଚନ ଲାଗି ପରିଦର୍ଶନ କରିବାର ପ୍ରକାଶ । ଅଟମ ବନ୍ଧୁ ଦେଶରେ ଏମିତି ଛୋଟିଆ ପାଞ୍ଚଟା ଡେରୀର ଫାର୍ମ ହେଲେ ଲାଭ କ'ଣ ? ସୁବିଧା ଦେଖିବା କଥା ଏଥିପାଇଁ ଅଧିକ ଟଙ୍କା ଧନୀ, ପ୍ରତିପତ୍ତିଶାଳୀ ଲୋକ ଦୁଧ ଘିଅରେ ବହୁ ଖର୍ଚ୍ଚ କରି ପାରନ୍ତି । କିନ୍ତୁ ସାଧାରଣ ଲୋକେ ଯେଉଁ ଅଭାବରେ ସେହି ଅଭାବରେ ରହିବେ । ସେଥି ଲାଗି ଅଟମ ବନ୍ଧୁ ଯେ ସରକାର ଏମିତି ଗୋଟିଏ ଦୁଇଟା ଡେରୀର ଫାର୍ମ ନ କରି ସମବାୟ ସୂତ୍ରରେ ପ୍ରତି ଥାନାରେ ଡେରୀର ଫାର୍ମ ସ୍ଥାପନ କରନ୍ତୁ । ସେଥିରେ ସରକାରଙ୍କର ପଚିଶ ଟଙ୍କା ଅଂଶ ରହୁ କିନ୍ତୁ ଗାଁ ଲୋକଙ୍କର ଜଣକ ଅଂଶ ରହୁ ଏବଂ ସେମାନେ ବୁଝନ୍ତୁ ଯେ ପ୍ରକୃତରେ ଗୋ ସମ୍ପଦ ଭାରତର ସମୃଦ୍ଧ କଲ୍ୟାଣର ମୂଳସୂତ୍ର ।

× + × ×

Digitized by srujanika@gmail.com




ମଜାକଥା

# ନିଶା କାଟିବାକୁ ହେବ

ଲେଖା—ଅଖିଳ ନିୟୋଗୀ...
...ଅନୁବାଦ—କୁମାର ଶ୍ରୀବତ୍ସ

ବିଭା ହେଲେ ଯେ ଏତେବଡ଼ ବାଧାରେ ପଡ଼ିବାକୁ ହୁଏ... ସଦାନନ୍ଦ ଯଦି ଘୁଣାକ୍ଷରରେ ତା' ଜାଣି ପାରିଥାʼନ୍ତା, ତେବେ ହୁଏତ ସେ ବିବାହ ସ୍ଥଗିତ କରି ଦେଇ ନିଜର ନିଶ ଦ'ପଟକୁ ବଞ୍ଚେଇ ନେଇଥାʼନ୍ତା ।

ବାସର ରଜନୀର ନେଇ କେତେ ମାୟାମୟୀ କଳ୍ପନା...... ରାତି ରାତି ଜାଗି ସଦାନନ୍ଦ ନିଶାନ୍ତର ଶୁକ ତାରା ଆଡ଼େ ନିର୍ନିମେଷ ଭାବରେ ଚାହିଁ ଚାହିଁ କରି ନଥିଲା !

ବାପାଙ୍କ ସଙ୍ଗେ ତା'ର ଯେଉଁ ବନ୍ଧୁଟି କନ୍ୟା ଦେଖିବାକୁ ଯାଇଥିଲେ ସଦାନନ୍ଦ ତାʼଠାରୁ ଶୁଣି ନେଇଛି ଯେ ତା'ର ଭାବୀ ସଙ୍ଗିନୀ ଗାର୍ଲସ୍ କଲେଜ୍‌ର ଥାର୍ଡ଼ ଇୟାର୍‌ରେ ପଢ଼େ ।

ଯୋଉଁ ଝିଅ ଥାର୍ଡ଼ ଇୟାରରେ ପଢ଼େ ରବୀନ୍ଦ୍ରନାଥ, ମାନସିଂ ଆଉ ବୈକୁଣ୍ଠ ପଟ୍ଟନାୟକଙ୍କ କାବ୍ୟ କବିତାରେ ଯେ ତା'ର ଭଲ ରକମ ପ୍ରବେଶ ଅଛି... ଏକଥାଟା ଧରି ନିଆଯାଇପାରେ । କାରଣ ଝିଅ ଯେତେବେଳେ ଜ୍ଞାନ-ବୃକ୍ଷର ଫଳ ଖାଇ ସାରିଛି... ଅଥଚ ବିଭା ହୋଇନି,... ସେଇ ନିଃସଙ୍ଗ ନିରୋଳା ଜୀବନକୁ ତା'ର ରୋମାନସ୍‌ରେ ଭରପୂର କରି ରଖନ୍ତି ଏଇ କବି ଦଳ । ସେଇଥିପାଇଁ ବିବାହିତା ଝିଅଙ୍କ ଠାରୁ ଅବିବାହିତା ଝିଅ କାବ୍ୟ କବିତା ପଢ଼ିବାକୁ ଏତେ ଟିକ ଟିକ ଆଉ ଛନ ଛନ ହୁଅନ୍ତି । ଏସବୁ କଥା ଅବଶ୍ୟ ସଦାନନ୍ଦ ତା'ର ଅଭିଜ୍ଞ ବନ୍ଧୁମାନଙ୍କଠାରୁ ଶୁଣିଛି । ଶୁଣିଶୁଣି ତା' ମନ ଭିତରେ ଏମିତି ଗୋଟେ ଧାରଣା ବଦ୍ଧମୂଳ ହୋଇ ଯାଇଛି ଯେ ମଧୁଶଯ୍ୟା ଘରେ ନବବଧୂ ପ୍ରଥମେ ତାକୁ କବିତାରେହିଁ ସମ୍ବୋଧନ କରିବ ଏବଂ ସେ ଭକ୍ତି ଶ୍ରଦ୍ଧା ଓ ପ୍ରୀତି-ଗଦ୍‌ଗଦ କଣ୍ଠରେ ନିବେଦନ କରିବ......

"ଢୋଲ ଗୋ ଓଢ଼ଣା... ଅନାଅ ନୟନେ ମୋର
ସତେ ମୋ' ଲାଗି ଭ୍ରମର କଣ୍ଠ-ଦୋଳ !"

ବାସର ରଜନୀରେ ସଦାନନ୍ଦ ସେଇ ପ୍ରତୀକ୍ଷାରେହିଁ ଥିଲା । ଲଗ୍ନ ଥିଲା ଟିକେ ବେଶୀ ରାତିରେ ।

ବିଅହିଘର ଝିନ୍‌ଝନ୍ ସରୁ ସରୁ ଥିଲା ଟିକେ ଡେରି ହେଲା । ତା'ପରେ ବୁଢ଼ୀମା ଆଉ ଭଉଜ ବୋହୁମାନଙ୍କ ଉତ୍ପାତ ଅଛି । ତାମସା ପରେ ଘର ନିସେଳା ହେଲା ଯେତେବେଳେ... ଫୁଲ-ମଣ୍ଡିତ ବିଭା ବାସର ଘର୍ ସେତେବେଳକୁ ଅନେକାଂଶରେ ଦମି ଆସିଛି !

ଧ୍ୱଂ ତ ! ଝୁମୁର ଝୁମୁର ଶବ୍ଦ ତ ଶୁଣାଯାଉଛି । ସଦାନନ୍ଦ ଭାବି ବସିଲା ଅଳତାର ରଙ୍ଗରେ ନୂପୁରର ପ୍ରଚଳନ ଉଠିଛି କି ନା !

ହଠାତ୍ ମନେ ପଡ଼ିଗଲା—କବି ଗୋଲକଚନ୍ଦ୍ର—

"ଅଧ ଚାଚଳ ଚରଣ ଛନ୍ଦେ
ହେନା ଚମ୍ପକର ସୁରଭି ଗନ୍ଧେ
ନବଯୌବନର ମିଳନ ବନ୍ଧେ...
ଗୋପନ କୁଞ୍ଜବନେ...
ଅଧ ଚଂପକ ବରଣା ! ଅସଜୋ ରୁଣୁଝୁଣୁ ଶିଂଜନେ !"

ତେବେ ବେଶ୍ ରୋମାଣ୍ଟିକ୍ ହବ । ସଦାନନ୍ଦର ମନ ଭିତରେ ଯେମିତି ମଳୟ ପବନ ବହିବାର ଉପକ୍ରମ କଲା । ତେବେବି ମଲ୍ଲିମାଳଟା ହାତରେ ଧରି ନାକ ପାଖକୁ ନେଇ ଶୁଂଘିବାକୁ ଲାଗିଲା ।

ଅରୁଣା ଘର ଭିତରକୁ ପଶିଲା । ଦରଜାର ପରଦା ପରି ପ୍ରଥମେ ଓଢ଼ଣାଟା ଖୋଲି ପକେଇଲା । ଘର ଭିତରର ଇଲେକ୍‌ଟ୍ରିକ୍ ଟେବଲ୍ ଫ୍ୟାନ୍‌ଟା ଚାଲୁ ଥିଲା । ସଦାନନ୍ଦ ଏପର୍ଯ୍ୟନ୍ତ ସେଇଟା ଲକ୍ଷ କରି ପାରିନି । ଅରୁଣା ସୁଇଚ୍ ଟିପି ସେଇଟାକୁ ବନ୍ଦ କରିଦେଲା । ତା'ପରେ ଶିଳ୍ପୀ ଯେମିତି ମୂର୍ତ୍ତି ଗଢ଼ା ଶେଷରେ ସମାଲୋଚକର ଦୃଷ୍ଟିରେ ତନ୍ନତନ୍ନ ଭାବରେ ଭ୍ରୂଭଙ୍ଗୀ କରି ନିରୀକ୍ଷଣ କରେ, ସେଇପରି ଧ୍ୟାନ୍ ଦେଇ ଝିଅ ଚୋରା ଆଖି ଉପରେ ସଦାନନ୍ଦକୁ ଦେଖିବାକୁ ଲାଗିଲା । ସଦାନନ୍ଦ ମନେ କଲା ଏଇ ଭ୍ରୂଭଙ୍ଗୀ ପରେ ବୋଧହୁଏ ପରେ କବିତା ଆବୃତ୍ତି ହେବ ।

ଅରୁଣା ଟିକେ ପଲଙ୍ଗ ଉପରେ ଉଠିଆସି ପ୍ରାୟ ବସି, ପଇଲା ଓଠ ଫାଳିଟିଏ ନେପେଇ ଦେଇ ଭ୍ରୂକୁଞ୍ଚିତ କରି କହିଲା—"ନିଶଟା କିଛି ମୁଁ ଆଗେ ମୋଟେ ମାନୁନି... ଛିଃ !"

ଏଇ 'ଛିଃ' କଥାଟାରେ ସଦାନନ୍ଦ ଉପରେ ଯେ ଏମିତି ହଠାତ୍ ଥଣ୍ଡା ଗୋଟାଏ ପାଣି ଢାଳି ଦେଲା !

ବୋଧହୁଏ ସେ ଯାଇଁ କବିତାର ପଣାରେ କଲମ ଲେଖିଲା । ସମ୍ଭ୍ରମ ସ୍ପର୍ଶରେ ମିଳାଇ ରୋଚ ଉଚ୍ଚାରଣ କରୁଛି, ଅଥଚ ଏଟି କବିତା...'ଛିଃ' !

ସଦାନନ୍ଦ ଅପମାନିତ ହୋଇଗଲା ।

ଚାହିଁଲା—ତା'ର ନିଶଟା ହଠାତ୍ ଏମିତି କ'ଣ ଦୋଷ କଲା

Digitized by srujanika@gmail.com

ପଢ଼େଇଲ ? ଭଲ୍ ଚାକିରି, ସାଙ୍ଗ ସାଥୀ ତ କେତେ କେତେ ଅଛନ୍ତି ତା' ଭିତର କଥା କିଏ ଜାଣନ୍ତି ।

ସଦାନନ୍ଦ ଭୁମ୍ ହୋଇ କିଛିକ୍ଷଣ ବସି ରହିଲା । ତା'ପରେ ଟୋକି ଅପରାଧୀ କଣ୍ଠରେ ପଚାରିଲା—"କାହିଁକି ? କଣଟା ଏ ଅଦ୍ଭୁତ ହେଉଛି ଶୁଣେ ?"

ପ୍ରତ୍ୟୁତ୍ତରରେ ଅରୁଣା ଖିଲ୍ ଖିଲ୍ କରି ହସି ଉଠିଲା । କେତେ-ଗୁଡ଼ା କାଚ ପ୍ଲେଟ୍ ଯେମିତି ତଳେ ପଡ଼ି ହୋଇ ଚୂନା ହୋଇଗଲା… ସେ ହସ ଉମିତ୍ତ ମିଶ୍ର !

ସଦାନନ୍ଦ ଏଥର ଏକାବେଳକେ ଅତଳ ପାତାଳରେ ପଶିଗଲା ।

ଯଦି କହିଲେ କେତେ ପ୍ରତିବାଦ କରି ତ'ପର କଥା କହାଯାଇ ପାରେ, କିନ୍ତୁ ତାଙ୍କଠାରେ ବୟସରେ ଯାହାକୁ ଭଉଣୀ ଡ଼ାକ-ଯାଏ ସେଥିରେ ମାଙ୍କଡ଼ ମୁହଁ ପଡ଼ିବା ଛଡ଼ା ଆଉ ଉପାୟ କ'ଣ ?

ସଦାନନ୍ଦ ଗାଲରେ ହାତ ଦେଇ ଭାବି ବସିଲା—

ଢଂ ଢଂ କରି ଘଣ୍ଟା ବାଜିଲା । ମୁରୁକି ମୁରୁକି ହସି ଅରୁଣା କହିଲା—"ଏବେ ଶୁଅ ରାତି ଦଶ ହେଲାଣି । ଏ କହୁଥିବା କଥା ତମେ କୌଣସିମତେ ବୁଝି ପାରିବ ନାହିଁ… ଆଜି ରାତିଟା ସମସ୍ତ ବଦଳିଗଲା । ବର୍ତ୍ତମାନ ଭାବନା ବନ୍ଦ କରି ଶୋଇପଡ଼ ।"

ଫୁଲଶଯ୍ୟା ରାତି ।

କେତେ କ'ଣ କାମନା-ବାସନା ସଦାନନ୍ଦର ମନ ଭିତରେ ଗୁମରି ଗୁମରି ମରିବାକୁ ଲାଗିଲା । କିନ୍ତୁ ଏଇ 'ବଜ୍ଜର-ଦଣ୍ଡ' ନେଇ ସେ କୌଣସିମତେ ଅରୁଣାକୁ ସ୍ପର୍ଶ କରିବାକୁ ସାହସ କରି ପାରିଲା ନାହିଁ ।

ଏକ ଶଯ୍ୟାରେ ଦୁଇଜଣଯାକ ଶୋଇଛନ୍ତି—ହାତ ବଢ଼ାଇଲେ ତା'ର ରେଶମୀ ଶାଢ଼ୀରେ ହାତ ଲାଗୁଛି… ହଠାଏ ଅଟେଇ ଗଲେ ଅରୁଣାର ଘନକୃଷ୍ଣ କେଶରାଶି ଯେପରି ଇନ୍ଦ୍ରଜାଲ ସୃଷ୍ଟି କରୁଛି… କିନ୍ତୁ ସେଇ ମାୟାଧୂମରେ ସଦାନନ୍ଦର ପ୍ରବେଶାଧିକାର ନାହିଁ ।

କାଳ ହେଲା ଏଇ ବଜ୍ଜର ଦଣ୍ଡ ।

ସଦାନନ୍ଦ ଭାବେ—ଆଉ ଘୁମାଏ…

ଚନ୍ଦ୍ରାଲୋକ ଭାବନା ଅନ୍ଧାର କରିଯାଏ ! ଭାବି ଭାବି ଶେଷ ରାତିକୁ ସେ ସତ ସତ ଶୋଇ ପଡ଼ିଲା ।

ନିଦ ଭାଙ୍ଗିଲାବେଳକୁ ଅରୁଣା ଘର ଭିତରୁ ବାହାରି ଯାଉଛି । ଯିବା ପାଇଁ ବେଳେ ହଠାଏ ମୁରୁକି ହସି ଟିକେ ମାରି ଅରୁଣା କହି-ଗଲା—"ଉଠିବା ଆଗରୁ ଦର୍ପଣରେ ହଠାଏ ମୁହଁଟା ଦେଖିନବ ।"

ହାୟ ! ହାୟ ! ହାୟ !

ସବାରୁ ଉଚ୍ଚ ଉଜ୍ଜ୍ୱଳ ସେଇ ବଜ୍ଜର-ଦଣ୍ଡ !

ଅରୁଣା ସାରାରାତି ଶୋଇ ତା'ର ଜିଣି କଥାହିଁ ଭାବି ଭାବି କଟାଇଛି ।

ଜୀବନରେ ଫୁଲଶଯ୍ୟାର ରାତି ଥରେ ମାତ୍ର ଆସେ । ତଥାପି କ'ଣ ତାକୁ ଏଇ ବଜ୍ଜର ଦଣ୍ଡ କଥା ଭାବିବାକୁ ହେଉଥିଲେ ।

ହାୟ ହତଭାଗା ସଦାନନ୍ଦ !

ଏକ ଲମ୍ଫରେ ସଦାନନ୍ଦ ଡ୍ରେସିଂ ଟେବୁଲ୍ ଆଗରେ ମୁହାଁମୁହିଁ ଠିଆ ହେଲା ।

ଏ ସର୍ବନାଶ ! ଏଇଥିପାଇଁ ଦର୍ପଣରେ ମୁହଁ ଦେଖିବାକୁ ଏତେ ଅନୁରୋଧ ! ଅରୁଣା ତା'ର ଡାହାଣ ପାଖ ଦାଢ଼ିରୁ ଅଧେ କାଟି ନେଇଛି । ଡ୍ରେସିଂ ଟେବୁଲ୍ ଉପରେ ଗୋଟାଏ ବ୍ଲେଡ୍ ପଡ଼ି ରହିଛି । ସେତେବେଳକୁ ପାଖୁଛ ଓ ମୂର୍ଚ୍ଛିତ ହେଇ ପଡ଼ୁ ।

ହାୟ ସଦାନନ୍ଦ ଦଣ୍ଡ ! ଯୌବନରୁ କେତେ କଷ୍ଟରେ ସେ ତାକୁ ମଣିଷ କରିଛି ! ଯେତେବେଳେ ଦେଖା ଦେଇନ… ଅତି ସହ-ପାଠୀମାନଙ୍କର ଉଠିଛି… ସେତେବେଳେ ସେ ଗୋପନରେ ନିଜକୁ ଶୋଭିତ କରିଥିଲା ମାଟି ଖଣ୍ଡେ ଗୁହଁ ରଖିଲା ପରି ତା'ଙ୍କୁ ଧୁଆଁ ବଢ଼େ । ସେଥିରେ କ ଯୋଗ କରି ଅଣା ଦେଖାଗଲା ନାହିଁ—ସଦାନନ୍ଦ ଲୁଚେଇ ବଢ଼ ବାବାଙ୍କ ଦୂର ନେଇ ନ ଉଠିଥିବା ଦିନ କାଟିବାକୁ ଆରମ୍ଭ କରିଦେଲା । ଏଥିଅର ସତ ସତ ଘନ ଫଳିଲା ଏବଂ ବର୍ଦ୍ଧିତ ଭିତରେହିଁ ସେ ନିଜ ହେଲା ପରିଚିତ ହେଲା । ଏଇ ଦଣ୍ଡର ଲାଳନ ପାଳନ ପାଇଁ ସେ କ'ଣ ନ କରିଛି । କେଶ ବଢ଼ିବା ତେଲ ଓଷଧ କ୍ରିମ୍ ଏବଂ ଔଷଧ ମାଲିସ ସେ ଏଇ ଦଣ୍ଡକୁ ସୌନ୍ଦର୍ଯ୍ୟ ଆଣିବା ପାଇଁ କରିଛି ସଦାନନ୍ଦ । ଏଇ ଦଣ୍ଡ ତାର ବଳକାରର ଦେହରେ ହସ୍ତକାର ପ୍ରଧାନ କାରଣ ହୋଇ ଉଠିଲା । ଆଜି ଅରୁଣା ସିନା ସେଇ ଦଣ୍ଡ ଏଇ ଦଶା କରିଦେଲା ।

କଷ୍ଟରେ ଦେଖିଲା ଯୋଉ ଲୋକ ଦର୍ପଣରେ ତାର ଏପରି ସର୍ବନାଶ କରିଯାଇଛି ସେଇ ଅଧକଟା ଦଣ୍ଡ ପାଇଁ ପାଖରେ ପଡ଼ିଛି । ଦଣ୍ଡକୁ ସେ କୌଣସିମତେ ନଷ୍ଟ କରିବାକୁ ଦେଇ ନ ପାରେ । ତେବେ ଡାହାଣ ପାଖ ଯେଉଁ ଅଧେ କାଟି ଦିଆ ଯାଇଛି ତା ସାଙ୍ଗେ ସମାନ କରି ବାଁ ପାଖରୁ ସେତିକି କାଟିବାକୁ ହେବ ।

ଏଇ ଦଣ୍ଡ-ସଂସ୍କାର-କାର୍ଯ୍ୟ କରିବାକୁ ଯାଇ ସଦାନନ୍ଦର ଚକ୍ଷୁ ପାଣି ଭଳି ଝରିବାକୁ ଲାଗିଲା । ପାଚିଲ ମାନର କାଉ ଖାଇବାର ଜାଣୁ ଯେମିତି ଥିଲା ବାଳ କେଶରେ…ସଦାନନ୍ଦର ସମସ୍ତ ଶକ୍ତି ଏଇ ନିଶ ଭିତରେ ଅନ୍ତର୍ନିହିତ । ନିଶକୁ ତା'କୁ ବଞ୍ଚେଇ ରଖିବାକୁ ପଡ଼ିବ !

ଅଗତ୍ୟା ଆଗରେ ମୁହଁ ରଖି ପୁଙ୍ଖାନୁପୁଙ୍ଖଭାବେ ତୁଳନା କରି ସଦାନନ୍ଦ ଅବଶେଷରେ ବାଁ କଡ଼ର ତାଙ୍କର ପରିମାଣର ନିଶ କାଟି ପିଙ୍ଗି ଦେଲା ।

ଏଥର ତା'ର ମନଟା ହଠାଏ ନିଶ୍ଚିନ୍ତ ହେଲା । ସେତେବେଳେ ଅରୁଣା ପାଦ ଘୁଷି ଘୁଷି ଘରେ ପ୍ରବେଶ କଲା । ସଦାନନ୍ଦଙ୍କୁ ଅନେଇ ଖିଲ୍ ଖିଲ୍ କରି ହସି ଉଠି କହିଲା—"ଓହୋ…ଏଥର ତ ଚମତ୍କାର ହିଟଲର୍ ବନିଗଲ !"

ହିଟଲର !

ତମେ ସେ ଦର୍ପଣ ପାଖକୁ ଗଲା । ସତେ ତ ! ଅନେକଟା ହିଟଲର ପରି ତ !

ନାଁ—ଏଇ ନିଶ କଥା ଭାବି ଭାବି ସେ ପାଗଳ ହୋଇଯିବ ।

ଅରୁଣା ହାସ୍ୟ ଗୋପନ କରି କହିଲା—"ଅଚ୍ଛା, ତମର ଦାଢ଼ିକୁ ନିଶ ରଖିବାର ସଉକ୍…ତେବେ ଗୋଟାଏ କାମ କର । ମୋର ଭଉଣୀର ବାବୁ ଡାଇଙ୍ଗ୍-ଏକ୍ସପର୍ଟ । ତମର ଏ ନିଶକୁ ରଙ୍ଗିକି

Digitized by srujanika@gmail.com

ଚନ୍ଦ୍ରିକାର ଜୋଛନା ଝରଣାର ସ୍ନିଗ୍ଧତା ସେ ସ୍ୱପ୍ନ ଯାହା ସେ ଭଳି ଆଉ ନାହିଁ !"

ଅତୁଳ ସମୁଦ୍ରରେ ସଦାନନ୍ଦ ଯେପରି ଭାସି ଗଲେ । କହିଲେ, "ତା' ହେଲେ ଶୀଘ୍ର ଗଳ୍ପ କରି ଦେଉନାହଁ । ତାଙ୍କ ଘର କେଉଁଠି ?" ସଦାନନ୍ଦଙ୍କ କଣ୍ଠରେ ଉତ୍କଣ୍ଠା !

"ଜଗନ୍ନାଥପୁର ଗ୍ରାମରେ ।" ...ଅରୁଣା କହିଲା ।

ଗାମୁଛାଖଣ୍ଡରେ ସଦାନନ୍ଦ ଜିଜ୍ଞାସା କଲେ "ସେଠି କ'ଣ ସମସ୍ତେ ଭଲ ଅଛନ୍ତି ?..."

"—ମୋଟେ ଦୂରରେ..." ଅରୁଣା କହିଲା—"ତା ହେଲେ କଣ ମୁଁ ଭଲ ପାଇବି ପୁଣି ଯେଉଁ ଅତି ପାଖରେ ଅଛନ୍ତି ? ସଞ୍ଜ ସାରା ଚାନ୍ଦର ଦୁଧୀ କର କର ସବୁ ଆକାଶର ଶୋଭା ବଢ଼ାଉ ଥାଆନ୍ତି ।"

ସଦାନନ୍ଦ କହିଲେ, "ତେବେ ଏଇଠିକେଇ ଶୀଘ୍ର ମୁଁ ତାକୁ ଦେଖିବା ପାଇଁ ।"

ଅରୁଣା ତତ୍ପର୍ ହଠାତ୍ ଆମ ଭିତରେ ଲେଖକ ଦେଖା ଦେଇ ସଦାନନ୍ଦ ତାଙ୍କରେ ଗଲେ । ଆଉ ସଦାନନ୍ଦ ସାମ୍ନାରେ ଚିତ୍ର ସ୍ପଷ୍ଟ ଥିଲା ତାଙ୍କ ଧାରଣା ପାଇଁ ।..

ଉତ୍କଳବଙ୍କ ନାମ ଅରବିନ୍ଦ ବାବୁ । ଯେମିତି ମୋଟା ଦେହର...ସେମିତି କଥା କହିବାର ଭାବଭଙ୍ଗୀ ଭଲ ।

ଅରୁଣାର କଥା ଶୁଣି ପଡ଼ି ଗଲେ ହସରେ କହିଲେ— "ଏକ ଚିନ୍ତା ନାହିଁ, ସବୁ ଠିକ୍ କରି ଦେବି ମୁଁ । ଉତ୍କଳଙ୍କୁ ଝିଅ ବନ୍ଧୁ ଯେ ତାଙ୍କ ବନ୍ଧୁ ଚେଷ୍ଟା କରି ବ ଏତେ ଦିନରେ ଯୋଗ ଦେଇ ପାରି ନାହିଁ । ଆଜି ଆପଣଙ୍କ ସାଙ୍ଗେ ଯାଇ ସେଇ ଭୁଲ ପରିଶୋଧ କରିବ । କାଲି ଏଇ ଘଡ଼ିରେ ।"

ଯା ହେଉ, ଏତେଦିନକେ ସଦାନନ୍ଦ ଉତ୍କଣ୍ଠିତ ହେଲେ । ପୃଥିବୀରେ ତା' ହେଲେ ମୁକ୍ତିର ପଥ ଏବଂ ସଂସାର ଉପାସ୍ୟ ବି ଅଛି । ସେଥିପାଇଁ କୋଇଲି ଏ ହୃଦ ପଟର ସୁର ଏମିତି ଉଠୁଛି ।

ତାହାପରେ ସହାନୁଭୂତିର ପ୍ରତିଧ୍ୱନି ଉଠିଲା ଉତ୍କଳଙ୍କ ଗଳାରୁ । ... କହିଲେ— "ଏଥର ବର୍ଷାରେ ଦେଖନ୍ତୁ ହେଉ—"

ସଦାନନ୍ଦ ଘରକୁ ଭଲ ବେଶ ହୋଇ ଗଲେ । ଗୋଟାଏ ଚିତ୍ର-ନୀରବ ଦର୍ପଣ ସାମ୍ନାରେ ଯେମିତି ତାକୁ ଦେଖି ଦେଲେ ଉତ୍କଳଙ୍କ ଝିଅ .. ଏଥର ପୁଣି ସବୁ ତା'ର ହେଉ ଅଛ ମନରେ । କହିଲେ —"ଏ କଣ ! ଏତେଦିନରେ ଶାନ୍ତି ଭଲ ବନି ଦେଇଛ ଯେ !' ...ସମ୍ଭାଷଣର ଉଣ୍ଡଣୀ !!

ଉତ୍କଳଙ୍କ ଝିଅ ହସି କହିଲେ—"ବାଃ ! ଅରୁଣାର ସାଥିରେ ତ ଯୋଗ ଦେଲେଣି !"

ସଦାନନ୍ଦ ଏକାଥର ବଡ଼ ହୋଇ ଗଲେ ଚେହେରା ଉଜ୍ଜଳ ହସିକି କହିଲେ— 'କେମିତି ଲାଗିଲୁ ?"

ଅରବିନ୍ଦ ବାବୁ ଉତ୍ତର ଦେଲେ, "ଭଲ୍ ଏ ଭଳି ଦୌଡ଼ିବି ମନେ ଥିଲା ନାହିଁ...ଏତେଦିନରେ ଉତ୍ତର ଯେ !"

ସଦାନନ୍ଦ ଅରବିନ୍ଦ ବାବୁଙ୍କ ହାତ ଧରି ଉତ୍ସାହ ... ଆଗରେ କଲେ, "ତା'ହେଲେ କ'ଣ କରିବ ମୁଁ ?"

ଅବଶେଷରେ ସମ୍ପୂର୍ଣ୍ଣ ରସ ଭରି ଅରବିନ୍ଦ ବାବୁ ଉତ୍ସାହ ... ପରେ ସୁର ତାଙ୍କର ବନ୍ଧୁ ସଦାନନ୍ଦଙ୍କ ହାତରେ ଦେଇ କହିଲେ— "ତେବେ ଅରୁଣା ଦେବୀଙ୍କ ସନ୍ଧାନ ପାଇଁ ଚୂର୍ଣ୍ଣ ହେଉ !"

---

✻ ଏଇ ବିଦେଶୀ ଗଳ୍ପ ପଢ଼ି ମନେ ଖୁବ୍ ଭଲ ଲାଗିଲା । ହାସ୍ୟରସାତ୍ମକ — ମାତ୍ର ଅଶ୍ଳୀଳ ନୁହେଁ । ମୁଁ ଓଡ଼ିଆ ହାସ୍ୟରସାତ୍ମକ ପାଠ ଲେଖକମାନଙ୍କୁ ଏଇ ଗଳ୍ପ ଭେଟି ଦେଉଛି ।—ଲେଖକ ।

# THE UTKAL YADAV CHATRABAS—BHADRAK.

A relief Camp for the
YADAV STUDENTS OF ORISSA
Established— 1945.

The Bhadrak Yadav Samiti, Calcutta have already acquired a piece of land in the Bhadrak town for the above noted Chhatrabas which is now located in a rented house. The said Samiti have also sanctioned a lump sum annual grant of Rs. 360/- to the Chhatrabas for the benefit of the deserving students. House construction may begin at once if necessary funds are available. Kind attention of the generous public especially that of the enlightened Yadavs all over Orissa is ver[y] urgently invited to this enterprise to save the existence of the mo[st] sacred, ancient and heroic race from the state of further downfall.

"Jai Gopal"

Charampa (Bhadrak)

The Ist. December 1946.

RAM CHANDRA PALA
Secretary,
The Utkal Yadav Chhatrabas,
Bhadrak.

Digitized by srujanika@gmail.com




# ଫଲ୍‌ଗୁ

ଲେଖକ—
ଶ୍ରୀ ନଟବର ପ୍ରଧାନ

ପୂର୍ବର ସୂର୍ଯ୍ୟ ପଶ୍ଚିମକୁ ଅସେ; ହଳଦି-ଫଗୁ ମିଶା କରଣ ବୁଣି ଦେଇଯାଏ । ଅଜ୍ ଯୋଗେଇଁ ଝିଅ 'ପ୍ରେମ' ଉତୁଙ୍ଗ ପ୍ରାସାଦ ଉପରକୁ ଉଠି ଟିକିଏ ମୁକ୍ତ ବାୟୁ ପାଏ । ଦିନ ଭିତରେ ଏଇ ସମୟ ଟିକ ତା'ର ଅତି ଅପଣାର । ଭୁଲରେ ବି ପ୍ରେମ କେବେ ଏଇ ପ୍ରାସାଦ ଉପରକୁ ଉଠିବାରେ ଅବହେଳା କରେ ନାହିଁ ।

ଆଖି ତା'ର ଯାଏ ଦୂରକୁ ଦୂରକୁ । ସେ ଦେଖେ……ଖାଲି ଦେଖେ……ପଥଘାଟ କେତେ ପାଣି ରାସ୍ତା ଦେଇ ଚାଲି ଯାଆନ୍ତି…କଳା—ଧଳା—ନାଲି । ପୁରୁଷ ସ୍ତ୍ରୀ ଅଲଗା ଅଲଗା । ଯୁବକ ଯୁବତୀ ହାତ ଧରାଧରି ହୋଇ ଚାଲିଯାଆନ୍ତି…ସେ ଅଜ ଦେଖି ପାରେନାହିଁ । ତା'ର ଛାତିରେ କିଏ ଧଡ଼ାସ୍ ଧଡ଼ାସ୍ ହାତୁଡ଼ି ପିଟେ—ସେ ମୁହଁ ଫେରେଇ ଆଣେ । ତା'ର ଅଜାଣତରେ ସେ ଅତି ଯତ୍ନରେ ବନ୍ଧା ବେଣୀକୁ ମୁକୁଳାଇ ପକାଏ; ବେଣୀର ମଧୁମାଳତୀ ପେନ୍ଥାକୁ କାଢ଼ି ତଳକୁ ପକାଇଦିଏ । ଫୁଲ ପ୍ରାସାଦ ଉପରୁ ଖସେ…ପଡ଼େ କେତେ ନାଇଁ କେତେ ତଳେ । ଆଖିରେ ତା'ର ପାଣି ଭରିଯାଏ ।

ଉଚ୍ଚ ପ୍ରାସାଦ ଉପରେ ଠିଆ ହୋଇ ପ୍ରେମ କେବେ ନିଜକୁ ସେହି ଉଚ୍ଚ ମହଲର ବୋଲି ଭାବିନାହିଁ…ଯେପରି ସେ କେଉଁ ଅଜଣା ଦେଶର । ତାର ଇଚ୍ଛା ସେ ପ୍ରାସାଦ ଉପରୁ କେଉଁ ପହଞ୍ଚନ୍ତା ସେହି ପାଣି ରାସ୍ତାର ! କେତେ ମୁକ୍ତ କେତେ ସହଜ ! ସୀମାହୀନ ରାସ୍ତା ଉପରେ ସେ ଛିନ୍ନଗତିରେ ଦୌଡ଼ନ୍ତା, ତଥାପି କ୍ଳାନ୍ତି ବୋଧ କରନ୍ତା ନାହିଁ । ରାଜପ୍ରାସାଦର କୋଠରୀରୁ କୋଠରୀ ଅଳସ ଚରଣରେ ଘୂରି ଯେପରି ସେ ଥକି ଯାଇଛି !

ଠିକ ଏତିକିବେଳେ କେଉଁଠି ଅଚିହ୍ନା ଛବି—ରାସ୍ତା ଉପରେ ପାଏ । ସେହି ଚିହ୍ନା ଅଚିହ୍ନା ଛବି ପ୍ରତି ତା'ର ଭାରି ଆସକ୍ତି । ସେ ଉପରୁ—ଏତେ ଉପରୁ ଦେଖି ତୃପ୍ତି ପାଏ । କେତେବେଳେ କାହିଁ ସେହି ଚଳନ୍ତି ଛବିଟିକୁ ସେ ଭଲପାଏ । ଚଳନ୍ତି ଛବିଟିର କେବେ କେବେ ଦେଖା ମିଳେନାହିଁ—ତା'ର ଆଖି ତାକୁ ଖୋଜି ବୁଲେ, ପାଏନାହିଁ । ପ୍ରାଣ ତା'ର କାନ୍ଦି ଉଠେ । ଚଳନ୍ତି ଛବି ତା ରାସ୍ତାରେ ଯାଏ ଆସେ, କି ମନ କରି ସେ ଯାଏ ? ତା'ର ସହିତ ତା'ର କେବେ କେବେ କଥା ନାହିଁ ନା ବାର୍ତ୍ତା ନାହିଁ—ସେ କିଏ ସେ ଜାଣେନା… ତଥାପି ସେ ଭଲ ପାଏ । ରାତିରେ ପ୍ରେମ ତା' କଥା ଭାବେ, ଆଖିରେ ନିଦ୍ରା ପଡ଼େ ନାହିଁ । ସେପରି ଅଚିହ୍ନା ଅଜଣା ସାଥି ପାଇଁ ତାର ମନ କନ୍ଦେ—ରାଜପ୍ରାସାଦର କୋଠରୀରୁ କୋଠରୀ ଖୋଜିଯାଏ, ପାଏନାହିଁ । ରାଜପ୍ରାସାଦର ପଥର ପାଚେରୀ ଭେଦ କରେ ମନେ ମନେ ।

ସେଦିନ ପ୍ରାସାଦର ଛାତ ପାଚେରୀ ଉପରେ ମୁଣ୍ଡ ରଖି ଦୂର ପଥର

ଦେଶର ଶ୍ୟାମଳ ବନାନୀ ଉପରେ ଦୃଷ୍ଟିପାତ କରି ପ୍ରେମ ଭାସି ଯାଉଥିଲା କଳ୍ପନା—ଆକାଶ—ପାତାଳ—

ଚଞ୍ଚଳା ସେ କି ଶୋଇଲା । କପ୍ରୂର ଲଭି ଆସିଛି । ଧୀରେ ଧୀରେ ଆସିଲା । ତା'ର କଳା କଳା ହାତ ଦୁଇଟାରେ ପ୍ରେମର ଆଖି ଦୁଇଟି ଧରିଲା…ପ୍ରେମ ଦେହସାରା ଥରିଗଲା…ତା'ର ଦେହ ଝାଳେଇ ଗଲା । ସେ ଅବଶ ଗଳାରେ କହିଲା—

"କିଏ ?"

"ମୁଁ ।"

"ତୁମେ !" ଛାତି ଭିତରେ ପ୍ରେମ ଫୁଲି ଫୁଲି କହିଲା ।

"ବେଣୀଟା ଖୋଲି ଯାଇଛି କାହିଁକି ?—ମଧୁମାଳତୀ ପେନ୍ଥାଟା—?"

"ହଁ, ହାତରେ ବେଣୀଟା ବାନ୍ଧିଦିଅ ।"

"ମୋର ଗରଜ ପଡ଼ିଛି !"

ଚଂଚଳା ହାତ ଛାଡ଼ିଦେଲା ।

ପ୍ରେମ ଫେରି ପଡ଼ି ଚାହିଁଲା—ଚଂଚଳା । 'ଏଁ' କହି ତା ଆଡ଼କୁ ଏତେ ଏତେ ଆଖି କରି ଦେଖିଲା । ଚଂଚଳା ଥଟ୍ଟା କରି କହିଲା—

"କେତେ ବଡ଼ କଥା ଭାବୁଥିଲୁ କି ପ୍ରେମ ଅପା ?"

ପ୍ରେମ ରାଗ ଓ ଅଭିମାନ ମିଶା ସ୍ୱରରେ କହିଲା—

"ମୋ କଥା ! ହଁ—ଭଲା ଗପ, ଅସଲ ରେଂଗୁଆଣ୍ଟିଏ, ଦେଖିବାକୁ ଭଲ ଭାଉଜ ତୋର ଲୋଭ ହେବ ।"

——❋——

Digitized by srujanika@gmail.com



**ଜହର**—ଅନନ୍ତ୍ୟା 'ଦ' ଗ୍ରୁପ୍ ଦ୍ୱାରା ଅଭିନୀତ । ଲେଖକ ଏଏ ଜଣା ପଡନ୍ତି ନାହିଁ । ନାଟକର ଉଦ୍ଦେଶ୍ୟ ଅସବର୍ଣ୍ଣବାଦ ପ୍ରଚାର ଓ ବର୍ତ୍ତମାନ ହିନ୍ଦୁ—ମୁସଲମାନ ସମସ୍ୟାଗୁଡ଼ିକର ସମାଧାନ । ପ୍ରଥମ ଉଦ୍ଦେଶ୍ୟଟି ସମ୍ପୂର୍ଣ୍ଣ ପରିମାଣରେ ସାଧିତ ହୋଇଛି ସତ କିନ୍ତୁ ଦ୍ୱିତୀୟଟିର ସମାଧାନ କରିବାକୁ ଯାଇ ଲେଖକ ସମସ୍ୟାଗୁଡ଼ିକରେ ପଡ଼ିଛନ୍ତି ଓ ନାଟକର ଶେଷ ସ୍ପର୍ଶ (Finishing touch) ଠିକ ଭାବରେ ଦେଇ ପାରି ନାହାନ୍ତି । ଏହାଛଡ଼ା ଲେଖାର ଅନ୍ୟ ଗୋଟିଏ ଭିତରର ଉଦ୍ଦେଶ୍ୟ ଅଛି ଯାହା ଭଲ ଭାବରେ ପରିସ୍ଫୁଟ—ତାହା ହେଉଛି ଅନ୍ୟ ଗୋଟିଏ ଯାତ୍ରୀ ଅନୁଷ୍ଠାନର ସମାଲୋଚନା—ଦେବକୁମାର ଭୂମିକାର ଅବତାରଣା କେବଳ ଏହି ଉଦ୍ଦେଶ୍ୟର ପରିପୂରଣ ଲାଗି । ଠାଏ ଠାଏ ସମାଲୋଚନା ବଡ଼ ଉତ୍କଟ ହୋଇଛି । ଏହା ଲେଖକ ସ୍ୱତଃ ଲେଖିଛନ୍ତି ବା ପରିଚାଳକମାନଙ୍କ ଦ୍ୱାରା ଉପଦିଷ୍ଟ ହୋଇ ଲେଖିଛନ୍ତି—ତାହା କେବଳ ଠାକୁର ଜଣା । ଯାହାହେଉ ଏହାଦ୍ୱାରା ଲେଖକ ବା ପରିଚାଳକ ହୀନ ମନୋବୃତ୍ତିର ପରିଚୟ ଦେଇଛନ୍ତି । ରଙ୍ଗ ମଞ୍ଚରେ ଏପରି କଳହ ସୃଷ୍ଟି ଚେଷ୍ଟା କରିବା ଦ୍ୱାରା କଳାର ଗୌରବ ବଢ଼ିବ କି ? ଅସବର୍ଣ୍ଣବାଦ ପ୍ରଚାର କରିବାକୁ ଯାଇ ଲେଖକ ନାଟକଟିକୁ ବଡ଼ ଜଟିଳ କରି ପକାଇଛନ୍ତି । ଶେଷ ଦୃଶ୍ୟରେ 'ସମାଧାନ ନାଟକର' ଯେଉଁ ଦୃଶ୍ୟ ଦେଖା ହୋଇଛି—ତାହା ପ୍ରକୃତ ହିନ୍ଦୁ ମୁସଲମାନ ମିଳନର ସମାଧାନ କି ଓ ଏହି ଅର୍ଥ ବୁଝାଉଛି କି ?

ଅଭିନୟ ଦିଗରୁ ଦେଖିବାକୁ ଗଲେ ମୋଟ ମୋଟି ଭଲ ହୋଇଛି । ଜହର ଭୂମିକାରେ ଯେ ଅଭିନୟ କରିଛନ୍ତି ତାଙ୍କର ଅଭିନୟ ଉଲ୍ଲେଖ ଯୋଗ୍ୟ । କିନ୍ତୁ ତାଙ୍କର ବକ୍ତୃତାଗୁଡ଼ିକ ଲମ୍ବା ଲମ୍ବା ହୋଇଥିବାରୁ ଦର୍ଶକର ମଧ୍ୟେ ମଧ୍ୟେ ଧୈର୍ଯ୍ୟଚ୍ୟୁତି ଘଟେ । ଉଷା ଭୂମିକାର ଅଭିନୟ ମନ୍ଦ ନୁହେଁ—ଦେବକୁମାର ଭୂମିକାର ଅଭିନୟ ଉପଭୋଗ୍ୟ କିନ୍ତୁ ଠାଏ ଠାଏ ଅତି ବେଶୀ (Over acting) ହୋଇ ଯାଉଛି । ଅନ୍ୟାନ୍ୟ ଭୂମିକାର ଅଭିନୟ ମୋଟାମୋଟି ଚଳନୋପଯୋଗୀ । ମିଲ ମାଲିକ ରାମପ୍ରସାଦଙ୍କୁ ଟିକିଏ ବୟୋଜ୍ୟେଷ୍ଠ କରାଇଥିଲେ ଭଲ ହୋଇଥା'ନ୍ତା ।

ଅନ୍ୟାନ୍ୟ ବେଳେ ସାମାନ୍ୟ ତ୍ରୁଟି ରହି ଯାଇଥିଲେ ମଧ୍ୟ ଅଭିନୟ ଦିଗରୁ ନାଟକଟି ସାଫଲ୍ୟମଣ୍ଡିତ ହୋଇଛି ।

ଦୃଶ୍ୟ ସଜ୍ଜା ଓ ସାଜସଜ୍ଜା ବିଷୟରେ ସେମିତି କହିବା କିଛି ନାହିଁ । ନାଟକର ଆରମ୍ଭରେ ଓମର ପାଗଳଙ୍କର ଯୋଗ୍ୟ ବେଶରେ ନୃତ୍ୟ ବେଶ୍ ସୁନ୍ଦର କଳ୍ପନା (idea) କିନ୍ତୁ ନୃତ୍ୟର ପରିସ୍ଫୁର୍ତ୍ତି ହୋଇ ପାରିନାହିଁ । ତା'ହେବା ଛଡ଼ା ନାରୀରେ ଏ ରକମ ଧରଣର ନୃତ୍ୟ ଦେଖେଣ ଉଚିତର । କେତେକ ଜନତା ମଧ୍ୟ ଦେଖି ଶିଖିବାର ଅଛି ।

ସଙ୍ଗୀତକୁ ଅନନ୍ତ୍ୟା 'ଏ' ଓ 'ବ' ଗ୍ରୁପ୍ ଅବହେଳା କରି ଅଛନ୍ତି ।—ଏଥିରେ ଯେଉଁ ଦୁଇ ଗୀତ ଅଛି—ତା' ଭିତରେ କେବଳ ଗୋଟିଏ ମାତ୍ର ଉଚ୍ଚାରଣର ଅନ୍ୟଂସୁଡିକ—ଏଥିରେ ସଙ୍ଗୀତ ଓ ଗାୟକର ଅନୁବାଦ ଉଭୟ ମନେହେଉ ।

ସଂଗୀତ ନାଟକର ବିଶେଷ ଅଙ୍ଗ ଏ କଥା ବୋଧହୁଏ ପରିଚାଳକମାନେ ଭୁଲି ଗଲେଣି ।

—*—


## ଜୁଟିଯୁକ୍ତ ହାତବନ୍ଧା ଘଡ଼ି

### ଯୁଦ୍ଧ ପୂର୍ବ ଦାମରେ ।



ଯେ କୌଣସି ରକମର ହାତବନ୍ଧା ଘଡ଼ି, ଠିକ୍ ସମୟ ଦିଏ । ମଜବୁତ କଳକବ୍ଜା, ପାଞ୍ଚବର୍ଷ ଗ୍ୟାରେଣ୍ଟି ଯୁକ୍ତ—ଗୋଲ କିମ୍ବା ଚୌକୋଣିଆ କ୍ରୋମିୟମ କେସ ଘଡ଼ି ୫୨୦, ଉତ୍କୃଷ୍ଟ ୫୨୫, ନୂଆ ଟନ୍ନୁଂ କରି ୫୩୧ ଟେଡ଼ା କିମ୍ବା ଅନ୍ୟରକମର କ୍ରୋମିୟମ କେସ୍ ୫୩୬ । ଉତ୍କୃଷ୍ଟ ୫୦୫ । ସ୍ତ୍ରୀମାନଙ୍କ ହାତବନ୍ଧା ଘଡ଼ି ୫୪୦ । ରୋଲ୍ଡଗୋଲଡ (ସୁନା) କେସ୍ ୧୦ ବର୍ଷ ଗ୍ୟାରେଣ୍ଟି ଯୁକ୍ତ ୫୩୦, ଉତ୍କୃଷ୍ଟ ୫୩୫, ରୋଲ୍ଡଗୋଲଡ (ସୁନା) ୧୫ ଜୁଏଲଯୁକ୍ତ ୫୬୫, ଉତ୍କୃଷ୍ଟ ୫୮୦ । ଡାକଖର୍ଚ୍ଚ ୫୦ । ଦୁଇଟି ଏକସଙ୍ଗରେ ନେଇଲେ ଡାକଖର୍ଚ୍ଚ ପଡ଼େନାହିଁ । ମିଲିଟାରୀ ଏବଂ ଅର୍ଡର ପଠାଇଲେ ପୁରା ଦାମ ଏଡ଼ଭାନ୍ସ ପଠାଇବାକୁ ପଡ଼ିବ । ଚିଠିପତ୍ର ଇଂରାଜୀରେ । ବ୍ୟାରିଙ୍ଗ ଡାକରେ ବନ୍ଦ କରି ଯାଉଛି ।

CALCUTTA WATCH CO. (Cec. 7001).

P.O. Box No. 12203. CALCUTTA.


Digitized by srujanika@gmail.com

# ହୀରାକୁଦ ବନ୍ଧ

ଶ୍ରୀ ଭାରତଚନ୍ଦ୍ର ନାୟକ

ହୀରାକୁଦର୍ ବନ୍ଧାଟ୍ ଲାଗି ଟାଉମାନେ ଉଠେହେଲେ, (୧)
ବୁଢା ବୁଢା ଭେଉ୍ ପଛେ ମୁର୍ଦ୍ଦାର୍ ଦେବେ ମଟେହେଲେ (୨)
କୁକଡ଼ ଗୁଟେ ବୁଢା ଘଟେ ଦେଲେ ଢେନ୍ଦା ଢେଢା, (୩)
ମାଏଝିମାନେ ଉଲ୍ଲଛନ୍ ତ ସମ୍ବଲେଇ ଭୂଏଲ୍ ମାନ୍ତା । (୪)

ଦେବା ଦେବୀ ଛୁଲ୍ଲହାନର ଜଳସ୍ତରେ ନାଇଁ ନ, (୫)
ଥାଏଟେ ଜଦ ବଟ୍ଟୀପ୍ସା ଯୀବ ମନ୍ଥୁଥାଏଟେ ସାଇଁନ । (୬)
ଈ ବଟ୍ଟୀପ୍ସେ ଭେଜେ ଲବାର ସଫଲ୍ ପ୍ରଭ୍ ଭେ ଖାଏବେ, (୭)
ଖାଇବାଲିର୍ ସଫଲପ୍ରସ୍ସେ ଈମାନଙ୍କୁ ଚାଣା ପାର୍ବେ । (୮)

ମାହାପ୍ରୁ ଥିଲେ ବୁଝିବା ନ ଜାଏ ଚାଣା ନାଇଁ କର୍ବା, (୯)
ଈ ମାନେ ଯେତେ ଅନାଏ କଲେ ଟେ ଚାଣା ନାଇଁ ଧର୍ବା । (୧୦)
ଭଙ୍ଗ୍ ବାଇଁଗନ୍ ପାଟଲଘଁଟା ଇଠାନେ ଚାଣା ଜମାମା, (୧୧)
ଗୁଡ଼୍‌ସ ଚନା ଜଦମୂଲ ଖଢା ଢେନ୍ଦା ଭର ଗୁଢ଼୍‌ମା । (୧୨)

ଈ ମାନ୍‌ଭର୍ ଲାଗି ଜୀବନ୍ ପିବା ଢେନ୍ଦା ଭର ଖଟ୍ଟେମା, (୧୩)
ଢେନ୍ଦା ଭର୍ମା, ବନ୍ଧା ହେଲେ ପାଟନା ସ୍ଟେଜ୍‌ରେ ଭାର୍ମା । (୧୪)
ବଟ୍ଟୀପ୍ସେ ଢେନ୍ଦା ସମଲ୍ ପ୍ରଭ୍ ଭେ ଧର ରଖିବେ ଦେଖ୍‌ମା, (୧୫)
ଫଢ଼ାଂ ଫଢ଼ାଂ ଟେଙ୍ଗି ଢେଙ୍ଗି ଶୁନ୍ଗଢ୍ ଅଂଶ ମାର୍ମା । (୧୬)

ନଦୀ ଢେନ୍ଦା ବନ୍ଧା ହେବା ସମ୍ବଲେଇ ଅମର୍ ଅଛେ, (୧୭)
ବନ୍ଧା ହେଲେଭି ଭୁସ୍‌ଲପିବା ବଟ୍ଟୀପ୍ସେ ଦେଖ୍‌ବେ ମଛେ । (୧୮)

---

[୧] ଉଠେହେଲେ—ଉଠିଲେ [୨] ବୁଢା ବୁଢା—ବଡ଼ ବଡ଼, ଭେଉ୍—ଜନ୍ତୁ, ମୁର୍ଦ୍ଦାର—ଶବ; ମଟେହେଲେ—ପଢ଼ିଲେ । [୩ କୁକଡ଼—କୁକୁଡ଼ା; ବୁଢା—ବୋଦା; ଢେନ୍ଦା—ଢପର; ଢେଢା—ଧ୍ଵଂ ଅନ୍ତା । [୪] ମାଏଝିମାନେ—ସ୍ତ୍ରୀମାନେ; ଭୂଏଲ୍—ଭାଲେ; ମାନ୍ତା—ମାନନ୍ତା । [୫] ଛୁଲ୍ଲହାରେ—ଉଚ୍ଛିଷ୍ଟରେ; ନାଇଁନ—ନାହିଁ । [୬] ସାଇଁନ—ସିନା । [୭] ଲବାର୍—ଉଦ୍ଵାସ୍ । [୮] ଚାଣା—ଜଣ; ପାର୍ବେ—ପାରିବେ । [୯] ମାହାପ୍ରୁ—ମହାପ୍ରଭୁ; ନାଏ—ନ୍ୟାୟ । [୧୦] ଅନାଏ—ଅନ୍ୟାୟ । [୧୧] ଭଙ୍ଗ୍—ଦୋକ୍ତା; ବାଇଁଗନ୍—ବାଇଗଣ; ପାଟଲଘଁଟା—ବିଲାତିବାଇଗଣ; ଇଠାନେ—ଏଠାରେ; ଜମାମା ଜମାଇବା । [୧୨] ଗୁଡ଼ସ ଚନା—ଗୋଲଚଣା । [୧୪] ଭୁଟ୍‌ମା—ପଳେଇବା । [୧୮] ଭୁସ୍‌ଲପିବା—ଭାଙ୍ଗିଯିବ ।

Digitized by srujanika@gmail.com



**କବିତା କୁମୁଦ** — ଶ୍ରୀ ଚନ୍ଦନଚରଣ ପଟ୍ଟନାୟକ । ପ୍ରକାଶକ—ମହାପ୍ରସାଦ ବ୍ରଦର୍ସ—ପୃଷ୍ଠାସଂଖ୍ୟା—ମୂଲ୍ୟ—ଦୁଇଟଙ୍କା ବାରଅଣା ।

ଏହି ପୁସ୍ତକଟିରେ ଆମ୍ଭମାନେ କବିଙ୍କଠାରୁ ଉପହାର ପାଇ ତାଙ୍କୁ ଶ୍ରଦ୍ଧାର୍ପଣ କରୁଛୁଁ । ଏହା କବିଙ୍କ ରଚିତ ଗୀତ ଓ ଖଣ୍ଡ କବିତାର ସଂଗ୍ରହ ଏବଂ ଚନ୍ଦନ ଗ୍ରନ୍ଥାବଳୀର ପ୍ରଥମଖଣ୍ଡରୂପେ ପ୍ରକାଶିତ । ଉତ୍କଳର ବହୁ ଗଣ୍ୟମାନ୍ୟ ସାହିତ୍ୟିକ ଏହା ପାଠ କରି ଉଚ୍ଚ ଅଭିମତ ପ୍ରକାଶ କରିଛନ୍ତି ଓ ପ୍ରବୀଣ ପୁରୀ-ସାହିତ୍ୟ-କଶଳୀ ଅର୍ଦ୍ଧ-ଚନ୍ଦ୍ରଭ ମହାନ୍ତି ଏ ପୁସ୍ତକର ଭୂମିକା ଲେଖିଛନ୍ତି । ଏହା କବିଙ୍କ ଲେଖନୀର ପ୍ରଥମ ଅବଦାନ ।

ଚନ୍ଦନଚରଣ ଜଣେ ଉତ୍ସାହୀ ପ୍ରବୀଣ ସାହିତ୍ୟ ଭକ୍ତ । ଉଚ୍ଚ ଆଧୁନିକ କଥା ଅନ୍ୟମାନଙ୍କ ଭଳି ତାଙ୍କୁ ଆଧୁନିକତାର ଉଚ୍ଛୃଙ୍ଖଳତା ଘୋଡ଼ାଇ ନ ପାରି ଭବିଷ୍ୟତ ଓ ଗୌରବମୟ ଅତୀତକୁ ତାଙ୍କର ଦୃଷ୍ଟି ଦେଇଛି । ଓଡ଼ିଆ କବିତା ପ୍ରାଚୀନଙ୍କଠାରୁ ନୂଆ ଆକାର ଧରି ଯାଉ ଏହା ସତ୍ୟ । ଭଞ୍ଜଯୁଗର ଠାରୁ ଯେଉଁ ରୂପ ରେଖ ଧରି ଚାଲିଥିଲା, ଏହାକୁ ସମସ୍ତେ କହୁଛନ୍ତି 'ପ୍ରଗତି' । ଏବେ ଚନ୍ଦନ ଛନ୍ଦକୁ ଘୋଡ଼ାଇ ପରିବାଦ କରି ଏକାକୀ ଛିଡ଼ା ହୋଇଥିଲେ । ପ୍ରବନ୍ଧ ଜୀବନ ଓ ସାମାଜିକ ରୁଚି ପ୍ରବାହ ବଢ଼ୁଥିବାରୁ ଏକାକୀ ଛିଡ଼ା ହେବା ସହଜ କଥା ନୁହେଁ । ଏଥିପାଇଁ ଯେ ତାଙ୍କୁ କେତେ କଷ୍ଟ ସହିବାକୁ ପଡ଼ିଥିଲା ତାହା ସେହି ଜାଣି-ଥିବେ । ମାତ୍ର କବିଙ୍କ ଦୃଢ଼ତା ଯେ ନିଜର ସାଧୁ ମତବାଦ କେବଳ ଗୌରବ ପ୍ରଚାର ନୁହେଁ; ଜନେ ପଚରଣ କରି ଦେଖାଇବାକୁ ଲାଗିଲେ । ସେହି ପ୍ରଚେଷ୍ଟାର ଫଳ ଏହି କବିତା ଗୁଚ୍ଛ । ଚନ୍ଦନ ବାବୁଙ୍କର କବିତା ଓଡ଼ିଆ କବିତାର ପ୍ରାଣ ଓ ବୈଶିଷ୍ଟ୍ୟ ଛନ୍ଦ ଓ ତାର ରସ ତରଙ୍ଗୀ ମଧ୍ୟରେ ନିହିତ । ତାଙ୍କ ଛନ୍ଦ ଦେଖାଇବା ସବୁ ଅନୁସରଣ କରି ଓଡ଼ିଆ କବିତାର ଅଧୋଗତି ଘଟୁଛି । ଏହି ଉଦ୍ଦେଶ୍ୟରେ ତାଙ୍କର ଅଭିଯାନ, ଏହାହିଁ ତାଙ୍କର ସାଧନା । ଏହାହିଁ ତାଙ୍କର ବ୍ରତ । ତାଙ୍କର ଏ ଚେଷ୍ଟା ଦ୍ୱାରା ସେ ଯଦି ଶିକ୍ଷିତ ଓଡ଼ିଆର ରୁଚି ଭୂଷଣା-ରଥ ଲେଉଟାଇ ପାରନ୍ତି ତେବେ ଯାଇ ବାହାହୁଅନ୍ତି ।

ଆମ ମତରେ ଓଡ଼ିଆ ଜାତିର ପ୍ରାଣଚିହ୍ନୀ ସେହି ପୁରୁଣା ଓଡ଼ିଶୀ ଛନ୍ଦ, ଚଉପଦୀ, ଚମ୍ପୂ ର ସ୍ୱରରେ ବନ୍ଧା । ସେ ସବୁ ଓ କବିତା ଯେପରି ହୃଦୟ ଭିତରେ ପ୍ରତିଧ୍ୱନି ଜାଗରିତ କରେ, ଆଧୁନିକ କବିତା ଯେତେ ଭଲ ହେଲେ ମଧ୍ୟ ତାହା କରି ପାରେ ନାହିଁ । ଏମନ୍ତ ପାଇବା ଓ ମୁଗ୍ଧ ହେବା ଏକା କଥା ନୁହେଁ ।

ଆଧୁନିକ ରୁଚିସଙ୍ଗତ ସାହିତ୍ୟ ଯେ ଆମର ଗଣ-ପ୍ରାଣକୁ ଛୁଇଁ ପାରୁନାହିଁ, ବୋଧହୁଏ ତାର ପ୍ରଧାନ କାରଣ ଏହିଠାରେ । ଚନ୍ଦନ ବାବୁ ଉଚ୍ଚ ଶିକ୍ଷାଲାଭ କରି, ବିଦେଶୀୟ ସାହିତ୍ୟର ସ୍ୱଭାବ ସହିତ ପରିଚିତ ହେବାର ସୁବିଧା ପାଇଛନ୍ତି । ସେହି ସବୁ ଭାବ ଓଡ଼ିଆ ନିଜସ୍ୱ ଛନ୍ଦରେ ଢାଳି ଏହି ମନୋହର ସୁଧା ବିତରଣ କରି ଅଛନ୍ତି । ତାଙ୍କର କବିତାରେ ସେହି ଟମାଳିକ ଶବ୍ଦ ସ୍ୱରୂପ, ପ୍ରକାଶ, ଭଙ୍ଗି, ଉପମା, କଳ୍ପନା ପ୍ରଭୃତି ଦେଖାଯାଏ ।

ଆଲୋଚ୍ୟ ପୁସ୍ତକରେ ୧୦୧ ଗୋଟି ଗୀତ ସ୍ଥାନ ପାଇଛି । ତହିଁ ମଧ୍ୟରୁ ପ୍ରଣୟୀ ଯୁଗଳ ମଧ୍ୟରେ ଚାପମଧୁ ସ୍ୱଭାବ ଆମକୁ ସବୁଠାରୁ ଭଲ ଲାଗିଲା । ଭଣାଯାଏ କବିଙ୍କର ଅନୁଭୂତି ଏ ବିଷୟରେ ଗମ୍ଭୀର ଓ ପ୍ରଖର । ଦେଶପ୍ରୀତି ବୋଧକ ଗୀତିଗୁଡ଼ିକ ମଧ୍ୟ ଉଚ୍ଚ ଧରଣର । ପିଲାଙ୍କ ପାଇଁ ଲେଖିତ ଗୀତ ସବୁ ଅତି ସୁନ୍ଦର ।

ପୁରୁଣା ଓ ନୂଆ ମଧ୍ୟରେ ଚନ୍ଦନ ବାବୁ ସୋପାନ ଯୋଜକ ସେତୁ ନିର୍ମାଣ କରିବାରେ ସଫଳ ହୋଇ ପାରିଛନ୍ତି ବୋଲି ଆମର ଦୃଢ଼ ଧାରଣା । ବିଶ୍ୱାସ କରୁଁ ଏ ପୁସ୍ତକ ପାଠ କରି ଆନନ୍ଦ ଓ ଜ୍ଞାନ ଆହରଣ କରିବାରେ କାହାରି ଶ୍ରମ ବ୍ୟର୍ଥ ହେବ ନାହିଁ । କଲେବର ଓ ଉପାଦେୟତା ତୁଳନାରେ ମୂଲ୍ୟ ମଧ୍ୟ ଅଧିକ ହୋଇ ନାହିଁ ।

**ଉଜୁମା** — (କାବ୍ୟ) ଶ୍ରୀ କୁଞ୍ଜବିହାରୀ ଦାଶ ଏମ୍, ଏ, । ପ୍ରକାଶକ—ସମ୍ପାଦକ, ଉତ୍କଳ ସମ୍ମିଳନୀ । ପୃଷ୍ଠାସଂଖ୍ୟା—ମୂଲ୍ୟ—୫୦ ।

କବି କୁଞ୍ଜବିହାରୀ କବି ରୂପରେ ଦେଶରେ ସୁଖ୍ୟାତି ଅର୍ଜ୍ଜିତ କରିଅଛନ୍ତି । ଅଲୋଚ୍ୟ କାବ୍ୟଟିରେ ତାଙ୍କ କବିତ୍ୱ ଶକ୍ତିର ଯଥେଷ୍ଟ ପରିଚୟ ମିଳୁଛି । କାବ୍ୟର ଭାଷା ଉଜୁମା ଜଳପ୍ରପାତ ପରି ତରଳ ଅଥଚ ଗମ୍ଭୀର, ମଧୁର ଓ ସ୍ୱଚ୍ଛ । ରୁଚିସଙ୍ଗତ କଳ୍ପନା ଓ ଉପମାରେ ଏହି ବର୍ଣ୍ଣନାତ୍ମକ କାବ୍ୟଟି ପୂର୍ଣ୍ଣ । କବିର ଅବେଗରେ ସ୍ଥାନେ ସ୍ଥାନେ ଛନ୍ଦଚ୍ୟୁତି ଘଟିଥିଲେହେଁ, ମୋଟରେ କାବ୍ୟଟି ସୁପାଠ୍ୟ ।

ଉଜୁମା ଯେଉଁ ଉତ୍କଳୀୟ ସମ୍ମିଳନୀ ଗ୍ରହଣ କରିଥିବା ବେଳରେ ଉଜୁମା କାବ୍ୟର ପ୍ରକାଶନ କାର୍ଯ୍ୟ ହୋଇଛି । ଏହାର କଳେବର ଦୃଷ୍ଟିରୁ ଉଚିତ ।

**ସଙ୍ଗୀତ-ସହଚର** — ଶ୍ରୀ ଜଗବନ୍ଧୁ ସାହୁ—ପ୍ରକାଶକ—ଗୋପୀନାଥ ପ୍ରେସ, କଟକ—ମୂଲ୍ୟ—୫ ୧ ।

ଜଗବନ୍ଧୁ ବାବୁ କଟକ ଜଣେ ସୁନାମ ଖ୍ୟାତ ସଙ୍ଗୀତ କଳାବିତ୍ ଓ ବହୁକାଳ ସଙ୍ଗୀତାଚାର୍ଯ୍ୟ କର୍ମ କରି ଶିକ୍ଷା ସମ୍ବନ୍ଧରେ ଅଭିଜ୍ଞତା ଅର୍ଜନ କରିଛନ୍ତି । ସଙ୍ଗୀତ ଶିକ୍ଷା ସମ୍ବନ୍ଧରେ ଏହି ପୁସ୍ତକରେ ବହୁତ ତଥ୍ୟ ନିହିତ ଅଛି । ଏଥିରେ ଅନେକଗୁଡ଼ିଏ ରାଗ ରାଗିଣୀ ଓ ଗୀତର ସ୍ୱରଲିପି ସନ୍ନିବେଶିତ ହୋଇଥିବାରୁ ଶିକ୍ଷାର୍ଥୀଙ୍କ ପକ୍ଷେ ଏହା ଅତି ପ୍ରୟୋଜନୀୟ ବୋଲି ମନେହୁଏ । ସଙ୍ଗୀତ ବିଦ୍ୟା ପ୍ରତି ଦେଶରେ ଯେଉଁ ରୁଚି ଦେଖାଯାଉଛି, ତହିଁରେ ଶିକ୍ଷାର୍ଥୀ ଏଥିରୁ ଯଥେଷ୍ଟ ଉପକାର ପାଇବେ । ଏ ପୁସ୍ତକ ସଙ୍ଗେ ସଙ୍ଗେ ନାନା ବାଦ୍ୟରେ ସହଜ ବାଦନ କରି ପାରିବେ । ମେଟ୍ରିକ୍ ଲିଷ୍ଟରେ ଏ ପୁସ୍ତକ ଗୃହୀତ ହୋଇଥିବାରୁ ମେଟ୍ରିକ୍ ଛାତ୍ରମାନଙ୍କର ଏହା ପ୍ରୟୋଜନରେ ଲାଗିବ ।

Digitized by srujanika@gmail.com



**କବିତା କୁମୁଦ**—ଶ୍ରୀ ବଛନ୍ଦଚରଣ ପଟ୍ଟନାୟକ । ପ୍ରକାଶକ—ମହାପ୍ରସାଦ ବୁକଡିପୋ—ପୃଷ୍ଠାସଂଖ୍ୟା—ମୂଲ୍ୟ—ଦୁଇଟଙ୍କା ଚାରିଅଣା ।

ଏହି ପୁସ୍ତକଟିଏ ଆମ୍ଭମାନେ କବିଙ୍କଠାରୁ ଉପହାର ପାଇ ତାଙ୍କୁ ଶ୍ରଦ୍ଧାର୍ପଣ କରୁଛୁ । ଏହା କବିଙ୍କ ରଚିତ ଗୀତ ଓ ଖଣ୍ଡ କବିତାର ସଂଗ୍ରହ ଏବଂ ବଛନ ଗ୍ରନ୍ଥାବଳୀର ପ୍ରଥମଖଣ୍ଡରୂପେ ପ୍ରକାଶିତ । ଉତ୍କଳର ବହୁ ଗଣ୍ୟମାନ୍ୟ ସାହିତ୍ୟିକ ଏହା ପାଠ କରି ଉଚ୍ଚ ଅଭିମତ ପ୍ରକାଶ କରିଛନ୍ତି ଓ ପ୍ରବୀଣ ପୁରୀ-ସାହିତ୍ୟ-କଣ୍ଠଳୀ ଅର୍ଦ୍ଧ-ଚନ୍ଦ୍ରିକ ମହାନ୍ତି ଏ ପୁସ୍ତକର ମୁଖବନ୍ଧ ଲେଖିଛନ୍ତି । ଏହା କବିଙ୍କ ଲେଖନୀର ପ୍ରଥମ ଅବଦାନ ।

ବଛନଚରଣ ଜଣେ ଉତ୍କଟ ପୁରୁଣା ସାହିତ୍ୟ ଭକ୍ତ । ଯେତେ ଆଧୁନିକ ଲେଖା ଅନ୍ୟମାନଙ୍କ ଭଳି ତାଙ୍କୁ ଆଧୁନିକତାର ଗଡ୍ଡାଳିକା ପ୍ରବାହରେ ଉଠାଇ ନ ନେଇ ବରଂ ପୌରାଣିକମାନଙ୍କ ଅତୀତର ତାଙ୍କର ଦୃଷ୍ଟି ଉପରେ ଦେଇଛି । ଓଡ଼ିଆ କବିତା ଉପାଦାନଠାରୁ ନୂଆ ଅଳଙ୍କାର ଧରି ଧରି ଏତେ ସତ୍ତ୍ୱ ଉପେନ୍ଦ୍ରଭଞ୍ଜଙ୍କ ଠାରେ ଯେଉଁ ରୂପ ରେଖ ଧରି ପଦ୍ମଶ୍ରୀଲକ୍ଷ୍ମୀ, ଏହାକୁ ସମସ୍ତେ କହୁଛନ୍ତି 'ପ୍ରଗତି' । ଆଜି କବି ବଛନ୍ଦ ତାହାଙ୍କୁ ଘୋର ପକ୍ଷପାତ କରି ଏହାକୁ ବଡ଼ ହୋଇଗଲେ । ପ୍ରବଳ ଜନମତ ଓ ସାମାଜିକ ରୁଚି ପ୍ରବାହ ବିରୁଦ୍ଧରେ ଏହାକୁ ଛିଡ଼ା ହେବା ସେତେ ସହଜସାଧ୍ୟ ନୁହେଁ । ଏଥିପାଇଁ ଯେ ତାଙ୍କୁ କେତେ ନିନ୍ଦା ସହିବାକୁ ପଡ଼ିଥିବ ତାହା ସେହି ଜାଣିଥିବେ । ମାଧ ନର୍ଭିକ ଭାବରେ ଯେ ନିଜର ସାଧୁ ମତବାଦ କେବଳ ଗୌରବ ପ୍ରଚୁର ନୁହେଁ, ନିଜେ ଅନୁସରଣ କରି ଦେଖାଇବାକୁ ଲାଗିଲେ । ସେହି ପ୍ରଚେଷ୍ଟାର ଫଳ ଏହି କବିତା ଗୁଚ୍ଛ । ବଛନ ବାବୁଙ୍କର ବିଶ୍ୱାସ ଓଡ଼ିଆ କବିତାର ପ୍ରାଣ ଓ ବୈଶିଷ୍ଟ୍ୟ ଛନ୍ଦ ଓ ତାର ବିଚିତ୍ର ଭଙ୍ଗୀ ମଧ୍ୟରେ ନିହିତ । ତାକୁ ଛାଡ଼ି ବେଖାପିଟା ଗତି ଅନୁସରଣ କରି ଓଡ଼ିଆ କବିତାର ଅଧୋଗତି ଘଟୁଛି । ଏହି ଉଦ୍ଦେଶ୍ୟରେ ତାଙ୍କର ଅଭିଯାନ, ଏହାହିଁ ତାଙ୍କର ସାଧନା । ଏହାହିଁ ତାଙ୍କର ବ୍ରତ । ତାଙ୍କର ଏ ଚେଷ୍ଟା ଦ୍ୱାରା ସେ ଯଦି କିଛିଟା ଓଡ଼ିଆର ରୁଚି ଭୁବନ-ରଥ ଲେଉଟାଇ ପାରନ୍ତି ତେବେ ଯାଇ ବାହାହୁରି ।

ଆମ ମତରେ ଓଡ଼ିଆ ଜାତିର ପ୍ରାଣଭକ୍ତି ସେହି ପୁରୁଣା ଓଡ଼ିଶୀ ଛନ୍ଦ, ଚଉପଦୀ, ଚମ୍ପୂ ର ସ୍ୱରରେ ବନ୍ଧା । ସେ ସ୍ୱର ଓ ଭାଷା ଯେପରି ହୃଦୟ ଭିତରେ ପ୍ରତିଧ୍ୱନି ଜାଗରିତ କରେ, ଆଧୁନିକ କବିତା ଯେତେ ଭଲ ହେଲେ ମଧ୍ୟ ତାହା କରି ପାରେ ନାହିଁ । ଅନନ୍ତ ପାଇବା ଓ ମୁଗ୍ଧ ହେବା ଏକା କଥା ନୁହେଁ ।

ଆଧୁନିକ ରୁଚିସଙ୍ଗତ ସାହିତ୍ୟ ଯେ ଆମର ଜଣ-ସାଧାରଣଙ୍କୁ ଭଲ ପାଉନାହିଁ, ବୋଧହୁଏ ତାର ପ୍ରଧାନ କାରଣ ଏହିଠାରେ । ଉଚ୍ଚ ଶିକ୍ଷା ଲାଭ କରି, ବିଦେଶୀୟ ସାହିତ୍ୟର ସଂସ୍ପର୍ଶରେ ଆସି ଏମାନେ ପରିଚିତ ହେବାର ସୁବିଧା ପାଇଛନ୍ତି । ସେହି ସବୁ ଭାବକୁ ଓଡ଼ିଆର ନିଜସ୍ୱ ଛନ୍ଦରେ ଢାଳି ଏହି ମନୋହର ସୁଧା ବିତରଣ କରି ଅଛନ୍ତି । ତାଙ୍କର କବିତାରେ ସେହି ପୌରାଣିକ ଶବ୍ଦ ସମ୍ଭାର, ପ୍ରକାଶ, ଭଙ୍ଗି, ଉପମା, କଳ୍ପନା ପ୍ରଭୃତି ବିଦ୍ୟମାନ ।

ଅଟଳକାବ୍ୟ ପୁସ୍ତକରେ ୧୦୧ ଗୋଟି ଗୀତ ସ୍ଥାନ ପାଇଛି । ତହିଁ ମଧ୍ୟରୁ ପ୍ରଣୟୀ ଯୁଗଳ ମଧ୍ୟରେ ପ୍ରେମପତ୍ର ଗୁଡ଼ିକ ଆମକୁ ସବୁଠାରୁ ଭଲ ଲାଗିଲା । ଜଣାଯାଏ କବିଙ୍କର ଅନୁଭୂତି ଏ ଦିଗରେ ଗଭୀର ଓ ପ୍ରଖର । ଦେଶପ୍ରୀତି ବୋଧକ ଗୀତଗୁଡ଼ିକ ମଧ୍ୟ ଉଚ୍ଚ ଧରଣର । ପିଲାଙ୍କ ପାଇଁ ଲିଖିତ ଗୀତ ସବୁ ଅତି ସୁନ୍ଦର ।

ପୁରୁଣା ଓ ନୂଆ ମଧ୍ୟରେ ବଛନ ବାବୁ ଗୋଟାଏ ଯୋଗାଯୋଗ ସେତୁ ନିର୍ମାଣ କରିବାରେ ସଫଳ ହୋଇ ପାରିଛନ୍ତି ବୋଲି ଆମର ଦୃଢ଼ ଧାରଣା । ବିଶ୍ୱାସ କରୁଁ ଏ ପୁସ୍ତକ ପାଠ କରି ଆନନ୍ଦ ଓ ଜ୍ଞାନ ଆହରଣ କରିବାରେ କାହାରି ଶ୍ରମ ବ୍ୟର୍ଥ ହେବ ନାହିଁ । କଳେବର ଓ ଉପାଦେୟତା ତୁଳନାରେ ମୂଲ୍ୟ ମଧ୍ୟ ଅଧିକ ହୋଇ ନାହିଁ ।

**ଉତ୍ତମା**—(କାବ୍ୟ) ଶ୍ରୀ କୃଷ୍ଣଚନ୍ଦ୍ର ଦାଶ ଏମ୍, ଏ, । ପ୍ରକାଶକ—ସମ୍ପାଦକ, ଉତ୍କଳ ସମ୍ମିଳନୀ । ପୃଷ୍ଠାସଂଖ୍ୟା—ମୂଲ୍ୟ—୫୦ ।

କବି କୃଷ୍ଣଚନ୍ଦ୍ର କବି ରୂପରେ ଦେଶରେ ସୁଖ୍ୟାତି ଅର୍ଜ୍ଜନ କରିଅଛନ୍ତି । ଅନେକେ କାବ୍ୟରେ ତାଙ୍କ କବିତ୍ୱ ଶକ୍ତିର ଯଥେଷ୍ଟ ପରିଚୟ ମିଳୁଛି । କାବ୍ୟର ଭାଷା ଉତ୍ତମା ଜଳପ୍ରପାତ ପରି ତରଳ ଅଥଚ ଗମ୍ଭୀର, ମଧୁର ଓ ସ୍ୱଚ୍ଛ । ରୁଚିସଙ୍ଗତ କଳ୍ପନା ଓ ଉପମାରେ ଏହି କବିତ୍ୱମୟ କାବ୍ୟଟି ପୂର୍ଣ୍ଣ । ଭାବର ଆବେଗରେ ସ୍ଥାନେ ସ୍ଥାନେ ଛନ୍ଦଚ୍ୟୁତି ଘଟିଯାଇଛି, ମୋଟରେ କାବ୍ୟଟି ସୁପାଠ୍ୟ ।

ଉତ୍ତମା ଯେଉଁ ଉତ୍କଳୀୟ ଆନ୍ଦୋଳନ ଚାଲିଥିବା ବେଳରେ ଉତ୍ତମା କାବ୍ୟର ପ୍ରକାଶନ ଯଥାର୍ଥ ହୋଇଛି । ଏହାର ବହୁଳ ପ୍ରଚାର ବାଞ୍ଛନୀୟ ।

**ସଙ୍ଗୀତ-ସହଚର**—ଶ୍ରୀ ଜଗବନ୍ଧୁ ସାହୁ—ପ୍ରକାଶକ—ଗୋପୀନାଥ ପ୍ରେସ, ଭଦ୍ରକ- ମୂଲ୍ୟ—୫ ୧ ୧ ।

ଜଗବନ୍ଧୁ ବାବୁ ନିଜେ ଜଣେ ସୁନାମ ଖ୍ୟାତ ସଙ୍ଗୀତ କଳାବିତ୍ ଓ ବହୁକାଳ ସଙ୍ଗୀତାଚାର୍ଯ୍ୟ କର୍ମ କରି ଶିକ୍ଷା ସମ୍ବନ୍ଧରେ ଅଭିଜ୍ଞତା ଅର୍ଜ୍ଜନ କରିଛନ୍ତି । ସଙ୍ଗୀତ ବିଜ୍ଞାନ ସମ୍ବନ୍ଧରେ ଏହି ପୁସ୍ତକରେ ବହୁତ ତଥ୍ୟ ନିହିତ ଅଛି । ଏହାଛଡ଼ା ଅନେକଗୁଡ଼ିଏ ସ୍ୱର ଲହରୀ ଓ ଗୀତର ସ୍ୱରଲିପି ସନ୍ନିବେଶିତ ହୋଇଥିବାରୁ ଶିକ୍ଷାର୍ଥୀଙ୍କ ପକ୍ଷେ ଏହା ଅତି ପ୍ରୟୋଜନୀୟ ହେବ ବୋଲି ମନେହୁଏ । ସଙ୍ଗୀତ ବିଦ୍ୟା ପ୍ରତି ଦେଶରେ ଯେଉଁଭଳି ଶ୍ରଦ୍ଧା ଦେଖାଯାଉଛି, ପ୍ରତ୍ୟେକ ଶିକ୍ଷାର୍ଥୀ ଏଥିରୁ ଟିକିଏ ଟିକିଏ ପାଠରେ ଜାଣିଲେ ଉପକୃତ ହେବା ସଙ୍ଗେ ସଙ୍ଗେ ନାନା ବିଷୟରେ ସନ୍ଦେହ ମୋଚନ କରି ପାରିବେ । ମେଟ୍ରିକ୍ ସିଲେବସ୍ ଲକ୍ଷ୍ୟ ରଖି ଏ ପୁସ୍ତକ ଲିଖିତ ହୋଇଥିବାରୁ ମେଟ୍ରିକ୍ ଛାତ୍ରମାନଙ୍କର ବି ଏହା ପ୍ରୟୋଜନରେ ଲାଗିବ ।

Digitized by srujanika@gmail.com





# କଲେଜ ସପନ

ଶ୍ରୀ ହରେକୃଷ୍ଣ ଦେ

ହାୟରେ କଲେଜ ସିଗାରେଟ୍ ପ୍ରିୟ ସ୍ଥାନ,
ତୋତେ ଛାଡ଼ି ଅଜ ହୋଇଛି ମୁଁ ଯାହା ମ୍ଳାନ ।

'ପାସିଂ ସୋ'କୁ ନାକ ଟେକି ଦେଇ
'ଛଇଛସ୍' ଯେ ଯେତେ ଦଏ,
କଲେଜ ଷ୍ଟୁଡେଣ୍ଟ ଖାଇବା ଢଙ୍ଗରେ
ଥରେ ଅଧେ ଶୋଷିନିଏଁ ।

ଅଗ—ତାହାଙ୍କୁ ଛାଡ଼ିଦେଇ ତାକୁ
ବିନୋଦକୁ ଜାବ ଡକେଁ,
"ଲଭ୍‌ହୁଅର୍ ବିନୋଦ, ବସନ୍ତ ପବନ
ମୃଦୁ ମୃଦୁ ବେଢ଼େ ବହେ !"

( ବନ୍ଧୁ ) ଅଧା ବିଡ଼ିଗୁଡ଼ିକ କେଉଣେ ଗଲ ଅଛ
ଚଢ଼ି ଉଛ ଏ. ବ, ଷି, ଡ,
ସିଗାରେଟ୍ କାହିଁ ? ମାଗୁଅଛୁ ଖାଲି
ଚଗ ଦୋକାନର ଧଡ଼ି । ୧ ।

ହାୟରେ କଲେଜ ପୋଷାକର ପ୍ରିୟସ୍ଥାନ,
ତୋତେ ଛାଡ଼ି ଅଜ ହୋଇଛି ମୁଁ ଯାହା ମ୍ଳାନ ।

କେତେ ପାଇଜାମା, କେତେ ସୁଟ୍, କୋଟ୍
ପିନ୍ଧୁଥିଲି ନାଥ ନାତ,
ଅଖୋଲ ଭଙ୍ଗର କଞ୍ଜାବୀ
ଅଜ ଯାଇଛି ସେଦିନ ବିତ ।

ହାଫ୍‌ସାର୍ଟ ଗଣ୍ଡେ, ଷ୍ଟାଣ୍ଡାର୍ଡ଼ ଧୂତି
ଟୁଏଣ୍ଟି କାଉଣ୍ଟସ୍ ହେବ,
ଏଇ ଧୂତି ଅଜ ଏଇ ସାର୍ଟ ସତେ
ଜୀବନ କି କାଟିନେବ । ୨ ।

ହାୟରେ କଲେଜ ସିନେମା ପାର୍ଶ୍ୱ ସ୍ଥାନ,
ତୋତେ ଛାଡ଼ି ଅଜ ହୋଇଛି ମୁଁ ଯାହା ମ୍ଳାନ ।

କେତେଥର କେତେ ଫିଲ୍ମ ଦେଖିଛୁ
ଓଡ଼ିଆ, ବଙ୍ଗଳା, ହିନ୍ଦି,
ମନ ନ ବୁଝିଲେ ଅଧାରୁ ଅଟିଛୁ
ଫିଲ୍ମକୁ ନିନ୍ଦି ନିନ୍ଦି ।

ଏବା ଯାଏଁ ନାହିଁ ବିନୋଦକୁ ଡାକେଁ
ଅଜବ ଦ ଗୃହଜଣ
ସମସ୍ତଙ୍କ ପାଇଁ ପଇସା ଦଏଁ ମୁଁ
ଭେଟେ ମୋ ଉଲ୍ଲାସ ମନ ।

ଅଥବା କାହିଁ ସେ ସିନେମା ହଲ୍‌ଟି
ଛଟିଘର ଗୀତ ଶୁଣେ ।
ମଳିନେ ମରମେ ମର ମର ମନେ
'ଜୀବନ' କଥାଟି ଗୁଣେ । ୩ ।

ହାୟରେ କଲେଜ ଉଣସାର ପ୍ରିୟସ୍ଥାନ
ତୋତେ ଛାଡ଼ି ଅଜ ହୋଇଛି ମୁଁ ଯାହା ମ୍ଳାନ ।

ହରେକ ବରଣ ଗୋଲାପୀ ଖାମ୍‌ରେ
ଲେଖି ଦେଉଥିଲି ହାତେ,
କମନ୍‌ରୁମ୍‌ରେ ଦେଖା କରୁଥିଲେ
କେତେ ଅସି ମୋହ ସାଥେ ।

ମଧୁରେ ମଧୁରେ ମଧୁ ସମ୍ଭାଷଣ
କରି ଯାଉଥିଲେ ନିତି
ନାହିଁ ଅଜ ସେହି ମଧୁର ଦିବସ
ଯାଇଛି ସେ ଦିନ ବିତି ।

ହାୟରେ କଲେଜ ସ୍ୱପ୍ନର ଅଧାର ଭୂଇଁ
ଭାବି ଭାବି ଖାଲି ନିକାଞ୍ଚନେ ବସି ଲୁହ ଗଡ଼ାଉଛି ମୁହିଁ ।

Digitized by srujanika@gmail.com



### ଉଦ୍ଦେଶ୍ୟ

୧। ଉତ୍କଳର ଦେଶୀୟ ପ୍ରାଣରେ ନବଜାଗରଣ ଆଣିବା, ଜାତୀୟ ଜୀବନର ଉଦାରତା ନୈତିକ ଉଦାର ଓ ସ୍ୱାଧୀନ ଚରିତ୍ର ଗଠନ କରିବା । ୨। 'ଡଗର'ର ମାଧ୍ୟମରେ ସମସ୍ତ ବିଭାଗୀୟ ଉତ୍କଳୀୟମାନଙ୍କ ମଧ୍ୟରେ ପାରସ୍ପରିକ ଭାବର ଆଦାନ ପ୍ରଦାନ କରିବା ୩। ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢାଇବା ୪। ମାତୃଭାଷା ଓ ସାହିତ୍ୟ ପ୍ରତି ଦେଶୀୟ ଜନସାଧାରଣଙ୍କର ଅନୁରାଗ ବଢାଇବା । ୫। ସତ୍ୟ, ସେବା ଓ ସାମ୍ୟ ଅହିଂସା ଆଧାରରେ ଜନସାଧାରଣଙ୍କ ଉନ୍ନତି କରିବା ।

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

## ନାଗଙ୍କ ଚିଠି
## ଭଉଣୀ ଶିବପ୍ରିୟାଙ୍କ ଉତ୍ତର

ଭଉଣୀ ଶିବପ୍ରିୟା !

ଗତ ମାସ ସଂଖ୍ୟା 'ଡଗର'ରୁ ତମ ଚିଠି ପଢ଼ିଲି, ବାସ୍ତବ ତମ ମୁଣ୍ଡରୁ ଯେଉଁ କଥାଟି ବାହାରିଛି ତାହା ଏକ ନୂଆ ବା ଅଯୁକ୍ତିକର ନୁହେଁ । ସତ୍ୟ ଓ ଅହିଂସା କେବଳ ମାନବ ସମାଜର ଚରମ ଆଦର୍ଶ । ଆମେ ସହଜରେ ବୁଝି ନ ପାରିଲେ ମଧ୍ୟ ମାନବ ସମାଜର ଐତିହାସିକ ଅଗ୍ରଗତିକୁ ସୂକ୍ଷ୍ମ ଭାବରେ ବିଶ୍ଳେଷଣ କଲେ ଦେଖି ପାରିବା ଯେ ସମସ୍ତ ଯୁଗ, ଜାତି, ଧର୍ମ ଭିତରେ ମଧ୍ୟ ଆମେ ଅମର ଉତ୍କଣ୍ଠାରେ ସେହି ଚରମ ଆଦର୍ଶର ପ୍ରତିଷ୍ଠା ଦିଗରେ ଆଗେଇ ଚାଲିଥାଉଁ, ବୈୟକ୍ତିକ ସାମାଜିକ ତଥା ରାଷ୍ଟ୍ରୀୟ କ୍ଷେତ୍ରରେ ସଂଗଠିତ ହିଂସାର ଯେତେ ଯେତେ ପରୀକ୍ଷା ଚାଲିଛି ଓ ଆମେ ନିଃସହାୟ ହେଲେ ମଧ୍ୟ ସେ ସବୁର ବ୍ୟର୍ଥତା ପ୍ରାଣେ ପ୍ରାଣେ ଅନୁଭବ କରୁଥାଉଁ ।

ଅହିଂସାର ଅନାକର୍ଷଣୀୟତା ଓ ଏହାର ଦୁର୍ବଳତା ବିଷୟରେ ଆଲୋଚନା କଲାବେଳେ ସମସ୍ତେ ସାଧାରଣତଃ ଏହି ଗୋଟିଏ କଥା ଉପରେ ବେଶୀ ଜୋର ଦେଇ ଥାଆନ୍ତି । ତାହା ହେଉଛି ଅହିଂସାର, ଅନ୍ୟାୟ, ଅତ୍ୟାଚାର ଓ ଜୁଲମ ବିରୁଦ୍ଧରେ ପ୍ରତିରୋଧ କରିବାର ଶକ୍ତି ନାହିଁ, ଅର୍ଥାତ୍ ଏହାର କ୍ଳୀବତା । କିନ୍ତୁ କଥାଟା ସ୍ଥିର ଓ ସ୍ୱାଧୀନ ଭାବରେ ଚିନ୍ତା କଲେ ଆମେ ଦେଖିବା ଯେ ଅହିଂସା ପ୍ରକୃତରେ ତାହା ନୁହେଁ । ଅହିଂସା ଭୀରୁତାର ରୂପାନ୍ତର ନୁହେଁ । ଅହିଂସାର ଶ୍ରେଷ୍ଠ ଉପାସକ ମହାମାନବ ମହାତ୍ମା ଗାନ୍ଧୀ ଅନେକଥର କହିଛନ୍ତି ଯେ, ଅହିଂସା କେବଳ ସବଳର ଅସ୍ତ୍ର, ଦୁର୍ବଳ, ଭୀରୁର ନୁହେଁ । ଅହିଂସା ଅର୍ଥ ଏହା ନୁହେଁ ଯେ ମୋ ଉପରେ ଯେ ଅନ୍ୟାୟ ଲଦିବ ମୁଁ ତାକୁ ନୀରବରେ ସହି ନେବି । ଅହିଂସା ପ୍ରତିରୋଧ କରିବାକୁ କେବେ ନିଷେଧ କରେ ନାହିଁ । ଦୁଷ୍ଟ ଆକ୍ରମଣର ଏହା ବିରୋଧୀ । ପ୍ରତିରୋଧ ଓ ପ୍ରତି ଆକ୍ରମଣ ଏକା କଥା ନୁହେଁ ।

ତୁମେ ଲେଖିଛ ଯେ, ଅସଲ ନାଗକୁ ଯା' ଲାଞ୍ଜ ଛୁଇଁଦେଲେ ସେ ଫଁ କରେ । ମୁଁ ତାହା ସ୍ୱୀକାର କରୁଛି । ତା' ଅର୍ଥ ସେ କ'ଣ ହିଂସା ଆଚରଣ କଲା ! ତୁମେ ଯେବେ ତା' ଲାଞ୍ଜରେ ହାତ ମାରିଲ ବୋଲି ସେ ତୁମ ଉପରକୁ ଫଁ କରି ଉଠିଲା—ତୁମେ ଯଦି ତା' ଲାଞ୍ଜରେ ହାତ ନ ମାରିଥାନ୍ତ ତେବେ ସେ ଫଁ କରି ଉଠିଥାନ୍ତା କି ? ସେ ତ ତା'ର ସିଧା ବାଟରେ ଚାଲିଯାଇଥାନ୍ତା ।

ମୁଁ ଏଠାରେ ଗୋଟିଏ ଉଦାହରଣ ଦେଉଛି । ଧର ମୁଁ ସାପ, ସେ ମଣିଷ ଦେଖିଲେ ମାଡ଼ି ପଡ଼େ ତାକୁ ଗୋଡ଼େଇ ଆସେ । ସେ ଗୋଟିଏ ହିଂସ୍ର ଜନ୍ତୁ । କିନ୍ତୁ ନାଗକୁ ତା' କହିବ କି ? ସେ କେବେ କାମୁଡ଼େ ନାହିଁ ! ତାକୁ ଆଘାତ ନ କଲା ପର୍ଯ୍ୟନ୍ତ ସେ କାହାରି କିଛି ଅନିଷ୍ଟ କରେ କି ?

ନାଗଙ୍କ ଉଦ୍ଦେଶ୍ୟରେ ଏତେ ଯେଉଁ ନିନ୍ଦା କରୁଛନ୍ତି, ତା' ମୋ ମନରେ ଭାବି ଦେଉଛି—ଅହିଂସା ପଥରେ ଗତି କରିବା ପାଇଁ ଯେଉଁ ନମ୍ରତା ଅଛି, ତାକୁ କଦାପି ଛାଡ଼ି ଦେଇ ହେବ ନାହିଁ । ପ୍ରକୃତ ନାଗକୁ ଯିଏ ସେ କଦାପି ହିଂସାକୁ ଆଶ୍ରୟ କରି ପାରେନା । ଯୀଶୁ, ଗାନ୍ଧୀ, ବୁଦ୍ଧ ପ୍ରଭୃତି ଏମାନେ ସବୁଠୁଁ ବେଶୀ ହିଂସାକୁ । ଆମେ ତ ନାଗକୁ ଆଗେ ହିଂସା କରିବା କାହିଁ ?

ହଁ, ଆଉ ଗୋଟିଏ ଯାଗାରେ ଲେଖିଛ—"ଯେଉଁ ମାତୃଭୂମିର ସର୍ବଶ୍ରେଷ୍ଠ ମାଟି ଭାରତ ଉଦ୍ଭବ ପରି ଉତ୍କଳ, ଅଥଚ ସେହି କଳଙ୍କିନୀ ନାଗକୁ ଏହିପରି ଉପଦେଶ ଦେଇ ଧର୍ମ କଥାରେ ପରିଣତ ହୋଇ ଯାଉଛି । ତା'ର ସେ ପୂର୍ବଶକ୍ତି କେଉଁ ପାଇଛି ।"

କିନ୍ତୁ ଯେ ଅହିଂସାର ପ୍ରକୃତ ଅର୍ଥ ହୃଦୟଙ୍ଗମ କରିଛି, ସେ କଦାପି ଧର୍ମାନ୍ଧତାରେ ପରିଣତ ହେବନାହିଁ । ଯେ ନାଗ ଦେଶର ସ୍ୱାର୍ଥରେ ବାଧା ଦେଲା—ନାଗ ସେଠାରେ ମୁଣ୍ଡ ଟେକି ସହି ନେବ କି ? ସେ ସେଠାରେ ତା'ର ଯଥାସମ୍ଭବ ଦେଶଭକ୍ତି ଦେଖାଇବ ନାହିଁ କି ? ତୁମେ ହୁଏତ କହିବ ଯେ ସେ ହିଂସା କରି ଆସନ୍ତା, ତେଣୁ ଏହି ଯୁଦ୍ଧ ଯେ କେତେଦୂର ସମୀଚୀନ ତାହା ନିମ୍ନଲିଖିତ ଉଦାହରଣରୁ ସ୍ପଷ୍ଟ ବୁଝି ପାରିବ ।

ଏଥର ଦୈନନ୍ଦିନ କଥା । ଏଯାଏ ତ ମନରୁ ପାଶୋର ଯାଇନି । ନୋଆଖାଲିରେ ଯେଉଁ ନୃଶଂସ ହତ୍ୟାକାଣ୍ଡ ହୋଇଗଲା—ସେଠାରେ ଗାନ୍ଧିଜୀ ଲାଠି ଧରି ଯାଇଥିଲେ କି ? ସେ ନିଜର ଜୀବନ, ତଥା ସ୍ତ୍ରୀ ପୁରୁଷଙ୍କର ଜୀବନ ରକ୍ଷା କରିବା ପାଇଁ କେଉଁ ଦୁର୍ଗତ ଶତ୍ରୁ ବିପକ୍ଷରେ ଅସ୍ତ୍ର ଧରିଥିଲେ । ତେବେ ସେ ଏହି ଜୀବନରେ ଶେଷ ପର୍ଯ୍ୟନ୍ତ ଦେଇଛନ୍ତି । ତେବେ କ'ଣ କହିବାକୁ ହେବ ଯେ, ସେ ହିଂସା କରିଛନ୍ତି ବୋଲି ?

ତମ ମତରେ ତାହା ହିଂସା ହୋଇପାରେ—କିନ୍ତୁ ଅହିଂସାର ଅନ୍ୟତମ ଶ୍ରେଷ୍ଠ ଉପାସକ ବାପୁଜୀଙ୍କର ପ୍ରଧାନ ଭକ୍ତ—କଂଗ୍ରେସର ସଭାପତି ଆଚାର୍ଯ୍ୟ କୃପାଳନୀ ତାଙ୍କର ଶେଷ ଲିଖିତ ଏକ ଅଭିଭାଷଣରେ ଚମତ୍କାର ଭାବରେ କହିଛନ୍ତି—

"I am clearly of the opinion that whatever the Government, provincial or central may or

Digitized by srujanika@gmail.com

may not do, every Bengalee, male or female as to defend himself or herself by whatever means he or she can think. In this connection I could keep before every Bengalee the example of Shri Rajendralal Roy and his family who defied a mob for full two days and fell fighting. Even as a believer in absolute non-Violence, I hold that the resistance offered by Shri Rajendralal Roy and his family was the nearest approach to non-violence." ଅର୍ଥାତ ରାଜେନ୍ଦ୍ରଲାଲ ରାୟ ଓ ତାଙ୍କ ପରିବାରବର୍ଗ କୃତ ସକ୍ରିୟ ପ୍ରତିରୋଧ ଅହିଂସାର ସୁନ୍ଦର ପରାକାଷ୍ଠା ଏବଂ ଏହାକୁ ବର୍ତ୍ତମାନ କ୍ଷେତ୍ରରେ ଆଦର୍ଶରୂପେ ଗ୍ରହଣ କରିବା ପାଇଁ ସେ ବଙ୍ଗାଳୀମାନଙ୍କୁ ତାଙ୍କର ନୋଆଖାଲି ଯାତ୍ରାରେ ଆହ୍ୱାନ କରିଛନ୍ତି । ତେବେ ଅହିଂସାରେ ଭୀରୁତା, ଦୁର୍ବଳତା ବା ପଳାୟନର ସ୍ଥାନ ନାହିଁ ?

ହଁ ଏଇ ଲୋକଏ ଭଲ କଥା ମନେ ପଡ଼ିଲା । ତୁମେ କହୁଛ ଆମେ ହିଂସାର ଆଶ୍ରୟ ନେବା । ହଁ ନେବା । କିନ୍ତୁ ଶେଷକୁ ଭଲ ରୂପେ ଲକ୍ଷ କରିଥିବ, ଏହି ଗଲା ପ୍ରଳୟଙ୍କର ଦ୍ୱିତୀୟ ମହାଯୁଦ୍ଧରେ ଆମେ ତ ହିଂସାର ଚୂଡ଼ାନ୍ତ ଲୀଳା ଦେଖିବାକୁ ପାଇଲେଣି । ଶେଷରେ ଜାପାନ ପରି ପ୍ରବଳ ପରାକ୍ରମୀ ସମ୍ରାଟଙ୍କର ସମସ୍ତ ପ୍ରତିରୋଧ ଗୋଟିଏ ଦୁଇଟି ଆଣବିକ ବୋମାର ପ୍ରୟୋଗରେ ଅଳ୍ପ ଅବସରରେ ଧଁସି ଧଁସି ଭୂଲୁଣ୍ଠି ପଡ଼ିଲା । ତେବେ ବର୍ତ୍ତମାନର ଏ ଆଣବିକ ବୋମା ଯୁଗରେ ଆମ ଭାରତର ତଥା ପୃଥିବୀର ଅଗଣିତ ନିର୍ଯ୍ୟାତିତ ଜନସାଧାରଣ ଅସ୍ତ୍ର ବଳରେ ବା ଅଧିକ ହିଂସାତ୍ମକ ପ୍ରତିରୋଧ କରି ପାରିବା ! ପୃଥିବୀରେ ଯେଉଁ ଅଳ୍ପ କେତେଜଣ ଲୋକ ଯେଉଁ ଦଳ ଓ ସ୍ୱାର୍ଥବିଶେଷ ସମସ୍ତ ହିଂସାତ୍ମକ ମାରଣାସ୍ତ୍ରର ଅଧିକାରୀ ହୋଇ ପାରିଛନ୍ତି ସେହିମାନେ ହିଂସାର ଶକ୍ତି ଓ ସାରବତ୍ତା ସ୍ୱରୂପତଃ ଚାଖି ବୁଝିଛନ୍ତି ଏବଂ ଅଗଣିତ ନିରସ୍ତ୍ର ଜନସାଧାରଣଙ୍କୁ ଏହି ପଥର ଆଶ୍ରୟ ନେବାକୁ ଆହ୍ୱାନ କରୁଛନ୍ତି । କିନ୍ତୁ ହିଂସାଚରଣରେ ହିଁ ସେହିମାନଙ୍କର ସ୍ୱାର୍ଥସିଦ୍ଧି । ଆଉ ଯେଉଁ ମାରଣାସ୍ତ୍ର ଅନ୍ୟ ବନ୍ଧୁଙ୍କରେ ପ୍ରୟୋଗ କରିବାକୁ ସେମାନେ ଅମଙ୍ଗ ମଣୁଛନ୍ତି, ତାକୁ ପୁଣି ତାହାର ଅମରି ବନ୍ଧୁଙ୍କରେ ପ୍ରୟୋଗ କରିବାକୁ ସେମାନେ ଛାଡ଼ି ଦେଲେ ବଞ୍ଚିତ ହେବେ ନାହିଁ ।

ବଡ଼ ଦେଶୀ ଭଉଣୀ ! ହିଂସା ଯଦି ଆମର ଉଦ୍ଦେଶ୍ୟ ଓ କାମ୍ୟ ହୁଏ ତେବେ ଆମେ ଦରିଦ୍ର ଜାତି କେଉଁଠୁ ଗୋଟିଏ ଲେଖାଏଁ ଆଣବିକ ବୋମା ଆମ ଘରେ ରଖି ପାରିବା ? ଏବଂ ଦରକାର ବେଳେ ତାହା ପୁଣି ବ୍ୟବହାର କରି ପାରିବା ?

ମୋର ଅନୁମାନ ଏଥର ତୋ ଆଡ଼ୁ ଏ ଅହିଂସାର ପ୍ରକୃତ ଅର୍ଥ ତୁମେ ସମ୍ପୂର୍ଣ୍ଣରୂପେ ବୁଝି ପାରିଛ । ଏଇ 'ଡଗର' ନାଗବର୍ଗ ବନ୍ଧୁଗଣ ଲକ୍ଷ୍ୟ ଓ ଆଦର୍ଶରୁ ଅହିଂସା ଶବ୍ଦଟି ଉଠିଯିବା ପାଇଁ ଆପତ୍ତି ରହିବ ନାହିଁ ।

ତୁମେ ଯେ ମାତୃଭୂମିର ବାହାରେ ରହି ନିଜର ଜାତୀୟ ସାହିତ୍ୟ ତଥା ଜାତିର ଉନ୍ନତି ପାଇଁ ଏତେ କଥା ଭାବୁଛ, ସେଥିପାଇଁ ମୁଁ ତୁମକୁ ଅନେକ ଧନ୍ୟବାଦ ଦେଉଛି ଓ ଅଜାଙ୍କୁ ମଧ୍ୟ ଅନୁରୋଧ କରୁଛି ଯେ ସେ ଯୋଉ ଏ ଟିକେ ଖଣ୍ଡିକ ଡାକ ଦୃଷ୍ଟିଗୋଚର ହେବାପାଇଁ "ଡଗର"ରେ ସ୍ଥାନ ଦିଅନ୍ତୁ । ମୁଁ ଏତିକିରେ ରହିଲି । ଜୟହିନ୍ଦ୍ ।

ତୁମର

ଶ୍ରୀ ଚନ୍ଦ୍ରଶେଖର ଦାଶ ନଂ ୪୬

——※——

## ଅଜାଙ୍କ ନିର୍ଦ୍ଦେଶ

ନାଗ ସଭାର ଉଦ୍ଦେଶ୍ୟ ସମ୍ବନ୍ଧରେ "ଅହିଂସା" ଶବ୍ଦ ଉଠାଇ ଦେବାପାଇଁ ତୁମର ଶିବପ୍ରିୟା ଯେଉଁ ପ୍ରଶ୍ନ ଗତ ସଂଖ୍ୟା 'ଡଗରରେ' ଉଠାଇଥିଲେ ତା'ର ଉତ୍ତର ଶ୍ରୀମାନ ଚନ୍ଦ୍ରଶେଖର ଦେଇଛନ୍ତି । 'ଅହିଂସା' କେବଳ ଅର୍ଥ ବର୍ତ୍ତମାନ ଯୁଗରେ ମହାଭାରତୀୟ ଦେଶ ନେତାଙ୍କ ଦ୍ୱାରା ଯେପରି ବ୍ୟାଖ୍ୟାତ ହେଉଛି ସେପରି ସ୍ଥଳେ ସେ ଶବ୍ଦଟି ଉଠାଇ ଦେବାର କୌଣସି ଦରକାର ବୋଲି ମୁଁ ମନେକରୁ ନାହିଁ । × × ×

ଏଣିକି ନାଗ—ନାଗୀମାନଙ୍କର ଠିକଣା ସହିତ, ଚିଠି ଲେଖିବାକୁ ସୁବିଧା—ନାଗସଭାର ନୂଆ ନିୟମ ଅନୁସାରେ କୌଣସି ନାଗ—ଭଉଣୀ ବା ନାଗରିକ ପାଇଁ ଚିଠି ଲେଖି ପାରିବେ ନାହିଁ—ଯାହା ଚିଠି ସବୁ ଅଜାଙ୍କ ଠିକଣାରେ ଲେଖିବ । ଅଜା ତାକୁ ଯୋଗ୍ୟ ଓ ଉପଯୁକ୍ତ ବିବେଚନାରେ ଠିକଣା ଯାଗାକୁ ପଠାଇ ( redirect ) ଦେବେ ।

## ପୁରସ୍କାର ପ୍ରତିଯୋଗିତା

ଶ୍ରୀଯୁକ୍ତା ଅରୁଣା ଆସଫ ଅଲିଙ୍କ ଜୀବନୀ ଲେଖି ଶ୍ରୀମାନ ସୁରେନ୍ଦ୍ର ମୋହନ ( ୪୭ନଂ ନାଗ ) ପ୍ରଥମ ପୁରସ୍କାର ୫୲ ପାଇଛନ୍ତି ।

ଶ୍ରୀ ଜୟପ୍ରକାଶ ନାରାୟଣଙ୍କ ଜୀବନୀ ପାଇଁ ଯେଉଁ ପୁରସ୍କାର ଘୋଷଣା କରାଯାଇଥିଲା—ତହିଁରେ ୩ଟି ଲେଖା ମୋଟେ ମିଳିଛି—ଶ୍ରୀ ଶାରଦା ଚରଣ ମହାପାତ୍ରଙ୍କ ( ନଂ୭୧୧ ) ଲେଖା ଉତ୍କୃଷ୍ଟ ବିବେଚିତ ହୋଇଛି—ସେ ପ୍ରଥମ ପୁରସ୍କାରର ଅଧିକାରୀ—ଆସନ୍ତା ସଂଖ୍ୟାରେ ତାହା ପ୍ରକାଶ ପାଇବ ।

## ପରବର୍ତ୍ତୀ ଆକର୍ଷଣ

ବସ୍ତୁପଞ୍ଚ ଅସ୍ପୃଶ୍ୟ ଲଗ୍ନଜିତ ଜୀବନୀ 'ଡଗର' ଦୁଇପୃଷ୍ଠା ହେବା ଭଳି । ପୁରସ୍କାର ୫୩ । ୧୯୪୭ ଜାନୁଆରୀ ୩୧ ତାରିଖ ପୂର୍ବରୁ ହସ୍ତଗତ ହେବା ଦରକାର ।

## ତା'ପରେ—

ଡକ୍ଟର ରାମମନୋହର ଲୋହିଆ ଓ ଶ୍ରୀ ଅଚ୍ୟୁତ ପଟ୍ଟବର୍ଦ୍ଧନଙ୍କ ଜୀବନୀ ପାଇଁ ପୁରସ୍କାର ଘୋଷିତ ହେବ ।

Digitized by srujanika@gmail.com

# ଗଳିତକୁଷ୍ଠ ଓ ଧବଳ କୁଷ୍ଠ

ସକଳ ପ୍ରକାର ମେହ, ଉପଦଂଶ ଓ ଚର୍ମରୋଗର ଗ୍ୟାରେଣ୍ଟି ଚିକିତ୍ସା

ସିମଲାଠାରୁ ଲଙ୍କାଦ୍ୱୀପ ଓ ଆଫ୍ରିକାଠାରୁ ଫିଜି ପର୍ଯ୍ୟନ୍ତ ଆମ୍ଭ ଡବ୍ଲୁ, ଏଲ୍, ଶି

ବହୁଳଭାବେ ବ୍ୟବହୃତ ଓ ପ୍ରଶଂସିତ ।

ଓଡ଼ିଆରେ କ୍ୟାଟେଲଗ୍ ଚିକିତ୍ସାପ୍ରଣାଳୀ, ଓ ପ୍ରଶଂସାପତ୍ରମାନ ବିନାମୂଲ୍ୟରେ ଦିଆଯାଏ, ଇଂରେଜି ହିନ୍ଦି, ଗୁଜୁରାଟି ପ୍ରଭୃତି ଦଶଗୋଟି ଭାଷାରେ ଚିକିତ୍ସାପ୍ରଣାଳୀ ଦିଆଯାଏ, ଅସହାୟ ନିରନ୍ନବ୍ୟକ୍ତିଙ୍କୁ ବିନା ମୂଲ୍ୟରେ ଚିକିତ୍ସା କରାଯାଏ । ପ୍ରତିବର୍ଷ ହଜାର ହଜାର ରୋଗୀ ରୋଗମୁକ୍ତ ହେଉ ଅଛନ୍ତି । ଆପଣ କାହିଁକି ରୋଗମୁକ୍ତ ନ ହେବେ ? ଫଳେନ ପରିଚୀୟତେ, ଅତେଏବ ପରୀକ୍ଷା କରି ଦେଖନ୍ତୁ ନା । ଓଡ଼ିଶାବାସୀଙ୍କର ସୁବିଧା ନିମନ୍ତେ ଜଣେ ଓଡ଼ିଆ ଭଦ୍ରବ୍ୟକ୍ତିଙ୍କୁ କିରାଣୀ ରୂପେ ନିଯୁକ୍ତ କରିଅଛୁଁ । ଆପଣ ଉପରିଲିଖିତ ରୋଗନିମନ୍ତେ ହତୋତ୍ସାହ ନ ହୋଇ ଆଜି ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ ।

REDDY & Co. ( Regd ) GOPALAPURAM.
E. G. .DT. TANUKU. M. S. M.

ଶାଖା:—ବକ୍ସିବଜାର,—କଟକ ।

---

CONSULT:—

Mr. N. C. Mohanty.

Pleader. Bhadrak.

The Only HAND-WRITNG EXPERT and Finger Print Examiner in Orissa.

Subjects—Disputed Handwritings, Typewritings & Finger Prints

Fees—Reasonable Cross Examination & Argument accepted.

## 'ଜୟହିନ୍ଦ ଡଗର'

ଆଜାଦ ହିନ୍ଦ୍ ଫୌଜ ସମ୍ବନ୍ଧରେ କିଛି ଜାଣିବାକୁ ଗୃହ୍ୱାନ୍ତିତ 'ଡଗର' ଜୟହିନ୍ଦ୍ ସଂଖ୍ୟା ପଢ଼ନ୍ତୁ । ଏପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଯାହାକିଛି ଆଜାଦ ହିନ୍ଦ୍ ଫୌଜ ସଂକ୍ରାନ୍ତୀୟ ଲେଖା ତାହାସବୁ 'ଡଗର' ସମସ୍ତଙ୍କ ଛପି ଯାଇଛି । ଟଙ୍କାଟିଏ ପଠେଇଲେ ଆମେ ଆପଣଙ୍କୁ ରେଜେଷ୍ଟ୍ରି କରି ଜୟହିନ୍ଦ୍ ସଂଖ୍ୟା ଖଣ୍ଡିଏ ପଠାଇ ଦେବୁ ।

'ଡଗର' ଅଫିସ,
ପୋଃ ଭଦ୍ରକ ।


Digitized by srujanika@gmail.com

## ବିଜୟଶକ୍ତି ଔଷଧାଳୟ
### ରସାୟନ ବିଭାଗ
ବାଲେଶ୍ୱର

ସମ୍ପୂର୍ଣ୍ଣ ଆଧୁନିକ ଓ ବୈଜ୍ଞାନିକ ପ୍ରଣାଳୀରେ ସବୁ ପ୍ରକାର ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତର ଏକମାତ୍ର ପ୍ରତିଷ୍ଠାନ । ସମସ୍ତ ପ୍ରକାର ବଟୀ, ଚୂର୍ଣ୍ଣ, ମୋଦକ, ଅବଲେହ, ଆସବ, ଅରିଷ୍ଟ, ତୈଳ, ଘୃତ, ଭସ୍ମ ଓ ମକରଧ୍ୱଜାଦି ବିଜ୍ଞାନ ସିଦ୍ଧ ରସାୟନ କ୍ରିୟା ସାହାଯ୍ୟରେ, ଉତ୍କୃଷ୍ଟ ପାରଦର୍ଶୀ ଓ ରସାୟନବିତ ଚିକିତ୍ସକ ମାନଙ୍କ ଦ୍ୱାରା ପ୍ରସ୍ତୁତ ହୁଏ । ଔଷଧମାନଙ୍କୁ ପୂର୍ଣ୍ଣ ବୀର୍ଯ୍ୟବାନ କରିବାର ସ୍ୱତନ୍ତ୍ର ଚେଷ୍ଟା କରାହୁଏ ।

ସୁଲଭ ଦରରେ ଓ ପାଇକାରି ଦରରେ ମଫସଲ ପଠାହୁଏ ।

ବିଜୟଶକ୍ତି ଔଷଧାଳୟ
ଆୟୁର୍ବେଦ ବିଭାଗ, ବାଲେଶ୍ୱର ।

## [illegible]

### ଚର୍ମରୋଗର ଅବ୍ୟର୍ଥ ଔଷଧ

ଦାଦୁ କୁଣ୍ଡିଆ, ଖାଦୁ, ମଉଳା, ପାଚା ଘା ଓ ସମସ୍ତ ପ୍ରକାର ଚର୍ମରୋଗ ଅଳ୍ପ ସମୟରେ ନାଶକରି ଚର୍ମରୁ ଦାଗ ନିଃଶେଷ କରେ ।

ବିଜୟଶକ୍ତି ଔଷଧାଳୟ
ରସାୟନ ବିଭାଗ, ବାଲେଶ୍ୱର ।

### ଏହି କୁଇନାଇନ ଦୁର୍ଭିକ୍ଷରେ

### ଭାରତକୁ

### ଉତ୍କଳର ଶ୍ରେଷ୍ଠ "ଦାନ" !

କଲିକତା ପ୍ରେସିଡେନସି କଲେଜର ଶରୀର ବିଜ୍ଞାନ

ଭୂତପୂର୍ବ ଅଧ୍ୟାପକ

## ଆଚାର୍ଯ୍ୟ ଗିରିଙ୍କ
## ସାଇଟ୍ରୋଆର୍ସିନି ବା ଜ୍ୱରାନ୍ତକ ରସ

ଏହା ଭାରତର ଜଡ଼ ମୂଳିର ଏକ୍‌ସେଲେଣ୍ଟ୍ ବାହାର କରି ପ୍ରସ୍ତୁତ । କୁଇନାଇନ ଠାରୁ ଏହା ଛଅ ଗୁଣ ଶକ୍ତିଶାଳୀ ଓ ଏଥିର ଖରାପ ଗୁଣ କିଛି ନାହିଁ । ଏତେବଡ଼ ଜ୍ୱରନାଶକ ଔଷଧ ଅଦ୍ୟପର୍ଯ୍ୟନ୍ତ ଆବିଷ୍କୃତ ହୋଇ ନାହିଁ । ସାତଟି ବଟିକାରେ ସମ୍ପୂର୍ଣ୍ଣ ଜ୍ୱର ଛାଡ଼ି ଭଗ୍ନ ଶରୀରେ ନୂଆ ବଳ ଆସେ । ଏକବର୍ଷ ମଧ୍ୟରେ ଜ୍ୱର ଆସେନାହିଁ । ପଥ୍ୟାପଥ୍ୟର ବିଚାର ନାହିଁ ।

## ବିଜୟଶକ୍ତି ଔଷଧାଳୟ
### ଆୟୁର୍ବେଦ ବିଭାଗ
ବାଲେଶ୍ୱର

Printed & published by G. C. Mahapatra at the Gopinath press. Bhadrak, 1946.

Digitized by srujanika@gmail.com

୧୦ମ ବର୍ଷ

୧୩ଶ ସଂଖ୍ୟା ।

# ଡଗର

Dagaro UTKAL'S MOST POPULAR FORTNIGHTLY OF LIGHT, LEAD & LAUGHTER

ପ୍ରତିଖଣ୍ଡ ଦୁଇ ଅଣା


## 'ଆଟଲାଣ୍ଟା ଫେନ୍'

ବ୍ୟବହାର କରି




SOLE DISTRIBUTORS—
W.C. NAYAK & Co.
4, Falgun Das Lane, Calcutta.


*

*

ଏ ସଂଖ୍ୟାର ଆକର୍ଷଣ

କାହାଣୀରେ—
ଅଣବାହୁଡ଼ା

ମଜାକବିତାରେ—
ଏଣୁ ତେଣୁ ଦ୍ୱିପଦ

୧୯୪୭ ଚଉତିଶା

ନବବର୍ଷର ଉପାଧି
ଓ
ବିଲୁଆବିଗ୍ରର ପ୍ରଭୃତି

*　*

*

ବାର୍ଷିକ ତିନିଟଙ୍କା ଆଠଅଣା
ଭାରତ ବାହାରେ ପାଞ୍ଚଟଙ୍କା

Digitized by srujanika@gmail.com

## ସର୍ବାବସ୍ଥାରେ ଯାବତୀୟ

# ଗର୍ଭାଶୟ ଓ ଋତୁ

# ସଂକ୍ରାନ୍ତରୋଗ

ଅନାୟାସ ଓ ନିର୍ଦ୍ଦୋଷ ଭାବରେ ଆରୋଗ୍ୟ ହୁଏ। ଯନ୍ତ୍ରଣା ଦାୟକ ଓ ପ୍ରଚୁର ରକ୍ତସ୍ରାବ, ଅତ୍ୟଳ୍ପ ସ୍ରାବ, ଶ୍ୱେତସ୍ରାବ, ଅନିୟମିତ ସ୍ରାବ ହେତୁ ବହୁ ନୂଆ ରୋଗ ବ୍ୟାଧିର ଉତ୍ପତ୍ତି ହୁଏ — ଯଥା — ହିଷ୍ଟିରିଆ, ମୂର୍ଚ୍ଛା, ରକ୍ତହୀନତା, ଗର୍ଭସ୍ରାବ, ବନ୍ଧ୍ୟାତ୍ୱ, ଇତ୍ୟାଦି।

ରୋଗର ବିସ୍ତୃତ ବିବରଣ ସହ ଓଡ଼ିଆରେ ଲେଖନ୍ତୁ।

**ବିନାମୂଲ୍ୟରେ ସୁପରାମର୍ଶ ଦିଆଯାଏ**

GOURI AYURVEDA STORES
( Regd. )

MARUTER. W, G. DT.



# ମ୍ୟାଲେରିଆ

ଓ

ସବୁବିଧ ବିଷମ, ଦୀର୍ଘସ୍ଥାୟୀ ଜ୍ୱରକୁ

# ମ୍ୟାଲେରି ସାଇଡ

ନିଶ୍ଚିତ ଓ ସମ୍ପୂର୍ଣ୍ଣ ଭାବରେ ବିନଷ୍ଟ କରେ।

୧୦୦ ବଟିକା ପୂର୍ଣ୍ଣ ଏକ ଶିଶିର ମୂଲ୍ୟ — ଟ ୨ ୧୨

( ଏକ ସଙ୍ଗରେ ଦୁଇ ଶିଶି ନେଲେ ଡାକଖର୍ଚ୍ଚା ମାଫି )

# ବିନାମୂଲ୍ୟ

ଆମ୍ଭେମାନେ ଗ୍ୟାରେଣ୍ଟି ଦେଇ ସର୍ବ ପ୍ରକାର ସ୍ତ୍ରୀରୋଗର ଚିକିତ୍ସା କରୁଁ। ବିସ୍ତୃତ ବିବରଣ ସହ ଓଡ଼ିଆରେ ଲେଖନ୍ତୁ।

ବିନାମୂଲ୍ୟରେ ପରାମର୍ଶ ଦେଉଁ।

GOURI AYURVEDA STORES
( Regd. )

MARUTER W. G. DT.



# 'ଡଗର' ନିୟମାବଳୀ.

୧। ଡଗର ପ୍ରତି ଇଂରାଜୀ ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ପାଏ।

୨। ଏହାର ବାର୍ଷିକ ମୂଲ୍ୟ ଟ ୩ ୪ ଓ ଷାଣ୍ମାସିକ ମୂଲ୍ୟ — ଟ ୨ ୧୨ ଅଗ୍ରୀମ ଦେୟ। ପ୍ରତି ଖଣ୍ଡର ମୂଲ୍ୟ — ଟ ୦ ୬। ଭାରତ ବାହାର ପାଇଁ ଟ ୫ ୧୨ ଓ ପ୍ରତି ଖଣ୍ଡ ଟ ୦ ୮।

୩। ପ୍ରବନ୍ଧ ଲେଖା ଇତ୍ୟାଦି ସମସ୍ତ ପରିଚାଳନା ସଂପାଦକ 'ଡଗର'ଙ୍କୁ ପଠାଇବାକୁ ହୁଏ ଓ ଉପଯୁକ୍ତ ଡାକ ଟିକଟ ନ ଥିଲେ ଲେଖା ଫେରସ୍ତ ଦିଆଯାଏ ନାହିଁ।

୪। ବିଜ୍ଞାପନର ହାର ପାଇଁ ମାନେଜର 'ଡଗର'ଙ୍କୁ ଲେଖିବାକୁ ହେବ।

୫। ଏଜେଣ୍ଟମାନେ ଏଣିକି 'ଡଗର' ଗ୍ରାହକମାନଙ୍କ ପାଇବା ଦୁଇଦିନ ଆଗରୁ ପାଇବେ ଓ ପ୍ରତ୍ୟେକ ଏଜେଣ୍ଟ ପ୍ରତିମାସ ହିସାବ ଚୁକ୍ତ ନ କଲେ 'ଡଗର' ପଠାହେବ ନାହିଁ।

ମାନେଜର—
'ଡଗର'
ପୋଃ ଭଦ୍ରକ (B. N. Ry.)

ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,        ପରିଚାଳନା ସଂପାଦକ—ଶ୍ରୀ ଗୌରମୋହନ ଦାସ


Digitized by srujanika@gmail.com



# ବିଲୁଆ ବିଚାର

୧୦ମ ବର୍ଷ—୧୮ଶ ସଂଖ୍ୟା

ପୌଷ ପ୍ରଥମାର୍ଦ୍ଧ

ଲଢେଇ ବେଳରେ ଆମ ଲୋକେ ଦାନା ମୁଠାଏ ଓ ଲୁଗା ଖଣ୍ଡିକ ପାଇଁ ଯେପରି ହନ୍ତସନ୍ତ ହୋଇଥିଲେ ତାହା କେହି ପାସୋରି ନାହାନ୍ତି। ତାପରେ ଲଢେଇ ସରିଲା, କଂଗ୍ରେସ ସରକାର ଆସିଲେ। ଲୋକେ ଭାବିଲେ, ଏଥର ତାଙ୍କ ଦୁଃଖ ଗଲା ବୋଲି। ଦୁଃଖ ଯିବାର କେତେକ ସୂଚନା ଦେଖାଗଲା ମଧ୍ୟ। ଦାମରେ ଯେତେ ହ୍ରାସ ନ ହେଉ, ବଡ଼ ବଡ଼ କଥାରେ ଅନ୍ତତଃ ପେଟ ପୂରି ଉଠୁଥିଲା। ହେଲେ ଏବେ ପୁଣି ସେହି ସବୁ ମୁହଁରୁ ପୁଣି ଶୁଣା ଗଲାଣି ଓଲଟା ବାହାଣି—ଲୁଗା ଓ ଦାନାର ଦୁର୍ଭିକ୍ଷ!

ଏହା ଜବାହର-ଜମାନାରେ ସ୍ୱାଧୀନ ଦେଶରେ ଦରବାର ପ୍ରଚାର 'ଯୋଜନା', ଆଉ ବିଦେଶରେ ଥାଳ ପତାଇ 'ଭିକ୍ଷା'। ମାତ୍ର ଛତଲ ପାଣିରେ ସର ପୋଡ଼ିବ ନାହିଁ କି ମାଛି ଅଣ୍ଡିଲ ଛଅଣରେ ପେଟ ଭରିବ ନାହିଁ। ଏଥିରୁ ଲୋକେ ସରକାରଙ୍କ 'ଜବର ଅଭିଯାନ' 'ସ୍ୱକାରିତା ମାତ୍ର।' ଲୋକ ପ୍ରତିନିଧି ସରକାର ବୋଲି ସମସ୍ତେ ଭାବି ଓ ସ୍ୱଦେଶୀ ମୁଠାଏ ଚଳିବେ ଖାଇ ପିଇବେ ନାହିଁ କେବେ। ଏତିକି କଥା ସରକାର ଅବଧାନ କରନ୍ତୁ।

× + + ×

ବାହ୍ମଣ ଜାତିର ଉତ୍ପାତ ଚଢ଼ିଲ ବୋଲି ଅପ୍ରସି, ଏସ ଗୋଷ୍ଠି ଯେ କେନ୍ଦ୍ରୀକ୍ଷ ଭିତରୁ ଗଢ଼ିବାକୁ ବସିଛନ୍ତି ସେଥିରେ ଆଶ୍ଚର୍ଯ୍ୟ ହେବାର କଥା ନାହିଁ। ଯେଉଁ ମନ୍ତ୍ରୀମଣ୍ଡଳୀଙ୍କୁ ସେମାନେ ଲୁଚିକରି ଭଜି ବର୍ଷ କରୁଥିଲେ ସେହିମାନେ ଆଜି ମୂକ ହୋଇ ବସିବେ, ଏହା ଭଲ ମାଂସ ପିଣ୍ଡରେ କେତେଦିନ ସହିବ! ତାଙ୍କୁ ତ କେହି ଧରା ମାରୁ ବାହାର କରୁ ନାହିଁ; ଅପଣା ଇଚ୍ଛାରେ ଯେଣୁ ସେ ଯିବାକୁ ବସିଛନ୍ତି ସେଥିରେ ତାଙ୍କର ଖେସାରତ ଦାବି କରିବା ଅନ୍ୟାୟ ଓ ଅସଙ୍ଗତ। ମାତ୍ର ଓଡ଼ିଆ ସାଙ୍ଗରେ ଭୂଅ କରିଡ଼ ଭାଇ ହେଲ ଭଳି କଳା ଚମଡ଼ା ଥାଏ ଅଇ.ସି.ଏସ ମାନେ ଯେ କୋରଙ୍କ ଚିହ୍ନ ଧରିଲେଣି ଏହି କଥାରେ ଆମକୁ ଭୟ ମାଡ଼ୁଛି ଯେତେ ବାନ୍ଦ ମାଡ଼ୁଛି ତେତେ। କେଉଁଅ ପଣିଆର କଣ ଗୋଟାଏ ସୀମା ନାହିଁ!

ବାହ୍ମଣ ଉପରେ ଭାରତର ଯେଉଁ ମୋଟା ଋଣ ରହିଛି, ତାହା ତ ମିଳିବାର ଆଶା ନାହିଁ। ସେଥିରୁ କିଛି କେଇଦେଲେ ଚଳନ୍ତା ନାହିଁକି? ଉଡ଼ିଗଲା ଗଛ ବଣ୍ଟାର ସ୍ୱାହା!

+ + + ×

ଉଦବସ୍ତି ପାଃ ମନ୍ତ୍ରୀ ମହତାବଙ୍କ ଅପଣା ଗାଁ ସଫରରେ ଅସିବାର ଶୁଣି ଉଦବସ୍ଥ ଲୋକେ ଲୁଇସେ ଉଠିଲେକ ଦେଖାଣି ପାଃ ମନ୍ତ୍ରୀ ଅପଣେ ଉଦ୍‌ଯୁକ୍ତ ମୁଣ୍ଡରେ ଦିଅ ମଟ୍ଟୁ ବାଲିଗୀଠାଏ ଅତାଉ ଦେଇ ଯିବେ। ସେଥିପାଇଁ କେତେଣି ଗୁଡ଼ି ଗାଳିଆ ଧରିବା ପେଷ୍ଟ କରିଗଲା। ମାତ୍ର ମହତାବ ତ ଏବଞ୍ଜିଣି ଓଡ଼ିଶା ମୁଲକର କର୍ତ୍ତା। ପାତର ଅନ୍ତର କରିବା ତାଙ୍କ ପକ୍ଷେ ଅଶୋଭନୀୟ ହେବ—ଅସମ୍ଭବ। ମନରେ ଯାହା ଥାଉ ପଛାକେ ସବୁ ଆଡ଼କୁ ସମାନ ଆଖି ଦେବାର କଥା। ଏଥିପାଇଁ ଉଦ୍‌ବାସୀଙ୍କର ନରସ ହୋଇ ମୁଣ୍ଡକୁଣ୍ଡାଇବା ବେକାରବ। ମହତାବଙ୍କ ଏକଥା ପରୁଛିଲେ ସେ କହିବେ—"ଗଲ ଅଇଲ, ଯାହା ପାଇଲ ତାହା ଖାଇଲ।" ଆଉ ଆମେ କହିବୁ—"ଯାହା ଖାଇଲେ ପଣ୍ଡି ଭଲ ହଗିଲ ନାହିଁ କି!"

+ + × +

ତମା ଘାହାର ବଡ଼ ଆଶା କରିଥିଲେ ଏ ଉଚ୍ଚମୂଳ ଧାନ ଉପର ବ୍ରହ୍ମ ଅର୍ଥ କଂଗ୍ରେସ କେବେ ଦେନା କରିବେ ନାହିଁ, ଓ ସେହି ଅଳରେ ତାଙ୍କ ମିଶ କଥାମୃତ ସଙ୍ଗରୁ ଅନ୍ତର ହୋଇ ଯାଇ ଯିବେ। ମାତ୍ର କଂଗ୍ରେସ ତହିଁରେ ମଙ୍ଗି ଯିବାକୁ ଜନାସ ଅରଦ ବାଟ ନ ପାଇ ବଡ଼ ଦରଘଣରେ ପଡ଼ିଗଲେଣି। ସେ ଏବଞ୍ଜିଣି ଗୁହିଁ ବସିଲେଣି ତା ୨୦ ରଖବ। କଥାମୃତ ସଙ୍ଘରେ ଯେଉଁ ସବୁ ପ୍ରସ୍ତାବ ପଢ଼ିବ, ତାହାର ଭିତରୁ ଗୋଟାଏ ଧରି କେଇଁ ବାହାର କରିବେ ଓ ସେହି ଅଳରେ କଥାମୃତ ସଙ୍ଘରେ ଯୋଗ ଦେବେ ନାହିଁ। ଏକଥା ଜଳଜଳ ହୋଇ ଦଶୁଛି। ଏଣେ କେଖାଯାଉ ଛକା ପଞ୍ଜାରେ କାହାର କହଡ଼ି କେତେ ଦାନ।

+ × × ×

ସବୁରି ମୁହଁରେ ଗୋଟାଏ ପ୍ରଶ୍ନ—ସ୍ୱାଧୀନତା କେବେ ଆସିବ? ଏ ପ୍ରଶ୍ନ ଯେଉଁମାନେ ପଚାରୁଛନ୍ତି, ତାଙ୍କର ଧାରଣା, ସ୍ୱାଧୀନତା ନାମକ ଗୋଟାଏ ଅଦ୍ଭୁତ ବସ୍ତୁ ପାର୍ଶଳ ହୋଇ ବା ଟୋପି ମୁଣ୍ଡରେ ଅଡ଼ି ପଡ଼ିଥିବ ଆମ ଗାଁ ମୁଣ୍ଡରେ ବା ଦୁଆର ଆଗରେ। ଆମେ କହୁଁ—ସ୍ୱାଧୀନତା ବୋଲି ଗୋଟାଏ କିଛି ଜିନିଷ ନାହିଁ। ପରାଧୀନତାର ଅଭାବ ହେଉଛି ସ୍ୱାଧୀନତା। କହିବା ଦେଶର ଦୁର୍ଦ୍ଦଶା ତ୍ୟାଗ ସମ୍ପଦଲେ ମଧ୍ୟ ତାର ଦୁର୍ବଳତା ଯୋଗୁଁ ଆଉ କେତେ କାଳ ଲାଗିଲେ ଓ ବ୍ୟାଧି ଗଲା ଭଳି ଜଣାଯାଏ ନାହିଁ, ଆମର ବର୍ତ୍ତମାନ ସେହି ଅବସ୍ଥା। ଜର ପରେ ଯେପରି ଦୁର୍ବଳ, ସ୍ୱାଧୀନତା ଆମର ପ୍ରକୃତରେ ଆସିଗଲାଣି—ଅର୍ଥାତ୍ ପରାଧୀନତା ଛାଡ଼ି ଗଲାଣି। ନପା କର ଦେଖିଲେ ହେଲା।

× × + ×

ସମ୍ବଲପୁରରେ ଯେଉଁ ରଙ୍ଗ ଲାଗିଛି ତାହା ଧୁଣି ତହଡ ଉଠିଛି କଖାଡ ବାଉଳ ମିଶି ଉଙ୍ଗିଥିବ ଲୋକଙ୍କ ଏକଜୁଟ ହେଲେ। ଶୁଣି ବଡ଼ଯୋଗ ପୁଣି ଉଠିଛନ୍ତି ରାଜ ମହା ଉଲ୍ଲାସରେ। ଅମଙ୍ଗଳ!

Digitized by srujanika@gmail.com

ଦେଶସାଧାରଣ··· ଉଦ୍ଧାର ଏସ୍ଥାନ୍ ରେ ଅଦଭ ଅଛି କଣ ? ଏହି ଅନାହୂତ [illegible] ବିନା ପଇସାରେ ମଜା ଦେଖିବା ଲୋକ ଭାରତର ଅଭାବ ନାହିଁ । କେବଳ ଏତିକି ଦୁଃଖ ହେଉଛି ଯେ ବଙ୍ଗ ବିହାରରେ ହେଉଥିବା ଦାଙ୍ଗାମାନଙ୍କ ବିଷୟରେ ଏତେ ଉତ୍ସାହ ଦେଖାଏ ଲୋକ କିଏ ନାହିଁ କି ? ବୋଧହୁଏ ସେଠି ଜମି ଉପରେ ନ ହୋଇ ଆକାଶରେ ହେଉଛି । ସେହିଠାରେ ଅବାଞ୍ଛିତ ବନ୍ଧ ସ୍ଥାପନରେ ହୋଇ ପାରନ୍ତା ନାହିଁକି ? ତାହାହେଲେ ବୋହିଯାଉ ଗୁହାଳ ହେଲେ ଉଦୟ ଥାନ୍ତା, ଯାହା ଭଗୀ ବୋଷଲେ-ଷେଙ୍କ ମୂଳ ମଞ୍ଜି କରନ୍ତା !

× × × +

ଝିଅ ମନ୍ତ୍ରୀ ସରକାର ଭାରତରେ ଯେଉଁ କଂଗ୍ରେସ କର୍ମୀ-ମାନେ ଗଢ଼ିଛନ୍ତି, ତାହା ବିରୁଦ୍ଧରେ ବହୁତ ଆପତ୍ତି ଅଭିଯୋଗ ଶୁଣା ଯାଉଛି ବହୁଦିନ୍ । ଏବେ ଉଦ୍ଧାର ଅନ୍ତର୍ଗତ ଉତ୍କଳ କର୍ମୀ ସମ୍ବନ୍ଧରେ ଅନେକ ବ୍ୟକ୍ତିଙ୍କ ସ୍ୱାକ୍ଷରଯୁକ୍ତ ଏକାଧିକ ଅଭିଯୋଗ ପତ୍ର ପାଇ-ଲୁଣି । ତହିଁରେ କେତେକ କହିବାର କଥା ଅଛି, ଯାହା ପ୍ରକାଶ କରିବା ଅନାବଶ୍ୟକ । ଅନେକ ଅଭିଯୋଗକାରୀଙ୍କ ଏପରି କହିବାର ବେଳେ ଯେଉଁଟି ଉଦ୍ଦେଶ୍ୟ ମହତ୍ ଥାଏ, ସେଠି କର୍ମୀମାନଙ୍କ ହିତଏ [illegible] ହେଲେ ମଧ୍ୟ ତାହା ସହିବା ଶ୍ରେୟସ୍କର । ତେବେ କୌଣସି ଅସତ୍ ବା ଅନ୍ୟାୟ କେଶିତନ ଲଗ ରହ ପାରେ ନା । ତାର ପ୍ରତିକ୍ରିୟା ଅବଶ୍ୟମ୍ଭାବୀ । ଜନମତ ଜାଗ୍ରତ ହେଲେ ଅତେ ଅତେ ତାହା ଉଠେଇ ଦିଏ ।

\+ \+ \+ \+

ହିନ୍ଦୁ ବଳ ମହାର କଥା—ବିହାର, ଓଡ଼ିଶା ପ୍ରଭୃତି ହିନ୍ଦୁ ପ୍ରଧାନ ସ୍ଥାନମାନଙ୍କରୁ ମୁସଲମାନମାନେ ପରିବାର ସହ ପଳାଇ-ବାକୁ ଲାଗିଲେଣି ବୋଲି ଶୁଣାଯାଉଛି । ଏ ଖବର ଯେଉଁମାନେ ଉଠାଉଛନ୍ତି, ସେମାନେ ଯେ ନିଜ ଘରପୋଡ଼ିଆ, ଏଥିରେ ସନ୍ଦେହ ନାହିଁ । ସାହାଡ଼ ଲୋକେ ତ ସାତ ସମୁଦ୍ର ସେପାରିରୁ ଆସିଥିଲେ, ଅପଗା ସହିଛି ଗଲେ । ଏମ ମୁସଲମାନ ଭାରତ ଆସିଥିଲେ କେଉଁଠୁ ? ସମସ୍ତେ କଣ ଅରବ, ପାରସ୍ୟରୁ ? ଯଦିବା ସେଇ କଥା ସେମାନେ ଭାବନ୍ତି, ତେବେ ଏଠୁ ଯାଇ ବଙ୍ଗଳା ବା ସିନ୍ଧୁରେ ରହିଲେ କଣ ମାନେ ହେବ—ସେ ପାକିସ୍ଥାନ ବା ଫାଙ୍କିସ୍ଥାନ ଯାହା ବୋଲନ୍ତୁ ପଡ଼ିବ ? ନିଜଘର ବରବେ ତ ଏବାବେଳେ ହାଙ୍କ କରନ୍ତୁ ମଙ୍ଗା ସାହେବଙ୍କୁ । ଏଠିକି ମଙ୍ଗିଲା ଲୋକ ଅଛନ୍ତି କେତେଜଣ ? ବଙ୍ଗ ସର-କାରର କୃତିତ୍ୱ ହୋଇ ପଡ଼ିବ ତାଡ଼ିବାର ସୁପଟା ବୁଝିବାକୁ କେଣି ହେଉ ଲାଗିବ ନାହିଁ ତ ! + + + ×

ଖାଁ ଅବଦୁଲ ଗଫୁର ଖାଁ ସାହେବଙ୍କୁ ଲୋକେ 'ସୀମାନ୍ତଗାନ୍ଧି' କହି ଡାକନ୍ତି । ତାର କାରଣ, ଏହି ବାହିଁଆ ଗାନ୍ଧିଙ୍କର ମୂଳ ଲକ୍ଷଣ ଟାଙ୍ଗର ଗାନ୍ଧିଙ୍କ ଭଳିଆ । ସେହିପରି ଧର୍ମପରାୟଣ, ସେହିପରି ନିରଭିମାନ ଓ ସେହିପରି ସରଳ । ଟାଙ୍ଗର ଗାନ୍ଧି ଯେମିତି ନୂଆଖାଲି ଯାଇ ବସି ରହିଲେ, ବାଟଳ ଗାନ୍ଧି ପଞ୍ଜାବରେ ଯାଇ ପଡ଼ିବ, ନିଷେଧ ଉଦ୍ଧାରର ଲାଏ ବ ଟଙ୍କର ମାର ମୁଖ କରବେଲେ କହାର ସତ୍ତ୍ୱ । ମାତ୍ର ମୁଖର କଥା ଲଣ୍ଡା ଗାନ୍ଧିଙ୍କଠାରୁ ବାବୁଆ ଗାନ୍ଧି ଅଳ୍ପ ସମୟ ମଧ୍ୟରେ ଅଧିକ ଲୋକପ୍ରିୟ ହାସଲ କରି ପାରିଛନ୍ତି ବୋଲି ଶୁଣାଯାଉଛି । ଏମ ମନେହୁଏ ଏହି ପଠାଣ ଗାନ୍ଧି, ଗଣିଆ ଗାନ୍ଧିଙ୍କୁ ଗାନ୍ଧି ପଣିଆରେ ଟପି ଯିବେ ଏଥର ! ଏବେ ସେ ଖାଲି ସୀମାନ୍ତକୁ ନେଇଥିଲେ—କାରଣ ସେଠି ମଧ୍ୟ ତାଙ୍କର ଜରୁରି ଲୋଡ଼ା ପଡ଼ିଲାଣି ହୁଏତ !

\+ × +

ଭାରତରେ ସ୍ୱାଧୀନତାର ନୂଆ ଜଳ ଉଠିଲାଣି । ତାହିଲକ୍ଷ୍ମୀ ନଗର, ହିନ୍ଦୁ-ମୁସ୍ଲିମ, ହିନ୍ଦୋଚୀନରେ ଯେଉଁ ନୂଆ ଜନ୍ମୁଛି ତାର ପରିଣାମ କଣ ? ବ୍ରହ୍ମଦେଶ ଓ ଭାରତରେ ତ ଫୁଟୁଛି । କେତେବେଳେ ଜଳ ଉଠିବ ତାର ଠିକଣା ନାହିଁ । କେଉଁଆଡ଼ି ଉଠିଲାଣି । କେଉଁଆଡ଼ି କଣ ଅପେକ୍ଷାରେ ରହିଛି । ମହା କ୍ଷଣ କ୍ଷଣକେ ଅନ, ବଡ଼ ବଡ଼ କଥା କେ ପଚାରେ ! ସମ୍ପ୍ରତି ହିନ୍ଦୋ-ଚୀନ ବା 'ଭିଏତ ନାମ'ର ଫଳ ଉପରେ ସବୁ ନିର୍ଭର କରୁଛି । ଭଗବାନ ଜାଣନ୍ତି । ଏକ ଘୋର ମହା ସଂଗ୍ରାମ ଯେ ଅବଶ୍ୟମ୍ଭାବୀ ଏଥିରେ ସନ୍ଦେହ କରିବାର କିଛି ନାହିଁ । ସାଧୁ ସାବଧାନ !

\+ + × ×

[illegible] ଶାସନ ଯାଇ କଂଗ୍ରେସୀ ଶାସନ ଆସିଲା ମାତ୍ର ଲୋକେ ଭାବିଲେ ଏ କଣ ଗୋଟାଏ ଓଲଟ ପଲଟ । ଏବେ ଜଣୁଛନ୍ତି ଯାହା ଯେଉଁଠାରେ ଥିଲା ସେହିପରି ତ ସବୁ ଚାଲିଛି—ହେଲା କଣ ! ଅନେକ କହୁଛନ୍ତି, ମିସ୍ତ୍ରୀ ଯିବା ବଦଳିଲେ, କଳଟା ଯେ ସେହି ପୁରୁଣା କଳ ! ନୂଆ ମେସିନ ନ ଲଗାଯାଏ ସବୁରି କରିବାକୁ ପଡ଼ିବ । କୌଣସି ବିଷୟରେ ଆପତ୍ତି ହେଲା ବେଳକୁ ଜବାବ ଆସୁଛି— ଲୋକ ସହାନୁଭୂତି ଓ ସୁଦକ୍ଷ କର୍ମଚାରୀଙ୍କର ଅଭାବ ! କଥାଟା ଅନେକାଂଶରେ ସତ ହେଲେ ବି ଲୋକେ କଳ ଚାଳକମାନଙ୍କ ଅକ୍ଷମତାକୁ ଦୋଷ ଦେଇ ତାଙ୍କ ଉଣ୍ଡରେ ହାତ ଦେବ କଏ !

\+ × + ×

ଖାଦ୍ୟ ମନ୍ତ୍ରୀ ସତ୍ୟନାଥ, ପ୍ରସାଦଙ୍କ କଥାରୁ ଜଣାଯାଏ କେନ୍ଦ୍ର ସରକାର ଓ ସ୍ଥାନୀୟ ସରକାର ମିଶି ଖାଦ୍ୟଉତ୍ପାଦନ ଅର୍ଥାତ୍ କୃଷି ଉନ୍ନତିରେ କୋଟି କୋଟି ଟଙ୍କା ବ୍ୟୟ କରିବେ । ଅନେକ ଚେତାଇ ଦେଉଛନ୍ତି କି ଏ ଟଙ୍କା ଆସିବା ପୂର୍ବରୁ ନ୍ୟାଯ୍ୟ ଭାବରେ ଖରଚ ହେବାର ବାଟଟା ଠିକ କରି ରଖାଯାଉ । ବର୍ତ୍ତମାନ କୃଷି ଓ ଗ୍ରୋ-ମୋର-ଫୁଡ୍ ଯେଉଁ ଗତିରେ ଚାଲିଛି, ସେହିପରି ଚାଲିଲେ ଫଳ ଯାହା ହେବ ତାହା ମା ଗଙ୍ଗା ଜାଣନ୍ତି । କାଗଜ କଲମରେ ମାମୁଲି ଅଙ୍କ କଷିଦେଲେ ତ ଲୋକଙ୍କ ପେଟ ପୂରିବ ନାହିଁ ।

× × + +

ଉତ୍କଳ ସମ୍ମିଳନୀର ନେତୃବୃନ୍ଦ ଏଥରକାର ସମ୍ମିଳନୀ ମଣ୍ଡପରେ ବସାଇ ରୁବି'ର ନାମ କରିଛନ୍ତି । ମଞ୍ଜୁଷା ଉକ୍ତ ପୂର୍ବ ଓଡ଼ିଆ ମୁଲକ ଓଡ଼ିଶାରୁ ବିଛିନ୍ନ ହୋଇ ରହିଥିବାରୁ ପ୍ରତ୍ୟେକ ଓଡ଼ିଆ କ୍ଷୁବ୍ଧ । ଉତ୍କଳର ଅନାସକ୍ତ କର୍ମୀ, ସାଧୁ ଲକ୍ଷ୍ମୀନାରାୟଣ ସାହୁଙ୍କ ନେତୃତ୍ୱ-ରେ ଏହି ସମ୍ମିଳନୀର ଉଦ୍ୟମ ସାଫଲ୍ୟ ମଣ୍ଡିତ ହେଉ, ଏତିକି ଶ୍ରୀ ନୀଳାଚଳନାଥଙ୍କଠାରେ ମାଗୁଣି । ସମ୍ମିଳନୀର ସମସ୍ତ ଉଦ୍ୟୋକ୍ତା-ମାନଙ୍କୁ ଆମର ଅନ୍ତରର ସହସ୍ର ଧନ୍ୟବାଦ । ଜୟ ଉତ୍କଳ ଜନନୀର ଜୟ !

Digitized by srujanika@gmail.com




# ଅଣାବାହୁଡ଼ା

ଲେଖକ—
ଶ୍ରୀ ବ୍ରଜକିଶୋର ପଟ୍ଟନାୟକ

ଅନାଥାଶ୍ରମର ସେହି ଦେଢ଼ ବାଳା ଅନାଥପ୍ରସୀତି ଝିଅଟିକୁ ଖାଉଣୀ ଲୋକ ଆଣିଲେ ତାହା-ଅତୀତକୁ ଆଖି ପକାଇଲେ ଦିଶେ ଗୋଟିଏ ସବଳ ଓ ସରସ ସ୍ତ୍ରୀ । ସଂସାରର ସବୁ ପ୍ରକାର ସମ୍ଭବ ସମ୍ପନ୍ନାଯୁକ୍ତା ଦେଇ ବିଧାତା ତାହାକୁ ଗଢ଼ିଥିଲା । ଖାଲି ରୂପର ଚମତ୍କାର ବାଦ ଦେଇ ।

ଅସୁନ୍ଦର ବୋଲି ସେ ବାପମାଙ୍କର ବହୁତ ଅନାଦର ପାଇଥିଲା । ସେମାନଙ୍କର ଆଦର ତାହାର ରୂପର ଅଭାବ ପୂରଣ କରିପାରିଲା ନାହିଁ । ସେମାନଙ୍କର ସବୁ ପ୍ରକାର ଆଶୀର୍ବାଦ ନେଇ ସେ ଯେବେ ହୋଇଗଲା ତାହାଠାରୁ ଜନ୍ମ ହଣ୍ଡିତ ଜାଣିଲୁ । ସେଠୁ ଏହି ଗଳ୍ପର କଥାବସ୍ତୁ ଆରମ୍ଭ ।

ବିବାହରେ ସେ ସ୍ୱାମୀ ପାଇଲା କିନ୍ତୁ ସ୍ୱାମୀ ତାହାଠାରୁ ଦୂରରେ ରହିବାରେ ଯତ୍ନ କଲେ । ତାହାର ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ସେ ସବୁବେଳେ ଉଦାସୀ ରହିଲେ । ନିଜର ଅଖିଆ ସନ୍ତୋଷ ଦେବା ପାଇଁ ସେ ତାହାକୁ ସୌନ୍ଦର୍ଯ୍ୟରେ ପରିଣତି କରିବା ପାଇଁ ଅନେକ ଶାସ୍ତ୍ରକାରଙ୍କର ଅଭିମତ ନେଇ କଥା କହନ୍ତି । କିନ୍ତୁ ତାହାର ପ୍ରତ୍ୟେକ ଚେଷ୍ଟା ତାହାକୁ ସ୍ୱାମୀ ପାଖରେ ଅଧିକ ଶ୍ଳେଷ କରି ଦିଏ । ସେ ହସନ୍ତି—ସେହି ହସରେ ଖଣ୍ଡ ଖଣ୍ଡ କରି ତାହାର ମନର ପ୍ରଫୁଲ୍ଲତା କାଟି ନିଅନ୍ତି ।

ସ୍ୱାମୀଙ୍କର ଏହି କଦର୍ଥିତ ଜିଜ୍ଞାସା ଓ କଟୂକ୍ତି ତାହାର ମନର ଦାନ ସ୍ୱାମୀଠାରେ ଅନାସ୍ଥା କରାଇଲା । କର୍ତ୍ତବ୍ୟ ଅନୁରୋଧରେ ଯେତିକି ମିଳାମିଶା ସମ୍ଭବ ସେତିକି କେବଳ ସେ ତାହା ସ୍ୱାମୀଠାରୁ ପାଏ । ସେଥିକି ପାଇଁ ସେ କେବେ ମଧ୍ୟ ଅଗ୍ରହ କରେ ନାହିଁ । କୌଣସି କ୍ଷେତ୍ରରେ ତାହାର ଦାବି ନଥାଏ—କୌଣସିଥିରେ ସେ ଅଧିକାର କରେ ନାହିଁ ।

ତାହାର ରୂପ ପାଇଁ ସ୍ୱାମୀ ତାହାକୁ ଯେତିକି ଅନାଦର ଦେଖାନ୍ତି ସେ ନିଜକୁ ମଧ୍ୟ ସେତିକି ଅଶ୍ରଦ୍ଧା କରେ ।

ସ୍ୱାମୀ ସ୍ତ୍ରୀ ଭିତରେ ସାତବର୍ଷ କଟିଲା—କିନ୍ତୁ ସେ ସନ୍ତାନମୁଖ ପାଇଲା ନାହିଁ । ଦୁହିଙ୍କ ମଧ୍ୟରେ ଆଉ ଏକ ବନ୍ଧନ ପାଇଁ କଥା ନ ଥିବାରୁ ତାହାର ରୂପର କେବଳ ଆଲୋଚନାର ବିଷୟ ହୁଏ ।

ସେ ସବୁ ସହିଯାଏ—ଯେମିତି ସେ ନିଜର ରୂପକୁ ସହିଥିଲା ଚେତନା ଆସିଲା ଦିନଠାରୁ ।

ଅନାଦର ପାଇଲେ ମନ ଶୁଖିଯାଏ । ତାହାର ସାଙ୍ଗସାଥିମାନଙ୍କୁ ପଚାରି ବୁଝିଲା ଯେ ବିବାହ ଭିତରେ ମିଳାମିଶା ନଥିଲେ ଗୋଟିଏ ଶିଶୁ ଅଭାବ ଘଟେ । ସ୍ୱାମୀ ତାହାର ରୂପ କଥା ଭୁଲି ଶିଶୁ କଥା ଭାବନ୍ତେ । ଆଉ ତାହାର ରୂପର ନିନ୍ଦା ଶୁଣି ମନ ଶୁଖିଗଲେ ନିଜେ ଓ ଶିଶୁକୁ ଦେଖି ପୁଣି ହସି ଉଠନ୍ତା । ସ୍ୱାମୀଙ୍କର କଦର୍ଥର ପ୍ରତିବାଦ କରି ପାରନ୍ତା ଓ ତାଙ୍କର ଅଭ୍ୟାସ ମଧ୍ୟ କମି ଯାଆନ୍ତା ।

ସେଥିପାଇଁ ସେ ପୁଣି ନିଜକୁ ସ୍ୱାମୀଙ୍କର ପ୍ରିୟ କରିବାକୁ ଯତ୍ନ କଲା । ଉପାୟରେ ସ୍ୱାମୀଙ୍କ କଥା ଭାବିଲା । ସନ୍ତାନଟିଏ ପାଇଁ ଭଗବାନଙ୍କୁ ଅନ୍ତରର ପ୍ରାର୍ଥନା ଜଣାଇଲା । କିନ୍ତୁ ସ୍ୱାମୀ ପାଖରେ ସେ ଯେତିକି ରହିଥିଲା ଠିକ୍ ସେମିତି ରହିଲା ।

ସ୍ୱାମୀ ତାଙ୍କର ଅଶ୍ରଦ୍ଧା ବଦଳାଇଲେ ନାହିଁ । ତାହାର ସବୁ ପ୍ରକାର ଅଭିମାନ ବୃଥା ହେଲା । ସେ ନିଜକୁ କେବଳ ଦୋଷୀ ମନେକଲା । ନିଜର ଦୁଃଖରେ ନିଜେ ସନ୍ତୁଷ୍ଟ ହୋଇ ରହିଲା ।

କେତୋଟି ଦିନେ ନୂଆ ଲୋକ ସାଙ୍ଗରେ ପରିଚୟ ହେଲା । ସେ ତାହାର ସ୍ୱାମୀଙ୍କର ସଂପର୍କର ଲୋକ—ମୋହନ । ତାଙ୍କ ଘରେ କିଛି ଦିନ ରହିଲେ । ରହିବାର ଦୁଇଦିନ ପରେ ସବୁ ତାହାକୁ ଲାଗିଲା ଯେ ଜଣାଇଦେଲେ ସେ ତାହାର ଭଲ ପାଆନ୍ତି ।

ବିବାହର ସାତବର୍ଷ ଭିତରେ ସେ ଯାହା ପାଇଁ ଅଭୁକ୍ତ ହୋଇ ରହିଥିଲା ସେହି ସହାନୁଭୂତି ମିଶା କେଉଁଠି ପାଇଲାବେଳେ ସେ ନିଜର ଆନନ୍ଦ ଲୁଚି ପାରିଲା ନାହିଁ । ସ୍ୱାମୀଠାରୁ ଲାଞ୍ଛନା ଓ ଗଞ୍ଜଣା ପାଇବାରେ ଅଭ୍ୟସ୍ତ ହୋଇଥାଇ ସେ ଯେତେବେଳେ ସେହି ଯୁବକଠାରୁ ତାହାର ରୂପର ପ୍ରଶଂସା ଶୁଣିଲା ସେ ବିଶ୍ୱାସ କରି ପାରିଲା ନାହିଁ ।

ପଚାରିଲା—"ମୋତେ ଅସୁନ୍ଦର ବୋଲି ସମସ୍ତେ କହନ୍ତି, ଆଉ ଲାଞ୍ଛନା ଦିଅନ୍ତି । ମୋର କ'ଣ ଦେଖିକି ଯେ ତମେ ପ୍ରଶଂସା କର ?" ଯୁବକ ଅନେକ ଗୁଡ଼ିଏ କଥା ଶୁଣାଇଲା—ତାହାର କଳା କେଶ, ସରୁ ଭ୍ରୂ, ଶୁଆ ନାକ ଆଉ କେତେ ପ୍ରକାରର ଦେହର ସୌନ୍ଦର୍ଯ୍ୟ । ସେ ସବୁ ସତରେ ସ୍ୱାମୀ ମୋଟେ ଦେଖି ପାରୁ ନଥିଲେ । ଆଉ ଏ କହିଲ ସବୁ ତାର ପ୍ରକୃତ ମାଧୁରୀମା ଆଉ କାହା-ଠାରୁ ସେ ଶୁଣିନାହିଁ ।

Digitized by srujanika@gmail.com

ସବିତାର ପରିବର୍ତ୍ତନ ଆସିଲା । ଅନାଦର ଭିତରେ ପୁଣି ଆଦର ଆସିଲା । ତାହାର ଚଉଦ ବର୍ଷର ଅନାଦର ମୁହଁରେ ପୁଣି ଦୀପ୍ତି ଫେରିଲା ।

ସେ ଭୁଲି ଗଲା—କେମିତି ଗୋପାଳ ରମାନାଥର ଘର ପଶିଲେ । ତାଙ୍କର ସ୍ୱାମୀ ସବୁବେଳେ ବାହାରେ । ରମାନାଥର ବ୍ରତ ଅନୁସାରେ ସେ ମୁଗ୍ଧ ହୁଏ । ଯେଉଁଠି ସ୍ୱାମୀଙ୍କର ମନର ଭାବ ନାହିଁ । ପ୍ରତ୍ୟେକ କଥାରେ ସେ ଏହି ପରପୁରୁଷଠାରୁ ପ୍ରଶଂସା ଶୁଣେ । ଅଥଚ ସ୍ୱାମୀଙ୍କର ନିନ୍ଦା ସହେନାହିଁ ।

ଦୁଇଜଣଯାକ ପୁରୁଷ । ଉଭୟ ନିଜର ଅଧିକାର ଉପରେ । ଯାହା ତାହାଠାରେ ଲେଖକଙ୍କ ସୁନ୍ଦର କବିତା, ମନର ସେହି ଗୋପନ ସ୍ୱାମୀଙ୍କର ପ୍ରଶଂସା ପାଏନାହିଁ । ତଥାପି ସେ ସ୍ୱାମୀଙ୍କୁ ନିନ୍ଦା କଲା, ନିଜକୁ ନୁହେଁ ।

ତାର ଅନେ ଥରେ ଶୁଣିଲା—'ଏହି ଆଦରର ବଞ୍ଚିବାଏ ସ୍ୱାମୀଙ୍କଠାରୁ ମିଳୁଥିଲେ କେତେ ସୁଖର ସଂସାର କରିଥାନ୍ତା—ହେଲେନାହିଁ ।

ଯେଉଁ ଦିନଠୁ ସବିତାର ଆଦର ବଢ଼ି ତାହାର ଚେହେରା ଅଙ୍ଗର ଦେହରେ ନୂଆ ଯୌବନ ସେହିଠାରେ ଯୋଗାଏ ଆଉ ନୂଆ ରଙ୍ଗ । ତାହାର ସ୍ୱାମୀଙ୍କଠାରୁ ଆଉ ବଢ଼ିଗଲା । ସ୍ୱାମୀ ତାହାପରି ଏହାକୁ ଏଡ଼ାଇ ଚାଲିଥିଲେ ।

ଟିକ୍ ତାହା ଘଟିଲା ଏ ବାରବର୍ଷର ରମାନାଥ ଯେ ଏଣ୍ଟ୍ରେସ ଭିତରେ ଯୁବକ ହୋଇଛି ଏବଂ ସବିତାର ସ୍ୱାମୀ ସୀତାନାଥ ବୁଝି ପାରିଲେ । ସେ ରମାନାଥର ଏପାଖ ସେପାଖ ଚିନ୍ତାର ମନେ କରନ୍ତି ଆଉ ତାହାର ଉପଯୁକ୍ତ ବ୍ୟବହାର ଦେଖାନ୍ତି ।

କଥା ପଡ଼ିଲେ ରମାନାଥ ସବିତାର ପକ୍ଷ ନିଏ । ସୀତାନାଥ ସବିତାକୁ ଗାଳି ଦେଉଥିଲେ ସେ ସବିତାର ହାତ ଧରି ଯାଇଁ ସୀତାନାଥର ବେଶୀ ନିନ୍ଦା କରେ ।

ସେଥିପାଇଁ ସବିତାର ସ୍ୱାମୀପ୍ରତି ବେଶୀ ଅବହେଳା । ଏ ଦୁହେଁ ଓ ବନ୍ଧୁର ସମାନ ପରିମାଣ ଅଂଶ, ଦୁଃଖ ଓ ଅନୁରାଗ ଦିଏ ରମାନାଥ ପ୍ରତି ।

ସେଥିପାଇଁ ସେ ଅନେକ ଅଧେ କଳ୍ପନାରେ ଭାବେ, ହେଲେ ରମାନାଥକୁ ବିବାହ କରିଥାନ୍ତା......

କଳ୍ପନାରୁ ବାସ୍ତବ ଦେଖିଲା । ଅନେକ ଦିନରୁ ସେ ଯେଉଁ ପ୍ରକାର ଦେହ ଓ ମନର ମିଳନ କାମନା କରିଥିଲା ସେହିପରି ପାଇଲା । ମନ କଲା ସେ ମୁଗ୍ଧ । ସେହି ମୁଗ୍ଧରେ ଭୁଲି ତାହାର ସ୍ୱାମୀ ସୀତାନାଥ ନୁହେଁ, ଅପେକ୍ଷାକୃତ ତରୁଣ ରମାନାଥ ।

ରମାନାଥ ତାହାର ଚପଳତା ଆନନ୍ଦରେ ଚାହିଁ ପଡ଼ୁଥିଲା । ଅକାରଣରେ ଯାଇ ସୀତାନାଥ ସାଙ୍ଗରେ ସେ ତାହାର ସ୍ତ୍ରୀ ପ୍ରତି କରୁଥିବା ବ୍ୟବହାର ଅଭିଯୋଗ ବାଦାନୁବାଦ କରିବାରେ ସୀତାନାଥ ବୁଝିଲା ରମାନାଥ ସବିତାକୁ ଭଲ ପାଉଛନ୍ତି ।

ତାହାର କ୍ରୋଧ ହେଲା । ଅସୁନ୍ଦର ହେଲେ ବି ସେ ସ୍ତ୍ରୀ । ପୁରୁଷର ସଙ୍ଗରେ ଅସାଧ ଅସିଲା ।

ସବିତାକୁ ଅଦର କଲା ଏବଂ ଦେବେ ତୋତେ ସହେଜ ଦୂର କରିବା ପଛି । ସବିତା ମନେକଲା ସ୍ୱାମୀଙ୍କର ସ୍ନେହ ପେଲ ପାଇଲଣି ।

କେବଳ ପରିସ୍ଥିତିରେ ହେଲେ ଅଭିନୟ ପାଇଁ କେଉଁଠର ମୁହାଁ ହୋଇଥିଲା ।

ଅନ୍ତରରୁ ଭୁଲିଗଲେ ବାଜିଲା ସବିତା ତୋଷ ମିଳିଲା । ଯାହା ପାଇଁ ସେ ବ୍ୟାକୁଳ ହୋଇ ଝୁରୁଥିଲା, ସେହି ପ୍ରେମଭରା ତାହାର ସ୍ୱାମୀଙ୍କୁ ଦେଖାଇଲା । ଅନେକ ଦିନର ଝରଣା ଭୁଲାଇ ସେ ସ୍ୱାମୀଙ୍କୁ କହିଲା, 'କେତେଦିନ ଆଉକୁ ଦେହ କରିଥିଲେ, ହୁଏତ ସନ୍ତାନ ଅସ୍ତମିତ ରହିଥାନ୍ତା ।'

ସୀତାନାଥ ସମ୍ମତି ହୋଇ ଭାବିଲା—"ଅସୁନ୍ଦର ରୂପ ଭିତରେ ଭୁଲି ବି ମନର ଥାଏ । ହେଲେ ନ ଦହ ଥାନ୍ତା......

ଯେଉଁ ଭାରଣରୁ ଯାହା ହେଉଥାଉ ।

ସେ ରମାନାଥକୁ କ୍ଷମା ଦେଲା । କିନ୍ତୁ ସେଦିନ ତାହାକୁ ସହର ପଠେଇ ଦେଇ ସେ ସବିତାକୁ ବାଣ୍ଟିକୁ ଦେଖିଦେଲା—ଯେଉଁ ବାଣ୍ଟ ପଡ଼ିଲା ଅନାଥାଶ୍ରମର ଦୁଆରଦେଢ଼ ।

ରମାନାଥ ଅନୁତାପ କରି ଦୁଃଖ କଲା । କିନ୍ତୁ ଜଣେ ଦୋଷ କରିଥିବାରୁ ଦୁର୍ବଳ ଆଉ ଅଧିକ ସାହାଯ୍ୟ ପାଇଁ ଅସମର୍ଥ ଥିବାରୁ ମୁହଁ ବନ୍ଦ କରି ରହିଲା ।

ଅବଶ୍ୟ ଅନାଥାଶ୍ରମର ଦୁଆର ମୁହଁରେ ପହଞ୍ଚିଲାବେଳେ ପୁଣି ଥରେ ସବିତା ଚଞ୍ଚଳ ହୋଇ ଭାବିଲା ।

'ଦୁହେଁ ତ ପୁରୁଷ—ରମାନାଥ ଓ ସୀତାନାଥ । ତେଣୁ ଦୁହେଁ ସମାନ । ସ୍ୱାମୀ ଠେଲି ଦେଉଥିଲେ କନ୍ୟାର ଭିତରକୁ ଯେଉଁଠି ମଣିଷ ଝୁରି ପାଇଁ ହୁଏ । ଆଉ ରମାନାଥ ସେଠୁ ତାହାକୁ ଟେକିନା ଦେଇ ଜବାବ ଦଲେ କିନ୍ତୁ ସେ ଠେଲିଦେଲେ ଅନାଥାଶ୍ରମକୁ । ସେଠୁ ଆଉ ସମାଜ ଅଡ଼କୁ ରାସ୍ତା ମିଳୁନାହିଁ । ଆଉ ଦୁହେଁ କବାଟ ହୋଇଗଲେ—କାରଣ ସେ ଅସୁନ୍ଦର ।

ସେଠି ସେ ଅଧା ପାଗଳୀ ପରି ରହିଥାଏ । ତାହାର ତେଣିକି ସଦେ କଥା—"ମୁଁ ହେଲେ ସୁନ୍ଦର ହୋଇଥାନ୍ତି !"

——✻——




ନକଲି ସୁନା

ପଥର ବସା ମୁଦି

ଚିହ୍ନି ପାରିବେ ନାହିଁ । ଖାସ୍, ପଦ୍ମରାଗ ମଣିପରି ଚକ୍ ଚକ୍ ସୁନ୍ଦର ପାଲିସରେ ଏବଂ ଟାଣ୍ଟି ସୁନାକୁ ହାର ମାନିବ । ଏକଡଜନର ଦାମ ୫୲ ପଥର ବସା ନ ହୋଇ ଫୁଲ ଉଠାଇବା ଥିବା ମୁଦ ଡଜନର ଦାମ ୫୲

ଏବେ ଜାଣନ୍ତୁ ଯେ କୌଣସି ପ୍ରକାର ମୁଦ କିଣିଲେ ଗୋଟିଏ ଜେବ୍ ଚେନ୍ ଉପହାର ସହ ଅଳ୍ପମୂଲ୍ୟରେ ପାଇବେ ।

କୌଣସି ଗୋଟିଏ ଜିନିଷ ବା ପ୍ୟାକିଂ ଖର୍ଚ୍ଚା ଦେବାକୁ ପଡ଼ିବନାହିଁ ।

HENA AGENCY
14. Dr. Jagabandhu Lane.
Boubazar, Calcutta.


Digitized by srujanika@gmail.com




୧୯୮୭ ଈଶା ସମ୍ବତ୍ସର କାଳଗର୍ଭରେ ଲୀନ ହୁଅନ୍ତେ ୧୯୮୭ ପ୍ରବେଶ ହୋଇଲା। ଏ ସମ୍ବତ୍ସରରେ ଯେତେକ ଘଟଣ ଅଘଟଣମାନ ଘଟନ ହୋଇବ, ଗ୍ରହ ମଣ୍ଡଳର ବକ୍ରାବକ୍ର ଚଳାଚଳ ଉପର ଭର ତହିଁର ଫଳାଫଳ ଲେଖିଲିଁ ତା—ସ୍ଥାନବାସୀ ନରନାରୀମାନଙ୍କ କର୍ଣ୍ଣରେ ଅର୍ପିତ।

ମାଳକା ବଚନ ମୁତାବକେ ମୋହନା ମୁଗଲ ପୃଥୀକୁ ଛୋଇଲେ ଏ ଭାରତଖଣ୍ଡରୁ ଖଳ ହୋଇଲା। ମୋହ—ମଦ ଅଲି ଜି—ନା ନାମର ପ୍ରଥମ ଦୁଇ ଅକ୍ଷର ଓ ଶେଷ ଅକ୍ଷର ନେଇ 'ମୋହନା' ହୋଇ ଅଛଇ। ଏମନ୍ତ ପ୍ରକାରେ ସଙ୍କେତ କରି ମାଳକାକାର ବଖାଣି ଅଛନ୍ତି। ଏଥି ଧୀରବୁଦ୍ଧି ମାନବଗଣ ଉତ୍ତର ବୁଝିବା ହେବେ।

ଏଣେ ଅର, ଏନ୍. ଏ ସେନାପତି ମୋହନ ସିଂହ ସେ ଭକ୍ତ ଖଳ ନବାବଙ୍କରେ ଲଗିବେ। ଭୀଷଣ ସଂଗ୍ରାମ ଉପୁଜିବ। ଭାରତ ଭୂମି କୁରୁକ୍ଷେତ୍ର ପାଲଟିବ। ଶେଷକୁ ମୋହନ ଦାସ କରମଚାନ୍ଦ ଗାନ୍ଧୀ ନାମରେ ଅନ ଏକ ମୋହନ ପ୍ରେମ ଧର୍ମ ପ୍ରଚାର କରି ଶାନ୍ତି ଉପୁଜାଇବେ।

ଏଥି ଉତ୍ତାରୁ ଜାତି ଭେଦ ନ ରହିବ। ସ[illegible] ଅଛୁଆଁଙ୍କର କବାଟ ଘଟସ୍ପର୍ଶ ହୋଇବ। ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ମଧ୍ୟରେ ଭେଦାଭେଦ ନ ରହିବ। ପଞ୍ଚାୟତ ନିର୍ବାଚନରେ ସର୍ବେ ଏକାକାର ହୋଇବେ। ସର୍ବତ୍ର ଏକତନ୍ତ୍ର ହୋଇବ।

ରଜା, ଜମିଦାରଙ୍କ କାଳ ପୂର୍ଣ୍ଣ ହୋଇବ। ଜନଗଣ ମାଲିକ ବୋଲାଇବେ। ଏମନ୍ତେ ଏଣିକାଳ ଅରାଜକତା ଉପୁଜିବା ହେତୁ ଲୋକେ ପୁଣି ରଜା ଲୋଡ଼ିବେ। ସେ ବେଳକୁ ନାରୀଙ୍କ ପ୍ରଭାବ ଅଧିକ ହୋଇଥିବାରୁ ନର ମୁଣ୍ଡ ଛାଡ଼ି ନାରୀ ମୁଣ୍ଡରେ ପାଗ ବନ୍ଧା ହୋଇବ। ନରପତି ନୋହି ନାରୀପତି ହୋଇବେ।

ବିଜୟ ଲକ୍ଷ୍ମୀଙ୍କ ମୁଣ୍ଡରେ ଭାରତେଶ୍ୱର ମୁକୁଟ ଶୋଭିବ। କମଳା ଦେବୀ ବୋମ୍ବାଇ ରାଜ୍ୟର ରାଣୀ ହୋଇବେ। ସୁଚେତା ବଙ୍ଗର, ଅମୃତ କାଉର ପଞ୍ଜାବ, ଅରୁଣା ଯୁକ୍ତ ରାଜ୍ୟର ରାଣୀ ହୋଇବେ। ମାଳତୀଙ୍କ ଭାଗରେ ଉତ୍କଳ ରାଜ୍ୟ ପଡ଼ିବ। କୋଶଳୀ ଗଣ ସରଳାଙ୍କୁ ରାଣୀପଣରେ ବରିନେବେ।

ଏହା ହୋଇଲାରୁ ନାରୀଙ୍କ କ୍ଷମତା ବଢ଼ିଉଠିବ। ଜଳ ସ୍ଥଳ ସମାନ ସେନାରେ କେବଳ ନାରୀ ରହିବେ। ପୁଲିସ, ଅଦାଲତ, ପ୍ରଭୃତି ଯାବତ ସରକାରୀ କର୍ମ ନାରୀ ଚଳାଇବେ। ଓକିଲ ଇଞ୍ଜିନିୟର ଅମଲା, ମାଷ୍ଟର ପ୍ରଫେସର କାର୍ଯ୍ୟ ନରମାନଙ୍କୁ ବାରଣ ହୋଇବ। ଏହିକାଳ ଭିତରେ ନାରୀମାନଙ୍କର ମନ ବାଢ଼ି ଉଠିବ। ବିଜ୍ଞାନ ପ୍ରଭାବରେ ପୁରୁଷଗଣ ପ୍ରସବ କରିବେ। ପିଲା ଖେଳାଇବେ, ଘର ସମ୍ଭାଳିବେ, ହାଣ୍ଡି ଧୋଇବେ, ରୋଷେଇ ରାନ୍ଧିବେ ଓ କର୍ମକ୍ଲାନ୍ତ ପତ୍ନୀ (ପତ୍ନୀନାନ୍ଦେ) ମାନଙ୍କ ମୁଖ ସ୍ୱାଚ୍ଛନ୍ଦ୍ୟ ଦେଖିବେ, ସେବା କରିବେ। ଅନ୍ତଃପୁରରେ ଅଙ୍ଗ ଅଧ୍ୟାତ୍ମ ପ୍ରଯୋଗ ପ୍ରବର୍ତ୍ତନ ହୋଇବ। ପୁରୁଷମାନେ ପ୍ରକାଶ୍ୟରେ 'ଭାଉଜନ' ବୃତ୍ତି କରିବେ। ଏହି ପ୍ରକାରେ ସାହିତ୍ୟ ନୂତନ ଧାରାରେ ଗଢ଼ା ହୋଇବ।

ହିନ୍ଦୁ ଧର୍ମରୁ ବିଗ୍ରହ ପୂଜା ଉଠିଯିବ। ଦେବ ମନ୍ଦିରମାନଙ୍କରେ ହସପାତାଳ, ସ୍କୁଲ ହୋଟେଲ, ଦୁକାନ ବସିବ। ଦେବ ମୂର୍ତ୍ତିମାନ ମ୍ୟୁଜିୟମ ନାମକ ମୂର୍ତ୍ତିଘରମାନରେ ରକ୍ଷିତ ହୋଇବେ। ଦେବତାଙ୍କ ବୃତ୍ତିଯାକ ଥିଏଟର ସିନେମାର ଉନ୍ନତି ଉପରେ ବ୍ୟୟିତ ହୋଇବ।

ବୃଥା ବ୍ୟୟ ହୋଇ ଦେଶରୁ ମୋଟର, ସାଇକେଲ, ରେଳଗାଡ଼ି ଉଡ଼ିଯିବ, ଖଣ୍ଡ ଉଡ଼ିତ ହୋଇବ। ରାଜପଥ, ସଡ଼କ, ଦୁଷ୍କ, ପୁଷ୍କରିଣୀ ନ ରହିବ। ଲୋକେ ବିମାନ ମାର୍ଗରେ ଇଚ୍ଛାମାତ୍ରେ ଗତାଗତ କରିବେ। ତାର ଖବର ଲେଖା ନୋହିବ। ଲୋକଙ୍କ ଘୋଷଣାରେ ଟେଲିଫୋନ ଯନ୍ତ୍ର ରହିବ। ଯେଉଁଠାରେ ଯେ ଯେଉଁ ସ୍ଥାନରେ ଥାଇ ଲୋକେ ପରସ୍ପରରେ କଥା ଭାଷା ହୋଇବେ।

ଚନ୍ଦ୍ର ଓ ମଙ୍ଗଳ ଗ୍ରହ ସହିତ ବାଣିଜ୍ୟ ହୋଇବ। ଧୀରେ ଧୀରେ ଏଠା ଲୋକେ ଅନ୍ୟ ଗ୍ରହମାନଙ୍କରେ ଉପନିବେଶ ସ୍ଥାପନ କରିବେ। କାଳକ୍ରମରେ ଯମପୁର ଓ ବୈକୁଣ୍ଠ ଭୁବନ ଅବସ୍ଥିତ ହୋଇବ। ରୋଗ ମରଣ ଭୟ ନ ରହିବ। ଇଚ୍ଛାମାତ୍ରେ ଲୋକେ ଲକ୍ଷ ବତ୍ସରର ଆୟୁ ବର୍ଷ ବତ୍ସରର ଆୟୁ ଧାରଣ କରିବେ; ଅଥବା ଇଚ୍ଛା ହୋଇଲେ ଇନ୍‌ଜେକସନ ପ୍ରୟୋଗ ଦ୍ୱାରା ଜରାଗ୍ରସ୍ତ ଦେହକୁ ନବ ଯୌବନ ଦେଇପାରିବେ। ଏହି ସକଳ କାର୍ଯ୍ୟ ଏକା ଥରକେ ହୋଇ ନ ପାରିବ। କ୍ରମ କ୍ରମରେ ପ୍ରକଟିବ। ମାର୍ଚ୍ଚ ୧୯୮୭ ମସିହା ମଧ୍ୟରେ ଏ ସକଳ କର୍ମର ଅଧିକାଂଶ ହୋଇବ ଓ ସବୁ ଦେଶ ପ୍ରଗତିର ଅଭ୍ୟାସ ଅବଲମ୍ବିବ। ସର୍ବେ ଏକାକାର ସ୍ୱାଧୀନ ହୋଇବେ।

—*—

ପ୍ରିୟଜନଙ୍କୁ ଉପହାର ଦେବା ପାଇଁ

**ଭଦ୍ରକୃଷ୍ଣ ଫଟୋ ଷ୍ଟୁଡ଼ିଓ**

ଭଦ୍ରକର ସୁଖ୍ୟାତ ଫଟୋଗ୍ରାଫର

**ଶ୍ରୀ ଗୋପାଳ ଚନ୍ଦ୍ର ଦାସ**

କୁଆଁସ—ଭଦ୍ରକ।

Digitized by srujanika@gmail.com

# ୧୯୪୭ ଚଉତିଶା

କ—କଂଗ୍ରେସ କଲେ ଜଲ୍ଦି ଯୋଜନାର କଳ,
କ୍ୟାହୁଅ—କ୍ୟାହୁଅ ବୋଲି ପଡ଼ିଲା ଚହଳ,
କ୍ରିପସ ନକୌଶଳ କରି କଲେ କାରଧାନ,
କର୍ଣ୍ଣଧାର କଂଗ୍ରେସର ହେଲେ କୃପାଳନି ।

ଖ—ଖାମେଖାମ୍ ଖପ୍ପା ହୋଇ କାଏଦା ଅଜାମ୍,
ଖେଳାଇଲେ ନଅଁବାଣ ମୁଲକ ତମାମ୍ ।

ଗ—ଗଡ଼ଜାତ ଛାମୁରେ ଗଣିଲେ ପ୍ରମାଦ,
ଗରଜି ହୋଇଲେ ଛାଡ଼ି ଗହ୍ୱରିଆ ନାଦ ।

ଘ—ଘନା ବିପତ୍ତି ଘୋଟିଲା ଘୋର ହାହାକାର,
ଘମାଘୋଟ ଲାଗିଗଲା ଘରେଇ ବାହାର ।

ଙ—ଅସଫାଳି ଦୃଢପଣେ ଗଲେ ଅମେରିକା,
ଅଜାଦଙ୍କ ଗ୍ରନ୍ଥପରେ ଛାଡ଼ିଲା ଯେ ଶିକା ।

ଚ—ଚର୍ଚ୍ଚିଲ ଚାଚାଙ୍କ ଚିତ୍ତେ ଲାଗିଲା ଚମକ,
ଚଣା ଚୋବାଇଣ ଚଢ଼େଇ ଛାଡ଼ିଲେ ଧମକ ।

ଛ—ଛୁଆଁଛୁଇଁ ଚଲା ଉଠି, ହେଲା ସର୍ବଘାଟ,
ଛୋଟ ହେଲେ ବଡ଼ ଅଉ ବଡ଼ ହେଲେ ଛୋଟ ।

ଜ—'ଜୟହିନ୍ଦ୍' ଶବଦରେ କମ୍ପିଲା ଜଗତ,
ଜିରେନାଥ ଗହ୍ୱରିଲେ ହୋଇ ଜଡ଼ଭୂତ ।

ଝ—ଝାଡ଼ଖଣ୍ଡ ମୁଲକରେ ଉଠିଲା ନୂଆ ଝଡ଼,
ଝିଙ୍କା ଖାଇ ଦାରୁ ଦ୍ରୁମ ହେଲେ ଗଡ଼ମଡ଼ ।

ଞ—ନେତାଜୀ ସୁଭାଷ ଦେଲା ଲଗାଇ କୁହୁକ,
ନିମିଷେ ଉଠିଲା ଜଳି ନିଆଁ ଲହ ଲହ ।

ଟ—ଟୋକାଏ ଉଠିଲେ ମାତି ଧରି ନିଜ ଠାଣ,
ଟେକିଦେଲେ ଯୌମଦେ ଝଣ୍ଡାର ନିଶାଣ ।

ଠ—ଠକ, ଠାକୁରାଣୀଙ୍କର ପଡ଼ ପୁଅବାଟ,
ଠୁମ୍ବିଲେ ସିନ୍ଦୁର ଠେଲି କାଳିଆ ବଜାର ।

ଡ—'ଡଡ଼ମ୍ବା, ଡଡ଼ୁମ୍ବା' ଡାକ ଛାଡ଼ିଲେ ଓଡ଼ିଆ,
ଡିଆଁମାରି ଡୁଟେ ଛୁ ଖସି ଚଳେଇ ଫାଡ଼ିଆ ।

ତ—ତୋଲି ପିଠି ଆମ ରାଜା ବଜାଇ କାହାଳୀ,
ତମାମ ପର୍ଯ୍ୟନ୍ତେ ଦେଲେ ସ୍ୱାଧୀନତା ତାଳି ।

ଣ—ନେହେରୁ ବସନ୍ତେ ମାଡ଼ି ଭାରତର ଗାଦି,
ନାମୁଣ୍ଡ ହୋଇଲା ଜିନ୍ନାଙ୍କ କାରସାଦ ।

ତ—'ତୋବା—ତୋବା'—ଖସିଗଲା ପରି ହାତବାଗ,
ତଡ଼ାବଡ଼ ଦାବି କଲେ ଆପଣାର ଭାଗ ।

ଥ—ଥକିଲେଣି କମ୍ୟୁନିଷ୍ଟ ଡାକ ଦେଇ ଦେଇ,
ଥୋପରେ ପଡ଼ିବା ପାଇଁ ନ ଆସିଲେ କେହି ।

ଦ—ଦୁନିଆ ଛାଡ଼ିଲା ରଡ଼ି ଶାନ୍ତି ନାମ ଧରି,
ଦଗାବାଜି, ଜୁଆଚୋରି ଦେଶେ ଗଲା ଭରି ।

ଧ—ଧୂର୍ତ୍ତଙ୍କର ଲୋକେ ମିଳିଗଲା ସିଧାବାଟ,
ଧର୍ମ ଧ୍ୱଜା ଧରି ଲଗାଇଲେ ହାଣକାଟ ।

ନ—ନୂଆଖାଲି ନୂଆନୀତି ଧରି ନେଲା ମାପି,
ନମୁନା ତାହାର ଗଲା ଚାରିଆଡ଼େ ବ୍ୟାପି ।

ପ—ପଯ୍ୟଦଲ ଗସ୍ତ କରି ପେଡ଼ି ପାଗ ବାନ୍ଧି,
ପ୍ରଚାର କରିଲେ ପ୍ରେମ ମହାତ୍ମା ଗାନ୍ଧି ।

ଫ—ଫାଟିଲା କପାଳ ଯେତେ ଆଇ,ସି,ଏସ୍‌ଙ୍କର,
ଫାଳ ଫାଳ ହୋଇଗଲା ଇସ୍ପାତର ଘର ।

ବ—ବିରାଙ୍ଗୀ ବିଜୟ ଲକ୍ଷ୍ମୀ ବାକ୍ୟବାଣ ମାରି,
ବିଦେଶୀ ବର୍ଗଙ୍କୁ ଦେଲେ ବେଦମ୍ ଝାଡ଼ାର ।

ଭ—ଭୂଇଁ ଭୂଇଁ ପ୍ରଶଂସାରେ ଭରିଲା ଭୁବନ,
ଭଲା ଏ ଭାରତ ନାରୀ ଧନ୍ୟ, ଧନ୍ୟ, ଧନ୍ୟ ।

ମ—ମହତାବ ନିଜ ରାଜମୁକୁଟକୁ ଛାଡ଼ି,
ମୁଣ୍ଡରେ ମୋଡ଼ିଲେ ଭଙ୍ଗା ମହା-ମନ୍ତ୍ରୀ ଶାଢ଼ୀ ।

ଯ—ଯାଜୋଡ଼ିଆ ଅଦ ଯୋଗି କଲ କାରଖାନା,
ଯାଚିଦେଲେ ଓଡ଼ିଆଙ୍କୁ ଗଣ୍ଡେ ଗଣ୍ଡେ ଦାନା ।

ର—ରାଜେନ୍ଦ୍ର ରଚନା କରି କୋଶଳ ମଣ୍ଡଳେ,
ରଖିଲେ ଅକ୍ଷୟ କୀର୍ତ୍ତି ଅପୂର୍ବ କୌଶଳେ ।

Digitized by srujanika@gmail.com

ଲ—ଲକ୍ଷ ମିଛ ଲୁଚା ସତ୍ୟ ଲୁଚିଅଛେ ମାତ,
ଲଭିଲେ ଅଧ୍ୱଂସ, ସତ୍ୟ ନିଲକାଳେ ଯୁଁ ଲଢ଼ ।

ବ—ବାରବାରୁ ହେଲେ ସତ୍ୟ ହ ଇଟକୋଠ ଜଗ,
ବିଦେଶରେ ବଢ଼ିଗଲା ଓଡ଼ିଆଙ୍କ ତେଜ ।

ଶ—ଶେଷକୋଠ ପଡ଼ିଲା ବୋଲି ସମ୍ବଲପୁରକୁ,
ଶଙ୍କର ଘଉଲେ ବଡ଼ ଚଢ଼ାଇ ସୁନକୁ ।

ଷ—ଷାଠିଏ ମହଣ ଘିଅ ହୋଇଦାରୁ ପେଡ଼ା,
ଷମଲେଶ୍ୱରୀ ଉଠିଲେ ଚଢ଼ି କଳା ଘୋଡ଼ା ।

ସ—ସପନେ ଚୋରଲେ, "ଯୁଦ୍ଧ ଚିନ୍ତା ନାହିଁ କର,
ସାହସେ ସଂଗ୍ରାମ କଲ ଶ୍ରିଘିଟି ମୁକର ।"

ହ—ହିନ୍ଦବାକ୍ଦ, ହିନ୍ଦବାକ୍ଦ ରହିଲ ଯେ ନାମ,
ହଲ୍ଲା ଲଗାଇ ଛୁଟିଲେ ଯେତେକ ଗୁଲାମ ।

କ୍ଷ—କ୍ଷମା କର ନିଜଗୁଣେ ରସିକ ପାଠକ,
କ୍ଷାନ୍ତ ହେଲ ଚଉତିଶା ଲେଖି ଏଥିକ ।

---


# ଉତ୍କଳ ଯାଦବ ଛାତ୍ରାବାସ-ଭଦ୍ରକ ।

'ଉତ୍କଳ ଯାଦବ ସମିତି କଲିକତା'ର ଅନୁକୂଲ୍ୟରେ ସନ ୧୯୪୫ ମସିହାରେ ଏହି ମହତ୍ ଅନୁଷ୍ଠାନ ପ୍ରଥମତଃ ପରିକଳ୍ପିତ ଓ ପ୍ରତିଷ୍ଠିତ ହେଲା । ଭଦ୍ରକ ଟାଉନ୍‌ରେ ଗୋଟିଏ ଘର ଭଡ଼ା ନିଆଯାଇ ଛାତ୍ରାବାସ ଖୋଲାଗଲା । ଏବେ ଉକ୍ତ ସମିତି ଏହି ଛାତ୍ରାବାସ ପାଇଁ ଏହି ଟାଉନ୍‌ର ଖଣ୍ଡିଏ ଜାଗା ଖରିଦ୍ କରିଅଛନ୍ତି । ସ୍ଥାୟୀଗୃହ ନିର୍ମାଣ ପାଇଁ ବିପୁଳ ଉଦ୍ୟମ ହେଉଅଛି । ତଦ୍ଦ୍ୱାରା ଘରଭଡ଼ା ଖର୍ଚ୍ଚରୁ ଅବ୍ୟାହତି ମିଳି ସେହି ଧନ ଛାତ୍ର ସାହାଯ୍ୟରେ ବ୍ୟୟିତ ହୋଇ ପାରିବ । ଏଥିପ୍ରତି ଦେଶର ଉଦାରଚେତା ଓ ଦାନଶୀଳ ବ୍ୟକ୍ତିମାନଙ୍କର ସୁଦୃଷ୍ଟି ପ୍ରାର୍ଥନୀୟ । ସମଗ୍ର ଉତ୍କଳର ଯାଦବମାନେ ସମାଜ ଉନ୍ନତିମୂଳକ ଏହି ଅଳଙ୍କାର କେନ୍ଦ୍ରକୁ ନିଜର ଯଥାଶକ୍ତି ସାହାଯ୍ୟ ଦ୍ୱାରା ବଳଶାଳୀ କରି ପ୍ରାଚୀନ ଶୌର୍ଯ୍ୟଶାଳୀ ଯଦୁବଂଶକୁ କମପତନ ଓ ବିଲୟ ଅବସ୍ଥାରୁ ରକ୍ଷା କରନ୍ତୁ । ଉତ୍କଳୀୟ ଯାଦବ ଛାତ୍ର ସମାଜ ନିଜ ଜାତି, କୁଟୁମ୍ବ ଓ ପଡ଼ୋଶୀଙ୍କର ଘୋର ହୀନାବସ୍ଥା ବିଷୟ ଗଭୀର ଭାବରେ ଚିନ୍ତା କରି ପଢ଼ିବାର ବିଧାନରେ ମନୋନିବେଶ କରନ୍ତୁ ଓ ନିଜର ପ୍ରବୃତ୍ତି ଅମୃତତୃଷ୍ଣା ସଙ୍ଗେ ସଙ୍ଗେ ଜଗତର ସମୂହ କଲ୍ୟାଣ ସାଧନରେ ବ୍ରତୀ ହୁଅନ୍ତୁ । ବିଶିଷ୍ଟ ଯାଦବ ସମାଜ ଏ ଯୁଗର ନିକୃଷ୍ଟ ମନୋଭାବ, ନୀଚସ୍ୱାର୍ଥ, ଆତ୍ମଗ୍ଳାନି, ଆତ୍ମକଳହ ଓ ଆତ୍ମପ୍ରବଞ୍ଚନାରୁ ବିରତ ହୋଇ ପ୍ରଗତି ମୂଳକ ସମାଜ ସଙ୍ଗଠନରେ ସଚେଷ୍ଟ ହୁଅନ୍ତୁ । ଆତ୍ମଘାତୀ ନୀତି ଓ ଆତ୍ମହତ୍ୟା ପଥରୁ ଦେଶ ଓ ସମାଜକୁ ରକ୍ଷା କରିବା ସର୍ବଥା ବିଧେୟ । ନିରୀହ, ସରଳ, ଅଶିକ୍ଷିତ ଓ ଅସହାୟ ଯାଦବ ସମାଜ ଚତୁର୍ଦ୍ଦିଗର ଶୋଷଣ, ନିର୍ଯ୍ୟାତନ ଓ ଲାଞ୍ଛନାରୁ ରକ୍ଷା ପାଉ । ଅଚିରେ ବିଶିଷ୍ଟ ଯଦୁବଂଶର ଉଦ୍ଧାର ହେଉ । ଦେଶ ଧନ ଜନ ଗୋପଲକ୍ଷ୍ମୀରେ ସୁଶୋଭିତ ହେଉ । ଇତି ।

"ଜୟ ଗୋପାଳ"

ରେମ୍ଭୋ (ଭଦ୍ରକ)
ତା ୩୦-୧୨-୪୬ ରିଖ

ଶ୍ରୀ ରାମଚନ୍ଦ୍ର ପଲାଇ
ସଂପାଦକ
ଉତ୍କଳ ଯାଦବ ଛାତ୍ରାବାସ—ଭଦ୍ରକ ।


Digitized by srujanika@gmail.com

# ନବବର୍ଷର ଉପାଧି

ଏ ବର୍ଷ କେନ୍ଦ୍ର ସରକାର ଭାରତବାସୀଙ୍କୁ ଉପାଧି ଆସ୍ୱାଦନରୁ ବଞ୍ଚିତ କରିଥିବାରୁ ଓଡ଼ିଶା ପାଇଁ ଉପାଧି ବଣ୍ଟନର ଭାର 'ଡ଼ଗର' ହାତରେ ପଡ଼ିଲା — ନିମ୍ନଲିଖିତ ଉପାଧିମାନ ନ ବାଣ୍ଟିଆ ସତ୍ତ୍ୱ ଅର୍ଜନ କରୁଅଛନ୍ତି ।

| | |
|---|---|
| ହରେକୃଷ୍ଣ ମହତାବ — | ନରେନ୍ଦ୍ର ବର୍ଦ୍ଧନ |
| ନବକୃଷ୍ଣ ଚୌଧୁରୀ — | ମଉନମଣ୍ଡା |
| ନିତ୍ୟାନନ୍ଦ କାନୁନଗୋ — | କଳିଙ୍ଗ ଘଣ୍ଟ |
| ଲିଙ୍ଗରାଜ ମିଶ୍ର — | ବିଦ୍ୟାଗଜେନ୍ଦ୍ର |
| ରାଧାକୃଷ୍ଣ ବିଶ୍ୱାସ ରାୟ — | ଏରଚନ୍ଦ୍ରଣ |
| ଲାଲମୋହନ ପଟ୍ଟନାୟକ — | ମେଘପାଳ |
| ପ୍ରାଣକୃଷ୍ଣ ପରିଜା — | ଖାଦ୍ୟ ପ୍ରାଣ |
| ଶ୍ୟାମ ତ୍ରିପାଠୀ — | ମକର ଧ୍ୱଜ |
| ଏ: ଏନ: ସେନାପତି — | ଧନ୍ୱନ୍ତରୀ |
| ମାଳତୀ ଚୌଧୁରୀ — | ନଟଭୈରବୀ |
| ସୁରେନ୍ଦ୍ର ଦ୍ୱିବେଦୀ — | କୃତାନ୍ତକ |
| ଲକ୍ଷ୍ମୀନାରାୟଣ ସାହୁ — | ସାର୍ବଭୌମ |
| ପାଠାଣୀ ଟୋ — | କୌଶଳ କଳାକର |
| ଶଙ୍କର ମିଶ୍ର — | ହ୍ରୀଚକୋଷୀ ( କୋଷାଧ୍ୟକ୍ଷ ) |
| ବୋଧରାମ ଦୁବେ — | ପାଲବଣ୍ଡା |
| ଲକ୍ଷ୍ମୀନାରାୟଣ ମିଶ୍ର — | ଦଳଗଞ୍ଜନ |
| ରାମ ପଟ୍ଟନାୟକ — | ମୂର୍ଖରଥ |
| ଶାରଙ୍ଗଧର ଦାସ — | ଚଣ୍ଡ ଭୈରବ |
| ବୀରେନ୍ ମିତ୍ର — | ଶ୍ରୀଛାମୁ ଛାମୁଆ |
| ସରଳାଦେବୀ — | ଉତ୍କଳ ମାତଙ୍ଗିନୀ |
| ରାଧାନାଥ ରଥ — | ମହାରଥୀ |
| ନୀଳକଣ୍ଠ — | ସ୍ଥିତପ୍ରଜ୍ଞ |
| ଗୋଦାବରୀଶ — | ବିଶ୍ୱମିତ୍ର |
| ଜଗନ୍ନାଥ — | ନିରାକାର |
| ଭାଗୀରଥୀ — | ନିରଞ୍ଜନ |


ଜୁବେଲେଲ୍ ସ୍ପେକ୍ତ

## ଲିଭର ଘଡି

ଯୁଦ୍ଧ ପୂର୍ବ ଦାମରେ ।

ସମସ୍ତ ଘଡି ସୁଇଜରଲାଣ୍ଡ ତିଆରି । ଜୁବିଲି ଖରଚ ମଜବୁତ ଓ ସ୍ଥାୟୀ ଲିଭର ମୁଭମେଣ୍ଟ — ୫ବର୍ଷ ଗାରେଣ୍ଟି ଯୁକ୍ତ । ରୋଲ୍ଡ ଗୋଲ୍ଡ ଓ କ୍ରୋମିଅମ୍ ଘଡ଼ି ସହ ରୋଲ୍ଡ ଗୋଲ୍ଡ ଓ କ୍ରୋମିଅମ ଚେନ ବିନାମୂଲ୍ୟରେ ଦିଆଯାଏ ।



୧୧ ନଂ — ଚତୁଷ୍କୋଣ କ୍ରୋମିଅମ କେଶ୍ ଟ ୩୪ ଉତ୍କୃଷ୍ଟ ଟ ୩୭ — ରୋଲ୍ଡ ଗୋଲ୍ଡ ( ୧୦ବର୍ଷ ଗାରେଣ୍ଟିଯୁକ୍ତ ) ଟ ୫୦ ।



୧୨ ନଂ — ଚତୁଷ୍କୋଣ କ୍ରୋମିଅମ କେଶ୍ ଟ ୩୩ ଉତ୍କୃଷ୍ଟ ଟ ୩୫ — ରୋଲ୍ଡ ଗୋଲ୍ଡ ( ୧୦ବର୍ଷ ଗାରେଣ୍ଟି ଯୁକ୍ତ ) ଟ ୪୮



୧୩ — ଚତୁଷ୍କୋଣ କ୍ରୋମିଅମ କେଶ୍ — ଟ ୩୦ ଉତ୍କୃଷ୍ଟ ଟ ୩୭ — ରୋଲ୍ଡ ଗୋଲ୍ଡ ( ୧୦ବର୍ଷ ଗାରେଣ୍ଟି ଯୁକ୍ତ । ଟ ୫୦

ଡାକଖର୍ଚ୍ଚ ଟ ୧୫/୯ ଅଧିକା — ଦୁଇଟି ଘଡି ନେଲେ ଡାକଖର୍ଚ୍ଚ ଲାଗିବ ନାହିଁ — ଚ ଟଲଗ ସର ଯାଉଛି ।

Jubilee Watch Co. Post Box No 12213 CALCUTTA. ( Dy )


Digitized by srujanika@gmail.com





# ଏଷ୍ଟ ୱେଷ୍ଟ ବିବାହ

—ବନଫୁଲ

ସୁଲତାନପୁରର ଜମିଦାର,
ଓଡ଼ିଆ ଦୁଃଖ—ସମଝଦାର,
ଫାଉଣ୍ଟେନ୍ ପେନ୍ କାଗଜ ବୁକରେ
ବାଜର ଲେଖନ ଧରେ,
ଗଦ୍ୟ—ପଦ୍ୟ ବୁକର ବେଦନା
ଦେଖାଇବେ ଦୁନିଆରେ ।

ପଲିଟିକ୍ୟାଲ ଆନ୍ଦୋଳନ୍
ଦେଇଥିଲା ଏକ ସେମିକୋଲନ୍
ପାରେନି ଲେଖି ସେ ଲେଖାର ଗାରେଜେ
ଜୀବନ ବାକ୍ୟ ପଥେ,
ବଡ଼ ବିପ୍ଲବୀ ରାଜବନ୍ଦୀ ସେ
ଖବରକାଗଜ ମତେ ।
ଖୋଲିଲା ଲେଖାର ପାଠକ୍
ଲେଖା ହେଲା ଏକ ନାଟକ,
ମଣିଷ ବୁକର ସତେଜ ରକ୍ତେ
ଦୁନିଆର ଇତିହାସେ,
ଅନାଇ ଅନାଇ ପ୍ରେୟସୀ ତା'ର
ଫେରିଛି ଅଜ ତା' ବାସେ ।
ସୁନ୍ଦ୍ର ସୀମାରେ ନାମ୍,
କଛି ଦେଇଛି ତା' ଦାମ୍ ।
ସୁତରାଂ ଅଜ ଦରକାର ନାହିଁ
ଟ୍ରାମ୍ ନଗର ଡାକେ,
ହଠାତ୍ ହାମିଦ ବଳ ପଡ଼ିଲେ ସେ
ଇଂ, ଡ଼ାକ୍ଟର୍ ଫାଙ୍କେ ।
\+ \+ \+

Ape ଚଢ଼ିଛି ମନୁମେଣ୍ଟ୍
ତଳେ ଯାହା ଅଛି ସବୁ Ant,
ଅତଏବ ନିଜ ମୂଲ୍ୟ ବେଢେ ଯେ
କେହି ନ ପାରିବେ କହି,
"ତଳକୁ ଅସିଲେ ମଜା ନବାଳିବ"
ବୁଲ୍‌ଡଗ୍ ଭବେ ରହି ।
× × ×

ଖୋଲି ବେତାଲର ଖୋଳ,
ମୁର୍ଗା fowl ହୋଲ,
Nasty ଓଡ଼ିଆଣୀ uncivilized
ପାଠର ଦଉଡ଼ ଦମ,
Open ତ ନାହିଁ hiddenରୁ ଅଛି
ଘର କୋଣେ ଝମ୍ ଝମ୍ ।
ଏହା କରୁ ଭାରି Shame,
ନାହିଁ ଉପନ୍ୟାସ ପ୍ରେମ୍,
ସୁତରାଂ ଛନ୍ଦ ଓଡ଼ିଆଣୀ ସାଥୀ
ଦରକାର forward,
ବାଙ୍ଗଲା ମୁଲକ ମରହଟ୍ଟୀ ଛାଡ଼ି
ତାଙ୍କୁ ଧରିପାଇ ଛାଡ଼ ।
ବେଙ୍ଗଲ୍ ଏବଂ ମାଡ୍ରାସ୍
ଏଠିକାର ହିଁ ଏ ଅବାଜ୍—
why ଅବାକ୍ but sure
ଜୀବନ ନୌକା ଖଣ୍ଡି,
ଠେଲି ପେଲି ନେବେ ଖାସ୍ ପଠାଥିଲେ
ବଡ଼ ଗୌରବେ ମଣ୍ଡି ।
ସୁଲତାନପୁରର ଜମିଦାର
ଓଡ଼ିଆ ଦୁଃଖ ସମଝଦାର,
ଓଡ଼ିଆ ଝିଅକୁ ବୟକଟ୍ କରି
ଗଲେ ମାଡ୍ରାସ ବେଙ୍ଗଲ୍,
ପ୍ରେମ ବଜାରରେ ମାଡ଼ଗଲା ଖାଲି
ହେନା, ଗୋଲାପର ଜଙ୍ଗଲ୍ ।
\+ \+ \+

ତାହାର ତରୁଣୀ ଜଗିଲା ଯାଇଁ 'କୃଷ୍ଣାନଦୀ'ର ତୀରେ,
'ବୁଦ୍ଧଦେବ' ନୟନେ ଅସାଢ଼ ଶ୍ରାବଣ ଓହ୍ଲାଇ ଅସିଲେ ଧୀରେ
ଭାଗ୍ୟବିଜୟୀ ବଙ୍ଗସୁନ୍ଦର ଅଛି ତାହାର ନାଆ,
ଅଦୃଷ୍ଟ ଦେଖିଲା ମାଡ୍ରାଜ ତରୁଣୀ ବାହା ହୋଇ ଥରେ ଗୃହୀ ।
ମାଡ୍ରାଜ୍ ଦବ ଶତ ପନ୍ଥ ବଟା ଓଡ଼ିଶାକୁ ଉମହାର,
ହସୁଥିବ ତେବେ ଓଡ଼ିଆ ଝିଅରେ ଗଢ଼ିବନ ଅଙ୍ଗୀକାର ।
ବେଙ୍ଗଲ୍ ଦଏ ଓଡ଼ିଆକୁ ଝିଅ ଜମିଦାରଙ୍କୁ ଦେଖି,
କୃତାର୍ଥୀ ଜନରେ ଜାନି ଯେ ତାହାକୁ ଯାଏବା କହିବ କେହି !
ଓଡ଼ିଶାର ଝିଏ ତୁମର ଗରବ ଓଡ଼ିଆର ଝିଅ ତୁମେ,
ମାଡ୍ରାଜ ବେଙ୍ଗଲ ତୁମରି ଚରଣ ଅଲତା ବୋଳାକୁ ଚୁମେ ।
ତୁମକୁ କରିଛି ଅବହେଳା ଯେତୁ, ସେ ହୋଇଛି ଉପେକ୍ଷିତ,
ବୁଝାଇଲେ ସେ ତ ବୁଝିବନା ତା'ର ଯୌବନ ଯାଉନି ତ ?
ତୁମେ ହୋଇଥାଅ କୁଟୀର ରାଣୀ ଗୋ ଅପଣା ଜନମ ଦେଶେ,
ତୁମର ଗରବ, ତୁମର ମହତ ସେହି ଓଡ଼ିଆଣୀ ବେଶେ ।

Digitized by srujanika@gmail.com



## ଚତୁରଙ୍ଗ—ପଞ୍ଚମ ସଂଖ୍ୟା—ଆଶ୍ୱିନ।

ଏ ସଂଖ୍ୟାଟି ନାନାବିଧ ଉପାଦେୟ ବିଷୟ ଧାରଣ କରି ଚତୁରଙ୍ଗର ଉପାଦେୟତା ଓ ସମୃଦ୍ଧିର ପରିଚୟ ଦେଉଛି।

ଶ୍ରୀ ସାମୁଏଲ ଦାସଙ୍କ 'ଶ୍ରାବଣୀ' କବିତା ଖୁବ୍ ସୁନ୍ଦର ଓ ଚିତ୍ତସ୍ପର୍ଶୀ।

ଶ୍ରୀ କାହ୍ନୁ ଚରଣ ମିଶ୍ରଙ୍କ ପ୍ରବନ୍ଧ 'ସାହିତ୍ୟରେ କ୍ଷୁଦ୍ର ଗଳ୍ପ' ସୁଚିନ୍ତିତ।

ଶ୍ରୀ ପ୍ରହ୍ଲାଦ ପ୍ରଧାନଙ୍କ ଗବେଷଣା ମୂଳକ ପ୍ରବନ୍ଧ ପ୍ରାଚୀନ ଓଡ଼ିଶାରେ ତାମ୍ବୂଳ-ସେବନ ପାଣ୍ଡିତ୍ୟ ପୂର୍ଣ୍ଣ।

ଶ୍ରୀ ଭଗବଦ୍‌ଦାସ ମିଶ୍ର ଓ ଶ୍ରୀ ଗୋପୀନାଥ ମହାନ୍ତିଙ୍କର ଗଳ୍ପ ଦୁଇଟି ସୁଖ ପାଠ୍ୟ। ଏହା ଛଡ଼ା ଅନ୍ୟାନ୍ୟ ବିଷୟ ସୁଦ୍ଧା ବେଶ ତାହାଠାରୁ ଊଣା ନୁହେଁ।

## ଶଂଖ—୩ୟ ସଂଖ୍ୟା ଭାଦ୍ର।

ଶ୍ରୀ ଅଖିଳ ମୋହନ ପଟ୍ଟନାୟକଙ୍କ 'ସପନ' ଗଳ୍ପଟି ସୁନ୍ଦର ହୋଇଛି। ଅନ୍ତର ସଂକ୍ଷିପ୍ତ ହୋଇ ପାରିଥାନ୍ତା।

ଶ୍ରୀ ଚନ୍ଦ୍ରଧର ରାଉତଙ୍କ କବିତା "ଭାଙ୍ଗ ରେ ଯୌବନ" ଉପାଦେୟ। ଅନ୍ୟାନ୍ୟ ବିଷୟ ସୁଦ୍ଧା ମନ୍ଦ ନୁହେଁ।

## ଶଂଖ—୪ର୍ଥ ସଂଖ୍ୟା ଆଶ୍ୱିନ।

ଶ୍ରୀ ଦୁର୍ଗା ଚରଣ ରାୟଙ୍କ 'ସହରର ସଂଧ୍ୟା' ପଦ୍ୟ ସୁଖପାଠ୍ୟ। ନବ ଦୃଷ୍ଟି ଓ ବର୍ଣ୍ଣନାର ଛଟା ପ୍ରଶଂସନୀୟ।

ଶ୍ରୀ ବେଣୁଧର ରାଉତଙ୍କ 'ଦୁରନ୍ତ' କବିତା ଭାବ ବ୍ୟଞ୍ଜକ। ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀଙ୍କର ଅଭିଯୋଗରେ ପ୍ରାଣ ଅଛି। ଶ୍ରୀ ଗୋପୀନାଥ ସାହୁଙ୍କ 'ଗୃହଦାହ' ଗଳ୍ପ ସୁଲିଖିତ।

ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ପ୍ରବନ୍ଧ ''ସାହିତ୍ୟର ସ୍ୱରୂପ ଓ ଉଦ୍ଦେଶ୍ୟ'' ପାଣ୍ଡିତ୍ୟମୟ।

ନୂତନ ସମ୍ପାଦକଙ୍କ ପରିଚାଳନାରେ ଶଂଖର ପୃଷ୍ଠାରେ ସାହିତ୍ୟାଲୋଚନା ବେଶର ମଙ୍ଗଳ ପ୍ରଧାନ ଲାଭ କରିବ ବୋଲି ଆଶା କରୁଁ। ଯଦି ତାହା ହେଲେ 'ଶଂଖ'ର ବିଷୟ ସମ୍ଭାର ଅଧିକ ଉପାଦେୟ ହୋଇ ପାରିବ। ତାହାହେଲେ ଓଡ଼ିଶାର ସାହିତ୍ୟର ସୁଷ୍ଠୁ ଆଲୋଚନାରେ ସହାୟକ ହେବ।

## ସହକାର—୧୩୫୪ କାର୍ତ୍ତିକ—ପ୍ରଥମ ସଂଖ୍ୟା।

ଶ୍ରୀ ବାଳକୃଷ୍ଣ କରଙ୍କ ସମ୍ପାଦନାରେ ସହକାର ଉତ୍କଳର ସର୍ବଶ୍ରେଷ୍ଠ ସାହିତ୍ୟ ପତ୍ରର ଆସନ ଅଧିକାର କରିଥିଲା। ମଝିରେ ଉତ୍କଳ ସାହିତ୍ୟ ପରିଷଦ ହାତକୁ ଯାଇ ନାନା କାରଣରୁ ଶେଷରେ ବନ୍ଦ ହୋଇଗଲା। ଏବେ ପୁଣି ବାଳକୃଷ୍ଣ ବାବୁ ମନ୍ତ୍ର ଫୁଙ୍କି ସହକାରକୁ ପୁନର୍ଜୀବନ ଦେଇଛନ୍ତି। ଆନନ୍ଦର କଥା।

ଏ ସଂଖ୍ୟାର ସମ୍ପାଦକୀୟ ଉପାଦେୟ ହୋଇଛି ଓ ସହକାରର ଆଭିଜାତ୍ୟ ରକ୍ଷା କରିଛି। କବିତାଗୁଡ଼ିକ ମଧ୍ୟରେ ଶ୍ରୀ ଶିଶିରଚନ୍ଦ୍ର ଦେଙ୍କ 'ପ୍ରାର୍ଥନା' ଭଲ ଲାଗିଲା। ଶ୍ରୀ ସଚ୍ଚିଦାନନ୍ଦ ରାୟଙ୍କ 'ସ୍ୱପ୍ନ ସଂଗୀତ' ଓ ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କର 'ପ୍ରେମର ନବରୂପ' ଗଳ୍ପ ଯୋଡ଼ିକ ଜୀବନର ଗୋଟିଏ ଗୋଟିଏ ଚରମ ସତ୍ୟର ରୂପ ଦେଇଛି।

ପ୍ରଚ୍ଛଦ ପଟରେ ଖ୍ୟାତ ଶିଳ୍ପୀ ଶ୍ରୀ ଗୋପାଳ କାନୁନଗୋ ଗୋଟିଏ ଦୃଶ୍ୟରେ କୌଶଳ ଦେଖାଇଛନ୍ତି।

ଆଶାକରୁଁ ସହକାର ଅଚିରେ ତାର ପୂର୍ବ ଆସନ ଫେରି ପାଇବ।

## ଚତୁରଙ୍ଗ ଷଷ୍ଠ ସଂଖ୍ୟା—କାର୍ତ୍ତିକ।

ଏ ସଂଖ୍ୟାରେ ଶ୍ରୀ ପ୍ରହ୍ଲାଦ ପ୍ରଧାନଙ୍କର ଗବେଷଣାମୂଳକ ପ୍ରବନ୍ଧ 'ତାମ୍ବୂଳ-ସେବନ' ଶେଷ ହୋଇଛି। ଶ୍ରୀମତୀ ଲବଙ୍ଗଲତା ହିନ୍ଦି ଲେଖକ ପ୍ରେମଚନ୍ଦଙ୍କର ଗୋଟିଏ ଖ୍ୟାତ ଗଳ୍ପର ଅନୁବାଦ କରିଛନ୍ତି। ଏହାଛଡ଼ା ଆଉ କେତୋଟି ପ୍ରବନ୍ଧ, ଗଳ୍ପ ଓ କବିତା ଚତୁରଙ୍ଗରେ ସ୍ଥାନ ପାଇଛି।

## ରାଜର୍ଷି ବିକ୍ରମଦେବ ରଚନାବଳୀ—ପ୍ରକାଶକ—

ଶ୍ରୀ ଗୋପୀନାଥ ମହାନ୍ତି। ପୃ ୫୬୭ ସ୍ଥା—ମୂଲ୍ୟ—ମନୋଯୋଗ ସହ ଆମୂଳଚୂଳ ପାଠ।

ସାହିତ୍ୟସମ୍ରାଟ୍ ରାଜର୍ଷି ବିକ୍ରମଦେବଙ୍କ ବହୁ ରଚନା ଆମ୍ଭେ-ମାନେ ବିକ୍ଷିପ୍ତ ଭାବରେ ପାଠ କରିଛୁ; ମାତ୍ର ତାଙ୍କର ଲେଖାବଳୀର ସଂଗ୍ରହ ଏଯାବତ୍ ପ୍ରକାଶିତ ହୋଇ ନଥିଲା। ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତି ଏହି ମହତ୍ କାର୍ଯ୍ୟ ସମ୍ପାଦନ କରି ଜାତିର ମହଦୁପକାର କରିଛନ୍ତି। ଏହି ବୃହତ୍ ଗ୍ରନ୍ଥରେ ରାଜର୍ଷିଙ୍କର ସଂସ୍କୃତ ଓ ଓଡ଼ିଆ ରଚନାମାନ ସନ୍ନିବେଶିତ ହୋଇଛି। ତନ୍ମଧ୍ୟରେ ସ୍ତବ, ରସକବିତା, ଆଖ୍ୟାୟିକା, ନାଟକ, ଗଳ୍ପ ପ୍ରଭୃତି ନାନା ବିଷୟର ରଚନା ତାଙ୍କର ନାନା ବିଷୟରେ ଅସାଧାରଣ ପାଣ୍ଡିତ୍ୟ ଓ କବିତ୍ୱ ପ୍ରମାଣ କରୁଛି। ସତ୍ୟ କହିବାକୁ ଗଲେ ସଂସ୍କୃତ ରଚନାଗୁଡ଼ିକ ଓଡ଼ିଆଠାରୁ ଅଧିକ ଉପାଦେୟ ହୋଇଛି। ସାହିତ୍ୟାନୁରାଗୀ ଉତ୍କଳୀୟମାନଙ୍କୁ ଅନୁରୋଧ କେହି ଯେପରି ଏହି ସାହିତ୍ୟସୁଧା ଆସ୍ୱାଦନରୁ ବଞ୍ଚିତ ନ ହୁଅନ୍ତି।

Digitized by srujanika@gmail.com




## ଉଦ୍ଦେଶ୍ୟ

୧। ଉତ୍କଳର ଶିଶୁଙ୍କର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ସଙ୍ଗେ ସଙ୍ଗେ ଶରୀରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା। ୨। 'ଜଗର'ର ମାଧ୍ୟମରେ ଏକ ବେଦମନ୍ତ୍ର ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ଦୃଢ଼ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ୩। ମାତୃଭାଷା ଓ ସାହିତ୍ୟ ପ୍ରତି ଶିଶୁମାନଙ୍କର ଅନୁରାଗ ବଢ଼ାଇବା। ୪। ସତ୍ୟ, ସେବା ଓ ସାହସ ଅହିଂସା ମାଧ୍ୟମରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

(୧୮ ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

## ଆମେ କୋଶଳୀ !!!

'ଆମେ କୋଶଳୀ ଆମେ କୋଶଳୀ' ଉଠୁଛି ଏକ ସ୍ୱର,
କେ ଶୁଣ ନ ମେ କୋଶଳେ ଏକ ବାଜଇ ବଜ୍ର-ତୂରୀ।
'ସ୍ୱାତନ୍ତ୍ର୍ୟର ଅଖଣ୍ଡ ଧ୍ୱଜା କୋଶଳ-ଛାତି ଉପରେ,
ଲଗାଏ ଗାଲ ବଡ଼ଭଇଙ୍କ ଜନନୀ କେଉଁ ପରେ।
ଭାଇର ଯେତେ ଅପରେ ଦାଉ ମାଆର ବଡ଼ା ଦୋଷ,
ମା ଉପରେ କେଉଁ ଗୁଣରେ ବଢ଼ୁଛି ତୁମ ରୋଷ?
ଭାଇ ଯେତେବେଳେ ମାରଇ ବାଡ଼ କରଛ' ପ୍ରତିବାଦ,
ମାଆର ବୁକୁ ଚିରି କାହିଁକି କରିବ ଛିନ୍ନଗାତ୍ର?
ଯେତେବେଳେ ଅରି ପଶୁରେ ମୁହିଁ ମୋର ମନର ମନ,
'ମୁହିଁ ଉତ୍କଳୀ' ବୋଲି ଉତ୍ତର ଅଧର ଘନ ଘନ।
ମୁହିଁ ଉତ୍କଳୀ ମୁହିଁ-ଉତ୍କଳୀ ଉତ୍କଳ ମାଆ ମୋର,
କେଉଁ ପାପେ ଶ ବାଟଦେବ ମୋ ଅବସ୍ଥା ନିଷ୍ଠୁର ଘୋର?
କଳ୍ପନା-ଜବ-କୋଶଳୀ ଗୀତ- କୋଶଳ-ଦଉଡ଼ାକେ,
ଜନନୀ ପ୍ରେମ ବନ୍ଧନ କାହିଁ କାଟିବ କେଉଁ ବାଟେ?
'ସ୍ୱାତନ୍ତ୍ର୍ୟର କଳ୍ପନା ପୂରେ ଟାଣିବନି ମୁଁ ଭୁଲି,
ରଣୀ ବାଣୀରେ ମାଆକୁ ମୋର ଯିବ କେମିତି ଭୁଲି?
ଜାଗ ମୋ ଭାଇ ଜାଗ ଉଠଣୀ ଓଡ଼ିଆ ହିଅ ପୁଅ,
ଦୁଃଖିନୀ ମାଆ ନନ୍ଦନ୍ତୁ ବେଗେ ପୋଛ ଦଅନ୍ତେ ଲୁହ।
ବଙ୍ଗ, ବିହାର, ମଧ୍ୟପ୍ରଦେଶ, ଆନ୍ଧ୍ର, ଗଡ଼ଜାତ,
ଯେଉଁଠି ଥାଅ ଓଡ଼ିଆ ପୁଅ ଓଡ଼ିଶା ତୋ'ର ମାତ।
ମା'କୁ ତୋ'ର ପାଇବୁ ଯେବେ ପାଇବ ପୁଣି ଅଙ୍ଗ,
ହଜିବ ସ୍ୱାର୍ଥ ବାନ୍ଧବ ଦୁଃଖେ ସିଏତ' ମା' ସଙ୍ଗେ।
ଏବେରେ ଏକ କୋଶଳୀ ତୁମେ କେଉଁଠି ସ୍ୱାଧୀନ,
କେବାଲବଳରେ ମା'ର ବୁକୁ ଭାଇ ଭାଇଙ୍କେ ଖଣ୍ଡ?
'କୋଶଳୀ' ବଳ ଦେବ ଅଚଳ ହଜିବ 'ସ୍ୱାତନ୍ତ୍ର୍ୟ,
'ଉତ୍କଳସ୍ୱର' ଗଉଜମେଳ ହୋଇବ କେବଳ ଖଣ୍ଡ।
ସର୍ବାଙ୍ଗଗ୍ରୁଥ ପାଇ ମୋ ମାଆ ହସିବ ସୁହାସିନୀ,
'ଭଦ୍ରମୟୀ ମା'ଟି ମୋର ଉତ୍କଳ ଜନନୀ।'

ଶ୍ରୀ ଉତ୍କଳ
ଚନ୍ଦ୍ର ମାଢାର
ନଂ ୭୪ ନାଗବସ୍ତ
ଦଳଗିର ୨ୟଲଜ ସ୍କୁଲ।

—*—

## ଅଳି।

ଏଇ ଯେ ମୋର ଜନ୍ମ ମାଟି ଏଇ ଭାରତ ଭୂଇଁ,
ଜନ୍ମ ଜନ୍ମ ଜନ୍ମିଥିବି ମୁଁ ଏହାରି ଦାବ ଦୂର।
ଏହାର ଗର୍ଭ ଜଳ ଲଭି ଏହାରି କୋଳେ କୋଳେ,
ଏହାର ମାଟି, ଏହାରି ଧୂଳି ଅଙ୍ଗେ ଅଙ୍ଗେ ବୋଳେ।
ଏହାର କ୍ଷୀର ପିଇ ପାଇଛି ଦେହରେ ଯେତେ ବଳ,
ଦେଖାଇ ଦେବି ସେବାରେ ତାର ପଡ଼ିଲେ ବେଳ କାଳ।
ମାତାର ଦେହ ବାଣ୍ଟଣ ହୋଏ କରିବ ଦୂର ଖଣ୍ଡ?
କପୁତ୍ର ସେ ଅଟଇ ଜଗ ଅଟଇ ସେହି ରତ୍ନ।
ଅଟଇ ସେହି ରକ୍ତଶୋଷା ତାହାକୁ ତଥି ଦଳ,
ଦେଖନ୍ତୁ ମଜା ଭାଇ ଭାଇର ଲଗାଇ ଦେଇ କଳି।
ଏବା ମାଆର ପୁଅ ଯେ ଆମେ ହିନ୍ଦୁ-ମୁସଲମାନ,
ଏବା ନାଡ଼ିରୁ ଲୁହ ପଳ ଦୋହ୍ନିଁ ଭଲ୍ଲ ସାନ।
ଶତ୍ରୁ ଆଗ ତାହାର ଯାଉ ନବାନ୍ତୁ ଢାଲୁ ଘର,
ଆପଣା କଥା ବୁଝିବା ଆମେ କରିବା ନିଜ ଘର।
ଉଠରେ ଜାଗି ଉଠରେ ଜାଗି ଭାରତ ନର ନାରୀ,
ଭାରତ ସାରା ଉଠୁରେ ଜାଗି ଦେଶରେ ହୁହୁଙ୍କାର।
ମନ ଆବେଗେ ଦେଇଛି ଲେଖି ନୂତନ ମୁହିଁ କବି,
ଲେଖାର ଦୋଷ କରିବ କ୍ଷମା ଗ୍ରାହକୁ ଅନୁରୋଧ।

ଉସ୍‌ମାନ ଖାଁ

—*—

## କାଳସ୍ରୋତ

ନଦୀ ସ୍ରୋତଠାରୁ ଅଧିକ ପ୍ରଖର
ଗୁଇ କାଳସ୍ରୋତ ବୁଢ଼ା,
ଭୀମ ମୂର୍ତ୍ତି ଧରି ଲକ୍ଷ୍ୟହୀନ ପଥେ
ତାହାର ଗତି ପାଇ। ୧।
ନ ମାନୁ ବୁଝି ନୀଚ ଉଚ୍ଚ ବାରେ
ଏ ଅବା ଧନୀ ଗରିବ,
ସଭିଙ୍କେ ସମାନ ଅଟନ୍ତି ତୋ'ଠାରେ
ତାହାର ସତ୍ୟ କରିବ। ୨।
ବାଳ, ବୃଦ୍ଧ, ଯୁବା ତୋ'ର ସ୍ରୋତେ ପଡ଼ି
ଯିବେ ଦଶନ୍ତି ଭାଉ,
ଯୁବକର ଦମ୍ଭ ଗର୍ବ ଅଭିମାନ
କ୍ଷଣେ ପଡ଼େ ସବୁ ଝଡ଼ି।

Digitized by srujanika@gmail.com

ଶିଶୁର ମଧୁର          କଣ୍ଠେ ଉଠେନ
ତୋହ୍ମ ଜୟ ଗଚେଛ,
ଏ ନର୍ଦ୍ଦମ୍ବ ଗ୍ରବେ          ସତା ତୋ ହୃଦମ୍ବ
ଅଃଘରେ ଦାଳ ସ୍ରୋତ ।
ସୁବର୍ଣ ନନ୍ଦନ—          ଧଉଳ ସ୍ୱହାଣୀ
ନ ଭୁଲଏ ତୋର ମନ,
କବର କବର୍          ଶ୍ୱରର ଶ୍ୱରୁ
ଛଟେ ବରୁ ସବୁ ଲୀନ ।
ଧନୀକର ଧନ—          ଶୋଷଣ ସ୍ୱରୂପ
ନ ଦେଖାଏ ତୋତେ ଡର,
ସର୍ବତ୍ରାସୀ ଅଟେ          "କାଳ ସ୍ରୋତ" ତୋର
ଚରଣେ କୋଟି ଜୁହାର ।

ଶ୍ରୀ ଶୁକଦେବ ବ୍ରହ୍ମା ।

—-※—-

## ସ୍ୱାଧୀନତା ପଥେ

ଶୁଣ ଭାଇ—
ଏଇ ନୂତନ ବରୁଣ ଖଦନ
ଏଇ ଯେ ଅମ ଜନନୀର
ଜନ୍ମର ଅହ୍ୱାନ ।
ଏ ଦେଶର ବିସ ବନ୍ଧନରେ
ଏଇ ଧ୍ୱନୀ ଅଛ ଉଠେ ବାଜ,
ବହୁତର ଚଢା ଅଛ
ଏଇ ଦେଶ ଉଚିଛ ଯେ ସାଜ ।
ଧରି କରର ସ୍ୱାଧୀନ ପତାକା
ଭାଇ ଏଇ ମୁକ୍ତର ଘଟିକା,
ଦେଶାଇବ କର ଅଜ
ଉଚ ଏକ ସେଃ ଭୂମିକା ।
ଏ ଦେଶ କଂକାଳ ସବୁ
ଏଠେଇଠନ ଉଠିଅଛ ଚେଇଁ,
ମୁକ୍ତ ପାଇବାକୁ ଲୋଡବ
ଅବ ଘରେର ହୋଇବାକୁ ଡମ୍ଭୀ ।
ଭଲତରେ ଜନ୍ମର ଅନଳ
ଘର୍ଣ୍ଣ ଏବେ ବର୍ଷେ ପରେ
ସାର୍ଥକ ହୋଇବ ଅଜ
ଶତ ଶତ ସାଧନାର ଫଳ ।
ଏଇ ଦେଶ ଦୂରେ ଯେଉଁ
ଘନ ଅନ୍ଧକାର,
ତାର ଅର ପଟେ
ଦେଖିଅଛ ମୁକ୍ତ ଦ୍ୱାର ।
ଅଗ୍ର ଅଗ୍ର ଭାଇ,
ବନ୍ଧନର କଷାଣ ଭଙ୍ଗାଇ;
ଶୁଣିଛଣି ଦ୍ୱେଷଦୂର "ଜୟହିନ୍ଦ" ସ୍ୱନ
ପ୍ରାଣ ଅଜ ଦୃଢ ଉଦ୍ଧେଳତ
ଶୁଣି ଏଇ ଅମର ଅହ୍ୱାନ ।
ବନ ବଦ ଶୋଷକର ଦାନ୍ତ
ସ୍ୱଦ ଦେଶେ ମୁକ୍ତ ରଥେ,
ଅମେ ଅଜ ସ୍ୱାଧୀନତା ପଥେ ।
(ଜୟହିନ୍ଦ)

ସେକ୍ ହେମ୍ (୧୯୭ ନଂ ଦାର)

—-※—-

## ନୂଆ ନାଗବଗ୍ରଙ୍କ ନାମ

୬୭୦ । ଶ୍ରୀ ଚନ୍ଦ୍ରମଣି ମହାନ୍ତି, ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ, ପୋଃ ବାରିପଦା, ମୟୂରଭଞ୍ଜ । ୬୭୧ । ଶ୍ରୀ ଉପେନ୍ଦ୍ରନାଥ ମହାନ୍ତି, ଚଂପାପୁର ହାଇସ୍କୁଲ, Class XI, ପୋଃ ବୈଦ, ଜିଃ କଟକ । ୬୭୨ । ଶ୍ରୀ ସୀତାରାମ ଦାଶ, Sambalpur Zila School, ପୋଃ ସମ୍ବଲପୁର । ୬୭୩ । ଶ୍ରୀ ଦେବେନ୍ଦ୍ରନାଥ ପ୍ରଧାନ, Sambalpur Zila School, ପୋଃ ସମ୍ବଲପୁର । ୬୭୪ । ଶ୍ରୀମତୀ ସରୋଜିନୀ ଦେବୀ, ଦ: ନ: ଟ୍ରେନିଂ ସ୍କୁଲ, ଚାନ୍ଦିଚଉଦ୍ଧାର, କଟକ । ୬୭୫ । ଶ୍ରୀ ଭବଚରଣ ମହାନ୍ତି, Class XI, ରାଇରଙ୍ଗପୁର ହାଇସ୍କୁଲ, ପୋଃ ରାଇରଙ୍ଗପୁର, ମୟୂରଭଞ୍ଜ ଷ୍ଟେଟ୍ । ୬୭୬ । ଶ୍ରୀ ଯୁଗଳ କିଶୋର ମହାନ୍ତି, Class X, B, ରେଭେନ୍ସା କଲେଜିଏଟ୍ ସ୍କୁଲ, କଟକ । ୬୭୭ । ଶ୍ରୀମତୀ କୃଷ୍ଣପ୍ରିୟା ମହାନ୍ତି, Class V. (A) ରେଭେନ୍ସା ଗାର୍ଲସ୍ ସ୍କୁଲ, କଟକ । ୬୭୮ । ଶ୍ରୀ ମଦନମୋହନ ଜେନା, (ଅଜଗର) ବଡଗ୍ରାମ ନଗର, ଜିଃ ବାଲେଶ୍ୱର । ୬୭୯ । ଶ୍ରୀ ଦାମୋଦର ରାମ ଚୌଧୁରୀ (ଅଜଗର) ସ୍ୱାମୀ ଚୌଧୁରୀ ସ୍କୁଲ, ପୋ: ବାଘମରିକ, ଜ: କୋରାପୁଟ ।

## ନାଗବଗ୍ର କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ୍ । ମୋର ଜନ୍ମ—ତା  ।  । ମସିହା । ମୁଁ ସତ୍ୟ ସାହାଯ୍ୟ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗବଗ୍ର ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ (ବାର୍ଷିକ ଚନ୍ଦା ୧୦ ୮ / ଆଜୀବନ ଚନ୍ଦା ୧ • ୪)ର ଡାକଟିକଟ ପଠାଇଲି

ତୁମ ସ୍ନେହର ନାତି/ନାତୁଣୀ

ଠିକଣା ______________

ତାରିଖ ______________

※ ଏହି କୁପନର ନକଲ ସାଦା କାଗଜରେ କରି ପଠାଇଲେ ଚଳିବ

Digitized by srujanika@gmail.com

# ଗଳିତକୁଷ୍ଠ ଓ ଧବଳ କୁଷ୍ଠ

**ସକଳ ପ୍ରକାର ମେହ, ଉପଦଂଶ ଓ ଚର୍ମରୋଗର ଗ୍ୟାରେଣ୍ଟି ଚିକିତ୍ସା**

**ସିମଲାଠାରୁ ଲଙ୍କାଦ୍ୱୀପ ଓ ଆଫ୍ରିକାଠାରୁ ଫିଜି ପର୍ଯ୍ୟନ୍ତ ଆମ୍ଭ ଡକ୍ଟ୍ର, ଏଲ୍, ଶି**

**ବହୁଳଭାବେ ବ୍ୟବହୃତ ଓ ପ୍ରଶଂସିତ ।**

ଓଡ଼ିଆରେ ବ୍ୟାଣ୍ଡେଲ୍ ଚିକିତ୍ସାପ୍ରଣାଳୀ, ଓ ପ୍ରଶଂସାପତ୍ରମାନ ବିନାମୂଲ୍ୟରେ ଦିଆଯାଏ, ଇଂରେଜି ହିନ୍ଦି, ଗୁଜୁରାଟି ପ୍ରଭୃତି ଦଶଗୋଟି ଭାଷାରେ ଚିକିତ୍ସାପ୍ରଣାଳୀ ଦିଆଯାଏ, ଅସହାୟ ନିରନ୍ନବ୍ୟକ୍ତିଙ୍କୁ ବିନା ମୂଲ୍ୟରେ ଚିକିତ୍ସା କରାଯାଏ । ପ୍ରତିବର୍ଷ ହଜାର ହଜାର ରୋଗୀ ରୋଗମୁକ୍ତ ହେଉ ଅଛନ୍ତି । ଆପଣ କାହିଁକି ରୋଗମୁକ୍ତ ନ ହେବେ ? ଫଳେନ ପରିଚୀୟତେ, ଥରେମାତ୍ର ପରୀକ୍ଷା କରି ଦେଖନ୍ତୁ ନା । ଓଡ଼ିଶାବାସୀଙ୍କର ସୁବିଧା ନିମନ୍ତେ ଜଣେ ଓଡ଼ିଆ ଭଦ୍ରବ୍ୟକ୍ତିଙ୍କୁ କିରାଣୀ ରୂପେ ନିଯୁକ୍ତ କରିଅଛୁଁ । ଆପଣ ଉପରଲିଖିତ ରୋଗମାନଙ୍କରେ ହତୋତ୍ସାହ ନ ହୋଇ ଆଜ ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ ।

REDDY & Co. ( Regd ) GOPALAPURAM.
E. G. .DT. TANUKU. M. S. M.

ଶାଖା:—ବକ୍ସିବଜାର,—କଟକ ।



## ହାଓଡ଼ା କୁଷ୍ଠ କୁଟୀର

**କୁଷ୍ଠ**

ବାତରକ୍ତ ସ୍ପର୍ଶଶକ୍ତି ହୀନତା ସର୍ବାଙ୍ଗିକ ବା ଆଂଶିକ ଫୁଲା, ଏକ୍‌ଜିମା, ସୋରାଇସିସ୍ ବୃଦ୍ଧି କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏହାହିଁ ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ ।

**ଧବଳ**

ଶରୀରରେ ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୁପ୍ତ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ
୧ ନଂ ମାଧବ ଘୋଷ ଲେନ୍, ଖୁରୁଟ— ହାଓଡ଼ା



## 'ଜୟହିନ୍ଦ ଡଗର'

ଆଜାଦ ହିନ୍ଦ୍ ଫୌଜ ସମ୍ବନ୍ଧରେ କିଛି ଜାଣିବାକୁ ଚାହାନ୍ତି ତ 'ଡଗର' ଜୟହିନ୍ଦ୍ ସଂଖ୍ୟା ପଢ଼ନ୍ତୁ । ଏପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଯାହାକିଛି ଆଜାଦ ହିନ୍ଦ୍ ଫୌଜ ସମ୍ବନ୍ଧୀୟ ଲେଖା ବାହାରିଛି 'ଡଗର' ସମସ୍ତଙ୍କୁ ଛପି ଯାଇଛି । ଟିକଟିଏ ପଠେଇଲେ ଆମେ ଆପଣଙ୍କୁ ରେଜେଷ୍ଟ୍ରି ଖର୍ଚ୍ଚ ଜୟହିନ୍ଦ୍ ସଂଖ୍ୟା ଖଣ୍ଡିଏ ପଠାଇ ଦେବୁ ।

'ଡଗର' ଅଫିସ,
ପୋଃ ଭଦ୍ରକ ।

## ଭୂତପୂର୍ବ ପ୍ରଧାନ ମନ୍ତ୍ରୀଙ୍କର
## ଉଚ୍ଚ ପ୍ରଶଂସା ।

ଶ୍ରୀ [illegible] (ପାର୍ଲା- [illegible] କୋଣାର୍କ କେମି[illegible] ଏଣ୍ଡ ବିଉଟି ପ୍ରଡ଼[illegible] କର ଏବଂ [illegible] ପ୍ରସାଧନ ସାମଗ୍ରୀର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ବିଶେଷ ପ୍ରୀତ ହେଲି । ଜଣେ ଓଡ଼ିଆ ଭଦ୍ରଲୋକଙ୍କର ଏ ପଥ-ପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବଂ ଉତ୍ସାହ ପାଇବାର ଯୋଗ୍ୟ ।

କୋଣାର୍କ କେମିକ୍ୟାଲ
ଏଣ୍ଡ ବିଉଟି ପ୍ରଡକ୍ଟସ୍
(ଇଣ୍ଡିଆ)




୨/୧ ଏ. ପ୍ରେମଚାନ୍ଦ ବରାଳ ଷ୍ଟ୍ରିଟ, କଲିକତା

---

## ବମ୍ବେ ଲାଇଫ ଏସୋରେନ୍ସ କମ୍ପାନି ଲିଃ—

ପ୍ରତିଷ୍ଠିତ——୧୯୦୮ ହେଡ ଅଫିସ – ବୋମ୍ବାଇ

ସୁବିଖ୍ୟାତ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନୀରେ ସର୍ବନିମ୍ନ ପ୍ରିମିୟମ୍ ଦେଇ
ବୀମା କରି ଲାଭବାନ ହୁଅନ୍ତୁ

ବୀମା ବା ଏଜେନ୍ସି କରିବା ପୂର୍ବରୁ ଅନୁସନ୍ଧାନ କଲେ ଲାଭ ଛଡ଼ା କ୍ଷତି ନାହିଁ ।
ଅକର୍ମଣ୍ୟ ହେଲେ ଅଉ ପ୍ରିମିୟମ ଦେବାକୁ ହେବନାହିଁ ଏବଂ ପୂର୍ଣ୍ଣ ବୀମା ଟଙ୍କା ମିଳିବ ।

**୧୯୪୫ର ସଂକ୍ଷିପ୍ତ ବିବରଣ—**

ବାର୍ଷିକ ଆୟ ୭୩ ଲକ୍ଷରୁ ଉର୍ଦ୍ଧ୍ୱ
ବୀମାପାଣ୍ଠି ୨ କୋଟି ୯୭ ଲକ୍ଷରୁ ଉର୍ଦ୍ଧ୍ୱ
ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୩୨ ଲକ୍ଷରୁ ଉର୍ଦ୍ଧ୍ୱ

ଓଡ଼ିଶା ଏବଂ ଗଡ଼ଜାତରେ ଇନ୍‌ସ୍‌ପେକ୍ଟର, ଅର୍ଗାନାଇଜର ସ୍ପେଶାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ
ଅନୁସନ୍ଧାନ କରନ୍ତୁ ।

କେ, ବାଲସୁବ୍ରମନିୟମ, ବି. କମ୍. ଏ. ଆଇ. ଏ.
ମେନେଜର ଓ ବଂ ଏକଚ୍ୟୁଅରି
ହେଡ଼ ଅଫିସ— ବମ୍ବେ

ନରେନ୍ଦ୍ର ପ୍ରସାଦ ଦାସ
ମେନେଜର
ଓଡ଼ିଶା ଶାଖା—କଟକ ।

Printed & published by G. C. Mahaptia at the Gopinath press. Bhadrak 1946.

Digitized by srujanika@gmail.com

୧୦ମ ବର୍ଷ

# ଡଗର

Dagaro
UTKAL'S MOST POPULAR FORTNIGHTLY OF LIGHT, LEAD & LAUGHTER

ପ୍ରତିଖଣ୍ଡ ଦୁଇ ଅଣା

'ଆଟଲାଣ୍ଟା ପେନ୍'

ବ୍ୟବହାର କରି




*

ଏ ସଂଖ୍ୟାର ଆକର୍ଷଣ

କାହାଣୀରେ—
ଦେଶପ୍ରେମୀ

ମଜାକଥାରେ
ଘରଣୀ ଓ ମାଇକୁଣ୍ଡି

ମଜାକବିତାରେ —

ମାଷ୍ଟର ହେବି ନାହିଁ
ଓ
ବିଲୁଆ ବିଦ୍ରୋହ ପ୍ରଭୃତି

*

ବାର୍ଷିକ ତିନିଟଙ୍କା ଆଠଅଣା
[illegible]

Digitized by srujanika@gmail.com

## ସର୍ବାବସ୍ଥାରେ ଯାବତୀୟ

# ଗର୍ଭାଶୟ ଓ ଶୁକ୍ର

# ସଂକ୍ରାନ୍ତରୋଗ

ଅନାୟାସ ଓ ନିର୍ଦ୍ଦୋଷ ଭାବରେ ଆରୋଗ୍ୟ ହୁଏ । ପ୍ରଦର, ବାଧକ ଓ ଅଧିକ ରକ୍ତସ୍ରାବ, ଅତ୍ୟଳ୍ପ ସ୍ରାବ, ଶ୍ୱେତସ୍ରାବ, ଅନିୟମିତ ସ୍ରାବ ହେତୁ ବହୁ ଦୁଷ୍ଟ ରୋଗ ବ୍ୟାଧିର ଉତ୍ପତ୍ତି ହୁଏ – ଯଥା—ହିଷ୍ଟିରିଆ, ମୂର୍ଚ୍ଛା, ରକ୍ତହୀନତା, ଗର୍ଭସ୍ରାବ, ବନ୍ଧ୍ୟାତ୍ୱ, ଇତ୍ୟାଦି ।

ରୋଗର ସମ୍ପୂର୍ଣ୍ଣ ବିବରଣ ସହ ଓଡ଼ିଆରେ ଲେଖନ୍ତୁ ।

**ବିନାମୂଲ୍ୟରେ ସୁପରାମର୍ଶ ଦିଆଯାଏ**

GOURI AYURVEDA STORES
( Registered. )
MARUTER, W. G. DT.

# ମ୍ୟାଲେରିଆ

ଓ

ସର୍ବବିଧ ବିଷମ, ଦୀର୍ଘସ୍ଥାୟୀ ଜ୍ୱରକୁ

# ମ୍ୟାଲେରି ସାଇଡ

ନିଶ୍ଚିତ ଓ ସମ୍ପୂର୍ଣ୍ଣ ଭାବରେ ବିନଷ୍ଟ କରେ ।
୧୦୦ ବଟିକା ପୂର୍ଣ୍ଣ ଏକ ଶିଶିର ମୂଲ୍ୟ—ଟ ୨ ।୦
( ଏକ ସଙ୍ଗରେ ଦୁଇ ଶିଶି ନେଲେ ଡାକଖର୍ଚ୍ଚା ମାଫି )

# ବିନାମୂଲ୍ୟ

ଆମ୍ଭେମାନେ ଗ୍ୟାରେଣ୍ଟି ଦେଇ ସର୍ବ ପ୍ରକାର ସ୍ତ୍ରୀରୋଗର ଚିକିତ୍ସା କରୁଁ । ସମ୍ପୂର୍ଣ୍ଣ ବିବରଣ ସହ ଓଡ଼ିଆରେ ଲେଖନ୍ତୁ ।

ବିନାମୂଲ୍ୟରେ ପରାମର୍ଶ ଦେଉଁ ।

GOURI AYURVEDA STORES
( Registered. )
MARUTER, W. G. DT.


# 'ଡଗର' ନିୟମାବଳୀ


୧ । ଡଗର ପ୍ରତି ଇଂରାଜୀ ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ଟ ୩ ୲ ଓ ଷାଣ୍ମାସିକ ମୂଲ୍ୟ—ଟ ୨ ୲ ଅଗ୍ରିମ ଦେୟ । ପ୍ରତି ଖଣ୍ଡର ମୂଲ୍ୟ— ଟ ୦ ୵ । ଭାରତ ବାହାର ପାଇଁ ଟ ୪ ୲ ଓ ପ୍ରତି ଖଣ୍ଡ ଟ ୦ ୷ ।

୩ । ପ୍ରବନ୍ଧ ଲେଖା ଇତ୍ୟାଦି ସମସ୍ତ ପରିଚାଳନା ସଂପାଦକ 'ଡଗର'ଙ୍କ ପଠାଇବାକୁ ହୁଏ ଓ ଉପଯୁକ୍ତ ଡାକ ଟିକଟ ନ ଥିଲେ ଲେଖା ଫେରସ୍ତ ଦିଆଯାଏ ନାହିଁ ।

୪ । ବିଜ୍ଞାପନର ହାର ପାଇଁ ମ୍ୟାନେଜର 'ଡଗର'ଙ୍କୁ ଲେଖିବାକୁ ହେବ ।

୫ । ଏଜେଣ୍ଟମାନେ ଏଣିକି 'ଡଗର' ଗ୍ରାହକମାନଙ୍କ ପାଇବା ଦୁଇଦିନ ଆଗରୁ ପାଇବେ ଓ ପ୍ରତ୍ୟେକ ଏଜେଣ୍ଟ ପ୍ରତିମାସ ହିସାବ ଚୁକ୍ତି ନ କଲେ 'ଡଗର' ପଠାହେବ ନାହିଁ ।

ମ୍ୟାନେଜର—
'ଡଗର'
ପୋଃ ଭଦ୍ରକ (B. N. Ry.)

ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସଂପାଦକ—ଶ୍ରୀ ରାଇମୋହନ ଦାସ


Digitized by srujanika@gmail.com




# ବିଲୁଆ ବିଚାର

୧୦ମ ବର୍ଷ — ୧୪ଶ ସଂଖ୍ୟା

ପୌଷ ଦ୍ୱିତୀୟାର୍ଦ୍ଧ

( ଆମ ସମ୍ପାଦକ ମହାପାତ୍ରେ କଟକ ଭିତ୍ତି ହଜମ କରି ନପାରି, 'ଦୈନିକ ଆଶା'ର ବସ୍ତା ବୋହି ଓହ୍ଲାଇ ଭଦ୍ରକରେ ହାଜିର। ଏଣିକି ସେ 'ଜଗତ୍'ର ପାଠକ ପାଠିକାମାନଙ୍କ 'ଗହଳରେ ହଜାଇନଣା ଛାଡ଼ିବାର' ବାସନା ରଖିଲେ )

ସବୁ ନେତାଏ ଏକ ସ୍ୱରରେ ଅସନ୍ଧି ସଂଗ୍ରାମ ପାଇଁ ପ୍ରସ୍ତୁତ ହୁଅ। ଗାନ୍ଧି ନେହେରୁ ଅହିଂସାବାଦୀ ବି କହିଲେ—ଚକ୍ରର ଶୃଙ୍ଖଳ ଭର ଭଗ। ଅରେ ବାବୁ, ଚକ୍ରର ତ ନାସ୍ତି—ଅଭ ଚକ୍ରର ପୀଡ଼ା କାହିଁ ଅସିବ? ତଥାପି ଦେଖି ଏଇ ସାମ୍ୟବାଦୀମାନେ ଉଡ଼ ଘଡ଼ରେ—ଇଂରେଜ ସାଙ୍ଗରେ ପୁଣି ଗୋଟାଏ ଲଢ଼େଇ ଅଦିବ। ପ୍ରସ୍ତୁତ ହୁଅ। କିନ୍ତୁ ସେ ସବୁ କେବଳ କଥାରେ। କାର୍ଯ୍ୟ ପାଖକୁ ଗଲ ବେଳକୁ ସବୁ ଅପ୍ରସ୍ତୁତ—ହାସ୍ୟାସ୍ପଦ।

× × + +

ବର୍ମାରେ ତାଙ୍କ ଅଗାମୀ ସ୍ୱାଧୀନତା ଯୁଦ୍ଧର ଗୋଟାଏ ଅଖଣ୍ଡା କରିଦେଲେ। ଅଖଣ୍ଡାର ଅର୍ଥ ଇଂରେଜରେ ଅନେକ ଉଦ୍ଭଟ ଲୋକ କହନ୍ତି। ରିଭଲଭର ଶବ୍ଦଟା ଦେଶ ଦାନ୍ତରେ ଠିକ୍ ହେବା ଅଗରୁ ପ୍ରସ୍ତୁତ ହେବାଟାକୁ କହାଯାଏ। ଯୁଦ୍ଧ ପ୍ରସ୍ତୁତ କି ସେଇ କହିଦେଲେ। ଓଡ଼ିଆରେ ଯା ଧାରେ ଲଢ଼ାହେବା ତା ଠିକ୍ ହେବାକୁ 'ଖଣ୍ଡା' କହାଗଲେ ତା' ପୂର୍ବରୁ ପ୍ରସ୍ତୁତ ହେବାଟାକୁ ଅ + ଖଣ୍ଡା = ଅଖଣ୍ଡା କହାଯିବା ସ୍ୱାଭାବିକ।

ଆମ ଓଡ଼ିଶା ପୁଏ ଅଗ୍ରଣୀ ଯୁବକ ଗୋଟାଏ ଅ + ଖଣ୍ଡା ବେଢ଼ନ କରିଦେଲେ। ଖାଲି ପୁଏ ନୁହନ୍ତି, ଝିଅ ବି। ବାହାରରେ ଯେଉଁ ଯୁଦ୍ଧ ଧର୍ମଘଟ ହେଲା ସେଟା ଧର୍ମଘଟ ନୁହେଁ—ସେଇ ଅଖଣ୍ଡା। ବୁଦ୍ଧି ଫୁଲିବାକୁ ବି ଅଖଣ୍ଡା କୁହାଯାଏ। ଅସଲ ବୁଦ୍ଧି ଉପରକୁ ଅଣିବା ଅଗରୁ ଯେମିତି ଚଢ଼ିଲେ ଓସ୍ତାଦ୍ ସାଙ୍ଗରେ ଲଢ଼ିବାକୁ ପଡ଼େ। ଆମ ପିଲାଏ ସେମିତି ଓସ୍ତାଦ ସାଙ୍ଗରେ ହାତେ ଖେଳିଦେଲେ। ଓସ୍ତାଦ ସହ୍ୟ କେତେ କରିବ କହ ଚେହେରାଙ୍କୁ।

× × × ×

ଶ୍ରୀଯୁକ୍ତ ପାଠମନ୍ତ୍ରୀ କିନ୍ତୁ ଭାରି ବ୍ୟସ୍ତ ହୋଇ ଉଠିଲେ କମ୍ୟୁନିଷ୍ଟ ସୋସାଲିଷ୍ଟ ଗୁଡ଼ାକ ମେଳ ପିଲାଙ୍କୁ ଭେଟେନିଲେଣି ଯେ! ଅରେ ବାବୁ; ଏଥିରେ ଆଶ୍ଚର୍ଯ୍ୟ ହେବାର ଅଛି କଣ? ତେଲ ତେଲ ଏକ ହେଲେ ଗଣ୍ଡିର ମୁଣ୍ଡ ଉଥଳିବ ନାହିଁ। ୧୯୪୨ ମସିହା ଅନ୍ଦୋଳନ ବେଳେ ଦୁହିଙ୍କର ଦୁର୍ନାମ ହେଉଥିଲା। ସୋସାଲିଷ୍ଟ ସେତେବେଳେ କହୁଥିଲେ—

'କମ' ନାମ ଅକ୍ଷରରୁ ମୋ ଶ୍ରବଣେ
ଦଶୁଣା ଭଲ ଦେହ ମୋ।

ଆଉ ପରେ ପୁଣି ମାନଭଞ୍ଜନ ହେବ। ଯଥା ନାଟକେ—ଇଷ୍ଟ ନାଟକେ। ଏଥିରୁ ଅଧ ଦେଖିବ। ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି। ବରଂ ସ୍ୱାଗତ କରିବାର କଥା। ତରୁଣମାନଙ୍କୁ ଡାକିବା କଥା। ଉଦାହରଣ ସ୍ୱରୂପ—ନାରଦଙ୍କ ନୁହେଁ।

+ + + +

ସେତେବେଳେ ହିଁ, ବୋଲି କହିବା ଗାଁ ବଡ଼ଲୋକ ସଂସାରରେ ଉଠିବା ପଡ଼ିବାର। ଅକର୍ମା ଭୂମି କହନ୍ତି। ଭୂଇଁ ହେଇ ଠିକ୍ ହେଇ, ଦେଶରେ ଯେତେ ବେଳେ କେହି ନାମ କରୁଥାଏ, ଲୋକଙ୍କ ସାଙ୍ଗରେ ମିଶୁଥାଏ, ସେତେବେଳେ ଏଇ ସୋସିଆଲ କମିଟି ତଂଖାର। ବିଭିନ୍ନ ପତ୍ରିକାମାନେ କେବଳ ପାଞ୍ଚଭୂତ କହୁଥାଆନ୍ତି 'ପଦ'ର ଘଣ୍ଟ ପଡ଼ିବ ଯାଉଥାନ୍ତି। ଶେଷରେ ନାମ ଶେଷ। ମନେ ମନେ—

ଖେଳରେ ରହି,
ଶେଷ ଦ୍ୱାପୁତଳି ମୁଖ ପଢ଼ିବ
ଲେଖିଥିବ ଉପରେ—
ଅଭ ଯଉବ ନାହିଁ। × + +

ଅସଲ କଥା ହେଉଛି ବିଦ୍ରୋହ ଦେହି ଅଟେର ପାଇବ ନାହିଁ। ଯିଏ ନେତା, କମ୍ପାନୀ ନେତା ହେଇ ଯା ବହୁତ ମୁହଁରେ ଦେଖିବ ଅଗେଇ ନ ନେଲ, ତେବେ ଅନ୍ୟମାନେ ବାଦସାଦ କରିବେ। ଏଟା ସ୍ୱାଭାବିକ। ତଥାପି ଅପୁରୁଷ ନହେଲେ ମୂଷା ଏମିତି ହୁଅନ୍ତା ନାହିଁ। ସରକାର ଓ ମାଷ୍ଟରମାନେ ନିହାତି ମାଉଁସ ନହେବେ, ନ ଅଂକୁଶ ନ ମାରିଲେ ଭାଇ ଏମିତି ପାଠ ପଢ଼ନ୍ତ ନଥାନ୍ତେ। ଅକାଳ କୋଣ୍ଡ ଭରିବ ହେବାର ମୂଳଥା ଦେଇ କାମରେ ନଲାଗିବ ବୋଲି କେବ ନାହିଁ ତ। ବର୍ତ୍ତମାନ ସ୍କୁଲ କଲେଜ ତ ବନ୍ଦ ଭାବରେ ଠିକ୍ ହେଉଛି। ପିଲାଏ ବଣ୍ଟଳି ନହେବାର ବାଟ ନାହିଁ! ସରକାରଙ୍କ ଏକାଠେ ସ୍କୁଲ କଲେଜ ଭଳେଇ ଦେଇଥାନ୍ତେ କଣ ହୋଇଥାନ୍ତା। ଗୋଟାଏ ପୁରୁଷ ମୂର୍ଖ ହୁଅନ୍ତି। କଣ ଯାଇଥାନ୍ତା! ଏଣେ ତେଲ ଘଡ଼ିରେ ହାତ ଦେଇବ ନାହିଁ, ତେଣେ ପୁଅ ଛୁଇଁବ ଉଡ଼ିବ ନାହିଁ ମାତ୍ର ବଡ଼ ପ୍ରେମ! + + +

ତେଣେ ପୁଣି ତାଙ୍କର ସ୍ୱାଲବ। ନାଗରସିଂହ ନହେଁ। ତାର ବଖା ବର୍ଷାନେଣ ଭଙ୍ଗ ସେଟି। ଖାଲି ନେତା ନୁହନ୍ତି ନେତାଙ୍କ ପଛେ ପଛେ ଥାଇ ନେତାମାନେ ବି ସେଟି ପ୍ରଚଳ। ସରକାର ଏଇ ନେତାଙ୍କ ଦାବୀ ଏକ ଏକ ପୂରଣ କରିଦେଲେ—ସବୁ ଥଣ୍ଡା ହେଇଯିବ।

× × × ×

ବେଲୁଅଙ୍କ ସ୍ୱରରେ ଏଇ କର୍ମୀ ବହୁତ ହେବାର ବାସେ କର୍ମୀଙ୍କର ହନୁର ବର୍ଷର ଅଭ୍ର। ଓଡ଼ିଶା କଂଗ୍ରେସ ସଭାପତିର ବଖ ମାସ ଭିତରେ ବଡ଼ ଗୋଟାଏ ଚମ୍ପୁ ଥାଉ ଦେଖିବ ଦେଖିଥିଲ ହରି ନସୁନାହିଁ। ଯାହା ଦେଲେହେଁ ତା ଦେହ ଭାଗ୍ୟ ନାହିଁ। ପୁରୁଣା ଉପରେ ତାଙ୍କ ପଚା ମାଛ ଗୁଣ। ଝୁଲ ବକ ପଛେ ଦେଖ ଅବସ୍ଥା ପୁଥୁରିବ ବୋଲି ଅଣ୍ଡା ବେଯାଇଛ। ସେଥିପାଇଁ ବୋଧେ ଆମ ବହୁଗୁଣ କ୍ଷମତା ଶେଷ। ଆଜିକାଲି ତାଙ୍କ ସରକାର ନାମ ଥାଆ

Digitized by srujanika@gmail.com

ଧର୍ମ ବା ସଙ୍କୀର୍ଣ୍ଣତା ପ୍ରଚାର ସବୁଠୁ ସହଜ । ଯାହା ହେଉ ଓଡ଼ିଶାରୁ ଦକ୍ଷିଣପାଖ ବଡ଼ ଅଞ୍ଚଳ ଟୋକିଲା ପରେ ବାନୁଳଗୋ ମହାଶୟ ସ୍ପଷ୍ଟ କହିଲେ—"ଓଡ଼ିଶାରେ ଅଛି ସ୍ୱଭାବ ।" ଏ ଗାଲି କଥା ହେଲା । ନାମ ନେଇଲେ ଅସଲ ମୂଷ୍ଟିଲେଖା ପଡ଼ୁଚି । ବାଜେବାର ଷଡ଼ଯନ୍ତ୍ର ନେଲରେ ହାଡ଼ ଦେବା ନେଇଲେ ଯେଉଁ ଗାଥା ପାଇବେ ସେ ଅବଶ୍ୟ କହିବେ—ସ୍ୱୟଂ ନବାଯଲେ ସ୍ୱତନ୍ତ୍ର—ଧନ ବାଦ୍ୟ ବାଜଲେ ।

\+ × + +

ମୁସଲିମ୍ ଲିଗ୍ ବୈଧାନିକ ସଭାରେ ଯୋଗ ଦେବେ ନାହିଁ ବୋଲି ଠିକ କଲେ । ଟାଇ ସେଇଠି ଦୂରେଇଁ, ହେ ପରମ ପିତା ପରମେଶ୍ୱର ଇଂରେଜ ସରକାର ! ବୈଧାନିକ ସଭା ଓ ସେ ଯାହା ଯାହା କରିବ ସବୁ ବେଆଇନ ବୋଲି ଘୋଷଣା କର । ନହେଲେ—

ଭ୍ରିଟିଶ କଂଗ୍ରେସ ଜାତିର ନାତ ପଥ ବ୍ରନ୍ଲ,
ଲଭିବି ସାନେ ତାନା ଅଳ ବେଇତ ବେଳାକୁ ?
"ଇଂରେଜ ହେ ଅବଧର !"

\+ × × ×

କଟକରେ ସ୍ୱାସ୍ଥ୍ୟ, ଖାଦ୍ୟ, ଜନନୀ ଅହର ପ୍ରଦର୍ଶନୀ ହୋଇ ଯାଇଛି । କିନ୍ତୁ ଦର୍ଶନରେ ପ୍ରଦର୍ଶନୀର ପ୍ରବେଶ ପଥ ଥିଲା । ଦର୍ଶକ ନିଶ୍ଚୟ ଅଛେ । ଓଡ଼ିଆଙ୍କ ସ୍ୱାସ୍ଥ୍ୟ ଖାଦ୍ୟର ଯାହା ଅବସ୍ଥା ତାହା ସ୍ୱୟଂ ସୁଦର୍ଶନୀୟ ଜାଣନ୍ତି । କେବଳ ନେଇଲେ ପ୍ରଦର୍ଶନୀ ଫଳରେ ଓଡ଼ିଆ ପୁଅଙ୍କ ଠକ୍ ଗାଲ ପୁରି ଯାଇ ସୁଦର୍ଶନ ହୋଇପାରନ୍ତି ମନ ନୁହେଁ । ନହେଲେ ଓଡ଼ିଆଙ୍କ ପଟ ଉଠାଇ ଜଅଉଳଙ୍କ ଦୋକାନରେ ଲଟକ କରିଦେଲେ ଓଡ଼ିଆ ପୁଏ ବେଶ୍ ନଗପୁରୁଷ ଦିଶନ୍ତେ । ସେ ଯାହା ହେଉ, ଓଡ଼ିଶା ଭିତରେ ଯାହା ଥାଉ ଓଡ଼ିଶା ବାହାରେ ମହତାବଙ୍କୁ ଯଦି ଓଡ଼ିଆଙ୍କ ଅଦର୍ଶ (model) ଧରାଯାଏ ବା ପ୍ରମାଣ (Standard) ମନାଯାଏ, ତେବେ ଓଡ଼ିଆ ଯେ ଖାଇ ଯୋବା ଜାତି ବୋଲି ଅବନାଳେ ପସନ୍ଦ କରିବେ ଏଥିରେ ସନ୍ଦେହ ନାହିଁ ।

× × × ×

ପଞ୍ଜାବରେ ଲିଗ୍‌ବାଲମାନେ ମୁସଲମାନ ସେନା ବାହିନୀ ଗଢ଼ୁଥିଲେ । ହିନ୍ଦୁମାନେବି ଅଲ ଏକ ବାହିନୀ ଗଢ଼ୁଥିଲେ । ସରକାର ଦୁଇ ବାହିନୀକୁ ଅଚାହନ କରିବାକୁ ମନ କରିବାରୁ ହିନ୍ଦୁ ବାହିନୀଟି ଘୋଡ଼ା ବାହନ ଉଠ ମଣ ହେଲେଗଲା । ମୁସଲିମ୍ ବାହିନୀକୁ ଯୋଡା ସରକ ପଠାଇଲେ ମଣ ହେବାର-ଅଣା ଲହିଛି । ଅଲେ ଜନର ଚଣ କହ ଶିଖିଥିଲେ ତା'ପରେ ମଣିଷ ଚଢ଼ିବେ ।

\+ + + +

ଲିଗ୍‌ବାଲମାନେ ପୁରାପୁରି ଅହିଂସା ସଂଗ୍ରାମ ଚଳାଇଛନ୍ତି ପଞ୍ଜାବରେ । ଇଂରେଜ ଅଧୀନରେ ଫଳ ବଡ଼ ମାରାତ୍ମକ ହେଲା । ତେଣୁ ପଛ ଅଭିଆ ନାତର ବ୍ୟବସ୍ଥା । ଆଗରେ ଅହିଂସା—ପଛରେ ଛୁରି । ସେ ଯାହାହେଉ, ବୈହାରର ଦିନେ ମରି ମରି ବଞ୍ଚି ବଞ୍ଚି ରାମ ରାମ ବୃନ୍ଦରେ ଧରି ନେତାର ରାମାୟଣ ଗ୍ରନ୍ଥ ଲେଖିଲେ । ଲିଗ୍‌ବାଲ ସେମିତି ଅହିଂସା ମାଡ଼ି ଦେଇ ଦେଇ ସମୟରେ ଋଷି ବାଲ୍ମୀକି ପାଲଟି ଯିବାର ଆଶା ଲଖାଯାଉଛି ।

\+ + + +

ସଂଯୁକ୍ତ ମହତାବ ଏଥର ମନ୍ତ୍ରୀପଦରୁ ଇସ୍ତଫା ଦେବାକୁ ଚାହାଁଇଲେ । ସେବେଳେ ଜନ ଉପରରେ ଖାଇବା-ପରା ମନ୍ତ୍ରୀ ସାମ୍ୟବାଦୀଙ୍କ ଉପରେ ବାମପନ୍ଥୀ ଗୋଷ୍ଠୀ ରେଡ଼ିମ ହୋଇଥିବେ । ତେଣୁ ସଭା ଅଣା କରନ୍ତୁ ମହତାବଙ୍କୁ ସହାନୁଭୂତି ଦିଅନ୍ତୁ । ସେ ପୁଣି କହନ୍ତୁ—

ଧାନ ଗୋଟି ଗୋଟି          ଗୋଡ଼ି ଗୋଟି ଗୋଟି
ଚାଲୁ ବାଲୁ ଦନ ସରିଲା—
ମାଟିକୁ କହିବୁ          ତକଦ ନ ବଳ
ମୋ ରେଡ଼ିମ ହେବା ନୋହିଲା ।

\+ × + ×

ଅମ ରେଭେନ୍ସା କଲେଜର ଅଧ୍ୟାପିକା ଭଦେବନ୍ତିକା ମିଶ୍ରି ଛାତ୍ରୀମାନଙ୍କ ଗୁରୁଦେବ—ଅପଣାର ଦୁଇ ଓ ଯେ ତାର ଦୁଇକୁ ନମସ୍ତେ । କାରଣ ଅମେ ହେଲୁ ଓଡ଼ିଆ । ଅମ ଦେଶ ଓଡ଼ିଶା । ସେମାନେ ସ୍ୱଭାବ ଦେଶକୁ ଅସିଚନ୍ତି । ତେଣୁ ତାଙ୍କର ଅସନ ଉପରେ । ଦେଖା ହେଉ, ମାନିବା ନାହାନ୍ତି । ପୁଣି ଅମର 'ପାଠ ପଢ଼ାଇବାକୁ' ଅସିଚନ୍ତି । କେତେଇଲ ଥିଠ ସେ ପଢ଼ାଇବେ । ତେଣୁ କଥା ହେଉଛି, ଓଡ଼ିଶା ସ୍ୱଭାବ ଦେଶକୁ ସେମାନେ ଘରୁ ପଣରେ ଯେତେବେଳେ ଅସିଲେ, ପୁଣି ସ୍ୱଭାବ କଲେ କାହିଁକି ? ବୋଧହୁଏ ଓଡ଼ିଶାର ଓ ତାଙ୍କର ଏମିତି କିଛି ସମ୍ପର୍କ ଥିବ ଯହିଁରେ ପରସ୍ପର ପରସ୍ପରକୁ ଦାସ ଓ ଦାସୀ କହିବାରେ ଗୌରବ ଅନୁଭବ କରୁଥିବେ । ଏ ସମ୍ପର୍କଟା ବ୍ୟାକରଣ ସାପେକ୍ଷ କରିବ । ଓଡ଼ିଆ ସ୍ତ୍ରୀମାନଙ୍କୁ ଯଦି ଏମାନଙ୍କର ରୂପ ଖରାପ ଲାଗୁଥାଏ ତେବେ ସହିବା ଉଚିତ—ଯେହେତୁ ଗର୍ବିଣୀ । ନହେଲେ ସବ୍ୟା ହେବେନାହିଁ । କବି ଥିଲେ ଗାଇଥାନ୍ତେ—

ମିଣି ଘସିଥିବା ଦର୍ପଣ ଯେସନ
ଭଦେବନ୍ତିକା ମିଶ୍ରି ମାସ୍କର ତେସନ
ନାମ ତାଙ୍କ ଅଟେ ଯେଣୁ ଅଧ୍ୟାପିକା
ସବୁବେଳେ ସେଇ ସବୁ ବ୍ୟାପିକା ।


ଇଥାଶିଲ୍ପୀ କାତ୍ୟାନନ୍ଦ ମହାପାତ୍ରଙ୍କ ଅମର ଲେଖନୀରୁ
ପ୍ରକାଶ ହେଉଛି ତିନୋଟି ଗ୍ରନ୍ଥ:—
ଆପଣଙ୍କର ପ୍ରତୀକ୍ଷିତ ଉପନ୍ୟାସ—
**ଜୀଅନ୍ତା ମଣିଷ ।**
ମଣିଷର ଦେହ ମନ ଓ ହୃଦୟକୁ କେତେଇ କାଟି
ଫିନ୍‌ଭିନ୍ କରି ଦେଇଛି ।
ପ୍ରକାଶକ—ଲକ୍ଷ୍ମୀ ଭଣ୍ଡାର, କଟକ ।

ମନୁଷ୍ୟର କ୍ଷଣକ୍ଷଣକୁ ଧନ୍ୟ କର
**କ୍ଷଣିକା**
ଅତି ଛୋଟ ଛୋଟ ପ୍ରାଣଛୁଆଣିଆ କଥା ଗୁଚ୍ଛ ।

ଫରାସୀ ଓ ଇଂରେଜୀ ଭାଷାରେ ଅନୂଦିତ ଏବଂ ଉଚ୍ଚ ପ୍ରଶଂସିତ
**ଏଗାରଟା**
ଅମେତ ଏଗାରୋଟି ଖୁଦ୍ର ଗଳ୍ପ ।
ପ୍ରକାଶକ—ଭାରତୀ ଭଣ୍ଡାର, ପୁରୀ ।


Digitized by srujanika@gmail.com

ମଜାକଥା




# ଘରଣୀ ଓ ମାଇକ୍ରୋ

ଲେଖକ:— ନି: ମ:

ନିତ ବଜାରକୁ ଯାଏଁ । ନିତି ଫେରିଲା ବେଳକୁ ଗୃହିଣୀ କହନ୍ତି—ଦେଖେଁ କଣ ମୋ ପାଇଁ ନୂଆ ଚିଜ ଆଣିଛ !

କିଛି ନା ! ସେଇ ସାଗ ବୋଇତି ଭଣ୍ଡାରୁ, ଭେଣ୍ଡି, ବାଇଗଣ, ସାରୁ, ଅଳୁ—କଉଧନ ଗୋଟାଏ ଅଧିକା ତ କଉଧନ ଗୋଟାଏ ଊଣା ।

ଆମ ଗୃହିଣୀଙ୍କର ଗୋଟିଏ ଭଲ ଅଭ୍ୟାସ, ସେ ଗହଣା ପାଇଁ ମନ କରନ୍ତି ନାହିଁ କି ସ୍ନୋ ପାଉଡର ପାଇଁ ମନ ବଳାନ୍ତି ନାହିଁ । ଗହଣାକୁ ସେ କହନ୍ତି, ହାତୁଆ ଘର ବେପାର । ସ୍ନୋ ପାଉଡରକୁ ସେ କହନ୍ତି ବେଶ୍ୟାଙ୍କ ସାଜ ।

ସୁତରାଂ ଏଥିରୁ ବେଶ ବୁଝି ପାରିବ ଯେ ଆମ ଘରଣୀ ହାତୁଆଣୀ ନୁହନ୍ତି କି ସାଜ ସଜା ହୋଇ ନାଚପଙ୍କ ପରି ନୁହନ୍ତି । ବିଲ୍‌କୁଲ୍ ଖାଣ୍ଟି ନିରୋଳ ସଫା ହାଡ଼ୀମାର୍କା ସତୀ ସେ । ତଥାପି ତାଙ୍କର ଅଳି—"ମୋ ପାଇଁ କେବେ ହେଲେ କିଛି ଗୋଟାଏ ଆଣ ନା ?'

ନୂଆ ବାହା ହୋଇଛୁ । ମାଇପ ସଉକଟା ଥିବ । କିନ୍ତୁ ମାଇପଙ୍କ ମନ ଜାଣିବାକୁ ଦେବତା ପାରନ୍ତି ନାହିଁ । ଏବେ ଆଣିବି କଣ—ଯାହା ଆଣିବି ଆଣିବା ବେଳେ ପସନ୍ଦ ନ ପଡ଼ିବ । ଏମିତି ଆଣିବି ଆଣିବି କହୁଥିବି ସେ ଭଲ । ବଡ଼ ମଜା । ଆଣି ସାରିଲେ ତ ରସଟା ମରିଯିବ । ପୁଣି ଆଣି ସାରିବା ପରେ ଥରେ ଯଦି ନା ପସନ୍ଦ ହୋଇଯାଏ ତେବେ ଟେରଦାନକୁ କାଳ ଜାଲକୁ ମୁଁ ବି ନାପସନ୍ଦ ହୋଇ ଯାଇ ପାରେଁ—କାରଣ ଏଇଟା ପ୍ରଥମ ।

ବସ୍ତୁତ ଚିଜ ବସ୍ତୁ କଣ ଠିକ୍ କରି ପାରୁ ନଥାଏଁ । ସେତେବେଳେ ମେମ ସାହେବ ଗୋଟିଏ ବ୍ୟାଗ ଧରି ଯାଉଥିଲେ । ମୋର ଜାହିଁକି ତଠାରୁ ମନ ହୋଇଗଲା, ଆମ ଗୃହିଣୀ ଯଦି ଏମିତି ଗୋଟାଏ ବ୍ୟାଗ ପାଆନ୍ତେ—ହୁଏତ ମାଇପି ଜାତିଟା ସହିତ ବ୍ୟାଗ ଜିନିଷର ଗୋଟାଏ ହାର୍ଦ୍ଦିକ ସୌହାର୍ଦ୍ଦ୍ୟ ଅଛି ।

କିନ୍ତୁ ଚିନ୍ତା ମଧ୍ୟ ହୁଅନ୍ତା ନାହିଁ । ତାହାଲେ ନ ହେଲା ନାହିଁ, ଘର ଭିତରେ ଘରଣୀ ଯଦି ହଠାତ୍ ଏମିତି ବ୍ୟାଗ ଧରି ବୁଲନ୍ତେ ! ମୋ ପାଇଁ ଗୋଟିଏ ଅଜବ ହେବ । ସେଇଦିନଠାରୁ ମୁଁ ଫିକରରେ ରହିଲି କେମିତି ଗୋଟାଏ ବ୍ୟାଗ କିଣିବି । ପୁଣି କେମିତି ବଳିଷ୍ଠ ବ୍ୟାଗଟା ତ ହେବା ଦରକାର । ପୁଣି ଆଜିକାଲି ଏ ଗାନ୍ଧି ଯୁଗରେ ବିଲାତି ବ୍ୟାଗ ଚାଲିବ ନାହିଁ । ସ୍ୱଦେଶୀ—ସ୍ୱଦେଶୀ—ସବୁଥିରେ ସ୍ୱଦେଶୀ ପଣିଆ ହେବା ଦରକାର ।

ସ୍ୱଦେଶୀ ବ୍ୟାଗ ପାଇଁ ବେଶୀ ମଥା ଖେଳାଇବା ଦରକାର ପଡ଼ିଲା ନାହିଁ । ଥରେ ହାଟରେ ଗୋଟିଏ କାନ୍ଥିଆ ମାଟିଆ ଲୁଗା ଦେଖି ସଙ୍ଗେ ସଙ୍ଗେ ରୁମାଲ ବାନ୍ଧି ତା ଭିତରେ ବାନ୍ଧି ଧରି ଲୁଚାଇ ।

ଗୃହିଣୀ ତାହା ଏକ ସରିତ ପଣିଆନ୍ତି । ସତ କଥା ! ମୋ ନ ଥିବାବେଳେ ବାଟେ କେବେଠାରେ ତାହାର ଲେଖେ ଚିତ୍ର—ମାନେ ସେହି ମାଇପି ଜାତିଟା ପଡ଼ିଯିବ । ସୁବିଧାଟା ବେଁ ବେଁ କରୁଥାଏ । ମୁଁ ରୁମାଲରେ ବାନ୍ଧି ପଠାଣ ଗାଡ଼ିପାରଖ ଝାଡ଼ଣରେ ଚେକନ ବାନ୍ଧି କେଲପର ହାଣି ହାଣି ଅଣି ତାହା ପାଖରେ ଠିଆ ହେଲି । ଯେତେ ଖାଲେ ଘରଣୀ ନ ଶୁଣନ୍ତି । ଘଡ଼ ଚହଡ଼ା ସଜଲକୁ ତାହା ସେଠାରୁ ଥାଇ ପଚାରିଲେ—"ତମ ହାତରେ ଏଇ କଣ ଅଛି କହ ।"

"ବେଦ ନାହିଁ ବାବୁ—ମୁଁ ଏକୁଟିଆ ।"

ବାବୁ, ଏତେ ବ ସମୟ ହେଲାନାହିଁ । କହିଲେ—"ହଁ ଜାଣେ ଜାଣେ, ତେମେ ମୋତେ ଛକୁଛ । ତମ ମନରେ ଏତେ କଥା ଥିଲା ନା ?"

"ଏଁ ମୋ ମନରେ ? ଏ କଥା ନାହିଁ !" ମୁଁ କଣ ବୁଝି ପାରିଲି ନାହିଁ ।

"ନାଇଁ ନାଇଁ ମୁଁ ଧାଙ୍କୁ ସତେ ଶତେକ ଦେଖନାହିଁ । ପୁରୁଷ ଜାତିଟା ଏତେ ଅବିଶ୍ୱାସୀ ?"

"ଏ ଅବିଶ୍ୱାସବାଦତା କଣ ମୁଁ ?"

"ନାଇ ନାହିଁ ଆଉ ସତ୍ୟ ପଣ କେବେଠ ? ନାଇଁ—ନାଇଁ ସେକଥା ହବନାହିଁ । ଏଇପରି ଛିଅ ଦଶ୍ କି ମୁଁ ଏ ଘରେ ଠାବ ଦେବି ନାହିଁ । ଏଠି କଣ ମୁଁ ସଉତୁଣୀ ସଙ୍ଗେ ରହିବି ?"

"ଛିଅ କହୁ ? ଛିଅ କହୁ ନାହିଁ ?"

Digitized by srujanika@gmail.com

‘ତମ୍ ମତେ ଆଉ ଶୁଣୁଛ ତ ? କେଡ଼େ ବଡ଼ ଅନେକ ଅନେକ ଲୋକଙ୍କ ଭାଗ୍ୟ ତ ଏଠି ?”

“କାହିଁ କେଉଁଠି ?”

“ଲୋକଙ୍କ ବଡ଼ଟା ଶେଷପାଖରେ, ତମ ପାଖରେ ।”

“ମୋ ପାଖରେ ତ ଛେଳିଟାଏ ?”

“କାହିଁ କେଉଁଠି” ବୋଲି ଚଟାଃ ଘୋଷି ଗୃହିଣୀ ଦେଖନ୍ତି ତ ଭାବର ସଞ୍ଜକୁଣୀ ନୁହେଁ—ଗୋଟାଏ ଛେଳି ।

ହାତରେ ସେ ଦଉଡ଼ି ଧରି ଦେଉଥିଲେ । ମୁଁ ଲୁଚିକି ପଟଟା ସେଠାକୁ ଚାହିଁଗଲି । ଜଣା ହୁଏ ଭାଗିଥିଲା ଯେ ଯମାଳୟର ଅସୁର ଭଉଁର ଦାନ୍ତେ ଅଛ ତୋଳି ।

ହଠାତ୍ ତାଙ୍କ ଦେହ ପଶିଲ୍ଲକଣି ବଡ଼ ଉଠିଲେ—“ଏ ଦେହି ଛୁଅଟାଏ—ଛୁଅିଟାଏ—ଅଃ ଅଃ (ବାନ୍ତି)—ନେଇଯା—ନେଇଯା ତାକୁ ଏଠୁ—ଅଦର୍ଶୀ—ଅସଭ୍ୟ ।”

ମୁଁ କହିଲି—“ଭଗବାନ ତାହାକୁ ତ ଜନ୍ମ ଦେଇଛନ୍ତି । ସମସ୍ତଙ୍କ ଦେହରେ ସେ ସାକ୍ଷାତେ ବସି ଅଛନ୍ତି । ତାହାର ଘୃଣା କରିବାର ନୁହେଁ !”

“ତମେ ଯଦି ତମର ସେ ଭଗବାନଙ୍କୁ ଏ ଘରେ ରଖିଲେ ପୁଣି ଦେଖିବ—ହଁ,—ବଡ଼ ବଉଟ—ଛଡ଼ ତାକୁ, ଯଉଁଠୁ ଅଣିଥିଲ ସେଇଠି ଛାଡ଼ ଦେଇ ଆସ—ନହେଲେ—”

ମୋର ରାଗ ହେଲା । ମୋ ପୌରୁଷରେ ଆଉ ଅସ୍ମ ଅଭିମାନରେ ବାଧା ପଡ଼ିଲା । “ନ ହେଲେ କଣ କରିବ ?” ମୁଁ କହିଲି ।

“କଣ କରିବ ଦେଖିବ ପୁଣି ।” ସେ ଅଉ ଟିକିଏ ବେଶୀ—ମାନେ ଏଠି ବ ଶାର୍ପରୁ ସି ଶାର୍ପ ପର୍ଯ୍ୟନ୍ତ ଉଠିଗଲେ ।

“ଦେଖ ଦେଖିଛ—ମୁଁ ଏ ଛେଳିକୁ ଆଣିଛି—ମୁଁ ଘରେ ରଖିବ ।” ଅନେକରୁ ମାଇକିନାଙ୍କ ମୁହଁ ଲୁଗିଦବା ଦରକାର ବୋଲି ଭାବି କହିଲି ।

ସେ ନହୋଡ଼ବନ୍ଦୀ—ତବର ଅଭରତ । କହିଦେଲେ—“ଯଦି ଛେଳି ଏ ଘରେ ରହେ ତ ମୁଁ ରହିବି ନାହିଁ—ମୁଁ ଯଦି ଘରେ ରହେଁ ଛେଳି ରହିବ ନାହିଁ—ଏଇ ମୋର ଏକ କଥା—ନ ହେଲେ ତ ମୁଁ ଅମୁକ ଦାସଙ୍କ ଝିଅ ନୁହେଁ ।”

ଆମର ପ୍ରେମ ଜୀବନ ଏଇ ଅଗ୍ନି ପରୀକ୍ଷାରେ ପଡ଼ିଲା ଆଜି । ଅନେକ ଅନେକ ଦିନ ଅବୁ ଦେହରେ ଗରଗର କରିଦେଲ ଭର ଲସୁଥିଲା । ଆଜି ଜଳନ୍ତା ସତ୍ୟମତ ଦେଖିଲା । ଅଉ ଦଣ୍ଡକୁ ନ୍ୟସ୍ତ କାମୁଡ଼ା ପର୍ଯ୍ୟନ୍ତ ଯାଇପାରେ ।

ତଥାପି ମୁଁ ଦବଟାର ନୁହେଁ । ମୁଁ କହିଲି—“ଏ ଛେଳିକୁ ଘରୁ ନେଲେ ମୋର ଏଇଠି ସତ୍ୟାଗ୍ରହ—ମୁଁ ବି ଘର ଭିତରକୁ ଯିବନାହିଁ ।” ବହୁ ଦେବା ଟାଣ ଉଠିଲି—ସେଇ କ୍ଷଣରେ । ଗୃହିଣୀ ଅଟ୍ଟହସା ଦବାଇଟାକୁ ତଳ ଦେଇ ଭିତର ଅଡ଼ୁ ଛୁଟିଗଲେ ଭିତରେଦେଲେ ।

ମୁଁ ଲୁଚି ପଡ଼ିଲି । ଦେଖାଯାଉ କାହାର ଧୈର୍ଯ୍ୟ କେତେ । କେତେବେଳ ଗଲା । ଭିତରୁ ତାଙ୍କ ପାଟି ଶୁଭିଲା—“ମୋର ସରତ ଏଟେ, ମୁଁ ଆଉ ବଟାଃ ଜଳକ ! ମୁଁ ଝଞ୍ଜି ଦେଇଛି ତୋର ଦେଖିବା । ଯାହାର ଇଚ୍ଛା ସେ ଅସୁ । ମୋର ତ ଗଲା । ଏବା ଏ ସରସ୍ତ ଛେଳି ଯିଏ ଆଣିଛି—ସେ ଚାହିଁଲେ ତ ମୁଁ ଚାହିଁ ଛ ।”

ଥୋଡ଼ି ମୁଁ ଗରବ । ଖାଲି ଦେବାର ଇଚ୍ଛା ସିନା ପ୍ରକାଶ ପାଇଲା, କେଉଁ ସର୍ତ୍ତ ନାହିଁ ? ଜର୍ମାନର ‘ମଜେଲ’ ସିନା ଗ୍ରହଣ, ଜଣେ ସତେଜରର ନକଲ ତ ନଟଲେ । ମୁଁ ସେମିତି ବସିଥାଏଁ । କିଁ ତ ଟୁଁ କଛ ଶବ୍ଦ ନଥାଏ । ଶ୍ରେଣରେ ପେଟ ଅଭିଟ ହେଉଛି ।

ଦଣ୍ଡେ ଗଲା । ପୁଣି ପାଟି ଶୁଭିଲା—ଥୁଅ ଦେଇଥାଇ ଜଳଖିଆ ସେଠି । ମୋର ଏଏ ଜଳଖିଆ ଖାଏତ ? ବଟେଲ ଖାଉ, ଛେଳି ଖାଉ । ଯାର ଜଳଖିଆ ସେ ନ ଖାଇଲା ତ ଏଏ କଣ କରିବ । ଏଏ ଭୁଖ ଦେଇଛି, ଅଣ୍ଡି ବଛି ଜେଉଛ ଯେ ହାତ ଧରି ଖୋଇଦେବ ।”

ମୁଁ ତଥାପି ନୀରବ । ଚିଣ୍ଡାକୁ ଉଠିବାକୁ ସେ ପଥର ମୂର୍ତ୍ତିପାରୁ । ଅଉ ଦଣ୍ଡେ ଗଲା । ପୁଣି ପାଟି ଶୁଭିଲା—ଏଟି କାହିଁକି ଏ ଜଳଖିଆ ଥୁଅ ହେଇଥିବ ? ଯାର ଜଳଖିଆ ସେ ଯଦି ନଖାଇଲା ତ ଖାଅନ୍ତୁ ଛେଳି ଛେଳିର ଯେ ଖାଇବାର ।

ଜଳଖିଆ ଥାଳଟା ଦୁଆର ବାହାରକୁ—ଛେଳି ପାଖଯାଏଁ ଆସିଲା । ଅଉ ଛେଳିର ମୁହଁ ଧୋଇ ଦେବା ପାଇଁ ଥାଳରେ ଥାଳେ ପାଣି ଆଉ ଗିଲାସରେ ଖାଇବା ଜଳ ।

ମୁଁ ତଥାପି ଚୁପ୍ । ଜଳଖିଆ ଖାଇଲି ନାହିଁ । ସତ୍ୟାଗ୍ରହ—ଏକାବେଳକେ ହଙ୍ଗର ଷ୍ଟ୍ରାଇକ—ସତ୍ୟାଗ୍ରହ ଏକାସାଙ୍ଗରେ ।

ଲଛ ସମସ୍ତ ପରେ ଘରଅଡ଼ୁ ଗୋଟାଏ ଚିତ୍କାର ଆସିଲା—“ଆ—ମରି ଗଲିଲେ ମା !”

ଛେଳିଟା ଚମ୍କି ଡେଇଁ ହୋଇ ମୋ ହାତରୁ ଖସି ଘର ଭିତରକୁ ପଳେଇଗଲା । ମୁଁ କିନ୍ତୁ ନ ଯାଏ । ତେବେ ଛେଳିଟାକୁ ଖାଲି ଦେବାକୁ ଆରମ୍ଭ କଲି—“ଖାଲି ନମକ ହାରମ ବଛା—ମୁଁ ଆଣିଛି, ପିଲ୍‌ଠୁ କରିବୁ ଅଭିଗଣଦର । ଦେଖୁଛି ତୋତେ ରହ ।”

ଛେଳିକୁ ଦେଖି ନେବା ପାଇଁ ରାଗରେ ମୁଁ ବି ଛେଳି ପଛେ ପଛେ ଗଲି । କିନ୍ତୁ ଘର ଭିତରକୁ ନୁହେଁ ।

ଗୃହିଣୀ କହୁଛନ୍ତି—“ମୋର ଯାହା ହେଲା—ଅଉ ବାର ଦଣ ଗଲା । ମୁଁ ଝୁଣ୍ଟି ପଡ଼ିଲି ତ ଅଉ ଲୋକଙ୍କ କଣ ବାଟଚଛ ?”

ମୋ ହୃଦୟ ଆଉ ନ ଧରିଲା ରହି ପାରିଲି ନାହିଁ—‘କାହିଁ କଉଁଠି ଦେଖେଁ ଦେଖେଁ’ କହି ପାଖକୁ ଚାଲିଗଲି ।

“ହାଁ—ମୋଧ ନଦେବଟାଇଲି—ମୋର ମୁଁ ଝୁଣ୍ଟିଲିନା—ମୋ ଲାଗି ଅଉ ଏଏ ଝୁଣ୍ଟିଲ ?”

“ଅରେ ବାବୁ ଟିକିଏ ଦେଖେଁ । କେତେ ବାହାରିଛ ଯେ !”

“ତମକୁ ଏଏ କହିଲା ଏଟିକି ଆସିବାକୁ ?”

“ମୁଁ ମୋ ଛେଳିକୁ ଦେଖିବାକୁ ଆସିଛି । ତମକୁ ନୁହେଁ ।” ମୁଁ ରାଗରେ କହିଲି ।

“କାହିଁ କାହିଁ ତମ ପୁରୁଷପଣିଆ ! ପଣ କର ଅଲପସ ଘରକୁ ଆସିବ ନାହିଁ ବୋଲି ?” ଗୃହିଣୀ ଟିକି ହସାଇ କଥା କହିଲେ ।

“ମୁଁ ପଣ କରିଥିଲି, ମୋ ଛେଳିର ନ ଗଲେ ମୁଁ ଯିବି ନାହିଁ ।

Digitized by srujanika@gmail.com

ମୋ ଝିଅର ଅଟିକ, ମୁଁ ଅହିଲି—ଏଥିରେ ମୋର ଏ ଅପମାନ ?'

"ସେଠି ତାହାରେ ଡଲଷ୍ଟ୍ର ପଡ଼ ରହିଲ ଯେ ।" କହ ଘରଣୀ ଦଉଡ଼ ଗଲେ ଓ ଡଲଷ୍ଟ୍ର ଟାଙ୍କ ପାଣି ଟାଳିକ ତଥା ଗିଳାସ ଧରି ଫେରି ଅସିଲେ । ବଡ଼ାଟାଙ୍କୁ ଉ କରେଇ ଦେବାକୁ ଯାଇଁ କଣ ଭାବି ପୁଣି ସେମିତି ରହୁଁ ଛିଡ଼ ହେଇ ଅସୁଁ ଲେ—ମୁଁ କହ ଉଠିଲି —ବଡ଼ାଟା ଧନଡିଅ— ଝିଅ ନେଇ ପଶି ଅସିବେ ଯେ !"

ଘରଣୀ ଜଳଷ୍ଟ୍ର ଟାଙ୍କ ତଳେ ଥୋଇ ବଡ଼ାଟ କଳିଦେଲେ । ପୁଣି ତାଙ୍କୁ ଧରି ଅସିଲେ । ମୁହଁରେ ଲାଜ, ରାଗ, ଅଭିମାନ ଅଉ ହସ ମିଶା ମିଶି ହେଇ ରସ ଡାହାଣିଲ ପରି ଲାଗୁଥାଏ । ଯେମିତି ପାନ ଚୂନ ଖଇର ଗୁଅ ମେଞ୍ଚାଇ ପାଟି ଲାଲ କରି ଦେଇଛନ୍ତି । ଅଃ ଭାରି ମିଠା—ଭାରି ସୁନ୍ଦର ସେ ଦୃଶ୍ୟ—ସେ ଓଠ ।

ମୁଁ କହିଲି—"ବଡ଼ଟା ଯେ ଭିତରେ ରହିଗଲା !"

ଘରଣୀ ଅଉ ନ ହସି ରହି ପାରିଲେ ନାହିଁ । କିନ୍ତୁ ପରାଜୟ ସ୍ୱୀକାର କରିବା ମାଇ ସେ ନୁହନ୍ତି । କହିଲେ—"ମୁଁ ଝୁଣ୍ଟି ପଡ଼ିଲି—ମୋର କଣ ଦୋଷ କଣ ହେଇଯାନ୍ତା—ଛର ବଡ଼ଟା ତାର କଥା ହେଲା—ସେ ଦଉଡ଼ ଅସିଲା—ତମେ ଟିକିଏ ଅସିଲ ନାହିଁ ? ଏମିତି ତମେ ମୋତେ ମୁଗ ପାଅ ! ହେଲା ଝିଅର ଦେଖିବାକୁ ଅସିଲ, ମୋତେ ଟିକିଏ ଦେଖିବା ପାଇଁ ଅସିଲ ନାହିଁ ?"

ଏଥର ପୁରୁଷର ଦୁର୍ବଳତା ମୋତେ ଚେପି କରିଦେଲା । ମୁଁ ଚୁପ ପଡ଼ିଗଲି ।

କିନ୍ତୁ ପରେ ବଳରେ ରହିଲି ଅମ ଘରଣୀ ରହିଲେ । ଝିଅର ରହିବ ନଦେଇ ସେ ରହିବେ ଏ ପଣ ତାଙ୍କର ଭାଙ୍ଗିଗଲା ।

ଖାଲି ସେତିକି ନୁହେଁ—ବଡ଼ଟା ମାଇ ଝିଅଟାଏ । ଛୁଅ କଥା କରିବା କଥାରେ ସେ ଅମ ଘରଣୀଙ୍କଠାରୁ ପାଣ୍ଟି । ଘରଣୀ ଏ ଘରଡ଼ଅଁ ସେ ଘଡ଼ଡ଼ିଅ ଭମା ଡୋଙ୍ଗିଏ କହୁଁ ଝିଅ—

——*——


ପ୍ରିୟଜନଙ୍କୁ ଉପହାର ଦେବା ପାଇଁ

**ଉତ୍କୃଷ୍ଟ ଫଟୋ ଉଠାନ୍ତୁ**

ଓଡ଼ିଶାର ସୁଖ୍ୟାତ ଫଟୋଗ୍ରାଫର

**ଶ୍ରୀ ଗୋପାଳ ଚନ୍ଦ୍ର ଦାସ**

ଗୁଡ଼ିଅ - କଟକ ।


# ଚିଠି

'ଡଗର' ସମ୍ପାଦକ ମହୋଦୟ

ସମୀପେଷୁ

ମହାଶୟ,

ଉତ୍କଳ ସମ୍ମିଳନୀ ମାତା ରୂପଧରି ମୋ ପାଖରେ ଛିଡ଼ା ହୋଇ କହିଲେ, ବତ୍ସ ! କଣ ଭାବୁଛ ? 'ଡଗର' ପତ୍ରିକାର ଯେତେ ପାଠକ ପାଠିକା ଅଛନ୍ତି, ଯେତେ ନାଗରିକ ଅଛନ୍ତି, ସେମାନେ ସମସ୍ତେ ଉତ୍କଳ ସମ୍ମିଳନୀର ସନ୍ତାନ, ପୂଜକ, ସେବକ । ଉତ୍କଳ ସମ୍ମିଳନୀ ଯେ ଉତ୍କଳ ଜନନୀ । ଉତ୍କଳ ଜନନୀଙ୍କୁ ଉତ୍କଳ ସମ୍ମିଳନୀ ରୂପରେ ସ୍ମରଣ କରନ୍ତୁ । ପୂଜା କରନ୍ତୁ, ନୈବେଦ୍ୟ ଦେନ୍ତୁ ।

ଉତ୍କଳ ସମ୍ମିଳନୀ, ଉତ୍କଳ ଜନନୀ ଆଜି ମୋ ପାଖରେ, ମୋ ଶଯ୍ୟା ପାଖରେ ଆସି ବସି କହିଲେ, "ବତ୍ସ ! ଉଠ, ଏହି ବାଣୀ ପ୍ରଚାର କର । ଉତ୍କଳର ଗୃହେ ଗୃହେ ଓଡ଼ିଆ ସାହିତ୍ୟ ସମିତି ରଚନା କର । ଉତ୍କଳ ସମ୍ମିଳନୀର ଏହି କାର୍ଯ୍ୟ ପ୍ରଧାନ ହେଉ । ରାଜନୀତି ଛାଡ଼ିଦିଅ । ଜୀବନ ଦାନ କର । ଭାଷାକୁ ପ୍ରମୁଖ କର । ପ୍ରତ୍ୟେକ ଓଡ଼ିଆ ଏହି କାର୍ଯ୍ୟରେ ଲାଗିଯାଉ । ଉତ୍କଳ ଜନନୀ ସତେଜ ହୋଇ ଉଠିବ, ବଳିଷ୍ଠ ହୋଇ ଦେଖାଦେବ । ଦଶଭୁଜା ହୋଇ ବାହାରିବ ।

ମୁଁ କେବଳ ଏହି ବାଣୀ ଯାହା ଶୁଣିଥିଲି 'ଡଗର' ଜରିଆରେ ଉତ୍କଳର ନରନାରୀ, ଯୁବକ ଯୁବତୀଙ୍କୁ ଏବଂ ନାଗରିକଙ୍କୁ ଜଣାଉଦେଲି । ପ୍ରତ୍ୟେକର କର୍ତ୍ତବ୍ୟ ଅଛି—ଯେ କରନ୍ତୁ । ଉତ୍କଳ ଜନନୀଙ୍କୁ ପୂଜା କରନ୍ତୁ, ଧନ୍ୟ ହେଉ ।

ଶ୍ରୀ ଲକ୍ଷ୍ମୀନାରାୟଣ ସାହୁ

ସଭାପତି, ଉତ୍କଳ ସମ୍ମିଳନୀ କଟକ ।

Digitized by srujanika@gmail.com




# ଦେଶପ୍ରେମୀ

ଲେଖକ—
ଶ୍ରୀ ବ୍ରଜେନ୍ଦ୍ରନାଥ ପରିଡ଼ା

ଅଗଷ୍ଟ ୯ ତାରିଖ; ୧୯୪୨ର ବିପ୍ଲବୀ ସନ୍ତାନମାନଙ୍କ ଅମର ସ୍ମୃତିକୁ ଚିର ସଞ୍ଜୀବିତ କରିବା ପାଇଁ ସାରା ଭାରତରେ ସମ୍ମିଳିତ କାର୍ଯ୍ୟକ୍ରମର ଧୂମ୍‌ଧାମ୍ ଚାଲିଛି । ଭାରତର ସ୍ୱାଧୀନତା ସମରର ଏକ ଉଜ୍ଜ୍ୱଳ ଦିବସ—ହୃଦୟରେ ଅଭିନବ ଉଦ୍‌ବୋଧନ, ଉନ୍ମାଦନା ଓ ଅଦମ୍ୟ ଉତ୍ତେଜନା ।

ସକାଳଠାରୁ ପ୍ରଭାତ ଫେରି, ପତାକା ଉତ୍ତୋଳନ, ଶୋଭାଯାତ୍ରା, ସଭାସମିତି ଯାହା କିଛି ଦେବାର କଥା ସେ ସବୁ ଯଥାବିଧି ପାଳନ କରାଯାଉଛି ।

ଗାଧୋଇ ଆସି ଟେବୁଲ ପାଖରେ ବସିଛି । ପଢ଼ାପଢ଼ିର ଉଦ୍‌ଯୋଗ ହେଉଛି । ଶୁଭ୍ରଶଙ୍ଖର ନାଦରେ ବାଜି ଉଠିଲା ବେଣୁ । ପ୍ରଭାତ ଫେରି ସଙ୍ଗୀତ ଓ ବନ୍ଦେମାତରମ୍ ଇତ୍ୟାଦି ସ୍ଲୋଗାନର ସ୍ୱର ଲହରୀ ଖେଳି ଖେଳି ଆସି ଅଶ୍ରୁତ ହେଲା ମୋ କର୍ଣ୍ଣ କୁହରରେ ମନରେ ଗୋଟାଏ ଅପୂର୍ବ ପରିବର୍ତ୍ତନର ଛାୟା ଖେଳାଇ । ଗୋଟି ଗୋଟି ହୋଇ ମିଳି ବାହାରିଗଲେ ଶୋଭାଯାତ୍ରାରେ ଯୋଗ ଦେବାକୁ । ମୁଖିଆ 'ନେତା'ମାନେ ପ୍ରତି କୋଠରୀକୁ ଆସି ଛାତ୍ରମାନଙ୍କୁ ଉଦ୍‌ବୋଧନ କରି କହି ଯାଉଥାନ୍ତି ଶୋଭାଯାତ୍ରାରେ ଯୋଗ ଦେବାକୁ ।

ସେଦିନ ଥାଏ କ୍ଲାସରେ ଟେଷ୍ଟ ବେଶି । ଏଭଳି ଅବସ୍ଥାରେ ଅନ୍ତତଃ ଘଣ୍ଟାଏ ଦେଢ଼ଘଣ୍ଟା ଅଯଥା (?) ଅପବ୍ୟୟ କରିବାର ପକ୍ଷପାତୀ ନ ଥିଲି ମୁଁ । ଯୁକ୍ତିବାଦୀଟି ସୃଷ୍ଟି ହେଲା—ତାହାରି ଲେଖା-ଭଙ୍ଗୀ, ଏକ ବିରାଟ ମାନବ-ସାଗରର ଉଚ୍ଛ୍ୱଳ ତରଙ୍ଗ—ତା ଉପରେ ଭାସି ଯାଉଥାଏ ମନୋରମ ତିରଙ୍ଗା ଜାତୀୟ ପତାକା । ତାହାରି ସହିତ—ମୁଁ ମଧ୍ୟ ଜଣେ ଦେଶପ୍ରେମୀ ।

କଲେଜ ସାମନା ପଥ, ଟୋକିଏ ହୋଇ ଛୋଟା ହୋଇଥାଏ । ତାର ଉଲ୍ଟାପଟରେ ରାସ୍ତା କଡ଼ରେ ଅଙ୍ଗଣୀଟାଏ ବାନ୍ଧି ପାରି ବସିଥାଏ । କ୍ଷୀଣ ସ୍ୱର ତାର "ବାବୁ ପଇସେ ଅନ୍ଧଲା ଦିଅ, ତମର ଧର୍ମ ହେବ" ଏହି ବାଣୀ—ଏବଂ ଏହିପରି କରୁଣ ଅନୁରୋଧ ଦେଉଥାଏ । 'ବନ୍ଦେମାତରମ୍', 'ମହାତ୍ମା ଗାନ୍ଧିଙ୍କ ଜୟ'......ଇତ୍ୟାଦି ନାନା ଜାତୀୟ ସଙ୍ଗୀତ ଓ ସ୍ଲୋଗାନରେ ସହରର ବାୟୁମଣ୍ଡଳ ଥରି ଉଠୁଥାଏ । ତାହାର ଉପେକ୍ଷା ନାହିଁ । ଏ ସବୁ ଶବ୍ଦ ସମୁଦ୍ର ଭିତରେ ବିଚାରି କରୁଣ ନିବେଦନ—"ବାବୁ ପଇସେ..." ବୁଡ଼ି ଯାଉଥାଏ କେଉଁ ଅତଳ ଗର୍ଭରେ । ଅଗଣିତ ଅଗଣିତ ଶୋଭାଯାତ୍ରା ଚାଲିଛି । ପଛରୁ ମଟରଟିଏ ଆସିଲା । ସଡ଼କରେ ଜମିଥିବା ଧୂଳି ଭର୍ତ୍ତି ପାଣିରେ ବୁଢ଼ୀ ଅନ୍ଧ ଭିକାରୀ ଦେହ ହୋଇଗଲା—ମଟରର ସଙ୍ଗେ ଦଳାକୁ ।

ସହରର ଦୋକାନ ସବୁ ନାନା ରଙ୍ଗରେ ସୁସଜ୍ଜିତ ହୋଇଛି— ସବୁଜ ପତ୍ର, ପୁଷ୍ପମାଳ, ସର୍ବୋପରି ତିରଙ୍ଗା ଜାତୀୟ ପତାକା । ଜନତାର ପ୍ରାଣରେ ଦେଶ ପ୍ରତି ଅନୁରାଗ ଓ ଉତ୍ସବ ଜଣାଇ ଦେଉଥାଏ ତାହାରି ଏକ ସାକ୍ଷ୍ୟ ।

ମଦନା ଦୋକାନ—ବେଶ୍ ସଜ୍ଜିତ; ଆଗରେ ଗାଈ ଟିଏ ହୋଇଛି ଏକ ଜୀର୍ଣ୍ଣ ଶୀର୍ଣ୍ଣ କଳେବର ପଙ୍ଗୁ ବୃଦ୍ଧ, ଦୃଷ୍ଟିହୀନ ଅବର୍ଣ୍ଣନୀୟ । ତାର ଶରୀର ଉପରେ ହାତ ଭରି ଦେଇ ହଠାତ୍ ଉଠାଇ ବାଁ ହାତରେ ଧରି ଦୋକାନରୁ ସୁଖାଦ୍ୟ ସୁମିଷ୍ଟ ଦ୍ରବ୍ୟ ଅନ୍ତତଃ ସେ ସ୍ପର୍ଶ କରିବ ବାଟର ଶବରେ ।

"ସକାଳଟାରେ ଆସି ଦୋକାନ ଆଗରେ ଛିଡ଼ା ହୋଇଛି । ଯାଃ, ଯାଃ, ବାବୁମାନେ ଖାଇବାକୁ ଆସୁଛନ୍ତି ଦେଖୁନାହିଁ" ଦୋକାନର ସ୍ୱରର ଚୋଟ ପାଇଁ କର୍ଣ୍ଣ ଉଠିଲା ।

ପଙ୍ଗୁ ଅନ୍ଧ । ସ୍ୱରର ହେଲାନି ପାଖରେ ଥିବା ପାଣି ହାଣ୍ଡିଟାରୁ ଢାଳେ ପାଣି ଅଣି ବୁଢ଼ା ଭିକାରୀକୁ ପିଙ୍ଗିଦେଲା । ମେଘୁଆ ସକାଳର ଶୀତ ଓ ପାଣିର ସ୍ପର୍ଶରେ ବୁଢ଼ାଟି ଥରି ଉଠିଲା । ଛେପେଇ ଛେପେଇ ଚାଲିଲେ ଦୋକାନ ପାଖରୁ ।

ପାଣି ହର ହର, ଜାତୀୟ ସଙ୍ଗୀତ ଓ ସ୍ଲୋଗାନର ଉଚ୍ଚ ରଡ଼ି ଗଳା ଖର୍ ଖର୍ କଲା । ଖଣ୍ଡିଏ କାଠି ପଡ଼ିଥିଲା ହେଲା ସଡ଼କ ଉପରେ । "ବାବୁ !" ଚମକି ପଡ଼ିଲି । ହାୟ କଲି କଣ ? ହଠାତ୍ ଜରାଜୀର୍ଣ୍ଣ ସେଇ ଥରି ଉଠିଛି ଲୋକଟାଏ । ମୋର ଜଙ୍ଘାଠୁଁ ଉପର ନିଜ ଦେହରୁ ହାତରେ ଟେକି ଦେଇଛି ସଡ଼କରେ । କହିଲି ନାହିଁ ଏ ଅମାନୁଷିକ କାର୍ଯ୍ୟରେ । ହଠାତ୍ ପଛରୁ ଅଟକି ରହିଲି । ଭୁଲ୍ ଲୋକଟାକୁ କ୍ଷମା ମାଗିବି । ସେ ବି ମଣିଷ । ଏ ସବୁ ଶୋଭାଯାତ୍ରା, ଏ ସବୁ ଜାତୀୟ ସଙ୍ଗୀତ ତା ପ୍ରାଣରେ କି କଷ୍ଟ ପୂରିବ

(ଅବଶିଷ୍ଟାଂଶ ୮ମ ପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com

# ପାକିସ୍ଥାନ

ମହମ୍ମଦ ମୁସାଖାଁ

ପାକିସ୍ଥାନ, ପାକିସ୍ଥାନ,
ଇସ୍‌ଲାମର ସଭ୍ୟତା ସଂସ୍କୃତି ଓ ମାନ
ରକ୍ଷା ପାଇଁ ମୁସଲମାନ, ଗୃହୁଁ ପାକିସ୍ଥାନ ।
ଅଖଣ୍ଡ ଭାରତ ପାଇଁ,
କରୁଛ ଲଢ଼ାଇ—
ପିନ୍ଧିଛ ଗଳାରେ ଫାସି ମୁଣି କାରାଗାର—
ବରଣ କରିଛ ବାରମ୍ବାର ।

ସତ୍ୟ ଓ ଅହିଂସାର,
କରିଛ ତ ବହୁତ ପ୍ରଚାର,
ଯାହା ଆଜି ଆଦର୍ଶ ସ୍ୱରୂପରେ,
ଦୁନିଆ ପୃଥିବୀ ଉପରେ,
ତାହା ଦେବୁଁ ଭାଙ୍ଗି,
ପ୍ରୟୋଜନ ହେଲେ—
ଶତ୍ରୁଠାରେ ସହାନୁଭୂତି ମାଗି ।

କ୍ଷମତାର ତରବାରି ତୀକ୍ଷ୍ଣ ଧାର
ଅଛି ପାରିବାର—
ନାହିଁ—ନାହିଁ ସେ ସୁଯୋଗ,
ଅକାଳ ବରଷା ବୃଷ୍ଟି ବନ୍ୟା, ଦୁର୍ଯୋଗ
ହିଂସା, ଦ୍ୱେଷ, ରକ୍ତପାତ, ଦୁର୍ଭିକ୍ଷ, ମଡ଼କ,
ଡାକିଅଣି ବାନ୍ଧିବୁ ଡେକ ।

ଦଶକୋଟି ଇଶଲାମର ଭକ୍ତ,
ଦେଇ ଶିର, ଦେଇ ରକ୍ତ
ଯଦବା, ଯଦବା ଅଟେ ଶୂନ୍ୟ ପାକିସ୍ଥାନ
ଯଦବା କିଏ ସେ ଟାଏ ତାର ଈପ୍ସିତ ଦାନ,
ଯଦବା କରିପାରୁଁ ସୁଦୂର ପରାହତ
ତୁମ୍ଭ ନବାଟେ ସ୍ୱାଧୀନତା ପଥ,
ହାତେ ଚିହ୍ନ ଦାସତ୍ୱର ସୁନା ହାତକଡ଼ି,
ଛିଡ଼ା ଯଡ଼ ? କରୁଥାଅ ରଡ଼ି ।

ଇଂରାଜର ସହାନୁଭୂତି କରି ହସ୍ତଗତ,
ତୁମ୍ଭ ଶିର କରିଦେବୁଁ ନତ ।
କିଂବା ଭାଇ ଭାଇ ଲଢ଼ାଇ ସଂଘର୍ଷେ
ଧ୍ୱଂସ ହେବ ଏ ଭାରତବର୍ଷ ?
ଅଙ୍ଗୁଳି ନିର୍ଦ୍ଦେଶେ,
କି କାଣ୍ଡ ଘଟିବ ଦେଶେ ଦେଶେ ।

ସଂଖ୍ୟା ଲଘୁ ସହାନୁଭୂତି ନାମେ,
ଚତୁର ଇଂରାଜେ ରଖିଦେବୁଁ ପରଣାମେ ।
ଆମ୍ଭେ ଗୃହୁଁ ଇଂରାଜ, କିଂବା ପାକିସ୍ଥାନ
ଏତଦ୍ ଭିନ୍ନ—
ନାହିଁ କିଛି—ନାହିଁ କିଛି ଆନ ।

---


## ଆବଶ୍ୟକ

କୌଣସି ଜାତୀୟ ପ୍ରକାଶକ ଅନୁଷ୍ଠାନ (National Publishing Company)ର ଯାବତୀୟ ପ୍ରକାଶିତ ପୁସ୍ତକାବଳୀ ପାଇଁ ପ୍ରତ୍ୟେକ ପଲ୍ଲୀ ସହର ଓ ନଗର ପାଇଁ ସୁଦକ୍ଷ ଏଜେଣ୍ଟ ଦରକାର । ଶୀଘ୍ର ଦରଖାସ୍ତ କରନ୍ତୁ । ସିକୁରିଟି ବା ଅମାନତ କେତେ ଦେଇ ପାରିବେ ଓ କେଉଁ ବ୍ୟାଙ୍କ ସହିତ ଆପଣଙ୍କ କାରବାର ଅଛି ତାହା ସ୍ପଷ୍ଟ ଉଲ୍ଲେଖ କରନ୍ତୁ । ଚିଠିପତ୍ର ଇଂରାଜୀରେ ।

Apply Post Box III
C/o DAGARO
P. O. BHADRAK
Orissa.


Digitized by srujanika@gmail.com

# ମେଠାକଥା

ସ୍ୱରାଟଙ୍କ ଉକ୍ତି—ବିପ୍ଳବର ଦୂତ। ତାହାର ମୂର୍ତ୍ତିରୁ ତାବ ଅନ୍ତ ନାହିଁ ବିପ୍ଳବ କଥା। ବିପ୍ଳବ ବହୁରୂପୀ ସମସ୍ତ। ତେଂଟେଉ ସରକାର ଗ୍ରହଣ ନ କରିବାରେ ଅନୁଚିତ ବିପ୍ଳବ, ଜାନୁଆରୀର ମଧ୍ୟବର୍ତ୍ତୀ ଶାସନରେ ଅନୁଚିତ ବିପ୍ଳବ, ସଂଗଠନ ପ୍ରସ୍ତାବ ବେଆଇନ ସଭାରେ ଅନୁଚିତ ହେବ, ଉଦ୍ୟୋଗର ଜଙ୍ଗଲରେ ଏବେ ପୁଣି ପଞ୍ଚାୟତରେ ଅନୁଚିତ ବିପ୍ଳବ, ମହାତ୍ମାଙ୍କ ଦୁଃଖାଳିରେ ଅନୁଚିତ ବିପ୍ଳବ, ଓଡ଼ିଶା ସରକାର ସ୍ୱାସ୍ଥ୍ୟରେ ଅନ୍ତତଃ ବହୁତଚିନ୍ତା ବିପ୍ଳବ ଓ ସ୍ୱାସ୍ଥ୍ୟଖଣ୍ଡରେ ଜାତିର ପ୍ରତି-ବିପ୍ଳବ, ଗୋପବାବୁ ବସିବେ ଅଗ୍ରଚିନ୍ତା ବିପ୍ଳବ, ବାଳକମାନେ ଡକ୍ଟରଙ୍କୁ ଟେକି ଅସ୍ତିତ୍ୱ ବିପ୍ଳବ, ବଟଗଛ ମୂଳ ମିଳିଏ ଅସ୍ତିତ୍ୱ ବିପ୍ଳବ, ଭାରତ ବାରଖାନାରେ ଶ୍ରମିକ ବଟେ ବିପ୍ଳବ, ଘରର ଦାମ୍ପତ୍ୟରେ ବିପ୍ଳବ ଓ ତାହାରେ ସାହିତ୍ୟ ସମାଜରେ ବିପ୍ଳବ। ବିପ୍ଳବ ହେଉଛି ଅନ୍ତ ନାହିଁ ଜଣା ଯେତେ ଦପଟ୍ଟରୁ କଥାରେ କଳ୍ପ ବିପ୍ଳବ ରକ୍ତି। ଦଳବାମ ସଂକୀର୍ତ୍ତନ ଠାରୁ ବିପ୍ଳବ ସଂକୀର୍ତ୍ତନ—ଇନକିଲାବ ଜିନ୍ଦାବାଦ ଧ୍ୱନି ଅଧିକ ଶୁଣୁଛି। ଯୁଗଟା ବୈପ୍ଳବିକ ଯୁଗ ସତ୍ୟ। ଅର୍ଥାତ କଥା ବିପ୍ଳବର ଯୁଗ।

ବିପ୍ଳବର ଅର୍ଥଟି କଥା। କଥା ଯେମିତି ଲଗିଛି ବାହୁଠାରୁ ଉଠେ—ଅର୍ଥାତ ସ୍ଥାୟୀ ବସ୍ତୁକୁ ସ୍ପନ୍ଦନ; ବିପ୍ଳବାତ୍ମକ କଥା ସେମିତି ଅସ୍ଥାୟୀ। ବିପ୍ଳବର ଆକ୍ଷରିକ ଅର୍ଥ ଭ୍ରମମାନ—ଅସ୍ଥାୟୀ—ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ବା ଭିନ୍ନ ସ୍ଥାନକୁ ଗତିର ନାମ ବିପ୍ଳବ।

ଖାଲି ସେତିକି ନୁହେଁ, ବିପ୍ଳବର ଯେତେ ଯେତେ ଅକ୍ଷରର ଅର୍ଥ ଅଛି ସେ ସବୁର ପ୍ରମାଣ ମିଳେ ବର୍ତ୍ତମାନ ବିପ୍ଳବରେ। ବିପ୍ଳବର ଅର୍ଥ ଧ୍ୱଂସ, ନାଶ—ଯଥା ଘରୁ ବିପ୍ଳବ (ଘେରାଂଶ) ତାହା ମଧ୍ୟ ହେବ। କମ୍ୟୁନିଷ୍ଟମାନେ ଏଥିପାଇଁ ଦୃଢ଼ବଦ୍ଧ। ଅନ୍ୟ ଅର୍ଥରେ ଦୁର୍ଗତି—ଯଥା 'ସମଗ୍ରଦେଶ ବିପ୍ଳବଗ୍ରସ୍ତ' (ଘେରାଂଶ) କଂଗ୍ରେସ ଉଠିଲେ କଂଗ୍ରେସର ବିପ୍ଳବ—ଦୁର୍ଗତି ବିପ୍ଳବ ପାଇଁ କଂଗ୍ରେସ ଉଠିଲେ ସୋସିଆଲିଷ୍ଟମାନେ ମୁକ୍ତ ହେଉ। ପୁଣି ବିପ୍ଳବର ଅର୍ଥାନ୍ତର ହୁଏ 'ନିଆଁ ଲାଗେ' ତା ଅକାରଣ, ଯାହାର ମୂଳ ଓ ଯଥାର୍ଥତା ନାହିଁ ! ଯଥା—ଅତର୍କିତ ବିପ୍ଳବ ଶୁଣେ...ମନ୍ତ୍ରଣା ଉତ୍ତରେ ଦୃଶ୍ୟରେ (ରେଡ଼ିକାଲିଜମ୍) ଏବଂ ତଥ୍ୟର ସତ୍ୟତା ଓଡ଼ିଆ ମିଳିଏ ବେଦବ୍ୟାସଚନ୍ଦ୍ର—ଅଷ୍ଟମର ଦେଖାଉଥିଲେ ତାଙ୍କ ଅଛି। ତା ଛଡ଼ା ବିପ୍ଳବର ଅର୍ଥ ହିଂସା ଘାତ, ବଦମାସୀ, ଶସ୍ତ୍ରର ଶକ୍ତି ପ୍ରଦର୍ଶନ, ଗୁଳି ତଥା ଧ୍ୱଂସ ଇତ୍ୟାଦି ଇତ୍ୟାଦି ଏ ଯୁଗରେ ରାଜନୀତିର ଏ ମୂଳମନ୍ତ୍ର। ଦେଶ ଭକ୍ତ Maxzini କହିଥିଲେ... Great revolutions are the work rather of principles than of bayonets, and are achieved first in the moral and afterwards in the material sphere· ଅର୍ଥାତ ସବୁ ବିପ୍ଳବରେ ଆଗ ନୈତିକ ବିପ୍ଳବହିଁ ବାଦ ପଡ଼ ଯାଉଛି—ନୈତିକ ବିପ୍ଳବ ତା ଉପରେ ଧନ ସଂଗ୍ରହ ଅଧିକ ପାରୁଛି। କେବଳ ନୈତିକ ବିପ୍ଳବ ଅଭାବରୁ ଗଠନ ହୋଇ ପାରୁ ନାହିଁ। It is far more easy to pull down than to build up ଧ୍ୱଂସ କରିବା ସହଜ—ଗଢ଼ିବା କଷ୍ଟ (କଲ୍ଟନ)

ବିପ୍ଳବ ଅଣିବା ସହଜ। ମାତ୍ର ଏହି ବିପ୍ଳବ ଯେଉଁମାନେ ଆଣନ୍ତି ସେମାନଙ୍କୁ ତାହା ଧକ୍କା ସହିବାକୁ ପଡ଼ୁଛି। ସେ ଯାହା ନ ସହି ପାରନ୍ତି ସେତେବେଳେ ଗଠନ ଅସମ୍ଭବ। Those who give the first shock are naturally the first to be overwhelmed in its ruin (Montaigne) ମନ୍ତେନ୍ ବର୍ତ୍ତମାନ ବିପ୍ଳବର ତାନା ବଢ଼ାଇବେ ନେତାମାନେ ବରଫରା ଭଳିତ ନୁହନ୍ତି। ଯେଉଁ ଅସ୍ତ୍ର ପ୍ରୟୋଗ କରି ସେମାନେ ବିପ୍ଳବ ଅଣିଥିଲେ ସେହି ଅସ୍ତ୍ର ତାଙ୍କ ବିରୁଦ୍ଧରେ ପରିଚାଳିତ ହେବ ଗଠନ ବେଳରେ, ଏହା ସ୍ୱାଭାବିକ।

ବେବଳ ନେତାମାନଙ୍କର ଦେଖିବା କଥା—ବିପ୍ଳବରୁ କଣ ରହିଲା। ବିପ୍ଳବର ମାନ—ବିପ୍ଳବଟା ଠିକ୍ ଏ ଭୂଲ ଜାଣିବାର କଥା ଘର ପୋଡ଼ିରୁ ଯାହା ରହିଲ ସେତିକ ଦେଖି। ବିପ୍ଳବ ଯଦି ଜନ ସାଧାରଣ ମନରେ ଗୋଟାଏ ନୂଆ ରୂପରେ ଭାବି ଗଢ଼ି ନ ଦିଏ ତେବେ ବିପ୍ଳବ ଫଳଦାୟକ ନୁହେଁ - Nothing has ever remained of any revolution. (Rollin)—ଯାହା ରହେ ନାହିଁ କହି ରହେ—what was ripe in the conscience of the masses. ଯାହା ଜନ ସାଧାରଣଙ୍କର ସତ ଧର୍ମଘଟ, କଲିକତା ଦଙ୍ଗା ଓ ଏହା ସଂଗଠନ କରିବାର କାରଣ ଅଛିଥାଏ ତେବେ ଏମ ବିପ୍ଳବ ଫଳବତୀ ହୋଇ ନାହିଁ ବୋଲି କୋଳିବାକୁ ହେବ।

ସଂକୀର୍ତ୍ତନାସ୍ତା ବିପ୍ଳବ ତହିଁ ଉଲ—ଦଳ ଅବିପ୍ଳବ ବା ଉପବିପ୍ଳବ ଅବା ଅତିବିପ୍ଳବ ବଡ଼ ମାରାତ୍ମକ। ବୁର୍ଜୁଆମ ଭଳେ ବଡ଼ ଜିଲ୍ଲା। ଗାନ୍ଧିବାଦ ହୋଇ ସତ୍ୟ ଅହିଂସାର ଶ୍ରାଦ୍ଧ କରେ—ତରବାରି ବଳରେ ମିଳ ବସାଏ—ଗାନ୍ଧିବାଦ ଭିତରେ କି ତାର ବିପ୍ଳବ। ସାମ୍ୟବାଦ ବୋଲଉ—କଣ ନ କହେ ସେ ? ଧର୍ମଘଟ କରି ପୁଞ୍ଜିପତିଙ୍କ ଶୋଷଣ କରେ। ଅର୍ଥ, ଶୋଷକର ଶୋଷଣ—ଏହା ଦଉଡ଼ି ସାମ୍ୟବାଦରେ ବିପ୍ଳବ। ଏଇ ସେ ପ୍ରକୃତ ବିପ୍ଳବ। ବୁର୍ଜୁଆମର ବିପ୍ଳବ ଓଲଟା ହେଲା— ଇନକିଲାବ— ଜିନ୍ଦାବାଦ୍— ଭଗବାନ୍ ସାବଧାନ।

—ଜଣେ ବୁର୍ଜୁଆମ

---

(ବାହାଣୀ ଅବଶିଷ୍ଟାଂଶ)

ଅଣୁନାହିଁ ! ପଛରୁ ଡେଲନ ପାଟି କଲେ, "ଚାଲ, ଚାଲ।" ଅସ ଲୋକେ ଚାଲି ଗଲେଣି। ମୁଁ ଯନ୍ତ୍ରଚାଳିତବତ୍ ଚାଲିଗଲି ଆଗକୁ।

ପତାକା ଉତ୍ତୋଳନ, ଜାତୀୟ ସଙ୍ଗୀତ ଗାନ...ଇତ୍ୟାଦି ପରେ ଫେରି ଅଫିସ୍ କମ୍ପାଉଣ୍ଡକୁ। ଜାତୀୟତା ଅମ ହୃଦୟରେ ଏତ ଜାଗ୍ରତ, ଏତ ଜୀବନ୍ତମାନ।

ଉପରଓଳି ସଭାରୁ ଫେରିଲି, ଏବେ କୁଆଡ଼େ ଚାଲି ଗଲେଣି। ସେଇ ବାଟରେ ଧୀରେ ଧୀରେ ଚାଲିଛି ମୁଁ—ଛତ୍ରସନ୍ଧ୍ୟା ଡାକୁଛି ବରଂ ସ୍ୱାଧୀନତାକୁ ଯେ କେବଳ ଯନ୍ତ୍ରପ୍ରାପ୍ତ ଓ ଅପବ୍ୟୟିତ ହେଉଛି ସେହି ସେପ୍ତରଳ ଚିନ୍ତା କରି କରି।

ଅବଶେଷ ପୋଲ୍ ଅଫିସ। ଚାଳି ହେବୁ ଯେତେ ଉପାସ ସବୁ ସେଇଟି ଶେଷ। ହଠାତ ଧରି ମୁଁ ବୁଲି ଯାଉଛି, ଅତଃ ଅଶି ପେସର ଦେଖିଲି ସେଇ ବୃଦ୍ଧାଙ୍କ ଦଳ ଭିତରେ ସବାଳିଆ ସେଇ ଅନ୍ଧୁଣୀ, ପଙ୍ଗୁ, ବୁଢ଼ି ଓ ରୁଗ୍ଣ ଲୋକଙ୍କ। ମଫସଲ ମନ ମୂର୍ତ୍ତି ଅ ଦେଖାଏ, ସେ କ ଅଶ୍ରୁମୁହଁ ନେଉଛି ହସଟି। ଅଣ୍ଡିରୁ ପଇସା କାଢ଼ି ଗୋଟିଏ ଗୋଟିଏ ସେ ବାଣ୍ଟିଦେଲା ସବୁ ଉପାସିଙ୍କୁ। ଲୋକଙ୍କ ମୁହଁରେ ସନ୍ତୁଷ୍ଟି-ମୂର୍ତ୍ତି ଗୃହିଣୀ। ଆନନ୍ଦରେ ମୃଦୁର ଗୀତ ଗାଇଲେ। ଅନାଥମାନେ ହାତ ଟେକି କୁହାକି ହେଲେ ବାତାକୁ। ଭଗବାନଙ୍କଠାରେ ପ୍ରାର୍ଥନା କଲେ ତାଙ୍କ ମଙ୍ଗଳ ପାଇଁ।

ଛଦ୍ମବେଶ ଝିଅଙ୍କ କଥା ଶୁଣି ପଦରେ ଯାଇ ମୁଁ ପଚାରିଲି ସାଥୀ ଭଣ୍ଡି ଅନ୍ ଷ୍ଟଲରେ।

Digitized by srujanika@gmail.com



# ମାଷ୍ଟର୍ ହେବି ନାହିଁ

ଲେଖକ:—ଶ୍ରୀ କୃଷ୍ଣଚନ୍ଦ୍ର ପଣ୍ଡା

( ୧ )

ମାଷ୍ଟର ହେବ ନାହିଁ,
ଅଜଣା ପିଲାଙ୍କୁ ଶାସନ କରିବା
ହବନାହିଁ ମୋ ଠାଇଁ ।

( ୨ )

କଥାକେ କଥାକେ ଜବାବ ଦେଲେଣି
ଗୁରୁଭକ୍ତି ଗଲା ପୋଡ଼ି,
ଭଲ ହେବା ପାଇଁ ଉପଦେଶ ଦେଲେ
ବସୁଛନ୍ତି ମୁହଁ ମୋଡ଼ି ।
ଖଦଡ଼ ତଳରେ ତିରଙ୍ଗା ପତାକା
ଗାନ୍ଧି ଟୋପି ମୁଣ୍ଡେ ନାଇ,
ବସିଲେ ଉଠିଲେ 'ଜୟହିନ୍ଦ୍' ଧ୍ୱନି
ପାଠ ପଢ଼ା ଗନ୍ଧ ନାହିଁ,
ମାଷ୍ଟର ହେବ ନାହିଁ ।

( ୩ )

ଇସ୍କୁଲ ହେଲା ଟାଉନ ହଲ୍
ଘନ ଘନ ସଭା ଡାକ,
ପ୍ରଧାନ ଉଦ୍ଦେଶ୍ୟ ଆଲୋଚନା ଆମ
ବିରୁଦ୍ଧ ପ୍ରସ୍ତାବ ପାଠ ।
ଅନଶନ କଲେ ପ୍ରଧାନ ଅସ୍ତ୍ର
ଆମର ଶାସନ ପାଇଁ,
ଛାତ୍ର ଧର୍ମଘଟ ଧମକ ଶୁଣିଲେ
ମୁଣ୍ଡବୁଲେ ଘାଇଁ ଘାଇଁ
ମାଷ୍ଟର ହେବ ନାହିଁ ।

( ୪ )

ଏତିକରେ ଆମ ଦୁଃଖ ନ ସରେ
ଆମଠାରେ ପାଞ୍ଚ ପଇସା,
ଭିଜିଟ୍ ହୋଇବ ଅମୁକ ତାରିଖେ
ଜାଗଦା ହୋଇଣ ରହୁଥା ।
ଇନସ୍‌ପେକ୍ଟର ଡି: ପି: ଆଇ ପ୍ରଣି
ସ୍କୁଲ ମେନେଜିଂ କମିଟି,
ଅଚ୍ଛା ଲୋକ ହେଲେ ତାର ପିଠ ଦେଖି
ସ୍କୁଲ ସେକ୍ରେଟେରୀ ଖୋସାମଦି ।
ପଳାଇ ପଣ୍ଡିତ ଭାଇ,
ମାଷ୍ଟର ହେବ ନାହିଁ ।

( ୫ )

ଟ୍ରେଣ୍ଡ୍ ମେଟ୍ରିକ୍ ଟଙ୍କା ପଚାଶଟା
ଖାଇବାକୁ ପାଞ୍ଚ ପଣୁଣୀ,
ବଜାର ଭାଉଡ଼ ଦ'ସେର ଚାଉଳ
ହାଣ୍ଡିରେ ନ ରହେ ତୋରାଣି ।
ଘରଟା ହୋଇଲା ଛପରବନ୍ଧ
କଡ଼େଇଲା ଜଳ ଚଟାଣି,
ସଞ୍ଜ ସକାଳରେ ଗୃହଲକ୍ଷ୍ମୀଙ୍କର
ମୋହର ଉପରେ ଚାହାଣି ।
ମୁକଟର ସହା ଭାହିଁ,
ମାଷ୍ଟର ହେବ ନାହିଁ ।

( ୬ )

ମୋର ଖଳଅ ମେଠ୍ରୁ କୁଲେଟ୍
ଏହି ଜଞ୍ଜାଳରୁ ଛାଡ଼ି,
ଯୋଗାଣ ବିଭାଗ ଗୁଜଶ୍ରୀ କରଣ
ଡେଇଁଲେଣି ବୋଠା ବାଡ଼ି ।
ଅଏସ୍ କରବା ଅଭିଳାଷ ନାହିଁ
ଯୋଗାଅ ହେ ଦାନା କଣା,
ଉତ୍କଳ ଦେଶରୀ ମହତାବ ବାବୁ
ଅପେକ୍ଷା କରେ ଯେମା ।
ହୁକୁମ ବହଲ ବୁହଁ,
( ନୋହିଲେ ) ମାଷ୍ଟର ହେବ ନାହିଁ ।

—•—

Digitized by srujanika@gmail.com



**ଅବିଶ୍ୱାସୀ**—ନାଟକ— ଶ୍ରୀ ବେଣୀମାଧବ ପାଢ଼ୀ—ପ୍ରକାଶକ, ଶ୍ରୀ ଅଶୋକ ପାତ୍ର, କଳ୍ପନା ପ୍ରିଣ୍ଟିଂ ୱାର୍କସ, ପାରଳାଖେମୁଣ୍ଡି—ପୃ ୯୭ ଖ—ମୂଲ୍ୟ ଏକଟଙ୍କା ଚାରିଅଣା ।

ପାରଳା ମହାରାଜ କଲେଜର ପ୍ରିନ୍ସିପାଲ ଶ୍ରୀ ବେଣୀମାଧବ ପାଢ଼ୀ ଏ ନାଟକର ରଚୟିତା । "ଏହା ପୂର୍ଣ୍ଣ ଅବୟବୀ ନାଟକ ପରିଷଦ" ଦ୍ୱାରା ଅଭିନୀତ ହୋଇ ସାରିଛି ।

ଗୋଟିଏ ସାମାଜିକ ସମସ୍ୟାକୁ ନେଇ ନାଟକଟି ରଚିତ । ଲେଖକ ନୂଆ ଲେଖାଳି ବୋଲି ସ୍ୱୀକାର ନ କରିଥିଲେ ମଧ୍ୟ ଲେଖାରୁ ତାହା ଜଣା ପଡ଼ୁଛି । ଏଥିରେ ଘଟଣାର ବା ଅସମ୍ଭବତା ଏତେ ପ୍ରବଳ ଯେ ତାହା ସ୍ଥାନେ ସ୍ଥାନେ ଅସଙ୍ଗତିରେ ପରିଣତ ହୋଇ ଯାଇଛି । ନାଟକୀୟ ଚରିତ୍ରମାନଙ୍କର ମଧ୍ୟ କେତେକ ତ୍ରୁଟି ରହି ଯାଇଛି ।

ତଥାପି ଆମ୍ଭେମାନେ ଲେଖକଙ୍କୁ ନିରୁତ୍ସାହିତ କରୁନାହୁଁ । ଅଭ୍ୟାସ ଓ ଅଭିଜ୍ଞତା ଦ୍ୱାରା ତାହା ଦୂର ହୋଇଯିବ । ତାଙ୍କ ଭଳି ପଣ୍ଡିତ ବ୍ୟକ୍ତିଙ୍କ ଠାରୁ ଉନ୍ନତତର ସାହିତ୍ୟ ପାଇବାର ଆଶା ରହିଲା ।

**ବିବାହ ଋଣ ବନ୍ଧନ**—(ଉପନ୍ୟାସ) ଶ୍ରୀ କାଶୀନାଥ ମିଶ୍ର—ପ୍ରକାଶକ, କଟକ ପବ୍ଲିଶିଂ ହାଉସ—ପୃ ୯୦ ଖ—ମୂଲ୍ୟ—ବାରଅଣା ।

ଏହି ଉପନ୍ୟାସଟି ଉପନ୍ୟାସ ହେଲେ ମଧ୍ୟ ଗୋଟିଏ ସତ୍ୟ ଓ ମୁକ୍ତିତ ଘଟଣାକୁ ଆଶ୍ରୟ କରି ଲେଖା ହେଲା ପରି ଲାଗୁଛି । ଲେଖା ତା ଚରିତ୍ରମାନଙ୍କ ମୁହଁରେ ଫୁଟି ଥିବା ସତ୍ୟ ହୋଇପାରେ, ମାତ୍ର ଉପନ୍ୟାସରେ ତାକୁ ଏପରି ଖାପଖୁଆଇ ଦେବା ଦ୍ୱାରା ନୈତିକ ଆଦର୍ଶ ରକ୍ଷା ହୋଇ ନାହିଁ । ଏ ପୁସ୍ତକ ସାଧାରଣ ପାଠକଙ୍କୁ ଭଲ ଲାଗିବ ଓ ବହୁ ପଢ଼ିବା ଦଳରେ ଲେଖକଙ୍କୁ ଅର୍ଥ ଅର୍ଜନ କରାଇବ । ଲେଖକ ଆହୁରି ଲେଖନ୍ତୁ ।

**ଶଙ୍ଖ**—ମାର୍ଗଶିର—ଷଷ୍ଠ ସଂଖ୍ୟା

ଶଙ୍ଖର ନୂତନ ପଲ୍ଲବ ପଟର ଚିତ୍ର ଯେମିତି ସୁନ୍ଦର ଓ ସୁରୁଚି ପୂର୍ଣ୍ଣ, ଭିତର ବିଷୟ ସୂଚୀ ତଦନୁରୂପ ହୋଇ ପାରି ନାହିଁ । କେତେ ଗୁଡ଼ିଏ ଲେଖା ଭଲ ହୋଇଥିଲେ ମଧ୍ୟ, ମୋଟ ଉପରେ ଶଙ୍ଖ ତାର ନୂତନତ୍ୱ ଠିକ୍ ଭାବରେ ଧରି ରଖି ପାରୁ ନାହିଁ । ଗଳ୍ପ, କବିତା ଓ ... ଉପାଦେୟତା ବଢ଼ାଇବା ପାଇଁ ଯେଉଁ କୌଶଳ ଓ ଯତ୍ନ ନେବା ଦରକାର ତାର ବ୍ୟତିକ୍ରମ ହେଲେ କୌଣସି ପତ୍ରିକା ଉନ୍ନତି କରି ନ ପାରେ । ସମ୍ପାଦକୀୟ ମନ୍ତବ୍ୟ ପାଣ୍ଡିତ୍ୟ ପୂର୍ଣ୍ଣ ।

**ସହକାର**—ମାର୍ଗଶିର—ଦ୍ୱିତୀୟ ସଂଖ୍ୟା

ନୂତନ ପ୍ରଚ୍ଛଦପଟ ପରିଶୋଭିତ ସହକାର ନୟନାକର୍ଷକ ହୋଇଛି । ସମ୍ପାଦକୀୟ ମନ୍ତବ୍ୟ ସମେତ ଏ ସଂଖ୍ୟାରେ ପନ୍ଦର ଗୋଟି ବିଷୟ ସନ୍ନିବେଶିତ । ଶ୍ରୀ କୁଞ୍ଜବିହାରୀ ଦାଶଙ୍କ କବିତା 'ପଲ୍ଲୀସଞ୍ଜ' ବୋଧହୁଏ ସବୁ ସ୍ନିଗ୍ଧ ଓ କୋମଳ । ପ୍ରତିଭାବାନ କବି ସଚ୍ଚି ରାଉତରାୟଙ୍କ ଆଧୁନିକ କବିତା 'ନବଜାତକ' ଭାବଗାମ୍ଭୀର୍ଯ୍ୟ-ମୟ । କିନ୍ତୁ ସାଧାରଣ ପାଠକର ବୋଧଗମ୍ୟ ନୁହେଁ । ଶ୍ରୀ ଗୋଦାବରୀଶ ମହାପାତ୍ରଙ୍କର ଗଳ୍ପ ''ଇତିହାସର ଗତି'' ସୁନ୍ଦର ହୋଇଛି ।

## ବାଲେଶ୍ୱର ଓ ପାଞ୍ଚବର୍ଷିଆ ଯୋଜନା

ନାମକ ଇଂରାଜୀ ପୁସ୍ତିକା ଖଣ୍ଡିଏ ଲେଖକ ଶ୍ରୀ ରାମଚନ୍ଦ୍ର ସିଂହଙ୍କ ଠାରୁ ଉପହାର ପାଇ ଉପକୃତ ହୋଇଅଛୁଁ । ଏହା ଯଥାଯୁକ୍ତ ମହତାବଙ୍କ ନାମରେ ଉତ୍ସୃଷ୍ଟ । ଓଡ଼ିଶାର ପାଞ୍ଚବର୍ଷିଆ ଯୋଜନାରେ ବାଲେଶ୍ୱର ଜିଲ୍ଲା ଅବହେଳିତ ହୋଇଛି ଲେଖକ ତଥ୍ୟ ତଥା ଗ୍ରନ୍ଥରେ ତହିଁର ଅବହେଳା ଦେଖାଉଛନ୍ତି—ଓ ଏଥିପାଇଁ ଦଶ ଦଫା ଦାବି ମଧ୍ୟ ତାହାର ସଂଗେ ଦେଇଛନ୍ତି । ଏ ପୁସ୍ତିକାର ବହୁଳ ପ୍ରଚାର କାମନା କରୁଁ । ଫଳରେ ଜନମତ ସୃଷ୍ଟି ହେଲେ ଫଳ ଫଳିବାର ସମ୍ଭାବନା ।

**ଶଙ୍ଖ**—ସପ୍ତମ ସଂଖ୍ୟା

ଏ ସଂଖ୍ୟାରେ ଉତ୍କଳୀୟ ବଙ୍ଗଳା କବି ଓ ଡଃ ଗୋପାଳଙ୍କ ସମ୍ବନ୍ଧରେ ଆଲୋଚନାଟି ଉପାଦେୟ । ଉପେନ୍ଦ୍ରଙ୍କର ଗଳ୍ପ ''ଦରିଦ୍ର ସାହେବ'' ବାସ୍ତବ ଘଟଣା । ଲକ୍ଷ୍ମୀନାରାୟଣ ମହାନ୍ତିଙ୍କର ଗଳ୍ପ ''ଶୂନ୍ୟ ଥାଳ'' ଟିକିଏ ସୁନ୍ଦର—ହେଲେ, ଏହା ମୌଳିକ ନୁହେଁ । ସେ କଥା ଲେଖି ଦେଇଥିଲେ ଭଲ ହୋଇଥାନ୍ତା । ଉଲ୍ଲେଖଯୋଗ୍ୟ ଆଉ କିଛି ନାହିଁ ।

**ଚତୁରଙ୍ଗ**—ପୌଷ—ଅଷ୍ଟମ ସଂଖ୍ୟା

ଏହି ସଂଖ୍ୟାରେ ଶ୍ରୀ କାଳନ୍ଦୀଚରଣଙ୍କ ଗଳ୍ପ ''ପୁନଶ୍ଚ'' ସମୟୋପଯୋଗୀ ଓ ସୁଖପାଠ୍ୟ । ଶ୍ରୀ ପ୍ରହ୍ଲାଦ ପ୍ରଧାନଙ୍କ 'ବଣକନ୍ୟା' ସୁଚିନ୍ତିତ ଓ ଗବେଷଣାମୂଳକ ପ୍ରବନ୍ଧ । ପ୍ରଧାନ ମହାଶୟଙ୍କ ଅଧ୍ୟବସାୟକୁ ଅଶେଷ ଧନ୍ୟବାଦ । ତାଙ୍କ ଦ୍ୱାରା ଓଡ଼ିଆ ସାହିତ୍ୟର ଭଣ୍ଡାର ସମୃଦ୍ଧ ହେବାର ଆଶା ।

ଶ୍ରୀ ଦେବଭାଗୀଣ ଶର୍ମା ତାଙ୍କ ପ୍ରବନ୍ଧରେ ଲବ୍ଧପ୍ରତିଷ୍ଠ ସାହିତ୍ୟିକ ମାନଙ୍କ ପ୍ରତି ଆକ୍ଷେପ—ପ୍ରକାଶ କରିଛନ୍ତି । ଆମେ ଯାହା ଜାଣୁ, ସେମାନେ ସାମୟିକ ପତ୍ରିକାମାନଙ୍କ ସହିତ ଅସହଯୋଗ କରୁ ନାହାନ୍ତି । କେତେକ ସାହିତ୍ୟିକ ବାର୍ଦ୍ଧକ୍ୟ ଯୋଗୁଁ, କେତେକ ଉତ୍ସାହ ଅଭାବରୁ, କେତେକ ଅବହେଳା ହେତୁ ଲେଖା ଦେଇ ନ ଥିବେ । ଆଉ ମଧ୍ୟ କେତେକଙ୍କର ପ୍ରତିଭା ଶୁଖିଗଲା ପରି ଲାଗୁଛି । ପାଣି ନ ପାଇ, ଖାଲି ହାଉଆ ଖାଇ କେତେଦିନ ସତେଜ ରହନ୍ତା ! କେବଳ ଏତ ସାଧାରଣ ନୁହେଁ, ଲେଖ ପ୍ରବନ୍ଧ ସହିତ ମଧ୍ୟ ଏ ବିଷୟରେ ଦୃଷ୍ଟି ଦେବା । ପତ୍ରିକା ପରିଚାଳକଗଣ ତତ୍ପରତା ଦେଖାନ୍ତୁ । ଯେଉଁଠି ଗ୍ରାହକଙ୍କରେ ନିଅଣ୍ଟ, ସେଠାରେ ନାମ ଛପାଇ ଦେଇ ସନ୍ତୁଷ୍ଟ । ସୁତରାଂ ଉଭୟ ପକ୍ଷରୁ କର୍ତ୍ତବ୍ୟରେ ଅବହେଳା ହେଉଅଛି ।

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ଚରିତ୍ରର ବିକାଶ ଓ ସର୍ବାଙ୍ଗୀଣ ଉତ୍କର୍ଷ ସାଧନା କରିବା । ୨ । 'ଡଗର'ର ମାଧ୍ୟମରେ ଏହି ବିଭାଗ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା, ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ଓ ସାହସ ଅହିଂସା ଆଧାରରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ନ୍ୟୂନ ବାଳକ ବାଳିକାମାନଙ୍କ ପାଇଁ)

# ଜୟପ୍ରକାଶ ନାରାୟଣ

କାରାଗାର, ଅନଶନ, ଦୁର୍ଦ୍ଧର୍ଷ ସଂଗ୍ରାମ—ପର୍ଯ୍ୟାୟକ୍ରମେ ଦୀର୍ଘକାଳ ଏହିଭଳି ଅତିବାହିତ କରି ମୁକ୍ତିଲାଭ ପରଠାରୁ କଂଗ୍ରେସ ସମାଜତନ୍ତ୍ରୀ ଦଳର ଅନ୍ୟତମ ଶ୍ରେଷ୍ଠ ଉଜ୍ଜ୍ୱଳ ବଳିଷ୍ଠ ନେତା ଭାରତର ଜନଗଣର ପ୍ରିୟପାତ୍ର—

ଜୟପ୍ରକାଶ ନାରାୟଣ ୧୯୦୩ ସାଲ ଅକ୍ଟୋବର ମାସ ୧୧ ତାରିଖରେ ବିହାର ଅନ୍ତର୍ଗତ ସିତାବଦିୟାରା ନାମକ ଗ୍ରାମରେ ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ—ଛାତ୍ରଜୀବନରେ ସେ ମେଧାବୀ ଓ ପ୍ରତିଭାଶାଳୀ ଛାତ୍ରରୂପେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ସେ ଦରିଦ୍ର ପରିବାରରେ ଜନ୍ମଗ୍ରହଣ କରିଥିବାରୁ ନିଜର ଅର୍ଥ ସାମର୍ଥ୍ୟର ଉପରେ ନିର୍ଭର କରି ଉଚ୍ଚଶିକ୍ଷା ଲାଭ ନିମିତ୍ତ ବିଦେଶ ଗମନ ତାଙ୍କ ପକ୍ଷରେ ସମ୍ଭବପର ନଥିଲା । ଆମେରିକାରେ ଅଧ୍ୟୟନ କରିବା ପାଇଁ ତାଙ୍କୁ ଏକ ବୃତ୍ତି ମିଳିବାରୁ ତାଙ୍କର ଏହି ବାଧା ଦୂର ହୋଇଥିଲା ଓ ସେ ଓହିଓ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ଆମେରିକା ଯାଇଥିଲେ । ସେ ୧୯୨୨ ସାଲ ଅକ୍ଟୋବର ମାସରେ କାଲିଫର୍ଣ୍ଣିଆରେ ପହଞ୍ଚି ଦେଖିଲେ ସେ ବର୍ଷର ପାଠ ଆରମ୍ଭ ହେବାକୁ ଆଉ ୩ ମାସ ବାକି । ସେ ଏହି ୩ ମାସ ଗୋଟିଏ ଫଳର ଅଡ଼ତରେ ଶ୍ରମିକ ଭାବରେ କାର୍ଯ୍ୟ କରି କଟାଇଥିଲେ ।

ଆମେରିକାରେ ଅଧ୍ୟୟନ କାଳରେ ସେ ପରୀକ୍ଷା ପରେ ଅବସର ସମୟରେ କାୟିକ ପରିଶ୍ରମ ଦ୍ୱାରା ଅର୍ଥ ଉପାର୍ଜ୍ଜନ କରି ଖର୍ଚ୍ଚ ନିର୍ବାହ କରୁଥିଲେ । ଏହିପରି ଭାବରେ ସେ ଫଳ ଅଡ଼ତରେ, ଲୁହା ଓ ଇସ୍ପାତ କାରଖାନାରେ ଝାଳାଇ ମିସ୍ତ୍ରୀ ଭାବରେ ଓ ରେଷ୍ଟୁରେଣ୍ଟରେ ପରିଚାଳକ ହିସାବରେ କାର୍ଯ୍ୟ କରୁଥିଲେ ।

ଫଳ ଅଡ଼ତରେ ତାଙ୍କୁ ସକାଳଠାରୁ ସଂଧ୍ୟା ପର୍ଯ୍ୟନ୍ତ ଅମାନୁଷିକ ଭାବରେ କାର୍ଯ୍ୟ କରିବାକୁ ପଡ଼ୁଥିଲା । ଫଳ ବୃକ୍ଷମାନଙ୍କରୁ ଖରାପ ଫଳ ବାଛିବା ତାଙ୍କର କାର୍ଯ୍ୟ ଥିଲା । ଦିନକୁ ଦଶଘଣ୍ଟା ହିସାବରେ ପ୍ରତ୍ୟେକ ଦିନ କାର୍ଯ୍ୟ କରିବାକୁ ପଡ଼ୁଥିଲା । ସେ ପ୍ରତ୍ୟହ ପ୍ରାୟ $୧୮ କରି ଉପାର୍ଜ୍ଜନ କରୁଥିଲେ । ସମୟ ସମୟରେ ତାହାଙ୍କୁ ଦଳ ହସ୍ତରେ ଲାଞ୍ଛନା ଭୋଗିବାକୁ ପଡ଼ୁଥିଲା ।

ଅର୍ଥାଭାବବଶତଃ ଓ ଅନ୍ୟାନ୍ୟ କାରଣରୁ ତାହାଙ୍କୁ ବାରମ୍ବାର ବିଭିନ୍ନ ବିଶ୍ୱବିଦ୍ୟାଳୟ ପରିବର୍ତ୍ତନ କରିବାକୁ ପଡ଼ିଥିଲା । ଶେଷରେ ତାହାଙ୍କୁ ଅର୍ଥାଭାବହେତୁ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରୁ ଆଇଓ୍ୱା ବିଶ୍ୱବିଦ୍ୟାଳୟକୁ ଯିବାକୁ ପଡ଼ିଥିଲା । କାରଣ ସେଠାରେ ବେତନ କମ୍—ତାପରେ ସେ ଉଇସ୍‌କନ୍‌ସିନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବାକୁ ଯାଇଥିଲେ ।

ସେସମୟରେ ଅନେକ ଭାରତୀୟ ବିଶେଷତଃ ଶିଖ ଓ ମୁସଲମାନ କାଲିଫର୍ଣ୍ଣିଆରେ ବାସ କରୁଥିଲେ । ସେ ସମୟରେ ଭାରତରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଏହି ଚାଞ୍ଚଲ୍ୟ ଆମେରିକାବାସୀ ଭାରତୀୟମାନଙ୍କ ମଧ୍ୟରେ ମଧ୍ୟ ଦେଖାଦେଇଥିଲା । ସେମାନେ ଯେତେବେଳେ ଜାଣିଲେ ଯେ, ଜୟପ୍ରକାଶ ଏହି ଆନ୍ଦୋଳନରେ ଯୋଗ ଦେବା ପାଇଁ କଲେଜ ଓ ବିଶ୍ୱବିଦ୍ୟାଳୟ ବୃତ୍ତି ଛାଡ଼ିଛନ୍ତି, ସେତେବେଳେ ସେମାନେ ତାହାଙ୍କପ୍ରତି ସହାନୁଭୂତିସମ୍ପନ୍ନ ହୋଇଥିଲେ ଓ ସେଥିପାଇଁ ତାଙ୍କର ଜୀବନ ସଂଗ୍ରାମ ସମ୍ଭବପର ହୋଇଥିଲା । ସେ ଅଙ୍ଗୁର ତୋଟାର ଫଳ ଅଡ଼ତରେ (Fruit-farm), ଲୁହା କାରଖାନାରେ ଶ୍ରମିକ ଭାବରେ ଓ ଆହାର୍ଯ୍ୟ ପରିବେଷଣକାରୀ ଭୃତ୍ୟ ଭାବରେ କାର୍ଯ୍ୟ କରି ଯେ ଅଭିଜ୍ଞତା ଅର୍ଜ୍ଜନ କରିଥିଲେ, ତାହା ଅର୍ଥଶାସ୍ତ୍ର, ସମାଜତତ୍ତ୍ୱ, ମନୋବିଜ୍ଞାନ ଅପେକ୍ଷା ଯଥେଷ୍ଟ ବେଶୀ—ଆମେରିକାରେ ଲବ୍ଧ ତାଙ୍କର ଜୀବନର ବହୁ ଅଭିଜ୍ଞତା ରାଜନୈତିକ କ୍ଷେତ୍ରରେ ତାହାଙ୍କୁ ଗନ୍ତବ୍ୟପଥର ନିର୍ଦ୍ଦେଶ ଦାନ କରିଅଛି ।

ଉଇସ୍‌କନ୍‌ସିନ୍ ବିଶ୍ୱବିଦ୍ୟାଳୟରେ ଜନୈକ ଅଧ୍ୟାପକ ନିଷ୍ଠାବାନ ସମାଜତନ୍ତ୍ରବାଦୀ ବୋଲି ପରିଚିତ ଥିଲେ ।

ସେ କହୁଥିଲେ, ଧନତନ୍ତ୍ର ଶାସିତ ବ୍ୟବସ୍ଥାରେ କେବଳ ଏହି ଦରିଦ୍ର ସମସ୍ୟାର ସମାଧାନ ହୋଇ ନପାରେ । ଆର୍ଥିକ ବୈଷମ୍ୟର ସମସ୍ୟା ସମାଧାନ ଜୟପ୍ରକାଶଙ୍କ ମନରେ ଏହି ଉକ୍ତି ନୂତନ ଆଲୋକପାତ କରିଥିଲା । ଏହିରୂପେ ସେ ଅଧ୍ୟାପକଙ୍କଦ୍ୱାରା ଆକୃଷ୍ଟ ହୋଇଥିଲେ ଓ ଶେଷରେ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ଜନ୍ମିଥିଲା । ମାର୍କ୍ସବାଦ ସମ୍ପର୍କିତ ଯାବତୀୟ ପୁସ୍ତକ ତାଙ୍କର ପ୍ରିୟ ଥିଲା । ସେ ଉଇସ୍‌କନ ବିଶ୍ୱବିଦ୍ୟାଳୟରୁ ନିଉୟର୍କ ଯାଇଥିଲେ । ସେଠାରେ ଅସୁସ୍ଥ ହୋଇ କେମାସ ଶଯ୍ୟାଗତ ହୋଇଥିଲେ ।

ସେ ଆମେରିକାରେ ସାତବର୍ଷ ଥିଲେ ଓ ୫ଟି ବିଶ୍ୱବିଦ୍ୟାଳୟରେ ପଢ଼ିଥିଲେ । ପ୍ରଥମେ ସେ ଅଙ୍କଶାସ୍ତ୍ର, ପଦାର୍ଥବିଦ୍ୟା ଓ ରସାୟନଶାସ୍ତ୍ର ପଢ଼ିବାକୁ ଆରମ୍ଭ କରିଥିଲେ । ତାପରେ ସେ କେତେବର୍ଷ ପ୍ରାଣୀବିଦ୍ୟା ଓ ମନସ୍ତତ୍ତ୍ୱ ଅଧ୍ୟୟନ କରିଥିଲେ ଓ ପରିଶେଷରେ ଅର୍ଥନୀତି ଓ ସମାଜତତ୍ତ୍ୱ ପଢ଼ିଥିଲେ ।

୧୯୨୯ ସାଲରେ ଜୟପ୍ରକାଶ ଭାରତକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ତାଙ୍କର ପ୍ରତ୍ୟାବର୍ତ୍ତନ ପରେ ପଣ୍ଡିତ ଜହରଲାଲ ନେହେରୁ କଂଗ୍ରେସର ଶ୍ରମିକ ସମ୍ପର୍କିତ ତଥ୍ୟାନୁସନ୍ଧାନ ଭାର ତାଙ୍କ ଉପରେ ନ୍ୟସ୍ତ କଲେ । ଆମେରିକାର ଶ୍ରମିକ ଭାବରେ କାର୍ଯ୍ୟ କରି ସେ ନିଜର ଲବ୍ଧ ଅଭିଜ୍ଞତା ଦ୍ୱାରା ଏହି ଗୁରୁଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ସୁଚାରୁରୂପେ ସମ୍ପନ୍ନ କରିଥିଲେ ।

Digitized by srujanika@gmail.com

ତାହାର କେତେକ ମାସ ପରେ ଆଇନ ଅମାନ୍ୟ ଆନ୍ଦୋଳନ ସମୟରେ ସେ କଂଗ୍ରେସର ଜେନେରଲ ସେକ୍ରେଟାରୀ ପଦରେ (୧୯୩୦—୩୨) ନିଯୁକ୍ତ ହେଲେ ।

କହିବା ବାହୁଲ୍ୟ ଯେ 'ଡଗର' କେବଳ ତାର ନିର୍ଭୀକ ସ୍ୱାଧୀନ ଓ ଯଥାସମ୍ଭବ ନିଜ ଦୃଷ୍ଟିରୁ ନିରପେକ୍ଷ ମତ ଦେବା ନିମନ୍ତେ ଆଜି ଜନସାଧାରଣଙ୍କ ଆଦର ପାଇ ପାରିଛି । ଅନ୍ୟ ପକ୍ଷରେ 'ଡଗର' ଯେ ତାର ସ୍ୱାଧୀନ ନିର୍ଭୀକ ମତ ଦେଇ ପାରିଛି ତାର କାରଣ ଜନସାଧାରଣଙ୍କର ଆଦର ଏବଂ ସହାନୁଭୂତି । ଯୁଦ୍ଧ କାଳୀନ ଅତି ସଙ୍କଟ ସମୟରେ ଓଡ଼ିଶାର ଅନ୍ୟାନ୍ୟ ପତ୍ର ପତ୍ରିକା ବାଧ୍ୟ ହୋଇ ନୀରବ ରହିଲେ ମଧ୍ୟ ଜନସାଧାରଣ 'ଡଗର'କୁ ମୁଖରିତ କରିଛନ୍ତି । ଏହା ସମ୍ଭବ କରିଛି—କେବଳ ସାଧାରଣଙ୍କର ସହାନୁଭୂତି । 'ଡଗର'ର ଜୀବନକାଳ ମଧ୍ୟରେ ସେ କୌଣସି ରାଜା, ରାଜୁଡ଼ା, ଜମିଦାର, ମହନ୍ତ ବା ଧନୀ ପୁଞ୍ଜିପତିଙ୍କର ବଦାନ୍ୟତାରେ ପୁଷ୍ଟ ହେବାର ଦୁର୍ଭାଗ୍ୟକୁ ବରଣ କରିନାହିଁ । ଏପରିକି ନିଜର ନୀତି ବିରୁଦ୍ଧରେ ଅନ୍ୟାନ୍ୟ ପତ୍ର ପତ୍ରିକାଙ୍କ ପରି ଯୁଦ୍ଧ ସମ୍ପର୍କୀୟ ସରକାରୀ ବିଜ୍ଞାପନରୁ ମଧ୍ୟ ଲାଭ ଉଠାଇନାହିଁ । ଜନସାଧାରଣହିଁ ତାକୁ ଜୀବନ୍ତ ରଖିଛନ୍ତି । ସେଥିପାଇଁ ତାର ପରିପୁଷ୍ଟି ନିମନ୍ତେ ସେ ଆଜି ଜନସାଧାରଣଙ୍କଠାରେ ହାତ ପାତୁଛି । ଆଶା, ତାର ପ୍ରାର୍ଥନା ବିଫଳ ହେବନାହିଁ ।

ବଶମ୍ବଦ

ପରିଚାଳନା ସଂପାଦକ

Digitized by srujanika@gmail.com

## ସର୍ବାବସ୍ଥାରେ ଯାବତୀୟ

# ଗର୍ଭାଶୟ ଓ ଋତୁ

# ସଂକ୍ରାନ୍ତରୋଗ

ଅଳ୍ପରେ ଓ ନିର୍ଦ୍ଦୋଷ ଭାବରେ ଆରୋଗ୍ୟ ହୁଏ । ଯନ୍ତ୍ରଣା ଦାୟକ ଓ ଦୁର୍ଗନ୍ଧ ରକ୍ତସ୍ରାବ, ଅତ୍ୟଳ୍ପ ସ୍ରାବ, ଶ୍ୱେତସ୍ରାବ, ଅନିୟମିତ ସ୍ରାବ ହେତୁ ବହୁ ଦୁରାରୋଗ୍ୟ ବ୍ୟାଧିର ଉତ୍ପତ୍ତି ହୁଏ — ଯଥା — ହିଷ୍ଟିରିଆ, ମୂର୍ଚ୍ଛା, ରକ୍ତହୀନତା, ଗର୍ଭସ୍ରାବ, ବନ୍ଧ୍ୟାତ୍ୱ, ଇତ୍ୟାଦି ।

ରୋଗର ବିସ୍ତୃତ ବିବରଣ ସହ ଇଂରାଜୀରେ ଲେଖନ୍ତୁ ।

**ବିନାମୂଲ୍ୟରେ ସୁପରାମର୍ଶ ଦିଆଯାଏ**

GOURI AYURVEDA STORES
( Registered. )
MARUTER, W. G. DT.

# ମ୍ୟାଲେରିଆ

ଓ

ସର୍ବବିଧ ବିଷମ, ଦୀର୍ଘସ୍ଥାୟୀ ଜ୍ୱରକୁ

# ମ୍ୟାଲେରି ସାଇଡ

ନିଶ୍ଚିତ ଓ ସମ୍ପୂର୍ଣ୍ଣ ଭାବରେ ବିନଷ୍ଟ କରେ ।

୧୦୦ ବଟିକା ପୂର୍ଣ୍ଣ ଏକ ଶିଶିର ମୂଲ୍ୟ—ଟ ୨ ୲

( ଏକ ସଙ୍ଗରେ ଦୁଇ ଶିଶି ନେଲେ ଡାକଖର୍ଚ୍ଚ ମାଫି )

# ବିନାମୂଲ୍ୟ

ଆମ୍ଭେମାନେ ଗ୍ୟାରେଣ୍ଟି ଦେଇ ସର୍ବ ପ୍ରକାର ସ୍ତ୍ରୀରୋଗର ଚିକିତ୍ସା କରୁ । ବିସ୍ତୃତ ବିବରଣ ସହ ଇଂରାଜୀରେ ଲେଖନ୍ତୁ ।

ବିନାମୂଲ୍ୟରେ ପରାମର୍ଶ ଦେଉଁ ।

GOURI AYURVEDA STORES
( Registered. )
MARUTER, W. G. DT.


# 'ଡଗର' ନିୟମାବଳୀ

୧ । ଡଗର ପ୍ରତି ଇଂରାଜୀ ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ଟ ୩ ୲ ଓ ଷାଣ୍ମାସିକ ମୂଲ୍ୟ—ଟ ୨ ୲ ଅଗ୍ରୀମ ଦେୟ । ପ୍ରତି ଖଣ୍ଡର ମୂଲ୍ୟ—ଟ ୦ ୷ । ଭାରତ ବାହାର ପାଇଁ ଟ ୫ ୲ ଓ ପ୍ରତି ଖଣ୍ଡ ଟ ୦ ୵ ।

୩ । ପ୍ରବନ୍ଧ ଲେଖା ଇତ୍ୟାଦି ସମସ୍ତ ପରିଚାଳନା ସଂପାଦକ 'ଡଗର'ଙ୍କ ପଠାଇବାକୁ ହୁଏ ଓ ଉପଯୁକ୍ତ ଡାକ ଟିକଟ ନ ଥିଲେ ଲେଖା ଫେରସ୍ତ ଦିଆଯାଏ ନାହିଁ ।

୪ । ବିଜ୍ଞାପନର ହାର ପାଇଁ ମାନେଜର 'ଡଗର'ଙ୍କୁ ଲେଖିବାକୁ ହେବ ।

୫ । ଏଜେଣ୍ଟମାନେ ଏଣିକି 'ଡଗର' ଗ୍ରାହକମାନଙ୍କ ପାଇବା ଦୁଇଦିନ ଆଗରୁ ପାଇବେ ଓ ପ୍ରତ୍ୟେକ ଏଜେଣ୍ଟ ପ୍ରତିମାସ ହିସାବ ଚୁକ୍ତି ନ କଲେ 'ଡଗର' ପଠାହେବ ନାହିଁ ।


ମାନେଜର—
'ଡଗର'
ପୋଃ ଭଦ୍ରକ (B. N. Ry.)



ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସଂପାଦକ—ଶ୍ରୀ ବ୍ରଜମୋହନ ଦାସ



Digitized by srujanika@gmail.com



# ବିଲୁଆ ବିଚାର

୧୦ମ ବର୍ଷ—୧୭ଶ ସଂଖ୍ୟା

ଫାଲ୍‌ଗୁନ ପ୍ରଥମାର୍ଦ୍ଧ

ଓଡ଼ିଶା ଚନ୍ଦ୍ରଗୁପ୍ତ ପତ୍ରିକାର ଏଥର ଦେଇଛି ଗଣିତ ଅଙ୍କ ଦେଇ ଭାଗ ଦେଇ କେନ୍ଦ୍ରଭାଗ ସେବକ ବ୍ୟବସ୍ଥା ସମ୍ପର୍କରେ ପାଠକଙ୍କୁ। ସେଥିରୁ ଜଣା ପଡ଼ିଲା ଅବକାଶ ଗଣିତ ଅଙ୍କ ତେଣି ଭାଗ ଓ ପୋଲିସ ଗଣିତ ଦେଇ ତେଣି ଭାଗ। ପୁଲିସ ଅବକାଶ ଦାରୋଗା ଏବା ଭାଗ କହିଲେ ଚଳେ। ଏବା ଶାକ ଗୋପାଳ। ଗୋଟିଏ ଭାଗର ଅଙ୍କକୁ ଅଙ୍କ ଏକ ଭାଗ ଦେଇ। ତା ଛଡ଼ା ପାପ ଧନ ପ୍ରାପ୍ତିଛିରେ ଯିବା କଥା। ମନ୍ଦ ନୁହେଁ।

+ + + +

ନୂଆ ବଜେଟ ଗାନ୍ଧି ମୋଟ ଘଟିଛି ହେଲେ ବି ଅନେକ ଲୋକ-ହିତକର କାମରେ ଖରଚ କଟେଇଛନ୍ତି ସରକାର। ଏଇ ଡ଼ାକ୍ତରଖାନା ମାଷ୍ଟର କେରାଣୀଙ୍କ ଦରମା, ପାଣିଛଡ଼ା ଇତ୍ୟାଦି ଇତ୍ୟାଦି। ୯୩ ଧାରା ଶାସନ ବେଳେ ଲୋକ ଅପ୍ରତିଷ୍ଠ ମନ୍ତ୍ରୀ ଶାସନ ବି ଟଙ୍କା ପାଇଥିଲେ ସେ କଥା କରି ଥାଆନ୍ତେ। ଟଙ୍କା ନଥିଲେ କଲେଜ କରିବାକୁ ଡରିଥାନ୍ତେ। ଆମ ଅର୍ଥ ମନ୍ତ୍ରୀଙ୍କର ବଳୁ ସାହସ ଅଛି।... ଛାତିର ଚଉଡ଼ା ଅଛି। ବାହବା ଟୋଲ୍।

+ + + +

ଆଗ ଅମଳରେ ସରକାରକୁ 'ଟପ୍ ହେବି' ବୋଲି କହାଯାଉ-ଥିଲା। ତାର ଓଡ଼ିଆ ତର୍ଜମା—ଉପର ଭାରି। ସେତେବେଳେ ଆମେ ସେଥିପାଇଁ ଗାଳି ଦେଉଥିଲୁ। ଏବେ ଦେଖାଯାଉଛି ଏଇ ଉପର ଭାରି ବା ମଗଜ ଭାରି, ବା ଦମାକ ଭାରି ନ ହେଲେ କୌଣସି ସରକାରର ଶାସନକଳ ନଚଳେ। ଏଣିକି ତ ମୁଖ୍ୟମନ୍ତ୍ରୀ ଉଣ କଣ ହେଲା ପରି ସବ୍‌ଡେପୁଟି ପଣ ପଣ ହେଲେଣି। ଜିଲା ମାଜିଷ୍ଟ୍ରେଟ ପାଖକୁ—ଅତିରିକ୍ତ ମାଜିଷ୍ଟ୍ରେଟ। ବଡ଼ ସବ୍‌ଡିଭିଜନରେ ଏକ ଡି, ଏସ୍, ପି। ପୁଲିସ ବଳ ବଢ଼ି ଯାଉଛି। କଥିତ ଉକ୍ତ ଗୋଟି ଥାନାରେ ମୋଟ ପୁଲିସ ବଳ ବଢ଼ାଇ ଦିଆ ଯାଇଛି। କଥିତରେ ଗୋଟାଏ ଏସ୍, ପି, କେବେ ଦରକାର ହେଉଛି କେଜାଣି? ପ୍ରଧାନ ମନ୍ତ୍ରୀଙ୍କ ଘରଟାପାଇଁ କଥିତରେ? × × ×

ଅବକାଶ ବଜାର ଅଙ୍କ ବୁଝିବାକୁ ଅନେକେ ନିନ୍ଦା କରୁଛନ୍ତି। ନିନ୍ଦା କରିବା ସହଜ। ତେବେ ଗୋଟିଏ କଥା ବିଚାର କରିବାକୁ ହେବ। ସରକାର ଏ ଅଙ୍କଟାକୁ ଅବକାଶ ମହଲର ଭାର କମେଇ ଅଧିକ କରିବେ ନା ଅଧିକ ଲୋକଙ୍କୁ ନିଶା ଛୁଆଇ ପଇସା ଆଣିବେ। ଯଦି ନିଶା ଛଡ଼ାଇବା କଥା ଥାଏ ତେବେ କହିବୁ ଆମ ମନ୍ତ୍ରୀମାନଙ୍କୁ କ୍ଷମତା ନିଶା ଧରିଲାଣି। ଯେତେ ଅବକାଶ ଦର ବଢ଼ି ହେଉଥାଏ ତେବେ ନିଶାଖୋରଙ୍କ ନିଶାଟା ଆଉ ଟିକିଏ ମଧୁର ହୋଇ ଉଠିବ।

+ + + +

ବଜେଟକୁ ମୋଟାମୋଟି ଦେଖିଲେ ଏ ମନ୍ତ୍ରିତ୍ୱ ଦେଶରେ ବଞ୍ଚିବା ପାଇଁ ମନ୍ତ୍ରୀ ଯେତିକି ଚେଷ୍ଟା କରୁଛନ୍ତି ତହିଁରେ ଭଲ କରିବାର—ଲୋକଙ୍କୁ ସାହାଯ୍ୟ ଦେବାର କାମନା ଅଛି। ସେଟା ଭାବିବା ସ୍ୱାଭାବିକ। ତେଣୁ ସାଧୁଙ୍କୁ ସାଧୁ ବୋଲି କହିବାରେ ନିନ୍ଦକଙ୍କୁ ବଳ ନାହିଁ। ତେବେ ଆମ ବିଲୁଆ ସଭା ମନ୍ତ୍ରୀଙ୍କୁ ସହାନୁଭୂତି ଦେଖାଇ ଏତିକି କହିବେ—

ଏ ଦେଶର ଅର୍ଥ ଯେତେକିଛି,
କୋଟିଏ ଗୁଡ଼ିକ ପାଳିଏ ଭରି,
ସାତ ଶିଳ କର ଚୂଲିରି ନୂଆ,
ତହିଁ ଅଧେ ହେବ ସବୁ ବେତନ,
ତହିଁ ଅଧେ ପୁଣି ସଫର ପୁଳ,
ପୁଅଙ୍କୁ ଅଧେ—ଝିଅ ବୋହୂଙ୍କ ଅଧେ,
ଦାଣ୍ଡରେ ପଡ଼ିଛି ଚନ୍ଦନ ଗଦ,
ଭକ୍ତଏ! ଆସ ବାହାର ହସ,
ଖାଇ ନ ପାରିଲେ ବୁଲିକି ଖୋସ!

+ + + +

ମାନ୍ଦ୍ରାଜ କଂଗ୍ରେସ ସରକାର ଟେକ୍ସ ଯୋଜନା କରିବାରୁ ପ୍ରଧାନମନ୍ତ୍ରୀ ବିପଦ ଦେଖିଲେ। ଆପଣା କଂଗ୍ରେସବାଲାଏ ଏବେ ତାଙ୍କ ଉପରେ ଅବିଶ୍ୱାସ ପ୍ରସ୍ତାବ ଆଣି କଂଗ୍ରେସ ଦଳର ନେତୃତ୍ୱରୁ ହଟା ହେବେ। ତା ଅର୍ଥ ସେ ପ୍ରଧାନ ମନ୍ତ୍ରୀ ରୁ ଯିବେ ବା ଗଲେଣି କହିଲେ ଚଳେ। ତାପ ଦେଇ ଅଧିକ ଟଙ୍କା ତାଙ୍କୁ ଦିଅଁ ମାନ୍ଦ୍ରାଜ ମନ୍ତ୍ରୀ ପ୍ରକାଶମ୍ ଛଡ଼ା ନ ଧରି ପାରିବାରୁ ଅପ୍ରକାଶ ହୋଇଯିବେ। ଆମ ଓଡ଼ିଶାର ଉନ୍ନୟନ ମନ୍ତ୍ରୀ ସେପରି ଏକ ଟିକସ ଯୋଜନା କରୁଛନ୍ତି। ଆମେ ପ୍ରାର୍ଥନା କରୁଛୁ ସେ କ ଯେମିତି ଅଣ୍ଡୁଣ୍ଡି ନ ଛଡ଼ାନ୍ତୁ। କାରଣ ଯେଉଁଳି ପରିସ୍ଥିତି ହୋଇଛି ସେଥିରେ—

ବାହାରୁ ମାରିବେ ବାହାର ଲୋକେ
ଭିତରୁ ମାରିବେ ସ୍ୱଭାବି,
ଘର ଦେଉଳରେ ପରିଛା ମାରିବେ
ଏଥିକୁ କରିବା କି ବୁଦ୍ଧି।

× × × ×

ଓଡ଼ିଶା ତେବେଣି ଲଗାଇଲା କଟେଇବାରେ ଅଗ୍ରଣୀ ହୋଇ ପଡ଼ିଛି। ସରକାର ପୁଣି ତାକୁ ସାହାଯ୍ୟ କରୁଛନ୍ତି। ବଜେଟରେ ଟଙ୍କା କ ରହିଛି। ଏ ବିଷୟରେ ବ୍ୟାଗପୁରା ସାହେବ ବହିର 'ଟଙ୍କା-ଚକ୍ର'ରେ ଗାଇ ସାରିଲେଣି। ଆମେ କହିଲେ ଗୋଟେ ପୁରୁଣା କଥା ହେବ। ତେଲ ସହରର ବାଡ଼ିରେ—ଶୁଖ ସ୍ତମ୍ଭରେ ବାନ୍ଧିଲେ ଛାଡ଼ି -

Digitized by srujanika@gmail.com

ଥାଉ ପାରିବ ବୋଲି ଆମର ବିଶ୍ୱାସ ନାହିଁ । ଆମର ମନେ ହେଉଛି ଆମ ସରକାର ଓ ଅନେକ ରାଜ୍ୟମାନଙ୍କ କଳରୁଗ୍ଣ ମାତ୍ସ୍ୟନ୍ୟାୟ ଚିତ୍ର ସୂଚନା ଦେଉଛି । ଜନ୍ମ ସାଧୁ ସାବଧାନ !

ପ୍ରେମୀ ଭ୍ରମରୀ ନବ ମୁକୁଳାର୍ଥେ
ନ ଶୁଣୁଛି ଦେବଦୂତଙ୍କ ଗୀତେ
ଚାଲିଛି ଭ୍ରମ କୋଲାହଳ ମୃଗାଙ୍କ
ହଜାଇ ଯାଉଛି ବିପଥର ଭୃଙ୍ଗ ।

\+ + +

ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ଓଡ଼ିଶା ସରକାରଙ୍କ ମନ ଦେଖାଇବା ନୀତିର ସହ ନ ପାରି ଲେଖିଦେଲେ—ଓଡ଼ିଶା ଅସ୍ୱତନ୍ତ୍ରଣ୍ୟ ଦଳ—ଓଡ଼ିଶାର ଅସ୍ୱତନ୍ତ୍ରତା ! ଶ୍ରୀଯୁକ୍ତ ମହତାବ ସଙ୍ଗେ ସଙ୍ଗେ ତାର ଜବାବ ଦେଲେ—ଏ ତ ଆମ ସରକାର ନେବଥିଲା । ଏ ସଂବନ୍ଧରେ ଅନେକ କଂଗ୍ରେସ ଦଳ ବି ମତ ଦେଇଛନ୍ତି । ପୁଣି ଏଠି କଥା ନ ହେଲେ ଦେଶୀୟ ରାଜ୍ୟରେ ହେବ ଅତଏବ ଅସ୍ୱତନ୍ତ୍ରଣ୍ୟ ହେଉନାହିଁ—ଅସ୍ୱସ୍ତି ହେଉଛି ଉତ୍କଳ ଜନନୀ ।

ଦଳୀୟ ସଭା ଶ୍ରୀଯୁକ୍ତ ମହତାବଙ୍କୁ ଆଉ ଏକ ଭୂମି ଦେବାକୁ ପ୍ରସ୍ତୁତ ଅଛନ୍ତି । ଶ୍ରୀଯୁକ୍ତ ମହତାବ ଲକ୍ଷ୍ମୀନାରାୟଣଙ୍କୁ କହ ପଠାନ୍ତୁ ଆଗରେ କାମ, ନ ହେଲେ ବାକ୍ୟମାନେ ଶଙ୍କରେ—

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।

ଅତଏବ ଅସ୍ୱା ହତ ହେଉପାରେ ନାହିଁ—ଦେହୀ ନିତ୍ୟ ମନ୍ତ୍ରୋପୂତଂ ଦେହେ ସର୍ବସ୍ୱ ଭରତ । ଓଡ଼ିଶାର ପୁଣି ଅସ୍ୱତନ୍ତ୍ରତା ।

କମ୍ବା ଶ୍ରୀଯୁକ୍ତ ମହତାବ କହ ପାରନ୍ତି—ଓଡ଼ିଶାର ଅସ୍ୱା ନାହିଁ ଯେ ଅସ୍ୱତନ୍ତ୍ରତା ହେବ—ଶିରୋନାସ୍ତି—ଶିରୋପୀଡ଼ା ।

× × × ×

ଉତ୍କଳ ପ୍ରାଦେଶିକ କଂଗ୍ରେସ କାର୍ଯ୍ୟକାରୀ, କଂଗ୍ରେସ କାର୍ଯ୍ୟକର୍ତ୍ତାମାନଙ୍କ ପାଇଁ କେତେକ ଅନୁଶାସନ ଦେଇଛନ୍ତି, ଅତି ଆନନ୍ଦର କଥା । କେବଳ ତାକୁ ମାନିଲେ ଭଲ । ନ ହେଲେ ତ କଂଗ୍ରେସ ଅନୁଷ୍ଠାନ ରହିବ ନାହିଁ । ଆମର ଭୟ ହେଉଛି ପଣ୍ଡିତଙ୍କ ପୁଅମାନେ ଖାଲି ବାହୁ ବାଉଗଣ ପୋଥି ବାଉଗଣ ଭଳି କରିବେ ।

× × × ×

ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ବସି ବହୁ ଲଢ଼ାଇରୁ ପରେ ନୂଆ ସଭାପତି ନୂଆ ସମ୍ପାଦକ ( ସେକ୍ରେଟେରି ) ନିର୍ବାଚିତ ହେଲେ । ଲୋକେ କହୁଛନ୍ତି ଗାନ୍ଧିବାଦୀ ଆଉ ସୋସାଲିଷ୍ଟଙ୍କ ଲଢ଼ାଇରୁ ହେଲା । ଯେଉଁ ଦଳ୍ହ ଜିତିଲେ ଏଇ ଦଳ ସବୁ ଯେ ବର୍ତ୍ତମାନ ସମୟରେ ଅଛନ୍ତି ଏଥିରେ ସନ୍ଦେହ ନାହିଁ ।

\+ + + +

କୋଡ଼ା ଦିନ ଲୋକଙ୍କୁ ସୋସାଲିଷ୍ଟ ସାଜି ହୋଇଥିବା ବୋଲି କହିବା ଯେତିକି ହାସ୍ୟାସ୍ପଦ କଥା, କ୍ଷମତାପ୍ରିୟ ବୃଦ୍ଧାମାନଙ୍କୁ ଗାନ୍ଧିବାଦୀ ବୋଲିବା ସେତିକି ବଡ଼ କୌତୁକାବହ । ଶ୍ରୀଯୁକ୍ତ ନବକୃଷ୍ଣ ଜାଣନ୍ତି ବସ୍ତୁତଃ ଗାନ୍ଧିବାଦୀ । ସେ ସତ କହିଲେ—ଆମ ଗାନ୍ଧିବାଦୀଙ୍କଠୁଁ ସୋସାଲିଷ୍ଟମାନେ ଗାନ୍ଧୀ ମତର ଅଧିକ ନିକଟରେ । ବୋଧହୁଏ ସେ ସମୟ ଥିଲେ କହିଥାନ୍ତେ—ଗାନ୍ଧିବାଦୀଙ୍କ ଗାନ୍ଧିବାଦ ସାମ୍ରାଜ୍ୟବାଦଠାରୁ ଅଧିକ ନିକଟରେ ।

… … … …

ଭିତରେ ଯାହା ହେଉ ଉପରକୁ ଦେଖାଯାଉଛି ଏହା କେବଳ କ୍ଷମତା ଲୋଭ—ଯାହାକୁ ବଡ଼ କଥା ପାଇବାର ଇଚ୍ଛା—ମହତାବ ଗଲା ଦେଲେ ବ ଦିନେ ସେ ଟୋ ହେବେ । ମହତାବ ତ ନିଜେ ସେଦିନ ମାଡ୍ରାସରେ କହି ଅଛନ୍ତି ସାମ୍ୟବାଦ ଓ ଗାନ୍ଧିବାଦ ଭିତରେ କ୍ଷଗଡ଼ା ନାହିଁ ତେବେ ଏ କଳି କାହିଁକି ? କଳି କେବଳ କ୍ଷମତା ନେଇ । ମହତାବଙ୍କ ପୁରୁଣା ବାଣୀରେ କହିଲେ—ଅବର୍ମା ପଥର ମୋଟର ନୂଆ ମୋଟରକୁ ବାଟ ଛାଡ଼ି ଆଗରେ ଯିବାକୁ ଦେବା ସହ୍ୟ ନାହିଁ ।

… … … …

ତେଣେ ନୂଆ କ୍ଷମତା ପାଇଁ ଏକଦମ୍—"କେଉଁଠି ତ ନେ, ନୋହିଲେ—" ଆଉ ସମ୍ଭାଳି ହୋଇ ରହିପାରୁ ନାହାନ୍ତି । ବ୍ରାହ୍ମଣ ବେଲ୍ଲାପଡ଼ ପଢ଼ିବାକୁ ପୁରୁଣା କରି ନେଲେ ବାନ୍ଧିଲ ପଦେ ଉଠିଲା ପରି ସେମାନେ ଗଳନ୍ଦ୍ରମ । ଗୁରୁ ଗୁରୁଜନମାନଙ୍କୁ ମାନ୍ୟ କରିବାକୁ ଧାର୍ଯ୍ୟ ନାହିଁ । ଏବାଟେନେତେ—

ଦେଶ ଦଶନ ଅସମ୍ଭାଳ,
କ୍ଷମତା ପ୍ରିୟ ହେଲା କାଳ ।

… … … …

ଆମର ଏତିକି ଦୁଃଖ ହେଉଛି ଯେ ଯେତେବେଳେ ଏକତା, ଶାନ୍ତି, ଶୃଙ୍ଖଳା ସବୁଠୁ ବେଶୀ ଦରକାର—ଯେତେବେଳେ ଲିଗ୍, କମ୍ୟୁନିଷ୍ଟ ଓ ରାଜାମାନେ ଦେଶରେ ଷଡ଼ଯନ୍ତ୍ର କରି ଅଛନ୍ତି ସେତେବେଳେ କଂଗ୍ରେସ ଭିତରେ—

କାଳଂତ କାଳ ଜଳଂତ ଟେପା
ଆଉ ନାହିଁଲେ ଚାପା—ଛନ୍ନ ଶୌଣୀ ଦପା
କଏ ମାରିବ ଥେପା—ସବୁ ଯିବ ତ ଡ୍ରେପା ।

… … … …

ମୁସଲମାନ ସାଂବାଦିକ ସଙ୍ଘରେ ଭାଷଣ ଦେଇ ଜିନା ସାହେବ କହିଛନ୍ତି—ହିନ୍ଦୁ ମୁସଲମାନଙ୍କର ମିଳନ କେବେ, ନାହିଁ । ଦୁହିଙ୍କର ଏକସଙ୍ଗରେ ରହିବା ସହିବା ଅସମ୍ଭବ । ତାଙ୍କର ଲଘିଷ୍ଠ ସାଧାରଣ ବୁଝିବ ଜିନା ଚାହିଁ ନପାରୁ ଯେମିତି ବଡ଼ ବ୍ୟସ୍ତରେ ଏକଥା କହିଛନ୍ତି । ଜିନା ସାହେବ ଗାନ୍ଧିଙ୍କ ସାଙ୍ଗେ ଯେଉଁ ସ୍ଥାନରେ ମିଶିଥିଲେ ସେଇଠି ଏକ ସ୍ଥାନ ଖୋଜନ୍ତୁ । ହିନ୍ଦୁ ଯୁବକମାନେ ଜିନା ବେଶ ଧରି ମିଳନକୁ ପ୍ରସ୍ତୁତ ହୋଇଯିବେ ।

… … … …

ଶ୍ରୀଯୁକ୍ତ ଚର୍ଚ୍ଚିଲ ପାର୍ଲିଆମେଣ୍ଟରେ ଜହରଲାଲଙ୍କ ସାଧୁ ସରକାରକୁ ଭଣ୍ଡାମୀ ସରକାର ବୋଲି ଗାଳି ଦେଇଛନ୍ତି । ତାର କାରଣ ଶ୍ରମିକ ସରକାର ହେବା ଦିନଠୁ ଚର୍ଚ୍ଚିଲ ନିଜେ ମନ ଦୁଃଖରେ ଭାତ ହୋଇ ଯାଉଛନ୍ତି । ହିଂସା ହେବାର କଥା ।

Digitized by srujanika@gmail.com

## ମଜାକଥା




# "ଜୀ"

ଲେଖକ:—ପ୍ରିୟଦର୍ଶୀ

ଶବ୍ଦମୟ ବ୍ରହ୍ମ। ଶବ୍ଦରୁ ସୃଷ୍ଟିର ଉତ୍ପତ୍ତି। ଅର୍ଥାତ୍ ପ୍ରଥମେ ଯେତେବେଳେ କିଛି ନ ଥିଲା, ସବୁଆଡ଼େ ଶୂନ୍ୟ—ସେତେବେଳେ ଶବ୍ଦ ଜାତହୁଏ। ଏକଥା ଅନ୍ତତଃ ଆମ ହିନ୍ଦୁମାନେ ବିଶ୍ୱାସ କରନ୍ତି। ପୁଣି ଏଇ ଶବ୍ଦରୁ ଭାଷାର ଉତ୍ପତ୍ତି। ଏହି ଭାଷା ଦ୍ୱାରା ମଣିଷ ତାର ମନର ଭାବ ବ୍ୟକ୍ତ କରେ। ବିଭିନ୍ନ ଦେଶରେ ବିଭିନ୍ନ ଭାଷାର ପ୍ରଚଳନ ହେଲା। ଆମ ଏଇ ପାକିସ୍ଥାନ ଯୁକ୍ତ ହିନ୍ଦୁସ୍ଥାନରେ ଯେତେବେଳେ ପ୍ରଥମେ ଭାଷାର ପ୍ରଚଳନ ହେଲା, ସେତେବେଳେ "ଜୀ" ଏଇ ଏକାକ୍ଷରୀ ଶବ୍ଦଟି ମଧ୍ୟ ଭାଷାର ଅନ୍ତର୍ଭୁକ୍ତ ହେଲା—କିନ୍ତୁ ସେତେବେଳେ ଏଇ ଏକାକ୍ଷରୀ ଶବ୍ଦଟିର ପ୍ରଚଳନ ବା ମର୍ଯ୍ୟାଦା କେହି ବୁଝି ନଥିଲେ। ଏଇ ବିଂଶ ଶତାବ୍ଦିରେ ଏହାର ମହିମା ବିଶେଷ ଭାବରେ ଫୁଟି ଉଠିଲା। ଭାରତର ଅସହଯୋଗ ଆନ୍ଦୋଳନ ଓ ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କ ଆବିର୍ଭାବ ସହିତ 'ଜୀ' ଆବିର୍ଭାବ ଓ ପ୍ରସାର। ଗାନ୍ଧୀ ପ୍ରଥମେ ମହାତ୍ମା ଗାନ୍ଧୀ ହେଲେ। ତାପରେ ତାଙ୍କ ନାମରେ 'ଜୀ'ର ସଂଯୋଗ ହେଲା। ସେ ହେଲେ ଗାନ୍ଧିଜୀ, ମହାତ୍ମାଜୀ, ବାପୁଜୀ—ଏହି 'ଜୀ'ର ସଂଯୋଗ ହେଲାରୁ ତାଙ୍କର ୧୦୮ ନାମ ନ ହୋଇ ତିନିରେ ରହିଗଲା। ଭବିଷ୍ୟତରେ କଂଗ୍ରେସର ଇତିହାସ ଯେତେବେଳେ ଲେଖା ହେବ ସେଥିରେ 'ଜୀ'ର ଇତିହାସ ମଧ୍ୟ ଲେଖା ହେବ। ଅତଏବ ଧରିବାକୁ ଗଲେ 'ଜୀ' ଶବ୍ଦଟି ପୁରାପୁରି କାଂଗ୍ରେସିକ।

ଆମ ଓଡ଼ିଶାରେ ମହତାବ ମନ୍ତ୍ରୀ ହେବାରୁ ତାଙ୍କୁ 'ମହତାବଜୀ' ବୋଲି କହିଲେ। କିନ୍ତୁ ବିଶ୍ୱନାଥଙ୍କ ଶାସନରେ ତାହା ଚଳି ନଥିଲା—ଲକ୍ଷ୍ମୀନାରାୟଣ ସାହୁଙ୍କୁ କେହି କେହି 'ସାହୁଜୀ' ବୋଲି କହୁଚନ୍ତି ବା ଲେଖୁଚନ୍ତି। ଆଜିକାଲି ମହିଳାଙ୍କ ରାଜ୍ୟରେ ମଧ୍ୟ ଏ ସମ୍ମାନ ପାଉଛି। ସେ ହେଉଛନ୍ତି ଶ୍ରୀଯୁକ୍ତା ମାଳତୀ ଚୌଧୁରୀ—ଓଡ଼ିଶା ପ୍ରାଦେଶିକ କଂଗ୍ରେସର ସଭାପତି। ସେ 'ମାଳତୀଜୀ' ବୋଲାଉଛନ୍ତି କିନ୍ତୁ ବେଶ ନବବାବୁ ମନ୍ତ୍ରୀ ହୋଇ ମଧ୍ୟ ଏପର୍ଯ୍ୟନ୍ତ 'ଚୌଧୁରୀଜୀ' ବା 'ନବଜୀ' ହୋଇ ପାରିନାହାନ୍ତି। ଏ ତ ଗଲା ଉପର ପାହ୍ୟାର କଂଗ୍ରେସ ନେତାଙ୍କ କଥା। ଆଜି ମଧ୍ୟ ଖଦଡ଼ ପିନ୍ଧି ବ୍ୟବସାୟୀ ବା ମହାଜନ ହେଲେ ମଧ୍ୟ ନାମ ପଛରେ 'ଜୀ' ସଂଯୋଗ ହୁଏ। ବାଲେଶ୍ୱରର ଜ୍ୱାଲା ପ୍ରସାଦ ମାରୁଆଡ଼ୀଙ୍କୁ କେହି କେହି ଦାଲୁଆଳିଆ କଂଗ୍ରେସବାଲା 'ଜ୍ୱାଓ୍ୟାଲଜୀ' ବୋଲି କହନ୍ତି। ସମ୍ବଲପୁରରେ ମଧ୍ୟ ପ୍ରହ୍ଲାଦ ରାଏ ଲଠ "ଲଠଜୀ" ବୋଲାନ୍ତି। କଟକର ଗାଡ଼ୋଦିଆଙ୍କୁ ମଦନଲାଲଜୀ ବୋଲି ଡାକନ୍ତି। ଏମାନଙ୍କୁ 'ଜୀ' ଡକା ହେବାର କାରଣ ବୁଝିଲି ଯେ ଏମାନେ କଅଳ ରେଲବଜାର ତ ଦୂରର କଥା ସେ ପାଣିରେ ବି ଗୋଡ଼ ଧୋଇ ନାହାନ୍ତି। ଆଉ କୋଟିଏ ପ୍ରକାର ଜୀ ଅଛନ୍ତି ସେମାନେ ହେଉଛନ୍ତି ମାରୁଆଡ଼ି। ତାଙ୍କୁ କଂଟ୍ରୋଲ ଯୁଗରେ ସରକାର ଅଫିସର ଚପରାସିଙ୍କୁ ହାକିମମାନେ 'ଜୀ' ବୋଲି କହନ୍ତି ଓ ସେମାନେ ମଧ୍ୟ 'ବାବୁଜୀ' 'ହାକିମଜୀ' କହି ଏମାନଙ୍କୁ ସମ୍ଭ୍ରମ ସୂଚକ ଉପାଧି ଦେଇଥାନ୍ତି।

'ଜୀ'ର ଏହିପରି ବ୍ୟାପକ ବ୍ୟବହାର ଦେଖି ମୋର ବାହିଁକ ମନ ହେଲା ମୋତେ କେହି ହେଲେ 'ଜୀ' ଡାକନ୍ତେ। ସେଥିରୁ ଗବେଷଣାରେ ଲାଗି ପଡ଼ିଲି। କେଉଁ କେଉଁ ଗୁଣ ଥିଲେ 'ଜୀ' ହୁଅନ୍ତି। ଦେଖିଲି—ମହାତ୍ମା ବା ମହତାବ ହେବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ। ସେମାନଙ୍କ ଗୁଣରୁ କୌଣସି ଗୋଟିଏ ଗୁଣ ମଧ୍ୟ ମୋଠି ନାହିଁ। ତେବେ ଜଣେ ଜାତଟିଏ ହେଲେ ନାମ ପଛରେ 'ଜୀ'ଟିଏ ଲାଗିପାରେ। ଜଣେ ଜାତ ହେଲେ ଖଦଡ଼ ଧୋତି, ପଞ୍ଜାବୀ, ଚପଲ, ଝୁଲ, ଗାନ୍ଧି ଟୋପି, ଜହର ଜାକେଟ୍ ଏସବୁ କେଉଁ। କିନ୍ତୁ ଏସବୁ ପିନ୍ଧି ମଧ୍ୟ ଏପରି ଅନେକ କଂଗ୍ରେସୀ ଅଛନ୍ତି ଯାହାଙ୍କୁ ଦେଖିଲେ ଲୋକେ ନାକ ଟେକୁଥାନ୍ତି ଜୀ କହିବା ଦୂରେ ଥାଉ। ତେବେ ଏମିତି ଗୋଟେ କଣ କଲେ ହୁଏ। ଅଫିସର ଯେଉଁସବୁ ସମ୍ମାନ କମିଟି ବା ସବ୍ କମିଟି ବା ଟାଉନ ରେସନିଂ କମିଟି ଗଢ଼ା ଯାଉଛି ସେ ତ ସବୁ ଆମ କଂଗ୍ରେସବାଲାଙ୍କ ହାତରେ। ସେଥିରେ ପଶି ଗୋଟେ ସେକ୍ରେଟେରୀ ବା ସଭାପତି କଣ ଠିକ ହେଇ ପାରିଲେ ଏ ମାତ୍ ଅକସ୍ମାତ ଅନ୍ତତଃ 'ଜୀ' ବୋଲି କହିବେ ଅଉ କେଶ୍ ଟେଇ ବି ପୋଷି ହେବ। ସ୍ୱରଅଣା ପଇସା ଦେଇ ଧନେ ସଞ୍ଚି କେଜଁ ପୋଷାକ ବଦଳାଇ ଖଦଡ଼ ଢିଲା ପାଇଜାମା, ପଞ୍ଜାବୀ, ଜହର ଫତେଇ ଓ ଟୋପି ପିନ୍ଧି ପୁରାପୁରି ହୋଇଥିଲି ସାବରମତୀ। ଖାଲି ଯା ଏ ବେଶ ପରିବର୍ତ୍ତନରେ ଆମ ଗୃହିଣୀ 'ବଇଟେ ବଗଲ। ଖାଇ ଯା ଏ ବେଶ ପରିବର୍ତ୍ତନରେ' ... "ସାଥୀ-ଭୂତ" ବୋଲି କହି ପ୍ରଥମଥର ଚହିଁ ପଡ଼ିଥିଲେ। ପାଙ୍ଗ ସାଥୀମାନେ କେହି କେହି ହସ ଓ କେହି ସନ୍ଦେହସୂଚକ ପ୍ରଶ୍ନ କରିଥିଲେ। ମୁଁ ସେଇ ସକାଳ ସଞ୍ଜବେଳେ କଂଗ୍ରେସ ଅଫିସରେ

Digitized by srujanika@gmail.com

ଯାଏଁ । ସକାଳେ ଗତର କାଗଜ କେଳ ପଇସାରେ ପଢ଼ିବାକୁ ମିଳେ । ରାସ୍ତାରେ ଆଲୋଚନା ଶୁଣେ । ଆମର ଆଲୋଚନା ଯେ ସେ ସବୁ ବଡ଼ ବଡ଼ କଥା High politics ଆପଣମାନେ ବୁଝି ପାରିବେ ନାହିଁ । ଆମ ମନରେ ଅନ୍ତତଃ ଏତିକି ଧାରଣା ଆସିଯାଏ ଯେ ଆମେ ଯାହା ଚିନ୍ତା କରୁ, କହୁ ବା କରୁ ତାହା ସାଧାରଣ ଯାତ୍ରୀଙ୍କ ଠାରୁ ଢେର ଉଚ୍ଚରେ । ଆମର ଶିକ୍ଷା ଦୀକ୍ଷାର ଜନସ ଦୁନିଆରେ କିଛି ନାହିଁ । ଦେଶ ଆମର ନିର୍ଦ୍ଦେଶ ଶୁଣେ । ଦେଶ ସେବାଟା ଆମର କେବଳ ଜନ୍ମଗତ ଅଧିକାର । ଆଉ ଯଦି କେହି ଦେଶ ସେବାର ଅନ୍ୟ ଉପାୟ ବା ପନ୍ଥା ଗ୍ରହଣ କରେ ଆମେ ତାକୁ ଲୁଚରପନ ଭଳି ଚେଙ୍ଗ କରି ଗୋଡ଼େଇ ଦେଉଁ । ମୋର ଅବସ୍ଥା କିନ୍ତୁ ବେହାଲ । ଦେଖିଲି ମୁଁ ସେ ଦଳରେ ନୂଆ ଭୂଆ ହୋଇ ଥିବାରୁ ମୋତେ ଟିକିଏ ସେମାନେ ଚାହିଁ ଲେଇ ଚାହିଁ ଲେଇ ଚଳ-ଛନ୍ତି । କାରଣ ମୋର ସେତେବେଳକୁ ପ୍ରୋଫେସରଙ୍କ ପିଠିଅଡ଼ ଛୁଟି ନଥାଏ । ଟାଇଟ ରେସନଂ କମିଟି ଗଢ଼ାଗଲା—ମୋତେ ସେଥିରେ ଏମିତିକ ସାଧାରଣ ମେମ୍ବର କରି ନେଲେ ନାହିଁ । କାରଣ ମୁଁ ଥରେ ଅଧେ ଓ କ୍ଲାସରେ ଫେଲ ଯାଇନାହିଁ । ରିଟେ-ଲରସ୍ ଏସୋସିଏସନ ଗଢ଼ାଗଲା ସେଥିରେ ଶେୟାର ବଣ୍ଟିଲେ—କିନ୍ତୁ ମୋ ଭାଗରେ କିଛି ଗୋଟେ ପଡ଼ିଲା ନାହିଁ ।

ଆଉ ଦେଖିଲି ଯେ ମେମ୍ବର ହୋଇ ସେମିତି କିଛି ଲାଭ ନାହିଁ । ଗଲା କେତେବର୍ଷରେ ଯାହା ଉପ ସବୁ ମାରି ନେଇଛନ୍ତି ସପ୍ଲାଇ-ବାଲା—କଂଗ୍ରେସ ହାତକୁ ଶାସନଗାଦି ଆସିଲା ଦିନଠୁ ଯାହା ଅଳ୍ପ କିଛି ଟପୁଡ଼ ସୁପୁଡ଼ କାହାର ହୁଏ ତାହା କଣ୍ଟ୍ରାକ୍ଟର ଓ ଏଜେଣ୍ଟଙ୍କ ଭାଗରେ ପଡ଼ିଯାଏ—ଆମ ବେଳକୁ କିଛି ନଥାଏ । ଆଉ ଯେତେକ ବଡ଼ ବଡ଼ ମାଡ଼ୁଆଳ ବା ମହାଜନ ସେମାନେ ବଡ଼ବଡ଼ିଆ ନେତା ଆସିଲେ ଫୁଲମାଳ ଦିଅନ୍ତି ନିଜ ମଟରରେ ବୁଲାନ୍ତି, ଥଣ୍ଡା ଭେଟି ଦିଅନ୍ତି। ସେମାନଙ୍କୁ ବରଂ ଆମକୁ 'ଜୀ' କହିବାକୁ ହୁଏ । ଆମେ କଣ, ସପ୍ଲାଇ ଅଫିସର ମଧ୍ୟ ତାଙ୍କୁ ଚେୟାର ଛାଡ଼ି ଦିଅନ୍ତି । ମୁଁ ଦେଖିଲି ଏସବୁ ସୁବିଧା ନୁହେଁ । ଏସବୁ ଉପାୟରେ 'ଜୀ' ହୋଇ ପାରିବ ନାହିଁ । ମନେ ପଡ଼ିଗଲା ମୋର ସମ୍ଭୁଦୁଣୀଙ୍କ କଥା । ସେ ନୂଆ ସମ୍ଭୁଦୁଣୀ ହୋଇଥାନ୍ତି । ସମୁଦି ଆମର ଜଣେ ସେଠି ବଡ଼ ବାରି-ଷ୍ଟର । ଅତଏବ ତାଙ୍କ ସ୍ତ୍ରୀ ଆମର ସମ୍ଭୁଦୁଣୀ—ଓ ବାରିଷ୍ଟର ଗୃହିଣୀ—ତାଙ୍କ ଘରେ ଦେଖିଛି ତାଙ୍କ ଚାକର ବାକର ଯେତେ ଅଛନ୍ତି—ସମସ୍ତେ ସମ୍ଭୁଦୁଣୀଙ୍କୁ 'ମାଈଜୀ' ବୋଲି ଡାକନ୍ତି—ଏମିତିକି ତାଙ୍କ ଛୁଆ ପିଲା ସୁଦ୍ଧା ଡାକିଲେ 'ଜୀ' ବୋଲି ଜବାବ ଦେଇଥାନ୍ତି । ଏଇ ଜବାବ ଶବ୍ଦଟିକୁ ଗୋଟେ ରଖିଲେ ମନର ଅଭିମାନଟା ମେଣ୍ଟି ଯାଆନ୍ତା । ସମ୍ଭୁଦୁଣୀଙ୍କୁ ଲେଖିଲି ଗୋଟେ ଚାକର ପାଇଁ—ସେ ଉତ୍ତର ଦେଲେ— ଖାଇ ପିଇ ଲୁଗାପଟା ବାଦେ ମାସିକ ୨୦ ଟଙ୍କା ଦରମା—ଏ ତ ସୁବିଧାଜନକ ନୁହେଁ । କେବେକେବେ ଓଡ଼ିଆଙ୍କ ଛତ୍ୟରେ ଖାଇପିଇ ଛୋଡ଼ଏ ଟଙ୍କା ଯୁଟେ ।

ଶେଷ ଉପାୟ ସ୍ଥିର କଲି ଯେ ଗୃହିଣୀଙ୍କି ଯାଇ ଶିଖେଇବି ମୁଁ ଡାକିଲେ ଉତ୍ତର ଦେବେ 'ଜୀ' ବୋଲି । ମୁଁ ତାଙ୍କର ସ୍ୱାମୀ—ଦେବତା—ପତି ପରମ ଗୁରୁ । ମୋତେ 'ଜୀ' କହିଲେ ତ ତାଙ୍କ ମାନ ଗଲେ ଖସିବ ନାହିଁ—ମୋର ମଧ୍ୟ ତାଙ୍କଠୁଁ ତାହା ହକ୍ ଦାବୀ । ମୁଁ ଘରକୁ ଯାଇ ଦୁଇ କଥା କହି ଏହି ପ୍ରସ୍ତାବଟି ଉତ୍ଥାପନ କଲି—ସେତେବେଳେ ସେ ବହି ବୁଲଉଥାନ୍ତି—ମୋ କଥାଟା ବୋଧହୁଏ ସେତେ ତାଙ୍କ ମନରେ ପଶି ପାରିଲା ନାହିଁ । ମୁହଁଟାକୁ ବୁଲେଇ ଏମିତି ଛଞ୍ଚାଡ଼ ହେଲେ ଯେ ତାଙ୍କ ଶାଢ଼ୀର ଖଣ୍ଡଟା ଆସି ମୋ କପାଳରେ ବାଜିଲା । କହିଲେ—"କଣ କହିଲ 'ଜୀ' କ ଡାକେ କଣ ମୋର—" ଏହା କହି ଉଠିବାକୁ ବାମୁଣ୍ଡ ପକାଇ ନିଜ ଶଙ୍ଖାକୁ ନେଇ ମୁଣ୍ଡରେ ମାରିଲେ । ମୁଁ କିନ୍ତୁ ସେତେ-ବେଳକୁ ମୁଣ୍ଡ ଅଇଁସି ହୋଇଥାଏଁ । ତାପର କିନ୍ତୁ ସେଥିକୁ ଲକ୍ଷ ନଥାଏ ।

"ଏମିତି ଅଳସ କଥା ଶୁଣିବ କହିବ ନାହିଁ ।"

ଘରେ ପଶି ଆରସି ଦେଖିଲି ବେଳକୁ କପାଳରୁ ଅଳ୍ପ ରକ୍ତ ବାହାରୁଛି । ସେଇଦିନୁ ଆଉ 'ଜୀ' ପଛରେ ଗୋଡ଼େଇ ନାହିଁ ।

—*—

ଜୟ ଶିବଶମ୍ଭୁ ଶଙ୍କର ହର ହର

ଆମଣ୍ଡଳମଣି
ଆରତି ମହାତ୍ମ୍ୟ

ବହୁ ଖଣ୍ଡିକ ପ୍ରକାଶ ପାଇଲା । ଦର୍ଶନ ପ୍ରାର୍ଥୀ, କାମନା ପ୍ରାର୍ଥୀ ସ୍ତ୍ରୀ ପୁରୁଷ ଯୁବକ, ଯୁବତୀ ଏଥିରୁ ଖଣ୍ଡିଏ ଲେଖା ସଂଗ୍ରହ କରି ବାବା ମଣିଙ୍କର ମହିମା ପଢ଼ି ମୋକ୍ଷ, ଧର୍ମ, ଅର୍ଥ, କାମ ଚତୁର୍ବର୍ଗ ଫଳ ଲାଭ କରନ୍ତୁ ।

ସଂସ୍କୃତ ଶ୍ଳୋକ ଓ ଚଳିତ ଓଡ଼ିଆ ପଦ୍ୟରେ ଅର୍ଥ ଦିଆଯାଇ ଅଛି ।

ସବୁ ବହି ଦୋକାନରେ ମିଳେ ।
ପ୍ରକାଶକ:—
ରାଧାକାନ୍ତ ପଣ୍ଡିତ

"ସାବିତ୍ରୀ—ସାହିତ୍ୟ—ମନ୍ଦିର ।"
ଅହିଅସ—କଟକ ଓ ଅରଡ଼ ଧାମ
ଗୁଡ଼ବାଲା—ବାଲେଶ୍ୱର ।

Digitized by srujanika@gmail.com




# ଛାଇ

ଲେଖକ—
ଶ୍ରୀ ପରଶୁରାମ ପଟ୍ଟନାୟକ

ସୁରଭି ନର୍ସ । ସେବା ଧର୍ମରେ ଦୀକ୍ଷିତା ସୁରଭି ଜୀବନରେ ଗ୍ରହଣ କରିଛି, ଉପେକ୍ଷିତା, ଧୂସର ବନାନୀର ଆଦର୍ଶ । ସ୍ୱପ୍ନ ଦେଖିଛି ରକ୍ତାକ୍ତ ସମରକ୍ଷେତ୍ର ଆଉ ସେଇ ଅନ୍ଧକାର ଗର୍ଭିର କୁନ୍ତଳ ଅବଗୁଣ୍ଠନ ତଳେ ଏକ ମହୀୟସୀ ନାରୀ ହାତରେ ତାର ଦୀପଶିଖା ।

ଜୀବନରେ, ଯୌବନର ପ୍ରଥମ ସ୍ୱର୍ଣ୍ଣ ଲଗ୍ନ ବେଳେ ତାର କଅଁଳ ମନ ଉପରେ ବହି ଯାଇଥିଲା ଯେଉଁ କାଳ ବୈଶାଖୀ, ସୁନୀଳ ଆକାଶକୁ ଭୀଷଣତର କରି ସଶଙ୍କିତା ଧରଣୀ ଉପରେ ନାଇଁ ଆସିଥିଲା ଯେଉଁ ଉଚ୍ଛୃଙ୍ଖଳ ଝଡ଼, ତାର ସଂଘାତରେ ସୁରଭିର ନବୀନ ଜୀବନର ସବୁ ଓଲଟ ପାଲଟ ହୋଇଗଲା । କେବଳ ଠିଆ ହୋଇ ରହିଲା ମଣିଷ ମନର ଗୋଟାଏ କଙ୍କାଳ, ନିଷ୍ଠୁରତାର ସଙ୍କଟରେ ଆହୁତି ଦେଇ ତାର ସମସ୍ତ ମାଂସ ଓ ରକ୍ତ, ଠିଆ ହୋଇ ରହିଲା ଗୋଟାଏ ଶୁଖିଲା ଗଛ ଝଡ଼ର କୋଳରେ ସମର୍ପି ଦେଇ ତାର ସମସ୍ତ ସବୁଜ ପତ୍ର, ଫୁଲ ଓ ଜଟି ।

ସେଇ ସୁରଭି ଆଜି ନର୍ସ । ତାର ଅଭିଜ୍ଞତା ବଢ଼ିଛି । ହୃଦୟର ବାଟ ଦେଇ ସଂସାରର ବ୍ୟୂହକୁ ବୁଝିବାକୁ ତାର କ୍ଷମତା ବଢ଼ିଛି । ତଥାପି ସେ ବାଟ ଖୋଲି ପାରୁନାହିଁ । ଶୋଷଣ ଚାଲିଛି ଜାଣୁ ନାହିଁ । ଆକ୍ରମଣର ପ୍ରତି ଆକ୍ରମଣ କରି ପାରୁନାହିଁ । ସେ ଭାବେ ସେ ନାରୀ, ଅବଳା, ଅସହାୟା । କିନ୍ତୁ କେବଳ, ବୁଝିନାହିଁ ନିଜ ହୃଦୟରେ କେହି ନାହିଁ ଯେ ଏ ଶରୀର ଆକ୍ରମଣର ପ୍ରତିଆକ୍ରମଣରେ ବାଧା ଦେବ । ସେ ବୁଝିନାହିଁ ଯେ, ତାର ହୃଦୟ କଳା ଆଖି ଆଗରେ ଯେଉଁ କେତେଜଣ ଶୃଙ୍ଗୀ, ସଂସାରର, ସମାଜର ନଗ୍ନ ମଣ୍ଡପରେ ଆସନ ପାରି ଅଛନ୍ତି, ବରଂ ତାଙ୍କୁ ଆକ୍ରମଣ କରନାହିଁ, ଆମନ୍ତ୍ରଣ କରନ୍ତି ।

× × × କ୍ଳାନ୍ତ ମ୍ଳାନ ପରିଶ୍ରମ ଭିତରେ, ଶ୍ରାନ୍ତିହୀନ ସେବା ଭିତରେ, ସେ ଭୁଲିଯାଏ ଆପଣାକୁ । ଭୁଲିଯାଏ ନିଜର ଦୁଃଖର ସବୁ ଛବି । ନିଜକୁ ସେ ଭାବେ ରୋଗୀ ବା ରୋଗିଣୀର ଜଣେ କେହି ଆପଣାର ଲୋକ । ରୋଗି ବା ରୋଗିଣୀ ଡାକ୍ତରଖାନାର ଏଇ ଅସାମାଜିକ ପରିବେଷ୍ଟନୀ ଭିତରେ ଖୋଜିବୁଲେ ଯେଉଁ ମନର ଦରଦ, ହାତର କଅଁଳ ପରଶ, ଆଖିର ନରମ ଚାହାଣୀ ସେ କେବେ କୃପଣ କରିନାହିଁ ତା ଦେବାରେ । ସେ ଭାବେ ଏ ତାର ଦାନ ନୁହେଁ, କର୍ତ୍ତବ୍ୟ । କେବେ ବା ଦୁଇଦିନ ପାଇଁ ଅଥବା ମାସେ ବା ଦୁଇମାସ ପାଇଁ, ସେ ଅଟେ ଜଣଜଣଙ୍କର ସଂଘର୍ଷରେ—ମୃତ୍ୟୁରେ କରିପ କ୍ୟାପ୍ ଦିଏ । ପାଖରେ ଥର୍ମୋମିଟର ଦିଏ, ଟେମ୍ପ୍ ନେଇଦିଏ, ଖାଇ ଦେଇଦିଏ, ସହାନୁଭୂତିର ଦୁଇପଦ କଥା କହେ । ସେତିକି, କେବଳ ସେତିକି । ଏହି ତାର ଅସୀମତାର ମାପ କାଠି । ହଁ, ସେ ଆଉ କିଛିଏ ଦୂରରେ ଠିଆ ହୋଇ ଦେଖେ ରକ୍ତ, କ୍ଳାନ୍ତ ମୁହଁଟିକୁ । ତାର ଭିତରେ ଆଶା ଓ ନିରାଶାର ଛବି । ଭାବେ—ହୁଏତ ଏଇ ଅଛି ତାର ପ୍ରିୟାଙ୍କ । କେଉଁ ପଲ୍ଲୀର ନିଭୃତ କୋଣରେ ବା ଅଶ୍ରୁମୁଖୀ ମାତାଙ୍କ । ସିଏ ଏ ଅନ୍ତରମ ଦର୍ପଣର ପ୍ରତିଟି ଶୁଣୁଛି ସନ୍ତାନର ପଦଧ୍ୱନି ।

ତାହାର ସ୍ୱାମୀ ଦେଇଯାଏ କମଳା ଲେମ୍ବୁ ଫୁଲଟାଏ । ଡକ୍ଟର ଭଦ୍ରସର ବୋଉଳ । ତାହାର ବୃଦ୍ଧ ପିତା ଡାକ୍ତରଙ୍କୁ ଅନୁନୟ କରି କହେ—"ବାବୁ ! ଧନ ମୋର ବଞ୍ଚିବ ତ ?"

ହୃଦୟର କାନ୍ଦଣାର ଭିତରେ ସମସ୍ତଙ୍କୁ ସେ ଖୋଜି ପାଏ । କେବଳ ନିଜ ଛଡ଼ା ।

+ + + ପଚିଶ ବର୍ଷ । ପଚିଶ ବର୍ଷ ହେଲା ସେ ହୋଇଛି ନର୍ସ । ଏହି ପଚିଶ ବର୍ଷ ମୁହୂର୍ତ୍ତ ପରେ ମୁହୂର୍ତ୍ତ ଅତୀତ ହୋଇଛି ତାର ଜୀବନରେ । ଯୌବନର ବେଳାଭୂମିରେ ସେ ଛଟ ପଟ ହେଉଛି, ଆଖି ଆଗରେ ତାର ବସନ୍ତ ବାଲିବାଲୁଡ଼ି ଭଳି ଚାଲି ଯାଉଛି । ଅଗ୍ରଦିନ, ସାଗର ଶୁଖି ଯାଉଛି ଯେ ପ୍ରତ୍ୟେକ ମୁହୂର୍ତ୍ତରେ ଅଶ୍ରୁଳ ଅଭିଜ୍ଞତା ତାର ଓଦା ମନରେ ଦାଗ କାଟି ଯାଉଛି, ଏଇ ସେ ସେଇ ଦାଗ ଗଣି ଗଣି କଟାଇ ଦେଇଛି ଏହି ପଚିଶ ବର୍ଷ ।

× × × ସେଦିନ ସୁରଭି ଭଲଭାବେ ଅସି ଦେଖେ ନୂଆ ନରନ ରୋଗୀଟିଏ, ଶିର୍ ଉପରେ ଚେତନା ତାର ହଜି ଯାଇଛି । ଶିଳିର ଭଳି ସ୍ଥୁଳପଦ୍ମ ସତେଜ ହୃଦୟର ଗଭୀରେ ମଗନ ହୋଇ ଯାଇଛି । ଡାକ୍ତର ଚିକିତ୍ସାର ବନ୍ଦୋବସ୍ତ କରି ଚାଲି ଯାଇଛନ୍ତି ।

କପାଳରେ ଭଲପଟ୍ଟିର ପଟି ଦେଇ ଦେଇ ସେ ନଜର ଭିତରେ ଚମକ ଉଠିଲା । ମୁହୂର୍ତ୍ତକର ଶିହରଣ, ଓଃ କେତେ ସାମଞ୍ଜସ୍ୟ । ସେଇ ବୟସ, ସେଇ ଗଠଣ । ମୁଣ୍ଡ ଉପରେ ସ୍ୱର୍ଣ୍ଣ କାଟି ପଡ଼ିଲା । ଅପରିଚିତ ତରୁଣ । ସର୍ବ ଶରୀର ଥରାଇ ସେ ଟୁଲ୍‌ଟା ଉପରେ ବସି ପଡ଼ିଲା ।

Digitized by srujanika@gmail.com

+++ ୧୯୮ ମହିନାର ଅଗଷ୍ଟ ମାସ । ନ୍ୟୁମାର୍କେଟଠାରୁ ଡମୋରେନ୍ ପର୍ଯ୍ୟନ୍ତ ଦେଶବାସୀ ଗର୍ଜନ କରୁଥାନ୍ତି ଅଗ୍ନିମନ୍ତ୍ର, ଧର୍ମଘଟ, ଶୋଭାଯାତ୍ରା ଓ ଲାଠି, ଗୁଳି ଚଳିବାର ବିରାମ ନାହିଁ । କ୍ଷୁଦିରାମର ନାଁରେ ଯାଇ ଦେଶ ଭରି ଅଗ୍ନିବାଣ କରିଥିଲା କ୍ଷୁଦିଲ ।

ରାତି ସେତେବେଳେ ଅଧ ସେଦିନ ଅଗଷ୍ଟ ୨୦ ତାରିଖ । ବୁଢ଼ୀ, ବିଧବା ମା ତାର ଶଯ୍ୟାଶାୟୀ । ଆକାଶରେ କଳା ମେଘ ଘର ଘୋଟି ଯାଇଛି । ଘନଅନ୍ଧ ଅଂଧକାର । ଗମ୍ଭୀର ରାତିର ନିସ୍ତବ୍ଧତା ଭେଦ କରି ତାହାର ସମୁଦ୍ର ଦୁଃସହ ଦୀର୍ଘଶ୍ୱାସ । ବର୍ଷା, ଝଡ଼, ବିଦ୍ୟୁତ୍ । ଉଦାମ୍, ଉଚ୍ଛୃଙ୍ଖଳ, ଅଶାନ୍ତ ପ୍ରକୃତି ଦେବତାର ନୃତ୍ୟ ଅଭିଶାପ ନେଇ ଧରଣୀ ବୁକୁ ସମ୍ମୁଖ ନିନାଦରେ କମ୍ପି ଉଠୁଛି ଥରହର । ସୁରଭି ତାର ମାର ଦୁର୍ବଳ ଅଙ୍ଗ ଉପରେ ଚିତ୍ତ ହୋଇଥିଲା ସେହି ଦୁର୍ଭେଦ୍ୟ ଅଂଧକାରରେ ।

ସେହି ଅନ୍ଧାର ଝଡ଼ ଭିତରୁ, ଝଡ଼ ପରି ଉଠିଆସିଥିଲା ଶୁଭଶ୍ରୀ ତାର । କୂଟରେ ବାଳ ଉପରୁ ଝରି ପଡ଼ୁଥିଲା ଟପ୍ ଟପ୍ ପାଣି । ପଞ୍ଜାବୀ ଓ ଲୁଗା ଓଦାରେ ମୁଣ୍ଡ ବୁଡ଼ି ।

ସେ ପଚାରିଥିଲା—"ଶୁଭଶ୍ରୀ, ଏପରି ଅସମୟରେ—?"

ସେ ଶୁଣିଥିଲା—"ସମୟ, ଅସମୟ ବିଷୟରେ ବିଚାରିବାର ବେଳ ନାହିଁ ସୁରଭି ? ସରକାରଙ୍କ ହୁକୁମ । ତଲାସୀ ହେଉଛି ।"

ତାପରେ ଶୁଭ ଯେଉଁ ଦୁଇଦିନ ତାଙ୍କ ଘରେ ଅଶ୍ରୟ ନେଇଥିଲା ତାରି ଭିତରେ ସୁରଭି ଶୁଣିଲା ସାରା ଦେଶ ଗଡ଼ ଲଢ଼ି ଉଠିବାର କାହାଣୀ । ସପାଖି ପ୍ରାସାଦର ଭଗ୍ନ, ପୁଣି ଏସିଆରେ ପ୍ରବାସୀ ଭାରତୀୟଙ୍କର ଅଭିଯାନ । ଦୁଇଦିନ ପରେ ଶୁଭ ସହରରୁ ଫେରି ଆସିଛି—ହୁଏତ ପୁଲିସ ତାର ପିଛା ନେଇଛି ।

ସେଦିନ ସକାଳୁ ଗୋଟିଏ ୧୦ । ୧୨ ବର୍ଷର ପିଲା ଗୋଟିଏ ଚିଠି ଦେଇଗଲା ଶୁଭ ହାତରେ । ଚିଠିଟା ଉପରେ ଆଖି ବୁଲାଇ ନେଇ ଶୁଭ କହିଲା—"ସୁରଭି, ବିଦାୟ ଦେ । ମୋର ଯିବାର ବେଳ ହୋଇଗଲା ।"

ସୁରଭି ଜାଣେ ଏ ବିଦାୟର ଅର୍ଥ କଣ ? ଏ 'ଯିବା'ର ପଛପଟେ 'ଆସିବା'ର ସମ୍ଭାବନା ଅଛିକି ?

ପୁଣି ଆକାଶରେ ଗର୍ଜି ଉଠିଲା ବଜ୍ର । ଅଚଳ୍ପ ବର୍ଷାଧାରା ଝରୁଥିଲା ଅକାଶରୁ ।

ସୁରଭି କହିଲା—"ହାଁ ଶୁଭଭାଇ, ତୁମେ ଯାଅନା ।"

—"ହାଁ ସୁରଭି—ମତେ ଯିବାକୁ ହେବ—ଏ ଡାକ ଏଡ଼ି ହୁଏନା ।"

"ମା ବୋଧହୁଏ ବଞ୍ଚିବନି ।"

"ଭଗବାନ ତାଙ୍କୁ ଭଲ କରିଦେବେ—ଦେଶମାତା ଯେ ଡାକୁଛି ସୁରଭି ।" ଶୁଭ ପଞ୍ଜାବୀଟା ଗଳାଇ ନେଲା ।

"ତୁମର ସ୍ୱାଧୀନ ଭାରତ ଗଢ଼ିବାର ବଳ ଦିଅନା ଶୁଭଭାଇ, ତୁମେ ଯାଅନା ।" ସୁରଭିର ହାତକୁ ନିଜ ହାତକୁ ନେଇ ହୃଦୟ ଭରି ନେଇ ଝଡ଼ ସାଥିରେ ମିଶିଯିବା ପୂର୍ବରୁ ଶୁଭ କହିଲା—"ସ୍ୱାଧୀନ ଭାରତ ଗଢ଼ିବାର ହୋଇଯିବାକୁ ବସିଛି ସୁରଭି ! ଗୋଟାଏ ଶୁଭ ଗଲେ ଶତ ଶତ ଶୁଭ ! ଗୋଟିଏ ଶୁଭ ଗଲେ ଶହ ଶହ ଶୁଭ ଜନ୍ମ ନେବେ ।"

ଝଡ଼ ଝଡ଼୍ ଏକ ସାଥିରେ ଚିତ୍କାର କରି ଉଠିଲେ ପରା । ଶୁଭ ଚାଲିଗଲା । ସୁରଭି ଅନେକ ସମୟ ତାକୁ ଚାହିଁବାର ନିଷ୍ଫଳ ଚେଷ୍ଟାରେ । ଆଖିରୁ ଝରି ପଡ଼ୁଥିଲା ତପ୍ତ ଅଶ୍ରୁଧାର ।

+++ ମା ତାର ଶେଷ ନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ କହି ଯାଇଥିଲା—"ଶୁଭଭାଇ ତୋର ନିଶ୍ଚୟ ଫେରି ଆସିବରେ । ସେ ଦିନ ଦେଖିବି ସୁଖ ପାଏ ।" +++

ଶୁଭ ଭାଇ ତାର ଫେରିଲା ନାହିଁ । ବେଳେବେଳେ ପରେ ସୁରଭି ଖବର କାଗଜରୁ ପଢ଼ିଲା—ନିରସ୍ତ୍ର ଭୂମି ତାର ଶୋଭାଯାତ୍ରାର ସମ୍ମୁଖରେ ପୁଲିସର ବୁଲେଟ୍ ଛାତିରେ ନେଇ ହସି ହସି ଚାଲି ଯାଇଛି । ସେ ଯିବାର ଆଉ ଆସିଲା ନାହିଁ ।

× × × ×

ସୁରଭି ନର୍ସ । ଅପରେସନ ଟେବୁଲ ପାଖରେ ତାର ଏ ଚଞ୍ଚଳତା କାହିଁକି ? ସେବାର ଦେଖା ପରେ ତାର ସମସ୍ତ ମୁଖ ଦୁଃଖ, ଅତୀତ ଇତିହାସ, ଅନୁଭୂତି ଭବିଷ୍ୟତ ସେ ଅଙ୍କୁର ଦେଇଛି ଚିରଦିନ ଲାଗି । ଧୂପ ପରି ନିଜକୁ ପୋଡ଼ି ଜଳି ସେ ଦେବ ଅନ୍ୟକୁ ତାର ସୁରଭି । ରୋଗୀ ପୁଣି ପ୍ରଳାପ କରି ଉଠିଲା । ସୁରଭିର ଯେତେ ସ୍ୱପ୍ନ ଭାଙ୍ଗିଗଲା । ସେ ଉଠି ଠିଆ ହେଲା । ମୁଣ୍ଡରେ ଆଇସ ବ୍ୟାଗ ଦେଲା । ପାଟିରେ ଥରମୋମିଟର ଦେଲା । ଘଣ୍ଟା ଦେଖି ନାଡ଼ୀର ଗତି ହିସାବ କଲା ।

—※—

## କୁଟ୍‌କୁଟ୍

ସଦେଇ ତା ମା'ଠାରୁ ଟଙ୍କାକିଆ ନୋଟ ଖଣ୍ଡେ ପାଇଥିଲା । ସେ ତାକୁ ନେଇ ଜଣେ ଦୋକାନୀଠାରୁ ରେଜା ଭଙ୍ଗାଇ ଆଣିଲା । ପୁଣି ସେ ରେଜାକୁ ଦେଇ ନୋଟ ବଦଳାଇ ଆଣିଲା ଆଉ ଜଣଙ୍କଠାରୁ । ଏହିପରି ସେ ପ୍ରତିଦିନ ଭଙ୍ଗାଇବା—ବଦଳାଇବା କରୁଥାଏ । ଦିନେ କଥାଟା ତା ବାପା ଜାଣିପାରି ପଚାରିଲେ—"କି, ହଇରେ ସଦେଇ ତୁ ଏମିତି କାହିଁକି କରୁ ?"

ସଦେଇ କହିଲା—"ବାପା, ମୋର ବିଶ୍ୱାସ କେବେ ହେଲେ କୌଣସି ଦୋକାନୀ ଭୁଲରେ ଅଧିକା ଦେଇଦେବ ।"


# ଦାସ ଫାର୍ମେସି, ଭଦ୍ରକ

ଭଦ୍ରକ ଭାଇମାନେ ଆଉ କଲିକତା କଟକ ଦୌଡ଼ିବାକୁ ପଡ଼ିବନାହିଁ । ଏଠାରେ ସବୁ ପ୍ରକାର ଇନଜେକସନ, ଔଷଧ, ପେନସିଲିନ ପାଇ ପାରିବେ, ପ୍ରସିଦ୍ଧ ଜର୍ମାନ ଔଷଧ—ଏଟାବ୍ରିନ୍ ଔଷଧର ଓଡ଼ିଶା ପାଇଁ ଏକମାତ୍ର 'ଏଜେଣ୍ଟ' !—ରୋଗୀ ମାନେ ସର୍ବପ୍ରକାର ସୁବିଧା ଓ ସୁଯୋଗ ପାଇ ପାରିବେ ।

ଡାକ୍ତର କାପ୍ତାନ ଆର, ଦାସ,
ଦାସ ଫାର୍ମେସି—ଭଦ୍ରକ


Digitized by srujanika@gmail.com





# କହିବି ନାହିଁ

ଲେଖକ— ଗଳଦ୍‌ଘର୍ମ

କହିବ ନାହିଁ— କହିବ ନାହିଁ— କହିବି ନାହିଁ ସେ କଥା
କହିଲେ ଏ ଧରେ ରହିବ ନାହିଁ ଛିଡ଼ିଯାଇ ପଡ଼ିବ ମଥା ।
ସଖି ନାନା ଲୋ—

(ଏ) ଧର୍ମ ଲକ୍ଷ୍ମୀ ଗୁଡ଼ା ନଷ୍ଟ କରୁଥିଲେ ଆପଣା ଇଚ୍ଛାରୁ ସୃଷ୍ଟି ।
ଗୋଷ୍ଠି ଠେଙ୍ଗ୍ ଏଇ ସୋସାଲିଷ୍ଟ ପୁଣି ଡାଙ୍ଗେ ଜୁଟିଲେ ପାଇଁ ।
ଦୁଃଖି ନାନା ଲୋ —

ସ୍ୱେଚ୍ଛ ଠାରୁ ସିନା ମାଡ଼ସି ଜାଣିଛ ସାଧୁ ଠାରୁ ଜାଣେ ଚେଲା ।
ଇମିନାଙ୍କ ଠାରୁ ଶୋସିଅ ଜାଣିଲେ ଏକ ବିପରୀତ ହେଲା ।
ବେଙ୍କି ନାନା ଲୋ ।

ବାରଙ୍ଗରେ ତେଣେ ମୂଲିଅ ମାଡିଲେ ନାଲିଆଙ୍କ ଅଖଠାରେ ।
ଛତରିଙ୍କ ଯୋଗୁ ଘରର ନାଚନ୍ତି ଦାଣ୍ଡ ଘାଟ ପଡ଼ିଆରେ ।
ମେଙ୍କି ନାନା ଲୋ ।

ଅଙ୍ଗୁଳି ଗଣତା ଗାନ୍ଧିବାଲା ହାତେ ଚରଖା ଲଙ୍ଗଳ ମୁଠି ।
ଗାନ୍ଧି ନାମ ଯେତୁ ଭାଙ୍ଗି ଖାଉଛନ୍ତି ତାଙ୍କର ଭଡ଼ିଲା ରୂଠି ।
ପଙ୍କି ନାନା ଲୋ ।

ଯେତା ବସିଥିଲା ମେହେମ୍ବର ହୋଇ ଲାଠି ସହି ଜିଲାବୋର୍ଡ ।
କଣ୍ଟ୍ରୋଲ କମିଟି ବାନ୍ଧି ପକାଇଲା ବାଙ୍କ ଯାକ ହାତ ଗୋଡ଼ ।
ଭଙ୍କି ନାନା ଲୋ ।

ଲିଡର୍ ନେତାଏ ସ୍ୱରାଜକୁ ନେଇ ଚଳେଣି ଅଧ ନଈରେ ।
ଗରିବ ଲୋକଙ୍କ ମରିବା ହିଁ ସାର ଶେଷରେ ଗୋମତୀ ତୀରେ ।
ଟାଙ୍କି ନାନା ଲୋ ।

ଏ ସବୁ ସୁନ୍ଦର ନୀଳଚକ୍ରବାଳ ତୁମକୁ ଭରସା ଭଲି ।
ବାକି ରହିଗଲା ଭଜପୀନ ଖଣ୍ଡେ ମିଳୁନାହିଁ ମୋତେ ବୋଲି ।
ଙ୍କେଙ୍କି ନାନା ଲୋ ।

Digitized by srujanika@gmail.com

କବିତା—

# ବିପନ୍ନ ଇସ୍‌ଲାମ

**ମହମ୍ମଦ୍ ମୁସାଖାଁ**

ଗବ୍‌ବର ନାଲିରକ୍ତ ପରେ
ଭସାଇଛ ପ୍ରେମିକ ତରଣୀ,
କୋଟି କୋଟି ଟଙ୍କା ନେଇ ଲୋଟି
ସଜାଇଛ ଘରର ଘରଣୀ ।
ବଙ୍ଗଳାର ମସ୍‌ନଦେ ବସି
ବଙ୍ଗଳା କରିଛ ସର୍ବନାଶ,
ଅର୍ଦ୍ଧକୋଟି ବଙ୍ଗବାସୀ ଗଣେ
ଶୁଆଇ ଦେଇଛ ଉପବାସ ।
ଏକ ଅଣା, ଅର୍ଦ୍ଧଅଣା ପାଇଁ
ନିଜର ଇଜ୍ଜତ୍ ବିକି ନାରୀ,
ପାଇଲା—ନପାଇଲା ଭିକ୍ଷା
ଅମୂଲ୍ୟ ଯେ ଜୀବନ ତାହାର ।
ନର୍ଦ୍ଦମାର ପୂତି ଗନ୍ଧମୟ
ନର୍କ ସବୁ ଖାଉଥିଲେ ଯେବେ,
ହେ ଜନନାୟକ ବନ୍ଧୁବର
କି ସପନେ ମଗ୍ନଥିଲ ତେବେ ।
ଶ୍ମଶାନ କରଣ ବଙ୍ଗଭୂମି
ଇସ୍‌ଲାମର ଆଦର୍ଶ ପୁରୁଷ,
ପାକିସ୍ଥାନି କଳଙ୍କ ପ୍ରତିଷ୍ଠା
କିଣିଲକି ଜଗତେ ପୌରୁଷ ।
ଆଜି ତୁମେ ମୁସ୍ଲିମ୍ ଭାଇଙ୍କେ
ଶୁଣାଉଛ କେତେ ମୃଦୁ ବାଣୀ
"ପାକିସ୍ଥାନ" ପ୍ରତିଷ୍ଠିବା ପାଇଁ
ହୋଇଯାଅ ସମସ୍ତେ କୋର୍ବାନ"
ପଞ୍ଜାବ ଗଗନତଳେ ବସି
ଯେ ପାଲା ଗାଉଛ ତୁମ୍ଭେ ସୁରୁ,
ଉତ୍କଳର ଏ ପର୍ଣ୍ଣ କୁଟୀରେ
ପ୍ରାଣ ମୋର କରେ ଥୁରୁ ଥୁରୁ ।
ବଙ୍ଗଳାର ପ୍ରତ୍ୟକ୍ଷ ସଂଗ୍ରାମେ
କ୍ଷତ କାହାର କେତେ ହେଲା
ସାହାର ଅଞ୍ଚଳ ପତ୍ର ତାର
ହିସାବ ନିକାସ କରିଦେଲା ।
ଯେଉଁ ଅନ୍ନ ହଜାଇଛି ବାଡ଼ି
ସିଏ ପୁଣି କର୍ପା କରେ ଭୁଲ
ସିଏ ଖାଏ ସବର୍ ସେ ଖାଉ
ଆମ୍ଭେ କର୍ପା ହେବା ମସ୍‌ଗୁଲ୍ ।
ଇସ୍‌ଲାମର ଶାନ୍ତି ବାଣୀ ବହି
ଯେ ଜନ ବୁଲଇ ଦେଶେ ଦେଶେ ।
ମୁସ୍ଲିମ୍ ଜନତା ହେବ ଛୁଡ଼ା
ତାହାର ପଶ୍ଚାତେ ଅବଶେଷେ ।
ଭାଇ ଭାଇ ଲଗାଇ ବିବାଦ
ଦେଉଛ ବୁହାଇ ରକ୍ତନଦୀ,
ଘରେ ଘରେ ଜାଳିଦେଇ ନିଆଁ
ମାରିବାକୁ କ୍ଷମତାର ଗାଦି ।
କାହିଁ ଅଛ ପ୍ରିୟ ହଜରତ୍ !
ଜଗତର ଆଦର୍ଶ ମାନବ,
ଇସ୍‌ଲାମକୁ କରଣ ବିପନ୍ନ
କଉଡ଼ୁଛ ହୁଏ ନବ ନବ ।
ତୁମ୍ଭର ଯେ କରୁଣା ଆଶାରେ
ସମସ୍ତ ଦୁନିଆ ଅଛି ଚାହିଁ,
ଇସ୍‌ଲାମକୁ କରଣ ଉଦ୍ଧାର
ପ୍ରୀତଡୋରେ ବାନ୍ଧ ଭାଇ ଭାଇ ।

Digitized by srujanika@gmail.com

# ମିଠାକଥା

ଶ୍ରୀମାନ୍ ବୁଦ୍ଧୁରାମଙ୍କର ଶ୍ରୀମତୀ ହଠାତ୍ ତାହାଙ୍କୁ କହିଲେ—"ମୋ ଲାଗି ସେଇଟିକୁ ପୁଣି ଅଣିଲ ନାହିଁ ?"

"କେଉଁଟିକୁ ? କୋଉଥିକୁ ?"

"ସେଇ ଯେ ସବୁ ନାରୀ ସ୍ୱାଧୀନତା—ନାରୀ ସ୍ୱାଧୀନତା ସମସ୍ତେ କହୁଛନ୍ତି—ସେଥିପାଇଁ—ମାଇପେ ସବୁ ନିଜସ୍ୱ ସଭା ନଚ୍‌ଚନ୍ତି ଉଡ଼୍‌ଚନ୍ତି—ତମେ ଆମର ଟିକେ ଅଣିଥିଲେ ବ ପୁନଅ ପଦେଯାଇ ଥାଆନ୍ତା ।"

ବୁଦ୍ଧୁରାମଙ୍କ ବୁଦ୍ଧି ମଣ୍ଡି ଘସଘଷାକୁ କହାଣି ମଧ୍ୟ ଅବାରରେ ଅଣି ନଥିଲେ । ଟିକେ ହସ୍ତର କର ଦେଖିଲୁ—ଏଇ ନାରୀ ସ୍ୱାଧୀନତା ଜନସଂଖ୍ୟା ହାସଲ କରିବା ପାଇଁ ଚେଷ୍ଟା ଯେତେ ନାହିଁ—ତା'ର ବାହାନାରେ ମଣିଷର ବେତେକ ଦୁର୍ବଳତାକୁ ଫୁଟା କରାଯାଉଛି କେଣି । ସ୍ୱାଧୀନତାଟା ଗୋଟାଏ ସଉକୀ ଚଳି ହେଉଛି—ଉଦ୍ଧତା ଲୁଗାପଟା, ନିମ୍ନ ପାଉଡ଼ର ପର ସ୍ୱାମୀ କଣ୍ଠରେ ଦାବି କରିବା ପାଇଁ ତାଲିକା ଅନ୍ତର୍ଭୁକ୍ତ ଗୋଟାଏ ଅଙ୍ଗମ୍ ।

ବୁଦ୍ଧୁରାମ ଗୃହିଣୀଙ୍କୁ ବୁଝାଇ କହିଲେ—"ଦେଖ ତମେ ସେଥିକୁ ମନ ବଳାଅ ନାହିଁ । ଗୃହିଣୀ ଅଉ ନ ମାନନ୍ତି । ସେ କହିଲେ—'ସେ କେମନ୍ତ ସଭାରେ ମିଳୁଛି—ତମେ ମୋତେ ନେଇଯାଅନା !'

ମୁଁ କହିଲି—ସାମ୍ରାଣୀ, ସକଳ ସ୍ୱର୍ଗ ମୋ ଚରଣେ, ବନ୍ଦ୍‌ବା ଯିବ କ କାରଣେ ? ସେ ତଥାପି ମୁହଁ ମୋଡ଼ିଲେ । ମୁଁ ଜାଣେ, ମୁଁ ଟିକିଏ ଅସୁନ୍ଦର ଓ ବୃଦ୍ଧିଶୂନ୍ୟପଣ ପୁରୁଷ ବୋଲି ତାଙ୍କର ନାପସନ୍ଦ । ମୁଁ ସେଇଠୁ କଷ୍ଟ ଉପାୟ ନ ପାଇ ଦଶମର ଛଅଣ ଅଧ୍ୟାରୁ ସେ ଯାଉଁ ଦେଉଛା ଏତେ ପାଠ କରି ପଢ଼ିଲି—

ପୂର୍ବ ଅର୍ଜିତ କର୍ମ ନେଇ,
ଯେ ଯାହା ସ୍ୱାମୀ ସେ ମିଳଇ ।
ସେ ଯେବେ ହୋଏ ଅସୁନ୍ଦର,
ଦୁଃଖ ଦରିଦ୍ର ବ୍ୟାଧିବର ।
ତାହାଙ୍କୁ ନ କରିବ ଆନ,
ସେ ବସ୍ତୁ ଦେବଙ୍କ ସମାନ ।

ଗୃହିଣୀଙ୍କର ଶାସ୍ତ୍ର ଉପରେ ବଡ଼ ବିଶ୍ୱାସ । ସେ ଦଳଇ ଅଟି କହିଲେ—"ଅଉ କଣ ଲେଖା ଅଛି ?" ମୁଁ କହିଲି—"ଏଇ ଗୀତା ଭାଗବତ ସ୍ୱରାଚତ୍ତ୍ୱେ ତମର କଥା । ତମର ନଦା । ତମ ତାଛ ସେଠି—ତଳ ସେଠି । ସ୍ୱାମୀଙ୍କ କୃପା ନ ହେଲେ ତମର ମୁକ୍ତି ନାହିଁ ।

"ହିଁ ଖାଲି ଏଇସ୍ବା ଲେଖାଥିବ ନା !"

ମୁଁ କହିଲି—"ଦେଖ ଗୀତାରେ ଲେଖିଛି—ମାଂହି ପାର୍ଥ ବ୍ୟପାଶ୍ରିତ୍ୟଂ ଯେଽପି ସ୍ୟୁଃ ପାପ ଯୋନୟଃ—ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ଯାନ୍ତି ପରଂ ଗତି ।—ଅର୍ଥାତ୍ ତମେ ସବୁ ବୈଶ୍ୟ ଶୂଦ୍ରଙ୍କ ତୁଲେ ସମାନ । ପାପ ଯୋନୀ ତମର ଉଦ୍ଧାର ନାହିଁ । ଯଦି ସ୍ୱାମୀଙ୍କୁ ଈଶ୍ୱର ବୋଲି ମାନି ଭକ୍ତି ନ କର ନହେଲେ ଘୋର ନର୍କ । ପୁଣି ଦେଖ ଭାଗବତ ତମ ସମ୍ବନ୍ଧରେ କଣ କହୁଛି—

ସ୍ୱଭାବେ ସ୍ତ୍ରୀଏ ଚଞ୍ଚଳ ହୋନ୍ତି,
ବେଦ ପୁରାଣ ନ ଜାଣନ୍ତି ।
ସର୍ପାଗ୍ନି ସ୍ତ୍ରୀଏ ଦୁର୍ଜନ,
ବିଶ୍ୱାସ ନ ଯିବ ଏମାନ ।

ତମକୁ କଣ ବିଶ୍ୱାସ ଅଛି ? ସର୍ପ ଦୁର୍ଜନ ଅଉ ସ୍ତ୍ରୀ ସମାନ । ପୁଣି ବୋଇଲା—

ଅଜ୍ଞାନ ଭାବେ ଥାନ୍ତି ନିତ୍ୟ,
ବାଞ୍ଛନ୍ତି କାମ ଭୋଗ ଚିତ୍ତ ।
ସ୍ୱଭାବେ ନାରୀ ହୋନ୍ତି କାମୀ,
ଇଚ୍ଛନ୍ତି ନବ ନବ ସ୍ୱାମୀ ।

ଗୃହିଣୀ ପ୍ରତିବାଦ କରି କହିଲେ—"ତମେ ସେଦିନ ଶୁଣିଥିଲ କେବଳ କହିଲ—"ଗୀତାରେ ଭଗବାନ କହିଛନ୍ତି ସେ ହୁଅନ୍ତି ନାରୀମାନଙ୍କର ମିଠା କଥା । ତା ନ କହିଥିଲେ ମୁଁ ସେଦିନ ତମକୁ କେବେ କଥା କହି ନଥାନ୍ତି ।"

ମୋର ମନେ ପଡ଼ିଗଲା—ଗୀତାରେ ଅଛି—କୀର୍ତ୍ତିଃ ଶ୍ରୀର୍ବାକ୍ ଚ ନାରୀଣାଂ ସ୍ମୃତି ମେଧାଧୃତିଃ କ୍ଷମା । ମୁଁ ସାଙ୍ଗେ ସାଙ୍ଗେ ଏ କଥାକୁ ଗଦ ଭାଗବତ ପଦ ଉଦ୍ଧାର କରି କହିଲି—ଦେଖ, ପୁଣି ଭାଗବତରେ ଲେଖା ଅଛି—

ବଚନ ସୁଧା ଶ୍ରବଣର,
ହୃଦୟେ ଯେମନ୍ତେ କ୍ଷୁରଧାର ।
ଏମନ୍ତ ସ୍ତ୍ରୀଙ୍କ ସ୍ୱଭାବ,
ଏହାଙ୍କ ଚେଷ୍ଟା କେ ଜାଣିବ ।
ପ୍ରିୟ ନାହିଁ କେହି ନାରୀର,
ଇଚ୍ଛିବ ବୁଦ୍ଧି ଯାହାର ।

ଅତଏବ ଏଭଳି ସ୍ତ୍ରୀଙ୍କୁ ସ୍ୱାଧୀନତା ଦେବା ଅର୍ଥ ସର୍ବସ୍ୱ ତାଙ୍କୁ ହାତରୁ ବାହାର କରି ଦେବା । ପୁରୁଷ ଜାତିକୁ ସତ୍ୟାନାଶ କରିଦେବେ । କହିଛନ୍ତି—

ବାସ୍ତବିକ ସ୍ତ୍ରୀ ରୂପେ,
ଥୋଇଛି ଯତ୍ନଙ୍କ ସମୀପେ ।
ଏଣୁ ତା ରୂପ ଗୁଣ ଦେଖି,
ଚରଣ ଅଗ୍ର ଯେବେ ଛୁଇଁ,
ମନ ମଜ୍ଜିବ ତାହାଙ୍କର,
ଯେଣୁ ମନ୍ମଥ ମୃଗସର ।

ତମକୁ ନମସ୍କାର । ତମେ ଅଉ ମୋତେ ସଭା ସଭା କଥା କହନା !

କିନ୍ତୁ ଯେତେ କହିଲେ ଭାଗବତ, ତୋଷ ନୋହିଲ ତାଙ୍କ ଚିତ୍ତ । ସେ ସଭାକୁ ଗଲେ ନାରୀ ସ୍ୱାଧୀନତା ଅଧିକାରକୁ ।

ବୁଦ୍ଧୁରାମ ଦରହସି କହି ଅଧ୍ୟାତ୍ ପ୍ରଥମ ଦିବସର ମେଘର ଚଳ୍ପା ବନ୍ଧେ—କବିଙ୍କ ଯଥ ଭଡ଼—କବିଙ୍କୁ କହଣ ପରିହାରି—ଶକ୍ତିର ଉତ୍ସର୍ଗୋ ।

Digitized by srujanika@gmail.com

ସୁତରାଂ—ନାରୀକି ଏ ସ୍ୱାଧୀନତାଟା ଦେଲେ କ୍ଷତି କଣ । ମାତ୍ର ଜାଣ ଯେ—"Next to God, we are indebted to women first for life itself and then for making it worth having." ସେଥିପାଇଁ କୁହାଯାଇଛି—He is no truo man who ever treat woman any thing but with profoundest respect.

ନାରୀ ସ୍ୱାଧୀନତା ନ ଥିଲେ ଦେଶ ସ୍ୱାଧୀନ ହୋଇ ପାରିବ ନାହିଁ । ଏକଥା ତ ଜଗତରେ ନେତା କହିଗଲେଣି । ନ ଜାଗିଲେ ସବୁ ଭାରତ ଲଳନା—ଏ ଦେଶ ଆଉ ଜାଗେନା—ଜାଗେନା—ବଡ଼ ଜାତୀୟତାର ସଙ୍ଗୀତ ଥି—ସମସ୍ତଙ୍କ ଜାତୀୟ ସଙ୍ଗୀତ ହେବାକୁ ହେବ—The test of Civilzation is the estimate of women—(Curtis.) ନାରୀକୁ ସ୍ୱାଧୀନତା ନଦେଇ—ଆପଣାକୁ ସଭ୍ୟ ବୋଲିବା ମୂର୍ଖତା ।

ତଥାପି କଥାରେ କହନ୍ତି ସ୍ତ୍ରୀ ବୁଦ୍ଧି ପ୍ରଳୟଙ୍କରୀ—ମାଇପ ବୁଦ୍ଧିରେ ଚଳନ୍ତି ଯେ ଗଣ୍ଡ—They would persnade without argument & reprove without giving offence. ସେଥିପାଇଁ ତାଙ୍କୁ gospel preach କରିବାକୁ ମନା ; ମୁସଲମାନଙ୍କ ନମାଜ ମେଳାକୁ ତ ମାଇପେ ଆସନ୍ତି ନାହିଁ । ଧର୍ମ କର୍ମ ମାଇପଙ୍କ ଦେଇ ହେବ ନାହିଁ ।

ଯୁକ୍ତି ତର୍କସ୍ଥ ପକ୍ଷରୁ ଛାଡ଼ି ଦେବ । କିନ୍ତୁ ପ୍ରକୃତ କଥା ହେଉଛି—ନାରୀ ସ୍ୱାଧୀନତା ହେବା ଉଚିତ । ମାତ୍ର ନାରୀଏ ତା ବୁଝନ୍ତି ନାହିଁ । ଘର ଭିତରେ ପୁରୁଷ ସ୍ତ୍ରୀର ଯେଉଁ ସମ୍ବନ୍ଧ ସେଥିରେ ଏକ ଆରର ଅଧୀନ ହେଇଥିବା ନିହାତି ଲଜ୍ଜା କଷ୍ଟକର କଥା । ପୁରୁଷର ତ ଦେହ ଚଦ ପଞ୍ଜର ମୁଦାଙ୍ଗ କରି ଚଳିଯାଏ—ପୁଣି ନାରୀ ସବୁବେଳେ ଦାସୀ ବୋଲି କହି ହେ ତନ ସହେ ନାହିଁ । ତଥାପି ଏ ସ୍ୱାଧୀନତାର ଦାବି କାହିଁକି ?

ସ୍ୱାଧୀନତାଟା ଏଠି ପ୍ରେମିକ ସ୍ୱାଧୀନତା ନୁହେଁ—ବରଂ ଅର୍ଥନୈତିକ । ନରର ଯେତେବେଳେ ନୈତିକ ପତନ ଆରମ୍ଭ ହେଲା, ଯେତେବେଳେ ପ୍ରେମଟାକୁ ଇନ୍ଦ୍ରିୟ ଭୋଗରେ ସେ ମାପିବାକୁ ବସିଲା, ସେତେବେଳେ ପ୍ରତ୍ୟେକ ଇନ୍ଦ୍ରିୟ ଗ୍ରାହ୍ୟ ବସ୍ତୁକୁ କାମନା କରିବା ମୂଳରେ ଯେଉଁ ଅଧଃପତନର ମନୋବୃତ୍ତି ଥାଏ ସେଇଟାର କାର୍ଯ୍ୟକାରୀ ହେଲା ବେଶି । ସେଥିପାଇଁ—ନାରୀକୁ ତାର ପ୍ରେମର ଦାସୀ ନ କରି ଇନ୍ଦ୍ରିୟର ଦାସୀ କରିବା ପାଇଁ ସେ ଅର୍ଥନୈତିକ ପରାଧୀନତାରୂପେ ନାରୀର ଶୃଙ୍ଖଳା ସୃଷ୍ଟି କଲା । ସେଇଠୁ ହେଲା ନାରୀର ପରାଧୀନତାର ଆରମ୍ଭ । ନାରୀକୁ ଅର୍ଥନୈତିକ ସ୍ୱାଧୀନତା ଦେଲା ପରେ ନାଚ ଅଟେ ଆଗ ଆସି ନରର ହୃଦୟ ଦାସୀ ହେବାର ଆନନ୍ଦ ନର ଆଜି ପାଉଛି । ନାରୀ କେବଳ ଯେ ସ୍ୱାମୀର ଖେଳନା, ତା ନୁହେଁ, ଅବିବାହିତ ଅବସ୍ଥାରେ ପିତାମାତାଙ୍କର ମଧ୍ୟ ଖେଳନା । କନ୍ୟାଟି । ତାକୁ ପିତାମାତା ତାର ଇଚ୍ଛା ପ୍ରତି ଅବଜ୍ଞା ପ୍ରକାଶ କରି ଅଯୋଗ୍ୟ ବରକୁ ଦାନ କରନ୍ତି । ଏଟା ଅଧଃପତିତ ନରର ଅଧଃପତନ—ଅମାନୁଷିକତା ।

ନରର ଏହି ଅଧୋପତନର ପ୍ରତିଶୋଧ ନେଉଛି ନାରୀ । ସେ ଜାଣିବାରେ ପୁରୁଷର ଏହି ଅର୍ଥନୈତିକ ବନ୍ଧନକୁ ଛିନ୍ନ କରିବାକୁ ସମର୍ଥ ନାହିଁ—ସେ କେବଳ ସ୍ୱଭାବ ପ୍ରତିଶୋଧ । କିନ୍ତୁ ବର୍ଣ୍ଣ ଯୁଗ ଧରି ଅତ୍ୟାଚରିତ ହେବାର ପ୍ରତିଶୋଧ । ସେ ପ୍ରତିଶୋଧ ନେବା ବେଳେ କେତେ ଯେ ସୂକ୍ଷ୍ମ ତନ୍ତ୍ରୀ ଛିଡ଼ି ପଡ଼ୁଛି ସେ କଥା ଭାବିଲେ ନାହିଁ ତାହାର । ଫଳରେ ଅର୍ଥନୈତିକ ସ୍ୱାଧୀନତା ପ୍ରସଙ୍ଗଟା ଉପରେ ଯେତେ ଜୋର ଦେବାର କଥା ସେତେ ଜୋର ଦିଆଯାଇ ପାରୁନାହିଁ । ଅର୍ଥନୈତିକ ପରାଧୀନତା କେବଳ ନୂଆ ରୂପରେ ଆସି ଠିଆ ହେଉଛି—Old wine in new bottle—ନାରୀ ସେଇଥିରେ ଭୁଲିଯାଇ—ତାକୁ ସ୍ୱାଧୀନତାର ନବମଦ ବୋଲି ବିଭୋର ହୋଇ ପାନ କରୁଛି ।

ତେଣୁ ଲୁବ୍ଧ ଭ୍ରମ ଗୃହିଣୀ, ଶାନ୍ତ ହୁଅ ! ଏ ସ୍ୱାଧୀନତା ନିଶା ତମକୁ ଘୋଟିଲେ ମୋର ଏ ଘର ସଂସାର—ମୁନା ସଂସାର ଚୂନା ହୋଇଯିବ । ତମେ ସମ୍ଭବ ଯାଇ ସ୍ୱାମୀଙ୍କ ପାଖରୁ ସ୍ୱାଧୀନ ହୁଅ କିନ୍ତୁ ବେଶ ଭୂଷା, ଗହଣା ଲୁଗା, ସୋ ପାଉଡରର ଅଧୀନ ନ ହୁଅ । ଏଇ ଫେସନ ଗୁଡ଼ିକ ଅର୍ଥନୈତିକ ପରାଧୀନତାର ନୂତନ ରୂପ ମାତ୍ର ।

ସେତେବେଳେ ପେଟ ପୋଡୁଥିଲା । ପୁରୁଷ ପେଟ ନପୋଷିଲେ ଭୋକିଲା ନାରୀ ବାହାରୁଥିଲା ବେଶ୍ୟା ପଡ଼ାରେ ଘର କରିବାକୁ—ନରର କି ନିଷ୍ଠୁର ତାଡ଼ନା ! ବର୍ତ୍ତମାନ ଆଉ ପେଟ ପୋଡୁନାହିଁ—ରୂପ ପୋଡୁଛି—ବିଳାସ ପାଇଁ—ଭାତ ପାଇଁ ନୁହେଁ । ସେଥିପାଇଁ ନାରୀ ପୁରୁଷର ଅଧୀନ ହେବାକୁ ଚାହେଁ—କେବଳ ନିଜ ପୁରୁଷର ନୁହେଁ—ଯେଉଁ ପୁରୁଷ ଫେସନ ଯୋଗେଇ ପାରିବ, ତାର । ଆଉ ବେଶ୍ୟା ସାହିରେ ଘର କରିବାର ଆବଶ୍ୟକତା ନାହିଁ । ବେଶ୍ୟାରୁ ଆଜି ଅଧିକାର ଫେସନ ଭିତରେ; ବଡ଼ଲୋକ ଭିତରେ ଆପଣାର ରୂପକୁ ଇସ୍ତାର କରିଛି ।

ତେଣୁ ସାଧ୍ୱି ସାବଧାନ,
ଫେରୁ କର ଅବଧାନ,
ଫେସନ ସୁନ୍ଦର ରଙ୍ଗର ସାଗର
ସକଳ ରଙ୍ଗର ଗୁରୁ,
ଯେ ଯାହା ଗୁଣୁ ସେ ତା' ପାଉ
ବାଞ୍ଛା କଳ୍ପତରୁ ।

ପ୍ରିୟଜନଙ୍କୁ ଉପହାର ଦେବା ପାଇଁ
ଉତ୍କୃଷ୍ଟ ଫଟୋ ଉଠାନ୍ତୁ
ଭଦ୍ରକର ବିଖ୍ୟାତ ଫଟୋଗ୍ରାଫର
ଶ୍ରୀ ଗୋପାଳ ଚନ୍ଦ୍ର ଦାସ
କୁଆଁସ—ଭଦ୍ରକ ।

Digitized by srujanika@gmail.com




## ଉଦ୍ଦେଶ୍ୟ

୧। ଉତ୍କଳର ଶିଶୁର ପ୍ରାଣରେ ନବଜାଗରଣ ଆଣିବା, ଜାତୀୟ ଚରିତ୍ର ଗଢ଼ିବା ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା। ୨। 'ଜହ୍ନମାମୁ'ର ମାଧ୍ୟମରେ ଏକ ଜନମତ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଶୁଭେଚ୍ଛା ପ୍ରଚାର କରିବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ୩। ମାତୃଭାଷା ଓ ସାହିତ୍ୟ ପ୍ରତି ଶିଶୁର ଶିଶୁମନଙ୍କର ଅନୁରାଗ ବଢ଼ାଇବା। ୪। ସତ୍ୟ, ସେବା ଓ ସାହସ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

(୧୮ ବର୍ଷରୁ ତଳ ବାଳକ ବାଳିକାମାନଙ୍କ ପାଇଁ)

# ରାଷ୍ଟ୍ରପତି ଆଚାର୍ଯ୍ୟ କୃପାଳିନୀ

ଆଜି ଭାରତର ରାଜନୀତି କ୍ଷେତ୍ର ଅତି ସଂକଟାପନ୍ନ ଏବଂ ଉଦ୍ବେଗଜନକ ହୋଇ ପଡ଼ିଛି। ଏକମାତ୍ର ସ୍ୱାଧୀନତା ଲାଭର ଅସ୍ତ୍ର କଂଗ୍ରେସ ଉପରେ ଭାରତ ନିଜର ସ୍ୱାଧୀନତା ହାସଲ କରିବା ପାଇଁ ନିର୍ଭର କରିଛି। ଏକପକ୍ଷରେ ହିନ୍ଦୁ ମହାସଭା ଯେପରି ସାଂପ୍ରଦାୟିକ ଗଣ୍ଡଗୋଳ ଉପୁଜିବା ପାଇଁ ଉଦ୍ୟତ ଅନ୍ୟ ପକ୍ଷରେ ମୁସଲିମ ଲିଗ୍ ଦଳ ହିନ୍ଦୁ ସମାଜ ଓ ସଭ୍ୟତାକୁ କଳଙ୍କିତ କରିବା ପାଇଁ ବର୍ବରତାର ପ୍ରତିମୂର୍ତ୍ତି ଧରି ଛିଡ଼ା ହୋଇଛି। ଦେଶର ଏଭଳି ସଂକଟାପନ୍ନ ସମୟରେ ପ୍ରେମ ଶାନ୍ତି ଓ ଅହିଂସା ମନ୍ତ୍ରଦ୍ୱାରା ଦୀକ୍ଷିତ ହୋଇ କଂଗ୍ରେସ ସଭାପତିର ଆସନ ଗ୍ରହଣ କରି ଦେଶକୁ ଏବଂ ଜାତିକୁ ଆସନ୍ନ ବିପଦରୁ ଉଦ୍ଧାର କରିବାକୁ ଅଗ୍ରସର, ତାଙ୍କର ସଂକ୍ଷିପ୍ତ ଜୀବନର ଅବତାରଣାହିଁ ଏହି ପ୍ରବନ୍ଧର ଉଦ୍ଦେଶ୍ୟ।



ଆଚାର୍ଯ୍ୟ କୃପାଳିନୀଙ୍କ ପିତାଙ୍କ ନାମ କାକା ଭଗବାନ ଦାସ। ସେ ପଣ୍ଡିତ ମୋତିଲାଲଙ୍କ ସମବୟସୀ ଥିଲେ। ସେ ପ୍ରଦେଶସ୍ଥ ହାଇଦ୍ରାବାଦ ନଗରରେ ତହସିଲଦାର କାର୍ଯ୍ୟ କରୁଥିଲେ। କିନ୍ତୁ ଶେଷ ଜୀବନରେ ସେ ସବୁ ଛାଡ଼ି ଧର୍ମଚର୍ଚ୍ଚା ଓ ଈଶ୍ୱରଙ୍କ ଆରାଧନାରେ ସମୟ କଟାଇଲେ। ଶ୍ରୀ ଭଗବାନ ଭଗବାନ ଦାସ କୃପାଳିନୀ ଉକ୍ତ ନଗରରେ ୧୮୮୮ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ। କୃପାଳିନୀଙ୍କ ଛଅଗୋଟି ଭାଇ ଏବଂ ଏକମାତ୍ର ଭଉଣୀ। ଏଥିଲେ। କୃପାଳିନୀଙ୍କ ଭାଇ ଏବଂ ଭଉଣୀ ଛଅତ ମାତ୍ର ଦୁଇଗର ବର୍ତ୍ତମାନ ସେଥିମଧ୍ୟରୁ ସେ ଏବଂ ତାଙ୍କ ଭଉଣୀ ଜୀବିତ ଅଛନ୍ତି। ତାଙ୍କ ଭାଇମାନଙ୍କ ହୃଦୟରେ ଧର୍ମର ପ୍ରବଳତା ଏବଂ ପ୍ରଭାବ ଯଥେଷ୍ଟ ଥିଲା। ତାଙ୍କର ନିଜ ଜୀବନରେ ମଧ୍ୟ ଧର୍ମର ପ୍ରବଳତା ବିଶେଷ ଭାବରେ ଥିଲା। ନେତାଜୀ ସୁଭାଷଙ୍କ ଭଳି ସେ ମଧ୍ୟ ହିମାଳୟକୁ ସନ୍ନ୍ୟାସୀ ବେଶରେ ଗମନ କରିଥିଲେ କିନ୍ତୁ ବାସ୍ତବ ବୋଧ ଜନ୍ମିବାରୁ ତାଙ୍କୁ ଫେରିବାକୁ ପଡ଼ିଲା। ପିଲାଦିନରୁ ତାଙ୍କର ନିଜର ଏବଂ ଅନ୍ୟମାନଙ୍କୁ ଉପହାସ କରିବାର ଦକ୍ଷତା ଥିଲା। ତାଙ୍କ ଭଉଣୀ ବର୍ତ୍ତମାନ ସିନ୍ଧୁ ପ୍ରଦେଶର ଜଣେ ଏକନିଷ୍ଠ କଂଗ୍ରେସ ମହିଳା କର୍ମୀ।

ବାଲ୍ୟକାଳରେ ଆଚାର୍ଯ୍ୟ କୃପାଳିନୀ ସାଧାରଣ ଭାବରେ ପାଠ ପଢ଼ିଥିଲେ। ତାଙ୍କ ଜୀବନରେ ସେ କେତେ କେତେ ଥର ଫେଲ ହୋଇଛନ୍ତି। ତାଙ୍କ ଉଗ୍ର ଆନ୍ଦୋଳନ ଦେଶପାଇଁ ବହି ଯାଉଥିବାବେଳେ ମାତ୍ରିକ। ତଙ୍ଗ ରଙ୍ଗ ଆନ୍ଦୋଳନ ଦେଶସାରା ବହି ଯାଉଥିବାବେଳେ ସେ ମେଟ୍ରିକ ପାସ କରି ବମ୍ବେର ଉଇଲସନ କଲେଜରେ ଭର୍ତ୍ତି ହେଲେ। କଲେଜ ଷ୍ଟାଫରେ ସେ ଧାର୍ମିକ ଘଂଟରେ ବକ୍ତାମାନଙ୍କ କଥା ମାନିବାକୁ ରାଜି ହେଉ ନ ଥିଲେ। ଏପରିକି ସେ ସବୁକୁ ସଂଗ୍ରାମ କରିବାକୁ ମଧ୍ୟ ଭୁଲି ନ ଥିଲେ। ସେ କେବଳ ଉଗ୍ରଭାବ ହିଁ ନ ଥିଲେ। ପ୍ରତ୍ୟେକ ବକ୍ତୃତାରେ ତାଙ୍କର ସମସ୍ତ ଚିନ୍ତନ। ସେ କେବଳ ଅଦ୍ଭୁତ ଉତ୍ସାହ ସହିତ ବିଷୟର ଧାରା ବୁଝି ବାହାରୁଥିଲେ। ସେଠାର ମାନଙ୍କପ୍ରତି ବାଲ୍ୟକାଳରୁ ତାଙ୍କର ଅନୁରାଗ ଥିଲା। ସେହି କାରଣରୁ ସେଠାର ଅଧ୍ୟାପକ ମହାଶୟଙ୍କ "ତୁମେ ଗ୍ରାଜୁଏଟ୍‌ମାନେ ଜଗତର ମିଥ୍ୟାବାଦୀ, ସାମାନ୍ୟ କଥାରେ ମଧ୍ୟ ମିଥ୍ୟା କଥା କହ" ଏହି କଥା ନେଇ ସେ ନିଜ ଟେବୁଲ୍‌ରେ ୧୦ ଦିନ ପର୍ଯ୍ୟନ୍ତ ଧର୍ମଘଟ ଚଳାଇଲେ। ଏହା ତାଙ୍କର ରାଜନୀତି କ୍ଷେତ୍ରରେ ପ୍ରଥମ ପ୍ରବେଶ। ସେ କଲେଜ ଭିତରେ ବୁଝି ବାହାରୁଥିଲେ ଏବଂ ବ୍ରିଟିଶମାନଙ୍କ ମହିମା କୀର୍ତ୍ତନ କରାଯାଉଥିବା ସଭାସମିତିରେ ଗଣ୍ଡଗୋଳ ଉପୁଜାଉଥିଲେ। ରାଜନୀତି ନେଇ ସେ ୧୯୧୨ରେ ଏମ୍, ଏ, ପାସ କଲେ।

ଏହାପରେ ସେ କେତେ ସ୍କୁଲରେ ଶିକ୍ଷକତା କରି ବିହାର ପ୍ରଦେଶର ମଜଫରପୁରସ୍ଥ ଜି, ଭି, ବି, କଲେଜର ଇତିହାସ ଅଧ୍ୟାପକ ହେଲେ। ତାଙ୍କର ସ୍ପଷ୍ଟବାଦିତା ଏବଂ ଅପ୍ରିୟ ସତ୍ୟକଥନ ପାଇଁ ତାଙ୍କ ସାଙ୍ଗ ସାଥୀମାନେ ବଡ଼ ରାଗୁଥିଲେ। ଏହି ଗୁଣ ଯୋଗୁଁ ତାଙ୍କୁ ଏକାଧିକବାର ସ୍କୁଲ ଶିକ୍ଷକତା ତ୍ୟାଗ କରିବାକୁ ହୋଇଥିଲା। ଥରେ ସେ ଜଣେ ସ୍କୁଲରେ ଶିକ୍ଷକ ଥିବା ସମୟରେ ସେଠାଙ୍କ ଇନ୍‌ସ୍‌ପେକ୍ଟର ସ୍କୁଲ ପରିଦର୍ଶନ କରିବାକୁ ଆସିଲେ। ଛାତ୍ରମାନେ ଖାଲି ବହିକୁ ହେବା ଦେଖି ସେ ସିନ୍ଧୁ ସାହେବଙ୍କୁ ରାଗୁ ନ ଦେବାପାଇଁ କହିଲେ। ଇନ୍‌ସ୍‌ପେକ୍ଟର ଛାତ୍ରମାନଙ୍କୁ ପ୍ରଶ୍ନ ପଚାରିଦେଲେ ଶୁଦ୍ଧ ତାଙ୍କୁ ଇଚ୍ଛା କଲେ। ସେ ଇଂରାଜୀ ଭାଷାରେ ନିଜ ତଥ୍ୟ ବଚନରେ ଇଂରାଜୀ ତର୍ଜମା କରି ସାହେବଙ୍କୁ ବୁଝାଇ ଦେଲେ। ସାହେବ ତାଙ୍କର ଉତ୍ତରରେ ତାଙ୍କ ପରି କାର୍ଯ୍ୟାନୁଷ୍ଠାନ ପାଇଁ ହେଡ୍ ମାଷ୍ଟରଙ୍କୁ ଆଦେଶ ଦେଲେ। କିନ୍ତୁ ହେଡ୍ ମାଷ୍ଟର ମହୋଦୟ ଉତ୍ତରରେ କହିଲେ ଯେ କୃପାଳିନୀଙ୍କ ଭଳି ଲୋକକୁ ଦଣ୍ଡ ଦେବା ତାଙ୍କ ପକ୍ଷରେ ଅସମ୍ଭବ।

ବାଲ୍ୟକାଳରୁ କୃପାଳିନୀଙ୍କ ସ୍ପଷ୍ଟବାଦିତା ଏବଂ ନିର୍ଭୀକତା ତାଙ୍କ ଚରିତ୍ରର ବିଶିଷ୍ଟ ଗୁଣ। ଯେଉଁ ମତକୁ ସେ ସତ୍ୟ ଏବଂ ସମ୍ପୂର୍ଣ୍ଣ ଠିକ୍ ବୋଲି ମନେ କରନ୍ତି ସେହି ମତରେହିଁ ସେ ଅଟଳ ରହନ୍ତି। ସମୟ ପଡ଼ିଲେ ସେ ନିଜର ରାଜନୈତିକ ଗୁରୁ ମହାତ୍ମା ଗାନ୍ଧୀଙ୍କୁ ମଧ୍ୟ କଠୋର ସମାଲୋଚନା କରିବାକୁ ପଛନ୍ତି ନାହିଁ।

Digitized by srujanika@gmail.com

୧୯୧୭ ସାଲରେ ମହାତ୍ମା ଗାନ୍ଧିଙ୍କଠାରୁ ରାଜନୈତିକ ଦୀକ୍ଷା ନେଲା ପରେ ସେ ନିଜକୁ ଦେଶ ସେବାରେ ନିୟୋଗ କରିବାକୁ ଇଚ୍ଛା କଲେ । ଏହାପରେ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ମଦନ ମୋହନ ମାଳବ୍ୟଙ୍କର ସେକ୍ରେଟାରୀ ହେଲେ ଏବଂ ୧୯୧୯ ରେ ବର୍ଷେକାଳ ସେ ଉକ୍ତ ବିଶ୍ୱବିଦ୍ୟାଳୟର ରାଜନୀତି ଅଧ୍ୟାପକ ରହିଲେ । ଏହାପରେ ଗାନ୍ଧିଜୀଙ୍କର ନିର୍ଦ୍ଦେଶ ଅନୁକ୍ରମେ ସେ ୧୯୨୨ରୁ ୧୯୨୭ ପର୍ଯ୍ୟନ୍ତ ସାବରମତୀ ଠାରେ ଗୁଜରାଟ ବିଦ୍ୟାପୀଠର ଅଧ୍ୟକ୍ଷ ହେଲେ । ଏଠାରେ ସେ ଆଚାର୍ଯ୍ୟ ଉପାଧି ଲାଭ କଲେ ।

ଗାନ୍ଧିଜୀଙ୍କ ଚମ୍ପାରଣ ଆନ୍ଦୋଳନ ସମ୍ପର୍କରେ ସେ ତାଙ୍କ ସହିତ ପରିଚିତ ହେଲେ ଏବଂ ଅହିଂସା ନୀତି ଗ୍ରହଣ କଲେ । ସେହି ସମୟରେ ଗାନ୍ଧିଜୀଙ୍କୁ ସ୍ୱଗୃହରେ ଅତିଥିରୂପେ ଗ୍ରହଣ କରିବାକୁ ସମସ୍ତେ ଭୟାତୁର ହେଉଥିଲେ । କିନ୍ତୁ କୃପାଳନୀ ଓ ତାଙ୍କ ବନ୍ଧୁ ଅଧ୍ୟାପକ ମାଲକାନୀ ଗାନ୍ଧିଜୀଙ୍କୁ ସସ୍ଥାନେ ସଦ୍ଭାବରେ ଆଶ୍ରୟ ଦେଇଥିଲେ । ଫଳରେ ଦୁଇଜଣ ସେବାରୁ ବହିଷ୍କୃତ ହେଲେ । ସେ ଗାନ୍ଧିଙ୍କ ଶିଷ୍ୟ ପରି ଦେଶହିତ କାର୍ଯ୍ୟ କରିବାରେ ଲାଗିଲେ । ସେ ଗାନ୍ଧିବାଦ ସମ୍ବନ୍ଧରେ ଅନେକ ଶ୍ରେଷ୍ଠ ପୁସ୍ତକ ଲେଖି ବହୁତ ଖ୍ୟାତି ଅର୍ଜନ କରିଛନ୍ତି ।

୧୯୪୨ ସାଲରେ ସେ କଂଗ୍ରେସର ସାଧାରଣ ସମ୍ପାଦକ ଥିଲା ସମୟରେ କଂଗ୍ରେସ ଅଗଷ୍ଟ ପ୍ରସ୍ତାବ ଗ୍ରହଣ କଲା । ତେଣୁ ତାଙ୍କୁ ତିନିବର୍ଷ କାରାବାସ କରିବାକୁ ପଡ଼ିଲା । କୃପାଳନୀ ନୈପୁଣ୍ୟ ପାଇଁ ଏଲାହାବାଦରେ ସ୍ୱରାଜ ଭବନରେ ସେ କଂଗ୍ରେସ ସେକ୍ରେଟେରିଏଟ୍ ଗଠନ କରିଥିଲେ । ଏହା ତାଙ୍କର ଗଠନ ଶକ୍ତିର ଅଦ୍ଭୁତ କ୍ଷମତା । ସେ ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜେ ଆତ୍ମନିର୍ଭରଶୀଳ ହୋଇ ନିଜର ବ୍ୟକ୍ତିଗତ ଜୀବନ ଯାପନ କରୁଛନ୍ତି ।

ଆଚାର୍ଯ୍ୟ କୃପାଳନୀଙ୍କ ବ୍ୟକ୍ତିତ୍ୱର ସୌନ୍ଦର୍ଯ୍ୟ ହେଉଛି, ବିଭିନ୍ନ ଚରିତ୍ରର ଏକତ୍ର ସମାବେଶ । ତାଙ୍କ ଯୁକ୍ତି ତର୍କକୁ ସେ ଭଲ ପାଆନ୍ତି ନାହିଁ । ତାଙ୍କର ବହୁମୁଖୀ ବ୍ୟକ୍ତିତ୍ୱର ସଂଜ୍ଞା ନିର୍ଦ୍ଦେଶ କରିବା ବଡ଼ କଠିନ । ତାଙ୍କୁ କେହି କେହି କହନ୍ତି, ସେ ସରଳ, କୁଟିଳ, ଅହଂମୁଖ, ବିନମ୍ରୀ ଏବଂ ଉଚ୍ଛୃଙ୍ଖଳୀ । କିନ୍ତୁ ଦେଖିବାକୁ ଗଲେ ଏ ସମସ୍ତ ମଧ୍ୟରୁ କୌଣସିଟା ମଧ୍ୟ ସେ ନୁହନ୍ତି । ମାତ୍ର ସମସ୍ତଙ୍କର ସମାବେଶହିଁ ତାଙ୍କଠାରେ ବିଦ୍ୟମାନ । କେହି କେହି ତାଙ୍କୁ 'ସମ୍ବାଦର ଦୋସ୍ତ' ମଧ୍ୟ କହିଥାଆନ୍ତି । ତାଂକ ଗୃହ ଜୀବନରେ ମଧ୍ୟ ସେ ସାଙ୍ଗ ସାଥୀମାନଙ୍କର ଦୋଷ ଦେଖିଲେ ସେମାନଙ୍କୁ ଭର୍ତ୍ସନା କରୁଥିଲେ । ରାଜନୀତିରେ ସେ ଜୀବନ ଉତ୍ସର୍ଗ କରିଛନ୍ତି । କିନ୍ତୁ ତାଂକର ଘନିଷ୍ଠ ବନ୍ଧୁତା ଯେଉଁମାନଙ୍କ ସହିତ ଥିଲା ସେମାନେ ରାଜନୀତିରେ ସେପରି ପ୍ରବେଶ କରି ପାରିନାହାନ୍ତି । ସେ ଅନ୍ୟ ଅପେକ୍ଷା ନିର୍ଜନରେ ରହିବାକୁ ଅଧିକ ଭଲ ପାଆନ୍ତି । ଉତ୍ତମ ଖାଦ୍ୟ ବିଷୟରେ କେବଳ ତାଂକର ଦୁର୍ବଳତା ରହିଛି । ଅହିଂସା ନୀତି ଗ୍ରହଣ କରି ମଧ୍ୟ ସେ ମାଂସାଶୀ । ଅବସର ସମୟରେ ସେ 'ବ୍ୟାଡ଼ମିଣ୍ଟନ' ଖେଳିବାକୁ ବିଶେଷ ଭଲ ପାଆନ୍ତି । ତାଙ୍କର ଅଧିକ ପ୍ରିୟ ଜିନିଷ ହେଉଛି ସଙ୍ଗୀତ ଓ କାବ୍ୟ ।

ସର୍ବଗୁଣସମ୍ପନ୍ନା ବଙ୍ଗାଳି ହିନ୍ଦୁ ପରିବାରର ଝିଅ ଶ୍ରୀଯୁକ୍ତା ସୁଚେତା ଦେବୀ କୃପାଳନୀଙ୍କ ସହଧର୍ମିଣୀ । ସୁଚେତା ଦେବୀ ଯେପରି ସୁମଧୁର ଗାନରେ ସଙ୍ଗୀତର ଝଂକାର ତୋଳାଇ ପାରନ୍ତି ସେହିପରି ଭାଷଣରେ ମଧ୍ୟ ନିଜର ନିପୁଣତା ଦର୍ଶାଇ ପାରନ୍ତି । ସୁଚେତା ଦେବୀଙ୍କ ପିତା ପଞ୍ଜାବର ଜଣେ ମେଡିକାଲ ଅଫିସର । ତାଂକର ୨୯ ବର୍ଷ ବୟସରେ ସେ କୃପାଳନୀଙ୍କ ସହିତ ପରିଣୟ ସୂତ୍ରରେ ଆବଦ୍ଧ ହେଲେ । ଈଶ୍ୱର ସୁନ୍ଦର ବସ୍ତୁରେହିଁ ସୁନ୍ଦର ବସ୍ତୁର ସମାବେଶ କରନ୍ତି । ଶରତ୍ କାଳର ମନୋହର ପ୍ରାକୃତିକ ଦୃଶ୍ୟରେ କମଳ ଶୋଭାର ସମାବେଶ କଲା ପରି ଭଗବାନ କୃପାଳନୀଙ୍କଠାରେହିଁ ବିଦ୍ୟାବତୀ ସୁଚେତାଙ୍କୁ ଅର୍ପଣ କରି ଅଛନ୍ତି । ସୁଚେତା ଦେବୀ ବର୍ତ୍ତମାନ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ପତ୍ନୀ ଓ ନେତ୍ରୀ ଭାବରେ ନିଜ ନିଜକୁ ଦେଶ ସେବାରେ ନିୟୋଗ କରି ପାରିଛନ୍ତି । ଲିଗ୍ ଗୁଣ୍ଡାମାନେ ପୂର୍ବବଙ୍ଗରେ ଯେଉଁ ଅତ୍ୟାଚାର କଲେ ତାର ଅବସାନ ପରେ ଏହି ଦମ୍ପତି ଉକ୍ତ ବିରସ ଦୃଶ୍ୟ ଦେଖିବାକୁ ଯାଇ ନିଜ ଚକ୍ଷୁରୁ ଅଶ୍ରୁ ସମ୍ବରଣ କରି ପାରି ନଥିଲେ । ସୁଚେତା ଦେବୀ ଦ୍ୱିତୀୟଥର ଗାନ୍ଧିଜୀଂକ ସହିତ ଯାଇ ବିପନ୍ନ ସ୍ତ୍ରୀ ଲୋକମାନଙ୍କୁ ଉଦ୍ଧାର କରି ନିଜର ଅସୀମ ଉଦାରତାର ପରିଚୟ ଦେଇଛନ୍ତି । କୃପାଳନୀ ଏହି ଅନାବିଳ ପ୍ରେମପାଇ ନିଜେ ସୁଖୀ ଅଟନ୍ତି ।

ଦେଶର ଦୁର୍ଦ୍ଦିନ ସମୟରେ ଯେଉଁ ତ୍ୟାଗ ସ୍ୱୀକାର କରି କୃପାଳନୀ ନିଜକୁ ଦେଶ ସେବାରେ ନିୟୋଗ କରିଛନ୍ତି ଏବଂ ତାଙ୍କର ଲକ୍ଷ୍ୟ ସିଦ୍ଧି ପାଇଁ ଯେଉଁ ପଥ ସେ ଅବଲମ୍ବନ କରିଛନ୍ତି ସେହି ପବିତ୍ର ପଥରେ ଯେପରି କଣ୍ଟକ ନପଡ଼େ ଏତିକିହିଁ ଈଶ୍ୱରଙ୍କଠାରେ ଉତ୍କଳବାସୀଙ୍କ ପ୍ରାର୍ଥନା ।

ଅଖିଳଚନ୍ଦ୍ର ଠାକୁର
୭୧୪ ନଂ ନାଗ

—— ✻ ——

## ଅଜାଙ୍କ ନିର୍ଦ୍ଦେଶ

ବସ୍ତୁତଃ ଆଚାର୍ଯ୍ୟ କୃପାଳନୀଂକ ଜୀବନୀ ବିଷୟରେ ଯେତୋଟି ପ୍ରବନ୍ଧ ମିଳିଥିଲା ତନ୍ମଧ୍ୟରୁ ଶ୍ରୀମାନ ସୁରେଶ ଚନ୍ଦ୍ରମୋହନ ଦାସ (୪୭ନଂ) ଶ୍ରେଷ୍ଠ ବିବେଚିତ ହୋଇଥିଲେ ମଧ୍ୟ ତାହା 'ଜଗତ'ର ଦୁଇ ପୃଷ୍ଠାରୁ ବଳି ଯିବାରୁ ଅଗ୍ରାହ୍ୟ ହେଲା । ପ୍ରଥମ ପୁରସ୍କାର—ଅଖିଳଚନ୍ଦ୍ର ଠାକୁର ପାଇଲେ ।

## ନୂଆନାଗବର୍ଗଙ୍କ ନାମ

୭୮୦ । ଶ୍ରୀମତୀ ପ୍ରଫୁଲ୍ଲକୁମାରୀ ଦେବୀ (ଅଜବନ) C/o Rai S. K. Deo, Baudhgarh, P. O. Baudhraj, Via. Sambalpur. । ୭୮୧ । ଶ୍ରୀ ଧବଳ ପ୍ରସାଦ ଚୌଧୁରୀ (ଅଜବନ) 1st. year. Orissa Engineering School, Cuttack. ୭୮୨ । ଶ୍ରୀ ଦୁର୍ଗାଚରଣ ଦଣ୍ଡପାଟ, ମୁଃ ସିଂହଡ଼ିଆ, ପୋଃ ବଡ଼ସାହି, ମୟୂରଭଞ୍ଜ ଷ୍ଟେଟ । ୭୮୩ । ଶ୍ରୀ ହରେକୃଷ୍ଣ ରଥ, ସାଃ ବଳଭଦ୍ରପୁର, ପୋଃ ବଡ଼ସାହି, ମୟୂରଭଞ୍ଜ ଷ୍ଟେଟ । ୭୮୪ । ଶ୍ରୀ ପଦ୍ମନାଭ ପାଢ଼ୀ, ଜାଲମ୍ପୁର୍ ଲାଇବ୍ରେରୀ, ପୋଃ ନାରାୟଣ ପାଟଣା, ଜିଃ କୋରାପୁଟ ।

Digitized by srujanika@gmail.com

# ଗଳିତକୁଷ୍ଠ ଓ ଧବଳ କୁଷ୍ଠ

ସକଳ ପ୍ରକାର ମେହ, ଉପଦଂଶ ଓ ଚର୍ମରୋଗର ଗ୍ୟାରେଣ୍ଟି ଚିକିତ୍ସା

**ସିମଲାଠାରୁ ଲଙ୍କାଦ୍ୱୀପ ଓ ଆଫ୍ରିକାଠାରୁ ଫିଜି ପର୍ଯ୍ୟନ୍ତ ଆମ୍ଭ ଚକ୍ଳ, ଏକ୍, ଣି**

**ବହୁଳଭାବେ ବ୍ୟବହୃତ ଓ ପ୍ରସାରିତ ।**

ଓଡ଼ିଆରେ ବ୍ୟାଟେଲର୍ ଚିକିତ୍ସାପ୍ରଣାଳୀ, ଓ ପ୍ରଶଂସାପତ୍ରମାନ ବିନାମୂଲ୍ୟରେ ଦିଆଯାଏ, ଇଂରେଜି ହିନ୍ଦି, ଗୁଜରାଟି ପ୍ରଭୃତି ଦଶକୋଟି ଭାଷାରେ ଚିକିତ୍ସା ପ୍ରଣାଳୀ ଦିଆଯାଏ, ଅସହାୟ ନିରନ୍ନବ୍ୟକ୍ତିଙ୍କୁ ବିନା ମୂଲ୍ୟରେ ଚିକିତ୍ସା କରାଯାଏ । ପ୍ରତିବର୍ଷ ହଜାର ହଜାର ରୋଗୀ ରୋଗମୁକ୍ତ ହୋଇ ଅଛନ୍ତି । ଆପଣ କାହିଁକି ରୋଗମୁକ୍ତ ନ ହେବେ ? ଫଳେନ ପରିଚୀୟତେ, ଥରେମାତ୍ର ପରୀକ୍ଷା କରି ଦେଖନ୍ତୁ ନା । ଓଡ଼ିଶାବାସୀଙ୍କର ସୁବିଧା ନିମନ୍ତେ ଜଣେ ଓଡ଼ିଆ ଭଦ୍ରବ୍ୟକ୍ତିଙ୍କୁ କର୍ମଚାରୀ ରୂପେ ନିଯୁକ୍ତ କରିଅଛୁଁ । ଆପଣ ଉପରଲିଖିତ ରୋଗମାନଙ୍କରେ ହତୋତ୍ସାହ ନ ହୋଇ ଆଜି ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ ।

REDDY & Co. ( Regd ) GOPALAPURM.
E. G. .DT. TANUKU. M. S. M.

ଶାଖା:—ବକ୍ସିବଜାର,—କଟକ ।

---

## ହାଓଡ଼ା କୁଷ୍ଠ କୁଟୀର

**କୁଷ୍ଠ**

ବାତରକ୍ତ ସ୍ପର୍ଶଶକ୍ତି ହୀନତା ସର୍ବାଙ୍ଗିକ ବା ଆଂଶିକ ଫୁଲା, ଏକ୍‌ଜିମା, ସୋରିଆସିସ୍ ଦୁଷ୍ଟ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏହାହିଁ ଏକର ଯୋଗ୍ୟ ପ୍ରତିଷ୍ଠାନ ।

**ଧବଳ**

ଦେହରେ ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୋପ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ଓ ଗ୍ରହଣ କରନ୍ତୁ ।

**ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)

୧ ନଂ ମାଧବ ଘୋଷ ଲେନ୍, ଖୁରୁଟ— ହାଓଡ଼ା
ଶାଖା—୩୬ ନଂ ହ୍ୟାରିସନ ରୋଡ୍, କଲିକତା

---

## ହୋମିଓ ଓ ବାଇଓକେମିକ୍ ଔଷଧ

ପୃଥିବୀ ପ୍ରସିଦ୍ଧ ଜର୍ମାନ ରସାୟନିକ ମାନଙ୍କଠାରୁ ପାଇଥିବା ମୂଳ ରୀତି ( formula ) ଅନୁସାରେ ଅମ୍ଭେମାନେ ହୋମିଓପାଥିକ ଓ ବାଇଓକେମିକ ଔଷଧ ପ୍ରସ୍ତୁତ କରୁଁ । ଯୁଦ୍ଧ ପୂର୍ବରୁ ଏହି ରାସାୟନିକ ଅନୁଷ୍ଠାନ ମାନଙ୍କ ସହିତ ଅମ୍ଭ ହିତାଧିକାରୀଙ୍କ ଘନିଷ୍ଠ ସହଯୋଗିତା ଥିଲା ।

ହୋମିଓପାଥି ଔଷଧ ଡ୍ରାମ ପ୍ରତି—୪୦/
ବାଇଓକେମିକ ଔଷଧ ଡ୍ରାମ ପ୍ରତି—୪୦/୨

Dr. R. Mohalanovis.
P. O. Box. No. 10013. Calcutta
(P. A. A.)

ଉତ୍କଳର ପୂର୍ବ ପ୍ରଧାନ ମନ୍ତ୍ରୀଙ୍କର

... କେମିକ୍ୟାଲ ଏଣ୍ଡ ବିଉଟି ପ୍ରଡ଼କ୍ଟସ୍ ପରିଦର୍ଶନ କରି ଏବଂ ... ର ଉତ୍କୃଷ୍ଟତା ଲକ୍ଷ୍ୟ କରି ମୁଁ ଅଶେଷ ପ୍ରୀତ ହେଲି । ଜଣେ ଓଡ଼ିଆ ଭଦ୍ରଲୋକଙ୍କର ଏ ପଥ-ପ୍ରଦର୍ଶକ ଉଦ୍ୟମ ଅତ୍ୟନ୍ତ ପ୍ରଶଂସାର୍ହ ଏବଂ ଉତ୍ସାହ ପାଇବାର ଯୋଗ୍ୟ ।

କୋଣାର୍କ କେମିକ୍ୟାଲ୍ସ ଏଣ୍ଡ ବିଉଟି ପ୍ରଡକ୍ଟସ୍ (ଇଣ୍ଡିଆ)




୨/୧ ଏ. ... ଲେନ ଷ୍ଟ୍ରିଟ୍, କଲିକତା




ଏହି ନିଦାରୁଣ ଗ୍ରୀଷ୍ମରେ
'ଆଟାଲାଣ୍ଟା ଫେନ'
ଆପଣଙ୍କର
ଅବସାଦ ଦୂର କରିବ ।

ଏହି ଫେନର ବିଶେଷତ୍ୱ ଯେ ସବୁଠାରୁ କମ୍ ବୈଦ୍ୟୁତିକ ଶକ୍ତି ଖରଚ ହୁଏ ।
ଜାଣନ୍ତୁ—ଏହି କମ୍ପାନିଟି ଓଡ଼ିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ।

ପରିବେଷକ:—
ଉମେଶ ଚନ୍ଦ୍ର ନାୟକ ଏଣ୍ଡ କୋଂ,
୪ ନଂ ଫାଲଗୁନ୍ ଦାସ ଲେନ୍,
କଲିକତା ୧୨


Printed & published by G. C. Mahapatra of the Gopinath press, Bhadrak, 1947.

୧୦ମ ବର୍ଷ

୧୮ଶ ସଂଖ୍ୟା

# ଡଗର

ପ୍ରତିଖଣ୍ଡ ଦୁଇ ଅଣା

Dagaro UTKAL'S MOST POPULAR FORTNIGHTLY

## ନିବେଦନ

### ( ସାପ୍ତାହିକ ଡଗର )

ଡଗରର ଏକାଦଶ ବର୍ଷ ପ୍ରାରମ୍ଭରେ ସାପ୍ତାହିକ ଆକାରରେ ପାଠକଙ୍କୁ ଉପହାର କରିବା ପାଇଁ ପରିଚାଳନା ମନସ୍ଥ କରିଥିଲା। କିନ୍ତୁ ଏଥିପାଇଁ ପ୍ରାରମ୍ଭିକ ବ୍ୟୟ ବହନ କରିବାର ଶକ୍ତି 'ଡଗର'ର ନାହିଁ। ଏଥିନିମନ୍ତେ 'ଡଗର' ତାର ଦଶବର୍ଷବ୍ୟାପୀ ଅକୁଣ୍ଠ ସେବା ଉପରେ ଆଜି ଦେଶବାସୀଙ୍କଠାରେ ଭିକ୍ଷା କରିବାକୁ [illegible]।

ଡଗରର ଶୁଭେଚ୍ଛୁ [illegible] ଡଗରର ପାଠକମାନେ ଯଦି ସାପ୍ତାହିକ ଡଗରର ପ୍ରାରମ୍ଭିକ ବ୍ୟୟ ନିମନ୍ତେ ସାହାଯ୍ୟ ସ୍ୱରୂପ ଟ ୧୦ ୯ ଅଗ୍ରୀମ ଦେଇ ପାରନ୍ତେ ତେବେ ପରିଚାଳନା ଅବଶ୍ୟ ଡଗରର ସାପ୍ତାହିକ ସଂସ୍କରଣ କରିବାକୁ ସମର୍ଥ ହେବେ। ଯେଉଁମାନେ ଏହା ଟଙ୍କା ଅଗ୍ରୀମ ଦେବେ ସେମାନେ ତିନିବର୍ଷ ବିନାମୂଲ୍ୟରେ ସାପ୍ତାହିକ ଡଗର ପାଇ ପାରିବେ। ସାପ୍ତାହିକ ଡଗର ର ବାର୍ଷିକ ମୂଲ୍ୟ ଟ ୭ ୯ ହେବ ଏବଂ ତାର କଳେବର ଓ ପୃଷ୍ଠା ସଂଖ୍ୟାରେ ମଧ୍ୟ ବୃଦ୍ଧି ପାଇବ।

କହିବା ବାହୁଲ୍ୟ ଯେ 'ଡଗର' କେବଳ ତାର ନିର୍ଭୀକ ସ୍ୱାଧୀନ ଓ ଯଥାସମ୍ଭବ ନୀତି ଦୃଷ୍ଟିରୁ ନିରପେକ୍ଷ ମତ ଦେବା ନିମନ୍ତେ ଆଜି ଜନସାଧାରଣଙ୍କ ଆଦର ଲାଭ କରିଛି। ଅନ୍ୟ ପକ୍ଷରେ 'ଡଗର' ଯେ ତାର ସ୍ୱାଧୀନ ନିର୍ଭୀକ ମତ ଦେଇ ପାରୁଛି ତାର କାରଣ ଜନସାଧାରଣଙ୍କର ଆଦର ଏବଂ ସହାନୁଭୂତି। ଯୁଦ୍ଧ କାଳୀନ ଅତି ସଙ୍କଟ ସମୟରେ ଓଡ଼ିଶାର ଅନ୍ୟାନ୍ୟ ପତ୍ର ପତ୍ରିକା ବାଧ୍ୟ ହୋଇ ନୀରବ ହେଲେ ମଧ୍ୟ ଜନସାଧାରଣ 'ଡଗର'କୁ ମୁଖରିତ କରିଛନ୍ତି। ଏହା ସମ୍ଭବ କରିଛି—କେବଳ ସାଧାରଣଙ୍କର ସହାନୁଭୂତି। 'ଡଗର'ର ଜୀବନକାଳ ମଧ୍ୟରେ ସେ କୌଣସି ରାଜାରାଜୁଡ଼ା, ଜମିଦାର, ମହନ୍ତ ବା ଧନୀ ପୁଞ୍ଜିପତିଙ୍କର ବଦାନ୍ୟତାରେ ପୁଷ୍ଟ ହେବାର ଦୁର୍ଭାଗ୍ୟକୁ ବରଣ କରିନାହିଁ। ଏପରିକି ନିଜର ନୀତି ବିରୁଦ୍ଧରେ ଅନ୍ୟାନ୍ୟ ପତ୍ର ପତ୍ରିକାଙ୍କ ପରି ଯୁଦ୍ଧ ସାମଗ୍ରୀ ସରକାରୀ ବିଜ୍ଞାପନରୁ ମଧ୍ୟ ଲାଭ ଉଠାଇନାହିଁ। ଜନସାଧାରଣହିଁ ତାକୁ ଜୀବିତ ରଖିଛନ୍ତି। ସେଥିପାଇଁ ତାର ପରିପୁଷ୍ଟି ନିମନ୍ତେ ସେ ଆଜି ଜନସାଧାରଣଙ୍କଠାରେ ହାତ ପାତୁଛି। ଆଶା, ତାର ପ୍ରାର୍ଥନା ବିଫଳ ହେବନାହିଁ।

ବଶମ୍ବଦ

ପରିଚାଳନା ସଂପାଦକ

Digitized by srujanika@gmail.com

## ସର୍ବାବସ୍ଥାରେ ଯାବତୀୟ
# ଗର୍ଭାଶୟ ଓ ଗୁହ୍ୟ
# ସଂକ୍ରାନ୍ତରୋଗ

ଅଳ୍ପରେ ଓ ନିର୍ଦ୍ଦୋଷ ଭାବରେ ଆରୋଗ୍ୟ ହୁଏ । ମାସିକ ବାଧକ ଓ ଅତ୍ୟଧିକ ରକ୍ତସ୍ରାବ, ଅତ୍ୟଳ୍ପ ସ୍ରାବ, ଶ୍ୱେତସ୍ରାବ, ଅନିୟମିତ ସ୍ରାବ ହେତୁ ଯେଉଁ ସବୁ ରୋଗ ଉତ୍ପନ୍ନ ହୁଏ—ଯଥା—ହିଷ୍ଟିରିଆ, ମୂର୍ଚ୍ଛା, ରକ୍ତହୀନତା, ପ୍ରଦର, ବନ୍ଧ୍ୟାତ୍ୱ, ଇତ୍ୟାଦି ।

ରୋଗର ସମସ୍ତ ଲକ୍ଷଣ ସହ ଇଂରାଜିରେ ଲେଖନ୍ତୁ ।

**ବିନାମୂଲ୍ୟରେ ପରାମର୍ଶ ଦିଆଯାଏ**

GOURI AYURVEDA STORES
( Registered. )
MARUTER, W. G. DT.

# ମ୍ୟାଲେରିଆ
ଓ
ହଠାତ୍ ଆକ୍ରମ, ଦୀର୍ଘସ୍ଥାୟୀ ଜ୍ୱରକୁ
# ମ୍ୟାଲେରି ସାଇଡ
ନିଶ୍ଚିତ ଓ ସମ୍ପୂର୍ଣ୍ଣ ଭାବରେ ବିନଷ୍ଟ କରେ ।
୧୦୦ ବଟିକା ପୂର୍ଣ୍ଣ ଏକ ଶିଶିର ମୂଲ୍ୟ—ଟ ୨ (
ଏକ ସଙ୍ଗରେ ଦୁଇ ଶିଶି ନେଲେ ଡାକଖର୍ଚ୍ଚ ମାଫି )
# ବିନାମୂଲ୍ୟ

ଆମ୍ଭେମାନେ ଗ୍ୟାରେଣ୍ଟି ଦେଇ ସର୍ବ ପ୍ରକାର ସ୍ତ୍ରୀରୋଗର ଚିକିତ୍ସା କରୁଁ । ସମସ୍ତ ଲକ୍ଷଣ ସହ ଇଂରାଜିରେ ଲେଖନ୍ତୁ ।

ବିନାମୂଲ୍ୟରେ ପରାମର୍ଶ ଦେଉଁ ।

GOURI AYURVEDA STORES
( Registered. )
MARUTER, W. G. DT.

# ଗଳିତକୁଷ୍ଠ ଓ ଧବଳ କୁଷ୍ଠ

ସକଳ ପ୍ରକାର ମେହ, ଉପଦଂଶ ଓ ଚର୍ମରୋଗର ଗ୍ୟାରେଣ୍ଟି ଚିକିତ୍ସା

**ହିମାଳୟଠାରୁ ଲଙ୍କାଦ୍ୱୀପ ଓ ଆଫ୍ରିକାଠାରୁ ଫିଜି ପର୍ଯ୍ୟନ୍ତ ଆମ୍ଭ ଡକ୍ଟ୍, ଏକ୍ସ୍, ଟି ବହୁଳଭାବେ ବ୍ୟବହୃତ ଓ ପ୍ରଶଂସିତ ।**

ଔଷଧାଳୟରେ ଆୟୁର୍ବେଦ ଚିକିତ୍ସାଶାଳା, ଓ ପରାମର୍ଶଦାନ ବିନାମୂଲ୍ୟରେ ଦିଆଯାଏ, ଇଂରେଜୀ, ହୁନ, ୟୁନାନି ପ୍ରଭୃତି ଦଶପ୍ରକାର ଉପାୟରେ ଚିକିତ୍ସାପ୍ରଣାଳୀ ଦିଆଯାଏ, ଅସହାୟ ନିରନ୍ନବ୍ୟକ୍ତିଙ୍କୁ ବିନା ମୂଲ୍ୟରେ ଚିକିତ୍ସା କରାଯାଏ । ପ୍ରତିବର୍ଷ ହଜାର ହଜାର ରୋଗୀ ରୋଗମୁକ୍ତ ହୋଇ ଅଛନ୍ତି । ଆପଣ ତାହାଙ୍କ ପରି ରୋଗମୁକ୍ତ ନ ହେବେ ? ଫଳେନ ପରିଚୀୟତେ, ଅତଏବ ପରୀକ୍ଷା କରି ଦେଖନ୍ତୁ ନା । ଔଷଧାଳୟର ସୁବିଧା ନିମନ୍ତେ ଜଣ **ଓଡ଼ିଆ** ଭଦ୍ରବ୍ୟକ୍ତିଙ୍କୁ କେରାଣୀ ରୂପେ ନିଯୁକ୍ତ କରିଅଛୁଁ । ଆପଣ ଉପରେ ଲିଖିତ ରୋଗନିମନ୍ତେ ହତୋତ୍ସାହ ନ ହୋଇ **ଆଜ** ହିଁ ଠିକଣାରେ ପତ୍ର ଲେଖନ୍ତୁ ।

REDDY & Co. ( Regd ) GOPALAPURM.
E. G. .DT. TANUKU. M. S. M.

ଶାଖା:—ବକ୍ସିବଜାର,—କଟକ ।


ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସଂପାଦକ—ଶ୍ରୀ ସୁରେନ୍ଦ୍ରମୋହନ ଦାସ

Digitized by srujanika@gmail.com




# ବିଲୁଆ ବିଚାର

୧୦ମ ବର୍ଷ – ୧୮ଶ ସଂଖ୍ୟା

ଫାଲ୍‌ଗୁନ ଦ୍ୱିତୀୟାର୍ଦ୍ଧ

ସ୍ୱର୍ଗତ ଡକ୍ଟର ସେନ ଯେଉଁ ଭାଷା-ପାନ ଲଗିଚ ତାହା ପ୍ରାୟ ଚହଟି ଗଲାଣି । ସ୍ୱର୍ଗତ ଶ୍ରୀ ଅ ବଳ ଯନ୍ତ୍ର 'ବେଣି' ବଗ ଦର-ଦେଲେ, ଅନ୍ୟପକ୍ଷ ତାଙ୍କ ଉଦାର ସ୍ୱରୂପ ଅଭିଲେ "ମେଘନାଦ ।" ମେଘନାଦଙ୍କ ନାଗପାଶ ପ୍ରୟୋଗ ଦେଖି ଦେଖି ରାଅଣଙ୍କ ଅସମ୍ଭାଳ ହୋଇ ଏବେ ସେ ଲେ ସାଭେଜ ( Savage ) ଅର୍ଥାତ୍ "ବର୍ବର" ! ଅଉ ଗତି ନାହିଁ—ଏଥର ଚତୁଷ୍ପାଦ୍ !

\+ + + +

କେଉଁ କେଉଁ ଯୁକ୍ତି ବାଢ଼ୁଛନ୍ତି ଯେ ତାଙ୍କ ଦଳ ସରକାର ମହା-ନଦୀର ଗତି ରୋଧିବା ଅସମ୍ଭବ । କୋଟି କୋଟି ଟଙ୍କା ଉଦାରଣେ ପାଣିରେ ଭାସିଯିବ । ଅଗରବତୀ ଦାସ ତ ପୁଣି ଗଙ୍ଗା ସ୍ରୋତ ରୋଧି ନପାରି ଭାସି ଯାଉଥିଲେ । ସେଥିପାଇଁ ଆମେ କହୁଁ ଯେ ସରକାର ଏବେ ବେଳେ ମହାନଦୀରେ ହାତ ନ ପକାଇ ଉତ୍କଳ ଜାତି ପାଖରେ ଫାଶେଇ ଖାଇବା ନୀତି ଧରନ୍ତୁ । ବୈତରଣୀ ଓ ସାଳନ୍ଦୀ ଉପରେ ଦୁଇଟା ସାନ ନଦୀ ବାନ୍ଧ ମଲ୍‌ଟିପର୍ପସ୍ କରି ଉତ୍ତମତ ଅଗ ପ୍ରମାଣ କରିଦେଲେ, ତେଣିକି ସୁବିଧା । ବାମଃ ବ ଯୋଜନାର ବାହାରେ ନୁହେଁ । ଏଥିରେ ଭଦ୍ରକ ଓ ଜାଜପୁର ଦୁଇଃ ସବଡିଭି-ଜନ ତ ବନ୍ୟାରୁ ରକ୍ଷା ପାଇଯିବ । ବଥାଃ ମନ୍ତ୍ରୀମାନଙ୍କ ବର୍ଣ୍ଣ-ଗଉଠ ହେବ ବ !

\+ + + +

ଦଳେ ବଙ୍ଗ-ବିଚ୍ଛେଦ ବେଳେ ଯେଉଁ ବୃତ୍ତାନ୍ତ ବାଣ୍ଟ ଘଟିଥିଲା ସେ କଥା ଯେ ଦେଖିଛନ୍ତି ସେ ପାଶୋର ନାହାନ୍ତି, ଅଉ ଯେ ଶୁଣି-ଛନ୍ତି ସେ ଭାବିବା ହୋଇଛନ୍ତି । ବଙ୍ଗାଳୀ ଜାତି ତାହା ରଦ୍ଦ କରିବା ଲାଗି ପ୍ରାଣପାତ କରିଦେଲେ ଓ ବର୍ତ୍ତମାନ ଭାରତର ଯେଉଁ ଜାତୀୟ-ତାର ଲକ୍ଷଣ ଦେଖୁଛ, ତାର ଜନ୍ମଦାତା ଏହି ବଙ୍ଗ-ବିଚ୍ଛେଦ ଉପ ଆନ୍ଦୋଳନ ।

ଅଜ ପୁଣି ଓଲଟା ସୁଅ ବହିବାକୁ ଆରମ୍ଭ କଲାଣି । ସେହି ବଙ୍ଗାଳୀ ଜାତି ପୁଣି ମାତି ଉଠିଲେଣି ବିଚ୍ଛେଦ କରି ବଙ୍ଗଳାକୁ ପୋଡ଼ାଏ ପ୍ରଦେଶ କରିବା ପାଇଁ । ଏହା ଦେଖି ମନେପଡ଼ୁଛି ମାଉସୀଙ୍କ କଥା—ଦିଏ ପଣ୍ଡ ସେଇଅ କଲେ, ଦାଉସ କୁଟେଇ ଦେଲେ ।

ଆମେ କହୁଁ—ତାହା ନୁହେଁ ଯେ—ବଙ୍ଗାଳୀ ମନ ସୁଗରେ ଏହା କରୁନାହାନ୍ତି—ପଠାଣ ମାଡ଼ରେ କରୁଛନ୍ତି—ଯାହା ସେ କହନ୍ତି—"ସାଥେ ବ ବାବା ବଳ—ଥିଁ ଚୋର ବସେ ବାବା ବଳସ୍ତ !

× + + ×

ଉତ୍କଳ ସମ୍ମିଳନୀ ଏଥର ମେଦନୀପୁରରେ ବସାଇ ବର୍ତ୍ତମାନ-ସର ବଡ଼ ଦକ୍ଷତାର ପରିଚୟ ଦେଇଛନ୍ତି । ମନେ ପଡ଼ୁଛି, ସେଠ ପୁରୁଣା କଥା । ଗୀତେଇ ଶାସନର । ସେ ଥରେ ଏଇକ୍ଷଣି ବଣ କରନ୍ତେ ବେଳାଣି । ମେଦନୀପୁରର ଓଡ଼ିଆ ଲୋକମାନେ ତ ଥରେ "ବାଘାମ୍ଭା" କହିଥିଲେ; ଏବେ ନୂଆ ଚର୍ଚ୍ଚିଙ୍କ ବୁଝ ମାଡ଼ିବ ବେଳ ବଙ୍ଗଳାକୁ ଯିବାନ୍ତି ଦେବେ ଏଇ ବେଳରେ ଧ୍ରୁବ ଧରି ... ମାତୃଭୂମି ଓଡ଼ିଶା ସହିତ ମିଶିବା ପାଇଁ ଲାଗି ପଡ଼ନ୍ତୁ । ସମ୍ମିଳନୀ ବ ଉଗମ କଥାଃ ରେରେଇ ଦେଲା । ତାହା କୋଡ଼ିଲେ ପାଦସ୍ଥାନର ଭଲ୍ଲୁଃ ମଢ଼ାଃ ଅମଳ କରିବାକୁ ଅଉ ଅଧିକ ବିଳମ୍ବ ନାହିଁ ।

\+ + + +

ସରକାର ଅମଳ ଗୁଣରତ୍ନମାନଙ୍କ ଅବସ୍ଥା ଓ ସାହସ ଦେଇ ସେମାନଙ୍କ ବେମାଲ୍ (morale) ବଢ଼ାଇ ଦେଉଥିବା ବେଳକୁ ବେଶିର ଲୋକେ ମନ୍ତ୍ରୀଙ୍କୁ ଦୋଷ ଦେଉଛନ୍ତି । ଏପରିକି ଅସେମ୍ବ୍ଲି ସଭାରେ ମଧ୍ୟ ତାଙ୍କର ଦଳୀୟ ମେମ୍ବରମାନେ ମନ୍ତ୍ରୀଙ୍କ ସଙ୍କଟରେ ସରକାରି ଗୁଣରତ୍ନମାନେ ବଡ଼ ବେପର୍ୱା ମେରସ୍ତ ପାଲଟି ଗଲେଣି ତାହା ଜାଣୁଥି ଭାଷାରେ ଜଣାଇ ଦେଉଛନ୍ତି । ଜାକେ ଥାଇଁ ଥାଇଁ ଗୁରବାଅ ତାଲ ଲୋକ ପୀଡ଼ନ କରିବାରେ ଅଭ୍ୟସ୍ତ, ଟିକିଏ ମୁହଁ ପାଇଲେ ସେମାନେ କଅଁ ଖେଳିବା ଅସ୍ୱାର୍ଥୀ ନୁହେଁ । ଅନ୍ତର୍-ବର୍ତ୍ତୀ ହୋଇ ଜଟରେ କାମ କରିବାର କେଉଁ ଦେଖାଇ ପ୍ରଧାନମନ୍ତ୍ରୀ ଆପଣେ ଏବେ ମୁହଁ ଦେଉଛନ୍ତି । ମାତ୍ର ଏହାର କୁଫଳ ଦେଖି ପଛରୁ ସେଥିରୁ ନିଜର ନ ରଖିଲେ ଏଥର ପ୍ରତିଦ୍ୱନ୍ଦ୍ୱୀ ବାଉ ତାଙ୍କୁହିଁ ଦଳେ ସହିବାକୁ ପଡ଼ିବ ସନ୍ଦେହ ନାହିଁ ।

ସରକାର କାମର ହୁକୁମାଙ୍କ କର୍ତ୍ତବ୍ୟର ଅନ୍ୟାୟର ଅନାସ୍ୱର ପ୍ରମାଣ କରି ଥୋଇବା କାଟିବର ପାଠ । ପୁଣି ବଳେଇ ଟେକଦରେ ଘଣ୍ଟା ବାନ୍ଧିବାକୁ ବଡ଼ପ ବା କେତେଜଣଙ୍କ ? ସେ ଭଣ୍ଡଦ୍ୱରେ ବଡ଼ା ଦଣ୍ଡ ନ ରହିଲେ ଦେଶରେ ଅସନ୍ତୋଷ, ଅନ୍ୟାୟର ସୋଜ-ଯିବ ଯେ ।

ଜନ୍ତୁ ମନ୍ତ୍ରୀଙ୍କ ତ ସାଧାରଣ ଜନ ନୁହନ୍ତି । ସେ ରାଜାଙ୍କ ! ରଜାଙ୍କ ପ୍ରଭାବ—ଅଣ୍ଡିତ ବାହୁଳୀ । ଅନେ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କର ଦୋଷ ଦେଖି ପାରୁନାହୁଁ । ଶରଣ-ରକ୍ଷଣ ବାଦ ଅଭାବ ତାଙ୍କର କର୍ମୀ-ଦଳକୁ ବଲଷ୍ଟ କର ନ ରହିଲ ସେ ଶାସନ ଚଳାଇବେ କପରି ! Law and Order ଯେ !

× × × ×

ଓଡ଼ିଶା ସରକାର କପରି ବର୍ପୁଣ ଭାବରେ ... କରୁଛ ତାର ସୋଝଏ ନମୁନା ଆମ ଭାବରେ ଅଛଇ । ... ... ବେଡ଼ୁଛ

Digitized by srujanika@gmail.com

ସବଉଟେ ନିଯୁକ୍ତ ପଡ଼ିଲେ । ତାଙ୍କୁ ଟେଲିଗ୍ରାମରେ ହୁକୁମ ହେଲା— ଅମୁକ ସ୍ଥାନରେ ଯୋଗଦାନ କର । ସେ ପୁଟୁଳା ପୁଟୁଳି ବାନ୍ଧି ଗଲେ । ମାତ୍ର ତହିଁ ଭିତରେ ଆଉ ଏକ ସରକାରୀ ହୁକୁମ ଆସିଲା ଏ ନିଯୁକ୍ତି ବେନଟେସଲ କରାଗଲା । ସେ ଯାଇ ସଂପୃକ୍ତ ମନ୍ତ୍ରୀଙ୍କୁ ସାକ୍ଷାତ କଲେ । ମନ୍ତ୍ରୀ କହିଲେ—"ଅଫିସ ର ଅଟକୁଥିବା ଦେଖୁ ଏପରି ଘଟି ଯାଇଛି । ଆମର ଦୋଷ କ୍ଷମା କରି ଫେରିଯାଅ ।" ସେ ଯାଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ । ପ୍ରଧାନମନ୍ତ୍ରୀ ଜବାବ୍ ଦେଲେ—ବୁଝିବେ । (See to it) । ତାପର୍ ନାମ ସରିଲା ।

ଶୁଣାଥିଲୁ ଗତ କଂଗ୍ରେସ ସରକାର ବେଳେ, ସେବର ପ୍ରଧାନମନ୍ତ୍ରୀ ସବୁ କଥାରେ ଉତ୍ତର ଦେଉଥିଲେ—"ଆମେ 'ଚିନ୍ତା' କରୁଛୁ" । 'ଚିନ୍ତା' କରିବା ଠାରୁ 'ବୁଝିବା' (See) କୁ ଉନ୍ନତି କେତେ ଆସିଲାଣି, ଏଥିରେ ଏହାକୁ ନିଶ୍ଚୟ 'ଉନ୍ନତି' ବୋଲି ଭୁହାଯିବ ।

ସିଦ୍ଧାନ୍ତ ହେଲାଣି—ଆମ ଓଡ଼ିଶା ସରକାର ବଡ଼ ରସିକ ଅଛନ୍ତି—ଏପ୍ରିଲ ପହିଲାରେ ଘଟିଥିବାରୁ ଏହା ଆଉ କଣ ନୁହେଁ—କେବଳ "APRIL FOOL !"

\+ + + +

ଭାରତର ଭାଗ୍ୟ ନିର୍ଣ୍ଣୟ ଇଂରେଜଙ୍କ ହାତରେ ଅଛି । ସ୍ୱାଧୀନତା ପାଇବା ଦେଖି ଆମେ ଏକ ବହିବ । ମାତ୍ର ଆମେ ୧୯୪୮ ଜୁନ ମାସରେ ଯେ ସ୍ୱାଧୀନ ହୋଇଯିବୁଁ ଏଥିରେ ସନ୍ଦେହ ନାହିଁ । ସ୍ୱାଧୀନତାର ଅର୍ଥ— ଅଖଣ୍ଡ ମନ ମୁତାବକ ଚଳିବା । ପୁଣି ସ୍ୱାଧୀନତାର ସ୍ୱରୂପ, ସ୍ୱାଦ ଓ ଅନୁଭୂତି ଦେଖା ପଡ଼ିଲାଣି । ବିଶେଷ ଭାବରେ କଲିକତା ବମ୍ବେ ଓ ପଞ୍ଜାବରେ ।

ଏଇକ୍ଷିଣି ଚିନ୍ତା ଉଠେ—ଆମ ଓଡ଼ିଶା କେବେ ସ୍ୱାଧୀନ ହବ ? ଅର୍ଥାତ୍, ଆମ ଏଠି କେବେ ସେହିପରି ଗୋଳମାଳ, ହାଣକାଟ ଲାଗିବ ? ସେତେବେଳେ ଯାଇ ଯାଇ ସିନା ଆମେ ଜାଣିବା, ସ୍ୱାଧୀନ ହେଲୁ ବୋଲି !

ଅନେକେ କହୁଛନ୍ତି—ଓଡ଼ିଶାରେ ତ ହିନ୍ଦୁ ମୁସଲମାନ ବେଶି ନାହିଁ, ଏଠି କାହିଁ ଗୋଳ ଲାଗିବ ? ଏ କଥାର ଅର୍ଥ—ଆମେ ସ୍ୱାଧୀନ ହେବୁ ନାହିଁ !

ମାତ୍ର ଭାରତଯାକ ସ୍ୱାଧୀନ ହୋଇଯିବ, ଆମେଇ ଏକା କଣ ପରାଧୀନ ହୋଇ ରହିବୁଁ ? ଏ କଥା ଗୋଟାକ ସ୍ୱାଧୀନ ଓଡ଼ିଆ ଜାତି କଣ ବୁଝି ହୋଇ ରହିବ ! ଲଢ଼ି ନୋହିଲେ ଅନ୍ତତଃ ଏମିତି ଭିତରେ କାମୁଡ଼ା କାମୁଡ଼ି ଲଗିବାକୁ ହବ ଅନିବାର୍ଯ୍ୟ !

ଏଥିରୁ ତାର ଅନୁମାନ ପାଇ ସାରିଲେଣି ପର ଆମ ପ୍ରଧାନମନ୍ତ୍ରୀ । ନୋହିଲେ ଏତେ ପୁରୁଷ ବହାଲିବାରେ ସେ ଏତେ ଲଗିପଡ଼ନ୍ତେ କାହିଁକି ? ଧ୍ୟାନ ଦିଅନ୍ତୁ Political Sagacity (ରାଜନୈତିକ ଅଭ୍ରାନ୍ତ ଜ୍ଞାନ !)

\+ + + +

ଏ ଯୁଗଟା ହେଉଛି 'ରକ୍ତ-ମନ୍ଥନ' ଯୁଗ । ଆମର ଦେଶନ୍ତାରେ କେତେ ଜଣଙ୍କ ସମ୍ମୁଖରେ ଯେ ଦୁଇବେଳେ ଲୋଟଣି ତାହା ଏବେ ଗଣନା କରିବ । ମାତ୍ର ପ୍ରକୃତ ବଡ଼ ବିଚିତ୍ରତାମୟୀ । ଯେଉଁ ଦେଶର ସ୍ୱାଧୀନତା ବାହାର କରିଦେଲା ସେଠାରେ ପ୍ରଜାତନ୍ତ୍ର ପ୍ରତିଷ୍ଠିତ ହୋଇଥିଲା । ଏବେ ପୁଣି ସେଠାରେ ଜଣେ ରାଜା ଅଣି ବସେଇବାର ସ୍ଥିର ହୋଇ ଗଲାଣି । ଏ କଥାଟା ଗ୍ରୀସ ଅଟେ ଗୋଟାଏ ନିଶ୍ଚୟ ଲଗାଇ ଦେବ ନିଶ୍ଚୟ । ଏବ କାରଣ ଏହାଥିରୁ ପୁଣି ଗୋଟାଏ ମହା ପ୍ରଳୟର ସୂତ୍ରପାତ ନ ହେବ !

\+ + + +

ତୃତୀୟ ମହାସମର ଲଗିବାର ଡର ଯେ ଘଟନାର ଆସିଲା, ଏକଥା ଅନେକ ବୁଦ୍ଧିମାନ ବ୍ୟକ୍ତି କହୁଛନ୍ତି । ଯୁଦ୍ଧ ଯେପରି ଶାନ୍ତିର ଜନ୍ମଦାତା, ଶାନ୍ତି ସେହିପରି ଯୁଦ୍ଧର ଜନ୍ମଦାତ୍ରୀ । ମହାତ୍ମା ସମ୍ପ୍ରତି ଯେଉଁ ଶାନ୍ତି-ବୈଠକ ବସିଛି, ସୁଏତ ସେଇଠି ମହାଯୁଦ୍ଧର ଉଦ୍ୟୋଗ ପର୍ବ ଆରମ୍ଭ ହୋଇଯିବ । ରୁଷ ଓ ଆମେରିକା ହାତ ହତିଆର ଧରି ପ୍ରସ୍ତୁତ ହୋଇ ରହିଛନ୍ତି । ଏଣେ ଆମ ତୋମାଙ୍କ ଚେଣେ ବିଦ୍ରୋହୀ ଦେଖି ହାଟେଲ । ବାରୁଦ ଘରେ କେବଳ ଗୋଟିଏ ନିଆଁ ଲାଗିବା ଲୋଡ଼ା । ରୁଷିଆର ବିସ୍ତାର ନୀତିକୁ ଆମେରିକା ପ୍ରତ୍ୟକ୍ଷ ଭାବରେ ପ୍ରତିରୋଧ କରିବାକୁ ସ୍ଥିର କଲାଣି ଗ୍ରୀସ୍ ଓ ତୁର୍କୀରେ । ସୁଏତ ସେହିଠି ଅଗ୍ନ୍ୟୁଦ୍ଗାରର ପ୍ରଥମ ମାତ୍ର (first shot) ଉପୁଜିବ । ଭାରତ ପରିଣତି—ବିଦ୍ରୋହ ଲାଞ୍ଛିତ ଯାହା ଲାଗୁଥିବ ତାର ବୈତରଣୀ ପାର ହେବ ।

× × × ×

ବୃନ୍ଦାବନପୁରରେ ଗୋପଲୀଳା ଲଗିଛି । ସଂଯୁକ୍ତ ବଅନ ଅଘା ଶକଟା ବକ ଅଘାସୁର ଧ୍ୱଂସ କଲେଣି । ପୁଣି ଶେଷକୁ କାଳୀୟ ମର୍ଦ୍ଦନ ହେବ । ବସୁର କର୍ମସ୍ୱରୂପ କାହା ଆଗେ ପ୍ରକାର କରିବେ ? ବଅନ ସାହେବ କଂଗ୍ରେସ ଏମ୍ ଏଲ୍ ଏ । ପୁଣି ଗାନ୍ଧିବାଦୀ ସାଜ ଦାନ ଗଇରଥ କରୁଛନ୍ତି । ରକ୍ଷକ ହୋଇଣ ଭକ୍ଷକ ହୋଇଲେ ସୁଧାର କରିବା କା' ଅଟେ । ଏ ବିଷୟରେ ବଲଅ ସଭାରେ କହିବ ହେବା ଆଗରୁ ଅଟେ ବଅନଙ୍କ ଧ୍ୟାନ ଭାଙ୍ଗୁ ।

## କ୍ଷମାଭିକ୍ଷା

ଅନେକେ ପ୍ରଶ୍ନ କରୁଛନ୍ତି 'ଝଗଡ଼'ର ନିୟମାନୁବର୍ତ୍ତିତାରେ କାହିଁକି ବ୍ୟାଘାତ ଘଟୁଛି । ତା'ର କାରଣ ଯଥୋପଯୁକ୍ତ କାଗଜର ଅଭାବ । ଏଥିପାଇଁ ତ ଦୁଇ ଥର ମାସରେ କାଗଜ ମିଳୁନାହିଁ, କର୍ତ୍ତୃପକ୍ଷଙ୍କୁ ଜଣାଇବାରେ ମଧ୍ୟ କିଛିଫଳ ହେଉ ନାହିଁ । ବାଧ୍ୟ ହୋଇ ବେଶୀ ଦାମ ଦେଇ ଅମେ ବିଦେଶୀ କାଗଜ ବ୍ୟବହାର କରୁଛୁ, ଆଶା କରୁଛୁ ଅମେ ଶୀଘ୍ର 'ନ୍ୟୁଜପ୍ରିଣ୍ଟ' ପାଇବୁ—ସେତେବେଳେ ଏ ପରିସ୍ଥିତି ଉପୁଜିବ ନାହିଁ ।

—ପରିଚାଳନା—

Digitized by srujanika@gmail.com

**ମଜାକଥା**




# ବର ଟେଷ୍ଟ୍

ଲେଖକ:— ଜି: ମ:

ସେଦିନ ଖୋଦ୍ କଟକରେ ଖାଦ୍ୟପ୍ରାଣ ଓ ସ୍ୱାସ୍ଥ୍ୟରକ୍ଷା ପ୍ରଦର୍ଶନୀ ହୋଇଗଲା । ଉପର ଲେଖିଲା— ଶୁଖିଲା ପ୍ରଦର୍ଶନୀରେ କିଛି ଲାଭ ନାହିଁ । ଲୋକଙ୍କ ଭିତରେ ଏ ନୀତି ଶିକ୍ଷା କିପରି ପଶିବ ତାର ଉପାୟ ଉଦ୍ଭାବନ ପାଇଁ ଗୋଟିଏ ବେସରକାରୀ କମିଟି ବିଶିଷ୍ଟ ନାଗରିକ (ନାଗର ନୁହନ୍ତି—ହେଲେ ହୋଇ ପାରନ୍ତି— ବାଧ୍ୟତାମୂଳକ ନୁହେଁ) ମାନଙ୍କୁ ଧେନି ଗଢ଼ା ହେଲା ।

ଜଣେ ଭଦ୍ରବ୍ୟକ୍ତି ପ୍ରସ୍ତାବ କଲେ — ବିଶ୍ୱବିଦ୍ୟାଳୟରେ ପୂର୍ବରୁ ସ୍ଥିର ହୋଇଛି ଯେ ସ୍ୱାସ୍ଥ୍ୟରକ୍ଷାରେ ଗୋଟାଏ ପରୀକ୍ଷା ହେବ । ମୌଖିକ ନୁହେଁ—ଶାରୀରିକ ମଧ୍ୟ । ଯେ ଅସୁସ୍ଥ, ଅସବଳ ଥିବ ସେ ସବୁ ବିଷୟରେ ପାସ୍ କରିଥିଲେ ମଧ୍ୟ ଫେଲ୍ ହେବ । ସେହି ପ୍ରସ୍ତାବଟି କାର୍ଯ୍ୟରେ ପରିଣତ କଲେ ଆମ ଦେଶର ଭବିଷ୍ୟତ ଏହି ଛାତ୍ରମାନେ ସୁସ୍ଥ ଦେହେ ଦେଶର ମୁଖ ଉଜ୍ଜ୍ୱଳ କରିବେ ।

ଅନ୍ୟ ପ୍ରସ୍ତାବ ଅଭାବରେ ସମସ୍ତେ ଏହାକୁ ସମର୍ଥନ କଲେ । ପ୍ରସ୍ତାବଟି ଗୃହୀତ ହେବା ବେଳକୁ ହଠାତ୍ ଜଣେ ପ୍ରୌଢ଼ ଭଦ୍ରବ୍ୟକ୍ତି ଠିଆ ହୋଇ ପଚାରିଲେ—"ଏହାକି ସ୍ୱାସ୍ଥ୍ୟରକ୍ଷା ଉପାୟ ଉଦ୍ଭାବକ ବେସରକାରୀ ସୁପାରିସ୍ କମିଟି ଅଟେ ?"

"ଆଜ୍ଞା ହଁ ।" ସମ୍ପାଦକ ଉତ୍ତର ଦେଲେ ।

"ଆପଣମାନଙ୍କ ସେବାରେ ଆମ୍ଭେ ଗୋଟିଏ ବହୁ ଅଭିଜ୍ଞତାପୂର୍ଣ୍ଣ ପ୍ରସ୍ତାବ ଦେଉଛୁ । ଶୁଣିବା ହେଉ—"

ପ୍ରୌଢ଼ ଶୁଣାଇଲେ । ତାଙ୍କର କହିବାର କଥା—ଯୁବକମାନେ ଏକ ଭ୍ରମମାନ ଗୋଷ୍ଠି । ଆଜି ଯେ ଯୁବ କାଲି ସେ ଅଯୁବ । ଏମାନଙ୍କ ସ୍ୱାସ୍ଥ୍ୟ ଭଙ୍ଗିଲେ ସମଗ୍ର ଜାତିର ସ୍ୱାସ୍ଥ୍ୟ ଭଙ୍ଗିବା ହେବ ନାହିଁ । ତେଣୁ ଆପଣମାନେ ଯଦି ଭବିଷ୍ୟତ ସୁସ୍ଥ ବଂଶଧର ସୃଷ୍ଟି କରିବାକୁ ଚାହାନ୍ତି ତେବେ ଏ ଦେଶର ବର କନ୍ୟାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସର୍ବାଦୌ ବାଞ୍ଛନୀୟ । ଯେଉଁ ବର ବା କନ୍ୟା ଅମୁକ ସ୍ୱାସ୍ଥ୍ୟରକ୍ଷା ପରୀକ୍ଷା ଟେଷ୍ଟରେ ଉତ୍ତୀର୍ଣ୍ଣ ନ ହୋଇ ପାରିବେ— ସେମାନଙ୍କୁ ସମାଜ ବିବାହ ଲାଇସେନ୍ସ ଦେବନାହିଁ । ତାହେଲେ ଯୁବକମାନେ ଅତି ଆଗ୍ରହରେ ସ୍ୱାସ୍ଥ୍ୟରକ୍ଷା ଶିକ୍ଷା କରିବେ । କଲେଜ ସ୍କୁଲରେ ପରୀକ୍ଷା କଲେ ତାହା କଲେଜ ସ୍କୁଲର ପାଠଭଳି ପରୀକ୍ଷା ସରିବା ପରେ ପରେ ଭୁଲି ହୋଇଯିବ । କିନ୍ତୁ ଏ ନୂଆ ଉପାୟରେ ସ୍ୱାସ୍ଥ୍ୟପ୍ରତି ବର କନ୍ୟାମାନଙ୍କର ଜୀବନସାରା ନଜର ରହିବ ।

ମୁଁ ନିଜେ ଏ ଦିଗରେ ବହୁ ଗବେଷଣା କରି କେତେଗୁଡ଼ିଏ ପ୍ରଶ୍ନମାଳା ସ୍ଥିର କରିଛି । ମୋର ନିଜର କନ୍ୟା ମଧ୍ୟ ବିବାହ ହେବ । ଜାମାତା ଏହି ପ୍ରଶ୍ନମାଳାର ଉତ୍ତର ଦେଇ ପାସ୍ ଉତ୍ତମ ମାର୍କ ରଖିବା ପରେ । ଆପଣମାନଙ୍କର ଜ୍ଞାନ ଓ ଅବଗତି ନିମନ୍ତେ ମୁଁ ନିମ୍ନରେ ପ୍ରଶ୍ନମାଳା ଉଲ୍ଲେଖ କରୁଛି । ମୋର ପ୍ରଶ୍ନ ଓ ମୋର ଜାମାତାଙ୍କ ଉତ୍ତର ଆପଣମାନଙ୍କ ସହଜବୋଧଗମ୍ୟ ହେବା କାରଣ ପ୍ରଦତ୍ତ ହେଲା ।

ପ୍ରଶ୍ନ—ଯୁବକ, ତୁମ୍ଭେ ଆମ୍ଭ କନ୍ୟାକୁ ବିବାହ କରିବାକୁ ଚାହଁ ?

ଉତ୍ତର—ଆଜ୍ଞା ପିତା ଅବତାର—ହୃଦୟର ସହ ।

ପ୍ରଶ୍ନ—ଆଛା, ମୁଁ ସମର୍ଥନ କରିବା ପକ୍ଷରେ ଅନେକାଂଶରେ ଦୃଢ଼ ପଡ଼ିଛି । କିନ୍ତୁ କଥାଟାକୁ ହଠାତ୍ ଚରମକୁ ନେଇ ପାରୁନାହିଁ । ମୁଁ ପ୍ରଥମେ କେତେଗୁଡ଼ିଏ ପ୍ରଶ୍ନ ପଚାରିବି—ଉତ୍ତର ଦେବାକୁ ହେବ—ଚଟ୍‌ପଟ୍—କାରଣ ଚିନ୍ତା କରି ଉତ୍ତର ଦେଲେ— ହୁଏତ ମିଛ କହିବାର ସୁବିଧା ମିଳିବ ।

ଉତ୍ତର—ଯଥା ରୁଚି ପିତୃ ଅବତାର ।

ପ୍ରଶ୍ନ—ପ୍ରଥମେ କହ, ତୁମ୍ଭ ବଂଶରେ କେହି—ଶ୍ୱାସ, ପାଗଳାମି, ଅପସ୍ମାର, ଅଣ୍ଡଗଣ୍ଡ ବାତ, କୁଷ୍ଠ, ଯକ୍ଷ୍ମା କିମ୍ବା ଅନ୍ୟ କୌଣସି ମାରାତ୍ମକ ମହା ସଂକ୍ରାମକ ରୋଗରେ ପୀଡ଼ିତ ଥିଲେ କି ? ବଂଶ ଅର୍ଥ—ପିତା, ପିତାମହ, ପ୍ରପିତାମହ, ପ୍ରପ୍ରପିତାମହ— ମାତା, ମାତାମହ, ପ୍ରମାତାମହ, ଦଦେଇ, ପୁଅ, ଭଉଣୀ ଇତ୍ୟାଦି ଇତ୍ୟାଦି ।

ଉତ୍ତର—ସମସ୍ତେ ନିରୋଗ ।

ପ୍ରଶ୍ନ—ତୁମ୍ଭର ନାଡ଼ୀର ଗତି ଏବଂ ଲକ୍ଷଣ କ'ଣ ?

ଉତ୍ତର—ମନ୍ଦାକ୍ରାନ୍ତା—୭୨ ଏବଂ ମଧ୍ୟ ।

ପ୍ରଶ୍ନ—ଉତ୍ତମ—ଏ ତ ସ୍ୱାସ୍ଥ୍ୟର ଚିହ୍ନ—ଆଛା, ରକ୍ତଚାପ ?

ଉତ୍ତର—୧୨୦ ସିଷ୍ଟୋଲିକ୍ ।

ପ୍ରଶ୍ନ—ଡାଇଷ୍ଟୋଲିକ୍ ଚାପ ?

ଉତ୍ତର—୭୫ ।

ପ୍ରଶ୍ନ—ଉଚ୍ଚତା ?

ଉତ୍ତର—୫ ଫୁଟ ୭ ଇଞ୍ଚ ।

ପ୍ରଶ୍ନ—ବୟସ ?

ଉତ୍ତର—୨୮ ।

ପ୍ରଶ୍ନ—ଓଜନ ?

Digitized by srujanika@gmail.com

ଉତ୍ତର—୧୪୦ ପାଉଣ୍ଡ ।

ପ୍ରଶ୍ନ—୫ ଫୁଟରୁ ଉଚ୍ଚ—୨ ଇଞ୍ଚ ସାଢେ । ପଚିଶ୍—ତେବେ ପାଞ୍ଚ ପାଞ୍ଚ ପାଉଣ୍ଡ କେଣି ? ଓଜନ ନାହିଁ—ଗୁଡ୍ ।

ପ୍ରଶ୍ନ—ତମର ରକ୍ତଚାପ—

ଉତ୍ତର—ଶହେ ଚଉଦ ।

ପ୍ରଶ୍ନ—ଉତ୍ତମ, ତମର ବୟସ ୨୮—ଅଠେଇଶ ଅଥା ଚଉଦ ଯୁକ୍ତ ଶହେ । ଗୁଡ—ଭେରିଗୁଡ୍ । ଅଚ୍ଛା ତମର ଆଖି ?

ଉତ୍ତର—ଅଜ୍ଞା ଖୁବ୍ ଭଲ । ସାମାନ୍ୟ ଶର୍ଟ ସାଇଟ୍ ଥିଲା । ଭଲ ହେଇଗଲା । ଭିଟାମିନ ଖାଇ ଭଲ ହେଲା । ଏବେ ମୁଁ ଜଣେ ଦୂରଦର୍ଶୀ । ମୁଁ କହିଦେବି ବର୍ତ୍ତମାନ ଆପଣଙ୍କ କନ୍ୟା କବାଟ ସେପାଖରେ ।

ପ୍ରଶ୍ନ—ଉତ୍ତମ । ଭିଟାମିନ କଣ ଜାଣ ?

ଉତ୍ତର—ଜାଣିଛି ଅଜ୍ଞା—

ପ୍ରଶ୍ନ—ଦୟାକରି କହନ୍ତୁ ତେବେ କେଉଁ ଭିଟାମିନ ତମର ବେଶୀ ଖାଇବା ଦରକାର ।

ଉତ୍ତର—ଭିଟାମିନ୍—E (ଇ) ବା ଙ ।

ପ୍ରଶ୍ନ—ଭେରି ଭେରି ଗୁଡ୍ । ତୁମେଇ ମୋ କନ୍ୟାର ଉପଯୁକ୍ତ ପାତ୍ର । ଅଚ୍ଛା, ତମେ ପ୍ରତିଦିନ କେତେ କେଲୋରିଜ୍ ଭେଲୁର ଖାଦ୍ୟ ଖାଅ ?

ଉତ୍ତର—୨,୪୦୦ କେଲୋରି ।

ପ୍ରଶ୍ନ—ଅଚ୍ଛା ତମର କାନ କପରି ?

ଉତ୍ତର—ଅଜ୍ଞା କାନ ମୋର ଖୁବ୍ ଭଲ । ମୁଁ ଅତି ଫୁସ ଫୁସ୍ କଥା ଶୁଣିପାରେ । ଆପଣଙ୍କ କନ୍ୟା ଏଠାରେ କଥା କହିଲେ ଆପଣ ଶୁଣି ପାରିଲେ ନାହିଁ କିନ୍ତୁ ମୁଁ ଶୁଣିପାରିଲି ।

ପ୍ରଶ୍ନ—ନାଇସ୍—ତମେଇ ଉପଯୁକ୍ତ ଜାମାତା ।

ଭଦ୍ରଲୋକ କହିଲେ—"ସେ ଜାମାତାଙ୍କୁ ଶହେରୁ ୨ ଶହ ନମ୍ବର ଦେଲେ । କାରଣ ଯୋ ପୁତ୍ର ଓ କ କନ୍ୟା—ଯୋ ନହି ପୁତ୍ର ଓ ଭି କନ୍ୟା ।

ଡାକ୍ତର କଳିଙ୍ଗ ସ୍ୱାସ୍ଥ୍ୟରକ୍ଷା ଉପାୟ ଉଦ୍ଭାବକ ଦେଶରକ୍ଷା ସୁପାରିସ କରିଛି, ଏ ଟେଷ୍ଟ ପ୍ରଶ୍ନାବଳୀକୁ ଆଗ୍ରହରେ ସର୍ବସମ୍ମତି କ୍ରମେ ଭାରତୀୟ ଦ୍ୱାରା ଗ୍ରହଣ କରି ସାମାନ୍ୟ ଭିଟାମିନ୍ ସହ ଶିକ୍ଷାମନ୍ତ୍ରୀଙ୍କ ପାଖକୁ ପଠାଇବେବାର ସଂବାଦ ମିଳିଛି ।

—*—

## କୁତୁକୁତୁ

ଜଣେ ଲୋକ ଆଉଜଣେ ଲୋକକୁ କହିଲା, "ମୁଁ ଏପରି ସ୍ଥାନ ଦେଖିଛି, ଯେଉଁଠାରେ ସବୁବେଳେ ଟଙ୍କା ମିଳିପାରେ ।" ପର ଲୋକଟି ଆଶ୍ଚର୍ଯ୍ୟ ହୋଇ ପଚାରିଲା, "କେଉଁଠି ?" ସେ ଲୋକ ଉତ୍ତର ଦେଲା, "ବଡ଼ ବଡ଼ ଗଣିତ ପୁସ୍ତକ ମାନଙ୍କରେ ।"

\+ \+ × \+

## କୁତ କୁତ୍

ଜଣେ ଲୋକ ଜଣେ ପରିଚିତ ଓକିଲଙ୍କୁ ଭେଟିବାରୁ କହିଲା, "ଅଜ୍ଞା, ଦେଖନ୍ତୁତ, ଏ ଟଙ୍କାଟା ଚଳିବ ନାହିଁ ? "ଓକିଲ ଟଙ୍କାଟା ପରୀକ୍ଷା କରି କହିଲେ, "ହଁ ଚଳିବ ।" ଓ ସେ ଟଙ୍କାଟିକୁ ସଙ୍ଗେ ସଙ୍ଗେ ପକେଟରେ ପୂରାଇ ସେହି ଲୋକଟିକୁ ଗୋଟିଏ ଅଠଣି ଫେରାଇ ଦେଲେ । ଲୋକଟି କହିଲା, "ଅଜ୍ଞା, ଅଧଗୋଟେ ଅଠଣି ? "ଓକିଲ ମହାଶୟ କହିଲେ, ଯେ ପରାମର୍ଶ ଫି !"

\+ × \+ \+

୧୨୦ ବର୍ଷ ବୟସ୍କ ଜଣେ ଲୋକ ଜୀବିତ ଥିବାରୁ ଶୁଣି ଜଣେ ଲୋକ ଭାରି ଆଶ୍ଚର୍ଯ୍ୟ ହୋଇ ତାଙ୍କର ବନ୍ଧୁଙ୍କୁ ସେ କଥା କହିଲେ । ବନ୍ଧୁ କହିଲେ—"ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି । ମୋର ଅଜାଙ୍କର ବାପ ଜୀଇଁଥିଲେ ଆଜକୁ ତାଙ୍କୁ ଅଢେଇଶ ବା ତିନିଶ ବର୍ଷ ହୁଅନ୍ତାଣି ।"

× \+ × \+

ନାତୁଣୀ ପଚାରିଲା, "ଅଜା ଗୋ, କହିଲ ଭଲା କେଉଁ ଋତୁରେ ମରିବା ଭଲ ?" ଅଜା କହିଲା, "ନାତୁଣୀ ଲୋ, ଶୀତ ଋତୁରେ । କାହିଁକି ନା, ଶୀତ ଋତୁ ହୋଇଥିଲେ, ପୋଡ଼ା ହେଲା ବେଳେ ଦେହକୁ ନିଆଁ ବେଶି ବାଧିବ ନାହିଁ"

× × × ×

## ଆମେରିକାନ ଫାଉଣ୍ଟେନ୍ପେନ୍



ଖୁବ୍ ସୁଲଭ ମୂଲ୍ୟରେ ଆମେରିକାରୁ ନାନା ରକମର ନୂଆ ଓ ସୁନ୍ଦର ସୁନ୍ଦର ଡିଜାଇନର କଲମ ଆମଦାନୀ କରା ଯାଇଛି ସେଲଡ଼ ଗୋଲଡ ନିବ୍ ଓ କ୍ଲିପ୍ ପ୍ରତ୍ୟେକଟିରେ ଅଛି—ନିବ୍ର ଉତ୍କର୍ଷତା ଏହା ଅପେକ୍ଷା ସମ୍ଭବ ନାହିଁ । ମୂଲ୍ୟ—ସାଧାରଣ ଟ୫୲, ମଧ୍ୟମ ଟ୬୦ ଉତ୍ତମ ଟ୮୲, ଅତି ଉତ୍ତମ ଟ୧୦୦ ନିବ୍ ଦାମ ସାଧାରଣ ସୁନା ନିବ୍ ଟ୧୫୦—୧୪ କେରେଟ୍ ଗୋଲ୍ଡ ନିବ୍ ଟ୨୦୦ ଖୁବ୍ ଭଲ ଟ୨୫୦ ।

ଏକ ସାଙ୍ଗରେ ୬ଟି ବା ବେଶୀ କଲମର ଅର୍ଡର ଦେଲେ ଶତକଡ଼ା ଟ୧୨୲ ହିସାବରେ କମିଶନ ଦିଆଯାଏ ।

**Sole Distributors**
**JUBILEE WATCH COY (D)**
**Post Box No. 12213, Calcutta (5)**

Digitized by srujanika@gmail.com



# ଏହି ତ ଜୀବନ

ଲେଖକ—
—ଶ୍ରୀ ଲକ୍ଷ୍ମୀନାରାୟଣ

ଡାକ୍ତର ବାବୁ !

କିଏ ?

ଅପ୍ରସ୍ତୁତ ଭାବରେ ସେ ଛିଡ଼ା ହୋଇ ରହିଲା ।

ଗରିବ ବାଟୋଇ, ବାବୁ । ଶୁଣିଛି ଆପଣଙ୍କର ଭାରି ଦୟା ।

ଘୋର ରାତି । ନିଜକୁତା ବାରିହୁଛି ଜାଣେନା । ସମଗ୍ର ଆକାଶ ଅନ୍ଧକାର । ଘନ ଘନ ବିଦ୍ୟୁତ । ଅବିରାମ ମେଘ ଗର୍ଜନ ।

ଦିନରେ ଆସିଲୁ ନାହିଁ ?

ଦିନବେଳେ ଆପଣ ନାନା କାମରେ ବ୍ୟସ୍ତ ଥାଆନ୍ତି ।

କଣ ହୋଇଛି ତୋର ?

ଚିକିତ୍ସା-ଶାସ୍ତ୍ର ଉପରୁ ମଥା ଟେକିଲି । ଦେଖିଲି । ସାରା ଶରୀରରେ ବଡ଼ ବଡ଼ ଟେକା ଟେକା ଘା । ନାକଟା ଫୁଲିଛି । ଓଠର କଣରେ ସାଦା ଘା । ଚକ୍ଷୁ ଲାଲ । କୁଷ୍ଠ ?

କେତେଦିନ ହେଲା ହୋଇଛି ?

ଦୁ'ମାସ ହବ ।

ଇନ୍‌ଜେକ୍‌ସନ ନେବାକୁ ହେବ । ଟଙ୍କା ଲାଗିବ ।

ଆଜ୍ଞା, ଗରିବ ବାଟୋଇ । ଟିକିଏ ଦୟା କରନ୍ତୁ । ଈଶ୍ୱର ଆପଣଙ୍କର ଭଲ କରିବେ ।

ଈଶ୍ୱର ଭଲ କରୁଛନ୍ତି ?

ସେ କଥା ବୁଝି ପାରିଲା ନାହିଁ । ଦ ହାତରେ ମୋ ଗୋଡ଼ ଧରି କାନ୍ଦିବାକୁ ଲାଗିଲା । ସାତେସାତ ଗୋଡ଼ ସରେଇନେଲି ।

ମୋ ଫି ପଛକେ ନ ଦେଲୁ ନାହିଁ । ଔଷଧର ଦାମଟା ଦେଇ ହେଇ ପାରିବୁ ନାହିଁ ?

ମୋର କିଛି ନାହିଁ । ଆପଣ ଦୟା ନ କଲେ—

ହଠାତ୍ ବିରକ୍ତ ହେଲି । ଗୋଟିଏ ପ୍ରେସ୍କ୍ରିପ୍‌ସନ ଲେଖି, ଟଙ୍କାଟିଏ ତା ହାତରେ ଦେଇ କହିଦେଲି—କଟକ ଯାଇ ଔଷଧ ଖାଇବୁ, ଯା । ଆଉ ମୋ ପାଖକୁ ଆସିବୁ ନାହିଁ । ଭଲ ଯଦି ହବୁ ତ, ଏଥିରେ ହବ ।

ଦଣ୍ଡବତ କରି ସେ ଚାଲିଗଲା ।

ଭାବିଲି—ଟଙ୍କା ପାଇଥିଲେ କଣ ତାକୁ ଏମିତି ହେଳା କରିଥାନ୍ତି?

\+ \+ \+ \+

ଆପଣ ମତେ ଜାଣନ୍ତି ନାହିଁ । କିନ୍ତୁ ରଘୁନାଥ ବାବୁଙ୍କୁ ଜାଣନ୍ତି ତ ? ସେ ମୋର ପିଉସା । ଉତ୍କଳରେ ଯେ ମୁନସଫ ଅଛନ୍ତି, ସେ ମୋ ଖଲାର ମାଉସୀ ପୁଅ ଭାଇ । ଆପଣଙ୍କ ଘର ମୁଁ ଦେଖିଛି । ସେଠା ହାଇସ୍କୁଲରେ ମୋ ବାପା ମାଷ୍ଟର । ମୁଁ ଉଣେଇଶ ଶହ ପନ୍ଦରରେ ସେଠାକୁ ଥରେ ଯାଇଥିଲି । ସେତେବେଳେ ଆପଣ ପିଲା ହୋଇଥିଲେ ।

ତାକୁ ପଚାରିଲି—ଆପଣଙ୍କର କଣ ଦରକାର ?

ହଠାତ୍ ଏ ଦାୟରେ ପଡ଼ି ଆସିଛି । ଶୁଣିଛି, ଆପଣ ଭାରି ଦୟା ଧର୍ମ କରନ୍ତି ।

ଟଙ୍କାରୁ ପ୍ରୟୋଜନ କଣ ?

ଗୋଟିଏ ସାର୍ଟିଫିକେଟ ।

ମୂଳରୁ ଶେଷଯାଏ ସବୁ ଶୁଣିଲି । କହିଲି—ମାଫ୍ କରିବେ । ମିଛ ସାର୍ଟିଫିକେଟ ମୁଁ ଦିଏନାହିଁ ।

ମିଛ ମାନେ ?

ମିଛ ବୋଲି କହୁନାହିଁ । ସତ ହୋଇପାରେ । କିନ୍ତୁ ଶୁଣା ଉପରେ ନିର୍ଭର କରି ମୁଁ ଝୁଟା ସାର୍ଟିଫିକେଟ ଦିଏ ନାହିଁ ।

ମୋର ଏ ବିପଦରେ ପଡ଼ି ଟିକିଏ ସାହାଯ୍ୟ ନ କରିବେ ? ଲୁଚେଇ ଯିବ ଟଙ୍କାଟ ?

କଣ କରିବ ? ନାଚାର ।

ଫି ଦେବ । କିନ୍ତୁ ଟିକିଏ କନ୍‌ସେସନ ।

ମାଫ୍ କରନ୍ତୁ । ଦେଇ ପାରିବି ନାହିଁ ।

Digitized by srujanika@gmail.com

ହଉ, ପୁଣ ଯିବେ । କେବେ ?

ଟଙ୍କା ପାଇଁ ଅଟକୁ ନାହିଁ । ଅସଲ କଥା, ମୁଁ ସେମିତି ସାର୍ଟିଫିକେଟ ଦିଏ ନାହିଁ ।

ଡାକ୍ତରଙ୍କ ସ୍ୱାକ୍ଷର ସବୁ ସର୍ଜିବ ଯାଉ ?

ମାନେ ?

ମାନେ, ଦରଖାସ୍ତ ଦେଇଛି ଯେ ଏଠାକୁ ଆସି ଅସୁସ୍ଥ ହେଲି । ମାସେ ଛୁଟି ଦରକାର । ସେମାନେ ମେଡିକେଲ ସାର୍ଟିଫିକେଟ ଚାହିଁଛନ୍ତି । କଣ କରିବି କହନ୍ତୁ ତ ?

ଅସ୍ୱସ୍ତି ବୋଧ କଲି ।

ଆଉ ଥରେ ଟିକିଏ ବିବେଚନା କରି ଦେଖନ୍ତୁ ।

ମାଫ୍ କରିବେ । ହାତଯୋଡ଼ି କହୁଛି, ପାରିବି ନାହିଁ ।

ଲୋକଟି ଉଠିଲେ ।

× × + ×

ରୋଗୀ ଦେଖି ଘରକୁ ଫେରିବା ବେଳକୁ ରାତି ସାଢ଼େ ଆଠଟା । ପଚିଶିବାଇଶି ସ୍ତ୍ରୀଟିଏ ଆସି ପ୍ରଣାମ କଲେ ।

କିଏ ?

ମୁଁ ରାଣୀ ।

କଣ ଦରକାର ?

କହିବା । ଟିକିଏ ଦେଖା କରିବାକୁ ଚାଲି ଆସିଲି ।

ହଉ, ଭିତରକୁ ଆସ ।

ଚିହ୍ନି ପାରିଲି ନାହିଁ ।

କିଏ ଆପଣ ?

ଚିହ୍ନି ପାରୁ ନାହାନ୍ତି ? କେଇଦିନ ତଳେ ଆପଣଙ୍କ ପାଖକୁ ଆସିଥିଲି । ସେଇ ମେଘୁଆ ସଞ୍ଜରେ । ମୋ ଦରଖାସ୍ତ ଖା ହୋଇଥିଲା । ମତେ ଗୋଟେ ଟଙ୍କା ଓ ଔଷଧର ପ୍ରେସ୍କ୍ରିପ୍‌ସନ ଲେଖିଦେଲେ । ସେ ଔଷଧ ଖାଇବାରୁ ଘା ଶୁଖିଗଲା । ଆଉ ଖାଇବାକୁ ହେବ ?

ଅଭିଭୂତ ହୋଇଗଲି । ଅବହେଳାରେ ତାକୁ ଯେଉଁ ପ୍ରେସ୍କ୍ରିପ୍‌ସନ ଲେଖି ଦେଇଥିଲି ତାର ଚମତ୍କାର ଫଳ ଦେଖି ମୋ ହୃଦୟରୁ କଥା ବାହାରିଲା ନାହିଁ । ଏମିତି ଅସାମାନ୍ୟ ରୂପ ତାହାର ଏହି କଦର୍ଯ୍ୟ ରୋଗ ତଳେ ଛପି ରହିଥିଲା !

ହଉ, ଆଉ ଶିଶିଏ କିଣି ଖା । ପଇସା ଅଛି ? ଥାଉ କେଉଁଠି ?

ଜଗନ୍ନାଥ ବଲ୍ଲଭରେ । ଏଥର କିଣିକି ଖାଇ ପାରିବ ।

ରୂପଯୌବନ ! ସ୍ୱାସ୍ଥ୍ୟ ତଥା ରୂପ ଯେତେବେଳେ ଫେରି ପାଇଛି, ତାର ପଇସାର ଆଉ ଅଭାବ କଣ ?

ବଡ଼ବଡ଼ଙ୍କୁ ପସନ୍ଦ—ଏପରି ଏକ ମୋହନ ଅଗ୍ନିଶିଖା ସମାଜ ଭିତରେ ଛାଡ଼ି ଦେଇ କି ସତ୍‌କାର୍ଯ୍ୟ କଲି ! ସେ ତ ଜଳି ଯାଉଥିଲା । କେଉଁ କାହିଁକି ପ୍ରଶ୍ରୟରେ ଠେଲି ଦାନ କଲି ?

\+ + + +

ଡାକ୍ତର ବାବୁ !

କିଏ ? ଭିତରକୁ ଆସନ୍ତୁ ।

ଆସିଲା ଜଗନ୍ନାଥ ବଲ୍ଲଭର ରାଣୀ । ଏ କଣ ? ଚେହେରା ଏତେ ଖରାପ କାହିଁକି ? ତୁଁ ମୁଁ କରି କାନ୍ଦୁଛ କାହିଁକି ?

କଣ ହେଲା ତୋର ଫେର ?

ମାଟିର ହେଲା ଜର । କଷ୍ଟରେ କେହି ନାହିଁ ଯେ ଟିକିଏ ଖବର ନେବ । ଏଣୁ ଆପଣଙ୍କୁ ତ ଛାଡ଼ି ରହି ପାରିବି ନାହିଁ । ଏତେ ପଇସା କେଉଁଠୁ ପାଇବି ? ମରୁଁ ମରୁଁ ଚାଲି ଆସିଲି ।

ଟା ଗଳା, ଛାତି, ନାଡ଼ି ଯଥାଯଥ ପରୀକ୍ଷା କଲି । ଜର ଅଛି ।

ମୁହଁଭିତରେ ରକ୍ତ ପଡ଼ୁଥିଲା ?

ଗୁର ପାଞ୍ଚ ଦିନ ହେଲା କାଶ ସାଙ୍ଗରେ ଟିକିଏ ଟିକିଏ ପଡ଼ୁଛି ।

ସଞ୍ଜବେଳେ ଝାଳ ବହେ ?

ହଁ, ତଳିଆ ଚଦରଟା ସବୁ ଓଦା ହୋଇଯାଏ ।

କରାଳ ରୋଗ—ଯକ୍ଷ୍ମା । ଷୋଡ଼ଶ-ଦାମ୍ପତ୍ୟ ଲୀଳାର ଯବନିକା ପାତ ହେବାକୁ ଆଉ ଡେରି ନାହିଁ ।

ଔଷଧ ଲେଖିଦେଲି । ସେ ଦଣ୍ଡବତ କରି ଚାଲିଗଲା ।

× × × ×

ବାହାରେ କିଏ କାଶୁଛି । ଉଠିଗଲି । ରାଣୀ ଛିଡ଼ା ହୋଇଛି । ହାତରେ ପୁଟୁଳିଟିଏ ।

କଣ ରାଣୀ ?

ଆପଣ ଛଡ଼ା ଗୁରୁଜନ କେହି ନାହାନ୍ତି । ଥରେ ଦେଖାଇବାକୁ ଚାଲି ଆସିଲି ।

ଭଲ ତ ?

ନାଁ, ଡାକ୍ତର ବାବୁ । ଏଥର ରୋଗଟା ଛାଡ଼ୁ ନାହିଁ ।

ଏ ସୁଖଦିନ ଭିତରେ ଛାଡ଼ିଯିବ । ବ୍ୟସ୍ତ ହୁ ନା ।

ବେଶୀ ହେଉଛି । କାଲି ରାତିସାରା ବସି କାଶିଛି ।

ସେ କାଶିବାରେ ଲାଗିଲା ।

ଚକ୍ଷୁ କୋଣରେ ତାର ଅଶ୍ରୁ । ମୁହଁର ଶ୍ରୀ ନାହିଁ । ଗାଲର ହାଡ଼ ଦିଟା ଉଞ୍ଚା ହୋଇ ଯାଇଛି । ବିବର୍ଣ୍ଣ ରକ୍ତହୀନ ମୁଖ । କୋଟରଗତ ଚକ୍ଷୁ ପ୍ରଦୀପର ଜ୍ୟୋତି ଯେମିତି ନିଷ୍ପ୍ରଭ ହୋଇ ଆସୁଛି ।

ଗୋଟେ କଥା କହିବି ଡାକ୍ତର ବାବୁ ?

କଣ ?

ମୋ ଗହଣା ପତର କିଛି ଆପଣଙ୍କ ପାଖରେ ଥାଉ । ଆପଣ ଯଦି ଦୟା କରି—

ମୁଁ କାହିଁକି ତୋ ଗହଣା ନେବି ?

କେତେଦିନ ଆଉ ବିନା ପଇସାରେ ଦୟା କରିବେ ? ସେଥର ଶିଶିଏ ଔଷଧ ଖାଇ ଭଲ ହୋଇଗଲି । ଏଥର କୌଣସିମତେ ଛାଡ଼ୁ ନାହିଁ । ଭଲ ଔଷଧ ଟିକିଏ ଦିଅନ୍ତୁ ।

ସେଥର ତ ମତେ କିଛି ଦେଇଥିଲୁ ନାହିଁ । ଖରାପ ଔଷଧ ଦେଇଥିଲି ?

ମୁଁ କଣ ତାହା ଜାଣୁଛି ?

ହଉ, ଆସ ଭଲ ହ । ପରେ କରୁ ।

ଗୋଟେ ଭଲ ଔଷଧ ଲେଖି ଦିଅନ୍ତୁ । ଯେମିତି ଜଲଦି ଭଲ ହୋଇଯିବି । ଆଉ କେତେଦିନ ଭୋଗିବି ?

(ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com



ଉଗରରୁ ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କ ଲେଖା 'ଦେଶଦ୍ରୋହୀ' ପଢ଼ିଲି । ଏ କାହାଣୀର ତୀକ୍ଷ୍ଣ ଶ୍ଳେଷ ପୁଞ୍ଜିବାଦ ସମାଜର ସବୁ ଧନପତିଙ୍କୁ ଓ ଉଦ୍ୟମିଙ୍କୁ ଘାତ କରେ । ପ୍ରଚ୍ଛନ୍ନ ଓ ପ୍ରକାଶ୍ୟ ବ୍ୟଙ୍ଗ ମୋତେ ଖୁବ ଭଲ ଲାଗେ, କାରଣ, ହାସ୍ୟର ସଂପୂର୍ଣ୍ଣ ଅର୍ଥ ପଢ଼ିଛନ୍ତି । ଏହାହିଁ ବ୍ୟଙ୍ଗ ଲେଖାର ଆଦର୍ଶ ହେବା ଉଚିତ । ଲେଖା ଭିତରେ ଯେଉଁ ସମାଜ ରୂପ ଓ ସମାଜବୋଧ ଫୁଟି ଉଠିଛି ତାହାର ଏହାର ଅସଲ ପ୍ରାଣ ଶକ୍ତିର ପରିଚୟ ଦିଏ ।

ବର୍ତ୍ତମାନ ତ ଇଂରେଜ ଏ ଦେଶ ଛାଡ଼ିବାକୁ ବସିଲେଣି । ତେଣୁ ଆମର ଓ ଆମ ଦେଶ ଲୋକଙ୍କର ବର୍ତ୍ତମାନ ଦୁଷମନ ନମ୍ବର ୧ ଅଛି ଘୋର ଶୋଷକ ପୁଞ୍ଜିପତି, କଳା ଶୋଷକ । ଏହି ଅସଂଖ୍ୟ ପୁଞ୍ଜିପତି ଶ୍ରେଣୀର ଚୋର ଓ ଠକ ବେପାରୀଙ୍କ ବିରୁଦ୍ଧରେ ହତିଆର ଉଠାଇବାହିଁ ବର୍ତ୍ତମାନ ପ୍ରତ୍ୟେକ ପ୍ରଗତିବାଦୀ କଳାକାର, ଲେଖକ, ଶିଳ୍ପୀ, ପତ୍ରିକାର ଓ ବୁଦ୍ଧିଜୀବୀଙ୍କର ପ୍ରଧାନ ଓ ମହାନ କର୍ତ୍ତବ୍ୟ । ଏ କର୍ତ୍ତବ୍ୟ 'ଉଗର' ସଫଳତାର ସହିତ ସମ୍ପାଦନ କରୁ । ଏଥିରେ ଦେଶୀୟ ଫ୍ୟାସିଷ୍ଟବାଦ ଓ ଦେଶୀ ବିଦେଶୀ ମିଳିତ ଶୋଷଣ ବିରୁଦ୍ଧରେ ଚାଲନ୍ତୁ ଆମେ ଏକଜୁଟ ହେବା ଅନ୍ତତଃ ଲେଖକ ଭାବରେ ।

—ସଚ୍ଚି ରାଉତ ରାୟ

Duduma—by L. N. Sahu. ଡିମାଇ ୮ ପେଜ ୩୮ ପୃଷ୍ଠାର ଇଂରାଜୀ ପୁସ୍ତକ—ମୂଲ୍ୟ ଚାରିଅଣା ।

ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ସାହୁ ଇଂରେଜୀରେ "୪୨।୪୩ରେ ଓଡ଼ିଶା" ଓ ଜୟପୁରର ପାହାଡ଼ିଆ ଜାତି" ନାମକ ଦୁଇଖଣ୍ଡ ଇଂରାଜୀ ବହି ଲେଖି ନିଜେ ଯେପରି ଖ୍ୟାତି ଅର୍ଜ୍ଜନ କରିଛନ୍ତି ଓଡ଼ିଶାର କଥା ବାହାର ଜଗତରେ ପ୍ରଚାର ତତୋଧିକ ଜନ୍ମଭୂମିର ମଙ୍ଗଳସାଧନ କରିଛନ୍ତି ।

ଡୁଡୁମା ଯେ ଜଗତର ଦର୍ଶନୀୟ ସମ୍ପଦ ଏବଂ ଏପରି ଅନ୍ୟାନ୍ୟ ଭାବରେ ଏହା ଉପଯୁକ୍ତ ହୋଇପାରିବ ସେହି କଥା ଅତି ସରଳ ଓ ଶିଷ୍ଟ ଭାବରେ ଏହି ପୁସ୍ତକରେ ଆଲୋଚିତ ହୋଇଛି । ଓଡ଼ିଆର ଦୁଃଖ କାହାଣୀ ପରିପ୍ରକାଶିତ ହେଉ ଏତିକି ଆଶା । ତେବେ ହେଲେ ତାର ଫଳ ଫଳିବ ।

**ସ୍ୱାଧୀନ ବୌଦ୍ଧ ବାର୍ତ୍ତା**—ଏହି ନାମରେ ଖଣ୍ଡିଏ ଇସ୍ତାହାର ଛପା ଖବର କାଗଜ ଉଦ୍ଧାର ପାଇଁ ପରିଷ୍କାରଙ୍କୁ ସାଧୁବାଦ ଦେଉଛୁଁ । ବୌଦ୍ଧପ୍ରଚାରର ଦୂତ, ଏହିକ କାହାଣୀ ଏଥିରେ ବର୍ଣ୍ଣିତ । ବରବଜନ ଜନତାର ହିତସାଧନର ଅବ୍ୟର୍ଥ ।

**ନବଭାରତ**—ଫେବ୍ରୁଆରୀ ୪ର୍ଥ ସଂଖ୍ୟା—ଏ ସଂଖ୍ୟାରେ ୭ ଗୋଟି ପଦ୍ୟ ଓ ୬ ଗୋଟି ଗଳ୍ପ । ବାକି ଆଲୋଚନା ଓ ପ୍ରବନ୍ଧ । ପଂଡିତ ନୀଳକଣ୍ଠଙ୍କର "ଅଭିଳାଷା" ଏଥର ବୃଦ୍ଧିବୋଧରୁ ଲେଖା । ଓମର ଖୈୟାମ ଅତ୍ୟନ୍ତ ସୁନ୍ଦର । ନିତ୍ୟାନନ୍ଦ ମହାପାତ୍ରଙ୍କ ଗଳ୍ପ "ତୃଷା" ଅତି ଆଦର୍ଶ ମୂଳକ ।

**ସହକାର**—ଫାଲଗୁନ—ପଞ୍ଚମ ସଂଖ୍ୟା । ଶ୍ରୀ କାଳିନ୍ଦୀ ଦାସଙ୍କ "ବୋଷୀ ଦିଏ" ଗଳ୍ପ ସମସ୍ୟାମୂଳକ । ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କ ଗଳ୍ପ "ଅନ୍ୟାୟ"ରେ ନ୍ୟାୟ ଅନ୍ୟାୟ ବିଚାର ସହଜ ନୁହେଁ । ବଳୀବର୍ଦ୍ଦ ଶର୍ମାଙ୍କର "ଖୋକା ଓ ବୁଢ଼ା" ନାମାନୁରୂପ ହୋଇପାରିନାହିଁ । ଶ୍ରୀ ସୁଧାଂଶୁ ଶେଖର ରାୟଙ୍କ "କଳା ଓ ଜୀବନ" ଭାଷା ଭାବ ଓ ମୌଳିକତାରେ ସରସ ।

**ଶଙ୍ଖ**—ଫାଲଗୁନ—ନବମ ସଂଖ୍ୟା । କବି ବିନୋଦ ଚନ୍ଦ୍ରଙ୍କର କବିତା ମାଧବୀ ଜ୍ୟୋତ୍ସ୍ନା । ସ୍ନିଗ୍ଧ ମଧୁର । ଶ୍ରୀ ରଘୁନାଥ ଦାସଙ୍କର ଗଳ୍ପ "ଦୁରନ୍ତ" ଖୁବ ସୁନ୍ଦର ହୋଇଛି । ଯେପରି ସରସ ସେହିପରି ସ୍ୱାଭାବିକ । ଭାଷା ମଧ୍ୟ ଉପଯୋଗୀ । ଏହାଛଡ଼ା ଅନେକ

(ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ)

(କାହାଣୀ ପୂର୍ବପୃଷ୍ଠା ଉତ୍ତରୁ)

ବାମିକା ଔଷଧଟିଏ ଲେଖିଦେଲି ।

\+ + × ×

ଡାକ୍ତର ବାବୁ !

କିଏ ? ଭିତରକୁ ଆସନ୍ତୁ ।

ଆସିଲେ ।

ଆପଣ କଣ ରୋଗୀକୁ ଚିକିତ୍ସା କରୁଥିଲେ ?

ହଁ, କାହିଁକି ? କହନ୍ତୁ ତ ।

ରୋଗୀର ଅବସ୍ଥା ଖୁବ ଖରାପ ।

ଆପଣ ରୋଗୀକୁ ଚିହ୍ନିଲେ କିପରି ?

ସେ ମୋ ଝିଅ ।

ଆପଣଙ୍କର ?

ହଁ, ମୋ ଝିଅ । ଗୋଟିଏ ଟୋକା ସାଙ୍ଗରେ ଘରୁ ପଳାଇ ଆସିଲା । ସେଇ ଦିନରୁ ତାକୁ ଖୋଜୁଛି । ସେଇଥିଲାଗି ହେଲଥ ସର୍ଟିଫିକେଟ ଦେଇ ଛୁଟି ନେଇଛି । ମୋର ଅସଲ ବେଗମ ଏଇ । ଖୋଜି ଖୋଜି ତାକୁ ଏତେଦିନେ ଏଇଠି ପାଇଲି । କିନ୍ତୁ ତାର ଏ କି ଅବସ୍ଥା ! କଣ ହେଉଛି ତାର ? ତାଠୁଁ ଶୁଣିଲି ଆପଣ ତା ଉପରେ ଖୁବ ପ୍ରସନ୍ନ । କହନ୍ତୁନା ଡାକ୍ତର ବାବୁ, ତାର କଣ ହେଉଛି ? ବଞ୍ଚିବ ନାହିଁ ?

ସେ କାନ୍ଦ ପକାଇଲେ ।

ମୁଁ କହି ପାରିଲି ନାହିଁ ।

ଚାଲିଲି ।

\+ + + +

କନ୍ୟା ଅଃବାତ ପାଇଲି ନାହିଁ—ରୋଗୀ ମରିଗଲା ।

ସମସ୍ତେ କହନ୍ତି ମରଣ ।

—*—

Digitized by srujanika@gmail.com



ନରକ ଶିଖରେ ବସି ଗୌରୀ ପୁଚ୍ଛନ୍ତି ଶଙ୍କରଙ୍କୁ—"ହେ ନାଥ, ଏ ସମ୍ବତ୍ସରେ ଉତ୍କଳ ପ୍ରଦେଶର ଫଳାଫଳ ଶୁଭାଶୁଭ ବର୍ଣ୍ଣନା କରନ୍ତୁ ।" ଶଙ୍କର କହିଲେ—"ହେ ଦେବୀ ଶୁଣ ।"

ଉତ୍କଳ ଖଣ୍ଡରେ ବର୍ତ୍ତମାନ ଭୋଗ ହେଉଛି କଂଗ୍ରେସାବ୍ଦ ୧୧ ଓ ମହତାବାବ୍ଦ ୨-୩ । ଏ ସମ୍ବତ୍ସର ନାମ ଦୁର୍ଭିକ୍ଷ, ଯୁଗର ନାମ କଂଟ୍ରୋଲ ଯୁଗ, ମେଘମାନଙ୍କର ନାମ ଟେକ୍ସ କାନ, ବିଦ୍ୟୁତଙ୍କ ନାମ ଚମକଲାଗି, ସମୁଦ୍ରଙ୍କ ନାମ ଲବଣାମ୍ବୁ, ବାୟୁଙ୍କ ନାମ ଖରଶ୍ବାସ, ବ୍ରହ୍ମାଙ୍କ ନାମ ବେଶ୍ୱାମିନ, ବିଷ୍ଣୁଙ୍କ ନାମ ସଂଟଙ୍କ, ଶିବଙ୍କ ନାମ ମହାକାଳ, ଇନ୍ଦ୍ରଙ୍କ ନାମ ସ୍ୱୟମ୍ଭାଚ ।

ଏ ସମ୍ବତ୍ସରେ ରାଜାଙ୍କ ନାମ ବିଭୀଷଣ, ପଞ୍ଚ ମନ୍ତ୍ରୀଙ୍କ ନାମ ଯଥା—ମହତାବ—ସୋସାଲିଷ୍ଟ ବିଦ୍ବେଷୀ, ନବକୃଷ୍ଣ—କୂଳତ୍ୟାଗୀ, ଲିଙ୍ଗରାଜ—ବ୍ରହ୍ମଚାରୀ, ନିତ୍ୟାନନ୍ଦ—ପ୍ରିୟଦର୍ଶୀ, ରାଧାକୃଷ୍ଣ—ବିଶ୍ୱକର୍ମା । କର୍ମର ନାମ ଯୋଜନା, କରରେ ନାମ—ହାର୍ଦ୍ଦ୍ୟା, ଧର୍ମର ନାମ ଲାଲାପୋଟେଇ, ପ୍ରେମର ନାମ—ପଟେକାସ୍ତୁ, ସତ୍ୟର ନାମ—"ଉତ୍କଳ ପ୍ରସଙ୍ଗ", ମନ୍ତ୍ରର ନାମ—ହରେକୃଷ୍ଣ, ବ୍ରତର ନାମ—ଶୋଷଣ, ଜାତିର ନାମ—ପ୍ରବଞ୍ଚନା, ଭେକର ନାମ—ଖଦଡ଼, ଦେବାଳୟର ନାମ—ନହଲି ଭବନ ।

ଏ ସମ୍ବତ୍ସରେ ରାଜା—ଚନ୍ଦ୍ର, ଫଳଂ ଜାଗଣୀ ଧର୍ଷଣ । ମନ୍ତ୍ରୀ—ମହାତପା, ଫଳଂ ପାପ ପାଳନ । ପୁରୋହିତ—ମିଶ୍ରବାଚ, ଫଳଂ ବାଦବିଦ୍ୟା ବର୍ଦ୍ଧନ । କରଣ—କାନଗୋଇ, ଫଳଂ ଚଳ ସୃଜନ । ଜଗର—ବୀରେନ୍ଦ୍ର, ଫଳଂ କର୍ଣ୍ଣ ଫୁଙ୍କନ । ପଣ୍ଡିତ—ବିଶ୍ୱନାଥ, ଫଳଂ ଗୁଣକୀର୍ତ୍ତନ । ଡାକ୍ତରକାସ୍ଥା ( ବୈଦ୍ୟଧାରୀ )— ମାୟାଧର, ଫଳଂ ତୈଳ ମର୍ଦ୍ଦନ । ଗନ୍ଧାସୃତ—ଚତୁର୍ଦ୍ଦଶୀ, ଫଳଂ ଭଣ୍ଡାର ଶୋଷଣ ।

## ଅର୍ଥଭାଗ ସଂଖ୍ୟା

| | | | |
|---|---|---|---|
| କର୍ଣ୍ଣ— | ୧୯ ଭାଗ | ରୋଗ— | ୧୮ ଭାଗ |
| ଅଗ୍ନି— | ୨୪ ଭାଗ | ଔଷଧ— | ୫୧ ,, |
| ଶୈରଭଦ୍ର— | ୫୪ ,, | ବ୍ୟାଧି— | ୧୩ ,, |

| | | | |
|---|---|---|---|
| ଅଗ୍ନୁ— | ୩ ଭାଗ | ଜଳ— | ୮ ,, |
| ଦୁର୍ଭର— | ୧୫ ,, | ଗୋଳ— | ୧୫ ,, |
| ପାପ— | ୧୬ ,, | ଲକ୍ଷ୍ମୀ— ୨୦ ଭାଗର ମଧ୍ୟେ | |
| ପୁଣ୍ୟ— | ୨୪ ,, | (କଂଗ୍ରେସିଅ—୧୫ ଭାଗ) | |
| ଶତ୍ରୁ— | ୭୧ ,, | (ଅମଲା—୫ ଭାଗ) | |
| ଅତ୍ୟାଚାର— | ୮ ,, | ମିଥ୍ୟା—୨୧ ଭାଗର ମଧ୍ୟେ | |
| ଶୃଙ୍ଗ— | ୩ ଭାଗ | (ଉତ୍କଳ—୧୦ ଭାଗ) | |
| ଅବଶ୍ୟ— | ୧୬ ,, | (ଖଦଡ଼ୀ—୧୧ ଭାଗ) | |
| ଶାନ୍ତି— | ୧୭ ,, | ଅନ୍ୟାୟ— | ୨ ଭାଗ |
| ମୃତ୍ୟୁ— | ୧୮ ,, | ସତ୍ୟ— | ୨୪ ଭାଗ |

ଏ ବର୍ଷ ଅରମ୍ଭରୁ ଅଧିକ ରହିବ ମହତାବଙ୍କ ହାତରେ—ଫଳରେ ବହୁବୃଦ୍ଧି ହୋଇବ । ଯଥା—ବେପାରୀଙ୍କ କୋଷବୃଦ୍ଧି, ଗ୍ରାମ୍ୟ ଶିକ୍ଷକଙ୍କ ବେତନ ବୃଦ୍ଧି, ପୁଲିସଙ୍କ ଅନାଚାର ବୃଦ୍ଧି, ହାକିମଙ୍କ ସଂଖ୍ୟା ବୃଦ୍ଧି, ଅମଲାଙ୍କ କ୍ଷମତା ବୃଦ୍ଧି, କଂଗ୍ରେସବାଲାଙ୍କ ହାତରେ କଂଟ୍ରୋଲ ବୃଦ୍ଧି, ଜିଲ୍ଲା ବୋର୍ଡ଼ର ପଥକର ବୃଦ୍ଧି, କମ୍ୟୁନିଷ୍ଟଙ୍କ ଦଳନ ବୃଦ୍ଧି, ସୋସାଲିଷ୍ଟଙ୍କ ତାଡ଼ନ ବୃଦ୍ଧି ଇତ୍ୟାଦି ଇତ୍ୟାଦି ।

ଅଗ୍ନି କମ୍ୟୁନିଷ୍ଟଙ୍କ କପାଳରେ । ବଜ୍ର ପୁଲିସ ହସ୍ତରେ । ଗଦା ଅସେମ୍ବ୍ଲି ସ୍ପିକରଙ୍କ ହସ୍ତରେ । ଚକ୍ର ମାଳତୀ ଦେବୀଙ୍କ ହସ୍ତରେ । ଧନୁ କନକ ଠିକାଦାରଙ୍କ ହସ୍ତରେ । ମାଠ ନିପାଠୀଙ୍କ ମୁଖରେ । ଭଣ୍ଡାର ଯାଯୋଡ଼ଅଙ୍କ ବ୍ୟାଙ୍କ ବହିରେ । ଶସ୍ୟ ପଟନାଙ୍କ ବିଜ୍ଞାନ ମନ୍ଦିରରେ (ଲାବୋରେଟରି) ଇତ୍ୟାଦି ଇତ୍ୟାଦି । ଏମନ୍ତେ ନବବର୍ଷ ନୂତନ ପଞ୍ଜିକା ସମାପ୍ତ ହୋଇଲା ।

---

( ବହିପତ୍ର ମୂଲ୍ୟବୃଷ୍ଟି ଉତ୍ତରୁ )

ଗୁଡ଼ଏ ଗଦ୍ୟ ପଦ୍ୟ ଲେଖା ଏ ସଂଖ୍ୟାର କଳେବର ବୃଦ୍ଧି କରିଛି ।

**ଝଙ୍କାର** – ମାଘ—ନବମ ସଂଖ୍ୟା । ଶ୍ରୀ ବିନୋଦ ରାଉ, କାନନଙ୍କ "ଗଂଧାନାଥଙ୍କ ମହାଯାତ୍ରାରେ ସେନ୍‌ସର ଓ ମିଲ୍‌ଟନ ଅଟନି" ଗବେଷଣା ପୂର୍ଣ୍ଣ । ବିନୋଦ ବାବୁ ଅକାଟ୍ୟ ପ୍ରମାଣ ପ୍ରୟୋଗ ଦ୍ୱାରା ଗଧାନାଥଙ୍କ ଅମର ଚଳକୁ ଖସାଇ ଦେଇ ପାରିଛନ୍ତି । ଏ ସମ୍ବନ୍ଧରେ ସମଧିକ ଆଲୋଚନା ହେବା ଦରକାର । ଶ୍ରୀ ଭାନୁଚରଣ ମିଶ୍ର "ବିଶ୍ୱସାହିତ୍ୟରେ ଉପନ୍ୟାସ" ଉପାଦେୟ ପ୍ରବନ୍ଧ । କବି କାଳନ୍ଦୀ ଚରଣଙ୍କ "ଶେଷ ଗୀତ" କବିତା ଉଚ୍ଚ କୋଟିର ଗାଣ୍ଡି କବିତା । ଅନ୍ୟାନ୍ୟ ଗଳ୍ପ ଓ କବିତା ସାଧାରଣ ।

ଓଡ଼ିଆ ସଂଗୀତ ସମ୍ବନ୍ଧରେ ସମ୍ପାଦକୀୟ ଆଲୋଚନା ପ୍ରତି ସାଧାରଣର ଦୃଷ୍ଟି ଆକର୍ଷଣ କରୁଅଛୁଁ । ଯୁଗର ରୁଚି ଗତିର ସଙ୍ଗ ବଦଳି ଯାଇଛି—ଶରତର ବାଦଲ ପରି । କଳ୍ପ ସଂଗୀତରେ ସୋଡ଼ାଏ ବଶିଷ୍ଟ ଓଡ଼ିଶୀ ଧାରା (School) ଯେ ଥିଲା ତାହା ଅତି ସତ୍ୟ । ମାତ୍ର ତାହା ବସୁନ୍ଧରା ଗର୍ଭରେ । ତାକୁ ଉଦ୍ଧାର କରି ରୂପ ଦେବା ପାଇଁ ଓଡ଼ିଶାର ଶିକ୍ଷିତ ସଂଗୀତ ବିଶାରଦଗଣ ଯତ୍ନବାନ ହୁଅନ୍ତୁ । ମାଡ଼ିଆଣା ଢଙ୍ଗରେ କେତେଦିନ ଚଳିବ !

Digitized by srujanika@gmail.com



# କବି-ଲହରୀ

ଲେଖକ—ଫକୁରାନନ୍ଦ

ଘରେ ଚୁପ୍ ଚାପ୍ ବସିଛି । ହଠାତ୍ ଡଗଡଗରଅ ଝାଡ଼ା ଫେରିଗଲା ପରି ମୋର ବନ୍ଧୁ ଅବନୀ ମହାପାତ୍ର ଅସି ମୋ ପାଖରେ ବସି ସାଙ୍ଗେ ସାଙ୍ଗେ ଆରମ୍ଭ କରିଦେଲା—"ଭାଇ ଗୋଟିଏ କାମ କରିଦେବୁ ?"

"କଅଣ ?"

"ଗୋଟିଏ କବିତା ଲେଖିଦେବୁ ?"

"କେମିତିକା କବିତା ?"

"ପ୍ରେମ କବିତା । କଥାଟା ଏଇୟା—ଆମ ଗାଁ ବାଉଁଶ ବଣ ଭିତରେ ଗୋଟିଏ ବଡ଼ ପୋଖରୀ ଅଛି । ସେଠାକୁ ଅମୁକ ଦାଶଙ୍କ ଝିଅ ସକାଳେ ପାଣି ମାଠିଆ ଧରି ନିତି ଗାଧୋଇ ଯାଏ ଓ ପଦ୍ମଫୁଲ ତୋଳି ଘରକୁ ଫେରେ । ମୁଁ ନିତି ତାହାର ପଥ ଜଗେଁ । ଥରେ ତାର ମୋର ଚାରି ଆଖି ହୋଇଗଲା । ସେ ମୁରୁକି ହସା ଦେଇ ଚାଲିଗଲା । ତାର ମୋର ଦେଖା ଓ ନାଁ ଗାଁ ଛାଡ଼ିଦେଇ ବାକି ଘଟନାର ଯଦି କବିତା ଲେଖି ଦିଅନ୍ତୁ ତେବେ ମୁଁ ତାକୁ ସେଇଟା ଉପହାର ଦିଅନ୍ତି । ଶୁଣିଛି ଯେ କବିତା ଉପହାର ଦେଲେ ଟୋକୀଏ ଖୁସି ହୁଅନ୍ତି ।

ମୁଁ କହିଲି—"ଆଚ୍ଛା ଦେଖିବା ।" ମହା ହରବରଣରେ ପଡ଼ିଲି । ମୁଁ ତ କବି ନୁହେଁ କବିତା ଲେଖିବି କିପରି ? ... ବୁଦ୍ଧି ଖେଳିଗଲା ।

ମୁଁ ତ ବେତାଳ ସାଧନା କରିଛି । ବେତାଳମାନଙ୍କ ହାତରେ ମୃତ ଓ ଜୀବିତ ବଡ଼ ବଡ଼ କବିମାନଙ୍କ ପାଖକୁ ଏହି ଖବର ପଠାଇଲି । ଦଳେ ସ୍ୱର୍ଗପୁରକୁ ଚାଲିଗଲେ, ବାକି ଦଳ ବାହାରେ ସମସ୍ତେ ଶୋଇବା ପରେ ମର୍ତ୍ତ୍ୟଲୋକ ଥିବା କବିମାନଙ୍କ ଆତ୍ମା ପାଖକୁ ଖବର ନେଇଗଲେ । କିଛିସମୟ ପରେ ପ୍ରତ୍ୟେକ କବିମାନଙ୍କଠାରୁ ଖଣ୍ଡେ ଖଣ୍ଡେ କବିତା ନେଇ ବେତାଳମାନେ ଅସି ମୋ ପାଖରେ ହାଜର ହୋଇଗଲେ । ଅଧିକ ହରବରଣରେ ପଡ଼ିଲି । କେଉଁ କବିତାଟାକୁ ତାକୁ ଦେବି ? ପାଠକମାନେ ବାଛିଦେବେ କି ?

( ଜୀବନ୍ତ ବା ମୃତ କୌଣସି କବିଙ୍କ ସମାଲୋଚନା କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ ! କେହି ଯଦି ଏଥିରେ କ୍ଷୁଣ୍ଣ ହୁଅନ୍ତି ତେବେ ତାଙ୍କଠାରୁ ମୁଁ କ୍ଷମା ଭିକ୍ଷା କରୁଛି । )

## ୰ ବଳରାମ ଦାଶ (ରାମାୟଣ ରଚୟିତା)

ବାଉଁଶ ବଣରେ ଅଛି ଏକଇ ପୋଖରୀ,
ସେଠାବକୁ ଯାଅଇ ଯେ ଜଙ୍ଗଲ ସୁନ୍ଦରୀ ।
କର୍ଣ୍ଣରେ ତାଡ଼କ ଯେ ବଳଅ ପୁଞ୍ଜି ପୁଞ୍ଜି,
ଲଲାଟର ଶୋଭାକୁ ଯେ ଗୁଞ୍ଜମାଳୀ ରଞ୍ଜି ।
କାଣୀକଉଡ଼ି ମାନଙ୍କୁ ମାଳ ମାଳ କରି,
ଶରଧା ନିମନ୍ତେ ସେ କଟିରେ ଅଛି ଭରି ।
ବେଙ୍ଗୀ ପିତ୍ତଳ ନୋଥ ନାକରେ ଶୋହଇ,
ଟଗର ଫୁଲର ହାର ଖୋସାରେ ଅଛଇ ।
ନାଲିଅ କନ୍ତାଟିଏ ବସନ ତାହାର,
ଗାଧୋଇବା ଲଗି ସେହୁ ଯାଏ ଡଗଡଗ ।
ମାଟିଅକୁ ଧୋଇ ଦେଇ ପାଣିରେ ପଶିଲା,
କନ୍ତାର କାନରେ ସେହୁ ଅଙ୍ଗ ମାଜି ହେଲା ।
ପଦ୍ମଫୁଲ ଦେଖି ତାର ଶରଧା ବଳିଲା,
ବଳରାମ ଦାଶ ବୋଲେ ସୁନ୍ଦରୀ ତୋଳିଲା ।

———*———

## ୰ ଦୀନକୃଷ୍ଣ ଦାସ

( ରାଗ—କେଦାର ଚକକେଳି )

କର୍ଣ୍ଣେ କୁକୁଟ କୁହାଟ ଶୁଣିଲା,
କଳାଚର ମୁଖୀ କାନ୍ତା ଧାଇଁଲା ।

Digitized by srujanika@gmail.com

କେଶ ମୁକୁଳା କରେ ସେହି କରି,
କବରୀର ଗତ ଦେଲା ବିସ୍ତାରି ।
କାନ୍ତ ବନରେ ଥିବା ସରୋବରରେ,
କାୟା ଧୋଇବ ବୋଲି ଗମେ ଖରେ ।
କେଶୁ ଝଗର ଫୁଲ ଯେ ଖସଇ,
କବି ମନକୁ ଏମନ୍ତ ଆସଇ ।
କଳାକର କି ରାହୁ କବଳରୁ,
କ୍ରମେ ଗଳି ପଡ଼ୁଅଛୁ ଗଳାରୁ ।
କାନ୍ତା ନିତମ୍ବ ବିମ୍ବ ଅତି ଗୁରୁ,
କଟି ସରୁ କେଶରୀ ମଧ୍ୟ ଠାରୁ ।
କଲହଂସ ପ୍ରାୟେ କରେ ଗମନ,
କୁଚ କୁମ୍ଭ ହୁଅଇ କମ୍ପମାନ ।
କ୍ରମେ ଜଳପାତ୍ର ଟେକି ଥୋଇଲା,
କେଳି କଲାପ୍ରାୟେ ଜଳେ ପଶିଲା ।
କୁଚ ଜଳେ ଘସି ସେ ବିହରଇ,
କେକୀ ଅବ ପ୍ରାୟେ କେଶ ଭସଇ ।
କାମ ଭେଳରେ କମଳ ତୋଳଇ,
କବି ଦୀନକୃଷ୍ଣ ଦାସ କହଇ ।

—— ✻ ——

## ୮ ଅଭିମନ୍ୟୁ ସାମନ୍ତ ସିଂହାର

ରାଗ—କାଳୀ (ଆଦ୍ୟ ଯମକ ପଞ୍ଚାକ୍ଷର)

ଶ୍ରବଣେ ଧୀରେ ଶ୍ରବଣେ ଧୀରେ ଲଭିବ ମହାନନ୍ଦ,
ଭାବି ନରତ ଭାବନା ରତ ହୋଇ ପରମାନନ୍ଦ ।
ଶର ବନରେ ସର ବନରେ ଅବଗାହିବ ବୋଲି,
ବାସ ନ ଥୋଇ ବାସନ ଥୋଇ ଜଳେ ପଶଇ ହଲି ।
ଅପସରୀ କି ଅପସରି କି ନଯିବେ ମାନେ ମ୍ଳାନେ,
ଅଳକାପନ୍ତି ଅଳକା ପତି ଦେଖି ମଜ୍ଜିବେ ଇଲ୍ଲେ ।
ମନମଥର ମନ ମନ୍ଥର ଗମନା ମୋହି ପାରେ,
ନ ବନାଣେ କି ନବୀନା ସେ କି ଅନଙ୍ଗ ଲୋଚନରେ ।
ଧିଆନ କରୁ ଧୀ ଅନ କରୁଅଛୁ ମୋର ତା ଛବି,
କୁସୁମ ଶର କୁସୁମ ଶର ହେଲା ତ ଆସି ଧବି ।
ବନ କୁମାରୀ ବନକୁ ମାରି କୁଚ ଘଷିଣ ଜଳେ,
ମଦ ନ ଇଚ୍ଛି ମଦନ ଇଚ୍ଛି ବାରିଜ ଧରି ତୋଳେ ।
କି ସୁମନରେ କି ସୁ ମନରେ ମନାଇ ଥିଲେ ହରି,
ଏ କବି ତାକୁ ଏ କବିତାକୁ ଦିଅନ୍ତା ଉପହାରି ।

—୦— (କ୍ରମଶଃ)

(ଆସନ୍ତା ସଂଖ୍ୟାରେ ଉପେନ୍ଦ୍ର ଭଞ୍ଜ ଓ ଗଙ୍ଗାଧର ମେହେରଙ୍କର କବିତା ପ୍ରକାଶ ପାଇବ)


**ପ୍ରକାଶ ପାଇଲା, ପ୍ରକାଶ ପାଇଲା ।**

**"ବାଜୁଅ-ଝିଅ"**

(ଉପନ୍ୟାସ)

"ଉପନ୍ୟାସ ସ୍ରଜକରେ ଚହଳ ପକାଇ ସମାଜରେ ଆଖି ଖୋଲି ଦେଇଛୁ ଏକା ନିଶ୍ୱାସରେ ପଢିବାର ଉପନ୍ୟାସ" ଆପଣ ବାଜୁଅଁ ଝିଅ ପଢନ୍ତୁ ?

ଶୀଘ୍ର ପ୍ରକାଶ ପାଉଛୁ

**"କଳ ଘର"** (ଉପନ୍ୟାସ)

**"ଗାଁ ଗହଳି"** (ଉପନ୍ୟାସ)

ସ୍ୱପ୍ନ ଓ କଳ୍ପନା ଭିତରେ ବାସ୍ତବତା ଭରି ରହିଛୁ ।

ପ୍ରକାଶକ—ସିଂହଭୂମ ପବ୍ଲିସିଂ ହାଉସ
୨୪, ନମ୍ବର ବାଣୀ ରୋଡ଼
"ଟାଟା ନଗର" (B. N. Ry.)



**ନକଲି ସୁନା**

**ପଥର ବସା ମୁଦି**

ଧରା ଯାଇ ପାରିବେ ନାହିଁ । ହୀରା, ପଦ୍ମରାଗ ମଣିପରି ଚକ୍ ଚକ୍ ସୁନ୍ଦର ପାଲିସ କରା ଏବଂ ଖାଣ୍ଟି ସୁନାରୁ ଟପି ଯାଇଛି । ଏକ ଡର୍ଜନର ଦାମ ୫ ୬ ୳ ପଥର ବସା ନ ହୋଇ ଫୁଲ ଉଠାଇଥିବା ମୁଦି ଡର୍ଜନକର ଦାମ ୫ ୪ ୳

ଏହା ଛଡ଼ା ଯେ କୌଣସି ପ୍ରକାର ମୁଦି କିଣିଲେ ଗୋଟିଏ ନେକ୍ ଚେନ୍ ଲକେଟ ସହ ବିନାମୂଲ୍ୟରେ ପାଇବେ ।
କୌଣସି ପୋଷ୍ଟେଜ୍ ବା ପ୍ୟାକିଂ ଖର୍ଚ୍ଚ ଦେବାକୁ ପଡ଼ିବ ନାହିଁ ।

HENA AGENCY
14. Dr. Jagabandhu Lane.
Bowbazar, Calcutta.


Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ଚରିତ୍ରର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନ କରିବା । ୨ । 'ଉଗର'ର ମାଧ୍ୟମରେ ଏବଂ ବିଦେଶସ୍ଥ ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ଓ ସାହସ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ଊଣା ବାଳକ ବାଳିକାମାନଙ୍କ ପାଇଁ)

ପ୍ରିୟ ଭାଇମାନେ ଓ ଭଉଣୀମାନେ,

ତୁମ୍ଭେମାନେ ଶୁଣିଲେ ଖୁସୀ ହେବ ଯେ ତୁମପରି ଅଳ୍ପ କେତୋଟି ନାନା ଭାଇଙ୍କର ଉଦ୍ୟମରେ ଓ କେତେକ ପୁରୁଣା ଅଭିଭାବକମାନଙ୍କ ସହଯୋଗରେ ଏଠି ଜାମସେଦପୁରରେ ଉତ୍କଳ ବାଳକ ସମିତି ନାମରେ ଗୋଟିଏ ନୂଆ ଅନୁଷ୍ଠାନ ଗଢ଼ା ଯାଇଅଛି । ଅନୁଷ୍ଠାନଟି ଛୋଟ ହେଲେହେଁ ତାର ବଡ଼ ବଡ଼ ଦେଶସେବା କରିବାକୁ ସାଧ ରହିଛି । ଦରିଦ୍ର ଓଡ଼ିଆ ପକ୍ଷରେ ଯେତିକି ସଂଗ୍ରହ କରିବା ସମ୍ଭବ ବସ୍ତୁ ଅର୍ଥ ଓ ଅର୍ଥାଭାବ ଯୋଗୁଁ ପଛେଇ ଯାଉଥିଲେ ମଧ୍ୟ ବୁଦ୍ଧିରେ ତାର ବହୁତ ଆଶାର ଲକ୍ଷଣ ରହିଛି ।

ସେ ଯେତେ ଦେଶ ସେବା କରି ସୁନାମ ଅର୍ଜନ କରିପାରେ ସେତେ ଅବଶ୍ୟ ତୁମ୍ଭମାନଙ୍କ ନାମରେ ତାର ସୁନାମ ବାଜିବ । କେବଳ ବର୍ତ୍ତମାନ ଏ କଥାଟି ତୁମମାନଙ୍କ ଆଗରେ ଉପସ୍ଥାପିତ କରିବାର ପ୍ରୟୋଜନ ହେଉଛି ତୁମ୍ଭମାନଙ୍କର ଏଥିପ୍ରତି ସାହାଯ୍ୟ ଓ ସହାନୁଭୂତି ଗଭୀର ଭାବରେ ଅର୍ଜନ କରିବା ।

ମୋର ଅଭିମତ ଏହି ଯେ, ଉତ୍କଳରେ ଯେତେ ଯେତେ ଦେଶ ହିତକର ଅନୁଷ୍ଠାନମାନ ଅଛି ପ୍ରତ୍ୟେକ ପ୍ରତ୍ୟେକଙ୍କୁ ସାହାଯ୍ୟ ସହାନୁଭୂତି ଦେବା ଉଚିତ । କେବଳ ମୌଖିକ ନୁହେଁ । ଯଦି ସମ୍ଭବ ହୁଏ ଆର୍ଥିକ ଭାବରେ ମଧ୍ୟ । ସେହି ହେତୁରୁ ଏବଂ ଉତ୍କଳ ବାଳକ ସମିତି ପ୍ରତି ମୋର ଦାୟିତ୍ୱ ଓ କର୍ତ୍ତବ୍ୟ ଦୃଷ୍ଟିରେ ଓ ନାଗରିକ ହିସାବରେ ଏଥର ଏହି ଭିକ୍ଷା ଝୁଲି ଧରି ତୁମ୍ଭମାନଙ୍କ ସମୀପରେ ଠିଆ ହେଲି ଏଥିପାଇଁ ଲଜ୍ଜାନୁଭବ କରୁନାହିଁ ।

ଗୋପବନ୍ଧୁ ପାଠାଗାର, ଶିଶୁମାନଙ୍କର ଖେଳପ୍ରତିଯୋଗିତା, ଲେଖକମାନଙ୍କର ସହଯୋଗ ଓ ସାହିତ୍ୟାଲୋଚନା, ଦରିଦ୍ରମାନଙ୍କର ନୈଶ ବିଦ୍ୟାଳୟ ଇତ୍ୟାଦି ଇତ୍ୟାଦି ବିଭାଗମାନଙ୍କର କାର୍ଯ୍ୟ ଯଥାସମ୍ଭବ ଏହାଦ୍ୱାରା ସମ୍ପାଦିତ ହେଉଅଛି । 'ଉଗର'ର ସମ୍ପାଦକ ମହାଶୟ ବିନା ମୂଲ୍ୟରେ ଉଗର ପଠାଇବାର ପ୍ରତିଶ୍ରୁତି ଦେଇ କାର୍ଯ୍ୟରେ ମଧ୍ୟ ପରିଣତ କଲେଣି । ମୋର ଆଶା ତୁମ୍ଭେମାନଙ୍କଠାରୁ ଯଥାଶକ୍ତି ସାହାଯ୍ୟ ଓ ସହାନୁଭୂତି ପାଇ ମୁଁ ଏବଂ ଉତ୍କଳ ବାଳକ ସମିତି ଯେପରି ଗର୍ବ ଅନୁଭବ କରେ ।

ସମ୍ପାଦକ, ଉତ୍କଳ ବାଳକ ସମିତି, 51 N. 1. Type, Jamshedpur ଠିକଣାରେ ଚିଠି ପତ୍ର ଲେଖ । ଇତି ।

ତୁମ୍ଭମାନଙ୍କର ପୁରୁଣା ଭାଇ
ଶ୍ରୀ ଉଦୟମଣି ବଳାଇ

— — * — —

## —ଜୀବନ—

ସହିଛ ନୀରବ କେତେ ଜୀବନର ଗତି,
ମୁଖ ଖୋଲି ନାହିଁ କହି ପ୍ରାଣର ସମ୍ମତି ।
— ପୂର୍ବାର ସ୍ୱପନ ଖୋଲି ଯୌବନ ମନ୍ଦିର···,
ଆସେ ପୁଣି ଚରଣାନ୍ତ-ଶାନ୍ତି ଦୂରୁଦୂରେ ।
ତଥାପି ଜାଣିଥି ଦୁଃଖ-ଅନ୍ଧକାର ଘେରେ,
ଚଳିବାକୁ ହେବ ପଥ ଘେରିଛି ତେଣୁ ।
× × × ×
ସୁଖ ସମ ଦୁଃଖରେ ଯେ ଜୀବନ ଅବଧି,
ତଥାପି ଚଳିଛ ପଥ ଧାରଣ କରି ଯହି ।
ଫୁଟିଛି କାମନା—ଫୁଲ ପଥ-ପାର୍ଶ୍ୱରେ ତାର,
—ଏ ଜୀବନ ନୁହେଁ ଖାଲି ବୃଥା ହା-ହାକାର ।
ସନ୍ତୋଷେ ଚାହିଁଛି ଯେଣୁ ଶ୍ରେଷ୍ଠ ଉଚ୍ଚ ଭାବ,
ଲଭିଛି ଅନ୍ତରେ ସେହି ସାଫଲ୍ୟ-ଗୌରବେ ।
ସାଧନାର ମହାଯଜ୍ଞ ଅଟେ ଏ ଜୀବନ·····,
ତଥ ଶୁଭିଛି ଏ ଭୁବନ-ବନ୍ଧନ ।

ଶୈଳବାଳା (୧୬ ନଂ ଭାଗ)

— — * — —

## କହି କି ପାରିବ ଆହେ ପ୍ରଭୁ, ଭଗବାନ !

ନିର୍ମମ ଏତେ ହୃଦୟ ତୁମର କେଉଁ ଅନାଥ ଦେଖିଲି,
ଅନାହାର ବାଳ ଦେଉଛି ପଠାଇ ଭକ୍ତ ନ ପାଇଲା ହେଲେ ।
ଧରଣୀ ମଧ୍ୟର ଝଙ୍କାରେ ଅଛ ସାଗର ଅନନ୍ତ ଗୀତ,
ମନୁଷ୍ୟ ବସନ୍ତ କୋକିଳ କୂଜନ ଶୁଣେ ନା କି ମନେ ପ୍ରୀତି ?
କେଉଁ ପାଇଁ ଦେବେ ଉଦାର ହୃଦୟ ସ୍ଥାନ,
କହିପ ପାରିବ ଆହେ ପ୍ରଭୁ ଭଗବାନ !
ଅସିଛି ଧରଣୀ ବକ୍ଷରେ ଅଛ କୋଳର ମଧୁର ଖେଳା,
ଆନନ୍ଦ ଜଗତ ତୃପ୍ତି ହେବାରେ ଲଭିଅଛି ପଶୁ ଖେଳା ।
କହି ଦେଉଛ ପଥର ବ୍ୟଥିତେ ସମୀରଣ ତାଳେ ତାଳେ,
ଧରର ଅଙ୍ଗ ପରଶି କୋମଳ ଗାଏ ଗୀତ ନିଜ ହେଲେ ।
କେବେ କର୍ଣ୍ଣ ତୁମେ ରହିଛ ଅତି ସଜାଗ,
କହିପ ପାରିବ ଆହେ ପ୍ରଭୁ ଭଗବାନ !
ମହାମାସ ଭସ୍ମ ହୁଏ ତବା ପାଇଁ ହେବ ନା କି ସହାୟ,
ପ୍ରୀତି ହିଲ୍ଲୋଳ ଛୁଟାଇବ ନାହିଁ ଧରଣୀରେ ଏଥର ?

Digitized by srujanika@gmail.com

ସ୍ୱାଧୀନ ଦା ଠ ପ୍ରକ୍ତିପନ୍ନବ ରକ୍ତ ଶୋଷଣ ଜାତ,
ହଇତ କନ୍ୟା ଦେଶ ନ ହୁଏମ ଭ୍ରନ, ଭ୍ରମ ଦେଶ ଭ୍ରାନ୍ତ ?
ତେବେ କେଉଁ ଏକ ଅଧ୍ୟ କରିଛ ସ୍ଥାନ,
କହିବ ପାଇବ ଧରେ ପ୍ରଭୁ ଭଗବାନ !

ଶ୍ରୀ ଗୋପୀନାଥ ବେହେରା

——※——

## ଦେବତା

ବୋଝୂରେ ଯାଉଁ ପାଉ ପାଇଁ,
ଉଦ କୋଣ ମଧ୍ୟ ଦୁର ରହି,
ଖୁଜ୍ ପାଣ ଭ୍ରମ ସେହ ଦେବତାରେ,
ନିର୍ଜନ ଅରଣ୍ୟେ କନ୍ଦରା ଅନ୍ତରେ,
ଅଛ କି ଦେବତା ତୁମେ !
ତେବେ ନିଷ୍ଫଳ ଦଉଡ଼ା ପଥେ ଧାଇଁ ହେଉ ଅଛି ସର୍ବ । ୧
ଢାଳି ସ୍ନେହଧାରା ବୃଥା କଣ୍ଡ ଭାବେ—
ଉଡ଼େ ଗାଏ ପକ୍ଷୀ ଗୀତ ଖୋଲ ପ୍ରାଣେ,
ମୁମନ ସୌରଭ ବହେ ସମୀର,
ଉଦେ ମନ ମୋଦ ପୁଲକ ଅନ୍ତର,
ଅଛ କି ଦେବତା ତୁମେ !
ବୃଥା ତୋର ପୂଜା ଅର୍ଚ୍ଚନା ଶାନ୍ତି ଜଗତ ଜାଣିବା ପାଇଁ । ୨ ।
ଗିର୍ଜା, ମସଜିଦ୍ ଦେଉଳ ମନ୍ଦିରେ,
ପୂଜା କରୁ ଯା'ରେ ଭକ୍ତ ଅନ୍ତରରେ,
କରି ଅର୍ଚ୍ଚନା, ଅର୍ଚ୍ଚନା, ବନ୍ଦନା,
କରୁଣ ମିନତି କାତର ପ୍ରାର୍ଥନା
ଶୁଣେ ସେ କି କେବେ ଅଛେ,
ସେ ଯେ ମାନବର ହୃଦୟ ଦେବତା ରହିଛ ହୃଦୟ ତଳେ । ୩ ।
ଜାଣୁ ଜାଣୁ ଭ୍ରାନ୍ତ ମିଛ ଭୁଲ କରୁ,
ନାହିଁ ସେ ତେ ଯହିଁ ତହିଁ ଖୋଜ ମରୁ
ସହସ୍ର ସହସ୍ର ମାନବରେ ଯହିଁ,
ନର ନାରୀ ଅଛ ତହିଁ ତହିଁ—
ଅନ୍ତରରେ ଭଗବାନ,
ସେ ଯେ ମାନବର ହୃଦୟ ଦେବତା ପ୍ରକୃତ ତା'ର ଏହ ସ୍ଥାନ । ୪

ଶ୍ରୀ ଶୁକଦେବ ବ୍ରହ୍ମା—

——※——

## ନାଗଙ୍କ ଖବର

ଭୁମାସ ନୈନିତାଲ ଜଣାଇଛନ୍ତି ଯେ ତାଙ୍କର ଶାରୀରିକ ଅସୁସ୍ଥତା ହେତୁ ସେ ନଂ ୪୨୪ ନାଗଶ୍ରେଣୀ ଗଢ଼ନ୍ତେ, ତାଅ ବାଲକ ନମସ୍କାର ରକ୍ଷା କରିବାକୁ ଅକ୍ଷମ ।

## ଅଜାଙ୍କ ନିର୍ଦ୍ଦେଶ

"ମହାତ୍ମା ଜନମ୍ୟାଙ୍କ ଜୀବନୀ" ବିଷୟରେ ମୋଟେ ଦୁଇଟି ଲେଖା ମିଳିଛି । ଅନ୍ୟ ନାଗଙ୍କୁ ସୁବିଧା ଦେଇବା ପାଇଁ ପ୍ରତିଯୋଗିତା ସମୟ ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ବଢ଼ାଇଦିଆଗଲା ।

ପୁରୁଣା ଦାସ—୩୮, ପଶ୍ଚିମ ଖଣ୍ଡାତାଅ, ଚେଇଲା ବଜାର କଟକ ।—ତମର ଉଦ୍ୟମ ପ୍ରଶଂସନୀୟ, ତମେ ଯେ କୌଣସି ସଂସ ଗଢ଼ନା କାହିଁକି—ଯଦି ସେପରି ସଂଘର ନାଗଭାୀ, ସଂସ୍କୃତ, ଓ କଳାର ଚର୍ଚ୍ଚା ହୁଏ ତାହେଲେ ନାଗ ସଂଘର ଉଦ୍ଦେଶ୍ୟ ସାଧିତ ହେବ ।

'ଉଗର'ର ନିୟମାନୁବର୍ତ୍ତିତା ବିଷୟରେ ପଚାରିଛ, ତାର ଉତ୍ତରରେ ମୁଁ କହିବାକୁ ଚାହେଁ ଯେ କାଗଜର ଅଭାବ ଠିକ୍ ନୁହେଁ । ଯଥୋପଯୁକ୍ତ କାଗଜର ଅଭାବ । ଗଲା ଦେଢ଼ ମାସ ଧରି ସବୁ ପ୍ରକାର ଦେଶୀ କାଗଜର ଅଭାବ ଘଟିଛି । ଗତ ସଂଖ୍ୟା 'ଉଗର'ରୁ ଦେଖି ବୁଝି ପାରିବ ଯେ 'ଉଗର' ବେଶୀ ଦାମ ଦେଇ ବିଦେଶୀ କାଗଜ ବ୍ୟବହାର କରିଛି । ଏ ପ୍ରଶ୍ନ 'ଉଗର'ର କାରବାର—ଓଡ଼ିଶା ସରକାରଙ୍କ ଯୋଗାଣ ବିଭାଗର ମସୁଦର କି ?

## ନୂଆ ନାଗବର୍ଗଙ୍କ ନାମ

୬୮୪ । ଶ୍ରୀ ଦୁର୍ଯୋଧନ ପରିଡ଼ା, ଜମାପଡ଼ା ହାଇସ୍କୁଲ, ଏକାଦଶ ଶ୍ରେଣୀ, ପୋଃ ଜମାପଡ଼ା, ଜିଃ ପୁରୀ । ୬୮୬ । ଶର୍ମା ଶ୍ରୀ ଲମ୍ବୋଦର ଦାଶ, C/o ଶର୍ମା ନୀଳାମ୍ବର, ଚନ୍ଦ୍ରଧରପୁର ଶାସନ, ପୋଃ ବଉଁରିଆ, ମୟୂରଭଞ୍ଜ ଷ୍ଟେଟ୍ । ୬୮୭ । ଶ୍ରୀ ରଘୁନାଥ ଧଳ (ଅଜବନ) C/o ଶ୍ରୀ କଷ୍ଟଚରଣ ଧଳ, ଅସିଷ୍ଟାଣ୍ଟ କେଲର, ବ୍ରହ୍ମପୁର ଜେଲ, ଜିଃ ଗଞ୍ଜାମ । ୬୮୮ । ଶ୍ରୀମାନ ରଘୁନାଥ ସାହୁ, ଭିକ୍ଟୋରିଆ ହଷ୍ଟେଲ, ଚେଉ ବଜାର, ପୋଃ ବକ୍ସି ବଜାର, କଟକ । ୬୮୯ । ଶ୍ରୀ ପରଶୁରାମ ପଣ୍ଡା, ଏକାଦଶ ଶ୍ରେଣୀ, ମହାରାଜ ହାଇସ୍କୁଲ, ପୋଃ ସୋନପୁର ରାଜ, ସୋନପୁର ଷ୍ଟେଟ୍, ଜିଃ ସମ୍ବଲପୁର ।

## ନାଗବର୍ଗ କୁପନ୍

ମୁଁ ଜଣେ ନାଗ/ନାଗୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ୍ । ମୋର ଜନ୍ମ—ତା । ମସିହା । ମୁଁ ସତ୍ୟ ସାହାସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗବର୍ଗ ଦଳରେ ମୋ ନାମ ଲେଖାଇ ଦେବେ । ମୁ ଏଥିସଙ୍ଗେ ବାର୍ଷିକ ଗ୍ରାହକ ୫ ୦ ୯ / ଅଗ୍ରାହକ ଗ୍ରାହକ ୫ ୦ ୫ ର ଡାକଟିକଟ ପଠାଇଲି

ତୁମ ସ୍ନେହର ନାଗ/ନାଗୁଣୀ

ଠିକଣା ______________ ______

ତାରିଖ ______________

※ ଏହ କୁପନର ନକଲ ସାଦା କାଗଜରେ କରି ପଠାଇଲେ ଚଳିବ

Digitized by srujanika@gmail.com

# 'ଉଗର' ନିୟମାବଳୀ

୧ । ଉଗର ପ୍ରତି ଇଂରାଜୀ ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ୫ ୩ ୨ ଓ ଷାଣ୍ମାସିକ ମୂଲ୍ୟ—୫ ୨ ୯ ଅଗ୍ରୀମ ଦେୟ ପ୍ରତି ଖଣ୍ଡର ମୂଲ୍ୟ—୫୦ ୵ । ଭାରତ ବାହାର ପାଇଁ ୫ ୬ ୯ ଓ ପ୍ରତି ଖଣ୍ଡ ୫ ୦ ୵ ।

୩ । ପ୍ରବନ୍ଧ ଲେଖା ଇତ୍ୟାଦି ସମସ୍ତ ପତ୍ରଗୁଡ଼ିକ ସଂପାଦକ 'ଉଗର'ଙ୍କୁ ପଠାଇବାକୁ ହୁଏ ଓ ଉପଯୁକ୍ତ ଡାକ ଟିକଟ ନ ଥିଲେ ଲେଖା ଫେରସ୍ତ ଦିଆଯାଏ ନାହିଁ ।

୪ । ବିଜ୍ଞାପନର ହାର ପାଇଁ ମାନେଜର 'ଉଗର'ଙ୍କୁ ଲେଖିବାକୁ ହେବ ।

୫ । ଏଜେଣ୍ଟମାନେ ନିଜ 'ଉଗର' ଗ୍ରାହକମାନଙ୍କ ମାଗଣା ଦୁଇଦିନ ଆଗରୁ ପାଇବେ ଓ ପ୍ରତ୍ୟେକ ଏଜେଣ୍ଟ ପ୍ରତିମାସ ହିସାବ ଚୁକ୍ତି ନ କଲେ 'ଉଗର' ପଠାହେବ ନାହିଁ ।

ମାନେଜର—'ଉଗର'
ପୋଃ ଭଦ୍ରକ (B. N. Ry.)

## ହାଉଡ଼ା କୁଷ୍ଠ କୁଟୀର

## କୁଷ୍ଠ ଧବଳ

ଗାତଲିକ୍ତ ମର୍ଦ୍ଦନିକ୍ତ ସାହିତ୍ୟ ସର୍ବାଙ୍ଗିକ ବା ଅଂଶିକ ଘା, ଏକ୍‌ଜିମା, ସୋରିଏସିସ୍ ପ୍ରଭୃତି ଓ ଅନ୍ୟାନ୍ୟ ଚର୍ମରୋଗର ଅବ୍ୟର୍ଥ ଏବଂ ଶୀଘ୍ର ଯୋଗ୍ୟ ପ୍ରତିଷେଧ ।

ଶରୀରର ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପ ଦିନ ମଧ୍ୟରେ ଚିରଦିନ ପାଇଁ ଲୁପ୍ତ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)

୧ ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା—୩୬ ନଂ ହ୍ୟାରିସନ ରୋଡ଼, କଲିକତା

## ହୋମିଓ ଓ ବାଇଓକେମିକ୍ ଔଷଧ

ପୃଥିବୀ ପ୍ରସିଦ୍ଧ ଜର୍ମାନ ରସାୟନିକ ମାନଙ୍କଠାରୁ ପାଇଥିବା ମୂଳ ରୀତି ( formula ) ଅନୁସାରେ ଅନୁମୋଦନ ହୋମିଓପାଥିକ ଓ ବାଇଓକେମିକ ଔଷଧ ପ୍ରସ୍ତୁତ କରୁ । ଯୁଦ୍ଧ ପୂର୍ବରୁ ଏହି ରାସାୟନିକ ଅନୁଷ୍ଠାନ ମାନଙ୍କ ସହିତ ଆମ୍ଭ ଦଳ ଧିକାରୀଙ୍କ ଘନିଷ୍ଠ ସହଯୋଗିତା ଥିଲା ।

ହୋମିଓପାଥି ଔଷଧ ଡ୍ରାମ ପ୍ରତି—୫୦ ୵
ବାଇଓକେମିକ ଔଷଧ ଡ୍ରାମ ପ୍ରତି—୫୦ ୵ ୬

Dr. R. Mohalanovis.
P. O. Box. No. 10013. Calcutta
(P. A. A.)

## ଦାସ ଫାର୍ମେସି, ଭଦ୍ରକ

ଭଦ୍ରକ ଭାଇମାନେ ଅଉ କଲିକତା କଟକ ଦୌଡ଼ିବାକୁ ପଡ଼ିବ ନାହିଁ । ଏଠାରେ ସବୁ ପ୍ରକାର ଇନଜେକସନ, ଔଷଧ, ପେନସିଲିନ ପାଇ ପାରିବେ, ପ୍ରସିଦ୍ଧ ଜର୍ମାନ ଔଷଧ—ଏଟାବ୍ରିନ୍ ଔଷଧର ଓଡ଼ିଶା ପାଇଁ ଏକମାତ୍ର ଏଜେଣ୍ଟ !—ସେଇଠି, ମାଗଣି ଡାକ୍ତରୀ ସୁବିଧା ଓ ସୁଯୋଗ ପାଇ ପାରିବେ ।

**ଡାକ୍ତର ଜ୍ଞାନ ଆର, ଦାସ,**
ଦାସ ଫାର୍ମେସି—ଭଦ୍ରକ

## ସ୍ମୃତିକୁ ଜାଗ୍ରତ କରିବା ପାଇଁ

**ଭକ୍ତକୃଷ୍ଣ ଫଟୋ ଷ୍ଟୁଡ଼ିଓ**

ଭଦ୍ରକର ସୁଖ୍ୟାତ ଫଟୋଗ୍ରାଫର

**ଶ୍ରୀ ଗୋପାଳ ଚନ୍ଦ୍ର ଦାସ**
ବ୍ୟାଂକ—ଭଦ୍ରକ ।


Digitized by srujanika@gmail.com

ଜାଣନ୍ତି କି?
ଓଡ଼ିଶାର ଧନ !
ଓଡ଼ିଶାର ଗୌରବ !!

ସୁବିଖ୍ୟାତ କୋଣାର୍କ କେମି-କ୍ୟାଲର ଅଭିନବ ଅବିଷ୍କାର ବିଶୁଦ୍ଧ ନାରିକେଳ ତୈଳରେ ପ୍ରସ୍ତୁତ ସୁବାସିତ କେଶତୈଳ

"କାମିନୀ"

ଏହାର ମୃଦୁମଧୁର ସୁରଭି ବାହ୍ୟୀଣୀ ସ୍ନିଗ୍ଧ ଓ ଅତୀବ ଆମୋଦ ଦାୟକ । କୁନ୍ତଳର ସ୍ନିଗ୍ଧତା ବର୍ଦ୍ଧନରେ ଏହା ସର୍ବୋତ୍ତମ ।

ନିଶ୍ଚୟ ଯେ କୌଣସି ଦୋକାନରେ ଅନୁସନ୍ଧାନ କରନ୍ତୁ କିମ୍ବା ଆମ ଠିକଣାକୁ ଚିଠି ଲେଖନ୍ତୁ

କୋଣାର୍କ କେମିକ୍ୟାଲ
ଏଣ୍ଡ ଇଣ୍ଡଷ୍ଟ୍ରି ପ୍ରଡକ୍ଟ
(ଇଣ୍ଡିଆ)





୨/୧ ଏ, ... କଲିକତା





ଏହି ନିଦାରୁଣ ଗ୍ରୀଷ୍ମରେ
'ଆଟାଲାଣ୍ଟା ଫେନ'

ଆପଣଙ୍କର
ଅବସାଦ ଦୂର କରିବ ।

ଏହି ଫେନର ବିଶେଷତ୍ୱ ଯେ ସବୁଠାରୁ କମ୍ ବୈଦ୍ୟୁତିକ ଶକ୍ତି ଖରଚ ହୁଏ ।

ଜାଣନ୍ତୁ—ଏହି କମ୍ପାନିଟି ଓଡ଼ିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ।

ପରିବେଷକ:—
ଉମେଶ ଚନ୍ଦ୍ର ନାୟକ ଏଣ୍ଡ, କୋ',
୪ ନଂ ଫାଲଗୁନ୍ ଦାସ ଲେନ୍
କଲିକତା ୧୨


Printed & published by G. C. Mahapatra at the Gopinath press. Bhadrak, 1947.

Digitized by srujanika@gmail.com

୧୦ମ ବର୍ଷ

୧୧ଶ ସଂଖ୍ୟା

# ଡଗର

ପ୍ରତିଖଣ୍ଡ ଦୁଇ ଅଣା

Dagara UTKAL'S MOST POPULAR FORTNIGHTLY

EIGHT ... OF ... LAUGHTER

## ନିବେଦନ

### ( ସାପ୍ତାହିକ ଡଗର )

ଡଗରେ ଏକାଦଶ ବର୍ଷ ପ୍ରାରମ୍ଭରେ ସାପ୍ତାହିକ ଆକାରରେ କଟକରୁ ବାହାର କରିବା ପାଇଁ ପରିଚାଳନା ମନସ୍ଥ କରିଛନ୍ତି । କିନ୍ତୁ ଏଥିପାଇଁ ପ୍ରାରମ୍ଭିକ ବ୍ୟୟ ବହନ କରିବାର ଶକ୍ତି 'ଡଗର'ର ନାହିଁ । ସେଥିପାଇଁ 'ଡଗର' ତାର ଦଶବର୍ଷବ୍ୟାପୀ ଅକ୍ଲାନ୍ତ ସେବା ଦେବା ପରେ ଆଜି ଦେଶବାସୀଙ୍କଠାରେ ଭିକ୍ଷା କରିବାକୁ ବାଧ୍ୟ ହୋଇଛି ।

ସହାନୁଭୂତିଶୀଳ ଡଗରର ପାଠକମାନେ ଯଦି ସାପ୍ତାହିକ ଡଗରର ପ୍ରାରମ୍ଭିକ ବ୍ୟୟ ନିମନ୍ତେ ସାହାଯ୍ୟ ସ୍ୱରୂପ ଟ ୧୦୲ ଅଗ୍ରୀମ ଦେଇ ପାରିବେ ତେବେ ପରିଚାଳନା ଅବଶ୍ୟ ଡଗରର ସାପ୍ତାହିକ କଳେବର କରିବାକୁ ସମର୍ଥ ହେବେ । ଯେଉଁମାନେ ଏହି ଦଶଟଙ୍କା ଅଗ୍ରୀମ ଦେବେ ସେମାନେ ଦୁଇବର୍ଷ କ୍ରମାନ୍ୱୟରେ ସାପ୍ତାହିକ ଡଗର ପାଇ ପାରିବେ । ସାପ୍ତାହିକ ଡଗରର ବାର୍ଷିକ ଦେୟ ଟ ୬୲ ହେବ ଏବଂ ତାର କଳେବର ଓ ପୃଷ୍ଠା ସଂଖ୍ୟାରେ ମଧ୍ୟ ବୃଦ୍ଧି ପାଇବ ।

କହିବା ବାହୁଲ୍ୟ ଯେ 'ଡଗର' କେବଳ ତାର ନିର୍ଭୀକ ସ୍ୱାଧୀନ ଓ ଯଥାସମ୍ଭବ ନିଜ ଦୃଷ୍ଟିରୁ ନିରପେକ୍ଷ ମତ ଦେବା ନିମନ୍ତେ ଆଜି ଜନସାଧାରଣଙ୍କ ଆଦର ପାଇ ପାରିଛି । ଅନ୍ୟ ପକ୍ଷରେ 'ଡଗର' ଯେ ତାର ସ୍ୱାଧୀନ ନିର୍ଭୀକ ମତ ଦେଇ ପାରୁଛି ତାର କାରଣ ଜନସାଧାରଣଙ୍କର ଆଦର ଏବଂ ସହାନୁଭୂତି । ଯୁଦ୍ଧକାଳୀନ ଅର୍ଥସଙ୍କଟ ସମୟରେ ଓଡ଼ିଶାର ଅନ୍ୟାନ୍ୟ ପତ୍ରପତ୍ରିକା ବାଧ୍ୟ ହୋଇ ବନ୍ଦ ହେଲେ ମଧ୍ୟ ଜନସାଧାରଣ 'ଡଗର'କୁ ମୁଖରିତ କରିଛନ୍ତି । ଏହା ସମ୍ଭବ କରିଛି—କେବଳ ସାଧାରଣଙ୍କର ସହାନୁଭୂତି । 'ଡଗର'ର ଜୀବନକାଳ ମଧ୍ୟରେ ସେ କୌଣସି ରାଜାମହାରାଜା, ଜମିଦାର, ମହନ୍ତ ବା ଧନୀ ପୁଞ୍ଜିପତିଙ୍କର ବଦାନ୍ୟତାରେ ପୁଷ୍ଟ ହେବାର ଦୁର୍ଭାଗ୍ୟକୁ ବରଣ କରିନାହିଁ । ଏପରିକି ନିଜର ମତ ବିରୁଦ୍ଧରେ ଅନ୍ୟାନ୍ୟ ପତ୍ରପତ୍ରିକାଙ୍କ ପରି ଯୁଦ୍ଧ ସାମୁଖ୍ୟ ସରକାରଙ୍କ ବିଜ୍ଞାପନରୁ ମଧ୍ୟ ଲାଭ ଉଠାଇ ନାହିଁ । ଜନସାଧାରଣହିଁ ତାକୁ ଜୀବିତ ରଖିଛନ୍ତି । ସେଥିପାଇଁ ତାର ପରିବୃଦ୍ଧି ନିମନ୍ତେ ସେ ଆଜି ଜନସାଧାରଣଙ୍କଠାରେ ହାତ ପାତୁଛି । ଆଶା, ତାର ପ୍ରାର୍ଥନା ବିଫଳ ହେବ ନାହିଁ ।

ବଶମ୍ବଦ

ପରିଚାଳନା ସଂପାଦକ

Digitized by srujanika@gmail.com

୧୦ମ ବର୍ଷ

୧୯ଶ ସଂଖ୍ୟା

# ଡଗର

ପ୍ରତିଖଣ୍ଡ ଦୁଇ ଅଣା

Dagara UTKAL'S MOST POPULAR FORTNIGHTLY

EIGHT ... LEAD ... LAUGHTER

## ନିବେଦନ

### ( ସାପ୍ତାହିକ ଡଗର )

ଡଗରର ଏକାଦଶ ବର୍ଷ ପ୍ରାରମ୍ଭରେ ସାପ୍ତାହିକ ଆକାରରେ କଟକରୁ ବାହାର କରିବା ପାଇଁ ପରିଚାଳନା ମନସ୍ଥ କରିଛନ୍ତି । କିନ୍ତୁ ଏଥିପାଇଁ ପ୍ରାରମ୍ଭିକ ବ୍ୟୟ ବହନ କରିବାର କ୍ଷମତା 'ଡଗର'ର ନାହିଁ । ଏଥିନିମନ୍ତେ 'ଡଗର' ତାର ଦଶବର୍ଷବ୍ୟାପୀ ଅକ୍ଳାନ୍ତ ସେବା ଦେବା ପରେ ଆଜ ଦେଶବାସୀଙ୍କଠାରେ ଭିକ୍ଷା କରିବାକୁ ବାଧ୍ୟ ହୋଇଛି ।

ସହାନୁଭୂତିଶୀଳ ଡଗରର ପାଠକମାନେ ଯଦି ସାପ୍ତାହିକ ଡଗରର ପ୍ରାରମ୍ଭିକ ବ୍ୟୟ ନିମନ୍ତେ ସାହାଯ୍ୟ ସ୍ୱରୂପ ଟ.୧୦୲ ଅଗ୍ରୀମ ଦେଇ ପାରିବେ ତେବେ ପରିଚାଳନା ଅବିଳମ୍ବେ ଡଗରର ସାପ୍ତାହିକ କଳେବର ଗଢ଼ିବାକୁ ସମର୍ଥ ହେବେ । ଯେଉଁମାନେ ଏହି ଦଶଟଙ୍କା ଅଗ୍ରୀମ ଦେବେ ସେମାନେ ତିନିବର୍ଷ ବିନାମୂଲ୍ୟରେ ସାପ୍ତାହିକ 'ଡଗର' ପାଇ ପାରିବେ । ସାପ୍ତାହିକ ଡଗରର ବାର୍ଷିକ ଦେୟ ଟ ୬୲ ହେବ ଏବଂ ତାର କଳେବର ଓ ପୃଷ୍ଠା ସଂଖ୍ୟାରେ ମଧ୍ୟ ବୃଦ୍ଧି ପାଇବ ।

କହିବା ବାହୁଲ୍ୟ ଯେ 'ଡଗର' କେବଳ ତାର ନୀତିର ସ୍ୱାଧୀନ ଓ ଯଥାସମ୍ଭବ ନିର୍ଭୀକ ଦୃଷ୍ଟିଭଙ୍ଗୀ ନିରପେକ୍ଷ ମତ ଦେବା ନିମନ୍ତେ ଆଜି ଜନସାଧାରଣଙ୍କ ଆଦର ପାଇ ପାରିଛି । ଅନ୍ୟ ପକ୍ଷରେ 'ଡଗର' ଯେ ତାର ସ୍ୱାଧୀନ ନୀତିର ମତ ଦେଇ ପାରିଛି ତାର କାରଣ ଜନସାଧାରଣଙ୍କର ଆଦର ଏବଂ ସହାନୁଭୂତି । ଯୁଦ୍ଧ କାଳୀନ ଅତି ସଙ୍କଟ ସମୟରେ ଓଡ଼ିଶାର ଅନ୍ୟାନ୍ୟ ପତ୍ର ପତ୍ରିକା ବାଧ୍ୟ ହୋଇ ବନ୍ଦ ହେଲେ ମଧ୍ୟ ଜନସାଧାରଣ 'ଡଗର'କୁ ସୁରକ୍ଷିତ କରିଛନ୍ତି । ଏହା ସମ୍ଭବ କରିଛି—କେବଳ ସାଧାରଣଙ୍କର ସହାନୁଭୂତି । 'ଡଗର'ର ଜୀବନକାଳ ମଧ୍ୟରେ ସେ କୌଣସି ରାଜା ମହାରାଜା, ଜମିଦାର, ମହନ୍ତ ବା ଧନୀ ପୁଞ୍ଜିପତିଙ୍କର ବଦାନ୍ୟତାରେ ପୁଷ୍ଟ ହେବାର ଦୁର୍ଭାଗ୍ୟକୁ ବରଣ କରିନାହିଁ । ଏପରିକି ନିଜର ନୀତି ବିରୁଦ୍ଧରେ ଅନ୍ୟାନ୍ୟ ପତ୍ର ପତ୍ରିକାଙ୍କ ପରି ଯୁଦ୍ଧ ସାମ୍ମୁଖ୍ୟ ସରକାରୀ ବିଜ୍ଞାପନରୁ ମଧ୍ୟ ଲାଭ ଉଠାଇନାହିଁ । ଜନସାଧାରଣହିଁ ତାକୁ ଜୀବିତ ରଖିଛନ୍ତି । ସେଥିପାଇଁ ତାର ପରିପୁଷ୍ଟି ନିମନ୍ତେ ସେ ଆଜି ଜନସାଧାରଣଙ୍କଠାରେ ହାତ ପାତୁଛି । ଆଶା, ତାର ପ୍ରାର୍ଥନା ବିଫଳ ହେବ ନାହିଁ ।

[illegible]

ପରିଚାଳନା ସମ୍ପାଦକ

Digitized by srujanika@gmail.com

# ବମ୍ବେ ଲାଇଫ ଏସିଓରେନ୍ସ କମ୍ପାନି ଲି:-

**ପ୍ରତିଷ୍ଠିତ—୧୯୦୮** **ହେଡ ଅଫିସ—ବୋମ୍ବାଇ**

ସୁବିଖ୍ୟାତ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନୀରେ ସର୍ବନିମ୍ନପ୍ରିମିୟମ ଦେଇ

ବୀମା କରି ଲାଭବାନ ହୁଅନ୍ତୁ

ବୀମା ବା ଏଜେନ୍ସି କରିବା ପୂର୍ବରୁ ଅନୁସନ୍ଧାନ କଲେ ଲାଭ ଛଡା କ୍ଷତି ନାହିଁ ।

ଅକର୍ମଣ୍ୟ ହେଲେ ଆଉ ପ୍ରିମିୟମ ଦେବାକୁ ହେବନାହିଁ ଏବଂ ପୂର୍ଣ୍ଣ ବୀମା ଟଙ୍କା ମିଳିବ ।

**୧୯୪୫ର ସଂକ୍ଷିପ୍ତ ବିବରଣ—**

ବାର୍ଷିକ ଆୟ ୬୩ ଲକ୍ଷରୁ ଊର୍ଦ୍ଧ୍ୱ

ବୀମାପାଣ୍ଠି ୨ କୋଟି ୯୨ ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ

ଓଡ଼ିଶା ଏବଂ ବଙ୍ଗଳାରେ ଇନ୍ସପେକ୍ଟର, ଅର୍ଗାନାଇଜର ସ୍ପେଶାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ ଅନୁସନ୍ଧାନ କରନ୍ତୁ ।

କେ, ବାଲସୁବ୍ରମଣ୍ୟମ, ବି. ଏମ୍. ଏ. ଆଇ. ଏ.
ମେନେଜର ଓ ଏକଚୁଆରି
ହେଡ଼ ଅଫିସ—ବମ୍ବେ

**ନରେନ୍ଦ୍ର ପ୍ରସାଦ ଦାସ**
ମେନେଜର
ଓଡ଼ିଶା ଶାଖା—କଟକ ।

---

# ଗଳିତକୁଷ୍ଠ ଓ ଧବଳ କୁଷ୍ଠ

ସକଳ ପ୍ରକାର ମେହ, ଉପଦଂଶ ଓ ଚର୍ମରୋଗର ଗ୍ୟାରେଣ୍ଟି ଚିକିତ୍ସା

**ସିମଲାଠାରୁ ଲଙ୍କାଦ୍ୱୀପ ଓ ଆଫ୍ରିକାଠାରୁ ଫିଜି ପର୍ଯ୍ୟନ୍ତ ଆମ୍ ତୈଳ, ଏଲ୍, ଶି ବହୁଳଭାବେ ବ୍ୟବହୃତ ଓ ପ୍ରଶଂସିତ ।**

ଓଡ଼ିଆରେ ମୋଟ୍‌ଲର୍ ଚିକିତ୍ସାପ୍ରଣାଳୀ ଓ ପ୍ରଶଂସାପତ୍ରମାନ ବିନାମୂଲ୍ୟରେ ଦିଆଯାଏ, ଇଂରେଜି ହିନ୍ଦି, ଗୁଜରାଟି ପ୍ରଭୃତି ଦଶଗୋଟି ଭାଷାରେ ଚିକିତ୍ସାପ୍ରଣାଳୀ ଦିଆଯାଏ, ଅସହାୟ ନିରନ୍ନବ୍ୟକ୍ତିଙ୍କୁ ବିନା ମୂଲ୍ୟରେ ଚିକିତ୍ସା କରାଯାଏ । ପ୍ରତିବର୍ଷ ହଜାର ହଜାର ରୋଗୀ ରୋଗମୁକ୍ତ ହୋଇ ଅଛନ୍ତି । ଆପଣ କାହିଁକି ରୋଗମୁକ୍ତ ନ ହେବେ ? ଫଳେନ ପରିଚୀୟତେ, ଥରେମାତ୍ର ପରୀକ୍ଷା କରି ଦେଖନ୍ତୁ ନା । ଓଡ଼ିଶାବାସୀଙ୍କ ସୁବିଧା ନିମନ୍ତେ ଜଣେ ଓଡ଼ିଆ ଭଦ୍ରବ୍ୟକ୍ତିଙ୍କୁ କିରାଣୀ ରୂପେ ନିଯୁକ୍ତ କରିଅଛୁଁ । ଆପଣ ଉପରଲିଖିତ ରୋଗନିମନ୍ତେ ହତୋତ୍ସାହ ନ ହୋଇ ଆଜି ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ ।

REDDY & Co. ( Regd ) GOPALAPURM.
E. G. .DT. TANUKU. M. S. M.

ଶାଖା:—ବକ୍ସିବଜାର,—କଟକ ।


ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସଂପାଦକ—ଶ୍ରୀ ବ୍ରଜମୋହନ ଦାସ

Digitized by srujanika@gmail.com



# ବିଲୁଆ ବିଚାର

୧୦ମ ବର୍ଷ — ୧୯ଶ ସଂଖ୍ୟା

ଚୈତ୍ର ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ

ନୂଆ ବଡ଼ଲାଟ ଭାରତରେ ଗୋଡ଼ ଦେବେ କି ନଦେବେ, ସାଙ୍ଗେ ସାଙ୍ଗେ ଗାନ୍ଧିଜୀ, ଜିନ୍ନା ସାହେବ ପ୍ରଭୃତି ସବୁ ଦଳର ନେତାମାନଙ୍କ ଉଡ଼ାଣି ଦୃଷ୍ଟି ଅବଲୋକନ କରି ସାରିଲେଣି । ପୁଣି ରଜା ଓ ମେମ୍ବରମାନଙ୍କଠାରୁ ମଧ୍ୟ ସାକ୍ଷାତରେ ସବୁ ଜାଣି ନୋଟ କରି ବୁଝି ନେଉଛନ୍ତି । ସେ କହିଲେଣି କି ଏସବୁ କଥାରେ ତୁରନ୍ତ ସିଦ୍ଧାନ୍ତ ଅସମ୍ଭବ । ଏଥିରୁ ମନେହୁଏ ସମସ୍ତଙ୍କ ମନ ଲାଖିବା ଭଳି ଗୋଟାଏ ସିଦ୍ଧାନ୍ତ ସେ କରି ସାରିଲେଣି ।। ହୁଏତ ଅତି ଶୀଘ୍ର ତାହା ସେ ପ୍ରକାଶ କରିଦେବେ । ଏହାଠାରୁ ବଳି ଆନନ୍ଦର କଥା ଆଉ କଣ ହୋଇପାରେ । ଏଣୁ ଦେଶ ଭାଇମାନେ, ଭେଭେଲଙ୍କ ଟେବୁଲ ଉପରକୁ ଚାହିଁଥା ।

...

ଇଂରାଜୀରେ ଗୋଟାଏ କଥା ଅଛି—Strange bad fellows ବୋଲି । ଅର୍ଥ-ଅଜବ ବର୍ଣ୍ଣାବର୍ଣ୍ଣି ଲୋକ ଶେଯରେ ଶୋଇବା ଭଳି କଥା । ଜିନ୍ନା ମହାତ୍ମାଙ୍କ ସାଙ୍ଗରେ ଦାବୀ ଆଦାୟ ଯୁଦ୍ଧ ହାତ ଧରାଧରି ହୋଇ ଏକା ଦାଣ୍ଡରେ ଚାଲନ୍ତି, ସେଥିରେ ଚାହାଁରକୁ ଚମକିବା ଲାଗିବ ତ ନିଶ୍ଚୟ, ଅତି ନୂଆ କଥା । ବଡ଼ଲାଟଙ୍କ ପାଖରେ ଦୁହେଁ ଯାଇ ଏକା କାଗଜରେ ଦସ୍ତଖତ କରି ଦେଶର ଦାବି କହିଛନ୍ତି କି—ଆମମାନେ ହିନ୍ଦୁ ଓ ମୁସଲମାନ, ଘରପୋଡ଼ି ପ୍ରଭୃତି ଉପଦ୍ରବ ବନ୍ଦ କର । ଏହା ଆମ ଦେଶର କଥା ।

ଆମେ ଇଂରେଜ ସିଧା କାମ୍ (direct action) ପୁଣି କେବେ ନୂଆ କାଟ ଧରିବ ?

ଯାହାହେଉ, ଏହି ଅସମ-ଭଙ୍ଗମ୍ ମିଳନଟା ଆଦ୍ୟ ପ୍ରକୃତି-ପୁରୁଷ ମିଳନ କିମ୍ବା ଅମ୍ଳଜାନ ସହିତ ପ୍ରାଣ ବାୟୁର ମିଳନ ଭଳି ଜିନିଷ । ଦେଖ ମାତ୍ରେ ଯେ ତୁରନ୍ତ ବୈଚିତ୍ର୍ୟ ପ୍ରାପ୍ତି ।

\+ \+ \+ \+

ଗାନ୍ଧିଜୀ ଏବେ ପୁଣି ଖୋଲା ଭାବରେ ଜିନ୍ନା ସାହେବଙ୍କୁ ଅଖଣ୍ଡ ଭାରତ ରାଷ୍ଟ୍ରର ପ୍ରଥମ ପ୍ରେସିଡେଣ୍ଟ ହେବା ପାଇଁ ଅନୁରୋଧ କରିଛନ୍ତି । ଏହି ଚିଲଭଣ୍ଡାଳିଆ କାହାଣୀ କଥାରେ ଜିନ୍ନା ସାହେବ ଯଦି ଭୁଲି ଯାଆନ୍ତି ତେବେ ଆଲ୍ଲା ମିଆଁ ତାଙ୍କୁ ମାଫ କରିବେ ନା ତାଙ୍କର ସାଙ୍ଗମେଳ ଗଣ ଏଥିରେ କବୁଲ କରି ପାରିବେ । ଅତି ଅଭାବେ ଧର୍ମଭୀରୁ ବାବାଜୀ ଅବ୍ରାହମଙ୍କର ପୁଣି ତାହାଙ୍କଠାରୁ ଭରସା କି ଅଛି ! ତୋ ବା; ତୋ ବା ।

× × \+ \+

ବଙ୍ଗଳା ପରେ ପଞ୍ଜାବ, ପଞ୍ଜାବ ପରେ ସୀମାନ୍ତ, ସୀମାନ୍ତ ପରେ ଏବେ ଆସିଛି ଆସାମ ଉପରେ ବ୍ୟେଟ ପଡ଼ିଛି । ଜଣ୍ଡୁ ଗଣ୍ଡୁସ୍ତ ପାକିସ୍ତାନ ସେଠା ଅଧ୍ୟ ସଙ୍କ୍ରିତ ହୋଇ ବସିଲେ ଆସାମ ଅକାରଣ ସବାଶେଷ ହୁଅନ୍ତା ଲିଭ୍ରୁଛନ୍ତି । ଆସାମ ହାସଲ ହୋଇଗଲେ ତାହାର ପାଦ ପଡ଼ିବ ଏକଥା ଠିକ କରି କହି ନ ପାରିଲେ ମୁଦ୍ଧା ସ୍ୱାଧୀନ ବଙ୍ଗର ସୀମାରେ ଅବସ୍ଥିତ ଥିବାରୁ ଓଡ଼ିଶା ଉପରେ ଜଳାପାହାଡ଼ୀ ହୋଇ ହୋଇପାରେ ବୋଲି ତାହାର ତାହାର ଆଶଙ୍କା ହେବା ସ୍ୱାଭାବିକ ।

ଆମର ଭାବନା ଏଣିକି ଏଥର କଳାପାହାଡ଼ ଯେତେବେଳେ ଚାରବାଟୀ (ତୁଳସୀପୁର) ଭିଡ଼ କରିବେ । ତାଙ୍କୁ ସୁବର୍ଣ୍ଣ ଥାଳୀରେ ନେଇ ପରଶିବ କିଏ ? ମୁକୁନ୍ଦଦେବଙ୍କ ଧଣୀତ ଅଉ ନାହାନ୍ତି । ମହତାବଙ୍କ ଉନ୍ତିଲାମ୍ କରନ୍ତୁ ଏଣିକି ଦେଖୁ ।

× × × ×

ଢାକାରୁ ଆସିଗା ହୋଇ ଆସିବା ସାଙ୍ଗେ ସାଙ୍ଗେ ଓ ପରେ ପରେ ଓଡ଼ିଶା ଭାଗ ବଣ୍ଟାଯାଇ ଆଫିସଯାକ ଓଡ଼ିଶା ଭାଗ ଆସିଲେ— ଏବା ରହିଗଲା କମ୍ପଟ୍ରୋଲର ଅଫିସ । ହିସାବପତ୍ର କାମରେ ମଧ୍ୟ ଖରଚ ଅଧିକ ହୁଏ ବୋଲି ହୁଏତ ମଗଜ ଅଣ୍ଡା ରଖିବା ପାଇଁ ଅଥବା ପାଗଳା ହେବାରୁ ରକ୍ଷା କରିବା ପାଇଁ ସେଇଟା ରାଞ୍ଚିରେ ରହିଗଲା । ଏଥିପାଇଁ ଓଡ଼ିଶା ସରକାରଙ୍କ ଯେ କେତେ ପ୍ରକାର ଅସୁବିଧା ହେଉଥିବ ତାହା ସରକାର ଜାଣୁଥିବେ । ଓଡ଼ିଶାର ଅଣାଇବା କଥା ଯେ ନ ପଡ଼ୁଛି ତାହା ନୁହେଁ । ମାତ୍ର ଅଳେ ପଦାଧିକାରୀ ବର୍ଗମାନେ ପୁଣି ଶୋଇ ପଡ଼ୁଛନ୍ତି ବୋଲି ଅନେକ ଙ୍କର ଆପତ୍ତି । ମାତ୍ର ଆମ ବିଚାରରେ କମ୍ପଟ୍ରୋଲର ଅଫିସକୁ ଓଡ଼ିଶା ଆଣିବା ଅପେକ୍ଷା ରାଞ୍ଚି ବଙ୍ଗଳାକୁ ଓଡ଼ିଶାର ଯୋଗ ଅଛିଲେ ସବୁ ଆଣିବା ଅପେକ୍ଷା ସହଜ ଓ ସୁବିଧା ହୁଅନ୍ତା ନାହିଁ କି ? ଓଡ଼ିଶା ସରକାର ଏ ଦିଗକୁ ଟିକେ ନଜର ପକାଇବେ କି ?

\+ \+ \+ \+

ଏଥି ମଧ୍ୟରେ ଦିନ ବେଳରେ କଲିକତାର ଗୀତ ଛତ ଉପରେ ଗୋଟାଏ ଇଂରେଜର ପୁଲିସ ବ୍ୟବହାରର ଖବର ଆସିଛି । ପୁଲିସ ଗୋଟାଏ ଭଦ୍ରଙ୍କର ପୁଲିସ ବ୍ୟବହାରର ଖବର ଆସିଛି । ପୁଲିସ ମାନେ କୁଆଡ଼େ ଗୋଟାଏ ଘରେ ପଶି ରାତିରେ ଥିବା ମିଳ, କଞ୍ଚା ମାନେ କୁଆଡ଼େ ଗୋଟାଏ ଘରେ ପଶି ଘରେ ଥିବା ମିଳ, କବଲ ଲଗାଏତ ପୁରୁଷମାନଙ୍କୁ ବନ୍ଧୁକ ଦେଖାଇ ଦେଇଛନ୍ତି କରି, ଶେଷରେ ଜଣେ ସ୍ୱାମୀକୁ ମାରି ଧରି ରଖି ତାର ଯୁବତୀ ସ୍ତ୍ରୀ ଉପରେ ପାଶବିକ କ୍ରିୟା ମଧ୍ୟ ସାରିଲେ ।

ଆମ ମନେ ହୁଏ ଅଧିକ ସହର କଲିକତାରେ ସବୁ ଅଧିକ ବାରଣା ସମ୍ଭବ । କାରଣ ସତ୍ୟ ପ୍ରତ୍ଯ ମନକୁ ବୋଧ ହେବା ପଡ଼ୁଛି

Digitized by srujanika@gmail.com

ଯେ ସେଠାରେ ଲୋକ୍ ସରକାର ତାଙ୍କ ଏଭଳି କଥା ହୋଇ ପାରୁଛି—ଆମ ଉତ୍କଳ କଂଗ୍ରେସ ସରକାର ହୋଇଥିଲେ ସେ ଏହା ହୋଇ ପାରନ୍ତା ! ଉତ୍କଳ କେବଳ ସରକାର ଦେଇ ଓଡ଼ିଶାକୁ ରକ୍ଷା କରନ୍ତି ।

+ × × ×

ଏହି ଉତ୍କଳ ଜେଲ୍‌ଟାଏ କଥା ଯେଉଁ ରକ୍ତ ପଣ୍ଡିତରେ ସୂଚନା ହେଲା ଯାଉଛି । ଶୁଣାଯାଏ କୌଣସି ଏକ ମଫସଲ ଥାନାର ଛୋଟ ପୁଲିସ ଅଫିସର ଅଧସ୍ତନରେ ଏକ ବିଚାରକ ଯୁବକଙ୍କୁ ଥାନାକୁ ନେଇ ତାର ହାମୀକୁ ବାହାରେ ଲଗାଇ ଦୀର୍ଘ ସମୟ ବସାଇଛନ୍ତି । ଏଥିପାଇଁ ସ୍ଥାନୀୟ ଅପରାଧ ଗ୍ରସ୍ତ ଜନସାଧାରଣଙ୍କ ମଧ୍ୟରେ ଉତ୍ତେଜନା ଚାଲି ଯାଉଛି ।

କଥାଟା ଯଦି ସତ ହୋଇଥାଏ ତେବେ ପୁଲିସର ଦୁଷ୍କୃତି-କାରୀଙ୍କୁ ଦେଖିଲେ ଏଥିରେ କୋହଠାରୁ ସ୍ୱତ ଅଧିକ ଥିବା ପରି ଲାଗୁଛି । କାରଣ ଏହା ସ୍ପଷ୍ଟ ପ୍ରମାଣ କରି ଦେଉଛି ଯେ ଉଚ୍ଚବର୍ଣ୍ଣର ଶିକ୍ଷିତ ବ୍ୟକ୍ତିମାନଙ୍କ ମନରେ ନୀଚ ଅସ୍ପୃଶ୍ୟ ଜାତିଙ୍କ ପ୍ରତି ଘୃଣା ଉତ୍ତରୋତ୍ତର ହୋଇ ଚାଲିଛି । ଅର୍ଥାତ୍ ଗାନ୍ଧିଜୀଙ୍କ ବ୍ରତ ସଫଳ ହେଉ ନାହିଁ । ଏଣିକି ଏହାର ସମର୍ଥକ ପ୍ରସ୍ତାବ ଓ ଅବଗତ ଅନୁକରଣ ଲୋଡ଼ା—ଯାହାଦ୍ୱାରା ଉତ୍କଳ ମଧ୍ୟରେ ସବର୍ଣ୍ଣ ଓ ହରିଜନଙ୍କ ଭେଦାଭେଦ ଉଠିଯାଇ ଅଙ୍ଗାଙ୍ଗୀ ମିଳନ ସମ୍ଭବ ହୋଇ ପାରିବ ।

ପଞ୍ଚକୁ ପଞ୍ଚ ଖବରକାଗଜରେ ପୁଲିସର ଉତ୍କଟ ଅତ୍ୟାଚାର କାହାଣୀ ଲୁଚିଅଛି ଚାଲି ଗଲାଣି । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୁଲିସଙ୍କୁ ସାଧାରଣ ମାନ ଯେତେବେଳେ, ସେତେବେଳେ ଅଶୁର୍ଯ୍ୟ ହେବାର କଥା ନାହିଁ । ଯଦି କୁହାଯାଏ—କେହି ଅନ୍ୟାୟ ଅତ୍ୟାଚାର କଲେ, କୋର୍ଟରେ ତାର ପ୍ରତିକାର ତ ଅଛି । ଆମ କହୁଁ, ସେପାଇ-ଚୌକି ତ ସରକାରୀ ଅଛି । ସେଥିରେ କଣ ଦୁର୍ବଳ ଉପରେ ପ୍ରବଳର ଅତ୍ୟାଚାର ବନ୍ଦ ହୋଇ ଯାଉଛି ? କୋର୍ଟକୁ ଯାଇ ମାଲି ମକଦମା କରିବାର ସାହସ, ସୁବିଧା ଓ ଶକ୍ତି କେତେଜଣଙ୍କର ? କେଉଁଠି ସରକାର କ୍ଷମତା ଚଳେଇ ଅଧିକାର ଆଣି ଯାହା କେହି ଯେଉଁ ଅତ୍ୟାଚାର କରେ ? ପୁଣି ତହିଁରେ କେବଳ କି ଲାଭ ହେଉଛି । କେବଳ ଓଡ଼ିଶା ନୁହେଁ କି ସବୁ ଭାରତ ମିଶି ଶାସନରେ ତତ୍ପରତା କର୍ମଚାରୀଙ୍କ ହାତ ଧରି ଦୁର୍ନୀତି ମଧ୍ୟ କଥା ଶୁଣାଇ ଦେଇ ସରକାର-ରେ କାର୍ଯ୍ୟ କରୁଛନ୍ତି । ଅପଟୁତା, କାର୍ଯ୍ୟବିମୁଖତା, ଉତ୍କୋଚଗ୍ରହଣୀୟତା, ଅଳସୀ ପ୍ରଭୃତି ଦୋଷ ଯେ ବିଭାଗରେ ଭରି ରହିଛି ବୋଲି ତାଙ୍କର ମତ । ସେ ଅଣ୍ଡର କହିବାକୁ ଭୁଲିଗଲେ ଯେ P. W. D.ର ଅର୍ଥ Plunder without danger ବୋଲି ସର୍ବସାଧାରଣ କହନ୍ତି ।

ଆମ ମନେ ଅଛି ଏହିତ ଏଇ ନିଠାକଡ଼ା ଜଗୁଆ ମୋଚ୍ଛା ମହିରେ ମହିଁରେ ହେଉଥିଲେ ବଳ ଟିକ ଥିଲେ । କେବଳ ପେଟରେ ଦାଉ ଥାଉଁ କି, ସେମାନଙ୍କୁ ଜନପଦ ରକ୍ଷା ପାଇଁ ସାହାଯ୍ୟ ଦେଲେ ବ୍ୟୟକୁ ଜଣ୍ଡୁ ଦେବି । ତେବେ ସେମାନେ ପୁଣି କୌଣସି

ଦିନେ ତାଙ୍କୁ ଅର ମୁଣ୍ଡ ଗାଇ ଉପରେ ମୂତାରେ । ପାଠମାନ୍ତ୍ରୀ ମହୋଦୟ ବନ୍ଧୁ ହେବ ଭାବ ଦେଖନ୍ତୁ । ସମସ୍ତଙ୍କ ମନ କେତେକ ଯାଇ ଲାଗିଲା ସନ୍ଧ୍ୟାର ପଥ ଓ ଜିଲାପୁରଙ୍କ ଭଳି ହେବାକୁ ନ ପଡ଼େ !

ଓଡ଼ିଶାରେ ଶ୍ରେଣୀଅନୁସାରେ ସରକାରୀ ବୋର୍ଡ଼ ଯୋଜନା କରୁଥିବା ପରି ମନେ ହେଉଛି । କାରଣ ଇତିମଧ୍ୟରେ ଜଣେ Adult Education Officer ନିଯୁକ୍ତ ହୋଇ ସାରିଲେଣି । ଏହା ବଡ଼ ଆନନ୍ଦର କଥା ।

ପ୍ରଥମ କଂଗ୍ରେସ ସରକାର ଅମଳରେ Illiteracy Campaign ବୋଲି ବୋର୍ଡ଼ ଖୋଲି ସମାଚାର ପାଇଁ ହୋଇଥିଲେ ମନେ ଅଛି । ଏବେ ମଧ୍ୟ Grow more food, Fishery ପ୍ରଭୃତି ବୋର୍ଡ଼ ଭଳି ବେତେ କଣ କରୁଛି ତାହା ସମସ୍ତଙ୍କୁ ଜଣା । ଏବେ ବେଳେ ସବୁ କଥା କରିଥିବୁ ବୋଲି ତରବରରେ ସୁର ଅଳ୍ପକୁ ହାତ ମେଳାଇ ଦେବାର ଫଳରେ ସବୁ ପଥର ଫଟା ଯାଉଛି ।

ଜଣେ ଶ୍ରୋତା କଥାଟା ଶୁଣି କହିଲେ—ନାହିଁ ହୋ, ଏଇଟା Adulterated Education, ଅର୍ଥାତ୍ ବଜାରରେ ଯେଉଁଭଳି ଖାଣ୍ଟି ମାଲ ସାଙ୍ଗରେ ଭେଜାଲମାଲ ଥିଲେ ଖାଣ୍ଟିର ମୂଲ୍ୟ ଥାଏ । ଶିକ୍ଷା ବଜାରରେ pure ଖାଣ୍ଟି ଶିକ୍ଷା ସାଙ୍ଗରେ ବାଉଁଶିଆ ଶିକ୍ଷାଟା ବି ଚଳିବାର । ଅତଏବ ଶ୍ରୀ ଶୁଭମସ୍ତୁ ।

ଓଡ଼ିଶା ୧୩ ଥର ସରକାର ଥାଇବାହିକ ରୂପେ ସମ୍ବାଦର ବୈଠକ ଡକାଇଥିଲେ । ସେଠାରେ ସମସ୍ତଙ୍କ ଠାରୁ ଗାଁ ଗହଳର ଅଭାବ ଅଭିଯୋଗ ପ୍ରଭୃତି ନାନା କଥା ସରକାରଙ୍କର କର୍ଣ୍ଣଗୋଚର ହେଉଥିଲା । ପୁଣି ସରକାରଙ୍କର କର୍ମପନ୍ଥା ଓ ନୀତି ମଧ୍ୟ ସମ୍ବାଦ-ମାନେ ଜାଣି ସମ୍ପାଦକ ବୁଝାଇଥିଲେ ଓ ଦେଶରେ ପ୍ରଚାର କରୁଥିଲେ । ଏହାଦ୍ୱାରା ଶାସକ ଓ ଶାସିତଙ୍କ ମଧ୍ୟରେ ଗୋଟାଏ ସ୍ୱାସ୍ଥ୍ୟକର ସଂଯୋଗ ରହୁଥିଲା ।

ଏବେ ଓଡ଼ିଶା ସରକାର ଏ ପ୍ରଥା ରହିତ କରି ଦେଇଛନ୍ତି ବୋଲି ନାନା ଅଞ୍ଚଳରୁ ଓଜର ଆପତ୍ତିମାନ ଶୁଣାଯାଉଛି ।

ଆମ ଭାଷାରେ ଯେଉଁମାନେ ଆପତ୍ତି କରୁଛନ୍ତି ସେମାନେ ଭିତରକୁ ଦେଖି ଚିନ୍ତା କରି ପାରୁନାହାନ୍ତି । ୧୩ ସରକାର ଥିଲେ ପୂରା ବିଦେଶୀ ସରକାର । ସେଥିପାଇଁ ଆମର ଭିତର କଥା ସବୁ ସେ ସହଜ ଜାଣିପାରୁ ନଥିଲେ । ଆଉ ମଧ୍ୟ ବିଦେଶୀ ବୋଲି ତାଙ୍କ ମନରେ ଦୁର୍ବଳତା ଥିବାରୁ ସେ ଜନଙ୍କ ପ୍ରଭାବଠାରୁ ଭୟ ବୋଲି ମଣୁଥିଲେ । ବର୍ତ୍ତମାନ କଂଗ୍ରେସ ସରକାର ତ ଲୋକପ୍ରତିନିଧି ସରକାର । ଲୋକେ ଯେ, ସରକାର ସେ ଏକା । ଆମ ଦୁଃଖ ସୁଖ ସେ ଯେପରି ଜାଣନ୍ତି ଓ ଅନୁଭବ କରନ୍ତି, ତାଙ୍କ ମନ କଥା ଆମକୁ ବି ସେହିପରି ମାଲୁମ । ଏଠିକି ଆଉ ଗୋଟାଏ ସମ୍ବାଦକ ମଧ୍ୟସ୍ଥଭାବରେ ଭାବ ଆଦାନ ପ୍ରଦାନର ପ୍ରୟୋଜନ କଣ ?

Digitized by srujanika@gmail.com




# ସ୍ତ୍ରୀୟାଂ ଚରିତ୍ର

ଲେଖକ :—ଶ୍ରୀ ରାଧାଶ୍ୟାମ ନାୟକ

ପୁରାଣରେ ଯେ ସବୁ ସ୍ତ୍ରୀ—'ସ୍ତ୍ରୀ' ଏକଥା କହିବା ହେଉ ଜଗଦୀଶଙ୍କ । ସେ ସ୍ତ୍ରୀ—ସେ ସ୍ତ୍ରୀ । ସେ କୌଣସି ସ୍ତ୍ରୀକୁ ସ୍ତ୍ରୀ ମନେ କର ବା ନ କର ଅନାଦର କରିବା—ଆଖି ଦେଖାଇବା ବା ଡର ଲଗାଇବା ଅର୍ଥ ବୁଝାଇବାକୁ ଚେଷ୍ଟା କରନ୍ତି । ଯେ କେତେଦୂର ନିର୍ଦ୍ଦୋଷ ବା ଦୋଷୀ ତାହା ମୁଁ ସେଦିନ ଜାଣିଲି ଯେଉଁଦିନ ମଞ୍ଜୁ ପାଖରେ ମୋତେ ହାତ ଯୋଡ଼ି ମାଫି ମାଗିବାକୁ ହେଲା ।

କଥା ଭିତରେ—ମୁଁ ଦିନେ ମଞ୍ଜୁକୁ ନିମନ୍ତ୍ରଣ କରିଥିଲି ମୋ ଘରକୁ ଆସିବା ପାଇଁ । ଏପରିକି Route ଦେଖାଇ, Diagram କାଟି ଗୋଟିଏ ନକ୍ସା ପର୍ଯ୍ୟନ୍ତ ଦେଇଥିଲି—ଏମ ଗୃହରକୁ ଦେଲି ମଞ୍ଜୁକୁ ଦେବା ପାଇଁ ଚାହୁଁଥିଲି ଅଥଚ ଦିନେଇର ଅଗାଧ ଗର୍ତ୍ତ ଅଛି ତାଙ୍କ ଘରକୁ । ଦିନେ ମୁଁ ଠିକ୍ ଏକ ଅଜଣା ଜଣା । ମଞ୍ଜୁ ଘରକୁ ଯାଇ ମାତ୍ର ଅନ୍ଧାରଟାରେ ବି ବୋଧହୁଏ ମଞ୍ଜୁକୁ ଚିଠିଟା ନ ଦେଇ ଭୁଲରେ ତା' ଅନ୍ଧ ଦ୍ରୌପଦୀ ମା'—ସରଳା ଦେବୀଙ୍କ ଦେଇଦେଲି ।

ସେତେବେଳେ ସରଳା ଦେବୀ ବାରଣ୍ଡାରେ ବସିଥିଲେ । ଚିଠି ପାଇ ସରଳା ଦେବୀ ଉଚ୍ଚସ୍ୱରରେ ଉଠିଗଲେ ଘର ଭିତରକୁ । ଘଣ୍ଟାଏ ଅଳ୍ପ ସମୟ ପରେ ଅନ୍ତଃପୁରରେ କୌଣସି ଅସ୍ୱାଭାବିକ କିଛି ଘଟିବାର ଦେଖିଲେ ବିପଦର ବାର୍ତ୍ତା । ଅବସ୍ଥା ମନ୍ଦ ଏଠି । ବୁଝିବାକୁ ଦେରି ଲାଗିଲା ନାହିଁ—ତାଙ୍କ ପଛେ ପଛେ ମୋର ଦୃଷ୍ଟି ଦେଇ ଅଛି ମଞ୍ଜୁର ରୂପ ଚେହେରା ଦେଖିବାକୁ ତାଙ୍କ ନଜର ଲାଗିଲା ନାହିଁ ।

ଦିନେଇଙ୍କ ଚିଠିଟା ଦେଇ ମୁଁ ଖୁସିଯାଉଥାଏ ଭୁଲଭାବେ । ସେପରିକି ଚିଠିଟା ଉପରେ ଲେଖିଥାଏ—"ଚାହିଁବ ନା ଚିଠିଟା ଦେଇଦେବ ମଞ୍ଜୁକୁ ଦେଉନାହିଁ—ଏହି ମଞ୍ଜୁ କିଛି......" । ସେଠାରୁ ଉଠିଲି ଘୁରିବାକୁ ବୁଲାବୁଲି କରି—ଘର ଭିତରକୁ ଯାଇ ମାଆ ଦିନେଇଙ୍କ ପଚାରିଲି—"କେଉଁ ଦେଉଛୁ ?"

"ଦ ଚାକୁ ଦେଉଥିଲି ତ ! ଫେରି ବଣ ତାଙ୍କ ମା ଭାବ ନେମ ଟେ ଚମକିଲେ—'ଏ ଚିଠି ଗଣିଦ ତୁମ ବାବୁ ଦେଉଥିଲେ କି ଦେଇଦେଲ ?"

Hopeless. ମଥାଟା ଘୂରିଗଲା । ମଞ୍ଜୁ ମା ହାତରେ ଚେତେ ଚିଠିଟା ପଡ଼ିଛି କିଛିଏ । ଗଣ୍ଡଗୋଳର ଅଙ୍କଟା ବଢ଼ି ଚାଲିଲା ଛୁଟ୍ଟି ଦେଖା ଦେଲା ଚିନ୍ତେଇ ନାହିଁ । + + ଘଣ୍ଟାଏ ଚ ଚାଲିଗଲା । ଚାହିଁ ପଦେ ଦିନେ ନଅଟା ଦଶଟା ବେଳକୁ ମଞ୍ଜୁର ମାଆ ଅଦ୍ଭୁତ ପଣି ଆସିଲେ ମୋ ପାଖକୁ—ହାତରେ ତାଙ୍କର ସେହି ଚିଠି । ଅତି ପ୍ରଥମେ କୋପ ହେଲା—'ଏ ଚିଠିଟା ତମେ ଦେଇଥିଲ ?'

ଦେଖିଲି—ଜୁଳନ୍ତ ପ୍ରମାଣକୁ ଚାହିଁବା ବ୍ୟର୍ଥ—ଧୃଷ୍ଟ ବାଂରେଜୀ ସାହସରେ କହି ଉଠିଲି—'ହଁ'—

"କାହିଁକି ଦେଇଥିଲ ?"

ପାଞ୍ଚଟା ଟଙ୍କା ଦେଇ ମାଉସୀଙ୍କୁ କହିଥିଲି—ପୁଣି ଅଧ୍ୟାପକ କହି ଉଠିଲି—"ଚାହିଁକି ଦେଉଥିଲି—ସେଇଟା ତ କହିବା ଦୋହରିବା ପ୍ରୟୋଜନ ନାହିଁ । ତେବେ ବର୍ତ୍ତମାନ ଏଥିରେ ଏତେ କହିବାର ଅଛି କି ?"

"ତୋ' ପରି ଯୁବକ ହିଁ ପାରନ୍ତି ଏପରି କାର୍ଯ୍ୟ ଏଠି ଦେବା କେତେ ମୁର୍ଖତା—କେବେ ବୁଝିପାରିବ ଭଲ ମନ୍ଦ ?"

"ସେଇଟା ତ ମୁଁ ଜାଣିପାରୁଛି ମାଉସୀ—ମୋର ଭୁଲ ହୋଇଛି—ମୁଁ କେତେ ବୋକା ! ଏଇ ସେଥିପାଇଁ ମୁଁ ମଧ୍ୟ ଅନୁତପ୍ତ ।"

"ଏହାର ଶାସ୍ତି କଣ ଜାଣ ?"

"ଆପଣ ଯାହା ଠିକ କରିବେ ।"

କ୍ଷଣକ ସେ ନୀରବ ରହିଲେ । ତା'ପରେ କହିଲେ—"ଭଲ, ଏକଥା ଯେପରି ଆଉ କେହି ନ ଶୁଣନ୍ତି ତା ର ଜାଣନ୍ତି ।" ମୁଁ ସ୍ୱୀକାର କଲି । ତା'ପରେ ମୁରୁବି ହସରେ କହିଲେ—"ଏଥିରେ ଆଉ କେତେ କହିବା ନାହିଁ । ଆଉ ଏମ ଘରକୁ ଏଥିପାଇଁ ମଞ୍ଜୁ ପାଖରୁ ତୁମକୁ କ୍ଷମା ମାଗିବାକୁ ପଡ଼ିବ ।"

ଏତ ଅପ୍ରତ୍ୟାଶିତ ଭାବ ପରିବର୍ତ୍ତନ ପଛେ ପଛେ ରହସ୍ୟ । ତାଙ୍କ ସହେ ପଞ୍ଚୁଥି ସରଳା ଦେବୀ ମଞ୍ଜୁର ନାମ ଧରି ଡାକିଲେ । ମଞ୍ଜୁ ଚୋଖ-ଧୁଏ ଡ୍ରେସିଂରେ ବାହାରିଲା । ଜଣକ ପରେ ସ୍ନୋ ଡୋଳା ମୁହଁରେ ଆମେ ଯେଉଁ ସଭେ କହିଥିଲି—ସେଇ ସବୁ ଅଛିଲି । ହଠାତ୍ ଲାଲ ରଙ୍ଗର ଶାଢ଼ୀଟା ସହିତ ଚାଲିଲେ ନିମ୍ନ ଦଣ୍ଡ ଉପର ଚିତ୍ରକୁ ଚାହିଁବାଟା ଦେଖି ମନଟା ମୋର ଉଭାଇଲା—ମନେ ମନେ କହିଲି—ଏଇ ମୋର ପୁରସ୍କାର—

ମଞ୍ଜୁ ଅଳି ରୂପ ହୋଇ ଠିଆ ହେଲା—ଆମ ଦୁହିଙ୍କ ସାମନାରେ ।

Digitized by srujanika@gmail.com

ସବିତା ଦେବୀ ଚୋଟରେ ଥାଇଁ କହିଲେ—"ଯାଃ—କ୍ଷମା ମାଗ।"

ମୁଁ ସଙ୍ଗେ ସଙ୍ଗେ ହାତ ଯୋଡ଼ି ଦେଖାଇ ଲୁହ ଭରିକି କହିଲି—"ମଞ୍ଜୁ ଦେଇ! ମୁଁ ଯେଉଁ କଥିକି ଦେଲି ତାହା ଅନ୍ୟାୟ ତା ପାପ ହେଲା। ସେଥିପାଇଁ ମୁଁ ଜାଣେ ଅନୁତପ୍ତ—ତୁମେ ମୋତେ କ୍ଷମା ଦେଇ ପାରିବ କି?"

ଏହାର ଉତ୍ତର ଦେବାର ପୂର୍ବ ସମୟ ଅଛି। ସଙ୍ଗେ ସଙ୍ଗେ ମୁଁ ତାଙ୍କ ଘରୁ ପଳାଇ ଆସିଲି। ଘଣ୍ଟା ଗାଲୁଡ଼ା କହିଲା। ଗାଉଁଗାଉଁ ସମସ୍ତ ଶୋଇଗଲେ। ତୁରନ୍ତ ଘଣ୍ଟାଏ ଖାଇ ଦେଇ ଅଫିସକୁ ଗଲି। ଅଫିସରେ ଅଫିସ କାମରେ ମନ ଲାଗିଲା ନାହିଁ। କୌଣସି ମତେ ସାଢ଼େ ପାଞ୍ଚଟା ପର୍ଯ୍ୟନ୍ତ ରହି ସିଧା ସଜଣିକୁ ସିନେମାକୁ। ସିନେମାରେ ମଣିଷଙ୍କ ସାଙ୍ଗେ ନଅଟା ପର୍ଯ୍ୟନ୍ତ ବୁଲାବୁଲି କରି ଫେରିଲି ଘରକୁ। ଘରେ ଖାଇ ପିଇ ଶୋଇବାକୁ ବିଛଣାରେ ଶୋଇଛି। ତାକୁ ଅଧ ଘଣ୍ଟାଏ ମୋ ପାଇଁ ନିଦ ହୋଇଥିବା ଭଳି ଲାଗୁଥାଏ ବାରମ୍ବାର ଶବ୍ଦ କବାଟରେ ପଡ଼ୁଥିଲା। ନିଦ ମୋତେ ଆସୁ ନଥାଏ।

\+ \+ \+ \+

ଠକ୍—ଠକ୍—ଠକ୍। କବାଟରେ ଠକ୍ ଠକ୍ ଶବ୍ଦରେ ନିଦ ଭାଙ୍ଗିଗଲା। କବାଟ ନ ଖୋଲି ଭାବିଲି। ଏଥର ଯେପରି ମାରିବାଏ ଭୂତରେ ମୋ ଉପରେ ପଡ଼ୁଛି—"ଖୋଲ ମ—କବାଟ ଖୋଲ!"

ବାଟେ ଭୂତ ଜାଳିଥିବ ଶୁଣି—ଦେଖିଲି, ପର୍ଯ୍ୟନ୍ତ ତାତ ପାଦ ଥରିଲା। ଭୟରେ ଅଡ଼ି ଥିଲି ନୋ। କବାଟ ଖୋଲି ପଚାରିଲି—"ଏଏ କିଏ?"

"ମୁଁ ମ।" ସ୍ତ୍ରୀଟିଏ ଅନ୍ଧାର ଘରଟାକୁ ପଶିଗଲା।

"ଏଏ? ମଞ୍ଜୁ!"

"ହଁ।" ଅନ୍ଧକାରରେ ଚିହ୍ନ ହୋଇଥାଏ।

"ତୁମେ କାହିଁକି?" କହି ଘରେ ବସିଗଲି।

"ଭଲ ମନା ଅଛ?"

"ମନା ନଥିଲେ ମଧ୍ୟ ଅନଧିକାର ଚର୍ଚ୍ଚା।"

"ଅନଧିକାର ଚର୍ଚ୍ଚା ନିଶ୍ଚୟ—ତେଣୁ ମୁଁ ଆଜ ମାଫି ମାଗିବାକୁ ଆସିଛି। ମୋ ପାଇଁ ଯେ ଅନେକ ଅପମାନିତ ହେଲେ—ମୋତେ କ୍ଷମା ମାଗିଲେ—ତାହା ଫେରାଇ ଦେବାକୁ ଆସିଛି।"

"ତୁମ ମା'ଙ୍କ ପାଖରେ କୋଉଠି ଅପମାନ କଲ ମ?" ମୁଁ ଦୋଷ କଲି ମାଫି ମାଗିଲି—ଏଥି ଭିତରେ କଣ ଅଛି? ଏତେବେଳେ ମଣିଷଟେ ହିଂସାଳୁଭାବ ଧରି ଭୀଷଣ ପାଟି କରି ଉଠିଲା। ଭୟରେ ମୁଁ ନିଜେ ମୋ ଘରେ ବସି ପଡ଼ିଲି। ମୁଁ ମଧ୍ୟ ଉଦ୍ଧାରରେ ଉଠିଯାଇ ଧକ୍କାଟା କବାଟଟା ଭିତରୁ ଲଗାଇ ଦେଲି। ପୁଣି ଯାଇ ଖଟରେ ମୁହଁ ମାଡ଼ି ପଡ଼ିଲି। ଠକ୍—ଠକ୍ କାଉଁଟା ବାଜିଲା।

"ଯାଅ ମଞ୍ଜୁ! ଜଲ୍ଦି ଘର ହେଲାଣି।"

"ଭିତରୁ ଶିକୁଳି ଦେଇଛ ଯେ!"

"ଚେଷ୍ଟା କରି ଦେଖ ଯାଅ।"

"ଉଠନ୍ତୁ ତୁମେ ଶିକୁଳିଟା ଭିତରୁ ପୁଣି ଦେଇ ଦେବେ।"

ତାହାଟା ଧରି ଟାଣିଲି।

"ହେଲି, ମେଳ ଥାଇ ବଡ଼ ଗରମ ଲାଗୁଛି।" ମଞ୍ଜୁ ଶିକୁଳି ଖୋଲି ଭିତରେ ବସି ରହିଲେ।

"ଅନ୍ଧାରୁ ଜୋରରେ ମୋତେ ଭୟ ଦେଇ ଆସିବେ।"

"ନିଦ ଲାଗିଲାଣି ମୁଁ ଯାଇ ପାରିବି ନାହିଁ।"

"ମୁଁ ଜୋରରେ ଦେଖିଲି କିପରି?"

ଲଇଟର ଫାଙ୍କାଏ ଜୋଛନା ବାଡ଼ ଝରକା ଦେଇ ହୋଇ ଦୁଆର ଦିଗରେ ବାଟେଣି ଚାହିଁଲେ। ତାଙ୍କର ଗାଲ ଦେଖି ମୋ ଉପରେ ଝପଟରେ ଦେଖିଲି ଭୋରରେ।—ନିଦ ଭାଙ୍ଗି ତାଙ୍କ ଥଣ୍ଡାରେ କହି ଉଠିଲି—"ତୁମେ ଭଲ ଅଛ ଏ ଭଲ ମଞ୍ଜୁ—ମୋତେ ପୁଣି ମାଫି ମାଗିବାକୁ ପଡ଼ିବ ଦେଖୁଛି।"

"ମାଫି? ମାଫି କୋଉଟା କଣ ମ?"

"ମଲ! ଏଠି ଦେଖିଥିଲି ଯେ—ସେଇ ମାଫି—"

"ଦେଖ ଭଲ—ଅନ୍ଧାର ବଥିଲୁ।"

"ତା ମାନେ ଯେତେ ଦେବ—ସେତେ ମାଫି ମାଗିବ।"

"ମାଫି ପରା ମୁଁ ମାଗିବାକୁ ଆସିଛି—ଦେଖ।"

"କାହିଁକି ମୁଁ ତ ମାଫି ମାଗି ସାରିଛି—ଆଗରୁ।

"ମାଗିଲେ କଣ ହେବ—ବର୍ତ୍ତମାନ ମୁଁ ମାଗୁଛି ଦୋଷ ମୋର।"

ମଞ୍ଜୁର ଗଳା ଭରାଇ ଆସୁଥିଲା। ମୁଁ ତାକୁ ଟାଣିଲି ହୋଇ କହିଲି—"ନା ମୁଁ ବର୍ତ୍ତମାନ ବି ମାଫି ମାଗିବି; ଦୋଷ ମୋର।"

"ହଉ ହେଲା ଯା—ତୁମେ ମାଗିବା ଯେ—ମୁଁ ମାଗିବା ସେ—ସମାନ।"

"ତା ମାନେ?"

"ମାନେ—ଅନେକ କଥା ମୋତେ ଅମ ଘରେ ପଡ଼ୁଥାଇ ଦଥ—ପରେ କହିବ।"

"ହଉ ଯାଅ।"

"ମୋତେ ଡର ଲାଗୁଛି—ମୋ ପାଖରେ ପାଖେ ଥିଲ।"

ମୁଁ ମଞ୍ଜୁର ହାତ ଧରି ରଖିଲି। ତାର ଦେହର ସ୍ପର୍ଶ ମୁଁ ଅନୁଭବ କରୁଥାଏ। କାହାରି ପାଖରୁ କଥା କାହାରି ନଥାଏ। ତାଙ୍କ ଘର ପାଖରେ ହୋଇଛି—ଏତେବେଳେ ଲଳିତ ଦୁଇଟା ଗାଡ଼ି ଲେଇ ଅମ ଅଫିଲ୍ ଛୁଟି ଆସିଲେ। ମଞ୍ଜୁ ତାଙ୍କ ଘର ପିଣ୍ଡା ଉପରକୁ ଉଠି "ଦୋଷ ନେ" ବୋଲି ପାଟି କରି ଉଠିଲା।

ମୋର ତ ସାବାଶ ଜନ୍ମ। ପୁଣି କଣ ହେବ—ଗଣ୍ଡ ଅପରେ ୪ଟି ଥର କ୍ଷମା ଭିକ୍ଷା ମାଗିବାକୁ ହେବନାହିଁ ତ? ମୁଁ ପଳାଇଯିବି କି ରହିବ ଏଇଥା ଚିନ୍ତା କରୁଛି ଏପରି ସମୟରେ ସବିତା ଦେବୀ ଲୁଗାକୁ ସାଙ୍ଗରେ ନେଇ ଧଡ଼ କରି କବାଟ ଖୋଲିଲେ। ଲୁଗାର ହାତରେ ଲଣ୍ଠନ ଓ ବାଡ଼ି।

ବାଡ଼ି ଦେଖି ମୋର ଚନ୍ଦ୍ରଧାଡ଼ ଶୁଖି ଗଲାଣି। ସବିତା ଦେବୀ ମୋତେ ଦେଖି କହିଲେ—"ଏଏ ବାବା ବଳନ୍ତ! ଆସ ଘର

( ଅବଶିଷ୍ଟାଂଶ ୭ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com




# ବାସ୍ତବ ଓ କଳ୍ପନା

ଲେଖକ—
—ଶ୍ରୀ ନିରଞ୍ଜନ ତ୍ରିପାଠୀ

ଶ୍ରୀମୋହନ ବିଦ୍ୟା ମନ୍ଦିର ନିକଟ ।

ଅଗଣରେ ଝୁଲନ୍ତି ଦରଜା । ଅନ୍ତରାଳ ଅଙ୍ଗଣ । କଳ୍ପନା ଦେଶର ଚିରନ୍ତନ ଅନ୍ଧକାର । ଜୀବନରଥରେ ଗୁହାରି ମୂର୍ତ୍ତି ଉଠିଥାଏ । କଳ୍ପନାପ୍ରିୟ ମଣିଷ କଳ୍ପନା-ଭୂଇଁ ମାଡ଼ିମାଡ଼ି ଆଗେ ଚାଲିଥାଏ ନିଜର ଭବିଷ୍ୟତ ।

ବାସ୍ତବରେ ବାସ୍ତବ···କଳ୍ପନାରେ କଳ୍ପନା । ବାସ୍ତବ କେବେ କଳ୍ପନା ହୋଇ ପାରେନା—କିନ୍ତୁ ସମୟ ସମୟରେ—ସମୟ ସମୟରେ କାହିଁକି—ଅନେକ ସମୟରେ କଳ୍ପନାଟା ବାସ୍ତବରେ ପରିଣତ ହୋଇଯାଏ । ତେଣୁ ମଣିଷ ଯୁକ୍ତି କରେ—କଳ୍ପନା ହିଁ ତାର ସାଥୀ । ଯେ ଯେତେଦିନ ତାର କଳ୍ପନାକୁ ବାସ୍ତବତାର ରୂପ ଦେଇ ପାରିବ—ସେଦିନ ସାର୍ଥକ ହେବ ତାର ଜୀବନ ଅର୍ଥାତ୍ ଅଗ୍ରଗତିରେ କଳ୍ପନା । ସେ କହେ ମାନବ କଳ୍ପନାପ୍ରିୟ । ତା ହୋଇ ନ ଥିଲେ, କାଳ୍ପନିକ ଅଭିନୟ ଦେଖିବା ପାଇଁ ଆଜି ସିନେମା ଘରେ ଏତେ ଲୋକ ଭିଡ଼ ହୋଇ ନ ଥାଆନ୍ତେ । କଳ୍ପନାରେ ହିଁ ମିଳେ ଆନନ୍ଦ—କଳ୍ପନା ହିଁ ଦିଏ ଶାନ୍ତି ।

\+ + + +

ଅନାମନସ୍କ ଭାବେ ସଞ୍ଜୟ ତାର ମାନସ ପଟରେ ଆଙ୍କି ଚାଲିଥାଏ ଗୋଟାଏ ସୁନ୍ଦର ରୂପସୀର ଛବି । ବାସ୍ତବ ଯାହାକୁ—ପାଇବାକୁ ବର୍ଷ ବର୍ଷ ଧରି ଚେଷ୍ଟା କରେ, କଳ୍ପନା ତାକୁ ଖୁବ୍ ଶୀଘ୍ର ଆଣିଦିଏ ।

'କଣ ନାମ ହେବ ତାର ?'— ସଞ୍ଜୟ ଭାବେ ।

ନର୍ମଦା ?—ନା । ବାସନ୍ତୀ ?—ନା । ସୁରଭି ?—ନା । ଶେଫାଳି···ପ୍ରମିଳା—ଏଇ ସବୁ ନୁହେଁ । ପୁଣି ଭାବେ "କ···ଲ୍ପ···ନା" ହୁଁ—ଠିକ୍ ଠିକ୍ । କଳ୍ପନା—କଳ୍ପନା ହିଁ ହେବ ତାର ନାମ ।

"ଆଉ, କଳ୍ପନା—କଳ୍ପନା"—ସଞ୍ଜୟ କହିଲା ।

"କେଉଁଠି ପାଇବ ?"

"ଆକାଶରେ ଏବେ ବି ଯାହାକୁ ଖୋଜୁଥିଲି—ନାମ ତାର କଳ୍ପନା ।"

\+ + + +

କଥା ଦେଉଥାଉ ଅଲ ପଟରେ ଥିବା ଗୋଟାଏ ଯୁବତୀର ଚିତ୍ର ଦେଖିବାକୁ ଆଗ୍ରହ ହେଲା । ମନ୍ଦିରରେ ଅନ୍ତରାଳ ଦେଖିଲା ସେଇ ଝିଲମିଲ ପରଦାଟାଏ । ଦେଖିଲା—ଯୁବତୀ ଜଣେ । ନାମ ପାଇଲା ।

× × × ×

କଳ୍ପନା—ସତରେ ସିଏ କଳ୍ପନା ଅଟେ । ଅବାସ୍ତବକୁ ବାସ୍ତବ କରି ପାରେ କଳ୍ପନାର ସେଇ ମୋହନ ରୂପ । ଜହ୍ନ, ଆଉ ଏ ସଂସାରଟାକୁ ଯେତେ ବେଶୀ ସରସ ସୁନ୍ଦର କରି ତୋଳି ପାରେ—ତେବେ ସେ ହେଉଛି ସେହି କଳ୍ପନା ।"

"ତଥାପି ଡାକିଲା—"

\+ + + +

କଳ୍ପନା ଜଣେ ଶିଳ୍ପୀ ।

ଜୀବନରେ ଏଇ ତାର ପ୍ରଥମ ପ୍ରେମ ଷୋଡ଼ଶ ବସନ୍ତର ଅଭିଜ୍ଞ । ଅଦେଖା ହାତର ସ୍ପର୍ଶ ଭଳି ତାର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗକୁ ଯୌବନୋଦ୍ଦୀପ୍ତ କରି ତୋଳିଛି । ତଥାପି ସେ ସନ୍ତୁଷ୍ଟ ନୁହେଁ । କିନ୍ତୁ ସେ—ଚେଷ୍ଟା କରେ ବାସ୍ତବତାକୁ—ନିଜର ଜୀବନକୁ କଳ୍ପନା ଭଳିରେ ସରସ ସୁନ୍ଦର କରି ତୋଳିବାକୁ । ବୁଝେ ତାର ଅର୍ଥ ବୁଝେନା—କେବଳ କଳ୍ପନା । ବାସ୍ତବ ପାଖରେ କଳ୍ପନାର ସ୍ଥାନ ନାହିଁ କି ଅଛି ? କିଏ ଜାଣେ—

× × × ×

ଦିନ ଶେଷ ହେଲା ।

"ସଞ୍ଜୟ ବାବୁ—" ମଧୁ ନାରୀ କଣ୍ଠର କରୁଣ ସ୍ୱର ସଞ୍ଜୟ ଶୁଣିବାକୁ ପାଇଲା ।

"କିଏ ?"

"ମୁଁ ତ କଳ୍ପନା ।"

"କଳ୍ପନା ?" ସଞ୍ଜୟ ଅବାକ୍ ହେଲା ।

"ଆପଣ ମୋର ନାଁ ଦେଇଛନ୍ତି ?" କଳ୍ପନା ପଚାରିଲା ।

"ସୁନ୍ଦରୀ, ଜମିଦାର ଝିଅର ନାଁ କଳ୍ପନା ।"

"କଥାରେ ଏତେ ପ୍ରଶଂସା କରୁଛନ୍ତି କାହିଁକି ? ଆପଣଙ୍କ ସାଙ୍ଗରେ ମୁଁ ଆପଣଙ୍କୁ ମୋର ନାଁ ସବୁ ଦେଉଥିବି ।"

\+ + × +

Digitized by srujanika@gmail.com

# ମହୁଲ-ମଦ

ଗୋପାଳଚନ୍ଦ୍ର ମିଶ୍ର ବି, ଏ, (ଅନର୍ସ)

ମୋହନା ମାଝି ସେ ମନ୍ଦଛି ପିଇ ମହୁଲ ମଦ,
ଛନ୍ଦ ଦେଉଥାଏ "ଗଲଣିତ ଚାଲ କଥାରେ" ପଦ।
ବଳଦେବ ରଥ ରଚନା ମାଧୁରୀ ବୃନ୍ଦେଙ୍କ ସଙ୍ଗେ,
ଖାଲି ଗାଏ ଗୀତ "ଗୁମରେ ସିନା ମୁଁ ପଶୁଛି ତେଙ୍ଗେ।"
ମହୁଲ ମଦର ସାଥେ ଝଙ୍କୃତ ହେ ଭବ ଘଣ୍ଟ,
ଫେଣ୍ଟିବ ଗୃହଣୀ ସୁଧାଧାର ଏଣେ ହେଉ ବା ସ୍ପନ୍ଦ।
ଧୀର ମୂର୍ଚ୍ଛିତ ଗୋପାଳ ବେଣୁର ଲଳିତ ତାନ,
କଳଧ ପାଗଲ ମୟୂର କଣ୍ଠରେ ଉଚ୍ଛୁଳା ଗାନ।
ସମାନ ହେବ କି ମହୁଲ ମଦର ସାଥେ କିଂଚିତ,
ସିଂହଳ ପାନୀ ସୋମ ଗରଳ ଅଟଳ ହେଉ।
ସମର ପାଗଳ ଅଶ୍ୱର କଦମ କଦମ ଗତ,
ଭଜନ ପାଗଳ ଶ୍ରୋତୃ ଭକ୍ତର ଉଲ୍ଲାସ ମତ।
ସମାନ ହେବାକି ମହୁଆ ମହୁଲ ମଦର ସାଥେ,
ମୋହନା ମାଝି ସେ ମଦ ପିଇ ଉଡ଼େ ସପନ-ରଥେ।
ମହୁଲ ମଦରେ ମହୁଲ ମଦରେ ମହୁଲ ମଦ,
ମୋହନା ପରାଣେ ଉଠାଇଛି ଗୋପ—ମୁରଲୀ ନାଦ।
ଫଗୁଣ ଜୋଛନା ପଡ଼ୁଥିଲା ଝରି କଦଳୀ ବନେ,
ଲକ୍ଷ ସହକାର ବେଗୁନିଆ ବାଡ଼ ସନ୍ନିଧାନେ।
କଅଁଳ ତଳେ ବସୁଥିଲା ସେ ଯେ ଲୁଚେଇ ନାଲ,
ଗଛରେ ନମୁଛ ଗାର ଫୁଲ! କିବା ବାହଘର ଜାଲ।
ସେହି ନଈ ଧାରେ ସେହି ନାଳ ଧାରେ ଜୋଛନା ଝରେ,
ଭାଗେଶ୍ୱର ସାଥେ ଅଳି ପାଣି ସ୍ୱପ୍ନ- ଚଷକ ଧରେ।
ଏକାଳେ ମୋହନ ମନ୍ଦଛି ପିଇ ମହୁଲ ମଦ,
ଗଛତଳେ ଖାଲି ଅନୁଭବ କରେ କି ଗଦଗଦ।
ପଲ୍ଲୀ ଗ୍ରାମର ଛନ୍ଦରେ ପଡ଼ଲ ସମ୍ବାଦ ନାଚ,
ଉଡୁଥାଏ ହେସ ବଂଶୀ ଯେ ଗୋ ଅସ ମେଳବା ସ୍ୱର।
କିଏ ଏବା ବୁଝୁ ଅଛି ବନ୍ଧୁଲ ଅରେ ମହନ',
ଜନ୍ମ ପାଉଛି ଧାନ ଖେତ କିଆ ଖଡ଼ିଛି କନା।
କିଏ ଅବା କହେ ଏତେ ସବୁ ହେଲୁ ଅରେ ମହନ',
ମଦ ପିଇ ତନ ଗାଈ ଖୋଇ ରହୁ କି ଖ୍ୟାନମନା।
ମହନାକୁ କାଟେଣି ମହନାକୁ ଶୁଣେ ମାତାଲ ଅଛ,
ମହୁଲ ନିଶାରେ ଗଡ଼େଇ ଚନ୍ଦାକୁ ପଡ଼ିଛି ଭୁଇଁ।
ଖୋଲଫେଣି ଖେତ ଗୃହ ହନ୍ଦୁ ପୁଣି ଉଜୁଡ଼ ଗଲା,
ମଦନା କୁମ୍ଭରେ ପରାଣ ପିଆଦା କହିଲା ଧାଲ।
ଗ୍ରାମ ଛିଏ ମୁଣ୍ଡି ଉପଦ୍ରାସ ସହ ମାଇଲେ ତଗ,
ଅଳ ଦୁଏତ ସେ ସ୍ୱର୍ଗରେ ସଙ୍ଗ ଅନୁଭବ କରୁଥିବ । ତାକୁ ଅଛ ମିଳିଲା ଗୋଟାଏ ପୁଅ । ଏବେ ଜନନେ—ମରଣ ପରେ—

—— ❋ ——

Digitized by srujanika@gmail.com



ଉଦୟ—୬ଷ୍ଠ ଭାଗ—ଚାର୍ଣ୍ଣ ୫୯—ଦ୍ୱିଭାଗ ଏକାଙ୍କ। ଏ ଭାଗରେ କେତେକ ନୂଆ ପୁରୁଣା ଲେଖକଙ୍କର ଗଳ୍ପ ପ୍ରକାଶ ପାଇଛି। ଏ ସଂଖ୍ୟାରେ ଲକ୍ଷ୍ମୀନାରାୟଣଙ୍କର ସ୍ମୃତି ଓ ରଚନା-ବାନ୍ଧବଙ୍କ ଭାଷାଅଟେ ଭଗବାନଙ୍କ ଦେବ୍‌ନିକ ନୂଆ ଓ ଚମତ୍କାର। ଲେଖକମାନେ ସାମାଜିକ ସମସ୍ୟାକୁ ଭିତ୍ତି କରି ଲେଖିଛନ୍ତି। ସବୁଠାରୁ ଅଧିକ ସତ୍ୟ ଓ ଜଟିଳ ସାମାଜିକ ସମସ୍ୟା ଉପରେ ହାତ ଦେଇଛନ୍ତି ପୁରୁଣା ଲେଖାଳି ଅନନ୍ତ ପଟ୍ଟନାୟକ—'ପାଗଳ ଏଏ' ଗଳ୍ପରେ ଅନ୍ଧ ବିଧା ସକଳ ବୈଧ୍ୟ। ଶେଷିଭୂଷଣ ପଟ୍ଟନାୟକଙ୍କର ଶୁଣ ପକ୍ଷ ଜଗନ୍ନାଥ ଦାସ୍ ଉଲ ହୋଇଛି। ମାତ୍ର ସମସ୍ୟାକୁ ବାଢ଼ି ଦେଇଛନ୍ତି କେବଳ—ସମାଧାନର ସୂଚନା ଦେଇ ନାହାନ୍ତି—ଶୁଣ ପକ୍ଷ ଜଗନ୍ନାଥ ଭିତରୁ ଯଦି ବୈରାଗ୍ୟ ବୁଝାପଡ଼େ ତେବେ ତାହା ମଧ୍ୟ escapism ହେବ। ସଂସାରକୁ ଛାଡ଼ି ପଳାଇବାରେ ସଂସାରକୁ ଜୟ କରିବା ହେଲା ନାହିଁ। ହେମଲତା ଦେବୀଙ୍କର ଗଳ୍ପଟି ସୁନ୍ଦର ହୋଇନାହିଁ—ଟେବ ଅତି ସାଧାରଣ ଏବଂ ଅବାସ୍ତବ ମାତ୍ର ହେଲା। ତଥାପି ଲେଖକଙ୍କର ଶୈଳୀ ଓ ସହାନୁଭୂତି ପ୍ରଶଂସନୀୟ।

ମୋଟ ଉପରେ ଏଥର ଗଳ୍ପ ସଂଗ୍ରହର ସଂପାଦନା ଦିଗରୁ ସୁନ୍ଦର ହୋଇଛି ଏବଂ ଓଡ଼ିଆର ଗଳ୍ପ ସାହିତ୍ୟ ଯେ ଉନ୍ନତ ପଥରେ କ୍ରମ ଅଗ୍ରସର ହେଉଛି ତାର ଯଥେଷ୍ଟ ପ୍ରମାଣ 'ଉଦୟ' ଦଉ୍‌ଛି।

"ଜୀବନରେ ସମ୍ଭବ"—ଲେଖକ—ଶ୍ରୀ ଗୋଦାବରୀଶ ମହାପାତ୍ର, ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ଶ୍ରୀ ଶରତ୍‌ଚନ୍ଦ୍ର ମିଶ୍ର ଓ ଶ୍ରୀ ରାଜକିଶୋର ପଟ୍ଟନାୟକ। ଲେଖକ ଚାରିଜଣଙ୍କ ଲେଖକଙ୍କର ସ୍ୱତନ୍ତ୍ର ସ୍ୱତନ୍ତ୍ର ଗଳ୍ପ ଏକ ସଂଗ୍ରହରେ ଗୁନ୍ଥା ଯାଇଛି। ମାଳାକାର ଓ ପ୍ରକାଶକ ଅଟନ୍ତି—ରଥ୍ୟାଗୋପାଳ ପୁସ୍ତକାଳୟ—ବଡ଼ ଦେଉଳ—ପୋ: ସୁନ୍ଦରଗ୍ରାମ, କଟକ—ମୂଲ୍ୟ ମଧ ଅଗ୍ରାଭାବକ ୫୧୯୮।

ଗଳ୍ପ ଭିତରୁ ଶ୍ରୀ ଶରତ୍‌ଚନ୍ଦ୍ର ମିଶ୍ର ତାଙ୍କ ମାଷ୍ଟର ଜୀବନର ଅଭିଜ୍ଞତାକୁ ନେଇ ଯେଉଁ ଲେଖିଛନ୍ତି ତାହା ବାସ୍ତବ ସାହିତ୍ୟ—ସମାଜର ଗୋଟାଏ ଅଭିଯୋଗୀ ଜାତିର ସମସ୍ୟା ସେ ଅଣିଛନ୍ତି। ଗୋଦାବରୀଶ ବାବୁଙ୍କର ନାଟ୍ୟ ମୃତ ଗାଳପଣ ଯୁଗ ଓ ବର୍ତ୍ତମାନ ବହୁଜନ ଯୁଗର ସନ୍ଧିକ୍ଷଣରେ ଯିଏ ହୋଇନଥିଲେ ନରମ ଓ କଠିଣ ସେହି ତଥ୍ୟ ଉପରେ ନପୁଂସ ଯେଉଁ ଦୋଷ ... ଛଳ ବହିଗଲା। ବାବୁ ପଟ୍ଟନାୟକ ଓ ମହାପାତ୍ର ହେଇ ମଧ୍ୟ ... ସମାଜର ପୁରୁଣା ପ୍ରେମି ହୃଦୟକୁ ଏଠି ସେଠି ନେଇ ଥୋଇଛନ୍ତି। ସାହିତ୍ୟକୁ ପ୍ରେମ

ସେଥିରୁ ଏଏ ମୁକ୍ତ କରିବା ଦରକାର ପଡ଼ୁଛି। କଥା ଲାଗିଲାଣି। ମୋଟ ଉପରେ ଏପରି ମିଳିତ ଉଦ୍ୟମ ଉତ୍କଳର କଥା ସାହିତ୍ୟର ଯଥେଷ୍ଟ ପୁଷ୍ଟି କରିବ।

ତଥାପି ମଣିର ବସ୍ତି—ପ୍ରକାଶକ ରଥ୍ୟାଗୋପାଳ ପୁସ୍ତକାଳୟ। ଜୀବନ ଗଳ୍ପମାଳା ସିରିଜର ଦ୍ୱିତୀୟ ଭାଗ—ମୂଲ୍ୟ—୫୦୯୮।। ଏଥର ଲେଖକ ଦ୍ୱିମୂର୍ତ୍ତି—ଗୋଦାବରୀଶ ମିଶ୍ର ଓ ମହାପାତ୍ର ଏବଂ ନିତ୍ୟାନନ୍ଦ ମହାପାତ୍ର। ମିଶ୍ରପାତ୍ରଙ୍କ ଯେତିକି ନିଜ ଉପରେ ସତେ ଯେମିତି ପାରିଲା ମନ୍ତ୍ରୀମଣ୍ଡଳଙ୍କ ଶିବ ଦୃଢ଼ୟ କରୁଛି। ମିଶ୍ରେ ଅପରଙ୍କ କଳମରୁ ୮୩ର ଦୁର୍ଭିକ୍ଷ କାହାଣୀ ଶୋଭା ପାଇଛି। ଜନ୍ମ ଏତେ ବଡ଼ ମର୍ମସ୍ପର୍ଶୀ ଘଟଣାକୁ ଅଭ ନିଦଏ ସହାନୁଭୂତି ଦେଇ ଲେଖିବାର ଥିଲା।

ଗୋଦାବରୀଶ ମହାପାତ୍ରଙ୍କର 'ଶୋକସଙ୍ଗୀ' ଉପଦ ଅନାହାର ଥିବାହାର କେବଳ ପଶୁ ଓ ମନୁଷ୍ୟର ହୃଦୟ ଭିତରେ ଏକ ସୂକ୍ଷ୍ମ ତନ୍ତ୍ରୀ ଅବିଷ୍କାର କରି ଗଲେ। ବୋଧହୁଏ ଏ ପୁସ୍ତକର ଶ୍ରେଷ୍ଠ ସ୍ଥାନ ଦେଇଛି। ନିତ୍ୟାନନ୍ଦ ମହାପାତ୍ରଙ୍କ ଲକ୍ଷ୍ମୀ ମିଆଁ ବୁଢ଼ା ବୟସରେ ତରୁଣୀ ଭାର୍ଯ୍ୟା ପାଇଁ ପଶ୍ଚାତ୍ତାପ କେତେ ଉଚିତ ଥିଲା। ନିତ୍ୟାନନ୍ଦ ସେଠୁ ପଳାଇ ଯାଇ, ମଣିଷର ଭାଗ୍ୟ ଲଣିବାର ଅଳ୍ପ କିଛାଣ ମୂଳରେ, ଯେଉଁ ଦୁର୍ବଳ ମନୋବୃତ୍ତି ଟେଲେ, ତାକୁବ ଦୋଷରେ ଦେବାକୁ ଯାଇ ଯଥାର୍ଥ ହୋଇ ନାହାନ୍ତି ବୋଲି କହିଲେ ଅନ୍ୟାୟ ହେବ।

## 'ଏଗାରଟା' କ'ଣ ?

ପ୍ରଥମ ପତ୍ର

ପ୍ରିୟ ମହାଶୟ, ଆପଣଙ୍କର ମୂଳ ଓଡ଼ିଆ ଗଳ୍ପ ଏଗାରଟାର ଇଂରାଜୀ ଅନୁବାଦ ଅତି ଚମତ୍କାର ହୋଇଛି। ତାକୁ ପଢ଼ିବାବେଳେ ମୋପାସାଁ ମନେ ପଡ଼େ। ଏପରିକି 'କରେଣ୍ଟ ଏପେଅରସ୍'ରେ ପ୍ରକାଶ ପାଇଲା—

ଏସ: କେ: ଶର୍ମା, ସମ୍ପାଦକ କରେଣ୍ଟ ଏପେଅରସ୍

ଦ୍ୱିତୀୟ ପତ୍ର

ପ୍ରିୟ ମହାଶୟ, ଆପଣଙ୍କର 'ଏଗାରଟା'ର ଇଂରାଜୀ ଅନୁବାଦ ପଢ଼ି ଜଣେ ଫରାସୀ ମହିଳା ମୁଗ୍ଧ ହୋଇ ତାକୁ ଫରାସୀ ଅନୁବାଦ କରିବା ପାଇଁ ମୋର ଅନୁମତି ଚାହିଁଥିଲେ। ମୁଁ ଆପଣଙ୍କର ସମ୍ମତି ଅଣା କରି ତାହା ଦେଇଥିଲି। ଶୁଣିଲି ମୁଁ ଯେ ଏବେ ତାହା ଫ୍ରାନ୍ସରେ ଖୁବ ଆଦର ପାଇଛି।

ଏସ: କେ: ଶର୍ମା ପୂର୍ବତନ ସମ୍ପାଦକ କରେଣ୍ଟ ଏପେଅରସ

ତୃତୀୟ ପତ୍ର

ମହାଶୟ ମୁଁ ମାନ୍ଦ୍ରାଜରେ ମଞ୍ଜୁଶ୍ରୀ ଏସ. ଭଗବାନଙ୍କ ସମ୍ପାଦିତ 'ଟାଇଗ୍ରୀସ୍'ରେ ଆପଣଙ୍କ 'ଏଗାରଟା'ର ଅନୁବାଦ ଦେଖିଲି। ଅତି ଚମତ୍କାର ଗଳ୍ପ। ଆପଣଙ୍କର ଗଳ୍ପ ଗୁଡ଼ିକ ବାସ୍ତବ ଅବର୍ଣ୍ଣନୀୟ। ମୁଁ ସେସବୁର ତେଲୁଗୁ ଅନୁବାଦ କରିବାକୁ ଚାହେଁ—

ଡ଼: ଭଗବାନଙ୍କ ରାଓ ସେକ୍ରେଟାରୀ, ଇଣ୍ଡିଅନ୍ ଏକାଡ଼େମି ଅଫ୍ ଆର୍ଟ ଏଣ୍ଡ ଲେଟରସ୍

ଏହି କଥାଗୁଡ଼ିକ ଗଳ୍ପ 'ଏଗାରଟା' ସମେତ ମୋଟ ଏଗାରଟି ଗଳ୍ପ ନେଇ ଏଗାରଟାର ଗଳ୍ପାବଳୀ।

କଥାଶିଳ୍ପୀ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ପ୍ରକାଶକ—

ଭାରତୀ ଭବନ, ପୁରୀ।

ମୂଲ୍ୟ—୫ ୧। ଅଣା

Digitized by srujanika@gmail.com



# କବି-ଲଢେଇ

ଲେଖକ— ଫଚୁରାନନ୍ଦ

( ପୂର୍ବାନୁବୃତ୍ତି )

[ କଥା — କଲଣି ଠାକୁର ଅନେକ କବିଙ୍କୁ ଅସି ଅନୁରୋଧ କଲେ କମଳ ଶୋଭିତ ପୋଖରୀକୁ ଯାଉଥିବା ସ୍ନାନାର୍ଥିନୀ ଯୁବତୀଙ୍କ ବିଷୟରେ କବିତା ଲେଖିବାକୁ। ଅନେକ ନବୀନମାନଙ୍କୁ ଯେଉଁ ଶାନ୍ତ ଓ ମୃତ କବିମାନଙ୍କଠାରୁ ନିମ୍ନ ପ୍ରଦତ୍ତ କବିତା ସବୁ ପାଇଲେ। ବାଛି ନେବାର ଭାର ପାଠକମାନଙ୍କ ଉପରେ ରହିଲା। ଏଥି ପୂର୍ବରୁ ଦୁଇଜଣଙ୍କ ପ୍ରକାଶିତ କବିତା ଦେଖନ୍ତୁ ]

## ✓ ଗଙ୍ଗାଧର ମେହେର

ରାଗ — ଚୋଖୀ )

ମଙ୍ଗଳେ ଅଇଲା ଉଷା ବିକଚ ରାଜୀବ-ଭୂଷା
ହରଷି ସ୍ନାହାନ ତୃଷା ହୃଦୟେ ବାନ୍ଧି,
କାମିନୀ ହୁଏ ବାହାର ମନ୍ଦିର ଛାଡି ତାହାର
ଜଳକୁମ୍ଭ ଧରି କର ଅଙ୍କରେ ରୁନ୍ଧି,
କଙ୍କଣ କଣ୍ଠେ କହିଲା
ଅବଗାହନ କରିବା ବେଳ ପାଇଲା।

ସମୀର ସଙ୍ଗୀତ ଗାଏ ଭ୍ରମର ବୀଣା ବଜାଏ
ସୁରଭି ନର୍ତ୍ତନେ ଥାଏ ଉଷା ନିଦେଶେ,
କୁମ୍ଭଟିଆ ହୋଇ ଭାଟ ଆରମ୍ଭିଲା ସ୍ତବ ପାଠ
କଳିଙ୍ଗ ଅଇଲା ପାଟ ମାଗଧ ବେଶେ,
ଲଳିତ ମନ୍ତ୍ରେ କହିଲା,
ଶୀଘ୍ର ଅବଗାହ ସତୀ ରାତି ପାହିଲା।

ଜୀବନ ସନ୍ନିଧିରେ କିଶୋରୀ ପଶିଲା ଧୀରେ
ଜଳ ଅଳୋଡ଼ନି କରେ କାୟକୁ ମଜି,
କବରୀ କରରେ ତୋଳି କୁନ୍ତଳ ସଜାଇ ବାଳୀ
ବଦନ ଜଳେ ପ୍ରକ୍ଷାଳି ଆନନ୍ଦେ ମଜି,
ଅସ୍ପଷ୍ଟେ ସରସୀ କହିଲା,
ତୋର ଲାଗି ମୋର କାୟା ଧନ୍ୟ ହୋଇଲା।

--୦--

## ✓ କବିଶେଖର ଚିନ୍ତାମଣି

ପ୍ରାଚୀ ଗଗନେ ଉଇଁଲା ତପନ,
ସିନ୍ଦୂରିତ କରି ସମଗ୍ର ଭୁବନ।
ନଗ୍ନ ଦିଗର ଶୋଭିଲା ନୂତନ କାନ୍ତି,
ରୌଦ୍ରୋଜ୍ଜ୍ୱଳମୟ ଦିଗ ଉଠେ ଝଳି।
ଏକାକିନୀ ସୁନ୍ଦରୀ କିଶୋରୀ ରମଣୀ,
କାଖେ କୁମ୍ଭ ଧରି ହୋଇ ଛନ ଛନ,
ଚାଲିଲ ଦୀଘୀର ପ୍ରସ୍ଥବଣୀ ମୁଖେ,
ଗାଧୋଇବା ପାଇଁ ନିଜ ମନ ସୁଖେ।
ଦେଖି ହୁଏ ମନେ ସତେ ଉଷା ଦେବୀ,
ଆସିଛନ୍ତି କିବା ଯିବେ ଜଳ ସେବି।
ମନ୍ଦ ମନ୍ଦ ବାୟୁ ଦେଉ ଅଛି ବହି,
ଫୁଟିଲେ ଯେପରି ନବ କୁନ୍ଦ କଳି।
ପୋଖରୀ ତଟରେ କୁମ୍ଭଟିକୁ ଥୋଇ,
ଜଳରେ ପଶିଲ ହେବାକୁ ଗାଧୋଇ।
କିଏ କହେ ଏବେ ଏକାକିନୀ ସୁନ୍ଦରୀ,
ପଡ଼ିଛି ଏ ତୋଳି ଥିବ ବକ୍ଷୋପରି।
ସତେ ଅବା ନିଜ ଉରଜ ସହିତେ,
ତୁଳିବା ପାଇଁକି ଇଚ୍ଛା ହେଲା ଚିତ୍ତେ!

—୦—

[ କ୍ରମଶଃ ]


## କଟକରେ ଡଗର ଅଫିସ୍

ବର୍ତ୍ତମାନ ପାଇଁ ଅସ୍ଥାୟୀ ଭାବରେ କଟକରେ 'ଡଗର'ର ଶାଖା ଅଫିସ ଖୋଲିଛି। ଯେଉଁମାନେ 'ଡଗର' ସମ୍ବନ୍ଧରେ କିଛି ଜାଣିବାକୁ ଚାହାନ୍ତି ସେମାନେ ଏଠାରେ ବୁଝନ୍ତୁ। ଡଗର ବିକ୍ରୀ ପାଇଁ ମଧ୍ୟ ଏଠାରେ ରହିଛି ଅଛି।

ପରିଚାଳକ— ରାମପ୍ରସାଦ ମହାନ୍ତି
ବିଶ୍ୱାସ ଲଜ୍
ନୟାସଡ଼କ, କଟକ।


Digitized by srujanika@gmail.com

# ଫାଲ୍‌ଗୁନ ଶୁକ୍ଳଚତୁର୍ଦ୍ଦଶୀ ଏବଂ ପୂର୍ଣ୍ଣିମା

ଶ୍ରୀ ବିକ୍ରମଦେବ ବର୍ମା

ଅନ୍ଧ୍ର ଦେଶ ପଞ୍ଜିକାର ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଦେଖାଯାଏ ଯେ ରାଜାଗ୍ନି ଏବଂ ଅଗ୍ନିଦେବସ୍ୟ ପୂଜା । ନୀଳାଦ୍ରି ମହୋଦୟରେ କାରଣବିହୀନ ତଦ୍‌ବିଧାନ ମାତ୍ର କଥିତ । ସେ ରାତିରେ ଶୁଖିଲା କାଠ ଗଦାକରି ତହିଁ ନିଆଁ ଜାଳନ୍ତି । ସେ ଜାଳନକୁ ଜୟପୁରର ବଙ୍ଗୀଜନେ ‘‘ରାଜାଗ୍ନି’’, ଅନ୍ଧ୍ରଜନେ ‘‘ସୌହରିପୋଡ଼ି’’ ଏବଂ ‘‘ହଲପୋଡ଼ି’’, ଏବଂ ତେଲଙ୍ଗୁ ଜନେ ‘‘କାମଦହନ’’ ବୋଲନ୍ତି । ତତ୍ପର ( ପୂର୍ଣ୍ଣିମା ) ଦିନ ଫଗୁରେ ଏବଂ ରଙ୍ଗମିଶା ପାଣିରେ ଖେଳନ୍ତି । ଏ ଉତ୍ସବକୁ ଉତ୍ତର ଦେଶବାସୀଏ ‘‘ହୋଲି’’ ବୋଲନ୍ତି । ଅଭିଧାନରେ ହୋଲାକା—ହୋଲିକା ଏବଂ ହୋଲୀ ଶବ୍ଦତ୍ରୟର ଅର୍ଥ ବସନ୍ତୋତ୍ସବ ବୋଲି କଥିତ ।

‘‘ରାଜାଗ୍ନି’’ ଅର୍ଥଶୂନ୍ୟ । ‘‘ସୌହରିପୋଡ଼ି’’ ଏବଂ ‘‘ହଲପୋଡ଼ି’’ ମଧ୍ୟ ତଥୈବଚ । ‘‘ସେ ରାତିରେ ଅଗ୍ନିଦେବସ୍ୟପୂଜା’’ କାରଣବିହୀନ । କାମ ବା ମଦନ ନିଟିଳନୟନ ବହ୍ନିରେ ଦଗ୍ଧ ବୋଲି ମାତ୍ର କଥିତ; କିନ୍ତୁ ତଦ୍ଦିନ ଫାଲ୍‌ଗୁନ ଶୁକ୍ଳଚତୁର୍ଦ୍ଦଶୀ ବୋଲି କଥିତ ହୋଇନାହିଁ । ହୋଲାକାଦି ଶବ୍ଦତ୍ରୟଦ୍ୱାରା ବସନ୍ତୋତ୍ସବାର୍ଥ ସିଦ୍ଧ ହୋଇନାହିଁ । ଉତ୍ତର ଦେଶବାସୀଏ ଯେ ଉତ୍ସବକୁ ହୋଲି ବୋଲିବା କାରଣ ମୃଗ୍ୟ ।

ଏପରି ମୁଁ ଭାବୁଥାଏ । ଉତ୍ତରଦେଶାଗତଙ୍କ ଜନୈକବ୍ୟକ୍ତି କଥିତ ତଦ୍ଦେଶ ପ୍ରଚଳିତ ପ୍ରବାଦକୁ ଅବଗତ ହେଲି । ତାହା ପ୍ରାୟତଃ ସମଞ୍ଜସ ହୋଇ ଥିବାରୁ ଅଧଃକଥିତ:—ହିରଣ୍ୟକଶିପୁର ଅନୁଜା ହୋଲି ଏବଂ ପୁତ୍ର ପ୍ରହ୍ଲାଦ । ପ୍ରହ୍ଲାଦ ଅତୀବ ବିଷ୍ଣୁଭକ୍ତ । ହିରଣ୍ୟ କଶିପୁ ଏବଂ ହୋଲି ବିଷ୍ଣୁଦ୍ୱେଷୀ । ହୋଲି ଶୂଳୀଙ୍କ ମନାଇଁ ଅଗ୍ନିଦଗ୍ଧା ନୋହିବା ପରି ବର ପାଇଥିଲା । ହିରଣ୍ୟ କଶିପୁ ପ୍ରହ୍ଲାଦ ହୃଦୟ ଫଳକରୁ ବିଷ୍ଣୁଭକ୍ତି ଲିଭାଇବା ପାଇଁ ନାନା ପ୍ରଯତ୍ନରେ ବିଫଳ ମନୋରଥ ହୋଇ ତାକୁ ବଧିବାକୁ ବହ୍ନିଦଗ୍ଧୋପାୟ ଅବଲମ୍ବିଲା । ବିଷ୍ଣୁ କୃପାରୁ କୃତୋପାୟମାନେ ବ୍ୟର୍ଥହେଲା ହେତୁରୁ, ନିଶାଚରୀ—ହୋଲି ଫାଲ୍‌ଗୁନ ଶୁକ୍ଳଚତୁର୍ଦ୍ଦଶୀ ନିଶାରେ ବହୁତ କାଠରେ ନିଆଁ ଜଳାଇ ଆପଣା ପୁତୁରାକୁ କାଖକରି ଜାଜ୍ୱଲ୍ୟଦଗ୍ନି ମଧ୍ୟେ ବସିଲା । ଶ୍ରୀହରି କୃପାରୁ ଜ୍ୱଳନ ପ୍ରହ୍ଲାଦଙ୍କୁ କର୍ପୂର ମିଶ୍ରିତ ଚନ୍ଦନ ସମାନ ପ୍ରତୀୟମାନ; ମାତ୍ର ହୋଲି ପୋଡ଼ି ପାଉଁଶ ହେଲା । ପରେ ପ୍ରହ୍ଲାଦ ବହ୍ନିରୁ ବାହାରନ୍ତେ ତାହାର ସହଚରମାନେ ମୁଦିତ ହୋଇ ତା ଅଙ୍ଗେ ଫଗୁ ବୋଳି ନାନା ସୁଗନ୍ଧିଶୀତଳ ଜଳରେ ସ୍ନାନ କରାଇଲେ । ମଧ୍ୟ ସେମାନେ ପରସ୍ପର ଫଗୁ ବୋଳା ବୋଳିରେ ଏବଂ ଜଳ ସେଚନରେ ମାତିଲେ ।

ହିରଣ୍ୟ କଶିପୁ କ୍ରୋଧରେ କୈଳାଶକୁ ଯାଇ କୃତ୍ତିବାସସନ୍ନିଧୀନ ହୋଇ ‘ତୋ ବରଲବ୍ଧା—ମୋ ଭଗ୍ନୀ ବହ୍ନି ଦଗ୍ଧା ହେଲା କିପରି ?’ ବୋଲି ପଚାରନ୍ତେ, ତତ୍ପୁରହରଙ୍କର ଲବ୍ଧ ହେଲା ଯେ ପ୍ରମାଦ ବଶ କିମ୍ବା ଶତ୍ରୁଙ୍କ କୁମନ୍ତ୍ରରେ, ପାବକପ୍ରବିଷ୍ଟା ହେଲେ ଦଗ୍ଧା ନୋହିବା ସେ ବରର ଅଭିପ୍ରାୟ । ତୋ ଭଗ୍ନୀ ବିଷ୍ଣୁଭକ୍ତ ବାଳକକୁ ବଧିବା ପାଇଁ ନିଆଁରେ ପଶି ନିଜ ପାପକର୍ମ ବଶୁ ପାଉଁଶ ହେଲା ।

ସେ ବିଧାନ ପ୍ରତ୍ୟେକ ବର୍ଷ ଏ ଦେଶରେ ଅନୁଷ୍ଠିତ । ‘‘ହୋଲିପୋଡ଼ା’’ ଯେ ଅଜ୍ଞଜନ ମୁଖେ ‘‘ହଲ ପୋଡ଼ି’’ ହେଲା । ଇତି ।

*ଦୋଳପୂର୍ଣ୍ଣିମା ଦିନ ଉତ୍ତର ଓଡ଼ିଶାରେ ଯେଉଁ ଅଗ୍ନ୍ୟୁତ୍ସବ ହୁଏ ତାକୁ ‘‘ମେଣ୍ଢାବର ପୋଡ଼ିବା’’ କୁହାଯାଏ । ପ୍ରବାଦ ଅଛି, ଶ୍ରୀକୃଷ୍ଣ ମେଣ୍ଢାସୁରକୁ ନିଧନ କରିଥିଲେ । ଏହି ପ୍ରସଙ୍ଗରେ ମାଘ ପୂର୍ଣ୍ଣିମାରେ ଯେଉଁ ଉତ୍ସବ ହୁଏ ବା ଦକ୍ଷିଣ ଅନୁଷ୍ଠିତ ହୁଏ ସେହି ବିଷୟରେ ଆଲୋଚନା କରିବା ନିମନ୍ତେ ଆମ୍ଭେମାନେ ବିଜ୍ଞ ଲେଖକ ମହୋଦୟଙ୍କୁ ଅନୁରୋଧ କରୁ । ——ଝଙ୍କାର ସମ୍ପାଦକ

Digitized by srujanika@gmail.com



## ଉପଦେଶ

୧ । ଉତ୍କଳର କୋମଳମତି ପ୍ରାଣରେ ନବଜାଗରଣ ଆଣିବା, ଜୀବନ ପଥରେ ଚଳାଇବା ଶକ୍ତି, ସାହସ ଓ ସ୍ୱାଭିମାନ ଉତ୍କର୍ଷ ସାଧନା କରିବା । ୨ । 'ଉତ୍କଳ'ର ମଧ୍ୟବିତ୍ତର ଏବଂ ନିମ୍ନବର୍ଗ ଶିଶୁମାନଙ୍କ ମଧ୍ୟରେ ପାରସ୍ପରିକ ସ୍ନେହ ଶ୍ରଦ୍ଧା ଜାଗ୍ରତ କରିବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କୋମଳ ଶିଶୁମାନଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ଶିବ ଓ ସୁନ୍ଦର ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

(୧୮ବର୍ଷରୁ ନିମ୍ନ ବାଳକ ବାଳିକାମାନଙ୍କ ପାଇଁ)

## ମହାରତ୍ନ

( କଲିକତା ଉତ୍କଳ କେନ୍ଦ୍ରର ଶିଶୁ ସଂସଦର ଅନୁଷ୍ଠାନରୁ ୧୦ । ୧୧ । ୪୭ ରେ ପ୍ରଚାରିତ । )

ଏକ ଦେଶରେ ଥିଲେ ଜଣେ ରାଜା—ମସ୍ତବଡ଼ ରାଜା—ତାଙ୍କର ରାଜ୍ୟର ସୀମା ନଥିଲା । ରାଜାଙ୍କର ତିନି ଗୋଟି ଝିଅ, ତିନି ସୁନ୍ଦରୀ ସେମାନେ । କିନ୍ତୁ ଗୋଟିଏ ଦୁଃଖ ଥିଲା ରାଜାଙ୍କର—ତାଙ୍କର ପୁଅ ନଥିଲା । କ୍ରମେ କ୍ରମେ ରାଜା ବୁଢ଼ା ହେବାକୁ ବସିଲେ । ବର୍ତ୍ତମାନ ତାଙ୍କର ପ୍ରଧାନ ଭାବନା ହେଲା ରାଜ୍ୟଭାର କାହା ହାତରେ ଦେବେ—କିଏ ଏହି ବିଶାଳ ରାଜ୍ୟ ଚଳେଇବ ଓ ପ୍ରଜାମାନଙ୍କର ସୁଖ ଦୁଃଖ ବୁଝି ସେମାନଙ୍କୁ ଶାନ୍ତିରେ ରଖି ପାରିବ । ଏହି ଚିନ୍ତାରେ ରାଜା ଦିନକୁଦିନ ଅସ୍ଥିର ହୋଇ ପଡ଼ିବାକୁ ଲାଗିଲେ । ଏହି ସବୁ ଦେଖି ଦିନେ ରାଣୀ ପଚାରିଲେ, "ତୁମେ ଏତେ କଣ ଭାବ କହିଲ ଦିନରାତି ?" ରାଜା କହିଲେ, "ଭାବୁଛି ମୋ ପରେ ତୁମର ଝିଅମାନଙ୍କର ଦେଖାଶୁଣା କିଏ କରିବ—ସେହି କଥା ହୋଇଛି ମୋର ବର୍ତ୍ତମାନ ପ୍ରଧାନ ଭାବନା ।" ରାଣୀ ଅବାକ୍ ହୋଇ କହିଲେ, "ତୁମର ତ ମାତ୍ର ତିନୋଟି ଝିଅ—ସେମାନଙ୍କ ପାଇଁ ଏତେ ଭାବନା କାହିଁକି ? ରାଜଭଣ୍ଡାରରେ ଯାହା ଅଛି ସେଥିରେ ସେମାନଙ୍କ ଜୀବନ ସୁଖରେ କଟିଯିବ ।" ରାଜା କହିଲେ, "ରାଣୀ ! ମୋର ଭାବନା କେବଳ ତୁମର ଝିଅମାନଙ୍କ ପାଇଁ ନୁହେଁ, ମୁଁ ଭାବୁଛି ମୋର ସମସ୍ତ ରାଜ୍ୟର କଥା । ମୋର ସମସ୍ତ ପ୍ରଜାମାନଙ୍କ ସୁଖ ଦୁଃଖର କଥା । କାରଣ ସମସ୍ତ ରାଜ୍ୟ ମୋର ସଂସାର । ସମସ୍ତ ପ୍ରଜା ମୋର ସନ୍ତାନ—ରାଜାର କର୍ତ୍ତବ୍ୟ ସେମାନଙ୍କର ସୁଖ ଦୁଃଖ ପ୍ରତି ନଜର ଦେବା—ପୁଅ ଝିଅ ଅବାଧ୍ୟ ହେଲେ ଲେଖା ପଢ଼ା ନ ଶିଖି କୁପଥଗାମୀ ହୋଇ କଷ୍ଟ ପାଇଲେ ସେ କଷ୍ଟ ଯେପରି ବାପର ହୃଦୟରେ ଆଘାତ କରେ ସେହିପରି ମୋର ଏହି ଏଡ଼େ ବଡ଼ ପରିବାରର ଜଣେ ହେଲେ ପ୍ରଜା ଯଦି କଷ୍ଟ ପାଏ, ସେ ଦୁଃଖ ମଧ୍ୟ ସମାନ ଭାବରେ ଲାଗିବ । ଆଜି ମୋର ପ୍ରଧାନ ଭାବନା ପୁଅ ତ ମୋର ନାହିଁ, ଏହି ତିନୋଟି ଝିଅ । ଏମାନଙ୍କ ମଧ୍ୟରେ କାହା ଉପରେ ରାଜ୍ୟଭାର ଦେଇ ଯିବି ମୋର ପ୍ରଜାମାନଙ୍କ ସୁଖ ଦୁଃଖ ନିଜର ସୁଖ ଦୁଃଖ ପରି ମଣିବ ।" ରାଜା ଓ ରାଣୀ ଏହା ପରେ କିଛିକ୍ଷଣ ଚୁପ୍‌ଚାପ୍ ରହିଲେ । ଏହିପରି କିଛିଦିନ କଟିଗଲା । ଦିନେ ରାଜା ତିନି ଝିଅଙ୍କୁ ପାଖକୁ ଡାକି କହିଲେ ଯେ ସେମାନଙ୍କ ମଧ୍ୟରୁ ସବୁଠାରୁ ଯେ ବଡ଼ ରତ୍ନ ଆଣି ପାରିବ ରାଜ୍ୟର ଭାର ତାହାରି ହାତରେ ଅର୍ପଣ କରାହେବ । ଏକଥା ଶୁଣି ଝିଅମାନେ ମହାଖୁସି—ବଡ଼ ଝିଅ ଦଶଟା ଗାଡ଼ି, ଦଶଜଣ ସିପାହୀ, ଦଶଜଣ ଦାସଦାସୀ ନେଇ ବାହାରିଗଲା—ମଝିଆ ଝିଅ ନେଲା ପାଞ୍ଚୋଟି ଗାଡ଼ି, ପାଞ୍ଚଜଣ ସିପାହୀ ଓ ପାଞ୍ଚଜଣ ଦାସଦାସୀ—କିନ୍ତୁ ସାନ ଝିଅ କିଛି ନେଲା ନାହିଁ । ବାପ ମାଙ୍କୁ ପ୍ରଣାମ କରି ବାହାରିଲା ବେଳେ ରାଜାରାଣୀ ଆଦର କରି ପଚାରିଲେ, ତୋର କ'ଣ ଦରକାର ମା ? ସାନ ଝିଅ ହସି ହସି କହିଲା ମୋର କିଛି ଦରକାର ନାହିଁ—କେବଳ ତୁମେମାନେ ଆଶୀର୍ବାଦ କର ଯେପରି ତୁମମାନଙ୍କ କଥା ରକ୍ଷା କରି ପାରେ, କେବଳ ତୁମମାନଙ୍କ ଆଶୀର୍ବାଦ ମୋର ସମ୍ବଳ—ମହାଅରଣ୍ୟର ମଧ୍ୟରେ କ'ଣ ରତ୍ନ ଖୋଜି ମିଳେ ?'

ରାଜା ରାଣୀ ଚମକି ଉଠିଲେ ଝିଅ କଥା ଶୁଣି । ତା' ପରେ କିଛିଦିନ କଟିଗଲା—ବଡ଼ଝିଅ ଘୋଡ଼ାଗାଡ଼ିରେ ଭାରି ଧୂମ୍‌ଧାମରେ ଫେରି ଆସିଲା—ରାଜାଙ୍କ ହାତରେ ଗୋଟିଏ ମୁକ୍ତା ଦେଇ କହିଲା—"ଏ ମୁକ୍ତା ଯାହା ପାଖରେ ଥିବ ସେ ହେବ ରୂପ ଯୌବନର ଚିର ଅଧିକାରୀ ।" ମନେ ମନେ ଭାବିଲା ନିଶ୍ଚୟ ସେ ସମସ୍ତ ରାଜ୍ୟର ଉତ୍ତରାଧିକାରିଣୀ ହେବ । ତାପରେ ଆସିଲା ମଝିଆ ଝିଅ—ତା' ହାତରେ ଖଣ୍ଡିଏ ସୁନାର ଚୁଡ଼ି—ସେ ରାଜାଙ୍କ ହାତରେ ଦେଇ କହିଲା—"ଏ ଚୁଡ଼ି ଯାହା ହାତରେ ଥିବ କୌଣସି ଶତ୍ରୁ ତାରି ଉପରେ ହେଲେ କ୍ଷତି କରିପାରିବେ ନାହିଁ ।"

ତାପରେ ଅନେକ ଦିନ କଟିଗଲା କଟି—ଗ୍ରୀଷ୍ମ ବର୍ଷା ଗୋଟାକ ପରେ ଗୋଟାଏ ଆସି ଚାଲିଗଲେ କିନ୍ତୁ ସାନ ଝିଅ ଫେରି ଆସିଲା ନାହିଁ—ରାଜା ରାଣୀ ପଡ଼ିଲେ ମହା ଭାବନାରେ—ହଠାତ୍ ଦିନେ ସକାଳେ ପ୍ରଫୁଲ୍ଲ ମନରେ ସାନ ଝିଅ

Digitized by srujanika@gmail.com

ଆସି ପିତା ମାତାଙ୍କୁ ପ୍ରଣାମ କଲା ।

"କଣ ଆଣିଛୁ ମା ?"

"ମୁଁ ତ ମହାନରୁ ଆଣି ପାରିଲି ନାହିଁ ବାବା !" ସାନ ଝିଅ ଉତ୍ତର ଦେଲା । "ତେବେ ଏତେଦିନ ଥିଲୁ କେଉଁଠି ?" ରଜା ପଚାରିଲେ । "ବୁଲୁଥିଲି ଦେଶ ଦେଶାନ୍ତର—ଯେଉଁମାନେ ଦରିଦ୍ର, ମୁଠାଏ ପେଜକୁ ଖାଇବାକୁ ପାଉ ନାହାନ୍ତି—ଧନୀ ଲୋକଙ୍କର ଅବହେଳାରେ ଅକାଳରେ ମୃତ୍ୟୁ ମୁହଁରେ ପଡୁଛନ୍ତି—ମୁଁ ସେହିମାନଙ୍କ ସେବା କରୁଥିଲି । ସ୍ରୋତରେ ଯାଇଁ ଯାଇଁ ଯେଉଁମାନଙ୍କ ଆଖିରେ ଦେଖିଛି ଲୁହ, ପଣତ କାନରେ ପୋଛି ଦେଇଛି । ଅନ୍ଧ ଅତୁରଙ୍କୁ ଦେଇଛି ମୋର ସମସ୍ତ ଅର୍ଥ— ଯାହା ଥିଲା ମୋ ପାଖରେ । ଆଜ ଏହି ମାତ୍ର ଖଣ୍ଡେ ତାଳପତ୍ର । ଏହା କହି ଶାଢ଼ୀ କାନରୁ ଖଣ୍ଡିଏ ପୃଷ୍ଠଣି ଲମ୍ବ ତାଳପତ୍ର କାଢ଼ି ରାଜାଙ୍କ ହାତକୁ ବଢ଼ାଇ ଦେଲା—ମାତ୍ର ଗୋଟିଏ ଧାଡି ଲେଖା—ରଜା ପଢ଼ି ଦେଖିଲେ—ପ୍ରଥମଟାରେ ଅଛି— "ଅକ୍ରୋଧର ସ୍ନେହ ଦେଇ ଲୋକଙ୍କ ଅନ୍ତର ଜୟ କର ।"

ଦୁଇରେ—"ଆଦର୍ଶରେ ଅବିଚଳିତ ବିଶ୍ୱାସ ରଖି କାମ କର ।"

ତିନିରେ—"ଏ ପୃଥିବୀରେ ଦୁଃଖୀର ସେବା ସାହାଯ୍ୟ ଦାନରେ ସ୍ୱର୍ଗ ମୁକ୍ତି ଓ ମୋକ୍ଷ ଆସିବ ।"

ଚାରିରେ—"ରୂପ ଯୌବନ ସବୁ ମିଥ୍ୟା—"

ଏ କଥା ଶୁଣି ମଝିଆ ଝିଅ ହୋ-ହୋ କରି ହସି ଉଠିଲେ—ଥଟ୍ଟା କରି କହିଲେ—"ବାଃ—ଭାରି ମୂଲ୍ୟବାନ ଜିନିଷ ତ ?" ତାପରେ ରାଜାଙ୍କୁ ଚାହିଁ କହିଲେ—"ବାବା, ଏଥର ଆମ ଭିତରେ ରାଜ୍ୟ ବାଣ୍ଟିଦିଅ ।"

ରଜା ସାନଝିଅକୁ କୋଳକୁ ଟାଣି ନେଇ ମୁଣ୍ଡରେ ହାତ ବୁଲାଇ ବୁଲାଇ କହିଲେ—"ମା, ପ୍ରକୃତରେ ତୁହି ଆଣିଛୁ ମହାନିଧି । ଆଣିଛୁ ଏ ପୃଥିବୀର ସବୁଠାରୁ ବଡ ସମ୍ପତ୍ତି ଧନ—ଆଜିଠାରୁ ଏ ରାଜ୍ୟର ଭାର ତୋତେ ଦେଲି ।"

କହିଲ ପିଲାଏ ରଜା ବଡ଼ ଓ ମଝିଆ ଝିଅଙ୍କୁ ରାଜ୍ୟ ନ ଦେଇ ସାନ ଝିଅକୁ ବାଛିକି ଦେଲେ ?

—ଯତନ ଦାସ

—*—

## ଅନୁରୋଧ

ଶହ ଭାବେ ଏକ ହୃଦୟ ହୃଦୟ ଭାରତ ସନ୍ତାନ ଭାଇ,
କର୍ତ୍ତବ୍ୟର ପଥେ ଭୁଲିଯାଅ ଆଜ ହିନ୍ଦୁ-ମୁସଲମାନ ଭେଦ—
ମନ୍ଦିରେ ଯାଅବା ମସଜିଦେ ଯାଅ ଧର୍ମ୍ମତ ଭାବିଛ ପ୍ରଭୁଙ୍କୁ,
ଗୀତା ପଢ଼ ଅବା କୋରାନ ପଢ଼ ତୁମେ ସବୁର ଶୁଦ୍ଧତ ତାହାଙ୍କ
କବା ଲାଗି ଆଜେ ରକ୍ତ ସ୍ରୋତ ଢାଳ କଷ୍ଟ ବା ତୁମେ ପାଇବ,
ମାତା, ଭଗ୍ନୀ, ଶିଶୁ କରୁଣ କନ୍ଦନେ ଏ ଅବସାଦ ଲଭିବ···
ଜନ୍ମ ଦେଇଛନ୍ତି ଭାରତ ଭୂଇଁରେ ଦୁହିଙ୍କୁ ତ ଏକ ଶକ୍ତି,
ଦୁହେଁ ତ ମିଶିବ ଭାରତ ମାଟିରେ ଜୀବନର ଶେଷ ଜ୍ୟୋତି···
ସାଧରମନ୍ତ୍ରର ସ୍ୱାଧୀନତା ଲାଗେ ଦୁହେଁ ତ ଯୋଗାଇବ ରକ୍ତ,
ଏକ ବୃନ୍ତେ ତୁମେ ଦୁହେଁ ଦୁଇ ଭାଇ କାହି ଏ କରିବ ବଳ···
ହିଂସା-ଦ୍ୱେଷ ଭୁଲି ମିଳିଯାଅ ଆଜ ବୁକୁରେ ସ୍ନେହ ଦେଇ,
ମାତୃଭୂମି ଲାଗି ଦେହ ଲହୁ ଦିଅ ଶିରର ସରଣୀ ଚାହିଁ···

—କୁମାରୀ ମନ୍ଦାର ପାତ୍ର ।

—*—

## ନୂଆ ନାଗବଗ୍ରଙ୍କ ନାମ

୬୧୫ । ଶ୍ରୀ ଚନ୍ଦ୍ରମୋହନ ଦାଶ, (ସ୍ଥାୟୀ) ୮ମ ଶ୍ରେଣୀ, ନୀଳଗିରି ହାଇସ୍କୁଲ, ପୋଃ ରାଜନୀଲଗିରି, ଜିଃ ବାଲେଶ୍ୱର । ୬୧୬ । ଶେଖ ରହିମ୍, (ସ୍ଥାୟୀ) ବାଣପୁର ହାଇସ୍କୁଲ, ଏକାଦଶ ଶ୍ରେଣୀ, ପୋଃ ବାଣପୁର, ଜିଃ ପୁରୀ । ୬୧୭ । ଭ୍ରମରବର ଦାଶ, (ସ୍ଥାୟୀ) ବାଣପୁର ହାଇସ୍କୁଲ ପୋଃ ବାଣପୁର, ଜିଃ ପୁରୀ । ୬୧୮ । କୁମାରୀ ରମାସୁନ୍ଦରୀ ଦେବ, C/o ବଇଦ୍ୟନାଥ ସିଂହ, ମୋହରର ରେଭେନ୍ୟୁ ଅଫିସ, ଜାଜପୁର । ୬୧୯ । ଶ୍ରୀ ଦେବେନ୍ଦ୍ରନାଥ ପାଣି, ଜାଜପୁର ହାଇସ୍କୁଲ, ପୋଃ ଜାଜପୁର । ୮୦୦ । ଶ୍ରୀମାନ୍ ଶୈଳେଶଚନ୍ଦ୍ର, ପଣ୍ଡା (ଅଭିନନ୍ଦ) C/o ଶ୍ରୀ କୈଳାସଚନ୍ଦ୍ର ପଣ୍ଡା, Pleader, P. O. Baripada ମୟୂରଭଞ୍ଜ ଷ୍ଟେଟ୍ । (କ୍ରମଶଃ)

## ନାଗବଗ୍ର କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ୍ । ମୋର ଜନ୍ମ—ତା । । ମସିହା । ମୁଁ ସତ୍ୟ ସାହାଯ୍ୟ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟା କରି ନାଗବଗ୍ର ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ ବାର୍ଷିକ ଚାନ୍ଦା ୫ ୦ ୮ / ଅର୍ଦ୍ଧବାର୍ଷିକ ଚାନ୍ଦା ୫ ୦ ୫ ର ଡାକଟିକଟ ପଠାଇଲି

ତୁମ ସ୍ନେହର ନାତି/ନାତୁଣୀ

ଠିକଣା ________________

ତାରିଖ ________________

* ଏହି କୁପନର ନକଲ ସାଦା କାଗଜରେ କରି ପଠାଇଲେ ଚଳିବ

Digitized by srujanika@gmail.com

# CRAFT

**TREADLE PRINTING MACHINES**

QUARTER DEMY FOLIO SIZE

The ONLY NEW Printing Machine available now in INDIA. Delivery ex-Stock.

Place your Orders with:

MACHINES AND CRAFTS LIMITED

5/2 Garstin Place, Calcutta.

---

## ହାଓଡ଼ା କୁଷ୍ଠ କୁଟୀର

# କୁଷ୍ଠ ଧବଳ

ଭାରତର ସର୍ବଶ୍ରେଷ୍ଠ ସ୍ଥାପିତ ସର୍ବାଙ୍ଗ ବା ଅଂଶିକ ଫୁଲା, ଏକ୍‌ଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗର ଅବ୍ୟର୍ଥ ଏବଂ ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ ।

ଦେହରେ ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପ ଦିନ ମଧ୍ୟରେ ଚିରଦିନ ପାଇଁ ଲୁପ୍ତ ହୁଏ ।

ରୋଗ ଲକ୍ଷଣ ଲେଖି ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)

୧ ନଂ ମାଧବ ଘୋଷ ଲେନ୍, ଖୁରୁଟ— ହାଓଡ଼ା
ଶାଖା—୩୬ ନଂ ହାରିସନ ରୋଡ଼, କଲିକତା

---

## ହୋମିଓ ଓ ବାଇଓକେମିକ୍ ଔଷଧ

ପୃଥିବୀ ପ୍ରସିଦ୍ଧ ଜର୍ମାନ ରସାୟନିକ ମାନଙ୍କଠାରୁ ପାଇଥିବା ମୂଳ ରୀତି ( formula ) ଅନୁସାରେ ଆମ୍ଭେମାନେ ହୋମିଓପାଥିକ ଓ ବାଇଓକେମିକ ଔଷଧ ପ୍ରସ୍ତୁତ କରୁଁ । ଯୁଦ୍ଧ ପୂର୍ବରୁ ଏହି ରାସାୟନିକ ଅନୁଷ୍ଠାନ ମାନଙ୍କ ସହିତ ଆମ୍ଭ ସତ୍ୱାଧିକାରୀଙ୍କ ଘନିଷ୍ଠ ସହଯୋଗିତା ଥିଲା ।

ହୋମିଓପାଥି ଔଷଧ ଡ୍ରାମ ପ୍ରତି—୫୦/
ବାଇଓକେମିକ ଔଷଧ ଡ୍ରାମ ପ୍ରତି—୫୦/୬

Dr. R. Mohalanovis.
P. O. Box. No. 10013. Calcutta
(P. A. A.)

---

## ଦାସ ଫାର୍ମେସି, ଭଦ୍ରକ

ଭଦ୍ରକ ଭାଇମାନେ ଆଉ କଲିକତା କଟକ ଦୌଡ଼ିବାକୁ ପଡ଼ିବନାହିଁ । ଏଠାରେ ସବୁ ପ୍ରକାର ଇନଜେକସନ, ଔଷଧ, ପେନସିଲିନ ମାନ ପାଇବେ, ପ୍ରସିଦ୍ଧ ଜର୍ମାନ ଔଷଧ—ଏମ୍‌ଟ୍ରୋନ୍ କିଷ୍ଟଗର ଚେଙ୍ଗା ପାଇଁ ଏକମାତ୍ର ଏଜେଣ୍ଟ !—ରୋଗୀ ମାନେ ଡାକ୍ତରର ସୁବିଧା ଓ ସୁଯୋଗ ପାଇ ପାରିବେ ।

ଡାକ୍ତର **କାପ୍ତାନ ଆର, ଦାସ,**
ଦାସ ଫାର୍ମେସି—ଭଦ୍ରକ

---

## ସ୍ମୃତିକୁ ଜାଗରିତ କରିବା ପାଇଁ

**ଭକ୍ତକୃଷ୍ଣ ଫଟୋ ଷ୍ଟୁଡ଼ିଓ**

ଭଦ୍ରକର ଖ୍ୟାତ ଫଟୋଗ୍ରାଫର

**ଶ୍ରୀ ଗୋପାଳ ଚନ୍ଦ୍ର ଦାସ**
କୁଆଁସ—ଭଦ୍ରକ

ଜାଣନ୍ତି କି!
ଓଡ଼ିଶାର ଧନ !
ଓଡ଼ିଶାର ଗୌରବ !!
ମୂର୍ଚ୍ଛାଗତ କେଶ ତୈଳ
କୋଣାର୍କର ଅଭିନବ ଆବିଷ୍କାର
ନାରିକେଲ ତୈଳରେ ପ୍ରସ୍ତୁତ
ସୁବାସିତ କେଶ ତୈଳ
"କାମିନୀ"
ଏହାର ମୃଗମଦର ସୁରଭି ବାସ୍ନା ଯେପରି
ସ୍ଥାୟୀ ଓ ଅତୀବ ଆମୋଦ
ଦାୟକ । କୁନ୍ତଳର ସୌନ୍ଦର୍ଯ୍ୟ
ବର୍ଦ୍ଧନରେ ଏହା ଶ୍ରେଷ୍ଠତମ ।
ଆଜିହିଁ ଯେ କୌଣସି
ଦୋକାନରେ ଅନୁସନ୍ଧାନ କରନ୍ତୁ
କିମ୍ବା ନିମ୍ନ ଠିକଣାକୁ ଚିଠି ଲେଖନ୍ତୁ
କୋଣାର୍କ କେମିକ୍ୟାଲ
ଏଣ୍ଟ ଚଉଟି ପଟ କାପ୍
(ଗଣ୍ଡସ୍ତା)




୨/୧ ଏ. ପ୍ରେମଚାନ୍ଦ ବଡ଼ାଲ ଷ୍ଟ୍ରିଟ୍, କଲିକତା




ଏହି ନିଦାରୁଣ ଗ୍ରୀଷ୍ମରେ
'ଆଟଲାଣ୍ଟା ଫେନ'
ଆପଣଙ୍କର
ଅବସାଦ ଦୂର କରିବ ।

ଏହି ଫେନର ବିଶେଷତ୍ୱ ଯେ
ସବୁଠାରୁ କମ୍ ବୈଦ୍ୟୁତିକ ଶକ୍ତି
ଖରଚ ହୁଏ ।
ଜାଣନ୍ତୁ—ଏହି କମ୍ପାନିଟି ଓଡ଼ିଆଙ୍କ
ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ।

ପରିବେଷକ:—
ଉମେଶ ଚନ୍ଦ୍ର ନାୟକ ଏଣ୍ଡ୍ କୋଂ,
୪ ନଂ ଫାଲଗୁନ୍-ଦାସ ଲେନ୍
କଲିକତା ୧୨


Printed & published by G. C. Mahapatra at the Gopinath press. Bhadrak, 1947.

Digitized by srujanika@gmail.com

୧୦ମ ବର୍ଷ

୨୨।୨୩ ସଂଖ୍ୟା

ପ୍ରତିଖଣ୍ଡ ଦୁଇ ଅଣା

# ଡଗର

Dagara UTKAL'S MOST POPULAR FORTNIGHTLY OF LIGHT, LEAD & LAUGHTER

ଅଭିନବ ରୂପ ରଙ୍ଗୀର

## ଶ୍ରେଷ୍ଠ ପ୍ରସାଧନ

'ହିମ୍ କୋ'

ଆୟୁର୍ବେଦୀୟ ପ୍ରଣାଳୀରେ ପ୍ରସ୍ତୁତ

ସୁରଭିତ ମହୋପକାରୀ କେଶତୈଳ

'ଗୋଲ୍ଡଷ୍ଟାର'

ସୁବାସିତ ନାରିକେଲ ତୈଳ

ରମଣୀୟ କେଶକୁ ସ୍ମରଣୀୟ କରେ

ଉପାଦାନ ବିଶୁଦ୍ଧ—ଗନ୍ଧବସ୍ତୁ ନିରାପଦ—ତୈଳମାତ୍ରା

ପରିମିତ, ମଧୁର ଓ ମନୋରମ

ଆପଣଙ୍କର ନିକଟବର୍ତ୍ତୀ ମନୋହାରୀ ବିକ୍ରେତାଙ୍କୁ ପଚାରନ୍ତୁ ।



ସର୍ବଦା ବ୍ୟବହାର୍ଯ୍ୟ

ଗ୍ଲୋରୀ ଅବ୍ ଇଣ୍ଡିଆ

୨/୧ ଡି, ଏଲ୍
ରସ୍ ଷ୍ଟ୍ରୀଟ୍
କଲିକତା

**ଗ୍ଲୋରୀ ଅଫ୍ ଇଣ୍ଡିଆ କେମିକ୍ୟାଲ୍**
**ଆଣ୍ଡ୍ ପାରଫିଉମାରୀ ଓ୍ୱାର୍କସ୍. କଲିକତା**

### ( ସାପ୍ତାହିକ ଡଗର )

ଆସନ୍ତା ବର୍ଷରୁ ସାପ୍ତାହିକ ରୂପରେ ଡଗର ପ୍ରକାଶ କରିବାର ଆୟୋଜନ ଚାଲିଛି । ଯେଉଁମାନେ ଆସନ୍ତା ଜୁନ ୧୬ ତାରିଖ ପୂର୍ବରୁ ଟ ୧୦ ୲ ଦେବେ ସେମାନେ ୨ ବର୍ଷ କାଳ ସାପ୍ତାହିକ ଡଗର ପାଇବେ । ତା ପରେ ଆଉ ସେ ସୁଯୋଗ ମିଳିବ ନାହିଁ ।

ପରିଚାଳନା ସଂପାଦକ

Digitized by srujanika@gmail.com

# ବମ୍ବେ ଲାଇଫ ଏସୁରେନ୍‌ସ କମ୍ପାନି ଲି:—

**ପ୍ରତିଷ୍ଠିତ——୧୯୦୮** **ହେଡ଼ ଅଫିସ—ବୋମ୍ବାଇ**

ସର୍ବାପେକ୍ଷା ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନୀରେ ସର୍ବନିମ୍ନ ପ୍ରିମିୟମ ଦେଇ ବୀମା କରି ଲାଭବାନ ହୁଅନ୍ତୁ

ଯାହା ବା ଏଜେନ୍‌ସି ଚାହାନ୍ତି ସେମାନଙ୍କୁ ଅନୁସନ୍ଧାନ କଲେ ଲାଭ ଛଡ଼ା କ୍ଷତି ନାହିଁ ।
ଅକର୍ମଣ୍ୟ ହେଲେ ଆଉ ପ୍ରିମିୟମ ଦେବାକୁ ହେବନାହିଁ ଏବଂ ପୂର୍ଣ୍ଣ ବୀମା ଟଙ୍କା ମିଳିବ ।

**୧୯୫୪ର ସଂକ୍ଷିପ୍ତ ବିବରଣ—**

ବାର୍ଷିକ ଆୟ ୭୮ ଲକ୍ଷରୁ ଊର୍ଦ୍ଧ୍ୱ
ଗ୍ରାହକଙ୍କୁ ୨ କୋଟି ୯୨ ଲକ୍ଷରୁ ଊର୍ଦ୍ଧ୍ୱ
ମୋଟ ସମ୍ପତ୍ତିର ପରିମାଣ ୭ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ

ଓଡ଼ିଶା ଏବଂ ବଙ୍ଗଳାରେ [illegible] ଅର୍ଗାନାଇଜର ସ୍ପେସାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ ଅନୁସନ୍ଧାନ କରନ୍ତୁ ।

ଜେ. ବାଲସୁବ୍ରମଣ୍ୟମ, ବି. ଏସ. ଏ. ଆଇ. ଏ.
ମେନେଜର ଏବଂ ଏକ୍‌ଚୁଆରି
ହେଡ଼ ଅଫିସ— ବମ୍ବେ

**ନରେନ୍ଦ୍ର ପ୍ରସାଦ ଦାସ**
ମେନେଜର
ଓଡ଼ିଶା ଶାଖା—କଟକ ।


---

# 'ଡଗର' ନିୟମାବଳୀ

୧ । ଡଗର ପ୍ରତି ଇଂରାଜୀ ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ୫ ଓ ଷାଣ୍ମାସିକ ମୂଲ୍ୟ—୨ ୮ ଅଗ୍ରୀମ ଦେୟ ପ୍ରତି ଖଣ୍ଡର ମୂଲ୍ୟ— [illegible]

୩ । ପତ୍ର ଲେଖା [illegible] 'ଡଗର'କୁ ପଠାଇବାକୁ ହୁଏ ଓ ଉପଯୁକ୍ତ [illegible] ନାହିଁ ।

୪ । [illegible] 'ଡଗର'କୁ ଲେଖିବାକୁ ହେବ ।

୫ । ଏଜେଣ୍ଟମାନେ ଏହିକ୍ଷଣି 'ଡଗର' ଗ୍ରାହକମାନଙ୍କ ପାଇଁ [illegible] ଅଗ୍ରୀମ ପାଇବେ ଓ ପ୍ରତ୍ୟେକ ଏଜେଣ୍ଟ [illegible] 'ଡଗର' ପଠାହେବ ନାହିଁ ।

ମାନେଜର—'ଡଗର'
ପୋଃ [illegible] (B. N. Ry.)


ସମ୍ପାଦକ—ଶ୍ରୀ [illegible] ମହାପାତ୍ର, [illegible] ସମ୍ପାଦକ ଶ୍ରୀ [illegible] ଦାସ

# ବମ୍ବେ ଲାଇଫ ଏସ୍ୟୁରେନ୍ସ କମ୍ପାନି ଲିଃ—

**ପ୍ରତିଷ୍ଠିତ—୧୯୦୮** **ହେଡ଼ ଅଫିସ—ବୋମ୍ବାଇ**

ମଧ୍ୟବର୍ଗୀୟ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନୀରେ ସର୍ବନିମ୍ନ ପ୍ରିମିୟମ ଦେଇ

## ବୀମା କରି ଲାଭବାନ ହୁଅନ୍ତୁ

ଯାହାମାନେ ଏଜେନ୍ସି କରିବା ପାଇଁ ଅନୁସନ୍ଧାନ କଲେ ଲାଭ ହେବା ନିଶ୍ଚିତ ନାହିଁ ।
ଅବସର୍ଣ୍ଣ ହେଲେ ଅଳ୍ପ ପ୍ରିମିୟମ ଦେବାକୁ ହେବନାହିଁ ଏବଂ ପୂର୍ଣ୍ଣ ସୁବିଧା ହେବ ନିଶ୍ଚୟ ।

**୧୯୫୪ର ସଂକ୍ଷିପ୍ତ ବିବରଣ—**

ବାର୍ଷିକ ଆୟ ୭୦ ଲକ୍ଷରୁ ଊର୍ଦ୍ଧ୍ୱ

ସମ୍ପତ୍ତି ୨ କୋଟି ୯୨ ଲକ୍ଷରୁ ଊର୍ଦ୍ଧ୍ୱ

ମୋଟ ସମ୍ପୂର୍ଣ୍ଣ ପରିମାଣ ୮ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ

ଓଡ଼ିଶା ଏବଂ ମଧ୍ୟପ୍ରଦେଶରେ ଉପଯୁକ୍ତ ବେତନରେ ଅର୍ଗାନାଇଜର ସ୍ପେଶାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ ଅନୁସନ୍ଧାନ କରନ୍ତୁ ।

ଜେ, ଚନ୍ଦ୍ରଶେଖରନ୍, ବି. ଏସ୍. ଏ. ଏସ. ଏ.
ମେନେଜର ଏବଂ ଏକ୍ଚୁୟାରି
ହେଡ଼ ଅଫିସ– ବମ୍ବେ

ନରେନ୍ଦ୍ର ପ୍ରସାଦ ଦାସ
ମେନେଜର
ଓଡ଼ିଶା ଶାଖା—କଟକ ।


---

# 'ଡଗର' ନିୟମାବଳୀ

୧। ଡଗର ପ୍ରତି ଇଂରାଜୀ ମାସର ୧ ତାରିଖ ଓ ୧୬ ତାରିଖରେ ପ୍ରକାଶ ପାଏ ।

୨। ଏହାର ବାର୍ଷିକ ମୂଲ୍ୟ ୫ ଟଙ୍କା ଓ ଷାଣ୍ମାସିକ ମୂଲ୍ୟ—୨ ୧୨ ଅଗ୍ରୀମ ଦେୟ ପ୍ରତି ଖଣ୍ଡର ମୂଲ୍ୟ— ୫୦ ନ. ପ. । ଭି. ପି. ଯୋଗେ ନେଲେ ୫ ୮ ୯ ଓ ଛଅ ମାସ ୨ ୧୨ ।

୩। ପ୍ରତ୍ୟେକ ଲେଖା କେବଳ କାଗଜର ଏକ ପୃଷ୍ଠାରେ ସ୍ପଷ୍ଟ ଅକ୍ଷରରେ 'ଡଗର'କୁ ପଠାଇବାକୁ ହେବ ଓ ଉପଯୁକ୍ତ ଡାକ ଟିକଟ ନ ଥିଲେ ଲେଖା ଫେରସ୍ତ ଦିଆଯାଏ ନାହିଁ ।

୪। ବିଜ୍ଞାପନର ହାର ପାଇଁ ମ୍ୟାନେଜର 'ଡଗର'କୁ ଲେଖିବାକୁ ହେବ ।

୫। ଏଜେଣ୍ଟମାନେ ଏଣିକି 'ଡଗର' ଗ୍ରାହକମାନଙ୍କ ପାଇବା ଦୃଷ୍ଟିରୁ ଅଗ୍ରୀମ ମାସିକ ଓ ପ୍ରତ୍ୟେକ ଏଜେଣ୍ଟ କମିଶନ କାଟି ନ ଦେଲେ 'ଡଗର' ପଠାହେବ ନାହିଁ ।

ମ୍ୟାନେଜର —'ଡଗର'
ପୋଃ ଜେ:ପୁର (B. N. Ry.)


ସମ୍ପାଦକ—ଶ୍ରୀ ଜଗନ୍ନାଥ ମହାପାତ୍ର, ସହକାରୀ ସମ୍ପାଦକ ଶ୍ରୀ ହେମନ୍ତ ଦାସ



Digitized by srujanika@gmail.com



# ବିଲୁଆ ବିଚାର

୧୦ମ ବର୍ଷ—୨୨ ଓ ୨୩ ସଂଖ୍ୟା

ଜ୍ୟେଷ୍ଠ ପ୍ରଥମାର୍ଦ୍ଧ

ଏଥର •ବିଲୁଆ ସଭାର ଅଧିବେଶନ ପ୍ରଥମେ ମା ସମଲେଇ ସମ୍ବଲେଶ୍ୱରୀଙ୍କ ଶତଶତ ଭକ୍ତିପୂର୍ଣ୍ଣ ପ୍ରଣାମାଞ୍ଜଳିର ବନ୍ଦନା ବନ୍ଦନା ସ୍ୱରୂପ ବାଦ ବାଦ ବିବାଦିନୀ ଭକ୍ତମାନଙ୍କରେ ଶ୍ରଦ୍ଧା ଦୂତଙ୍କ ଅମୂଲ୍ୟ ମୂଲ୍ୟ ସହ ପୋତେଇ ରଖିବା ପାଇଁ ଅଶେଷ ନିବେଦନ ଏଥି ନିମନ୍ତେ ବିଲୁଆ ବିପଦ ବେଳରେ କାର୍ଯ୍ୟରେ ଲାଗିବ । ଉକ୍ତ କାର୍ଯ୍ୟଶାଳେ ।

\+ + + +

ଏଥର ସମ୍ବଲପୁରରେ ସତ୍ୟାଗ୍ରହ ଆରମ୍ଭ ହୋଇ ଯାଇଛି । ବ୍ୟକ୍ତିଗତ ସତ୍ୟାଗ୍ରହୀ ବୋଧହୁଏ ଏଥର ପରୀକ୍ଷିତ ତଥା ସମଷ୍ଟିଗତ ସତ୍ୟାଗ୍ରହ ଅଭ୍ୟାସ କରି ଦେଇଛନ୍ତି । ୧୯୪୨ରେ ଦୂତଙ୍କର ସତ୍ୟାଗ୍ରହ କଣ୍ଠ ମର ନଥିଲା । ଯାହୁଅ ବଳଦ ବାନ୍ଧ ଗଲ ବରେ ଗାଡ ନ ଟାଣି ସମଳ ପଡ଼ନ୍ତା ନାହିଁ । ବୀର ପୁଙ୍ଗବ ବୋଧହୁଏ ତେଣୁ ଅବ ଓଡ଼ିଶାର ଦ୍ୱିତୀୟ ଗାନ୍ଧି ଅବତାର ଧର ବଜେ କରୁଛନ୍ତି । ଅଣାବରୁଁ ଓଡ଼ିଆ ଲୋକେ ତାଙ୍କୁ ସୀମାନ୍ତ ଗାନ୍ଧି, ଦେଲିଟ ଗାନ୍ଧି ଭଳି ଓଡ଼ିଶା ଗାନ୍ଧି ନାମରେ ସମ୍ମାନିତ କରିବେ ।

× × × ×

୧୯୪୨ ସତ୍ୟାଗ୍ରହରେ ଗାନ୍ଧିଜୀ ଆଗାଖାଁ ପ୍ରାସାଦରେ ବନ୍ଦୀ ହୋଇଥିଲେ । ଆମ ଓଡ଼ିଶା ଗାନ୍ଧୀଙ୍କ ପାଇଁ କଂଗ୍ରେସ ସରକାର ଗୋଟାଏ ପିଲ ଖାଁ ବା ଅଗା ଖାଁ ପ୍ରାସାଦ ଖୋଜନ୍ତୁ । ନଚେତ୍ ସଂଯୁକ୍ତ ଦୂତଙ୍କ ହୃଦ୍ୟତାର ପୁରସ୍କାର ସ୍ୱରୂପ ଅନ୍ତତଃ ସ୍ୱାଇକ ଦଳ ମଧ୍ୟରେ ତାଙ୍କୁ ଅନ୍ତର୍ବର୍ତ୍ତୀ ବା ଉଣ୍ଡୁର୍ଣ୍ଣ କରଯାଉ । ଯଦି ଏପରି ପ୍ରାସାଦ ନ ମିଳେ ବା ଛାଉଣି ହୋଇ ନଥାଏ ତେବେ ତାଙ୍କୁ ଅପାତତଃ ବନ୍ଦୀ ନ କରି ବହୁକାଳ ଖର୍ଚ୍ଚ ଯଷ ହୋଇ ମେଘଦୂତ ଭଳି ଧୂମଦୂତ ବାର୍ତ୍ତା ନେଇବାର ସୁଯୋଗ ଦିଆଯାଉ ।

\+ + + +

ସମ୍ବଲପୁର ସତ୍ୟାଗ୍ରହର ମହତ୍ତ୍ୱ ଓ ଓଡ଼ିଶୀ କଂଗ୍ରେସ ସରକାର ଗୋଟାଏ ନାମ କରଣ କରିବାକୁ ଯାଉଛନ୍ତି । ଆମେ ପ୍ରସ୍ତାବ କରୁଛୁଁ ଯେ ତାର ନାମ ଦୁରାଗ୍ରହ ଦିଆଯାଉ । ଉଚ୍ଚାର ଓ ରୁଚିର ଅନେକରେ ବୁଝିବାକୁ ଗଲେ ଏହା ମନ୍ଦ ଅଗ୍ରହ ନୁହେଁ । ଦୁରାଗ୍ରହ ଅର୍ଥ ସରକାରଙ୍କ ରାଜଧାନୀ କଟକଠାରୁ ଏ ଆନ୍ଦୋଳନ ବହୁ ଦୂରରେ ସଂଘଟିତ ହେବାରୁ ଏହା ଦୁରାଗ୍ରହ । ପୁଣି ସ୍ୱାର୍ଥ ବଳ ହେବ କି ନହେବ ଶେଷ ସମ୍ପତ୍ତି ନଜାଣି ସତ୍ୟାଗ୍ରହୀମାନେ ବହୁଦୂର ଦୃଷ୍ଟିରୁ ବିପତ୍ତି ଦେଖି ଅନାଗତ ବିଧାତା ହୋଇଥିବାରୁ ତାଙ୍କ ଆଗ୍ରହ ବାସ୍ତବରେ ଦୁରାଗ୍ରହ ।

ଯଦି ଏଥିରେ ଆପତ୍ତି ଥାଏ ତେବେ ତା ନାମ ସ୍ୱରାଷ୍ଟ୍ର ଦିଆଯାଉ । ସ୍ୱାର୍ଥପର ବଳ ବିରୋଧୀ ହେବାରୁ ସ୍ୱାଗ୍ରହ । ପୁଣି ସ୍ୱରାଷ୍ଟ୍ର ପ୍ରଦେଶର ରାଜଧାନୀରେ ହେଉଥିବାରୁ ତାର ନାମ ସ୍ୱାଗ୍ରହ ହେବା ଉଚିତ । ଏ ବଳ ନ ହେଲେ ବସ୍ତୁତଃ ସ୍ୱର ମିଳିବ ତୋର ମାଙ୍ଗ ତ ଦାବି କରୁଥିବାରୁ ଏହାର ନାମ ଅବଶ୍ୟ ସ୍ୱାଗ୍ରହ ହେବ । ବଳ ହେଲେ ମଧ୍ୟ ଅଧିକ ଜମି ବଳ ଅଧିକ ଟଙ୍କା କିଣିବା ଅଣ୍ଟାର ଯେଉଁ ସତ୍ୟାଗ୍ରହୀମାନେ ଅଧିକ ଜମି ଯେଉଁ ବୁଣୁଛନ୍ତି ସେମାନେ ମାଟି ବଳ ସ୍ୱର ଅଣିବା ଆଶାରେ ଥିବାରୁ ସ୍ୱାଗ୍ରହ ନାମ ଯୁକ୍ତିଯୁକ୍ତ । ପୁଣି ଯେଉଁ ସତ୍ୟାଗ୍ରହିଣୀମାନେ ସତ୍ୟାଗ୍ରହ କରୁଛନ୍ତି, ବାର୍ତ୍ତା ଶୁଣାରେ ସମ୍ବଲପୁର ନଗରରେ ସେମାନେ ଶ୍ରେଷ୍ଠ ନାମିବା ହୋଇଥିବାରୁ ନାରୀଗ୍ରହ ତୋର ବୋଲବାଲ ହେବ । ତେଣୁ ଏ ସତ୍ୟାଗ୍ରହର ଗାନ୍ଧି ସତ୍ୟାଗ୍ରହଠାରୁ ଅଲଗା କରି ଦେଖିବା ପାଇଁ ସ୍ୱାଗ୍ରହ ବା ଦୁରାଗ୍ରହ ଆଖ୍ୟା ଦିଆଯାଉ ।

\+ + × +

ଓଡ଼ିଶା ସରକାର କହନ୍ତି—ଏ ଜମି ହେବ ବା ନାହିଁ ଏ ଯାଏ ସ୍ଥିର ହେଇନାହିଁ । ଏପରି କ୍ଷେତ୍ରରେ ଆନ୍ଦୋଳନଟି ଅନ୍ୟାୟ । କଥା ହେଉଛି, ସତ୍ୟାଗ୍ରହୀ ଓ ସତ୍ୟାଗ୍ରହିଣୀମାନେ ଜଳ ନ ଦେଖୁଣୁ ଲଙ୍ଗଳା ହୋଇ ପଡ଼ିଛନ୍ତି । ତାର କାରଣ ଶୁଭସ୍ୟ ଶୀଘ୍ରଂ । ଅନ୍ୟ ପକ୍ଷରେ ସରକାର ମଧ୍ୟ ଜାଣିବା ଉଚିତ ଯେ ଶ୍ରେୟାଂସି ବହୁ ବିଘ୍ନାନି ।

\+ + + ×

ପାଟନାର ରାଜା ସାହେବ ବା ମାର୍ଚ୍ଚା ସାହେବ ସମ୍ବଲପୁରକୁ ନେଲେ । ପୁଣି ରାଜା ସାହେବ ପୂର୍ବାକୁ ନେଲେ । ହାଇଦ୍ରାବାଦ ନିଜାମ ନେଲେ କୋରାପୁଟ । କୋରାପୁଟରେ ବସି ମସଜିଦ ତୋଳା ସ୍ମରିବ । ତା ଦେଖାଦେଖି ପୁଣି ରାଜା ଯୋଗାଯୋଗ ଗୋଷ୍ଠୀର ଗୋଟାଏ ବି, ଏନ, ଆର, ରେଳ ହୋଟେଲ ଖୋଲିବାକୁ ବର୍ମାନଙ୍କ ଛଟି ଲେଖିଲେ । ଏଇ ପାଟନା ମହାରାଜା ? ଆପଣଙ୍କର ଗୋଟାଏ ସ୍ମୃତି ମନ୍ଦିର ସମ୍ବଲପୁରରେ ତୋଳାଇବା ପାଇଁ ଆମେ ଆଜି ଚେଷ୍ଟା କରନ୍ତୁ ।

× × + +

ଶୁଣାଯାଏ କଟକଟ ନୂଆ ଦୁଇରେ ଯେଉଁ ଯୋଜନା ହେଉଛି ତହିଁରେ ପାଠସ୍ଥାନ, ହାଟ ସ୍ଥାନ, ରଜସ୍ଥାନ ଆଦି ରହିବ । ବହୁଜନକୁ ଉପର ଏକ ମହିଳା ସ୍ଥାନ ପାଇଁ ସମର୍ଥନ କରି ଆସିଛି । ବର୍ତ୍ତମାନ ଏ ମହିଳାସ୍ଥାନପାଇଁ ଓଡ଼ିଶା ସବୁଠାରୁ ଶ୍ରେଷ୍ଠ ସ୍ଥାନ ବୋଲି ଭାବେବେ ,

Digitized by srujanika@gmail.com

ହେବା କଥେ । ମହିଳାମାନେ ନ ହୋଇ ଟା କାମ ଅଚଳା ସ୍ଥାନ ହେବା ଦେଶ ହଁ ହଣୀଷ୍ଟ । କାରଣ ସମ୍ଭବପୁରୁ ପାଃନା ନେବେ, ବୋଝପୁଃକୁ ନଡ଼ାମ ନେବେ ଓ ଗୁର୍ବାଲ୍ଡ ଠାକୁର ହେଡ଼ା ନେବେ । ତାଙ୍କ ଓଡେଥରେ ଅଚଳା ମହିଳାଙ୍କ ଘର ଚଳ ଚଳ ନ ଓଡ଼ଶା ଭଡରୁ ଗୃହଁ ବସିଥିବେ । ମନ୍ଦ କଣ !

ଏଥର ଅଚଳା ସ୍ଥାନର ପ୍ରଥମ ପ୍ରଧାନ ମନ୍ତ୍ରୀ ହେବାକୁ ଅଚେମ ଶ୍ରୀମତୀ ସରଳା ଦେବୀଙ୍କ ନାମ ସର୍ବପ୍ରଥମ ମୁପାରିଶ୍ କରୁଛୁ । କାରଣ ଜଙ୍ଗଲ ସଙ୍ଗଠିତ ଅଞ୍ଚଳର ଏହି ଦେବୀ ମା ବନ୍ଧୁଚନ ସମ୍ପୃକ୍ତ ହେଲାପରେ ଏବେ ସୋସାଲିଷ୍ଟଙ୍କ ସହ ସଂପୃକ୍ତ ହେଇ ବକାଣ ଲବ୍ଧପ୍ରତିଷ୍ଠ ହୋଇଛନ୍ତି ।

× + × ×

ତାହାମାନେ ଏଥର ଅବା ହୋଇ ବହୁଲାଃ ରଚନ ଅସରେ ସତ୍ୟାଗ୍ରହ କରୁଛନ୍ତି । ତାଙ୍କର ଦାବି ଯେ ଭାରତକୁ ଅଖଣ୍ଡ ରଖ ଓ ସୋଭ୍ଟେନ୍ ବନ୍ଦ କର । ଇଶ୍ୱରଙ୍କ ପାଖରେ ପ୍ରାର୍ଥନା କରିବାର ଅଭ୍ୟାସ ଥିବା ଦିଲ୍ଲୀଶ୍ୱରଙ୍କ ପ୍ରାର୍ଥନାଃ ଅଧ୍ୟାତ୍ମିକ ଜଗତ ନ ଅଦନତ କହି ହେଉନାହିଁ । ଜନୁ କହୁଲାଃ ଯେତେବେଳେ ନଜେ ଗାଦି ଛାଡ଼ି ରୁଷିଚିବେ ତୋଇ ବସିଛନ୍ତି ସେପର ଯେଉଁରେ ତାହାଙ୍କ ଦାବି ପୂରଣ କଏ କରିବ ତାର ଶେଷ ନିଷ୍ପତ୍ତି ହେବା ପୂର୍ବରୁ ମାହଣ୍ଣୁ ବେଃନ ବର୍ତ୍ତମାନ ବୋଃଏ ଘୋଃଏ ଗଙ୍କେଇ ଚାଲମ ବଇନା ଦେଇ ଲାଗନ୍ତୁ । ନାନା ଜଣ ତିନ୍ତି ବୋଃଏ ନେଗାଏଁ ସେଥିରୁ ଧରର ଦେଲେ ଯଥେଷ୍ଟ । ଓଡ଼ିଶା ସରକାର ପଚ୍ଛବେ ନଜୁଥିବା ଯୋଚ ଇବେ ।

× + + ×

ମା ସରସ୍ୱତୀଙ୍କର ଉତ୍କଳ ଭୂମି ଉପରେ ବଡ଼ ଦୟା । ତେଣୁ ଚାପ ପଡ଼ିଲ କରୁଣା ତାଙ୍କର ଉଣା ଏ ଉତ୍କଳେ—କହ ଅଭ ଏକଥା ତାର ପାଇବେ ନାହିଁ । ଅବଶ୍ୟ ସରସ୍ୱତୀଙ୍କର ବରପୁତ୍ରମାନଙ୍କର ପୁଣ୍ୟାବର୍ତ୍ତକୁ ଜନ ଶବ ହେଉଛି । ନଥଦାଧିପ ପଞ୍ଚମରେ ସେ ପୁଣି ଶବକୁ ସ୍ୱସ୍ଥଛନ୍ତି । ଏଭଳି ବ୍ୟବସ୍ଥା ସତ୍ତ୍ୱେ ଓଡ଼ିଶାର ସାରସ୍ୱତ ସାହିତ୍ୟ ଅଚେଳ ଗୃହଛ । ସାହିତ୍ୟକମାନଙ୍କର ଏ ଦୁର୍ଦ୍ଦଶା ଦେଖି ଲକ୍ଷ୍ମୀଙ୍କର ବରପୁତ୍ର ଧନାଢ଼୍ୟମାନେ ସନ୍ଦରୁଣୀ ପୁଅଙ୍କ ମଧ୍ୟ ଦୟା କରି ରକ୍ଷା କରିବା ପାଇଁ ଅଧିକା ଦ୍ୱାରହାଟ ଓ ଅଭିସନ୍ଧାନ ହେଉ ସେନ କବ୍ୟର । ଶ୍ରୀଯୁକ୍ତ ମହତାବଙ୍କ ମନ୍ତ୍ରୀତ୍ୱରୁ ଏ କବାନୀତା ସମ୍ଭବ ହୋଇ ପାରିଲା । ନବେହ୍ନ ନୂତନ । ଶ୍ରୀଯୁକ୍ତ ମହତାବ 'ପଞ୍ଚସି ଅବସାନେ' କାବ୍ୟ ଲେଖି ସାହିତ୍ୟକ ହୋଇ ଗୋଃଏ ସ୍ଥାନ ପାଇଥିଲେ । ତାପରେ ଏବେ ଏକିଟ ଇତିହାସ ଲେଖି, ଉପନ୍ୟାସ, କାବ୍ୟ ଅଦି କିଛି ରଚନା କରି ଉତ୍କଳ ଶାରଦାଙ୍କର ଭଣ୍ଡାର ଭରପୂର କରୁଛନ୍ତି । ଫଳରେ ଉତ୍କଳର ନପୁର ଓ ସାହିତ୍ୟ ଜଣା ପଡ଼ିବ [illegible] ଥିବା ପାର୍ଥକ୍ୟଃ ବହୁତ କମିଯାଉଛି । ସେଥିପାଇଁ [illegible] ନିଖିଳ ଭାରତ ସାହିତ୍ୟକ ସମ୍ମିଳନୀକୁ ଓଡ଼ିଶାର ପ୍ରତିନିଧି ବସି ଓଡ଼ିଶାର କୌଣସି ସାହିତ୍ୟିକ ଅନୁଷ୍ଠାନ ଦ୍ୱାରରେ

ନପଡ଼ ଭୂତପୂର୍ବ ମନ୍ତ୍ରୀ ବୈଦ୍ୟନାଥ ଦାସଙ୍କ ସଭାପତିତ୍ୱରେ ଚାଲିଥିଲ ଶ୍ରେଷ୍ଠ ବେସାହିତ୍ୟକମାନଙ୍କ ବୈଠକରେ ନିଧାର୍ଯ୍ୟ ହେଉଥିଲ ।

ମା ଦୁର୍ଗା ! ଭବଭୟ ଭଞ୍ଜିନୀ ମା ! ସାହିତ୍ୟକୁ ଏଥର ଅସାହିତ୍ୟକଙ୍କ ଉତ୍ପାତରୁ ଉଦ୍ଧାର କର ମା ଶାରଦେ !

...

ବଇରଣା ବେଡାଇ ବେଦ,ରୁ କହୁଛି—ଅମୁକ ଜଏଇ ଏବେ ନିଃର—ଏବୁଃ ତାଜ ଏତେ ନିଜିଃ—ଗାନ୍ଧିର ଉକ୍ତି—ଭାଠ ଓଡ଼ିଆ ବେତାର ଶ୍ରୋତା ଯାଣୀ—କହୁଛନ୍ତି—ଉତ୍କଳର ସୁପରିଚିତ ନେବସ ତାଳନୀତରଣ ପାଣିଗ୍ରାହୀ—ଅହାହା—ନଦିତାତ୍ ସେ ଅଗିଗାର ନଥବାରୁ ଅନିବାର ଅନୁଷ୍ଠାନ ସ୍ଥଗିତ ରହିଲା—ସେ ସ୍ଥଳରେ ଗୋଃଏ ଗ୍ରାମୋଫୋନ ରେକର୍ଡ ଶୁଣନ୍ତୁ—ଗାଇଛନ୍ତି ଶ୍ରୀମତୀ ଝୁନ୍‌ଝୁନ୍ ଓ୍ୟାନ—ଅହାହା—ଜ୍ୱାଲ୍‌ ହେଲ—ଅଗ୍ନିଗୋଳ ।

ଓଡ଼ିଆଙ୍କର ଦଶା ସବୁଠି ସମାନ । ଦୁର୍ବଳ ପାଇଲେ ଭ ଯାନ ଘଟେ । ବେତାର ବାର୍ତ୍ତାରେ ବ ଯାନକୁଃ ସୁଖଟ । କେବଳ ବେତାର ପରିଚାଳକ ମୁଣ୍ଡ ବାଟେଇ ଦେଇଗଲ । ଚକ୍ରଳେବେ କଥା ଦେଇ ବେତାରରେ ଗାଇବାକୁ ଓ କଳିକତା ବେତାର କେନ୍ଦ୍ରର ଓଡ଼ିଆ ରଚ୍ୟିତା ତଥା ଅନୁଷ୍ଠାନଙ୍କ ଦୁଷ୍ଟ ଯଦ୍ୱ୍ୟବହାରରେ ଭାସିବାକୁ ଯାଉନାହାନ୍ତି । ତେଣୁ ଓଡ଼ିଆ ମନ୍ତ୍ରୀଙ୍କର ଷଠ ବୋଃ ଅଛି ଯେ ଘର ବଃ ଅପରୁ ଓଡ଼ିଆଙ୍କୁ ଜଣା ପଡ଼ର ନାହିଁ ତେଣୁ ନ'ଃ ବୁଝିରୁ ଓଡ଼ିଆ ଅନୁଷ୍ଠାନ ନ ହେଉ । ଅଭ ବେହ ଶୁଣନ୍ତୁ ନ ଶୁଣନ୍ତୁ ମନ୍ତ୍ରୀ ମନ୍ତ୍ରିଣୀ ଅନ୍ତତଃ ଅନ୍ୟାନ୍ୟ ମନ୍ତ୍ରଣା ସାରି ୯ଃ ପରେ ରେଡିଓ ବଜନକୁ ଗୃହଁ ପଶୁବେ—

ଅତଏବ ଭାଇର,
କହ କହ ମୋର ଘଳ୍ୟ ସୁସମାଚାର
ଅଛନ୍ତି ନ ପ୍ରତାପଙ୍କ ଦଶେଳ ।

## କ୍ଷମା

କାଗଜ ଅଭାବରୁ ବାଧ୍ୟରେ ଉଗର ପାକ୍ଷିକ ମଧ୍ୟ ନିୟମିତ ବାହାର ପାରୁ ନାହିଁ । ତେଣୁ ସାପ୍ତାହିକ ପ୍ରକାଶ କରିବାର ଅଶା ଅଶାତେହ୍ନ ଚାହୁଁଛୁ । ଯେଉଁ-ମାନେ ଅଗ୍ରୀମ ଚାନ୍ଦା ପଠାଇଛନ୍ତି ସେମାନଙ୍କ ଟଙ୍କାରୁ ଏକ ବର୍ଷ ପାଇଁ ପାକ୍ଷିକ ଉଗରର ଚାନ୍ଦା ୫ ଟଙ୍କା କାଟି ଶେଷ ବାକି ଟଙ୍କା ମନିଅର୍ଡର ଦ୍ୱାରା ପଠାଇ ଦେବୁ । କିମ୍ବା ପତ୍ରଦ୍ୱାରା ଜଣାଇଲେ ସମୁଦାୟ ଟଙ୍କା ଫେରସ୍ତ ଦେବୁ । କାଗଜ ସୁଲଭ ହେଲେ ଉଗର ଅବଶ୍ୟ ସାପ୍ତାହିକ ରୂପେ ପ୍ରକାଶ ପାଇବ ।

Digitized by srujanika@gmail.com




## ମଜାକଥା

# "ବିଭ୍ରାଟ"

ଲେଖକ:—ଶ୍ରୀ ପର୍ଶୁରାମ ପଟ୍ଟନାୟକ

ଅସୁବିଧା ଯାହାକୁ କହନ୍ତି—ପୂର୍ବରୁ କେତେକ ବଦଳି ହୋଇଥାଏ । ବହୁତ ଦିନ ଖୋଜି ଖୋଜି ଖଣ୍ଡେ ଘର ମୁଣ୍ଡ ଗୁଞ୍ଜିବାକୁ ମିଳିଲା ନାହିଁ—ଏବେ ଖଣ୍ଡେ ପାଇଛି—ମହଲକିଆ ପୁରୁଣା କୋଠାଘର କେତେ ଜାଗାରେ ଫାଟି ଯାଇଛି—କୋଣାର୍କ ପରି ସେ ମଧ୍ୟ ଇତିହାସର ଗୋଟାଏ ବସ୍ତୁ ଯାହାକୁ ମହାକାଳ ଏ ପର୍ଯ୍ୟନ୍ତ କ୍ଷୟ କରି ପାରିନାହିଁ । ଦୁଇ ପଟେ ଦୁଇଟା ବଡ଼ ବଡ଼ ଅଧୁନିକ ଧରଣର କୋଠା— ଗୋଟାକରେ ଥାନ୍ତି ଜମିଦାର ଯୁକ୍ତ ଅଡ୍‌ଭୋକେଟ ଶ୍ରୀ ଅତୁଲ ମୁଖାର୍ଜି । ଅନ୍ୟଟାରେ ଜଣେ କେହି ନୂଆ ବ୍ୟବସାୟୀ ଭଡ଼ାଟିଆ । ଏହି ଦୁଇ ଦୈତ୍ୟ କୋଠା ମଝିରେ ମୋର ଐତିହାସିକ କଳା କୋଠାଟି ଶିଶୁ ଅଶ୍ୱତ୍ଥକୁ ଗ୍ଲାନିରେ ଧରି ଠିଆ ହୋଇଥାଏ ।

କେତେଦିନ ହାତରେ ରେଁଧାଇ କଲି—ସେ ପୋଷାଇଲା ନାହିଁ—ସେ କାମଟା Home ଡିପାର୍ଟ-ମେଣ୍ଟର ବା I. C. S. [C=Cooking] ମାନଙ୍କର । କେତେଦିନ ହୋଟେଲରେ ଖାଇଲି—ସେଥିରେ ଦେଖିଲି ମୋର ଦରମାକୁ ଅନାଇଲେ କେତେକ ସହରରେ ଶେଷକୁ ହାତରୁ ଖାଇ ଘୋଡ଼ା ଅଗରେ ଡେଇଁବା ସାର ହେବ ।

ତାଜମହଲ ମୋଗଲ୍‌ରେଖା ଯୋଗାରେ ବାଦ ପୁଅ ଲଗ ହେବ । ମାଁ ରଖ କଥା ଟୋପି ଭୁଲି ଥିଲି—ବସ୍ତୁ ତାରୁ ଅଧି ହେଲାଣି ୨୦ ଟା ଭାଇନ୍ । ଆଗେ ଗାଁକୁ ଯାଇ ମେଲ ଧରିଲି ତାକୁ, ହଁ ଖୁବ ତାଜ ବନବ, ଭବିତ— ଅନ୍ତଃ ତାପା ମାଙ୍କର ଅଲ ସ୍ଥାବର ଦେଖନାହିଁ ।

ଲଖ ଟଙ୍କା ତାଜମହଲ ହଜଏ ରହିବ—ଶସ୍ତା ପାନିଅରେ ହେଲ୍‌ସ୍-ହୋଲ୍ ବେଣ୍ ଖାଲାଏ—ଯାନରେ ୫୦୦ ଡାଲିବରେ—ମୁଁ ଦେଇଥିବି ଏ, ଅର, ପି ବାଣିଜ୍ୟକୁ ହଜଏ ମଇଳା ମୋଟରରେ ସାବୁନ ଦେଇ ଧୁଆ କରେ—ଆଜ୍ଞା ଅତୁଳ ବାବୁଙ୍କର ଦୁଅରେ ଯେତେବେଳେ ଗାର୍ଲସ୍ ସ୍କୁଲ ବସ୍ ୧୦ଟା ଓ ୪ଟା ବେଳେ ଠିଆ ହୁଏ, ଏବ ଲୋକରେ ତାଙ୍କର କମାସ କନ୍ୟା ମିଠାଇ ଦେବା ଓ ଓଲ୍ଲାଇବାକୁ ଏବ ଲମ୍ବରେ ଗୁହାରିବେ ।

ମୁଁ ଦେଖେ—ଏଣ୍ଟ କହେନି ନାହିଁ—ଝିଲିଟା ନିର୍ଦ୍ଦୋଷ ଅଜନ୍ମ ଚାଲିଛି—ପାଇ—ଟୋପିରୁ ଅତିଶ ମଜନ ମଜନ ହଜଏ ହସେ । ମୁଁ ଏକୁଟିଆ ଲୋକ କେତେବା କାମ ? ସେହି କାମରେ ତାଜମହଲ ମୋମ୍ପାନ ପର ଟେସ୍ଟ ବଣ ତଏ— ତାର ସିନେମା ସଙ୍ଗୀତ ଶୁଣି ଥିବ ବସେ । ଲକ୍ଷ କଲି, ତାଜମହଲ ଦିନେ ଦିନେ ଅତୁଳ ବାବୁଙ୍କର ଶୂନ୍ୟ ବାରଣ୍ଡାକୁ ଚାହିଁ ରହିଥାଏ—ସତେ ଯେମିତି କେହି ତା ହାତକୁ ସେ ବର୍ତ୍ତମାନ ଦେଖିଥିଲା, ତା ଉଭେଇ ଯାଇଛି ବା ହଜି ଯାଇଛି—

ଦିନେ ଅଫିସରୁ ଫେରି ଦେଖିଲି, ତାଜମହଲ ଅଧ ମନ ଶୋଇ ପଡ଼ି ରହିଛନ୍ତି । ସବୁ କାମ ଅଦକା କଲି । କିନ୍ତୁ ତା ମନରେ ଆନନ୍ଦ ନାହିଁ—ଚରମ ନୈରାଶ୍ୟର ଏମନ୍ତ ଚେହେରା ଦେଖିଲି—ପଚାରିଲି, "ତୋର କ'ଣ ହୋଇଛି ?" କିନ୍ତୁ ସେ ଉତ୍ତର ଦେଲା ନାହିଁ । ପରେ ଜାଣିବାକୁ ପାଇଲି ଅତୁଳ ବାବୁଙ୍କ ଝିଅ ମିଟାଙ୍କ ଦୂର ବନ ଦେଶ ଘର ହୋଇଛି । ଶୁଣିଲି ଦୁଇଦିନ ଅବର୍ତ୍ତନ ତାଜମହଲର ବାହାରକୁ ହେଉନି । ଅନ୍ତରରେ କଲି ଦୋହାଏ ମିଟାଙ୍କ ଭଲ ପାଇବାକୁ ଅଭ୍ୟସ୍ତ ଥିଲା—ତାକୁ ସେଥିରୁ ନିର୍ବୋଧତାକୁ ଯାଉ ଦିନେ କହିଲି— "ଅଧେ ସେପରେ ଦେଖିଛୁ, ମୁ ଭେଳ ଶିବୁ, ମୋର ଦେଖାଇ ଦେବୁ ।" ସେ ହଜଏ ହସିଲା—ଯେପରି ସେ ଜାଣିଛି ପରେ ନାହିଁ ବା ଯେ କୌଣସି ଉପାୟରେ ମିଟାଙ୍କୁ ସେ ପାଇବ ।

ଦିନେ ଅଫିସ୍‌ରୁ କଲି ଚାଲିଥିବା ବେଳ ହେବ ତାଜମହଲ ନାହିଁ— ହୋଟେଲ ହୋଟେଲ ଗଲି—ସବୁଠି ଯାଗା—ବାଣ୍ଡୁକୁ ଗଲି ଦେଖିବାକୁ । ସେହିଠାରେ ଗଲି ପରେ ଦେଖିଲି ଅଚେତ ଲୋକ ଭିଡ଼—ଶହ ଶହ ଲୋକ ଅନୁରୋଧ କରିବ କମିଛନ୍ତି କୌଣସି ହିମାଳୟ ପ୍ରତ୍ୟାଗତ ଶିବ ପୁରୁଷଙ୍କ ଠାରୁ ବର, ଦେଶୀ ବା ଔଷଧ ପାଇବା ପାଇଁ— ବାମନା ଦିବ୍ୟ ପୁରୁଷ ସେ—ଗଛ ତଳେ ବସି ଦେଖିଲି ଆମ ତାଜମହଲ ସେଠାରେ ହାଜର । ଦାଢ଼ିଆ ତାଙ୍କର ପାଦ ଧରି ସେ ମୁହଁ ମାଡ଼ି ପଡ଼ିଛି—ବହୁତ ସମୟ ପରେ ସନ୍ନ୍ୟାସୀ ତାକୁ ହଜଏ ପାର୍ସଲ ଦେଲେ—ତାଜମହଲ ତୁର୍ଣ୍ଣ ତନ୍ଦ୍ର କରି ପରେ ଫେରି ଆସିଲା । ମୁଁ ହସିବି ନା କାନ୍ଦିବି । ଘରେ ତାକୁ ପଚାରିଲି—"ତୋରେ ହାତରେ ସେ ପୁଡ଼ିଆରେ କଣ ?" ସେ କିଛି ସମୟ ପରେ କହି ଲାଜ ହୋଇ କହିଲା—"ଏହି ପାର୍ସଲ ଯଦି ମୁଁ ତାକୁ କୌଣସି

Digitized by srujanika@gmail.com

ପ୍ରକାରରେ ରୂପାର ବେତ କେତେ ଅମଳ କେହ ଅଟକା କରି ପାରିବେ ନାହିଁ ।" ବୁଝିଲି—'ଟାଙ୍କ' ମାନେ 'ମିଟାଙ୍କ' । ହସିଲି ।

କେତେଦିନ ପରର ଘଟଣା—

ସେଦିନ ରବିବାର—ଅପରାହ୍ନରେ ଶୋଇଥିଲି । ବାହ୍ୟ ଦୁଆରେ ଗୋଳମାଳ ଶୁଣି ଉଠି ଦେଖେ—ଖୋଃ ଜନତା ମଝିରେ ବାନାମ୍ବର ଓ ଅତୁଲ ବାବୁଙ୍କର ବୁଢ଼ୀ ଚାକରାଣୀ—ବାନାମ୍ବର ହାତ ଧରିଛି ଆଉ ସେ ହାଣ୍ଡିଏ ହାର କୋଉ ଦୂରରୁ ଦେଖାଉଛି । ସେଠାକୁ ଯାଇ ଶୁଣିଲି—ବୁଢ଼ୀ ଚାହିଁକରି କହୁଛି—"ଏ ଟୋକା ମତେ ଠକାଉଛି—ଆମ ଦେଉଙ୍କ ଘରରେ ମୁଁ କାମ କରେ ଏ ପାଞ୍ଚ ଟଙ୍କା ନେଇ ପଠାଇ ଦେଲେ—ହାଟ କରିବେ—ମୋତେ ଟଙ୍କାଏ କେନିସ ଦେଇ—ଦେଖେତ ଏ ଟୋକା ଆମ ଦେଉଳ ଭଳି କରିବ—ହାଟରେ ଏମିତି ଠକାପ ହୋଇ ?"

କେ ହସୁଛି—କେ ଗଳୁଛି—କେ ଛିଡ଼ାହୁଏ—କେ ବା ମଜାର ଦେଖ ମଜା ଦେଖେ । ତାଙ୍କ ରୋଷ ଉଠିଲି । ଯାଇ ବାନାମ୍ବରର କାନଟାକୁ ଧରି, କହିଲି—'ଛାଡ଼ ଟାଙ୍କ ବଦମାସ୍ ଟୋକା ।'"

ସେ କାନ କାନ ହୋଇ କହିଲା—"ସେ କଥା କହ ନାହିଁ ବାବୁ, ମୁଁ ତାକୁ ଛାଡ଼ି ପାରିବି ନାହିଁ—ମୋ ଜୀବନ ସଙ୍ଗିନୀ ସେ—"

"କେଉଁ କଥା କଣ ?"

ବାନାମ୍ବର କହିଲା—"ହଁ, ବାବୁ ହଁ—ମୁଁ ତା' ପ୍ରେମରେ ପଡ଼ି ଯାଇଛି ।"

"କାହା ପ୍ରେମରେ ? କଣ ?"

"ନା—ନା—ନଡ଼ା ଘର ଆଉ ନାହିଁ । ସେ ବୁଢ଼ୀ ପ୍ରେମରେ ।"

"କେଉଁ ବୁଢ଼ୀ ଚାକରାଣୀଟା ?"

"ହ—ହ—ହଁ ସେମିତି କହନ୍ତୁ ନାହିଁ । ସେ ବାହିଁ କି ବୁଢ଼ୀ ହେବ ।"

ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ପଚାରିଲି—"ତୁ କଣ କହୁଛୁ ବାନାମ୍ବର ? କଣ ପାଗଳ ହେଲୁ ?"

"ପାଗଳ ନାହିଁ ନ ହେବ ବାବୁ । ମୁଁ ସତ ସତ ଏଭିକି ତାକୁ ତା' ହାତରେ ଦେଇଥିଲି ମିଠାଇ କିଣିବା ପାଇଁ । ସେ ଗଲି ଯାଇ ଏଭିକିଯାକ ମୋର ମୁହଁରେ ଚପେଟା କରି ଦେଇ କହିଲା—ନଷ୍ଟ ହୁଅ ପାଇଁ ସ ଗାଉନାହୁଁ କି ? ବଡ଼ଘର ଝିଅ ଉପରେ ମନ କରୁଛୁ ? କଣ କହିବି ବାବୁ—କାହାକୁ ମୋତେ କହୁଥିଲେ—ଏ ଭଳି ଯେ ପାହାଡ଼ ଖୋଳିଦେବ ଖାଇବା ଲୋକ ଗୋଟିଏ ଲୋକର ସେ ମତରେ ପଡ଼ିଯିବ । ସେ ଗୃହିଣୀ ଟାଙ୍କ ଯେମିତି ମୋ ମୁହଁରେ ମାରି ଦେଲା—ଆଉ କଣ କହିବି ବାବୁ—ମୋର ଚ ଚେତା ହୃଦୟଗଲା । ମୋ ଆଖିରେ ସେ ରମ୍ଭା ମେନକା ହୋଇ ଗଲାଣି ଆଉ । ତା ବିନା ମୁଁ ଆଉ ଏ ପ୍ରାଣ ରଖିବି ନାହିଁ । ମୋତେ ତାକୁ ଆଣିଦିଅ—ନହେଲେ ମୁଁ ମରିଲି । ଆଉ ମୁଁ ମେଞ୍ଚାଇ ପାରୁନି ଧରି ପାରିବି ନାହିଁ ।"

ବାନାମ୍ବର ଗୁଲଗୋଲ୍ପି । ମୁଁ ଖାଲି ସେ ବାବାଙ୍କ ଉକ୍ତି କଥା ଭଲି ଭଲି ବାଲି ହେଜବାରେ ଲାଗିଛି । ସେ ବାବାଙ୍କ ଖୋଜ ପାଇଲି ନାହିଁ—ଆଉ ସେ ଭିତରୁ କିଛିଏ ମିଳିଲା ନାହିଁ ।

ଅପ୍ରୋଏ କେଉଁ ଗୃହିଣୀ ବାନ୍ଦଣୀ ହୋଇ ଗୋଟିଏ ହେଲେ ବେହି ମୋ ପ୍ରେମରେ ପଡ଼ି ମୋତେ ଭାଗ୍ୟବାନ କରି ନାହାନ୍ତି ।

— — ✻ — —


## ପ୍ରକାଶ ପାଇଲା, ପ୍ରକାଶ ପାଇଲା ।

"ବାଲୁଅ-ଢେଁଅ"
( ଉପନ୍ୟାସ )

"ଉପନ୍ୟାସ ରାଜ୍ୟରେ ନୂଆ ପନ୍ଥା ଆଣି ସମାଜରେ ଆଖି ଖୋଲି ଦେଉଛି ଏବଂ ନୂଆ ସ୍ୱାଦରେ ପଢିବାର ଉପନ୍ୟାସ" ଆପଣ ବାଲୁଅ ? ନିଶ୍ଚୟ ପଢନ୍ତୁ ।

ଶୀଘ୍ର ପ୍ରକାଶ ପାଉଛି
"କଳା ଘର" ( ଉପନ୍ୟାସ )
"ଗାଁ ଗହଳି" ( ଉପନ୍ୟାସ )

ସ୍ୱପ୍ନ ଓ କଳ୍ପନା ଭିତରେ ବାସ୍ତବତା ଭରି ଦେଇଛି ।

ଠିକଣା— ସିଂହଭୂମ ପ୍ରିଣ୍ଟିଙ୍ଗ ହାଉସ
୬୪, ନମ୍ବର ଷ୍ଟେସନ ରୋଡ଼
"ଟାଟା ନଗର" B. N. Ry.)





## ନକଲି ସୁନା
## ପଥର ବସା ମୁଦି

ଜମା ଜାଣି ପାରିବେ ନାହିଁ । ହୀରା, ପଦ୍ମରାଗ ମଣିପରି ଚକ୍ ଚକ୍ ସୁନ୍ଦର ପାଲିଶକରା ଏବଂ ଖାଣ୍ଟି ସୁନାକୁ ବଳି ଯାଇଛି । ଏକଡଜନର ଦାମ ୫ ୳ ପଥର ବସା ନ ହୋଇ ଫୁଲ ଡିଜାଇନ ଥିବା ମୁଦି ଡଜନକର ଦାମ ୫ ୪ ।

ଏକ ଡଜନ ଯେ କୌଣସି ପ୍ରକାର ମୁଦି କିଣିଲେ ଗୋଟିଏ ନେକ୍ ଚେନ୍ ଲକେଟ ସହ ବିନାମୂଲ୍ୟରେ ପାଇବେ ।
କୌଣସି ପୋଷ୍ଟେଜ୍ ବା ପ୍ୟାକିଂ ଖର୍ଚ୍ଚା ଦେବାକୁ ପଡ଼ିବ ନାହିଁ ।

HENA AGENCY
14. Dr. Jagabandhu Lane.
Bowbazar, Calcutta.


Digitized by srujanika@gmail.com




# ଏଇ ବାଟଟା

ଲେଖକ—
—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ନୟାଦ୍ୱାରର ସେଇ ଛକ ।

ସେ ଗଳି ଉପରେ ଧୂଳି ମଡ଼ାଯାଇଚି—ବରଷାରେ କୁହେଁ, ଖଟ୍ଲରେ ।

ଗୋଟାଏ ଲ୍ଲାନଅ ଥାଏ ସେ ଛକ ଉପରେ । ଲୁଣ୍ଠଲ୍ଲଷଣୀ ଟେମା ଲ୍ଲାଉକ ଅକ୍ରମଣ କରେ ।

ସେ ଅନେକଦିନର କଥା । ମୁଁ ଖାଲି ଆଜି ତୁଳନା କରୁଚି—ଏ ଲ୍ଲାନଅ ଆଉ ସେ ଲ୍ଲାନଅ ଭିତରେ ମେଳ କେଉଁଠି—ଫରକ କେଉଁଠି । ଆଜିର ଏ ଲ୍ଲାନଅ ଆଉ ସେ ଦିନର ସେ ଲ୍ଲାନଅ । କେଉଁଟା ବେଶି ମାର୍ମିକ ।

ଧର୍ମ ଆଉ ପ୍ରେମ । ଦୁଇଟା ଭିତରେ ତଫାତ୍ କେଉଁଠି ? ମେଳ କେଉଁଠି ?

ମୁସଲମାନ ହେବା ତାର ଅପରାଧ । ତାର ଅପରାଧ ନୁହେଁ, ଧର୍ମର ଅପରାଧ । ଧର୍ମଟା ଗୋଟାଏ ଧାରଣା ଆଉ ହେଇ ନାହିଁ । ମଣିଷର ମର ଦେହରେ ରୂପ ଧରିଛି ସେ । ମଣିଷ ମରିବା ସାଙ୍ଗରେ ତାର ବି ଲୋପ ହେବ । ହିଁ, ସେଇଥି । ମଣିଷ ଆଜି ସେଇଥି ଭାବୁଛି । ମଣିଷକୁ ମାରି ମଣିଷ ଅମର ହେବ ବୋଲି ଭାବୁଛି । ଯେ ମାରେ ସେ ଅମର । ଯେ ମରେ ସେ ମଲା-ଗଲା । ମରିବା ଲୋକ ଭାବେ ତାର ବାଞ୍ଚିବା ଦିହାନ୍ତରେ ତାର ଧର୍ମଟା ବି ବଞ୍ଚି ରହିବ ।

ଶିଖଧର୍ମ ଶରଣନ ନହିଁବ । ସେଇ ଶିଖର ଉତ୍କ୍ରାନ୍ତ କୃପାଣ ଭିତରେ । ଶିଖର କେଶ, କଙ୍ଘି, କଙ୍କଣ ଭିତରେ । ଆଉ ମରିଯିବ ଇସଲାମ । ସେଇ ମୁସଲମାନର ଉତ୍କ୍ରାନ୍ତ ଶବ ମଲ୍ଲପରି । ଏଇ ଛକ—ଏଇ ଗଳିର ଧୂଳି ଦହରେ ଲକ୍ତ ମରି ଗଲ ପରି ।

ନସର ସେ ଯାଉଥିଲା—କେଉଁଠିକି କି ଉଦ୍ଦେଶ୍ୟରେ ଜଣା ନାହିଁ । ବାହାରେ ତା' ମୁସଲମାନି ପରିଛଦ । ଭିତରେ ତାର କଣ ଥିଲା କିଏ ଜାଣେ ? ଇସଲାମର ନମ୍ରତା, ଇସଲାମର ସତ୍ୟ ସାଧନା ତା ଭିତରେ ଯଦି ଥାଏ—ତେବେ କଣ ସେ ସହଜରେ ମରିବ ?

ଦୁଃଖ ଏତିକି, ସେ ଜାଣେ ନାହିଁ । କେଉଁଠୁ ହଠାତ୍ ଜଣେ ଆସି କିଏ ତା ପେଟ ଭିତରେ କୃପାଣ ଭର୍ତ୍ତି ଦେଲା । ଅନ୍ତବୁଜୁଳାଟା ବାହାରି ପଡ଼ିଲା ବାହାରକୁ—ସେ ଚିତ୍କାର କରି ତଳେ ପଡ଼ିଗଲା ମାତ୍ରେ । ନସର ହେବାର ପରିଚୟ ।

ଅପବିତ୍ର ମରଣ । ମନ ନୁହେଁ ।

ସେ ବି ଥିଲା ଅପବିତ୍ର । କିନ୍ତୁ ଭଲ ଲାଗୁନାହିଁ ସେ କଥାଟା । ଧର୍ମର ବିବାଦ ନୁହେଁ—ପ୍ରେମର ମିଳନ ।

ଏଇ ରାସ୍ତା ଉପରେ—ଏଇ ଗଳିରେ । ନାଃ ଥାଉ । ମଣିଷର ନୃଶଂସତାର ଜଘନ୍ୟ ଚରିତନ ଗାଉଥିବ ଏ ସହରର ଛକ ।

ମଣିଷ ମଣିଷକୁ ମାରେ । କେତେବେଳେ ଧର୍ମ ନାମରେ ଆଉ କେତେବେଳେ ପ୍ରେମ ନାମରେ ।

ସେ ମୋତେ କହୁଥିଲା—ମୋତେ ଥରେ ଦେଖିବା ପାଇଁ—ଗୋଟାଏ ଯାଗାରେ ଠିକ୍ ହେବାକୁ । ମୁଁ ଠିକ ହେଲି । ସମସ୍ତେ ଦେଖିଥିଲେ ଏଗାରଟାକୁ । ମୁଁ ଘରୁ ବାହାରିଲି ଗୋଟାଏ । ଆଉ ଦେଖା ହେଲା ନାହିଁ । ସେ ଫେରିଗଲା ବୋଧହୁଏ ।

କେଉଁଠୁ କିଏ ଏଇ ଛକ—ଏଇ ଗଳିରେ ଅକସ୍ମାତ୍—ଅପବିତ୍ରରେ ହେଲା ଶେଷ ।

ସେ ମୁହଁ ଫେରାଇ ନେଇ ଚାଲିଗଲା ।

ଭୁଲ ମୋ ପେଟରେ ପଶିନାହିଁ—ଛାତିରେ ପଶିଛି । ମୁଁ ସହଜରେ ମରୁନାହିଁ । କିନ୍ତୁ ସହଜ ମରଣକୁ ଶିଖରେ ବହି ଚାଲିଛି ।

ଆଉ ଶେଷ ହେଉନାହିଁ । ଆଉ କଥା ହେଉନାହିଁ । ହେବାର ଆଶା ବି ନାହିଁ ।

ହଁ ସେଇ ଛକ ଉପରେ, କେତେ କହୁଛନ୍ତି, ମୁଁ ଯାଉନାହିଁ, ଦେଖିବାକୁ । ପାଃମଣ୍ଟିଙ୍କ ମଠର ଗୋଟାଏ ବୁଢ଼ୀ ଗଛର ଛାଇକୁ ଯାଇ ଦୁଃଖର ଚରିତନପାଇଁ ହରି ନେଉଥିଲେ—ଆଶ୍ଚର୍ଯ୍ୟ ନୁହେଁ—ରକ୍ତ-ଲଗ୍ନର ଚଳର ବର୍ଷ୍ଣ ତଳେ ।

କେଉଁ ଅଧ୍ୟାୟରଟା କହୁ ? ଏଇ ନାଃ ତା କହୁ ।

—*—

Digitized by srujanika@gmail.com

କବିତା—

## —→(ବାଜି)←—

ଲେଖକ—**ପ୍ରସାଦଜୀ**

ହେ ସୈନିକ ଶିଶୁ !
ଘେନ ଅଛ ସାମନ୍ତଙ୍କ ସଲମ୍ ମୋହର ।
ହେଲେ ଛୋଟ, ହେଲେହେଁ କିଶୋର,
ତମେ ଅଜ ଏ ଦେଶର ମୁକ୍ତି-ସେନାପତି,
ତମର ଆଦେଶ ଦେଇ—
ଏ ଦେଶର ଲକ୍ଷ ଶିର ନଏ ହାତ ପାତି ।…
ମୁକ୍ତି ଗୀତ ଗାଇ…
ତମର କୋମଳ ପାଦେ,
ତମର ସେ ଫଗୁଆ ଗାଲରେ,
ଛୋଟ ଦୁଇ କମ୍ର ବାହୁ ତଳେ,—
ଯେଉଁ ମୂର୍ଚ୍ଛା, କଠୋରତା ଅଣିଲ ଗୋ ବାହୁ,
ତମକୁ ସେ ତୋଳିଅଛି ତାରୁଣ୍ୟର
ଲୌହ ସିଂହାସନେ ।…
ନୁହଁ ଶିଶୁ, ନୁହଁ ହେ କିଶୋର,
ନୁହଁ ତୁମେ ନାଉରିଆ ପିଲା,
ତମେ ଯେ ନେତାଙ୍କ ଏଥି,
ତବ ବାଣୀ—
ଅଣିଅଛି ବରାଟ ସ୍ପନ୍ଦନ
ଏ ଦେଶର ସୈନିକ ପରିଚଣ !!
ତମର ଚତାର ଶିଖା
ଜାଳିଅଛି ଲକ୍ଷ ବୁକେ
ବିଦ୍ରୋହର ଦୀପ,
ତମର ଶୋଣିତ ରେଖା
ଛାତ୍ରର କପୋଳେ ଲେଖା
ସିନ୍ଦୁରର ଟିପ !
—"ନେତାଜୀର ଜୟ ।"
ଗାଅରେ ବିଦ୍ରୋହୀ ଆଜି,
ନେତାଜୀର ଜୟ !
ପରାଜୟ ମାନେ କେବେ ସେହି ?!
ପୁଲିଶ୍ର ନାଲ୍ ଆଖି, ବନ୍ଧୁକର ଶାଣିତ ସଙ୍ଗୀନ
ଯା'ରେ କେବେ ବଶ କରେ ନାହିଁ !

ତୁମର ଦୁର୍ବଳ କଣ୍ଠେ—
ଗାଅ ପଛେ— 'ମରିଅଛି ବାଜି ।"
ଅମର ଜାଅ ତାର ମନ କହେ—'ନାହିଁ' 'ନାହିଁ'
'ମରିନାହିଁ ଅଛି ।'
—ମରିବ କିପରି ?……
କହ କଲ. ତମର ସେ
ବାପର ଗର୍ଜ୍ଜନେ
ଥରେ ହେଲେ ଅଛି ମୁହିଁ ଡର ?
କବି କହେ—ମରିବ କିପରି ?
କିଏ ତାଙ୍କୁ ପାରିଅଛି ମାରି ?
ବେୟୋନେଟ୍ ଭୁଷିବାର ପୂର୍ବେ
ମରିବି ନ ଥିଲ ତମେ,
ତାର ପଦତଳେ—
ଏତେ କଥା କହ କେଉଁ ଗର୍ବେ ?

ମରେ ସିନା ଦେହ,
କୁକ୍କୁରର ସମ ପର ଉଚ୍ଛିଷ୍ଟ ଗୋଡାଇ,
ବଞ୍ଚିରହେ ଯେହୁ ।
ପାଣି ହୁଏ ସିନା ତାର ଲହୁ !
ଜନତାର ଉଚ୍ଛ୍ୱାସକୁ
ଚୁପି ରଖେ ଯେ ନର ପିଶାଚ
ତୋଷାମଦ ଆବରଣ ତଳେ,
କାଳକୁ ଠକାଏ ଯେହୁ କହି ଟେ, ମିଛ ।

କିନ୍ତୁ ନାହିଁ ମରେ—
ମଣିଷ ଲଗି ଯେହୁ,
ମୁକ୍ତିର ଲଗି ଯେହୁ,
ଧର୍ମଲଗି,— ଲଢ଼, ଲହୁ, ଢାଳେ ।
ମାଳା ତାର ଚଢ଼ାନ୍ତୁ ଏ ଲୁହାର ଶୃଙ୍ଖଳେ
ବେୟୋନେଟ୍ ଗାଏ ତାର ଜୟ,
ମରଣ ଶରଣ ମାଗେ—
ତାର ବଜ୍ର ଚରଣର ତଳେ ।

—o—

Digitized by srujanika@gmail.com

# ମିଠାକଡ଼ା

"ବ୍ରାହ୍ମଣୀ ଲୋ, ଦଳ ଦଳ ହୋଇ ଶାସନରୁ ବ୍ରାହ୍ମଣସବୁ ଚଢ଼ିଲେ।"

"ତମର ସବୁ ହୁଣୁଚ। ଚୁପ୍ କର।"

"ବ୍ରାହ୍ମଣୀ ଲୋ—ପଙ୍ଗତ ବସିଗଲା।"

"ଦଶାହର ମଜାଟାକୁ ମାରିବାକୁ ନାହିଁ ?"

"ବ୍ରାହ୍ମଣୀଲୋ ପତର ପଡ଼ିଲା।"

"କେଉଁ ପ ଟଳ କ ଉର କଗଲ ?"

"ଇଲେ ବ୍ରାହ୍ମଣୀ, ହେଉଛନି ଚୂଡ଼ା—"

"ଯେତେ ପାଟିକର—ମୁଁ ତମକୁ କେତେ ଯଜ ଶୋଇଛ।"

"ବ୍ରାହ୍ମଣୀ, ତୋ ଗଣ ପଡ଼ୁଛି—ହେଉଛନି ମୋଟ ଚଳ ଚଳ କର ଦଶୁଟ ପର—ହେଉଛି—ଦହ ହଳାଗଲା।"

"ନାଃ—ତମକୁ ଖାଲି ଚିନ୍ତାରେ ବାନ୍ଧିଲେ ଚଳେନ ନାହିଁ। ଅଲ ଗୋଟିଃ ଦଇଡ ଅଣେ।"

"ଅଲେ ଦଇଡ ଅଙ୍ଗିରୁ ବାଁଶଲେ, ତେଣେତ ଗୁଡ଼ ଚେଲୁଚ ଲଙ୍କା ଲୁଣ ସବୁ ପରଶା ହେଇଯାଉଛି ଗୋଟିକ ପରେ ଗୋଟିଏ।"

"ପୁଣି ସେ କଥା ମୁହଁରେ ଅଣୁଚିତ ଏ ଷଟଲ ଗୁହଁଥା।"

"ତୋ ଷଟକୁ କ ଲୁଟହିଁ। ତେଣେ ଚକୁଟା ଲଗିଗଲା ଯେ। ଉଁଃ।"

"ଚୁପ୍ ଚୁପ୍—ତମ ଦନ୍ତ ଖସପ।"

"ମାର ଟୋ ଦହକୁ—ଇଲେ ସେ ଚକଟା ଲଗିଥ ଦହ।"

"ନା—ନା—ତମେ ସେମିତି ହୁଅନା।"

"ଇଲେ ଟେପା ମାରିଲେ ଲୋ ବ୍ରାହ୍ମଣୀ—ଅଇ—ନା—"

ଦହ ଯେଉଁ ଢେଙ୍କିରେ ଚମ୍ପା ହୋଇଥିଲା ସେ ଢେଙ୍କିକ ବାନ୍ଧରେ ପଡ଼ାଇ ବ୍ରାହ୍ମଣ ଭୋଜନ ଯାଇଁଲ।

ଆମ ସମାଜଟର ଭୋଜି ଖାଇବାର ମନୋବୃତ୍ତି ମୂଳରେ ଏଇ ଗପଟି ବଡ଼ ଜଟିଳ ଓ ସତ୍ୟ।

ଅବଶ୍ୟ ଅଜକାଲିକା ବ୍ରାହ୍ମଣ ଗୋଟିଏ ଦହ ଚୂଡ଼ା ଭୋଜି ପାଇଁ ଶୁଦ୍ରଘର ଦଣିଅ କେଶି ହେଉ ନାହାନ୍ତି—କିନ୍ତୁ ଉକ୍ତ ପଢ଼ତ ସରକାର ମହଲରେ। ଏହା ସମାଜର ନେତା ବ୍ରାହ୍ମଣଙ୍କ କଥି। ତେଣୁ ସାରା ସମାଜଟା ଶିକ୍ଷିତ ଏଇ ଭୋଜି ଖିଅ, ପରଧନ ଖିଅ ମନୋଭାବକୁ।

ତଫାତ୍ ହେଉଛି ଅଜକାଲି ଭୋଜି ଓ ମହଦିନ ଭୋଜି ଭିତରେ ଏତିକି ଯେ ପତର ବଦଳରେ ଟେବଲ ଚେୟାର ପଡ଼ୁଛି।

ସବୁଠୁ ବଡ଼ ଫରକ ହେଉଛି—ସେତେବେଳେ ଭୋଜଦାତା ଇହକାଳ ପାଇଁ ଯେତେ ଭୋଜ ଦେଉ ନ ଥିଲେ, ତା ଠାରୁ ବେଶି ଭୋଜ ଦେଉଥିଲେ ପରକାଳ ପାଇଁ—ବା ପାରତ୍ରିକ ମଙ୍ଗଳ ପାଇଁ। ଅତଏବ ପାକ ମାନ ମୃତାତ୍ମାଙ୍କ ମଙ୍ଗଳ କାମନାରେ ଦିଆଯାଏ। ବୋଧହୁଏ ସେତେବେଳକାର ଭୋଜକ ସ୍ୱଚ୍ଛ ଦଂଶକ ପ୍ରବାଦ ବହୁଥିଲା—Fools give feast and wise men eat it—ବୋକା ଲୋକେ ଭୋଜି ଦିଅନ୍ତି—ଖାଆନ୍ତି ଯେତେକ ବୁଦ୍ଧିଆ। କିନ୍ତୁ କାଳଟା ଠିକ୍ ଓଲଟା ହୋଇ ଯାଉଛି। ବର୍ତ୍ତମାନ Wise men give feasts and fools eat it। ବୁଦ୍ଧିଆ ଲୋକେ ଭିଆଣ ଦିଅନ୍ତି ଖାଆନ୍ତି ଯେତେକ ବୋକା ସମସ୍ତେ। ଅବଶ୍ୟ ଏକଥା ବହୁ ଦୁର୍ବୁଦ୍ଧିମ ବେଶି ଭୋଜି ନିମନ୍ତ୍ରଣ ପାଇବାର ଅଣ୍ଟ ସ୍ୱୀକୃତି ନୁହେଁ। ଆମ୍ଭ ବୋକା ପ୍ରମାଣିତ ହେବାକୁ ଲଳାୟିତ ନୁହେଁ।

ଏ କଥା କହିବାର କାରଣ ଆଜିକାଲି ଯେତେ ପାର୍ଟି—ଭୋଜି ଦିଆଯାଏ ସବୁର ମୂଳରେ ଗୋଟିଏ ନା ଗୋଟିଏ ମତଲବ ଥାଏ। ମନ୍ତ୍ରୀମାନେ ଭୋଜି ଦିଅନ୍ତି ତାଙ୍କ ମନ୍ତ୍ରୀତ୍ୱ ବଜାୟ ରଖିବା ପାଇଁ। ଡାକ୍ତରମାନେ ଭୋଜି ଦିଅନ୍ତି ତାଙ୍କ ବ୍ୟବସାୟ ଜାରି ରଖିବା ପାଇଁ। ଯିଏ ଖାଇବାକୁ ଯାଆନ୍ତି ସେମାନେ ସେତିକି ବୁଝି ମଧ୍ୟ ଖାଇବାକୁ ଯାଆନ୍ତି। ପର ଧନରେ ପେଟକୁ ଭରି ଆସନ୍ତି ଏବଂ ତା ବଦଳରେ ବୁର୍କ ହଲ ବଡ଼ ଆସନ୍ତି।

ଏଇ ଦୃଷ୍ଟି ଭୋଜି ବା ପାର୍ଟି କ୍ରମେ କ୍ରମେ ସବୁ ସ୍ଥାନ କାଳ ଓ ପାତ୍ରରେ ପ୍ରଚଳିତ ହେଲାଣି। ପୁଅ ବାପଘର ଠାରୁ ଆରମ୍ଭ କରି ବାପ ଶ୍ରାଦ୍ଧ ଯାଏ ଏବେ କେବଳ ପାର୍ଟିରେ ଚାଲି ଯାଉଛି। ସମାଜରେ ଯେଉଁମାନେ ବଡ଼ ଅଛ ସେଇମାନଙ୍କ ଏହା ଅଭ୍ୟସ୍ତ ହେଉଛି। ତା ପରେ—

ମହତେ ଯେବା ଆଚରିବେ,
ଇତରେ ତେମନ୍ତେ କରିବେ।

କିନ୍ତୁ ଇତର ଲୋକେ ଏମନ୍ତ ଆଚରଣ କଲେ ହେଲେ ମହତ ମାନେ ଯେ ଲଜ୍ଜିତ ହେବେ ସେଥିରେ ସନ୍ଦେହ ନାହିଁ। ମହତମାନେ ଭଲରେ ଏ ଉପାୟଟା ସେଇ କେବଳ ଜାଣନ୍ତି। ସେଇ କେବଳ ବୁଝିଛନ୍ତି ଯେ—"The turnprike road to pepoles' hear lies through their mouth" ମୁହଁ ବାଟେହିଁ ମଣିଷର ହୃଦୟକୁ ରାସ୍ତା। ମୁହଁକୁ ଜିଣିଲେ ହୃଦୟ ଜିଣିବା ହେଲା।

ବୋଧହୁଏ ସେଥିପାଇଁ କଲେଜ ପଢ଼ୁଆ ପ୍ରେମିକମାନେ କାଫେରେ ଟେବୁଲେ କଟଲେଟ୍ ଦାମ୍ ବେଶି ଚଢ଼ା କରିଦେଲେ।

ଅଧୁନାତନ ସ୍ତ୍ରୀଜାତିର ମୂଳମନ୍ତ୍ର ହେଉଛି—ଯାହା ଅଶ୍ଳୀଳ, ଯାହା ଅସଭ୍ୟତା ତାକୁ ମନୁଷ୍ୟ ଭିତରେ ଏବଂ ପରିଷ୍କାର ପରିଚ୍ଛନ୍ନ ତଥା ଅଳଙ୍କୃତ ମଧ୍ୟରେ ଆଚରଣ କଲେ ସମାଜରେ ତାହା ଗ୍ରାହ୍ୟ ହୋଇ ଯିବ।

ମୃତକୁ ଖାଇବାଟା—ଉଦ୍ଦେଶ୍ୟତଃ ଅନ୍ୟସ୍ଥଳରେ ଖାଇବା ଗୋଟିଏ ଲଜ୍ଜାକର ବ୍ୟାପାର ଥିଲା। ବନ୍ଧୁମାନେ ଖାଇବାରେ ଯେତେ ସଂଯମ ଦେଖାଉଥିଲେ ସେତେ ସଭ୍ୟତା ପ୍ରକାଶ ପାଉଥିଲା। ଫଳରେ କେତେ କେତେ ଉପାସ ଅର୍ଦ୍ଧାଶନ ଭୋଗକରିବାକୁ ଯେ ହେଉ ନ ଥିଲା ତା' ନୁହେଁ। କିନ୍ତୁ ବର୍ତ୍ତମାନ ସଭ୍ୟତା ହେଲା—ବେଶି ଖାଇବାରେ। ଯେ ଯେତେ ନିଷ୍କଳ ଭାବରେ ମାରି ପାରି ବେଶି ଖାଇବାରେ।

( ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com

କବିତା—

# ସ୍ୱାତି

ଲେଖକ—**ପ୍ରସାଦଜୀ**

ହେ ସୈନିକ ଶିଶୁ !
ଯେନ ଅଛ ସାମ୍ନାଙ୍କ ପଲ୍ଟନ୍ ମୋହର ।
ହେଲେ ଶୈଶ, ହେଲେହେଁ କିଶୋର,
ତମେ ଅଛ ଏ ଦେଶର ମୁକ୍ତି-ସେନାପତି,
ତମର ଆଦେଶ ଦେଇ—
ଏ ଦେଶର ଲକ୍ଷଶିର ନଏ ହାତ ପାତି ।...
ମୁକ୍ତି ଗୀତ ଗାଇ...
ତମର କୋମଳ ପାଦେ,
ତମର ସେ ମଧୁଅ ଗାଲରେ,
ଛୋଟ ଦୁଇ ନମ୍ର ବାହୁ ତଳେ,—
ଯେଉଁ ସ୍ପର୍ଦ୍ଧା, କଠୋରତା ଅଣିଲ ଗୋ ବାହୁ,
ତମକୁ ସେ ତୋଳିଅଛି ତାରୁଣ୍ୟର
ଲୌହ ସିଂହାସନେ ।...
ନୁହଁ ଶିଶୁ, ନୁହଁ ହେ କିଶୋର,
ନୁହଁ ତୁମେ ନାବାଳିଅ ପିଲା.
ତମେ ଯେ ନେତାଜୀ ଏଥି,
ତବ ବାଣୀ—
ଅଣିଅଛି ବିରାଟ ସ୍ପନ୍ଦନ
ଏ ଦେଶର ସୈନିକ ପଲ୍ଟଣ !!
ତମର ଚିତାର ଶିଖା
ଜାଳିଅଛି ଲକ୍ଷ ବୁକେ
ବିଦ୍ରୋହର ଦୀପ,
ତମର ଶୋଣିତ ରେଖା
ଜାତିର କପୋଳେ ଲେଖା
ସିନ୍ଦୂରର ଟିପ !
—"ବିଜୟର ଜୟ ।"
ଗାଅରେ ବିଦ୍ରୋହୀ ଅଜି,
ନେତାଜୀର ଜୟ !
ପରାଜୟ ମାନେ କେବେ ସେହି ?!
ପୁଲିଶର ନାଲ୍ ଅଖି, ବନ୍ଧୁକର ଶାଣିତ ସଙ୍ଗୀନ
ଯା'ରେ କେବେ ବଶ କରେ ନାହିଁ !

ତୁମର ଦୁର୍ବଳ କଣ୍ଠେ—
ଗାଅ ପଛେ— 'ମରିଅଛି ବାଘ ।"
ଅମାନିଆ ତାର ମନ କହେ—'ନାହିଁ' 'ନାହିଁ'
'ମରିନାହିଁ ଅଛି ।'
—ମରିବ କପଟ ?......
କହ ଜଲ. ତମେ ସେ
ବାଘର ଗର୍ଜନେ
ଥରେ ହେଲେ ଅଛି ମୁହିଁ ଡର ?
କବି କହେ—ମରିବ କପଟ ?
କଏ ତାଙ୍କୁ ପାରିଅଛି ମାରି ?
ବେୟୋନେଟ୍ ଭୁଷିବାର ପୂର୍ବେ
ମରିବି ନ ଥିଲ ତମେ,
ତାର ପଦତଳେ—
ଏତେ କଥା କହ କେଉଁ ଗର୍ବେ ?

ମରେ ସିନା ସେହି,
କୁକ୍କୁରର ସମ ପର ଉଚ୍ଛିଷ୍ଟ ଗୋଟାଇ,
ବଞ୍ଚିରହେ ଯେହୁ ।
ପାଣି ହୁଏ ସିନା ତାର ଲହୁ !
ଜନତାର ଉଚ୍ଛ୍ୱାସକୁ
ଗୃପି ରଖେ ଯେ ନର ପିଶାଚ
ତୋଷାମଦ ଆବରଣ ତଳେ,
ଜାତିକୁ ଠକାଏ ଯେହୁ କହି ଚ, ମିଛ ।

କିନ୍ତୁ ନାହିଁ ମରେ—
ମଣିଷର ଲାଗି ଯେହୁ,
ମୁକ୍ତିର ଲାଗି ଯେହୁ,
ଧର୍ମଲାଗି,— ଲହୁ, ଲହୁ, ଢାଳେ ।
ମାଳା ତାର କଣ୍ଠାହୁଏ ଲୌହାର ଶୃଙ୍ଖଳେ
ବେୟୋନେଟ୍ ଗାଏ ତାର ଜୟ,
ମରଣ ଶରଣ ମାଗେ—
ତାର ବଜ୍ର ଚରଣର ତଳେ ।

—o—

Digitized by srujanika@gmail.com

# ମିଠାକଥା

"ବ୍ରାହ୍ମଣୀ ଲୋ, ଦଳ ଦଳ ହୋଇ ଶାସନରୁ ବ୍ରାହ୍ମଣସବୁ ଚାଲିଲେ ।"

"ତମର ସବୁ ହୁଣୁଚ । ଚୁପ୍ କର ।"

"ବ୍ରାହ୍ମଣୀ ଲୋ—ପଙ୍ଗତ ଲାଗିଗଲା ।"

"ଦଶାହଅ ମଜାଟାକୁ ମାରିପାରୁ ନାହିଁ ?"

"ବ୍ରାହ୍ମଣୀଲୋ ପତର ପଡ଼ିଲା ।"

"ବେଲ ପ ଚଲ ବ ଉର କଗଲ ?"

"ଇଲୋ ବ୍ରାହ୍ମଣୀ, ହେଉଛନ ଚୂଡ଼ା—"

"ଯେତେ ପାଟିକର—ମୁଁ ତମର କେବେ ଯିବି ଛୋଲିଚ ।"

"ବ୍ରାହ୍ମଣୀ, ବଡ଼ା ଘଣ ପକଉଚି—ହେଉଛନ ମୋଟେ ଜଳ ଛଳ କର ଦଶୁଚ ପଣ—ହେଉଛନ—ଦହ ହୁଳାଗଲା ।"

"ନାଃ—ତମର ଖାଲି ଢିଙ୍କିରେ ବାନ୍ଧିଲେ ଚଳିବ ନାହିଁ । ଅଉ ଗୋଟେ ଦଉଡ଼ି ଅଣେ ।"

"ଅଲୋ ଦଉଡ଼ି ଅଗିରୁ କାଂଶଲୋ, ତେଣେତ ଗୃହ ତେଲୁଣ ଲଙ୍କା ଲୁଣ ସବୁ ପରଷା ହେଇଯାଉଚି ଗୋଟିକ ପରେ ଗୋଟିଏ ।"

"ପୁଣି ସେ କଥା ମୁହଁରେ ଅଣୁଚ ଏ ଗଟକୁ ସହିଁ ଥା ।"

"ତୋ ଗଟକୁ କ ଲୁହେଁ । ତେଣେ ଚଳୁଚା ଲଗିଗଲା ଯେ । ଇଁଃ ।"

"ଚୁପ୍ ଚୁପ୍—ତମ ଦହ ଖସପ ।"

"ମାର ଟୋ ଦହକୁ—ଇଲୋ ସେ ଚକଟା ଲଗିଛ ଦହ ।"

"ନା—ନା—ତମେ ସେମିତି ହୁଅନା ।"

"ଇଲୋ ସେପା ମାଉଲେ ଲୋ ବ୍ରାହ୍ମଣୀ—ଅଉ—ନା—"

କହ ଯେଉଁ ଢେଙ୍କିରେ ବନ୍ଧା ହୋଇଥିଲ ସେ ଢେଙ୍କିକ ବାନ୍ଧିରେ ପକାଇ ବ୍ରାହ୍ମଣ ଭୋଜନ ଯାଇଁଲ ।

ଆମ ସମାଜର ଲୋଭ ଖାଇବାର ମନୋବୃତ୍ତି ମୂଳରେ ଏଇ ଗପଟି କେତେ ଜଡ଼ିତ ଓ ସତ୍ୟ ।

ଅବଶ୍ୟ ଅଜକାଲିକା ବ୍ରାହ୍ମଣ ଗୋଷ୍ଠୀଏ ଦହ ଚୂଡ଼ା ଭୋଜ ପାଇଁ ଶୁଦ୍ରଘର ବଣିଅ ବେଶି ହେଉ ନାହାନ୍ତି—କିନ୍ତୁ ଭକ୍ତି ପଡ଼ିଚ ସରକାରୀ ମହଲରେ । ଏଟା ସମାଜର ନେତା ବ୍ରାହ୍ମଣଙ୍କ ବୃତ୍ତି । ତେଣୁ ସାରା ସମାଜଟା ଶିକ୍ଷିତ ଏଇ ଲୋଭ ଶଅ, ପରଧନ ଗିଅ ମନୋଭାବକୁ ।

ତଫାତ୍ ହେଉଚି ଅଜକାଲି ଲୋଭ ଓ ସେକାଳ ଭୋଜ ଭିତରେ ଏତିକି ଯେ ପତର ବଦଳରେ ଟେବଲ ଚେୟାର ପଡ଼ୁଚି ।

ସବୁଠୁ ବଡ଼ ଫରକ ହେଉଚି—ସେତେବେଳେ ଭୋଜବାଲା ଇହକାଳ ପାଇଁ ଯେତେ ଭୋଜ ଦେଉ ନ ଥିଲେ, ତା ଠାରୁ ବେଶି ଭାବ ଦେଉଥିଲେ ପରକାଳ ପାଇଁ—ବା ପାରଲୌକିକ ମଙ୍ଗଳ ପାଇଁ । ଅଜକାଲି ପାର୍ଟି ମାନ ମୃଣାଳ ଐହିକ ମଙ୍ଗଳ କାମନାରେ ହେଉଛି । ବୋଧହୁଏ ସେତେବେଳକାର ଲୋକଙ୍କ ସ୍ୱହ ଇଂରାଜୀ ପ୍ରବାଦ କହଥିଲ—Fools give feast and wise men eat it—ବୋକା ଲୋକେ ଭୋଜି ଦଅନ୍ତି—ଖାଆନ୍ତି ଯେତେ ବୁଦ୍ଧିଆ । କିନ୍ତୁ କାଳଟା ଠିକ୍ ଓଲଟା ହୋଇ ଯାଇଚି । ବର୍ତ୍ତମାନ Wise men give feasts and fools eat it । ବୁଦ୍ଧିଆ ଲୋକେ ଭିଆଇ ଦଅନ୍ତି ଖାଆନ୍ତି ଯେତେ ବୋକା ସମସ୍ତେ । ଅବଶ୍ୟ ଏକଥା କହ ବୁଦ୍ଧିଗ୍ରାମ ବେଶି ଭୋଜ ଜମଲୁ ପାଇବାର ଅଣ୍ଟାୟୀ ନୁହେଁ । ବୋକା ବୋକା ପ୍ରମାଣିତ ହେବାକୁ ଲାଲାୟିତ ନୁହେଁ ।

ଏ କଥା କହିବାର କାରଣ ଅଜକାଲି ଯେତେ ପାର୍ଟି—ଭୋଜ ଦିଆଯାଏ ସବୁର ମୂଳରେ ଗୋଟାଏ ନା ଗୋଟାଏ ମତଲବ ଥାଏ । ମନ୍ତ୍ରୀମାନେ ଭୋଜି ଦଅନ୍ତି ତାଙ୍କ ମନ୍ତ୍ରୀତ୍ୱ ବଜାୟ ରଖିବା ପାଇଁ । ବ୍ୟବସାୟୀମାନେ ଭୋଜି ଦଅନ୍ତି ତାଙ୍କ ବ୍ୟବସାୟ ଜାରି ରଖିବା ପାଇଁ । ଯିଏ ଖାଇବାକୁ ଯାଆନ୍ତି ସେମାନେ ସେତିକି ବୁଝି ମଧ୍ୟ ଖାଇବାକୁ ଯାଆନ୍ତି । ପର ଧନରେ ପେଟଟିକୁ ଭରି ଆସନ୍ତି ଏବଂ ତା ବଦଳରେ ବୁକ୍‌ଟିକୁ ବିକି ଆସନ୍ତି ।

ଏଇ ନୂଆ ଭୋଜ ବା ପାର୍ଟି କ୍ରମେ କ୍ରମେ ସବୁ ସ୍ଥାନ କାଳ ଓ ପାତ୍ରରେ ପ୍ରଚଳିତ ହେଲାଣି । ପୁଅ ବାହାଘର ଠାରୁ ଆରମ୍ଭ କରି ବାପ ଶ୍ରାଦ୍ଧ ଯାଏ ଏଗୁଡ଼ିକ କେବଳ ପାର୍ଟିରେ ଚଳି ଯାଉଚି । ସମାଜରେ ଯେଉଁମାନେ ବଡ଼ ଅଗ ସେଇମାନଙ୍କୁ ଏହା ଅଭ୍ୟସ୍ତ ହେଉଚି । ତା ପରେ—

ମହତେ ଯେବା ଅଚରିବେ,
ଇତରେ ତେମନ୍ତେ କରିବେ ।

କିନ୍ତୁ ଇତର ଲୋକେ ଏମନ୍ତ ଆଚରଣ କଲେ କେବଳ ମହତମାନେ ଯେ ଲଜ୍ଜିତ ହେବେ ସେଥିରେ ସନ୍ଦେହ ନାହିଁ । ମହତମାନେ ଭାବନ୍ତି ଏ ଅଧିକାରଟା ସେଇ କେବଳ ଜାଣନ୍ତି । ସେଇ କେବଳ ବୁଝିଛନ୍ତି ଯେ—"The turupríke road to pepoles' hear lies through their mouth" ମୁହଁ ବାଟେହିଁ ମଣିଷର ହୃଦୟକୁ ରାସ୍ତା । ମୁହଁକୁ କିଣିଲେ ହୃଦୟ କିଣିବା ହେଲା ।

ବୋଧହୁଏ ସେଥିପାଇଁ ଭଲେଇ ପତ୍ର ପ୍ରେମିକମାନେ ବୋ'ଉର ଟେବୁଲେଃ ଲଜେନ୍ସ ଦାମ୍ ବେଶି ଚଢ଼ା କରିଦେଲେ ।

ଅଧିକନ୍ତୁ ସ୍ୱାଧୀନତାର ମୂଳମନ୍ତ୍ର ହେଉଚି—ଯାହା ଅଶ୍ଳୀଳ, ଯାହା ଅସଭ୍ୟତା ତାକୁ ସମୂହ ଭାବରେ ଏବଂ ପ୍ରକାଶ୍ୟରେ ପରିଚ୍ଛନ୍ନ ତଥା ଆଡ଼ମ୍ବର ମଧ୍ୟରେ ଆଚରଣ କଲେ ସମାଜରେ ତାହା ସ୍ୱୀକୃତ ହୋଇଯିବ ।

ପୂର୍ବରୁ ଖାଇବାଟା—ବିଶେଷତଃ ଅନ୍ୟସ୍ଥଳରେ ଖାଇବା ଗୋଟାଏ ଲଜ୍ଜାକର ବ୍ୟାପାର ଥିଲା । ବଣୁଆମାନେ ଖାଇବାରେ ଯେତେ ସଂଯମ ଦେଖାଉଥିଲେ ସେତେ ସଭ୍ୟତା ପ୍ରକାଶ ପାଉଥିଲା । ଫଳରେ କେତେ କେତେ ଉଦ୍‌ଯାପନ ଅର୍ଦ୍ଧାଶନ ଭୋଜନରବାକୁ ଯେ ହେଉ ନ ଥିଲା ତା' ନୁହେଁ । କିନ୍ତୁ ବର୍ତ୍ତମାନ ସଭ୍ୟତା ହେଲା—ବେଶି ଖାଇବାରେ । ସେ ଯେତେ କଷ୍ଟକର ଭାବରେ ମାରି ଖାଇ

( ଅବଶିଷ୍ଟାଂଶ ପରପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com

# କିନ୍ତୁ ମାତ୍ର ଯଦ୍ୟପି

ଜିନ୍ନା ସାହେବ ପୂର୍ବ ଓ ପଶ୍ଚିମ ପାକିସ୍ଥାନକୁ ଯୋଗ କରିବା ପାଇଁ ଏକ ସଂଯୋଜକ ସୁଡ଼ଙ୍ଗ—

କିନ୍ତୁ ଜହରଲାଲ ଏ ସଂଯୋଜକ ପାଇଁ ଧ୍ୟାନ ପାଇଁ ହେଉଥିବେ।

× × ×

ଆମେରିକା ମରଣାସ୍ତ୍ରଗୁଡ଼ ଆବିଷ୍କାର କରିଛି।

ମାତ୍ର ତେଣେ ଜନମନୋବିରୋଧ ଗତି ଶିଥିଳ ହେଲଣି।

+ + +

ଯଦି ହୀରାକୁଦ ବନ୍ଧ ସ୍ଥାପିତ ହୁଏ—

ତେବେ ସମ୍ବଲପୁରରେ ବୁଢ଼ୁରିମଙ୍କ ସଂଖ୍ୟା କମିଯିବ।

+ + +

ଭାରତର ଅସ୍ଥାୟୀ ସରକାର ହାତରେ କ୍ଷମତା ଛାଡ଼ି ନ ଦେଲେ ନ ହେବ ବୋଲି ବିଲାତ ଶ୍ରମିକ ଦଳର ବହୁ ଲୋକଙ୍କ ମତ।

କିନ୍ତୁ ତେଣେ କାଳ ହୋଇଲା ଜିନ୍ନାସ୍ଥାନ।

+ × +

ହୀରାକୁଦ ବନ୍ଧ ହେଲେ ଶହେ ବର୍ଷ ଐତିହାସିକ ଗ୍ରାମ, ମନ୍ଦିର ଏବଂ ହଜାରୁ ହଜାର ଏକର ଉର୍ବର ଜମି ଚିରକାଳ ପାଇଁ ବୁଡ଼ିଯିବ ବୋଲି ସମାଜର ସଂପାଦକ ଷ୍ଟାଟିସ୍ଟିକ୍ସରୁ ଜଣାଇଛନ୍ତି।

ମାତ୍ର ଏହା ନିଶ୍ଚିତ ଯେ ଗୋଦାବରୀଶଙ୍କ ବକ୍ତୃତି ତଥା ପ୍ରକାଶନର ଦୁର୍ବୁଦ୍ଧି ଜଳମଗ୍ନ ନ ହୋଇ ଜଳ ଜଳ ଦିଶୁଛି।

+ × +

ଯଦି ଟାଣ୍ଡ୍ରେନ [illegible] ମଧ୍ୟପ୍ରଦେଶ ସ୍ପୀକର ପଦରୁ ଇସ୍ତଫା ଦିଅନ୍ତି।

ତେବେ ଶ୍ରୀ ରାଧାନାଥ ରଥ ଓଡ଼ିଶା ପ୍ରଦେଶର ଲାଉଡ଼ସ୍ପୀକର ହେବେ।

+ × +

କୋରାପୁଟ ହାଇଦରାବାଦକୁ ଗଲେ—

'ଜନତା' ତାର ସମର୍ଥନ କରିବ।— ଗୁଜବ

+ × +

ହୀରାଖଣ୍ଡ ପ୍ରଦେଶ ଗଢ଼ାଗଲେ—

ଗୋଦାବରୀଶ ସ୍ୱାର୍ଥ ମନ୍ତ୍ରୀ ଓ ରାଧାନାଥ ବ୍ୟର୍ଥ ମନ୍ତ୍ରୀ ହେବେ।

---

( ମିଠାବଡ଼ା ପୂର୍ବପୃଷ୍ଠାର ଉତ୍ତରୁ )

ଯାହେ ସେ ସେତେ ବେଶି ସଭ୍ୟ ଭଲ ଓ ବାହାଦୁର। ବ୍ୟକ୍ତିଙ୍କୁ ଯେ କେବଳ ନିଜେ ସୁଖୀ ତା' ନୁହେଁ—ସମସ୍ତଙ୍କର ପ୍ରଶଂସ୍ୟ ମଧ୍ୟ। ଏହାର ଅର୍ଥ ସମସ୍ତେ ସେଇରକମ ଖାଇ ଅସଭ୍ୟ ଭାବରେ ଗୋଳିଆ କରି ପ୍ରଶଂସା ପାଇବାକୁ ଚାହାନ୍ତି। କେତେକ ସାହସ ଅଭାବ କାରଣରୁ ଅନ୍ୟ ଖାଇବା ଲୋକଙ୍କୁ ପ୍ରଶଂସା କରିଯାଏ।

ସଂଯମରେ ପ୍ରଶଂସା—ସଂଯମହୀନତାରେ ନୁହେଁ। ଶରୀର ଧାରଣ ପାଇଁ ଯେତିକି ଖାଇବା ସେତିକି ସଭ୍ୟତା। ତା ବାହାରକୁ ଯିବା ଅସଭ୍ୟତା। ସମସ୍ତେ ସଂଯମୀ ହୋଇ ପାରିବା ଅସମ୍ଭବ ବୋଲି ଯୁକ୍ତି ଉଠିପାରେ। ପରନ୍ତୁ ସେ କଥା କହିଦେବା ଉଚିତ। କିନ୍ତୁ ସଂଯମୀକୁ ମଇଦା କହି ହସି ଉଡ଼ାଇ ଦେବା ଓ ଲଗାମଛଡ଼ାକୁ ଫୁଲମାଳ ଦେବାରେ କେଉଁ 'ସଭ୍ୟତା ?'

ଦଶ ପାଞ୍ଚଜଣ ଏକାଠି ବସି ଅସଂଯତ ଭାବରେ ଖାଇବା ଯାହା ଦଶ ପାଞ୍ଚଜଣ ଏକାଠି ଯୌନ ବ୍ୟବହାରରେ ମତ୍ତ ହେବା ମଧ୍ୟ ସେଇଆ। ପାଶ୍ଚାତ୍ୟ ଜାତିମାନଙ୍କରେ ପର ପୁରୁଷ ପର ସ୍ତ୍ରୀ ଏକାଠି ବସି ଖାଇବାର ଫେସନ କ୍ରମେ କ୍ରମେ ଶିକ୍ଷା କରିବାରୁ ତାର ଅଗ୍ରସ ଦେଖା ଗଲଣି। ସୁତରାଂ ଭୁବନ୍ତରର ଏ ସଙ୍କେତ ନିତାନ୍ତ କଳ୍ପନା ନୁହେଁ।

ଏକାଧିକଙ୍କର ମିଶି ହତ୍ୟା କରିବାର ନାମ ଦେଶରକ୍ଷା; ଏକାଧିକ ଲୋକ ମିଶି ନାଗର ବା ନଗର ନଗ୍ନ ସୌନ୍ଦର୍ଯ୍ୟ ଉପଭୋଗ କରିବାର ନାମ କଳା। ଏକାଧିକ ଲୋକ ଏକାଠି ବସି ଜିହ୍ବା ଲାଳସା ଚରିତାର୍ଥ କରିବାର ନାମ ପାର୍ଟି। ସବୁ ସଭ୍ୟତାର ଗଣ୍ଡି ମଧ୍ୟରେ। କେଉଁଠି ସଭ୍ୟତାର ବାହାରକୁ ଯିବାର ଉପାୟ ନାହିଁ। କେବଳ ଲୋକ ଏକାଠି ମିଳିଲେ ସଭ୍ୟତା ଅଉ ପଳାଇବାକୁ ବାଟ ପାଏ ନାହିଁ।

———*———

Digitized by srujanika@gmail.com



# ଉପେନ୍ଦ୍ର ଭଞ୍ଜ

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ—ଲେଖକ ଶ୍ରୀମାନ୍ ମନୋରଞ୍ଜନ ଦାସ । ଓଡ଼ିଶା ଥିଏଟର୍ସ ରଙ୍ଗମଞ୍ଚରେ ନାଟ୍ୟଶିଳ୍ପୀ ଶ୍ରୀ କାଳୀଚରଣ ପଟ୍ଟନାୟକଙ୍କ ପ୍ରଯୋଜନାରେ ଅଭିନୀତ । କଥାବସ୍ତୁ ପ୍ରକୃତ ଇତିହାସ ବା କିମ୍ବଦନ୍ତୀକୁ କେତେଦୂର ଅନୁସରଣ କରିଛି ତାହା ଆଲୋଚନା ନକରିବା ଭଲ । କାରଣ କିମ୍ବଦନ୍ତୀ ମଧ୍ୟ ଅସତ୍ୟ ହୋଇପାରେ । ମାତ୍ର ଅତ୍ୟଧିକ ଅଲୌକିକତା ନାଟକର ସଂଘର୍ଷକୁ ଜୀବନ୍ତ କରିବାରେ ବାଧା ଦେଇଛି ।

ନାଟକର ପ୍ରକୃତ ଆତ୍ମା ହେଉଛି ଛନ୍ଦାର ଚରିତ୍ରରେ—ଯାହା କଣ୍ଠରେ କବି ସଂଗୀତ ଦେଇଛନ୍ତି । ଛନ୍ଦାର କଳ୍ପନା ପ୍ରକୃତ କଳାକାରର ପରିଚୟ ଦେଉଛି । କବି ମରିଯାଏ—ତଥାପି କବି ବଞ୍ଚେ ଦୁନିଆର ସମ୍ମୁଖ ଛନ୍ଦାଙ୍କର କଣ୍ଠରେ । ଛନ୍ଦାର ଚରିତ୍ର, ଭକ୍ତ ଭଗବାନଙ୍କଠାରୁ ଚିତ୍ତ ଟେକି ନେଲେ କବିର ଚରିତ୍ରଠାରୁ ଢେର ଉଚ୍ଚରେ । କୋଣାର୍କର ନିଷ୍କାମ ସେବାରେ ଉଦ୍‌ବୋଧିତ କବି ସମ୍ମୁଖରେ ତାର ଯୌବନ ଓ ରୂପ ଭିତରେ ମୁଗ୍ଧ ହୋଇ ସନ୍ଧ୍ୟା ଦେଈ କାମନାର କମ୍ପନକୁ ଖଡ଼ି ଦିବାର ଗୋଟିଏ ନୃତ୍ୟରେ ଯେପରି ପରିଦୃଷ୍ଟ ହୋଇଛି—ତାହା ସମ୍ଭବ ହୋଇପାରେ କେବଳ ଛନ୍ଦାର ପତନ ନାହିଁ—ଛନ୍ଦା ବାସ୍ତବରେ ସତୀ ସାଧ୍ୱୀ—ଶରୀର ଉପାସକ ନୁହେଁ—ଆତ୍ମାର ଉପାସକ ସେ । ଏତେବଡ଼ କଳ୍ପନା ଯାହା ସେ ମଧ୍ୟ ସାଧ୍ୟ । ସନ୍ଦେହ ନାହିଁ ।

କେବଳ ଚରିତ୍ର ଚିତ୍ରଣ କରିବାକୁ ଯାଇ ନାଟ୍ୟକାର ସ୍ତ୍ରୀ ଚରିତ୍ର ଅନ୍ୟାୟ ଯେଉଁ ସ୍ଥାନ ଦେଇଛନ୍ତି ତାହା ସତ୍ୟ ହେଉ ମିଥ୍ୟା ହେଉ ରୁଚିକୁ ବାଧେ । ଭୂପତି ପଣ୍ଡିତଙ୍କୁ ବିଷ ଦେବା ଜଣେ ସ୍ତ୍ରୀ ପକ୍ଷରେ, ଖୁବ୍ ପ୍ରଶଂସନୀୟ ଘଟଣା ନୁହେଁ ।

ନାଟ୍ୟକାର ସଂଯୋଜନାରେ ସବୁଠାରୁ ଅନ୍ୟାୟ ଏବଂ ଗର୍ହିତ ପାପ କରିଛନ୍ତି ଭକ୍ତକବି ଦୀନକୃଷ୍ଣଙ୍କୁ ନୀଚ କରି । ତାଙ୍କର ଗୁଣାବଳି ସୁନାମ ଓ ବୈଷ୍ଣବ ପ୍ରକୃତିରେ ନାଟ୍ୟକାର ଯେଉଁ କଳଙ୍କ ଲଗାଇଛନ୍ତି ମନେହୁଏ ତାହା ଅନ୍ୟାୟ ଏବଂ ପାପ । ଦୀନକୃଷ୍ଣ ଓ ଉପେନ୍ଦ୍ରଙ୍କୁ ତୁଳନା କରିଯାଇ ନପାରେ । ଦୁହେଁ ଦୁଇ ଶ୍ରେଣୀର ରସ ସାହିତ୍ୟ ଦେଇଛନ୍ତି । ହୁଏତ ରସକଲ୍ଲୋଳ ଓ ବୈଦେହୀଶ ବିଳାସର ତୁଳନା କରିଯାଇପାରେ କେବଳ ଦୀନକୃଷ୍ଣ ଓ ଉପେନ୍ଦ୍ରଙ୍କ ତୁଳନା ଅସମ୍ଭବ । ଭକ୍ତ ଦୀନକୃଷ୍ଣ ସାଧାରଣ ମନୁଷ୍ୟ ଓ କବିଙ୍କର ବହୁ ଉପରେ । ନାଟ୍ୟକାରଙ୍କର କଳ୍ପନାର ବିଭ୍ରାଟ । ସେଥିପାଇଁ ବୋଧହୁଏ ରାମ ବା ସମାଲୋଚକଗଣ ଦୀନକୃଷ୍ଣଙ୍କ ଭେଟ କରିଛନ୍ତି ।

ରଙ୍ଗମଞ୍ଚରେ 'ଛନ୍ଦା' ଅଭିନେତ୍ରୀ ନୂତନ ହେଲେହେଁ ଗାମ୍ଭୀର୍ଯ୍ୟ ଅତି ଅଭିନୟରେ । ତାଙ୍କଠାରୁ ଅଧିକ ଭବିଷ୍ୟତ ଆଶା କରିଯାଇପାରେ । କଳାକୃତିଙ୍କର ନୃତ୍ୟ ଏବଂ ପ୍ରାକୃତିକ ଅଭିନୟ ତାଙ୍କୁ ଉତ୍କଳର ଶ୍ରେଷ୍ଠ ଅଭିନେତ୍ରୀ ସଂଖ୍ୟା ଦେଇ । ଉପେନ୍ଦ୍ର ଭଞ୍ଜ ପାଟରେ ଅଭିନେତା ବହୁ ଅସମାନ ହେଣୁ ଅସ୍ଥିର । ଅଭିନେତା ସମ୍ଭବତଃ ଏଭଳି ଗାମ୍ଭୀର୍ଯ୍ୟ ଓ ଦାନ୍ଦିନ୍ୟ ଅଂଶରେ କେବେ ଅବତୀର୍ଣ୍ଣ ହୋଇ ନଥିଲେ । ତାହାଛଡ଼ା ତାଙ୍କର ରୂପ ଓ ଆକାର କବିଜନୋଚିତ ନୁହେଁ । କଥାବାର୍ତ୍ତା ମଧ୍ୟ ଭାବଭଙ୍ଗୀ ବା ସେପରି ପ୍ରାଞ୍ଜଳ ନୁହେଁ—ବହୁ ଚେଷ୍ଟାରେ ସାମାନ୍ୟ ଅଗ୍ରସର ହୋଇ ପାରିଥିଲେ ପରି ଲାଗେ ।

ନୃତ୍ୟର ଉଦ୍ଦାମତାହିଁ ସାଧାରଣ ରୁଚିସମ୍ପନ୍ନ ଦର୍ଶକଙ୍କୁ ଅଧିକ ଆକର୍ଷିତ କରିଥିବାର ମନେ ହୁଏ । ଭକ୍ତ କବିଙ୍କର ଯେଉଁ ଯେଉଁ ସଂଗୀତ ଯେଉଁ ଯେଉଁ ସ୍ଥାନରେ ସନ୍ନିବେଶିତ ହୋଇଛି ତାହାର ପ୍ରଶଂସା ସଂପୂର୍ଣ୍ଣ ସଂଯୋଜକଙ୍କର ପ୍ରାପ୍ୟ—ବାସ୍ତବରେ ବଡ଼ ସୁବିବେଚିତ ସମାବେଶ ।

---


## କଟକରେ ଡଗର ଅଫିସ୍

ବର୍ତ୍ତମାନ ପାଇଁ ଅସ୍ଥାୟୀ ଭାବରେ କଟକରେ 'ଡଗର'ର ଶାଖା ଅଫିସ ଖୋଲିଛୁ । ଯେଉଁମାନେ 'ଡଗର' ସମ୍ବନ୍ଧରେ କିଛି ଜାଣିବାକୁ ଚାହାନ୍ତି ସେମାନେ ଏଠାରେ ବୁଝନ୍ତୁ । ଡଗର ବିକ୍ରୀ ପାଇଁ ମଧ୍ୟ ଏଠାରେ ଗଚ୍ଛିତ ଅଛି ।

ପରିଚାଳକ— **ରାମପ୍ରସାଦ ମହାନ୍ତି**
ବିଶ୍ୱାସ ଲଜ୍
ନୟାସଡ଼କ, କଟକ ।


Digitized by srujanika@gmail.com



# କବି-ଲଢ଼େଇ

ଲେଖକ— **ଫଟୁରାନନ୍ଦ**

( ପୂର୍ବାନୁବୃତ୍ତି )

[ କଥା—ଜଣେ ଡାକ୍ତର ଅକବି ବନ୍ଧୁଙ୍କୁ ଆସି ଅନୁରୋଧ କଲେ ବାର୍ଜଣ ବଣସ୍ଥିତ ପୋଖରୀକୁ ଯାଉଥିବା ସ୍ନାନାର୍ଥିନୀ ଯୁବତୀଙ୍କ ବିଷୟରେ କବିତା ଲେଖିବାକୁ । ଅକବି ବେତାଳମାନଙ୍କୁ ପେଶି ଜୀବିତ ଓ ମୃତ କବିମାନଙ୍କଠାରୁ ଯେଉଁ କବିତା ଗୁଡ଼ିକ ପାଇଲେ ତାହା ଭେଟେକ ପ୍ରକାଶ ପାଉଛି ଓ କ୍ରମାନ୍ୱୟରେ ପାଉଛି । ତନ୍ମଧ୍ୟରୁ କେଉଁଟି ଶ୍ରେଷ୍ଠ ପାଠକମାନଙ୍କ ଉପରେ ତାହା ବାଛିବାର ଭାର ରହିଲା । ଏଥି ପୂର୍ବରୁ ତିନୋଟି ସଂଖ୍ୟାରେ ପ୍ରକାଶିତ କବିତା ଦେଖନ୍ତୁ ]

**ଶ୍ରୀ ମାୟାଧର ମାନସିଂହ**

ଏଇ ଅଟେ ଏଇ ସୁନ୍ଦରୀ ଧୀର ଗମନେ
ବଂଶବନର ପଥରେ ଅବଗାହ ସ୍ୱପନେ ।
ଯାହାକାର ତଳେ ନୁପୁର ଶବଦ ଶୁଭିଲା,
କବିଙ୍କ କୁସୁମ ଚିତ୍ତେ ମୋ ନାଚିକି ଗୁଲିଲା ।
\+ \+ \+ \+
ଆରେ ପଥ ଘାସ ପ୍ରିୟା ପଦ ସ୍ପର୍ଶ ପାଇବ,
କୋଉଁଦେବୁ ମଥା ପ୍ରିୟା ଯେବେ ତାହା ଥୋଇବ
ଅଭାଗ୍ୟ ମବୀନ ! ଲେଟେଇ ନୟନ ପ୍ରିୟାରେ,
ଦେଖୁ ନାହିଁ ଘାରୁ ଅଛି ଉଠିବ ତା ହୃଦୟରେ ।
ଭାଗ୍ୟହୀନ ଏ କଳସୀ ବସିଛି ସେ କାଖେ,
ବସନ ଫାଙ୍କେ ଲୁଚି ସେ କୁଚକୁ କି ଘୁଖେ ।
ଧୀରେ ଧୀରେ ଯୁବା ଯାଏ ଧରେ ବାରି ପାଉଛି,
ପ୍ରେମିକାରେ କିବା ଲାଞ୍ଛିତା ଉଠେ ତା ଉଚ୍ଚେ ।
କର୍ତ୍ତା ଏତେ ବାଧା ରାଧା ମୋ ଭୋଳି ଏ କମଳେ
ଗୁହଁ ଚନ୍ଦ ଶିର ସଅଁପି ଦେବି ମୁଁ ତମରେ
× × × ×
(ଏଇ) ବଂଶ ବନର ତଳେ ଗୋ
ସେଠି କି ପ୍ରିୟାର କର କଙ୍କଣ
ଛୁଡ଼ାଇ ନେବ ମୋ ଗଳେ ଗୋ ।

— * —

**ଶ୍ରୀ ସଚ୍ଚିଦାନନ୍ଦ ରାଉତ ରାୟ**

[ ପଲ୍ଲୀ ଚିତ୍ର ଢଙ୍ଗରେ ]

ପୂଛୁବ ଦିଗରେ ଫଗର ଫାଟିଲା
ତାମର ବୁଅ ଯେ ସଙ୍ଗୀତ ଗାଏ,
ବାର୍ଜଣ ବଣର ପୋଖରୀ ପାଣିରେ
ଗାଧୋଇବ ବୋଲି ସୁନ୍ଦରୀ ଯାଏ ।
ଟୋପି ଦେହକୁ ତା ଘେରେଇଛି ଶାଢ଼ୀ
ଘଡ଼ିକି ଦଶଥର ଭାର ବହଳ,
ଘନ କେଶ ପାଶେ କନିଅର ଫୁଲ
ମନାଏ ତାହାର ସବୁଠୁଁ ଭଲ ।
ନିଶ୍ୱାସ ମାରୁଛି,—ମିଳ ଚିମନୀରୁ
ବାହାରୁଛି ସତେ ବାଷ୍ପ ଧୂଆଁ,
ସଲଜ ଛଟକେ ଗୁହେଁ ଏଣେ ତେଣେ
ସତେକି ଶଙ୍କିତ ହରିଣ ଛୁଆ !
ଭାଲରେ ତାହାର ଭାଲେଣି ପଡ଼ିଏ
ସୋହେ ଦୁଇଧାଡ଼ି କଳଙ୍କ ଗାର,
କଳା ଗୋଡ଼ିରଙ୍କ ଧଳା କମଳରେ
ଜଡ଼ିଅଛି ପିଇ ମହୁ ଅପାର ।
ଥିର ଥିର ଲାଜେ ଗୁଲେ ସେ ତରୁଣେ
ସମତାଳେ ଲହୁ ବେଣୀ ଗୁଳା,
ଚିବୁକେ ମିଶିଛି ଉରଜେ ତାହାର
ଶ୍ରୀମତୀର ଜଣା ଅଟେ ଭାଲ ।
ଶଇଳ ଅନ୍ତରେ ପାହାନର ଗୁଡ଼
ପଡ଼ି ମିଶିଛି କି ହୋଇ ସମାନ,
ଶତ ଶତାବ୍ଦି କି ବାଇନ୍ କୂଳରେ
ଗାଇ ଯାଉଅଛି ବିଦାୟ ଗାନ ।
ପାଣି ମାଠିଆଟା ତଳେ ଥୋଇ ଦେଇ
ଗାଧୋଇବ ବୋଲି ଜଳେ ପଶିଲା,
ଅଣ୍ଟାଏ ପାଣିରେ ଠିଆ ହୋଇ ସେଠୁ
ଭିଜା ଲୁଗା କାଢ଼ି ତନୁ ଘଷିଲା ।
ଶିଥିଳିତ ଗୁରୁ ଦେହାର ତାର
ଛୁଇଁ ଥିଲା ନବ ଯୌବନ ଦେଶ,
କମଳ ତୋଳିଣ ଓଦା ସରସର
ଉଠି ଆସିଲା ସେ ମୁକୁଳା କେଶ ।

— * —

(ଆସନ୍ତା ସଂଖ୍ୟାରେ ଏସ୍, ଏ, ହମିଦ୍ ଓ କାନ୍ତ-କବିଙ୍କ କବିତା ପ୍ରକାଶ ପାଇବ)।

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର ବାଳକମାନଙ୍କ ପ୍ରାଣରେ ନବଜାଗରଣ ଆଣିବା, ସେମାନଙ୍କ ପରସ୍ପର ମଧ୍ୟରେ ପ୍ରୀତି ଓ ସର୍ବାଙ୍ଗୀନ ଉନ୍ନତି ସାଧନା କରିବା । ୨ । 'ନାଗର'ର ମଧ୍ୟସ୍ଥିତାରେ ଏହି ଜନମନ୍ତ୍ର ଦ୍ୱାରା ତରୁଣମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ପ୍ରେମ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି ସେମାନଙ୍କ ବାଳକମାନଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ଓ ସାହସ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

(୧୮ବର୍ଷରୁ ଉଣା ବାଳକ ବାଳିକାମାନଙ୍କ ପାଇଁ)

ସ୍ନେହର ନାଗ ନାତି ନାତୁଣୀଏ,

ଅନେକ ଦିନୁ ମନ ଖୋଲି କଥା ହୋଇ ନାହିଁ । ଅଜା ବୁଢ଼ା ହେଲାଣି । ଏଣିକି କହେ । ଅଜା ଗୋଟିଏ ଉପଦେଶ ଦେବ । ପାଠାଗାର କ'ଣ ତମେ ଜାଣ । ପାଠାଗାରର ଉପକାରିତା ଜାଣିଛ । ଏଇ ପାଠାଗାର ସ୍ଥାପନାକୁ ଗୋଟାଏ ଆନ୍ଦୋଳନ ଭାବରେ ଠିଆ ନ କଲେ ଆମ ଦେଶ ଓଡ଼ିଶାରେ କଥାଟା ଉଠିଆ ହେବ ନାହିଁ । ସେଥିପାଇଁ ଅଜାର ଆଜି ଡାକ—ତମେ ସବୁ ନିଜ ନିଜ ଗାଁରେ ଗୋଟିଏ ଗୋଟିଏ ପାଠାଗାର ସ୍ଥାପନ କର । ଯେଉଁମାନେ ପାଠାଗାର ସ୍ଥାପନ ଆନ୍ଦୋଳନ କରିବାକୁ ଚାହାନ୍ତି ସେମାନେ ମୋତେ ଚିଠି ଲେଖ । ମୁଁ ଗୋଟାଏ ତାରିଖ ଦେବି ସେଇ ତାରିଖକୁ ପାଠାଗାର ଦିବସ କରି ସମସ୍ତେ ପାଳିବେ ଓ ସେଦିନ ପାଠାଗାରମାନ ଖୋଲିବେ ।

ତମର ଅଜା

—*—



ଶ୍ରୀ ରାମଚନ୍ଦ୍ର ପତ୍ରୀ ୫୧୨ ନମ୍ବର
ପାଠାଗାର ଆନ୍ଦୋଳନର ଜଣେ ଉତ୍ସାହୀ ନାଗ ।

ନାଗ ବନ୍ଧୁଗଣ,

ପାଠାଗାର ଦ୍ୱାରା ଯେ ମଣିଷର କି ମହୋପକାର ସାଧିତ ହୁଏ ତାହା ସମସ୍ତଙ୍କୁ ଜଣା । ମୁଁ ନାନା ବାଧା ବିଘ୍ନ ପାଇ ଏଠାରେ ଏକ ପାଠାଗାର ସଂସ୍ଥାପିତ କରି ପାରିଛି । ତାର ନାମ ନୀଳାମ୍ବର ପାଠାଗାର । ବର୍ତ୍ତମାନ ପୁସ୍ତକ ସଂଖ୍ୟା ପ୍ରାୟ ୨୦୦୦ ଓ ବାର ଖଣ୍ଡ ସାମୟିକ ପତ୍ର ପତ୍ରିକାଦି ଆସୁଛି (ଖାତମତ) । ତଥାପି ଏ ପୁସ୍ତ-ପେଷକ ବିହୀନ ହୋଇ ପଡ଼ିଛି । ସୁଖର କଥା ଯେ ନୀଳାମ୍ବର ପାଠାଗାରର ଶାଖା ବର୍ତ୍ତମାନ ୧—ନାରାୟଣ ପାଟଣା ( କୋରାପୁଟ ), ୨—କୁମ୍ଭିଦେଶ୍ୱ (କୋରାପୁଟ), ୩—ବ୍ରହ୍ମପୁର (ଗଞ୍ଜାମ), ୪—ରାୟଗଡ଼ (କୋରାପୁଟ), ୫—ଜୟପୁର (କୋରାପୁଟ), ୬—ନବରଙ୍ଗପୁର (କୋରାପୁଟ) ଗ୍ରାମମାନଙ୍କରେ ସ୍ଥାପିତ ହୋଇ ଯାଇଛି । ଏଥିରେ ଅବଶ୍ୟ ମୋର କିଛି ବାହାଦୁରୀ ନାହିଁ । ମୁଁ ଯଥାସମ୍ଭବ ସାହାଯ୍ୟ ମାତ୍ର କରିଛି । ତେବେ ଉକ୍ତ ଶାଖାର ପରିଚାଳକମାନେ ଅକ୍ଲାନ୍ତ ପରିଶ୍ରମ କରି ଦିନୁ ଦିନୁ ପୁସ୍ତକ, ପତ୍ରିକା ଓ ପାଠକ ସଂଖ୍ୟା ବଢ଼ାଉଛନ୍ତି । ତୁମ୍ଭେମାନେ ଯଦି କେହି ପାଠାଗାର ସଂସ୍ଥାପନ ଦିଗେ ମନ ବଳାଅ ତେବେ ମତେ ଜଣାଇଲେ ମୁଁ ଖୁସି ହେବି ଓ ଯଥା ଶକ୍ୟ ସହାୟତା କରିବି । ଇତି

ନାରାୟଣ ପାଟଣା— ରାମଚନ୍ଦ୍ର, ୫୧୨ ନଂ

—*—

## ସମର ଶେଷେ

ମରଣ ମୁଖେ ମହୀୟ ବୁକେ ଉଡ଼ାଇ ଜୟ କେତନ,
ବିଜୟୀ ତୁମେ ହେ ବୀର ସେନା ! ଫେରୁଛ ନିଜଘର ।
ଦଳିତ ଲକ୍ଷ ଲୋକ ସେ କରେ ତେଜିଲ କେତେ ନାନା,
ସମର ଶେଷେ ବିଜୟୀ ବେଶେ ଆସୁଛ ବୀର ସେନା ।
ଯେ ପୁରେ ଦିନୁ ଫେରିବ ତୁମେ ହେରିବ କିସ ଆଗ ?
ଶତ୍ରୁ ସ୍ଥାନ ପର୍ଯ୍ୟନ୍ତ ଦେଶେ ନଗ୍ନ ଛବି କିବା ?
ଦୁର୍ବଳର ଦୈନ୍ୟ ଦଶା ରହିଛି ସେହି ଭଳି !
ଶାନ୍ତି କାହିଁ ସୁଖ ବା କାହିଁ ଯା ଲାଗି ଏତେ ବଳି ?

Digitized by srujanika@gmail.com

ଲକ୍ଷ ଲକ୍ଷ ମାନବ ପ୍ରାଣ ଭରେଇ ଗଲ କାହିଁ !
ପରଅଧୀନ ପଥ ଦେଖା ଭାଇ ! ସେ ଦେଶର ଅଛ ରହି !
ବଙ୍ଗଳାର ବଙ୍କି ଭୂବେ ଚେତନ ତପ ଅଧ୍ୟାତ୍ମ,
ସତ୍ୟକାର ସୂତ୍ରରେଖା ଦେଖାଇ ଅଂଧକାର ।
ଅଧ୍ୟାତ୍ମ ପାଶ୍ଚାତ୍ୟରେ (ଯେବେ) ବଳ ହେ ନପାରେ,
କଥା କର୍ପା କର୍ଯ୍ୟାନ୍ତ, ତଥାପି ନଷ୍ଟପ୍ରାପ୍ତ ?......
ଭୂମି କ ଦେବେ ପାରନ୍ତ ଭଲ ସମର ଶେଷେ ଏକ—
ଯୁଦ୍ଧ ନୁହେଁ ଶାନ୍ତି ଅଟେ ଏହି ଦାଣ-ମାଳ ।
...ଭକ୍ତି ଧାରେ ମାନବ ବୁକେ ଭକ୍ତି ଦେବ ଢାଳି,
ଜୀବନ ଲେଖେ ପଶୁର ବଳ ଅଗ୍ନି ଶିଖା ଢାଳି ।

× × ×

ଶକ୍ତି ଯେବେ ଅଛି ହେ ବୀର ! ଦେଖି ହେ ବଳବାନ ।
ଶାନ୍ତି ପାଇଁ ପ୍ରେମ-ପ୍ରସାଦ ଅନ୍ତରରେ ଢାଳ ।......

ଶ୍ରୀ ନଷ୍ଟେକ୍ଲିବନାଥ ବଢ଼ଦାର
୭୩୪ ନଂ ନାଗ

## ଅବସର ବିନୋଦନ

ହେନାହ ଅକ୍ଷର ମିଳନ ହେଲେ
ହେଉଅଛି ଜଳର ବୃକ୍ଷ ଏ ଭଲେ ।
ସର ଧା'ର ଅଟେ ବଣ ମଝିରେ
ଥିବା ସେସବୁ ଥାଏ ଘର-ମନ୍ଦିରେ ।
ପ୍ରଥମ ଦ୍ୱିତୀୟ ବର୍ଣ୍ଣ ମେଳନେ
'ବଳ'କୁ ପ୍ରକାଶେ ଅନ୍ୟ ଯତନେ ।
ଦ୍ୱିତୀୟ ଶେଷ ଅକ୍ଷର ଯେ ଶେଷ—
ମିଳିଲେ ବୃକ୍ଷ ଏ ଧାତୁ ବିଶେଷ ।
କହ ନାଗ ଭାଇ ଏଟେ ସେ କସ ?
କର୍ପା ବୁଝ ଉଚ୍ଚ ଫଳର ନିଶ !!

ଶ୍ରୀ ନିଶିକ୍ଲିବନାଥ ବଢ଼ଦାର ନଂ ୭୩୪
୮୦। ୭। ୪୬ ତାରିଖ ପୂର୍ବରୁ ଉତ୍ତର ପହଞ୍ଚିବ ।

## ନୂଆ ନାଗଙ୍କ ନାମ

୮୦୧ । କୁମାର ଶ୍ରୀ ରମେଶ ଚନ୍ଦ୍ର, ଚକ୍ରବର୍ତ୍ତୀ, ସେକେଟେରୀ ଗୋପାଳଘର କଇବେର୍ତ୍ତ ପୋ: କେନ୍ଦୁଝରଗଡ଼ । ୮୦୨ । ଶ୍ରୀ ନୃସିଂହ ଚରଣ ମହାନ୍ତି (ସ୍ଥାୟୀ) ମିଶନ ହାଇସ୍କୁଲ ୧୦ମ ଶ୍ରେଣୀ ଚଳିସି ବଜାର, କଟକ । ୮୦୩ । ଶ୍ରୀ ବାଞ୍ଛାନିଧି ମହାପାତ୍ର, (ସ୍ଥାୟୀ) ନୀଳଗିରି ଜୁନିଅର ଇଂରେଜୀ ବିଦ୍ୟାଳୟ, ୮ମ ଶ୍ରେଣୀ ଜ: ବାଲେଶ୍ୱର । ୮୦୪ । ଶ୍ରୀ ସୁରେନ୍ଦ୍ର ମୋହନ ଦାସ ୭ମ ଶ୍ରେଣୀ, ମିଶନହାଇସ୍କୁଲ କଟକ । ୮୦୫ । ଶ୍ରୀ ରଘୁନାଥ କୁମାର ବେହେରା C/o ଶ୍ରୀ ସଚ୍ଚିଦାନନ୍ଦ ବେହେରା, ଏକସାଇଜ Ware House. ପୋ: ପୁରୀ । ୮୦୬ । କୁମାରୀ ପୂର୍ଣ୍ଣିମା ବେହେରା, C/o ସଚ୍ଚିଦାନନ୍ଦ ବେହେରା, Excise Ware House ପୋ: ପୁରୀ । ୮୦୭ । ଶ୍ରୀ ମଦନମୋହନ ପଟ୍ଟନାୟକ (ସ୍ଥାୟୀ) ୧୦ମ ଶ୍ରେଣୀ (ଖ) K. C. H. E. School. P. O. Berhampur Dt. Ganjam. । ୮୦୮ । ଶ୍ରୀ ଘନଶ୍ୟାମ ମିଶ୍ର (ସ୍ଥାୟୀ) C/o ବନମାଳୀ ଦ୍ୱିବେଦୀ ସା: ବ୍ରାହ୍ମଣ ଶାସନ ପୋ: ସୁକିନ୍ଦା ଜ: କଟକ । ୮୦୯ । ଶ୍ରୀ ବୈଦ୍ୟନାଥ ପାଣିଗ୍ରାହୀ, ଉପେନ୍ଦ୍ର, ଭଞ୍ଜ ହାଇସ୍କୁଲ, ୧୦ମ ଶ୍ରେଣୀ (କ) ପୋ: ଋଷିକୁଲ୍ୟା, ଜ: ଗଞ୍ଜାମ । ୮୧୦ । ଶ୍ରୀ ନୀଳମଣି ମହାନ୍ତି, ନବମ ଶ୍ରେଣୀ—ଟାଙ୍ଗୀ ହାଇସ୍କୁଲ ପୋ: ଟୋଟସାହି—ଜି: କଟକ । ୮୧୧ । ଶ୍ରୀ ସଚ୍ଚିଦାନନ୍ଦ ମହାନ୍ତି । (ସ୍ଥାୟୀ) ଗ୍ରା: ରାମଗଡ଼ ପୋ: କଟକ । ୮୧୨ । ଶ୍ରୀ ଗୌର ମୋହନ ମିଶ୍ର, ପୋ: ବଢ଼ିଦ ବଟ ଜିଲ୍ଲା—ସମ୍ବଲପୁର, ଭା: ଏସ୍. ଏ । ୮୧୩ । କୁମାର ଶ୍ରୀ ସୋମନାଥ ମହାରଣା, ବୋଲଗଡ଼ ରାମନାରାୟଣ ହାଇସ୍କୁଲ, ୧୦ ଶ୍ରେଣୀ ଘ ବି ପୋ: ବୋଲଗଡ଼ ଜି: ବାଲେଶ୍ୱର । ୮୧୪ । ଶ୍ରୀ ଉପେନ୍ଦ୍ରନାଥ ନାୟକ ଏକାଦଶ ଶ୍ରେଣୀ ଛାତ୍ର ଯାଜପୁର ମଧ୍ୟ ଇଂରେଜୀ ବିଦ୍ୟାଳୟ ପୋ: ଯାଜପୁର ଜି: କଟକ । ୮୧୫ । ଶ୍ରୀ ଶରତ୍‌ଚନ୍ଦ୍ର, ଦାସ, ବାରିପଦା ହାଇସ୍କୁଲ ନବମ ଶ୍ରେଣୀ ଛାତ୍ର ନୂଆ ହଷ୍ଟେଲ ୧୦ନମ୍ବର ରୁମ ପୋ: ବାରିପଦା (ମୟୂରଭଞ୍ଜ ଷ୍ଟେଟ) । ୮୧୬ । ଶ୍ରୀ ଗିରୀଶଚନ୍ଦ୍ର, ପଟ୍ଟନାୟକ, ବାରିପଦା ହାଇସ୍କୁଲ ପୋ: ବାରିପଦା ମୟୂରଭଞ୍ଜ ଷ୍ଟେଟ । ୮୧୭ । କୁମାରୀ ପ୍ରତିମା ଷଡ଼ଙ୍ଗୀ (ସ୍ଥାୟୀ) ଗ୍ରାମ—ଓରୁଙ୍ଗା ପୋ: ଭାଇନ୍ ସରିଆ (Bainsaria) ପୁରୀ—ଯାଜପୁର ଜି: କଟକ । ୮୧୮ ଶ୍ରୀ ଗୋପାଳଚନ୍ଦ୍ର, ପଟ୍ଟନାୟକ (ସ୍ଥାୟୀ) ମୁ: ରାଜନଗର ପୋ: ଆନନ୍ଦପୁର କେନ୍ଦୁଝର ଷ୍ଟେଟ । ୮୧୯ । ଶ୍ରୀ ପରମେଶ୍ୱର ରଣା ଗିବସନ ହାଇସ୍କୁଲ—୯ମ ଶ୍ରେଣୀ ପୋ: କେନ୍ଦୁଝର ଗଡ଼ । ୮୨୦ । ଶ୍ରୀ ହଳଧର ପଣ୍ଡା, ଗିବସନ୍ ହାଇସ୍କୁଲ—୯ମ ଶ୍ରେଣୀ ପୋ: କେନ୍ଦୁଝର ଗଡ଼ । ୮୨୧ । ଶ୍ରୀ ସଦାନନ୍ଦ ପଣ୍ଡା ସମ୍ପାଦକ ଯୁବମଙ୍ଗଳ ସମିତି ଗ୍ରାମ—ଅମରୁ ପୋ: ପାରଳା ଖେମଣ୍ଡି

## ଏଜେଣ୍ଟ ଆବଶ୍ୟକ

ପୀଡ଼ିତ ପୀଡ଼ାଗ୍ରସ୍ତ ଲୋକଙ୍କର ସହାୟତା ନିମନ୍ତେ ଆମ୍ଭମାନଙ୍କର ବିଖ୍ୟାତ ଔଷଧମାନ ଗ୍ରାମ ଗହଳରେ ପ୍ରଚାର କରିବା ପାଇଁ ଡାକ୍ତର ଓ ବୈଦ୍ୟ ଏଜେଣ୍ଟ ଆବଶ୍ୟକ । ଔଷଧର ତାଲିକା ଓ ବ୍ୟବସାୟ ସର୍ତ୍ତ ବିନା ମୂଲ୍ୟରେ ପଠାଯାଏ । ତଳ ଠିକଣାରେ ଅନୁସନ୍ଧାନ କରନ୍ତୁ । ଚିଠିପତ୍ର କେବଳ ଇଂରାଜୀରେ କରିବେ ।

**Gouri Ayurveda Store's [ Rgd ]**
**Maruter ( D. B. ) W. Godavary**

Digitized by srujanika@gmail.com

# CRAFT

**TREADLE PRINTING MACHINES**

QUARTER DEMY FOLIO SIZE

The ONLY NEW Printing Machine available now in INDIA. Delivery ex-Stock.

Place your Orders with:

**MACHINES AND CRAFTS LIMITED**

5/2 Garstin Place, Calcutta.

## ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ ଧବଳ

ଡାକ୍ତରଙ୍କ ସର୍ବଶକ୍ତି ସ୍ୱୀକୃତ ଗଳିତ ବା ଅଗଳିତ କୁଷ୍ଠ, ଏକ୍‌ଜିମା, ସୋରିଏସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗର ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ଚିକିତ୍ସା ।

ଶରୀରରେ ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ଲଗା ଔଷଧ ବ୍ୟବହାର କଲେ ଅଳ୍ପ ଦିନ ମଧ୍ୟରେ ଚିରଦିନ ପାଇଁ ଲୋପ ହୁଏ ।

ରୋଗ ବିବରଣ ଲେଖିଲେ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ପ୍ରେରଣ କରନ୍ତି ।

ପ୍ରତିଷ୍ଠାତା—**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ** (H. K. K.)

୧ ନଂ ମାଧବ ଘୋଷ ଲେନ୍, ଖୁରୁଟ— ହାଓଡ଼ା
ଶାଖା—୩୬ ନଂ ହ୍ୟାରିସନ ରୋଡ, କଲିକତା

## ଦାସ ଫାର୍ମେସୀ, ଭଦ୍ରକ

ଭଦ୍ରକ ଅଞ୍ଚଳମାନେ ଏହା ଜାଣିରଖନ୍ତୁ ଯେ ଦୋକାନ ଦାଙ୍କୁ ପଚାରନ୍ତି । ଏଠାରେ ସବୁ ପ୍ରକାର ଇଞ୍ଜେକ୍‌ସନ, ଔଷଧ, ପେଟେଣ୍ଟ ମେଡ଼ିସିନ, ପ୍ରସିଦ୍ଧ ଜର୍ମାନ ଔଷଧ—ଏଲୋପାଥିକ୍ ଔଷଧର ଦେଶୀ ପାଇଁ ଏକମାତ୍ର ଦୋକାନ !—ରୋଗୀ ମାନେ ଡାକ୍ତରଙ୍କର ସୁବିଧା ଓ ସୁଯୋଗ ପାଇ ପାରିବେ ।

**ଡାକ୍ତର କାପ୍ତାନ ଆର, ଦାସ,**
ଚାନ୍ଦ ମାର୍କେଟ—ଭଦ୍ରକ

ପ୍ରକାଶ ପାଇଲା

**ଶ୍ରୀ ଚିନ୍ତାମଣି ପାଣିଗ୍ରାହୀ. ବି, ଏ (ଅନର୍ସ) ଙ୍କର**

## ମୁକ୍ତିର ଆହ୍ୱାନ ।

ଦ୍ୱିତୀୟ ମହାଯୁଦ୍ଧର ଅବସାନ ପରେ ପରେ ଯୁଗ ଯୁଗ ଧରି ପୁଞ୍ଜୀକୃତ ସମସ୍ତ ଅବିଚାର ଓ ଶୋଷଣ ବିରୁଦ୍ଧରେ ନିଷ୍ପେଷିତ ଓ ଅବହେଳିତ ଜନତା ଆଜି ବିଶ୍ୱବ୍ୟାପୀ ମହା ବିପ୍ଳବର ପ୍ରଳୟଙ୍କରୀ ମୂର୍ତ୍ତି ଧାରଣ କରିଛନ୍ତି । ସୁଦୀର୍ଘ ନିପୀଡ଼ିତ ଜନତା ଦାବୀ କରୁଛି ଜାତି ଓ ଦେଶର ମୁକ୍ତି । ଉତ୍କଳର ଶୋଷିତ ଜାତୀୟ ମୁକ୍ତି ସଂଗ୍ରାମର ସୂଚନା ଦେଇ, ଏକ ସ୍ୱାଧୀନ, ଅର୍ଥ-ନୈତିକ ବୈଷମ୍ୟ-ବିହୀନ, ସର୍ବଦଳୀୟ ଉତ୍କଳଗଣ୍ଡ ପ୍ରତିଷ୍ଠା କରିବା ପାଇଁ ଉତ୍କଳର ଜନ୍ମଗତ ଶ୍ରମିକ-କୃଷକ ସନ୍ତାନଙ୍କୁ ଆହ୍ୱାନ କରି ପ୍ରକାଶିତ ହେଲା "ମୁକ୍ତିର ଆହ୍ୱାନ" ।

ତଳ ଠିକଣାରେ ଅର୍ଡର ପଠାନ୍ତୁ ।

ନ: ଦ୍ର:—ଟେ ଏକ ଗୁଡ଼ଏଜାର ଡାକଟିକେଟ୍ ପଠାଇଲେ ଖଣ୍ଡିଏ ବହି ପାଇ ପାରିବେ ।

Sj. Kanduri Charan Das.
"North British Buildings"
101/1 Cliv street.
Post Box No. 203. Calcutta. (1)

ଜାଣନ୍ତି କି?

ଓଡ଼ିଶାର ଧନ !

ଓଡ଼ିଶାର ଗୌରବ !!

ସୁବିଖ୍ୟାତ କୋଣାର୍କ କେମି-
କ୍ୟାଲର ଅଭିନବ ଆବିଷ୍କାର ବିଶୁଦ୍ଧ
ନାରିକେଳ ତୈଳରେ ପ୍ରସ୍ତୁତ
ସୁବାସିତ କେଶତୈଳ

"କାମିନୀ"

ଏହାର ମୃଦୁମନ୍ଦର ସୁରଭି ବହୁକ୍ଷଣ
ସ୍ଥାୟୀ ଓ ଅତୀବ ଆମୋଦ
ଦାୟକ । କୁନ୍ତଳର ସ୍ନିଗ୍ଧତା
ବର୍ଦ୍ଧନରେ ଏହା ଶ୍ରେଷ୍ଠତମ ।

ନିକଟସ୍ଥ ଯେ କୌଣସି
ଦୋକାନରେ ଅନୁସନ୍ଧାନ କରନ୍ତୁ
କିମ୍ବା ନିମ୍ନ ଠିକଣାକୁ ଚିଠି ଲେଖନ୍ତୁ

କୋଣାର୍କ କେମିକ୍ୟାଲ
ଏଣ୍ଡ ଡ୍ରଗ୍‌ସ ପ୍ରଡକ୍ଟ୍
(ଇଣ୍ଡିଆ)




୨/୧ ଏ. ପ୍ରେମଚାନ୍ଦ ବଡ଼ାଲ ଷ୍ଟ୍ରିଟ୍, କଲିକତା




ଏହି ନିଦାରୁଣ ଗ୍ରୀଷ୍ମରେ
'ଆଟାଲାଣ୍ଟା ଫେନ'
ଆପଣଙ୍କର
ଅବସାଦ ଦୂର କରିବ ।

ଏହି ଫେନର ବିଶେଷତ୍ୱ ଯେ
ସବୁଠାରୁ କମ୍ ବୈଦ୍ୟୁତିକ ଶକ୍ତି
ଖରଚ ହୁଏ ।
ଜାଣନ୍ତୁ—ଏହି କମ୍ପାନିଟି ଓଡ଼ିଆଙ୍କ
ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ।

ପରିବେଷକ:—
ଉମେଶ ଚନ୍ଦ୍ର ନାୟକ ଏଣ୍ଡ, କୋଂ,
୪ ନଂ ଫାଲଗୁନି ଦାସ ଲେନ
କଲିକତା ୧୨

Printed & published by G. C. Mahapatra at the Gopinath press. Bhadrak, 1947.

Digitized by srujanika@gmail.com

୧୦ମ ବର୍ଷ

୨ୟ ସଂଖ୍ୟା

# ଡଗର

ପ୍ରତିଖଣ୍ଡ ଦୁଇ ଅଣା

Dagaro UTKAL'S MOST POPULAR


## ଅଭିନବ ରୂପ ଚର୍ଚ୍ଚାର

### ଶ୍ରେଷ୍ଠ ପ୍ରସାଧନ

'ହିମ୍ କୋ'

ଆୟୁର୍ବେଦୀୟ ପ୍ରଣାଳୀରେ ପ୍ରସ୍ତୁତ

ସୁରଭିତ ମହୋପକାରୀ କେଶତୈଳ

'ଗୋଲ୍‌ଷ୍ଟାର'



ସୁବାସିତ ନାରିକେଳ ତୈଳ

ରମଣୀୟ କେଶକୁ ସ୍ମରଣୀୟ କରେ

ଉପାଦାନ ବିଶୁଦ୍ଧ—ଦେହବସ୍ତୁ ଶୀତପ୍ରଦ—ଦେହମାନ୍ଦ୍ୟ

ପରିମିତ, ମଧୁର ଓ ମନୋରମ

ଆପଣଙ୍କର ନିକଟବର୍ତ୍ତୀ ମନୋହାରୀ ବିକ୍ରେତାଙ୍କୁ

ସର୍ବଦା ସେବାପ୍ରାର୍ଥୀ

ଗ୍ଲୋରୀ ଅବ ଇଣ୍ଡ

୨/୧ ଓ, ଏଲ୍, ଷ୍ଟ୍ରୀଟ୍

କଲିକତା

**ଗ୍ଲୋରୀ ଅଫ୍ ଇଣ୍ଡିଆ କେମିକ୍ୟାଲ୍**

**ଆଣ୍ଡ ଫାରମିଉଟିକାଲ ୱାର୍କସ୍. କଲିକତା**


ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,

ପରିଚାଳନା ସଂପାଦକ—ଶ୍ରୀ [illegible]ମୋହନ ଦାସ

Digitized by srujanika@gmail.com

# ବମ୍ବେ ଲାଇଫ ଏସ୍ୟୁରେନ୍ସ କମ୍ପାନି ଲିଃ—

ପ୍ରତିଷ୍ଠିତ—୧୯୦୮ ହେଡ଼ ଅଫିସ—ବୋମ୍ବାଇ

ସୁବିଖ୍ୟାତ ସୁବୃହତ୍ ଓ ସୁଦୃଢ଼ ବମ୍ବେ ଲାଇଫ୍ କମ୍ପାନୀରେ ସର୍ବନିମ୍ନ ପ୍ରିମିୟମ ଦେଇ
ବୀମା କରି ଲାଭବାନ ହୁଅନ୍ତୁ

ବୀମା ବା ଏଜେନ୍ସି ନେବା ପୂର୍ବରୁ ଅନୁସନ୍ଧାନ କଲେ ଲାଭ ଛଡ଼ା କ୍ଷତି ନାହିଁ ।
ଅକର୍ମଣ୍ୟ ହେଲେ ଅଧିକ ପ୍ରିମିୟମ ଦେବାକୁ ହେବ ନାହିଁ ଏବଂ ପୂର୍ଣ୍ଣ ବୀମା ଟଙ୍କା ମିଳିବ ।

**୧୯୪୫ର ସଂକ୍ଷିପ୍ତ ବିବରଣୀ—**

ବାର୍ଷିକ ଆୟ ୭୩ ଲକ୍ଷରୁ ଊର୍ଦ୍ଧ୍ୱ ବୀମାପଣ୍ଡ ୨ କୋଟି ୯୬ ଲକ୍ଷରୁ ଊର୍ଦ୍ଧ୍ୱ
ମୋଟ ସମ୍ପତ୍ତିର ପରିମାଣ ୩ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ

ଓଡ଼ିଶା ଏବଂ ଗଡ଼ଜାତରେ ଇନ୍ସପେକ୍ଟର, ଅର୍ଗାନାଇଜର, ସ୍ପେଶାଲ ଏଜେଣ୍ଟ ଏବଂ ଏଜେଣ୍ଟ ଆବଶ୍ୟକ
ଅନୁସନ୍ଧାନ କରନ୍ତୁ ।

କେ, ବାଲସୁବ୍ରମଣ୍ୟମ, ବି. ଏସ୍. ଏ. ଆଇ. ଏ.
ମେନେଜର ଏବଂ ଏକ୍ଚୁଏରି
ହେଡ ଅଫିସ—ବମ୍ବେ

**ନରେନ୍ଦ୍ର ପ୍ରସାଦ ଦାସ**
ମେନେଜର
ଓଡ଼ିଶା ଶାଖା—କଟକ ।

---




ଏହି ନିଦାରୁଣ ଗ୍ରୀଷ୍ମରେ
'ଆଟାଲାଣ୍ଟା ପେନ'
ଆପଣଙ୍କର
ଅବସାଦ ଦୂର କରିବ ।

ଏହି ପେନର ବୈଶେଷତ୍ୱ ଯେ ସବୁଠାରୁ କମ୍ ବୈଦ୍ୟୁତିକ ଶକ୍ତି ଖରଚ ହୁଏ ।
ଜାଣନ୍ତୁ—ଏହି କମ୍ପାନିଟି ଓଡ଼ିଆଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ।

ପରିବେଷକ:—
**ରମେଶ ଚନ୍ଦ୍ର ନାୟକ** ଏଣ୍ଡ କୋଂ,
୪ ନଂ ଫାଲଗୁନ ଦାସ ଲେନ୍,
କଲିକତା ୧୨

Digitized by srujanika@gmail.com



# ବିଲୁଅ ବିଚାର

୧୦ମ ବର୍ଷ—୨୪ ସଂଖ୍ୟା

ଜ୍ୟେଷ୍ଠ ଦ୍ୱିତୀୟାର୍ଦ୍ଧ

ଆମକୁ ସ୍ୱାଧୀନତା ମିଳିଗଲା । ଯାହ ଅଧିକ ଫଳରୁ ଭାରତ ବରଷ ଲଗି ବ ୭୦ ବର୍ଷ ତଳେ କଂଗ୍ରେସ ଗଢ଼ି ଉଠିଥିଲା ଓ ଗତ ୨୫ ବର୍ଷ ହେଲା ଯାହାର ନେତୃତ୍ୱ ନେଇଥିଲେ ତାହା ଆଜ ଅଜାଣତରୁ ଆସି ହାତ ପଡ଼ିଗଲା । ଆଉ ପୁଣି କଣ ? ଆମେ ଆଜ ସ୍ୱାଧୀନ, ଆମେ ଆଜ ମୁକ୍ତ ! ବାଃ ବାଃ ବ୍ୟା ବାଃ !! ତୋବା—ତୋବା !

\+ × +

ସ୍ୱାଧୀନ—ସ୍ୱାଧୀନ ବାହାଁ ଡାକରେ ବର୍ତ୍ତମାନ ସ୍ୱାଧୀନତା ପରେ ଏତେବଡ଼ ଗୋଟାଏ ବଦଳର ଭିତର ଯେଉଁ ଆନନ୍ଦ, ଉଲ୍ଲାସ, ଉତ୍ସବ ହବାର କଥା, ସେଥିରେ ଖିଲେ ଖଲେ ହେଲେ ଦେଖା ପଡ଼ୁ ନାହିଁ ! ଏଥିର କାରଣଟା କଣ ? ଜାଣିବା ଶୁଣିବା ଲୋକଙ୍କ ମନରେ ଉତ୍ସାହ ତୋଳ ମାତ୍ର ନାହିଁ, ଆଉ ନ ଜାଣିବା ଲୋକଙ୍କ କଥା ଛଡ଼ ।

ଆମ ଭାରତରେ ଏଥିର କାରଣ ଏହଯେ—ଆମେ ଏହାକୁ ହାତ ପେଇ, ଖାଲି ଚୁହାଇ, ସରଳ ଧଇଁଲ ଭାରତ ଦରକାର୍ହି । ଗୋଟା ଛପର ପାଣ ଦେଇଛନ୍ତି ଡବରଦସ୍ତି ମୁଣ୍ଡ ଉପରେ ଲଦ । ଫଳରେ ବରଷୀ ପଦାର ଗୋଟାଏ ବଡ଼ ମାଛ ଧର ପକାଇ ପେଟଭାରର ଯେଉଁ ଉଲ୍ଲାସ, ସେହି ଜଣେ ମାଛ ଜପଥାର ପଠାଇ ଦେଲେ ତାର ତାହା ହୁଏତ ? ପୁଣି ସେ ମାଛଟା ଯଦି ପଚେଇଟା ହୋଇ ଥାଏ ଓ ଗନ୍ଧଏ ଘୋଟ ଉଠିଥାଏ ! ! ଆଉ ପୁଣି ସେଥିତ ଦେଖେ ଯଦି ଦେଖାଯାଏ ଯେ ଲାଞ୍ଜରୁ ତେଲ, ମୁଣ୍ଡରୁ ମସଲ, ଓ ଭାଜି ଜରୁ ଲୁଣ ଆଦି—ତେବେ ?

ଏଇଟା ହୋଇଥିଏ ସେଇପରି !

× × ×

ପୁଅ ମନେକରେ ବ ବୁଢ଼ାବାପଟା ମର ଯାଇନ୍ତା ବ ମୁଁ ମାଲିକ ହୁଅନ୍ତି । ମାଏ ସଭିଲ ଗତ ଯେଉଁ ଧନ ବାପ ମଲେ, ପୁଅର ସ୍ୱରଥ ହେଶ ଅଝାର । ଏପରି ବ ବାପର ଶୁଧ କରିବା ଜନ୍ମରେ ତା ମୁଣ୍ଡରେ ବଜ୍ର ପଡ଼େ । ମାଲିକ ହିବା ଅଶାଟାରେ ଯେଉଁ ମରଣ, ଅଧରରେ ମାଲିକ ହନତାରେ ସେ ମରଣ ଯେ ନାହ, ତାର ସେହିତ ଦୁଃଖ—ତାର ସୁଖରେ ସୁଖ ଜନ୍ମା । ବଥାଟା ସତ ବ ମିଛ ହେଉନେ । ଦୁଃଖ ହେବ ନାହିଁ । କଥା ଏତିକ, ଆମେ ପାଳିତ ପୁଅ ।

ଆଉ ଗୋଟାଏ କଥା । ସ୍ୱାଧୀନ ଆମେ ହେବୁ ବା ହେଲୁ କଣ ? ସ୍ୱାଧୀନ କଣ ହୋଇ ନାହୁଁ ? ବୈଦେଶିକ ସମ୍ପର୍କ ବନ୍ଦ, ବୈଦେଶିକ ବାଣିଜ୍ୟ ବନ୍ଦ, ସେନା ବଭାଗ ବନ୍ଦ— ସେ ସବୁ ବଡ଼ ବଡ଼ କଥାରେ ଆମ ଗାଁ ଲୋକଙ୍କର ଆସେ ଯାଏ କଣ ? ବରଂ ସେସବୁ ପାଇଁ ତେଳ ପଡଲେ ମାଡ଼ ସହିବାକୁ ପଡ଼ିବ । ଅନେକ ପଡ଼ିଲେ ଧନ, ଜୀବନ ତଳାକୁ ଦେବାକୁ ନେଉ ହେବ । ଖାସ ଗୁଡ ଖଣ୍ଡିଏ ବଡା ଖଣ୍ଡିଏ ଦୃଷ୍ଟରେ ମିଳୁଥିବ, ଅଲ୍ପବ, ସେଇ, ସେସ ଆଦ ଥିବ, କଳବାଦ ସମତା ଶାନ୍ତିର ଟୋକନ ଗୀତନ ଗାଉଥିବ, ଏତିକ ହେଲେ ଆମର ସରିଲା ।

ଏତିକ ସମତା କଣ ଆମର ନାହିଁ ନଥିଲା ଯେ ଆଜ 'ସ୍ୱାଧୀନତା' ଅଭାବ ବୋଲି ଆମେ ଦୁର୍ବଳ ଥିଲୁ ? ଆମଧ ଦଗ ଲୋକେତ ପୁଣି ମହୀପାଳ ହୃତ ଦେଶର ବାଳି ହେଲ ସବୁ ଦେଖୁଛନ୍ତି ! ଅଧିକାଟା କଣ ହେଲ ମ ?

× × × ×

ଭାଃରଲ ଲୋକଙ୍କ ପକ୍ଷ—ହୃଦ ହେ, ଭାଇଛନ୍ତି ଆମେ ସ୍ୱାଧୀନ ହୋଇଗଲୁ । ଶୁଣ, ତେଣେ କଣ କଥା, ସେ ଆମେ ସ୍ୱାଧୀନ ହୋଇଗଲୁ । ପୁଣିତାକୁ ସମଜ'ର ଲକ୍ଷ— ଧନ୍ଦସ୍ୱ ବାବା ହୋଇ ସ୍ୱତନ୍ତ୍ର । ପୁଣିତାକୁ ସମାଜର ରାଜ— ଆଦେ ଗଂଗର ସାହାଡ ଏ ଦେଶ ଛାଡ଼ି ସ୍ୱଳ୍ପରେ ଗଲେ ଦେଇଗଲେ ଆମର ହାତରେ । ସେ କହିବ ତେବେ ବାବୁ ଭଲା ହେଲେ ତ ? ତୁମେ କହିବ—ଭଲା ହେଲୁ ଆମେ ଦେ ଏ କଥାର ଅର୍ଥ ସେ ତେବେ ବୁଝିବ ନାହିଁ । ଏହା ଦେଖି ତୁମେ ତାକୁ କହିବ—ଆମେ ସବୁ ଲୋକେ ଯାହାକୁ ବାଛିବୁ ସେ ମାଲିକ ହୋଇ ସରକାର ଚଳାଇବେ ।

Digitized by srujanika@gmail.com

ଏଥିରେ ଉତ୍ତର ସେ କଣ ଦେବ ?—ସେ କହିବ—ଓଃ ଯେପରି ଅନେକ କଂଗ୍ରେସକୁ ଭୋଟ ଦେଇଥିଲ ? ସେଥିରୁ କଂଗ୍ରେସବାଲା ମନ୍ତ୍ରୀ ହେଲେ; ହେଉ କଣ୍ଟ୍ରୋଲ କଲେ ଯେ ଲୁଣ ତେଲ ଟୋପାଏ ବଢ଼ିଗଲା । ବାବା କଲା କଥା ଶୁଣ ! ମାଡ୍ରାଜ, ଜମିଦାର, ପୁଲିସ୍, ବାବୁମାନଙ୍କ ବାଇ ଅପନ୍ତି କଲ । ଦେଖିଛତ ବାବୁ, ଭୋଟ ନଥାନ୍ତା ହେଲେ ଭଲ ହୋଇଥା ? ଅଥା ଭୋଟରେ ଏତେ ସବୁ—ଧୁର ଭୋଟ ହେଲେ ଯାହା ହବ ଜାଣିବାକୁ ଅଉ କଣ ବାକି ରହିଲା ? ଏହା କହି ସେ ନିଶ୍ଚିନ୍ତ ହୋଇଗଲା ।

ଏପରି ଅବସ୍ଥାରେ ସ୍ୱାଧୀନତାର ମୂଲ୍ୟ କଣ ? ଏ କଣ ଚଳିତ ପାଟ୍ନା, ତୁଳି, ପରିଶ୍ରମୀମାନଙ୍କ ପାଇଁ ସ୍ୱାଧୀନତା ନା ସରକାର ବଦଳିଲେ ହେଲେ ଦୁଃଖ ଯିବ ? ଏ ପ୍ରଶ୍ନର ଉତ୍ତର ଦବ କିଏ ?

× × × ×

କଂଗ୍ରେସ ସରକାର ଭାରତକୁ ଅଖଣ୍ଡ ରଖିବେ ବୋଲି ଧ୍ୟାନ ପୁରୁଷ ଗାନ୍ଧି ଉଦ୍ୟମ କରିଥିଲେ ଓ ମହାତ୍ମାଗାନ୍ଧି ଏଥିପାଇଁ ଶେଷ ପର୍ଯ୍ୟନ୍ତ ଉଦ୍ୟମ କରିବେ ବୋଲି ଜଣାଇ ଦେଇଥିଲେ ମଧ୍ୟ, ବାହ୍ୟିକ ପୁଣି ଜବାହାର ଲାଲ ଏ ଭାର କଣ୍ଟାରେ ମଙ୍ଗିଲେ ଏ ପ୍ରଶ୍ନ ଅନେକ କରୁଛନ୍ତି । ଆମେ ଅନୁସନ୍ଧାନ କରି ବୁଝିଲୁ ଯେ ଜବାହାର ଲାଲ ଓ ଗୁଣଜ୍ୟ ବଚନ ଅନୁସାରେ "ଅତି ପଣ୍ଡିତ ନାଶୟ" ଏହା କହିଛନ୍ତି । କେତେକ ଭୁଲ ବୁଝୁଛନ୍ତି ପର ଯେ ଜବାହାରଲାଲ ଜଣେ "ପଣ୍ଡିତ" ଥିଲେ ।

× × × ×

ଓଡ଼ିଶା ବଜାରରୁ କାଗଜ ଚାଲିଗଲାଣି । ଏଥିପାଇଁ ଖବର କାଗଜ ବାଲା, ବହିଛପା ବାଲା ଓ ପାଠ ପଢ଼ାବାଲାଙ୍କ ମଧ୍ୟରେ ଗୋଳମାଳ ପଡ଼ି ଯାଇଛି ! ଆମେ ସମସ୍ତଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଉଛୁ । ସ୍ୱାଧୀନ ହେଲୁ, ସ୍ୱରାଜ ପାଇଲୁ, ତଥାପି ସେଇ ପୁରୁଣା ଦାସ ମନୋବୃତ୍ତି ଆମର ଯାଉନାହିଁ ଦେଖି କିଏ ଦୁଃଖିତ ନ ହେବ ? ଆମ ଦେଶରେ ତାଳ ପତ୍ରର ଅଭାବ ନାହିଁ । କାହିଁକି ଅଉ ଆମର ଲୋଟାଏ ଲେଖନୀ ଚଳାଇବା ଶିଳ୍ପକୁ ନଷ୍ଟ କରି ଦେଉଛୁ । ବର୍ତ୍ତମାନ ଆମ ସରକାର ଦେଶରେ ଯଦି ଏହି ପୁରୁଣା ଶିଳ୍ପଟାର ପୁନରୁଦ୍ଧାର ହୋଇପାରେ ତେବେ ଆମେ କଂଗ୍ରେସି ମନ୍ତ୍ରୀମଣ୍ଡଳକୁ ସାଧୁବାଦ ଦେବୁ ।

\+ + + +

ଓଡ଼ିଶାର ସ୍ୱରାଜ୍ୟ ଖବର ମିଳୁଛି ଯେ ଲୋକେ ପିନ୍ଧିବା ଲୁଗା ଅଭାବରେ ଯାତ୍ରା ହେଉଛନ୍ତି—କହିଲ ନୂଆ ଭୁଗୁଛନ୍ତି ରେ । ଏ ଅବସ୍ଥା ଦେଖି ଗାନ୍ଧିଜୀ କହୁଛନ୍ତି—ଲୋକେ ଆମେ ଯେଉଁପରି କହିଲୁ, ଆମ କଥା ତ ଶୁଣିଲ ନାହିଁ; ଘରେ ଚରଖା କରି ଅଙ୍ଗରେ ସୂତା କାଟି ଥାଆନ୍ତ, ତୁମର ଏ ଦୁଃଖ ରହନ୍ତା ନାହିଁ ।

ଲୋକ ଗାନ୍ଧିବାଆ ଅନେକ ଯେତେ ମାନ ଥାଆନ୍ତୁ, ଏ ସ୍ୱାଧୀନ କାଳରେ ଆମକୁ ମଜୁରି ମିଳନ୍ତା ନାହିଁ । ତେଣୁ ରୋଜଗାର ପାଇଁ ନ କରି ଏ ଅକାମୀ କାମରେ ଲାଗନ୍ତା ।

ଏ ସବୁ କଥା ଜାଣି ଆମ ଓଡ଼ିଶା ସରକାର ଏକ ଅତି ମଙ୍ଗଳକର ଉପାୟ ବିଧାନ କରୁଛନ୍ତି । ଶୁଣାଯାଏ ଓଡ଼ିଶାରେ ଗୋଟାଏ କୃତ୍ରିମ ରେଶମର (Rayon silk) କାରଖାନା ଖୋଲିବ । ଏଥିରୁ ସରକାରର ପ୍ରଚୁର ଲାଭ ସଙ୍ଗେ ସଙ୍ଗେ ଓଡ଼ିଆ ମାଇପେ ମାନେ ଆଉ କପାସିଆ ଛାମାଡ଼ିଆ ନ ପିନ୍ଧି ଚୀନାଂଶୁକରେ ଅଙ୍ଗ ମଣ୍ଡନ କରିବେ । ଜୀବନଯାତ୍ରାର ମାନଦଣ୍ଡ ( Standard of living ) ବହୁ ଉର୍ଦ୍ଧ୍ୱ ଉପରକୁ ଚଢ଼ି ଯିବ । ମନ୍ତ୍ରୀ ସରକାରଙ୍କ ଏହି ଦୂର ଦର୍ଶିତାକୁ ସାଧୁବାଦ ନ ଦେଇ ରହି ହେଉ ନାହିଁ । ନନ୍ଦ କର ବୃନ୍ଦ ହୋଇ ।

\+ +

କେତେକ ଦେଶୀୟ ନରପତି ଏ ମୌକାରେ ସ୍ୱାଧୀନ ହୋଇ ଯାଉଛନ୍ତି । ତହିଁ ମଧ୍ୟରେ ହାଇଦ୍ରାବାଦ ଓ ତ୍ରିବାଙ୍କୁର ପ୍ରଧାନ । ପୁଣି ଶୁଣା ଯାଉଛି ଯେ କୌଣସି କୌଣସି ଓଡ଼ିଆ ରଜା ମଧ୍ୟ ଆପଣା ଆପଣାର ସ୍ୱାଧୀନତା ଘୋଷଣା କରିବେ । ଏହା ଯଦି ସତ ହୁଏ ତେବେ ଏଥିଠାରୁ ଆନନ୍ଦର କଥା ଅଉ କଣ ହୋଇପାରେ ! ଦୁନିଆ ଯେପରି ପ୍ରଗତି ପଥରେ ଚଢ଼ି ଚଢ଼ି ଅତି ଅଧୁନିକ ହୋଇ ପଡ଼ୁଛି, ସେଥିରେ ଆମର ଯାହାକିଛି କଳା, ସାହିତ୍ୟ, ସଂସ୍କୃତି, ସଭ୍ୟତା ସବୁ ରଜମାନ ହେତୁ ଉଚ୍ଚରେ । ଏ କାଳରେ ଯଦି କେହି କେହି ରଜା ସ୍ୱାଧୀନ ହୋଇ ପଡ଼ନ୍ତି ତେବେ ସେମାନେ କଳଙ୍କ—କୋଶଳର ପୁରାତନ ଧର୍ମ ଓ ସଂସ୍କୃତିର ପ୍ରତୀକ ହୋଇ ରହି ଜାତିକୁ ଉନ୍ନତିର ପରଧର୍ମ-ରୂପୀ ଅବାଟରୁ ରକ୍ଷା କରିବେ ଓ ଆମର ଆଦର୍ଶ ସମରାଜ୍ୟ ହୋଇ ରହିବେ ନାହିଁକି ! ଜୟ ଜୟ ଜୟ । ଅଉ ସୀତା ରାଜ୍ୟ ?

\+ + +

Digitized by srujanika@gmail.com

## ମଜାକଥା




# ରାୟସାହେବ

ଲେଖକ:—ଶ୍ରୀ କେଶବଚନ୍ଦ୍ର ସାମଲ

ରାୟ ସାହେବ ସୂର୍ଯ୍ୟନାରାୟଣ ବାବୁଙ୍କ ଘରକୁ ମୁଁ ମୋର ଦରଖାସ୍ତଟି ନେଇ ଯାଉଥିଲି । ତାହାଁକ ଓ କ ଦରଖାସ୍ତ ନେଇଥିଲି ସେ କଥା ମୁଁ କହୁନି । ତାଙ୍କ ବିନା ଅଜଯାଏ ଦରଖାସ୍ତଟା ମଂଜୁର ହୋଇନାହିଁ ।

ତାଙ୍କ ଘର ଦୁଆର ମୁହଁ ସାମନାରେ ପହଞ୍ଚିଲାପରେ ଶୁଣିଲି—ଘରଟା କୋଳାହଳପୂର୍ଣ୍ଣ । ଉଙ୍କିମାରି ଦେଖିଲି—ମୋର ପରି କେତେକ କଲେଜ ଛାତ୍ର ଗୋଳମାଳର ମୂଳଦୁଆ, ଭିତରୁ ଯାହା ପାଠି ହେଉଥାଏ ସେଥିରୁ ଅଧିକାଂଶ—"ସଇତାନ, ନନସେନସ୍, ବଜାତ୍, ବ୍ୟାସ୍କେଲ"—ଇତ୍ୟାଦି ।

ତାହାକୁ ଲକ୍ଷକରି କୁହା ହେଉଥାଏ ଠିକ କରି ବୁଝି ପାରିଲି ନାହିଁ । ରାୟସାହେବଙ୍କ ସାମନାରେ ବସିଥାନ୍ତି ପ୍ରୌଢ଼ ଓକିଲ ରମାନାଥ ପଣାଏତ । କଥାବାର୍ତ୍ତାଟା ମୋଟାମୋଟି ଏହିପରି—

ରାୟସାହେବ ଉତ୍ତେଜିତ ହୋଇ କହିଲେ—"ଏତେବଡ଼ ଅସ୍ପର୍ଦ୍ଧା ଟୋକାଖଣ୍ଡଙ୍କର ? ସେ ଜାଣେନା—ମୁଁ ରାୟସାହେବ, ଅଉ ଜୟନ୍ତୀ ରାୟସାହେବ କନ୍ୟା ।" ମୋହନ୍—"ଆଜ୍ଞା, ସେ ତ ଜାଣି ଶୁଣି ଏପରି କରିଛି ବୋଲି ମନେହୁଏ ।" ରାୟସାହେବ "ଅସମ୍ଭବ, ସେ ଯଦି ଜାଣିଥାନ୍ତା ମୁଁ ଜଣେ ରାୟସାହେବ, ମୋର ଖାଲି ଏ ଟାଉନରେ ଜାହାଁକ ? ମଫସଲରେ ବି ରେପୁଟେସନ୍ ମାନେ—ମାନେ—ମାନେ—.... ସେ ଯାହାହେଉ, ଜାଣିଥିଲେ ଏ କଥା ସେ କେବେ କରି ନ ଥାନ୍ତା ।"

ତା ପରେ କଥା ଗୁଡ଼ାକ ହେଲେ ଗୋଳମାଳିଆ ହୋଇ ଗଲା । ଉଙ୍କିମାରି ବୁଝିଲି ନଳି, ଶ୍ରୀନିବାସ, ବିଷ୍ଣୁ, ହରିନାଥ ଓ ନିତ୍ୟାନନ୍ଦ ସମସ୍ତେ ଏକାବେଳେ କଥା କହିବାକୁ ଲାଗିଛନ୍ତି । ଗୋଟାଏ ମସ୍ତ ଗୋଳମାଳ ସୃଷ୍ଟି ହେଲା । ଅଜଣା ଲୋକଟିଏ ଆସିଥିଲେ ଭାବିଥାନ୍ତା—ସେ ଭୁଲରେ ଗୋଟାଏ ମେଣ୍ଟାଲ୍ ହସ୍‌ପିଟାଲକୁ ଚାଲି ଆସିଛି । କିନ୍ତୁ "ରାୟ ସାହେବ ଏଣ୍ଡ୍ ଏଣ୍ଡ୍, ମହାରଣା" ନାମକ ସାଇନ୍‌ବୋର୍ଡ଼ଟି ସେ ସନ୍ଦେହ ଦୂର କଲା ମୋର ।

ଶ୍ରୀନିବାସ—"ତେବେ ସେ ଯଦି ଜାଣି ନାହିଁ ତାକୁ ଜଣାଇ ଦେବାକୁ ହବ ।"

ରା: ସା:—"ହଁ ତାକୁ ସମୁଚିତ ଜଣେଇବାକୁ ହବ । ତାକୁ ସଜା ଦେବାକୁ ହବ ନ........"

ତାଙ୍କ ରାଗଟା ପଞ୍ଚମରୁ ବୋଧହୁଏ ଚତୁର୍ଥକୁ ଆସିଲା । କହିଲେ—"ଆସ ପଣାଏତ ବାବୁ ! କହନ୍ତୁ; ଆପଣ କଣ କହନ୍ତୁ; କଥାଟା କେତେ ଗୁରୁତର । ମୁଁ କହୁଛି ତାକୁ ସଇତାନ ଛାଡ଼ିଦେଇ ଦେବ । ଆପଣ ଦେଖନ୍ତୁ ଇଣ୍ଡିଆନ୍ ପେନାଲ୍ କୋର୍ଡ଼ର କେଉଁ ଦଫାଟା "

ଓକିଲ—"ମୋଟେ ହେବ କରିବାକୁ ହବ । ଟିକେ ଭାବିଚିନ୍ତି କହିବି ।"

ରା: ସା:—"ଏଥିରେ ଆଉ ଭାବିବାର କଣ ଅଛି କେବଳ ଦେଖନ୍ତୁ ସେ କ'ଣ ଲେଖିଛି ଏଠି । "ଚତୁରଙ୍ଗ"ର ଗୋଟିଏ ଗଳ୍ପରୁ ସେ ଗୋଟିଏ ପରିଚ୍ଛେଦ ତଳ ପାଠକରି ପଢ଼ିଗଲେ—"

"...ରାୟବାହାଦୁର ସୂର୍ଯ୍ୟମଣି ପାଣିଗ୍ରାହୀଙ୍କର ଦନ ମହଲା କୋଠାଘର ସାମନାରେ ଅତି ସୁନ୍ଦର ଝାଉଁଗଛ ଦୁଇଟି ଶୋଭା ପାଉଛି । ସନ୍ଧ୍ୟାରୁ ସେଇଁଠେ ଅଫିସ ରୁମ୍‌ର ଝରକା ବାଟେ ରାୟବାହାଦୁରଙ୍କ କନ୍ୟା ଜୟନ୍ତୀଙ୍କର ପଢ଼ାଘର ମଧ୍ୟ ଦେଖାଯାଏ ।

\+ \+ \+

Digitized by srujanika@gmail.com

"...ଜୟନ୍ତ—ଓଃ ! ଏତେ ମୂଲ୍ୟବାନ ଯେ ବର୍ଣ୍ଣନା କରିବା ପାଇଁ ମୋର ମସ୍ତିଷ୍କ-ଇଞ୍ଜିନକୁ ଷ୍ଟାର୍ଟ ଦେବାକୁ ପେଟ୍ରୋଲ ମିଳୁନ।

'......ଅପରାଜିତ ସ୍ନିଗ୍ଧ ଶୀତଳ କଣ୍ଠରେ କହିଲ ଜୟନ୍ତ—ଦୁର୍ଯୋଧନବାବୁ, ତମେ ନଥିଲେ ମୋର ଜୀବନଟା ହୋଇଥାନ୍ତା ଠିକ ବନାହାର ଜଳହୀନ ସାହାରା ଡେଜାର୍ଟ। ତମକୁ ମୁଁ.........    ×

ସମ୍ପାଦକ ଆଉ ଅଗକୁ ପଢ଼ି ପାରିଲେ ନାହିଁ। କହିଲେ—ଛି ଛି ଛି  ସଇତାନ୍—ରାସ୍କେଲ—ଭାଗାବଣ୍ଡ୍ !

ଏକନାଥ—"ସୋଟାଏ ଲମ୍ବା ଚଉଡ଼ା ହାଣ୍ଡିଲଇନ୍ କରିବାକୁ ତାଙ୍କୁ ଟିକେ ହେଲେ ଲଜ ମାଡ଼ିଲ ନା। ଛି ଛି ଛି ବୁଢ଼ା ଏମିତି ଲୋକ ବୋଲି ଯଦି ମୁଁ ଆଗରୁ ଜାଣିଥା'ନ୍ତି ତେବେ ବାଲି ତାଙ୍କ ସାତହଜାର ଟଙ୍କା ଧାର ଆଣିନଥାନ୍ତି।"

ନରହରି—"ତାଙ୍କୁ ଉପଯୁକ୍ତ ଶାସ୍ତି ଦିଆଯାଉ। ହିଅର୍ ଏ ହିଅର୍।" ମୋହନ ଏତେ ବେଳଯାଏ ଚୁପ୍ ହୋଇ ବସିଥିଲ। ହଠାତ୍ ସେ ଖୁବ୍ ଜୋର ଦେଲା ତାଳି, ଏସ୍ତରକି।

"ଲେଖାଟାତ ଆପଣଙ୍କ କଥାନୁସାରେ ଶେଷ ହୋଇନାହିଁ। ଦେଖନ୍ତୁ ଏଠି ସେ ଲେଖିଛି ସମ୍ପାଦକମହୋଦୟଙ୍କ ଦପ୍ତର, ତା ସାମନାରେ ଧାଡ଼ି ଗଛ। କିନ୍ତୁ ଆପଣଙ୍କ ଅଫିସ ସାମନାରେ ତ କୋଣ୍ଟ୍ରାକ ଅଛି। ସେ ଲେଖିଛି 'ଜୟଶ୍ରୀ' କିନ୍ତୁ ଆପଣଙ୍କ ଝିଅର ନା'ତ 'ଜୟନ୍ତୀ'। ତା ପରେ ଏଠି ଦେଖନ୍ତୁ ଲେଖିଛି—"ସୂର୍ଯ୍ୟମଣି ବାବୁ ଜଣେ ଅନାର୍କିଷ୍ଟ୍, ମହାତ୍ମା କିନ୍ତୁ ଆପଣ କହୁଥିଲେ ଯେ ଆପଣ ଜଣେ ପାଟ୍ରିଷ୍ଟ୍—ଆଉ ଅନ୍ତରଙ୍ଗ ବନ୍ଧୁମାନେ ଅଧିକ।"

ସ: ସା:—"ଆରେ ନା ନା, ସେ ବାତୁଳଟା ଯାହା ନା, ସେତ ପୁରାପୁରି ଆମକୁ ମିନ୍‌ଟର..."

ନରହରି—Certainly। ଆମକୁ ମିନ୍ ଭରି ଟିକ୍ ଲେଖିଛି ସେ। ହେଇ ଦେଖନ୍ତୁ ନାହାନ୍ତି ଏଠି କଣ କରିଚ। ସୋଟାଏ ପରିଚ୍ଛେଦ ପଢ଼ିଲ—

"...ମୋର ବନ୍ଧୁ ନରନାଥ, ଲକ୍ଷ୍ମୀ, ଏକନାଥ ଓ ମୋହନ—ଚବୁତରା ଯେତେବେଳେ ଘୁଡ଼ାନ୍ତି ଧମ ଧମ କରି ମୋର ସେଇ ଜୟଶ୍ରୀ ଅଛନ୍ତି, ମୁଁ ଅନୁଭବ କରେ ମୋ ମୁଣ୍ଡରେ ସୋଟାଏ ଆଟମ୍ ବୋମ୍ ଫାଟି ଗଲାତ ?

"...କିନ୍ତୁ ସେଇ ବଜାରସୁଭାଙ୍କୁ ସର୍ବଦା ଘୃଣା କରେ ଜୟନ୍ତ।"—ଦେଖନ୍ତୁତ ମୋତେ କ'ଣ ମଣିଷ ଲେଖନ୍ତି। ଛି ଛି। ସୋଟାଏ—

ଏକନାଥ ଅନ୍ତମ୍ପ କଲା—କେଶ୍ କରିବା ଆଗରୁ ତାଙ୍କୁ ଯଦି ହସ୍‌ପିଟାଲ ପଠା ଯାଆନ୍ତା ବୃନ୍ ଷ୍ଟାବାସ ଡାମ ଦୁଅନ୍ତା।

ହଠାତ୍ ଜୀବନ ବାହାରୁ ଦୌଡ଼ି ପଶିଲା ଭିତରକୁ। କହିଲା—ହସପିଟାଲ ଯିବାର ସମସ୍ତ ବନ୍ଦୋବସ୍ତ କରିଦେଇ ଆସିଲି।

ସ: ସା:—କ'ଣ ତମେମାନେ ସବୁ କହୁଛ। ମାନେ ତମେ—ତମେ କ'ଣ ସେଇ ଗୁଣ୍ଡା ପରି ଶକ୍ତ ଟୋକାଟା କବ୍ଜାରେ ପାରିବ। ତେବେ ତୁମେ ତାଙ୍କୁ ମୁକ୍ତ କରିଚ !! କଣ୍ଡିସନ୍ ସିରିଏସ୍ !!

ଜୀବନ କହିଲା—"ମୁଁ କାହିଁ କି ଯିବ ତା ପାଖକୁ ମ ? ତ'ଟା ଗୁଣ୍ଡାଙ୍କୁ ପଠାଇ ଦେଇଛି।" [ଅଧ କପାଟର ପଛପଟ ଭିତରୁ ଯଦି ଜୀବନର ଛତିଶ୍ ଇଞ୍ଚ ଛାତିଟା ନ ଦେଖା ଯାଉଥାନ୍ତା, ତେବେ ଜଣାଯାନ୍ତା ଜୀବନ ବନ୍ଧୁକ ଦୂର କରିପାରେ।

ସ: ସା:—ଦୂର୍ ଅନନ୍ଦିତ ହୋଇ କହିଲେ ବୋଧହୁଏ—Thank you very much ! ଧନ୍ୟବାଦ ବାବୁ, ଆପଣ ଶୀଘ୍ର କେଶ ଜ୍ୱାଏର କରି ଦିଅନ୍ତୁ।"

ପଣ୍ଡାଏତ—"କିନ୍ତୁ ଜୟନ୍ତ କାହିଁ ? ତାଙ୍କ ତ ଦେଖା ନାହିଁ। ସେ ସବୁ କଥା ଶୁଣିଛନ୍ତି।"

ସ: ସା:—"ସେ ଶୁଣିଥିଲେ ଏତେ ବେଳକୁ ହୁଲସ୍ଥୁଲ କାଣ୍ଡ କରି ସାରନ୍ତାଣି। ସେ କ'ଣ ଏମିତି ସେମିତି। ସମ୍ପାଦକ କନ୍ୟାଙ୍କ, ତେବେ ତାର ସୋଟାଏ ଚତୁରର ପ୍ରସ୍ତାବ ପଢ଼ିଚ ଯେ, ସେ ଯାଉଛି ତାର ମାମୁଁ ଘରକୁ। ତାରି ମା, ଚିଇମାନେ ଦେଖିବେ ତାଙ୍କୁ।"

ମୁଁ ଗ୍ରହଣ ଏତେ ବେଳଟା ନୀରବ ହେଲ। ଦରଖାସ୍ତଟା ନେଇ ଦେଇ ଦେବ। ନହାତ ଜରୁର କଥା, ତେଣୁ ଧୀରେ ଧୀରେ ଟେବୁଲ ପାଖକୁ ଯାଇ ଦରଖାସ୍ତ ରଖିବା ସମୟରେ ପଛଅଡୁ ଜୋତା ଶବ୍ଦ ଶୁଭିଲା—ମଚ୍ ମଚ୍ ମଚ୍—ଆରେ ଜୟନ୍ତ !!

ସ: ସା: ଟେବୁଲପର କହିଲେ ଅ, ମା, କସ। ତୋ ପାଇଁ ସବୁ ବନ୍ଦୋବସ୍ତ କରିଚ। କିନ୍ତୁ ତୁ ଏତେ ଛଦ୍ମ ଅଭ ଃଖିତ କାହିଁକି ମା। ଆରେ ତୋ ମଥାରେ ସେ କଣ ? ସିନ୍ଦୁର !!

—"ହିଁ ବାପା ମୋର—ମାନେ ମୋର—।" ଜୟନ୍ତ ମୁଣ୍ଡ ନଇଁଲ ସ: ସା:—କ'ଣ ବାହାଘର ହୋଇ ଯାଇଛ ! କ'ଣ ସେଇ......

( ମଜାକଥା ଅବଶିଷ୍ଟାଂଶ ୭ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com




କାହାଣୀ

# ଅତୀତ ଓ ବର୍ତ୍ତମାନ

ଲେଖକ—

**ଗୌରୀଶଙ୍କର ପଟ୍ଟନାୟକ**

ସେଦିନ ରାତିର ପୁନେଇଁ ସୁନ୍ଦର ସ୍ନିଗ୍ଧ ଜୋଛନା ତଳେ ବୀଣା ସହିତ ବସି ଗପ କରୁ କରୁ ହେଉଁ କେଜାଣି କାହିଁକି ହଠାତ୍ ପଚାରି ଦେଇଥିଲି, "ଅଚ୍ଛା, ସତ କହିଲ ବୀଣା, ତୁମର କୁମାରୀ ଜୀବନରେ ତୁମେ କଣ କେବେ କାହାକୁ ଥରେ ଅଧେ ଭଲ ପାଇ ନଥିଲ ଯାହାକି ଅନେକଙ୍କ ଜୀବନରେ ଘଣା ଅଧିକେ ଘଟିଥାଏ। ଆଜି ମୋର ସୁଖ ଦୁଃଖର ସମଭାଗିନୀ ହୋଇ ସୁଦ୍ଧା ଏପରି ରାତିରେ କଣ ଥରେ ଅଧେ ସେହି ପୁରୁଣା କଥା ତମ ମନ ଭିତରେ ଜାଗି ଉଠେନା।"

ଏତିକ କହିସାରି ନିଜକୁ ନିଜେ ଲଜ୍ଜିତ ମନେକରି ସୁଦୂର ଗଗନ ଆଡ଼କୁ ଦେଖିବାକୁ ଲାଗିଥିଲି।

ଖୁସି ଗପର ମଝିରେ ଏପରି ପ୍ରଶ୍ନ ବୀଣା ମୋ ଠାରୁ ନିଶ୍ଚୟ ଆଶା କରି ନ ଥିଲା। ତେଣୁ ମୋର ଏପରି ଅପ୍ରତ୍ୟାଶିତ ପ୍ରଶ୍ନରେ ସେ କିଛି ସମୟ ପାଇଁ ଅବାକ୍ ହୋଇଯାଇ ମୋ ମୁହଁକୁ କେବଳ ଚାହିଁ ରହିଲା। ପରେ ପ୍ରକୃତିସ୍ଥ ହୋଇ ଆପଣାର ଆଖି ଦୁଇଟିକୁ ମୋ ମୁହଁ ଉପରୁ ଅନ୍ୟ ଆଡ଼କୁ ଫେରାଇ ନେଇଥିଲା।

ଅନେକ କ୍ଷଣ ପର୍ଯ୍ୟନ୍ତ ଆମେ ଦୁହେଁ ରହିଲୁ ନିସ୍ତବ୍ଧ। ଆମର ଖୁସି ଗପର ମଝିରେ ଆସିଥିଲା ଗୋଟିଏ ବିରାଟ ଶୂନ୍ୟତା। ନୀରବ ନିଜେ ଶତଧିକ୍କାର କରିବା ପରେ ପ୍ରଥମେ କଥା ଆରମ୍ଭ କରିଥିଲି ମୁଁ।

ବୀଣାର କୋମଳ ହାତ ଦୁଇଟିକୁ ଆପଣା ହାତ ଦୁଇଟି ଭିତରେ ବନ୍ଦୀକରି ମିନତିଭରା ସ୍ୱରରେ କହିଥିଲି, "କ୍ଷମା-କର ବୀଣା! ଏପରି ପ୍ରଶ୍ନ ପଚାରିବା ମୋର ଆଦୌ ଉଚିତ ହୋଇନାହିଁ। ଏହା ମଧ୍ୟ ମୋର ଦୋଷ ନୁହେଁ। ତେବେ ପଚାରୁଁ ପଚାରୁଁ କଣ ନା କଣ ମୁଁ ପଚାରି ଦେଇଛି! ବୋଧ-ହୁଏ ସେତେବେଳେ ମୁଁ ସ୍ଥିର-ଚିତ୍ତ ନଥିଲି। ମନ ମୋର ଅସ୍ଥିର.............."

ଆଉ କହିପାରି ନଥିଲି। କଣ୍ଠରେ ମୋର ଯେମିତି କଣ ଲାଗିଯାଇ ଥିଲା।

ବୀଣା ବୋଧହୁଏ ମୋର ପ୍ରତ୍ୟେକ କଥା ବଡ଼ ମନ-ଯୋଗ ସହିତ ଶୁଣୁଥିଲା। ମୋର କଥାର ଶେଷ ହେବାରୁ ଅନେକ ଶିକାର ଦେଖି ସେ ମୋର ମୁହଁ ଉପରେ ଆପଣାର ସକରୁଣ ଆଖି ଦୁଇଟିକୁ ନ୍ୟସ୍ତକରି ବୋଧହୁଏ ମୋହର କାରଣ ଜାଣିବାକୁ ଚେଷ୍ଟା କରୁଥିଲା।

ପରେ ନିଜକୁ ସମ୍ଭାଳି ନେଇ ବୀଣାର ବନ୍ଦୀ ହାତ ଦୁଇଟିକୁ ମୁକ୍ତ କରିଦେଇ କଥା ଆରମ୍ଭ କରିଥିଲି, "ନା, ବୀଣା, ଛାଡ଼ ଏସବୁ କଥା। ମନରେ କିଛି ଧରନା ନାହିଁ।"

ବୀଣା ବୋଧହୁଏ ମୋର ମନର ଭାବ ସବୁ ବୁଝିପାରିଥିଲା। ତେଣୁ ଆପଣାର ସ୍ୱଭାବ ସୁଲଭ ହାସ ପ୍ରକଟ ନକରି ସେ ଚୁପ୍ ହୋଇ ବୋଧହୁଏ ସମବେଦନା ପ୍ରକାଶ କରୁଥିଲା।

ପରେ ଶିଖିପାରିଥିବା ମୋର ଦୁର୍ଭାବ ବୋଧକାମ କରାଇ ଦେଇଁ ଦେଇଁ ବୀଣା ପ୍ରଥମକରି ଅତି ଧୀରେ ଧୀରେ କହିଥିଲା "ପ୍ରିୟ, ତମର ପ୍ରଥମ ପ୍ରଶ୍ନରୁ ମୁଁ କଣ ଧରି ନେଇନ ଯେ ତମ ମନ ଭିତରେ ଅତୀତ ଓ ବର୍ତ୍ତମାନ ଭିତରେ ଦ୍ୱନ୍ଦ୍ୱ ଚାଲିଛି। ଏହା ମଧ୍ୟ କଣ ଅଜଣା ରହିଛି ଯେ ତୁମେ ଅତୀତକୁ ଭୁଲିଯିବାକୁ ସହଜ ଚେଷ୍ଟା କରୁଥିଲେ ସୁଦ୍ଧା ଭୁଲି ପାରୁନ।

Digitized by srujanika@gmail.com

ଏହା ଯେତେ ସହଜ ବୋଲି ଭାବୁଛ ସେତେ ସହଜ ନୁହେଁ । ପୁରୁଷ ଜାତ; ହୃଦୟ ଆଉ କେତେ ଦାଳପରେ ଅତୀତ-ତମ ମନ ଉପରେ ରେଖାପାତ କରିପାରେ ନାହିଁ । ସେମାନେ-ମାନେ ଅପଣାର ବେଦନା ହୃଦୟ ଜାଳବାକୁ ଚାହିଁ ପ୍ରେମ ଭିକ୍ଷା କରେ । କିନ୍ତୁ ଅନେକ ଯେ ଦୋଷ, ପହିଲି ଯୌବନର ପ୍ରଥମ ରେଖାପାତ ଆଉ ଯେ ମୃତ୍ୟୁ ପର୍ଯ୍ୟନ୍ତ ଭୁଲି ହେବ ନାହିଁ । ସେହି ଅତୀତର ଅପଣାର ଛବି ହୃଦୟରେ ଚିର ସମୟରେ ରହି ଅମର ହୁଅନ୍ତି ସାଥିରେ ବସନ୍ତି ସ୍ମୃତିଦାଙ୍କ ହେବ । ହୃଦୟ ହୃଦୟ ଅମର ଭିତର ହୃଦୟ ଭୁଲି ପାରେ ନାହିଁ । କିନ୍ତୁ ଅନେକ ଅତୀତର ଚିତ୍ରମାନେର ସ୍ମୃତି ଦେଖାଏ ମଧ୍ୟ ଭିତ୍ତିର ଦେଖ ପାରିବ ନାହିଁ ।”

ଏତକ କହିସାରି ଗୀତା ନୀରବରେ ରହିବା ଦେଖି ମୁଁ ତା ମୁହଁକୁ ଅନାଇଁ ଦେଖିଲି ଯେ ତା'ର ଅଶ୍ରୁ ଦୁଇଟି ସଜଳ ହୋଇ ଯାଇଥିଲା । ଆଉ ଦେହ ଚେଞ୍ଚ ଲହ ବନ୍ଧୁ ସୁନ୍ଦର ତା'ର ଅଶ୍ରୁ କୋଣରେ ସଞ୍ଚିତ ହୋଇ ରହି ଯାଇଥିଲେ

( ମଜାକଥା ୪ପୃଷ୍ଠା ଉତ୍ତାରୁ )

—“ହଁ । ସେଦିନ ସେଇ ଦୁର୍ଗାବାବୁଙ୍କ ସହିତ, ମାନୁଁ ସମର୍ପଣ ଦିନରେ ।”—ଅଏଁ !!!! ସମସ୍ତେ ସ୍ତମ୍ଭିତ ।

—ଚନ୍ଦ୍ର ବାପା, ଜଲ୍‌ଦି ଚାଲନ୍ତୁ । ଦୁଧ, ଫଳ, ଡାଲି—ସବୁ ନେଇକରି ଚାଲନ୍ତୁ ନା । ଚନ୍ଦ୍ରନ୍ତ ବଡ଼ ବ୍ୟସ୍ତ ହେଲ ।

ଘ: ଷା:—କ'ଣ ହେଇଚ ତୋର ।

ଚନ୍ଦ୍ରନ୍ତ—ଅନେକ ଘୋଡ଼ା ଗାଡ଼ିରେ ଅସିଲେଣି ମୋ ପାଖରୁ ଦୁର୍ଗାବାବୁଙ୍କ୍ ଟାଣି ନେଇ ସେ ପଠାଣ ଗୁଣ୍ଡା ଦୁ'ଟା ତାଙ୍କୁ ଦ୍ରବ୍ କୋଠରୀରେ ପିଟିଛନ୍ତି । ତାଙ୍କ ହାତ ଭାଙ୍ଗିଯାଇଚି । ସେ କସ୍ ପିଟାଲ୍‌ରେ, ଗୁଣ୍ଡା ଦୁଟା ଅରେଷ୍ଟ ହୋଇଛନ୍ତି । ସେମାନେ କହିଲେ ଏଇ ନରହରି ଓ ଖଗେନ ତାଙ୍କୁ ପଠାଇଛନ୍ତି ବୋଲି ।

ଘ: ଷା:—ଏଁ !! ଏତେଦୂର ସାହାସ !! ବାଲିରେ ସଇତାନ୍ ଭଲ ବ୍ରାଉଟର୍ । ନକଲ ନମା ଘରୁ । ଅଟେ ! ଗୋଟାଏ ସୁଯୋଗ ଲଗେଇଚ ଏଟି ବଗଟାଇଟ୍ । ଆଉ ସେ ଗେଟାଇଟ୍ !!

ଏକମିନଟ୍ ଭିତରେ ବାଲକ ଯାକ ଟୋକା ସମସ୍ତ ସାହେବଙ୍କ ଘରୁ ମାଇଲେ ଉଡ଼ି ।

—:(※):—

ଯେମିତି ଅନ କ୍ଷଣରେ ଲେଭୁ ଦେଇ ବହି ଘୁଞ୍ଚିତେ ଦୂରରୁ ।

ପରେ ଗୀତାର ମୃଦୁକୋମଳ ଚାରୁକଥାର ମୁଁ କହିଥିଲି, “କଲ୍ୟାଣି !, ଜୀବନ-ଯାତ୍ରା ପଥରେ ପ୍ରତ୍ୟେକ ଅତୀତ ଯେ ଗୋଟିଏ ଗୋଟିଏ ସ୍ମୃତି, ଏହା ମୁଁ ଅସ୍ୱୀକାର କରୁଚ ! ତେବେ ପ୍ରତ୍ୟେକ ସ୍ମୃତି ସବୁ ସମୟରେ ମନଭିତରେ ଉଙ୍କି ମାରେନା । ଜୀବନ ସହିତ ଯେଉଁଟା ବିଶେଷ ଭାବରେ ଜଡ଼ିତ ତାହା ସେତିକି ଚେଣ୍ଣ ଉଙ୍କିମାରେ । ଆଉ ଯେଉଁଟା ଏକାବେଳେକେ ଅକିଞ୍ଚିତ ଭାବରେ ଜଡ଼ିତ ତାହା କଣ କେବେ ସ୍ମୃତି ପଟରୁ ଲିଭିଯାଏ ? ତାହା ଯେ ଧ୍ରୁବ ତାରା ପରି ସବୁବେଳେ ଜଳ୍ ଜଳ୍ କରୁଥାଏ ମନ ଭିତରେ ।”

ଗୀତା ଲଜ୍ଜା ମିଶ୍ରିତ ଆନନ୍ଦରେ ଆଖି ଦୁଇଟିକୁ ବନ୍ଦ କରିଦେଇ ବୋଧହୁଏ ଅପଣାର ଚିବୁକରେ ମୋର କର ସ୍ପର୍ଶର ସୁଖ ଅନୁଭବ କରୁଁ କରୁଁ ନୀରବରେ ରହିଥିଲା ।

ଆଉ ତା'ର କମନୀୟ ଜ୍ୟୋତ୍ସ୍ନାଦୀପ୍ତ ମୁଖମଣ୍ଡଳ ଦେଖି ଦେଖି ବୋଧହୁଏ ମୁଁ ମୋର ଅତୀତକୁ ଭୁଲିବାରେ ଲାଗିଥିଲି ।

— (※)—


## ଏଜେଣ୍ଟ ଆବଶ୍ୟକ

ପୀଡ଼ିତ ପୀଡ଼ାଗ୍ରସ୍ତ ଲୋକଙ୍କର ସହାୟତା ନିମନ୍ତେ ଆମ୍ଭମାନଙ୍କର ବିଖ୍ୟାତ ଔଷଧମାନ ଗ୍ରାମ ସହରରେ ପ୍ରଚାର କରିବା ପାଇଁ ଡାକ୍ତର ଓ କବିରାଜ ଏଜେଣ୍ଟ ଆବଶ୍ୟକ । ଔଷଧର ତାଲିକା ଓ ବ୍ୟବସ୍ଥା ସର୍ତ୍ତ ବିନା ମୂଲ୍ୟରେ ପଠାଯାଏ । ତଳ ଠିକଣାରେ ଅନୁସନ୍ଧାନ କରନ୍ତୁ । ଚିଠିପତ୍ର କେବଳ ଇଂରାଜୀରେ କରିବେ ।

Gouri Ayurveda Store's [ Rgd ]
Maruter ( D. B. ) W. Godavary


Digitized by srujanika@gmail.com



ହେ ସୁଜନ ସୁଧୀଜନେ ଅବଧାନ କର—
ମାଳିକା ଭାବନ୍ତ—

ତରଳ ଥିବ ତେରକୁ,
ପଡ଼ିବ ସୋଳରେ       ଦେହ ନ ରହିବ
ସତ ଉପୁଜିବ ସତରକୁ।

ଏ ପଦର ଅର୍ଥାତ୍ ଏମନ୍ତ ହେଉ ଅଛଇତ—ଏ ସମ୍ପ୍ରତିରେ ୧୩୫୪ ସାଲ ଚଳୁଥାଇ। ୧+୩+୫+୪ ଏହି ସବୁ ଅଙ୍କକୁ ମିଶାଣ କଲେ ଫଳ ପଡ଼ିଲା=୧୩; ୧୩୫୫, ୧୩୫୬, ୧୩୫୭ ଏହି ପ୍ରକାରରେ ୧୪, ୧୫ ଓ ୧୬ ହେଉଅଛି। ଏଥି ଉତ୍ତାରେ ୧୩୫୮ ଅବ୍ଦରେ ୧୭ ହୋଇବ। ସେହି କାଳରେ ସତ ଉପୁଜିବ ଅର୍ଥାତ୍ ସତ୍ୟଯୁଗ ହୋଇବ। ଗାନ୍ଧିମହାତ୍ମାଙ୍କ କଳ୍ପିତ ରାମରାଜ୍ୟ ପ୍ରକଟିବ।

ଏହି ତଥ୍ୟକୁ ମଞ୍ଜିବା ଗଣନା କେମନ୍ତ ଯୋଗ୍ୟ ଅଛଇ ତାହା କହିବା।

ଅଥନା ଶ୍ରାବଣ ବା କର୍କଟ ମାସ ୧୩୫୪ ସାଲର ଶେଷ ଭାଗ + ଅଂଶ। ସେତିକ ବେଳକୁ ତରଳ ଥିବ। ସେହି କାଳରେ କର୍କଟ ରାଶିରେ ପଞ୍ଚଗ୍ରହ ଯୋଗ ହୋଇବେ। ଏହି ଗ୍ରହଦୃଷ୍ଟିରେ ନାନାଦି ପ୍ରକାରେ ଯୋଗ, ମରୁଡ଼ି, ଜଳପ୍ଲାବ, ଯନ୍ତ୍ର ବିପ୍ଳବ, ଦୁର୍ଭିକ୍ଷ ଅଭାବଗ୍ରସ୍ତ ଯମ କର୍ଷଣ ଯୋଗ ହୋଇବ।

ପୁଣି ସେହି କର୍କଟ ରାଶିରେ ଶନିମହାରାଜଙ୍କ ଅବସ୍ଥାନ ଯୋଗୁଁ ଲୋକମାନଙ୍କ ଚିତ୍ତ କର୍କଟବତ ଅସ୍ଥିର ହୋଇବ ଭବିଷ୍ୟତ ଅଶାନ୍ତି ଉପଦ୍ରବର ବୀଜ ଅଙ୍କୁରିବ।

ତହୁଁପର ତ୍ରିବର୍ଣ୍ଣ ମହାମାରୀ ହାଣ କାଟ ଲାଗିବ। ନଣ୍ଡାର୍କରେ ଭୈରବ ରୁଦ୍ର ନାଚିବ। ସପ୍ତ ଯୋଗିନୀ ଘୋର ବେଶ ଭ୍ରମଣ କରିବେ। ଶିବା ଶିବାଣୀ ରୁଧିର ନରମାଂସ ଲେହି ଭୁଞ୍ଜିବେ।

ମିଥ୍ୟା, କୁଅଭିମାନ, ଦଗାବାଜି, ଚୋର, ଖଣ୍ଡ, ଦଳାଦଳି ମାତିବେ। ଏଥିରେ ରାଜା ଓ ରାଜକର୍ମଚାରୀଗଣ ପଥ ଦେଖାଇବେ। ତାହା ଦେଖି ଜନମାନେ ମହାଜନ ପନ୍ଥା ଧରିବେ। ଏଥିର ପ୍ରକଟ ମୂଳକ କାହାରିକୁ ଅଗୋଚର ନାହିଁ।

୧୩୫୫, ୫୬, ୫୭ରେ ଶନି ସିଂହରାଶି ଛାଡ଼ି ଘେରରେ ଉତ୍ପାତ କରିବେ। ଜମ୍ବୁଦ୍ୱୀପରେ ପୂର୍ଣ୍ଣ ଶନିଦୃଷ୍ଟି ପଡ଼ିବାରୁ ଜମ୍ବୁଖଣ୍ଡ ଯାବତ ଏଥିରେ ନଷ୍ଟ ହୋଇବେ। ଭାରତ ଖଣ୍ଡର ଅଧିକ ଘାରିବ। ମହାନ ମୂଳକ ଭାରତର ଶନି ହୋଇବ।

ପରେ ଉତ୍କଳ ଖଣ୍ଡରୁ ଭଗବାନ ମହାପ୍ରଭୁ ଦେବାତ୍ମା ଦେବ ଅବତୀର୍ଣ୍ଣ ହେବେ। ସୁଦର୍ଶନ ଚକ୍ର ଉତ୍ପାତ କରିବେ। ମା ଶାରଳା, ବିମଳା, ଚର୍ଚ୍ଚିକା, ବଟେଶ୍ୱରୀ, ଭଦ୍ରକାଳୀ ବିରଜା, ଶାରଳା ମାନେ ଖଣ୍ଡ ଖୋଜାଇବେ। ମାନ୍ଧ ଅସ-ଛଅ, ଅନାସ୍ୱସ୍ତ ପରଶିଅ, ବପଂଅ ଘରପୋଡ଼ିଅଗ୍ନି ମୂଳପୋଛ ହୋଇବେ। ନୈଋତ ଓ ପଶ୍ଚିମ ଉତ୍ତର ଦିଗରୁ ଏ ଉତ୍ପାତ ପ୍ରବଳ ହୋଇବ।

ସେ ଝଞ୍ଜା ମୂଳରେ ଦେହ ରକ୍ଷି ନପାରିବେ। ଏହିତ ତେଳଙ୍ଗ ଅଛିବ, ମ୍ଳେଚ୍ଛ, ଚଣ୍ଡାଳଗଣ ଦୌରାତ୍ମ୍ୟ ଉଠିବ। ଗ୍ରାମ ଗ୍ରାମ ଧ୍ୱଂସ ହୋଇବ। ଅତ୍ୟାଚାର, ଧନୀଗଣ ପ୍ରମାଦ ଗଣିବେ। ଶାସକ ଗୋଷ୍ଠି ଅସମ୍ମାନ ହୋଇବେ। ଅପଣା ଦେହ ରକ୍ଷିବା ନିମନ୍ତେ ବାନ୍ଧବଙ୍କ ଲୁଚିବେ। ଝାଡ଼ଖଣ୍ଡ ରାଜ୍ୟ-ମାନଙ୍କରେ ଏଥିଁ ଅଧିକ ଅଶାନ୍ତି ଉପୁଜିବ। ଝାଡ଼ଖଣ୍ଡି ରାଜନ୍ୟବୃନ୍ଦ ମେଚ୍ଛବାକ୍ୟ ପ୍ରବଳ ଧ୍ୱଂସୀ ହୋଇବେ। ବର୍ଣ୍ଣ, ଧର୍ମ, ଗର୍ଜନ, ତର୍ଜନ ଏବଂ ଏସବୁ ଦେଶବାସୀଙ୍କୁ ଅତର ପଞ୍ଚରୁ ବର୍ଦ୍ଧନ, ଗର୍ଦ୍ଧନ ମର୍ଦ୍ଦନ, ଚର୍ବ୍ବନ ହୋଇବ। ଏମନ୍ତେ ଯୋଜନ କାଳାନଳ ସୃଜନ ହୋଇବ ତହିଁର ତର୍ଜନରେ ଜନପ୍ରାଣୀ ଭକ୍ତଙ୍କୁ ଅର୍ଜନ ଓ ଦସ୍ୟୁଙ୍କୁ ବର୍ଜନ କରିବେ।

ଏ ଯୁଗର ସକଳ ଅଦ୍ଭୁତ ହୋଇବ। ରଜା ଶିରରେ ରହି ମୁକୁଟ ଧାରଣ କରିବ ଯେତେ କାହାର ଶିରସ୍ଥାନ ହୋଇଥାଇ ମହାଡ଼ାଣରେ ରଜ୍ୟ ଶାସିବାରେ ଲାଗିବେ। ରଜ ଦଣ୍ଡକୁ ଅଟେଣ କଟୁଂଧ କରି ସମ୍ପଦ ମାନଙ୍କ ହସ୍ତରେ ଦେଇବେ। ସେହିମାନେ ଦେଶ ଦଣ୍ଡ ପ୍ରଜାବର ଦେଶଯାବରେ କ୍ଷମତା ଭୁଞ୍ଜିବେ। ବଡ଼ ସାନ ଭେଦ ନରହିବେ। ସକଳେ ସମାନ ହୋଇବେ। ସେବକମାନଙ୍କୁ ସାତ ଦୃଷ୍ଟି ସ୍ଥାନରେ ସତଜନ ତୁଷ୍ଟି ମାତି ହୋଇବ। ଲୋକେ ସେବକଙ୍କ ସୌନ୍ଦର୍ଯ୍ୟ ଦେଖି ସକଳେ ସନ୍ତୋଷ ହୋଇବେ। କେବଳ ଦେଶ ଦ୍ରୋହୀ ଜନଙ୍କୁ ଅଶ୍ରା-ଗାରଦରେ ରଖାଇ ତାଙ୍କ ମୁଣ୍ଡରେ ମଧମନାରଦଣ ତେଲ ମର୍ଦ୍ଦନ ହୋଇବ। ଚାଇ ବ୍ୟାଧି ଦୂରତ ହେଲ ଜଗତ୍କୁ ତାଙ୍କୁ

( ପରପୃଷ୍ଠା ଶେଷ ଦେଖନ୍ତୁ )

Digitized by srujanika@gmail.com



"ଭାଇ, କାଲି ଆମ ଘରଆଡ଼େ ମରୁ ମରୁ ବଞ୍ଚିଗଲେ ।"

"କିଏ ହୋଇଥିଲା କି ?"

"କିଛି ନା, ମୁଁ ଲଟେରୀରୁ ହଜାରେ ଟଙ୍କା ପାଇଥିଲି । ମୁଁ ସେ ଟଙ୍କା ମୋ ସ୍ତ୍ରୀକୁ ଦେବା ପାଇଁ ଘରକୁ ଯାଉଥିଲି, ବାଟରେ ଡାକ୍ତର ଦେଖା ହେଲେ । ଡାକ୍ତର ଏ କଥା ଶୁଣି କହିଲେ—ଏ ଟଙ୍କା ନେଇ ଯଦି ତମ ସ୍ତ୍ରୀକୁ ଦିଅ ତେବେ ତାର ହାର୍ଟଫେଲ୍ ହୋଇଯିବ । ମୁଁ ତେଣୁ ଆଉ ଏ ଟଙ୍କା କଥା ତାଙ୍କୁ ନ କହି ଆପଣା ପାଖରେ ରଖି ଦେଲି । ଭାଗ୍ୟେ ସେ ବଞ୍ଚିଗଲେ ।"

+ × +

ଜଣେ ଡାକ୍ତର—ମୁଁ ସ୍ନାୟବିକ ଦୁର୍ବଳତା ରୋଗର ନୂଆ ଚିକିତ୍ସା ଆବିଷ୍କାର କରିଛି ।

ଅନ୍ୟଜଣେ କହିଲେ—ଫଳ କ'ଣ ପାଉଛନ୍ତି ?

ଡାକ୍ତର—ଚମତ୍କାର! ଚିକିତ୍ସାକାଳ ମଝିରେ ମୋର ଜଣେ ରୋଗୀ ବାଛଣାରୁ ଉଠି ମୋର ଫିସ ଦେବାପାଇଁ ମୋତେ ଦୁଇ ଟଙ୍କା ଧାର ମାଗିଲେ । ମୁଁ ମନା କରିବାରୁ ସେ ପଠାଇଲେ ଏମିତି ଗୁଡ଼ାଏ ମାଡ଼ ଯେ ଟଙ୍କା ଛାଡ଼ି ନ ଦେବାଯାଏ ମୋତେ ଆଉ ଗୋଡ଼ି ଧରିଲେ ନାହିଁ ।

ଅନ୍ୟଜଣେ—ତେବେ, ତମ ଚିକିତ୍ସା ଫଳରେ ରୋଗୀଠାରୁ ରୋଗଟା ବୈଦ୍ୟ ପାଖକୁ ଗଲା ?

× × ×

"ମୋ ସ୍ୱାମୀ ଯୁଦ୍ଧରୁ ଫେରିବା ପରେ ଘର କରଣାରେ ଖୁବ୍ ସଜ୍ଜକ ଅଛି ବୋଲି କହୁଛନ୍ତି । ସେଇ କାମକୁ ସେ ବେଶ୍ ପାରନ୍ତି ।"

"କରୁ ନାହାନ୍ତି ?"

"ଘର ନାହିଁ ଯେ ।"

× ×

ଫୋଷ୍ଟଅଫିସ କିରାନୀ—ଆପଣଙ୍କ ଚିଠିର ଓଜନ ବହୁତ ବେଶୀ । ଅଧିକା ଟିକଟ ଲାଗିବ ।

ପତ୍ରପ୍ରେରକ—କିନ୍ତୁ ଟିକଟର ଓଜନଟା ମିଶିଲେ ଚିଠି ଅଧିକ ଭାର ହୋଇଯିବ ଯେ ।

× ×

( ଦେଢ଼ଗଳା ପାଞ୍ଚ ପୂର୍ବପୃଷ୍ଠା ଉତ୍ତାରୁ )

ଛଡ଼ ଦଅଯିବ । ସେବକଙ୍କ ମଝିରେ ଗଛ ଦୋରିଷ ମାରିଯା ମଡ଼ାଇ ଯାଉଁଳାଇବେ । ସେତେବେଳେ ଏହା ବଦଳରେ ସବୁ ଚରଣରେ ବେଢ଼ଟେଇ ହାଲିବେ । ଏମନ୍ତେ ଫେରିଲ ମୃଷଣ ପଲରେ ଖାସନ ଶଗଡ଼ର ଚକ ନେଲେଳରେ ଚଳିବ ।

ଏହିମନ୍ତେ ଦେଶରେ ବିପୁଳ ଜନ୍ମାଗ୍ନିଷ ବଢ଼ିଯିବ । ଏମନ୍ତ ଲାଗିଲେ ଜଡ଼ା ଛତା ଦେଶରେ ଅନ ଦେଖି ନ ଵର୍ତ୍ତିବେ । ଦେଶରେ ମାଧବ ଜଣେ ସମ ଓ ସବେ ହନୁମନ୍ତ ହୋଇ ଉଡ଼ିବେ । ଏହାଙ୍କ ଉତ୍ପତ୍ତି ସ୍ଥାନ କରିବା ନିମନ୍ତେ ଅସଲ ବଂଶଧରଙ୍କ ଧ୍ୱଂସ କରି ହୋଇବ ।

ଏମନ୍ତ ଉପାୟରେ ଦେଶରେ ରାମରାଜ୍ୟ ସ୍ଥାପିତ ହୋଇବ । ଏସକଳ ହୋଇବାର ନିଦର୍ଶ କାଳ ବନ୍ଧାଯିବ । ୧୩୪୮ ପ୍ରାରମ୍ଭରେ ପୃଥ୍ବୀ ରାମରାଜ୍ୟ ହୋଇ ସାରିଥିବ । ଯେଉଁମାନେ ସମଧିକ ଉତ୍ସ ପୁଣ୍ୟ ଅର୍ଜନ କରିଥିବେ ସେହି-ମାନେହିଁ ଏହା ଦେଖିବାର ଭାଜନ ହୋଇବେ ।

ଅସ୍ମେ ଉକ୍ତ ପ୍ରକାରେ ଭବିଷ୍ୟବାଣୀ ଶୁଣାଇଲୁ ଓ ଏହା ଗଣନ କରିବାର ହେତୁ ଷମ ହୋଇବ !

—*—

Digitized by srujanika@gmail.com



# କବି-ଲୁଠେରେ

ଲେଖକ— **ଫତୁରାନନ୍ଦ**

(ପୂର୍ବାନୁବୃତ୍ତି)

[ କଥା—ଜଣେ ତାଙ୍କର ଅଳବ ବନ୍ଧୁଙ୍କୁ ଅସି ଅନୁରୋଧ କଲେ ବାଉଁଶ ବଣସ୍ଥିତ ପୋଖରୀକି ଯାଉଥିବା ସ୍ନାନାର୍ଥିନୀ ଯୁବତୀଙ୍କ ବିଷୟରେ କବିତା ଲେଖିବାକୁ । ଅଳବ ବେତାଳ-ମନଙ୍କୁ ପେଷି ଜୀବିତ ଓ ମୃତ କବିମାନଙ୍କ ଠାରୁ ଯେଉଁ କବିତା ଗୁଡ଼ିକ ପାଇଲେ ତାହା କେତେକ ପ୍ରକାଶ ପାଇଛି ଓ କ୍ରମାନୁସାରେ ପାଉଛି । ତନ୍ମଧ୍ୟରୁ କେଉଁଟି ଶ୍ରେଷ୍ଠ ପାଠକମାନଙ୍କ ଉପରେ ତାହା ବାଛିବାର ଭାର ରହିଲା । ଏଥି ପୂର୍ବରୁ ଗୋଟିଏ ସଂଖ୍ୟାରେ ପ୍ରକାଶିତ କବିତା ଦେଖନ୍ତୁ ]

## କାନ୍ତକବି ଲକ୍ଷ୍ମୀକାନ୍ତ

—ସଂଗୀତ—

[ ବନ୍ଦେ ଉତ୍କଳ ଜନନୀ—ବୃତ୍ତେ ]

ବନ୍ଦେ ସୁନ୍ଦରୀ କିଶୋରୀ !
ଚାରୁ ହାସମୟୀ ଚାରୁ ଭାଷମୟୀ,
କିଶୋରୀ କିଶୋରୀ କିଶୋରୀ !
ବଂଶ କାନନ ଭରି ନନ୍ଦିତ ଗନ୍ଧେ,
ଧୀ'ର ଚରଣେ ଗୁଳି ଲେଇ ସେ ମନ୍ଦେ,
ଦେହଠାଇ ଦଶଦିଗ ସୁବାସିତ ଛନ୍ଦେ—
କିଶୋରୀ, କିଶୋରୀ, କିଶୋରୀ !
ପଦ୍ମ ସରୋ'ବର ମଧ୍ୟେ ପ୍ରବେ'ଶି,
ଅବଗା'ହନ ରତା ଉଜ୍ଜ୍ୱଳ କେଶୀ,
ତୋଳେ ଏକ ପଙ୍କଜ-ବର ଅନ୍ୱେଷି
କିଶୋରୀ, କିଶୋରୀ, କିଶୋରୀ !
ଦେଖ ଦେଖ ତରୁଣୀର ଅନୁପମ ଶୋ'ଭା,
ସୁରବର ବାଞ୍ଛି'ତ କବି ମନୋଲୋ'ଭା,
ଅପଲକ ନୟନେ ଚାହିଁ ରହି ଅୟନେ
କିଶୋରୀ, କିଶୋରୀ, କିଶୋରୀ !

## ହନୁମନ୍ତ ନକଲ ନବିଶ୍

[ କୌତୁକ କବିତା ]

—୧—

ଗଜ ଟଙ୍କ କରି ରବିଲେ କାଉ,
ଫାରଗୁ ପଡ଼ିଲା ଠାଉକୁ ଠାଉ,
ପାଣି ମାଠିଆଟା କାଖରେ ଧରି;
ବଗ ପରି ଗତି ସୁନ୍ଦର କରି,
କିଶୋରୀ ଯାଉଛି ଝୁଲି ସେ
ରଣୀଆ ଘଣ୍ଟି କି, ଘୋଡ଼ୀ ଦଉଡ଼ିଭ
ଉଡ଼ାଇଣ ଦାଣ୍ଡ ଧୂଳି ସେ ।

—୨—

କିଶୋରୀ ଦଶଇ ସେ ଗଜଦନ୍ତୀ,
ବିରାଡ଼ି ଅଖିକୁ ଚକ୍ଷୁ ନିନ୍ଦନ୍ତି,
ପେଟକୁ ଲାଜପାଏ ନାଗକୁ ଦେଖି,
ସ୍ୱର ଶୁଣି ଯାଏ ପଳାଇ କେକୀ,
ଏମନ୍ତ ସୁନ୍ଦରୀ ସେହୁ ସେ
ବାଉଁଶବଣିଅ ଗଡ଼ିଆକୁ ଯାଏ
ଗାଧୋଇ ସେ ଡେଇଁ ଡେଇଁ ସେ ।

Digitized by srujanika@gmail.com

—୩—

ଗଡ଼ଆ କୂଳରେ ହେଲା ପ୍ରବେଶ,
ମୁକୁଳାଇ ଦେଲା ଝିଣ୍ଟିଆ କେଶ,
ଦାନ୍ତ ଚେପିଦେଇ ମାରନ୍ତେ ବୁଡ଼,
ମଥୁର ଲଟିଲା ଯେମନ୍ତେ ଗୁଡ଼,
ଏମନ୍ତ କାଳେ କି ସୁଖେ
ପଦ୍ମ ଫୁଲଟିଏ　　　ଛିଣ୍ଡାଇ ସେ ବାଳା
ଧରି ଦେଲା ନିଜ ବୁକେ ସେ ।

—୪—

ତହୁଁ ଉଠି କୂଳେ ହୋଇଣ ଛିଡ଼ା,
ହସିଦେଲା—ଧଇଁଗଲା ତା ରଡ଼ା,
ସେ କାଳ ଶୋଭାକୁ ଉପମା ନାହିଁ,
କସ୍ତୁରୀ ପଲ୍ଲବ ଯେ ଥିବ ଚାହିଁ,
ଯେ ଥିବ ଧଇର୍ଯ୍ୟ ଧରି ଯେ,
ସେ କହିବ ଭଦ୍ର—　　　କାଳୀକି ଅଇଲେ
ଜିଭ ଲହ ଲହ କରି ଯେ ।

## *ସଚ୍ଚି ରାଉତରାୟ

ମାଛ-ଅଂଧାରିଆ ବଡ଼ ସକାଳରୁ
ପୁଞ୍ଜି ଭୂତ ଯହିଁ ବଂଶ ତରୁ
ସେଇଠି—
ସେଇ ସରୁ, ଅତି ସରୁ
ସର୍ପିଳ ପଥରେ
ସ୍ନାନାର୍ଥିନୀ— ଏକା;
(ଫୁଟ୍‌ବଲ୍ ଖେଳାଳି ଯେହ୍ନେ
କପ୍ତାନର ପଦଯାଇ
ଚଳେ ଧୀରେ ଧୀରେ
ଗର୍ବିତ ପଦରେ
କାଖତଳେ ଯାକ ଶୁଷ୍କ ପ୍ରାଣି—ଅଙ୍ଗାବନ୍ତ ପେଣ୍ଡୁ)
ଠିକ୍ ସେଇପରି— ଉଗ୍ର ଫ୍ଲେଶ୍ଵର କବା,
ସ୍ତନେ ସେ ଯୌବନା, ଯେଜ୍ଞ ମାଂସର ଭୂଭୁକ୍ଷା;

× × × ×

ବୁଢ଼ ହାଁକର ସାବଜା ପୋଖରୀ;
ଶୀତକାଳେ ଭଲଗା ନଦୀ ବରଫ ପରି ଥଣ୍ଡା
ତାର
ପଂକିଳ ଜଳ ଭିତରକୁ
ପଶିଗଲେ—
ମହାମଲ୍ଲୀ ଲଳନା ।

× × × ×

ଗହଳିଆ ବାଉଁଶ ବଣର
ଝର୍କା ଫାଙ୍କେ ଫାଙ୍କେ
ତରୁଣୀ ଦେଖିଲା
ନୀଥର ଆକାଶରେ
ଜ୍ୟାମିତିର ଦୀର୍ଘ ଏକ ବକ୍ର ରେଖା ଟାଣି
ଉଡି ଯାଉଛନ୍ତି—
ଗୋଟିଏ ପକ୍ଷୀ
ଆଉ ଗୋଟିଏ ପକ୍ଷିଣୀ ।
ପଦ୍ମ ଫୁଲ ।
ପାଖୁଡ଼ା ତା'ର ଇଷତ୍ ଲାଲ ଆଉ ନରମ ।
ଲୁବ୍ଧ ହସ୍ତରେ
ବକ୍ଷ ତାର ଭିଜାଇ
ଟାଣି ଆଣିଲା ତାକୁ ସେ ରୂପସୀ ।
ବାର ବାର ଥୋଇ ବକ୍ଷୋପରି
ତା'ର ଉପରେ ଅଙ୍କାଇ ଦେଲା ସେ
ଅଜସ୍ର—ଚୁମା ।
ପଦ୍ମରେଣୁ ଗଲା ବୋଳି
ତରୁଣୀର ବ୍ରଣ ପାଣ୍ଡୁର ମୁଖେ
ସତେକି ମଡାର୍ଣ୍ଣ ଗାର୍ଲ
ମାଖିଦେଲା ଅଜନ୍ତାର ଫେସ୍ ପାଉଡର ।...

*ଗତ ସଂଖ୍ୟାରେ ପ୍ରକାଶିତ ଶ୍ରୀ ରାଉତରାୟଙ୍କ କବିତାର ପ୍ରତିବାଦ କବିତା ଏପରି ମିଳିଛି । ପ୍ରତିବାଦ କରିଛନ୍ତି ତାଙ୍କ ଅଧୁନିକ ତେ୍ୟକାବ୍ୟର ଅମ୍ମା । ପୂର୍ବ କବିତାଟି ତାଙ୍କର ପୁରାତନ ଅମ୍ମାର ଅବଦାନ । ପାଠକେ ସେହି ଦୃଷ୍ଟିରୁ ଅବଗତ ହେବେ ।　　—କ୍ରମଶଃ

Digitized by srujanika@gmail.com

# ମିଠାକଡ଼ା

ବୁଦ୍ଧୁରାମଙ୍କର ଆଉ ଗୋଟିଏ ନାମ 'ମିଥ୍ୟା' ତା ସ୍ୱାର୍ଥରେ ସଂକ୍ଷିପ୍ତ 'ମିଛ'। ବାପ ମାଙ୍କର ଦେଇଥିବା ନାମ ନୁହେଁ। ପିଲାଦିନେ ମାମୁଁ ଘରୁ ବାପ ମାଙ୍କର ଫେରିବା ବେଳେ ବାଟ ଗାଡ଼ିରେ ବାଲିଆଟାଏ ଚଢ଼ିଲା ବୋଲି କହିବା ବେଳରୁ ମୁଁ କହିଦେଲି—ହଁ ବାପ, ମୋ ଉପରକୁ ପାଣି ଛିଟିବା ମାଡ଼ିଲା ପରା! ସେହି ଦିନଠୁଁ ଡାକିବା ହେଲା ବୁଦ୍ଧୁରାମର ଆଉ ଏକ ସରଳ ନାମ "ମିଛ!" ମିଛଟା ତାର ଜନ୍ମ, ମିଛଟାରେ ତାର ସ୍ଥିତି—ମିଛରେ ତାର ଲୟ। ଦୁନିଆଟା ତ ମିଛ—ମାୟା ଅର୍ଥ ମିଛ—ଶଙ୍କର କହିଛନ୍ତି—ମାୟାମୟ ମିଦଂ ଅଖିଳଂ ହିତ୍ୱା—ବ୍ରହ୍ମପଦରେ ମନ ଦେଇ ଥିବାରୁ ମୋ ନାମ ବୁଦ୍ଧୁରାମ—ବୋଧରାମ ବୋଲି ଭୁଲରେ କେହି ପଡ଼ିବ ନାହିଁ—କାରଣ ସାଂସାରିକ ଏବଂ ସବୁଯାକ ମିଛ କଥା ମନରେ—ସତ୍ୟାଗ୍ରହୀ ଓ ସତ୍ୟବାଦୀ ଉଭୟେ ସେଠି ମିଛ କହିବାକୁ ଟାଳନ୍ତି—ଏପରି ଅବସ୍ଥାରେ ବୁଦ୍ଧୁରାମକୁ ବୋଧରାମ ବୋଲି ଭୁଲ କରିବା ସ୍ୱାଭାବିକ। ତେଣୁ ସାଧୁ ସାବଧାନ! କେହି ଠକାମିରେ ଭୁଲନ୍ତୁ ନାହିଁ।

କାରଣ ବଡ଼ ବଡ଼ ଲୋକ କହିଯାଇଛନ୍ତି—ମୁଁ କହିଲେ ଅସୁନ୍ଦର ହୁଅନ୍ତା ଯେ—ଯାହାର ଶକ୍ତିଟା ମିଛ କହିବାର ମଥା ଥିବ ସେ ଗୋଟାଏ ମିଛ କହିବାର ସାହସ ରଖିପାରେ। ଅର୍ଥାତ ଗୋଟାଏ ମିଛକୁ ସତ ସାବ୍ୟସ୍ତ କରିବା ପାଇଁ ଶକ୍ତିଟା ପରବର୍ତ୍ତୀ ବା ଅନୁବର୍ତ୍ତୀ ମିଛର ଆବଶ୍ୟକ। ତେଣୁ None but Cowards lie (Murphy) ବା It is the crime of Cowards ( Johnson ) ବୋଲି କହିବା ଅନ୍ୟାୟ। କାରଣ ବୁଦ୍ଧୁରାମ ମତରେ ମିଛୁଆର ଯଦି ସେମିତି ମଥା ଥାଏ ସେ ଗୋଟିଏ ମିଛରେ ଦଫା ଶେଷ ବା ବସ୍ତୁମାତ୍ର କରିପାରେ। ଆଉ ପରବର୍ତ୍ତୀ ମିଛର ଆବଶ୍ୟକତା ନଥାଏ। ସେଦିନ ବୁଦ୍ଧୁରାମ ରେଷ୍ଟୁରାଣ୍ଟରେ ଖାଇବା ବେଳେ ଗୁଡ଼ାଏ ଦୋକାନରେ ପେଟ ପୂରେଇ ଖାଇସାରି ପଇସା ନ ଦେଇ ପଳାଇ ଆସିଲା ବେଳେ ଗୁଡ଼ିଏ ଲୋକ—ଖାଇଗଲା—ଖାଇଗଲା ହୋ! ଲୋକେ ଘେରିଗଲେ। ପଚାରିଲେ—ଏଏ? ସେ ଉତ୍ତର ଦେଲା—"ମିଛ!" ମୁଁ ମୋର ସେଇ ନାମଟା ବଡ଼ରେ ଦେଇଥିଲି ଆଗରୁ। ଗୋଟାଏ ମିଛରେ କାମ ହାସଲ। ପୁଣି ମିଛଟାକୁ ଏମିତି ଭାବରେ କହିବ ଯେ ଧରାପଡ଼ିଲେ ସେଟା ସତ ହୋଇଥିବ ମିଛର ହୋଇଥିବ। ଅଶ୍ୱତ୍ଥାମା ହତ—ନରୋ ବା କୁଞ୍ଜରୋ। ମୋ ନାମ ଯେପରି ମିଛ ହୋଇବ ମଧ୍ୟ ମିଛ ହୋଇ ଯାଇ ନାହିଁ ନାମଟାଏ ତ ଅଛି—ତେଣୁ ସତ। ମିଛ କହିବାର ତାହା ଦୋଷ ହୋଇଛି, ଯେ ମିଛକୁ ଧରାଇବାକୁ ପାଏ ସେଇ ହୁଏ ମିଛୁଆ। ଯେମିତି ଗୁଡ଼ାଏ ସମୟେ ମିଛୁଆ କହନ୍ତି।

ଅର୍ଥାତ୍ ମିଛ କହିବା ଯେ କେବଳ ବୁଦ୍ଧିଆର କାମ ତା ନୁହେଁ—ମିଛ କହିବା ପାଇଁ ଦରକାର ପ୍ରତିଭାର ଆବଶ୍ୟକ। ମିଛ କହିବା ଗୋଟାଏ ଚାରୁକଳା ବା Art

ଅମୁଭର art ହାହ ମିଛ—ମିଥ୍ୟା। ମିଛ ନ କହିଲେ art ବା କଳା ଅସମ୍ଭବ। ଫରମ ଫରମ ଯେତେ ଶ୍ରେଣୀ ମିଥ୍ୟାର ଆଶ୍ରୟ ନେଇ ମାପିଛ art ହେଲେ ଉଚ୍ଚ ଧରଣର art ହୋଇଛି। natural ବା ଯେମିତି ତ ସେମିତି କଳାଟା ଅସ୍ୱାଭାବିକ ହେଲେ। ପ୍ରଥମରେ art ର ପ୍ରେରଣା ମିଥ୍ୟାର ପ୍ରେରଣା। ପ୍ରାକୃତିକ ବସ୍ତୁକୁ ରୂପରେ ହେଉ ବା ଭାବ କଲମରେ ହେଉ ଫୁଟାଇବାକୁ ଚେଷ୍ଟା କରିବା ଅର୍ଥ ମିଛ କହିବାକୁ ଯତ୍ନ ଓ ସାଧନା କରିବା। ଏବଂ ସେଇ ମିଛକୁ ସତ ବୋଲି ଜ୍ଞାନ କରିବା ପାଇଁ ବାଧ୍ୟ କରିବା। ସେଇ ମିଥ୍ୟାକୁ ଅନେକ ଉପଭୋଗ କରିବାର ନାମ ସୃଷ୍ଟି କୃଷ୍ଟି। ଚିତ୍ରକର ଯେଉଁ ରଙ୍ଗ ଦେଇଛି ମଧ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଆଣି ପାରେ ନାହିଁ ଏବଂ କବି ମୁହଁଟାକୁ ପଦ୍ମ ବା ଚନ୍ଦ୍ର ସଙ୍ଗରେ ତୁଳନା କଲେ ମଧ୍ୟ ମଣିଷ ମଣିଷର ହୋଇ ରହିବ। ତଥାପି କବି ଚିତ୍ରକର ମିଛ କହନ୍ତି ଏବଂ ଲୋକ ତାକୁ ସମ୍ମାନ କରି କବି ଲେଖକଙ୍କୁ ପୂଜା କରନ୍ତି। ପୁଣି ଆଜିକାଲି ଚିତ୍ରରେ ଯେଉଁ Impressionism, Symbolism, Cubicism ପ୍ରଭୃତି ବାହାରିଛି, ତାହା ବାହାରୁ ଦେଖିବାକୁ ଗଲେ ବାସ୍ତବତାରୁ ବହୁ ଦୂରରେ। ପ୍ରକୃତିଟା ଦର୍ପଣ ନୁହେଁ ବା ଦେବଦର୍ପ ନୁହେଁ, କେବଳ ସତ, ସତ୍ୟ ବା ପ୍ରକୃତ ନୁହେଁ ଏବଂ ଦୁର୍ନୀତ ନୁହେଁ. ତଥା କେବଳ ଗୋଟାଏ ପ୍ରକୃତ ଦୃଷ୍ଟିରୁ ସୃଷ୍ଟି ହେଲା ବି ନୁହେଁ। ତଥାପି ଏ କବି ଚିତ୍ରକର ଓ ଲେଖକମାନେ ସତ୍ୟବାନ୍। ଉପନ୍ୟାସ ଗଳ୍ପ ସବୁ ମିଛ ହୋଇଥିବ ମିଛ କହିବା ଦୋଷରେ ଅଦାଲତରେ ତାଙ୍କ ବିଚାର ହେବାକୁ ଦେଖିନାହିଁ। ବାସ୍ତବରେ ମନସ୍ତତ୍ତ୍ୱ ଗବେଷଣା କଲେ ଦେଖାଯିବ ଯେ ମିଛ କହିବାର ଯେଉଁ ମାନସିକ ବେଗ ଓ

ପ୍ରବୃତ୍ତି ସେଠା ଅନ୍ୟ ଲୋକଙ୍କର ଚରିତାର୍ଥ ହୁଏ ଅନ୍ୟ ଲୋକମାନେ । ଏକଥା Freudଙ୍କ ମତ ସମ୍ମତ ନାହିଁ । ଏ ଭଳି ଏକ ଦୁର୍ବୃତ୍ତି ଚରିତାର୍ଥ କରିବା ପାଇଁ ଯେଉଁ ବୃତ୍ତି ନିଆଯାଏ ତାହା ବେଶ୍ୟାବୃତ୍ତି ସଙ୍ଗେ ସମାନ ।

ଦଂଶନ ମିଥ୍ୟାନୃତିଂସ୍ୟର୍ଥ ମିଥ୍ୟାର୍ଥୀନାର କଲେବରମ୍
ମିଥ୍ୟାପ୍ରୟୋଜିନ ବୈଶ୍ୟାଂ କଣ୍ଠେଦ୍ଧ ସମ୍ପ୍ରତ ବଦନ୍
(ବ୍ରହ୍ମପୁରାଣ)

ଏହି କଥା କେହିକହି ଯେ ବେଶ୍ୟା ବା ସେ ବୃତ୍ତିଧାରୀ ବା ଧାରିଣୀଙ୍କ ସ୍ଥାନ ଯେତେବେଳଯାଏଁ ସମାଜର ବାହାରେ ଥାଏ ସେତେବେଳଯାଏ ତାହା ଘୃଣା ହୋଇଥାଏ—ଏହି ସେ ବୃତ୍ତି ଅଜାଣତ ସମାଜ ଭିତରେ ପଶିଲାପରେ ଧୀରେ ଧୀରେ ଯେତେବେଳେ ପ୍ରବେଶ କରେ ସେଠି ସେ ଆଉ ଘୃଣା ହୁଏ ନାହିଁ । ମିଛଟା ବି ସେମିତି, ସମସ୍ତେ ମିଛ କହିବାକୁ ଅଭ୍ୟାସ ଧରିଲେ ସେତେବେଳେ ଆଉ ପାପ ନାହିଁ । ତେବେ ମନ୍ଦର ସବୁବେଳେ ଜାଗ୍ରତ ରହିଥିବ ଯେ ତାର ଅବସ୍ଥିତିଟା ମିଛ ଉପରେ—ମାନ୍ୟାନୃତ ନିବସତିଙ୍କ ଲଭ୍ୟାତ । ମିଛ ଛଡ଼ା ଦୁଃଖ ରହିବାରେ ରହିନାହିଁ ମଧ୍ୟ । ଏପରିକି ପୁରାଣ ଖୋଳି ଦେଖିଲେ ଜଣାଯିବ ଯେ ମହାଭାରତ ଯୁଦ୍ଧରେ ମଧ୍ୟ ଏହେବଡ଼ ଭାରତ ଖଣ୍ଡରେ ଜଣିଏ କେବଳ ସତ୍ୟ କହେ—ସେ ହେଉଛନ୍ତି ଯୁଧିଷ୍ଠିର । ତାଙ୍କୁ ମଧ୍ୟ ଥରେ ମିଛ କହିବାକୁ ପଡ଼ିଲା !

ତେଣୁ ମିଛ କହିବାଟା ଅନ୍ୟାୟ ନୁହେଁ—କାରଣ ମିଛ କହିବାର ଅର୍ଥ— ଚାଲାକି । କେବଳ ମିଛଟାକୁ ପ୍ରତ୍ୟେକ ଲୋକ ତାର ନିଜ patent କରି ନେବା ଦରକାର । ମିଛକୁ ଯେଉଁମାନେ ସମାଜରେ ଚୋଳମାଳ ପଟି । ଅତେବ ଅପଣା ଅପଣା ମିଛରେ ମାର୍କାମାରି କହିବାକୁ ଅଭ୍ୟାସ କରିବା, ଯାହା ମିଛର ଯୋଗେ ବାହାର ହେବ ଦେଖାଯିବ । ଏହି ଦୁଃଖର କଥା ଯେ ଅଳ୍ପ ମିଛର ଘେର ମୂଲ୍ୟ । ଯେମିତି କେତେକ ଘେର ମୂଲ୍ୟ— ତାହାର ଘେର ମୂଲ୍ୟ ସେମିତି ସବୁଠାରୁ ବଡ଼ ମିଛ ଅଳ୍ପ ସମୟରେ ବି ଘେର ମୂଲ୍ୟ ।

ଏଥିଯୋଗ ଗାନ୍ଧୀଙ୍କ ସତ୍ୟାଗ୍ରହ । ଗାନ୍ଧୀ ଆଗର ଅହିଂସା ବୋଲି ଯେତେ କହନ୍ତୁ ପଛେ ଆମ ନେତୃ ଗୁରୁଗୋଷ୍ଠୀଙ୍କ ଭିତରେ ତାହା ବୋଲି ଯାଏ ହୋଇ ସେ ଠିକ୍ ଦେଇ । ଏ ପ୍ରବନ୍ଧ ଲେଖିବା ପରେ ଦେଖାଗଲା ଗାନ୍ଧୀଙ୍କ ନିକଟ ୧୫ ଜୁନରେ କଂଗ୍ରେସର ପ୍ରାର୍ଥନା ସଭାରେ କହିଛନ୍ତି—"ମୁଁ ଭାରତ ବର୍ଷ ଯେଉଁ ଅହିଂସ ସଂଗ୍ରାମ ହୋଇଛି ତାହା ଦୁର୍ବଳର ଅହିଂସା × × ସବଳର ଅହିଂସା କ'ଣ ତା' ଭାରତ ଜାଣିନାହିଁ । କଂଗ୍ରେସର ଯେ ଅହିଂସା ନୀତି ଥିଲା ଶେଷରେ ଏକ୍ ନେଇ ଯେତେବେଳେ ଜଣେ ଗୁଣ୍ଡା ହେଲା ବା ସୀମାନ୍ତ ସତ୍ୟାଗ୍ରହ କଲା ସେତେବେଳର ପଦ୍ଧତି ମୂଲ୍ୟବାନ ।

ଏହାର ଉଦାହରଣ ଅର୍ଥ— falsehoods quarrle among themselves. (Webster) ମିଛର ଯେତେବେଳେ ମିଛ ଆଗମ୍ଭରେ ସେତେବେଳେ ସେ ଚେଷ୍ଟାକରେ ମିଛଟାକୁ ବଦଳି ଯାଇ ଭଲ ଦେଖାଯାଉ । ଏହି ଏହା ସତ୍ୟାଗ୍ରହପର ଶେଷରେ ସତ୍ୟାର ମିଛ ବୋଲି ଦେଖାଯାଏ । ଜଣେ କ୍ଷେତ୍ରରେ ଚିତ୍କାର କରି କହିଲେ ତାଙ୍କ ସତ୍ୟାଗ୍ରହ ଶାନ୍ତିପୂର୍ଣ୍ଣ । ସେ ମିଛକୁ ସତ କରିବାକୁ ଚେଷ୍ଟା କଲେ । ବର୍ତ୍ତମାନ ସୀମାନ୍ତର ସ୍ୱାର୍ଥ ଯେ ପାକିସ୍ଥାନରେ ମିଶିବାରେ ସୁରକ୍ଷିତ ହେବନାହିଁ ଏ ସତ୍ୟଟା ମିଥ୍ୟାରେ ପରିଣତ ହେଉଛି ।

ମଣିଷ ଏହି ମିଛକୁ ଯେତେ ଉଚ୍ଚ ଜାତିର ବେଶି ଉତ୍କର୍ଷ କରେ ମିଛମିଶା ସତ ବା ସତ ମିଶା ମିଛକୁ । No watches so affectively deceive the wearer as those that are sometimes right (Colton)— ଏହି ଦୋଷରେ ଦୋଷୀ ହେବାର ଉଚ୍ଚ ଅଳ ବଡ଼ ବେଶି ରହିଛି କଂଗ୍ରେସ ପକ୍ଷରେ । When falsehood is blended with wholesome ingredients may be swallowed unperceived—(Whately) କଂଗ୍ରେସ ସ୍ୱାଧୀନ ଗଣପରିଷଦ କାର୍ଯ୍ୟ ସବୁ ସାଙ୍ଗରେ ବହୁ ମିଛ ମିଶାଇ ଦେଲେ ସତ୍ୟମୁକ୍ତାଟା ଗଦରେ ପରିଣତ ହୋଇ ମୂଲ୍ୟ ହରାଇବ । Bacon ସେଥିପାଇଁ କହିଛନ୍ତି— It may make the metal work the better but it embaseth it.

ସତର ରୂପ ଗୋଟିଏ ଏବଂ ମିଛର ରୂପ ଅନେକ । ସେଥିପାଇଁ ଆମ ସମାଜର ନେତା ସଭ୍ୟତା, ଯେ କି ସବୁବେଳେ ନୂଆ ନୂଆର ଅନ୍ତ୍ରଦାନ ଖୋଜନ୍ତି, ବାଧ୍ୟହୋଇ ମିଥ୍ୟାର ଆଶ୍ରୟ ନେଉଛନ୍ତି । ବୁଦ୍ଧ ଭ୍ରମ ବାଧ୍ୟହୋଇ ଜାତୀୟତା ମାନେଉଛି । ଏଟା ଏକା ବୋଧଭ୍ରମର ଦୋଷ ନୁହେଁ । ଦୋଷ ସାରା ଦୁନିଆର ।

(୧୮ ପୃଷ୍ଠା ଶେଷ ଦେଖନ୍ତୁ)

Digitized by srujanika@gmail.com



## ଉଦ୍ଦେଶ୍ୟ

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଛୋଟରୁ ପର ସର ବଢ଼ାଇବା! ଚରିତ୍ରଗଠନ ଓ ସର୍ବାଙ୍ଗୀଣ ଉତ୍କର୍ଷ ସାଧନା କରିବା। ୨। 'ନଗର'ର ମାଧ୍ୟମରେ ଏହି ପତ୍ରିକା ଦ୍ୱାରା ପାଠକମାନଙ୍କ ମଧ୍ୟରେ ପରସ୍ପର ଭାବର ଆଦାନ ପ୍ରଦାନ କରାଇବା ଓ ସେମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ୩। ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋର କିଶୋରୀଙ୍କର ଅନୁରାଗ ବଢ଼ାଇବା। ୪। ସତ୍ୟ, ସେବା ଓ ସାହସ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।
(୧୮ବର୍ଷରୁ ଉଣା ବାଳକ ବାଳିକାମାନଙ୍କ ପାଇଁ)

ସ୍ନେହର ନାଗନାଗୁଣୀ ଏ,

ଗତ ଥର ପୁସ୍ତକାଳୟ ଆନ୍ଦୋଳନ ସଂବନ୍ଧରେ କହିଥିଲି। ଏଥର ମଧ୍ୟ ସେଇ କଥା କହୁଛି। କାହା ଭାଣ୍ଡରରେ କେତେ ପୁସ୍ତକାଳୟ ମଫସଲରେ ଅଛି ତାର ତାଲିକା ପଠାଇଲେ ମୁଁ ତାହା ଜଗତରେ ଏହି ସ୍ତମ୍ଭରେ ପ୍ରକାଶ କରିବି।

ଦୁଃଖର କଥା ମୋ ଗତ ଚିଠିର ଉତ୍ତର କୌଣସି ନାଗ ଦେଇ ନାହାନ୍ତି। ଆଜି କାଲି ନାଗ କୁଆଡ଼େ ବିଷ ଦାନ୍ତ ଭାଙ୍ଗି ପଡ଼ୁଛନ୍ତି? ଆଶାକରେଁ ସେ ଦୁଧ ଦାନ୍ତ ହୋଇଥିବ। ନୂଆ ସ୍ଥାୟୀ ଦାନ୍ତ ଉଠୁ। ଏତିକି କଥା—

ସ୍ନେହର ଜେଜା

### ସ୍ୱାଗତଂ

ଦେଶ ଲାଗି ଯିଏ ଗର୍ବେ ଦେଲା ନିଜ ପ୍ରାଣ
ସ୍ୱରାଜ୍ୟ ପାଇଁ ହସି କଲା ଯେଉଁ ଶହୀଦ ରକ୍ତ ଦାନ...
ଝଞ୍ଜା ସମ ଯେ ଆସିଥିଲା ଧନେ ବନେ,
କୋଟି ବୁକୁ ତଳେ ନାଚିବ ବୋଲି ମୁକ୍ତି-ପିପାସା ଗାଲି
ଝଡ଼... ସମ ଯିଏ ଶତ୍ରୁରେ କଲା ପଣ,
ଉନ୍ନତ ଶିରେ ବରିନେଲା ଯିଏ କାରା ଶୃଙ୍ଖଳ ଫାଶି,
ଧ୍ୱଂସର ତୁଲେ କଲା ଯେଉଁ ଅଭିସାର...
ମୁକ୍ତି-ଯୁଦ୍ଧେ "ଜୟହିନ୍ଦ" ସମ ହୋଇଲା ଯିଏ ଅଗ୍ରଦୂତ,
ମରଣର ପଥେ ଚାଲିଲା ଯେ ଅଭିଯାନ...
ନମ୍ର କରେ ମୁଁ ...ଜଣାଏ ତାହାରେ ସ୍ୱାଗତ ସମ୍ଭାଷଣ...

—କୁମାର ଦୁର୍ଗା ଚରଣ ପଣ୍ଡା
(ନାଗର ନଂ ୭୮୫)

### ଗଡ଼ଜାତ ଭାଇ

ଉଠ ଉଠ ଆରେ ଗଡ଼ଜାତ ଭାଇ ନ କର ହଠ
କେତେଦିନ ଆଉ ସହି ରହିଥିବୁ କୋରଡ଼ ଘାଏ? ୧।
ଅଜାଙ୍କ ଶାସନେ ମଜ୍ଜି ରହିଅଛୁ ଜୀବନ ଯାଇ
କଲି ପଶୁ ପରି ପାଦ ଦେଇଅଛୁ ଆପଣା ଦେଇ।୨।
ଝଟଣା ଉପରେ ଝଟଣା ନେଉଛୁ ମାଲିକ ବସି
ତା ଉପରେ ପୁଣି ଯାଉଅଛୁ ମାଡ ପିଠିରେ ବସି।୩।
ମାଲିକ, ଦିୱାନୀ ତା ସାଥିକୁ ପୁଣି ବଡ଼ ମଣ୍ତ୍ରୀ
ସ୍ୱପ୍ନର ପାଦେ ମାରୁଥାଉ ନାଥ ଶତ୍ରୁ ମୁଣ୍ଡି ଆ।୪।
ଶୋଷି ନେଉଛନ୍ତି ଜଗତର ତୋହର ଲୋକ ସମାଜ
ମନ ଦେଇ ଶୁଣିବାକୁ ତୋ ଗୁହାରି କେ ଦଏ କାନ?
ବଡ଼ ବଡ଼ଙ୍କ ବଡ଼ କଥା ଭାଇ ବଡ଼ ଗରମ
ଲାଞ୍ଚ ଖାଇ ବଡ଼ ହେବାରେ ହିଁ ନ କୁ ନାହିଁ ସରମ।୫।
ଛଳେ ତାଙ୍କୁ ଭୟ କର ନାହିଁ ଆରେ ପରଜା ଭାଇ
ତୋହର ଭୂଇଁ ଏ, ତୋର ଶୃଙ୍ଖଳ ଭାଙ୍ଗିବା
ନାହିଁ।୬।

ମହେଶ୍ୱର ମହାକୁଲ

### ଅବସର ବିନୋଦନ

ମୁଁ ତୁମ୍ଭେ ମାନବ ଅଟଇ ଜୀବ
ଅଛଇ କଣ୍ଠେ ନୂତନ ଭାବ
ଛଅ ଅକ୍ଷରରେ ନାମ ମୋହର
ମୁଁ ଅଟେ ଜନକ ଜାଣିବ ଆର
ପ୍ରଥମ, ଦ୍ୱିତୀୟ ହୋଇଲେ ଏକ
ପୁଣି ତା ସଙ୍ଗରୁ ଯୋଗାଇ—'କ'

Digitized by srujanika@gmail.com

ଅର୍ଥ ହେବ ତା'ର 'ସ୍ୱର୍ଣ୍ଣ କୁଣ୍ଡଳ'
ଏ ମଧ୍ୟରେ ନାହିଁ ସାମାନ୍ୟ ଛଳ
ପ୍ରଥମ, ତୃତୀୟ ସଂଯୋଗ ହୋଇ
( ଔଷଧ ) ଅର୍ଥ ଯେ ଅଛଇ ଭାଇ
କହନା ତୁରିତ ହେ ନାତି ଭାଇ
ବାଇଆ ହେଉଛ କହ ଏ ପାଇଁ
ଶ୍ରୀ ଦେବେନ୍ଦ୍ରନାଥ ପ୍ରଧାନ
ନା: ନ: ୭୬୩

---

**୨୨—'ଶ ସଂଖ୍ୟା**

## ଅବସର ବିନୋଦନ ଉତ୍ତର

## "ସାରଙ୍ଗ"

ଉତ୍ତର—ଶ୍ରୀ ସତ୍ୟକେତନ ସାହୁ-୭୭୭ [illegible]

## ନୂଆ ନାତିଙ୍କ ନାମ

୮୨୨ । ଶ୍ରୀ ଦୟାନନ୍ଦ ପଣ୍ଡା; (ସ୍ଥାୟୀ) C/o ଶ୍ରୀ ଗଣେଶ ପ୍ରସାଦ ପଣ୍ଡା, ଗ୍ରାମ—ମାଟଳପୁର ପୋ:—ଜି: ବାଲେଶ୍ୱର (ସ୍ଥାୟୀ) ୮୨୩ । ଶ୍ରୀ ଶରତ୍ କୁମାର ସାହୁ (ସ୍ଥାୟୀ) ଗ୍ରାମ ମାଟଳପୁର ପୋ:—ଜି: ବାଲେଶ୍ୱର । ୮୨୪ । ଶ୍ରୀ ଗୋବର୍ଦ୍ଧନ ପଣ୍ଡା ( ସ୍ଥାୟୀ ) C/o ଶ୍ରୀ ସୁରେନ୍ଦ୍ରନାଥ ସାହୁ, ଗ୍ରାମ ମାଟଳପୁର ପୋ:+ଜି: ବାଲେଶ୍ୱର । ୮୨୫ । ଶ୍ରୀ ରମେଶ ଚନ୍ଦ୍ର ଜେନା, ( ଅସ୍ଥାୟୀ ) C/o ଲକ୍ଷ୍ମୀ ମୋହନ ଜେନା ହେଡ଼ମାଷ୍ଟର ନାଗେଶ୍ୱର ମିଡ଼ିଲ ସ୍କୁଲ ଗ୍ରାମ—ନାଗେଶ୍ୱର ପୋ:ଅ:—ନାଗେଶ୍ୱର Via—ଭଦ୍ରକ ଜି: ବାଲେଶ୍ୱର । ୮୨୬ । ଶ୍ରୀ ଗୋକୁଳ ଚନ୍ଦ୍ର ମହାନ୍ତି ( ସ୍ଥାୟୀ ) ଗ୍ରାମ କଅଁଳ ପୋ: ଓ ଥାନା ଜି: କଟକ । ୮୨୭ । ଶ୍ରୀ ଶରତ ଚନ୍ଦ୍ର ଦାସ ( ଅସ୍ଥାୟୀ ) ଯାଜପୁର କଲେଜ ପ୍ରଥମ ବାର୍ଷିକ କଳାବିଦ୍ୟା ( First year Art ) ପୋ: ଅ: ଯାଜପୁର ଜି: କଟକ । ୮୨୮ । ଶ୍ରୀ ନିତ୍ୟାନନ୍ଦ ମିଶ୍ର ( ଅସ୍ଥାୟୀ ) ପ୍ରଥମ ବାର୍ଷିକ କଳାବିଦ୍ୟା ( First year Art ) ଏନ୍. ସି. କଲେଜ ପୋ: ଅ: ଯାଜପୁର ଜି: କଟକ । ୮୨୯ । ଶ୍ରୀ ଧନେଶ୍ୱର ପଟ୍ଟନାୟକ ( କଣ୍ଟପଡ଼ା ) ନୀଳକଣ୍ଠ ହାଇସ୍କୁଲର ୯ମ ଶ୍ରେଣୀରେ ପୋ: ଅ: [illegible] ଜି: ପୁରୀ ( ସ୍ଥାୟୀ ) । ୮୩୦ । ଶ୍ରୀମତୀ [illegible] ଦେବୀ, C/o ଶ୍ରୀ ମୃତ୍ୟୁଞ୍ଜୟ ନାଥ ଦାସ ସା: [illegible] ପୁର ପୋ: [illegible] ଜି: କଟକ । ୮୩୧ । ଶ୍ରୀମାନ [illegible] ପଟ୍ଟନାୟକ, [illegible] । ୮୩୨ । [illegible] ପୋ: [illegible] ପୁରୀ । ୮୩୨ । ଶ୍ରୀ [illegible] ଚନ୍ଦ୍ର, [illegible] ପାଠାଗାର, [illegible] ପୋ: ବ୍ରହ୍ମପୁର, ଗଞ୍ଜାମ । ୮୩୩ । ଶ୍ରୀ ପ୍ରସନ୍ନ କୁମାର ପଣ୍ଡା—[illegible] ପାଠାଗାର [illegible] ପୋ: ବ୍ରହ୍ମପୁର ଜି: ଗଞ୍ଜାମ ।

---

( ମିଠା ଲଗା ଅବଶିଷ୍ଟାଂଶ )

[illegible] କେବଳ ବ୍ରାହ୍ମଣଙ୍କ ନା [illegible] ଗୁରୁ । [illegible] ମିଛର ସତ ପ୍ରମାଣ କରେ, କେତେ ସେମାନେ ମିଛ କଥାକୁ ସତ କରେ, ଚତୁର ମିଛ, ରୂପକୁ ସତ ରୂପ କରେ ଏବଂ ସତ୍ୟଠାରୁ ଅଧିକ ମିଛକୁ ସତ କରିବାକୁ ଅନ୍ୟନାମ [illegible] । ଦେଖା ଯାଏ ମଣିଷ ଜାତି ମଧ୍ୟ [illegible] ସତ ମଣିବାକୁ ଚେଷ୍ଟା କରନ୍ତି । ତା ଭିତରେ ମିଛ ଦେବଙ୍କୁ ସତ୍ୟର ଅନୁସନ୍ଧାନ କରିବାର [illegible] ମହାତ୍ମା [illegible] ଥାଏ ବୋଲି ସେ [illegible] ମାନବତା । କିନ୍ତୁ ବର୍ତ୍ତମାନ ସଭ୍ୟତା [illegible] ମିଛର ସୋପାନ [illegible] ଦେଖାଇବା ଛଡ଼ା ଆଉ କିଛି ନୁହେଁ । ସଭ୍ୟତା [illegible] ଅର୍ଥ ମିଛର [illegible] । ଏ ମହାଯୁଦ୍ଧରେ [illegible] କୌଶଳ ବାହାର [illegible]—ମିଥ୍ୟା । ଯେ ସବୁଠାରୁ ମିଛ [illegible] କହିପାରିବ ତାର ହେବ ଜୟ । [illegible] ସହିତ କଂଗ୍ରେସ ଯୁଦ୍ଧ [illegible] ଜଣାଗଲା [illegible] କେବଳ [illegible] ଯାହା ଜୟ ହେଉଥାଏ ସେତେବେଳେ ତାହା ତାଙ୍କ ଭିତରେ Bluff ବା ମିଥ୍ୟା [illegible] ଜନ୍ମ । ଇତିହାସ ଦେଖିଲେ ସେ ଯେତେ [illegible] ଯେ [illegible] କ୍ଷମତା ପାଇଛି ତାର କ୍ଷମତା [illegible] ତାର ମିଛ କହିବାର ଦକ୍ଷତା ଏବଂ ସଫଳତା ଦ୍ୱାରା । ସେକ୍ସପିଅର ସମ୍ଭବତଃ ଏମାନଙ୍କୁ ଲକ୍ଷ୍ୟ କରି କହିଥିଲେ।

A goodly apple rotten at the heart.

ତେଣୁ ଏ ଯୁଗର [illegible] ମନ୍ତ୍ର ହେଉଛି—ମିଥ୍ୟା [illegible] ମଣ୍ଡିତ—ସତେ [illegible]—ମିଥ୍ୟାକୁ [illegible] ଭଗବାନ [illegible] । ମିଥ୍ୟା ମିଥ୍ୟା ମିଥ୍ୟା ମିଥ୍ୟା [illegible] ହେଲେ ମୋ—[illegible] ନାଟ୍ୟ [illegible] ଗଢ଼ିଉଠିଛି ।

———❊———

Printed & published by G. C. Mahapatra at the Gopinath press. Bhadrak 1947.

Digitized by srujanika@gmail.com